ନୈଷଧ

ଗୋପୀନାଥ ସିଂହ ଦେବ

ଶ୍ରୀହର୍ଷକୃତ-

ନୈଷଧ କାବ୍ୟ ।

ପୂର୍ବ ଉତ୍ତର ସମଗ୍ର

ଶ୍ରୀ ଗୋପୀନାଥ ସିଂହଦେବ

ଅନୁବାଦକ ଓ ପ୍ରକାଶକ ।

ପ୍ରଥମ ସଂସ୍କରଣ ।

ସର୍ବସ୍ୱତ୍ୱ ସୁରକ୍ଷିତ

ଶ୍ରୀ ରାଧାମୋହନଦେବୋ ଜୟତି ।

କଟକ, ଅରୁଣୋଦୟ ପ୍ରେସରେ

ପ୍ରିଣ୍ଟର ଶ୍ରୀ ନିତ୍ୟାନନ୍ଦ ସାହୁଙ୍କ ଦ୍ୱାରା ମୁଦ୍ରିତ ।

ସନ ୧୯୩୬ ମସିହା।

ମୂଲ୍ୟ ଟ ୧୳ ଦେଢ଼ଟଙ୍କା ମାତ୍ର ।

କେବଳ ଛାତ୍ରମାନଙ୍କ ନିମନ୍ତେ ଟ ୧।

ଚକ୍ରିଠୀ ଅଧୀଶ୍ୱର ଶ୍ରୀ ଶ୍ରୀ ରାଧାମୋହନ ରାଜେନ୍ଦ୍ର ଦେବ

U. S. Press, Cuttack.

ଉତ୍ସର୍ଗ ।

ଉତ୍କଳ-ସାହିତ୍ୟ-କୁଞ୍ଜ-ବିହାର-ରସିକ, କମଳାଭରଣଙ୍କର ସୁଯୋଗ୍ୟ ନନ୍ଦନ ଚିକିଟି-ଅଧୀଶ୍ୱର ପରମାର୍ଚ୍ଚନୀୟ ମାତୁଳ ଶ୍ରୀ ଶ୍ରୀ ଶ୍ରୀ. ରାଧାମୋହନ ରାଜେନ୍ଦ୍ରଦେବ ମହୋଦୟଙ୍କ

ଶ୍ରୀପଦ ପଙ୍କଜେଷୁ—

(ସପ୍ରଣାମ ନିବେଦନ ମିଦଂ)

ଶ୍ରୀମନ୍ ମହାରାଜ,

ଆପଣଙ୍କର ପ୍ରାଚୀନ ସାହିତ୍ୟ ତଥା ପ୍ରାଚୀନ କୀର୍ତ୍ତି ପ୍ରତି
ପ୍ରଗାଢ଼ ଅକୃତ୍ରିମ ସ୍ନେହ । ଆପଣ ଅତୁଳ ବିଭବର
ଅଧିକାରୀ ହୋଇ ଓ ନାନା ଜଞ୍ଜାଳରେ ବ୍ୟସ୍ତ
ଥାଇ ସୁଦ୍ଧା ବାଣୀ-ସେବା-ବ୍ରତରେ ବ୍ରତୀ ।
ଆପଣଙ୍କ ଆଦର୍ଶରେ ଅନୁପ୍ରାଣିତ
ଏ ଚିତ୍ର—ଆପଣଙ୍କ
ଇତିହାସରେ
ଏ ଅନ୍ତର ଦୀପ୍ତ;
ଆପଣଙ୍କ ଅଗ୍ନି ଝଙ୍କାରମୟୀ
ଭାଷାରେ ଝଙ୍କୃତ ଏ ହୃଦ୍-ଯନ୍ତ୍ର;
ଆପଣଙ୍କ ଦୀପକରାଗିଣୀରେ ଜ୍ୱଳିତ
ଏ ଲେଖନୀ । ସେହି ଲେଖନୀ ପ୍ରସୂତ
ଏ ନୈଷଧ କାବ୍ୟ-ପୁଷ୍ପ ଆପଣଙ୍କ ଗଳାହାରର
ଉପଯୁକ୍ତ ମନେ କରି ଆପଣଙ୍କ ଉଦାର ବକ୍ଷରେ
ଲମ୍ବାଇ ଦେବାକୁ ମୁଁ ସାହସୀ । ଆଶାକରେଁ ଆପଣ-
ଙ୍କର ଅନାବିଳ-ବାତ୍ସଲ୍ୟ-ସ୍ନେହ-ପରିବର୍ଦ୍ଧିତ ଅଧମର ଏ
ଭକ୍ତି-ଶ୍ରଦ୍ଧାସ୍ନାତ ପୁଷ୍ପଟି ସାଦରେ ଗୃହୀତ ହେବ । ଇତି ।

ତା ୨୫ । ୫ । ୧୯୩୬
କଟକ

ଆପଣଙ୍କ
ସ୍ନେହର
ଗୋପୀନାଥ ସିଂହ ଦେବ

ପରମାରାଧ୍ୟ ପୂଜ୍ୟପାଦ ପିତୃଦେବ

ଶ୍ରୀ ଶ୍ରୀ ଶ୍ରୀ ହରିହର ସିଂହ ଦେବ ମହୋଦୟଙ୍କ

ପଦପଙ୍କଜେଷୁ

ଆଜ୍ଞା;

ଶ୍ରୀଗୁରୁକଲ୍ୟାଣରୁ ଆଜ ଏ 'ନୈଷଧ' କାବ୍ୟଟି ମୁଦ୍ରାଙ୍କିତ ହୋଇଗଲା, ଏଥରେ ସାନୁଗ୍ରହ ଦୃଷ୍ଟିପାତ କରାଯାଇ ପବିତ୍ର କରାଯାଉ । ଇତି ।

ଚରଣାଶ୍ରିତ ଅଧମ ପୁତ୍ର

ଗୋପୀନାଥ ।

ନିବେଦନ ।

ପ୍ରିୟ ପାଠକପାଠିକା ବୃନ୍ଦ !

ନୈଷଧ ଅତି ଦୁରୂହ ସଂସ୍କୃତ କାବ୍ୟ । ଏହାର ପଦବିନ୍ୟାସଗାମ୍ଭୀର୍ଯ୍ୟ ବର୍ଣ୍ଣନଚ୍ଛଟା ଭାବପ୍ରକାଶର ଅଭିନବ ରୀତି ଅତି ଉଚ୍ଚ ଅଙ୍ଗର । ଏ କାବ୍ୟର ଗୁଣବ୍ୟାଖ୍ୟାନରେ ମାଦୃଶ ହୀନପ୍ରଭ ବ୍ୟକ୍ତିର ପ୍ରୟାସ ସର୍ବଥା ହାସ୍ୟାସ୍ପଦ ଭାବି ମୁଁ ମୋର ପରମାରାଧ୍ୟ ଗୁରୁଦେବ ରେଭେନ୍ସାକଲେଜର ସଂସ୍କୃତ ଅଧ୍ୟାପକ ରାୟ ସାହେବ ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତିଙ୍କୁ ଅନୁରୋଧ କରିଥିଲି । ସେ ମହାଶୟ ଅସୀମଶ୍ରମସ୍ୱୀକାର-ପୂର୍ବକ ଅନୁବାଦିତ କାବ୍ୟଟି ଆମୂଳଚୂଳ ପାଠକରି ଏହାର ଗୁଣାଗୁଣ ସମ୍ବନ୍ଧରେ ତାଙ୍କର ମନ୍ତବ୍ୟ ଲିପିବଦ୍ଧ କରିଦେବା ଦ୍ୱାରା ମୋର ହୃଦୟ-ରାଜ୍ୟର ଭକ୍ତି-ସିଂହାସନ ଅଳଂକୃତ କରିଅଛନ୍ତି । ଏପରି ବୈଚିତ୍ର୍ୟପୂର୍ଣ୍ଣ କାବ୍ୟର ଅମ୍ଭ ଉତ୍କଳଭାଷାରେ ଏକାନ୍ତ ବିରଳତା ଜାଣି ମୁଁ ନୈଷଧ-ଅନୁବାଦ-ସ୍ୱରୂପ ବିଷମ ହଠକାରିତା ସ୍ୱୀକାର କରିଅଛି । ମୁଁ ନୈଷଧକୁ ରୂପାନ୍ତରିତ କରିଅଛି ସତ୍ୟ ମାତ୍ର ଏହାର ମୂଳକୁ ସମ୍ପୂର୍ଣ୍ଣରୂପେ ରକ୍ଷା କରିବାକୁ ଯତ୍ନ କରିଅଛି । ଏ ବିଷୟରେ ମୁଁ ପାଶ୍ କରିଅଛି ବା ଫେଲ୍ ମାରିଅଛି ତାହା ଆପଣମାନେ ନିର୍ଣ୍ଣୟ କରିବେ । ଏଥିରେ ଥରେ ମାତ୍ର ସାଭିନିବେଶ ଦୃଷ୍ଟିପାତରେ ଆପଣମାନଙ୍କର ସ୍ନେହାନୁବନ୍ଧୀ ଅନୁବାଦକ ଗୋପୀନାଥ ସିଂହଦେବର ଶ୍ରମ ସଫଳ କରନ୍ତୁ ଏତିକି ମାତ୍ର ସବିନୟ ଅନୁରୋଧ । ଇତି ।

ତା ୧୫ । ୫ । ୩୭

ମନ୍ତବ୍ୟ

ଶ୍ରୀମାନ୍ ସାମନ୍ତ ଗୋପୀନାଥ ସିଂହ ଦେବ କଲେଜର ଛାତ୍ରାବସ୍ଥାରେ ତାଙ୍କର ଓଡ଼ିଆ ଓ ସଂସ୍କୃତ ସାହିତ୍ୟରେ ଅନୁରାଗ ଓ ନିଷ୍ଠାର ମୁଁ ପରିଚୟ ପାଇଥିଲି । ପଠନାବସ୍ଥା ଶେଷରେ ସେ ଭାରତୀ ଦେବୀଙ୍କର ଉପାସନାରେ ନିଜକୁ ନିୟୋଜିତ କରିଅଛନ୍ତି । ଏହା ଅତି ସୁଖର ବିଷୟ । ଉତ୍କଳ ଭାଷାରେ ତାଙ୍କ ଦ୍ୱାରା ନୈଷଧାଦି ଷଟ୍ କାବ୍ୟର ପଦ୍ୟାନୁବାଦମାନ ତାଙ୍କର ସାହିତ୍ୟ ବିନୋଦିତାର ପୂର୍ଣ୍ଣ ପ୍ରମାଣ । ତାଙ୍କ କୃତ ନାନାବିଧ କବିତା ପାଠକରି ମୁଁ ପ୍ରୀତ ହୋଇଅଛି । ତାଙ୍କଠାରେ କବିତ୍ୱ ଅଛି । ସେ କବିତାରେ ଚାତୁରୀ ବିଦ୍ୟମାନ । ବର୍ତ୍ତମାନ ତାଙ୍କର ନୈଷଧ କାବ୍ୟର ପଦ୍ୟାନୁବାଦ ପ୍ରକାଶିତ ହେଲା । ସଂସ୍କୃତ ନୈଷଧ କାବ୍ୟରେ ଶବ୍ଦାଳଙ୍କାର ତଥା ଅର୍ଥାଳଙ୍କାରମାନଙ୍କରେ ଯେ କଳାଜନିତ ଚାତୁର୍ଯ୍ୟ ଓ ବୈଚିତ୍ର୍ୟ ବିଳସିତ ତାହା ଅନନ୍ୟସାଧାରଣ । ନୈଷଧକାର ଶ୍ରୀହର୍ଷ ବହୁଶାସ୍ତ୍ରବିତ୍, ଅପୂର୍ବ-ମେଧା-ସଂପନ୍ନ ପଣ୍ଡିତ ଥିଲେ । ଦର୍ଶନଶାସ୍ତ୍ରରେ ତାଙ୍କର ଅଦ୍ଭୁତ ପାଣ୍ଡିତ୍ୟ ଥିଲା । ଖଣ୍ଡନ ଖଣ୍ଡଖାଦ୍ୟ ଓ ନୈଷଧ କାବ୍ୟର ସପ୍ତଦଶ ସର୍ଗ ତାହାର ଜ୍ୱଳନ୍ତ ନିଦର୍ଶନ ।

କାବ୍ୟରେ ବିଭିନ୍ନ ବୃତ୍ତ ଅବଲମ୍ବନ କାବ୍ୟପାଠରେ ସରସତା ପ୍ରଦାନ କରେ । ଏକ ବୃତ୍ତରେ ସମୁଦାୟ ଗ୍ରନ୍ଥ ଅନୁବାଦ କରିବା ସହଜ କଥା । କିନ୍ତୁ ତାହା ଏକଶ୍ରୁତିଦୋଷରେ ଦୁଷ୍ଟ । ପୁନଶ୍ଚ ପଦମଧ୍ୟଭଙ୍ଗଦୋଷ ଓ ଉତ୍କଳ କାବ୍ୟର ସହଜ-ଭାବ-ବିନାଶଜନିତ ଅପରାଧ ଜନ୍ମେ । ଉକ୍ତ ଦିଗରେ ପରିବର୍ତ୍ତନ ଅନିବାର୍ଯ୍ୟ ତଥା ବାଞ୍ଛନୀୟ, କିନ୍ତୁ ସ୍ଥଳେ ସ୍ଥଳେ ଆଧୁନିକତାର ବୃଥା-ବ୍ୟାମୋହ ଜୀବନର ଅସାରତାର ପରିଚୟ ପ୍ରଦାନ କରେ ।

ମୋ ମତରେ ନୈଷଧର ଏହି ପଦ୍ୟାନୁବାଦରେ ଭାବ ଓ ଅବସ୍ଥା ଭେଦରେ ଭିନ୍ନ ଭିନ୍ନ ବୃତ୍ତ ଅବଲମ୍ବିତ ହୋଇ ଉତ୍କଳ କାବ୍ୟର ସହଜ-ପ୍ରାଣର ସରସତା-ସମ୍ପୂର୍ଣ୍ଣ-ଭାବରେ ସଂରକ୍ଷିତ ହୋଇଅଛି । ଗୋଟିଏ ନୂତନ କାବ୍ୟର ରଚନା ସରସ-ପଦ୍ୟାନୁବାଦ-କାର୍ଯ୍ୟଠାରୁ ଅପେକ୍ଷାକୃତ ସହଜ । କାରଣ ଅନ୍ୟର ଭାବରାଜିକୁ ଦୃଷ୍ଟିଦେଇ ହେତୁକୃତିର ବିଶେଷତ୍ୱ ସ୍ୱଭାଷାରେ ସମ୍ପୂର୍ଣ୍ଣରୂପେ ରକ୍ଷା କରିବା ବଡ଼ କଠିନ କଥା । କର୍ମୀ ଓ ସାଧକ ଏହା ଜାଣେ । କବି ଗୋପୀନାଥ ତାଙ୍କର ଏହି କୃତିରେ ନିଜର ଭାଷାଜ୍ଞାନ, ଶବ୍ଦ-ଯୋଜନାର ପାଟବ, ଚାତୁରୀ ଓ କଳାଜ୍ଞାନର ଯଥେଷ୍ଟ ପରିଚୟ ପରିଦର୍ଶନ କରିଅଛନ୍ତି । ଏହି କାର୍ଯ୍ୟ ସଂବିଧାନରେ ତାଙ୍କର ପାଣ୍ଡିତ୍ୟର ଯେ ପରିଚୟ ମିଳେ ତାହା କହିବା ନିଷ୍ପ୍ରୟୋଜନ ।

ମୁଁ ସର୍ବାନ୍ତଃକରଣରେ ଏହି କୃତିର ପ୍ରକାଶ ପ୍ରଚାର ନିମିତ୍ତ ସମର୍ଥନ କରୁଅଛି ।

ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି

ସୂଚିପତ୍ର ।

ଛାନ୍ଦ	ବିଷୟ	ରାଗ	ପୃଷ୍ଠା
୧ମ—	ନଳବର୍ଣ୍ଣନ, ଦମୟନ୍ତୀ ଗୁଣଶ୍ରବଣ ହଂସଧୃତ ଓ ମୁକ୍ତ	ରସକୁଲ୍ୟା	୧
୨ୟ—	ହଂସଦୌତ୍ୟ ଦମୟନ୍ତୀ ଓ କ୍ରୀଡ଼ନ ବର୍ଣ୍ଣନା	କୁମ୍ଭକାମୋଦୀ	୧୫
୩ୟ—	ହଂସ ଦମୟନ୍ତୀ କଥୋପକଥନ	କଲ୍ୟାଣ	୨୫
୪ର୍ଥ—	ଦମୟନ୍ତୀ ବିରହ ବର୍ଣ୍ଣନ	କାମୋଦୀ	୩୮
୫ମ—	ଦେବଙ୍କର ନଳଙ୍କୁ ଦୂତ କରଣ	ଆଷାଢ଼ଶୁକ୍ଳ	୫୧
୬ଷ୍ଠ—	ଦୂତୀ ଦମୟନ୍ତୀ କଥୋପକଥନ	କନଡ଼ା	୬୨
୭ମ—	ଆପାଦମସ୍ତକ ଦମୟନ୍ତୀ ବର୍ଣ୍ଣନା	କଲ୍ୟାଣ ଆହାରୀ	୭୫
୮ମ—	ଦମୟନ୍ତୀ ପାଶରେ ନଳଙ୍କ ଦେବଦୌତ୍ୟ	ଅଙ୍କୁର କୋଇଲି ବାଣୀ	୮୬
୯ମ—	ଦମୟନ୍ତୀ ପାର୍ଶ୍ୱରେ ନଳଙ୍କ ଆତ୍ମପ୍ରକାଶ	ପଞ୍ଚମବରାଡ଼ି	୯୫
୧୦ମ—	ସ୍ୱୟମ୍ବର ବର୍ଣ୍ଣନ ଓ ନଳରୂପୀ ଦେବବର୍ଣ୍ଣନ	ଦେଶାକ୍ଷୀ	୧୧୩
୧୧ଶ—	ଦମୟନ୍ତୀଙ୍କ ନିକଟରେ ରାଜଗଣ ବର୍ଣ୍ଣନ	ଲଳିତକାମୋଦୀ	୧୨୬
୧୨ଶ—	ଦମୟନ୍ତୀଙ୍କୁ ସରସ୍ୱତୀଙ୍କର ରାଜଗଣର ପରିଚୟପ୍ରଦାନ	ଖଣ୍ଡକାମୋଦୀ	୧୪୦
୧୩ଶ—	ଦମୟନ୍ତୀଙ୍କୁ ସରସ୍ୱତୀଙ୍କର ଇନ୍ଦ୍ରାଦିଙ୍କ ଶ୍ଳିଷ୍ଟପରିଚୟ ପ୍ରଦାନ	ମାଳଶ୍ରୀ	୧୫୨
୧୪ଶ—	ଦମୟନ୍ତୀଙ୍କର ନଳ ବରଣ	ଶଙ୍କରାଭରଣ	୧୬୨
୧୫ଶ—	ନଳ ଦମୟନ୍ତୀ ବିବାହ ବର୍ଣ୍ଣନ	ରାଜବିଜେ	୧୬୯
୧୬ଶ—	ନଳଙ୍କୁ ଭୀମଙ୍କ କନ୍ୟା ପ୍ରଦାନ ଓ ନୃପତିମାନଙ୍କ ପ୍ରସ୍ଥାନ	ବଙ୍ଗଳାଶ୍ରୀ	୧୭୮
୧୭ଶ—	ପଥରେ ଦେବ ଓ କଳ୍ୟାଦିଙ୍କ ସମ୍ଭାଷା	ପାହାଡ଼ିଆକେଦାର	୧୯୧
୧୮ଶ—	ନଳ ଦମୟନ୍ତୀ ବିହାର ବର୍ଣ୍ଣନ	କାମୋଦୀ, ଝମ୍ପତାଳ	୨୦୬
୧୯ଶ—	ପ୍ରଭାତ ବର୍ଣ୍ଣନ	କଲ୍ୟାଣ	୨୧୬
୨୦ଶ—	ନଳ ଦମୟନ୍ତୀଙ୍କ ଜଳକେଳି ବର୍ଣ୍ଣନ	ପଞ୍ଚମମଞ୍ଜରୀ	୨୨୩
୨୧ଶ—	ନଳଙ୍କର ଦୈନନ୍ଦିନ କୀର୍ତ୍ତି ବର୍ଣ୍ଣନ	ବରାଡ଼ି	୨୩୨
୨୨ଶ—	ସନ୍ଧ୍ୟା ତାରା ଚନ୍ଦ୍ର ଓ ଦମୟନ୍ତୀ ସୌନ୍ଦର୍ଯ୍ୟ ବର୍ଣ୍ଣନ	କନଡ଼ା ବିପୁଷ୍ଟା	୨୪୪

ଶ୍ରୀ ରାଧାମୋହନାଭ୍ୟାଂ ନମୋନମଃ ।

ନୈଷଧ କାବ୍ୟ ।

ପ୍ରଥମ ଛାନ୍ଦ ।

[ରାଗ—ରସକୁଲ୍ୟା ।]

ସମର-ପୁର-ନର-ସୁରପନ୍ନ-। ଶିର ବିନ୍ଦୁରେ ସିନ୍ଦୂରିତ ଅନ୍ତ ।
ଯା ପଦଯୁଗ ମହିଷ-ମର୍ଦ୍ଦନ । ଛବିକି ଅଦ୍ୟାପି ପଙ୍କାଏ ମନ ।
କରୁଣାବରୁଣାଳୟା;
ସେ ମଇନାକ ଦୁର୍ଗା-ପଦ-ପଙ୍କଜ ବିତରୁ ଏ ସାନେ ଛାୟା । ୧ ।

ହରିବରେ ହର ହେଲେହେଁ ବର । ଅଣ୍ଡା କଲେ ପରେ ଯେଉ ପତ୍ୟୁର । ତହିଁ ବଳ ବିଶେଷ କିସ ବା ଅଛି । ତାକୁ ସେବି କେବା କି ନ ପାଇଛି । ମିଳିବାରୁ ସେ ଶରଣ । ଛାନ୍ଦ ବନ୍ଧରେ ନୈଷଧ ବାନ୍ଧିବାକୁ କଲି ଲେଖନୀ ଧାରଣ । ୨ । କଣ୍ଟିତ ମାତ୍ର ସିନା ମୋ ସାମର୍ଥ୍ୟ । ଅତି ବିସ୍ତୃତ ଏ ନଳ ଚରିତ । ଶ୍ରୀହର୍ଷଭଙ୍ଗିତ ଭଙ୍ଗିଭରିତ । ଅଖଣ୍ଡରୁଚିରରସ ସରିତ । ହୋଇ ପାରିବ କି ପାର । ବୁଧଜନଙ୍କର ସୁଧା ଉପଦେଶ ଆଶୀଷ ଭେଳାକୁ ଧରି ।୩। ଏମନ୍ତ କାବ୍ୟ ତ ଆଉ ହୋଇବ । ପ୍ରସବୁ ଏତେ ହର୍ଷ ହୃଦେ ଭାବ । ଭାବ-କବିଙ୍କି ଜଣେଷ୍ଟିବାପାଇଁ । ନୈଷଧ ନାମ ହିଁ ଏହାର ଥୋଇ । ସେତ ହୋଇନାହିଁ ମିଛ । ରଘୁକୁମାର ତ କୁମାର ଭାରବି ଯେ ତା ତହୁଁ ଏହା ଉଚ୍ଚ । ୪ । ଯା ସରସ କଥା ସ୍ମରଣେ ବୁଧେ । ସୁଧାସମ୍ପଦ ନ ଗଣନ୍ତି ହୃଦେ । କାନ୍ତିସିତ-ଛନ୍ଦେ ଯା ରାଜସିଦ୍ଧି । ବିକଣେ ଯେ ସର୍ବ ତେଜଙ୍କ ନିଧି । ସେ ଅଙ୍ଗବନ୍ତ ଅନଙ୍ଗ;-ବତ ନଳକାନ୍ତି ବର୍ଣ୍ଣୁଛି ଶ୍ରୀହର୍ଷ ପଦେ ଦେଇ ଉତ୍ତମାଙ୍ଗ । ୫ । ଯେ ନଳନୃପ ମହା ଗୁଣବନ୍ତ । ତାଙ୍କ କଥା ଶୁଣିଲେ ଅମୃତ ମୃତ । ପ୍ରସ୍ତୁତପ୍ରତାପଜନିତକାନ୍ତି—। ମଣ୍ଡଳେ ପ୍ରକାଣ୍ଡ ପାଣ୍ଡର ଛତ୍ର । ବିରଚି କନକ ଦଣ୍ଡେ । ମଣ୍ଡି ଟେକାଇ ଦେଇଥିଲେ ରଖାଇ ଏ ଭୂମଣ୍ଡଳର ମୁଣ୍ଡେ । ୬ । କଳି ବାଧାକୁ ଦଳେ ଅଳପଟେକ । ଯାର ଯଶ ଗାଥା ଏ ନରଲୋକେ । ରସ ପ୍ରବାହେ ପ୍ରକ୍ଷାଳ ପବନ । କରଇ ତାଙ୍କ ମୁଁ କରୁଛି ଗୀତ । ତେବେ ବଡ଼ ଖ୍ୟାତି ବହି । ତା ନିଜ ସେବକ ଏ ମୋ ଖାନ କାବ୍ୟ ଧୂତ ନ କରିବ କେହି । ୭ । ଶାସ୍ତ୍ର ଅଧ୍ୟୟନ

ତଦର୍ଥ ଜ୍ଞାନ । ତଦନୁସାରେ କାର୍ଯ୍ୟ ସମାଧାନ । ଲୋକ ସମାଜେ ପୁଣି ତା ପ୍ରଚାର । ଏମନ୍ତେ କରି ବିଜ୍ଞ ଚତୁର । ଚତୁରଦଶ ବିଦ୍ୟାରେ । ଷଟ୍‌ପଞ୍ଚାଶ ବିଦ୍ୟାବନ୍ତ ନୋହିଲେ କେହି ସେ ନୃପ ବେଢ଼ିରେ । ୮ । ସର୍ବଦା ନୃପର ନର୍ତ୍ତକୀପରି । ରସନାରେ ଥାଏ ବିଦ୍ୟା ବିହରି । ଅଙ୍ଗେ ଯଥା ବେଦ ବିସ୍ତୃତ ଅତି । ଶିକ୍ଷା ଅଭ୍ୟାସ ବଶେ ସେହି ମତି । ସେ ବିଦ୍ୟା ହୋଇ ବିସ୍ତୃତ । ଅଷ୍ଟାଦଶ ଦ୍ୱୀପ ଜମ୍ବୁ ମନାସିକ ଦ୍ୱିନବବିଭାଗେ ଖ୍ୟାତ । ୯ । ଦଶଦିଗୀଶଙ୍କ ଅଂଶୀ ମହୀଶ । କେବଳ ନୁହଇ ମିଥ୍ୟା ଏ ସନ୍ଦେଶ । କାମନବିଶଙ୍କ ଦ୍ୱିତୀୟେତର । ଭୂତାସ୍ତୁ ନେହ ପର ଜ୍ଞାନ ସାର । ନୃପର ସଦା ବିରାଜେ । ନେହନସ୍ତୁଧାସି ମହେଶସୁଷମା ତେଣୁ ସେ ମହୀଶେ ସାଜେ । ୧୦ । ଏକେତ ସତ୍ୟଯୁଗ ତହିଁ ନଳ । ସର୍ବସ୍ୱେ ବିରାଜୁ ଅବନୀପାଳ । ବଳସିଲା ଧର୍ମ ଚତୁରୁ ପାଦେ । ପାତ୍ର ନ ଥିଲା କେ ଲୋକ ତା ହାଦେ । ପଦାଙ୍ଗୁଷ୍ଠ ମାତ୍ରେ ମହୀ ! ଛୁଇଁ ଅଛି କୃଶ ପାପ ସରି ତପୀପ୍ରାୟ ଯାଇଥିଲା ହୋଇ । ୧୧ । ଯାହା କାଳରେ ନୃପତି ଗହଣେ । ଗମନ୍ତି ଚତୁରଙ୍ଗ ବଳଗଣେ । ତାଙ୍କ ପାଦ ପାତେ ଉତ୍ଥିତ ମହୀ— । ରଜ କ୍ଷୀରସିନ୍ଧୁ ପଙ୍କିଳ ହୋଇ । ଯାଉ ତାହାର ନନ୍ଦନ । ଇନ୍ଦୁ-ଅଙ୍ଗେ ଯାହା ଅସିତ ଦିଶଇ ଏ ଏକା ସେ ପଙ୍କଚିହ୍ନ । ୧୨ । ବିଷମ ସମରେ ଅରାତି ତତି । ପ୍ରକାଶି ପ୍ରଚଣ୍ଡ-ପାବକ-ଜ୍ୟୋତି । ଯୁଝିଲା ବେଳେ ଯା କାର୍ମୁକ ଘନ । ନିର୍ଘୋଷ ଶରଧାର ପାତେ ପୁଣ । ସେ ତେଜ ଲଭଇ ଲୟ । ଅରାତିଙ୍କ ପାଇଁ ଏକା ରହିଥାଏ ଅଯଶ-ଅଙ୍ଗାର-ଚୟ । ୧୩ । ସେ ରିପୁନୃପତିଶାର୍ଦ୍ଦୂଳ ନଳ । ପରପୁରେ କରୁଁ ଅନଳ ମେଳ । ତାର ତେଜେ ନିଜ ପ୍ରତାପାନଳ । ଦ୍ୱିଗୁଣେ ଜ୍ୱଳି ଅବନୀ ମଣ୍ଡଳ । ଅଲୋକାଇ ଦେଉଥାଏ । ସେ ବହ୍ନିଶିଖା ରିପୁଜାୟୀ ରଜାର ଅରତି ପ୍ରତିମ ହୁଏ । ୧୪ । ସେ ମହୀପତି ପ୍ରତାପଅନଳେ । ଇତି-ଭୀତିଙ୍କ ଇତି ହେଲା ହେଲେ । କେବଳ ଅତି ବୃଷ୍ଟି ଗଲା ରହି । ରିପୁନାରୀ-ନେତ୍ର-ଶରଣ ପାଇ । ତହିଁ ସେ ହୋଇଲା ଅସ୍ତ । ଯେଣୁ ଜାଣଇ ଅବଲାକୁଳେ ନଳବଳ ନୁହଇ ଉଦସ୍ତ । ୧୫ । ସମରେ ସେନାନୀ ରଣ ଗୃତୁଷ୍ଟ । ମହା-କୃପାଣ ବେମା ତୁଲେ ମିଳ । ସୁଧାକରକର ସମ ଶୁକଳ । ନଳଗୁଣଗଣେ ଦିବ୍ୟ ଦୁକୂଳ । ବୁଣି କରୁ [illegible]ତରଣ । ଦିଗ ଅଙ୍ଗନାଙ୍କ ଶ୍ରୀଅଙ୍ଗସଙ୍ଗମ ଲଭି ସେ ଦିଶେ ଶୋଭନ । ୧୬ । ରାଜପଣେ ଗୁରୁ ବିଗ୍ରହ ଦର୍ଶୀ । ତେଜବଶେ ମିତ୍ର ଅମିତ୍ର-ଧ୍ୱଂସୀ । ଦେଖି ଏମନ୍ତ ସେ ନୃପତି ନୀତି । ଭୀତି ଭଜି ରିପୁ ଭୂପତିପନ୍ତି । ସହିତେ ବିରୁଦ୍ଧଧର୍ମେ । ଭେଦକତା ବର୍ଜି ନିବର୍ତ୍ତି ରହିଲେ ଧାଇଁ ନିଜ ନିଜ ଶର୍ମେ । ୧୭ । ସେ ନଳ ନୃପ ତେଜ ଯଶଆଉ । ରବି ଶଶୀ ଉଭି କି ହେବ ଆଉ । ନିଜ କଲା କଥା ଜାଣିବ କେହି । ଏମନ୍ତ ସମସ୍ତେ ସମସ୍ତେ ବିହି । ଚଢେ ଉପୁଜନ୍ତେ ଭ୍ରାନ୍ତି । ପରିବେଶ ଛଳେ ମଣ୍ଡଳ ବୁଲାଇ ନିବାଲେ

ଯାଙ୍କ ଶ୍ରେଷ୍ଠ ବୃଥା । ୧୮ । ଦାରିଦ୍ର୍ୟ ଯେ ପ୍ରାର୍ଥୀ ଲୋକ ପଟେ । ଦେଇଅଛି ବହି-
ଲହି ନିସ୍ତେ । ସେ ପିତାମହର ଲେଖାକୁ କେହି । ଲଙ୍ଘନ୍ତେ ନଳ ଧର୍ମଶୀଳ
ହୋଇ । ତେଣୁ ଦେଇ ବନ୍ଧୁବର । ଦାରିଦ୍ର୍ୟ ବିଷୟେ ଦରିଦ୍ର ତାହାଙ୍କୁ ଧରି କରି
ଭୁଞ୍ଜିତ । ୧୯ । ଦାନକାଳେ ଜଳ ଢାଳି ଦେବାରେ । ସିନ୍ଧୁ ଶୁଷ୍କ ହୋଇଛି
ବେଳାରେ । ଦାନେ ତ ସେ ନାହିଁ ମେରୁଗିରି । ଏ-ଣିକି ଅଯଶ ସେ ଦାତ୍ରୀ ଯାଏ ।
ପରେ ବୋଲଦେବେ କେହି । ଦ୍ୱିପାଳ-ବାଳ-ଶାମଳା-ଛଳେ ତେଣୁ ମସ୍ତକେ
ଅଛନ୍ତି କହି । ୨୦ । ସର୍ବଦା କବି ବୁଧଙ୍କ ସହିତ । ସୁଖେ ସମସ୍ତ ଯାପନ୍ତି ଭୁଞ୍ଜିତ ।
ସକଳ କାର୍ଯ୍ୟେ ସେ ଅତି କୁଶଳ । ହେରୁ ବିକଣେ ଶିଖି ବେଙ୍କ ବେଳ । ହୃଦସ୍ଥ
ଧନକୁ ଧନ । ଲଭନ୍ତି ସେ ନରପତି ଯଥା ପ୍ରାତେ ନଭେ ଦେବ ବିବସ୍ୱାନ । ୨୧ ।
ଶୋଭିରେ ପଲ୍ଲବ ପଙ୍କଜେ ଦଳ । ଯା ପଦ ଯାଇଛି ତା' ପରେ ବଳ । ସକଳ
ମଣ୍ଡପତି-ଶିରପରେ । ରହିଅଛି ପୁଣି ଯେ ନିଃଶଙ୍କରେ । ଊର୍ଦ୍ଧ୍ୱ ରେଖାଙ୍କିଏ ତହିଁ ।
ସର୍ବଜ୍ଞ ବିହି ଯା ଶୈଶବୁଁ ଲହିଛି ଏହିକ ଐଶ୍ୱର୍ଯ୍ୟ ହୋଇ ? । ୨୨ । ଶୈଶବ
ଶେଷ ଯୌବନ ପ୍ରବେଶ । ଏ ସମୟକୁ ସେ ନଳ ନରେଶ । ସମସ୍ତ ମଣ୍ଡ କରି
କରିସ୍ଥିର । କଲେଣି ମଣ୍ଡପତି ପଦ ସାର୍ଥ । ସେ କାଳେ ତାଙ୍କ ଶ୍ରୀଅଙ୍ଗେ । ବସନ୍ତ
କାନନେ ବିଳସିଲା ପ୍ରାୟ ଯୌବନ ବିଳସେ ରଙ୍ଗେ । ୨୩ । କମଳ ଦଳହେଳା
ପଦତଳେ । ହାରି କରତଳେ ପଲ୍ଲବ ଥରେ । ଉତ୍ତମାଙ୍ଗେ ଯାଇ ବଦନ ଅଛି । ତା'
ତୁଲେ ପାର୍ଥିବ ପଦାର୍ଥ ଛି ଛି । ଯାର ଦାସପଣ ପାଇଁ । ଶରଦ-ପାର୍ବଣ ଶର୍ବରୀ
ଈଶ୍ୱର ନିମିଷେ ଶକ୍ୟ ନୁହଇ । ୨୪ । ଅଙ୍ଗେ ସ୍ୱଜେ ନବ ଲୋମ ପଙ୍କତି ।
ସେ ଛଳେ କି ବିହି ଗୁଣ ଗଣନ୍ତି । କଲା ଗୋଟି ଗୋଟି ଗାର ପକାଇ ।
ଲୋମ କୂପ କଥା ପ୍ରତୀତ ନୋହି । ପରିଖି ପରିଖି ଅଙ୍ଗ । କିଛି
ଦୋଷ ନାହିଁ ବୋଲି ଏକା ବିହି ଲହି ଦେଇଅଛି ଦାଗ । ୨୫ । ଅର୍ଗଳ
ସଦୃଶ ସୁଦୀର୍ଘ ସ୍ଥୂଳ । ସେ ନଳ ନୃପତି ଭୁଜ ଯୁଗଳ । ତା ମଧ୍ୟେ ଦୁର୍ଭେଦ୍ୟ
ବିଶାଳ ଉର । କପାଟ-ପୁଟ ସଦୃଶ ସୁନ୍ଦର । ସେ ଭୁଜାର୍ଗଳ-କବଳେ । ପଡି
ଅରି ଏ ଉରତଟ କପାଟ ଭେଦ ନ ପାରନ୍ତି ତଳେ । ୨୬ । ଯା ବିଳାସ ହାସ
ଲେଶକୁ ଶଶୀ । ସମ ନୋହି ଶେଷେ ପାଣ୍ଡୁର ଦିଶି । ପୃଥ୍ୱୀ ଯହିଁ ଥିବା ଇକ୍ଷଣେ
କ୍ଷଣେ । ହାରି ପଳାଇ ପଦ୍ମ ବୁଡ଼େ ବନେ । ସେ ନଳ ବଦନ ତୁଲେ । ଦର୍ପଣେ
ଇନ୍ଦୁ ଅରବିନ୍ଦୁ ବଳ ନାହିଁ କେ ସମାନ ହେବ ଭଲେ । ୨୭ । ନେହେତ ଶତ-
ପତ୍ର ବିପର୍ଯ୍ୟସ୍ତ । ଆସ୍ୟ ହସଇ ଶଶିକ ନିରତ । ଗଢିବାକୁ ଅଉ ସେ ମୁଖ ତୁଲେ ।
କିଛି ଏ ସଂସାରେ ଦ୍ରବ୍ୟ ନ ମିଳେ । ବର୍ତ୍ତିବାକୁ ଶୋଭା ତାର, କଦ ଯିବ କାହିଁ
ଲୋଡ଼ କି ବିଧାତାର ଦାରିଦ୍ର୍ୟ ଜଗତର । ୨୮ । ପଙ୍କେ ଆଉ ତଳେ ଉହିଳେ

ଯେହ୍ନ । ନୃପ କେଶ ତୁଲ ହୋଇବା ପାଇଁ । ତାର ଦେଖି ଏ ବିପରୀତ ସ୍ଥିତି । ଜାଣି
ବିଧିର ବହି ଭିତ ମତି । ଚମରୀକ ବସ୍ତି ବନ୍ଧି । ନୃପେ ଦୋଷ ମାଗେ ଏ ବାଳ
ଚପଳ ବିନା ନୁହେ ବୋଲି କହି । ୨୯ । ଏକେତ ନୃପ କନ୍ଦର୍ପ ସୁନ୍ଦର । ସେ ପୁଣି
ପଦ୍ମିନୀ ଯା ନୟନର । ସେ ନାରୀ ଚିତ୍ର ହୋଇଯାଏ କି କି । ନ ଚଳେ ପାଦ ନିମିଷେ
ନ ଥାକି । ନଳରୂପେ ନିଜ ଲୋଭେ । ସେ ନୃପୁ ବିଲୋକ ବାଳିକ କନ୍ଦର୍ପ
ବିଭ୍ରମ ନଯାଏ କେବେ । ୩୦ । ସୁର ନାରୀଏ ପୂର୍ବୁଁ ନିର୍ନିମେଷ । ହେବାରତ ହିଁ
ନାହିଁ ପ୍ରକାଶ । ଏକା ଏ ନଳରୂପେ ନିଶ୍ଚଳକ । ନେତ୍ରେ ଗୃହିଁ ରହି ଥିବାରୁ ଠିକ ।
ଅଭ୍ୟାସ ବାହୁଲ୍ୟ ବଶେ । ଅଦ୍ୟାପି ସେ ସୁର ନାରୀଙ୍କ ନୟନେ ନିମେଷ ନ ରସେ
ଲେଶେ । ୩୧ । ନାଗବାଳୀଏ ଭୂଳନ୍ତ୍ରପାତାଳେ । ଥିକ ଏ ଅମୃ ନୟନ ଯୁଗଳେ ।
ନ ଦେଖିଲ ଯାହା ନଳ ମୂରତି । ଶୁଣିଲ ବେଳେ ଏକା ନୃପକୀର୍ତ୍ତି । ନଳେ ସେ
ନୟନ ତୁଲେ । ପରଶଂସୁଥାନ୍ତି ନିରତ ସେ ଯେଣୁ ଜାତ ଚକ୍ଷୁଶ୍ରବା କୁଳେ । ୩୨ ।
ନିଶି ଦିବସରେ ଅନୁବରତେ, ନଳ ଚିନ୍ତା ପୋଷି ଥିବାରୁ ଚିତ୍ତେ । ନେତ୍ର ମୁଦ୍ରି-
ଲେହେଁ ନଳ ଆକାର । ନୁହେ ଲେଶେ ତାଙ୍କ ନୟନୁଁ ଦୂର । ଏହିମତ ନରପୁରୀ ।
ନାରୀଙ୍କ ନିମେଷନିପାତନିର୍ମିତ ବିଘ୍ନ ନୁହେ କ୍ଷତିକାରୀ । ୩୩ । କେ ଯୋଷା
ନିଶାରେ ଶୟନକାଳେ । ନଳ ମୂରତି ନ ବିଲୋକେ ଢାଳେ । ଅନେ ତାଙ୍କୁ ନଳ
ନାମ କାହାର । ବଦନୁ ହୋଇ ନ ଯାଏ ବାହାର । ସ୍ୱପତିସଙ୍ଗତିକାଳେ । କେ
ବାଳୀ କାନ୍ତେ ନଳ ଜ୍ଞାନ ନକରି ନମାତେ ବା ମାରା ଖେଳେ । ୩୪ । ନଳ ବିଲୋ-
କନେ କେ ବରବାଳୀ- । କରେ ମୁକୁର ନ କରଇ କେଳି । ଭାବେ ସେ ତହିଁ
ନିଜ ଛବି ଚାହିଁ । ନଳରୂପକୁ ମୁଁ କି ଯୋଗ୍ୟ ନୋହି । ଏକା ଦମୟନ୍ତୀ ଛାଡ଼ି ।
କାଁ କର ମୁକୁରେ ଦୀର୍ଘଶ୍ୱାସ ବାଜ ମଳ ଯାଇନାହିଁ ପଡ଼ି । ୩୫ । ମଦନେ ଲୋକ-
ଧ୍ୱଞ୍ଜିକ ଗରୁଡ଼ । ବହି ଯଥା ବାଣ ସଜନ ଦୃଢ଼ — । ଗଢ଼େ ପ୍ରବେଶାଇ ଥିଲ ତେସନେ ।
ଲୋକଭୁଞ୍ଜିକ ବୟସ ମଦନେ । ବିଦର୍ଭ-ଦେଶ-ପୁରିର । ନଳାବିରୁଦ୍ଧସୁହୃଦହୃଦଦୁର୍ଗେ
ପ୍ରବେଶାଇଲ ସତ୍ୱର । ୩୬ । ନିଜ ରୂପ ସମ୍ପଦ ଅନୁରୂପେ । ଲୋକ ମୁଖେ ଶୁଣି ସେ
ନଳନୃପେ । ବିଶେଷେ ବିଗୁର ସେ ଭୀମ ପୁତ୍ରୀ । ମାନସଭବଚନ୍ଦ୍ରାମୋଦିତଚିତ୍ତ ।
ଚୂଳାଇ ମାନସ ଭବ- । ଦେବ ବଳେ କବଳିତ ହୋଇ ନଳ ପାରୁଶେ ପେଷିଲ ଜୀବ ॥
ବିଦର୍ଭେଶ ପାଶେ ଚାରଣ ଗଣ । କରନ୍ତି ନୃପଙ୍କ ଗୁଣ ଗାୟନ । ସେ କାଳ ଅନୁସର
ଦମୟନ୍ତୀ । ସେବାପାଇଁ ମିଳି ପିତାଙ୍କ କତି । ଶୁଣୁଥାଇ ଚେତର ଶ୍ରୁତି । ଏକା ନଳ
ନାମ ପଡ଼ିଲେ ପୁଲକୁ ଥାଏ ତନୁ ଲୋମପନ୍ତି । ୩୮ । କଥା ପ୍ରସଙ୍ଗେ ସଖି ଜନ
ମୁଖେ । ଟଳେ ଉଚ୍ଚର ନଳନାମ ରେଖେ । ପ୍ରସଙ୍ଗାଧୀନ ଆନ ବିଷୟରେ । ନ ଦେଇ
ମାନସ ଅତିଶୟରେ । ଉତ୍ସୁକ ଭାବ ପ୍ରକାଶି । ଏକା ସେହି ଶବ୍ଦ ଶ୍ରବଣ ବିଷୟେ

ଶ୍ରୁତକ ଥାଏ ନିବେଶି । ୩୯ । ବେଳେ ବେଳେ ଭ୍ରମେ ସଖୀଙ୍କି ବାଳା । ନିଷଧଙ୍କ ମୃତ ଅନଙ୍ଗ ପରି । ତା କଥା ଶୁଣି ମୋ ଚମକେ ଚିତ୍ତ । କହ ସେ ଭଲ ଆନ ଜନ କାହିଁ । ଏମନ୍ତେ ଭାବ ଲୁଚାଇ । ସଖୀ ବଦନୁଁ ଅନବଦ୍ୟନିଷଧନାଥକଥା ଶୁଣୁ-ଥାଇ । ୪୦ । ଦୂତ ଦ୍ୱିଜ ଅବା ବନ୍ଦୀ ଚାରଣ । ନିଷଧୁଁ ହୁଏ ଯାର ଆଗମନ । ତାଙ୍କୁ ତାଙ୍କ ରାଜ୍ୟ ରାଜା ବାରତା । ସମାଦରେ ପୁଚ୍ଛି ବର-ବନିତା । ନଳ ଗୁଣଗଣ ଶୁଣି । ବିମଣ୍ଡେ ଲୋକେଶ ବନ୍ଦେ ତାଙ୍କୁ ପାଇବ କେହ୍ନ ଲଭ୍ୟ ବୋଲି ଗୁଣି । ୪୧ । ଉକାଇ କେବେ ଅବା ଚିତ୍ରକରେ । ଆଦେଶେ ଏ ମୋ ବସନ୍ତ-ଭିତ୍ତିରେ । ତ୍ରିଲୋକ-ସାର ନରନାରୀ ରୂପ । ଲେଖଦେଖି; ଲେଖୁଁ ସେ ନଳଭୂପ । ଭୁଲେ ତା ନିଜର ଚିତ୍ର । ସେ ଛବି ଯୁଗେ ନିବଦ୍ଧେ ଲାଗିଥାଏ ତାର ନିଷ୍ପଲକ ନେତ୍ର । ୪୨ । ମନରେ ନଳ ନୃପତିଙ୍କି ବରି । ବରିଥିଲା ତ ସେ ଯୁବତୀବର । ଏମନ୍ତେ ବନିତାହିଁ ଏକରାତ୍ର । ଯହିଁ ସ୍ୱପନେ ନଳେ ସେ ସୁଦତୀ । ନ ପାଇଅଛି ଦର୍ଶନ । ଅଦୃଷ୍ଟ-ବଳେ ଅଦୃଷ୍ଟ ଅଶ୍ରୁତ ଦ୍ରବ୍ୟ ଦେଖେ ସ୍ୱପ୍ନେ ଜନ ॥ ନିଦ୍ରାରେ ନିମିଳଥାଏତ ନେତ୍ର । ହୃଦ ବାହ୍ୟେନ୍ଦ୍ରିୟ-ବିଷୟ ରହିତ । ହୋଇଥାଏ ସତ ବାଳୀ ସେ କାଳେ । ଦେଖୁଥାଇ ନଳରୂପ ନିରେଖେ । ଲୁଚାଇ ସ୍ୱହୃଦ-ନେହେ । ଏକଦୃଢେ ଚତୁରୀ ସେ ନାରୀପୁରନ୍ଦରୀ ଏଥୁ ବୁଝେ ବାର ଚନ୍ଦ୍ରେ । ୪୪ । ତ୍ରିପୁର-ବିଜୟୀ ହର ମନ୍ମଥ । ମନ୍ଥିପକାନ୍ତେ ଦମୟନ୍ତୀ ଚିତ୍ତ । ତା'ବାହ୍ୟ ଶରୀର ବାଧା ବାସବ । ଗ୍ରୀଷ୍ମବଳ ଦଳ ନିଶା-ଶରୀର । ସନ୍ଧ୍ୟର ଦେଇ ଫୁଲାଇ । ଯେମାକୁ ଅମାପ ସନ୍ତାପ ବହିଲେ ଦୁର୍ବଳେ କେ ନ ଦଳଇ । ୪୫ । ଭୀମଭୂପତିପୁତ୍ରୀକାନ୍ତିକାହିଁ ।—ଶୁକ୍ର ସନ୍ତତତ କ ତ ଗୁନ୍ଥି । ପକାଇଛି ତାର ସୁଗୁଣଗଣ । ସେ ହାର ମୋହୁଛି ମୁନିଙ୍କ ମନ । ତାହା କେ ନ ଦେଖିଅଛି । ସେ କଥା ବା କାହା ମୁଖୁଁ ନ ବାହାର ନଳ ଶ୍ରୁତି ନ ଚୁମ୍ବୁଛି । ୪୬ । ସ୍ମର ତ ସ୍ଥାନ ଥିଲା ଏ ବେଳକୁ । ବୋଇଲା ଏ ପରି ମୋ ସୌନ୍ଦର୍ଯ୍ୟକୁ । ବୁଡ଼ାଇଛି ଦେବ ଏହାକୁ ଦେଖି । ଏତେ ବିଗ୍ରହ ଅମୋଘ ଶକ୍ତିକ । ପ୍ରକାଶି ସେତ ରୂପାସ୍ତ୍ର । ଦମୟନ୍ତୀରୂପେ ନଳଭୂପେ କୋପେ ସାଧିଲା ବାଦ ଭୂରତ ॥ ଦମୟନ୍ତୀରୂପତୃପ-ଯଷ୍ଟିକ । ଧରିତ ଥିଲେ ନଳ ଧାତ୍ରି ସ୍ୱାନ୍ତ । ତା' ଗୁଣ ତାଙ୍କ ଶ୍ରବଣ ସରକ । ପାଇଥିଲା ତ ତା ମଦନ ଦେଖି । ନିଜ କାର୍ମୁକର ଗୁଣ । ଶ୍ରୁତି ଯହ ସ୍ଥାଣି ନୃପ ଧୈର୍ଯ୍ୟ ଲୋପେ ପ୍ରକାଶିଲା ନିଜ ସ୍ଥାଣ । ୪୮ । ଧୀରମଉଳମଣି ନଳ-ରାଜ ।—ବିଜୟେ ଯେତେବେଳେ ମନସିଜ । ପୁଷ୍ପ ଚାପ ଗୁଣେ ମାର୍ଗଣ ସନ୍ଧି । କଲା ବନ୍ଧ ପକାଇବାକୁ ବୁଦ୍ଧି । ତେତେବେଳେ ତ୍ରିଭୁବନ । ବିଜୟାର୍ଜିତ ନିଜ ଯଶ ସଂଶୟ ସାଗରେ କଲା ମଗନ । ୪୯ । ନଳ ଦମୟନ୍ତୀ ବନିତା ବର । ଘଟାଇ ଦେବାରେ ଏକା ବିହିର । ଇଚ୍ଛାର ନିରଙ୍କୁଶତା ବିକାଶେ । ନୋହିଲେ କେହ୍ନ ପୁଷ୍ପଶର ପ୍ରାସେ । ବଜ୍ରଦୃଢ ଧୈର୍ଯ୍ୟବର୍ମ । ନଳଭୂପାଳର ଅଳପକେ ଗଲା ଦଳି ହୋଇ ଭୁଲା ସମ । ୫୦ ।

ଏଥୁ ବଳ ଛପ ଅଶ୍ରୁଯ୍ୟ ଅଛି । ଲୋକ ପିତାମହ ଯେଉଁ ବିରଞ୍ଚି । ସେ କୁସୁମଶର
ପ୍ରତାପ ତେଜେ । ଅତ ଭୀତରେ ଅଶ୍ରିଛି ସବେଳେ । ଦେଲେ କାମ ଅତ ବଳୀ ।
ସ୍ୱତନୁ-ଛାୟା-ମାତ୍ର ବୋଲି ଏକା ସେ ନଳେ ନୋହିଥିଲା ଦଳ । ୫୧ । ଯୁବାକାଳର
ନବ ଉପହାର । ବର୍ତ୍ତୁଳ ଉରଜ-କୁମ୍ଭ ଯୁଗଳ । ଲଭିଥିବାରୁ ସିନା ଦମୟନ୍ତୀ । ଲଙ୍ଘା-
ନଙ୍ଗଦୁର୍ଗଦୁର୍ଗମ ଅତ । ଅବହେଳେ ହୋଇ ପାର । ନଳ ଭୂପାଳ-ହୃଦୟ-
ସ୍ଥଳ ବଳେ ଥିଲେ ଅଧିକାର କରି । ୫୨ । ମନମଥ ମନ୍ତ୍ରି ପକାଇ ଶଙ୍କେ । ଯେ
ମହାପ୍ରାସ ଦେଲା ମଣ୍ଡଳେ । ବାହ୍ୟ ଆକାରରୁ ସେ ପ୍ରାସ-ଲେଶ । ଲୋକ ଲୋଚନେ
ନୋହିଥିଲା ଦୃଶ୍ୟ । ଏକା ଶଶାଙ୍କକୋମଳା । ନିଶା ଶଯ୍ୟା ବେନି ବୁଝୁଥିଲେ ନୃପ
ବିଷମବିରହଜ୍ୱାଳା । ୫୩ । ବିଷମ-ବିଷମେଷୁ-ମହାପ୍ରାଣ । ଲଭିଲେହେଁ ନିତି ନଳ
ନରେଶ । ତଥାପି ବିଦର୍ଭ ପତି-କତରେ । ପୁତ୍ରୀ-ପ୍ରାର୍ଥନାରେ ମତି ନ ଦେଲେ ।
ଦୁଃଖ ସଙ୍କଟେ ଜୀବତ । ତେଜିପାରେ ମାନୀ ବରଜ ନ ପାରେ ଏକା ଅଯାଚିତ ବ୍ରତ ॥
ବିରହତାପଜାତ ଦୀର୍ଘଶ୍ୱାସ । ଲୁଚାନ୍ତି ପ୍ରକାଶି ବୃଥା ବିରସ । କେ ଯେବେ ପୁଚ୍ଛଇ
କେ ଦେବ ତବ । ଅଙ୍ଗ ବହୁଛି କର୍ପା ପାଣ୍ଡୁ ଭାବ । ସେ ତାକୁ ଭାଷନ୍ତି ହସି । ଚନ୍ଦନେ
ଅନବଧାନେ ବା କର୍ପୂର ବେଣି ଯାଇଥିବ ମିଶି । ୫୫ । ବିଲୋକ ଭ୍ରମେ ଦମୟନ୍ତୀ-
ରୂପ । ଯେଉଁ ଭାବଣିକ ଭାଷନ୍ତି ଭୂପ । ସଭା ସଭ୍ୟଙ୍କୁ ତା ନୁହେ ଗୋଚର । ବିପଞ୍ଚ
ପଞ୍ଚମମୂର୍ଚ୍ଛନାସ୍ୱର । ଯେଣୁ କଣ୍ଠେ ଥାଏ ପୂରି । ତେଣୁ ମଣ୍ଡପତ-ଅଳକ-ଭୂଷିତ
ନୁହେ ତାହାଙ୍କରେ ବାରି । ୫୬ । ସମ୍ଭବଅଇରବଜସ୍ତୃଚଣ୍ଡ । ଅଙ୍ଗେ ନ ପାରନ୍ତେ
କରି ଗୋପନ । ଧୀରବରଶିରସ୍ଥକୁଟସାର । ସେ ନଳ ଅବନୀବନ୍ଦିତାବର । ସଖା
ବୟସ୍ୟଙ୍କ ମେଳେ । ଥିଲେ ସଜାଗେ ବେଳେ ବେଳେ ଅବାଗେ ଧରାପଡ଼ି ଯାଉଥିଲେ ॥
ଦାକ୍ଷିଣ୍ୟ କରୁଣା ବିବେକ ଆଦି । ଥିଲେ ହେଁ ନୃପ-ହୃଦେ ନିରବଧି । ନୋହିଲେ
କେହି ତହିଁ ଅବସର । ଦେବାକୁ ମନ୍ମଥ ଗୃହଶଲ୍ୟ ବାର । ଜନମି ଗଲେଣି ପ୍ରେମ ।
ଏତ ଲୋକବିଧି ବିଧିନିଷେଧକୁ ନିରୋଧି ପକାଏ କାମ । ୫୮ । ମନ୍ମଥର ମନ
ମଥନ ଚଣ୍ଡ । ନୋହନ୍ତୁ ନିବାରି କଲେ ହେଁ ଯତନ । ସଭିରେ ଶୋଭା ଏ ନୋହିବ
ବୋଲି । ନୃପଗୋକଗଭାମୁକୁଟକେଲି । ନଳ ଅଗମ ଭ୍ରମଣ— । ଛଳେ ନିର୍ଜନ
ସ୍ଥାନେ କାଳ ଯାପନେ ବଳାଇଲେ ତହିଁ ମନ । ୫୯ । ବୁଝେ ମନ୍ମଥର ମନ ମନ୍ତ୍ରକ ।
ସେ ବସ ହକାର ସେବକ ଲୋକ । ଆଦେଶିଲେ ଆଣ ଯାନ ବାହନ । ମନ ପ୍ରବେଶ
କଣ୍ଠ ଉପବନ— । ଦର୍ଶନେ ଉତ୍ସୁକ ଅତ । ଏଣୁ ନର୍ମ-ସଖା ବୟସ୍ୟମାନଙ୍କୁ ଘେନି
ତହିଁ ଯିବୁ ଧାତ । ୬୦ । ନୃପତ ଆଜ୍ଞାରେ ସେବକ ଲୋକ । ଆଣାଇଲେ ଏକ ସିତ
ଘୋଟକ । ଉଚ୍ଚେ ଚଞ୍ଚଳେ ତାର ସମକକ୍ଷ । ନାହିଁ ନ ଥିଲା ନୋହିବ ଏ ମକ୍ଷ । ଯା
ସଦା ଚଞ୍ଚଳ ପଣ । ମନ୍ଦୁରାଉଦରମଧ୍ୟ କରୁଥାଏ ବହୁ ଖୁରକ୍ଷତ ଖଣ୍ଡ । ୬୧ । ତା'

ଗଳଦେଶେ ଶୋଭେ ରୋମାବର୍ତ୍ତି । ହୋଇଅଛି ଯେ ମଣିନାଥ ମିତ । ଚନ୍ଦ୍ର ସିତ
କେଶରକେଶରାଶି । ଲମ୍ବି ସରଳେ ଯାଉଥାଏ ଝଟି । କୁମୁଦବନ୍ଧୁକୌମୁଦୀ ।
ମୋଦ ଅଧରକ ଏ ଅଶ୍ୱ-ଅଙ୍ଗର ଦେଉ ଶୁକ୍ଲିମା ସମ୍ବାଦ । ୭୨ । ଅଜସ୍ର ଭୂମିତଟ
କୃନ୍ତନରୁ । ଚରଣେ ରେଣୁ ଲାଗି ଝଟଣ ଗୃରୁ । ତା ଗୃହ୍ଣି ଚଉକୁ ଅସେ ଏମନ୍ତ ।
ଲଘୁ ଲୋକଙ୍କ ମାତ ଚତ୍ରୁ ବ୍ରାତ । ଚଞ୍ଚଳ ଶିଖିବା ପାଇଁ । ଗୁରୁକର ମାନ ସେ
ଗୃରୁବାରୁର ପଦ ଧରିଛନ୍ତି ରହି । ୭୩ । ତା ନାସା ନାରଇ ଏତେ କାହିଁକି । ସ୍ୱବେଗ-
ଦର୍ପ ସେ ଭଣି ବାସ୍ତେକ । ପୁଣି କପାଇଁ ରହେ ତୁନ ହୋଇ । ମାନସେ ନଷ୍ଟେ ଯେଣୁ
ଗୁଣିଥାଇ । ଅଶ୍ୱଙ୍କ ଆଶୟ ଏତ । ଭୂପତି ବିଧାତା ପରାମ୍ପେ ବୁଝନ୍ତି ଏଥି ବୃଥା
ମୋ ଭଣିତ । ୭୪ । ମହାରଥ ଚକ୍ରବର୍ତ୍ତୀ ଭୂଭୃତେ । ଅଜର ସାହାଯ୍ୟ ବିନା
କଷ୍ଟତେ । ବନ୍ଧ ଯିବାର ବିଜନଡଯଣ । ବଶେ ସେ ଝଶଇ ଶୁକ୍ଳ ବିଶେଷ ॥
ଦଶନ ଦୀପ୍ତି ଛଟାରେ । ରବିଙ୍କ ଅଙ୍ଗକୁ ଦୁର୍ବଳ ଏବୋଲି ହସି ଉଡ଼ାଏ ଅଟ୍ଟରେ ।
ପୁଚ୍ଛ ପଶ୍ଚାତେ ସିତକେଶର । ପୁଚ୍ଛଗ୍ରାମର ଝଟଣ ମନୋହର । ସେ ପୁଣି ସଦା
ହେଉଥାଏ ବନ୍ଧ । ତା ଗୃହ୍ଣି ମନ ଯାଉ ଥାଏ ପାଶ । ଅପେ ଅପେ ମନେ । ମନେ
ବାଜିସମାଜରାଜତ ଏ ଗ୍ରାମର ନ ଥାନ୍ତା କେହି ଗହଣେ । ୭୫ । ଅଗୁ ଗମନ
ବେଗେ ଏ ତୁରଗ । ଗରୁଡ଼-ଗର୍ବ କରିଥିଲା ଭଙ୍ଗ । ଏକା ଥଶୀବିଷଅଶନେ ତାର ।
ଟେକ ରହି ଯାଇଥିଲା ମାତର । ଗୃରୁ ଅପୃତ ପ୍ରଗ୍ରହ । ମୁଖେ ଧରି ଏବେ ଏ ତାକୁ
ବୋଲଇ ଦେଖ ମୋ ଅଗରେ ରହ । ୭୭ । ସିନ୍ଧୁସମ୍ଭୂତ ଅସିତେତର ।—କର
ସହୋଦର ଉଚ୍ଚୈଃଶ୍ରବାର । ଶିଖି-ହାରକ ସେ ତୁରଙ୍ଗେ ଯାଇ । ସମସ୍ତଧରନ୍ଧୀକୃତ
ବିଜୟୀ । ଅନଳଲୋଚନ ନଳ । ବଳେ କରି ନିଜ ଷିତାନ୍ତପଦକୁ ସାର୍ଥକ କଲେ
କେବଳ । ୭୮ । ସୁର କରେ ଅରବିନ୍ଦ ଶୋଭଇ । ନୃପ ପାଣିରେ ପଦ୍ମ ଚିହ୍ନ ଶୋହି ।
ବେନିଏ ବିଜେ କରନ୍ତି ବାଜିରେ । ଏକ ବିରାଜନ୍ତି ଅପଣା କରେ । ଅରେକ ଗହଣ
ସାଦୀ । ନିଜ ଝବର୍ଯ୍ୟରୂପ ଭୂଲୋକ ଅଲୋକ ଦେଲେ ସୁଷମା ସମ୍ବାଦ । ୭୯ । ମହା
ବେଗବନ୍ତ ତୁରଙ୍ଗେ ରଙ୍ଗେ । ଅସେହି ମଣିଶ ଗମନ୍ତେ ବେଗେ । ଏକେତ ଅଙ୍ଗ
ନିନ୍ଦେ କୋଟି କାମ । ସେ ପୁଣି ସାଦୀ ବେଶେ ନିରୁପମ । ପ୍ରମୋଦେ ନଗର ନରେ ।
ସେ ଛବି ଲୋଭେ ନିମ୍ନକେ ରହିଲେ ଗୃହି ପୁତ୍ତଳ ପ୍ରକାରେ । ୮୦ । ସଦ
ଗତିକି ଯେ ଶିଖାଏ ଗତି । ସେ ବାଜିବରେ ଅରୋହି ଭୂପତି । କାନ୍ତି ତେଜରେ ଜିଣି
ଶଚୀପତି । ଦୁହିଙ୍କି ଦ୍ୱିଗୁଣେ କରଇ ସ୍ତୁତି । ପୁରୁଁ ବାହାରିବା ବେଳେ । ପୁରବାସୀ
ନରଙ୍କର ଦୃଷ୍ଟି ବୃଷ୍ଟି ହେଉଥିଲା ତାଙ୍କ ପରେ । ୮୧ । ବିଜୟ କରନ୍ତେ ନୃପତି
ରଙ୍ଗେ । ଗହଣ ସାଦିଏ ସମ୍ମୁଖ ଭାଗେ । ନବ ପଲ୍ଲବ ଶଲ୍ୟ କରେ ଧରି । କୃତ୍ରିମ-
ସମର-ଫରମ୍ପ କରି । ହେଉଥାନ୍ତି ହୁଙ୍କାହୁଙ୍କ । ମାର ମାର ବୋଲି କେ କାକୁ

ବୋଲଇ କେ ବୋଲେ ଅତଳ ଦେଖି । ୭୨ । କେତେ ବା ଏ କ୍ଷିତି ଅମୃ ଗତକ । ଶୁଖି ସାଗର ମରୁ ହୁଅନ୍ତା କ । ନିଜ ବେଗ-ଗର୍ବେ ଅର୍ବେ ଏମନ୍ତେ । ବଗୃର ଉଡ଼ା-ଇଲେ ଖୁର-କ୍ଷତେ । ଧରଣୀରୁ ଏତେ ରେଣୁ । ଯେ ପ୍ରାତ ମାନଙ୍କେ ସରତପତର କଣ୍ଟତେ ଯୋଡଲେ ତନୁ । ୭୩ । ହରର ଏକମାତ୍ର ପଦ ନଭେ । ବକ୍ରମି ଥିଲା ତ ଜାଣନ୍ତି ସର୍ବେ । ଅମ୍ଭେ ହର ହୋଇ ଗୃର ପଦ୍ମରେ । ତାହାକୁ ବକ୍ରମିବା କ ବଗୃରେ । ଏତର୍କ ହୁଅନ୍ତେ ହୃଦେ । ଲାଜେ ବାଜୀ କ ମୁଖ ଯୋଡ ସେଧୁଥିଲେ ଅତର୍କିତ ପଦେ । ୭୪ । ନରପତି ଗହଣ ସାଦା ଜନେ । ସରବେଶି ବନେ ବହାର ସ୍ଥାନେ । ଭ୍ରମଲେ ରୌଦ୍ରବେ ମଣ୍ଡଳାକାରେ । ତହିଁ ଏ ଭ୍ରାନ୍ତି ଉଭବ ଚିତ୍ତରେ । ଜନ ବଦନଙ୍କ ମାନ । ବହାର ପ୍ରଦେଶ ପ୍ରଦକ୍ଷିଣ କରୁଥିଲେ କ ସେ ସାଦା ଶ୍ରେଣୀ ॥ ନୃପଙ୍କ ଦ୍ୱିଷେ ଦଶ ଛନ୍ତି ଢେ଼ଇଁ । ଯଶକୁ ତ ସିନ୍ଧୁ ଗୋଷ୍ପଦ ହୋଇ । ଅଉ ଅମ୍ଭେ ଯିବା କେଉଁଣେ କାହିଁକ । ଏମନ୍ତ ବଗୃର ଅଣି ମତକ । ବାଜୀ ସଢ଼େ଼ ଗତ । ବରଜ ମଣ୍ଡଳ ଗତରେ ସେ ସ୍ଥଳୀ ଚକ୍ରପାଶ୍ୱେ କ ଭ୍ରମନ୍ତି । ୭୬ । ନିଜ ଅତଏବ ତଳ ସ୍ଥଳରେ । ନଳ ମହୀପାଳ ସ୍ୱକାହ୍ୱଶରେ । ମଣ୍ଡଳେ ବାଜକ ଭ୍ରମାଇବାର । ଦେଖି ପକାଇ ଥିବାରୁ ସମୀର । ଏବଯାଏ ଘୋଷେ ତାହା । ତା ବାର ନ ପାର ମିଛେ ବୋଲୁଥାନ୍ତି ଜନେ ବାତ୍ୟାବର୍ତ୍ତ ଏହା । ୭୭ । ତଦନ୍ତେ ଚିତ୍ତ ଶାନ୍ତି ପାଇଁ ନଳ । ପ୍ରବେଶିଲେ କ୍ରୀଡ଼ା କାନନ ସ୍ଥଳ । ପ୍ରବାଳରାଗପିଙ୍ଗଳ ସେ ବନ । ଘନ ଛାୟାରେ ଅତନ୍ତ ଶୋଭନ । ଘନଛାୟାସମପ୍ରଭ । ପ୍ରବାଳବନ୍ତ ସାଗରେ ଶୟନାର୍ଥେ ପ୍ରବେଶିଲେ କ ମାଧବ । ୭୮ । ପୁରବାସୀ-ନରଣ୍ଡୟଣ୍ଡ-ଗଣେ । ଗମୁଁଥିଲେ ନୃପ ଅନୁସରଣେ । ପ୍ରବେଶନ୍ତେ ବନେ ଅବନୀଧବ । ବନ୍ଧୁକୁ ବନ ଯାଏ ଛାଡ଼ଯିବ । ସ୍ମର କ ଏ ପ୍ରବଚନ । ଦୁଷ୍ଟ୍ୱଏ କଷ୍ଟି ହୋଇ ଫେର ଅଇଲେ ବନେ ନବେଶି ରାଜନ ।୭୯ ପୁଷ୍ପଫଳେ ଅତିଶୟ ମଞ୍ଜୁଳ । ସେ ଉପବନରେ କାନନପାଳ । ଅବନୀପାଳ ପୁର-ତରେ ରହ । ଅଙ୍ଗୁଳି ବଢ଼ାଇ ଦେଇ ଦେଖାଇ । କାନନ କମନୀୟତା । ରାଜନ ମନୁ କ୍ଷଣକ ପାଇଁ ଦୂର ଦେଲା କର ଆନଚନ୍ତା । ୮୦ । ପକ୍ଷୀ ପକ୍ଷବାତେ କମ୍ପିତତଳ । ପଲ୍ଲବପାଣିରେ ସ୍ଥାବର-କୁଳ । ଫଳ ଫୁଲ ବହ ମହୀପତକ । ଗ୍ରହଲେ ପାଦ୍ମେଷ୍ଟି ବାର ରତକ । ସ୍ୱଭବେ ବନ୍ଦୀକା ସେତ । ଅତଥିସତ୍କାରବେଭାର ତାଙ୍କର ଅଟଇ କୌଳକ ବ୍ରତ । ୮୧ । ଏ କାଳେ କୁତୂହଳେ ଭୂପାଳର । ଲକ୍ଷଣ ହୋଇଲା କେତକେ ମେଳ । ବକଚ ହେମପନ୍ନେ ଅଳକୁଳ । ସଞ୍ଚର ଦଶନ୍ତି ଅତି ମଞ୍ଜୁଳ । ହରବର୍କ୍ଷନଜନ୍ମତ । ଦଗନ୍ତରଳ ଦୁର୍ଯଶଭାର ଶିରପରେ ବହଲାର ମତ ।୮୨। ଗାଳ୍ପ-ଲଗା ଭାଲ୍ଲଶର କାମର । ଭେଦଲେ ଥରେ ତୁ ବରହ ଜର । ଏଣ୍ଟାରଲେ ଅସ୍ତ୍ର ଜୀବ ସହିତ । କଣ୍ଟକେ ଅତି କଷ୍ଟ ସ୍ୱଭବେତ । ଏଣୁ ଦର୍ପକମର୍ଦ୍ଦନ । ବଂଜିଛନ୍ତି ତୋତେ

ବିଦର୍ଭବନ୍ତ ଚତ୍ତେ ଏମନ୍ତ ନଳ ସ୍ୱଜନ । ୮୩ । ଅଗ୍ର ଅଟଇ ତୋର ସୂରୀ ପ୍ରକାର ।
ତହିଁରେ କାମ କାମୀଯୁଗଳର । ଅପଯଶପଙ୍କ ଯତନେ ସିଇଁ । ଲୋକ ସମାଜେ
ବିସ୍ତାର ଦାଅଇ । କଣ୍ଟକିତ ପନେ ତୁହି । କାମୀ-ହୃଦ-କାଷ୍ଠ-କର୍ତ୍ତନକୁ କରପତ୍ର
ପ୍ରାପ୍ତ ଯାଉ ହୋଇ । ୮୪ । ପ୍ରସୂନଧନୁନିସ୍ୟନ୍ଦ ମରନ୍ଦ । ଲାଗି ହେବାରୁ କରତଳ
ଆର୍ଦ୍ର । ତୋରକେ କାମ ଧୂଳିମାଟିକର । କର୍କଶମୁଷ୍ଟିରେ କାର୍ମୁକ ଧର । ଲାଖ
କରୁଛି ମୋ ତନୁ । ଯେଣୁ ସେ ଜାଣେ ନାହିଁ ମୋ ଆନଗତ ବିଦର୍ଭନନ୍ଦନା ବନ୍ଧୁ ॥
ଦୋହଦଧୂପିତ ଦାଡ଼ିମଦ୍ରୁମେ । ଫଳ ଓହଳିଛନ୍ତି ଫଳସ୍ତୋମେ । ତା ଗୃହିଁ
ନୃପତି ଚିତ୍ତ ସମ୍ଭବେ । ଦମୟନ୍ତୀସ୍ତନତୁଙ୍ଗତାଲାଭେ । ଘଟପଟଳ ନିଶ୍ଚୟ ।
ଅଧୋମୁଖେ ରହି ଧୂମ ପିଇ ଦେଇଛନ୍ତି ତପସ୍ୟାରେ ଲୟ । ୮୬ ।
କାହିଁ ନବ-କଣ୍ଟକିତ ଲତାରେ । ପାଚି ଦାଡ଼ିମ ଫାଟି ଶୋଭା ଧରେ । ସେ କ୍ଷତେ
ଅଶନ-ଆଶାରେ କୀର । ଦେଇଛି ଖଞ୍ଜି ବକ୍ରଚଞ୍ଚୁ ତାର । ତା' ଗୃହିଁ ଭଳନ୍ତି ନୃପ ।
ଏ କାମିନୀ-ମର୍ମେ ନିର୍ମମ ମଦନ ବନ୍ଧିଛି କିଂଶୁକସ୍ୱେପ । ୮୭ । ପଳାଶ ଦେଖି
ଭଳନ୍ତି ଭୂପାଳ । ପଳ-ଅଶନ୍ତୁ ଏ ନାମ ଏହାର । କାମର ସଖ ଏ ଅର୍ଦ୍ଧେନ୍ଦୁ ଶର ।
ବିରହୀ-ରକ୍ତେ ହୋଇଛି ଜର୍ଜ୍ଜର । ଦେଇଛି ଜାଟି କା ଅନ୍ତ । ଅଦ୍ୟାପି ମୂଳରେ
ମାଂସ ତା ଲାଗିଛି ଦୂରୁ ଦିଶେ ବୃନ୍ତବତ । ୮୮ । ଗନ୍ଧବହେ ହୋଇ ମନ୍ଦେ ଚୁମ୍ବିତ ।
ତନ୍ମରନ୍ଦେ ହୋଇଛି ନଚିତ । କଳଦଶନାବଳୀକ କଳିତ । ବିକାଶି ହସୁଛି
କମ୍ପି ଈଷତ । ଏମନ୍ତ ଲତାର ସଙ୍ଗ । ଦରମିଶ୍ରିତଆଦରଭରେ ନୃପ ନେତ୍ର କଲା
ତହିଁ ସ୍ଥିତ । ୮୯ । ପାନ୍ଥପତଙ୍ଗମହାଂସାରେ ରସି । ଥିବାରୁ ଅନଳପ ପାପରାଶି ।
ଭୁଷି ହୋଇଛି ଅଳିମାଳ-ଛଳେ । ଚମ୍ପା-କଳି ନୃପ ମାନସେ ବଳେ । ଆନ ଭାବନା
ଦଳାଇ । ମନସିଜ ପୂଜା ପାଇଁକି ପ୍ରଦୀପକଳ୍ପନା ଦେଲା ଖେଳାଇ । ୯୦ । ପୁଣି
ପୁଷ୍ପେ ବିରହୀଦୃଷ୍ଟିଘାତୀ । ପରାଗ ଗୃହିଁ ନୃପ ବିଦର୍ଭବନ୍ତ । ବିଭୂତିଭୂଷଣ ହରେ
ବଇର । ହୋଇ କୁସୁମଶର ସମ୍ଭର । ପେଷିଥିଲାତ ପୁରୁବେ । ସେ ଶମ୍ବର-ଭସ୍ମ
ଶରଫଳେ ଲାଗିଥିବା ଦେଖାଗଲା ଏବେ । ୯୧ । କରୁଣାସମ୍ଭାବକ ଯେ ବନରେ ।
ପିକ ବିରହୀପୁରଦୁର୍ଦ୍ଦଶାରେ । କୁହୁ କୁହୁ ସ୍ୱରେ ବର୍ଷିଯିବାରୁ । ଶ୍ରୋତା ମଧୁବ୍ରତ
ହୁଁ ହୁଁ ହୁଁ କରୁ । କୁସୁମ କର କମ୍ପାଇ । ଅନାସ୍ଥା ପ୍ରକାଶେ ସ୍ଥଳ-କମଳିନୀ ଦେଖି
ଦୁଃଖୀ ନରପାଇ । ୯୨ । କାହିଁ ବିଲୋକନ୍ତେ ରସାଳ-ଦ୍ରୁମ । ବହେ ନୃପଚିତ୍ତ
ଭୀତି ବିଷମ । ବିଗ୍ଭରଇ ମୋତେ ଏ ତରଜେ କି । ସେଟେଷ ଗୃହ ମୁକୁଳଅଙ୍ଗୁଳିଟି ।
ବ୍ୟାଜ ଏ ଭୃଙ୍ଗଝଙ୍କାର । ସେତଅଭ୍ରଷଦିକାଶର ଏ ପୂର୍ବପରୁଷକର୍କଶ ସ୍ୱର । ୯୩ ।
ଛନ୍ଦ ମନେ କାହିଁ ନୃପ ଦେଖନ୍ତି । କୋକିଳ-କୁଳ ବସି ଝରୁଛନ୍ତି । ଦ୍ୱିଜ-ଜାତି
ଯୋଗେ ହୁଅଇ ଭ୍ରାନ୍ତି । ଭବନ୍ତି ବେଷାରନ୍ତି ନେତ୍ରେ ଅତି । ବିଯୋଗୀ ଦମତି-

୨ ନୈଷଧ

ପ୍ରତି । ଷୀଣୁ ଷୀଣ ହୁଅ ମୂର୍ଚ୍ଛା ତାପ ପାଅ ବୋଲି ଶାପ କି ଦଅନ୍ତି ? ।୯୪। ଚମ୍ପକ କଳିକାରି ଚୂଳେ ଅଳି—। ମଣ୍ଡଳ ଭ୍ରମନ୍ତି ରଚି ମଣ୍ଡଳୀ । ତାଂ ଗୃହିଁ ଭାବନ୍ତି ନଳ ରାଜନ । ବିରହି-ବିବହି-ନିଧନଚିହ୍ନ । ସୂଚୁଛି ଧୂମକେତନ । ଉଡ଼ିଅଛି ଶୂନ୍ୟେ ହୋଇ ଏତେ ମନେ ଥାଇ ଯାଏ ଅପଘନ ।୯୫। ନାଗକେଶରେ ଭୃଙ୍ଗ ହୋଇ ସଙ୍ଗ । ମଣ୍ଡଳେ ଫେରଇ ପରାଗବର୍ଗ । ନୃପ ଚିନ୍ତି ଶିଳୀମୁଖଗଣରେ । ଦେଉଛି ଶାଣ କୁସୁମଶାଣରେ । ନିଷ୍ଠୁ କେଳିତପତି । ଫେଡ଼ ପଡ଼ୁଅଛି ଘର୍ଷଣଜନିତପ୍ରତପ୍ତ-ସ୍ଫୁଲିଙ୍ଗ ତତି ।୯୬। ଗୁଣ-ସ୍ପୃହାକୁ ଶିଳୀମୁଖ ବ୍ରାତ । ନୃପ-ଅଙ୍ଗବାସେ ହୋଇ ଲୋଭିତ । କୁସୁମୁଁ ବାହାରି ଝଙ୍କାର କରି । ଆସି ନୃପତି-ପାଶେ ଯାନ୍ତି ଫେରି । କୁସୁମଚାପ ତାଂ ଗୃହିଁ । ମୋ-ପରି ସାରରି ଲକ୍ଷ୍ୟଭ୍ରଷ୍ଟ ହେଲେ ବୋଲି ଲାଜେ ମଉଳଇ ।୯୭। ଅନିଳଲୋଳ-ପଲ୍ଲବ-କଣ୍ଟକ । ବାଜି ବିଷତ ହୋଇ ଅଙ୍ଗ ଯାକ । ଚନ୍ଦନ-ତରୁ ସୌରଭ ପ୍ରସରି । ଦଣ୍ଡ ବଦଣ୍ଡ ଯାଉଅଛି ପୂରି । ଏମନ୍ତ ଶ୍ରୀଫଳ ଫଳ। ବାର-ସ୍ତ୍ରୀକୁଚକୁ ଚିତ୍ତରେ ପକାଇ କଲା ନୃପକୁ ଅକଳ ।୯୮। ପୁଣି ଦେଖନ୍ତି ପାଟଳି ଲତାରେ । ସ୍ତବକ ପୂରିଛି ପୁଷ୍ପ ସମ୍ଭାରେ । ଯୁବକ ଯୁବତୀ-ଚିତ୍ତ-ଭେଦନ । ବିଷୟେ ସେ ପୁଷ୍ପ ଅତି ନିପୁଣ । ସାର କୁସୁମଚାପରି । ଇଷୁଧି ବିଗୁରି ନିଷଧ-ଅଧିପ ହୁଅନ୍ତି ଭୟେ କାତର ।୯୯। କାହିଁ ଅଗସ୍ତି ଦ୍ରୁମେ ନବ କଳି । ଶୁକ୍ଳିମାରେ ନିଶା ଈଶକୁ ବଳି । ଓହଳ ରହିଛି ତା ବିଲୋକନେ । ବିଚାରୁ ଥାନ୍ତି ମହୀପତି ମନେ । କୃଷ୍ଣପକ୍ଷେ କ୍ଷୟି ଛଳେ । ଗିଳିତଶଶାଙ୍କକଳାକୁ ଏ ଧୂମସ୍ୱର୍ଭାନୁ ବମେ କି ବଳେ ॥ ମୃଦୁଳା-ବ୍ରତତୀ-ତନୁ-ଲତାର । ଅଗ୍ର ନିହାର-ପ୍ରଚ୍ଛଦଅମ୍ବର । ଅବଳମ୍ବେ ଦୂର କରି ପକାଇ । ତାଂ କୁସୁମେ ରସି ଲୀଳା କରଇ । ମରୁତରି ଏ ସାତକ । ଗୃହିଁ ନେଇ ମୁଦ ବହନ୍ତି ଭୂପତି ମତିରେ ରତି ଗ୍ରାତକ ।୧୦୧। ଯାଂ କୋଳେ ଜନମି ହୋଇ ବିଶାଳ । ନିଜକୁଟିଳେ ହୋଇଛନ୍ତି ସଫଳ । ସେ ମହୀ-ମାତାକୁ କୃତଜ୍ଞ ପଣେ । ଫଳ-ନତଶିରେ ପାଦପ ଏଣେ । ନମିବାର ନୃପ ଗୃହିଁ । ଅଭିବନ୍ଦଲେ ଅନନ୍ଦେ ଦ୍ରୁମ ବୃନ୍ଦେ ଯେଣୁ ସେ ସୁଗୁଣଗ୍ରାହୀ ।୧୦୨। କେତକୀରଜରାଜିପିଶଙ୍ଗିତ । ଉପ-ବନାନ୍ତଳେ ଅତିକ୍ରମିତ । ପୁଷ୍ପ ମକରନ୍ଦେ ପୀୟୁଷୋପମ । ଦିବା-ଅଲୋକେ ମହା ମନୋରମ । ହେଲେହେଁ ଯେ ବନସ୍ଥଳ । ତାପୀ-ନୃପ-ହୃଦ-କୁମୁଦେ କୌମୁଦୀ ମୁଦ ନ ବହିଲା ତିଳ ।୧୦୩। ମଦନ କଲେହେଁ ଅତି କଦନ । ନ ଗଲା ନୃପତି ମୁଖୁଁ ଲାବଣ୍ୟ । ତଥାପି ଦଶେ ସେ ଶଶାଙ୍କ ସରି । ତାଂ ଗୃହିଁ ସେଷେ ନେଇ ଭକ୍ତି କରି । ସେ ମଦନ-ସଖା-ଦୂତ । କୁହୁ କୁହୁ ବୋଲି ଅମାକୁ ଡାକେ କି ଚନ୍ଦ୍ର ଏ ଚନ୍ଦ୍ର ନିପାତ ।୧୦୪। ପ୍ରବାସୀ ପଥିକେ ଗମନ୍ତେ ପଥେ । ମନ ତାଙ୍କ ମଜ୍ଜି ହୁଏ ମନ୍ମଥେ । ନାମୁଁ ଗୁଣ ବାର ମୂଳେ ବଣ୍ଣାମ । କରନ୍ତେ ତାଙ୍କ ଦୁଃଖ ବାର ଦ୍ରୁମ । ନବପଲ୍ଲବ

ପ୍ରସାର । ଅଶୋକ ନାମକୁ କରଇ କି ସାର୍ଥ ସ୍ମରଣର ପଥଁ ଠର । ୧୦୫ । କ୍ରୀଡ଼ାସର
ତୀରେ ତରଙ୍ଗ ବୃନ୍ଦ । ବାଜ ଜନମାନ୍ୟ-ମୃଦଙ୍ଗ-ନାଦ । ପରଭୃତେ' ଗୀତ ଗାବନ୍ତ
ଉଚ୍ଚେ । ପୁଚ୍ଛଟେକ ଶିଖୀ-ନର୍ତ୍ତକୀ ନାଚେ । ବନେ ମଧ୍ୟ ନୃପେ ଦେଖି । ପ୍ରକୃତ
ସଙ୍ଗୀତ ସେବଇ ପୁଷ୍ପଗନ୍ଧବନ୍ତ ନୃପେ ହେ କାହିଁ ସୁଖୀ । ନୃପଙ୍କ ସୁଗୁଣଗଣ ଘୋଷାଇ ।
କୋକେ ଶୁକେ ଦେଇଥାନ୍ତି ମେଲାଇ । ସେମାନେ ବନେ ବୃକ୍ଷଡ଼ାଳେ ବସି । ଭ୍ରମୁ-
ଥିଲେ ନୃପସୁଯଶରାଶି । ସୁସ୍ୱରଶାରିକା ସ୍ୱରେ । ଦ୍ୱିଗୁଣିତ ହୋଇ ସେ ଗୀତ ନିରତ
ହୋଉଥିଲା ନରବରେ । ୧୦୭ । ନାନା ସୁବାସେ ବାସିତ କାନନ । ମଧ୍ୟେ ଶୁକ-
ପିକ ଶାରି ଗାୟନ । ଶୁଣିଲେହେଁ ବାହ୍ୟ ଆନନ୍ଦ ବିନା । ହୃଦେ ତୋଷ ଲେଶ ନ
ଗଲା ଚିନ୍ତା । ସେ ନଳ-ମହୀପତିର । ଉଚ୍ଛୁଳେ ଦୁଃଖ ନିରତେ ଯହିଁ ତହିଁ କାହିଁ
ବା ସ୍ଥାନ ସୁଖର । ୧୦୮ । ସକଳ ଋତୁତ ସେ ବନେ ଫୁଲ । ତହିଁ ବିହରନ୍ତି ଅବନୀ-
ପାଳ । ତା' ଗୃହେଁ ଏମନ୍ତ ଆସେ ମତକ । ମିତ ମଧୁ ଭୁଲେ ରତିପତିଙ୍କ । ନିଜ
କେତୁ ଧରି କରେ । ଦ୍ରୁମ-ଆଳବାଳ-ଜଳେ କୁତୁହଳେ ଛାଡିବାକୁ ମନ କରେ । ୧୦୯ ।
ଏକାନ୍ତେ ବଲ୍ଲରୀବାଳୀ-ନୃତ୍ୟର— । ଗୁରୁ କୁସୁମଗୁରୁଗନ୍ଧଗୌରବ । ସମୀର
ମକରନ୍ଦଗନ୍ଧ ବାର— । ପ୍ରବାହେ ସଧୀରେ ସ୍ନାହାନ କର । ଧୀର ଧୀର ହୋଇ
ଆସି । ଦଣ୍ଡଧର ସେବା ସବଧିରେ ନିର୍ଭା କରିବାରେ ଗଲା ରସି । ୧୧୦ । ତହିଁ
ନୃପନେନ୍ଦ୍ର ଏକ ତଡ଼ାଗେ । ବନେ ଭ୍ରମୁ ଭ୍ରମୁ ପଡ଼ିଲା ରଙ୍ଗେ । ପୁଣି ମନ୍ଥନ ଉଦ୍ୟୋ
ସରସ୍ୱାନ । ପୂର୍ବସଞ୍ଚିତ ବର୍ଦ୍ଧିତ ରତନ— । ତକ ଯତନେ ଘେନାଇଁ । ସେ ତଡ଼ା-
ଗର ଗର୍ଭର-ଗର୍ଭେ ଲୁଚିଥିଲା ପରି ପ୍ରତେ ହୋଇ । ୧୧୧ । ହେଲେହେଁ ନୀରେ
ଯତନେ ବିଲ୍ୱନ । ଶେଷପୁଚ୍ଛକଚ୍ଛ-ସ୍ୱଚ୍ଛବଦନ । ଅଇରି-ବତର ରଦଶିଖର ।
ମୃଣାଳ-ଛଳରେ ବାରି ଉପର । ଫିଟି ବାରି ହୋଇ ଦିଶେ । ତଳଭୂମି ଭେଦ
ଥିବାରୁ ଅପରଅଶଙ୍କା ନ ରଖେ ଲେଶେ । ୧୧୨ । ବନ୍ଧା ହୋଇଛନ୍ତି ବାଟଏ
ତୀରେ । ପଡ଼ିଛି ତାଙ୍କ ବମ୍ଭ ସରନୀରେ । ନୀର ସହିତରେ ନାଚ ସେ ଛାଇ ।
ଯାଉଛି ସହସ୍ର ସହସ୍ର ହୋଇ । ଏଣୁ ଉଚ୍ଚୈଃଶ୍ରବା କୁଳ । ବୀଚକଶାଘାତେ ତହିଁ
ତରଛିଲା ପରା ଏ ଦିଶେ ମଞ୍ଜୁଳ । ୧୧୩ । ରାଜେ ବିକଚ ଶ୍ୱେତ-ସରସିଜ ।
ବସିଛନ୍ତି ତହିଁ ଅଳି-ସମାଜ । ମଧ୍ୟ ଦିଶୁଅଛି ତାର ଅସିତ । ତା' ଗୃହେଁ ନ ବସ୍ତୁ
ଛବ କେ ଚନ୍ଦ୍ର । ଏ ସାଗରେ ଶଶିରାଶି । ଆପଣା-କଳଙ୍କ କୋଳରେ ଅଦର
ଛଳେ ଉଠିଛନ୍ତି ଭାଷି । ୧୧୪ । ତହିଁ ସରୋଜିନୀ ଗୁଳୁ ହରତ । କମଳାଳୟ ସେ
ଉଦଧି ମତ । ରଥାଙ୍ଗେ ପୁଣି ଅତି ମନୋହର । ଅଛି ମୃଣାଳଶେଷନାଗ ତଳ ।
ଏଣୁ ଏଥି ସିନ୍ଧୁ ଲୁଚ । ନାହିଁ ବୋଲି ଯେହ୍ନେ କହେ କି କହିବା ତାହାକୁ ନ ଦିଶେ
ପାଖ । ୧୧୫ । ତରଙ୍ଗତରଙ୍ଗିଣୀମାନେ ଏଥି । ଆସି ମିଶୁଛନ୍ତି ଦିବସ ରାତି ।

ଅଳପବିକସିତକୋକନଦ—। କଳିକାକୁଳ ପ୍ରବାଳସମ୍ପଦ । ବନେ ଅବିର ଅଛନ୍ତି । କରି ବିସ୍ମୃର ସୁଧୀରେ ଧୀରେ ବାରେ ଏମନ୍ତ ଯେ ସେ କି ମତି । ୧୧୬ । ସିତା-ସିତ ମହାପଙ୍କଜବ୍ରାତ । ବିକଶି-ବାରି ଏ ନୁହଇ ଯତ । ଗର୍ଭେ ତ କାଳ-କୂଟ କଳାନିଧି । ବେନିଙ୍କି ଯତନେ ଅଛି ସମ୍ବାଧି । ତାଙ୍କ ଶୁକ୍ଳ ନୀଳ କାନ୍ତି । ନୀରଆବରଣ କାର୍ଯ୍ୟ ବା ବେଧିବ ତେଣୁ ଫିଟି ଦିଶୁଛନ୍ତି । ୧୧୭ । ଶୈବାଳ ବିକ୍ଷିପ୍ତ ତରଙ୍ଗବେଗେ । ତରଙ୍ଗ ତରଙ୍ଗ ହେଉଛି ରଙ୍ଗେ । ଏହା ଯେ ବୋଲେ ସେ ନଜାଣେ ନିଶ୍ଚେ । ସାଗରେ ବାଡ଼ବାଗ୍ନି ଥିବା ସ୍ୱଚ୍ଛେ । ଏ ସିନା ସେ ବହ୍ନି-ଧୂମ । କୁଣ୍ଡଳିତ ହୋଇ ଊର୍ଦ୍ଧ୍ୱକୁ ପ୍ରସରି ଦିଶୁଅଛି ମନୋରମ । ୧୧୮ । ସୂକ୍ଷ୍ମଦର୍ଶନେ କଣ୍ଟକାଭ ଅଙ୍ଗ । ମହା ଆମୋଦକୁ ପ୍ରକାଶି ବେଗ । ଶିଖରକୁ କରି ଶିଖି ମନ୍ଥର । ଏ କେ ନାଚୁଅଛି ନୀର ଉପର । ଗେଲେ ଗେଲେ ଧୀରେ ଧୀରେ । ଯାଙ୍କୁ ପଦ୍ମସନା କହିବେ ଅପୂର୍ବ ଦେଖି ନଥିଲାକୁ ନବେ । ୧୧୯ । ତୀର-ତରୁଙ୍କ ପ୍ରତିବିମ୍ବ ଜଳେ । ପଡ଼ି ନାଚୁଅଛି ତରଙ୍ଗ ତୁଳେ । ବୋଇଲେ କେ କପାଁ କରିବ ସତ । ଶୁଣିଲ୍ଲ ଉତ୍ତରୁ ଏତେ ଚରିତ । ନିଶ୍ଚେ ସେ ତର୍କିବ ମନ । ଗର୍ଭ-ଗୁପତ ମୈନାକ ପର୍ବତର ଏକା ଏ ପକ୍ଷକମ୍ପନ । ୧୨୦ । ଏମନ୍ତେ ସାଗର ଗୃହଭୂଷି ଗୈରି- । କାଶି କ୍ରୀଡ଼ାସରେ ସେ ଦଣ୍ଡଧାରି । ଦେଖିଲେ ହିରଣ୍ମୟ ହଂସ ଏକ । ହଂସୀ କଳ-ସ୍ୱନେ ହୋଇ ଉତ୍ସୁକ । ତା' ପାଶେ ଯାଉଛି ଧୀରେ । ଅଭୂତପୂର୍ବ ଏ ବିଚିତ୍ର ବିହଗେ ବିଲୋକି ବିସ୍ମିତ ହେଲେ । ୧୨୧ । ଚଞ୍ଚୁ ଚରଣ-ଯୁଗଳ-ଛଳର । କାମ ବିଜନିତ-ପ୍ରେମ-ଦ୍ରୁମର । ପଲ୍ଲବ-ଯୁଗ-ଯୁତ-ନବାଙ୍କୁର—। ପରିଏ ରକ୍ତ-ଲାଳସୀ ପ୍ରିୟୁର- । ପାଇକ ହୋଇଛି ଯେହ୍ନ । ବେଶି ବର୍ଣ୍ଣିବାକୁ ବସି ତାର ରୂପ ଆଉ ଭାଷା ନ ଦିଶଇ । ୧୨୨ । ନାହିଁ-ନଥିବା ରୂପବନ୍ତ ଖଗେ । ମର୍ତ୍ତ୍ୟ-ମହେନ୍ଦ୍ର ବିଲୋକନ୍ତେ ବେଗେ । ହୁହୁଁ ଦମୟନ୍ତୀ-ବିରହ-ଜାତ । ସନ୍ତାପ କ୍ଷଣେ ହେଉ ଅନ୍ତରିତ । ସେ ସ୍ଥାନ ବସିଲ୍ଲ ମାତ୍ର । ବଳେ ପ୍ରବଳ-କୁତୂହଳ ଚପଳେ ନିଜ ଅଧିକାର ଲୋଡ଼ । ୧୨୩ । ଅବଶ୍ୟମ୍ଭାବୀ ବିଷୟ-ନିକରେ । ବିଧାତା-ବିଧିକି କେ ରୋଧି ପାରେ । ହେଉଥିବ ତାର ଯେମନ୍ତ ଗତି । ଏ ବିଷ୍ଣନବାସୀ ପକ୍ଷୀ-ତତି । ବାତ୍ୟା-ବେଗେ ତୃଣବତ । ନିରୁପାୟ ହୋଇ ତାର ତୁଳେ ଧାଇଁଥିବେ ଏ କଥା ନିଶ୍ଚିତ । ୧୨୪ । ଏକାଳରେ ସେ ସରୋବର-ତୀରେ ।—ରତଶ୍ରମଜାତ-ଅବସାଦରେ । ଅତି ଅଳସରେ ମରାଳ ବର । ଶୟନ-ସୁଖ ସମ୍ଭୋଗେ ତତ୍ପର- । ହୋଇ ଏକପଦେ ରହି । ନିଦ୍ରାଗଲ୍ଲ ଗ୍ରୀବା ବୁଲାଇ ମସ୍ତକ ପକ୍ଷ-ସନ୍ଧିରେ ଲୁଚାଇ । ୧୨୫ । ନିଷଧାଧିପବଦନତେଜରେ । କାଞ୍ଚନ-ଅମ୍ବୁଜ ନିଜ ଓଜରେ । ହସଇ ଲାଜରେ ମୃଣାଳ-ଚୂଳେ । ଲୋଳ ରହିଅଛି ଜିବା ସଲିଳେ । ସଲିଳମଣ୍ଡଳେଶର । ବିଦ୍ରୁମଦଣ୍ଡମଣ୍ଡିତଗୁରୁହେମଗୃହର ସେ

ହଂସବର । ୧୨୬ । ଉତ୍ତର ବାଳବରୁ ମହାରାଜ । ମହୀତଳେ ଦେଇ ପଦସରୋଜ ।
ତଳ୍ପି ତ ଉପାନହ ରହିଅଛି । ନାଁ ଗୃହି ଚିତ୍ତକୁ ଏତେ ଅସୁଛି । ବନେତ ପଦ୍ମ
ପ୍ରବାଳ । ଛନ୍ତ ତାଙ୍କ ଭୁଲେ ଯୁଝିବାକୁ ଏକ ଲାଇଛ ବର୍ମ୍ମମଞ୍ଜୁଳ । ୧୨୭ । ଖେଳ
ଧରିବା-ଆଶାରେ ରାଜନ । ତନୁ ସଙ୍କୁଚିଇ ଦେଇ ବାମନ- । ଅବତାରର ସଙ୍ଗଗସି
ହର । ଧୀରେ ନିଃଶବଦେ ପଦକୁ ଗୃହି । ପାଶେ ହୋଇ ପରବେଶ । ଦୀର୍ଘବାହୁ
ବଶେ ଇଷତ ଦୂରରୁ ସ୍ୱକରେ ଧରିଲେ ହଂସ । ୧୨୮ । କଳେବରର କର ଲାଗିବା
ମାତ୍ରେ । ହେଲିକ ଧରା ବୋଲି ଚିନ୍ତା ଚିତ୍ତେ । ଉଡ଼ିଯିବା ପାଇଁ ଯତନ କରି । ଶେଷେ
ବନ୍ଧନୁଁ ନପାରି ଉଦ୍ଧରି । ନିରେଖି ନରେଶ କର । ମୋର ନିରୋଧକ ଏ ସିନା ବିଚାରି
ଦଂଶିବାର କଲା ସାର । ୧୨୯ । ନରେଶ କରେ ହଂସବର ଦେଖି । ବିହଙ୍ଗ-ବର୍ଗେ
ହୋଇ ଅତି ଦୁଃଖୀ । ଉଡ଼ ପଳାନ୍ତେ ତାଙ୍କ ପକ୍ଷବାତ— । ଘାତେ ସରଜାର
ଅନୁକମ୍ପିତ । ହୋଇଣ କରପଙ୍କଜ । ହଲାଇ ବାରେ କି ହେ ନରଶେଖର
ଏ ହଂସା ସ୍ୱତ ବରଜ । ୧୩୦ । ମହା ମନୋରମ ହେମମସ୍ୱଳେ । ବଞ୍ଚିତ
ହେବାର ଗୃହି ପଲ୍ଲଲେ । ଏଥି ଆଉ ରହି କି କାର୍ଯ୍ୟ ଅଛି । ଏମନ୍ତ
ବିଚାରି ଶିରୀ ମୂବୁଛି । ବଜେ କାହୁ ସରୋବରେ । ପାଦପଦ୍ମର ନୂପୁର
ବାଜେ କୂଳେ କଳହଂସ-ସ୍ୱନ-ଛଳେ । ୧୩୧ । ମର୍ଯ୍ୟାଦା ଲଙ୍ଘି
ଯାହାର ବିକ୍ରମ । ବିନା କାରଣରେ ନିର୍ଦ୍ଦୋଷ ଜୀବ । ହଂସଇ ରହିବାକୁ
ତାର ପ୍ରାଣ । କାହାର ଅବା ବଳଇ ମାନସ । ଏମନ୍ତେ ସ୍ୱନ-ବ୍ୟାଜରେ ।
ନିନ୍ଦି ଅବନୀ ବରଜ ନଭେ ଗଲେ ବିହଗେ ମହାରାଜରେ । ୧୩୨ । ଏଣେ
ପକ୍ଷୀକି ଧରି ମହୀପତି । ଗୃହି ତାହାର ହେମମୟ କାନ୍ତି । ପ୍ରଶଂସନ୍ତି ପକ୍ଷୀକୁଳେ
ଏହାର । ପରାଏ ନାହିଁ ନୋହିବ ସୁନ୍ଦର । ଏକାଳେ ତାହାକୁ ଗୃହି । ମାନସ-
ନିବାସୀ ସେ ହଂସ ଭାଷଇ କର ପଞ୍ଜରରେ ରହି । ୧୩୩ । ବୋଲେ ହଂସ ହେ
ବସୁନ୍ଧରାପତି । ବିଲୋକ ମୋର ହେମ-ପକ୍ଷତତି । ଲୋଭେ ତୁମ୍ଭ ଚିତ୍ତ ହେଲା
ଚଞ୍ଚଳ । ଧିକଧିକ ତାକୁ ସହସ୍ରବାର । ଏ ମୋ ପକ୍ଷ-କନକରେ । କେତେ ବା
କମଳୋଦୟ ସମ୍ଭବ ତବ କୋଷ ରତ୍ନାକରେ । ୧୩୪ । ମୋ ବିନାଶେ ଜୀବହତ୍ୟା
କେବଳ । ନୋହିବ ଏକା ବିଚାରି ଭୂପାଳ । ବିଶ୍ୱାସୁଁ ସିନା ତୁମ୍ଭ ଦରଶନେ । ନ
ଯାଇ ଶୋଇ ଥିଲି ମୁଁ ଏ ସ୍ଥାନେ । କଲେ ବିଶ୍ୱାସ ବଧର । ତାକୁ ଯେଯ ନାଶେ
ନୁହେ କସେ ନିନ୍ଦିତ ବୁଧେ ବୁଝି ବାରେ ବାର । ୧୩୫ । ସମରେ-ଉଭଟଭଟ
ପଙ୍କତି । ପଦେ ପଦେ ବିଶ୍ୱେ ପୂରିଅଛନ୍ତି । ଏ ହଁସା ରସ ନ ମେଣ୍ଟେ କି ତହିଁ । ହେ
ସାରକେଶରୀ ନିଷଧସାଇଁ । ତୁମ୍ଭ ବିକ୍ରମକୁ ଧିକ । ନିରାଶ୍ରୟ କୁପା-ପାନ ପତତ୍ରିରେ
ନାହିଁ ଯା ଦୟା ଲେଶେକ । ୧୩୬ । ଜଳଜାତ-ଫଳ-ମୂଳ-ନିବହ । ଖୋଜି ଲୋଡ଼ି

ମୁହିଁ ପାଳଇ ଦେହ । ମୁନି-ବୃତ୍ତିରେ ତ ବନ୍ଧେ ଜୀବନ । ନ ବନ୍ଧେ ହିଂସା କାହିଁ
କଦାଚନ । ଦଣ୍ଡଧାରୀ-ପଣ ମୋରେ । ପ୍ରକାଶ ଯାହା ତବ ପରି ପୃଥ୍ୱୀ ନ ନିମନ୍ତେ
କି ଲଜ୍ଜାରେ । ୧୩୭ । ଯୁକ୍ତି ଯୁକ୍ତ ଅତି-ପଟୁତ ଗିର । ଶୁଣି ନରେଶଙ୍କ ସେ
ହଂସବର । ଦେଇ ବୁଡାଇ ଲଜ୍ଜା ବିସ୍ମୟରେ । ତହୁଁ ତାଙ୍କ ଚିତ୍ତ ଦୟାସାଗରେ ।
ନିଜ କରୁଣ-କାହାଣୀ— । ତରଙ୍ଗିଣୀକି ତରଙ୍ଗାଇ ଅଣାଇଁ ଦେଲା ମିଶାଇ ସେକ୍ଷଣି ॥
ବେଳେ ହେ ବିଧି ତୁତ ସର୍ବଜ୍ଞାତା । ତୋତେ ଅଜଣା ଅଛି କେଉଁ କଥା । ବୃଦ୍ଧା-
ଜନନୀର ମୁଁ ଏକପୁତ୍ର । ନବ-ପ୍ରସୂତ ମୋ ସତୀ କଳତ୍ର । ଏ ଦୁହିଙ୍କ ଗତି ମୁହିଁ ।
ମୋତେ ଯା ମରଣ ଦେଉଛୁ ଜାଣିଲି ତୋ ହୃଦେ କରୁଣା ନାହିଁ । ୧୩୯ । ଏ
ମୋର ବନ୍ଧନ ବିପତ୍ତି ଦେଖି । ସଙ୍ଗ ସଖାଏ ହୋଇ ଅତି ଦୁଃଖୀ । ଫସାର ନିଜ
ଲୋତକ ତେଜିବେ । ପୁଣି କାଳବଶେ ପାଶୋର ଦେବେ । ଏକା ଗୋ ଜନନୀ
ତୋର । ପାଇଁ ନିରନ୍ତର ଦୁସ୍ତର ହୋଇବ ସୁତ-ଶୋକ-ପାରାବାର । ୧୪୦ । ମୋ
ପାଇଁ ମୃଣାଳ-ଭରେ ମନ୍ଥର । ପଡି ଅଛନ୍ତି ଆଉ କେତେ ଦୂର । ବାନ୍ଧବ ରୁ ପୁଛିଁ
ଏମନ୍ତ ବୋଲି । ଶୁଣି ତେଜିବେ ଖଗେ ନେତ୍ର ବାର । ତା' ତ ତୁ ଦେଖିବୁ ନେତ୍ରେ ।
ସେତେବେଳେ ତୋର ଚିତ୍ତ କି ହୋଇବ ଜୀବତ ଥିବ କି ଗାତ୍ରେ । ୧୪୧ । ସେ
ମୃଦୁଶୀତଳ ପ୍ରିୟା ଶରୀର । ନିର୍ମାଣିଛୁ ପରା ବିଧି ତୋ'କର । ସେ ବାଳା ତହୁଁ
ବିଯୋଗୀ ହେବାର । ଏ କପାଳ-ପଟା ନିଷ୍ଠୁର ଅକ୍ଷର । କେହି ଲିହିଲୁ ମୋ ଭାଲେ ।
ଏ ବିଶ୍ୱ ଫସାରେ କେହି ନିଦାରୁଣ ନ ଥିବେ ତୋହର ତୁଲେ । ୧୪୨ ।
ମୋ ସହଚର-ହଂସଙ୍କ ବଦନୁ । ଏ ମର୍ମଘାତୀ ବାର୍ତ୍ତାକୁ ସୁତନୁ । ଶୁଣି କି କି ହୋଇ
ଯାଉ ନ ଥିବୁ । ସରଳା ଅଙ୍ଗୁ ତୋର ସୁଖ ସବୁ । ଗୃହେଁ ଥିଲେ ଦଶଦିଶେ । ଶୂନ୍ୟ
ବିନା ଆନ ନୟନେ ତୋ ଧନ ତହିଁ ନ ଦିଶିବ ଲେଶେ । ୧୪୩ । ଲଭିଲି ଯେଉଁ
ଦାରୁଣ କଷଣ । ସଖା ମୁଖୁଁ ଶୁଣି ରେ ଜୀବଧନ । ଲଭିବୁ ଯେବେ ତୁ ଦଶମ ଦଶା ।
ଯିବ ମୋର ସବୁ ଆଶା ଭରସା । ବଞ୍ଚିବେ କି ଶିଶୁ ସୁତେ । ମଲଣିତ ମୁହିଁ ପୁଣିହିଁ
ରେ ସହି ଏ ବିହି ମାରିବ ମୋତେ । ୧୪୪ । ସେ ମୋ ଚିରକାଳ କାମନା ଫଳ
ଫଳି ନ ଥିଲା ତ ନେତ୍ର ତାଙ୍କର । ଅତି ବାଞ୍ଛିତ ସେ ସୁଧା ବିକଳେ । ଯାଉଥିବେ
ଗଡି କୁଲୟ କୋଳେ । ତୋ ବିରହେ ପ୍ରିୟ-ସତୀ । ଦରିଦ୍ର-ରତନ ସେ ମୋର
ନନ୍ଦନ ନିମିଷେ ବଞ୍ଚିବେ ନାହିଁ । ୧୪୫ । ଆହା ରେ ସ୍ୱତେ କର ଚୁଁ ଚୁଁ କାର ।
କାହାକୁ ଡାକିବ ଆଉ ଏଥର । କା ପାଶେ ଅବା କମ୍ପାଇବ ମଥା । ନ ଥିବ ତୁମ୍ଭେ
ଥିବ ତୁମ୍ଭ କଥା । ଏତେ ବୋଲୁଁ ଗଲା ମୋହ । ପୁଣି କ୍ଷଣକେ ଚେତିଲା ଅଙ୍ଗେ
ବାକୁଁ ନୃପ-ଲୋତକ-ପ୍ରବାହ । ୧୪୬ । ସେ ପ୍ରାଣବନ୍ଧୁ-ନଳ-ମହୀପାଳ । ଅବଲୋକି
ମରାଳର ବିକଳ । ସହି ନ ପାରି ବୋଇଲେ ହେ ହଂସ । ଯେଉଁ ଦଶକୁ ବହୁଛି

ମାନସ । ସେ ହେବେ ସାଜନେ ଚଳ । ରୂପ ଦରଶନେ ଯିବା ଧରଥିଲ ଇଚ୍ଛା ତ ପୂରଇ ମୋର ।୧୪୭। ଚକ୍ଷଗତରେ ସଙ୍ଗ-ବିହଙ୍ଗମେ । ଅସ୍ତୁଁ ତ ଉଡ଼ି ବୁଲୁଥିଲେ ବ୍ୟୋମେ । ହଂସ ମୁକ୍ତିକି ତାଙ୍କ ବକ୍ଷଗତ । ବହିଲା ଏବେ ନୃପଜନାଃସ୍ଥିତ । ତାଙ୍କ ନେତ୍ରୁ ଶୋକଜଳ । ପରିବର୍ତ୍ତେ ଆନନ୍ଦାଶ୍ରୁ ବୁହାଇଲା ନୃପେ ମୁକ୍ତ ଏ ନବଳ ।୧୪୮। କବିରାଜ-ରାଜ-ମଥା-ମୁକୁଟ—। ମାଣିକ୍ୟ ଶ୍ରୀହୀର ହୀର ପ୍ରକଟ । ମାମଣ୍ଡ-ଦେବୀ-କୋଳେ ଜିତେନ୍ଦ୍ରିୟ । ଶ୍ରୀହର୍ଷ ନାମେ ତାହାଙ୍କ ତନୟ । ବ୍ରହ୍ମଜ୍ଞ-ପଣ୍ଡି ଏ କାବ୍ୟ । ବିରଚିଲେ ଗୋପୀନାଥ ବଦନ୍ତି ଦୋଷ ନ ଦେଖିବ ଭବ୍ୟ । ୧୪୯ ।

ଦ୍ୱିତୀୟ ଛାନ୍ଦ ।

[ରାଗ—କାମୁକାମୋଦୀ ।]

ଶୁଣ ହେ ସୁଧୀରେ ସଧୀରେ ବିଧିରେ ରସ ଏ ଉତ୍ତରୁ । ଜଗତ-ପତି ପୁରୁଷୋତ୍ତମ ନଳ-ଭୂପତି-ଭୁଜରୁ ॥ ଲଭି ମୁକତି ସେ ହଂସ ଦ୍ୱିଜ ଅତି ହୋଇଲା ଉଷତ । ସେ କାଳ-ସମ୍ଭବ ତୋଷ ତା ନୋହିବ ବଚନେ ବ୍ୟକତ । ୧ । ଫୁଲାଇ-ଦେଇ ତନୁ-ରୁହ-ତତିକି ଅଙ୍ଗ ପୁଲକାଇ । ଝାଡ଼ି ହୋଇ ପଡ଼ୁଥାଇ ବାରମ୍ବାର ଗେଲାଇ ଗେଲାଇ ॥ ନେବାକୁ ଧରି ଧରାପତି-ଶ୍ରୀକରେ ଅଲଗ ପକ୍ଷକୁ । ସାଉଁଟି-ପକାଉ-ଥାଏ ତରତରେ ଧରି ଚଞ୍ଚୁକୁ । ୨ । ମୁକତି ଲଭିବା ମାତ୍ରକେ ଭୂପତି-ଭୁଜରୁ ଝଟତି । ଉଡ଼ିକରି ଅନ୍ତରୀକ୍ଷେ ପକ୍ଷୀ କୁଳାୟେ କଲା ଯାଇ ସ୍ଥିତି ॥ ବସି ତହିଁ ପକ୍ଷ-ସନ୍ଧି-ମଧ୍ୟ-ଦେଇ ଏକପଦ ଗୁଞ୍ଜି । ଶିର-କଣ୍ଡୂତି-ପିଣ୍ଡ ଦଣ୍ଡି ଖଣ୍ଡିଲା ନଖର ପ୍ରହାରେ । ୩ । ପକ୍ଷ-ବୃକ୍ଷ-ଦୁର୍ଗ-ଆଶ୍ରୟ-ବଶରୁ ଦୁଃସହ ବିଶେଷ । ଦେହ-ଦଂଶନ ବିଷୟେ ନିରୁପମ କୀଟ କୀଟ-ବଂଶ ॥ କଣ୍ଡୂତି-ପଣ୍ଡିତ-ପଟୁ-ଚଞ୍ଚୁପୁଟ-କୋଟି କୁଟି-ନବେ । କାଟି-ପକାଇ ଭୁଷ୍ଟାଇ-ଦେଲା ଅଙ୍ଗ-କଣ୍ଡୂତି ଯାତି ରେ । ୪ । ବସୁଁ ବସାରେ ଯାଇ ସେ ହଂସ ତାର ଦର୍ଶନ ଲାଳସେ । ସରୁଁ ସତ୍ୱର ଆସିଲେ ତା ପାଶରେ ଆନ ପକ୍ଷୀ-ବଂଶେ ॥ କର-ଗ୍ରହଣ-ବଶୁଁ ଜାତ ବିକୃତି ଅଙ୍ଗେ ତା ବିଲୋକି । ଶଙ୍କି ପଳାଇଲେ ଉଡ଼ି ସେ ଆକାଶେ ହୋଇ ଢକା ଢକି । ୫ । ପୁଣ ବସାରୁ ନିରେଖି କରେ ଉଡ଼ି-ଅଇଲା ସେ ହଂସ । ଅରକ୍ତ-ବର୍ଣ୍ଣୁ ଏ କୋକନଦ ବୋଲି ଭ୍ରମିଲେ ମାନସ ॥ ଶଇବଲଖ୍ୟତା ପଦ୍ମର ସ୍ୱଭାବ-ସିଦ୍ଧତ ଅଟଇ । କରପଦ୍ମେ ଭ୍ରାନ୍ତ-ଭ୍ରମର-ବୃନ୍ଦାକ୍ଷେ ସେ ଶୋଭି କି ନାହିଁ । ୬ । କରେ ଆସି ସେ ହଂସ ବସୁଁ

ନିବେଶ ହୋଇ କୁତୂହଳୀ । ବସୁରନ୍ଧ୍ର କାହିଁ କେବେହେଁ ଦେଖାତ ନ ଥିଲ ଏ ଭଳି ॥ ଧରିଥିଲ କଣ୍ଠକାଳ ବୋଲି କରେ ଗଳ୍ପ ଏ ଭରସି । ନୋହିଲେ କି ନୀଡ଼ୁଁ ଉଡ଼ି ଆସି ମୋର କରେ ଥାନ୍ତା ବସି । ୬ । ଏମନ୍ତେ ନୃପତି-ମତକ କୁତୁକ-ସରିତ ପତିର । ଅମୃତମୟ ଉର୍ମିରେ ନିମଜ୍ଜାଇ ସେ ମରାଳ-ବର ॥ ତରିବା ପାଇଁକି ଶ୍ରବଣ ଦୁହିଙ୍କି କଳଶ କରାଇ । କରଇ ବଚନ-ରଚନ ରାଜନ ବଦନକୁ ଚାହିଁ ।୮। ଅହେ କାମ-ଅଭିରାମ ନୃପ ଧର୍ମ-ମର୍ମ ସୁବିଜ୍ଞବରେ । ବିଚକ୍ଷଣ ନୃପେ ନିନ୍ଦ ନାହାନ୍ତି ମୃଗୟା ବେଗରେ ॥ କରି କରଗତ ମୋତେ ଯା ମୁକତ କଲ ମହୀପାଳ । ଏ ଦୟା-ଉଦୟ ଦେଲା କରି ତୁମ୍ଭ ଧର୍ମ ସମୁଜ୍ଜ୍ୱଳ । ୯ । ନିତ ନିବାସ-ବୃକ୍ଷକୁ ନାନା ବାଗେ ପୀଡ଼ନ୍ତି ଛନ୍ଦରେ । ଜାତି-ପ୍ରୀତି ତେଜି ଦୁର୍ବଳଙ୍କୁ ମୀନେ ଗରାସନ୍ତି ବେଗେ ॥ ମୃଦୁ ନିଷାଦ ତୃଣକୁ ମୃଗଚୟ ଅଦୋଷେ ଭକ୍ଷନ୍ତି । ଏଣୁ ମୃଗୟାରେ ଜୀବ ହିଂସି ଦୋଷୀ ନୁହନ୍ତି ଭୂପତି । ୧୦ । କହୁଛି ବହୁତ ଅପ୍ରିୟ ଗିରତ ତହିଁ ତବ ଚିତ୍ତେ । ସଞ୍ଜାତ ବ୍ୟଥାକୁ ହନାଗି ବାଞ୍ଛୁଛି ଏବେ ବାକ୍ୟାମୃତେ ॥ ପ୍ରଖର-ତାପରେ ପାଦପ ନିକରେ ସନ୍ତାପିତ କରି । ଶେଷେ ତାଙ୍କ ତାପ ହରଥାନ୍ତି ଅପ ଦେଇ ଯଥା ହରି । ୧୧ । ଅପେ ଉପସ୍ଥିତ ଅଯାଚିତ ହିତ ପଦାର୍ଥ ତ୍ୟକତ । କରିବା ହେ ନୃପ-ଶେଖର ତୁମ୍ଭର ନୁହଇ ଉଚିତ ॥ ଅପରିଚିତ ନୁହଇ ତୁମ୍ଭ ମୁଁ ତ ଦେଖୁଛତ ଶୁଚି । ମୋ ଦାନ ପ୍ରତି ଗ୍ରହିବାକୁ ତୁମ୍ଭଙ୍କୁ ସଞ୍ଚୁଛି ବରଣି ।୧୨। ସ୍ଥିର ନଭ ଚର-କୁଳେ ଜାତ ମୋର ତୁମ୍ଭେ ଧରାପତି । ଉପକାରକୁ ତୁମ୍ଭର ନାହିଁ ମୋର ଜାଣୁଛି ଶକତି ॥ ତଥାପି ତବ କରୁଣା-କଣା ଲଭି ଉଚ୍ଛ୍ୱସିତ ଚିତ୍ତ । ମୋ ନୁହଇ ଦୂର ତବ ଉପକାର ନ କରି କ୍ଷିତ । ୧୩ । ଉପକାରର ଉପକାର ତୁରିତ ନିଜ-ଅନୁରୂପେ । କରିବା ବିହିତ ଏ ବିଧି ନିଷ୍ଣତ ଲୋକହିତ ବ୍ୟାପେ ॥ ସେ ଉପ-କୃତର ଲଘୁ ବା ଗୁରୁତା ଉପକୃତ ଜନ । ନ ଘେନଇ ଚିତ୍ତେ ଯେଣୁ ଉପକୃତେ ନ ଥାଇ ତା ମନ ।୧୪। ପକ୍ଷୀ ହିନା ମୁଁ ଯୁକ୍ତ-ସହ ହୋଇବ କେହ୍ନ ମୋର ଗିର । ତଥାପି ଏଥିରେ ଯୁକ୍ତ ନୋହିବ କି ଶ୍ରବଣ ତୁମ୍ଭର ॥ ପକ୍ଷୀ-ବାଣୀ ବୋଲି ଯେବେ ଅନାଦର ହେବ ବା ମୋ ଗିରେ । ଘୋଷାଉ ଥାନ୍ତି ପୋଷି କପି ଯତନେ ତେବେ କାରେ ନରେ । ୧୫ । ଅଇହ-ନିକର-ଗିରେ ନାମ ଯାର ହୋଇଛି ସାର୍ଥକ । ଲଭିଛି ଜନ୍ମ ସେ ଭୀମ-ନାମଧାରୀ ବିଦର୍ଭ ନାୟକ ॥ ପଞ୍ଚ ପଟେଣ ବସୁମତୀ ଲଭିଯାକୁ ବାସବ-ପାଳିତା । ଅମରାବତୀକ ମତକ ନ ଅଣି ହାସ-ବିଷେ ରତା ।୧୬। ଅତି-ପ୍ରୀତି-ତଥ୍ୟ ବାଞ୍ଛା-ଯତିବର-ଦମନ-ପ୍ରସାଦେ । ସେ ବିଦର୍ଭ-ପତି ଭୀମ ଲଭିଛନ୍ତି ତନୟା-ସମ୍ପଦେ ॥ ଭୂତ ଭବିଷ୍ୟ ବର୍ତ୍ତମାନ ଏ ତିନି କାଳେ ତା' ସମାନ । ନାଗ-ନର-ସୁର-ପୁରରେ ଦୁର୍ଲଭ ବନିତା-ରତନ । ୧୭ । ଭୁବନ ସମୂହର ଅସୀମ-ସୁଷମାବତୀ ବାମାକୁଳ । ତା' ଶୋଭା ସମ୍ପଦ ତିଳ ତୁଲେ ତୁଳ ହୋଇ

ହେଲେ ଚିତ୍ତ ॥ କାମିନୀଙ୍କ କମନୀୟତା ଦମନ କରିବାରୁ ତାରି । ନାମ ଦମୟନ୍ତୀ ହେଲାକି ନୃପତି ମତିରେ ବିଚାରି । ୧୮ । ଗୁଣସାଗର ସେ ଭୀମ ନରବର ଏ ତାଙ୍କ ତନୟା । ଏଣୁ ନିଶ୍ଚୟ ରତ୍ନାକର ହୃଦୟ ଯେ କମଳାଳୟା ॥ ବୋଲିବ ବା ଦେଖି ନାହିଁତ ମୁଁ ତାଙ୍କୁ କଳ୍ପିବି କେମନ୍ତେ । ଦୂରେ ଥିଲେହେଁ ହରିଶିରଶଶିଙ୍କ କେ ନ ଜାଣେ ହାଟେ । ୧୯ । ଧୀର-ମଣ୍ଡଳମଣ୍ଡନଈଶ୍ୱର ଯେ ତ ତା’ ଚିକୁର-ଶୋଭା ! ବର୍ଣ୍ଣି ପାରିବାକୁ ବିଦଗ୍ଧଭଣିତେ କାହିଁ ଶକ୍ତି ଅବା ॥ ପଶୁ ଯାହାକୁ ପଛେ ପୁଚ୍ଛେ ରଖିଛି ଯେ ଚାମରଭାର । ଏ କେଶ-ତୁଲେ ତୁଳିବ ଅବା ସେହି ନାହିଁ ଜ୍ଞାନ ଯାର । ୨୦ । ବାମ-ଲୋଚନାର ବିଶାଳ-ଲୋଚନ-ଚାତୁରୀକି ଚାହିଁ । ଏଣଲକ୍ଷଣ ଭୟେ କ୍ଷଣେ ମୁଦ୍ରିତ କ୍ଷଣେ ବିକଶଇ ॥ ଯୁବକଣ୍ଠ ଯୁଗ ଛଳରେ ହରିଣ ବହି ବନ୍ଧ ଭୋଲି । କରୁଥାଏ ଅଭ୍ୟାସନା ତାକୁ ସିନା ଦେଇ ଦମ୍ଭ ଖାଲି । ୨୧ । ପିତୃ-ମାତୃ କୁଳ ନୟନ-ଯୁଗଳ ରମଣୀ-ସୁଗୁଣ । ଏ ଅଷ୍ଟ ସକଳ ସେ ଭୀମ-ଭୂପାଳ-ପ୍ରଜିର ଶୋଭନ ॥ ଶ୍ରୁତିଗାମୀତାରେ ଏତିକି କଥାରେ କେ କା’କୁ ନ ହାରେ । ଏଣୁ ଦମୟନ୍ତୀ ନିରୁପମା ଅଟି ରମଣୀସଂସାରେ । ୨୨ । ନେତ୍ର-ଚାତୁରୀକି ହାରି ସରସିଜ ଦିଶଇ ମଳିନ । ତିର୍ଯ୍ୟକ-ଜାତି ତ ହରିଣ ତା ନେତ୍ର ତହିଁକି ତୁଳନ ? । ଏକା ରହିଅଛି ଖଞ୍ଜନ ତା ଗର୍ବ-ଗଞ୍ଜନ ପାଇଁକି । ବାଳା କୁତୁହଳେ ଲୋଚନ-ଯୁଗଳେ କଜ୍ଜ୍ୱଳ ଲଗାଇକି ? ।୨୩। ଅଧର-ବିମ୍ବ ନାମ ଯାହା ବହଇ ସେ ନବୀନା-ଓଷ୍ଠ । ତହିଁ ଦୋଷଥିଲାପରି ତ ନୋହିବ କା’ ଚିତ୍ତେ ପ୍ରକଟ ॥ ମୋହିବ ତର୍କେ ଅଧର ବୋଲି ସିନା ବଦନ-ଛଦନ । ବୋଲନ୍ତେ ବିମ୍ବେ ଅଧର-ବିମ୍ବ ନାମ ଖ୍ୟାତ ତା ଭୁବନ ।୨୪। ଦିଶେ ଯା ଶଶାଙ୍କ-ଅଙ୍କରେ କଳଙ୍କ ସେ କି ସତେ ଶଶ । ସେ ବାଳୀ-ମୁଖ-ନିର୍ମାଣ ପାଇଁ ଭଲ ବିଧାତା ବିଶେଷ ॥ ନେବାରୁ ଖୋଳ ମଧ୍ୟରୁ ସାରତତ୍ତ୍ୱ ଖାତେ ଅଛି ହୋଇ । ସେ ଖାତ-ଗଭୀର-ତାମସକୁ ଶଶ ସିନା ଲୋକେ କହି । ୨୫ । ଅବା: ସେ ନାରୀ-ପୁରନ୍ଦରୀ-ବଦନ-ନିରଞ୍ଜନ ପାଇଁ । ଶଶଧର-ଛଳେ-ସୁଧା ବିଲେପିତ ସର୍ବ ଧରି ବିହି ॥ କଳଙ୍କ-ଛଳେ ଗୋମୟ ତହିଁ ତଳେ ରଖି ସଯତନେ । ଉଦୟ ଅସ୍ତ ବ୍ୟାଜରେ ଭ୍ରମାଉଛି ସଧୀରେ ଗଗନେ । ୨୬ । ସୁନ୍ଦରପଣ-ପରୀକ୍ଷା ବିଷୟରେ ସଚେତନ-ସମାଜ । ସେ ମୁଖକୁ ଯୋଖ ନୋହି ହାରି ରହିଛନ୍ତି ବହି ଲାଜ ॥ ଚନ୍ଦ୍ର ମସ୍ତକ ଉତ୍ତୋଳନ ଅଦ୍ୟାପି ତେଜି ସେ ନାହାନ୍ତି । ବିଚାରି ହେ ନରବର ନୁହେ କି ଏ ପରିଛନ୍ନ-ସତି । ୨୭ । ରତି-ପଞ୍ଚବାଣ-ବେନିଙ୍କ କମାଣ ତା ଭ୍ରୂଲତା ଦୁଇ । ବିଶ୍ୱ-ବିଜୟୀ ବିଚାରି ମାନସରେ ନିର୍ଭେ ଛନ୍ତି ରହି ॥ ତୁଳେ ତିଳଫୁଲେ ଉଚେ ନ ପାରିବେ ତା’ ଉଚ୍ଚ ନାସିକା । ସେ ପୁଷ୍ପାନଳର ତୁଣ-ବିଘାତକୁ ତୁମ୍ଭେ ଭଲ ଏକା । ୨୮ । ଜଳଦୁର୍ଗଚାରୀ-ମୃଣାଳ-ଚାତୁରୀ-ବଳିଛି ଯା ଭୁଜ । କବିଲୀଳା ଯା ଉଚିତ ନିର୍ବନ୍ଧ

ସର୍ବଜ୍ଞ-ସମାଜ ॥ ହେ ସାର-ଶିର-ମୁକୁଟ-ବରସାର ଏକା ତୁମ୍ଭ-ତୁଲେ । ଶୋଭିବ ସେ ହେମଗାତ୍ରୀ ଭୀମପୁତ୍ରୀ ସଙ୍ଗତ ଲଭିଲେ । ୨୯ । ଚତୁରାନନ ରୋମରେଖା ଛଳରେ ସେ ବର-ତନୁକୁ । ବେନିଭାଗ କରିଦେଲେହେଁ ସେ ନ୍ୟାଯ୍ୟ ନ ଆଣି ମନକୁ ॥ ଶଇଶବ ଯଉବନ ବେନିକାଳ ବିବାଦ ଭିଥାଇ ; ଏକ କି ଅପରକୁ ବୋଲଇ ତୁ ପଳା ଅଧିକାରୀ ମୁହିଁ । ୩୦ । ବରାଙ୍ଗୀ ଅଙ୍ଗରୁ ବହେ ଯେ ଅଗାଧ ଲାବଣ୍ୟ-ପ୍ରବାହ । ସେ ତରଙ୍ଗିଣୀରେ ମକର-କେତନ ଯଉବନ ଦ୍ୱୟ ॥—କରି ସଲିଳ ସନ୍ତରଣ ବିଳାସ ସହାୟ୍ୟ ପରିଏ । ସେହି ଉଚ୍ଚ ଦେଖ କୁଚ-କୁମ୍ଭ ବେନି ତାରି ଶୋଭାପାଏ । ୩୧ । କଳ-ସେ ତ ଜନକ ହେତୁ-ଦଣ୍ଡଜାତ-ତଣ୍ଡଭ୍ରମି-ଗୁଣ- । ଥିବାର ପଡ଼ିଲା ଏତେକାଳେ ଅପି ଜନଙ୍କ ନୟନ ॥ ଏ ବିତର୍କ ଏକା ଅପୂର୍ବ ମାନସେ ବିଲୋକି ବାଳର । କ୍ଷୀଣ-କଳସୁଁ ତଣ୍ଡାକାରେ ସୁଷମା-ଝର ଝରିବାର । ୩୨ । ଚକୁର-ଗୁରୁତା ତାର ବିଲୋକନେ ନୀଳକଣ୍ଠ ପକ୍ଷୀ । ପୁଚ୍ଛିତ ମୋ ତୁଚ୍ଛ ହେଲା ବୋଲି ଷଟ୍ମୁଖେ ଆଶ୍ରିଛନ୍ତି ॥ କୁମ୍ଭୀ-କୁମ୍ଭ-ଦଳା ସେ କୁଚ-କୁମ୍ଭର ଅରମ୍ଭ ଅନାଇଁ । ଭୟେ ଐରାବତ ପୁଲୋମଜାକାନ୍ତ-ଅଣ୍ଡା ନ ତେଜଇ । ୩୩ । କରେ ଧରି ବିଧି ନିର୍ମାଣିଲା ବେଳେ ସେ ବରାଙ୍ଗୀ ଅଙ୍ଗ । ଚତୁରଙ୍ଗୁଳ ଉଦରେ ଚପି ହୋଇ ରହେ ଚିହ୍ନଦାଗ ॥ ତହିଁ ତ୍ରିବଳୀ ତା ଉଦରେ ବିଳସେ ଅଙ୍ଗୁଷ୍ଠର ଚିହ୍ନ । ପୃଷ୍ଠପଟେ ବିହି ନିତମ୍ବ ଉପରେ ଦିଶଇ ଶୋଭନ ।୩୪। ଅବା କେ କୁତୁକୀ ପକାଇ ମୁଷ୍ଟିକି ମପିଛି ଉଦର । ହେମକାଞ୍ଚୀ ଅଙ୍ଗୁଳିୟକ ନିବହେ ଅତହିଁ ରୁଚିର ॥ ଅଙ୍ଗୁଳି ଚତୁର ସେ ମୁଷ୍ଟିର ଲାଗି ରହିଛି ଉଦରେ । ତାକୁ ବଳି ବୋଲି ବୋଲୁଛନ୍ତି କବି ନ ଜାଣିବା ନରେ । ୩୫ । ନିର୍ମାଣି ଅଛୁଁ ଏକଚକ୍ର ଶତାଙ୍ଗ ସବିତାର ଧାତା । ଚଳିକୁ ମନ୍ମଥ-କେତନର ତେସନ ଜାତ କରି ଚିନ୍ତା ॥ ପୃଥୁକ ବର୍ତ୍ତୁଳ ନିତମ୍ବେ ବାଳାର ଗଢ଼ିଛି ଯତନେ । ନୋହିଲେ ଏତେ ଗୁରୁତ୍ୱ କାହିଁ ତହିଁ ରହିହେବ ଅନେ । ୩୬ । ବିଶାଳ ଊରୁ-ଯୁଗଳତ ବାଳାର ମର୍ତ୍ତ୍ୟରମ୍ଭା-ଦମ୍ଭ । ଦଳିଛି ଅଛି ବଳି ଏକା ସ୍ୱର୍ଗର ରମ୍ଭା-ଶୋଭାରମ୍ଭ ॥ ନଳ-କୁବର-ତପଫଳ-ଯୁଗଳ-କୃତେ ସେ ରୁଚିର । ଏତ ସ୍ୱଭାବ-ସୁନ୍ଦର ଏଥୁ ନୃପ ଉଚ୍ଚ ମୀଚ ବାର । ୩୭ । ନିରବଧି-ରବି ସେବା-ସୁକୃତରୁ କମଳ-ଯୁଗଳେ । ଲଭିଛନ୍ତି ଦିବ୍ୟଗତି ସେ ପ୍ରମଦା ପୟର-ହେବାରେ ॥ ବିହି-ବାହନ ହଂସ କି ସ୍ୱ ପ୍ରେୟସୀ ତୁଲେ ତାଙ୍କ ପାଶେ । ଅପି ମଞ୍ଜୁଳେ କୂଜଇ କଣିନେଇ ଶ୍ରୋତାଙ୍କ ମାନସେ । ୩୮ । ପବନ-ସର ସରିତେ ନିତ ରସି ନିଶାରେ କମଳ । ନିର୍ବନ୍ଧେ ସମାଧି ବାନ୍ଧି ସାଧୁଅଛି ତପସ୍ୟା ଦୁଷ୍କର ॥ ଅନଜନମେ ସେ ଯେବେ ଦମୟନ୍ତୀ-ଶ୍ରୀପଦ ନୁହନ୍ତି । ତେବେ କିସ ଲାଭ-ଆଶାପାଇଁ ଶୀତ ଫସାରେ ତପନ୍ତି । ୩୯ । ସଲିଳଚର ବିହଙ୍ଗମ-କୁଳରେ ଜାତ ଯେଣୁ ମୁହିଁ । ସର-ସନ୍ଧାନରେ ବହୁ ଦେଶାନ୍ତରେ ନିରତ ଭ୍ରମଇଁ ॥ ଦିନେ ଦେଖିଲି ସୁନ୍ଦର-ପୁର-

ନଗରେ ସେ ଦମୟନ୍ତୀ କି । ଥିବା ନ ଥିବା ଉଦର ତାର ଜଣା ନ ଗଲା ମତରେ ।୪୦।
ଅମରପୁର-ମାର୍ଗକୃତ ଅର୍ଗଳ ନାହିଁ ମୋର କାହିଁ । ସେ ପୁରେ ମଧ ଦେଖିଛୁ ଦମୟନ୍ତୀ
ସମ କେହି ନାହିଁ ॥ ତେଣୁ ବିମୁହିଥିଲି ଏତେ ଚନ୍ଦ୍ରେ ତା ଅନୁରୂପେ ବର । ନ
ଘଟନ୍ତେ କାହିଁ ଥିଲେ ଥିବ ଅବା ବିଧାତା-ଚତୁର । ୪୧ । ବରପାଇଁ ତାର ଯୁବକ-
ସଂସାର ମନେ ମନେ ଲୋଡ଼ । ଏ ନୁହେ ଏ ନୁହେ ବୋଲି ଏକେ ଏକେ
ଦେଲି ସର୍ବ ଛାଡ଼ ॥ ତବରୂପ ଏବେ ଦରଶନେ ଭାବେ ତାର ବରପଣେ । ନୋହିବଟି
ଯେବେ ତୁମ୍ଭେ ନ ମିଳିବେ ବିଭୁବନେ ଜଣେ । ୪୨ । ସୁଚସ୍ମିତା ସେ ବିଦର୍ଭ-
ରାଜସୁତା ବନ୍ଧୁବନ ତଳେ । ଅବଲୋକନେ ଥିଲି କରି ସାର୍ଥକ ମୋର ବେଳତୋଳେ ॥
ପାଶୋରି ପକାଇଥିଲି ତା ଗୁରୁଭୁଷ ସମ୍ଭ୍ରମ-ପ୍ରଭାବେ । ତୁମ୍ଭ ଅସୀମ ମନୋରମ ରୂପ
ତା ସୁମରାଇଲା ଏବେ । ୪୩ । ଧରାଶିର-ଚମ୍ପା-ସ୍ୱର୍ଗ-ଦମୟନ୍ତୀ-ଚନ୍ଦ୍ରେ ଚତୁର୍ଭୁଜ ।
ଭାବ ଉପୁଜାଇବାରେ ତୁମ୍ଭ ରୂପ ସମର୍ଥ ହୋଇବ ॥ କନକବରନା ନବ-ନଗ୍ନନାର
ପୃଥୁ ପୀନସ୍ତନ ।-ଅସନ ଲଭିସିନା ଶୋଭା ଦଶଇ ମଣିମାଳା-ସେନ । ୪୪ । ସେ
ବରବରନା ନାଗରହୁ ବିନା ତୁମ୍ଭରୂପ ବ୍ୟର୍ଥ । ବଗୁର ମନ ବନ୍ଧ୍ୟଦ୍ରୁମେ ସୁମନ
ହୋଇ କେଉଁ ସାର୍ଥ ॥ ସମ୍ପଦେ ଅତୁଳ ଏ ମଞ୍ଜୁ-ମଣ୍ଡଳ କୋକିଳ କୂଜନ ।—ସୁଖର
ଏ ବନ ତା'ବିନା ରଜନ ନୁହଇ ଶୋଭନ । ୪୫ । ସୁରନାକର ଚନ୍ଦ୍ରନ ନୀରନ୍ତର
ଯାହାର ଲାଭାଳୁ । ନରବର ସିନା ତୁମ୍ଭେ ତ ସହଜେ ଲଭିବ ତାହାକୁ ॥ ଘନ-
ପଟଳରେ ପନ୍ଧୁତ ହୋଇଲେ ପିୟୂଷଦ୍ୟୋତ । କୁମୁଦଭାଗ୍ୟେ କୌମୁଦୀ କି ଘଟଇ
ବଗୁର ଭୂପତ । ୪୬ । ମୁଁ ଯିବ ଏବେ ସେ ଯେମାପାଶେ ଜବେ ତହିଁ ତୁମ୍ଭ ଗୁଣା-
ଗଣ ବଖାଣି ତା ହୃଦୟ ମଣିକି କଣିବ ବନ୍ଧନ ॥ ଏମନ୍ତ ପ୍ରକାରେ ମଜାଇ ଥିବ ମୁଁ
ତୁମ୍ଭରେ ତା ମନ । ପ୍ରାର୍ଥୀ ହେଲେହେଁ ବାସବ ସେ ଯେମନ୍ତେ ନୋହିବ ପ୍ରସନ୍ନ ।୪୭।
କାର୍ଯ୍ୟବିନା ଅଟେ ଧୀର୍ଯ୍ୟ ଆନବାଗେ ନ କହନ୍ତି ନିଜଗୁଣ । ଏଣୁ ବଚନ-ରଚନ-
ଛଟାକୁ ମୋ ଧିକ ପୁଣ ପୁଣ ॥ ଜାଣିଲେ ହେଲେ ଏକଥା ତୁମ୍ଭ ଚିତ୍ତ ବାରିବା
ନିମନ୍ତେ । ଆନ ଉପାୟ ନ ଥିବାରୁ ହେ ବୀର ଜଳପିଲି ଏତେ । ୪୮ । ସେ
ଦ୍ୱିଜରାଜର ଗିର-ସୁଧାଧାର-ଅତି ତୃପ୍ତିଭରେ । କରନ୍ତେ ଆକଣ୍ଠ ପାନ ସେ ରାଜନ
ବଦନୁଁ ମୋଦରେ ॥ ହୃଦ୍ଦ୍ୱାର-ଛଳେ ଇଷତ ସ୍ମିତରେଖା ଝଲକି ଦିଶିଲା । ଅମ ପ-
ସନ୍ତାପ-ଜାତ-ପିତ୍ତତେଜ ଚଳକେ ଲିପିଲା । ୪୯ । କର-କୋକନଦେ ପ୍ରମୋଦେ
ନିଷଧ-ଅଧିପ ମସ୍ତଳେ । ଶାମଳ ଶାମଳ କହନ୍ତି କୋମଳ-ବଚନ ସଲ୍ଲଳେ ॥
ସତ୍ୟ-ସୁଖକର-ଗିର ସମ୍ଭବର ଆକର ଯେ କଣ୍ଠ । ତହୁଁ ଜାତ ବାଣୀ ପକ୍ଷୀ-ତୋଷେ
ପୁଣି ହେବ କି ନିଅଣ୍ଟ । ୫୦ । ଭଷନ୍ତି ନୃପତି 'ଏ ତୁମ୍ଭ ଅକୃତ ତୁଳନା-ବିହୀତ ।
ସୌଜନ୍ୟ ପୂର୍ଣ୍ଣ ବଚନକୁ ତୁମ୍ଭର ସମାନ ନାହିଁତ ॥ ଯହିଁ ରୂପ ତହିଁ ଥାଏ

ଶୁଣ ଏହି ସାମୁଦ୍ରିକ-ବାଣୀ । ତୁମ୍ଭ ଦରଶନେ ପ୍ରତିପନ୍ନ ହେଲା ଅହେ ପକ୍ଷୀ ମଣି । ୫୧ । ସୁବର୍ଣ୍ଣମୟ-ଶରୀର-ଦରଶନେ ତୃପ୍ତ ମୋ ନୟନ । ସୁବର୍ଣ୍ଣମୟ ବଚନ ତର୍ହିଁ କଲ ହେଲା ଶୋଭି କର୍ଣ୍ଣ ॥ ନିରବଲମ୍ବନ ଗଗନେ ଯେମନ୍ତ କର ପକ୍ଷ-ପାତ । ନିରବଲମ୍ବନ ଜନେ ସାଧୁପଣେ କରୁଛ ତେମନ୍ତ । ୫୨ । ବିଷମ ସନ୍ତାପେ ସନ୍ତାପିତ ଅତି ହେଉଛନ୍ତି ନିତି । ମୋପାଇଁ ତୁଷାର-ଶୀତଳ-ମରୁତ ତୁମ୍ଭ ଉପସ୍ଥିତି ॥ ଧନିକ-ଜନ ପାଇଁକି ସିନା ଧନଲାଭ ନିରର୍ଥବତ । ନିର୍ଦ୍ଧ-ପ୍ରାପତ-ବିତ ଗୁଣି ବିଶ୍ୱରେ ଭେଟି ଗୁଣବନ୍ତ । ୫୩ । ତ୍ରିଭୁବନ-ଜନ-ମନ-ଉଚ୍ଚାଟନ-ନିମିତ୍ତ ମୃଗାକ୍ଷି । ଉତ୍ତଥ୍ୟ-ବତ ବୋଲି ମୁଁ ଅବ ଶତ ଶୁଣିଛି ହେ ପକ୍ଷୀ ॥ ଏବେ ତବଗିର ଶ୍ରୁତି-ପୁଟେ ମୋର କରନ୍ତେ ବସତି । ଦେଖିଲି ପ୍ରାୟେ ନେଣେ ସେ ସୁଗାତ୍ରୀଙ୍କ ହେଉଛି ପ୍ରତୀତ । ୫୪ । ଅଙ୍କିତ କେଉଁ ବିଷୟ ବା ଜ୍ଞାନଙ୍କି ଏ ବିଶ୍ୱ-ସଂସାରେ । ସେ ଯେବେ କାହାର ହୁଅନ୍ତି ସୁହୃଦ ଦଇବଯୋଗରେ ॥ ତେବେ ତା ନୟନ ଯୁଗଳ କେବଳ ମୁଖଶୋଭାପାଇଁ । ନେତ୍ର ନିକଟବର୍ତ୍ତୀ ସୂକ୍ଷ୍ମ-ଦ୍ରବ୍ୟତ ଦେଖି ନ ପାରଇ । ୫୫ । ରମ୍ୟତାର ଶେଷ-ସୀମା ନିରୁପମା ସେ ରମା ଚରିତ । ତୃପ୍ତି ମୋ ଶ୍ରୁତି-ବଦନକୁ ଶୁଦ୍ଧ ମଧୁ-ଧାରବତ ॥ ସ୍ମରାନଳକୁ ମୋ ହୃଦେ ଜାଳିବାକୁ ତା ବୃତ୍ତାନ୍ତ ମନ୍ତ୍ର । ଲୋକେ କହନ୍ତି ମୋ ଶୁଣି ଧୈର୍ଯ୍ୟ ହଜେ ଧିକ ଏ ଜୀବତ । ୫୬ । ତାର ବିରହ-ଜନିତ-ଦୁର୍ବହ-ଘୋର-ସ୍ମରାନଳ- । କବଳକୁ କଳେବର ମୋ ହୋଇଛି ଶୁଷ୍କ ତରୁବର ॥ କାଳ-କନ୍ଦର-ଦ୍ୱାରରୁ ଆସେ ବହି ମୃଦୁଳ ଅନିଳ । ତାକୁ ମଣଇଁ ମଳୟ-ବ୍ୟାଳ ବିଷ ଫୁତ୍କାର ପ୍ରକାର । ୫୭ । ମାସକୁ ମାସ ଏ ଶଶାଙ୍କ ଦିବସନିଶପାଶେ ଯାଇ । ତା ହୁତାଶବତ-ତେଜରୁ ନିବୃତ ଛଡ଼ି ଅଣିଥାଇ ॥ ସେ କନ୍ଦର୍ପକର ପ୍ରସାର ନଭର ଅଙ୍କରେ ବିହରି । ଧୃତକ ମୋର ନିପାତ ହେଲା ପ୍ରାପ୍ତ ଥାଏ ମୁଁ ବଗୃର । ୫୮ । କୁସୁମ ଗୃପର ସ୍ୱେପପନ୍ତ ଯେବେ ନୁହଇ ଅଶଛ । ନିଷ୍ଟୟ ତେବେ ସେ ବିଲତାଜାତସୁମନସଶ୍ରେଣୀ ॥ ତେମନ୍ତ ନୋହିଲେ ଏମନ୍ତ ସନ୍ତାପ ପାରନ୍ତା କି ଦେଇ । କ୍ଷଣକୁ କ୍ଷଣ ହଜାଇ ଦେଇ ଜ୍ଞାନ ମୋହ ଉପୁଜାଇ । ୫୯ । ଏ ଅପାର ମାର-ଶର-ତାପ-ଘୋର-ସାଗରେ ପଡ଼ିଛି । ନାହିଁ ମୋ ଆଶା ଭରସା ଅଛି କଛି ନମକ୍ଷି ଯାଉଛି । ଦଇବେତ ଆସି ମୋ ପାଶେ ପ୍ରବେଶ ହୋଇଛ ମରାଳ । ତରଣୀ ହୋଇ ତରୁଣୀ-ମଣିଦେଇ ମୋତେ ଉଣୀ କର । ୬୦ । ସ୍ୱଭାବ-ବଶେ ଇନ୍ଦ୍ରିୟଗଣ ଦ୍ରବ୍ୟ ଗ୍ରହିଲାର ପରି । ହୁଅନ୍ତି ସାଧୁ ସଜ୍ଜନ-ମାନେ ସଦା ପର-ଉପକାରୀ ॥ ମୋର ଉପକାର କର ଖଗବର ବୋଲି ଯା ବୋଲୁଛି । ତୁମ୍ଭଙ୍କୁ ଏ ପିଷ୍ଟ-ପେଷଣ ବିଧାନେ ନୁହେ ଆନ କିଛି । ୬୧ । ଗମନ କର ସାନନ୍ଦେ ପକ୍ଷୀବର ହେଉ ଶୁଭ ପଥେ । ତୁମ୍ଭର ଆମ୍ଭର ଭେଟି

ପୁନର୍ବାର ସମ୍ମୁଖୁ ଚୁମ୍ବିତେ ॥ ଦୁଃଖ ଦେଲ ମୋର ହୋଇବ ସଫଳ କାର୍ଯ୍ୟ ସମା-
ଧାନେ । ସମସ୍ତେ ସମସ୍ତଙ୍କୁ ପକାଇଥିବଟି ହଂସ ମୋତେ ମନେ’ । ୬୨ । ସତ୍ୟ
ପ୍ରସ୍ଫୁଟିତ-ଭାଷଣେ ଅମର-ଗୁରୁ-ସମସର । ସେ ନଳ-ଭୂପାଳ ଏମନ୍ତେ ମରାଳ-ବରେ
ବଦାନ୍ୟବର ॥ ପକ୍ଷୀର ନରବଚନେ ମନେ ଅତି ବିସ୍ମୟକୁ ବହି । ପ୍ରବେଶ ବନମାଳା-
ଗୃହେ ସେ ସ୍ୱନ କର୍ଣ୍ଣେ ବାଜୁଥାଇ । ୬୩ । ଏଥୁଅନ୍ତେ ରସ ଶୁଣ ସୁହୃଦ୍ଭୂତ ସେ
ହଂସ ସହିତରେ । ଦମୟନ୍ତୀ-ଦରଶନେ ସେ ହରସ-ସଫଳ-ଆଶାରେ ॥ ଭୀମ ମଣ୍ଡପତି
ପାଳିତ କୁଣ୍ଡିନପୁରେ ପ୍ରବେଶଇ । ଧୃତନାଗରୀ-ଶିର-ଫୁଲ-ପରାଏ ଯେ ତୋରଣ
ଦିଶଇ । ୬୪ । ପଥିକ ଲୋକର ଆଶା-ବଲ୍ଲରୀକି ସିଦ୍ଧି-ସୁମନସେ । ହସାଇ
ବାରେ କୁଶଳ ଅଛି ଜଳପୂରିତ କଳଶେ ॥ କଲ୍ୟ ଦରଶନ ପଥର ପଥିକ ସେ
ମରାଳବର । କରନ୍ତେ ଗମନ ଅନନ୍ତ-ଅଙ୍କରେ ଆପଣା-ପଥର । ୬୫ । ଉପବନ
ଶୋଭା ଦରଶନେ ଲୋଭୀ ହୋଇ ସେ ଆକାଶେ । ଗମନ୍ତେ ଇଷତ ଧୀରେ
ଲୀଳାଗତି ବରଚି ରଭସେ ॥ ଧରଣୀ-ନାରୀ ଫୁଲମାଳଗା-ଚଉଁରି-ମୁକ୍ତି-ପରକାର ।
ଦେଖଇ ରସାଳ-ପାଦପ ଦୋଳନ୍ତ ତହିଁ ଫଳମାଳ । ୬୬ । କାହିଁ ବା
ପଥରେ ତା ନେତ୍ର-ପଥରେ ପଡ଼ଇ ପର୍ବତ । ନଭସ୍ପର୍ଶି-ଶିର-ଧର-ଦନ୍ତୀ-ବଳ
ଶାବକେ ସେବିତ ॥ ଗୁଳ୍ମଲତା-ମଣ୍ଡି-ବୃନ୍ଦାବରେ ସ୍ଥଳ ନିବିଡ଼ ହୋଇଛି । ପଦ
ଗନ୍ଧେ ଶ୍ୱାପଦ-ସର୍ପାଦିଙ୍କ ଚିହ୍ନ ନ ଦିଶୁଛି । ୬୭ । ଦରଶକ-ଲୋକ-ହୃଦକୁ
କୌତୁକ-ସାଗରେ ବୁଡ଼ାଇ । ବେଳେ ବେଳେ ପକ୍ଷ ଗୁଡ଼ି ଅନ୍ତରୀକ୍ଷ-ବକ୍ଷେ
ସେ ଉଡ଼ଇ ॥ କେବେ ଅବା ଅତି ଊର୍ଦ୍ଧ୍ୱେ କରି ଗତି ନେତ୍ରକୁ ନ ଦିଶେ ।
କେବେ ବା ବିସ୍ତାରି ସ୍ଥିର-ପକ୍ଷ ଧୀରେ ସଞ୍ଚରେ ରଭସେ । ୬୮ । ଅତି ବେଗଗତି-
ବଶେ ତନୁ-କାନ୍ତି ଦ୍ୱିଗୁଣ ଝଲକେ । କସ ଆକାଶେ ସଞ୍ଚରେ ବୋଲି ବ୍ୟୋମେ
ଗୁହ୍ନିଁ ଥାନ୍ତି ଲୋକେ । ନୀଳ-ଅନ୍ତରୀକ୍ଷ-ନିକଷରେ ପକ୍ଷ-ହେମ କଷିବାର । ଭ୍ରାନ୍ତି
ତାଙ୍କ ଚିତ୍ତେ ଜନ୍ମାଇଁ ଚୁମ୍ବିତେ ଗମଇ ମରାଳ । ୬୯ । ଅତି-ବେଗ-ବଶେ ପବନ-
ପରଶେ ନା ପକ୍ଷ ଶବ୍ଦାରେ । ଜଳ-ପକ୍ଷୀଗଣ ସେ ନିସ୍ୱନେ ଶ୍ୟେନ-ନିପାତ-ଶଙ୍କାରେ ॥
ସଙ୍କୋଚି ଶରୀର ଖସନ୍ତି ସତ୍ୱର ଜଳରୁ ଜଳକୁ । ତିର୍ଯ୍ୟକେ ଏକ ନୟନେ ବଙ୍କ
ଦକ୍ଷ ଅନାଇଁ ଊର୍ଦ୍ଧ୍ୱକୁ । ୭୦ । ଅତି ଊର୍ଦ୍ଧ୍ୱପଥେ ଗମୁଁ ନ ଦିଶନ୍ତି ମଣ୍ଡଳେ
ତା ସ୍ଥଳ । ଗୃହ୍ନିଁ ନୟନେ ଗଗନେ ଦେଖିଁ ଜନେ ଗଲା ବୋଲି କାହିଁ ॥ ଟେଡ଼କରେ
ସେ ଲୋକଙ୍କ ଦୃଷ୍ଟିପଥ ଅତିକ୍ରମି ଥାଏ । ଦିଶ ଆକାଶ ଦର୍ଶକ-ହୃଦ ଭ୍ରମି ଏକା ଶ୍ରମି
ହୁଏ । ୭୧ । ଉଚ୍ଚ ସଞ୍ଚ-ଦ୍ରୁମମାଳେ ମନୋରମ ଅରଣ୍ୟ ବହୁତ । ପଡ଼ଲେହେଁ
ଦୃଷ୍ଟେ କାହିଁ ବିଶ୍ରାମ ସେ ନ କଲା କିଞ୍ଚିତ ॥ ନିଜ ଜାତିର ପତତ୍ରୀବ୍ରାତ-ବୁଲେ
ତଳେ ନ ସମ୍ଭାଷି । ଗଲା ଅତି ବେଗବଶେ ବ୍ୟୋମମାର୍ଗ ଜ୍ୟୋତିରେ ଉଲ୍ଲାସି ।୭୨।

କ୍ଷୋଣୀକୁ ସେ ପକ୍ଷୀ-ଚକ୍ଷୁ ଗଲା ଲକ୍ଷି କୁଣ୍ଡିନ-ନଗରେ । ପାଳିତ ଯେ ମହାରାଜଶ୍ରୀ-
ଭୀମସେନ-ଶ୍ରୀକର-ଯୁଗରେ ॥ ଅଟେ ସେ ରସାରସାର-ସୌନ୍ଦର୍ଯ୍ୟର ମଞ୍ଜୁଳ-ମଞ୍ଜୁଷା ।
ହସେ ସ୍ୱଚ୍ଛେ ଯାର ସୌଧକୁଳେ ତୁଳ ନୁହଇ କୈଳାସ ।୭୩। ଦନ୍ତ ପନ୍ତ ବିରାଜନ୍ତ
ସେ ନଗରେ ସ୍ଫଟିକ-ମନ୍ଦିର । କଳାନିଧି-ଫାଳ ପରେ ନିଷ୍କଳଙ୍କ-ଭଙ୍ଗିରେ ସୁନ୍ଦର ॥
ତା' ଗୃହଁ ଦର୍ଶକର ନେତ୍ର ଅଟକ ହୋଇ ଭ୍ରମଇ ସେ । ପତ ପ୍ରତ ବା ସୁଦତର
ସୁରତହାସ ସତେ କି ସେ । ୭୪ । ନୀଳମଣି-ବିନିର୍ମିତ ନରପତି-ନିଳୟ ବିଲୋକ ।
ଭାଳ-ନିପତିତ ଦଶା ନ ଭୋଗଇ କାର ଅକ୍ଷି-ପକ୍ଷୀ ॥ ଭାନୁ-ଭୟରେ ଭୂପତି-
ଅଣ୍ଡଚୟରେ ନିର୍ଭୟେ ତାମସ । ରହିଛି କି ସୁଖେ ସୃଷ୍ଟିରେ ନଶଙ୍କି ହେଲେହେଁ
ଦିବସ । ୭୫ । ଶୁଭ୍ର ଘାପ୍ରମଣିଗଣେ ଗୃହଶ୍ରେଣୀ ହୋଇଛି ନିର୍ମିତ । ଅଣପାଶର
ଅକାଶ-ସଙ୍ଗେ ମହୀ ସେ ତେଜେ ଶୋଭିତ ॥ ସିତ ଦିତେତର-ପକ୍ଷଭେଦ ତଳ
ମାନେ ତହିଁ ନାହିଁ । ସର୍ବ ତିଥି ନିଶୀଥିନୀରେ ଅତଥି ପୂର୍ଣ୍ଣିମା ହୁଅଇ । ୭୬ ।
ସୁନ୍ଦରୀଜନ ସ୍ନାହାନୁ ତନୁଚ୍ୟୁତ କୁସୁମ-ରଙ୍ଗରେ । ରଞ୍ଜିତ ବାପୀନୀର ନୁହେ ପ୍ରସନ୍ନ
ରଜନୀ-ଯୋଗରେ ॥ ଜୀବନଧନର ମନ ଅନଜନେ ଜାଣି ଗୃହୁବାଣୀ । ନ ଶୁଣି କଣି
ପୂହାଏ ଯଥା ନୋହୁ ପ୍ରସନ୍ନ ମାନିନୀ । ୭୭ । ନିଶିଥିନୀରେ ଥରେ ମାତ୍ର ନୀରବ
ହେଲାବେଳେ ସର୍ବ । ପ୍ରାଚୀର-କୂପ-କଷାବାସେ ହରେ ସେ ଯୋଗୀଜନ-ଗର୍ବ ॥ ବାହ୍ୟ
ବିଷୟୁ ଇନ୍ଦ୍ରିୟ ରୋଧି ମଧ୍ୟେ ତେଜ ସେ ଦେଖଇ । ମଧ୍ୟବର୍ତ୍ତି ଘାସ୍ତ୍ର-ନିକେତ-
ପଙ୍କ୍ତିରେ ଏ ତା ସମ ଶୋହ । ୭୮ । ସରସିରେ ଛାୟାଗତ ସୁରପୁର ଦିଶଏ ସେ
ପୁରୀ । ନିର-ପରିଖା ଅଙ୍କରେ ରହି ବହେ ଅମାପ ଗୃତୁରୀ ॥ ଅମର-ପୁର-ପ୍ରତିବିମ୍ବ-
ନିପାତ ହସ୍ତିରୁ ବଳକା । ଜଳଭଳି ବିଶେ ମଞ୍ଜୁଳ ତା ଚଉପଟରେ ପରିଖା । ୭୯ ।
ସେ ପୁରୀ-ଅଟ୍ଟାଳି-ଅଳି-ଚୂଳେ ଚଳେ ରୁଚିର କେତନ । ବାତେ ଅନ୍ଦୋଳିତ
ହେବାରୁ ସେ ତହିଁ ଲଭିଣ ତାଡ଼ନ ॥ ଗମନ୍ତ ଅପଣା ଛାଏଁ ଦେବ-ବିବସ୍ୱତ-
ତୁରଙ୍ଗମ । ଅନୂରୁ-ଅରୁଣେ ଗୃହନରୁ କ୍ଷଣେ ବିତରି ବିଶ୍ରାମ । ୮୦ । ଛିଡି ଗଲୁଁ
ତଳ-ହର୍ମ୍ୟେ ବିନିର୍ମିତ ଗୃହେ ତହିଁ ଛନ୍ତ । ତଳେ ମଣି ମଧ୍ୟେ ଧନ ଊର୍ଦ୍ଧ୍ୱପୁରେ
ନାରୀଏ ଶୋଭନ୍ତ ॥ ଏମନ୍ତେ ନାଗ-ନର-ସୁର-ପୁରର ସକଳ-ସମ୍ପଦ । ଉଦରେ-
ବନ୍ଧି ସେ ରାଜପୁରୀ ରଚେ ବ୍ରହ୍ମାଣ୍ଡେ ବିବାଦ । ୮୧ । ସୁଧା-ଧବଳିତ ଉତ୍ତୁଙ୍ଗ-
ଶିଖର ସଉଧ-ନିକର । ଶୋଭନ୍ତି ସେ ପୁରେ ଶଶଧର ଶିରେ ବହିଲା ପ୍ରକାର ॥
ଜଳଦ-ମାଳେ ଶିଖରୁଁ ତାଙ୍କ ତଳେ କଲାବେଳେ ଗତି । ଲଭନ୍ତ ସଉଧେ ଶଶାଙ୍କ-
ଶେଖର-ନୀଳକଣ୍ଠଭୂତ । ୮୨ । ବିବିଧ ପ୍ରକାରେ ପୁତ୍ତଳି-ନିକର ଭିତ୍ତିରେ ରାଜନ୍ତ ।
ମୁଖ-ଶଶାଙ୍କ ଶୋଭଇ ଏକା ତହିଁ ଶଶାଙ୍କେ ନାହାନ୍ତ ॥ ମନ୍ଦରଦରୀ-ଦ୍ୱାର-ଗୃହୀ
ହୁଅଏ ଅଜସ୍ର ଅସଂଖ୍ୟ । ଶଶକ-ବଂଶ ଥାଇ କାହିଁ ରହିବେ ଏତ ତାଙ୍କ ଭକ୍ଷ । ୮୩ ।

ପାତାଳ ତୁଲେ ଅମର-ପୁର ଭଲେ ନୁହଇ ସମାନ । ଏ ତ ଅନର୍ଗଳ-ଗତି-ତଥ୍ୟ-ବାଗ୍ମୀ-ନାରଦ-ବଚନ ॥ ସେ ପାତାଳ ଏବେ ଅତୁଳ ହେବାରୁ ଏ ପୁର ସହିତ । ଅଧୋଦେଶରେ ରହି ଅଧୋଭୁବନ ନାମେ ହେଲା ଖ୍ୟାତ । ୮୪ । ପ୍ରତି-ହଟ୍ଟ-ପଥେ ଘରଟ୍ଟ-ଘର୍ଘର ସୁବାସ ସହିତେ । ପଥିକ-ଲୋକ-ହୃଦକୁ ଆକର୍ଷେ ସାଦରେ ନିରତେ ॥ ଘନ ନିର୍ଘୋଷିତ ସର୍ବଦା ସ୍ୱପୁରେ ଯାନ୍ତେ ପେଷୁଥାଇ । ଘରଟ୍ଟବାଦେ ସ୍ୱରଭଙ୍ଗ ନୀରଦ ଗର୍ଜର ଘୋଷଇ । ୮୫ । ରତ୍ନ-ନିର୍ମିତ କପାଟ-ପୁଟ ପୁରୀ-ଦ୍ୱାରରେ ଝଟକେ । ତା' ଶୁହିଁ ଦର୍ଶକ ଚଉକୁ ଏ ଭ୍ରମ ଅସଇ ପଲକେ ॥ ମାନବଗଣ ଦୂର-ବସତି ଯୁବତୀ କୋଳୁଁ ନହ୍ୱଭଗେ । ଯହିଁ କପାଟ-ରକ୍ଷା ହେମ-ପ୍ରାକାର ମେରୁ କି ଅଲଙ୍ଘେ । ୮୬ । ଅସଂଖ୍ୟ ସବିତା-କାନ୍ତ-ମଣି-ବ୍ରାତେ ନିର୍ଘଟେ ନିର୍ମିତ । ପୁରର ସୁବର୍ଣ୍ଣ-ପ୍ରାକାର ଦିଶଇ ଅତି ଦୀପ୍ତିମନ୍ତ ॥ ଉଦୟୁଁ ଅସ୍ତ ପର୍ଯ୍ୟନ୍ତ ତରଣିର ବହ୍ନିଶିଖା ଛଳେ । ସେ ପୁର-ପ୍ରାକାର ହସେ ନିରନ୍ତର ବାଣାସୁର-ପୁରେ । ୮୭ । ବିପଣି ଶ୍ରେଣୀ ଅଛନ୍ତି ତହିଁ ଶୋହି ସମୁଦ୍ର ସମାନ । ବେଳା-ବାଲୁକା-କୂଳକୁ ତୁଳ ଏବେ କର୍ପୂରର ଚୂର୍ଣ୍ଣ ॥ ଅସଂଖ୍ୟ-କମ୍ବୁ-କପର୍ଦ୍ଦୀ-ମଣିଗଣେ ନିରତ ପୂରିତ । ଦ୍ରବ୍ୟ-ଗଣେ ନର୍ତ୍ତିତ-କରକର୍କଟେ ବିରାଜିତ । ୮୮ । ଗୃହ-ନିବହ-କୁଟ୍ଟିମେ ଶଶି-କାନ୍ତ-ରତ୍ନେ ବିରଚିତ । ଶଶାଙ୍କ-କର-ପରଶେ ଦ୍ରବନ୍ତି ସେ ନିରେ ସମ୍ପୂରିତ ॥ ଉଚ୍ଛଳିତ-ଜଳେ ସେ କାଳେ ଅମର-ସରିତ ଉଚ୍ଛଳେ । ପତିବ୍ରତା-ପର୍ଣ୍ଣ ପତିର ଉଲ୍ଲାସେ ଉଲ୍ଲସେ ସେ ଭେଳେ । ୮୯ । ଗନ୍ଧ-ଦ୍ରବ୍ୟ-ବିପଣିରେ ପ୍ରତିଦିନ ସାୟଂକାଳେ ତହିଁ । କୁଙ୍କୁମ-ବିକ୍ରୟ-ବିଥିକା-ନିବହ ଏମନ୍ତ ଶୋଭଇ ॥ ଦିବସଈଶ ଅସ୍ତ ଦଶା ଭଜନ୍ତେ ଅବଶିଷ୍ଟ କର । ନିରାଶ୍ରୟ ହୋଇ ଅଛନ୍ତି କି ରହି ଆଶ୍ରୟେ ଏହାର । ୯୦ । ବିକ୍ରୟ ହେତୁ ବାଢ଼ିଥିନ୍ତି ବଣିକେ ଆପଣ-ଗଣରେ । ବିଶ୍ୱ-ସଂସାରର ପଦାର୍ଥ-ନିକର ଅତି ଯତନରେ ॥ ହରି-ଉଦରେ ମାର୍କଣ୍ଡେୟ ସଂସାର ଦେଖିଲା ପରାୟେ । ତହିଁ ଦରଶକେ କିଛି ଜନ୍ତୁଲୋକେ ଛପାତ ନ ଥାଏ । ୯୧ । କରଇ ବିକ୍ରୟ କାହିଁ କେ ବଣିକ କେତାକୁ କସ୍ତୁରୀ । ବର୍ତ୍ତି-ସମାଜରୁ ଗନ୍ଧଲୁବ୍ଧ ମଧୁପେ ବାରି ନ ପାରି ॥ ଗୋଳେ ଗୁଞ୍ଜନ ନ ଶୁଭୁ ମୃଗମଦ ତୁଲେ ତୁଳେ ଅଳି । ଲୋଭ-ବନ୍ଧନଁ ସେ ତହିଁ ମଧ ଉଡି ନ ଯାଉଛି ଚଳି । ୯୨ । ବିବସ୍ୱତ-କାନ୍ତ-ମଣିରେ ନିର୍ମିତ ସରଣୀ ସେ ପୁରର । ବାସରଯାକ ବୈଶ୍ୱାନର-ତପତ ବହେ ବିକଳେ ॥ ତେଣୁ ନିଶୀଥରେ ପଡ଼ିତ ତୁଷାରେ ଶୀତଳ-ଗୁଣରେ । ନ ପାରଇ କରି ଜଡ଼ ପଥଗୃହ-ନରଙ୍କ ପଦ୍ମରେ । ୯୩ । ନିଶୀଥନାଥ-ରତନେ କାହିଁ ପଥେ ବନ୍ଧା ହୋଇଛନ୍ତି । ନିଷଧଈଶ-ଶୀଳତା-ସମ ଅତି ଶୀତଳ ଅଟନ୍ତି ॥ ଶଶାଙ୍କ-କର ପରଶେ ନୀରସ୍ରାବେ ହେଉଥାନ୍ତି ସିକ୍ତ କଳକାଳ ଭଳି ଅତପ-ସନ୍ତାପେ ନୁହନ୍ତି

ସେ ତପ୍ର । ୯୪ । ଫଣୀଭଣିତ-ଭାଷ୍ୟ-ଫକ୍କିକାପରି ସେ ପୁରୀ ଦୁର୍ଗ୍ରହ । ହେବାରୁ ଅତଏବ କି ଶତ୍ରୁ ବିଚାରି ଏମନ୍ତ ଉପାୟ ॥ ବିରଚି ଯାଇଛନ୍ତି ତାକୁ ବନ୍ଧନୀ ମଧ୍ୟେ ରଖିଦେଇ । ପୁର-ଚତୁର-ପାରୁଶର ପରିଖା ସେ ଏବେ ବୋଲାଇ । ୯୫ । ମୁଖ ଚକ୍ଷୁପାଣି-ପାଦଛଳେ ଯେଉଁ କୁଶେଶୟ-ଚୟେ । ଅଧର ଅଗାଧ ନିର୍ଭରି ଚମ୍ପକ କଳିକା ନିଚୟେ ॥ ଭୀମ-ଭୂପାଳ-ବାଳିକା ଦମୟନ୍ତୀ ମଦନ-ପୂଜାରି । କୁସୁମ-ସ୍ରକ ସମ ଯହିଁ ରାଜଇ କି ବର୍ଣ୍ଣିବ ତାରି । ୯୬ । ଘନ-ଜଘନ-ପୀନସ୍ତନ-ଭାରରେ ଶ୍ରାନ୍ତା ହେତୁରେ । ନ ପାରି ବିହରି ଅପ୍ସରାଏ ନିବସନ୍ତି ଆକାଶରେ । ଧରା ଆଶ୍ରୟ କରି ରହିଅଛନ୍ତି ଏମନ୍ତ ମତିକି ଆଣିବ ସେ ଯେ ଦେଖିଥିବ ଭୂପତି-ପୁତ୍ରୀ-ବୟସୀଙ୍କି । ୯୭ । ଅତି ଚିତ୍ରମୟୀ ସେ ପୁରୀ ରାଜଇ ସକଳ ବର୍ଣ୍ଣରେ । ବ୍ରହ୍ମ-ସନ୍ନିବିଷ୍ଟ ରକ୍ତ-ପୀତ-ଶ୍ୱେତ-ହରିତ-ଭେଦରେ ॥ ଅନବରତ ତ ବିବିଧ-ନିସ୍ୱନ-ନିବହେ ମୁଖର । ଏଣୁ ସ୍ୱରଭେଦେ ନାନାର୍ଥ-ସମ୍ପଦ କରଇ ପ୍ରଚୁର । ୯୮ । ମାଣିକ୍ୟମୟ ନିଳୟଚୟ ତହିଁ ଦିବସେ ଭାସ୍ୱତ- । ସମାଗମ ଲଭି ସେ ପ୍ରଚଣ୍ଡ-ତାପେ ହୋଇ ସନ୍ତାପିତ ॥ ନିଜର ଲୋହିତ-ଆଭାରେ ରଞ୍ଜିତ-କେତୁ-ଜିହ୍ୱାଗ୍ରଳ । ନିଶାରେ ଲିହନ୍ତି ଶଶାଙ୍କକୁ ଏତ ସୁଧାକର ବୋଲି । ୯୯ । ଦିବସେ ଦିବସ-ଈଶ-କରପାତେ ତୃଷାର୍ତ୍ତ ବିଶେଷ । ସେ ପୁର-ନରବରଙ୍କ ପଦ୍ମରାଗ-ନିର୍ମିତ ନିବାସ ॥ ହେବାରୁ କି ରଜନୀରେ ସୁଧାକରେ ବିଲୋକି ଉପରେ । ସ୍ୱ ଆଭା-ଜିହ୍ୱାରେ ଲିହେ ପାଣ ହେତୁ ନ ବଢ଼ାଇ କରେ । ୧୦୦ କଳାନିଧି-କୋଳ-କଳଙ୍କ ନିଶାରେ ସେ ନଗରପୁର- । ଶିଖ-ପୀତ-କେତୁ ସଙ୍ଗ ଲଭି ବଳୟିଭୂତ ଶେଖର ॥ ପୃଷ୍ଠରେ ଶୟନକାରୀ ପୀତାମ୍ବର-ଶ୍ରୀଧର-ଗୃହତୁସ । ଶ୍ୱେତଏ-ନିଶୀଥେ ନିଶ୍ଚିନ୍ତରେ ଧରା ନ ପଡ଼ିବ ବୋଲି । ୧୦୧ । ସଦା ବେଦପାଠ-ମୁଖର ଚତୁର ବଦନେ ବିଧାତା । ନିଷେଧେଁ ଗାଧି-ତନୟର ଅପରସ୍ୱର୍ଗ-ରଚ୍ଚକଥା ॥ ସେ ଅର୍ଦ୍ଧ-ନିର୍ମିତ-ଅମର-ପର୍ବତ-କେତୁ- ତତି-ଛଳେ । ସେ ପୁର-ପ୍ରାସାଦ-ଚୂଳେ ଚକ୍ରଥାଏ ନ ପଡ଼ି ଭୂତଳେ । ୧୦୨ । ବିମଳ-ନୀଳମଣି-ମେଳେ ନିର୍ମିତ-ଭୂପାଳ ନିଳୟ ।-ସ୍ଫୁରିତ-ପ୍ରଭାରେ ଅନାବିଳ ନୀଳ ଦିଶି କେତୁଚୟ ॥ ଦିବସେ ଦିବସ-ଈଶ-ଅଙ୍କଦେଶେ ଲୋଟି ନାନାଭଳି । ଖେଳ-ବିହେଳା ବାଳିକା-କାଳିନ୍ଦୀର ବିହନ୍ତି ସୁତୁସ । ୧୦୩ । ତହିଁ କାମିନୀଏ ନିବିଡ-ବିମାନେ ପତି-କେଳିପୁରେ । କେଳନ୍ତି ସ୍ୱଚନ୍ଦ୍ରଶାଳାପୁର- ଚୂଡ଼େଁ ଲେଶକେ ତୋଷରେ ॥ ନପଡ଼ୁଁ ନିମେଷ ପ୍ରାଣେଶ-ଆବାସ ପ୍ରବେଶ ହୁଅନ୍ତି । ଦର୍ଶକଙ୍କ ଚିତ୍ତେ ଜନ୍ମାଇ ନିରତେ ଅପସରା-ଭ୍ରାନ୍ତି । ୧୦୪ । ଦମୟନ୍ତୀ-କେଳି-ଶୈଳ-ମରକତ-ଅଂଶୁମାଳ ରଜ । ବ୍ରହ୍ମାଣ୍ଡ-ଊର୍ଦ୍ଧ୍ୱ-ଫାଳ ବାଧା-ଭଙ୍ଗରେ ନୁଆଇଁ ମଉଳ ॥ ଉତ୍ତାନେ-ଶାୟିତ-ସୁରଗାଭୀ-ବ୍ରାତ-ବଦନେ ପ୍ରବେଶି । ଗୋଗ୍ରାସ-ପ୍ରଦାନ-ବ୍ରତ-ସୁକୃତରେ ପୂରେ ଆନ୍ତ ଭୁଷି । ୧୦୫ । ସେ ରାଜ-ଦୁହିତା

କେଳିବନେ ମିଳି ମରାଳ ଚପଳେ । ଦେଖଇ ତରୁଙ୍କ ଆଳବାଳ ବନ୍ଧା ଶଶିକାନ୍ତ ଶିଳେ । ଅସ୍ତ-କର ବାଜି ସ୍ୱେଦେହ-ନିସୃତ-ନୀରେ ସେ ପୂରିତ । ଅନ ଜନଙ୍କର ସେଚକା-ନୀରଦାନ ତହିଁରେ ବ୍ୟର୍ଥ । ୧୦୬ । ଏକାଳେ ସେ ହେମ-ହଂସ ନିରୁପମ-ସୁନ୍ଦରୀ-ସଜନୀ--। ଜନେ ପରଭୃତା ଭୀମଭୂପ-ସୁତା ବିଲୋକବାଞ୍ଛିଣି ॥ ମଣିଲା ମନେ ଏ ଉପବନ-ନିଭେ ବିରଚଇ ଖେଳା । ତାରକା ତତି ସଙ୍ଗତି ଲଭି କବା ନବ ଶଚିକଳା । ୧୦୭ । ଏତେ ବିଗୃର ମଣ୍ଡଳ ଗତିକରି ଆକାଶେ ଭ୍ରମେ ସେ । ଅବତରିବାର ସ୍ଥାନ ଉପବନେ ହେଜଣ ମାନସେ ॥ ମଣ୍ଡଳେ ଭ୍ରମୁଁ ମରାଳ ନିଭେ ତାର ତନୁ-ସ୍ୱର୍ଣ୍ଣପ୍ରଭା । ଦମୟନ୍ତୀ-ମୁଖ-ଶଶୀ-ପରିବେଶପରି ଦିଶେ ଶୋଭା । ୧୦୮ । ସେ ବନିକାରେ ଅବନୀପତି-ସୁତା ସହଚରୀ ମେଳେ । ଖେଳଇ ସେ ଶୋଭା କହିଁ ଲୋଭି ହଂସ ମାନସରେ ଭୁଲେ ॥ ନନ୍ଦନ କାନନେ ଏମନ୍ତ ଆନନ୍ଦେ ପୁଲୋମଦୁହିତା । ସମ୍ଭୋଗ ପାଇତ ନଥିବ ହେଲେହେଁ ଅପ୍ସରୀ ସେବିତା । ୧୦୯ । ଶ୍ରୀହର୍ଷ-ଶଶି-ଭାରତୀ-ଅଂଶୁରାଶି ପ୍ରକାର ଇଚିତେ । ଉଛୁଳାଇଛି ଗୋପୀନାଥ-ଆନନ୍ଦ-ସରିତ-ଦୟିତେ ॥ ଯାଚିବା-ଭାଜନ ନୁହେ ସେ ବିବୁଧେ ସେବିନଲେ ସେବିନିବ । ସୁଧା-ସ୍ୱାଦ ଚାଖି ମୁଖକୁ ଏ ସିନ୍ଧୁ-ନୀରକି ତୋଷିବେ । ୧୧୦ ।

ତୃତୀୟ ଛାନ୍ଦ ।

ରାଗ—କଲ୍ୟାଣ ।

ଅବତରଣର ସ୍ଥାନ ମାନସରେ ସ୍ଥିରକରି ସେ ହଂସବର ।
ପକ୍ଷ ସଂକୋଚିଇ ରଭସେ ଖସଇ ବିରଚି ଗଗନମଣ୍ଡଳ ।
ନିବେଶ ଦେଶ, ଲକ୍ଷି ପକ୍ଷ ବିସ୍ତାରି ।
କମ୍ପାଇ ବାରଦ୍ରୁମ ଦମୟନ୍ତୀର ପାଶେ ପରଶେ ବସୁନ୍ଧରୀ । ୧ ।

ପିଞ୍ଛହେଉ ପକ୍ଷ-ପୁଟେ ଷିତି-ବକ୍ଷ-ଦେଶ ଆକସ୍ମିକ ଶବଦ । ସମୁଦ୍ର ଭୂବ-ବକ୍ଷଭି-ତନୟାର ମତି କରିଦେଲା ସ୍ତବଧ । ସୁଜନେ । ଅନେ ଯେଣୁଥିଲା ସେ ରସି । ଏ ଅତର୍କିତ ଶବଦେ ତା ଚିତ୍ତ ଚମକି ତେଣୁ ଗଲା ଲସି । ୨ । ସଙ୍ଗ-ସଜନୀଜନଙ୍କ ନେତ୍ର-ତତି ରତି ନିଜ ନିଜ ଦ୍ରବ୍ୟରୁ । ବଚନ ନଷ୍ଟିଗଲା ସେ ବାଜିରାଜ-ହେମଗରୁତ-ଦର୍ଶନରୁ । ସୁଜନେ । ହଂସର ନିରୁପାଖ୍ୟ ରୂପ । ବ୍ରହ୍ମବତ ହୋଇ ସମ୍ପୁଙ୍କ ଅକ୍ଷିକି ଦେଲା ସୁର ଯୋଗୀ-କଳାପ । ୩ । ନିକଟଗୃହ ମରାଳେ ଗ୍ରହିବାକୁ

ଶସ୍ୟେ ସେ କରୀନ୍ଦ୍ରଗାମିନୀ । ସ୍ଥିରତା ଅଦରୁ ଶରୀରେ ସତ୍ତ୍ୱରେ ଅଦରେ ବରବ୍ରତ ଠାଣି । ସ୍ୱଜନେ । ସେତ ସମାଧି-ସ୍ଥିର ହୋଇ । ସଦା ପାର୍ଶ୍ୱସ୍ଥ ହଂସ ପରତ୍ରହାଶସ୍ୟେ ପ୍ରସହ କରୁଥାଇ । ୪ । ଅକାର ଇଙ୍ଗିତୁଁ ଦମୟନ୍ତୀ ମନ ବାର ପାରଲେହେଁ ନର୍ମିଲେ । ତଥାପି ସେ ହଂସବର ବନ୍ଧାପ୍ରୟ-ଦେଶେ ନ ଉପିଲେ ଚପଳେ । କେବଳ । ଦ୍ରୁତ-ପ୍ଲୁତ-ଗତ ଅଚର । ଦେଉଥାଏ ଏକା ନିଜାଙ୍ଗେ ବରାଙ୍ଗୀ-କର-ପତନ ବୃଥାକର । ୫ । ହଂସ-କଉତୁକେ ସେ ସମାଇଣ୍ଡର-ସୂନାଶ୍ରମ ବୃଥା ହେବାର । ଦେଖି ସଖିଏ ଅକ୍ଷିରେ ଠେରଠେର ହୋଇ ମାଇଲେ କରତାଳ । ହସିଲେ । ଭିଳ କଲା ସେ ମାନସରେ । ତୁଳା-କୋମଳା ଯେ ବାଳା ସେ ରସେ ଏ କପାଁ ଅତୁଳ ସାହସରେ । ୬ । ମାର କରେ କର ଅରମ୍ଭି ଚହଲ ଗୁଳ ଦେଉଅଛ ମରାଳେ । ମୋ ସହିତ ଅସି ସହିଏ କେହି ଗୋ ସାଧୁଛ ବାଦ ମୋର ତୁଲେ । ଏମନ୍ତେ । ବାଳୀରତନ ଉଠି ଚଳେ । କୋକିଳ-କଳକୂଜିତକୁ ଇଡିତେ ସ୍ୱର-ସମ୍ପଦେ ଦେଲା ଦଳ । ୭ । ସଖିଙ୍କର ହାସ ଦରଶନେ ରୋଷ ଇଷତ ବସୁଁ ମାନସରେ । ଦ୍ୱିଗୁଣ ଉତ୍ସାହେ ହଂସ ପଛେ ପଛେ ଚଳେ ବାଳା ଛାୟା ପ୍ରକାରେ । ପରଶି । ନ ପାର ଅବେ ହେଲେ କରେ । ପଛେ ନ ପକାଉଥାଏ ପକ୍ଷୀ ପଛେ ଚଳିବାର ଲଳ ଲାଜରେ । ୮ । ତା ଦେଖି ସଖୀ ଭିଷନ୍ନ ହସି ଛଳେ "ହଂସ ଅଭିମୁଖେ ଗମନ । ଅନୁଚିତ" ଶୁଣି ତରୁଣୀମଣି ସେ ବରଚେ ଏମନ୍ତ ବଚନ । "ସଙ୍ଗିନୀ । ଅଶକୁନ କପାଁ ବଚାର । ଶୁଭ-ଶକୁନ ତ ହଂସ ଏ ନିଶ୍ଚୟ କରିବ ପ୍ରିୟକାର୍ଯ୍ୟ ମୋର" । ୯ । ଏତେ ସଖୀଙ୍କି କହି ମଞ୍ଜୁମଞ୍ଜୀରା ହଂସଗାମିନୀ ସେ ନବୀନା । ଅନୁସରୁ ହଂସେ ତା ଗମନ ଅନୁକର ହଂସ ହୋଇ ଉନ୍ମନା । ସତେକ । ଉପହାସ କର ବାଳୀଙ୍କ । ଧରି ନ ଦେଇ ଦ୍ରୁତ ହୋଇ ଚଳଇ ନ ତେଜ ପୁରତ ଗୁଳିକ । ୧୦ । ପ୍ରତି-ପଦେ କରେ ଧର ପକାଇବ ବୋଲି ବଗୁରୁ ଥାଇ ଜେମା । ତା ବଗୁରକୁ ଚୁରିଦେଇ ମରାଳ ବରଚ ଗତ ମନୋରମା । ସୁଧୀରେ । ଖେଳା ଖେଳେ ଚଳି ବାଳୀଙ୍କ । ନେଲା ଓଂହାର ଧଙ୍ଗନା-ଛଡ଼ାକର କ୍ରମେ ଦ୍ରୁତତ-ଗହଳକ । ୧୧ । ରୋଷାବେଗେ ଅଗ୍ରୁଁ ଗହଣ-ସଙ୍ଗଙ୍କେ ବାରଥିଲା ଅନୁଗମନେ । ଏତେବେଳକୁ ଛାୟାବିନା ନିଜର ସଙ୍ଗେ ନଥିଲା କେହି ଜଣେ । ସର୍ବାଙ୍ଗ । ଶ୍ରମଜ-ଘର୍ମେ ଥିଲା ପୂରି । ସେ ସୁଯୋଗ ଗ୍ରହି ନରଭିରଣାରେ ଭଣେ ମରାଳ କୀର-ପର । ୧୨ । "ଆଉ କେତେ ଦୂର ଯାଏ ପଛେ ମୋର ଗୋଡ଼ାଇବୁ ଗୋ ସୁକୁମାରୀ । ବୃଥା ପରଶ୍ରମ କି କେ କରୁ ଝରିଲଣି ଅଙ୍ଗୁ ତୋ ଶ୍ରମବାର । କୃଶାଙ୍ଗି । ଦେଖି ଏ ଘନବନାଳକ । ନିମଷେ ହେଲେ ତୋ ମାନସରେ ବାସ ଭୀତି-ଲେଶ ନାହିଁ କରିକ । ୧୩ । ବୃଥାରେ ରେ ନିରୁପମା ଅପଥେ ତୋ ପଦପକାଇବା ବଲୋକ । ଅନଳ-ଲୋଳ-ପଲ୍ଲବ-ପାଣି ଗୁଳ ବନ

ଲତାଏ ହୋଇ ଦୁଃଖୀ । ନିଷେଧୁ । ଛନ୍ତି ଗୃହିଣୀ ସହ ପରିଏ । ଉଡ଼ନ୍ତି ଉଡ଼ନ୍ତି ଯାହା
କପୋତ-ହୁଙ୍କାର ଶୁଭଇ ତାଙ୍କର ଗିରିଏ । ୧୪ । ନ ବିଚାରୁ କେହ ଚାରୁଶୀଳା
ତୁହି ତୁ ଏକା ବିପନ୍ନବିଗ୍ରସ୍ତ । ଅକାଶ-ରଥ ବେନ-ଦେଶେ ମାନସ-ସୁଖେ ଥାଏ ମୁଁ
ତ ବିଚରି । କେମନ୍ତେ । ମୋତେ ଧରି ତୁ କର୍ମ ମତ । ରହି ସୁରପଖା-ଯୌବନ-
ଅଧୀନେ ନ ଯାଏ ଯା ତୋ ଶିଶୁଶାନ୍ତ । ୧୫ । ଶତପତ୍ର-ଭବ-ପତ୍ର-ହଂସବଂଶ-ପତନି
ଅଟୁଁ ଅମ୍ଭେମାନେ । ଅମ୍ଭ ଗୃହ୍ୟବାଣୀ ସୁମନସଭିନ୍ନ ନରସେ ଅନଜନ କର୍ଷେ ।
ସୁନ୍ଦରି । ସ୍ୱର୍ଗଙ୍ଗା,-ସ୍ୱର୍ଣ୍ଣ-ସରୋଜିନୀ-। ମୃଣାଳାଶନଁ ଏ କାନ୍ତି ଅମ୍ଭ; କାର୍ଯ୍ୟେ ଥାଏ ତା
ହେତୁରୁ ପୁଣି । ୧୬ । ବିଧାତା-ଅଦେଶେ ନିଷଧ-ଅଧିପ-ବିଳାସ-ସର ସେବିବାକୁ ।
ଅନେକ କଳହଂସ ଅସିଅଛନ୍ତି ଅକାଶୁଁ ଏ ରସାତଳକୁ । ସୁନ୍ଦରି । ସେ ହଂସବଂଶୁ
ଏକ ମୁହିଁ । ଭୂଲୋକ-ବିଲୋକନେ ହୋଇ ଉତ୍ସୁକ ଭ୍ରମଇଁ କଉତୁକେ ମହୀ । ୧୭ ।
ଏକ-ସମୟେ ସାରସଭବ ବିଶ୍ୱଭ୍ରମଣେ ବଳାଇଁ ମାନସ । ଲଭନ୍ତେ ରଥ-କର୍ଷଣେ
ସ୍କନ୍ଧେ ମହାପ୍ରାସ ଅମ୍ଭ ପୂର୍ବପୁରୁଷ । ମୁଁ ଏକା । ବିଶ୍ୱେ ରଥ ଥିଲି ଭ୍ରମାଇଁ । ତେଣୁ
ଅବିଶ୍ରାମ-ସଂସାର-ଭ୍ରମଣେ ଲେଶେ ଶ୍ରମ ମୋର ନୁହଇ । ୧୮ । ସ୍ୱର୍ଗୀୟ ଖଗକୁ
ପାର୍ଥିବ ପାଶାଦ ଯନ୍ତ୍ରେ କି ନିୟନ୍ତ୍ରି ହୋଇବ । ଏକା ଅମର-ନଗର-ଭୋଗ-ଭାଗ୍ୟ
ଭାଲପଟେ ଯା ଲେଖାଥିବ । ସୁନ୍ଦରି । ତାହାର ଭାଗ୍ୟବଳେ ଏକା । ହୋଇପାରୁଁ
ଅମ୍ଭେ ବନ୍ଧା କୋଟିକେ ତ ଗୋଟିଏ ତହୁଁ ନୁହେ ଦେଖା । ୧୯ । ଯାଗପୂର୍ତ୍ତାଦି
କାର୍ତ୍ତିରେ ଅମର୍ତ୍ତ୍ୟଙ୍କୁ ନଳ-ନରେଶ ତୋଷିଛନ୍ତି । ତେଣୁ ସେମାନେ ସାଗ୍ରହେ
ସ୍ୱର୍ଗଭୋଗ ତାଙ୍କୁ ଏ ମର୍ତ୍ତ୍ୟେ ଦେଇଛନ୍ତି । ସୁଦତି । ଦୋହଦବଶେ ସବୁ ଦ୍ରୁମ ।
ଅକାଳେ କୋରକ-ନିକର ବହନ୍ତି ସେବାରେ ନୁହେ କେ ପ୍ରସନ୍ନ । ୨୦ । ମେରୁଶୃଙ୍ଗୁ
ଅବତରି ଶୀଘ୍ରେ ସ୍ୱର୍ଗ-ଗଙ୍ଗା-ନୀରେ ପକ୍ଷ ପ୍ରକ୍ଷାଳି । ତହିଁ ତାଙ୍କୁ ବିଭୂଆଇଁ
ଅମ୍ଭେ ଅରମ୍ଭିଲୁ-ବେଳେ ସେ ସ୍ୱରକେଳି । ସୁନ୍ଦରି । ସାଧୁଗଣେ ସେ ପ୍ରଥମ ।
ଅରି-ନଗର-ନିକର ଜିଣେ ଯାର ଶୌର୍ଯ୍ୟର ଅବଲୀଳା-କ୍ଷମ । ୨୧ । ଅଧ୍ୱରରେ ଆଯ୍ୟ-
ଧାରା ତୁଲେ ସ୍ୱର୍ଜ୍ୟ ବିବୁଧ ନିବହେ ବିତରି । ଅଧିକୁଁ ଅଧିକ ବଢ଼ାଇ ଅଛନ୍ତି ଶ୍ରୋତ୍ରିୟ
ବିପ୍ରଙ୍କର ଶିରୀ । ସୁନ୍ଦରି । ସେ ଦଣ୍ଡଧାରୀ ଅଦଭୁତେ । କରନ୍ତି ଭୋଗ ପ୍ରଥମରୁ
ଶେଷକୁ ଅନ୍ତିମକୁ ସମ୍ପୂର୍ଣ୍ଣ ମତେ । ୨୨ । ଦାରିଦ୍ର୍ୟ-ବିଦାରି-ଦ୍ରବିଣ-ଦାନରେ ପ୍ରାର୍ଥୀଙ୍କି
ମେଘ ସର୍ବଦା ସେ । ନିରତ ପ୍ରଦାନ ହେତୁରୁ ବିରକ୍ତି ଚିତ୍ତେ ନ ଥାଏ ତାଙ୍କ
ଲେଶେ । ସୁନ୍ଦରି । ଲୋକନାଥ ପଦ ତାଙ୍କର । ହୋଇଛି ଏକା ସାର୍ଥକ ପ୍ରାର୍ଥେ କୋହ
ଅଛି କେ ତାଙ୍କୁ ଏ ସଂସାରେ । ୨୩ । ଅମ୍ଭ ମୁଖୁଁ ନଳ-ନୃପ-ଅନଳପ-ଶୋଭା-ସମ୍ଭାର
କଥା ଶୁଣି । ଅନୁରକ୍ତ ହୋଇ ତାଙ୍କ ତହିଁ ମହୀ-ପାର ପୁର-ରମ୍ଭା ତରୁଣୀ । ଶେଷକୁ ।
ତାଙ୍କୁ ନ ପାଇ 'ତାଙ୍କ ନାମ-। ଅଂଶ ଥିବାରୁ କଲ୍ଲ ଯାଇ ପ୍ରକାଶ ନଳକୁବେର

ପାଶେ ପ୍ରେମ । ୨୪ । କେଳି କାଳେ ତାଙ୍କ କଳକଣ୍ଠ ଗୀତ ଶୁଣିଥାଇତ ଅମ୍ଭେମାନେ । ଏଥିଁ ଅମରପୁରରେ ଗଲେ ସମ୍ପ୍ରାଏ ଗନ୍ଧର୍ବ-ସଙ୍ଗୀତ ଶ୍ରବଣେ । ସୁନ୍ଦର । ମନକୁ ନପାଉଁ ସେ ଗୀତ । ହାହା ବୋଲି ହସୁଁ ଅମ୍ଭେ ସେ ଗନ୍ଧର୍ବେ ହେଲେ ହାହା ନାମେ ବିଖ୍ୟାତ । ୨୫ । ସେ ଭୂଦାର-ନଳ-ଉଦାର-ଚରିତ-ଶ୍ରବଣେ ସଦାର ବାସବ-। ସହସ୍ରନୟନେ ଅସ୍ପନ ଦଦନେ ବହନ୍ତି ଅଶ୍ରୁଜଳ ଲବ । ପୁଲୋମ-। ସୁତାଭାଗ୍ୟବଶୁଁ ସେ ପଥେ । ଥରେ ଦେଲେହେ ନ ପଡ଼ଇ ରୋମାଞ୍ଚଥିବାରୁ ତାର ସର୍ବ ଗାତ୍ରେ । ୨୬ । ଶୁଣୁ ଶୁଣୁ ଭୂତପତି ସେ ଭୂଭୃତ-ଚନ୍ଦ୍ର-ଗୌର-ଗୁରୁ-ଚରିତ । ଅର୍ଦ୍ଧାଙ୍ଗ-ସଙ୍ଗିନୀ ଗିରିନ୍ଦ୍ର-ନନ୍ଦିନୀ ହ୍ରିୟ ଅତି ବହି ନୁହେତ । ଶ୍ରବଣ-। କଣ୍ଡୂୟନ ଛଳେ ଅଙ୍ଗୁଳି । ଗୃହି ଶ୍ରୁତିପୁଟେ ରୋଧୁଥାନ୍ତି ଅଉ ସେ କଥା ନ ଶୁଣିବ ବୋଲି ॥

ଧର୍ମ ବିଧିରେ ନିରବଧି ନିବନ୍ଧି ବିଧାତା ମୌନତାଛଳରେ । ସ୍ୱଭାବ-କୁଟିଳା ବାଣୀକି ବନ୍ଦିନୀ କରିଥାଇ କଉଶଳରେ । ଜାଣିବି । କାହିଁ ବା ବେଦଜଡ଼ ସେତ । ବନ୍ଦିନୀ ତାର ଯାଇ ନଳ-ଗଳାରେ ହେବାରେ ଆଲିଙ୍ଗନେ ମତ୍ତ । ୨୮ । ଶିଶିର ନିରତେ ଆଲିଙ୍ଗିଛି ତାଙ୍କୁ ସେ ହେଲା କେହି ମହାସତୀ । ଏମନ୍ତ ମତିକି ଆଣିବୁ ଅବା ତୁ ତେଣୁ ଶୁଣ ସେ ଶିଶିପତି । ସକଳ-। ଲୋକ-ଦେହରେ ପଶିଥାଏ । ଏଣୁ ଆନକନାଲିଙ୍ଗନ ଦୂଷଣ ପଡ଼ିବ ପତି ଅଟେ ସନ୍ଦେହ । ୨୯ । ନଳବଦନ-ସୁଷମା-ସଙ୍ଗେ ସମ-କରିବ ବୋଲି ପୂର୍ଣ୍ଣ ଶଶୀ । ନିର୍ମାଣିଛି ବିଧାତାର ଯେଉଁକର ଧ୍ୱଜ ତାହାକୁ ଘଷି ଘଷି । ସୁନ୍ଦର । ସେ ମୁଖେ ଗୃହ୍ନି ଯେଉଁ ପାଣି । ଅଧେ ନିର୍ମାଣି ନୋହିଲା ବୋଲି ଦେଲା ଶିବ ଶିରେ ଫିଙ୍ଗି ସେ ଜ୍ଞାନୀ । ୩୦ । ନଳ-ମୁଖ-ପାଖେ ପରୀକ୍ଷାରେ ଦେଖେ ସମାନ ନ ହେବାର ଶୁଣି । ଅମୃତ ବଦନୁଁ ମନ୍ଦାରେ ନକ୍ଷତ୍ର-ଈଶ ଉପାୟ ଗୁଣି ଗୁଣି । ନ ପାରି । କଛି ଅସ୍ତ୍ର କରି ଶେଷକୁ । କେବେ ସିନ୍ଧୁରେ ଝାସେ ବା ମେଘେ ପଶେ କେବେ ଅଶ୍ରେ ସୂର ପାଶକୁ । ୩୧ । ଅମ୍ଭେ ତ ତାଙ୍କ ବାହନ ପରିଜନ ଅବ୍ଜଜନ୍ମୀ ନଳ ମୁଖର । ବର୍ଣ୍ଣନ ଅଦେଶୁଁ ଅମ୍ଭଙ୍କୁ ବର୍ଣ୍ଣିନେ ଯାଇ ହୋଇ ଅମ୍ଭେ ମୁଖର । ତା ଶୁଣି । ଯାଏ ନାଭିପଦ୍ମ ସଙ୍କୋଚ । ଲୁଚିଁ ତହିଁ ଧାତା ରସନ୍ତ ଶାହିର ଶୀଘ୍ର ସହିତେ ଲାଜ ମୁଖ । ୩୨ । ଚତୁର୍ଦ୍ଦଶ ଅଷ୍ଟାଦଶ ବେଦବିଦ୍ୟା ଅଛନ୍ତି ଏ ନୃପ ବଦନେ । ତାଙ୍କ ଗଣା ବ୍ୟାକେ ବହି ଥୋଇଛନ୍ତି ତହିରେ ଦ୍ୱାତ୍ରିଂଶ ଦଶନେ । ସେ ନୃପେ । ବେଦ ଶ୍ରୀ ବେଦ କ୍ଷମା ଦେଖି । ଅଗ ଯୁଗ ଯୋଗ୍ୟ ମାରି ବଜ୍ରଧର ଶେଷେ ହିତାର୍ଥ ଶେଷ ଦୁଃଖୀ । ୩୩ । ସେ ରାଜ-ପ ଳତ ବାଜ-ସମାଜକୁ ଗୃହି ଉପୁଜେ ତର୍କ ଚିତ୍ତ । ପକ୍ଷ-ବିହୀନ ପକ୍ଷୀରାଜ ଅବା ସେ କବା ମୂର୍ତ୍ତିମନ୍ତ ମରୁତ । ଅଥବା । ଅତିକାସ୍ଥ ମନ ସେମାନେ । କେଉଁ ଦିଗକୁ ଶେଷ କରି ନାହାନ୍ତି ସେ ଅତିତୁରିତଗମନେ ॥

ଅବିରତ-ଶୋଣିତ-ସହିତେ ସମର ଭୂମି ଭୂଷି ହେଉ ନିରତ । ସେ ମହାରଥ ନରନାଥ-

ପ୍ରଚଣ୍ଡ-କୋଦଣ୍ଡମଣ୍ଡିତ ନିର୍ଗତ । ମାର୍ଗଣ- । ଫଣୀଗଣଙ୍କର ଅଶନ । ପାଇଁକି ବିଶେଷ ଥାଏ ବନ୍ଧୁ ଅରି ନୃପଙ୍କ ଜୀବିତ ପବନ । ୩୫ । ତାଙ୍କ ଭୁଜଦଣ୍ଡ ସମର-କଣ୍ଡୂତି ଥାଏ ଅଦର ଅବିରତ । ସେ ଭୁଜେ ଅର୍ଜିତ ଯଶ କିଆଁ ହେବ ନିଜ-ହେତୁ-ଗୁଣେ ରହିତ । ସୁନ୍ଦରି । ତେଣୁ ସେ ନୁହଇ ସମ୍ଭାଳି । ଦଶ-ପବନ-ସମୂହଙ୍କର ଶିର ଦଅଇ ଭସାଇ ଉତ୍ଫୁଲ୍ଲ । ୩୬ । ଯେବେ ଭୁବନ ନିପୁଣ ସର୍ବଜନ ଅମର-ବିଭୂତି ଲଭିବେ । ଏକମନ ହୋଇ ସେ ନୃପ ସୁଗୁଣ-ଗଣ-ଗଣନରେ ବସିବେ । ସୁନ୍ଦରି । ଯେବେ ବା ପରାର୍ଦ୍ଧକୁ ବଳି । ସଂଖ୍ୟାଧିକ ରହି ତେବେ ଅବା ଯାଇ ସେ ସର୍ବ ଗୁଣ ହେବ କଳି ॥ ବିହଙ୍ଗମେ ତ ନଭଗୃହୀ ନିଷେଧ ନାହିଁ ତାହାଙ୍କୁ କେଉଁ ସ୍ଥାନ । ତେଣୁ ଅମ୍ଭେ-ମାନେ ଅନାୟାସେ ପରବେଶି ଥାଉ ରାଜ-ଭବନ । ସୁନ୍ଦରି । ସେ ପୁରୀ-ପରମାଣୁ-ଦଶା । ମାନଙ୍କୁ ରମ୍ୟ-ଗମନର ବିଶେଷ-ବିଧି ଶିଖାଉଁ ଯତ୍ନ କରି । ୩୮ । ଉର୍ବଶୀ ଆଦି ଅପ୍ସରାଙ୍କ ସୌଭାଗ୍ୟ ସୁରତ-କ୍ରୀଡ଼ା-କଥାମାନ । ସରସ ପଶେ ଯା ତୁଲେ ସୁଧା ଧାରା ହାରଇ ନ ହୋଇ ସମାନ । ସେ ପୁଣି । ସୁକବି କାବ୍ୟେ ପ୍ରଶଂସିତ । କରି ସେ କଥା ଅବିମୃଷ୍ଟ ରସ ଅମ୍ଭୋଧିରେ ମଜ୍ଜାଉ ତାଙ୍କ ଚିତ୍ତ । ୩୯ । ମଦନ-ରାଜନ-ନବାନୁ-ଶାସନ-ଧନେ କେ ନ ରାଜନ ତହିଁ । ଅସୀମ-ବିଶ୍ୱାସ-ବଶେ ଅମ୍ଭପାଶେ ଗଚ୍ଛିତ କରି ନ ରଖଇ । ଅମ୍ଭେ ତ । ପକ୍ଷୀ ନ କରୁଁ ଲାଜ କା'ରେ । ଏ କାରଣ ବିଶୁଁ କେ କେବେ ହେଲେହେଁ ଲାଜ ନ କରେ ଅମ୍ଭଠାରେ । ୪୦ । ହେଲେହେଁ ଅତି ଅସଙ୍ଗ ଯାହାକୁ ମୁଁ ସଯୋଗି ରୁନ୍ଧିବ ହୃଦରେ । ସେ ବାରତା ଅନନ୍ୟଜନ ପାଶେ ଯିବା କଥା ନ ଥାଇ ଅନ୍ୟଥରେ । ଧାତାର । ଅନେକ-ବଦନେ ଭଣିତ । ଯୋଗଶାସ୍ତ୍ର ଶୁଣି ଶୁଣି କଣ୍ଠି ବେନି ଯେଣୁ ମୋ ନିରତ ପ୍ରବୃତ । ୪୧ । ନଳଭୂପାଳ ଅଗ୍ରତେ ସ୍ୱର୍ଗ-ସୁଖ ଭୁଞ୍ଜିବେ ଇତର ଯୋଷିତ । ବସ୍ୱେହା ତୁ ଏକାକୀ ହୋଇ ବହିଥିବୁ ଏହା ଦହେ ମୋ ଚିତ୍ତ । ସୁନ୍ଦରି । ହେଉଛି ଏ କଥା ତେମନ୍ତ । ଇନ୍ଦୁ-କରେ ହେଲା ବେଳେ କୁମୁଦିନୀ ସୁଖୀ ଦୁଃଖୀ ପଦ୍ମ ଯେମନ୍ତ ॥ ୪୨ ॥ ଅମ୍ଭ ବଚନ ଯେତେ ଗୃହୁଁ ବଚନ ସେ ଖାଲି ତୋଷୁଛି ତୋ ଶ୍ରୁତି । ତା ଭାବ ବୁଝି ନ ପାରିବୁ ନୋହିଲେ ନଳ-ତୁଲେ ମେଳ ସୁଦୃଢ । ରଶାଳ । ନୁହେ କି ଚୂତ ସବୁଦିନେ । ହୋଇଲେ ବସନ୍ତ ସିନା ମଧୁବ୍ରତ-ବ୍ରାତେ ଶୋଭେ ସେ ଯେମନ ମନେ । ୪୩ । ଅଉ କାବ ନୋହି ଏକା ତାର ତୁହି ହେବୁ ବୋଲି କେବା କହିବ । ବିଧାତା ହୃଦରେ ପଶି ମଦାଳସି କେ ତା ଚିତ୍ତ କଥା ବୁଝିବ । ବିବାହ, ନାହିଁ ତ ଅଜଯାଏ କରି । ତ୍ରିପୁର-ସାର-ସୁନ୍ଦରୀ-ବାରଣିବ-ଶିଷିତ ତୁହି ଅଣୁଦଶା । ୪୪ । ନିଶା ସହିତେ ଶଶାଙ୍କଙ୍କ ସଂଯୋଗିଛି ଗିରୀଶେ ଗିରିଜା ସହିତ । ଶ୍ରୀ ତୁଲେ ହରିକି ଛନ୍ଦି ଦେଇଛି ଏଣୁ ବିଧାତାର ଇଙ୍ଗିତ । ହେଉଛି । ବାର କେବଳ ମାନ୍ୟ ବାରି ।

ଯୋଗ୍ୟେ ଯୋଗ୍ୟ ଘଟାଇ ବାରେ ତାହାର ପ୍ରବୃତ୍ତି ସ୍ୱତଃସିଦ୍ଧ ବୋଲି ।୪୫। ଉଚ୍ଛୁଳିତ-ନାରୀ-ସ୍ତଗଣ-ସାଗର-ପ୍ରବାହିକା ପ୍ରାପ୍ତ ତୁ ଧୀର । ନଳ ଭିନ୍ନ ଅନ-ଜନେ ତୋ ମିଳନ ହେଲେ ବୃଦ୍ଧ ନଷ୍ଟ ଧର । ଗୁଞ୍ଜବା । ପାଇଁ କୋମଳ ମଲ୍ଲିମାଳ । କରକଶ କୁଶ ଘାସ ବଳା ରଜ୍ଜୁ ଖୋଜୁଥିଇଁ କେଉଁ ପାଗଳ । ୪୬ । ଯନେ ଯାନେ ନିଯୋଜିତ ହୋଇ ମୁହିଁ ବନ୍ଧନକରବାକାଳରେ । ଚତୁସନନଙ୍କୁ ପୃଚ୍ଛିଲି ଏସନ ରସିବ କେ ନଳ କୋଳରେ । ସେକାଳେ । ତନ୍ଙ୍କ ଊର୍ଦ୍ଧରସ୍ତନତେ । ତାଙ୍କ ଗିରେ ତୋର ନାମ କର୍ଣ୍ଣେ ମୋ'ର ବାଜିଲା ପ୍ରାପ୍ତ ହେଲା ପ୍ରତେ । ୪୭ । ଆନେ ମିଳନ ହେଲେ ତୁ ତହିଁ ଜନ୍ମହେବ ଯେଉଁ ଅପକାରତ । ବହୁର ଦେହକ-ଯାକ-ଵଙ୍କପଣ ତେତେକେ ଯିବ ହୋଇ ପୋତ । ସୁନ୍ଦର । ଜନାପବାଦ ନିରବଧି । ତରବାକୁ ତସ୍ର-ସୂଜନେ ତାହାକୁ ସାଧିଲେ ନ ଦଶିବ ବୁଦ୍ଧି । ୪୮ । ଏ ଅପ୍ରାସଙ୍ଗିକ ପ୍ରସଙ୍ଗର ବରଅଙ୍ଗି ଏତେକେ ହେଉ ଇତି । କେତେ ବିଷୟୁକ୍ତ ଏତେ ଶ୍ରମ ତୋତେ ଦେଲି ବୋଲି ମୁଁ ଖିନ୍ନମତି । ହେଉଛୁ । ଦୋଷତ ଘଟିଲିଣି କର । ଏବେ କହ କେଉଁ ବାଞ୍ଛା ତୋ ସମ୍ପାଦି ସେ ଅପରାଧୁଁ ହେବ ପାର" । ୪୯ । ବସୁମତୀପତି-ସନ୍ତତି-ମଣ୍ଡଳ କଳବାପାଇଁ ସେ ପତଙ୍ଗୀ । ଏମନ୍ତ ବଚନ-ଗୃରୁସ୍ର ରଚନ କର ଉଜଳା ମୂନଭୂତ । ସ୍ୱଜନେ । ଗମ୍ଭୀର ସରସୀ ମାନସ । ଏ ବେନିଙ୍କି ବାର ନ ପାରିଲା ଯାଏ ଏଥି ନ ରସନ୍ତ ବିଦୂଷ ।୫୦। ଏକାଳେ କଳଙ୍କୀ-କଳାନିଧି ଶୋଭା-ସମ୍ଭାର-ଦମ୍ଭଦଳା ମୁଖେ । ଅବନୀ-ବନିତା-ଜୀବେଶର ସୁତା ସୁକୁମାରୀ ରଖି ହାର୍ଯିକେ । କଣ୍ଠିତ । ମାନ ଚିତ୍ତେ କର ବଗୃର । ନବ୍ୟଳକ୍ଷ୍ମୀ ଗୃହିଁ ମଞ୍ଜୁଳ କୋମଳ ଗିରେ ଦେଲା ପ୍ରତି ଉତ୍ତର । ୫୧ । "ବାଳକ-ସୁଲଭ ଚପଳତାକୁ ମୋ ସହସ୍ରବାର ହେଉ ଧିକ । ଏହା ଯୋଗୁଁ ସେନା ହୋଇ ମୁଁ ଛନ୍ଦନା ଆଗ୍ରହେ ଅଧିକୁଁ ଅଧିକ । ସମୀର- । ଗୃଳିତ ତରଙ୍ଗ ପରାଏ । ତଟସ୍ଥ ତୁମ୍ଭଙ୍କୁ ଦେଇ ଉଦ୍ବେଗକୁ ଅଇଲି ଧାଇଁ ଏତେଯାଏ । ୫୨ । ସାଧୁ ସଜ୍ଜନଙ୍କ ଅଦର୍ଶ ହୋଇଛ ଅପଣା ସ୍ୱଚ୍ଛତା ପଣରେ । ନୋହିଲେ କେହି ଏ ଅପରାଧିନୀର ଦୋଷକୁ ନ ଘେନ ମନରେ । କରୁଛ । ପ୍ରଶଂସା ଯା ତା ପୂର୍ବତରେ । ଏଣୁ ଏ ମୋର ଅପରାଧ ତୁମ୍ଭର ସ୍ୱଚ୍ଛ ଆତ୍ମାରେ ଦ୍ରୁତଫଳେ । ୫୩ । ଏକେତ ନାରୀ ମୁହିଁ ତହିଁ କୁମାରୀ ମୋର ଅସାଧୁ ଆଚରଣ । କ୍ଷମ ନଭ-ଚରବର ହେ ମରାଳ କ୍ଷମେତ ସାଧୁଙ୍କ ଭୂଷଣ । ଦେବାଂଶ । ବର୍ଣ୍ଣିତ ଅଟ ପୂଜନୀୟ । କେକୀପୁଚ୍ଛଧାରୀ-ଶ୍ରୀବତ୍ସ ଚିହ୍ନିତ-ଶ୍ରୀହରି-ମତ୍ସ୍ୟମୂର୍ତ୍ତି ପ୍ରାୟ । ୫୪ । ଅଧିକ ଆଉ କି ମୋର ଭୂପତିକି ସାଧିବ ହେ ବର-ମରାଳ । ଯେ ତୁମ୍ଭ ଲୋକନ ଜନ୍ୟ ମୋ ଲୋଚନ ଆନନ୍ଦ ହୋଇବ ପ୍ରବଳ । ଚନ୍ଦ୍ରମା । ଆପଣା-କିରଣ ପୀୟୂଷେ । ଲୋକ-ଲୋଚନକୁ ତୋଷିଲା ଉତ୍ତରୁ ଆଉ ବେଶି କିସ ଦେବ ସେ । ୫୫ । ମାନସ ଯାହାକୁ ନିମିଷେ

ନ ଚେଳେ ସେ ମନୋରଥ କେହ୍ନ ମୋର । କଣ୍ଠସରଣୀ କି ଧରସ ଅସିବ, କରବ ତା କାହ୍ନିଁ ପ୍ରଗ୍ଭର । ଅବଳା । ନାମ ବହ୍ନ କେଉଁ ଯୁବତୀ । ଦ୍ୱିଜ-ରାଜଙ୍କର ଗ୍ରହଣ ବାଞ୍ଛନ୍ତି ଚଉଁ ଲଜ୍ଜାଲତା ନପାଡି” ।୫୬। ସ୍ୱାଦରେ ଦ୍ରାକ୍ଷାକୁ ଲକ୍ଷ୍ୟ ବକ୍ଷ-ମାଣବାକ୍ୟ ଶୁଣି ବସବେହାର । ରସାଳ-ଶାଖାମୁଖୁଁ ଖସା ଫୋଡବେ ବସନ୍ତଦୂତର ମରାଳ । ନକଲା । ଭଲେ ମାବ ଅଉ ଅଦର । ବୀଣା-କ୍ୱଣିତକୁ ଘୃଣାରେ ଚନ୍ଦ୍ରଲା ଅଯୋଗ୍ୟ ବୋଲି ଗଣନାର । ୫୭ । ମନ୍ଦାକ୍ଷବଶୁଁ ମନ୍ଦାକ୍ଷର ସଂକ୍ଷେପ ଗରେ ସେ ବରବନାର । ଲକ୍ଷି ନପାର ବଣଦାର୍ଥ ସଂଶୟ୍ୟ ରଖି ଚତୁର ପକ୍ଷୀବର । ମାନସ । ପରଖିବା ପାଇଁ ଯେମାର । ନିଜବଦନ ସରସିଜେ ସଂଯୋଗ କଲା ଏମନ୍ତ ପୁଣି ଗର । ୫୮ । ଭଷଇ ମରାଳ; “ଅଗୋ ମହୀପାଳ-ଦୁଲାଳି କରେ କଳାକର । ଧାରଣ ଅଦ୍ଧ ଯା ବଚନ ରଚନ କଲୁ ଶ୍ରୁତିପୁଟେ ତାହାର । ସଦର୍ଥ । ଗ୍ରହଣେ ଅଯୋଗ୍ୟ କି ମୁହିଁ । ବେଦ ବଚନ ଶ୍ରବଣରେ ଯେସନ ଶୂଦ୍ରଜନ ଯୋଗ୍ୟ ନୁହଇ । ୫୯ । ଯାହା ମୋ ବଗ୍ଭର ପଥେ ନିରନ୍ତର ରହନ୍ତି ସେ ତୋ ମନୋରଥ । ଏତେ ଲୁଗ୍ଭଉଛୁ କିପାଇଁ ସୁଶୀଳା ଲଭିବୁ କେଉଁ ପୁରୁଷାର୍ଥ । ଭବବୁ । ଅବା ମୁଁ ଜାଣିଲି ତା କେହ୍ନ । 'ହେବ ଯେ ମନେ ଅଗମ୍ୟ ସେ ବ୍ରହ୍ମକୁ ଜନ ଧ୍ୟାନରେ ଥାଏ ପାଇ । ୬୦ । ରେ ଅସ୍ତନାସ୍ତିସଂଶୟସମାଚ୍ଛନ୍ନଉଦର ଗୋର ଗ୍ଭରୁଶଳେ । ଲୋକେଶ-ଲୋକନିବାସୀ ଲୋକଯାକ ଚ୍ଯୁତ-ଭ୍ରଷଣେ ମୋର ଭୁଲେ । ନୁହନ୍ତି । ସମ ଏ କଥା ମନେ ହେବ । ପକ୍ଷୀ ହେଲେ କିସ ହେବ ସ୍ୱଭାବତ ବଧାତାର କର-ସୃଜନ । ୬୧ । ବ୍ରହ୍ମା ବଦନେ ତ ସଦା ଶ୍ରୁତିଥାଏ ଅମ୍ଭେ ଥାଉଁ ସଦା ସେ ଲୋକେ । ଅମ୍ଭର ବଦନ-ନିବାସିନୀ ବାଣୀ ପ୍ରତିବାସିନୀ-ଶ୍ରୁତିଦକେ । କେବେହେଁ । ଭ୍ରମେ ହେଲେ ସେ ଅପଥରେ । ନ ଗମଇ ସାଧୁ-ସଙ୍ଗଯୁଁ ଏମନ୍ତ ପୁଣ ତା ଗୁଣ ମାନସରେ । ୬୨ । ସାଗର-ଅଙ୍କ ପର୍ଯ୍ୟଙ୍କ ପର ଯାବ ସେ ଲକ୍ଷ୍ମୀପୁରୀକ ସୁନ୍ଦରୀ । ମନାସୁ ଯେବେ ମାନସେ ତେବେ ତାକୁ ବଗ୍ଭର କରଧରପର । ତାବନେ । ଅନେ ଯେବେ ଥ ଏ ତୋ ମନ । ତାକୁ ମଧ୍ୟ ତୋର ଖିଙ୍କର-କୋରକ-ଉଦରଦଶା-ଶାସ୍ତ୍ରୀ ହେବ” । ୬୩ । ଏମନ୍ତ ବଚନବାଣୀ ପନବରଥ-ମୁଖୁଁ ଶୁଣି ନୃପଦୁଲଣୀ- । ମାନସ ଅଧିକରଣେ ଅବମ୍ଭିଲେ ବାଦ ଲାଜ ତୋଷ ସେକ୍ଷଣେ । ବୋଇଲା । “ଅନେ ନାହିଁ ମୋ ଅଭିଲାଷ’’ । ମନ ନ ଲଜ୍ଜାମସ୍ତି ମୋର ବାଞ୍ଛଇ କିସ ବା କହବ ବଶେଷ” ।୬୪। ଅବଳାଙ୍କର ଶୀଳତା ତ ଶଇଳ-ଭୁଲକୁ ନୁହଇ ଅଳପ । ପୁଣି ତାଙ୍କ ଲଜ୍ଜା-ନପାରେ ମଦନ-ନାଗ ମଳ୍ଲି ଥିବା ସ୍ୱରୂପ । ଏ ବେନ । କଥାକୁ ବଗ୍ଭର ମାନସେ । ଅସ୍ପଷ୍ଟ-ବାଦିନୀ ସେ ବସବେହାକୁ ପୁଣି ସେ ହଂସବର ଭଷେ । ୬୫ । ‘‘ଯେ ବଚନ ଶ୍ଳେଷ ଭଷିଲୁ ନାରୀଣ ‘ଦ୍ୱିଜରାଜ କର ଗ୍ରହଣ । ମନ ନ ଲଜ୍ଜା ମସ୍ତି ମୋର ବାଞ୍ଛଇ’ ଅଦ୍ଧ ଏଥିରୁ ତୋର ମନ । ପାରଲି । ନାହିଁକ ବାର ଶଶୀମୁଖି ।

ଶ୍ଳେଷ ବଚନେ ଗୁରୁସି ତୋର ଥିଲେ ନୁହେ ତ ସୁଧୀରେ ମୁଁ ଦୁଃଖୀ । ୬୬ । ଯୁବ-
ତୀଙ୍କ ମନ ଅତହିଁ ଚପଳ ତାଙ୍କୁ ଲଖ ରଖି କୁସୁମ- । ବିଶିଖ ବିଶିଖ ହନ୍ତ ନ ହୁଅଇ
ଯେଣୁ ସର୍ବଦା ସାର୍ଥ-କାମ । ମୋହନ । ତେଣୁ ତୋ ଚିତ୍ତ-ବିପର୍ଯ୍ୟସ୍ତ- । ଅଶଙ୍କା
ହେବାରୁ ଥିଲି ଦିନା ନ ବୁଝିଲି ପ୍ରାପ୍ତ ତୋ ଅଭିପ୍ରାୟ । ୬୭ । ମଘାକ ମହେନ୍ଦ୍ର-ବିତ
ସେ ନରେନ୍ଦ୍ର, ମୁଁ ହେବି ତାଙ୍କ ପାଶେ ଦୂତ । ତୁ ଯାହା କହିଲୁ ଅରେ ବିସ୍ତରେହା
ତାହା ତ ଅର୍ଥ-ଯୁକ୍ତେ ଯୁତ । ସଂଶୟ-। ଯୁତ ଏ ବିଷୟ କେମନ୍ତେ । କହିବ ଇତର
ବିତ ଯାଇ ମୁହିଁ ତାଙ୍କ-ପରି ନୃପ ପୁରନ୍ତ । ୬୮ । ନୋହୁତ ଏବେ ତୁ ସ୍ୱାଧୀନା
ଅଧୀନେ ରହିଛୁ ଜନକର ବାଳା । ତାଙ୍କ ଆଦେଶେ ଅବା ନିଜ ମାନସେ ଆନେ
ଲମ୍ବାଇ ଯେବେ ମାଳା । ତୋପାଇଁ । ନୃପେ ପ୍ରାର୍ଥୀ ହୋଇ ଥିବେତ । ପଡିଲେ ଏ ସ୍ୱିତ
ଶ୍ରୁତି-ପୁଟେ ମୋରେ କିବା ନୋହିବ ତାଙ୍କ ଚିତ୍ତ ।୬୯। ଅଶଙ୍କା-ବଶରୁ ନିର୍ମଳେ ନ
କହି ଶ୍ଳେଷ କହିଲୁ ଯାହା ଧନି । ତେମନ୍ତ ସଂଦିଗ୍ଧ-କାର୍ଯ୍ୟ ବ୍ୟବସାୟ କରିବ କା
ବଳେ ମୁଁ ପୁଣି । କହୁଛି । ତେଣୁରେ କନକ-ବରନ । ଏହା ତେଜ କହ ଆନ
ଇଚ୍ଛା ଥିଲେ ତାହା ସାଧିବି ଏହିକ୍ଷଣି" ।୭୦। ଏମନ୍ତେ ସେ ହଂସ-ସମ୍ଭାଷ ଶ୍ରବଣେ କରୁ
ପ୍ରବେଶ କୃଶୋଦରୀ । ଅତି ଅନନ୍ଦାରେ ମସ୍ତକ କମ୍ପିତ କରାଇ ସ୍ଥିର ନୋହିପାରି ।
ମନ୍ଦାକ୍ଷେ । ଦର ଆଦର ବେନି ତେଜି । ମରାଳକୁ ଗୁହିଁ ମୃଦୁଳ ବଚନ ବିରଚନେ
କଲା ମରଜି । ୭୧ । "ମୋତେ ଅନେ ଦେବା କଳ୍ପନା ଯଦି ବା ବେଦବତ ମନେ
ଘେନୁଛ । ତେବେ ସେ ବେଦର ପ୍ରଥମ ଅକ୍ଷର ଓଁକାରେ କାଁରେ କଲିଅଛ । ମରାଳ ।
ମୋ ମତରେ ବିଭିବହିର । ନିଶାପତି ଭିନ୍ନ ଆନକୁ ବରଣ ହେଉ ତାର ଆଦ୍ୟ
ଓଁକାର । ୭୨ । ସବିତା-ବିନା ଆନରେ ସରୋଜନୀ ପ୍ରକାଶେ ଅନୁରାଗ ବୋଲି ।
ଶଙ୍କାତ କାହିଁ ନିମିଷେ ହେଲେ ଲେଶେ ତୁମ୍ଭ ବଦନୁ ନ ଶୁଣିଲି । ମରାଳ । ଏକା-
ବରଣ ଅନେ ମୋର । ଅଶଙ୍କା କରି-ପକାଉଛ ବିଭିସେ ସାହସ ଧନ୍ୟ ହେ
ତୁମ୍ଭର । ୭୩ । ଅନଳ ଜନେ ଯା ମୋହର ମିଳନ ଅଶଙ୍କା କରୁଛ ମରାଳ । ନଳ
ବିନା ଆନ ଜନେ ହେଲେ ମେଳ କରିବ କୋଳ ମୁଁ ଅନଳ । ଏବାର । ସତ୍ୟ ଏ
କଥା ମୋର ଘେନ । ନ କରିବ ନୃପ-ଛାମୁରେ ଅସତ୍ୟବାଦୀ ତୁମ୍ଭଙ୍କୁ କଦାଚନ ।୭୪
ନଳ ବିନା ଆନଜନେ ମୋ ବରଣ ଅଶଙ୍କା କରି ଯେ ବୁଦ୍ଧିରେ । କିସ ପ୍ରୟୋଜନେ
ମୁଁ ଏହା କରିବ ସେ ନ କହେ କି ତା ତୁମ୍ଭରେ । ମରାଳ । ବ୍ୟଭିଚାର-ଶଙ୍କା
ଯହିଁରେ । ନାହିଁ ସେ ଗିର ଯେବେ ବେଦ ନୁହଇ ଅଉ ବେଦ କାହିଁ ମଘାରେ ।୭୫
ନଳେ ନ ଦେଇ ଯେବେ ଆନେ ଜନକ କରନ୍ତି ମୋରେ ସମ୍ପ୍ରଦାନ । ତେବେ ସେ
ଦହନେ ଦାନ କି ନ ଦେବେ ମୋ ଜୀବସ୍ଥାନ ଅପଘନ । ହଂସ ହେ । ଯେ ସିନା
ଦେଇଛନ୍ତି ଦେହ । ଦେହେ ତାଙ୍କ ଅଧିକାର, ମନ ମୋର, ତାହାର ନଳ ନୃପେ

ସ୍ନେହ ।୭୬। ନଳ-ମହୀପାଳ-ଚରଣ-ତଳର ସେବକା-ପଣେ ସେବିବାର-। ଠାରୁ କି ଅଧିକ ସୁଖ ମୋର ଆଉ ସମ୍ପାଦିବ ଅହେ ମରାଳ । ବିଗୃହ । ଶର୍ଶା ନୁହେ କି ସୁଧା-କର । ଏହା ବୋଲି କେହି ତେଜି ହିମସାଇଁ ତାକୁ ଆଦରଇ କମଳ । ୭୭ । ମନ ତ ମୋର ତାଙ୍କ ବିନା ଆନର ଆଶ୍ରାୟୀ ନୁହେ କଦାଚନ । ଚନ୍ଦ୍ରାରତନ ତାଙ୍କ ତୁଲେ ବିଶ୍ବରେ ମୋର ପାଷାଣୁଁ ନୁହେ ଭିନ୍ନ । ହଂସ ହେ । ଲୋକ ନିସ୍ବର ସାର-ନିଧି । ପଦ୍ମମୁଖ ସେ ଅତ୍ୟନ୍ତ ସର୍ବଦା ମୋ ଏଥି ନାହିଁଟି ଆନ ବୁଦ୍ଧି । ୭୮ । ଶୁଣିଛି ସେ କ୍ଷିତିପତି-ଯଶକୀର୍ତ୍ତି ଏକଚକ୍ରେ ତାଙ୍କୁ ଧାଇଁଛି । ଭ୍ରାନ୍ତିରେ ହରିତ-ତତିରେ ମୂର୍ତ୍ତିକ ନିତି ତାଙ୍କ ଲକ୍ଷ କରୁଛି । ହଂସ ହେ । ଲଭିବ ବା ତାଙ୍କୁ ମରିବ । ଏ ବେନି କଥାତ ତୁମ୍ଭ ହସ୍ତେ ଅଛି କେତେ ବା ବୁଝାଇ କହିବ । ୭୯ । ଆଶ୍ରିତଜନ-ପାଳନ-ଜନ୍ୟ-ପୁଣ୍ୟ-ତୁଲେ ମୋତେ ପ୍ରାଣ-ପ୍ରଦାନ ।—ସୁକୃତ ତୁମ୍ଭର ହେଉ ସମୁଜ୍ଜ୍ୱଳ ମରାଳ ଘେନ ମୋ ବଚନ । ନ ରଖ । ଏ ବୃଥା-ଆଶଙ୍କାକୁ ଚିତ୍ତ । ମଙ୍ଗଳକାର୍ଯ୍ୟ ଆରମ୍ଭେ ତୁହି ଆର୍ଯ୍ୟ ଅଶୁଭ ଶଙ୍କ୍ୟ ଅନୁଚିତ ।୮୦। ଅହେ ସୁଧୀର ହଂସ କର ବିନାଶ ମୋର ପ୍ରାର୍ଥନା କିସ ଲଭି । ବିଧିସିଦ୍ଧ ବିଷୟରେ ବାଦସାଧି କିବା ପୁରୁଷାର୍ଥ ହୋଇବ । ପ୍ରାର୍ଥନା-। ପୂରଣ-ଜାତ-ଯଶ-ପ୍ରାପ୍ତି । ଯହିଁ ଦୁଷ୍ଟଙ୍କ ମଧ୍ୟ ତୁଷ୍ଟ ନ ଫିଟେ ତେଜି ତା କହ କିସ ଖ୍ୟାତି । ୮୧ । ମୋ ଜୀବନ ମୋତେ ପ୍ରଦାନେ ଏମନ୍ତେ କାର୍ପଣ୍ୟ କରୁଛ ମରାଳ । ଆନପାଇଁ ନିଜ-ଜୀବନ-ଦାତାଙ୍କ ଠାରୁ କି ଲଜ୍ଜା ବରଜିଲ । ଏସନ । ଅନ୍ୟାୟ ଯେବେ ଆଚରିବ । କୀର୍ତ୍ତିଧାର-ଧୌତ-ବିଶ୍ୱପ୍ର ଧର୍ମିତ କରୁ ତୁମ୍ଭର ଖସ ଯିବ । ୮୨ । ଦେଲେ ମୋତେ ଜୀବ ଦେଇ ମୁହିଁ ଜୀବ ସୁଝିବ ତୁମ୍ଭ ଉପକାର । ଜୀବୁଁ ଅଧିକ ଯା ତା ଦେଲେ ଆଉ ତ ନ ଥିବ ପଥ ସୁଝିବାର । ହଂସ ହେ । ତେସନ ଦାନ ଦେଇ ମୋରେ । ନକ୍କାଥ ଶୋଧପଥ ରୋଧି ଅସୀମ-ଦାରିଦ୍ର୍ୟ-ସମୁଦ୍ର ଢ଼ିବରେ ।୮୩। କରନ୍ତୁ ମୋ ଜୀବନ-ପଣ୍ୟଦ୍ରବ୍ୟ ନାହିଁ ନ କର ଖଗବର । ନୋହୁ ପଛେ ଏଥି ଉପକାର ତୁମ୍ଭ ହୋଇବ ତ ପୁଣ୍ୟ ଅତୁଳ । ପାଇବ । ଜୀବେଶ-ଦାତାକୁ କି ଦେଇ । ତଥାପି ଯଶ ତୁମ୍ଭର ଘୋଷୁଥିବ ଜୀବନ ଥିବାଯାଏ ରହି ।୮୪। କିଞ୍ଚିତ-ମାତ୍ର ଉପକାରେ ଅଧୃଷ୍ୟ-ହେବାର କୃତଜ୍ଞ-ଜନଙ୍କୁ । ଧନମଦେ ଭୋଳ ଧନୀଏ ମରାଳ ନ ଅଣନ୍ତି ସିନା ମନକୁ । ଦେଖାନ୍ତି । କାର୍ଯ୍ୟମୁଖେ ଯେ ନିଜତ୍ବଣ । ତେମନ୍ତ ସାଧୁଏ ଏମନ୍ତ କୃତଜ୍ଞ-ଜନେ କିଣନ୍ତି ଦେଇ ପ୍ରାଣ । ୮୫ । ଅଷ୍ଟଦିଗପାଳ ଅଂଶ ତ ଭୂପାଳ ତହିଁ ମୋ ଏକନିଷ୍ଠା ଯୋଗେ । ସେମାନେ ଭାଗ୍ୟକୁ ପ୍ରସନ୍ନ ହୋଇଲେ ନୋହିଲେ କାହିଁ ମହୀଭାଗେ । ହଂସ ହେ । ତୁମ୍ଭଭଳି ସ୍ୱର୍ଗ-ନିବାସୀ । ଦିଅନ୍ତି ଭରସା ଦେଖାଦେଇ ପ୍ରିୟ-ପ୍ରାପ୍ତିରେ ମୋତେ ଆପେ ଆସି । ୮୬ । କାରଣ ବିଧାତେ ଅସ୍ପୃଷ୍ଟକଳ୍ପିତ ବି-ହଣର ମୂଳ ହୋଇଛ । ମୋ ଭାଗ୍ୟ ଏବେ ନଳଦ ହେବାର କଥାକୁ

କି ତୁମ୍ଭ ହେବ ମିଛ । ମରାଳ । ଅବଳା ମୁହିଁତ ଯୁଗତେ । ହେଉ ଏ ପ୍ରତପ୍ତ ହୃଦେ ତୁମ୍ଭ ଦାନ ଚନ୍ଦନ-ଲେପନ ତୁରିତେ । ୮୭ । ନ କର ହେଳା ମରାଳ ଅଜ ଗୃହିଁ ଗୃହିଁ ବେଳ ବଳ ଯାଉଛି । ବିଳମ୍ବ-ସହ-ବିଷୟଆରମ୍ଭରେ ବିଗୃହିବାର ସିନା ଗଛି ! ପ୍ରତିଭା । ଗୁରୁ-ଉପଦେଶେ ଅପେକ୍ଷା । ନ ରଖିଲ୍ଭ ତୁଲ ରୋଗାତୁର କାଳ-ବିଳମ୍ବେ କରଇ ଉପେକ୍ଷା । ୮୮ । ହଂସ ହେ ଯାଉଛ ଅଛି ହୋଇ ଦୂତ ମୋର ନିଷଧ-ଈଶ ପାଶେ । ଅନ୍ତଃପୁରେ ଯେବେ ଭେଟିବ ରହିବ ନାହିଁଟି ମୋ ସନ୍ଦେଶ ଲେଶେ । ପ୍ରେୟସୀ-। ଜନରେ ଦାକ୍ଷିଣ୍ୟ ବଶରୁ । ପିଟିବ ନାହିଁଟି ନିବେଦ-ଇତର ବଚନ ନୃପ-ବଦନରୁ । ୮୯ । ଯେବେ ଅବା ଅନ୍ତଃପୁର-ଭୋଗେ ତୃପ୍ତ ପୃଥ୍ୱୀ ପତି ହୋଇଥିବେ । ତେବେ ଜଣାଇ ନ ଦେବନ୍ତି ଛାମୁରେ ତାଙ୍କର ମୋର କଥା ଲବେ । ମରାଳ । ଶୋଷିଙ୍କ ସିନା ତୋଷେ ନୀର । ସ୍ୱାଦୁ ସୁଶୀତଳ ସୁଗନ୍ଧ ହେଲେହେଁ ସେ ଜଳେ କିସ ଅଶୋଷିର । ୯୦ । ହୋଇଥାନ୍ତି କ୍ଷୁବ୍ଧ ଯେବେ ବା ନିଷଧ-ଅଧିପ ତେବେହେଁ ମରାଳ । ତାଙ୍କ ଶ୍ରୀ ଛାମୁରେ ଏ ମୋ ନିବେଦନ ସନ୍ଦେଶ ନ ଭାଷିବ ଭଲ । ଜାଣତ । ପିତ୍ତୋଦ୍ଭବ-ନର-ଜିହ୍ୱାରେ । ଥିଲେହେଁ ସାକର ତାକୁ ସେ ମଧୁର ନ ଲାଗଇ ତିକ୍ତ ବାହାରେ । ୯୧ । କାର୍ଯ୍ୟାନ୍ତରେ ଚିତ୍ତ ତାଙ୍କର ନିରତ ଥିବାର ଯେବେ ବିଚାରିବ । ତେତେବେଳେ ହେ ସୁଧୀର କଥା ମୋର କେବେ ଲବେ ନ ଉଚ୍ଚାରିବ । ଯେଣୁ ସେ । ଅନ୍ୟ-ମନସ୍କତା ବଶରେ । ଶୁଣି ନ ଶୁଣିଲ୍ଭ ପରାୟ ହୋଇଲେ ଗଣା ହେବ ତା ଅବଜ୍ଞାରେ । ୯୨ । ଏଣୁ ଜଣାଉଛି ହେ ଗୁଣିକ-ବର ଠିକଣା କର ସୁସମୟ । ସେ ମହୀପତି-ଛାମୁରେ ଜଣାମଣା କରିବ ମୋ ଉଦନ୍ତଚୟ । କହିବ । କିବା ମୁଁ ତୁମ୍ଭର ବିଚାରେ । ମୁହିଁ ଅସିଦ୍ଧ ବିଳମ୍ବ-ସିଦ୍ଧକାର୍ଯ୍ୟ-ଯୁଗେ କେ ଅଧିକ ବେଭରେ ॥ ନାରୀଜନ ହୋଇ ଏମନ୍ତ ବଚନ-ରଚନ ଅନୁଚିତ ଅଟେ । ଏ ଭାବ ସିନା ତୁମ୍ଭ ଅମ୍ଭ ମତିକି ଆସିବା ଯୋଗାଏ ୯୩ । ହେଲେହେଁ । କାମ ତା ନିର୍ଦ୍ଦୋଷିତା ସାକ୍ଷୀ । ସେ ସିନା ତାକୁ ମତାଇ ତା ବଦନେ ଏମାନ ବଳେ ଦେଲ୍ଭ ନିଯୋଗି । ୯୪ । ହର-ସ୍ମରତ ପରସ୍ପର ବଇର-ଭାବ ପୂର୍ବୁ ଛନ୍ତି ଆଦର । ତେଣୁ ଉନ୍ମତ୍ତ-ଦର୍ଶନେ ସେ ବେନି ଦେଖନ୍ତି ବଳେ ବୈରି ସ୍ମର । କୁସୁମେ । ହର ସ୍ମର ଶର-ଛଳରେ । ବିରହ-ବ୍ୟାଧି-ପୀଡ଼ିତ ନରେ ହର-ସେବା-ଯୋଗେ ମାର ଦ୍ୱେଷରେ । ୯୫ । ଏମନ୍ତ ସେ କ୍ଷିତି-ପତି—ପୁଣ୍ୟ-ମତି ନିଷଧ-ଧରଣୀ-ପତିରେ । ଅତି ଅଣକତ ଭାରତୀ ତତିରୁ ବାର ନ ଉଛାର ଧାଡିରେ । ମୂକତା ।—ପାଶରୁ ମୁକତ ବହନ । ବହିଲା ତା ଚଞ୍ଚୁ-ପୁଟକୁ ତହିଁରେ ବିକଶାଇ ଦେଇ ହସନ । ୯୬ । ପୁଣି ବୋଲେ ହଂସ, "ଆରେ ନାରୀଈଶ ନଳେ ଅଶକ୍ତ ତୁ ତ ଅଟ । ତୋତେ ଭାବ ଭାବ ସେ ଭୂବ-ବନ୍ଧରେ ନ ଅଣ୍ଟଇ ତ ହବା ସତ । ମଦନ । ଅସୁଁ ତ ତୁମ୍ଭ ବେନିଜନେ । ଯୋଜ୍ଞ ସାଜିଲାଣି ଏଣିକି ମୁ

ପୁଣି ହେବ ଦୂତ କେଉଁକାରଣେ । ୯୭ । ତୋ-ଚିନ୍ତାନିରତ ସେ ଧରଣୀଭୂତ-ବିହରିନ୍ଦ୍ରେ ଉପବାସୀ । ହୋଇ ତପ ଯାହା ସାଧୁଥିଲେ ତାହା ସଫଳ ହେଲା ଏବେ ଅପି । ତୋଷିବୁ । ଅମୃତବତ ତାଙ୍କୁ ତୁହି । ତେଣୁ ତାହାଙ୍କର ଦେବତ୍ୱ ଏ ମର-ଶରୀରେ ଯିବ ଲଭ ହୋଇ । ୯୮ । ଅରେ ସୁନ୍ଦର କନ୍ଦର୍ପ ବିଗ୍ରହ ଅମ୍ଭେ ଦୁହେଁ ତ ଏକସର । ଈଶାନ ନୟନ-ଅନଳେ ଦହନ ହୋଇ ହେଲି ମୁଁ ହତଶିରୀ । ଅନଳ । କଥା ଦୂରେ ଥାଉ ଏ ନଳ- । ପାଣେ ନ ଭରସେ ତାପ ତ ତେଣୁ କି-ତାପି ତାଙ୍କ କ:ର ବିକଳ । ୯୯ । ଭକ୍ତି-ବିଭୂଷା ତୋର ଚିହ୍ନ ସେ ରସାଇଣ ନିର୍ନିମେଷ ନୟନେ । ଲୋକନ କରୁ ନିରନ୍ତର ନିରତେ ଝରେ ତାଙ୍କ ଦୃଷ୍ଟି-ଅୟନେ । ତହିଁରେ । ଯାଏ ବିକସି ରଙ୍ଗବର୍ଣ୍ଣି । ସେ କାର୍ଯ୍ୟକୁ ଅଶ୍ରୁସମ୍ପାତ ଦ୍ୱିତୀୟ ତୋ ଚିନ୍ତା ପ୍ରଥମ କାରଣ ॥ ପଲକପତନ ପାଶୋର ସଜନ ମୋଦରେ ଦେଖନ୍ତେ ତୋ ଛବି । ନିରୋଧ ନ ମାନି ଜନମାଇଁ ବାଧା ଲୋତକ ପଡ଼ୁଥାଇ ସ୍ରବି । ନୟନ ।—ପ୍ରୀତି ପଲକବିହୀନତା । ଦୁହେଁ ବିବାଦ କରନ୍ତି ଅଶ୍ରୁ ପାଇଁ କହ ଏ ମୋ ଯୋଗୁ ଜନିତା । ୧୦୧ । ବିହ-ରଲେହେଁ ବାହାରେ ତୁ ମଧ୍ୟରେ ଅଛୁ ସେ ନୃପତି-ହୃଦର । କେଉଁ ପ୍ରକାରେ ନୋହିଛୁ ମଣ୍ଡି ଟୋଭି କହ ତାଙ୍କ ପ୍ରାଣ-ପ୍ରକାର । ନିରତ । ଧାଏ ଯା ତୋତେ ତାଙ୍କ ଚିତ୍ତ । ହେବାରେ ସେ ଚିତ୍ତ ତୋ ଅଯୁକ୍ତ ଏଥି ଅଛିକ ବିଚନ କିଣ୍ଟିତ । ୧୦୨ । ତୋ ପାଇଁ ତାଙ୍କ ଯା ଅନଳ୍ପ କଳ୍ପନା ସ୍ୱର୍ଗାର୍ଦ୍ଧ-ସୋପାନ-ଶ୍ରେଣୀ ଯେ । ତହିଁ ଅବିରତ ସୁଶ୍ରୋଣି ତୁ ଆରୋହଣ କରୁଛୁ ଅନଳସେ । ରମ୍ଭୋରୁ । ଶୁଣୁଁ ତୋ ବିହବା ନିଶ୍ୱାସ । ତୋତେ ଭାବି ଭାବି ତୋ ସାରୂପ୍ୟଲଭିଥିବା ନୃପେ ତାହା ପ୍ରକାଶ ॥ ଅତି ଗୋପନେ ମନେ ମନେ ସଜନ ତୋତେ ଯାହା ଯାହା ଭାଷନ୍ତି । ପକାଏ ବ୍ୟକ୍ତ କରି ବକ୍ତ୍ର ତାଙ୍କର ଅତରକତେ ତା ସୁଦତି । ବଦନ । ତାଙ୍କର ଶତ୍ରୁ ଅଛି ହୋଇ । ନୃପତି-ଅସ୍ତି-ରହସ୍ୟ-ମଇନ-ସ୍ତୀଗ-ସାଥି ଯେଣୁ ସେହି । ୧୦୪ । ପର୍ଯ୍ୟଙ୍କ ଅଙ୍କ ନିଶାରେ ପଡ଼ୁଛନ୍ତେ ଧୀରେ ଆଦରେ କୋଳ କରି । ନୟନ ଚୁମ୍ବି ନୃପ-ମନ ବିହନ ହରୁଥିଲା ଯେ ନିଦ୍ରା-ନାରୀ । ରୋଷରେ । ତୋ ଚିନ୍ତା-ନିରତ ନୃପତି । କତିକି ଗତି କରିବାକୁ ଏବେ ସେ ମତିରେ ପାଇଡ଼ଛି ଭୀତି । ୧୦୫ । ମାରି ମାରି ଶର କ୍ରୂର ପଞ୍ଚଶର ଶୋଷିଲାଣି ତାଙ୍କ ଶରୀର । ନାହିଁ ନାହିଁ ଥାଉ କିଛିହିଁ କୃଶତା ବିନା ତେଜ ଶୀର ମାତର । ସୁନ୍ଦରି । ବୃଥା ଶ୍ରମ କରେ ଅନଙ୍ଗ । ଅନଙ୍ଗ ହେଲେହେଁ ତେଜବେ କେବେହେଁ ନୃପ କି ତାରେ ବାଦରଙ୍ଗ । ୧୦୬ । ଅପଥେ ପଦ ପକାଇ ତୋ ପ୍ରାପତି ହେଲେହେଁ ତହିଁ ନ ଡରନ୍ତି । ତୋ ପୟୋଧର-ଘଟ-କର ପଣକୁ ସେ ଅମର-ପଦ ବିଗ୍ରହନ୍ତି । ଭାବୁଛି । ଶର ମାରି ମାରି ମଦନ । ତନୁ-କର୍ତ୍ତନ ତୁଲେ କରି-ଦେଲାଣି ସ୍ୱଭାବୁଁ କି କଷ୍ଟ ଛେଦନ । ୧୦୭ । ଘୋର-ବିରହ-ଜ୍ୱର-ଉପଗ୍ରହକୁ

ସିଦ୍ଧହସ୍ତ ବୈଦ୍ୟ ନିବହ । ପରଖି ପରଖି ନୃପଅଙ୍ଗ କଲେବେଳକୁ ନିଦାନ ଜଦ୍ଦୟ ।
ସୁନ୍ଦରି । ଗଲେ ହୋଇ ସଦ୍ୟ ନିର୍ବେଦ । ସେ ଶୀଳବନ୍ତ-ଭୂପାଳ-ଲକ୍ଷ୍ମ ଜ କେ
କଲା ତାଙ୍କ ଅଙ୍ଗେ ଅସ୍ବେଦ ।୧୦୮। ଭ୍ରମେ ତୋ ସେଷାବକ୍ତ୍ର ମୁଖ ବିଲୋକ କେବେ
ଥରନ୍ତ୍ର କେବେ ଅବା । ତୋ ସଙ୍ଗଲାଭ-କଳ୍ପନାକୁ ଦ୍ରକୃତ ମଣି ହସନ୍ତ ଗୋସ୍ୱ
କବା । ଗମନ୍ତ । ଅନୁସରନ୍ତ ପ୍ରାୟ ତୋତେ । କେବେ କେବେ ପ୍ରତିଉତ୍ତର ଦିଅନ୍ତ
ଶୁଣିଲ-ବତ ତୋ ଭାଷିତେ ।୧୦୯। ତୋ ବିରହ-ଜାତ-ଅଶ୍ରି-ଅନାରତ-ସ୍ରୋତରେ
ଅତିହିଁ ପ୍ରଖର । ଦଣ୍ଡଧରର ଭଗିନୀ-ତରଙ୍ଗିଣୀ ତରଙ୍ଗି ଯାଏ ତାଙ୍କ ଉର । ସେ
ପୁଣି । ମୂର୍ଚ୍ଛା-ଦ୍ୱୀପ-ମୋହ ପଙ୍କରେ । ଭାଟଣୋ; ତହିଁ ସେ ଉଭ୍ରଟ-ଭୂଭୃତ-ମାତଙ୍ଗ
ନକ୍ଷନ୍ତ ଅବଳେ ।୧୧୦ । ସବ୍ୟ-ଅପସବ୍ୟେ ଶର ସନ୍ଧୁ ପଞ୍ଚଶର ନରବର-ଶରୀରେ ।
ପଞ୍ଚ ଦ୍ୱିଗୁଣୁ ନବ-ଯାଏ ବାଜଣ ଗୋଟିକେ ଗୋଟିଏ ଦଶାରେ । ବମ୍ଭୋଷ୍ଠି । ସୃଷ୍ଟି
କଲେଣି ଅବଶିଷ୍ଟ । ଶରଟି ଅକାଶପୁଷ୍ପ ହୋଇ ଯାଇ ନଷ୍ଟ କରୁ ତୋ ମନ
କଷ୍ଟ । ୧୧୧ । ଇତିପତି-ହାସେ ଯାର ଅସେ୍ୟ ଲେଶେ ହାସ ବିଶ୍ରାମ ନ କରଇ ।
ସେ ନରେଶ-ଦୂତପଣେ ତୋର ଚିତ୍ତ ବାରିବାକୁରେ ଗୃହମୁହଁ । ଏତାକୁ ।
ଅସିଥିଲି ସର୍ବ ବୁଝିଲି । ଗୁଣାନୁରାଗିଣୀ ତୋ-ପର କାମିନୀ କାହିଁତ ଅଭ ନ
ଦେଖିଲି । ୧୧୨। କି ପରଶଂସିବସି ଅବା ତାକୁ ଯାହାର ସୁଗୁଣ-ଗଣରେ ।
ନଳ ପରିଏ ଧୈର୍ଯ୍ୟଶୀଳ ଭୂପାଳ ଚଞ୍ଚଳିତ ଅନୁକ୍ଷଣରେ । ସମୁଦ୍ରେ । ଉଚ୍ଛଳାଇ
ଦେବାରୁ ବଳ । କଇମୁଦ୍ରା ଅଭ କି ବା ଦେଶଂସା ଲଭିବ ଭାବ ବରବଳ । ୧୧୩ ।
ଶଶି ତୁଲେ ନିଶା-ପ୍ରାଏ ରସାଳସା ନରେଶେ ମିଶି ଶୋଭି ପାଅ । ସେ ତୋ ତୁଲେ
ମିଶି ନିଶା ସଙ୍ଗେ ଶଶି-ସମ ଦିଶନ୍ତୁ ରମଣୀୟ । ସୁନ୍ଦରି । ନିଶା-ଶଶିଙ୍କ ପୁଣ ପୁଣ ।
ଯୋଜ ସିଦ୍ଧହସ୍ତ ହୋଇ ବିହି ତୁମ୍ଭ ଦୁହିଙ୍କି କରିବ ମିଳନ । ୧୧୪ । ନିଷଧ-ଅଧି-
ପର ଶିଳ୍ପ କଳ୍ପନାସୀମାକୁ ତ ବଳି ଯାଇଛି । ତାର ବୈଦଗ୍ଧ-ବିକାଶନେ ଭୁବନ
ହୃଦରେ ସ୍ଥାନ ନାହିଁ କିଛି । ବରାଙ୍ଗି । ତୋ ଉଚ୍ଚ କୁଚ-ଯୁଗ ଯେବେ । ପତ୍ରବ
କରେ ତାଙ୍କ ସେ ଶିଳ୍ପ ପତ୍ର-ରଚନେ ବିକାଶିବ ତେବେ । ୧୧୫ । ଏକ ଶଶଧର
କେମନ୍ତେ ବା ତୋର ନେତ୍ର-ଇନ୍ଦୀବର-ଯୁଗଳେ । ଦାନ କରିବ ସନ୍ତୋଷ ନାସି-
ଭିଣ ତେଣୁ ଏମନ୍ତ ଚିତ୍ତ ଭାଳେ । ଭୂପାଳ । ନଳ-ବଦନ-କଳାକର । ସେ ଶଶି
ତୁଲେ ମିଶି କରୁ ସାଧନ ତୋଷ ତୋ ନୟନ ଯୁଗର । ୧୧୬ । ସେ ମହୀପାଳର
ଅନଳପ-ତପ-ଫଳ-ବୀଜରୁ ଅଙ୍କୁରିତ । ରେ ରଜ୍ଜୁ-ଇକ୍ଷଣି ଯେ ସୁକୃତ-ଲତା ସେ
ତୋ ନଟାଙ୍କୁରେ ଶୋଭିତ । ତାହାର । ନବୀନ ପତ୍ର-ଯୁଗଧର । ଭ୍ରୁ ଯୁଗ ତୋର
ରାଜଇ ଅଧର ଧର ରହିଛି ତେମନ୍ତ ଶିଶ୍ର । ୧୧୭ । ପାଣି-ପଲ୍ଲବ-ଯୁଗଳେ ପଲ୍ଲବତ
ଧୃତ କୋରକେ ସୁରୁଚିର । ମନ ସହିତ ତନୁ-କମନୀୟତା-ସୁମନସରେ ମନୋହର ।

ଫଳଛି । ବାଳା ପୟୋଧର-ଶ୍ରୀଫଳ-। ଯୁଗଳ ବୋଲୁଛି ଶୋଭାରେ ସମାନ ନାହିଁ
ମୋ କେ ମହୀମଣ୍ଡଳ । ୧୧୮ । ପ୍ରୀତି-ସମ୍ପତ୍ତି-ବଣିଜାର କେଳିତପଟ ଧରି ବଣା
ବସିଛି । ତଜିଲବାପାଇଁ କୁସୁମ-ନାଗର-ନାଟେଡ଼ କରି ତାରି ରସିଛି । ରହିଛି । ତନ୍ତୁ
ରଶ୍ମି ଗଣେ ଓଡ଼ିଳ । ଶଶାଙ୍କ-କଂଯା-ପରୁଡ ଭୁମ୍ଭ ବେନି ପ୍ରେମ-ହେମ ସେ ତହିଁ
ତୁଳ । ୧୧୯ । ମଦନ ଉତ୍ସବେ ସାତ୍ତ୍ୱିକ-ବିକାର-ହେତୁ ଜାତ ସ୍ୱେଦ-ମଧୁରଥି ।
ସ୍ନିଗ୍ଧ ନରନାଥ-କରପଦ୍ମେ ଯୁତ ତୋ କୁଚ-ପଦ୍ମ-ଛଦବ୍ରାତେ । ହୋଇଣ । ତହିଁ
ପୁଣି ତୋ ପୟୋଧରେ । ଫେରିଅସି ବିମ୍ବାଧରୀ ରେ ଗୃତୁଛି ପରକାଶନ୍ତି ନିରନ୍ତରେ
୧୨୦ । ବିବିଧ ବନ୍ଧରେ ନିଧୁବନ-ମଲ୍ଲଯୁଦ୍ଧ କେଳିବନେ ସମ୍ବାଦ । ଅବଲୋକନ
କରି ସେ ଭାବମାନ ଲଭନ୍ତୁ ମକୁତେ ପ୍ରମୋଦ । କରନ୍ତୁ । ପୁଷ୍ପବୃଷ୍ଟି ସେ ଅବ-
ଛିନ୍ନେ । ସେ ସୁମନସ-ପତନ ପ୍ରତିଗ୍ରହ ସାନନ୍ଦେ ତୁମ୍ଭେ-ବେନିଜନେ । ୧୨୧ ।
ସମ୍ମିଳନେ ବେନିଜନେ ଅନ୍ୟୋନ୍ୟର ସୁଷମା-ସୀମା ବଢ଼ାଇବ । ନାନା ବିଳାସ
ସମ୍ଭୋଗକୁ ମାନସ-ଯୁଗ ତ ପଥ କଢ଼ାଇବ । ସୁନ୍ଦରୀ । ବେନି-ମନ ଅଣୁ-ଯୁଗଳ । ମିଶି
ଦିଶିବ ଅନଙ୍ଗେ ଅଙ୍ଗବନ୍ତ ପୁଣ କଲା ପ୍ରାଏ ମଞ୍ଜୁଳ । ୧୨୨ । କୁସୁମଗୃହ
ଦ୍ୱାରେ ସେ ନୃପେ କୋପେ ତୋତେ ଧନୁ ଜଳ ମଦନ । ସ୍ୱଭାବେ ତ ଭୁ ଶୁଦ୍ଧ-
ବଂଶ ସମ୍ଭୂତା ସୁଗୁଣେ ହୋଇଛୁ ଶୋଭନ । ସୁନ୍ଦରୀ । ତା ମୁଠାବନ୍ଧା ଡୋର-ଫୁଲ ।-
ଶୋଭାକୁ ପୁଷ୍ପେ ଲୋଳ ତୋ ଗଳା-ଭୂଷା ରଙ୍ଗ-ପଟ୍ଟସୂତ୍ରେ ବାରଲି । ୧୨୩ ।
ନୃପତ ଭୁ ବାଳ ତୋ ମାଳ ମୁକୁତା-ଅବଳି-ବାତୁଳ ନିଷ୍ଟମ୍ଭ । ସେମାବଳି ଗୁଣଭଲ
ଝଲକଇ ନାଭି-ତଟାରେ ରମଣୀୟ । ସୁନ୍ଦରୀ । ପାଇଲାକୁ ସିନା ଏ ସଜ । ସେ ରାଜ-
ହଂସକୁ ଲକ୍ଷ କରିବାକୁ ସାହସ କଲା ମନସିଜ । ୧୨୪ । ସେ ନୃପେ ଦ୍ୱାର ମନସ୍ତାପେ
ଯେ କାମ ତୋ ଚକ୍ଷୁରେ ଶରଣକଲେ । ଲଜ୍ଜାପଟେ କାମୁକ ବିରୂପାକ୍ଷ-ଲୋଚନ-
ଭର୍ଜନ-ପାବକରେ । ପକାଇ ।-ଥିଲା ଅଙ୍ଗ ଏବେ ସେ ପୁଣି । ତୋ କୁଚ-ଗିରି-ପକ୍ଷ-
ପର୍ଣ୍ଣଶାଳାରେ ତପେ ଜସ୍ୱିକୁ ହୋଇ ମୁନି” ।୧୨୫। ଏମନ୍ତେ ନରେଶ-ସୁତା ଭୁଲେ
ହଂସ ସମ୍ଭାଷ ହେଉ ଅଳି-ପାଳ । ଲୋଡ଼ ଆସନ୍ତେ କାହିଁପାଇଁ ବାଳିରି ଏଡ଼େ
ବିଳମ୍ବ ହେଲା ବୋଲି । ତା ବାରି । ହଂସ ‘ହେଉ ତୋ ସର୍ବଶୁଭ’ । କହି ମେଲାଣି
ହୋଇ ନଳ-ନୃମଣି-ପୁରେ ନଭରେ ଗଲା ଯବ । ୧୨୬ । ଅଭିଷ୍ଟସୁଗନ୍ଧସଙ୍ଗତ
ପତଙ୍ଗ-ପୁଙ୍ଗବ-ଗର୍ବ-ହୈମ୍ୟଙ୍ଗବ । ସଙ୍ଗେ ମିଶନ୍ତେ ଅନଙ୍ଗର କୁସୁମ-ମାର୍ଗଣୁଁ ମଧୁ-
ଧାରା ସ୍ରବ । ସେ ରସ । ଅସ୍ୱାଦ ଅସ୍ୱାଦ ନୃପଜା । ନୋହିଲା ତୃପ୍ତ ବଢ଼ିଲା ତାପ
ମାତ୍ର ମୂର୍ଚ୍ଛା ଅଗ୍ରଇ ଦେଲା ମଜ୍ଜା ।୧୨୭। ହତ ପ୍ରିୟବାର୍ତ୍ତ ସେ ଗଗନଗୃହୀ ଯାଅନ୍ତେ
ଗମି ଅନ୍ତରୀକ୍ଷେ । ତା ପଛେ ଗୋଡ଼ାଉଥିଲା ଦମୟନ୍ତୀ-ନେତ୍ର ଯୁଗଳ ଟେକି ପକ୍ଷେ ।
ଲୋତକ । ଛୁଅନ୍ତେ ପରପନ୍ତି ଏଥି । ଛନ ଛନ ହୋଇ ମନ ଗୋଡ଼ାଇଲା ଧନ୍ୟ

ତାହାର ବନ୍ଧୁପ୍ରୀତ । ୧୨୮ । ପକ୍ଷକମାନେ ଅଶ୍ୱାସିଲା ଦେଶ ସମସ୍ତ ବୃତ୍ତାନ୍ତ ଜଣାଇଁ । ନୈଷଧ-ଈଶ୍ୱରେ ସେ ମରାଳ ଖେଚର ଅନ୍ତରୀକ୍ଷ-ମାର୍ଗେ ଗମଇଁ । ସଖିଏ । "ପଥ ଭୁଲିଲୁକ କାନ୍ତାରେ । ନ କାନ୍ଦ ଅସ ଯିବା" ବୋଲି ପ୍ରବୋଧି ନେଲେ ବାଳୀକି ଅନ୍ତଃପୁରେ । ୧୨୯ । ଯେଉଁସବୁ-ପାଣେ ପୂରୁବେ ନରେଶେ ବଲ୍ଲେକ ଥିଲା ତାର ଘରେ । କାମର ଜ୍ୱଳନ୍ତଶରଫଳବ୍ରାତବତ ଶୋଭି ପୁଷ୍ପ-ଗୁଚ୍ଛରେ । ଅଶୋକ । ଥିଲା ପଲ୍ଲବଲ୍ଲ ତା ତଳେ । ଦେଖିଲା ପଦ୍ମଚ୍ଛନ୍ତ୍ର ସେ ମରାଳ ଅଙ୍ଗତାପରେ ପଟ ଲୁଚେଲେ ।୧୩୦। ଦମୟନ୍ତୀ ପରବଶ ତୁ କପ ମୁଁ କହିବ ବୋଲିଁ ନୃପ ଏତେ । ମରାଳ ମିତ୍ରୁଁ ପୁଚ୍ଛୁଁ ସେ ଏ ବିଷୟ ସବୁ ନିବେଦିଲା ଭୂପତେ । ସୁକୃତ—। ବନ୍ଧୁଙ୍କ ଅଭୀଷ୍ଟ-ପୂର୍ତ୍ତିକ । ମାନସେ ସମ୍ଭବବାରେ ଅଭିଳାଷ ବିଳମ୍ବ ଯେତକ ତେତକ ।୧୩୧। ଶୁଣିଲେହେଁ ହଂସ-ଆସ୍ୟରୁ ନରେଶ-ସୁତାର ସମ୍ବାଦ ସମସ୍ତ । କହ କ କ ବୋଲି ବୋଇଲା ସେ ବାଳୀ ବୋଲି ପର୍ଯ୍ୟନ୍ତ ଭୁଲୁଁତ । ଆନନ୍ଦେ । ଅଧୀର ହେଲା ଯେଣୁ ମତ । ହଂସେ ନ ଶୁଣୁଁ ଏହା ଏହା ମୋ ସହି ବୋଇଲା ବୋଲି ବୋଲୁଥାନ୍ତ ।୧୩୨। ଭାରତୀ-ଭଣ୍ଡାର-ସାର-ଆସ୍ୱାଦର ଯାର ଭାରତୀର ପ୍ରତିଭା । ସୁରତ-ରସବର୍ଷୀ ସେ ଶ୍ରୀହର୍ଷର ହର୍ଷେ ଅଚଳ ପଦସେବା । ସୁଜନେ । ହେଉ ବା ସରସ ନୀରସ । ତୁମ୍ଭ ପ୍ରସାଦେ ଏ ଗ୍ରନ୍ଥ ଅନୁବାଦେ ଗୋପୀନାଥ କରେ ପ୍ରୟାସ । ୧୩୩ ।

ଚତୁର୍ଥ ଛାନ୍ଦ ।

ରାଗ—କାଟମାଦ୍ଧୀ ।

ଏଥୁଅନ୍ତେ ସୁମତ ଏଥିନିବେଶ ଶ୍ରୁତ ଶ୍ରୁତ-ଅନ୍ତକେ ଉପଗତ ।—ନଳ ନରେଶ-ଯଶ-ସୁରଭି-ସୁମନସ-ଶୃଙ୍ଗୁ-ଶୃପରେ ସ୍ଥିତଇଶ । ସୁମନରୁ । ସେ ନୃପେ ସ୍ୱେପକର ପଦ୍ଧ । ଭୈମୀ ବିଜୟେ ବୁଦ୍ଧି ଫାନ୍ଦ । ଶ୍ରୁତିପଥୋପଗତ ତାଙ୍କ ସୁଗୁଣ-ବ୍ରାତ-ଗୁଣଙ୍କୁ କର କାର୍ଯ୍ୟ ସାଧି । ସାଧୁଜନେ । ୧ । କୁସୁମଶର ପରିତାପ-ଜନିତ-ଜ୍ୱର ଜର୍ଜ୍ଜରିଗାତ୍ରୀ ସୁକୁମାରୀ । କହିହିଁ ନ ବିଗୃହ ପ୍ରିୟଚରିତ-ବାରିଧିରେ ଅଧୀରେ କରୁଁ କେଳି । ସାଧୁଜନେ । ପ୍ରବଳ ହୋଇ ବେଢୁଁ ବେଳେ । ଶେଷେ ବିଷମ ହେଲା-ଜ୍ୱର । ତା ଅନ୍ତରୁ ସେ ତାପ କଞ୍ଚନ ନୋହିଲେପ ହୋଇଲା ସ୍ଥାୟୀ ଚିରକାଳ । ସାଧୁଜନେ । ୨ । ପୂରୁବେତ କେବେହେଁ ଅଧୀରତା ଲଭେହେଁ ଧୀରର ଯଶ ନ ପଡ଼ଇ । ଏଣିକି ଦ୍ୱିଗୁଣିତ ହୋଇ ତା ପ୍ରକାଶିତ ତାର ଯା ନିରତ ହୁଅଇ । ଯେନ

ଜନେ । ଦୟିତ-ଦୂତ ସେ ମରାଳ । ଶିଖାଇଲା କି ଏ ଗୃହଲ୍ୟ । ଯେଣୁ କାର୍ଯ୍ୟ କାରଣ ପଛେ ସଦା ଗମନ କରଇ ତେଣୁ ଏ ବିଗ୍ରହ । ସାଧୁଜନେ । ୩ । ଈଷତ ହାସ ପରକାଶେ ସେ ନାରୀଶର ବଦନ କାର୍ପଣ୍ୟ ବହିଲା । ଅପାଙ୍ଗ-ଅଙ୍ଗନରେ ଖେଳନେ ଖଞ୍ଜନତାରେ ନେତ୍ର-ଖଞ୍ଜନ ଗଞ୍ଜି ହେଲା । ସ୍ମର ନୃପ । ବେଣ୍ଟଏ ଛଳେ ମାତ୍ର ତାର । ଅନ୍ତରୁ ନୁହନ୍ତ ଅନ୍ତର । ବାଳାବଶ ମହେନ୍ଦ୍ର ସେ ଛଳେ ସ୍ୱର୍ଗବୈଦ୍ୟ ଯୁଗେ କି ସେଷିଲନ୍ତ ବାର । ସାଧୁଜନେ । ୪ । କମଳମନୋରମ ବଦନ ତାର କାମ-କଦନେ ଶୁଖେ ଦିନୁଁ ଦିନ । ପ୍ରଭାକର-ପ୍ରଭାବେ ଅନୁଦିନ ବଢ଼ିବେ ଯେ ଭାବେ ଶଶି ହୁଏ ମ୍ଳାନ । ସାଧୁଜନେ । ତାରୁଣ୍ୟ ତରଣି-କିରଣ-। ଦୃଢ଼ ତା ସ୍ତନ କୁମ୍ଭ ଘେନ । ତାକୁ ଯଥାସମ୍ଭବେ ଅନଳ ସଙ୍ଗତରେ ତାପେ କୁମ୍ଭକାର-ମଦନ । ସାଧୁ-ଜନେ । ୫ । ତାପେ ତପ୍ତ କାମର ଊରୁଯୁଗେ ତାହାର ହୋଇବ ଅବା ରମ୍ଭା ତୁଳ । ରହି ମରୁଭୂମିରେ ଉଷର-ତପତରେ ଯେବେ ସେ ଯାଇଥିବ ଲୁଳି । କର ଯୁଗ । ତାର ସେ ତାପେ ସନ୍ତାପିତ । ହୋଇ ବହେ ଶୋଭା ଏମନ୍ତ । ତପ-ନୀପୀତ-ପରେ ତପ୍ତ ତପନ-କରେ ସରୋଜ ସାଜଇ ଯେମନ୍ତ । ସାଧୁଜନେ । ୬ । ମନସିଜ ସନ୍ତାପେ ବିଶୁଷ୍କ ହୋଇ ଅଛେ ଆପଣେ ସେ ନବୀନା-ଉର । ଯାହା ନ ଯାଏ ଊଣ ତା ପୀନ ସ୍ତନ-ଯୋଡ଼କର ଥିବାରୁ ତହିଁ ଭର । ଧାନ୍ୟ ଅଂଶୁ । ପୟରେ ପଶିଲେ କେମନ୍ତ । ବ୍ୟଥା ନ ଦିଏ ଘେନ ଚିତ୍ତ । ଯା ହୃଦରେ ଭୂଭୁଜ ପଶିଅଛି ନିଶ୍ଚିତ ତା ପ୍ରାସ ଏଥିଁ ବିଗ୍ରହତ । ସାଧୁ ଜନେ । ୭ । ଅନ୍ତରବର୍ତ୍ତୀ-ପ୍ରିୟ-ଲୋକନେ ଅତଶୟ ରସିଥିବାରୁ ନେତ୍ର ଯୁଗ । ସେ ନବୀନାର ଆନ ବାହ୍ୟ ପଦାର୍ଥମାନ ଦର୍ଶନେ ନ ଥାଇ ସରାଗ । ଅଶ୍ରୁ-ଝର-ା ସିକ୍ତ ଉରେ ବିରହ-ନତ । ବଦନ ତା ପ୍ରତିବିମ୍ବିତ । ହେବାର ହୃଦ-ଗତ-କାନ୍ତ-ଚୁମ୍ବନେ ଚିତ୍ତ ଥିବାର ହୁଅଇ ପ୍ରତୀତ । ସାଧୁଜନେ । ୮ । ହୃଦୟେ ସ୍ମରାନଳ-ପ୍ରଜ୍ୱଳନେ ଅନଳ ମିତ୍ରପଣରୁ ଲୁଚପଣି । ଅସିବା ବେଳେ ଫେର ନାସାରେ ଏକା ଅଳଜନେ ପଢ଼ଇ ଜଣା ବସି—। ଥିବାରୁ ସେ । ବିରହ ସମ୍ଭୂତ ପାଣ୍ଡୁତା । ନବାନୁରାଗ କାଳୀ ଚିନ୍ତା । ସ୍ୱବର୍ଣ୍ଣ ହରତାଳେ ହରତେ ଲେଖି ନଳେ ନିରେଖୁଥାଇ ସେ ବନିତା । ସାଧୁଜନେ । ୯ । ସ୍ମର ହୃଦେ ଏ ଦଶା ଦେଲା ବୋଲିକି ନାଶାମରୁତ ବାର ବାର କହି । ବକ୍ଷବାସ କମ୍ପାଏ ଅଶ୍ରୁ ଥାଏ ନୋହେ ଯହିଁ ଅଣିତ କିସ ତହିଁ । ବୁଝି ବୁଝେ । କର-ପଦ୍ମ-ମୁଖ-ନେତ୍ର- । ନାମେ ପୁଣ୍ଡରୀ ଶତପତ୍ର । ଯା ବହିଥିଲା ଶାନ୍ତ ପାଇଁ ସେ ଦିନପତି-ତପତ କଲେ କି ବମିତ । ପୂର୍ବ ପୀତ ।୧୦। ସେ ଭୂଭୁଜଭୁବରେ ବାସ୍ପସମ୍ଭୂ ଖରେ ବାବନ୍ତ ଅଳ ଜନେ ଏତେ । ଏଥିରେ ଥିବା ନଳ ନୁହଇ ମାତ୍ର ଜଳ ପତ୍ୟଇତର କଦାଚିତେ । ନଳପାଇଁ । ଯେ ହୃଦ-ଅଛି ମଦନ ।' ତାକୁ ଯା କରେ ଏ କଦନ । ସେ ପ୍ରାସରେ ମୂର୍ଚ୍ଛିତ ଅଛେ ହେଇ

ନିସୃତ ଫଳଲ୍ପ ତା ଅମୀତ ଘନ । ସାଧୁଜନେ । ୧୧ । ତେତେ ବିରହ ତାପେ ଫାଟି
ନ ଯାଇ ଅଟପ ରହିଲା ଯା ସୁଭ୍ରୁ-ଉର । ଏଥୁଁ ପାଷାଣପଣ ତାର ପ୍ରମାଣ ଆଣ
ମନକୁ ଏହା ସାଧୁଗଣ । ସୁଧାକରେ । ଖସ୍ୱାଂଶୁଭ୍ରମ ତାର ଯାହା । ପ୍ରକୃତ
ହୋଇଲେହେଁ ତାହା । ତା କିରଣେ ଯା ଏହି ନିରତ ଜଳୁଥାଇ ଆଶ୍ଚର୍ଯ୍ୟ ନୁହଇ କି
ଏହା । ସାଧୁଜନେ । ୧୨ । କାମ ତାପେ କାତର ହୋଇ ହୃଦୟୁପର ପଙ୍କଜ ରଖି
ପଦ୍ମମୁଖୀ । ପଦ୍ମଭବା ସମସ୍ତେ ଶୋଭିକୁ ପୁରନ୍ଧ୍ରେ ଉପମା ନ ଆଏତ ରଖି । ସାଧୁ-
ଜନେ । ସମ ହିଅଳ୍ପା ଅବା ରତି । ହସିଇଲେହେଁ ସେ ତ ପତି । ପତି-ପଙ୍କଜଗୃପେ
ଆଲିଙ୍ଗି ଛତାତଳେ ବଳାଇ ନ ଥିଲା ତ ମତି । ସାଧୁଜନେ । ୧୩ । ନିଜ ଅନ୍ତର
ବର୍ତ୍ତି ବିରହର ସୁଦୃଢ ଅନଳଭାବ ନ ସମଜ । ସେ ଜଳନ୍ତା ଅନଳେ ସ୍ୱପ୍ରାଣ-ହୁଣ-
କୁଳେ କଲା ତେଜିବାକୁ ମରଜ । ଶାନ୍ତି ପାଇଁ । କୋମଳ ନାସି-ହୃଦ ଅତି ।
ଏ କଥା ତାରେ କି ନ ବର୍ତ୍ତି । ତା ପ୍ରମାଣ ମଦନ କଲାତ ପୁଷ୍ପବାଣ-ପ୍ରାସେ ସେ ହୃଦ
ଦଳି ଅତି । ସାଧୁଜନେ । ୧୪ । ପୁରୁତ କୃଶୋଦରୀ ନ ବାହାରେ କପର ତାକୁ
ତାପିବ ବୋଲି ପାଞ୍ଚି । ସଙ୍ଗିନୀଏ ଜାଣିଲେ ନିଷେଧିବେତ ଭଲେ ଏମନ୍ତ ଭାବ ଲୁଚି
ଲୁଚି । କଞ୍ଚୁକୀ । ଜଳାକବାଟି-ଜଳା-ବାଟେ । ଗଳି ମିଳି ପୁର-ପ୍ରକୋଷ୍ଠେ ।
କପଟେ ହୋଇ ବିଷ ସେ ଶୋଭା-ନିଧି କୁଞ୍ଜ-କଣ୍ଟକ ଘାରଲା ନିସ୍ୱଟେ । ସାଧୁଜନେ ॥
ନଯୂନ ନୀରଜାତ-ପ୍ଲୁତ ହୃଦେ ଯୋଷିତ-ରତନର ବିରହ-ତାପେ । ବିନତ ବଦନର
ପ୍ରତିବିମ୍ବ ରୁଚିର ପାତୁ ଏତର୍କ ଜାତ ଅଟପ । ସାଧୁଜନେ । କାମର ପଞ୍ଚପୁଷ୍ପଶର ।
ପଦ୍ମବଧୂଲି ନୀଳୋତ୍ପଳ । ମୁଖ ଓଷ୍ଠ ଯୁଗଳ ନଯୂନ ବେଣି ଛଳ ବହି ରହିଛି ଭେଦ-
ଉର । ସାଧୁଜନେ । ୧୫ । ବିରହରେ ପାଣ୍ଡୁର ସେ ସୁଗାନ୍ଧୀ-କପୋଳ-ଯୁଗେ ଶଶି
ପ୍ରତିବିମ୍ବିତ । ହୋଇ ସୁଭ୍ରୁତା ଗୁଣେ ନିରଖଇ ବଦନେ ନିଜର ପାର୍ଥକ୍ୟ କଳ୍ପିତ ।
ସାଧୁଜନେ । କୋଳର ଶଶି କଥା ଚନ୍ଦ୍ର । ତାକୁ ତୁରିତେ ସେ ସୁନେତ୍ରୀ । ମୁଖ
ଗନ୍ଧରେ ନେଇ ଯତନେ ଦେଉ ଥୋଇ ହେଲା ଦୁହିଙ୍କ ଦିବ୍ୟ ମୈତ୍ରୀ ସାଧୁଜନେ ॥
ବିରହତାପଯୋଗେ ଚନ୍ଦନ-ଲେପ ଅଙ୍ଗେ ଶୁଖିଣ ଯାଏ ହୋଇ ଧୂଳି । ସେ
ଧୂଳିଧୂସରିତ ଅଙ୍ଗନାର ଅଙ୍ଗତ ଦିଶେ ବିଭୂତିବୋଳା ଭଳି । ସାଧୁଜନେ । ବିଷ-
ନିର୍ମିତ ଆଭରଣ । ଗଣ-ବିଷଧର ସମାନ । ସେ ନୂପୁର-ସୁନ୍ଦରୀ ଏଣୁ ନୂପୁର-ଅରି ପରିଏ
କରେ କାମେ ଛଳ । ସାଧୁଜନେ । ୧୮ । ଅତି ତପତ ଉରେ ଚନ୍ଦନ ଲେପୁ ଖରେ
ସେ ଲେପ-ଚନ୍ଦନେ ସ୍ଫୋଟକ । ପ୍ରକଟି ଝିଟିତରେ ମତରେ ଏ ଭ୍ରାନ୍ତିରେ ଦିଅଇ ଉପୁ
ଜାଇ ଠିକ । ସାଧୁଜନେ । ସେ ହୃଦେ ରହିଛିତ ସୁର । ତାସ୍ୱପତିତ ମିତ୍ର ତାର । ତେଣୁ
ମିତ୍ର-ସଙ୍ଗୋଳା ଆଣେ କି ଯେନ ତାସ୍ୱ ଅସିଛି ଶଶି ସେତାବର । ସାଧୁଜନେ ।୧୯।
ହୃଦେ ତ ସ୍ମରାନଳ ଜଳୁଥାଇ ପ୍ରବଳ ତା ତେଜ ଶ୍ୱାସ-ପଥେ ଅସେ । ତାପ-ଶାନ୍ତିକ

ବଲ୍ଲିବାଳୀ ସରସ-ସରସଜ ଘେନନ୍ତେ କରଦେଶେ । ସାଧୁଜନେ । ସେ ତପ୍ତ-ନିଶ୍ୱାସ-ମରୁତେ । ଅର୍ଦ୍ଧ-ପଥରୁ ଶତପତ୍ରେ । ମର୍ମର ହୋଇ ଶୁଖି ଯାଆନ୍ତି ନୋହି ଘୁଣୀ ଘୁଣୀ ଚେଳଇ ଭୂରତେ ସାଧୁଜନେ । ୧୦ । ତାପ ଶାନ୍ତି ବଶ୍ୟର ସ୍ତନ ଯୁଗଳେ ବାଳରୁହ-ଯୁଗକୁ ମେଳ କରି । ରଖନ୍ତେ କୃଶୋଦରୀ ତନୁତାପେ ଝାଉଁଳି ମିଳନ୍ତେ ଦହି ଦଳପାଳ । ତାହାଙ୍କୁହି । ଏ ତର୍କ ଉପୁଜଇ ମନେ । ନଳନେ କି ବାଳରତନେ । ବୋଧନ୍ତି ଗୋ ସୁଦତି ଏମନ୍ତେ ତୋର ପତି ଗ୍ରହିବେ କୁଚେ କି ଶୋଚନେ ? । ଗୃଦ୍ଧୁଶୀଳେ । ୧୧ । ଭୃମ୍ବ ବସାନେ ଆନ ଏ ମୋର ହୃଦେସ୍ଥାନ ଲଭନ୍ତି ନାହିଁ ବୋଲି ଚିନ୍ତେ । ନିବେଦ୍ଧ କିବା ବାଳୀତିଳକ ସୁକୁମାରୀ ଏ ଘୋର ମଦନ-ଅନଳେ । ସାଧୁଜନେ । ପରୀକ୍ଷା ପତିପ୍ରତିଜ୍ଞାକ । ଦେଉଛି ଅପେ ଏ ମତିକ । ବିଶୁଦ୍ଧବର୍ଣ୍ଣ ତାର ବର୍ଣ୍ଣି ଦହଣ ପାଣ୍ଡୁର ପୂର୍ବେ ଯେ ଛଣରେ କେତକୀ । ସାଧୁଜନେ । ୧୨ । ଅଙ୍ଗ-ତାପ ପ୍ରଶମ ପାଇଁ ସାରସ ବାମନେତ୍ରୀ ଅଙ୍ଗେ ସଙ୍ଗିମାବ୍ରଜ । ଥିଲେ ଯା ରଖି ଦେଇ ଝାଉଁଳି ମୁଷ୍ଟି ହୋଇ ଗଲା ସେ ଲଭି ତନୁତେଜ । ସାଧୁଜନେ । ସଖି ସ୍ନେହସ୍ପି ଯେ କମଳଣୀ । ମୁଷ୍ଟିରେ ତନୁତାପ ଘେନି । ଯାଏ କି ଅବା ତାପେ ମୁଷ୍ଟି ହରଚ ଅପେ ମାର ତଡବା ଇଚ୍ଛେ ପୁଣି । ସାଧୁଜନେ । ୧୩ । କୁସୁମଶର-ଶର-ଅଣୀବିଷ-ନିକର-ମୁନ-ଦଶନ-ଘାତ-କ୍ଷତେ । ଘୋର ବିରହ-ଗର ଚଳନ୍ତେ ଅଙ୍ଗେ ତାର ଢାଉଳି ସମାକୁ ଭୂରତେ । ସାଧୁଜନେ । ଢବସେ ତପନ-ତେଜରେ । ନିଶ୍ଚି ପୀଯୂଷକରଟର । ଭୁଲି ହେଲା ନାହିଁଶ କେଉଁ ଦର୍ଶକ-ହୃଣ ତା ଦେଖି ରଖିପାରେ ମାରେ । ସାଧୁଜନେ । ୧୪ । ମନମଥ-ବେଦନା-ନାଶ ପାଇଁ ନବୀନା-ହୃଦେ ଆର୍ଦ୍ର-ମୃଣାଳ-ମାଳ । ରଖୁ ଅଙ୍ଗ-ତପତ ନ ସହି ସେ ଝଟିତ ମଉଳ ଯାନ୍ତି ହୋଇ କାଳେ । ସାଧୁଜନେ । ପାଶରେ ନିବେଶିତ କର-। ଯୁଗେ ବଳୈକି କି ମୃଣାଳ । ନିଜ ଉନତା ଦେଖି ଅପଣେ ଲାଜ ଭଜ ମଳନ ହେଲେ ତତକାଳ । ସାଧୁଜନେ । ୧୫ । ତାପ ଶାନ୍ତି ବଶ୍ୟର ଶଇବାଳକୁ ଅଳି ବାଳୀବକ୍ଷରେ ରଖିଥାନ୍ତି । ସେ କମ୍ପେ ଘନ ଘନ ଶୁଣି ପିକନିସ୍ୱନ ହେଣୁ ଚମକୁଥାଏ ଛାତି । ନବୀନାର । ତା ଗୃହିଁ ହୃଏ ଏ ବଶ୍ୟର । ଉରେ ତ ଛପିଅଛି ମାର । ତାର କେତନ ମୀନ ତଳେ ଚଞ୍ଚ କମ୍ପନ ବହେ କି ଶୈବାଳ ଏସନ । ସାଧୁଜନେ । ୧୬। ଅବମାପତି ନଳ ସେ ବରବନିତାର ବଦନେ ଶଶି-କାନ୍ତି ବୋଲି । ବଶ୍ୟରବାର ଚତ୍ତେ ନୁହଇ କଦାଚତେ ଅନୁଚିତ ବଳୈକ କରି । ଯେଣୁ ମୁଖ । ଉପାସ୍ୟମାନ ନିଶାକରେ । ଧମୃଧରି ରହି ନ ପାରେ । ଚେଳଇ ନିର-ନ୍ତର ଅଶ୍ରୁ-ପତନ ଛଳକରି ଲୋଚନୁ ଝରପୂରେ । ସାଧୁଜନେ । ୧୭ । ନିପୁର ଜମ୍ବୁକର ନିକରପକ୍ଷଶର ଯେମନ୍ତ ଅଚ୍ଛେ ସଙ୍ଗସାର । ତେମନ୍ତ ପୁରନ୍ଧ୍ର ବନନ୍ଧ୍ର-କମମାନ୍ଧ୍ର ଅସ୍ତ୍ର ଏ ରୂପସୀ ସୁନ୍ଦର । ସାଧୁଜନେ । ତେଣୁ କି ସ୍ମଶରି ଭୁଲନ୍ତି । ବାମାକୁ ସମ କଞ୍ଚ-

ବାଳୁ । ତାର ପଞ୍ଚତ୍ୱପ୍ରାପ୍ତି ପାଇଁକ ରତପତ ଅଚରେ ନାନା ଯତନକୁ । ସାଧୁ-
ଜନେ । ୮ । ଶଶୀହୁତାଶଶର ସନ୍ଧନ୍ତେ ଫୁଲଶର ତା ଗୃହିଁ ବରହଣୀ ବାଳୀ ।
ବଗୃହ ପେପେଷ ନେତ୍ରଜାତଜୀବସ୍ପୃଷ୍ଟତବ୍ୟାଜରେ ବାରୁଣବାହୁଳ । ସାଧୁଜନେ ।
ନବମୂଦ୍ଧବ ମେଘ-ଶର- । ବନାଶକୁ ସେ ବାଳୀବର । ଉଷ୍ଣପାର୍ଶ୍ୱ-ସ୍ୱଶନ-ଛଳେ କରେ
ଗ୍ରହଣ ମରୁତ-ମାର୍ଗଣ ସତ୍ୱର । ସାଧୁଜନେ । ୨୯ । ରତ-ପତ-ପ୍ରହୃତ ମନ୍ଦ-ମଳୟ-
ବାତ-ଅସ୍ତ୍ରଭ୍ରତକ ପ୍ରତକାର । ପାଇକ ଚନ୍ଦ୍ର ଚତ୍ରେ ସେ ସୁଦତୀ ଭୁରତେ ସ୍ୱଦେହା-
ଭରଣ-ମୃଣାଳ । ମାଳମାନ । ଗ୍ରହଣ କରୁଥାଇ କରେ । ଏତ ଉରଗ ସ୍ୱରୂ-
ପରେ । ସର୍ପେତ ପବନାଶି ତାଙ୍କ ପାଶେ ଭରସି ବାତ ନ ରହିବା ବଗୃହରେ ।
ସାଧୁଜନେ । ୩୦ । ସେ ବର-ବନତାର ହୃଦସ୍ଥ ଫୁଲଶର ଜୀବନ ବରହେ ଏ
ହୁଇ । କଣ୍ଟକବତୀ ବେଳ କୁଚ-ମୁଦ୍ଗରଘେନ ପ୍ରହାର ଦେଲକ ବୁସଇ ।
ଅବା ଶର । ନରତ ମାରୁ ସରୁ ଫୁଲ । ଶେଷେ କର ସମ୍ବଳ ଫଳ । ତାକୁ ମାରୁ ତା
ଉରେ ଅଛ ସ୍ତନ ବ୍ୟାଜରେ ତାଳ ବା ଶ୍ରୀଫଳ ଯୁଗଳ । ସାଧୁଜନେ । ୩୧ । ମାର-
ଜ୍ୱର-ବକାର-ବଶୁଁ ସେ ନାୟିକାର ସନ୍ତାପ ବଢ଼ଇ ଅମାପ । ନରତ ଅବାନ୍ତର
କଥା-କରେ ଉଚ୍ଚାର ନେତ୍ରରୁ ଝରୁଥାଇ ଅପ । ସାଧୁଜନେ । ରଜନୀକେ ତାପ-
ଦାୟୀ । ବୋଲ ତାହାକୁ ନନ୍ଦୁଥାଇ । ସେ ଶଶିର ଅସତ ଫିହକାର ସନ୍ତତ
କୀର୍ତ୍ତି ନରତ ରଟୁଥାଇ । ସାଧୁଜନେ । ୩୨ । କେବେ ସଖୀଙ୍କି ଗୃହିଁ ହୁଟଇ ଗ୍ରନ୍ଥ-
ମୁଖୀ ଜ୍ୟୋତଷେ ନରଙ୍କ ବରଷ । ଅମରଙ୍କୁ ନମିଷେ ଅମରଙ୍କ ବରଷେ ହେଲେ
ଧାତାକୁ ସେ ନମିଷ । ସହଚର । ଅଛତ ଗଣନ ଏମନ୍ତ । ସଂଯୋଗକ ଯେ
ଲେଶ ମାତ୍ର । ବୟୋଗୀ ପାଇଁକ ତା ବରଷେ ହେବା କଥା ନୋହିଛ ତହିଁ କପାଁ
କ୍ଷାତରେ । ସହଚରୀ । ୩୩ । ଉଚ ଦେଖି କ ସଖି ଧରତ୍ରୀ-ଭୃତ-ପତ ହିମବନ୍ତର
ପୁତ୍ରୀ ହେଲା । ଏ ପାପୀ କାମଦକା ତାହାକୁ ସିନା ଏକ୍ଲା ଜନ୍ମଲଭେ ପ୍ରବର୍ତ୍ତୀଇଲା ।
ସହଚର । ଶିବ-ଲଲାଟପଟ ଚନ୍ଦ୍ର । ଲୋଚନ ନୁହେ କଦାଚନ । ଯାହା ନିହିଛ ବହ୍ନି
ଜ୍ୱଳୁଛ ତାହା ତହିଁ ସଖୀର ବରହ-ଦହନ । ସହଚର । ୩୪ । ଦହନ-ଦାହ-ଜାତ
ବ୍ୟଥା ନୋହେ ଏମନ୍ତ ବରହ-ବାଧା ଯଥା ବାଧେ । ପ୍ରିୟତମ-ମରଣେ ନୋହିଲେ
ନାରୀ-ଜନେ କପାଁ ପଡ଼ନ୍ତେ ବହ୍ନିମଧ୍ୟେ । ସହଚରେ । ଏ କଳାନଧି ଯେ କଳାରେ ।
କୁମୁଦେ ତୋଷେ ତା ବାହାରେ । ପ୍ରସରଇ ଯହିଁରେ ବରହ-ଜନ ମାରେ ତା ଲାଗି-
ଆଇ ତା ଶରୀରେ । ସହଚର । ୩୫ । ମୋର ବଚନ ବୋଲ ପୁଚ୍ଛ ଶଶିକ ଅଙ୍କ
ଏ ଦାହ-ଗୁଣ ଶିକ୍ଷାପାଇଁ । ଶୂଳ-ଧରର ଗଳା ପକାଇବାରେ କଳା କୁଶଳ ଗରଳକୁ
କେହ । କଲ ଗୁରୁ । ଅଥବା ବାଡ଼ବ-ଅନଳ । ଯେ ଥାଏ ତା-ପିତା ଉଦର । ତାର
ତହିଁ କ ଏହା ଶିଖି ହୋଇ ଉତ୍ସାହା ବରହନାଶେ ଅଗ୍ରୁଁସାର । ହୋଇଅଛ ।୩୬।

ବିଯୋଗିନୀ-ଅଙ୍ଗନା-ନାଶ-ପାତକୁଁ ସେନା ହେଲା ଭ୍ରମଦେଶ ଏହାର । ତେଣୁ ଭ୍ରମି ଭ୍ରମିଣ ଲଭେ ଅପେ ପତନ ଅସିତ-ନିଶା-ଶିଳାପର । ତା ଶବ୍ଦର । ସହି ନପାରି ସେ ବିଘାତ । ଛଟିକ ହୋଇ ଚୂର୍ଣ୍ଣୀଭୂତ । ନଭସ୍ଥଳ ବ୍ୟାପିଲି ତାକୁ ତାରକା କହି ଥାଆନ୍ତି ସକଳେ ନିଶ୍ଚିତ । ସହଚରି । ୩୭ । ମୁଁ କହିଅଛି ବୋଲି ବୋଲି ଶଶିଙ୍କ ଅଳି କପାଁ ସେ କରେ ଏ ଅନୀତ । ଲକ୍ଷ୍ମୀ ଅଛି ଯାହାର ଉଦରୁ ଅବତାର ଏ ପରି ସେ ସିନ୍ଧୁ-ସନ୍ତତ । ତେବେ କୁଳେ । ଜନମି କରେ କେହି ଏହା । ନଭେନ୍ଦୁ ପଢ଼େ ମନେ ତାହା । ମହାଦେବର ଶିର ପରେ ବନ୍ଦିରହିବାର ଲୋକଙ୍କୁ ସାଜେ ନିକ ଏହା । ସହଚରି । ୩୮ । ସିନ୍ଧୁମନ୍ଥନ-କାଳେ ସାଗରେ ସୁରାସୁରେ ମନ୍ଦର ଆଣି ପକାଇଲେ । ସେ ଗୁରୁଭାର ପାତ ଘାତେ ତନୁ ଚୂର୍ଣ୍ଣିତ ନୋହି ରହିଲା କେହି ଭଲେ । ଏ ଶଶିର । ଅଗସ୍ତି ପରି ସିନ୍ଧୁଜଳେ । ଚନ୍ଦ୍ରକେ ପାନ କରିଥିଲେ । ଏ ତାଙ୍କ ଗର୍ଭେ ପଶି ଜଠରାନଳେ ଧ୍ୱଂସି ନୋହିଲା କେଉଁ ପୁଣ୍ୟବଳେ । ସହଚରି ।୩୯। ଜୀବତ କାଳରେ ତ ମୋହରେ ଏହାଠାରୁ କଷ୍ଟ ନୋହିଲା ପ୍ରବନ୍ଧ । ବିନାଶେ ତ ଅବଶ୍ୟ ହୋଇବ ଏ ମୋ ବଶ ଏଣୁକି ପାଶୁ ମୋ ମରଣ । ଦୋଷାକର । ନାହିଁକି ଶୁଣି ମୂର୍ଚ୍ଛମତ । ବିବୁଧ-ସୁର-ମୁଖୁଁ ଶ୍ରୁତ । ନଳ-ନୃପ ବଦନ-ଇନ୍ଦୁ-ବିମ୍ବେ ଆନ ଦମୟନ୍ତୀର ନାହିଁ ଚିତ୍ତ । ଦୋଷାକର । ୪୦ । ଏ ନିଜ-ନବ-ଯଶ- ରାଶି କର ପ୍ରକାଶ ସଂସାରେ ଭ୍ରମି ବଜାଇ । ସଲିଳ-ନିଧି-କୂଳ କରରୁ ସମୁଜ୍ଜ୍ୱଳ ସ୍ୱକୀର୍ତ୍ତି-କେତନ ଉଡ଼ାଇ । ଦୋଷାକର । ବଧୂ-ନିଧନ-ସମୁଦ୍ଭବ । ପୌରୁଷ ରାଶି କରିଲୁ । ମୋତେ ଏତେ କଦନ ଦେବାର କ୍ରୂରପଣ ବରଜ ଅଙ୍କୁ ନିଶାଧବ । ଦୋଷାକର ।୪୧। ନ ଥିଲାକୁ ନଭରେ ସୂର୍ଯ୍ୟ ସିନା ନିଶାରେ ତାହାର ରୂପ ତୁହି ବହି । ନୀଚ-ସ୍ୱଭାବ-ବଶେ ଦୟା ନବହି ଲେଶେ ପକାଉ ଅଛୁ ମୋତେ ଦହି । ଦୋଷାକର । ଦିବସେ କରିବୁ ତୁ କିସ । ଯେବେ ଉଇଁବ ଦିବସେଶ । ସେ କାଳେ ତେଜେ ତା'ର ଦୁର୍ଦ୍ଦଶା ଦେଖି ତୋର ମୁଖୁଁ ମୋ ପ୍ରସରିବ ହାସ । ଦୋଷାକର । ୪୨ । ଭୂତ-ପତିର ଶିରେ ବହି ଜଳୁ ନିଟରେ ଅମୃତ ହୋଇ କେହି ତୁହି । ପୁଣି ଆନ ଜନର ମସ୍ତକ-କମ୍ପକର ଗୁଣ ସ୍ୱଭାବେ ଆଉ ବହି । ଦୋଷାକର । ଏ ତୋ ପିଶାଚ-ପଣେ ଧନ୍ୟ । ନୋହିଲେ କି ଅବଳା-ଜନ । ମାଦୃଶ ଅନାଥିନୀ ହୃଦ-ଦଳନେ ପୁଣି ପ୍ରକାଶୁଥାନ୍ତୁ ଖରଷ୍ଟଣ । ଦୋଷାକର । ୪୩ । ଅମୃତସ୍ରବଣ ପୂର-ତମାଳ-ଦଳାଙ୍କୁର-ସକଳ ଏକ-ମୂଳ କରି । ଶଶି-କୋଳ-କୁରଙ୍ଗ-ବଦନେ ଦିଅ ବେଗ ଭରି ସେ କୁକ୍ଷି ଯାଉ ପୂରି । ସହଚରି । ପୂର୍ଣ୍ଣି-ଭୋଜନ-ବଶୁଁ ତା'ର । ଶଶ୍ୱର ହେଉ ପୁଅ ତର । ତା ତନୁରେ ଏ ଶୀତ-ଭାନୁ ହେଉ ଆବୃତ ଲଭେ ମୁଁ ଶାନ୍ତି କ୍ଷଣକାଳ । ସହଚରି । ୪୪ । ଅସମସ୍ତେ ବିବେକ ପ୍ରସରଇ ଏ ଠିକ ପାଶକୁ

ଅସି ଅମାଗଲ୍ପ । ତେତେବେଳେ ତାହାକୁ ଅକଷ୍ଟ ରଖିବାକୁ କାହାର ବଗୁର ନୋହିଲ୍ପ । ସହଚରି । ଏବେ ସେ ଅସିବଷ୍ଟ ଯେବେ । ଶୁଣିଥାଅ ସକଳେ ତୁମ୍ଭେ । ରଖିବା ତାକୁ ବାନ୍ଧ ତେବେ ଏ କଳା-ନଖ-ମୁଖ-ଦେଖା ନୋହିବ କେବେ । ସହଚରି । ୪୫ । ସାଗର-ଶୋଷା ଋଷି ପାଣେ କ ପାଠ ଯୋଷି ନଧାରେ ମୋ ଶିଶୁ ଚକୋର । ସେ ବଦ୍ୟା ହେଲେ ତାର ତା ପାନକୁ ଶିକର ପ୍ରାପ୍ତ ହୁଅନ୍ତା ଶଶିକର । ସହଚରି । ନୋହିଲେ ଅଣି ମୋ ମୁକୁର । ପ୍ରାଙ୍ଗଣେ ରଖି ମୁଦ୍ଗର । ଧର ଗୋ କରେ କଷି ପଶିଲେ ତହିଁ ଶଶି ପ୍ରହାର କର ତାକୁ ଚୂର । ସହଚରି । ୪୬ । ତେତେ ବଜ୍ର ବାଡ଼ବଅନଳେ ଦେଲ୍ପ ଠାବ ଉଦରେ ଏ ସରିତ-ପତି । କେନ୍ଦୁବତ ଇନ୍ଦୁକୁ ନୋହିଲ ରଖିବାକୁ କ୍ଷମ ପକାଏ ବର ବାନ୍ତ । ସହଚରି । ସାଗର-ସମ୍ଭବ ଗରଳେ । ଗିଳଲେ ଶୂଳୀ କୁତୂହଳେ । ଏ ପିୟୂଷ-କରଣେ କସ ବଗୁର ମନେ ଫସାରେ ନ ଗିଳ ରଖିଲେ । ସହଚରି । ୪୭ । ସେ ସିନ୍ଧୁ-ସମୁଦ୍ଭବ ଅସିତ ବିଷ ଶିବ ଏକମାତ୍ରକେ କଲେ ପାନ । ଲୋକଲୋଚନେ ତାର ନୁହଇତ ଗୋଚର କାହିଁ କେବେହେଁ ଚନ୍ଦ୍ରବଣ୍ଡି । ସହଚରି । ସେ ଶିବ ସିତ-ବିଷ ଶଶି । ସକଳ ଦେବେ ଯାନ୍ତି ଗ୍ରାସି । ଅରକୁଥର ଶେଷ ହେଲେହେଁ ନୋହି ନାଶ ପୁଣି ଏ ଅସଇ ବଳଶି । ସହଚରି । ୪୮ । ସୁଧାନିଧି ସିନାଏ ସୁଧାତ ଦେବତାଏ ଶୋଷିଥିବାରୁ ସୁଧା ନାହିଁ । ବିରହି-ନାଶ-ଜାତ-ପାତକ ଅଙ୍କବତ ଅଙ୍କେ ମାତ୍ର ତା ଅଛି ରହି । ସହଚରି । ଏମନ୍ତ ଶଶିଙ୍କ କେମନ୍ତେ । ଦୈବଜ୍ଞ ସୁବୁଦ୍ଧି ପଣ୍ଡିତେ । ଅପାପ ଗ୍ରହ ବୋଲି ବଖାଣୁ ଥାନ୍ତି ଖାଲି ଏହା ବଗୁରୁ ଥାଇ ଚଉଦେ । ସହଚରି । ୪୯ । ବହୁଳ ମାନ ଲଭି କର ବିରହିଭବ-ବ୍ୟାଧି-ପୀଡ଼ିତ ଜନ୍ତୁ ସହି । କୃଷ୍ଣପକ୍ଷ ଫସାରେ ବସ୍ତ୍ର ଗ୍ରାସଂସାରେ ବହୁଳ ନାମ ଅଛି ବହି । ସେଇଁ ତଥି । ବିରହି-ଜନଙ୍କ ବଦନେ । ଅମାପ ମାନ ଦନ୍ତୁ ଦନେ । ଅରଜୁଛି ତାହାର ଅମା ବୋଲାଇବାର ବୃଥା ନୁହଇ ଦେନ ମନେ । ସହଚରି । ୫୦ । ନିଜ-ଅରି-ଶ୍ରୀହରି-କରର ଶଙ୍ଖ-ଅରି-ଭ୍ରମରେ ସ୍ୱର୍ଭାନୁ ଶଶିଙ୍କ । ବଳକରମୁ ପର ଗରଭ-ଗତ କର ପୁଣି ପଛକୁ ବଗୁର କି ? । ଇନ୍ଦୁବୋଲି । ଉଦ୍‌ଗାର ପକାଏ ରଭସେ । କବା ନ ଉଦ୍‌ଗାର-ଲେହେଁ ସେ । ଦେବା ମାତ୍ରକେ ଗଳ ତା ଛିନ୍ନ ଗତ୍ତ ଗଳ ପଳାଏ ନ ମରି ଅକାଶେ । ସହଚରି । ୫୧ । ଅତ ସାରଲ୍ୟ ପଣେ ଏ ପୁସ୍ତବଦଗଣେ ବୋଲନ୍ତି ଶ୍ରୀମଧୁସୂଦନ । ଚକ୍ରେ ସ୍ୱର୍ଭାନୁର ଶିର ଛେଦିଲେ ଭ୍ରମେ ହେଲେ ନ ବୋଲନ୍ତି କଦାଚନ । ସହଚରି । ବିରହି-ମୂର୍ଦ୍ଧ୍ୟ-ଭେଦ-କାରୀ । ନିଷ୍ଠସ୍ତୁ ଏ ଶ୍ରୀପତି ବୋଲି । ନ ଛିଡଥିଲେ ସ୍ୱର୍ଭାନୁ ତାର ଜଠରେ ଅଉ ଥାନ୍ତାକି ଶଶାଙ୍କ ନ ମରି ? । ସହଚରି । ୫୨ । ମୃଗରୂପ ମଖର ଶର ଦର୍ପକପର ହର ଛେଦିବା-ମାତ୍ରକରେ । କୁସୁମ-କୋଦଣ୍ଡର ସୌନ୍ଦର୍ଯ୍ୟ-ସଖା ସୁର-ବୈଦ୍ୟ

ଯୁଗଳ ତତପରେ । ସେ ମୃଗର । ଶିର ଶରୀର ଯୋଡ଼ିଥିଲେ । ଏବେ କି କେହି ନାହିଁ ଭଲେ । ଯେ ଶଶାଙ୍କ-ବପୁର ଶଙ୍କରେ ଛିନ୍ନଶିର ପାରନ୍ତା ଯୋଡି ଅବହେଳେ । ସହଚରି । ୫୩ । ସଂଗରେ ନଳଶର-ଛିନ୍ନ-ଶିର ରିପୁର କବନ୍ଧ ଊର୍ଦ୍ଧ୍ୱେ ହିଟପିଛେ । ତା ଗଳାରେ ଉପଳ-ବନ୍ଧୁ-ବଇରି-ଶିର ମିଳି ନ ଯାଏ କେହି ସ୍ୱଚ୍ଛେ । ସହଚରି । ସଦ୍ୟ-ଶୋଣିତ-ଲେପ-ବୋଲେ । ଦୁହେଁତ ମିଳନ୍ତେ ଚପଳେ । ଉଦୟ ହେଲେ ତାର ତହିଁ ଏ ଶଶଧର ହୁଅନ୍ତା ଜାଣି ତତକାଳେ । ସହଚରି । ୫୪ । ଜୟ ନିଶାଚରୀଙ୍କ ପଶୁର ଭଳି ଦେଖି ମଙ୍ଗଧେଶ୍ୱର ଜୟଅନ୍ଧେ । ଜନ୍ମୁତ ବେଳି ଫାଳ ହୋଇଥିଲା ଶରୀର ସେ ଯେନା ଯୋଡଲା ନିବନ୍ଧେ । ସହଚରି । ଅଛୁତ କବନ୍ଧ କେତୁର । ତହିଁ ଏ ବିଧୁ ନୁଦଶିର । ନ ପାରେ କସେ ଯୋଡି ଏଥିକି ବୁଦ୍ଧି ଲୋଡ ଖାଲୁ ତ ତାକୁ ନୁହେ ଦୂର । ସହଚରି । ୫୫ । ଏ ମୋର ଗିର ବୋଲି ସନ୍ତୁକୁ କହି ଥିଲ ଶଶିକି ଦ୍ୱିଜରାଜ ଭଳି । ଗିଳି ପୁଣି ବମନ କରଇ କି ବହନ ନ ଜାଣେ କିଏ ସ୍ଥାନ ବୋଲି । ସଦାକାଳେ । ଲୋକେ ଦ୍ୱିଜରାଜ ବୋଲଇ । ବାରୁଣୀ ସହିତ ରସଇ ।

ତେଣୁ ଲଭେ ପତନ ପୁଣ ଦବେ ଗମନ ତାର ଉଚତ କେହି ହୋଇ । ସହଚରି । ୫୬ । ଦ୍ୱିଜେ ଗରୁଡ଼ ଗିଳି ଗଳା ଉଠନ୍ତେ ଜଳ ଯଥା ଉଦ୍‌ଗାର ଦେଇ ଥିଲ । ଗଳ-ପ୍ରଦାହ ଲଭି ଗିଳବାବେଳେ ଦବ ସନ୍ତୁ ଅଜକ ବାନ୍ତକଲା । ଏ ଶଶିକି । ଦ୍ୱିଜରାଜ ବୋଲି ବଗ୍ଭର । ନ ଜାଣେ ସେତ ତଥ୍ୟକର । ଦାହକ ଏ ସ୍ୱଭାବେ ଦ୍ୱିଜ ହେଲେ କି ଲଭେ ନ ଥାନ୍ତା ମୋରେ ଦୟାକର । ସହଚରି । ୫୭ । ବିରହିଣୀଙ୍କ ଜୀବ ଚର୍ବଣେ ତାରାଧବ ଶମନର ବିଚକ୍ଷଣ । ବୋଲାଏ ଦ୍ୱିଜରାଜ ଷୋଡ଼ଶ-କଳାବ୍ୟାଜ-ଦଶନ-ଦାମେ ଯେଣୁ ପ୍ରିୟ । ସ୍ମର ମୁଖ । ଏ ସଦା, ହରନେତ୍ରା-ନଳେ । ଦହନ ହେଉ ସେ ଚପଳେ । ଓଷ୍ଠାର ନେଇ ବିହି ଏହାକୁ ପାପ ପାଇଁ ଦେଇଛି ଲାଛ ଗୃହଁା କୋଳେ । ସହଚରି । ୫୮ । ଶଶିକି ନାନାମତେ ନିନ୍ଦାକରି ସେମନ୍ତେ ନିଷ୍ଫଳ ବୋଲି ବାଳୀ ଭଳି । ନିନ୍ଦା କରଇ ମାରେ ଯେ ନିଜ ହୃଦୟରେ ରହି ନିରତ ଦଏ ଜାଳି । ବୋଲେ ବାଳୀ । ଏ କି ତୋ ବିବେକରେ ମାର । ଅନଳ ପ୍ରାଏ ତୋ ବେଭାର । ମୋ ହୃଦେ ରହି ମୋତେ ପୋଡୁଛୁ ଯା ମୋ ଅନ୍ତେ କାହିଁ ରହିବୁ ତୁ ପାମର । ମନସିଜ । ୫୯ । ଯାଁରେ ତୁ ଦେଖାଦେଉ ଶୁଦ୍ଧ ତା ଚେତଣେଥାଉ ଅନ୍ଧ ସେ ହୁଏ ଏକାବେଳେ । ନିଜ-ବେଦ-ନୟନ ତୁଳେ ତା ଶାସ୍ତ୍ର-ଜ୍ଞାନ-ନେତ୍ରର ଅୟନ ନ ଚଳେ । ମନସିଜ । ଏଣୁ ନୟନ-ହିତହର । ନାଶ-ଅଶଙ୍କା କର ଦୂର । ସଂସାର ଶୁଭ ଚନ୍ଦ୍ର ତୋତେ ଅଦେହ-ଭୂତି ଦେଖିଲା ମାତ୍ରେ ଦେଲେ ହର । ମନସିଜ । ୬୦ । ତୁ ରତି-ସହଚର ବୋଲନ୍ତ ସକଳ ରହିଛୁ ତୁ ତ ଦେହେ ମୋର । ତୋ ତୁଳେ ରତି ନାହିଁ ଥିଲେ ନ ଥାନ୍ତା

କେହି ମୋ ଦେହେ ସହିତ ସେ ତୋର । ମନସିଜ । କେମନ୍ତେ ଅବା ତୋ ସଙ୍ଗତେ ।
ରହି ସେ ପାରିବ ଯୁଗତେ । ଦାହିତ ନାହିଁ ଦେହ ହେଲାବେଳେ ଅଦେହି ତୁ ହର-
ନେତ୍ର-ବହ୍ନି-ହୋଇଣ । ମନସିଜ । ୭୧ । ରତି-ବିରହ-ଦୁଃଖେ ସୁଖ ତ ନାହିଁ
ରେଖେ ମାନସେ ତୋର ଫୁଲ-ଶର । ତାର ବିରହାନଳେ ଆତ୍ମପରଜ୍ଞାନରେ ଅନ୍ଧତ
ହୋଇଛୁ ପାମର । ସେ ତପତୀ ସଙ୍ଗତ ବଶୁଁ ତନୁ ତୋର । ନିରତ ତାପିତ
ପାମର । ତେଣୁ ତୁ ହୃଦେ ମୋର ନିବାସ କରୁଁ ଘୋର-ତାପେ ଜଳୁଛି ମୋ
ଶରୀର । ନିରନ୍ତର । ୭୨ । ଅତି-ପ୍ରଥିତା-ପତିବ୍ରତା ତ ତେବେ ରତି ସେତ ନ ମଲା
ତୋର ଭୁଲେ । ତା ପରି ଗୁଣବତୀ ତୋ ପରି ପାପ-ମତି-ପତି-ମେଳେ କି ଥାନ୍ତା
ଭଲେ । ମନସିଜ । ନାଶୁଛୁ ଅସଂଖ୍ୟ ବିରହୀ । ସେ ପାପେ ତନୁ ତୋର ଦହି ।
ହୋଇଗଲାରେ ଖଳ ଅପଦୋଷୀ ସେ ଯୋଷାର ଦହନ ନୁଅନ୍ତା କପାଇଁ । ମନସିଜ ॥
ଜିତେନ୍ଦ୍ରିୟ ସୁଗତ ତୋତେ କରି ପରାସ୍ତ ତୋ କୀର୍ତ୍ତି-କାନ୍ତ ନାଶିଛନ୍ତି । ଅବଶିଷ୍ଟ
ଶରୀର ହେବାରୁ ତୁ ବଇରି ଗିରିଶ ଜାଳି ଦେଇଛନ୍ତି । ମନସିଜ । ପୁଷ୍ପେ ମହେଶେ
ହିଂସି ତୋର । ଦୁର୍ଦ୍ଦଶା ଦେଖି ନିରନ୍ତର । ବାବେ କି ନୀତିଶାସ୍ତ୍ର 'ନୁହି ବିବାଦେ ରତ
କୌତୁକେ ଖେଳେ ମାରଫୁଲ' । ବୋଲିଜନେ । ୭୪ । ଆନ ଦେବଙ୍କ ପରି ତୁ ତ
ରେ ସମ୍ଭବର ଅମୃତ ପିଇ ମୃତ ନୋହୁ । ତଥାପି ହରନେତ୍ର-ବହ୍ନିହୋଇଣ କେମନ୍ତ
ଜଳିଣ ଗଲୁ ଗୃହୁଁ ଗୃହୁଁ । କହିବୁକି । ଏବେ ଅମୃତପାନ କାଳେ । ନ ଥିଲୁ ବୋଲି
ଦେବ ମେଳେ । ଯେଣୁ ସେ ସୁଧା ରତି-ବଦନାମୃତ ପ୍ରତି ନୁହଇ ସ୍ୱାଦେ ସମ ଭଲେ ।
ଖଳବୁଦ୍ଧି । ୭୫ । ଭୁବନ-ତ୍ରୟେ ଯେତେ ଜନଛନ୍ତି ସମସ୍ତେ ତୋ ତାପେ ଦହି
ହେଉଥାନ୍ତି । ସେ ପାପ ଯୋଗେ ହର-ନେତ୍ର-ଅନଳେ ଖଳ ଜଳି ଲଭିଛୁ ପ୍ରେତ-
ଗତି । ମନସିଜ । ମାଦୃଶ ବିରହିଣୀ-ଜନେ । ଲାଗିଥାଉ ତୁ ଅନୁକ୍ଷଣେ । ନ ରହୁ
ଅସ୍ଥି ହୋଇ ଠାବତ ନାହିଁ କାହିଁ ତୋହର ଏ ତିନି ଭୁବନେ । ମନସିଜ । ୭୬ ।
ନ ଘେନୁ କପାଁ ପ୍ରାଣ କରୁ କେହି କଦନ ମୋତେ ଏମନ୍ତେ ଅବିରତ । ଦେଖି
ମୋ ଦୁଃଖ ଘୋର ନୁହେ କି ଗୃପ ତୋର କରିବୁ କୃପାରେ ଶ୍ଳଳିତ । ମନସିଜ ।
ଜୀବ ତ ନାହିଁ ତୋ ଶରୀରେ । ଜୀବନ ଯିବା ସମୟରେ । ପଡ଼ିଛି ଯେଉଁ ମୁଷ୍ଟି ସେ
କାହିଁ ପିଣ୍ଡବନ୍ଧି ଖଦିବ ଗୃପ କି ପ୍ରକାରେ । କରୁ ତୋର । ୭୭ । ଅନ୍ୟ ଦେବ
ସେବିଲେ ଅପମରଣ ଭୁଲେ ଅନ୍ଧତା ବିରୂପତା ଯାଏ । ଭଲା ଦେବତା ତୁହି ତୋତେ
ଯେ ସେବୁଥାଇ ତା ଲାଭ କହି ସାରି ନୁହେ । ମନସିଜ । ପ୍ରଥମେ ସମ୍ଭବେ ଅନ୍ଧତା ।
ମଧ୍ୟେ ବପୁ ବିରୂପତା । ଅନ୍ତିମ ସମୟକୁ ଅସେ ଶାନ୍ତ ହେବାକୁ ପାଶେ ତା
ମରଣ ଦେବତା । ମନସିଜ । ୭୮ । ଅତି ନୃଶଂସ ବୋଲି ବିଧାତା ତୋତେ ବାରି
ଫୁଲେ ତୋ ଶରାସନ ଶର । ଦେଇଛି ଅଗ୍ରୁଁ କରି ତହିଁ ହେଲେହେଁ ସାରି ଦେଉ

ମହତ ସକଳର । ମନସିଜ । ଯେବେ ତୋ ଶର ଲୌହମୟ । କାର୍ମୁକ ଦୃଢ଼ ଅତିଶୟ । ଥାଆନ୍ତା ହୋଇ ତେବେ ଏ ସଂସାର କି ଏବଯାଏ ରହନ୍ତା ନୋହି କ୍ଷୟ । ମନସିଜ । ୬୯ । ତୋର ବଇରୀ ହର ଯେମନ୍ତ ପେଷି ଶର ତ୍ରିପୁର ଉଳେ ହେଲେ ଦହି । ତେମନ୍ତ ପୁର ସ୍ୱୟ କରିବୁ ତୁହି କ୍ଷୟ ଏମନ୍ତ ଅଶଙ୍କାରେ ବହି । ମନସିଜ । ପୁଷ୍ପେ ତୋ ଶର ଶରାସନ । ବିରଚି ନୋହି ଥୟ ମନ । ସେ ପୁଷ୍ପେ ମଧୁ ଦେଇ ଅଛି ନୋହିବ ଦହି ବୋଲି ବିରହୀ-ଜନ-ପ୍ରାଣ । ମନସିଜ । ୭୦ । ସୂକ୍ଷ୍ମତ ଜନ-ମନ ନ ପଡ଼ଇ ନୟନ-ପଥେ ସେ ନିରେଖି ଚାହିଁଲେ । ନୁହେ ତ କେବେ ଥିବ ଏଣୁ କି ପିତାମହ ତାକୁ ତୋ ଲକ୍ଷ୍ୟ ସମ୍ପାଦିଲେ । ମନସିଜ । ସେ ମଧ ଯାଏ ଦଳି ହୋଇ । ତୋ ଶର-ମୁନ ଗଳୁଁ ତହିଁ । ହେଲେହେଁ ଅଶନି ସେ ଏ ଫୁଲଶର-ପ୍ରାସେ ରହନ୍ତା କେହି ଚୂରି ନୋହି । ମନସିଜ । ୭୧ । ଶର ତୋର ସୁମନେ ବିରଚିଲେହେଁ ମନେ ଶାନ୍ତି ନ ଭଜି ବିହି ତୋତେ । ଦେଲା ପଞ୍ଚମାହିକ ତହିଁ ହେଲେ ତୁ ଦିକ ଜନ୍ମାଉଁ ଏ ବିଶ୍ୱଜଗତେ । ମନସିଜ । ଏ ଯେଉଁ ପଞ୍ଚ-ସ୍ୱର-ତରୁ । ଦେବଙ୍କ ହେତେ ବା ବିତରୁ- । ନାହାନ୍ତି ପୁଷ୍ପ ? ତୋତେ ସ୍ଥାନ ବିସ୍ତର ଛତ୍ରେ ଦିଅନ୍ତି କି ବେଶି ପଞ୍ଚରୁ । ଧିକ ତୋତେ । ୭୨ । ଦିବ୍ୟ ସୁମନ-ଶରାସନ ବିଧାତା ପରା ବିତରି ଥିଲେ ଅପେ ତୋତେ । ତାହାର ଦୁରାଗ୍ରହ-ପଣ ଦେଖି ସହିର ନେଲା କି ତା ତୋ କରୁ ସତେ । ମନସିଜ । ତହିଁ ବା ଲାଭ ହେଲା କିସ । ଏକସ୍ଥାନେ ବେନି ପ୍ରକାଶ । ପାଇଲା ଏତେ ମାନ ଯାହା ନଳ-ଭ୍ରୂଭୂତ-ବଦନେ ଭ୍ରୂଲତା ବିଳାସ । ମନସିଜ । ୭୩ । ନନ୍ଦନ-ବନଗୃହ ଷଡ଼ ଋତୁଏ ମିଳି ହେଉ-ସୁମନ ତୋତେ ଦେଲେ । ତହୁଁ ଏକରେ ରୂପ ଅନ ପଞ୍ଚରେ ସ୍ୱରୂପ ପଞ୍ଚ-ଭିଆଇ ତୁହି ଭଲେ । ମନସିଜ । ଅନଙ୍ଗ ହେଲୁ ଯାହା ତୁହି । ତାହା ଜଗତ ହିତପାଇଁ । ଦୃଢ଼େ ଶ୍ରୁତି-ମୂଳକୁ କର୍ଷିତ ତୋ ଶରକୁ ନୋହିଲେ ସହନ୍ତା କି କେହି । ଏ ଜଗତେ । ୭୪ । ଶର ମାରୁ ଶଙ୍କରେ ତାଙ୍କ ନେତ୍ର ଅନଳେ ସେ ଶରସଙ୍ଗେ ଗଲୁ ଜଳି । ତଥାପି ଗଲୁ ରହି ତୁହି ଅନଙ୍ଗ ହୋଇ ତୋ ଶର ହେଲା ତୋହି ଭଳି । ମନସିଜ । ଏ ଯେ ପଞ୍ଚମ ପିକ-ସ୍ୱର । ନିଶ୍ଚୟ ସେ ତୋ ପଞ୍ଚଶର । ଅନଙ୍ଗ-ଦଶା ତୋର ବିଲୋକି ସେ ଶରୀର ଲୁଚାଇ ହେଲେ ଅଂଗାରର । ମନସିଜ । ୭୫ । ତୋତେ ନୟନାନଳେ ଜାଳି ଦେବାର କାଳେ ଶୂଳ-ଧରଙ୍କ ଶ୍ରମ ହେଉତେ । ସେ ଏ ଅଦ୍ରିଜାର କପାଳକୁ ବିଫଳ ଗଲା ହୋଇ କଣ୍ଟକିତ ମାତେ । ମନସିଜ । ଜଳିଯିବାର ସଙ୍ଗେ ସଙ୍ଗେ । ଦେବଙ୍କ ଶୁଭ ପାଇଁ ସ୍ୱର୍ଗେ । ତେଜେ ଦହି ଯାହାର ହେଲୁ ତନୁ ତାହାର ଅଶ୍ରୁ ହୋଇଲୁ ଜାତ ବେଗେ । ମନସିଜ ।୭୬। ସୁଧାକର ଉଦିତ ହେଲେ ବିରହୀ ବ୍ରାତ ରହନ୍ତି ପରାଙ୍ମୁଖ ହୋଇ । ଦକ୍ଷିଣ-ଦିଶାଗତ

ମନ୍ଦ ମଳୟ-ବାତ ଦକ୍ଷିଣ ତାହାକୁ ନୁହଇ । ମନସିଜ । ଏକା ଯେବେ ତୁ ତେତେବେଳେ । ଲକ୍ଷି ତାହାଙ୍କ ହୃଦ-ସ୍ଥଳେ । ଶର-ସନ୍ଧାନେ ଗୁଣ-କରଣରୁଁ ସୁମନ-ଗୁପ୍ତ ଅମଙ୍ଗୁ ଭୁଜବଳେ । ମନସିଜ । ୭୭ । ଅନ୍ଧ ତୁ ମଦ-ମୋହେ ଯମ ବନ୍ଦେ ରହୁ ତେଣୁ ତୋତେ କି ଏକା ନାଶି । ଅନ୍ଧକାର ସୁରର ମୁଖୁ ବଜାଇକାଶି ନାମ ବହିଲେ କାଶିବାସୀ । ମନସିଜ । ତୋ ସମ ପର-ଅପକାରେ । କୁଶଳ ନାହିଁ ତ୍ରିପୁରେ । ଜାଳନ୍ତୁ ନିଜ ଦେହ ଅଲିଙ୍ଗି ତହିଁ ଦାହ କରିବା ପାଇଁ ସକଳରେ । ମନସିଜ । ୭୮ । ଭୁବନ-ଜନ୍ମ-ଶାନ୍ତ ବଗୁର ପଶୁପତି ତୃତୀୟ-ନେତ୍ର-ଜାତହୋଇ । ଯାହାଙ୍କି ତୋତେ ଦୂତ କଲେ ଏଥି ଉଚିତ-ଇତର ନାହିଁଟି କହୁତେ । ମନସିଜ । ଥିଲା ତୋ ସଖା ମଧୁ ଏକା । ପଡ଼ିଲା ନାହିଁ ସେ ତ ଦେଖା । ତା ଭ୍ରମେ ମଧୁନାମ ଦୈତ୍ୟ ପୁରୁଷୋତ୍ତମ ନାଶିଲେ କି ହେଲା ଅଧିକା । ମନସିଜ । ୭୯ । ନଳ-ଅଧରାମୃତେ ଅଶାୟୀ ଅବିରତେ ସେ ବରବର୍ଣ୍ଣିନୀ-ବଦନ । ଏହିମତ କେତେକ ବଚନ କହି ଠିକ ବିହ୍ୱଳ ହୋଇଲା ବଦନ । ସାଧୁଜନେ । ତା ଗୃହିଁ ବିବେକ ଏମନ୍ତ । ପ୍ରସରଇ କି ଛତକାନ୍ତ । ଶୁଣି ପରୁଷଗିର ବେଷେ ଶୋଷଣ-ଶର ପେଷନ୍ତେ ହୋଇଲା ଏମନ୍ତ । ସାଧୁଜନେ । ୮୦ । ସ୍ମର-ଶର-ପତନେ ମରମ ଅବଛିନ୍ନେ କ୍ଷତ ବିକ୍ଷତ ହେଲା ଯେଣୁ । ଅଜ୍ଞ ବନ୍ଧୁ-ବଚନ ରଚନେ ଗୋଷ୍ଠେରନ-ଗୋଷ୍ଠି ନୋହିଲା କ୍ଷମ ତେଣୁ । ସାଧୁଜନେ । ପ୍ରିୟ-ସଜନୀ-ଜନମାନେ । ପ୍ରବୋଧ କରନ୍ତି ବଚନେ । ବଳାଉଥିଲା ଥରେ ଥରେ ତାଙ୍କର ଗିରେ ମନ ଏକା ଉତ୍ତର-ଦାନେ । ନିରୁପମା । ୮୧ । ଭାଷୁଁ ଅଳଏ, "ସଖି କୃପା ତୁ ଏତେ ଦୁଃଖୀ ସ୍ୱଭାବ ସୁଲଭ ଧୈର୍ଯ୍ୟରେ । ଏ ନିଦାରୁଣ-ଫୁଲବାଣ-ବଦନୁଁ ତୋର ପ୍ରାଣକୁ ରକ୍ଷାକର ବାରେ । ସୁକୁମାରୀ ।" ତା ଶୁଣି ଭାଷେ ବନ୍ଧ କୋପ । "ଯାର ରକ୍ଷଣ ମୋତେ କହ । ସେତ ମୋର ବଇର ସଙ୍ଗୀ ହୋଇ କର । କହ ଏ ଉପଦେଶ ଦିଅ । ସହଚରୀ" । ୮୨ । "ଅମୃଗିରତ କେବେ ନ ଅବହେଳୁ ଲବେ ତୋ ହିତ କହୁଁ ଯେନ ଏବେ । ଉନ୍ମାଦିନୀ ନହୁଅ ଜୀବ ନତେଜ ଦିଅ" ଏମନ୍ତେ ସଖି ଗିରେ ଯବେ । ଗୃରୁଶୀଳା । ଭାଷଇ "ଅଗୋ ସହଚରୀ । ଯେବେ ତୁମ୍ଭେ ମୋ ହିତକାରୀ । ଜାଣୁ ଜାଣୁ ଯେ ମୋର ରିପୁ ରକ୍ଷଣେ ତାର ବଳାଅ ମୋତେ ଏତେକର ? କେହ୍ସତେ" । ୮୩ । "ଏହି ପର ଅମୃତ-କିରଣ ତାରକାନ୍ତ ଏହାର କରେ ଗୋ ହଙ୍ଗୋତ । ହେଉ ଅତୁର କେହି ଏକ ତୋ ଯୋଗ୍ୟହୋଇ ସୁଧୀର-ସ୍ୱାର ପର ତୁ ତ । ରସାଳସା" । ଏମନ୍ତ ସଖିବାଣୀ ଶୁଣି । ସେ ଭ୍ରୁରୁଶୋଭୀ ଭାଷେ ବାଣୀ । "ଏ ଅମୃତ-କରର ମୃତ ହୋଇଲେ କର ମୋତେ ତାପନ୍ତା କେବା ପୁଣି । ସହଚରୀ" । ୮୪ । "ଅହେତୁ ଖ୍ୟାତ ତେଜ ଧର ହୃଦୟେ ଧୈର୍ଯ୍ୟ ରେ ସଖି ଏ ଶୀତ-ମୟୁଖ" । ଏମନ୍ତ ବୋଲୁ ଅଳୀ କହୁତ ବର-

ବାଳୀ ଚଳ ଭଷଇ ମୋଡ଼ ମୁଖ । ସହଚରେ । "କହୁଛତ ଶୀତାଂଶୁ ବୋଲି ।
ତୁଷାଗ୍ନି ସମ କରେ ଜାଳ । ଦେଉଛ ଏତ ମୋତେ; ଅନୁଭବେ କେମନ୍ତେ ତୁମ୍ଭ
ବଚନେ ଯିବ ଭୁଲି । ସହଚରେ" । ୮୫ । "ଅମ୍ଭ ଶର ଶାଣେଥ ପକାଇ ପ୍ରାଣମତ
କହୁଛୁଁ ଅମୃତ ବଚନ । ତୁ ଅଛୁ ଶଶିକରେ ଏ ମିଥ୍ୟା ନୁହେ ଭଲେ" ଏମନ୍ତ
କରଣ ଶ୍ରବଣ । ସଖୀମୁଖୁଁ । ଭଷଇ ନୃପତି ଦୁଲାଳୀ । "ତା ଗୁଣ ଜାଣିଲିଣି ବୋଲି ।
ଅଙ୍ଗେ ଲାଗି ବାହାରେ ଦହୁଛି ନିରନ୍ତରେ ଭିତର ଦେଉଅଛି ଜାଳ । ସହଚରେ" ।
୮୬ । "ବିଧୁ ବିବେଧ୍ୟ-ତଥ୍ୟ ଯାମୁଖେ ସଦାସ୍ଥିତ କରଇ ସେହି ବନପ୍ରିୟ । ସବୁଛି
ଏବେ ସଖି ତା ବାଣୀ ଶୁଣି ଦୁଃଖୀ ନୁହି ତୁ ସେ ପର ତୋ ପ୍ରିୟ । ମନୋରମା" ।
ଏମନ୍ତ ସଖି ମୁଖୁଁ ଶୁଣି । ଭଷଇ ନୃପତି-ନନ୍ଦିନୀ । "ଅର୍ଥ ବୈଚିତ୍ର୍ୟ ମୋର କି
ପ୍ରୟୋଜନ ତାର ବାଣୀ ଦେଉଛି ମୋତେ ହାଣି । ସହଚରେ" ।୮୭। "ତୋର ପ୍ରିୟ
ବଲ୍ଲଭ ହୃଦୟରୁ ତ ଲବମାତ୍ରକ ଅନ୍ତର ନୁହନ୍ତି । ତେବେ କାହିଁକି ସହି ଏମନ୍ତ
ହେଉ ଦହି ତୁ ପର ଧୀର-ଶିର ମୋତି । ମନୋରମା" । ଏମନ୍ତ ଶୁଣି ସେ ଭଷଇ ।
"ଅନ୍ତରେ ସିନା ଛନ୍ତି ସେହି । ନଦେଖେଁ ତ ବାହାରେ ତେଣୁ ହୃଦ କୋହରେ
ମୋହର ନିରତ ଜଳଇ । ସହଚରେ" ।୮୮। "ଅଙ୍ଗ ତାତରେ ତୋର ସ୍ଫୁଟ-ମୁକୁତା
ହାର ଯାଉଛି ଫାଟି ଗୋଟି ଗୋଟି । ଅନଳ-କ୍ଳୃତ ହୋଇ ରହିଛୁ ପ୍ରିୟସହି ଯାଉଛି
ଅମ୍ଭ ନେଇ ଫୁଟି । ହେମଗାତ୍ରୀ" । ଅନଳକ୍ଳୃତ କଥା ଶୁଣି । ସଖୀଙ୍କ ମୁଖୁଁ ବାଳାମଣି ।
ବୋଲଇ "ତାଙ୍କୁ ବହି ଯେବେ ନେବ ଛଡ଼ାଇ ବଞ୍ଚିବ ଆଉ କେହି ପୁଣି । ସହଚରେ" ।
୮୯ । ବାଧାତ ଅତିଶୟ ବଳଥିଲା ହୃଦୟ-ଦେଶରେ ମଦନ-ଅନଳ । ଜଳୁଥିଲା
ପ୍ରବଳେ ଜୀବିତ ଆଶା ତଳେ ପଡ଼ିଲାରେ ଥିଲା କେବଳ । ସାଧୁଜନେ । ତାଙ୍କୁ ନ
ଲଭିବାର ଚିନ୍ତା । ଅଳକ ହେଲେହେଁ ସର୍ବଥା । ତାହା କଥା-ପ୍ରସଙ୍ଗେ ଚଢ଼େ
ପଡ଼ନ୍ତେ ବେଟେ ବରାଙ୍ଗୀ ହୋଇଲା ମୂର୍ଚ୍ଛିତା । ସାଧୁଜନେ । ୯୦ । ଦେଖି ମୋହ
ସହିର ସଙ୍ଗିନୀଏ କାତର ହୋଇ ସେବାରେ ତରତରେ । ଲାଗିଲେ, କେହି ଧାଇଁ
ମୁଖେ ସଲିଳ ଦେଇ କେ ବିଞ୍ଚୁଥାଏ ଧୀରେ ଧୀରେ । ହୃଦୟକୁ । କେ ଅବା ସରସଜ-
ଦଳେ । ଅବରେ ଉରଜ-ଯୁଗଳେ । ଅଣି ତୁଷାର ବରବାଳୀର ଶ୍ରୀଅଙ୍ଗର କେଅବା
ଲେପଇ ସଧୀରେ । ସାଧୁଜନେ । ୯୧ । ଶୀତଳ ଜଳ ସୁକୋମଳ କମଳ ନାଳ
ଏ ଅଦ୍ଧ ଉପଶୁର ଘେନ । ତୁଳା-କୋମଳାଙ୍ଗୀର ଶୁଶ୍ରୂଷା ନିରନ୍ତର କରନ୍ତେ
ସହଚରୀ ଶ୍ରେଣୀ । ସାଧୁଜନେ । ସେ ମଣିପତି-ପୁତ୍ରୀ-ଗାତ୍ରେ । ଚେତା ସଞ୍ଚରିଲା
ତୁରିତେ । ତା ଗୁହଁ କେ ବୋଲଇ "ଦେଖ ଗୋ "କଳା" ଯଷ୍ଟି ଶ୍ୱାସ ବହଇ ନାସା-
ପ୍ରାନ୍ତେ । ଧୀରେ ଧୀରେ" । ୯୨ । କେ ବୋଲେ "ଅଗୋ 'ଚଳା' ଏଣେ ଇକ୍ଷଣ
ଚଳା ଇକ୍ଷଣ-ପକ୍ଷ୍ମ ଚଳିଲାଣି" । କେ ବୋଲେ "ଗୋ 'ମେନକା' ଓଷ୍ଠ କମ୍ପୁଛି

ଏକା ପରଖ ଧୀରେ ଦେଇ ପାଣି” । କେ ବୋଲଇ । “କଳ୍ପଲତା ତୁ ଏଣେ ଶୁଣ । କି କ କହୁଛୁ ଜୀବଧନ” । କେ ବୋଲେ ““ଗୁରୁମଣି’ ଅବର ଲୋ ଝିଂଟି ଚେଳ-ଅଞ୍ଚଳ ଗୁଳ ସ୍ତନ । ସଯତନେ” । ୯୩ । “ଏଅ କେଶ କୁଣ୍ଡାଇ ‘କେଶିନି’ କେ ଭୂଷଇ କେ ଭାଷେ “ଆଲୋ ତରଙ୍ଗିଣି । ସହିବ ଚଣ୍ଡବାଷ୍ପି ଲୋତକ-ଧାର-ହୁଇ ପୋଛ ପୃଥ୍ୱୀନ ବାସ ଘେନ” । ଏହିମତି । ବିପୁଳ କଳକଳ ଧ୍ୱନି । ଶ୍ରବଣେ ପଡ଼ନ୍ତେ ସେକ୍ଷଣି । ଅନ୍ତଃପୁରକୁ ଦର ବିଦର୍ଭ-ପୁରନ୍ଦର ବହି ବିଜୟ କଲେ ପୁଣି । ସାଧୁଜନେ । ୯୪ । ଯାହାଙ୍କ ବୁଦ୍ଧି ବଳେ ଦୋଷ ନ ପଶେ ଛଳେ କନ୍ୟାନ୍ତଃପୁରେ କଦାଚନେ । ସେ ମନ୍ତ୍ରୀ ବୈଦ୍ୟ ବେନି ବିଜୟ ବେଳ ଜାଣି ନୃପେ କରନ୍ତି ନିବେଦନ । ଏକବାକ୍ୟେ । “ଅବଧାନ ହେଉ ଶ୍ରବଣେ । ପ୍ରସ୍ତୁତ ରଚକ-ବଚନେ । ବୁଝିଅଛୁଁ ନିଶ୍ଚିତ ନୋହିବ କଦାଚିତ ହିତ ନଳଦ ବିନା ଅନେ । ମହାରାଜ” । ୯୫ । ବେନିଜନ-ବଚନ ହୋଇଲେହେଁ ସମାନ ଅର୍ଥେ ପାର୍ଥକ୍ୟ ରହିଥିଲା । ସୁତା-ଅଶଙ୍କା । ଚନ୍ତ୍ର ଅତି ବିକଳମତି ଭୁଞ୍ଜିତେ ତା ବୁଝି ନୋହିଲା । ଅନ୍ତଃପୁରେ । ପ୍ରବେଶୁଁ ଭୂପ ଦମୟନ୍ତୀ । ପିତା-ପଦ୍ମରେ କଲା ନତି । ଜାଣି ନୃପ-ବିଜୟ ବିରହ-ଚିହ୍ନ-ଚୟ ଲୁଚାଇ ଦେଇଥିଲେ ଧାତି । ସଖୀଜନେ ! ୯୬ । ବିରହ-ଚିହ୍ନ ତତି ନ ଦେଖିଲେହେଁ ପୁତ୍ରୀ-ଗାତ୍ରରେ ନୃପତି କଳ୍ପିତ । ତା ତନୁ ଲୋକନରେ ଏତି ବିରହ ଜ୍ୱରେ ଜୀର୍ଣ୍ଣା ବୋଲି ଭାବିଲେ ଚିତ୍ତ । ସାଧୁଜନେ । ବିଚକ୍ଷଣର ରୀତି ଏହି । ନ କହିଲେହେଁ ମଧ କେହି । ଆକାର-ଇଙ୍ଗିତରୁ ତାଙ୍କ ନେତ୍ର-ପଥରୁ କିଛି ନ ପାରେ ଲୁଚି ରହି । ସାଧୁଜନେ । ୯୭ । ଅବନତ-ବଦନେ ଜନକ-ସନ୍ନିଧାନେ ଉଭାତ ହୋଇଥିଲା ସୁତା । ମସ୍ତକ ଚୁମ୍ବି ତାର ମୃଦୁ ମଧୁର ଗିର ଭଣିଲେ ଧୀରେ ଧୀରେ ପିତା । “ଆୟୁଷ୍ମତି । ଅଳପଦିନେ ଆଗୋ ମାତ । ସୁଗୁଣବନ୍ତ ମନୋମତ । ବରକୁ ସ୍ୱୟମ୍ବରେ ବରିବୁ କଷ୍ଟିତରେ ଦୁଃଖିତ ନକର ତୁ ଚିତ୍ତ । ଆୟୁଷ୍ମତି” । ୯୮ । ଅଳଙ୍କି ତଦନ୍ତରେ ଭାଷନ୍ତି ନୃପ ଧୀରେ “ଦେଖ ଏ ଶୀତ ହେଲା ଗତ । ଏହାପରେଁ ବସନ୍ତ ହେଉଛି ଉପଗତ ଏଥି କୁସୁମ ଶରବତ । ଏହିମତି । କନ୍ୟାଙ୍କ ପାଇଁ ସବୁଦିନେ । ରହିଥିବଟି ସାବଧାନେ । ସେବା ଶୁଶ୍ରୂଷା ଉପଚାରର ଅଙ୍ଗ ଲୋପ ନ କରିବଟି କେବେ କ୍ଷଣେ । ବାଳିକାଏ । ୯୯ । ଅଲ୍ପଦିନ ମଧ୍ୟରେ ସଙ୍କଳ୍ପ ଅନୁସାରେ ଅନଳ୍ପ-ସୁନ୍ଦର-ବରର । ଗଳାରେ ମାଳା ଦୋଳାଇବାରେ ହେବ ଲୋଳା ସ୍ୱୟମ୍ବରେ ସଖି ତୁମ୍ଭର । ବାଳିକାଏ । ଏଥିକୁ ଉପାୟ ବିଚାର । ଅତିଶୀଘ୍ର ତ କାର୍ଯ୍ୟ ତାର । ଯେମନ୍ତ ସୁଭୋଜନ ପାନେ ରସିବ ମନ ତେମନ୍ତ ଉପଚାର କର । ବାଳିକାଏ । ୧୦୦ । ନ ପୁଛିଲେହେଁ ଲଜ୍ଜା କଥା କହିତ ରାଜା ଗାତ୍ର ପାଣ୍ଡୁତା ଅଙ୍ଗ-ଦାହ । ବାର ବିରହ ଜ୍ୱର-ବିକାର ଏ ସକଳ ବୋଲି ବିଚାର ସ୍ନେହମୟ ।

ଆଶୀର୍ବାଦ । ଛଳେ ସେ ବେଗଜ୍ଞପନ୍ଥର । ଅଶ୍ୱାସ-ଗିର ପରସ୍ପର । କରିବା ଅଳ-
ବୃନ୍ଦ ଜାଣି ଲକ୍ଷ୍ମୀ-ଆନନ୍ଦ-ସିନ୍ଧୁରେ ମଜ୍ଜିଲେ ତତ୍କାଳ । ସାଧୁଜନେ । ୧୦୧ । ସୁକବି-
ଶିର-ହାର ହୀର-କୁମର ଧୀର-ବର ଶ୍ରୀହର୍ଷ ବିରଚିତ । ଦମୟନ୍ତୀ-ବରଦ-ବର୍ଣ୍ଣିତ
ଧୀର-ରମ୍ୟ-ହୃଦ-କୁମୁଦ-ତାରକାନ୍ତ । ସାଧୁଜନେ । ଅଧମ ହୀନ ଗୋପୀନାଥ ।
ଅନୁସରନ୍ତି ପଦମାନ । ଦୋଷଥିଲେ ବିଦୁଷେ ନ ଦେଖିବ ମାନସେ ସେବକ ସେ ତୁମ୍ଭ
ନିଯୁତ । ସାଧୁଜନେ । ୧୦୨ ।

ପଞ୍ଚମ ଛାନ୍ଦ ।

ରାଗ—ଆସାଢ଼ଶୁକ୍ଳ ।

ଶୁଣ ସୁମତି ଭୀମ ମହୀପତି । ସନ୍ତତି-ସ୍ୱୟମ୍ବରେ ଦେଇ ମତି । ଆମନ୍ତ୍ରିବା
ପାଇଁ ଭୂପମଣ୍ଡଳେ । ପେଷିଲେ ଦୂତେ ଦଶ ଦିଗ-ଦେଶରେ । ନାରଦ ସେକାଳେ । ଇନ୍ଦ୍ର-
ଦର୍ଶନେ ସ୍ୱର୍ଗେ ଯାଉଥିଲେ । ୧ । ପର୍ବତ-ତପୋବନ୍ତ ଥିଲେ ତୁଲେ । ସପକ୍ଷ ତାଙ୍କ
ସେ ତ ସଦାକାଳେ । ତେଣୁ ତାଙ୍କ ନଭଗମନ ସିଦ୍ଧ । ଏ ନାରଦ ଗୁରୁଗୁଣେ
ପ୍ରସିଦ୍ଧ । ହୋଇ ତ୍ରିଭୁବନେ । କେମନ୍ତ ଗମନ କଲେ ଗଗନେ । ୨ । ବିମାନ
ବିନା ବ୍ୟୋମେ ବେନି ଯତି । ଊର୍ଦ୍ଧ୍ୱୁଁ ଊର୍ଦ୍ଧ୍ୱ ଦେଶେ କରନ୍ତି ଗତି । କାର୍ଯ୍ୟ ସାଧନେ-
ସିନା ଅନଳନ । ଲୋଡ଼େ ଭିନ୍ନ ଭିନ୍ନ ଉପାୟମାନ । ଏକା ତପୋବଳେ । ତପିଙ୍କ
କେଉଁ କାମନା ନ ପୂରେ । ୩ । ପୁରନ୍ଦର-ପୁରକୁ ପରାନ୍ତର । ପଥେ ଦେଖନ୍ତି
ସେ ବିମାନ-ବାର । ସେ ଯାନପତିଏ ଭଗତି-ଭରେ । ପ୍ରଣତି କରି ଅତି ନତି
ଶିରେ । ଲୋଡ଼ନ୍ତୁ ସେବା କରି । ଉପେକ୍ଷି ତାହାଙ୍କୁ ଯାନ୍ତି ସେ ଚଳି । ୪ । ଲଙ୍ଘି ଖର
କର ଋଷି-ଶରୀରେ । ସନ୍ତାପ ସମ୍ଭବ-ବାର ଟେକାରେ । କରଣ ସଙ୍କୋଚ ଦିବସପତି ।
ପରିଗ୍ରହିଲେ ଅତି ଶାନ୍ତ-ମୂର୍ତ୍ତି । ଦିଶିଲେ ତେମନ୍ତ । ସ୍ୱକରେ ପ୍ରାତେ ଯଥା
ନିଶାକାନ୍ତ । ୫ । କର-ବଇଭବ ଦ୍ୱିଜରାଜର । ଦିବସେ ପ୍ରସାରି ପ୍ରଖର କର ।
ସାରି-ଦେବାର-ପାଟେ ଦିନପତି । ଭଜିଲେ କିଏ ତେଜସ୍ୱୀନ ମୂର୍ତ୍ତି । ଦ୍ୱିଜରାଜ
ତେଜେ । ନିଜ କଳ୍ପକର୍ମ କେବା ନ ଭୁଞ୍ଜେ । ୬ । ତଡ଼ୁକୁଶରେ ବିସ୍ତରି ବିତରି ।
ଦୂର୍ବାରେ ଅର୍ଘ୍ୟ ପାଦ୍ୟପାଇଁ ବାରି । ପଦ୍ମମଧୁକୁ ମଧୁପର୍କ କରି । ସୁରସରିତ
ଗଗନ-ବିହାରୀ । ଋଷିଙ୍କି ସାଦରେ । କଲା ଅତିଥିସତ୍କାର ମୋଦରେ । ୭ ।
ଅଗାଧ ଭବ-ସିନ୍ଧୁ ହୋଇପାରି । ବ୍ରହ୍ମେ ଯେମନ୍ତ ଲଭେ ଯୋଗଗୃହୀ । ତେମନ୍ତ

ଅସୀମ ବ୍ୟୋମ-ସରଣୀ । ପାରହୋଇ ସେ ଯତିବର ବେନି । ହୋଇଲେ
ପ୍ରବେଶ । ନାକ-ନାୟକ-ନିକେତନ ପାଶ । ୮ । ଯଥା ବିଧିରୁ ଅଧିକ ସମ୍ଭାରେ ।
ସେବିଲେ ବାସବ ଋଷି ପଦ୍ମରେ । ସାଧୁ ଅତିଥିଙ୍କ ଉଚିତରୁଁ ବେଶି । ପୂଜନେ ହୁଏ
ପାପରାଶି ଧ୍ୱଂସି । ଏତ ନିତ୍ୟ କାର୍ଯ୍ୟ । ପୁଣ୍ୟପାଇଁ ଏହା କେ କରେ ହେଳ । ୯ ।
ନାମ-ସମତା ଥିଲେ କି ହୋଇବ । ସର୍ବତେ ବିଲୋକ ବାସବ ଯେବ । ବରଜି ନିଜ-
ଗୋତ୍ରଭିଦ-ପଣ । ବିବିଧ ପ୍ରକାରେ କଲେ ପୂଜନ । ସେ ଯେଣୁ ବ୍ରାହ୍ମଣ ।
ଏତ ବିବୁଧ-ବୃନ୍ଦରେ ପ୍ରଧାନ । ୧୦ । ଅକ୍ଲିଶ୍ଚିତ-ଅନଳସ-ଭାବରେ । ବିତରୁ ବାସବ
ପୂଜା-ସମ୍ଭାରେ । ତା ଗୃହେଁ ଯତି ଏମନ୍ତ ଚିନ୍ତନ୍ତି । ନିରତ ଏ ଶଚୀପତି-ସଙ୍ଗତି ।
ଲଭି ସିନା ସୁର— । ଦ୍ରୁମେ ପୂରନ୍ତି ବାଞ୍ଛା ନିରନ୍ତର । ୧୧ । ନାରଦେ ଗୃହେଁ ସୁନା-
ଶିର ଆନ ।-ଜନ-କଥନେ ନ ନିବେଶ ମନ । ମୁନୀଶ ସଙ୍ଗେ କଥା ଆରମ୍ଭିଲେ ।
ବେନି ସୁହୃଦ ଏକଚିତ ହେଲେ । ଏମନ୍ତ ହୁଅଇ । ନିଜ ପରକଥା କେତେ
ପଡ଼ଇ । ୧୨ । ଏମନ୍ତେ କଥା ପ୍ରସଙ୍ଗ-ରଙ୍ଗରେ । 'କିପାଁ ନରବରେ ଅମରପୁରେ ।
ଆଉ ନ ଆସନ୍ତି' ଏହା କାରଣ । ବାରିବାକୁ କରି ବାସବ ମନ । ପୁଚ୍ଛନ୍ତି 'କାହିଁକି ।
ନୃପେ ନ ଆସନ୍ତି ସ୍ୱର୍ଗ ମଣ୍ଡକ । ୧୩ । ଏବେ କିବା ଆଉ ପୂର୍ବ-ପରିସ୍ଥେ ।
ମର୍ତ୍ତ୍ୟମଣ୍ଡଳେ ନୃପ-ବଂଶ-ଚୟେ । ବୀର-କାରରେ ନୁହନ୍ତି ଜନମ । ଭୁଜ-ବୀର୍ଯ୍ୟବଳେ
ଯେ ଅଭିରାମ । ହୋଇ ଶସ୍ତ୍ର-ହତ— । ହେତି-ନିପାତେ ଖଣ୍ଡିକ ଚୁମ୍ବନ୍ତି । ୧୪ ।
ମର୍ତ୍ତ୍ୟରେ ସମରେ ବୀରେ ଗୌରବ— । ଯୋଗେ ଉର୍ଦ୍ଧ୍ୱଗତି-ରେଖା ପାର୍ଥିବ— ।
ଶରୀର ବରଜି ଅଗତି-ହେତୁ— । ନିପାତ-ଛଳେ ଆସନ୍ତି ଏଥିତ । ଏଥି ମୋ ପ୍ରଦତ୍ତ ।
ଅତିଥି-ସତ୍କାରେ ହୁଅନ୍ତି ତୃପ୍ତ । ୧୫ । ଏବେ ସେ ବୀରେ ଅତିଥି ବେଶରେ । ନ
ଆସନ୍ତି ତ ଆଉ ଏ ମୋ ପୁରେ । ଶାପ-ଗ୍ରସ୍ତବତ ତେଜିଲେ ମୋତେ । ତେଣୁ ନ
ରୁଚେ ଏ ଶିରୀ କଷ୍ଟତେ । ମୋତେ ଋଷିବର । ଯେଣୁ ଏ ଅଟେ ଏକାଗ୍ରେଗେ
ମୋର । ୧୬ । ପୂର୍ବ-ପୁଣ୍ୟବିଭବ-ବ୍ୟୟ-ଲବ୍ଧ । ସମ୍ପଦେ ଭାବଇ ମୁହିଁ ବିପଦ ।
ପାର ହୋଇବା ପାଇଁ ଏ ବିପଦ । ସତ୍ପାତ୍ର-ପାଣି-ପଦ୍ମେ ସେ ସମ୍ପଦ । ନିବେ-
ଦିବା ଏକା । ଶାନ୍ତି-ବିଧାନ ଅଛି ଶାସ୍ତ୍ରେ ଲେଖା । ୧୭ । ଭୋ ମୁନିବର ବେଦ-
ବାକ୍ୟବତ । ପ୍ରବଳ ତବ ସୁବଚନ-ଯାତ । ଅଘମର୍ଷଣ ମନ୍ତ୍ରପରି ହେଉ । ଏ
ବିଷୟେ ମୋର ସଂଶୟ ଆଉ । ନରହୁ କଷ୍ଟତ । ପାପସରି ଏ ପଳାଉ ଦୂରତ" ।୧୮।
ଏମନ୍ତ ଭଣି ବାସବ ସାଦରେ । ମୁନି-ବଚନ-ଶ୍ରବଣ ଆଶାରେ । ଉତ୍ସୁକରେ
ଦଶଶତ ନୟନେ । ମୁନି-ମୁଖପଦ୍ମେ ଅଳି-ସମାନେ । ନିଶ୍ଚଳ କରାଇ । ହେଲେ
ମଉନ ବିନୟ ବଢ଼ାଇ । ୧୯ । ଅମର-ପତିଙ୍କର ଏ ବିନତି । ଦେଖି ନାରଦ ଯତି
ତୋଷ ଅତି । ହେଲେ ଆଶ୍ଚର୍ଯ୍ୟ; ଏତେ ବଡ଼ ପଦେ । ଲଭି ଯା ଦମ୍ଭନାହିଁ

ଲେଶେ ହୃଦେ । ଏମନ୍ତ ବିଗ୍ରହ । ହସି ଭାଷନ୍ତି ହୃଦେ ମୋଦ ଧରି । ୨୦ ।
"ଶତାଶ୍ୱମେଧ ଯାଗ ସାଧିବାରେ । ଅଜ୍ଞାତ ନୁହଇ ତ ଶ୍ରମ ତୁମ୍ଭର । ତା ଫଳେ ଲଭୁଛ
ଏତେକ ବିଭବ । ଏଥି ତୁମ୍ଭର ଅନାଦର ଭାବ । ନୁହଇ ସୁନ୍ଦର । ସେଣୁ ଦୁର୍ଲଭ
ଲଭଇ ଆଦର । ୨୧ । ବଚନେ ବଖାଣି ନୁହେ ଯେ ଶୀସ୍ୱ । ହୋଇ ତାହାର ଏକ
ଅଧିକାସ୍ୱ । ବିନୟ ବିରଞ୍ଚି ନାହିଁଟି ଯାହା । ବିନା ନିଜର ଅନୁଭବେ ଏହା । ସତ
ପରଖିବେ । କରିପାରିବ କେବା ଏ ଫସାରେ । ୨୨ । ଅତଏ ଶେସ୍ୱିକ ସମର୍ପି-
ବାରେ । ହୁତ, ଅହୁତ ନିତେ ଭୁଞ୍ଜିବାରେ । ଏ ବିଗ୍ରହ ଦେଖି ତୁମ୍ଭ ଭାବଇ । ବାହ୍ୟେ
ଯେ ସହସ୍ର ନେତ୍ର ଶୋଭଇ । ତେମନ୍ତ ଅନ୍ତରେ । ଶୋଭେ ଦୃଷ୍ଟି-ଗୋଷ୍ଠି
ଅନାବୃତରେ । ୨୩ । ଏ ତୁମ୍ଭ ସ୍ୱଭାବ-ସୁନ୍ଦର ଭାବ । ଚିତ୍ତକୁ ଅମ୍ଭ ଦ୍ରବାଇଲା
ଯବ । ନିରବଧି ଏ ଅମର-ଭୁବନ । କରୁଥାଅ ମନ-ସୁଖେ ଶାସନ । ଜମ୍ବୁ ଶିସ୍ୱଲଭି ।
ସାଧୁ ସାଧୁ ଅହେ ଦେବଙ୍କ ଦେବ । ୨୪ । ଫଖ୍ୟେ ବିକ୍ଷତ-ତନୁରୁ ଶୋଣିତ— ।
ସ୍ରାବ ସଙ୍ଗେ ପାପ ହେଉ ଯହିତ । ଅତହିଁ ଲଘୁ ହେଲେହେଁ ଭୂପାଳେ । ଯେ ହେତୁ
ନ ଆସନ୍ତି ସ୍ୱର୍ଗ ଆଳେ । ସେ ଯୁବକ-ମନ— । ଉନ୍ମାଦ କଥା କରୁଛ କଥନ । ୨୫ ।
ବସୁମତିରେ ଅମୂଲ୍ୟ-ରତନ— । ବିଭୂଷାବତ ବିଦର୍ଭ-ରାଜନ । ଭୀମଙ୍କ ଦମୟନ୍ତୀ
ନାମ ସୁତା । କି କହିବି ଅଉ ତା ଛବି କଥା । ଏତକରେ ବୁଝ । ମନୋଜର
ସେ ଅମୋଘ ନାରାଜ । ୨୬ । ଯଉବନ ଯୋଗେ ଏବେ ସେ ବାଳୀ । ପ୍ରତି-
କ୍ଷଣେ ପୂର୍ବ ଶୋଭାକୁ ବଳି । ଯାଉଛି ସେ ପୁଣି ଆମୂଳଚୂଳ— । ସୁକୃତ-ଭୂଷିତ
କେଉଁ ଯୁବାର । ପ୍ରେମେ ବଶହୋଇ । ନାମକୁ ତାର ନିରତ ଜପଇ । ୨୭ । କମ୍ପୁ-
ଛତ ଓଷ୍ଠ ଯୁଗ ତୁମ୍ଭର । କେ ସେ କପଁ ନକହ ମୋ ଛାମୁର । ଏମନ୍ତେ ବୋଲି କି
ପଗ୍ଭର ଇଚ୍ଛ । ଏ ଇଚ୍ଛା ଥିଲେ କହୁଛି ମୁଁ ସ୍ୱଚ୍ଛ । ସେ ବାଞ୍ଛା ବିରଜ । କି କାର୍ଯ୍ୟ
ବୃଥା ଶ୍ରମେ ଦେବରାଜ । ୨୮ । ମୁଁ ଯେନା ଯୋଗୀ ପରମାଣୁ ଯାଏ । ଯାଇପାରେ
ମୋ ବୁଦ୍ଧି ନିଃଶଙ୍କ୍ୟ । ପରମାଣୁବତ ଅଟେତ ମନ । ତହିଁ ଲକ୍ଷାଦର୍ଶ ମଧ୍ୟେ
ଗୋପନ । କରିଛି ସତତ । ସେ ନରସିଂହକୁ ପରା ଯୋହିତ । ୨୯ । ବିରହ-ଲକ୍ଷଣ-
ଲକ୍ଷିତ ଗାତ୍ରେ । ଲକ୍ଷ ହେଲଣି କାମ-କଙ୍କପତ୍ରେ । ତୋଲି ସେ ନିବେଦ
ପିତା-ପୁରତ । ତାଙ୍କୁ ତୁରିତ କଲଣି ସଙ୍ଗତ । ବିଧାତା ସଙ୍ଗରେ । ନିଜ-ସ୍ୱୟମ୍ବର-
ସମ୍ଭାରମ୍ଭରେ । ୩୦ । ସ୍ୱୟମ୍ବରେ ନରବର ନିକରେ । ହକାରିବାକୁ ପୁଷ୍ପ-ଶାୟକରେ ।
ବିହି ଯେଣୁ ଆଜ୍ଞା ଅଛଇ ଦେଇ । ତେଣୁ ତା ବିଗ୍ର ହୋଇ ନରସାଇଁ- । ନିବହ ସମରେ ।
ଗର-ପରାଯ୍ନ ମନ୍ତ୍ରିନ୍ତ ଚିତ୍ତରେ । ୩୧ । ଯେଉଁ ଯେଉଁ ଗୁଣେ ଭୂଷଣେ ବଶ । ହୁଅଇ
ସେ ବାଳାଗର ମାନସ । ସେହି ସେହି ଗୁଣ-ଭୂଷଣ-ଗଣେ । ବିଶେଷ ବିଶେଷ ବିଧି-
ବିଧାନେ । ନୃପେ ମାତଛନ୍ତି । ତାକୁ ପରମ ପୁରୁଷାର୍ଥ ଚିନ୍ତି । ୩୨ । ଶଇଶବ

ଶେଷକୁ ତା ଭଜନ୍ତେ । ଯଉବନ-ବନ୍ତ ନୃପତି-ବ୍ରାତେ । ବାତପ୍ରମୀଭ୍ରମ ମଦନ ବନ୍ଧ । କୁସୁମ କାର୍ମୁକକୁ ଅମଷଇ । ସୁମନ-ମାର୍ଗଣ । ଖଞ୍ଜି ମୃଗୟାରେ ବଳାଇ ମନ ।୩୩। ଏଣୁ ନୃପେ ମଣ୍ଡିବାସ ବିଭଜ । ତୁମ୍ଭ ଅତିଥ୍ୟ-ଗ୍ରହଣେ ମରିଜ । କରୁନାହାନ୍ତି ଶୁଣ ପୁରନ୍ଦର । ତାଙ୍କ ବିଗୃହକୁ ଏ ସୁର-ପୁର । ବିଦର୍ଭ ନଗର ।—ଭୂଲକୁ ଏବେ ଚଳ ପରକାର ।୩୪। ନୃପେ ବିଶ ହେଉ ସେ ବାଳକାର । ହେଲା ସମର-ଦୁର୍ଭିକ୍ଷ ମର୍ତ୍ତ୍ୟର । ଜଳ ନ ଦେଖି ହୋଇଲା ବିକଳ । ମନ ମୋ ତେଣୁ ଅଛେ ଅଶଣ୍ଡଳ । ଏ ପୁରେ ଅଇଲ । ଏଥିବା ଅ୍ରଗ୍ରା ମୋ ପୂର୍ବ ବୋଲ । ୫' ତୁମ୍ଭେତ ସକଳ ଶତ୍ରୁଙ୍କ ଶଲ । ହୋଇବ କେବା ତୁମ୍ଭ ପ୍ରତିକୂଳ । ଜାଣିଲେହେଁ ମୁହିଁ ଏକଥା ଭଲେ । ତଥାପି ପଗୁରଇ ଯା ତୁମ୍ଭରେ । ଯୁଦ୍ଧ-ସମାଗ୍ରର । ଅଗ୍ରହ ନାଶିଛି ବିବେକ ମୋର" ।୩୬। ଏମନ୍ତ ଭଷନ୍ତେ ନାରଦ ମୁନି । ତେଜିଲା ମୌନତା ଇନ୍ଦ୍ରାସ୍ୟ ଶୁଣି । ସାଧୁ ମହାତ୍ମାଙ୍କ ସିତ ଏମନ୍ତ । କଥୋପକଥନ ତାଙ୍କ ସନ୍ତତ । ଅନବ-ଚମାସ୍ତ ।—ଗୁରୁତାକୁ କରେ କ୍ରମେ ଅଗ୍ରସ୍ତ ।୩୭। ବୋଲନ୍ତି ଇନ୍ଦ୍ର "ଶରଣ-ରକ୍ଷକ । ଭ୍ରାତା ମୋ ଉପେନ୍ଦ୍ର ପୁଣ୍ଡରୀକାକ୍ଷ । ଥାଉ ମୋ ଯୁଦ୍ଧଚିନ୍ତା ଚିନ୍ତା କସ । ତାଙ୍କ ବଜ୍ରୁ-ଶୀଳ ଭୁଜଯାଗ —। ଅଶ୍ରାରେ ନିର୍ଭୟେ । ସ୍ୱପର-ଶଙ୍କା ମୋ କାରେ ନ ଥାଏ ।୩୮। ସେତ ବିଶ୍ୱମ୍ଭର ବିଶ୍ୱମୂରତି । ଜୈମିନ—ଅଂଶ ସହଜେ ବହନ୍ତି । ତେଣୁ ଦେବତାଙ୍କ ବିଗ୍ରହ-କଥା । ଶୁଣିବାମାନେ ଲାଗେ ତାଙ୍କୁ ଚିନ୍ତା । ତାଙ୍କ ଯୋଗେ ମୋର । ହୋଇଛି ମଧ ବଜ୍ରେ ହତାଦର" ।୩୯। ବିନସ୍ତ-ସାଗର ସେ ପୁରନ୍ଦର । ଏମନ୍ତ ଭାରତୀ-ମୁକୁତାହାର । ଉପହାର ଦେଉ ମୁନି ନିବିଶେ । ପୁରତେ ଚଳାଇ ଦାର୍ଘ ନିଶ୍ୱାସେ । ତା ପଛେ ଏକାକୀ । ପରକାଶିଲେ ସାନ ଭାରତୀକ ।୪୦। "ଶୁଣ ଦେବ ମର୍ତ୍ତ୍ୟେ ଥିବା କାଳରେ । ଭଲେ ଯୁଝୁଥିବେ ବା ନାଗପୁରେ । ସ୍ୱର୍ଗେ ଅସିବାକ୍ଷଣି ହୁଏ ମନେ । ନାଗ ନରେ ବା ମାତିଥିବେ ରଣେ । ଏମନ୍ତ ଭ୍ରମଇଁ । ହୋଇ ସମର ଦର୍ଶନେ ଅଶାୟୀ ।୪୧। ଦେଖାତ ହୋଇଲା ତୁମ୍ଭ ଅମୂର । ଏବେ ମର୍ତ୍ତ୍ୟେ ଯିବ ବିଦାୟ କର । ତହିଁ ସେ ଭୀମ-ସୁତା-ସ୍ୱୟମ୍ବରେ । ଅସିତଥିବେ ବନ୍ଧୁ-ନରବରେ । ବିବାହ ବେଳକୁ । ନ କରିବେ କି ଯେ କଳି ଗୋଳକୁ" ।୪୨। ଏତେ କହି ଇନ୍ଦ୍ରେ ବଳାଇ ସ୍ନେହ । ମର୍ତ୍ତ୍ୟ-ଗମନେ କରୁ ମୁନିବୁଦ୍ଧି । ଅତି ଅଦର ଭରେ ପୁରୁହୂତ । ଅନୁଗମିଲେ ଦ୍ୱିଜପଦମାତ୍ର । ସାଧୁଙ୍କ ବେଭାର । ସେତ ସଦନ ସଦା ଅଦରର ।୪୩। ନାର-ଦ-ସ୍ୱନେ ପର୍ବତ ଧୁନିତ ।—ବିତ ନାରଦ-ସ୍ୱନକୁ ପର୍ବତ । ଅନୁକରିଲେ ମାତ୍ର ନ ଦେଖାଇ । ସ୍ୱପକ୍ଷ ଯେଣୁଥିଲେ ଶଚୀସାଇଁ । ସେତ ଶୈଳ-ପକ୍ଷ ।—ଛେଦ ତାହାଙ୍କୁ କି ଦେଖାନ୍ତେ ପକ୍ଷ ।୪୪। ଏଣେ ମଦନ ସଦା-ଇନ୍ଦ୍ରକରେ ।-ବଜ୍ର ବହନ-ଜାତ-ସନ୍ତାପରେ । ବିଲୋକ ତା ଶାନ୍ତି ପାଇଁ ଔଷଧ ।

ବ୍ୟବସ୍ଥା କଲା ବିଦର୍ଭ-ନରେନ୍ଦ୍ର ।-ସୁଚାରୁ ଶୀତଳ—।-କୋମଳ-କରଗ୍ରହଙ୍କୁ କେବଳ ॥ ଅମର-ବୈଦ୍ୟ ଅଶ୍ୱିନୀ-କୁମାର । ସୌନ୍ଦର୍ଯ୍ୟେ କାମ ତାଙ୍କୁ ପଟାନ୍ତର । ତାଙ୍କ ବୈଦ୍ୟ ବିଦ୍ୟା ଗୁରୁତା ତୁଲେ । ସଞ୍ଜୀବନୀ ଥିଲା କି କାମ ଶରୀରେ । ନୋହିଲେ କେଯ ଅଛି । ସେ କାହୁଁ ଜାଣନ୍ତା ଏତେ ଔଷଧ ।୪୭। ମାନୁଷୀ ପାଶେ ସ୍ୱଚ୍ଛନ୍ଦେ ଯିବେ । ଏ କଥା ଜାଣି ଦୁଃଖେ ଶଚୀ କବେ । ମାନଗଲା ବୋଲି ମୁଖ ତଳକୁ । ପୋତିଲେ ଯା ତାହା ଅଖଣ୍ଡଳଙ୍କୁ । ଦେଖିବାର ହେଲା । ଯେଣୁଁ ସ୍ୱର୍ଗୁଁ ମର୍ତ୍ତ୍ୟେ ଯାନ ଚଳିଲା । ୪୮ । ଓହ୍ଲାଇଯାନ୍ତେ ଇନ୍ଦ୍ର ସୁରପୁରୁ । ଦୁଃଖେ ଲୁଚିଗଲା ରମ୍ଭା ଚମ୍ଭୋରୁ । ତାର ସେ ମଳିନ ବର୍ଣ୍ଣ ସେ କାଳେ । କଲା ପ୍ରକାଶ ବିଶେଷ-ଭଙ୍ଗିରେ । ଗଲା ବୋଲି ଜବ । ଇନ୍ଦ୍ରେ ଥିଲା ତା ଯା ଉଜ୍ଜ୍ୱଳଭାବ । ୪୯ । "ଆଜ ଅପ୍ସରାଏ ବଞ୍ଚିକି ଲାଭ । ମରଣ ଏଣିକି ନାଙ୍କୁ ଦୁର୍ଲ୍ଲଭ" । ଏକଥା ଘୃତାଚୀ ନ କହି ମୁଖେ । ଏକା ନାସିକା-ପୁଟୁଁ ମହାଦୁଃଖେ । ତେଜେ ଦୀର୍ଘଶ୍ୱାସ । ତହୁଁ ନୁହଇ କି ଏହା ପ୍ରକାଶ । ୪୯ । ସୁର-ବର ନରପୁରେ ଗମନ୍ତ । ଶୁଣିବାମାତ୍ରେ ମନ୍ଥୁ ହେଉମତ । କମ୍ପିତ-କର-ପଙ୍କଜୁଁ କେଶର ।-ପରାଏ ଭ୍ରମର ପକାଇ ଦେଲେ । ତିଲୋତ୍ତମା କହେ । 'ପତନ ଏଣିକି ଆମ୍ଭଙ୍କୁ ଶୋହେ' । ୫୦ । ଚିତ୍ତସନ୍ତାପ ମେନକା ଅପ୍ସରା । ଲୁଚାଇବାକୁ ନାନା ଭଙ୍ଗି କଲା । ସେ ହାସ-ବିଷାଦ ତାର ହୃଦୟ ।—ପୁଟପାକକୁ ପଙ୍କ ଲେପ ପ୍ରାୟ । ହୋଇଲା ନୋହିଲା । ଶାନ୍ତ ଗୁଣକ ଦ୍ୱିଗୁଣ ଦହିଲା । ୫୧ । ସୁଗୁଣେ ଯାର ବିଷ୍ଣୁ ବଶୀଭୂତ । ସେ ଉର୍ବଶୀ ଶୁଣି ଇନ୍ଦ୍ର-ଚରିତ । ସ୍ତମ୍ଭୀଭୂତ ହୋଇ ଯାହା ରହିଲା । ସୁର-ଈଶ୍ୱରେ ତା ପ୍ରଣୟ ଲୀଳା ।—ଶେଷ ସୀମାସ୍ତମ୍ଭ ।—ବତ ଦଶିଲା ତା ଦେହ ଆରମ୍ଭ । ୫୨ । ତହୁଁ କେ ଅପସରା ସୁରବରେ । ଶୁଣାଇଁ ଏମନ୍ତ ଭଙ୍ଗେ ସଖିରେ । "ସଖିରେ ସେ ପରା କଶ୍ୟପ-ସୁତା । ଏତ କଶ୍ୟପ-ପୁତ୍ର ଏଣୁ ଚିନ୍ତା । ହେଉଛି ମୋହର । ସଙ୍ଗମ ହେବ କେହି ଦୁହିଙ୍କର" । ୫୩ । କେ ପୁଣି ଶୁଣାଇ କହେ "ଲୋ ସହି । ସୁରେଶ-ଗହଣେ ନ ଯାଉ କେହି । ତାଙ୍କୁ ଭୁଞ୍ଜି ଆଉ ବଢ଼ ହେଲୁ କି । ସେ ତ ଯାଉଛନ୍ତି ନାରୀ ତହିଁକି । ତୋ ନେବ କପାଇଁ । ନାରୀ ଦରଶନେ ଘୃଣା ବହଇ" । ୫୪ । ଦେଖି ମର୍ତ୍ତ୍ୟପୁରେ ଇନ୍ଦ୍ର-ଗମନ । ଅନଳ ଜଳ-ଈଶ୍ୱର ଶମନ । ଏ ତିନି ଦିଗ-ପତିଏ ସାଦରେ । ଅମର ଈଶ୍ୱର-ଗହଣେ ଗଲେ । ପଥପ୍ରଦର୍ଶକ । ଥିଲେ କି ଦୁର୍ଲ୍ଲଭ ହେବେ ପଥିକ । ୫୫ । ଏ ସର୍ବ ଦେବେ ଏକ ଏକ ଦୂତ । ଚିତ୍ତ-ଚଉର୍ଯ୍ୟରେ ନିପୁଣ ଅତି । ଭୈମୀପାଶେ ପେଷିଥିଲେ ଗୁପତେ । ପୁଣି ପ୍ରକାଶ୍ୟେ ତା ପିତା ନିମନ୍ତେ । ନାନା ଉପହାରେ । ଥିଲେ ପଠାଇ ସନ୍ତୋଷ ଛଳରେ । ୫୬ । ଅତି ଆଶ୍ଚର୍ଯ୍ୟ କଥା ହେଲା ଏହା । ସୁରପୁର ତେଜି ଅମରେ ଯାହା । ମର୍ତ୍ତ୍ୟଭୁବନକୁ କରନ୍ତି ଗତି । ଏଣୁ ଚିତ୍ତେ ଜାତ ଏମନ୍ତ ଭ୍ରାନ୍ତି । ସ୍ୱର୍ଗ

ବୋଲି ନାହିଁ । ଯହିଁ ମନଯାଏ ସେ ଏକା ଦେହ । ୫୬ । ଛିଡିକି ଅତି ଭୁଲିତେ
ଭମାନେ । ଅସୁତ ଥିଲେ ଯେଥେ ଦେବଗଣେ । ଏକାଳେ ପୃଷ୍ଠେ ଦୂରେ ରହି ଶୁଣି ।
ଏ କିସ ଶୁଭେ ବୋଲି ମନେ ଗୁଣି । ମୁଖ ଟେକି ଗ୍ରୀବ । ବଙ୍କକରି ପୃଷ୍ଠେ ଗ୍ରହିଁଲେ
ଜବ । ୫୮ । ଏ କିବା ନରନ୍ଦ-ମନ୍ଦ୍ର-ଗର୍ଜ୍ଜନ । ଅବା ନଦନଧି-ଗଭୀର-ସ୍ୱନ । ନୋହୁ
ଉଦୟ ଏତେ ତାଙ୍କ ଚଭ୍ତେ । ଲଘୋଷ ସଙ୍ଗେ ସଙ୍ଗେ ଦୃଷ୍ଟିପଥେ । ହୋଇଲା
ପତିତ । ଅତି ନିକଟେ ଏକ ଦିବ୍ୟ ରଥ । ୫୯ । ସୂତେ କୌତୁକେ ବିଶ୍ରାମ ବିତରି ।
ବରିକରେ ହସ୍ତ-ପ୍ରଗ୍ରହ ଧରି । ଅଶ୍ୱ-ମାନସ-ବିଗ୍ରହେ ଚତୁର । ବାହି ଅସୁଛନ୍ତି ସେ
ରଥେ ନଳ । ତାଙ୍କୁ ଦେଖି ଦେବେ । ଭାବିଲେ ସାର୍ଥ ହେଲା ନେଷ ଏବେ । ୬୦ ।
ଦେଖି ସେ ଭୂପଙ୍କ ନବତାରୁଣ୍ୟ । ସଲିଳନିଧି-ଅଧିପ ବରୁଣ । ଗଲେ ଦ୍ରବ
ମହାବିସ୍ମୟ-ରସେ । ଏଣୁ ତୋୟାତ୍ମା ବୋଲି ଶ୍ରୁତିରେ ସେ । ସର୍ବଦା କୀର୍ତ୍ତିତ ।
କି ଅନୁଚିତ ଏଥି ଯେନ ଚତ୍ତ । ୬୧ । ସୂର୍ଯ୍ୟବଂଶେ ଶ୍ରେଷ୍ଠ ସୂର୍ଯ୍ୟକୁମର । ଶମନ
ଦେଖି ସେ ରୂପ ଭାସ୍ୱର । ମତିରେ ଅତି ମ୍ଳାନତା ଭଜିଲେ । ମ୍ଳାନ ହେଉଥିବୁ କି
ତାଙ୍କୁ ସଂସାରେ । କାଳ-ଦେବ ବୋଲି । ବୋଲନ୍ତି ସକଳେ ଭାବ ବିଗୃହି । ୬୨ ।
ଭୂପାଳଙ୍କ ସେ ନୃପରି ସ୍ନିହି । ଦାହନ ଯେ ତାପ ଅଛନ୍ତି ବହି । ତହିଁକି ତାଙ୍କ
ଅନଳତା ହେତୁ । ନୋହିଲେହେଁ ସେ ଅ-ନଳ ଯେହେତୁ । ଏଣୁ ଏ ସନ୍ତାପ ।
ବହିବା ତାହାଙ୍କର ସ୍ୱରୂପ । ୬୩ । କାମ-କମନୀୟ-ନୃପତି-ଗାତେ । ଗୃହି ପୁରୁହୂତ
ସହସ୍ର ନେତ୍ରେ । ନିଜଙ୍କୁ ନୃପ ଭୁଲେ ତୁଳିବାକୁ । ପୁଣି ପକାନ୍ତେ ସ୍ୱଦେହେ
ଚକ୍ଷୁକୁ । ଭାବନ୍ତି କୌଣିକେ । ନାମୁଁ କି ମୁଁ ଗଲି ହୋଇ କୌଶିକ । ୬୪ । ଅବସମ୍ବାଧ
ସକଳ-ସୁଷମା— । ଧୀମା-ସ୍ୱରୂପ ମୂର୍ତ୍ତି ମନୋରମା । ନରେଶଙ୍କ ଗୃହିଁ ବିଶଦଭାବେ ।
ଦେଖଲେ ବିତରି ହୃଦୟେ ବିସ୍ମୟେ । ତେଣୁ ତେତେବେଳେ । ହୃଦେ ତାଙ୍କ ବଳ
ନ ଥିଲା ତଳେ । ୬୫ । ପୂର୍ବେ ଯଥାନଳ-ରୂପ-ବର୍ଣ୍ଣନ । ଶୁଣିଥିଲେ ତଥା ନୟନ
ମନ— । ମୋହନ ସର୍ବ-ସୌନ୍ଦର୍ଯ୍ୟ-ଆଶ୍ରୟ । କରି ଦରଶନ ସେ ନୃପକାୟ । ନଳ
ବୋଲି ଏହି । ଦେବେ ସୁପତେ ହେଲେ କୁହା କୁହି । ୬୬ । ବଧୂ-ବରଣ-ଉଚିତ-
ଭୂଷଣେ— । ଗଣେଶ ଶୋହୁଥିଲେ ନରଗଣେ । ପୁଣି ସେ ଧନ୍ୟ ବିଦର୍ଭ ପ୍ରତି । ରଥ୍ୟବରର
ମନୋଜବ ଗତି । ମଣି ଏ ସମସ୍ତ । ଦେଖିଲେ ଜଣାଇଁଦେବେ ନୃପତିଙ୍କୁ । ୬୭ । ଜଗତ-
ପ୍ରାଣଡ ନଳ ଭୂପାଳ । ତାଙ୍କୁ ଦେଖି ଯମ ବରୁଣାନଳ । ଅନଙ୍ଗ ଚଞ୍ଚଳ ପ୍ରତପ୍ତ
ହେଲେ । କି କରିବା ଏବେ ବୋଲି ଭାବିଲେ । ମନେ ମନେ ଏକା । ଥିଲା ଯେଣୁ
ଆନ-ଜାଣିବା ଧକା । ୬୮ । କଦେଶ କାତସ୍ଥ ଚତ୍ତେ ଭାବନ୍ତି । ବରୁ ବା ନ ବରୁ ନଳେ
ସୁଦତୀ । କେବେ ନୋହିବ ସିଦ୍ଧି ଅମୃରତ । ନଳେ ବରିଲେ କଥା ସରିଲାତ । ନ
ବରିଲେ ହେଲେ । କେହି ଗୃହିବା ସେ ଅଗୁଣଙ୍କୁବେ । ୬୯ । ଅମ୍ଭ ତହୁଁ ଏ ନଳର

ଅଧିକ୍ୟ । ନ ଜାଣିଥିଲେ ସନା ମାଣବକ— । ମୃଗାକ୍ଷୀ ତାଙ୍କୁ ତେଜି ଅମ୍ଭ ଗଳେ । ଦିଅନ୍ତା ଦୋଳାଇ ବରଣମାଳେ । ସେ ତ ସୁରଭୂପ । ନଳ-ପ୍ରାଧାନ୍ୟ କି ଯିବ ପାସୋର ।୭୦। ଦମୟନ୍ତୀ ଯେବେ ଏ ସ୍ୱୟମ୍ବରେ । ଦେବ ବରଣ-ମାଳ ନଳଗଳେ । କରିବା କେହ୍ନ ସଦନେ ଗମନ । ଲଜ୍ଜେ ତ ମଉଳି ଯିବ ବଦନ । ପଶିଲେହେଁ ସଦନେ । ଚାହିଁବା କେହ୍ନ ବନିତା-ବଦନେ । ୭୧ । ଏମନ୍ତ ଚିନ୍ତି ତ୍ରିଦଶ-ହିତସ୍ତୁ । କରି ନ ପାରନ୍ତି କିଛି ନିଷ୍ପତ୍ତି । ଏକା ସୁରପୁର-ପତିଙ୍କି ତେଜି । କର୍ତ୍ତବ୍ୟ-ବିମୂଢ଼ ସେ ଦେବରାଜ । ପରସ୍ପର ମୁଖ । ହୋଇଲେ ଅନାଅନି ଲଭି ଦୁଃଖ । ଅନୁଗ-ଅମର-ହିତସ୍ତୁଙ୍କର । କର୍ତ୍ତବ୍ୟବିମୂଢ଼ତା ପୁରନ୍ଦର । ବିଲୋକି ସେ ନୃପଙ୍କ ପ୍ରତାରଣା । ପାଇଁ କି କଲେ ବଚନ-ରଚନା । କପଟ-କରଣେ । ନାହିଁତ କେହ୍ନ ସମ ତାଙ୍କୁ ଜଣେ ॥ ଭାଷନ୍ତି ବାସବ, "ସେ ବୀରସେନ । ଅମ୍ଭ ଆସନ ଅର୍ଦ୍ଧେ ଯାର ସ୍ଥାନ । ତାଙ୍କ ଅକୃତ୍ରି ତୁମ୍ଭ ତହିଁ ଦେଖି । ତୁମ୍ଭଙ୍କୁ ତାଙ୍କ ସୁତ ଭାବି ସୁଖୀ । ହୋଇଲୁ ଅପାର । ତୁମ୍ଭେ କିଞ୍ଚି ନଳ ସବିତ ଭଲ ? । ୭୪ । ପୁଚ୍ଛିବା ବୃଥା ଗମନ-କାରଣ । ପୃଥିବୀ ପ୍ରତି ଅମ୍ଭ ଆଗମନ । ହେବାରୁ ଶୁଭଯୋଗେ ବେଗେ ଫଳ । ଫଳାଇବାକୁ ସେ ଯାହା କେବଳ । ତୁମ୍ଭଙ୍କୁ ଅମୃତେ । ଦେଲା ଭେଟାଇ ଏ ଅର୍ଦ୍ଧ ପଥରେ ॥ ଦେଖ ହେ ନଳ ଏ ଜ୍ୱାଳା-ଜଟିଳ । ବିଶ୍ୱ-ବିଶ୍ରୁତ ସେ ଦେବ ଅନଳ । ଏ ଦଣ୍ଡଧର ଜୀବେଶ ଶମନ । ଏ ସେ ସଲିଳାଧିପତି ବରୁଣ । ଅମର-ପୁରର । ପତି ବୋଲି ମୋତେ ଚରାଚର ବଖାଣ ।୭ । ଯାଚକ-ଭାବେ ଅମ୍ଭେ ଦେବଗଣ । ତୁମ୍ଭ ପାଖକୁ ଆସିଛୁଁ ରାଜନ । ଅମ୍ଭ କଥାର ଏତେ ମାତ୍ର ମର୍ମ । କ୍ଷଣେ ମାତ୍ର ରହି ସରଣୀ-ଶ୍ରମ । ହରି ତୁମ୍ଭ ପାଶ । ଜଣାଇବୁଁ ଯା ଅମ୍ଭ ଅଭିଳାଷ" । ୭୭ । ଫିଟାଇ ନ କହି ତୁମ୍ଭକେ ଭାଷି । ଏତେ ତୁନି ହେଲେ ଶଚୀ-ବିଳାସୀ । ତାହାଙ୍କୁ ଏ ବାକ୍ୟ-ବିଦଗ୍ଧ ପଣ । ନୁହଇ କଳ୍ପିତ ବିଚକ୍ଷଣ । ଶୈଶବ କାଳରୁ । ଲଭିଥିଲେ ସେ ଗୁରୁପଦ ଗୁରୁ । ୭୮ । ଅର୍ଥୀ ନାମେ ନୃପ-ଅଙ୍ଗ ପୁଲକ । ହର୍ଷେ ଦିଶଇ କଦମ୍ବ ଫୁଲକି ? ଦେବଙ୍କୁ ପ୍ରଣମେ ଅର୍ଚ୍ଚିବା କାଳେ । ଅଙ୍ଗ-ସୁମନେ ସୁରଙ୍କ ପଦ୍ମରେ । ଉପହାର ଛଳେ । ସେ ନଳ ମହୀପାଳ ନିବେଦିଲେ । ୭୯ । ଜାତ ହେଲା ଚିତ୍ତେ ଅତି ସଂଶୟ । ଏତ ହରିତ-ଅଧିପତି-ଚୟ । ଏହାଙ୍କୁ ଦୁଷ୍ପ୍ରାପ୍ୟ ଅଛି ବା କିସ । ସେ ପୁଣି ରହିଅଛି ମୋର ପାଶ । ତାହାଙ୍କୁ ମୁଁ ଦେବ । ଏମନ୍ତେ ନୃପତି ଚିନ୍ତନ୍ତି ଭାବି । ୮୦ । ସାମାନ୍ୟ ହେଉ ପଛେ ଅର୍ଥୀ-ଜନ । ସେ ଯେବେ କରେ ମୋତେ ନିବେଦନ । ଜୀବନ ଆଦି ସମସ୍ତ ପଦାର୍ଥ । ନୁହେ କୁଣ୍ଠିତ ତାକୁ ଦେବାକୁ ତ । ଏ ତ ସୁରରାଜ । ଏହାଙ୍କୁ କି ଦେଇ ତୋଷିବି ଆଜ । ୮୧ । ଷୋଡ଼ଶ-କଳାରୁ କଳାକୁ ଯାର । ଗୌରବେ ଉର୍ବୀ ନୁହଇ ସମ-ତୁଲ । ସେ ବିଦର୍ଭେଶ-ସୁତା ଦମୟନ୍ତୀ । ମୋ ଧନ ଜୀବନୁଁ ଅଧିକ ଅଟି । ଏହା-

ହୃଦେ ସେହ । ଅଛ ସେ ଏବେତ ମୋର ନୂହଇ । ୮୨ । ଏହାଙ୍କ ବାଞ୍ଛା ମୁଁ
ପାରିଲେ ପାଞ୍ଚ । ମାଗିବା ପୂର୍ବୁ ଦେଇଥାନ୍ତି ଯାଚ । ଯାଚକ-ଜନର ତର୍କି ପ୍ରାର୍ଥିତ ।
ଯେ ଦାତା ତାର ପ୍ରାର୍ଥନା ବ୍ୟକତ । କଲ୍ପଯାଏ କାଳ । ସହଇ ଧିକ ତାକୁ ଶତ-
ବାର । ୮୩ । ଗୃହୂକାକୁ ଭାବୁଥିବ ଯାଚକ । ମାଗ ଲକ୍ଷି ହେବ ଅତରେକ ।
ତାକୁ ଏ କଦର୍ଥନାରେ ପକାଇ । ଯେ ଦାତା ବଳମ୍ବେ ଦାନ ଦଅଇ । ଦାନ-ଜନ୍ୟ
ପୁଣ୍ୟ । କରି ନ ପାରେ ତା ପାପେ ଖଣ୍ଡନ । ୮୪ । ଦାତାଏ ଦାନ ସଙ୍କତରେ
ବାର । ଯାହା ଦେଉଥାନ୍ତି ଉତ୍ସର୍ଗ କରି । ଦେବା ନ ଦେବା-ଶଙ୍କା ଜାତଭୀତ— ।
ସମ୍ଭୃତ ମୂର୍ଚ୍ଛା-ଅପମୃତ୍ୟୁ-ପ୍ରତ । ଯାଚକ-ଜନର । ହୁଏ ଚକ୍ଷୁଷା ସେ ସଳିଳ ଧାର ।୮୫
ଯାଚକ-ଲୋକକୁ କେବଳ ଧନ । ନ ବିତରୁଥିବ ତୃଣ ସମାନ । ଜୀବନ ମଧ୍ୟ ତା
ସହିତ ଦେବ । ପ୍ରକାରନ୍ତରେ ରଖି ଏତେ ଭାବ । ଦାନକାଳେ କୁଶ । ଜୀବନ ଦାନ
ଭାଷନ୍ତି ବିବୁଧ । ୮୬ । ପଙ୍କଜ ସିନା ପଙ୍କୁ ଜାତ ହୁଏ । ତା କୋଳେ କମଳା ଶୋଭି
ନ ପାଏ । ତେଣୁ ବିବେକୀ ଲୋକ ଯାଚକର । ବିମଳ-ପାଣି-କମଳେ କେବଳ ।
କମଳାଳୟାଙ୍କୁ । ପାଞ୍ଚୁଥାନ୍ତି ନିତ ନିବେଶିବାକୁ । ୮୭ । ଯାଚକ-ଜନ-ପ୍ରାର୍ଥନା-
ପୂରଣ । କରିବାକୁ ଯାର ନୋହିଛି ଜନ୍ମ । ତା ପରିଏ ଲୋକ ସଂସାରେ ରହି ।
ମହୀକି ଭାରେ ଦହି ଦେଉଥାଇ । ସିନ୍ଧୁ ଗିରି ତରୁ । ତା ତୁଲେ ଧରାକୁ ନୁହନ୍ତି
ଗରୁ । ୮୮ । ଜୀବେ ଥିବାଯାଏ କୃପଣ ଜନ । କାରେ ନ ଦେବ ପଛେ କିଛି ଧନ ।
ଅଶୁର୍ଯ୍ୟ ନ ଲାଗଇ ମୋତେ ତାହା । ଜୀବନ ଯିବା ସମୟରେ ଯାହା । ତା ନ ବିତ-
ରଇ । ଏ ମୋତେ ଏକା ଅଶୁର୍ଯ୍ୟ ଲାଗଇ । ୮୯ । ଜଗତେ ଯେତେ ଦାତା ଜନ
ଛନ୍ତି । ତାଙ୍କୁ ବରଜି ଏ ହରତ-ପତି । ମୋରେ ପ୍ରାର୍ଥୀ ହୋଇ ଯେ ଯଶ ଦାନ ।
କରଛନ୍ତି ତାହା ପରିଶୋଧନ । କରିବ କେମନ୍ତ । ଦାନେ ଅଛି କି ମୋ ବିତ୍ତ
ତେମନ୍ତ । ୯୦ । ନିଧନ-କାଳେ କଷ୍ଟାର୍ଜିତ ଧନ । ସଙ୍ଗେ ତ ନେଇ ନ ପାରିବ ଜନ ।
ଏମନ୍ତ ଚନ୍ତ ସିନା ଦସ୍ୟୁବହି । ତାକୁ ତା ପରଲୋକେ ଦେବାପାଇଁ । ଯାଚକ ମାଗଇ ।
ଏଣୁ ସେ ଦାତାର କି ବନ୍ଧୁ ନୋହି ? । ୯୧ । ଦାତା ତ ସାହୁ ଗ୍ରହିତା ଖାତକ ।
ଏ ଲୋକ ଗ୍ରହି ମାଗ ଧନ ଏକ । ପରଲୋକେ କୋଟି ଗୁଣେ ସୁଝଇ । ଭାଗ୍ୟକୁ
ଏମନ୍ତ ଯାଚକେ ପାଇ । ଥାନ୍ତି ସାଧୁ ଅରି— । ପୂରେ ଚଳାଇବାକୁ କାରବାର ।୯୨।
କଲେହେଁ ଏମନ୍ତ କଥିତ ଚନ୍ତା । ନରପତିଙ୍କ ମୁଖୁଁ ପ୍ରସନ୍ନତା । ତଲେହେଁ ତଲେ
ନ ଦୁହିବା ଦେଖି । ହୋଇଲେ ବାସବାଦ ସୁରେ ସୁଖୀ । ସୁଲ୍ଲଭେ ଯାଚକ । ଦେଖଇ
ଦାତାର ପ୍ରସନ୍ନ ମୁଖ । ୯୩ । ଭଣନ୍ତି ଭୂପତି "ଜନ୍ୟ ଜନକ । ମଧ୍ୟରେ ତ ନାହିଁ
ଲେଶେ ପାର୍ଥକ୍ୟ । ଜନ ଦେହ ତ ଅନ୍ନେ ବିନିର୍ମିତ । ଅମୃତାନ୍ଧା ନାମେ ଦେବେ ତ
ଖ୍ୟାତ । ତବ ଦରଶନେ । ଲଭିଲେ ସୁଧା-ତୃପ୍ତି ମୋ ନୟନେ । ୯୪ । କେତେ

ମାତର ବା ମୋ କ୍ଷୀଣତପ । ତାକୁ ଗୃହିଁ ତା ଫଳ ଅନୁରୂପ । ତହିଁକି ଭବା-ଦୁର୍ଲ
ଦେବଙ୍କର । ଦର୍ଶନ-ଲାଭ ସମ୍ଭବନ୍ତା ମୋର ? । ମୋ ପୂର୍ବ ପୁରୁଷ—। ତପସ୍ୟା ଫଳ
ଏ ହେଲା ପ୍ରକାଶ । ୯୫ । ମହୀ ସର୍ବଂସହା ନାମକୁ ବହି । ନିରନ୍ତର ଥାଏ ମହା-
ତାପ ସହି । ସଦା ବର୍ଦ୍ଧିତ ମୋ ପୁଣ୍ୟ ପ୍ରଭାବେ । ଉର୍ବୀ ହେଇଲା ନିଶ୍ଚେ ଦେଖା
ଏବେ । ନୋହିଲେ କି ସୁରେ । ପୂଜନ୍ତେ ତାଙ୍କୁ ପାଦ-ପଙ୍କଜରେ ? । ୯୬ । ଜୀବ
ବା ତା ତହୁଁ ଅଧିକ କିଛି । ଏମନ୍ତ ମୋ ଦ୍ରବ୍ୟ ଯେବେ ବଳିଛି । ଇଚ୍ଛା ଟେବେ
ତହିଁ ଏ କ୍ଷୁଦ୍ର ନର । ପୂଜିବ ତବ ପଙ୍କଜ-ପଦ୍ମର । ସେ ପଦାର୍ଥ କିସ । ଘେନେ ଦୟା ବହି
କର ପ୍ରକାଶ" । ୯୭ । ବୀରସେନ-ସୁତଙ୍କ ନିଃସଂଶୟ । ଶୁଣି ଏମନ୍ତ ବଚନ ବିନୟ ।
ବିବୁଧ-କୃଷ୍ଟ-କପଟ-ରଚନ । ବିଷୟେ ଯେ ନିଜଗୁରୁ ସମାନ । ସେ ବାସବ ନଳେ ।
ଭଣନ୍ତି ଏ କୁଟ-କୁଟିଳ ଗିରେ ।୯୮। "ହେ ମହୀ-ହିମକର ମହୀପତି । ଭୀମ-ଭୂପତି-
ସୁତା-ଦମୟନ୍ତୀ- । ପ୍ରେମ-କାମନାରେ ଆମ୍ଭେ ଅମରେ । ଆସିଛୁଁ ଏଥି; ଆମ୍ଭର
ଦୌତ୍ୟରେ । ପରିଗ୍ରହ କର । ମାର-ସନ୍ତାପକୁ ଆମ୍ଭର ସାର । ୯୯ । ଏ ମହୀମଣ୍ଡଳେ
କେତେ ଭୂଭୃତ । ନାହାନ୍ତି; ସେ ସର୍ବେ କୃପଣଯୁତ । ତୁମ୍ଭ ତୁଲକୁ, ତୁମ୍ଭେ ତାଙ୍କ
ତୁଲେ । ସିନ୍ଧୁ ଏ କଥା ଜାଣୁ ଆମ୍ଭେ ଭଲେ । ଗ୍ରହ କି ଆକାଶେ । ନାହାନ୍ତି ? ଥିଲେ
କି ସୂର୍ଯ୍ୟ ସମ ସେ ? । ୧୦୦ । ବର୍ଣ୍ଣେ ନ ପଡ଼େ କାହିଁ ଆମ୍ଭ ନେହ । ଅଛି ବା
ଆମ୍ଭଙ୍କୁ କିସ ଅଜ୍ଞାତ । ଏମନ୍ତ ଗୋପନୀୟ ବିଷୟରେ । ତୁମ୍ଭ ଭଳି କାର୍ଯ୍ୟ-କୁଶଳ
ନରେ । ନିର୍ଭର ନ କର । ନ ଲଭୁଁ ଶାନ୍ତି ଆମ୍ଭେ ଦଣ୍ଡଧାରୀ' ।୧୦୧। ସରଳ-ସପକ୍ଷ-
ନଳ-ଶାସ୍ତ୍ରକ- । ବିକ୍ଷେପ ପାଇଁ କି ଶରୀ ନାୟକ । ଏମନ୍ତ ବକ୍ରତା-ସତି ଅଦର ।
ଲଭିଲେ ଯବେ ଶବସନ-ଶିଖା । ଶୁଦ୍ଧବଂଶେ ଜାତ । ଅଟନ୍ତି ପୁଣ ଗୁଣବନ୍ତ ସେତ ।୧୦୨।
କପଟ-ପଟୁ-ସୁରନାଥ-ବାଣୀ । କରି ଶ୍ରବଣ ନଳ ନୃପମଣି । ବାର ତହିଁରୁ ତାଙ୍କ କୂଟ-
ଘାତେ । ଭାଷିଲେ ଯଥୋପଯୁକ୍ତ ଭାରତୀ । ଯେଣୁ କହେ ନୀତି । କୁଟିଳେ ସରଳତା ନୁହେ
ଯୁକ୍ତି ॥ ଭଣନ୍ତି ନଳ "ମୋ ପୂର୍ବ ଅର୍ଜିତ- । ଦୁଷ୍କୃତ-ଯାତ ହୋଇ ପୁଞ୍ଜିଭୂତ । ହେ ଦେବ
ତୁମ୍ଭ ଅସୀମ ମହିମା ।-ସୀମା ଲଙ୍ଘନେ କରୁଛି ଗାରିମା । ପାପର ତ ଖତ । ଅସତ ପଥେ
କରେ ସଦା ଗତି ।୧୦୪। ହେଲେହେଁ ଅନ୍ତର୍ଯ୍ୟାମୀ ତୁମ୍ଭେ ଦେବ । ଏ କାର୍ଯ୍ୟେ ମୂକତା
ମୋ ନ ଶୋଭିବ । ତୁମ୍ଭ ବାଞ୍ଛା-ପରିପନ୍ଥୀ ଭାରତୀ । ଭାଷି ହୁଏ ପଛେ ଲଜ୍ଜିତ ଅତି ।
ନ ପାଳିବ କେବେ । ପରବଚନ ଅଖଣ୍ଡିତ-ଭାବେ । ୧୦୫ । ଯା ମନ-ଦର୍ପଣେ ବିଶ୍ୱ
ଜଗତ । ଦିଶଇ ନିରବଚ୍ଛିନ୍ନେ ବିଦିତ । ତାଙ୍କୁ କି ଅଗୋଚର ମୋର ଚିତ୍ତ । ସେ
ଯେବେ ଯେ ଯହିଁକି ଅସମର୍ଥ । ତହିଁରେ ତାହାକୁ । ଯୋଜିବେ ତେବେ କି କହିବ
କା'କୁ ? । ୧୦୬ । ଯା'ର ବରଣେ ଯାଉଅଛି ମୁହିଁ । ତା ପାଶକୁ ଦୂତ ହୋଇବି
କେହି ? । ହେ ଦେବ ତୁମ୍ଭେତ ଅମରବର । ମୁଁ ସର୍ବଂ-ସହାବାସୀ ନର ଛାର ।

ଛଳିବାକୁ ମୋତେ । ବଳିଲ ଚିତ୍ତ କେହ ତବ ସତେ ? । ୧୦୭ । କ୍ଷଣ କ୍ଷଣକେ ବିରହେ ଯାହାର । ଭ୍ରମ ଭ୍ରମାଇ ହୁଏ ତନୁ ମୋର । ଦଣ୍ଡକୁ ଦଣ୍ଡ ଯାଏ ମୋହ ହୋଇ । ଏମନ୍ତ ମୁଁ ସେ ବାଳୀ ପାଶେ କେହ । ଯିବ ହୋଇ ଦୂତ । କହିବ କାହିଁ ଏ ରହସ୍ୟ ଗୁପ୍ତ ? । ୧୦୮ । କଳ୍ପନାମଣ୍ଡୀ ମୂରତି ଯାହାର । ହୃଦେ ବହି ମୁଁ ବଞ୍ଚଇ ତାହାର । ପାଶେ ଦୂତ-ପଣେ ପ୍ରବେଶ ହୋଇ । ବଦାଇ ପାରିବ କେହ ଲୁଗ୍ରଇ । ବାସନା ଦୁର୍ଜୟ । କହି ନ ହୁଏତ ବୁଝେ ସେ ଥୟ । ୧୦୯ । ଶଲ୍ପବେଳେ ପୁରେ ଦ୍ୱାଃସ୍ଥ ଦେଖିବେ । ସେ କ ସହଜେ ମୋତେ ଛାଡ଼ିଦେବେ । ପଶିବ ବା ପୁରେ ତାଙ୍କୁ ନପାଡ଼ି । ଅବଳା କୋମଳା ସେ ଦମୟନ୍ତୀ । ଏ ନବଯୌବନେ । କରିବ ବିଶ୍ୱାସ କପଟ ଯୁକ୍ତିରେ ? । ୧୧୦ । ଦଧିଚୀ-ଅବ୍ଧି ଯେତେ ଦାତା ଛନ୍ତି । ଜୀବେ ସେ ଯଶ-ସୀମା କରିଛନ୍ତି । ଜୀବୁଁ ଶତଗୁଣେ ଅଧିକ ଯେହ । ତା ବଦନସ୍ଥେ ମୁଁ ଲଭିବ କେହ ? । ସେ ଯଶକୁ; ଦେବେ । ଏଥିକି ବୁଦ୍ଧି ମୋ ନ ଯାଏ ଲବେ ।୧୧୧। ଦମୟନ୍ତୀ-ଲାଭ-ପାଇଁକି ମୋତେ । କର ଯେ ଦେବ ପ୍ରାର୍ଥନା ଯେମନ୍ତେ । ତୁମ୍ଭ ଶ୍ରୀ ପଦୁରେ ତା ଲାଭ ପାଇଁ । ତେମନ୍ତ ପ୍ରାର୍ଥୀ ନୋହୁଛି କ ମୁହିଁ । ତା ଗୃଦ୍ଧିକୁ ମୋରେ । ଗୁରୁ ଯୋଗ୍ୟ ତୁମ୍ଭେ ଶିଖାଇବାରେ । ୧୨ । ତା ଲାଭ ପାଇ କରେ ନତ ନତି । ତୁମ୍ଭ ପଦୁରେ; ଯେ କଥା ନ ଚିନ୍ତି । ଏ କଥା ଉତ୍ଥାପନ କରି ଲବେ । ଲଜ୍ଜିତ ନୋହିଲ ଯେ ଦେବ ଯେବେ । ତେବେ ତୁମ୍ଭ ଗିର । ନ ପାଳି ଲଜ୍ଜା କପା ହେବ ମୋର । ୧୧୩ । ମୋତେ ଚିତ୍ତେ ନୃପ-ସୁତା ବରିଛି । ବୋଲି ଏ କଥା ପୂର୍ବେ ମୁଁ ଶୁଣିଛି । ମୁଁ ପୁଣି ଦୂତ-ପଣେ ନା ପାଶରେ । ଯିବ ସେ କେହ ବରିବ ମୋତେ । ଲଜ୍ଜିତ ହୋଇବ । ଅନେ ନବୀନା କେବେ ନ ବରିବ । ୧୧୪ । ଏଣୁ ନୁହ ଦୁଃଖୀ ହୁଅ ପ୍ରସନ୍ନ । ଏ ଦୌତ୍ୟ ମୋତେ ନୁହଇ ଶୋଭନ । ଅନ୍ୟାସ୍ଥ-ଭାବେ ମୋତେ କରି ଦୂତ । ଉଦ୍ଦେଶ୍ୟ ସିଦ୍ଧ ତୁମ୍ଭ ନୋହିବତ । ଶେଷକୁ କେବଳ । ହୋଇବ ଦେବେ ଉପହାସ ସ୍ଥଳ" । ନଳ ନୃପଙ୍କ ଏମନ୍ତ ଭାରତୀ । କରି ଶ୍ରବଣ ଦେବ ବଳାରାତି । ବନ୍ଧୁ ପ୍ରଭାବରେ କଣ୍ଟିତ ସ୍ମିତ । କରି ଉଦିତ ଅନୁଗ-ଦୈବତ—। ବଦନେ ଅନାଇଁ । ଭାଷନ୍ତି ମଧୁରେ ମନ ରସାଇ । ୧୧୫ । "ହେ ନରବର ଶଶାଙ୍କ-ବଂଶରେ । ଜନମି ତୁମ୍ଭେ ଯାଚକ ବାକ୍ୟରେ । କରି ସ୍ୱୀକାର ପରେ ଅପହାର । କରୁଛ ଯାହା ଏ କିକ ତୁମ୍ଭର । ହେଲ ଉପଯୁକ୍ତ । ନୋହିଲ କେହ ରସନା ଲଜ୍ଜିତ ? । ୧୧୬ । ସୁଧୀର-ବରଙ୍କ ଅଗ୍ରଣୀ ହୋଇ । ଭବସଂସାର ମିଥ୍ୟା କ୍ଷଣସ୍ଥାୟୀ । ବୋଲି କି ଚିତ୍ତେ ନୋହୁଛି ବିଗ୍ରହ । ଧର୍ମ ଯବଶ ତେଜି ବାଞ୍ଛୁଛ ଭାବ । ଦେଖି ଏ ସାତକ । ଅପୁଛି ବସୁଧା ଅମୃ ମତକ ॥ ଏ ବିଶ୍ୱାବିଶ୍ରୁତ-ଶଶାଙ୍କ-ବଂଶେ । ନ ପୁରାଇଛି କେ ଯାଚକ-ଆଶେ । ଏକା ଏ ବଂଶର ଅଧ ପୁରୁଷ । କଳଙ୍କୀ ହୋଇଛ ରଜନୀ-ଈଶ । ତୁମ୍ଭେ ତାହାଭଳି । ହେବାକୁ ଚିତ୍ତେ

କି ବସିଛ ଖଳ ? । ୧୧୯ । ଯାଚକଜନେ ଯେଉଁ ଅପଦୃଷ୍ଟି । ଅବା ତା ଦର୍ଶନେ ମୌନତା ସୃଷ୍ଟି । କିବା ଅସନ୍ତୁଷ୍ଟ-ହେବା ତା ଗିରେ । ଏ ସର୍ବ-କଳଙ୍କ ନୃପ ତୁମ୍ଭରେ । ଶଶଚିହ୍ନ ମାତ୍ର । ବସିଲେ ଯେମା ଶଶଧର-ଗାତ୍ର । ୧୨୦ । ଧାଠ ସମ୍ପ୍ରେ 'ନ' ପଢ଼ା ନ ହୋଇ । ଥିବ ଥିଲେ ଅବା ପାଶୋର ହୋଇ—। ଯାଇଥିବ ତୁମ୍ଭ ଏମନ୍ତ ବୋଲି । ଯାଚକ ଜନେ ହେଉଥାନ୍ତି ଭଳି । ତାଙ୍କ ଚଉ ଦୋଳା- । ଖେଳେ 'ନ' କାର ହୋଇଥାଏ ଲୋଳା" । ୧୨୧ । ଭାଷନ୍ତି ଅନଳ "ହେ ଖାଚ୍ଚନଳ । କଳ୍ପ-ପାଦପ-ପତି ସୁନାଗିର । କେବେ କି ତୁମ୍ଭ ବିନା ଅନ ନରେ । ପ୍ରାର୍ଥୀ ହୋଇଛନ୍ତି ଚନ୍ଦ୍ର ଚଉରେ । ଶଶାଙ୍କ-ବମନ । ଏ ଲବ୍ଧ ଯଶ ନ ତେଜ ଭୂପାଳ । ୧୨୨ । ଯା'ର ଇଚ୍ଛାମତେ ସର୍ବ ଘଟଇ । ସେ ଇଚ୍ଛାର କେହି ବାଧକ ନୋହି । ସେ ଦେବେ ଏବେ ସେ ଇଚ୍ଛା-ସ୍ଥଳରେ । ଅଭିଷିକ୍ତ କରୁଛନ୍ତି ତୁମ୍ଭରେ । ତାଙ୍କ ଯେ ଇଚ୍ଛାର । ଅପ୍ରତିଦ୍ୱନ୍ଦ୍ୱପଣ ତୁମ୍ଭେ ସାର" । ୧୨୩ । ତହୁଁ ସବିତା-ସୁତ ଦଣ୍ଡଧର । ଭୂଭୃତେ ଭାଷନ୍ତି ଏମନ୍ତ ଗିର । "ଶଶିବଂଶେ ଖାର-ସେନ-କୁମର । ତୁମ୍ଭେ ଦସିହେ ନଳ ନର-ବର । ତମ-ଅଭିଭୂତ । ହୋଇବାର ତୁମ୍ଭେ ନୋହେ ଉଚିତ । ୧୨୪ । ପର୍ବତ ହେଲେହେଁ ଦ୍ରୋହଣ ଗିରି । ତହୁଁ ତ ଯାଚକ ନ ଯାଏ ଫେରି । ଗାଭୀ କାମଧେନୁ ପଶୁ ମାତ୍ରକ । ତା'ରେ ତ ଯାଚକ ନୁହେ ବିମୁଖ । ପ୍ରାର୍ଥକ ନିରାଶ । ହେବ ତୁମ୍ଭ-ଠାରେ, କର ଏ କିସ ? । ୧୨୫ । କେ ଧୀର କରେ ଯାଚକେ ବିଳମ୍ବ । ଜୀବ ବଞ୍ଚିବ କେତେ କେ କହିବ ? । ନିମେଷ ଛଳେ ଘୂର୍ଣ୍ଣିନ-ପୂରିତ । ନୟନ-ଯୁଗଳ ପ୍ରତି-ନିଯୁତ । ସ୍ମରଇ ମରଣ । ଠାରଇ ସ୍ଥିର ନୁହେ ଏ ଜୀବନ । ୧୨୬ । ଦେଖ ଚାତକ-ପ୍ରାର୍ଥନା-ମାତ୍ରକେ । ଢାଳଇ ଢ଼ାଳି ନୀରଦ ଉଦକେ । ଜଳ ଢ଼ାଳନ୍ତେ ବା ବିଳମ୍ବ କେତେ । ତେତେକେ ଚାତକ ଦୁଃଖୀ ହୁଅନ୍ତେ । ସେ ପାପେ ମେଘର । କଳା ପଡ଼ଯାଏ ଦସି ଶରୀର" । ୧୨୭ । ତଦନ୍ତରେ ଭୂଜ ଟେକି ବରୁଣ । ନୃପେ ଭାଷନ୍ତି ଏମନ୍ତ ବଚନ । "ଅହେ ନିଷଧପତି କୀରତି ପରି । ଅଟଇ ତୁମ୍ଭ ପ୍ରିୟତମା ଦାରି । ଦାନ-ନିରଧାର । ତା ଗଳାର ପରି ମୁକୁତାହାର । ୧୨୮ । ଯାର ଚର୍ମବର୍ମ ବଜ୍ର ଯା ଅସ୍ଥି । ସେ କର୍ଣ୍ଣ ଦଧିଚ ଏବେ କି ଛନ୍ତି । ତୁମ୍ଭେତ ବିଚକ୍ଷଣ-ଗଣ-ମଣି । ଏ କଥା ବୁଝ ଚିତ୍ତେ ପରମାଣି । କଦାପି ନ କର । ଧର୍ମକୁ ଅବଜ୍ଞା ହେ ନରବର ॥ ବଳୀ ବିନ୍ଧ୍ୟ ଏ ଦୁହେଁ ସତ୍ୟ-ପାଶି । ପାରି ନାହାନ୍ତି ଅଜ ଯାଏ ନାଶି । ମହତ ଲୋକଙ୍କ ଏମନ୍ତ ରୀତି । ନିଜ ପ୍ରତିଜ୍ଞା ନିଜେ ନ ନାଶନ୍ତି । ତୁମ୍ଭେ ବା କିପରି । ସ୍ୱସତ୍ୟ-ବିନାଶ ଅଛ ବିଚାରି । ୧୩୦ । ଢଗନ୍ତେ ଗଲେହେଁ ଯେ ନ ତେଜଇ । ଶିତ-ଦଧିଚ-ବତ ଶୁଭ୍ର-ଦେହୀ । ଅତି ପ୍ରିୟବତୀ ଏମନ୍ତ କୀର୍ତ୍ତି । ଭଙ୍ଗି-ସଙ୍ଗମ-କୁରଙ୍ଗମ ନେତ୍ରୀ ।-ପାଇଁକି କେ ଧୀର । ଦେବ ବିରଜ କହ ନରବର । ୧୩୧ । ବାଞ୍ଛା ସିଦ୍ଧି

ପାଇଁ ଯାହାକୁ ଜାଣିବେ । ଯେବନ୍ତ ଅବିରତ ଭକ୍ତିଭରିବେ । ସେ ସୁରେ ଏବେ ପ୍ରାର୍ଥୀ ତୁମ୍ଭଠାରେ । ତାଙ୍କ ବାସନା ପୂରିଇବା ଛଳେ । ସକଳ-ହରିତ । ଯାନ୍ତୁ ହୋଇ ତୁମ୍ଭ ଯଶଶ ପୂରିତ । ୧୩୨ । ତୁମ୍ଭରେ ଅମରେ ଯାଚକ ଦେଖି । ଦାତୃ-ଯଶ-ଶ୍ରୀ ତେଜନ୍ତୁ ସୁରଶାଖୀ । କେବଳ ସୁମନ-ସମ୍ଭାରେ ତାର । ଯାଉ ଅନ୍ତସ୍ଥିଷ ହୋଇ ପାଣ୍ଡୁର । ଫଳ ଅଶା ଅଉ । ଏଣିକ ତହିଁରେ କା'ର ନଥାଉ । ୧୩୩ । କାର୍ଯ୍ୟ ସିଦ୍ଧି ପାଇଁ ଭରତାର୍ଜ୍ଜୁନ । ବୈଣ୍ୟ ନାମ ଯଥା ହୁଏ କୀର୍ତ୍ତନ । ତୁମ୍ଭନାମ ହୁଏ କୀର୍ତ୍ତିତ ତଥା । ଗଲେ କାର୍ଯ୍ୟ-ସିଦ୍ଧି-ନୋହିବା-କଥା । ଯେବେ ତୁମ୍ଭେ ଭାବ । ଗମନେ ଶୁଭଚରଣେକ ଲଭ । ୧୩୪ । ଅମ୍ଭପାଇଁ ଯେଉଁ ଧର୍ମାର୍ଥ ପ୍ରତି ।-ଶ୍ରୁତି କରିଛ ନିଜେ ନରପତି । ତହିଁ ପୁଲକିଛି ହୃଦ ଅମ୍ଭର । ସେ ପ୍ରତି ଶ୍ରୁତିକି ଶ୍ରୁତି ସଙ୍ଗର । ଅବିତଥ-ପଣେ । ସମକରି କରି ସାର୍ଥତା ନାମେ । ୧୩୫। ବିଶ୍ୱେ ହରିତ ପୀତ ଶ୍ୱେତ ରକ୍ତ । ନାନା-ବର୍ଣ୍ଣ ଛନ୍ତି ବସ୍ତୁ ପଦାର୍ଥ । ଅବିସମ୍ବାଦ ଅଦ୍ୱିତୀୟ ଶ୍ୱେତ--। ବର୍ଣ୍ଣ-ବିଭବେ ତୁମ୍ଭ କୀର୍ତ୍ତି ବ୍ରାତ । ସେ ସର୍ବ ଦ୍ରବ୍ୟରେ । ଧଉଳ ଶୁକ୍ଳ କରି ଦେଉ ଖରେ । ୧୩୬। ପିତା ସଦୃଶ ଯେବେ ହୁଏ ପୁତ୍ର । ସହସ୍ର-ପାଦ-ଛାୟା-କାନ୍ତ-ସୁତ । ଶନି ପଙ୍ଗୁ ହୋଇ ରହିଲେ କେହି । ଏ ଭ୍ରାନ୍ତି ଅମ୍ଭ ଚିତ୍ତୁ ଏବେ ଯାଇ । ସହସ୍ର ପାଦରେ । ରବି ଯା ପଙ୍ଗୁ ତୁମ୍ଭ ଲଙ୍ଘନରେ" । ୧୩୭ । ଦେବଙ୍କ ଏମନ୍ତ ଗୂଢ଼-ଗର୍ଭିତ- । ବଚନ ଶୁଣି ନଳ ନରନାଥ । ଭୀମ-ଭୂପତି-ଦୁହିତାରେ ଚିତ୍ତ । ହେଲେହେଁ ଆଶକ୍ତ ତା ପାଶେ ଦୌତ୍ୟ । ଅଙ୍ଗୀକାର କଲେ । ଇଚ୍ଛା ବିରୁଦ୍ଧେ ସୁରଗିରେ ବଳେ । ୧୩୮ । ଦୌତ୍ୟ ଅଙ୍ଗୀକାର କରନ୍ତେ ନଳ । ହେଲେ ସନ୍ତୋଷ ଅତି ଆଖଣ୍ଡଳ । ଭାଷନ୍ତି "ଅହେ ଭୂପତି-ପ୍ରଧାନ । ଯେବେ ବା ଯହିଁରେ ଚଳିବ ମନ । ହେବ ଅନ୍ତର୍ଦ୍ଧାନ । ତୋଷେ ଯାଚି ଦେଲୁଁ ଏ ବର ଧେନ" । ୧୩୯ । ବିଜୟ-ପ୍ରଶସ୍ତି-କାବ୍ୟ-ରଚକ । ସାର-ନୟନାନନ୍ଦ-ବିବର୍ଦ୍ଧକ । ହର୍ଷଙ୍କୁ ଅନୁସରି ପଦେ ପଦେ । ସାନ ଗୋପୀନାଥ ଛନ୍ଦ-ପ୍ରବନ୍ଧେ । ଯାଉଅଛି ଗାଇ । ବିଧିରେ ସୁଧୀରେ ଗଣା ନୁହଇ । ୧୪୦ ।

ଷଷ୍ଠ ଛାନ୍ଦ ।

ରାଗ—କନଡ଼ା ।

ଶୁଣ ସୁପଣ୍ଡିତ ଅରାତି-କୃତାନ୍ତ ନିଷଧ-ପ୍ରଧାନ ସେ ନଳ ।
କରି ପୁରୁହୂତ-ଦୌତ୍ୟ ସ୍ୱୀକାର ।
ଭୀମ ନରେଶ-ଦେଶକୁ କଲେ ଲକ୍ଷ୍ୟ ନିଜ-ଶତାଙ୍ଗ-ଗତିର ।
ଚପଳେ ।

ବୈଦିତ୍ୟୈ ଦୂତ-କାର୍ଯ୍ୟ ଯେଣୁ ହେଲେ ।
ତେଣୁ ଭୈମୀ-ବିରହେ ନ ଗଣିଲେ ।
ଅମ୍ଭୋଧି-ପାନ କି କୁମ୍ଭ-ସମ୍ଭବର ରହିଲା ବଡ଼ବାନଳେ ।
(ଏ) ହେମନ୍ତ । ୧ ।

ନଳ-ପ୍ରଣାଳେ ସେ କମଳ-ମୁଖୀର ସନ୍ଦେଶ-ପୀୟୂଷ-ଅଶାଯ୍ୟୀ । ନୃପ-ପ୍ରତ୍ୟାବର୍ତ୍ତନ-ପଥ ଗୃହିଁ । କାର୍ଯ୍ୟମେଷେ ରହି ଥିଲେ କି ନିଦଶେ ସେ-ଦେଶ-ଭୂଷଣ ହୋଇ । ସୁଧୀରେ । ଏଣେ କୁଣ୍ଡିନ ନାମେ ସ୍ୱର୍ଗ ଭିନ୍ନ । ଭୂ-ସ୍ୱର୍ଗ ସେ ଭୀମ-ନୃପ-ପତ୍ତନ । ହୋଇଲା ପ୍ରାପତ କ୍ଷଣେ ନଳ-ରଥେ ମନୋରଥେ ସିଦ୍ଧି ସମ । ସୁଧୀରେ । ୨ । ଦମୟନ୍ତୀ-ପଦ-ପତନ-ପବିତ୍ର ଏ ପୁରି-ପଥ ଏତେ ଭିନ୍ନ । ଗଲା ପୁଲକ ନୃପ-ପ୍ରେମ-ପାଳ । ରସିଲା ପୁରେ ନେତ୍ର ଶ୍ୱାସେ ନାଚିକା ଦେବ-କୂଟ-କଥା ସ୍ମର । ସୁଧୀରେ । ବାମ ପ୍ରମୋଦ-ଅଶ୍ରୁ-ଲବେ ପୂର୍ଣ୍ଣ । ରୋମାଞ୍ଚିତ ପକ୍ଷ୍ମରେ ସୁଶୋଭନ । ଇତର ନର୍ତ୍ତନ-ନିରତ ନୟନ ସେ ନୃପର କଲେ ପାନ । କୁଣ୍ଡନେ । ୩ । ସାରଥି-ସନାଥ ରଥୁଁ ନରନାଥ ପୁରପଥେ ଦେଖିଁ ପଯ୍ୟର । ଚନ୍ଦ୍ରେ ଏମନ୍ତ ଜୁଅଇ ବିସ୍ମର । ଦିବସ-ନାଥ-କର-ଯୂଥ ଗଲେ କି ନିଶାନାଥ-ମଣ୍ଡଳର । ସୁଧୀରେ । ପୁରବାସିଙ୍କି ନୃପତି ଅଦୃଶ୍ୟ ।-ହେବା କଥାତ ବିଚାର ବିଶେଷ । ତହିଁ ଏ ଅତି ଚିତ୍ର ଯେଣୁ ତାହାଙ୍କ ମୂରତି ବିଶ୍ୱୈକଦୃଶ୍ୟ । ସୁଧୀରେ ।୪। ପଦେ ପଦେ ମୁଗ୍ଧ-ଭବନ ବିଦଗ୍ଧଜନେ ଭୂଷି ହୋଇ ସେ ପୁରୀ । ହୋଇଛନ୍ତି ବିସ୍ମୟ-କଳ୍ପ-ବଲ୍ଲୀ । ତହିଁ ଭ୍ରମି ଶ୍ରମୀ ନଳନେତ୍ର ହେଲା ଅତିଥି ନୃପତି-ପୁର । ସୁଧୀରେ । ଅସ୍ତ୍ରରକ୍ଷକେ ଦେଖି ତହିଁ ହେଲା । ନଳ-ମାନସେ ଲଗାଇଲା ଲୀଳା । ଗୁପ୍ତ-ଦୂତ-ଯୋଗେ ଲଜ୍ଜା-ଶୋକ ଭୈମୀ-ଦର୍ଶ-ନାଶେ ତୋଷ-ଖେଳା । ସୁଧୀରେ । ୫ । ରକ୍ଷୀ-ଅକ୍ଷିରେ ନ ପଡ଼ି ସଦ୍ଧ-ସ୍ତ୍ରାଖ-କାର୍ଯ୍ୟେ ପ୍ରତିକକ୍ଷେ ଚିଗଣ । ଅନ୍ତଃପୁରେ ପଶି ଭୀମ-ନରେଶ ।—ସୁତା-ଦରଶନ-ଅଶେ ନିବେଶନ୍ତି ଦଶଦିଶରେ ଦୃଶ । ନିଃଶଙ୍କେ । କେ ଯାଏ ରେ ବୋଲି ଅନେ ଉଚ୍ଚରେ । ଯେବେ ଡ଼ାକେ କେ ବକ୍ଷକ ପଛରେ । ଗ୍ରୀବା ବକ୍ରକରି ହୋଇଲେହେଁ ପାରେ ସେ ଦ୍ୱାରି ଦୃଷ୍ଟାନ୍ତ ଖରେ । ବିସ୍ମୟେ । ୬ । ଭ୍ରମୁଁ ଅନ୍ତପୁରେ ବହୁତ ଉତ୍ତୁରେ କେଉଁ ବିମ୍ବୋଷ୍ଠୀର ବିଲୋକ । ଦେଖିଁ ମୁଦ ମଞ୍ଜାଗ ବେନି ଅକ୍ଷି । ଏକାଳେ ଅନ ନବୀନା ଅସ ବାଙ୍କୁ ଅଙ୍ଗେ ପଡ଼ନ୍ତି ଚମକି । ଆଶ୍ଚର୍ଯ୍ୟେ । ପୂର୍ବେ ଅବା ଏ ବିସ୍ୱେ ସେ ଭୈମିକି । ଭିବା ଚନ୍ଦ୍ରେ ନୃପତି ଥିଲେ ଦେଖି । ନୋହିଲେ କେହି ମଦନ-ମାୟାବନ୍ତି ସେ ଦିଶେ ତହିଁ ଯହିଁକି । ନୃପାଷି ।୭। ଭ୍ରମେ ଶତ ଶତ ଭୈମୀ ନୃପନେତ୍ର-ପଥେ ପଡ଼ୁଁ ଅପ୍ରତିରୂପମା । ନାସ୍ତି ନୋହିଲେ ତାଙ୍କ ମନୋରମା । ନିଜ ଭ୍ରାନ୍ତି ଭିନ୍ନ ଅନେ ଭୈମୀ ବୋଲି ନ କଲେ ବିସ୍ମୟ

ସୀମା । ସେ ଯୋଗେ । ବୈରିଙ୍କୁ ଭୈମୀ-ଅଜ୍ଞାତ ଥିଲା ଯାଇ । କାମ ତଥାପି ତାଙ୍କ ହୃଦେ ରହି । ଭ୍ରମେ ଦମୟନ୍ତୀ ଦେଖାଇ କ୍ଷଣକେ ଭ୍ରାନ୍ତ କରାଶି ହାସଇ ତାହାଙ୍କୁ । ୮ । ଭ୍ରମେ ଭୈମୀ ଚିନ୍ତି ଅନେ-ହାଟପଟ୍ଟ ଉଦନ୍ତ କଣ୍ଠତ କହିଁ ସେ । ଶୂନ୍ୟଁ କେମନ୍ତେ ବଚନ ବକନ୍ତେ । ଏମନ୍ତ ଭାବ ଆରୁଏ ଉଦ୍ୟେ କରୁଁ ଚିନ୍ତାର ସେ ଭ୍ରାନ୍ତ ନାଶେ । ନୃପର । ଅଙ୍ଗ-ସଙ୍ଗ-ଟଳଭ-ଅଶେ ଅନଳ । ହରୁଁ କେ ଅବଳା-ତନୁ-ଦୁକୂଳ । ତା ଗୃହିଁ ବଲକ୍ଷେ ଅକ୍ଷତ-ପକ୍ଷାନ୍ତ-କ୍ଷେପେଣ-ଅସେଂୟ ଭୂପାଳ । ମୋହନ୍ତି । ୯ । ବାଳୀ-ଗୁଣାବଳୀ-ରୁଣା ବାଗୁରେ ମନୋଭବର ସେ ନବରେ । ନଳ-ନୟନ-ଯୁଗ-କୃଷ୍ଣସାରେ । ପଡଲେ ହେଲେ ବନ୍ଧନେ ଯାହା ରୁଦ୍ଧ ନୋହଲେ ସ୍ୱ ଭାଗ୍ୟବଳେ । ସୁଧୀରେ । କେଶ-ସାମଳବା କେଉଁ ବାଳୀର । ଏକ-ହସ୍ତେ ବଲ୍ଲୋକ ବାହୁମୂଳ । ଅନେ ଆନ-ଲିପ୍ତ କୁଚ ଅନ୍ୟେ ଅନ୍ୟ-ନାଭି ଦେଖି ନେଇ ନଳ । ମୁଦନ୍ତି । ୧୦ । ରହୁ ମୁଦ୍ଧନେଇ ଅଭିମୁଖାଗତ-ଯୋଷିତ-ଯୁଗ-ସ୍ତନାନ୍ତରେ । ଦଳ ହୋଇ ନୋହୁ ଧରା ସତ୍ୱରେ । ପଳାନ୍ତି ନନ୍ଦ ସ୍ୱଦେହେ, ପୁଂସ-ସଙ୍ଗୁ ପୁଲକ ବାମା-ଶରୀରେ । ବଲ୍ଲୋକ । ଏହମନ୍ତ ନୟନ ନିମିଳନ- । ଉନ୍ମିଳନେ ବ୍ୟସ୍ତ ହୋଇ ସଜନ । କାମୀପ୍ରାପ୍ତ ଗୃହିଁ କଟାକ୍ଷେ ବାଳାଙ୍କୁ ଲଭନ୍ତି ଲଜ ଆପଣ । ସୁଧୀରେ । ୧୧ । ସ୍ୱର୍ଣ୍ଣସାର-ସ୍ୱର୍ଣ-ବର୍ଣ୍ଣ ଛେ ବାଳୀଣ ଶରୀର ରୋମାଞ୍ଚବା ଗୃହିଁ । ତାରେ କଟାକ୍ଷ କରୁ ନରସାଇଁ । ତା ଗୃହିଁ ଏ ନାରୀ ନୃପ-ମନୋହାରୀ ବୋଲି ଭ୍ରମେ ରତି-ସାଇଁ । ବନ୍ଧର । ସୁମନସ-ଶର ନୃପ-ଶରୀରେ । ତାଙ୍କ ଧୈର୍ଯ୍ୟ ନ ଛେଡ଼ି ତହିଁ ଛଳେ । ନୋହଲେ ତଥାପି ବ୍ୟର୍ଥ ଯେ ଲାଗିଲେ ଯେଣୁ ସେ ଧୈର୍ଯ୍ୟ-ପୂଜାରେ । ନୃପର । ୧୨ । ଏମନ୍ତ କଲେ ବା ଏ ମତ୍ତ-କାଶିନୀ-ସଙ୍ଘର୍ଷ ନୋହିବ ବଗୃର । ଏକପରା ପଥକୁ ପରସ୍ପର । ଚତୁଷ୍ପଥର ମଥାମଣି ହେଲେ ସେ ସାଧୁ-ଶ୍ରେଷ୍ଠ ଦଣ୍ଡଧାରୀ । ସୁଧୀରେ । ଯେନୁଥିଲା କୁଙ୍କୁମ କେ ସୁମୁହିଁ । କୁଚେ ନଖକ୍ଷତ ତାର ବରଷା-। ବନ୍ଦ୍ରୋକ୍ଷ ଗୁଣୁ ଅର୍ଦ୍ଧେନ୍ଦୁପଣୁ ନୃପନେଇ ଗଳ-ହସ୍ତ ଦେଇ । ତଡଲା ।୧୩। ଚକଟେ କେଉଁ ବନିତାର ବଦନେ ନେଇ ପଡ଼ନ୍ତେ ନୃପତିର । ତହିଁ ଚନ୍ଦ୍ର-ଭ୍ରମ ହେଉ ସମ୍ଭବ । ବରଷା ଏ କେହି ସହିବେ ତାହାଙ୍କୁ ତେଣୁ ମୁଦନ୍ତି ଚପଳ । ନୟନେ । ଏଣୁ ଏ ତର୍କ ଜାତହୁଏ ମନେ । ବାଳୀବଦନ-ଚନ୍ଦ୍ର-ଦରଶନେ । ନଳ ନେଇ ମୁଦ୍ଧ ହୋଇ ସ୍ୱ ଉଦ୍ଧତ କଲା ନିଜ ପଦ୍ମଗୁଣେ । ସୁଧୀରେ ।୧୪। ଚତୁଷ୍ପଥେସ୍ଥିତ ସେ ମହା-ମହତ ଭୂଭୃତେ ଚତୁର-ଦଶରୁ । ଗତାଗତ କରୁଥିବା ରମ୍ଭୋରୁ । ଅଳଘେ ଥାନ୍ତେ ଧର ହାର ରହଲେ ଏକା ଏକ ଅଭିବରୁ । ସୁଧୀରେ । ଦେବବରେ ଅଦୃଶ୍ୟତ ନୃପତି । ଶୂନ୍ୟେ ଅଙ୍ଗଘାତ ପାଇ ଯୁବତୀ । ଉଦ୍ୟେ ଏ କି କି ବୋଲି ଘୂର୍ଣ୍ଣୁ ସତ୍ୱରେ ସରଣୀ ପାଇ ପଳାନ୍ତି । ନୃପତି । ୧୫ । ଏମନ୍ତ ଅକଟିଁ ତେମନ୍ତ-

ସୁଭାଗ୍ୟବନ୍ତୁଁ ପଳାୟନ୍ତେ ହୋଇପାର । ପଥେ ବାଜ କେଉଁ ବାଳୀ ସଙ୍ଗର । ନିଜ
ଅଲଙ୍କାର-ଖଚିତ-ଦନ୍ତୁର-ଶରୀରକେ ବସନ ତା'ର । ଲାଗଇ । ତା ନମାଲ ବେଗେ
ଗମୁଁ ଭୂପାଳ । କ୍ରମେ ଅନୁରକ୍ତି ହୋଇ ଦୁର୍ଦ୍ଦୂଳ । ବିମୂର୍ଚ୍ଛି ପ୍ରଗଲ୍ଭ ଯାଉ ହୋଇ
ଦେଖି ହୃଅନ୍ତି ବିକଳ । ସୁଧୀରେ । ୧୬ । କନ୍ଦୁକ-କ୍ରୀଡ଼ନ-ଖେଳା ବାଳାଙ୍କର କା
କନ୍ଦୁକ ନୃପେ ବାଜଇ । କାର ନଖରେ ଶରୀର ଚିରଇ । କା କୁଚୁଁ କୁଙ୍କୁମ ଲାଗି
ଗଲେ ନଳ ଫଲ୍ଗୁଫୁଲ-କଳସ ହୋଇ । ସୁଧୀରେ । ଗମୁଁ ବିମ୍ବ କେ ବାଳୀଦ୍ୱାରମଣି-।
ମଧ୍ୟେ ପଡ଼ୁଁ ସେ 'ଏକେ' ବୋଲି ଗୁଣି । ହେଉ କ୍ଷଣକେ ନ ଦେଖି ପୁଣି ଚିନ୍ତେ
ଏ ମୋ ହୃଦେ ପଶିଲଣି । ଚୋପନେ' । ୧୭ । ସେ ନରନାଥର ଅତିହିଁ ସୁନ୍ଦର
ପତିତ-ପ୍ରତିବିମ୍ବେ ଦେଖି । ଯାଏ ଯୁବତୀ-ହୃଦୁଁ ଧୈର୍ଯ୍ୟ ଶୁଖି । ତହିଁ ତେଣୁ ପ୍ରତି
ଯୁବତୀଙ୍କି ରତି ଚିନ୍ତା କାମ ହୋଇ ସୁଖୀ । ଅଲିଙ୍ଗେ । ରତି-ଇତର ବୋଲି ତାକୁ
ମାର । ସ୍ମରିବାକୁ କାହିଁବା ଅବସର । ରତି ଭୁଲେ ତ ଭୁଲିଲେ ସେ ବାଳୀକି ନୋହିବେ
ରତି ମାତର । ନଉନ । ୧୮ । ଛାୟାରୁ ନିରୁପମ ରୂପେ ବିଗ୍ରହ ଘାରି ହୋଇଣ
ମନମଥେ । ନୃପ ନ ପଡିଲେହେଁ ଦୃଷ୍ଟିପଥେ । ତାଙ୍କଠାରେ ଅତି ଭ୍ରାନ୍ତିକି ମତିରେ
ନ ରଖିଲେ ବାଳୀବ୍ରାତେ । ସୁଧୀରେ । ଏକ ବଡ଼ କଥା ହେଲା ବିଗ୍ରହ । ମାର-
ଅଦେଶେ ଯେ ଜୀବ ନିକର । ତେଜପାରେ ତାକୁ ଅଦୃଶ୍ୟ ଦ୍ରବ୍ୟର ଛାୟା ବା କେତେ
ମାତର । ଭସ୍ମକୁ । ୧୯ । ଯାର ଅନୁପମ-ଛାୟା ଦରଶନେ ଚମୁରୁ ନେଇକି
ଚାରୁରେ । କମ୍ପ ସମ୍ପାଦିଥିଲା ନିକେତରେ । ତାଙ୍କ ଅଙ୍ଗ-ସଙ୍ଗୁ ସେ କମ୍ପ ବ୍ୟାପିଲା
ବଢ଼ି ବାଳୀ ସର୍ବାଙ୍ଗରେ । ସୁଧୀରେ । ବିବର୍ଦ୍ଧିତ ସେ କମ୍ପ-ନିପାତର । ହେଲା ହେତୁ
ନୃପତିଙ୍କ ସଞ୍ଚର-। ଗମନ-ଜନିତ-ପବନ-ବିଘାତ-ସମ୍ଭୂତ ଗମ୍ଭୀର ସ୍ୱର । ସୁଧୀର ॥
ଅଦୃଷ୍ଟ-ନୃପତି-ଅଙ୍ଗ-ସଙ୍ଗ ପ୍ରାପ୍ତି-ବଶୁଁ ଯୁବତୀ ଅଙ୍ଗଦେଶ । ପୁଲକିବା ଚିହ୍ନ ନୁହେ
ବିଶେଷ । ତାଙ୍କ ଛାୟା ନିରୀକ୍ଷଣେ ବା ପ୍ରସାରିବାରେ ନେଇ କି ପୌରୁଷ । ବାଳୀଙ୍କ ।
ପାଶେ ଥାଉ ସେ ସିନା ହେଲା ଏତେ । ଦୂରେ ଯାଉ ସେ ଯା ରୋମାଞ୍ଚ ଗାତ୍ରେ ।
ବହିଲେ ବାଳୀଏ ଉପଳ-ନର୍ତ୍ତନ କାମ କରାଇଲା ସତେ । (କ) ସୁଧୀରେ । ୨୧ ।
ଯହିଁ ନଳାଙ୍ଗ ସଙ୍ଗ ଲଭି ଯେ ବାଳୀ ଅତୁଳ ସୁଖ ଥିଲା ପାଇ । ପୂର୍ବ-ସୁଖ ବା ସିବ
ଲାଭ ହୋଇ । ବିଗ୍ରହ ଏମନ୍ତ ତହିଁ ସେ ଯୋଷିତ ତୁରିତ ଗତି କରଇ । ସୁଧୀରେ ।
ଲଭି ସେ ସ୍ଥୂଳ ଧର-ପୃଷ୍ଠେ ରଜେ । ଚିହ୍ନେ ନୃପତି-ପଦୁର ପଙ୍କଜେ । ଦେଖି କହେ
ଧୀର ମୋତେ ଦୟା କର ମଲିଣି ମୁଁ ମନସିଜେ । ପୁରୁଷ । ୨୨ । ଭ୍ରମୁଁ ଭ୍ରମୁଁ
ପୁରେ ସରଣୀ-ଶ୍ରମରେ ବିରହେ ବ୍ୟସ୍ତ ସେ ଭୂପତି । ହୋଇ ଶ୍ରାନ୍ତ ବିଶ୍ରାମେ କରି
ମତି । ଅଭ୍ରଭେଦୀ ସୌଧ-ମହୀଧର-ଉପତ୍ୟକା-ଦେଶେ କଲେ ସ୍ଥିତି । ସୁଧୀରେ ।
ବସି ତହିଁ ମରାଳେ ପଦ୍ମଦଳେ । ଚାହିଁତ ଭୈମିଙ୍କ ଚନ୍ଦ୍ର ଜସେଲେ । ଲେଖି ତା ଚିହ୍ନ

ଭୂତଳେ ଗଲେ ତାର ନିଜ ହାର ଲମ୍ବାଇଲେ । ସୁଧୀରେ । ୨୩ । ଚନ୍ଦ୍ର-କଳ୍ପିତ ସେ ନଗ୍ନୀ ବିକାଶେ ଏମନ୍ତ ରୁଚିର ଗୃହସ୍ଥ । ସେ କି ସତେ ଯୌବନ ପୁର ଦ୍ୱାସ୍ଥ । ବାଲ୍ୟ-ଗୃହଲୁ ଲେଶ ମାତ୍ର ତା ଅଙ୍ଗେ ପାରୁନାହିଁ ଠାବ କରି । ସୁଧୀରେ । ପ୍ରତି-ହାସ୍ୟ-ପଣରେ ଲୋମ ଶ୍ରେଣୀ । ବ୍ୟାଜରେ ବେତ୍ର ବହି ଅଛି ପୁଣି । ସେ ଛବି-ଶୋଭି ଲୋକନେ ଲୋଭି ନୃପ ନେତ୍ର ବୁଲେ ପୁଣି ପୁଣି । ସେ ଚନ୍ଦ୍ର ।୨୪। କାହିଁ କୁମାରେ କର୍ପୂର-ରଜ ପୂରେ ପଥେ ନାନାରଙ୍ଗେ କ୍ରୀଡ଼ନ୍ତି । କରୁଁ ସେ ପଥେ ନରପତି ଗତି । ସେ ରଜେ ପଦ୍ମର-ଚିହ୍ନେ ତାଙ୍କ ସଙ୍ଗେ ଚକ୍ରବର୍ତ୍ତୀ-ଚିହ୍ନତତି । ସୁଧୀରେ । ପୁର-ପୁରୁଷା-ନାରୀଏ ନିରେଖି । ଦେଖି କହୁଅନ୍ତି ବୋଲିବୋଲି "ସଖି । ଏଥି ଏ ଚିହ୍ନମାନ କାହୁଁ ଅଇଲା ଲାଗେ ବିସ୍ମୟ ମତିକି । ସଙ୍ଗାତ" । ୨୫ । ପରସ୍ପରର-ନବୀନ-ଯୌବନ-ସମ୍ଭୂତ-ଗୂଢ଼ତା-ଲୋକନେ । ବୈଦର୍ଭବାମା ନିର୍ନିମେଷ ନୟନେ । ଅନାଅନି ହୋଇ ରହିଥିବା ସମୟରେ ଭିନ୍ନ ଭିନ୍ନ ସ୍ଥାନେ । ସୁଧୀରେ । ତାଙ୍କ ମଧ୍ୟେ ନୃପତି କରୁ ଗତି । କେ କାହାକୁ ସେ ଦେଖି ନ ପାରନ୍ତି । ନ ଥାଉ କାରଣ କେହି ଅଦର୍ଶନ ହେଲା ସେ ମୋତେ ଭାବନ୍ତି । ପ୍ରତ୍ୟେକ । ୨୬ । କେବେ ବା କାର ପୁରତେ ନରପତି କରୁ ଅଦୃଶ୍ୟ ଭାବେ ଗତି । ତାଙ୍କ ଅଙ୍ଗର ଅଳଙ୍କାର-ତତି । ନୁହଇ ଦୃଶ୍ୟ ଏକା ତାଙ୍କ ରତନେ ପଡ଼େ ତାର ପ୍ରତିମୂର୍ତ୍ତି । ସୁଧୀରେ । ତାହା ଚାହିଁ ସେ ମୋର ପ୍ରତିମୂର୍ତ୍ତି । କେହି ଶୂନ୍ୟେ ପଡ଼ଇ ଏହା ଚିନ୍ତି । ଗଗନେ ଅନେକ ଅନାଇଁ ଅନାଇଁ ହୁଅଇ ବିସ୍ମୟ ଅତି । ସୁଧୀରେ । ୨୭ । କେ ଇନ୍ଦୁ-ବଦନା ନବୀନା-ଯୁଗଳ କନ୍ଦୁକ-ଖେଳେ ବିହାଇ ଲୋଳ । ପରସ୍ପରେ ତା ଫିଙ୍ଗିବା ବେଳର । ମଧ୍ୟେ ନଳ ଯାନ୍ତେ ବାଜ ଅଙ୍ଗସଙ୍ଗେ ରକ୍ଷି ହୋଇ ପଡ଼େ ତଳ । କନ୍ଦୁକ । ତାହା ଚାହିଁ ଭାଳନ୍ତି ବାଳୀ ଦୁଇ । ଯା'ରେ ମାଇଲୁଁ ଏ ତାରେ ନ ଯାଇ । ମଧ୍ୟେ ରକ୍ଷି ହୋଇ ପଡ଼ିଲା କେମନ୍ତେ ଏତ ଆଶ୍ଚର୍ଯ୍ୟ ଲାଗଇ । ଏମନ୍ତେ । ୨୮ । ଭୀମ-ମହୀପତି-ବନିତା-ନିବନ୍ଧ ଅତିହିଁ ପବିତ୍ରତା-ପଣେ । ନ ଚାହାଁନ୍ତି ସେ ପତି ବିନା ଅନେ । ଅମରବରରେ ଅଦୃଶ୍ୟ ନଳ ନରବର ଗମନ୍ତେ ପ୍ରାଙ୍ଗଣେ । ସୁଧୀରେ । ସେ ତ ନାନା ମଣିରେ ବିନିର୍ମିତ । ତହିଁ ତାଙ୍କ ରୂପ ହେଉ ବିମ୍ବିତ । ସେ ବିମ୍ବ ରୂପଗୃତୁଷ୍ଟି ବାର ନେତ୍ର ଲାଭକୁ ମଣିଲେ ସାର୍ଥ । ସ୍ୱର୍ଣିଏ । ୨୯ । ପୁଣି ପରସ୍ପର ମଧ୍ୟରେ ଏମନ୍ତ ବୋଲିବୋଲି ସେ ହେଉଥାନ୍ତି । ଅଗୋ ସଜନି ଆମ୍ଭେ ଯେଉଁ ମତି । ବହୁଁ ଦେତ ପ୍ରତି କାମ ବୃନ୍ଦଚନ୍ଦ୍ର ଏ ବିମ୍ବିତ ସେହିମତି । ଧରାର । କ୍ଷିତ ନିଷ୍ପୃ ତା ପତି ପାଇଁକି । ବହିଛି ଏ କାମ ରତିଯାଇଁକି । ବିନେତ୍ର-ନେତ୍ର-ବହ୍ନିହୋତ୍ର-ତେଜରେ ଯାଇଛି କଳା ହୋଇକି । ସଙ୍ଗାତ । ୩୦ । ପ୍ରତିବିମ୍ବ ମାନେ ବସୁମତି ଗାତ୍ରେ ପଡ଼ନ୍ତେ ତାଙ୍କ ଛାୟା ଏକା । ଦେଖି ବିସ୍ମୟେ ମହିଷୀଏ ଥକା । ହେଲେ ନ ଥିଲେହେଁ ପଡ଼ ନୃପ-ପ୍ରକୃତି-ରୂପେ ନେତ୍ର-ତାରକା । ତାଙ୍କର । ଛାୟା ହରିଦ୍ରା-

ବର୍ଣ୍ଣ ବିମର୍ଦ୍ଦନ ।—ନଳ କାନ୍ତି କରିଥିଲେ ଲୋକନ । କି ନ ହୋଇଥାନ୍ତା ସେ କାଳେ ତାଙ୍କର ଦୁର୍ଦ୍ଦଶା ମାନସେ ଚିନ୍ତନ । ସୁଧୀରେ । ୩୧ । ଅଦୃଶ୍ୟ ହୋଇ ପରପୁରେ ପ୍ରବେଶି ମଣି-କୁଟ୍ଟିମେ ପ୍ରତିଛାୟ—। ଛଳେ ବିବିଧ ଅନଳପ କାୟ । ବିୟୋଗୀ ସେ ମହୀପାଳ ନଳ ହୋଇଗଲେ ଯୋଗୀଜନ ପ୍ରାୟ । ସୁଧୀରେ । ଶୁଣନ୍ତି ସେ ଭ୍ରମେ ତାଙ୍କେ ବାଣୀ । "ପୁଂସ ସ୍ପର୍ଶିଲା ପରସ୍ତ୍ରୀ ମଣିଲି" । କେ ବୋଲେ "ତା ଛାୟା ଦେଖିଲି-ବଡ଼" କେ ଭ୍ରମେ "ତା ବଚନ ଭଲ । ବାରିଲି" । ୩୨ । ଏକାଳେ ନମି ମାତାଙ୍କୁ ଦମୟନ୍ତୀ ନିଜ ନିକେତେ କରୁ ଗତି । ପଥେ ଭେଟିଲେ ନିଷଧ-ନୃପତି । ଅଦୃଶ୍ୟ ବିଶୁଁ ସେ ଭୂପତି-ସୁତାର ନୋହିଲେ ନୟନବର୍ତ୍ତୀ । ସୁଧୀରେ । ଏଣେ ଭ୍ରାନ୍ତି-ବଶେ ପ୍ରତି-ଯୋଷିତେ । ଦମୟନ୍ତୀ ଭାବନ୍ତି ନୃପ ଚିତ୍ତେ । ଦମୟନ୍ତୀ ଦେଖି ଏ ମୋ ଭ୍ରମ ଅବା ଭାବି ତେଜିଲେ ତୁରିତେ । ତାହାକୁ । ୩୩ । ନିରତ ଚିନ୍ତା ବିଶୁଁ ନଳ-ପରସ୍ତ୍ରୀ ଛବି ଦର୍ଶିଯାଇ ବାଳାକୁ । ମାତା ପ୍ରଦତ୍ତ କୁସୁମ-ମାଳାକୁ । ନିଜ ଗଳୁଁ କାଢ଼ି ପକାଇ ଦେଲା ସେ ଅସତ୍ୟ-ନଳ-ଗଳାକୁ । ସୁଧୀରେ । ପାଶେ ଥିଲେତ ରହି ନଳ ତହିଁ । ବାଳା କରୁ ସେ ମାଳ ହେଲେ ଯାଇ । ସତ୍ୟରେ କରି ଭୂପାଳ-ନଳଗଳା-ଆଲିଙ୍ଗନ ଗଲା ରହି । ସୁଧୀରେ । ୩୪ । ନୁହଇ ପ୍ରକୃତ ଏ ମୋ ଭ୍ରାନ୍ତି ଜାତ ଦମୟନ୍ତୀ ବୋଲି ଯାହାରେ । ଥିଲି ବରିଜି ସେ ଏବେ ସ୍ନେହରେ । ମୋରେ ପ୍ରକୃତ ମାଳ ଦେଲା ଏମନ୍ତ ଚିନ୍ତା ନୃପତି ଚିତ୍ତରେ । ବିସ୍ମିତ । ମାଳା ଦେଲି ତ ମୁଁ ନିକେ ପକାଇ । ଗଲା ତା କେମନ୍ତେ କେହି ଉଭାଇ । ଏତେ ବିସ୍ମୟ ମତିରେ ଦମୟନ୍ତୀ ରହିଲେ ଆଶ୍ଚର୍ଯ୍ୟ ହୋଇ । ସୁଧୀରେ । ୩୫ । ଏକସ୍ଥାନେ ଥାଇ ଦମୟନ୍ତୀ ମହୀପତି ଭ୍ରାନ୍ତିରେ ହୋଇ ଘାରି । କେହି କାହାକୁ ନ ପାରନ୍ତି ବାରି । ଏକ ଅନ୍ୟକୁ ବିସ୍ମରୁଥାଇ ଚିତ୍ତେ ଭିନ୍ନ-ସ୍ଥାନେ ଥିଲାପରି । ସୁଧୀରେ । ତେଣୁ ଉଭୟେ ଉଭୟ-ରୂପକୁ । ଭ୍ରାନ୍ତି ଭାବି କଲେ ଆଲିଙ୍ଗନକୁ । ସେ ଉପଗୂହନ ଗଲା ସତ୍ୟ ହୋଇ ପରସ୍ପରର ଭାଗ୍ୟକୁ । ସୁଧୀରେ ॥ ନଳ-ମହୀପାଳ-ଶ୍ରୀଅଙ୍ଗ-ସଙ୍ଗମ ଲଭିଲେହେଁ ଭୀମସୁତା । ନେତ୍ରେ ନ ଦେଖିବା ହେତୁ ସେ ମୂର୍ତ୍ତି । ଭାବଇ ନିଶ୍ଚୟ ଚିତ୍ତ-ଭ୍ରମ ଏ ମୋ ସେ କି ପା ଅସନ୍ତେ ଏଥି । ସୁଧୀରେ । ନବ-ସଙ୍ଗମ-ଜନ୍ୟ-ଜଡ଼ଭାବ । ଯେଣୁ ଅଙ୍ଗେ କରିଥିଲା ପ୍ରଭାବ । ଦେଖିଲେହେଁ ତେଣୁ ନଳ ସେ ବାଳିକି ଧରି ନ ପାରିଲେ ଜବ । ସୁଧୀରେ ॥ ହେଲା ମୁଗ୍ଧମନ ପୂର୍ବ ଆଲିଙ୍ଗନ ବିଶୁଁ ପରସ୍ପରେ ପ୍ରକୃତ । ଜାଣି ପୁଣିହେଁ ଆଲିଙ୍ଗନେ ଚିତ୍ତ । ବଳାଇ ଉଭୟେ ଉଭୟର ହେଲେ ଗାଢ଼ ଆଲିଙ୍ଗନେ ମତ୍ତ । ସୁଧୀରେ । ଏକ ଅଦୃଶ୍ୟ ନିରବ ଅପର । ଏଣୁ ଏ ଭ୍ରାନ୍ତି ବୋଲି ଉଭୟର । ଜନମିଲା ଜ୍ଞାନ ସତ୍ୟ-ଆଲିଙ୍ଗନ ମଧ ହେଲା ମିଥ୍ୟାତୁଲ । ତାହାକୁ । ୩୮ । ପୂର୍ବେ ଚିତ୍ରେ ଅବା ଲୋକମୁଖେ କିବା ଯେମନ୍ତ ଦେଖି ଶୁଣିଥିଲେ । ଏବେ ତଥା ପରସ୍ପରେ ଦେଖିଲେ ।

ବେନିଏ ବେନି ଜନଙ୍କର ଶ୍ରୀଅଙ୍ଗ-ଶୋଭା-ଲୋଭରେ ଲାଗିଲେ । ସୁଧୀରେ । ଯେଣୁ
ଭ୍ରମବୋଲି ଏକ ଅବଲେ । ଥିଲେ ଚକ୍ଷେ ଚକ୍ଷୁ ତେଣୁ ନିନ୍ଦିଲେ । କେଳି-
ବିଳାସରେ କେ କାହାର ଅବହେଳା ନକଲେ ପଲକେ । ସୁଧୀରେ । ୩୯ । ପର-
ସ୍ପରର ପରଶରୁ ସଞ୍ଜାତ-ରସ-ତରଙ୍ଗ-ତରଙ୍ଗିତ । ହୋଇ ଦେଲା ବୁଡ଼ାଇ ବେନି-
ଚିତ୍ତ । ଷଣେ ପ୍ରେମ ତହିଁ ବିପ୍ରଲମ୍ଭ ହୋଇ ଦ୍ୱିଗୁଣେ ହେଲା ସ୍ଥାପିତ । ସୁଧୀରେ ।
ସ୍ନେହପୂରିତ ପ୍ରଦୀପ ଯେମନ୍ତ । ଜଳି ବଳିତା ସ୍ତିମିତେ କମ୍ପିତ । ଅତି ସ୍ଥିର କି
ଷଣକେ ବଢ଼ାଇ ଏ ପ୍ରେମ ହେଲା ତେମନ୍ତ । ସୁଧୀରେ । ୪୦ । ଷଣକେ ଏ ସର୍ବ
ମିଥ୍ୟାବୋଲି ଭାବି ଷଣକେ ସର୍ବ ସତ୍ୟ ଚିନ୍ତି । ଷଣେ ଧୀର ଅଧୀର ଷଣେ
ଅତି । ହୋଇ ନିଜବସତିରେ ପରବେଶ ଦମୟନ୍ତୀ ଗୁରୁଗାମୀ । ସୁଧୀରେ । ନବ-
ପ୍ରେମାସବ-ପାନେ ଉନ୍ମତ୍ତ । ହୋଇ ନୈଷଧ-ଈଶ ଅବିରତ । ତହିଁ ଭ୍ରମନ୍ତି
ଭ୍ରମରେ ଦମୟନ୍ତୀ-ମୂର୍ତ୍ତି କରି ନେତ୍ରଗତ । ସୁଧୀରେ । ୪୧ । ସେ ବିଶାଳ ମଣ୍ଡପାଳି-
ପୁରେ ନଳ ନବବର ଭ୍ରମି ପଶ୍ଚରେ । ପରିଶ୍ରମ ଲଭି ଅତିଶୟରେ । ନୃପତି-ପୁତ୍ରୀ-
ନିବାସେ ରମ୍ୟ ଅତି-ତୁଙ୍ଗ ପ୍ରାସାଦ ପାଶରେ । ପ୍ରବେଶ । ତହିଁ ପ୍ରତୋଳି-
ମଣି-ବେଦିକାରେ । ଦେଖିଲେ ସେ ଭୈମୀ-ସଖୀ-ସଭାରେ । ସରସ-ବିଳାସେ ତୋଷ
ସେ ନବର ଜଣେ ମାର-ଅନ୍ତଃପୁରେ । ସୁଧୀରେ । ୪୨ । କଳ-ଆଳାପ-କଳ୍ପ-
କାଳେ କେ ବାଳୀ ଶୁଣି ତା ନଳମଣ୍ଡାଯାଳ । ଚକ୍ଷେ ତାକୁ ପ୍ରଶଂସନ୍ତି ଅପାର ।
ବୋଲନ୍ତି ଧନ୍ୟଏ ରମଣୀ ରତନ ସମାନ କେବା ଏହାର । ନଷ୍ଟରେ । ପୁଣି ଲଭନ୍ତି
ପିକ ବେଣୁବୀଣା । ଏ ଜିତସ୍ୱେତ ସ୍ୱରେ ତାକୁ ଉଣା । ଏଣୁ ଗଳେ ରେଖା ଜମ୍ବୁ-
ଛଳେ ଜୟଚିହ୍ନକୁ ହୋଇ ପୁରୁଣା । ବହୁଛି । ୪୩ । ଚିତ୍ର ଦେଖାଇ ପ୍ରବୋଧୁଥାନ୍ତି
ସଖି ରେ ଗୃହମୁହିଁ ଏ ସେ ନଳ । ଦେଖ ଖେଦ ତୁ ବିରଜ ଚପଳ । ଏ
ବାଣୀ ଶୁଣି ଶୁଣି କେଉଁ ରମଣୀ-କର-ଧରି ସାସି ଖରି । ଭାଷଇ । 'ସଖି ଦେଖ ଦେଖ
ଏ ସେହିନଳ । ଦୁଃଖ ନ ରଖ ମାନସେ ତୁ ଚଳ' । ତା ଶୁଣି ଧରିପଡ଼ିଲି କି ବିସ୍ମୃତ
ନୃପ ହୁଅନ୍ତି ଚଞ୍ଚଳ । ସୁଧୀରେ । ୪୪ । ଦମୟନ୍ତୀ-ଚିତ୍ତ-ବିନୋଦନପାଇଁ କେଉଁ
ଚତୁରନାରୀ ତହିଁ । ବେଶେ ସେ ଦମୟନ୍ତୀବତ ହୋଇ । ନାନା କଉଶଳେ-ନଳ
ରୂପ-ଅନୁକାରୀ ସଖୀ ପାଶେ ଯାଇ । ସୁଧୀରେ । କରି ଅଭିନୟ ଲଜ୍ଜାକମ୍ପିତ ।
ମାଳାକାରନୈପୁଣ୍ୟେ ଅତିଅନ୍ତ । ସୁଷମ ମଧୁକମାଳାକୁ କୃତ୍ରିମ-ନଳଗଳେ କରେ-
ଦତ୍ତ । ସୁଧୀରେ । ୪୫ । କେ ଚନ୍ଦ୍ରମୁଖୀ ସଖୀର ଚନ୍ଦ୍ରମୁଖେ ଗୁହସୁନ୍ଦର ଅଭ୍ରବିନ୍ଦୁ ।
ଦେଉ ତହିଁରେ ନିଜମୁଖ-ଇନ୍ଦୁ । ପ୍ରତିବିମ୍ବିତ ହୁଏ ପୁଣି ସ୍ୱମୁଖେ ଉଜ୍ଜ୍ୱଳପଣେ ତା
ବିନ୍ଦୁ । ସୁଧୀରେ । ଏହା ଅନନରେ ପ୍ରତିଫଳଇ । ତାହା ଅତିହିଁ ଅଶ୍ଚର୍ଯ୍ୟ ହୁଅଇ ।
ଅବନିତଳେ ଅବଳାମେଳେ କଳାନିଧି-ମାଳା ଯା ଶୋଭଇ । ସୁଧୀରେ । ୪୬ ।

ବର୍ଣ୍ଣିବଭବେ ପ୍ରତପ୍ରକାଣ୍ଡିସ୍ଥରେ ଅର୍ଦ୍ଧ-ଦାନକାଶ କେତକୀ—। ଦଳ-ଉଦରେ ନଖ-
ଲେଖନୀକ । ଗୃହ ତହିଁ ବଦଭେଶ-ଦର୍ଭହାସୀ-ଯୁତା ନିଷଧପତିଙ୍କ । ଲେଖଇ ।
ପ୍ରେମ-ପତ୍ରିକା ଅତିହିଁ ଯତନେ । ନଳ ତା ଦେଖୁଥାନ୍ତି ଏକମନେ । ଲେଖିବା ମାତ୍ରେ
ଅକ୍ଷରେ କ୍ରୁଷ୍ଟ ହେଉଁ ନଥାଏ ବାଧା ପଠନେ । ସୁଧୀରେ । ୪୭ । ସ୍ୱଚ୍ଛ ଲେଖନେ
ବଚ୍ଛଗୃହସ୍ୱବତୀ କେ ସଖୀଜନ ତହିଁ । ରାଜପୁତ୍ରୀ-ପ୍ରତିମୂର୍ତ୍ତି ଲେଖଇ । ଅବକଳରେ
କର୍ଣ୍ଣୋତ୍ପଳ କରର ଲୀଳାକମଳ ଚଳଇ । ତରୁଣୀ । ଏକା ତା କରପଦ୍ମ ନେତ୍ରୋ-
ତ୍ପଳେ । ଚଳିବାରେ ଯେତେବେଳେ ଯତ୍ନକଲେ । ଠାଣି ଉଚ୍ଚରଇ ନ ପାରଇ ରହିଯାନ୍ତି
ସେ ଯୁଗଳ ସ୍ଥଳେ । ସୁଧୀରେ । ୪୮ । କଳହପ୍ରିୟ-ଋଷିଙ୍କ ପ୍ରିୟଶିଷ୍ୟ ଟିଣ୍ଟଟବଧୂ
ଅବସର । ବହି ବୀଣା ଅସହ୍ୟ ହୋଇ ତୋର । ନୃପପୁତ୍ରୀ-ତାପ ନାଶେ ଚାଳିବାକୁ
ସଙ୍ଗୀତ ସ୍ୱର ଧାର । ସୁଧୀରେ । ଦମୟନ୍ତୀ-ସ୍ୱର ସଙ୍ଗେ ମିଶାଇ । କେବଳ ସେ
ବୀଣାଥାନ୍ତି ବଜାଇ । ବୋଲିବେ କିପାଁ ସେ ସୁସ୍ୱର-ପିଯୂଷେ ଏ ବେନିଙ୍କି ସେ ବଳଇ ।
ସୁଧୀରେ । ୪୯ । ତହିଁ କା'ର ପୟୋଧରେ ଅର୍ଦ୍ଧଶଶି-ସମ ନଖରକ୍ଷତ ଚାହିଁ ।
ପରିହାସେ କେ ତାହାକୁ ଭାଷଇ । ଏ ତୋ ପୟୋଧର-କୁମ୍ଭେ ହରହାସେ କାମ କି
ନାବେ ଖେଳଇ । ଚତୁରୀ । କିବା ସମ୍ଭବବାରୁ ହର (ଗୈବ) ଭୟ । ପୟୋଧରର
ଭାବ ଅପରୟ । ଲୁଚଇ ବକ୍ଷିକୁ ଚାରୁ ଚେଳାଞ୍ଚଳେ ଗୋପନରେ ଅତିଶୟ ।
ସଙ୍ଗାତ । ୫୦ । ନୃପ ଦେଖୁଛନ୍ତି ତହିଁ କେ ଯୁବତୀ ସୁନେ ପୁଚ୍ଛୀରେ ସୂତ୍ର ଦେଇ ।
ଗୋଟି ଗୋଟି କରି ପୁଷ୍ପେ ଗୁନ୍ଥଇ । ତା ଚାହିଁ ନୃପୀଶ ଭାବନ୍ତି ଏ ବେସ ସୁମନେ ଦଣ୍ଡ
ଦିଅଇ । ସୁଧୀରେ । ହୋଇ ସୁନ୍ଦର ଶର ଏ ସୁମନ । ତା'ର ସହିକ ଦିଅନ୍ତି କଦନ ।
ତେଣୁକ ପ୍ରତିହିଂସାରେ କରୁଅଛି ତାଙ୍କ ହୃଦୟଭେଦନ । ଯୁବତୀ । ୫୧ । ସେ ସୁମନ-
ସରେ ବିରଚିତ ହାରେ ଚାହିଁ ଉପ୍ରେ ଯେମା ଭାଷଇ । "ସହି କରୁତୁ ଏ ସାହସ କେହି ।
ବିବେଚନାକୁ କି ଚନାଏଁ ତୋହର ମରମ-ମଧ୍ୟରେ ନାହିଁ । ସଜନି । କାମ ଗୋଟି
ଗୋଟି ଯାହା ପାଉଣି । ଦେଖୁଛୁତ ମୋ ପିଣ୍ଡିଦିଏ କାଟି । ତୁ ପୁଣି ଏଣୁ ଗୁଣ ତହିଁ
ଖଞ୍ଜୁ ଛୁ ଅଜ କସ ବୋଲିବଟି । ତୋତେ ମୁଁ" । ୫୨ । ପୟୋଧର-ଚକ୍ର-ପଦ୍ମ-ପାଳି
ମଧ୍ୟଦେଶରେ କେଉଁ ସୁମଧାର । ଲେଖି କେ ସଖୀ ଚଳ ମକରର । ବୋଲଇ ବାହନ
ହୋଇଲା ଏ ଯେନ ତୋ ଏକାବଳୀଗଙ୍ଗାର । ସଙ୍ଗାତ । ଭାଷେ ଅପର ଏ ପଯ୍ୟ-
ରଚିତ । ପୁଷ୍ପ ପୟୋଧରେ ଚାହିଁ ଉଷତ । ହୋଇ ହୃଦେ ଥିବା କାମ କେତୁ-ଦଣ୍ଡ-
ସଙ୍ଗ ମନାସି ଆଗତ । ସଙ୍ଗାତ । ୫୩ । ଚତୁରୀ-ଚତୁର ତହିଁ ପଶାସାର ଖେଳେ
କାହିଁବା ମାତଛନ୍ତି । ପଟ୍ଟ ପକାଇ ଝଟତ ଡାକନ୍ତି । ମାର ଏ ଶାରଙ୍କ କଣ୍ଠ ନ ବଗ୍ରହ
ଯାଉ ସେ ଘରେ ବୋଲନ୍ତି । ଚତୁରୀ । ତାହା ଶୁଣି ପଞ୍ଜରେ ଚିତ ଶାରୀ । ଅତି ବକଲେ
ପକାଏ ବୋବାଳ । ଦେଖି ତା 'ଏତ ଚମତ୍କାର' ବଗ୍ରହ ହସନ୍ତି ସେ ଦଣ୍ଡଧାରୀ ।

ସୁଧୀରେ ।୫୪। ବିଦର୍ଭ-ଭୂପତି-ସନ୍ତତି-କତିରେ କାର୍ତ୍ତସ୍ୱରରେ ବିନିର୍ମିତ । ହଂସାକୃତି ନାଗବଲ୍ଲୀଗର୍ଭିତ । ଏକପାଦେ ନେବ ନିପତିତ ହେଉ ନୃପ ବିଶ୍ୱରନ୍ତ ଚିତ୍ତ । ସୁଧୀରେ । ହେମମରାଳ ଏ ବୋଲେ ମୋହର । କଲା କେଡ଼େ ମହତ ଉପକାର । ଦୂତପଣେ ଆସେ ପାଶେ ବସି ରସାଉଛି ଏ ପ୍ରିୟାକୁ ମୋର । କେମନ୍ତେ । ୫୫ । ପୁଣି ବିଲୋକି ସେ ସଖିସମାଜକୁ ପ୍ରତ୍ୟେକେ ଦମୟନ୍ତୀ ବୋଲି । ଚିତ୍ତେ ଚିନ୍ତୁଚିନ୍ତୁ ସେ ଦନ୍ତ୍ରଧାସ୍ୱ । ଏକର ଅପରୂପ-ରୂପ-ଲାବଣ୍ୟ ନେଲା ମାନସକୁ ହରି । ନୃପଙ୍କ । ନ ପୁଚ୍ଛିଲେହେଁ ସେ ରୂପ ଆପଣେ । ନିଜ ଅନନ୍ୟ-ସାଧାରଣ-ଗୁଣେ । ଥିଲା ସେ ଯାହାର ତାକୁ ନରବର-ନନ୍ଦନା ବୋଲି ଜାଣନେ । ଚିତ୍ତାଏଁ । ୫୬ । ସେ ପୁର ପ୍ରାଙ୍ଗଣ ବିବିଧ-ରତନ ମଣିଗଣେ ତ ବିନିର୍ମିତ । ନୃପ ହୃଅନ୍ତେ ତହିଁ ଉପଗତ । ତଳେ ନିର୍ମଳେ ଅତୁଳ ତାଙ୍କ ରୂପ ହୋଇଲା ପ୍ରତିବିମ୍ବିତ । ସୁଧୀରେ । ଦମୟନ୍ତୀ-ଚିତ୍ତ-ବିନୋଦ ପାଇଁ । ବନ୍ଧୁ ନଳରୂପତ ପ୍ରେମସନ୍ଧ । ଲିହିଥିଲେ ତହିଁ ସେ ମଧ୍ୟେ ଏ ଛବି ଗଲା ରହି ଜଣାନୋହି । ସୁଧୀରେ । ୫୭। ବନ୍ଧି-ପ୍ରେରିତପତ୍ର ସନ୍ଦେଶ ଦୂତୀ ଭାଷି ନାନା ଶୃଙ୍ଗାର-ଭଣିତା । ନିଜ ପ୍ରଭୁଙ୍କ ପ୍ରତି ଦମୟନ୍ତୀ ।—ମତି ଅନ୍ତରେ ସେ ତାଙ୍କୁ ବାରନ୍ତେ ଭାଷି ଉଚିତ ଭାରତୀ । ସୁଧୀରେ । ତାହା ଶୁଣିଣ ହୋଇ ଦେବଦୂତ । ଯା'ର ପ୍ରାପ୍ତ୍ୟାଶା କରିଥିଲେ ତ୍ୟକ୍ତ । ସେ ଅଶା ଅସେ ଏବେ ନଳ ମଣ୍ଡଣ-ମାନସେ କଲା ନିକେତ । ସୁଧୀରେ । ୫୮ । ଏମନ୍ତ ସମୟେ ସେ ସଭା-ମଧ୍ୟରେ ବାସବର ଦୂତୀ ଉଭୟେ । ଭାଷା ପ୍ରକାଶେ ଦମୟନ୍ତୀ ପାଶେ । ଶୁଣି ପକ୍ଷଧର ସଖୀଏ ଦୂତକ ପ୍ରଶଂସୁଥାନ୍ତି ହରଷେ । ସୁଧୀରେ । ଏଣେ ଦୂତୀ-ଗୁରୁତ୍ୱ ଶୁଣି ନଳ । ଭୟ ଉଦ୍‌ବେଗରେ ହୋଇ ବ୍ୟାକୁଳ । ଚିର-ପୋଷିତ ଅଶାର ଉନ୍ମନାଶ କରୁଥାନ୍ତି ବେଳୁଁ ବେଳ । ସୁଧୀରେ ।୫୯। ଭାଷେ ବାସବ ଦୂତୀ "ଗୋ ରାଜପୁତ୍ରି କର ଅନୁଗ୍ରହ କିଞ୍ଚିତ । ଜଣାଣକୁ ମୋ ଦିଅ କର ଚିତ୍ତ । ସୁରେଶ-ଆଦେଶ ଘେନି ମୁଁ ହୋଇଛି ତୋ ଛାମୁକୁ ଉପଗତ । ସ୍ୱର୍ଣ୍ଣାଳେ । ସ୍ୱରଅକ୍ଷର ନବେ ପାଠହୋଇ । ନ ପାରିବ ବିଶ୍ୱର ଶଚୀସାଇଁ । ମୋତେ ପେଷିଲେ ତୁ ଏମନ୍ତ ଏମନ୍ତ କହିବୁ ଯେମାକୁ ଯାଇ । ଆଦେଶି । ୬୦ । କରି ଆଲିଙ୍ଗନ ସମ୍ଭାଳେ ସୁରେଶ କୁଶଳ ତୋର ପୁଚ୍ଛିଛନ୍ତି । ଶୁଣି ତୋ କଥା ତାଙ୍କ ସେମପନ୍ତି । ଯେତେ ଉଚ୍ଛସଇ ତେତିକ ତୋପାଇଁ ମୋହରେ କହିଅଛନ୍ତି । ସୁଗାତ୍ରି । ତୋର ପ୍ରାର୍ଥନେ ତାଙ୍କ ଯେଉଁ କଣ୍ଠ । ଭୂମ-ସମୀପେ ହେଲା ଲକ୍ଷ୍ମାକୁଣ୍ଠ । ସ୍ୱପ୍ନରେ ତାଙ୍କ ସେ ଗଳେ ତୁ ଦିଅ ମାଳେ ବାନ୍ଧିକରି ଅଣ୍ଠ । ସୁନେତ୍ରି । ୬୧ । ଶୁଣିଛୁତ ଚନ୍ଦ୍ରବଦନ ସେ ଇନ୍ଦ୍ର ଅନୁଜ ଉପେନ୍ଦ୍ର ନିମିତ୍ତ । ମନ୍ଥି କ୍ଷୀରାବ୍ଧି ବୃନ୍ଦାରକ ବ୍ରାତ । ଇନ୍ଦିରାକୁ ଉପୁଜାଇଥିଲେ ଏଣୁ ନ ନାଶ ତୁ ଇନ୍ଦ୍ର-ଚିତ୍ତ । ସୁନ୍ଦରି । ଯେବେ କରିବୁ ଇନ୍ଦ୍ରେ ପ୍ରତ୍ୟାଖ୍ୟାନ । ତାଙ୍କ ପାଇଁକି ଇକ୍ଷୁ-ସରସ୍ୱାନ । ମନ୍ଥି

ଅପର-ଇନ୍ଦ୍ର-ଉତ୍ଥାପନେ ଦେବେ ବଳାଇବେ ମନ । ସୁଦତ୍ତ ।୭୨। ଲୋକ ନିତସ୍ୟର ମଧ୍ୟେ ସ୍ୱର୍ଗ ସାର ସେ ସ୍ୱର୍ଗେ ପୁଣି ସୁରେ ସାର । ବାସବ ତ ବୋଲାନ୍ତି ସୁରେଶ୍ୱର । ଏଣୁ ତ୍ରିଭୁବନେ ଇନ୍ଦ୍ରୁ ବଡ଼ଜଣେ ନାହିଁ କେ ତତ୍ତ୍ୱେ ବଶୁର । ଚତୁର । ଯେବେ ଅନୁରାଗ ବଶେ ଯେ ସୁର ।-ଦତ୍ତ ପଦ୍ମରେ ତୋହର କଙ୍କର । ବଳେ ହେଉଛନ୍ତି ଏଥୁ ବଳ ଷାତ ଅଭ କ ରୂପର ତୋର । ସୁନ୍ଦର ।୭୩। ସାଧି ଶତଅଶ୍ୱମେଧ ଯେଉଁ ପଦ ଲଭିଛନ୍ତି ସେ ସେହି ପଦେ । ପଦେ ତୋର ଅର୍ପୁଛନ୍ତି ପ୍ରମୋଦେ । ବନ୍ଧୁବଧ-ଗୃଷ୍ଟ ଗର୍ଭିତ-ଭାରତୀ-ସହିତରେ ନିର୍ବିବାଦେ । ସୁନ୍ଦର । ନୋହୁ ନିଷ୍ଫଳ ତାଙ୍କ ସେ ପ୍ରାର୍ଥନ । କର ସାର୍ଥ ସେ ଇନ୍ଦ୍ରତ୍ୱେ ବହନ । ସ୍ୱୀକାର ସୂଚାଇ ଭୂଲତା ନଚାଇବାରେ ଚତୁରି-ରତନ । ନବନା । ୭୪ । ନନ୍ଦନ-ମନ୍ଦାକିନୀ ବେନି-ବନରେ ବିହରୁଥିବୁ ନାରାୟଣ । ଯେବେ ଜାଟବେଶ ତୋର ଅମବେଶ । ତାଙ୍କ ସୋଦର ଦାମୋଦର ଦେବର ବୋଲାଇବେ ତୋ ବାଳୀଶ । ସୁନ୍ଦର । ଯେଉଁ ରମା ମା ସର୍ବଜୀବଙ୍କର । ଯାଅ ସ୍ୱରୂପେ ସେହି ସହି ତୋର । ହେବେ ଏଥୁବଳ ଅଭ କସ ଶ୍ରେୟ ଅଛି ବିଶ୍ୱର ଚତୁର । ଚତୁର । ୭୫ । 'ଏ ବିଦ୍ୱଭୁବନ-ପ୍ରଭୁପଣ ଦେନ ମୋ ଗଳେ ମାଳ ମାଳ ଦେଇ' । ଏମନ୍ତ କ କାହାକୁ ଶଚୀସାଇଁ । କହିଛନ୍ତି କେବେ ? ତହିଁକି ତୁ ଏବେ ଭଜନ ହେଲୁ ସୁପୁହିଁ । କଶୋର । ଏହି ରାଜ୍ୟକୁ ପରି ବଳୀଠାରେ । ମାଗି ଉପେନ୍ଦ୍ର ଆପେ ଉଣା ହେଲେ । ତେଣୁ ଅଜ ଯାଏ ତାଙ୍କାଙ୍କୁ ବାମନ ବୋଲୁ ଅଛନ୍ତି ସକଳେ । ସୁନ୍ଦର । ୭୬ । ଯେଉଁ ସ୍ୱରଙ୍କ ପଦ୍ମରେ ନିରନ୍ତରେ ଏବେ ତୁ କରୁଛୁ ପ୍ରଣତ । ତହିଁ ରୁଣୀ ସେ ହୋଇଲେଣି ଅତ । ଇନ୍ଦ୍ରେ ବର ତାଙ୍କୁ କର ରୁଣୁଁ ପାର ଲଭ ଅମାପ-କୀରତ । କଶୋର । ପ୍ରତ ଦିବସରର ସନ୍ଧ୍ୟା-ବିଦ୍ୟରେ । ସୁରେ-ଶ୍ୱର-ମହିଷୀ ତୋ ପଦ୍ମରେ । ବନ୍ଧ ବୃନ୍ଦାବନେ ତୋ ଦାନ ଶୁଣିଲୁ ପୁରୁ ତୋ ଯଶ ଚନ୍ଦ୍ରରେ । ନିଦ୍ଦବ" । ୭୭ । ଭାଷି ଏମନ୍ତ ସୁରପତି-ପ୍ରଦତ୍ତ ପାରିଜାତକମାଳା ଦୂତୀ । ସମର୍ପିବା ପାଇଁ ଆଦରେ ଅତ । ମତ କରନ୍ତେ ପାଦରେ କରେ ତାହା ଗ୍ରହିଲା ନୃପତି ପୁତ୍ରୀ । ସୁଧୀରେ । ସେହି ସ୍ୱର୍ଗର ସୁମନସ-ବାସ । ସର୍ବ ଆଶା ଗଲା ପୁର ଜମିଷେ । ଏକା ନଳଆଶା ଭରସା-ବନାଶୁ ନ ରସିଲା ତହିଁ ଲେଶେ । ସୁଧୀରେ । ୭୮ । ଗୃରୁସଗର୍ଭିତ ଏ ନତ ଭାରତୀ ଦୂତର ଶୁଣି କେ ଯୋଷିତ । ଦମୟନ୍ତୀକ ଭାଷେ, ରେ ଭୂଭୃତ ।—ଅସ୍ୱଜା ନ ମଜା ମଜ୍ଜା ଏ ବିଷୟେ ଆନଚନ୍ତେନେ କଥିତ । ସୁଧୀର । କେ ଭାବଇ 'ବାସବେ ବର-ବାରେ । ଉଚତ ତୋ ବଶୁରେ ମୁଁ ମନରେ' । କେ କହେ ଓଁ କାର ହେଉ-ତୋ ସ୍ୱୀକାର-ଗିର ଏ ଶୁଭ କର୍ମରେ । ସୁଶୀଳା ।୭୯। ବିଦ୍ୟୁଷୀ ବଚନ ଏମନ୍ତ ଶ୍ରବଣ କରଣ ନରେନ୍ଦ୍ରନନ୍ଦିନୀ । ବୋଲେ 'ପ୍ରଷ୍ଟିଗୋ କେବେ ଭୁମ୍ଭବାଣୀ । ଅନାଦରେ ଦୂର ଦେଇଛି

କି କରି ବିଗ୍ରହ ତ ମନେ ଗୁଣି । ସଖିଏ । ଏ ବିଷୟେ ଟିଆପେ ମୋର କିଛି । ପ୍ରକାଶିବାକୁ ଅବଶିଷ୍ଟ ଅଛି' । ଶୁଣି ଏ ଭାରତୀ ଦୂତୀ-ମତି ତୃପ୍ତି-ସୀମା ଟପାଇଲା ଅଷ୍ଟ । ପୃଥୀରେ । ୭୦ । ଏ ସର୍ବ ବିଲୋକି ହୋଇ ମହାଦୁଃଖୀ ବିଗ୍ରହୁଥାନ୍ତି ଧୀର ନଳ । 'ଏ ମୋ କପାଳକୁ ସର୍ବ ବିଫଳ । ହେଲା ନୋହିଲା ପ୍ରିୟାଲାଭ ଅଥବା ଦୌତ୍ୟ କରିବାର ଫଳ । କିଛିହେଁ' । ଦମୟନ୍ତୀ·ବଦନଶଶଧର । ତହିଁ ବିରାଜ-ଥିବାର ରୁଚିର । ନୋହି ବିଦାରି ନୃପତି ହୃଦପଦ୍ମ ଗଲା ସଙ୍କୋଚ କେବଳ । ଏ ଦୁଃଖେ । ୭୧ । ଏକାଳେ କିଞ୍ଚିତ ସ୍ମିତ ବିକଶାଇ ଓଷ୍ଠଯୁଗଳ ଯାଳ ବାଳୀ । ବାରି ନୟନ ଗୂଳ ଅଳି-ପାଳି । ସେ ସ୍ୱର୍ଗ-ସୁମନ-ମାଳି ଯେହ୍ନ ଆଖଣ୍ଡଳେ ଲୁଅଇଁ ମଉଳ । ନୃପଜା । ଗିର-ଚାତୁର୍ଯ୍ୟେ ଗିରା ଅଙ୍ଗିରର । ଗୁରୁ ଗାମ୍ଭୀର୍ଯ୍ୟେ ନ ଦକାଇ ଗାର । ବୃଦ୍ଧ ଅନ୍ତକ-ଦୂତର ଗୃହିଁ ମୁଖ କଲା ବଚନ ପ୍ରଗ୍ରହ । ଏମନ୍ତ । ୭୨ । "ଆଗୋ ଦୂତ ଶ୍ରୁତି ଯେଉଁ ଦେବପତି·କୀର୍ତ୍ତି· କୀର୍ତ୍ତିବେ ନୁହେ କ୍ଷମ । ତା ବର୍ଣ୍ଣିବେ କରୁଛ କିପାଁ ଶ୍ରମ । ସେ ତ ଅନ୍ତର୍ଯ୍ୟାମୀ ତାଙ୍କୁ କି ଗୁପତ ହୋଇବ ମୋ ମନସ୍କାମ । ଚପଳେ । ତେବେ ତାଙ୍କ ଛାମୁକୁ ମୋ ଉତ୍ତର । ପଠାଇବା ନୁହେ କି ବୃଥା ? ବାର । ଯେ ଯାହା ନ ଜାଣେ ତାକୁ ସିନା ତାହା ଜଣାଇଁଥାଏ ଉତ୍ତର । ଚତୁର । ୭୩ । ସେ ଅମରଈଶ ଆଦେଶେ ବାଳିଶ କେ ବା 'ନ' କାରକୁ ବସାଇ । ରସନାରେ ହୋଇବ ମହା ଦ୍ରୋହୀ । ପରଗ୍ରନ୍ଥ ଅଛି ମଙ୍ଗଳରେ ମାଳ ଭଳି ସେ ଅଙ୍କାକୁ ମୁହିଁ । ଚତୁର । ତାଙ୍କ ବିଗ୍ରହରେ ମୁହିଁତ ବାଳିଶ । ଏଣୁ ନ ଯେହ୍ନମେଷ୍ଟି ମୋର ଦୋଷ । ଜଣାଇଁବାର ଯା ଅଛି ଜଣାଉଛି ମୋ ମନୋଗତ ବିଶେଷ । ଚତୁର । ୭୪ । ଯେଉଁ ପୂର୍ବତପ-ଫଳେ ଏହିରୂପ କଲି ବାସବ·କୃପା ଲାଭ । ଏଥୁଁ କିଛି ଅଧିକ ବିଭବ ।—ପ୍ରାପ୍ତି-ଆଶା ହୃଦେ ହମ୍ଭାଦ ମୁଁ ତେଜି ନ ପାରେ ସେ ତପେ ଲୋଭ । ଚତୁର । ଏତ ହୃଦ୍‌ବସିଛି ଜୀବଙ୍କର । ଯା'ର ଫଳ ଯେମନ୍ତ ତୃପ୍ତ କର । ତା ଲାଭ ପାଇଁକି କରନ୍ତି ତେତିକି ସାଧନ କଠୋରତର ଚତୁର । ୭୫ । ମୋ ଚିତ୍ତ ତୋଷଣେ ଧର୍ମ ସଞ୍ଚୟନେ ଇନ୍ଦ୍ରେ ମୁଁ ସେବିବି ନିୟତ । ଏକା ସେ ଇନ୍ଦ୍ର ନୋହି ସୁରନାଥ । ହୋଇବେ କେବଳ ଏ ଭୂମଣ୍ଡଳର ମାନ ନରଙ୍କର ନାଥ । ଚତୁର । ଇନ୍ଦ୍ର—ଅଂଶାବତାର ତ ନୃପତି । ଏଣେ ନ ହୋଇବେକି ସେ ଭୂପତି । ନର-ଅମର-ଶରୀର-ଭେଦମାନେ ହେବ କିସ ତାଙ୍କ କ୍ଷତି । ଚତୁର ।୭୬ ସତୀ ପତିବ୍ରତ-ତରୁ-ବିନିପାତ ପାଇଁକି ଶତକୋଟି-ବତ । ପୁରୁହୂ-କୀର୍ତ୍ତି-ତତି ଗୁମ୍ଫିତ । ଯେଉଁ ଭାରତୀ ପ୍ରଗ୍ରହ କଲ ଦୂତ ଶୁଣିଲି ତାହା ସମସ୍ତ । ଚତୁର । ଆଉ ଏବେ ତ ନାହିଁ ମୋ ସାମର୍ଥ୍ୟ । ପୂର୍ବେ ନଳେ ସମର୍ପିଅଛି ଚିତ୍ତ । ଅମର-ପକ୍ଷପାତ କେବେ ସମ୍ଭବ ନ ଥିଲା ମୋର କିଞ୍ଚିତ । ଚତୁର । ୭୭ । ଭାବନ୍ତି ନଳେ

ବିରଞ୍ଚି ଅମରେ ବିରଜ ଏଣୁ ଶଚୀପତି-। ଉପଦାଚକ-କୃପା ଏ ମୋ ପ୍ରତି । କରି ନ ପାରିବି ଜାତମାନ ଲବ ଖେଦ ମୋ ଚିତ୍ତରେ ଭୂତ । ନିଷ୍ଟ୍ୟ । କରି ବିଚାରି ସଂସାରିସୁଖକୁ । ଦୂରେ ତେଜି ଯେ ମୁମୁକ୍ଷୁ ମୋକ୍ଷକୁ । ଅକାଙ୍କ୍ଷା-ରଖେ ଏ ସଂସାରି-ଜ-ସୁଖ ଲୋଭିଇପାରେ କି ତାକୁ ? ଚତୁରି । ୭୮ । ଆଶ୍ରମ ଚତୁର-ମଧ୍ୟେ ଗାର୍ହସ୍ଥ୍ୟର ପ୍ରାଧାନ୍ୟ ଯେମନ୍ତେ ପ୍ରଖ୍ୟାତ । ବର୍ଷ ସମୂହେ ଭାରତ ତେମନ୍ତ । ବୋଲନ୍ତି ବିବୁଧେ ସେ ଭାରତବର୍ଷେ ହୋଇଅଛି ମୁହିଁ ଜାତ । ଚତୁରି । ଏଥି ବିହିବ ଗାର୍ହସ୍ଥ୍ୟ ଆଶ୍ରମେ । ପତିମତି ତୋଷିବି ଶୁଦ୍ଧପ୍ରେମେ । ବିମଳ ଶାଶ୍ୱତଧର୍ମର ସହିତ ଅରଜିବି ଦ୍ରବ୍ୟ ଶର୍ମେ । ଚତୁରି । ୭୯ । ସ୍ୱର୍ଗେ ଥିଲେ ଏକମାତ୍ର ସିନା ସୁଖ ଭୋଗୁଥିବି ଅନୁବରତ । ଧର୍ମାର୍ଜ୍ଜନେ ଉପାୟ ନ ଥିବତ । ଏଥି ଧର୍ମଶର୍ମ ବେନି ଯଥାକାମ ସାଧି ପାରିବି ନିଯୁତ । ଚତୁରି । ଯାଗେ ଏଥି ପାରିବି ତୋଷି ଦେବେ । ଏଣୁ ଏହାକୁ ତେଜି ସ୍ୱର୍ଗେ ଲବେ । ଯିବାକୁ ନୁହେ ମୋ ଚିତ୍ତ; ଭୁଇ ତେଜି ଏକ ଭଜଇ କେ କେବେ । ଚତୁରି । ୮୦ । ସ୍ୱର୍ଗୁଁ ଯେବେ କେହି ପ୍ରସ୍ଥାଣ କରଇ ମର୍ତ୍ତ୍ୟେ ତ ସେ ନିଶ୍ଚେ ଆସିବ । ମର୍ତ୍ତ୍ୟୁଁ ଯେବେ କେ ଧାର୍ମ୍ମିକ ଗମିବ । ସ୍ୱର୍ଗ ବିନା ଦୃଷ୍ଟ ଭ୍ରଷ୍ଟ ଚିତ୍ତେ ଚିନ୍ତି ତାର ଆଉ କାହିଁ ଠାବ । ଚତୁରି । ମର୍ତ୍ତ୍ୟାମର୍ତ୍ତ୍ୟ ଏ ବେନିପୁର-ସ୍ଥିତି- । ପରିଣତି କି ବିଚାରିଲେ ମତି । ଅଦ୍ୟ ଭୂଲୋକୁ ପ୍ରାନ୍ତ ଦିଶେ ଶର୍କରା ସଙ୍ଗଲ୍ କଙ୍କର ମତି । ଚତୁରି । ୮୧ । ଥିବ ଯା ସୁକୃତ ହେଲେ ଅସୁଗତ ତାକୁ ସ୍ୱର୍ଗ ହୁଏ ପ୍ରାପତ । ଜୀଇ କେ ସ୍ୱର୍ଗେ ଯାଉଛି କହିତ । ଏଥୁ ସ୍ୱର୍ଗପ୍ରାପ୍ତି ହିତ ବା ଅହିତ କାହିଁ ବିଚାରି ବୁଝିତ । ଚତୁରି । ଏଣୁଁ ଅପାତ-ସୁଖପ୍ରଦାୟକ, । ସ୍ୱର୍ଗ-କାମନା କରେ କେଉଁ ଲୋକ । କରିବେ ଅବା ପ୍ରତ୍ୟାଶା ସେମାନେ ତା ଯାହାଙ୍କ ନାହିଁ ବିବେକ । ଚତୁରି" । ୮୨ । ଏମନ୍ତେ ଦୂତୀକି ଉତ୍ତର-ପ୍ରଦାନ ଅନ୍ତେ ସେଥି ସମାରତନ । ସହସ୍ରାକ୍ଷ-ପକ୍ଷରେ ସାବଧାନ । ବିବକ୍ଷା ବାତକମ୍ପିତ-ଓଷ୍ଠ-ଦଳ-ଶୋଭି ସଖି-ପଦ୍ମାନନ । ବିଲୋକି । ବୁଝି ଅକାରୁଁ ତାହାଙ୍କ ଇହିତ । ମୁଖ-ସୁଧାକରୁଁ ଗିର ଅମୃତ । ବିତରି ବୋଧୁଁ ଦକ୍ଷୀମୁଖପଙ୍କଜ ଗଲେ ହୋଇ ସଙ୍କୁଚିତ । ଚଦନେ ।୮୩। ଭାଷେ ରାଜପୁତ୍ରୀ, "ଶୁଣ ସଖି ଏତ ଅନାଦିକାଳୁଁ ଜୀବଗଣ । ମାନି ଈଶ୍ୱର-ଅଦୃଷ୍ଟ-ଶାସନ । ନ ଟେକି ଅପେକ୍ଷା ଥିନେ ଯାଉଛନ୍ତି ସାଧି ନିଜ କର୍ମମାନ । ସଂସାରେ । ତୁମ୍ଭଙ୍କୁ ତ ନୂଆ ନୁହେ ଏକଥା । ତେବେ ପୁଚ୍ଛିବ ମୋତେ କିପାଁ ବୃଥା । ଅବଳା ମୁଁ ତ ଉଦ୍ଦେଶ୍ୟସାଧନକୁ ତୁମ୍ଭ ହେବି କି ଶକତା । ସଙ୍ଗିନୀ ।୮୪। ଜାଣୁଛ ତ ଏ ଜଗତେ ସର୍ବ ଜୀବଜନ୍ତୁ ନିଯୁତ-ବଶ ସହି । ତାହା ବିନା କେ ଶକ୍ୟ ନୁହି କାହିଁ । ଏଣୁ ବିଦୁଷ ହେଲେହେଁ ଲୋକ ନିନ୍ଦ୍ୟ ଅବସ୍ଥା-ବିଶେଷେ ନୋହି । କଦାପି । ପୁଣି ଅଚେତନ ଅଟେ ନିବୃତ୍ତ । ଶୁଣିବ କି କେବେ ସେ କାରି ଯୁକ୍ତି । ତେଣୁ ଏ ସ୍ଥଳେ ବାଣୀ-ବ୍ୟଙ୍ଗେ ଲଭଇ ବକ୍ତା

ଏକା ମୁଖ-ଶାନ୍ତ । ସଙ୍ଗେନ । ୮୫ । କୋମଳପଲ୍ଲବ-ଭୋଜନାଭିଳାଷୀ ମୃଗ ଇଷ୍ଟକୁ ନନ୍ଦାକରେ । ଖଣ୍ଡକଣ୍ଟକେ ଯା ଉଦର ପୂରେ । ସେ ଦାସେରକ ପୁଣି ସ୍ଥାନ ବଗ୍ଧର ହରଣକୁ ଛି ଛି କରେ । ସଙ୍ଗେନ । ହେଉ କଣ୍ଟକ ବା ପତ୍ର କୋମଳ । ତହିଁ ହୁଦେଉ ତୃପ୍ତି ସୁବିପୁଳ । ଲଭନ୍ତି ଏଥି ମଧ୍ୟସ୍ଥ ଏକେ ଟେକ ଅନେ ନନ୍ଦବା ଅସାର । ସଙ୍ଗେନ ।୮୬। ଅତି ରୁଚିର ହୋଇଲେହେଁ ଇନ୍ଦ୍ରର ସୁଗୁଣଗଣ ମୋ ବାଞ୍ଛିତ-। ନବେ କରି ନ ପାରେ ଅଧିକୃତ । ଏଣୁ ସେ ନରକୁ ବରିଜ ଅମର-ବରଣେ ନବଳେ ଚିତ୍ତ । ମୋହର । କରି ବିଗ୍ଧର ଧର୍ମ ଅର୍ଥ କାମ । ମୁକ୍ତି ସହିତକୁ ନିକ ଏ ସମ । ତଥାପି ଏହିସ୍ଥେ ବରିଜ ରହିଛି କହ କେ ଏ ଧରାଧାମ । ସଙ୍ଗେନ ।୮୭। କଇଟଭରିପୁଠାରୁ କୀଟଯାଏ ସର୍ବେ ନିଜ ନିଜ ଇହିତ । ଲଭିକରି ହୁଅନ୍ତି କୃତକୃତ୍ୟ । କାମସିଦ୍ଧିରେ ସମସ୍ତଙ୍କ ସନ୍ତୋଷ ଯେଣେ ସମପରିମିତ । ସଙ୍ଗେନ । ଯାହା ତୁମ୍ଭଙ୍କୁ ରୁଚୁଛି ସଙ୍ଗାତ । ତହିଁ ମାନୁତ ନାହିଁ ମୋର ଚିତ୍ତ । ଭିନ୍ନରୁଚି ଲୋକ ତେଣୁ ସହିଁ ଏକ ତୁଷ୍ଟ ତା ଅନେ ଅହିତ । ସଜନ । ୮୮ । ବନ୍ଧୁର ପଥ-ସମ୍ମୁଖରେ ବିପଦ କୂପ ଥିବାର ଜାଣି-ଥିଲେ । ତା'ର ବନ୍ଧୁ ସେଥିବ ତାକୁ ଭଲେ । କନ୍ତୁ ଏମନ୍ତ ବିଷୟେ ସୁବୁଦ୍ଧିର ଭାଷଣ ନ ଶୋଭେ ଚଳେ । ସଙ୍ଗେନ । କା'ର ଆନନ୍ଦ କାହିଁରେ ହୋଇବ । ତା'ର ହେତୁ ଆନ କାହୁଁ କହିବ । ସେ ସୁଖକାରଣ ତା'କୁ ସେନା ମନ ତା'ର ବୁଝାଇ ପାଉବ । ସଙ୍ଗେନ" ।୮୯। ଏମନ୍ତେ ପାଣ୍ଡିତ୍ୟବଳେ ପ୍ରତିପକ୍ଷଉକ୍ତିକି ମୁକ୍ତି ନ କରାଇ । ପକ୍ଷି-ମୁଖ-ବନ୍ଧଶାଳେ ରଖାଇ । ସ୍ୱର୍ପତି-ଦୂତିକି ଚାହିଁ ପୁଣ ମହୀମହେନ୍ଦ୍ର-ସୁତା ଭାଷଇ । ସୁଧୀରେ । ଜେମାଗିର-ଗୃତୁରରେ ଅମର-ଦୂତିକାର ବିସ୍ମୟେ ଥିରେ ଶିର । ଏବାଣୀ-ଶୁଣା ଶ୍ରବଣ ତା ମଣିଲା ଉଣା ବୋଲି ଗୁରୁଗିର । ସୁଧୀରେ । ୯୦ । ଭାଷେ ଜେମା, "ଜଳପତି-ଦୂତୀ ଅଗ୍ନିଜବେ ଚଢ଼ି ଚିତ୍ତ ବାହନେ । ସ୍ୱାହା-ପତିଙ୍କ ଦୂତୀ ପବମାନେ । ଯରତପତି-ଅଧିପ-ଦୂତୀ ଭାଗୀରଥୀ ଅରୋହ ବହନେ । ଚତୁର । ଅପଥିଲେ ଏ ସର୍ବେ ମୋର ପାଶେ । ପୂର୍ବୁ ନିରେ ବରିବାରୁ ମାନସେ । ଯଥାର୍ଥ କଥା ବୁଝାଇ ଠିକେ ଏକେ ପେଷିଲି ସ୍ୱବାସେ । ଦୂତିକା ।୯୧। ଇନ୍ଦ୍ରେ ପ୍ରସନ୍ନ କରାଇବାକୁ ମନ ମୋର ଯେବେ ଦୂତୀ ଭରସି । ପରକାଶ କରିବ ବାକ୍ୟରଶ୍ମି । ତେବେ ଯା ପାଇଁ ଏତେ କହ ତା' ପଦେ ହେବ ମୋ ଶପଥେ ଦୋଷୀ । ଏଣିକ । ଇନ୍ଦ୍ର-ସୁଗୁଣ କହି ଯାହା ମୋର । ସଖୀପଣକୁ ହିଂସିଛି ଅପାର । ସେ ପାପ-ପ୍ରକ୍ଷାଳନକୁ ପାତିବ୍ରତ୍ୟ-ଧର୍ମ ସାହା ହେବ ମୋର । ଦୂତୀକା" । ୯୨ । ଏମନ୍ତ ଶପଥ ପ୍ରଦାନେ ବିରତ କରନ୍ତେ ଭାଷଣୁଁ ଦୂତୀଙ୍କ । ତୁରିତ ସେ ବହି ଯତ-ଭୂତିକ । ନୃପତି ପୁତ୍ରୀ-କଟରୁ ବସତିଙ୍କ ସ୍ୱରଙ୍ଗ କଲ ଗତିକ । ସୁଧୀରେ । ଏହା ଶୁଣିଁ ନଳହୃଦେ ଜୀବନ । ପୁଣି ପାଲିଟ କଲା ନିକେତନ । ମତ୍ତତା-ନାଶେ ପ୍ରମତ୍ତ-ହୃଦଦେଶେ ଯଥା ପ୍ରବେଶେ ଚେତନ ।

ସୁଧୀରେ । ୧୩ । ପୁରନ୍ଦରାଦ୍ଧ-ଦ୍ୱିରଦପତିଙ୍କର କୃପା-ପ୍ରଭାବେ ଅଲକ୍ଷିତ । ହୋଇ ନୃପ ଶ୍ରବଣ-ପୁଟେ ଦୂତ । ଭୂପତି-ପୁତ୍ରୀ-ଅନୁରାଗ-ଭାରତୀ-ଜାତ-ଭାବମଧୁ ପ୍ରାପ୍ତ । ହୋଇଲେ । ଗଲେ ନିମଜ୍ଜି ପ୍ରମୋଦାନନ୍ଦରେ । ପାରିବ କେ ବର୍ଣ୍ଣି ସେ ଆନନ୍ଦରେ । ବାଞ୍ଛିତଲାଭେ ଏମନ୍ତ କୃତକୃତ୍ୟ ହୁଅନ୍ତି ସଂସାରେ ନରେ । ସୁଧୀରେ । ୧୪ । କବିରାଜ-ରାଜ-ମୁକୁଟ-ହୀରକ ସାରତ ଭୁବନବିଖ୍ୟାତ । ତାଙ୍କ ପାଦସମ୍ପଦ ହର୍ଷଯୁତ । ଯାହାର ରଚନାଶକ୍ତି କରେ ଚୂନା ଭାରତୀର ଭାବବ୍ରାତ । ସୁଧୀରେ । ତାର ପଦେ କରି ଅନୁସରଣ । ଗୀତ ରଚଇ ଗୋପୀନାଥ ସାନ । କୋକିଳ-କଳସ୍ୱନକୁ ଅନୁକରି ବାଳେ କୂଜନ୍ତି ଯେସନ । ସୁଧୀରେ । ୧୫ ।

ସପ୍ତମ ଛାନ୍ଦ ।

ରାଗ—କଲ୍ୟାଣଆହାରି ।

ଶୁଣ ଧୀରବ୍ରାତ ପ୍ରେୟସୀ-ସାକ୍ଷାତ-ଅଳାପ-ଆଲିଙ୍ଗନ ଆଦି ।
ଲାଭ-ବିଷୟେ ମାନସେ ନୈଷଧେଶ ଯେଉଁ ଆଶା ଥିଲେ ସମ୍ପାଦି ।
କ୍ରମେ କ୍ରମେ ତ । ସେ ବଢ଼ୁଥିଲା ତିଳେ ତିଳେ ।
ଏବେ ପ୍ରିୟା-ଦର୍ଶନେ ସେ ଆଶାକୁ ପୂର୍ଣ୍ଣପ୍ରାୟ ନୃପ ମଣିଲେ । ୧ ।
ପ୍ରଥମେ ପ୍ରେୟସୀ-ପ୍ରତି-ଅବୟବେ ଗଲା ରସି ନୃପନୟନ ।
ସେ ଦର୍ଶନ-ଜନ୍ୟ-ସୁଖସରସ୍ୱାନ-ମଧ୍ୟେ ନିମଜ୍ଜିଲା ବହନ ।
ତହୁଁ ଆନନ୍ଦ ।—ସମ୍ଭବ ଲୋତକ-ସ୍ରୋତରେ ।
ଗଲା ଭାସି ବକେ ଇଷତ ବିଗ୍ରହ ନିଷଧପତି-ବାରିତରେ । ୨ ।

ପ୍ରଥମେ ସେ ନିରୁପମାର ସୌମାଗ୍ର ଦରଶନ କରି ଭୂପତି । ଲଭି ଥିଲେତ ଅନନ୍ୟ-ସାଧାରଣ ବ୍ରହ୍ମାନନ୍ଦ-ଭବ-ତୃପତି । ପରେ ସମଗ୍ର ।—ଅଙ୍ଗେ ନୟନ ଯାଇ ପଡ଼ି । ଅବିସମ୍ବାଦ ଅନିର୍ବାଚ୍ୟ ମଦନାନନ୍ଦେ ମାନସ ଗଲା ବୁଡ଼ି । ୩ । ପ୍ରେୟସୀ-ପୀୟୂଷ ବର୍ଷିତ-ବଦନ-ପ୍ରଭା-ପରବଶେ ଭୂପତିର । ସ୍ନେହ-ସାଗର ଉଚ୍ଛୁଳ ଦୌତ୍ୟବର୍ଦ୍ଧି-ବେଳା ବଳବାକୁ ଚଞ୍ଚଳ । ହେଉଁ, ତା ଦେଖି । ଉଚ୍ଚ-କୁଚଯୁଗେ ବାଳର । ଅଶିଲେ ନୃପ ନୟନେ ବିଗ୍ରହଙ୍କ ଏଥିକି ଆସିବ କି ଜଳ । ୪ । ପ୍ରିୟାମୁଖ-ସୁଧାକରେ ପଡି କିବା ନୃପନୟନେ ଗଲେ ବୁଡ଼ି । ଅବା କୁଚଯୁଗ ମଧ୍ୟେ ଲାଗି କିବା ତାହା ନ ପାରୁଥିଲେ ଛାଡ଼ି । ପଡ଼ି ଯିବାରି । ଭୟେ ଅଥବା ଧୀରେ ଧୀରେ । ଅକଟେ କୁଶ-କଟିରେ ଯାଇ ଯାଇ

ଓଢ଼ାଉଥିଲେ ସେ ପଦ୍ମରେ । ୫ । ନୃପନୟନ ଅବଳାଅବୟବ-ଅୟନେ ଥିଲେ ପାନ୍ଥ ହୋଇ । ଭ୍ରମି ଭ୍ରମି ବଳାତ୍ମୃଗମଦବୋଲା କଳା କୁଚଯୁଗଳ ପାଇ । ନଳାବଣରୁ । କଳ ନ ପାଇ କି ପଦବ । ପାଉଥିଲେ ଶୋଭା ତା ଗଉପାଶରେ କରୁ ଭ୍ରମଣ ଦବ ଦବ । ୬ । ଚକ୍ର-ପ୍ରତିମ ବର୍ତ୍ତୁଳ ମନୋରମ ସେ ନିତମ୍ବିନୀର ନିତମ୍ବେ । ରଙ୍ଗେ ବଢ଼ିରୁ ବଢ଼ିରୁ ଉର୍ବୀଧବ-ନୟନବେନି ଅବଲମ୍ବେ । ହୋଇ ପତିତ । ତେଜବ୍ୟାଜେ କର ଚଢ଼ାଇ । ପକାଇ ଧର ଉରୁରମ୍ଭାତରୁଙ୍କୁ ହୋଇଲେ ଥୟ ଯାଇ ତହିଁ । ୭ । ଆରେ ବରାଙ୍ଗି ! ବସନ ଏକାନେକ ନେଇ ନୁହଇ ନିକ ମୁହିଁ ? । କର କୃପା ବକ୍ଷ-ନିତମ୍ବ ଉରୁ ତୋ ମୋରେ ଅବର ଗୁଣ୍ଠମୁହିଁ । ଗୃହୁ ଭାବନ୍ତା । ଏମନ୍ତ ଭାଷି କି ଭୂଭୃତ ।-ନେଇ ଯଉତର-ମୋହିନୀ-ନବୀନା-ପଦ୍ମରେ କଲେ ପ୍ରଣିପାତ । ୮ । ତଦନ୍ତରେ ଧରାବର-ପୁରନ୍ଦର ନିଷଧେଶ୍ୱର ସେ ସ୍ଥଳରେ । ସଙ୍ଗିନୀପଙ୍କେ ହେମାଙ୍ଗୀ ବରାଙ୍ଗିଙ୍କ ବଢ଼ର ଉପହାର-ଛଳେ । ନିଜ ନୟନେ । ଆନନ୍ଦ-ବାଷ୍ପାମ୍ବୁରେ ଶତ୍ତ । ନିଦ୍କାଇ ଅନ୍ତଃଶୟରେ କଳପୁଥାନ୍ତି ମନେ ମନେ ଏମନ୍ତ । ୯ । ମାର ଅବା ମୋର-ବାଞ୍ଛା ଯେବେ ସୁରକେଳଂଷ୍ଣୁ-ପଦ ପାଇଥାଅନ୍ତା । ତେବେ ଏ ଅଷ୍ଟର୍ଯ୍ୟ ଅନଙ୍ଗନୀଷ୍ମ ରୂପ ବା ସମ୍ଭବ ହୁଅନ୍ତା । ଅବା ଏ ଛବ । କଲ୍ପବେଳକୁ କଳପଣା । ଅମର ହେଲେହେଁ ମାର ମରଥାନ୍ତା ମୁଁ ନର ମୋର କି ଗଣା । ୧୦ । ପୁଣି ବଢ଼ୁବନ୍ତି ଭୂଭୃତସ୍ତୁତାନ ଏ ଯୋଷିତବର ନିତ୍ୟ । ତୁଙ୍ଗ-ନିବଦ୍ଧ-ପୟୋଧର-ପ୍ରସାଦେ ଲାବଣ୍ୟ ରସେ ପ୍ରପୂରିତ । ହୋଇଅଛି ଏ । ଏ ଯୋଗୁଁ ସୁର-ତରଙ୍ଗିଣୀ । ବୋଇଲେ ଏହାକୁ କି ହାନି ? ସ୍ୱର୍ଗେ କି ନାହାନ୍ତି ପରବତେ ପୁଣି ! ।୧୧। ଅଙ୍ଗନା-ଅଙ୍ଗ ନିର୍ମାଣ-ଅନ-ନବବିଦ୍ୟା କାହିଁ କାମ ଶିଖିଛି । ପ୍ରତ୍ୟେକ ଅଙ୍ଗ-ପ୍ରତ୍ୟଙ୍ଗରେ ଏହାର ତେଣୁ ଉତ୍କଳ ପଡୁଅଛି । ଶୋଭା-ସମ୍ପଦ । ସୀମାକୁ ନ ମାନି କିଞ୍ଚିତ । ଧନ୍ୟ ମୋତେ ଯା' ଏ ଅଦ୍ଭୁତ-ନେହାର ଦର୍ଶନେ ନ ହେଲି ବଞ୍ଚିତ । ୧୨ । ଏ ମୂର୍ତ୍ତିରଚନେ ବଗ୍ରହୁଛି ମନେ ଚତୁରାନନ ଭଲା କଲା । କମ୍ବୁସରତର କମ୍ବାଳ-ଜାଳରୁ କୋମଳ ସାର ଘେନ-ଗଲା । ତହିଁ ଗଢ଼ିଲା । ଅଷ୍ଟ ନୟନକୁ ନିବେଶି । କୋମଳେ କୋମଳ ମିଳି ଅଙ୍ଗେ-ଅଙ୍ଗ-ମେଳରେ ଥାଉ ନ ଦିଶି । ୧୩ । ଏ ବରାଙ୍ଗୀ ଅଙ୍ଗ ପ୍ରତ୍ୟଙ୍ଗକୁ ସଙ୍ଗ-ଭଳି ବହୁଦ୍ରବ୍ୟ ଅଛନ୍ତି । କେତେ ଗୁଣରେ ସେ ସମ ହୋଇଲେହେଁ କେତେକ ଗୁଣେ ହାରିଥାନ୍ତି । ଏଣୁ ଏ ଦ୍ରବ୍ୟ । ଧରିଏ ଏ ଅଙ୍ଗ ଏହାର । ବୋଲୁଁ ବୃଥାବେ ଦ୍ରବ୍ୟେ ନେଇ ହୁଅନ୍ତି ହୁଏ ଅପମାନ ଅଙ୍ଗର । ୧୪ । ରମ୍ଭା ଉର୍ବଶୀ ମେନକା ଆଦି ଶୋଭା-ସମ୍ଭାର-ସୀମା ବାମା ଗଢ଼ି । ହସ୍ତ ଅଭ୍ୟାସ କରି ଧାତା ଏ ମୂରତି ରଚନେ ଯାଇଥିଲା କଡ଼ି । ତହୁଁ ଏଣିକି । ରଚିବ ଯେତେ ବରବାଳୀ । ତାଙ୍କ କନତା ଯୋଗୁଁ ଏହା ପ୍ରଶଂସା ସଂସାରେ ପ୍ରସରିବା ଭଳି । ୧୫ । ଉପମା-ଯୋଗ୍ୟ ପଦାର୍ଥେ ହାର-

ଲେହେଁ ଏହା ଅଙ୍ଗକୁ ନାନାଭାବେ । ପଦ୍ମଜନ୍ମ-ଜାତ ସ୍ୱର୍ଣ୍ଣ ଭାବତ ନ ଥିବ ତାଙ୍କ-
ତହିଁ ଲବେ । ଯେଣୁ ସେ ଅଙ୍ଗ। ତୁଲେ ଏହାକୁ ସମ କର । ଅବବେକ କବ ଦେଇ-
ଥାଏ ବନ୍ଧୁ ଗୌରବ ନଜେ ଯାଚ କର । ୧୬ । ଏହାକୁ ଦେଖିଲେ ମୋହ ନୋହ
କେହ ରହ ନ ପାରନ୍ତି ଏମନ୍ତେ । ବଗୃର କ ଦୋଟଣ ଏ ଯୋଷାବରକୁ ଛାଡ
ପଳାଇଲେ ଦଗନ୍ତେ ? । ଅନ ଯୋକ୍ଷିତେ । ଗୁଣ ଥାଏ ମିଶି ଦୋଷରେ । ଦୋଷ ତ
ଯାଇଛି ଗୁଣ ମାନ ବାଛି ହୋଇ ଅଛି ଏହା ପାଶରେ । ୧୭ । ପଙ୍କଜ-କୋଟକୁ
ଘୃଣାରେ ବରଜ ଯାହା ବାଳାଅଙ୍ଗ ଦେଇଛି । ତହିଁକ ତା' କର୍କଶପଣ କାରଣ ନର-
ନବାସ ନୁହେ କଛି । ଧୂଳି-ଧୂସର- । ଯୋଗୁଁ ଏକା ସ୍ୱର୍ଣ୍ଣରମ୍ଭକେ । ଛି ଛି ଯା'
କରେ ଅଙ୍ଗ ତା' କଛି ନୁହେ ଅବୃତ ହେବାର କଣ୍ଟକ । ୧୮ । ଲଭିବାକୁ ଏ
ବାଳକା ବଳାଗତ ବଳାଇଛନ୍ତି ତ ମାନସ । ଅନ ସେନାପିବା ଭସ୍ମରେ ମପବା
ତେଣୁ ନଜକର-କ୍ମଳଣ । ପେଷି ଅଛନ୍ତି । ସେ ବକ୍ର ଅଳଙ୍କାରେ ଶୋହେ । ରତ୍ନ-
ଭୂଷିତ-ଭୂଷାର ପ୍ରଭାପୁର ତାଙ୍କର ଶରସନ କଏ ? । ୧୯ । ପଛରେ ଅସଂଖ୍ୟ-ନକ୍ଷତ୍ର-
ନାୟକ ବହୁଛି ଯେ ବରଷାପୁଚ୍ଛ । ଏ ବାଳର କେଶକଳାପ-ତୁଲକୁ ଅଟେ ତ ସେ
କଳାପ ତୁଚ୍ଛ । ତେଣୁ ଏ କେଶ । ଏକ ଶଶାଙ୍କର ସମାନ । ବଦନ ଉପରେ ସ୍ୱଦନ-
କରବା ନୁହେ ଅଶୋଭା କଦାଚନ । ୨୦ । ହାର ସମରେ ମୁଖଶଶି ସଙ୍ଗତେ ପୂରତେ
ଅବା ପାରୁଶରେ । ରହ ନ ପାର ଭଙ୍ଗ ବହ ତାମସ କେଶପାଶ-ଛଳେ ପଛରେ ।
ବନ୍ଧ' ହୋଇଣ । ରହୁଛି ଅବା ଏତ ବାଳ । ଚପଳପଣେଁ କୃଷ୍ଣବର୍ଣ୍ଣେଁ ଯଶୋଦା-ହିହାସି
ବାନ୍ଧିଛି ତଜ୍ଞାଳ । ୨୧ । ଏ ବାଳର ବାଳ-କଳାପ କଳାପୀ-କଳାପ ବେନ ବାଦ-
କର । ଉଚଣଂଚ ନକ୍ଷତ୍ରକୁ ଚତୁରସ୍ୟ ପାଶେ ଯାଇ କରୁ ଗୁହାର । ଦେଲା ଉତ୍ତର ।
ବହେ ସେ ଅର୍ଦ୍ଧଚନ୍ଦ୍ର ଦେଇ । ଏହାକୁ ପୃଜ୍ଞ ମୁମନେ ସୁମନସେ ସେ ଏବେ ଏଥି ଅଛି
ରହ । ୨୨ । କେଶ-ନୈଶ-ଅକାଶର ଅଙ୍କଦେଶେ ଲଲାଟ-ପଟ ଅର୍ଦ୍ଧଶଶୀ ।
ପ୍ରକାଶଇ ଯୋଷା ରତନ ଯାଉଛି ଅଷ୍ଟମୀନଶୀ ସମ ଦ୍ୟୁତି । ପାଇ ଏହାକୁ । ସହାସ୍ୟ
କୁସୁମଶାୟକ । ଲୋକନୟ୍ନ-କମ୍ପ-ସିଦ୍ଧିକ ନିଶ୍ଚୟ ମଣିବ ନିଶ୍ଚିତ ମାନକ । ୨୩ ।
କାମଦହନ-ସମୟରେ କୁସୁମ-କାର୍ମୁକ-କେଶର-ନକର । କୃଷ୍ଣବର୍ଣ୍ଣ-କର-ପରଶରେ
କୃଷ୍ଣପ୍ରାପ୍ତି ଲଭିଥିଲା ମାତର । ତାକୁ ମହେଶ । ଗୃହିଁ କ୍ରୋଧେ କରୁ ଦ୍ୱିଖଣ୍ଡ ।
ତହିଁ ବରଷ୍ଣ ନିଶ୍ଚୟ ରଚିଛି ଏ ରମ୍ଭୋରୂର ଭୂରୁଦଣ୍ଡ । ୨୪ । ଏକେ ପୁଷ୍ପ ପୁଣି
ଦ୍ୱିଖଣ୍ଡେ ଦହନ ହୋଇ ଏ କାମର କାର୍ମୁକ । ହରବରେ ତର ଏ ଜନ୍ମେ ମଣ୍ଡିଛି
ଏ ବାଳୀ-ଲଲାଟ-ଫଳକ । ଗତୁଁ ବହୁତ । ଗୁଣେ ହୋଇଛି ପାରବନ୍ତ । ଯା'ର
କଣ୍ଟକ କୁଣ୍ଠିତ ହେବା ଗୃହିଁ ଚମକିଯାଏ ଲୋକଚକ୍ଷୁ । ୨୫ । ବାମଦେବ-କୋପେ
ଦଗ୍ଧ କାମଗୃପ ବାଳୀମୁଖଚନ୍ଦ୍ର ବର୍ଜିତ । କଳଙ୍କରେଖା ଏ ଦୁହେଁ ସଖାହୋଇ

ପନର୍ଜନ୍ମେ ହେଲେ ବ୍ୟକତ । ଭ୍ରୂଭଙ୍ଗବରେ । ଅବଳା-ଲଲାଟ-ପଟରେ । ବାଲ-ଭ୍ରବ-
ବଣେ ଚାପଲ୍ୟ ମାନନ୍ତି ଅତି ଚମତ୍କାର ବେଶରେ । ୬୬ । ଶରଚ୍ଚନ୍ଦ୍ରରେ ଜଗତ-
ଚନ୍ଦ୍ରଙ୍କ ଜୟ ନ କଲ କଷ୍ଟତରେ । ଏ ଅଳକା ବାଣଯୁଗେ ପ୍ରୟୋଜନ କସ ବୋଲି
ଚନ୍ଦ୍ର ଚନ୍ଦ୍ରରେ । ରଚନାସ୍ଥଳ । ପଦ୍ମୋତ୍ପଳ ବେନି ମାର୍ଗଣେ । ଏ ନବନବାନା-ନୟନେ
ଯତନେ ଥୋଇଲାପ୍ରାୟ ମନେ ମଣେ । ୬୭ । ଯେଉଁ ଚାପଯଷ୍ଟି-ମଧ୍ୟେ କାମ-
ମୂର୍ତ୍ତି ପଡଥାଇ ଅବିରତରେ । ସେ ଏବେ ଏ ମୂର୍ତ୍ତି ବହି ଶୋହନ୍ତଣି ପ୍ରଜାପତି-ସୃଷ୍ଟି -
ସୀମନ୍ତରେ । ପୂର୍ବ ସ୍ୱଭାବ । ଚତବେ ହେଲେହେଁ ନ ତେଜଇ । କଟାକ୍ଷ-ବିଶିଖବୃଷ୍ଟି
ସୃଷ୍ଟି କରୁଅଛି ଏ ମୋର ମୋହପାଇଁ । ୬୮ । ଈଷତ-ଚଞ୍ଚଳ ଅତ୍ୟନ୍ତ ଉଜ୍ଜ୍ୱଳ
କଳାକରବତ ଧବଳ । ନୟନ-ଯୁଗଳ କୋଳେ ଲଗାଇଛି ଇନ୍ଦ୍ର-ନୀଳଗୁଳଯୁଗଳ ।
ଖେଳ କରନ୍ତେ । ପକ୍ଷ ତାଂକୁ ପୁଣି ଜଗିଛି । ଦେବାକୁ ଉପମା ତାହାଙ୍କୁ ତା ବିନା
ଆନ ତ ସମ ନ ଦିଶୁଛି । ୬୯ । ନୟନ ଶୋଭାକୁ ହାରି କର୍ଣ୍ଣପାଶେ ଉତ୍ପଳ
ହୋଇଛି ବନ୍ଧନ । ଏମନ୍ତ-ନୟନ କଥା ଥାଉ ପଛେ ଏ ଉତ୍ପଳବନ୍ତ ବଦନ । ଯେବେ
କୁରଙ୍ଗୀ । ଲଭନ୍ତା ପୂର୍ବଭାଗ୍ୟବଳେ । ତେବେ କି ବରଜ ନଦେଇ ରଖନ୍ତା
ତା ନିଜନୟନ ଯୁଗଳେ । ୭୦ । ମୋତ୍ସବ ଉଚ୍ଚକୁ ଉତ୍ତର ଉତ୍ତର ମଣ୍ଡଳକୁ ଯେଣ
କଞ୍ଜାସନ । ଏ ନବଲଲନା-ନୟନ-ଯୁଗଳ ଯତ୍ନେ କରଛି ନିରମାଣ । ନୀଳୋ-
ତ୍ପଳର । ବାହାବଦଳ ଦେଇ ଫେଇ । ଗାଢ଼ ନୀଳଅଂଶେ ଗୁଳକା-ଯୁଗଳ କରି
ଏଥିରେ ଅଛି ଥୋଇ । ୭୧ । ଏ ନେତ୍ରଯୁଗ-ବିରଚନେ ବିରଞ୍ଚି ନିଶ୍ଚୟ ବହୁଶ୍ରମ
କଲା । ଉତ୍ପଳ-ଚକୋର-କୁରଙ୍ଗ-ନୟନେ ପରୁଁ ନିମେଷ ଖଞ୍ଜିଲା । ତାଂର
ନିପାତ-। ବସ୍ତୁଁ ପେଷଣୁଁ ତହୁଁ ସ୍ରୁତ- । ସାରଭାଗେ ନିଜଚାତୁରୀ ମିଶାଇ କଲ ଏ
ନେତ୍ରକୁ ନିର୍ମିତ । ୭୨ । ଶୋଭାରେ ନିଜ-ନୟନର ଊନତା ଜାଣି ହରିଣୀ ଏ
ରମଣୀ— । ନେତ୍ରର ଚାତୁରୀ ଥିଲା ଋଣକରି ତେଣୁ ଅଥୟ ଭୟେ ପୁଣି । ସଦାହୁଏ
ଏ । ଏହା ତହୁଁ ଏ ନାସିବର । ମୂଳ କଳନ୍ତର କରିଛି ଅଦାୟ ବଳେ ବା ହୁଏ ଏ
ବଗୃର । ୭୩ । ସ୍ୱଭାବ-ଚପଳ ଖେଳନବଲୋଳ ଅବଳା-ନୟନଯୁଗଳ । କୋହି
ମିଳିତ ପରସ୍ପରେ ବିଚ୍ୟୁତ ହୋଇଥାନ୍ତେ କି ଏତେକାଳ । ଏକା ଏତକ । ଖାଲି
ଚଢ଼େ ଅଛି ତାଙ୍କର । କଲାବେଳେ ଗଡ ପୁଟକ୍ରୀଡ଼-ଶ୍ରୁତି-କୂପେ ପତନ ଲଭିବାର ।୭୪।
ପୁଣ୍ୟପ୍ରଭାବେ ଉତ୍ତମ-ପଦଲାଭେ କମଳନୀ ଲୋଭ ବଳାଇ । କେଦାରକୁ ଅନୁସରଣ
ଶିଶିର ଅଗମେ ଥିଲା ତନୁ ଦାହ । ସେହ ସୁକୃତ- । ପ୍ରଭାବେ ତା ଫୁଲ୍ଲ ପ୍ରସୂନ ।
ଏ ନୃପସୁତା-ନେତ୍ର ହେଲା ରହିଲା କଳକା ଚକୋରନନ୍ଦନ । ୭୫ । ଜଗତଜନ୍ୟ-
ଜୟଙ୍କୁ ଶରତ୍ସ୍ମ ସରିଛିତ ମନୋଭବରେ । ବାଙ୍କ ବେନିଶର ଅଛି ନାଶା-ତଳ-ଫୁଲ-
ଶରଧାନୀ-ମଧ୍ୟରେ । ତେଣୁ ବାଳୀର । ନିଶ୍ୱାସ-ପବନ ସୁମନ-। ବାସେ ବାସିତ ହୋଇ

ଥିଲି ତୋଷଇ ପାରୁଣେ ଥିବା ଜନମନ । ୩୬ । ଅସ୍ୟ-ପୀୟୂଷକରର ସଙ୍ଗେ ସଙ୍ଗେ ଏ ବନ୍ଧୁକବନ୍ଧୁ ଅଧର । ଲଭି ପ୍ରକାଶ ପରକାଶି ନିଜର ଲୋହିତ-ବରନ ରୁଚିର । ଚନ୍ଦ୍ରାତପଛନ୍ଦ । ନିଜକୁ ଦରଶନ୍ତି ଲୋକେ । ଶଇଶବ ଯଉବନ ଏ ବେନିର ମୁଁ ସନ୍ଧ୍ୟାକାଳ ବୋଲ୍ଧିଛିଲେ । ୩୭ । ମୁଖଇନ୍ଦୁ ତଳ ଏ ଓଷ୍ଠଯୁଗଳ ସୁଧାସିକ୍ତ-ଧସ୍-ସମ୍ଭୂତ । ବେନି-ବିମ୍ବବତ ଦିଶଇ ନିଯୁତ ଦ୍ରୁମଗହଳେ ଶୋଭେ ଯେତ । ଏତ ସର୍ବଦା । ବିଦ୍ରୁମସ୍ତୁଳେ ବିରାଜଇ । ଏଣୁ ଓଷ୍ଠତୁଲେ ବିମ୍ବକୁ ତୁଳିଲେ ଓଷ୍ଠର ଅପ-ମାନ ହୋଇ । ୩୮ । ଅତିରକ୍ତ-ବର୍ଣ୍ଣ ହେଉଛି ପ୍ରଗାଢ ଏ ଓଷ୍ଠ ଏକା ବିମ୍ବହେବ । ଫଳକୁ ବିମ୍ବ ଏ ଓଷ୍ଠକୁ ଅଧର ବୋଇଲେ ଅବା କିଅଲାଭ । ଓଷ୍ଠ-ତୁଲକୁ । ଏ ବିମ୍ବତ ସଦାଅଧର । ତାକୁ ଏହାର ଏହାକୁ ନାମେ ତାର ତାକନ୍ତ ନ-ଜାଣିବା ନର । ୩୯ । କପାଇଁ ଅଧର-ଓଷ୍ଠର ମଧ୍ୟର ବେନିପାଶ ଅଳ୍ପ ଫୁଲିଛି । ସ୍ୱପନରେ ତ ମୁଁ ଏ ନବନବୀନା-ଶ୍ରୀଅଙ୍ଗ-ସଙ୍ଗମ ଲଭିଛି । ତେତେବେଳେ ବା । ଭ୍ରମିଲହୋଇ କାମ ମଦରେ । ଭିଆଇ ନାହିଁତ ନିର୍ଦ୍ଦୟଦଶନ-ଘାତେ ଏ ମହା ଅପ୍ରାଧରେ ? ।୪୦। ବିଦ୍ୟାତ ବିଦର୍ଭେଣ-ସୁତା-ବଦନେ ନିବତ କରୁଛି ନର୍ତ୍ତନ । ତା ସଖ୍ୟା ପ୍ରଘାତ କରିବାକୁ ଚନ୍ଦ୍ର-ବଳାଇ ଚତୁର-ବଦନ । ଗାର ରଦନ-। ଛଳେ ପକାଇ ଦେଇଛି କ ? । ନ ଥିବାରୁ ଅନ କାର୍ଯ୍ୟ ସେନା ତା'ର ହୋଇଲା ଏଥି କଉତୁକୀ । ୪୧ । କ୍ଷଣଦାର ଶେଷ-କ୍ଷଣେ ସ୍ୱପ୍ନାବେଶେ ଅଜ ଏ ପଙ୍କଜମୁଖିର । ଅଧରସୁଧା ତ ଚୃଷିଥିଲି ଲାଗୁଥିଲା ଅମୃତରୁ ମଧୁର । ଏତେବେଳକୁ । ସେହି ଅଧରୁ କେହି ପୁଣ । ୱର ପଡ଼ୁଛି ଲାବଣ୍ୟରସ ଏତେ ବାର ନ ପାରୁଛି କାରଣ । ୪୨ । ଏ ମନ୍ଦହାସରୁ ସହସ୍ର-ଅଂଶରୁ ଅଂଶେ କୃପାକର ବିତରେ—। ଥିଲେ ବିମ୍ବାଧର ତାକୁ ଶଣଧାରି ବହନ୍ତା ହିରମାଲ୍ୟ ସର । ସେହି ଛିକାକ । ଚୋପା ଚୋପା କରି ନିଜର । କୌମୁଦୀମାନଙ୍କ ମସ୍ତକେ ଲଗାଇ ଦିଅନ୍ତା ଟିକା ପରକାର । ୪୩ । ମୁଖତ ସୁଧାମୟୂଖକୁ ବଳିଛି ଏଣୁ ତା କାନ୍ତିକ ଏହାର । ଜ୍ୟୋତି ଅତିଘନ ସ୍ରବୁଛି ସେ ପୁଣ ଏକର ପଛକୁ ଅପର । ବିଧୁକ୍ରମରେ । ସେହି ବିନ୍ଦୁବୃନ୍ଦ ଅଧରେ । ପଡ଼ି ଅଧଉର୍ଦ୍ଧ୍ୱ-ଭାବେ ବିହି କେହି ଦଶନନାମକୁ ବହିଲେ ।୪୪। ବିଚ୍ଛେଦ-ତାପ-ଜାତ-ମୂର୍ଚ୍ଛା-ଶର୍ବରୀ ଅସଂଖ୍ୟକୁ ଏବେ ମୋ ପାହି । ପ୍ରାତସନ୍ଧ୍ୟାବତ ଏ ବରଯୋଷିତ-ଦର୍ଶନ ଗଲା ଲାଭ ହୋଇ । ଇନ୍ଦୁ ଦର୍ଶିତ । ସ୍ୱଗ ହୋଇଅଛି ପ୍ରକାଶ । ରଦ-ବ୍ୟାଜ-ଦ୍ୱିଜସମାଜ ତ ଲାଗିଅଛନ୍ତି ସେବାରେ ବିଶେଷ ।୪୫। ଦ୍ୱିଜ-ସମାଜର ମଧ୍ୟେ ସମ୍ମୁଖର ଏ ଚତୁର ଦ୍ୱିଜ ପ୍ରଧାନ । ସ୍ୱଗାଦି ବରଜ ସାପ୍ରିକ ସରଜ ଥିବାରୁ ଦ୍ୱିଜସଜ ନାମ । ସାଜେ ଏହାକୁ । ଏଣୁ ବିଚାରଇ ଏ କଥା । ଅଶୁଚିକି ତେଜ ସୁକୃତ ଅରଜ ବୋଲାଇ ଛନ୍ତି ଏ ମୁକୁତା । ୪୬ । କମଳ-କୋଷରୁ କୋମଳ ଲଳିତ-କଳେବର ଏ ଅବଳାର ।

ବରଣ ମାର୍ଦ୍ଦବ-ରଚନ-ପାଣ୍ଡବ କର କରଗତ ନିଜର । ପରେ ଏହାର । ବଦନେ ବଚନ-ରଚନ । କରନ୍ତି ନୋହିଲେ ନାହିଁ କାହିଁପାଇଁ କୋମଳେ ଏହାକୁ ସମାନ । ପିକେ ତରୁଫଳେ ତୋଷନ୍ତି ଉଦର ଏହା ମର୍ମ ଏବେ ହେଉଛି । ସେତ ସହଜେ ଦ୍ୱିଜ ବାଳାମୁଖଗତ ଦ୍ୱିଜରାଜ ନିଶ୍ଚେ ବୁଝିଲି । ଏହା ମୁଖରୁ । ପ୍ରସରିବା ଗିର କାମର । ଉପନିଷଦ ତ ଅଟେ ତା ଶିକ୍ଷିବା ପାଇଁ ଏ ବ୍ରତ ଏହାଙ୍କର ।୪୮। ପଦ୍ମଅଙ୍କେ ସଦ୍ମ କରିବାରୁ ପଦ୍ମାଳୟା ସପତ୍ନୀ ବୋଲାଇଲା । ଏ କଥା ଚିନ୍ତି ଚିତ୍ତରେ ସରସ୍ୱତୀ ଅତି ଅଭିମାନ ବହିଲା । ସରସିଜରୁ । ଗୁରୁତାରେ ଅତି ଅଧିକ । ଏ କମ୍ବୋରୁର ଅସ୍ୟରେ ବାସ କରି ପରକାଶୁଛି ନିଜ ଟେକ । ୪୯ । କଣ୍ଠଦେଶେ ବାଣୀ ବୀଣାଗୁଣ ଆଣି ବସି ବଜାଉଅଛି ରଙ୍ଗେ । ସେ ମଧୁନିକ୍ୱଣ ବାହାର ବଦନ-ପଥେ ଚୋରୁଛି ଶ୍ରୋତାବର୍ଗେ । ସେହି ସ୍ୱନକୁ । ବାଳା ଭାଷେ ବୋଲି ବୋଲନ୍ତି । କଣ୍ଠ-ମଧ୍ୟ-କଥା ଦିଶିବ କି ନେବେ ? ଯେଣୁ ମରମ ନ ଜାଣନ୍ତି ।୫୦। ଚତୁର୍ଭୁଜ ଅଙ୍କେନେଇ ପଞ୍ଚମନ ସମ୍ମୁଖେ ଲଗାଇ ବରଜ୍ଞ । ବସି ବସି ଅନଳସୀ ହୋଇ ମଦାଳସୀ-ବଦନ ଅଛି ରଚ । ସାର ନିର୍ମାଣ । ଭୁଜେ ଟେକି ଧରି ଗୃହାନ୍ତେ । ଅଙ୍ଗୁଷ୍ଠ-ଚିପ-ଗୃପ ବସି ଲସିଲା ଚିବୁକ ମଧ୍ୟ କି କଂଚତେ ।୫୧। ସଂହିକାସୁତ-ଭ୍ରାନ୍ତିରେ ବ୍ୟତିବ୍ୟସ୍ତ ହୋଇଣ ଅତି ତାରାପତି । ଏ ଯୁବତୀ-ମୁଖେ ସ୍ଥିତି କରୁଛି କି ସଙ୍ଗେ ଘେନାଇଁ କଳାତତି । ତାରାଯୋଷିତ । ଥୋକେ ଦନ୍ତ ହୋଇ ଦିଶନ୍ତି । ବିମ୍ବୌଷ୍ଠ ବୋଲି ବୋଲୁଥାଇଁ ଯାକୁ ସେ ନବୋଦିତ-ଦ୍ୟୁତିପନ୍ତି । ୫୨ । ମୁଖର ଭ୍ରୂଯୁଗ ଏକତ୍ରଗାମ୍ଭ ଅଂଶ ଯ ଲଭ୍ୟ ବୋଲିଏ । ସେ କଳଙ୍କୀ-ଅର୍ଦ୍ଧଶଶିର ସମ୍ପଦ କଂଚତ ମାନଙ୍କେ ବୁଡ଼ାଏ । ରାକାରଥିବ । ବଦନ ଯେଉଁ ପୂର୍ଣ୍ଣଶଶୀ । ତାକୁ ଖର୍ବ କରି ଗର୍ବ ପ୍ରକାଶିବା ଏ ମୁଖପକ୍ଷେ କିସ ବେଶି । ୫୩ । ସରୋଜଯୋନି ସରସିଜସମାଜେ ସମ୍ରାଟ କଲା ଏହା ମୁଖେ । ସେବା ପାଇଁ ନେତ୍ର-ସେବକ-ଯୁଗଳ ରଖାଇ ଦେଇଅଛି ପାଖେ । ମନ୍ତ୍ରିଳେଖର । ସେବକ ସିନା ନରପତି । ଏ ଦେବକେ ତେଣୁ ପଙ୍କଜପନ୍ତିରେ ଟେକୋଇଛନ୍ତି ରାଜଛତି । ୫୪ । ସୂର୍ଯ୍ୟଭୟେ ଦିନେ ଉତ୍ପଳୁଁ କମଳେ ଶଶିଭୟେ ରାତ୍ରେ କମଳୁଁ । ଭୟଳେ ପଳାଇ ଶୀର ଅସ୍ଥ ନୋହି ନ ସରେ ଦିନ ଭାଳୁ ଭାଳୁ । ଏବେ ଏ ବାଳୀ- । ମୁଖ ପାଇ ସୁଖେ ସନ୍ତତ । ରହୁଛି ତେଣୁ ସିନା ଏ ଦିଶୁଅଛି ସନ୍ତତ ଅତିଅନ୍ତ କାନ୍ତି । ୫୫ । ଏହା ମୁଖ-ଶୋଭାପାଇଁ ହୋଇ ଲୋଭୀ କମଳ ତାଂ ତାତ ସଲିଳେ । କଳାକର ମଣ୍ଡ-ମୁକୁରେ ନିଯୁକ୍ତ ବୋଲଇ ଅଣିଦଅ ମୋତେ । ତାତ-ମଇଷେ । ସୁତ-ମିତ୍ର-କଥା ରଖନ୍ତେ । ଲଗାଇଥାନ୍ତି ସେ ମଗା-ଅଳଙ୍କାରବତ ଏ ଶୋଭା କଦାଚିତେ । ୫୬ । କଲ୍ପବେଳେ ଏ ଅବଳା ଜଳକେଳି କମଳିନୀ ଏ ମୁଖ ବୁଝି । ପତି-ସବିତା ଅଡ଼କୁ ମୁଖପଦ୍ମ ଟେକି ଅନ-ତୋଳା ଖେଳାଇ । ହୋଇ

ଖେଳାଇ । ସରସିଜ-କର ପ୍ରସାରି । ବୋଲୁ ନ ଥିବକି 'ଜୀବଧବ ନ ଦେବ କି ଏ ଶୋଭା ମୋତେ' ବୋଲି । ୫୭ । ସୌନ୍ଦର୍ଯ୍ୟ-ଗର୍ବିତ ପର୍ବଶର୍ବରୀଶ ଏ ବାଳୀ-ରତନ-ବଦନ-। ତୁଲେ ସ୍ପର୍ଦ୍ଧା କରୁ କ୍ରୋଧ ଜନ୍ମିବାରୁ ହୋଇ କୁଙ୍କୁମ-ରାଗାରୁଣ । ବାମା-ବଦନ । ଶଶିଙ୍କ ବାନ୍ଧିଅଛି ପାଶେ । ବୋଲୁଥାନ୍ତି ସିନା ତାକୁ ପରିବେଶ ଦୂରୁ କୋହବାରୁ ବାରି ସେ । ୫୮ । ଘୁଣାକ୍ଷର-ମାର୍ଗେ ପଡ଼ିଗଲା ବାଗେ ଏ ମୁଖ ବିଧାତା-ରଚନେ । ଗୃହ୍ଣି ଏହାକୁ ଏହା ତୁଲେ ଚନ୍ଦ୍ରକୁ ବିସ୍ତରି ବିରଚିବା ମନେ । ଯାତା ନିରତ । ପ୍ରତିମାସ ଶ୍ରମ କରଇ । ରଚି ଦେଖି ନ ହୋଇଲା ବୋଲି ଭାଙ୍ଗି ଅମାରେ ପୁଣି ଆରମ୍ଭଇ । ୫୯ । ଜଗତ ଜୟିର ଯୁବକ-ମଣ୍ଡଳେ ଦଣ୍ଡ ବହିବାକୁ ମଦନ । କପୋଳ-ପଦ୍ମ ମକରେ କେତୁବନ୍ତ ହୋଇ ଧରି ଭ୍ରୂ-କମାଣ । ଦର୍ପେ ବହୁଛି । ରତି ସହିତରେ ଏ ମୁଖେ । ଅନୁଚରି ମଧୁ ଅନୁସରି ଅଛି ଅଧରେ ତା'ର ପାଖେ ପାଖେ । ୬୦ । କାମଦମ୍ପତି-ପୂଜାକୁ ଅଷ୍ଟଶ୍ରୁତି ଏ ଶ୍ରବଣ-ପୂପଯୁଗଳ । ବାଳୀ-ବଦନ ଥାଳୀରେ ଥୋଇଅଛି ଦିଶୁଅଛି କେଡ଼େ ମଞ୍ଜୁଳ । ନଇବେଦ୍ୟର । ତୁଲକୁ ଫୁଲଜଳ ଲୋଡ଼ା । ନୟନ-ସରୋଜ ସଙ୍ଗେ ବିରହିଜ ଅଶ୍ରୁକି ହୋଇନାହିଁ ବଢ଼ା । ୬୧ । ନାନା-ବିଧ-ଶାସ୍ତ୍ରସମୂହ-ନିର୍ଗତ ଅତିବକ୍ର ରସ ପ୍ରବାହ । ପ୍ରବେଶିବାପାଇଁ ଶ୍ରବଣ-ଗର୍ତ୍ତକୁ ଏ ଭର୍ତ୍ତମୋହିନୀ ନିଶ୍ଚୟ । କାଟି ଦେଇଛି । ଦନ୍ତ-ଯୁଗ-ଛଳେ ପ୍ରଣାଳୀ । ନ ଅଟକି କାହିଁ ଛଟକି ନ ଯିବକେ ଯଥା ସ୍ଥାନକୁ ଯିବ ବୋଲି । ୬୨ । ଅଠର ବିଦ୍ୟାକୁ ଶ୍ରବଣ-ଯୁଗଳା-ନଠରେ ସମର୍ପିତ କରି । ଏ ବିଧିବେଧାରି ସମ୍ପାଦ ଦେଇଛି ଅତି ଯତନେ କୁଣ୍ଡଧାରୀ । କାହିଁ ରଖିଛି । କେତେ ବୋଲି ବଣା-ହୋଇବା- । ଭୟରେ ନ ଅଙ୍କ ଯୁଗ ତାଙ୍କ ଅଙ୍କଯୁଗେ ଦେଇଅଛି ଲିହି ବା । ୬୩ । ଏକମାତ୍ର ପାଶ ବହି ଜଳାଧୀଶ ପାଶୀ ବୋଲାଏ ଜଗତରେ । ବିଜୟ ତାହାର ବିସ୍ତରି ମକର-କେତନ ନିଶ୍ଚେ ଯତନରେ । କଲା ଭିଆଣ । ଏ ଯୁବତୀ-ଶ୍ରୁତି-ପାଶକୁ । ଏକ ସିନା ତା'ର ବେନି ତ ଏହାର ସେ କାହିଁ ଲଭିବ ଯଶକୁ । ୬୪ । ଚତୁର୍ଭୁଜ-ହରି-ସ୍ମୃତ ସମ୍ଭବର ଚତୁର୍ଭୁଜ ହେବା ଉଚିତ । ତା'ର ବେନି ଧନୁ ରମ୍ଭୋରୁର ଭ୍ରୂଯୁଗଳ ହୋଇଛି ବିଦିତ । ବଂଶ ନିର୍ମିତ । ସିଞ୍ଜିନୀ ବେନି ସେ ରୂପଙ୍କ । ରେଖା ହୋଇ ପାଶେ ରଖା ହୋଇଅଛି ତାକୁ ବୋଲନ୍ତି ଶ୍ରୁତି ଲୋକ । ୬୫ । ମେରୁଦଣ୍ଡ ଅଗ୍ରେ ଗ୍ରୀବା ବିରାଜଛି ଗ୍ରୈବେୟବର୍ଗେ ହୋଇ ପାପ୍ତ । ସର୍ବ-ଅବୟବମାନଙ୍କ ଯୁଡ଼ମାମୂଳ ସକଳ ଏକତ୍ରିତ । ହେଲା ପରସ୍ପରେ । ଦିଶଇ ଅତି ମନୋହର । ଉତ୍ତମ-ଅଙ୍ଗର ସର୍ବାଙ୍ଗକୁ କରି ଦେଉଛି ସୁନ୍ଦରୁଁ ସୁନ୍ଦର । ୬୬ । କବିତ୍ୱ-ପ୍ରତିବାଦନ-ସତ୍ୟଭାଷା-ଗାୟନ ଏ ଗୁରୁ ଗ୍ରାମାର । ଗଳାରେ ତ ସଦା କରି ରହିଛନ୍ତି ଜିଲାମ୍ବ ଏଣୁ ବେଦବର । ତର୍କି ସମରେ । ତାଙ୍କ ବିବାଦ ଅଗ୍ରୁଁ ନିଶ୍ଚୟ । ଗାର ପକାଇ ତିନୁର ଭାଗକରି ବାଣ୍ଟିଛି ତାହାଙ୍କୁ ନିଶ୍ଚୟ । ୬୭ । ଯୁଟେଇ ଏକପକ୍ଷ

ବିଜୟ ଲଭିବ ସ୍ୱତଃସିଦ୍ଧ ଏହି କଥାତ । ବାଳୀ-ବାହୁ-ଲତା ମୃଣାଳ ଜିଣିଲା ଏଥି ବା କିସ ଅଦଭୁତ । ଏକା ଏ କଥା । ଆଶ୍ଚର୍ଯ୍ୟ ଲାଗୁଛି ମନକୁ । ଭଙ୍ଗ ହୋଇ ଯା ସେ ଲଜ୍ଜିତ ନ ହୋଇ ପ୍ରକାଶୁଛି ନିତ୍ୟଥନକୁ । ୬୮ । ଶୁଭ୍ରସଂଶୀ-ନାଭିଶୋଭି-ଭ୍ରମି ନାର ଭୁଜ ଯା ସରୋଜଷଣ୍ଡର । ସବ ଗର୍ବକୁ ପକାଇଅଛି ଗଞ୍ଜି ସେ ଅପମାନରୁ ଉଦ୍ଧାର । ହେବା ନିମନ୍ତେ । ପଥ ନ ପାଇ ସେ ନିସ୍ପୃହ । ହୋଇ ମୂର୍ତ୍ତିମନ୍ତ ଜିବଙ୍କ ଜମ୍ବାଳ-ଅଳୀନ୍ତି ମଧ୍ୟେ ହେଲା ଗୁପ୍ତ । ୬୯ । କର ଅଙ୍ଗୁଳ ବାଳର ଦେଖି ଚନ୍ଦ୍ରେ ଜନ୍ମଇ ଏମନ୍ତ ବିଶ୍ବର । ଲୋହିତ ତାମରସ-ତୂଣେ ରହିଛି କିଏ ପଞ୍ଚଶର ସ୍ମର । ସର୍ବେ ସୁପର୍ବ । ରଞ୍ଜିତ ନଖେ ଫଳବନ୍ତ । ମୂଳଦେଶେ ହୋଇଅଛନ୍ତି ମୁଦ୍ରିକା-ବ୍ୟାଜେ କାର୍ତ୍ତସ୍ୱରେ ପୁଙ୍ଖିତ । ୭୦ । ଏ ବାଳାମଣିର ଶୀକର-ତଳକୁ ତୁଲ ହେଲେ ମୁହିଁ ହୋଇବ । ଏ ଅଯଥା ଗର୍ବ କରନ୍ତେ ପଲ୍ଲବ ଶଳ୍ପ ବାଳଙ୍କୁ ଅବା ଲଭି । ଅଶ୍ୱ-ହୁଅଇ । ବିଦ୍ରୁମ ତ ଓଷ୍ଠ ତୁଲକୁ । ଅତି ଚପଳତା-ପଣୁଁ ବା ସୁଧୀରେ ପ୍ରବାଳ ନାମ ଦେଲେ ତାଙ୍କୁ । ୭୧ । କରତଳେ ପଦ୍ମରେଖା ଲେଖି ପଦ୍ମଯୋନି ଏ ଯୁବତୀ ଲତନେ । ନିଶ୍ଚୟ ଠାଇ ଦେଇଛି ଅରେ ଗୋର ଏ ତୋର ଶୀକର-ରଚନେ । କେତେ ଲାଗିଛି । କର କର ପଦ୍ମ ନିର୍ମାଣ । ଶେଷକୁ ହସ୍ତ ଅଭ୍ୟ ହେଉ ସିନା ମୁଁ କଲି ଏ ପଦ୍ମିକ ରଚନ । ୭୨ । ଏ ପ୍ରମଦାବର ନିଶ୍ଚୟ ନର୍ମଦା ଭ୍ରମ୍ୟକୁ ମୋର ପ୍ରସରଛି । କର-ଯୁଗଳ-ଛଳେ ବେନି-ମୃଣାଳ ଉଭୟ ପାରୁଶେ ଶୋହିଛି । ହେନ ବିଶ୍ୱ । ଶୈଶବ-ନର କାମ-ତାପେ । ଉଚକୁଚ-ଦ୍ୱୀପ-ଦ୍ୱୟେ ମଧ୍ୟରେ ବିରାଜ ବଶୁଛନ୍ତି ଅପେ ।୭୩। ସ୍ୱଭାବେ ଉଚ୍ଛିଖ ସୁସଜ୍ଜ ସୁରେଖ ଏ ପୟୋଧରେ ତାଳ ଫଳ । ତୁଳ ହେବେ କାହୁଁ ଝଡ ପର ପଡଥାଏ ଯେ ସ୍ୱସ୍ଥାନୁଁ ଭୂତଳ । ବୃନ୍ତେ ଥିଲେହେଁ । ଆନଯୋଗୁଁ ସିନା ସେ ଉଚ । ସ୍ୱତଃସିଦ୍ଧ ଯାର ତୁଙ୍ଗତା ତାହାର ସଙ୍ଗରୁ ଏହା ନିକ କଛ ।୭୪। ଏ କୁଚଦ୍ୱୟରୁ ସି କାହିଁତ ଅଦର ଥାଇ ବୋଲି ସିନା ଘଟର । ନାମ ପଡ଼ୁଥାଇ ନ୍ୟାୟାଦି ଶାସ୍ତ୍ରରେ ଦୃଷ୍ଟାନ୍ତଛଳେ ବାରମ୍ବାର । ଚକ୍ରୀ କେତେବା । ପାଇ ନିର୍ମାଣ ନ କରଇ । ଏକା କୁମ୍ଭ ଯୋଗେ କୁମ୍ଭକାର ନାମ ଫସାର ତାହାର ଘୋଷଇ । ୭୫ । ବିଶଦ-ଉଦକ-ବିନ୍ଦୁ-ବୃନ୍ଦ-ନିନ୍ଦ ମୁକ୍ତାଫଳ-ମାଳ-ଯାଳକ । ଏ ପୟୋଧର-ମଧ୍ୟେ ଶୋଭ ହେଉଛି-ଫେନ-ବିଭ୍ରମ-ଉତ୍ପାଦକ । ସ୍ତନ ଶିଖରେ । ଶୋଭେ ମାଣିକ୍ୟମାଳ ପୁଣି । ଉଚସ୍ଥଳେ ରବି ନକ୍ଷର ଅବକ୍ର-କିରଣ ପକାଉଛି ବୁଣି । ୭୬ । ନିଃସଙ୍କୋଚେ ପଙ୍କେରୁହ-ପଙ୍କତିକ ସଙ୍କୋଚ ଯେ କରି ପାରଇ । ଯେ ସୁଧାମୟୁଖ ମୁଖଛଳେ ଶିଖ-ଦେଶେ ବାଳାର ଅଛି ଉଇଁ । ତାକୁ ଦେଖିକି । ନପାରନ୍ତି ସ୍ତନ ଚକୋରେ । ନୁହଇତ ଜଳ ମାନଙ୍କ ଅନ୍ତର ଲଙ୍ଘିତ ସେ ବେନି ମଧ୍ୟରେ । ୭୭ । ଏ କୁଚ-କୁମ୍ଭେ କୁମ୍ଭୀ-କୁମ୍ଭ-ଶୋଭାକୁ କରଅଛନ୍ତି ଗର୍ବପାତ । ନୋହିଛି ଏହାଙ୍କ ଶୋଭାଲବ ଲହିବାକୁ ତା'ର

କୁମ୍ଭ ସମର୍ଥ । ସେତ ଭୟରେ । ସଦା ସ୍ୱ-ମୁକୁତା ଲୁଗୁଏ । ମୁକୁତା ଏହାଙ୍କ ଦର୍ଶକ-
ଲୋକଙ୍କ ନେହୁ ଅନ୍ତର କେବେ ନୁହେ । ୭୮ । ଶତକୋଟି ଯା'ର କରେ ପର-
କଷ୍ଟି ଥାଇ ସଦା ସେ ଯେଉଁ କୁଚ- । ପ୍ରାପ୍ତକ ଅଶାୟୀ ତା ତୁଳକୁ କାହିଁ ଶ୍ରୀଫଳ
ହେବ ସମକକ୍ଷ । ନିଜ ମଦକ୍ଷୁ ।-ପଣେ ଯେବେ ତୁଳ ହୋଇବ । ସମ ହେବା ଥାଉ
ତା ସୁଷମା-ଲବ ଲାଭ ଏହା ଭାଗ୍ୟେ ନୋହିବ । ୭୯ । ଗୋଲାଚନ୍ଦନ-ବୋଳା-ସ୍ତନ-
ମଣ୍ଡଳେ ବାଳାବରର ରତ୍ନହାର । କିରଣ ସ୍ଫୁରଣ ହୋଇ ଧାର ଧାର ଦିଶୁଅଛି
କେଡ଼େ ରୁଚିର । ଅତି ପିଚ୍ଛିଳ । ଏ କୁଚ ଗିରିରେ ଯୁବାଙ୍କ । ଚିତ୍ତ ପଡ଼ି ଖସିଢ଼ିବା
ଚିହ୍ନବତ ଯାଏ ଜଣା ସେ ଧାର ଠିକ । ୮୦ । ଶରୀର ମଧରେ ରହି ଏ ଉଦର
ସର୍ବ-ଅବୟବ-ନୃପରେ । ସଙ୍କୋଚ କୃଶ ହୋଇ ଯାହା ନୋହୁଛି ବଳ ଏ ତ ଲାଜେ
ଚିତ୍ତରେ । ବଡ଼ ଅଦ୍ଭୁତ । ବାଳା-କଳେବର-ବିଳାସୀ । ଯୌବନର ଏକା ଏ ଅଶ୍ଚର୍ଯ୍ୟ
କାର୍ଯ୍ୟ ବୋଲି ଚିତ୍ତେ ଯାଏ ଅଭାସି । ୮୧ । କାନ୍ତି କେତେକ ସୁଷମା ଏ କଟିରୁ
ଜମା ନ କରିଥିଲେ ବିହି । ପୟୋଧର-ଭାର ଏ ନିରୁପମାର କରନ୍ତା ବିରଚନ କେହି ।
ବହୁ-ଦର୍ଶୀ ସେ । ଏ ଭ୍ରମ ହୁଅନ୍ତା କି ତାର । ତେଣୁ ଅଗରୁ ଅଲଗ ରଖିଥିଲି କୁଚ-
ପାଇଁ ଶୋଭା କଟିର । ୮୨ । ଏ ସୌଭାଗ୍ୟବତୀ ଯୁବତୀ-ରତନ ପାର୍ବତୀବତ କେବେ
ହେଲେ । ପତି ସଙ୍ଗତରେ ଅର୍ଦ୍ଧାଙ୍ଗେ ମିଶିବ ଏମନ୍ତ ଚିନ୍ତାକ ଚିତ୍ତରେ । ଧାତା
ବଳାଇ । ଅଙ୍ଗ କରିଛି ବେନି ଭାଗ । ବସାଇ ଦେଇଅଛି ରୋମ-ଅବଳି ଛଳରେ
କଳାସୁତା-ଦାଗ । ୮୩ । ରୋମାବଳୀ ବିଜ୍ଞୁ ଉରୋଜ କଲଶ ଗଭୀର ନାଭିକୂପ ଅଛି ।
ଏକା ବସନ ଏ ସର୍ବ ମୋ ନୟନ-ପଥରୁ ଅବୋର ରଖିଛି । ଯେବେ ଏ ବାସ ।
ଏଥି ଅନ୍ତରାୟ ନୁହନ୍ତା । ଏ ମୋ ଅଶାୟୀ ପିପାସୁ ନୟନର ତୃଷା କି ନିମିଷେ
ରହନ୍ତା । ୮୪ । ଉନ୍ମୁକ୍ତ-ସ୍ତମ୍ଭ-ଗର୍ତ୍ତବତ ନାଭି ଶୋଭଇ ଏ ଭ୍ରୂ-ଶୋଭିର । ରୋମା-
ବଳି ଛନ୍ଦ-ପତିତ-ଶୃଙ୍ଖଳ-ଗୃରୂତା କରୁଅଛି ଯୁର । କୁଚ ଯୁଗଳ । ମୁଣ୍ଡିକା-
ସ୍ତୁପ ଶମ୍ବରର । ଏଣୁ ବାମା ଅଙ୍ଗେ ଥିବା ପ୍ରତିତ ହୁଏ ଜନ୍ମର କାମକଶୀବର ।୮୫।
ହୃଦର-ମଧ୍ୟରେ ରୋମାଳି-ସିଞ୍ଜିନୀ ଭ୍ରୂରୁଧନୁ ଭାଲପଟ୍ଟରେ । କୁସୁମ-ଶର ଶିରେ ଏ
ବାଳୀଶର ରହିଛି ଅନ ଅନ ସ୍ଥାନେ । ବୀର ମଦନ । ଏ ସକଳ ଠୁଳ ନ କର । ଅତି
ଅଦଭୁତ ଏ କଥା ତଥାପି ଲଭଇ ଜଗଜ୍ଜୟ ଶେଷ । ୮୬ । ଖୋଷା ହୋଇଥିବା
ଖୋଷାରେ ଯୋଷାର ମଲ୍ଲୀଫୁଲ ଖୋଷା ହୋଇଛି । ସେ ସୁମନସର ପ୍ରତିବିମ୍ବ ଝଳ
ପୃଷ୍ଠପଟେ ପ୍ରତି-ଫଳିଛି । ଅହା ଦିଶୁଛି । ଏ ଛବି କେମନ୍ତ ସୁନ୍ଦର । ରଜତାକ୍ଷରେ
କି ଲେଖାହୋଇଅଛି କାମକାନ୍ତି ହେମପଟ୍ଟର । ୮୭ । ଏତେ ବର୍ତ୍ତୁଳତା ସମ୍ଭବ
ପାରେ କି ନିତମ୍ବବିମ୍ବରେ କାହାର । ଏ ନିତମ୍ବ ନୁହେ ରଥାଙ୍ଗ ନିଶ୍ଚୟେ ଜାଗରୁ
କୁସୁମଶରର । ଦେଖ ପିତାଙ୍କ । ସୁଦର୍ଶନେ ବିଶ୍ୱ-ବିଜୟେ । ଦୁର୍ଲ୍ଲଭ-ଦର୍ଶନ ଏ ଚକ୍ର

ବହୁଛି ପୁଣ କି ସର୍ବାଙ୍ଗସ୍ପୃଶୟେ । ୮୮ । କୁମ୍ଭକାର-ବୃଦ୍ଧି କଲା କି ସୁଗୋଣୀ ନିର୍ମାଣିବାକୁ ସ୍ତନଘଟ । ନତମ୍-ଚକ୍ରେ ରୋମାଳ-ଦଣ୍ଡ ଅଛି ଗୁଣତ ହୋଇଛି ପ୍ରକଟ । ଅଛୁ କେବଳ । ଅଗ୍ନିବ ଜଳମାନ ଅଛି । ନବୀନ-ଲାବଣ୍ୟ-ରସପ୍ରବାହେକ ସେ ଘାତ ପୂରଣ ନୋହୁଛି । ୮୯ । ଇତର ପକ୍ଷେ ତ ଏତେ ନ ଥରନ୍ତି ଏ ଚଳ-ଦଳ କମ୍ପ ଏତେ । ତୁରତେ କମ୍ପଇ ନିଶ୍ଚେ ଭୟପାଇ ଥିବ ନବତଣପ୍ପୁ ଛଦ୍ଦେ । କବା ଏହାକୁ । ବାଳାର କେଉଁ ଅବୟବ । ଜୟ କରିବାକୁ ଖୋଜୁଛି ଏହାର ତେଣୁ ଏମନ୍ତ ସ୍ବସ୍ତଭାବ । ୯୦ । ଅପ୍ସର-ଲୋକନ-ଲାଳସ ଲୋକ ନ ଯାଇ ପାରିବ ଯେବେ ସ୍ବର୍ଗେ । ପୁଣ୍ୟବଳ ଥିଲେ ଏ ମର୍ତ୍ତ୍ୟ ମଣ୍ଡଳେ ଦେଖିବ ସେ ଅପ୍ସରବର୍ଗେ । ଏକା ଏ ବାଳୀ-। ଟି ଅଙ୍ଗ ଦେଶରେ ସମସ୍ତ । ନାଶା-ତିଳୋତ୍ତମା ଉରୁରମ୍ଭା ଭ୍ରୁ-ଚନ୍ଦ୍ରଲେଖାଦି ବାମାବ୍ରାତ । ୯୧ । ବାମାର ଉରୁ କେ ନିଜର ତରୁ କେ ବାର ନ ପାରଇ କଦଳୀ । ତୁଳନା ବେଳେତ ନ ହାରି କେ କାରେ ବେନି ହଣନ୍ତି ଏକା ଭଳି । ତେଣୁ କଦଳୀ । ଉରୁଭ୍ରମେ ନିଜତରୁରେ । ଅତପକ୍ଷପକ୍ଷ-ଛଳ ଟେକିଛି କି ରସି ଯୋଷା-ସେବା-ନିର୍ଭାରେ । ୯୨ । କି କଲ କାହାକୁ କା ତୁଲେ ତୁଳାଇ ଏ ଜଙ୍ଘ ସମ ସେ ଉରୁକୁ । ମସ୍ତକ ନୁଆଁଇ ନତ ତପଦାହ ଟେଜ ନିଜ ଅସାରତାକୁ । ଯେବେ କଦଳୀ । ନ ଭଜିବ ଅତ ଜଡ଼ତା । ତେବେ ବା ହୋଇବ ଏ ନିରୁପମାର ଉରୁଶୋଭାକୁ ଉପମିତା । ୯୩ । ଶୋଭା-ଅରମ୍ଭରେ ଏ ଭ୍ରୁବୁଶୋଭର ଉରୁ-ସଙ୍ଗକୁ ନୋହି ସରି । ତେଣୁ ବାରମ୍ବାର ଶୁଣ୍ଡକୁ ନିଜର ହଅଇ ଦଣ୍ଡ ମୋଡ଼ କରି । ପଶୁ ହୋଇଲେ । କି ହେବ ସେ ସର୍ବ ଜାଣଇଁ । ବହସ୍ୟ-ଗୋଚରେ ଜ୍ଞାନବନ୍ତ ଜନ୍ତୁ ବୋଲିତ ଶାସ୍ତ୍ର ବଖାଣଇଁ । ୯୪ । ମୁନିଏ ଏ ବାଳ ମୋହଜା ଧନର ଲୋଭ ତେଜପାର ନାହାନ୍ତି । ଉତ୍ତୁଙ୍ଗ କୁଚଗିରିକ ଅଗ୍ରାକର ଭୃଗୁ ସର୍ବଦା ରହୁଛନ୍ତି । ପୁଣି ବଦନ । ନାନାରଦାୟାଦ ଏହାର । ମହାଭ୍ର-ରତର ବିରଚନକୁ ତ ଯୋଗ୍ୟ ବ୍ୟାସ ଭ୍ରୁଯୁଗଳ । ୯୫ । ବୃକ୍ଷାସେହ—ନୀ ସୂକ୍ଷ୍ମତା ଶିଖିଛି ବିପରୀତରେ କି ଜଘନ । ନୋହିଲେ କେହି ମୂଳରୁ ସ୍ଥୂଳ ହୋଇ ପ୍ରାନ୍ତକୁ ହଣନ୍ତା ବଶୀଣ୍ଡି । ବାସ ତାହାକୁ । ଚନ୍ଦ୍ରଗତରେ ଗୁରୁପାଶେ । କର ବେଷ୍ଟନ କି ଲତାବେଷ୍ଟିତକ ବନ୍ଧକୁ କ୍ରମଶ ଅଭ୍ୟାସେ । ୯୬ । ନବ-ବ୍ରହ୍ମାଣୀ ସଙ୍ଗେ ଇନ୍ଦ୍ର-ଉପେନ୍ଦ୍ର-କନ୍ଦର୍ପ-ବଶିଷ୍ଠ-କାମିନୀ । ହୁଅନ୍ତି ଯୋଷିତେ ଏ ତେର ରମଣୀ ସୌଭାଗ୍ୟ-ବତୀ ପଣେ ଗଣି । ତାଙ୍କ ତୁଳକୁ । ଚତୁର୍ଦ୍ଦଶ ସଂଖ୍ୟା ପୂରଣେ । ଚତୁର୍ଦ୍ଦଶ-ଲୋକ-ମୋହିନୀ ଏ ଏଣୁକ ଗୁଳ୍‌ଫ ନ ହଣଇ ଚରଣେ । ୯୭ । ସୁନ୍ଦର-ପଣକୁ ଏହା ଚରଣର ନାହିଁ କାହିଁତ ପଟାନ୍ତର । ଦ୍ରୁମର ନବକିଶଳୟେ ଏ ଶୋଭା ଥିବାରୁ କାଷ୍ଠତମାତର । ନାମ ପଲ୍ଲବ । ହୋଇବାର ତା'ର ସମ୍ଭବ । ଏ ପଦ ଲବର ଅପଭ୍ରଂଶ ହେବ ଯେଣୁ

ତା ଭୂଷଣ ବିଳମ୍ବ । ୯୮ । ପୁରନ୍ଦର୍ପୁର ସୁନ୍ଦରୀବୃନ୍ଦଶିରେ ରୂପଗର୍ବେ ଏ ବରାଙ୍ଗନା ।
ପକାଉ ପଦାରବିନ୍ଦକୁ ସିନ୍ଦୂରବିନ୍ଦୁ-ସନ୍ଦୋହ ଲାଗି ସିନା । କଲା ଏହାର । ପଦ-
ତଳକୁ ଏଡ଼େ ରଙ୍ଗ । ବର୍ଣ୍ଣେ ହାର ମାନେ ବୁଡ଼ାଇ ଲୁଚନ୍ତି ପ୍ରବାଳ ଏଣୁ ଜଲଧିମାଙ୍ଗ ।
୯୯ । କେଉଁଗୁଣେ ନୋହୁ ସମାନ ଏ ମଞ୍ଜୀ-ଶୋଭିତ ଶୀର ସ୍ପେଷବଶେ । ହୋଇ
ଅବିଲମ୍ବ "ତା' ପଦ ମୋତେ ଦିଅ କର" ବୋଲି ବିଧାତାପାଶେ । ଅଳ କରନ୍ତେ ।
ଛଳ ସେ ଏ ବାଳୀ-ରତନ-। ପଦେ ତାକୁ ସ୍ଥାନ ଦେଇ ସେ ଏଥିରେ ଥାଇ ଧ୍ୱନେ
ନିତ୍ୟେ ଶୋଭନ । ୧୦୦ । ଶୁଦ୍ଧପାର୍ଷ୍ଣି-ଶାଳୀ ଏ ନବୀନବାଳୀ-ପଦ୍ମର-ସଜସିଜ ।
ଅଭିଗମନ-ମାନକେ ଅତି କଷ୍ଟବରର ଭଙ୍ଗୁ ଅଛି ଓଜ । ଜଣା ନୋହୁଛି । କେଉଁ
ନୂପୁର ନତଶିରେ । ବିତରିବାକୁ ନିଜ ସେବା ସୌଭାଗ୍ୟ ବିଗ୍ରହନ୍ତି ଏ ମାନସରେ ।୧୦୧
କଣ୍ଠିନସ୍ଥିନ ବାନ୍ଧୁ-କର-ଚରଣ ଓଷ୍ଠଅଧି ଏ ନବୀନାର । ସ୍ୱସମ-ସର୍ବଦ୍ରବ୍ୟ କରି ବିଜୟ
ଅଦ୍ଭିତୀୟତାର ନିଜର । ଗର୍ବ ବହନ୍ତେ । ତା ଗ୍ରହିଁ କୋପେ ଅଷ୍ଟଅଙ୍ଗି । ତାଙ୍କ
ତୁଲେ ସମ କରି ଏକ ଏକ ପ୍ରତ୍ୟଙ୍ଗ ପୁଣି ଦେଲା ଯୋଖି । ୧୦୨ । ଶିଶିର-ସମ୍ପାତ-
ବଶେ ଶତପତ୍ର-ଗୋତ୍ର ନିର୍ବଂଶ ହେବା ଗ୍ରହିଁ । ସରୋଜ-ସମାଜ-ନୂତନ-ସର୍ଜନ ପୁଣି
ମାନସେ ଧ୍ୟାୟି ବିଧି । ବସ୍ୱସେହାର । ବରମୁଖ କରଚରଣ । ଏ ପଞ୍ଚସ୍ଥାନୁ ଅଭିକ୍ଷା
ଭିକ୍ଷା କରେ ମାଧୁକର୍ଯ୍ୟ-ବୃତ୍ତି ବିହୀଣ । ୧୦୩ । କେଳିତପନ୍ତର ହେତୁପାତେ ଅନ୍ତ-
ବ୍ୟସ୍ତ ହୋଇ ଯେତେ ସ୍ୱଜନ । ଶରଣପାଇଁ ଏ ରମଣୀ-ରତନ-ପଦେ କରିବେ
ଆଗମନ । ତେତେହେଁଗର । ସଂଖ୍ୟା-କରଣପାଇଁ ବିଧି । ଅଙ୍ଗୁଳିଛଳେ ପଦ୍ମରେ କ
ଏହାର ଗାର ଦେଇଅଛି ପକାଇ । ୧୦୪ । ଏ ବସ୍ୱସେହାର ପଦ୍ମର-ନଖର
ହେବାକୁ ଶଶାଙ୍କ ଅଶାମ୍ନୀ । ହେବାରୁ ତାହାର ସୁବୁଦ୍ଧି ବଳେକ ଶୁଭଦଶନ୍ତି ତାକୁ
କହି । ଦେଇ ଥୋଇଛି । ତହିଁ ଯହିଁକି ଇଚ୍ଛା ତା'ର । ବିଧ୍ୱବରେ ବିଧୁ ଅପୂର୍ବ
ସଙ୍ଗମ ଲଭିଲା ପଦପଙ୍କଜର । ୧୦୫ । ଯଶ-ଚରଣାଙ୍ଗୁଷ୍ଠ-ନଖ-ମୁଖର ଛଳେ ଏ
ବାଳୀଶ ଚତୁର । ଶଶିଙ୍କ ସମ୍ପୂର୍ଣ୍ଣେ ଅନୁଭବ କରଛି ଏଣୁ ଚତୁଃଷଷ୍ଟୀ କଳାର । ଅଧୀ-
ଇଶ୍ବରୀ । ହେବା ବୃଥା ନୁହେ ଏହାର । ଏକ ଶଶାଙ୍କର ଷୋଡ଼ଶ କଳାତ ପ୍ରଖ୍ୟାତ
ହୋଇଛି ସଂସାର । ୧୦୬ । ଏକେ ବିରଞ୍ଚି ରଚଛି ଏ ରମାକୁ କରି ସୁନ୍ଦରୀ-ପୁର-
ନ୍ଦରୀ । ଦ୍ୱିତୀୟେ ଯୌବନ ଅପୂର୍ବ-ଭୂଷଣ-ଗଣେ ଦେଇଛି ବେଶ କରି । ତୃତୀୟେ
ରତୀଶ । ବିବିଧ ଚାତୁରୀ ଶିଖାଇ । ଦେଇଛି ଯତନେ ନବ-ଭାରତୀର ଅଧର-ପାରୁଶେ
ରଖାଇ । ୧୦୭ । ଏମନ୍ତେ ସେ ଏଣୀନୟନାର ନଖ-ମୁଖ-ନାସିକାଦି ଭୂଷିତ । କଲି
ମାନସରେ ବିସ୍ମୟ-ସାଗରେ ସନ୍ତରି ଦର୍ଶନ-ଜନିତ ।-ଅତି ଆନନ୍ଦେ । ଉଦ୍‌ବେଳ
ହେବାରୁ ହୃଦୟ । ଅଳୀ ପରିବୃତା ବାଳୀଶକୁ ନିଜଦର୍ଶନ-ଦାନ କଲେ ଥୟ ।୧୦୮
ଗୌଡ଼-ନୃପତି-ପ୍ରଶସ୍ତି ରଚିବାରେ ଯା ଯଶ ବ୍ୟାପିଛି ଜଗତ । ସ୍ୱରମଣ୍ଡିଦେବୀ-ପ୍ରମୋଦ-

ସମୁଦ୍ରବର୍ଦ୍ଧନକୁ ଯେ ତାରକାନ୍ତ । ସେହି ଶ୍ରୀଦ୍ୱର୍ଦ୍ଧ ।-ପଦକୁ ଧ୍ୟାୟି ନିରନ୍ତରେ ।
ହୀନ ଗୋପୀନାଥ ବିରଚିଛି ଗୀତ ଗୋପୀନାଥ ଚନ୍ଦ୍ର ଅନ୍ତରେ । ୧୦୧ ।

ଅଷ୍ଟମ ଛାନ୍ଦ ।

ରାଗ—ଅକ୍ରୂର ବଙ୍ଗାଳର ବାଣୀ ।

ଶୁଣ ଧୀରେ ଦେଇ ଚିତ୍ତ   ଶୋଭାଲୋଚନ ପୁଲକପୂରିତ
ଅଦ୍ଭୁତେ ଦ୍ରବ୍ୟ ସୁନ୍ଦର,
ପୁରୁଟେ ଦେଖି ତହିଁ ପୁରତର,
ଭୀମଜା, ତୁଲେ ସର୍ବସୁବନ୍ତ ।
ସେ ଶୋଭା ନୟନେ ପାନ କରନ୍ତି । ୧ ।

କା'ରେ ଦୃଶ୍ୟ ନୋହିବାର । ବରଦେଇଥିବାର ଅମର । ସେ ବା କେତେ-କାଳ ପାଇଁ । ପାରନ୍ତା ନଳଙ୍କୁ ଅବର ରହି । ପଲ୍ୟଙ୍କ । ଜାଳେ ହେଲେହେଁ ବୃତ । ନୁହଇ କି ଇଷ୍ଟ ଅପେ ବିବୃତ । ୨ । ଭୀମସୁତା-ଦରଶନେ ନରବର ଧ୍ୱାନ୍ତକୁ ନୟନେ । ନଗ୍ନହିଁ ଚଣ୍ଡାଳ ସ୍ମର । ବନ୍ଧିଲା ଅକର୍ଣ୍ଣପୂର୍ଣ୍ଣାର ଶର । ସେ ଶର । ବାଳୀ କୋମଳ ଅଙ୍ଗେ । ଗଲା ଗଳି ପୁଙ୍ଖ-ପର୍ଯ୍ୟନ୍ତ ରଙ୍ଗେ । ୩ । ତା ପଞ୍ଚଶର ସିଦ୍ଧ । ନୁହଇତ ସେ ଅର୍ଦ୍ଧ-ଭେଦ । ତଥାପି ଅବଧି କରି । ଉଭୟଙ୍କୁ ଲକ୍ଷି ସମ୍ବରଅରି । ବିନ୍ଧନ୍ତେ । ଏକାବେଳକେ ବାଣ । ସେ ବ୍ୟର୍ଥ ନୋହି ରଖିଲା ତା ଠାଣ । ୪ । ପୁଂସେ ଦୃଷ୍ଟିମାତ୍ରେ ବାଳା । ନଳ ବିଗ୍ରହ ହୋଇଲା ଭୋଳା । ପୁଣି ଏଥି ସେ କେମନ୍ତେ । ଅସିବେ ଭାବ ରହିଲା ସ୍ତବ୍ଧତେ । ଦର୍ଶନ- । ମାତ୍ରେ ନଳ ଚଞ୍ଚଳ । ହେଲେହେଁ ହେଲେ ଦୌତ୍ୟ ଭାବ ସ୍ଥିର । ୫ । କେଉଁ ବାଳା ଗୃହିଁ ନଳେ । ଗଲା ନମନ୍ତି ଲଜ୍ଜା-ସଲିଳେ । କେ ତାଙ୍କ ତେଜେ ମଞ୍ଜିଲା । କେ ବା ତାଙ୍କୁ କାମ ବୋଲି ହେଜିଲା । ବିଲୋକି । ତାଙ୍କୁ କେ ବାଳାବର । ହେଲା ଅନାସ୍ଥକ୍ଷେ ବଶ କାମର । ୬ । ଚନ୍ଦ୍ର ଏମନ୍ତ କେ କସ । ପ୍ରତିପତ୍ତିକା ନ ଥିଲା ଲେଶ । 'କେ ତୁମ୍ଭେ କାହୁଁ ଅସିଛ' । ଏ କଥା ପଚାରି ଦେବାକୁ ସ୍ୱଚ୍ଛ । ଅସନ୍ତି । ଏକା ଦର୍ଶନ ମାତ୍ରେ । ଉଠିବା ବିନା ନ୍ତ ଅଇଲା ଚିତ୍ତେ । ୭ । ଚତୁରଙ୍କ ହେବାହିଁଣି । ନୃପନନ୍ଦନା ଶୋଣୀଇଷଣୀ । ଅନନ୍ଦ ଗଲା ଉଚ୍ଛୁଳି । ହେଲେ ପ୍ରବେଶ ଧାରାଧର-କେଳି । ଯେମନ୍ତ । ଜଳେ କଲ୍ଲୋଳେ ନଦୀ । ତଥା ତା ଅନନ୍ଦ ଲଭିଲା ବୃଦ୍ଧି । ୮ । ଯେ ନୃପାଙ୍ଗ ଅଦ୍ୟେ ଭଜି । ଥିଲା ବାଳା-

ନେହ ତା ବରଜ । ଅପର-ଅଙ୍ଗ-ନଚସ୍ନେ । ଯାଇ ନ ପାରୁଥାନ୍ତି କେବେହେଁ ।
ନମେଷ । ଏକା କୌଶଳ କଲା । ଅଟପ ପଡ ବୁଦ୍ଧି ଯୋଗାଉଥିଲା । ୯ । ଯହିଁପହେ
ଯେ ଅଙ୍ଗରେ । ନେହ ପୂର୍ବେ ତା ଗ୍ରହ ନ ପାରେ । ଦୂର୍ବ-ଦୃଷ୍ଟାଙ୍ଗ-ସଞ୍ଜାତ । ସୁଖ
ଯୋଗୁଁ ଚଭ୍ର ଥିଲା ଉନ୍ମତ୍ତ । ଅନ୍ୟାଙ୍ଗେ । ତହୁଁ ଯାଇ ତହିଁରେ । ମଜ୍ଜି ପୂର୍ବାଙ୍ଗକୁ
ନସ୍ମରେ ଥରେ । ୧୦ । ନୃପଏକାଙ୍ଗୁ ଅନ୍ୟାଙ୍ଗେ । କରୁ ଭ୍ରମଜାନସ୍ତନରଙ୍ଗେ । ଗତ;
ସ୍ୱଭାବ-ଚଞ୍ଚଳ-। ଗୁଣେ ଯେ ନେହ ଅଙ୍ଗସନ୍ଧିସ୍ଥଳ । ଲଭିଣ । ଉଭୟ-ଲାଭବଶେ ।
ଗତାଗତ ହେଉଥାଏ ବଶେଷେ । ୧୧ । ପୂର୍ବେ ଯା ହୋଇଲା ଦୃଶ୍ୟ । ରହିଥିଲା ଯା
ହୋଇ ଅଦୃଶ୍ୟ । ଏ ଉଭୟ-ନୃପ-ଅଙ୍ଗେ । ଦମୟନ୍ତୀନେହ ବଳସି ରଙ୍ଗେ । ଉଭୟେ ।
ସମସୁଖ ଲଭିଲା । ଦୃଶ୍ୟ ଅଦୃଶ୍ୟେ ପ୍ରଭେଦ ନୋହିଲା ।୧୨। ନୃପଜାନେତ୍ର-ଖଞ୍ଜନ ।
ନଳନରବରସୂକ୍ଷ୍ମଘନ-। କେଶପାଶେ ଯାଉ ପଡ । ନ ଯାଇ ପାରିଲା ତହିଁରୁ ଉଡ ।
ବରଜ । ନୃତ୍ୟ ନଶ୍ଚଳ ହୋଇ । ଗଲା ତହିଁରେ ଅକା ହୋଇ ରହି । ୧୩ । ବାମା-
ନେତ୍ର-ପଦ୍ମଯୁଗ । ନଳମୁଖ-ପାଣି-ପାଦେ ଯୋଗ । ହୋଇ ସୁଖେ ଗଲା ରହି । ଏ
ସରୋଜକୁ ସେ ପଦ୍ମ ତ ନୋହି । ଭେଟିଲେ । ବନ୍ଧୁକାନ୍ତ ସ୍ୱଜନ । ତାକୁ ତେଜିବାକୁ
ବଳେ କା ମନ ।୧୪। ଚରୁରସ ହୃଅନ୍ତେ ଚକଟେ । କ କା ସୁଖ ଗଲା ଜଳିତରେ ।
ଫସାରେ ରହି ଫଯାସି-। ସୁଖ ଲଭୁଥିଲା ନୃପକୁମାସି । ସୁକଚ-। ସୁଖ ବୈସ୍ୱର୍ଯ୍ୟ
ନୋହି । ଯା ଲଭିଲା ଜେମା ଆଶ୍ଚର୍ଯ୍ୟ ଏହି । ୧୫ । ଦୂତେ ନଳଶୋଭା କଳି । ବାଳା
କାଳେ ପାପୀ ହେବ ଭଳି । ସେ ଦୋଷୁଁ ତା'ର ତାରଣ । ପାଇଁକ ବହି ଉପାୟ
ଯାଚ୍ଞଣ । ବାସବ ।—ହୃହୁଁ କପଟ-ନୃପ ।— ରୂପ-ବହିବା ବୁଦ୍ଧି କଲା ଲୋପ ।୧୬।
ଏମନ୍ତ କେ ମହା ଯତ । ପାପଚନ୍ତା ନ ଛୁଁଏ ଯା ମତ । ଭକ୍ତଅଧୀନ ଈଶ୍ୱର । ଯେ
ତାକୁ ନରତ ଚନ୍ତେ ଚତ୍ତର । ସେ ତା'ର । ପାପପଥେ ଗମନ । ନ ହେବାଭଳି
କରଥାନ୍ତି ମନ ।୧୭। ଭ୍ରାନ୍ତନଳ ଦେଖି ବାଳା । ହୋଇ ମଦନେ ଯେମନ୍ତ ଭୋଳା ।
ଲାଜେ ମଉନ ନୁହଇ । ସତ୍ୟ-ନୃପଚକ୍ର ପୁରତେ ପାଇ । ତେମନ୍ତ । ନ ହୋଇଲା
ମଉନୀ । ମୁଗ୍ଧ ସତ୍ୟ ମିଥ୍ୟା ପାରେ କ ଜାଣି । ୧୮ । ଭାବ ଲୁଗ୍ଧ ରମଣୀ । ଶ୍ଳଥ
ଗଦ୍ଗଦ ସ୍ୱର ସେକ୍ଷଣି । ଅବସ୍ଥା ଦେଲା ଚହ୍ନାଇ । ସଖିଙ୍କ ସାଧ୍ୱସବକ୍ଳବ ଗୁହିଁ । ସେ
ବାଳା । ମୁଖ-ତାରକାନ୍ତ । ଲୁଅଇଁ ଭୁଲୁତେ ଭସେ ଏମନ୍ତ । ୧୯ । "ହେ ମହା-
ଶସ୍ତ୍ର ବଧିଙ୍କ । ଲୋକ ଅତଥି ଦେଖିଲେ ବେଗ । ନମି ଶିରୋରତ୍ନ-କରେ । ପାଦ୍ୟ
ସମ୍ପାଦିବ ତାର ପାଦରେ । ମଧୁର ।—ଗିର ରସଧାରକୁ । ମଧୁପର୍କ କରି ତୋଷିବ
ତାକୁ । ୨୦ । ନଜେ ଭୃଣବତ ହୋଇ । ନଜ ଆସନ ତାହାଙ୍କୁ ଦେଇ । ଆନନ୍ଦ
ବାଷ୍ପକୁ ଜଳ । କଳ୍ପିବ ଧୋଇଦେବାକୁ ପଦ୍ମର । ମଧୁର । ମୃଦୁ ବିନୟ ଗିରେ । ପୁଚ୍ଛିବ
ତାଙ୍କ ସ୍ୱାଗତ କୁଶଳେ । ୨୧ । ଅତଥି ପଦ-କ୍ଷାଳନେ । ଯେବେ ଘଟେ ଜଳଅନ-

ସ୍ବନେ । ବଳମ୍ଭ ତେବେ ମୁଜନ । ତାକୁ ଅପରାଧ ବୋଲି ଭାବଣ । ଫଗ୍ରହେ । ଭୃଷ୍ଟ
ପାଇଁ ଅଞ୍ଜଳ । ବାନ୍ଧ ନିଜଦୋଷ ମାଗଇ ବଳ । ୨୨ । ତୁମ୍ଭ ଦର୍ଶନେ ଅସନ ।
ତେଜ ପଦେ କରୁଛ ଅର୍ପଣ । ନୋହିଲେ ଏ ତୁମ୍ଭ ଯୋଗ୍ୟ । ଅନେ ଯିବାକୁ
ହେଲେହେଁ ସବାଗ । ମୁହିଁ ତେଁ । ଏଥି ଉପବେଶନ । କଲେ କ ହୋଇବ କଛଦୁଷଣ ॥
କୋମଳତାରେ ଶିରୀଷ-। କୁସୁମ-ଋଷା କର ଯେ ନାଶ । ସେ ସୁକୋମଳ ଚରଣ ।
ବ୍ୟଥାଇଲେ କାହିଁ କେତେ ଭ୍ରମିଣ । କେବେହେଁ । ଦସ୍ଯୁ ନୋହୁଛ ତଳେ । ତାକୁ
ତୁମ୍ଭ ଚର ଉପରୁଁ ବଳେ । ୨୪ । ମଧୁସ୍ଥାନ ବନ ଭଳ । କର କେଉଁସ୍ଥାନ ଅସ
ଚଳ । ତୁମ୍ଭଙ୍କୁ ଚହ୍ନାଇଦେବା ।—ଯୋଗେ କେଉଁ ନାମ ପବନ ଅବା । ତାହାକ ।
ଏ ମୋ ଶ୍ରୁତିବିବରେ । ପ୍ରବେଶି ସଦନ ରଚ ନ ପାରେ । ୨୫ । ସଦା ରକ୍ଷୀ-
ପରିବୃତ । ରାଜପୁର ଏ ଅଟେ ନିଯୁତ । ଏଥି ଯାହା ପ୍ରବେଶିଲ । ପାରିବାର କ ପଦେ
ନ ଟଳିଲ । କାରଣ । କସ ଏଡ଼େ ସାହସେ । ତାହାତ ବାରି ମୁଁ ନ ପାରେ ଲେଶେ ॥
ଏ ମୋ ନେତ୍ର-ଭାଗ୍ୟଫଳେ । କଲ ବଜନ୍ତୁ ତୁମ୍ଭେ ଏ ସ୍ଥଳେ । ନ ଦେଖିଲେ କେହି
ରକ୍ଷୀ । ଦେଖିଥିଲେ ଅଭ ଥାନ୍ତେକ ରଖି । ଯୋଗତ । ଅଛ ମୋ ନୟନକୁ । ଏ କାମ-
କମ୍ର ରୂପ ପିଇବାକୁ । ୨୬ । ଅଭୁତ-ପୂର୍ବ ଅକୃତ । ରକ୍ଷୀଦୃଷ୍ଟି-ନିରୋଧ ଶକତ ।
କାଞ୍ଚନେ ଖଚିତ କର-। ପକାଇଥିବା ଏ କାନ୍ତି-ଗୁରୁଣ । ବିଲୋକ । ହେଉଅଛ
ଚଟେକ । ହେବ ବା ତୁମ୍ଭେ ସୁରପୁର ଲୋକ । ୨୮ । ବୋଲିଥାନ୍ତି ବା କନ୍ଦର୍ପ ।
ଅନଙ୍ଗ ତ ନାହିଁ ତାର ରୂପ । ଅଶ୍ବିନୀକୁମାର ଦୁଇ । ଏତେ ବା ବର୍ତ୍ତୁଅଛ କପାଇଁ ।
ରୂପ । ତୁମ୍ଭ ତାଙ୍କୁ ବଳଇ । ଏଥୁ ବଳ ଅଭ ପାର୍ଥକ୍ୟ କାହିଁ ।୨୯। ଏ ତୁମ୍ଭ ପୀୟୂଷ-
କାନ୍ତି ।—ଦୃଷ୍ଟି-ମାତ୍ରେ ନୁହେ କେ ଭୂପତ । କେଉଁ ବଂଶ ତୁମ୍ଭ ଯୋଗେ । ସ୍ବର୍ଦ୍ଧିଷ୍ଣୁ
ହୋଇଛି ସାଗର ସଙ୍ଗେ । ବର୍ଦ୍ଧିଷ୍ଣୁ ।—ଗୁଣ ଅଛଇ କହ । ତା ଜାଣିବାକୁ ମୋ ଚିତ୍ତ
ବଳଇ” ।୩୦। ରକ୍ଷୀରେ ନୋହି ଲକ୍ଷିତ । ପୁରେ ନଳ ହେଇ ଉପଗତ । ତେଣୁ ତାଙ୍କୁ
ଦେବ ଚନ୍ତ୍ର । ଅତଥ୍ୟ-ଭୁଞ୍ଜୁଛଳେ ଦମୟନ୍ତୀ । ସୁଷମା । ତାଙ୍କ ବର୍ତ୍ତି ବସନ୍ତେ ।
ସ୍ବ-ପ୍ରିୟ-ଶୋଭାବର୍ଦ୍ଧନ ସେ ସତ୍ୟେ । ୩୧ । ଭୀମଜା ଭାଷଇ ପୁଣ । “ଯେ ବସ୍ତୁର
ଯେ ଅଦ୍ଭୁତ ଗୁଣ । ତା ନ କହି ହେଲେ ତୁନ । ସେ ଅସପ୍ରାପ୍ତ ଚିତ୍ତ ଦଏ ହାଣି ।
କହିଲେ । ଅନ୍ୟେ, ଖଳତା ହୁଏ । ତେଣୁ ମୋ ବାକ୍ଯପଣେ ଏଥି ଦ୍ରୋହେ । ୩୨ ।
ଚର୍ତ୍ତୀର୍ଣ ଚନ୍ଦ୍ରାର୍ଦ୍ଧ-ଜାତ ।-ବେଦ-କୁଣ୍ଡେ ପଣ୍ଡ ରତକାନ୍ତ । ପକାଇ ଥିବାରୁ ଝାସି ।
ଭାଗ୍ୟ ତା ଏ ଜନ୍ମେ ଅସ୍ତୁ ପ୍ରକାଶି । ଏ ତୁମ୍ଭ । କଳେବର ପାଇଛ । ନୋହିଲେ କ
କାହିଁ ଏ ରୂପ ଅଛ । ୩୩ । ଶୋଭରେ କୈଳାସ-ଜତ । ଯେ ସେ ପୁରବର ତୁମ୍ଭ
କାନ୍ତି । ଦେଖି ମଉନେ ଲାଜରେ । ଶୋଭାହରଣୁଁ ଅଶ୍ବିନୀକୁମାରେ । ନୟନୁଁ ।
ନୀର ଗଡ଼ାଉଥିବେ । କାମ ରୂପଗର୍ବ ନ ଥିବ ଲବେ । ୩୪ । ଏ ତୁମ୍ଭ କାନ୍ତି-କୀର୍ତ୍ତିର ।

ଅଂଶୁସମ ଏ ଶୁଭ୍ରମରାଳ । ମାଳ ମାଳ ହୋଇ ଉଡ । ସରସୀ ସରଟେ ଥାନ୍ତ ଯା ପଡ । ଅଂଶୁତ । ଲଘୂସ୍ୱଭାବୁଁ ବୁଡ । ନ ଯାଇ ଭାସୁଥାନ୍ତ ଯାଡ ଯାଡ । ୩୫ । ତୁମ୍ଭ ପଦ-ଅଙ୍ଗୁଷ୍ଠର । ଶିଖ ଲଭି ପାରନାହିଁ ସ୍ମର । ସେ କାହୁଁ ତାହା ଲଭିବ । ତାଙ୍କୁ ଦାହ ଦେଇଛନ୍ତି ଯେ ଶିବ । ତାଙ୍କର ଶିର-ଅର୍ଦ୍ଧେନ୍ଦୁ ଏବେ । ନଖର ହୋଇ ଏ ଅଙ୍ଗୁଷ୍ଠେ ଶୋଭେ ।୩୬। ନବଜନ୍ମ ପ୍ରତିମାସେ । ଲଭି ପୂର୍ଣ୍ଣତନୁ ତପପ୍ରାସେ । କ୍ଷୀଣୁ କ୍ଷୀଣତର କରି । ଅମାବସ୍ୟାରେ ତନୁତ୍ୟାଗ କରି । ତପସ୍ୟା ।—ବଳେ ତୁମ୍ଭ ବଦନ । ସଙ୍ଗେ ଏ ସାଯୁଜ୍ୟ ଲଭିଲା ଜନ୍ଧ । ୩୭ । ଚନ୍ଦ ନାନାବର୍ଣ୍ଣେ ନେଇ । ବିଧି ଭଲ କରିଛି ନିର୍ମିତ । ଏହା ତୁଲେ କୃଷ୍ଣଧାର ।—ନେଇ ନୋହୁ ତୁଲ ତା ତଳେ ଖାଲ । ରଖିଛି । ତାକୁ ତୁ ସ୍ଥାନ ବୋଲି । ଅର୍ଦ୍ଧଚନ୍ଦ୍ରଦାନେ ଦେଇଛି ପେଲି । ୩୮ । କାମ ପିନା ମୋହବଶେ । ମୂର୍ଖରୂପେ ତୁମ୍ଭଙ୍କୁ ସେ ଲେଶେ । ଏ ଭ୍ରୂନିର୍ମାଣପାଇଁ । ଗୃପ ଯା ଧାତାଙ୍କୁ ଦେଲା ସେ ଦେଇ । ତେଣୁ ଏ । ଭ୍ରୂଭଙ୍ଗି ଦେଖନ୍ତେ । ହାତେ ନ ଥିବାରୁ ଅସ୍ତ୍ର ତା ହାତେ ୩୯। ମୁଖମୃଗାଙ୍କ ଚର୍ମଣି । ବିଧି ମନେ ପୁଣି କ କ ଗୁଣି । ମୃଗେ ତହିଁ ରଖିଅଛି । ତା ନୟନ ତୁମ୍ଭ ନେଇ ହୋଇଛି । ପଛକୁ । ପୁଚ୍ଛଭାଗ ରହିଛି । ଗୃମର ସେ ଏ କେଶ ନୁହେ କଛି । ୪୦ । ହରେ ଅନଙ୍ଗୀକରଣ ।—ବଶେ କ ମ ନୁହଇ ଦର୍ଶନ । ଆଉ ସେ ପୂର୍ବ-ପ୍ରବାଦ । ଲେଶେ ନ ଲଭି ଏରୂପ-ସମ୍ପଦ । ଅନଙ୍ଗ । ହୋଇ ରହିଲା ସେହୁ । ଅଙ୍ଗୁଁ ଏ କମ୍ବଦନ୍ତୀ ବ୍ୟାପିଯାଉ । ୪୧ । ସାର-ସୁଷମା ବିଶ୍ୱର । ହେଲା ଯେଣୁ ତୁମ୍ଭ ଅଙ୍ଗେ ତୁଳ । ବାକି ଶୋଭା ଲଭିବାକୁ । ଅଣ୍ଟିଲା ଶଶାଙ୍କ ଉଞ୍ଛବୃତ୍ତିକୁ । ହେଲେହେଁ । ସୁଦ୍ର ସ୍ୱଧର୍ମବଳେ । ଦ୍ୱିଜରାଜ ରହେ ଶଙ୍କର ଚୂଳେ । ୪୨ । କ୍ରୋଧେ କାମ ଭସ୍ମୀଭୂତ । ହେଉ ଶୋଭା-ଦରିଦ୍ର-ଜଗତ ।—ଦୁରବସ୍ଥା ଦେଖି ହର । କୃପାତ୍ପରେଣ ତାଙ୍କର ପ୍ରତିକାର-। ବିଗ୍ରହ । ଚିରକାଳ ଚିନ୍ତାରେ । ଏରୂପ ରଚି ଜଗତେ ତୋଷିଲେ । ୪୩ । ଯେବେ ତୁମ୍ଭେ ନର ହେବ । ମର୍ତ୍ତ୍ୟ କେହି କୃତାର୍ଥ ନୋହିବ । ହୋଇଥିବ ଯେବେ ଦେବ । ଦେବତୁଲେ ମର୍ତ୍ତ୍ୟ କାହିଁ ହୋଇବ । ଜନମି ।- ଥିବ ଯେବେ ପାତାଳେ । ତଳେ ଥାଇ ସେ ନୁହେ କା' ଉପରେ ? ।୪୪। ସାଗର-ଶୋଷା ମୁନିର । କଥା ଶୁଣି ବିସ୍ମୟ ଚିତ୍ତର । ଥାଉ ବସା ନ କରଇ । ତୁମ୍ଭ ଗାମ୍ଭୀର୍ଯ୍ୟେ ସିନ୍ଧୁ ଲଘୁ ନୋହି । ଥିବକି । ତେଣୁ ଋଷି ଚଳୁକେ । ପିଇ ଦେଲେ ସିନା ତାହାକୁ ସୁଖେ । ୪୫ । ସଂସାର-ସିନ୍ଧୁ-ମଧ୍ୟର । ତୁମ୍ଭ ପ୍ରତିବିମ୍ବ ଏକା ନଳ । ବିଧାତା-ସୃଷ୍ଟିରେ କେହି । କାହା ସମ ହୋଇ ଗୋଟିଏ ନାହିଁ । ଦ୍ରବ୍ୟର । ପ୍ରତିବିମ୍ବ କେବଳ । ସର୍ବାଂଶେ ତା ତୁଟଲ ହୁଅଇ ତୁଳ ।୪୬। ଏ ମର୍ତ୍ତ୍ୟରେ କେଉଁ ଜନ । ଏତେ ସୁକୃତ କଲା ଅର୍ଜ୍ଜନ । ଯା ଯାଚେଶ ଗମନ ପାଇଁ । ତୁମ୍ଭପରି ଲୋକ ହୋଇ ଉତ୍ସାହୀ । ପଥର ।—ଚନ୍ଦ୍ରେ ମହାଉତ୍ପଳ ।-ଜାଳେ ଧବଳ ଜଳେ

ରୁଚିର । ୪୭ । ସନ୍ଦେହ ଦୋଳାରେ ଦୋଳ । କି କହଇ ମୁଁ ନ ପାରେ କଳ ।
କେଉଁ ଭାଗ୍ୟବନ୍ତ-ବାସେ । କରୁଛ ଗମନ ଅତିଥି-ବେଶେ । ତହିଁ ବା । ମୋର କି
ପ୍ରୟୋଜନ ? । ବୃଥା ଆଶା ସଦା ଦୁଃଖ କାରଣ । ୪୮ । ଏ ତବ ରୂପ-ସମ୍ଭାର ।
ଦେଖି ସାର୍ଥକ ନେତ୍ର ମୋହର । ଶ୍ରୀମୁଖୁଁ ପଦେ ବଚନ । ଶୁଣିବାକୁ ଯେବେ ମୋ
ଦେହକର୍ଣ୍ଣ । ଭାଜନ । ହୋଇ ପାରନ୍ତେ ଲବେ । ଅମୃତକୁ ମୃତ ଭାବନ୍ତେ ତେବେ ” ।।
ନଖାନା-ଓଷ୍ଠ ବନ୍ଧୁକ । ସେ ତ ଅବ୍ୟାଜ-କାମକାର୍ମୁକ । ତା କୁସୁମ-ମଧୁରସେ ।
ସୁରଞ୍ଜିତ ବାଣୀବାଣ ବଶେଷେ । ତହିଁରୁ । ପିଟି ଶ୍ରବଣ-ପୁଟ । ଭେଦ ନୃପହୃଦ କଲା
ଝଟ । ୪୯ । ପ୍ରିୟାମୁଖୁଁ ପ୍ରିୟବାଣୀ । ଶୁଣି ସୁଧାରସେ ନୃପମଣି । ମଜ୍ଜିଲେ ମଜ୍ଜା-
ସରଙ୍କ । ଅବମୁଖୁଁ ଶୁଣିଲେହେଁ ସୁତଙ୍କ । ମାନସ । ସେ ତ ନୁଅଇ ମୋହ । ପ୍ରିୟାମୁଖୁଁ
ହେଲେ କଥା କି ଥାଇ । ୫୧ । ସୂର୍ଯ୍ୟପ୍ରାତେ ଅର୍ଦ୍ଧ୍ୟଧାଇ । ଯଥା ଉଦୟାଚଳେ
ଶୋଭଇ । ତଥା ଭୂପତିସୁତାର । ଅତିଥି-ସେବନ ଯେଣ୍ଣ ମନର । ନୃପତି । ଅତି
ହରଷ-ମନେ । ବଜେ କଲେ ଏକ ସଖି-ଆସନେ ।୫୨। ଦେଖି କେମାକୁ ନସେଲେ ।
ଧୈର୍ଯ୍ୟ କାମ ଏ ବେନି ଏକାଳେ । ଦେଲେ ଅବମ୍ଭ ବଗ୍ରହ । ହାର ପଳାଇଲା ଧୈର
ଅଦେହ । ମଧ୍ୟରୁ । ଗୃପ ଭଜି ପଡ଼ିଛି । ସେ ସିନା ନଳଭୂରୁ ବୋଲାଇଛି । ୫୩ ।
ଦମୟନ୍ତୀ-ଗୀଣାଞ୍ଜଣା । ବାଣୀ ଶୁଣିଲେହେଁ ନୋହି ବଣା । ଧୈର୍ଯ୍ୟ କାମ ନାଶି ଖାର ।
କେମାକୁ ଭଷନ୍ତି ମଧୁର ଗିର । ବବେକ ।-ଧାରେ ଶତଧଉତ । ସାଧୁଶବ୍ଦେ କି କରିବ
ମନ୍ମଥ । ୫୪ । “ଶୁଣ ଗୋ ଭୂପତିପୁବି । ଦେବେ ପେଷିଲେ ମୋତେ ତୋ କତି ।
ଦୂତପଣେ ମୁଁ ଆସିଛି । ଅତି ଆଦରେ ହୃଦରେ ବହିଛି । ପସ୍ତାଣ ।—ପର ସେ
ଅମରଙ୍କ । ତୋତେ ଦେଇଥିବା ଉଦନ୍ତତକ ।୫୫। ହେଉ ସପର୍ଯ୍ୟା ଏତିକ । ଆସନୁଁ
ଉଠିବା ଉଚିତ କି ? ନ ବସୁଁ ଆସନେ କେହି । ଦୂତପଣ ମୋ ଗଲେ ସିଦ୍ଧହୋଇ ।
ଅତିଥି ।-ପରିଚର୍ଯ୍ୟା ତୋହର । ଅଧିକୁଁ ଅଧିକେ ହେବ ସୁନ୍ଦର ।୫୬। ଅଗୋ ଦଶା-
ନାକ୍ଷବର । ଅଙ୍ଗିକ ତ ସବଶୁଭ ତୋର । ଚିତ୍ତ ତ ଅଛି ପ୍ରସନ୍ନ । ବୃଥା-ବାକ୍ୟ-
ବ୍ୟୟେ କି ପ୍ରୟୋଜନ । କହିତ । ଦତ୍ତକର ଏଣିକ । ଅବଧାନ ବାଳେ ମୋର
ବାଣୀକ ।୫୭। ଶଇଶବକାନ୍ତୁଁ ତୋର । ସ୍ୱଗୁଣଗଣ ଅମରପୁର- । ବର ବୈଶ୍ବାନର
ନୀର ।—ନାଥ-ଅଧିପ ଅଦତ୍ୟକୁମର । ଏ ଗୃବ ।-ଙ୍କର ଚିତ୍ତକୁ ବନ୍ଧି । ଦେଇଅଛି
କର ସୁଦୃଢ଼େ ବାନ୍ଧି । ୫୮ । ଶୈଶବ ଯୌବନ ଦୁଇ । ସନ୍ଧି-କାଳେ ଥିବା ତୋର
ଗୁହିଁ । ତୋତେ ସୁମର ସୁମର । ହେଲେଣି ଅମବେ ବବହେ ଘର । ସୁଷମା । ଅଙ୍ଗୁ
ଚିତ୍ତରୁ ଧୈର୍ଯ୍ୟ । ନେଲାଣି ହବ ତାଙ୍କ ମନସିଜ ।୫୯। ଏବେ ସେ ଦେବଙ୍କ ଆଶା ।
ସଦା କଲାଣି ତୋ ଚନ୍ଦ୍ର ବସା । ହେଲେହେଁ ଅତି ରୁଚିର । ପ୍ରାଚୀ-ପ୍ରତୀଚ୍ୟାଦ୍ଧ ଦଶ
ଚତୁର । ପାରନ୍ତି । ନାହିଁ ପୂରୁବପର । ନିଜନିଜ-ପତି-ମତକ ହବ । ୬୦ । ଏତେ

ନବଯଉବନ । ସଙ୍ଗେ ସଙ୍ଗେ କ୍ରମେ କ୍ରମେ ଯେନ । ବାସବ-ଉତ୍କଣ୍ଠା ବଢ଼ି । ଗଲାଣି କୋଷ୍ଟ ପରଯନ୍ତ ଚଢ଼ି । ଟସ ଉତ୍‌ ।-କଣ୍ଠା-ବତ ଅଖଣ୍ଡ । କାମଗୃପ-କୋଷ୍ଟ ଚୂମ୍ବିଲ୍ପ ଗୁଣ । ୬୧ । ପୂର୍ବେ ଉଦୁଁ ଅଂଶୁମାଳ । ତାମ୍ର ଅଧାରୁଁ ଏ ଶଶୀ କଳ । ତାକୁ ଇନ୍ଦ୍ର-ଅପରାଧେ । ସହସ୍ରନୟନ ଅରକ୍ତ କ୍ରୋଧେ । କରଣ । ଦମ୍ଭଭେଶୀ ବାସବ । ଗୃହାନ୍ତ ଏଥୁଁ ତାଙ୍କ ଚନ୍ଦ୍ର ଭାବ । ୬୨ । ମାନ ନେତ୍ର-ହିତସ୍ବରେ । ହର ଯାହା ଦେଲେ କର ସ୍ମରେ । ସେ କଷ୍ଟ ଅଜ ପର୍ଯ୍ୟନ୍ତ । ପାରନାହିଁ ମୁଞ୍ଚ କେଳତ-କାନ୍ତ । ସହସ୍ର ।—ନେତ୍ର ବାସବ ଯେବେ । ସେତବେ କାମେ କ ଅଜ ରକ୍ଷିବେ ? ।୬୩। ଭ୍ରମୁଁ ନନ୍ଦନ-କାନନେ । ବାଜୁଁ ପିକ-କୁହୁତାନ କାନେ । ଅନଙ୍ଗ ନୁହନ୍ତ ଲେଶ । ଚୂଡ଼ାମଣି-ଶିଶୁ-ଶଶିର ବାସ ।-ବଶରୁ । ଶବପୂଜା ବାସବ । ମାନସେ ନ ପକାନ୍ତ ଅଜ ଲଭ ।୬୪। ହେଲେହେଁ ରକା-ରଜନୀ । ଶୁଣି ବନପ୍ରିୟ-କୁହୁବାଣୀ । ଭାବନ୍ତ ତାହାକୁ କୁହୁ । ଯେଣୁ ମାରଶରପରାଗେ ଅଜ । ନ ଦଶେ । କଛ ପଥ ବହଟେ । ଧମତାମସ ଦଶେ ସର୍ବସ୍ଥଳେ । ୬୫ । କୁସୁମଶରେ ମଦନ । ପୀଡ଼ିବାର ଶତୋଇଲେ ମନ । ବଜ୍ରମାର ବଜ୍ରଧାରୀ । ନ ଥାନ୍ତେ କ ତା'ର ସମ୍ପତ୍ତି ସାର । ଶଙ୍କର ।-ସେଷ୍ଟ ହେଲା ତା ଶର୍ମ । ଅନଙ୍ଗତା ହେଲା ଏବେ ତା ବର୍ମ ।୬୬। ତୋ ବିରହେ ବରବାଳ । ହେଲା ସ୍ବର-ପତ୍ତ୍ଯୁତ ଧୂଳ । ଶୀତଳ କୋମଳ ତାଙ୍କ । କଳପପାଦପ-ପତ୍ରଯାକ । ଲାଗନ୍ତେ । କଳ୍ପବୃକ୍ଷେ ଦାରିଦ୍ର୍ୟ ।-ନାଶି ହୋଇ ହେଲେ ପକ୍ଷେ ଦରିଦ୍ର । ୬୭ । ଦୂରକାର୍ମୁକ ଟଙ୍କାର ।-ଭବ ସ୍ୱରେ ଶ୍ରୁତ ବାସବର । ଗଲାଣି ହୋଇ ବଧିର । କାମ-ମୋହନାଶୀ ଗିର ଗୁରୁର । ନପଶେ । ଅଜ ଲେଶେ ତର୍ହିରେ । ବିନା ସେବନେ କ ଔଷଧରେ ? ॥ ତାଙ୍କ କାମତାପଶାନ୍ତ । ପାଇଁ ସମୃଣାଳ ପଦ୍ମକଳ । ମଧୁକାଳଯାକ ବୃଥା । ହେଉଛୁ କେତେ କେ କହିବ ତାହା ! ଏଣିକ । ମଧୁକାଳେ ବରଜ । ଶିଶିରେ ଯିବେ ପଦ୍ମେ ହୋଇ ଗଞ୍ଜ ॥ ରେ ବାଳ ତୋ ଲାଭପାଇଁ । ଇନ୍ଦ୍ର-ଉତ୍କଣ୍ଠା ନୁହଇ କହି । ସହସ୍ରନୟନ ବନ୍ଧ । ସେ ତୋ ଏକନେତ୍ର କଣାଇ ଗୃହ ।—ଦେବାର ।—ଦେଲ ଖୋଜନ୍ତ ଭାବ । ଏଣୁ ସେ ଉତ୍କଣ୍ଠାସମ କେ ଭାବ । ୭୦ । ଶିରଣ-ଅଷ୍ଟମ-ମୂର୍ତ୍ତି । ବୋଲି ଜଗତେ ଯାହାର ଖ୍ୟାତ । ଯା ତେଜେ ସର୍ବ ଜଳଇ । ଅଗ୍ନି-ହୋବିଏ ଥାନ୍ତ ଯାକୁ ଧ୍ୟାନ୍ତି । ଟସ ବହ୍ନି । ଏବେ କାମ-ଭୟରେ । ଦାସ୍ୟ ଇଚ୍ଛୁଛନ୍ତ ତୋର ପଦ୍ମରେ । ୭୧ । ତୋତେ ବଳ ପାଇ କାମ । ତାପୁଅଛ ଅନଳେ ବିଷମ । ଶିଖାଇଲାଣି ଏମନ୍ତ । ତାପ ସହିବାର ସୁଖ କେମନ୍ତ । ଏବେ ସେ । ନିଜ ଦଶା ସୁମରେ । ଅନେ ଅଜ ନ ପକାଇବେ ଘାର ।୭୨। ପୂର୍ବେ ବହ୍ନି ହରନେତ୍ରେ । ରହି ଦହିଥିଲେ କାମଗାତ୍ରେ । ଏବେ କାମ ତୋର ନେତ୍ରେ । ରହି ଦହୁଛଏ ଅନଳଗାତ୍ରେ । ପୂରୁବ-। ବ୍ରଣ ସୁଧ ସହିତେ । ହେଉଛ ଶୋଧ ନ ରଖି କିଛିତେ ।୭୩। ତୋର ବିରହବଶରେ । ଶଶଧରେ ଜନ୍ମିବା ସେତବେ ।

ନାମ ସାମ୍ୟତା ଯୋଗରେ । ଯେ ସୋମ ଅହୁତ ହୁଏ ହୋମରେ । ଅନଳ । ତାଙ୍କୁ ପକାନ୍ତ ଦହି । ତେଜସ୍ୱୀ ଶତ୍ରୁ ନାମ କି ସହଇ ? । ୭୪ । ବିଷମ-କୁସୁମ ଶର-।ଘାତେ ନିରତେ ହୋଇ ଜର୍ଜର । ବୈଶ୍ୱାନର ଚୋହିପାଇଁ । ପୁଷ୍ପେ ତାଙ୍କ ଭସ୍ମ ଯାଇଛି ହୋଇ । ପୂଜକ । ଯେବେ ପୂଜେ ସୁମନେ । ତା ଦେଖି ଭୀତ ଜନ୍ମେ ତାଙ୍କ ମନେ । ୭୫ । ଏବେ ଦହନଙ୍କ ବକ୍ଷ । ହେଲା କାମଇନ୍ଧନ ପ୍ରତ୍ୟକ୍ଷ । ତହିଁ ଶୈବାଳ ସଂଯୁକ୍ତ । କମଳଦଳ ଶୀତଳ ନିମିତ୍ତ । ରଖୁଁ ସେ । କାମ-ଅନଳ-ଜାତ । ସଧୂମ ଶିଖାବତ ଦିଶେ ସତ । ୭୬ । ଚନ୍ଦନଚର୍ଚ୍ଚିତା ଦିଶ ।—ଯୋଷିତର ଯେ ଅତ୍ୟନ୍ତ ଇଶ । ଯା ତାତ କମଳବନ୍ଧୁ । ଯେ ଶମନ ସ୍ମର ତୋ ମୁଖଇନ୍ଦୁ । କଲେଣି । ଧୀରତାକୁ ଅନ୍ତ । ସ୍ମର-ପ୍ରତାପ-ଜ୍ୱଳନେ ଯୁବତ । ୭୭ । କାମାନଳେ ଦହ୍ୟମାନ । ତାଙ୍କ ଅଙ୍ଗେ ମଳୟ ପବନ । ସଧୀରେ ପଙ୍ଖବିକର । ଗୃଳଇ ସ୍ୱକଷ୍ଟେ ନ କରି ଗାର । ଯେ ଯା'ର । ଆଶା ଭରସା କରେ । ସେ ତାକୁ ହାଦେ ବରଜି ନ ପାରେ । ୭୮ । ମାର-କାନ୍ତିରେ ଶୁକଳ । ପ୍ରଚଣ୍ଡ-ତାପେ ତାପିତ ତାର । ଜ୍ୱର-ଜର୍ଜରିତ ଅଙ୍ଗ । ହେଲାଣି ତୋ ବିରହେ ବହି ଖଙ୍ଗ । 'ଯମକ' । ଅଜ ଅମଙ୍ଗ ହୋ ନା । ମଣ୍ଡ ତାଙ୍କ ଅଙ୍କ ବରଅଙ୍ଗନା । ୭୯ । ସନ୍ଧ୍ୟାରେ କୁଙ୍କୁମ ବୋଳା ।— ଅଙ୍ଗୀ ଯେ ପ୍ରଗାଢ-ଦିଶ ବାଳା ।—ମେଳେ ଯାପୁଥାନ୍ତି କାଳ । ସେ ବରୁଣ ଏବେ ତୋ ଅନ୍ୱେଷେ ଭୋଳ । ସେକାଳେ । ପୁରୁ ବାହାରଛନ୍ତି । ଯେକାଳେ ପାନ୍ଥେ ଗଲେ ନ ଫେରନ୍ତି । ୮୦ । ବଡ଼ବାବଦନ-ଜାତ । ସ୍ନିଗ୍ଧ ପ୍ରଜ୍ୱଳିତ ଶିଖାବନ୍ତ । ଅନଳେ କୋଳରେ ବହି । ତଥା ନିରନ୍ତ ନୁହଇ ଦହି । ଛଟୋଇ । ରତିପତି-ତାପିତ-।ସ୍ୱପତି-ଦୁର୍ଗତି ଯା ସେ ଦୁଃଖିତ । ୮୧ । ହେବାପାଇଁ ତାପ ଶାନ୍ତ । ସଜ-ମୃଣାଳ-ମାଳିକା-ତତି । ଅଙ୍ଗେ ହୋଇଥାନ୍ତି ଲାଗି । ସେ ଦୁର୍ବିନୀତାଏ ଭିଥଇ ଭଙ୍ଗି । ତୋ ବାନ୍ଧୁ ।—ବନ୍ଧ ଛଟୋଇ ଦେଇ । ଅଧିକେ ତାହାକୁ ପକାନ୍ତି ଦହି । ୮୨ । ପ୍ରତପ୍ତ ବକ୍ଷେ ତାଙ୍କର । ଖଣ୍ଡ ଖଣ୍ଡ ଗଳଇ ମୃଣାଳ । ତା ଦେଖି ଚକ୍ରେ ଏମନ୍ତ । ଅସଇ ଶାମ୍ବୁକ କେଳିତ-କାନ୍ତ । ପେଷନ୍ତେ । ଭେଦ ଗଲେ ସେ ଚକ୍ର । ଦିଶୁଛି ତାଙ୍କ ଯିବା ରନ୍ଧ୍ର ମାର୍ଗ । ୮୩ । ତୋତେ ଅମୋଘ-ଶାମ୍ବୁକ । ଲଭି ପ୍ରପଞ୍ଚ ରତି ନାୟକ । ମଦାନ୍ଧ-ପଣେ ଉଦ୍ଦଣ୍ଡ । ହୋଇ ନ ମାନି କରେ ଲଣ୍ଡଭଣ୍ଡ । ବିଲୋକ ।—ପୂଜିତ ଏ ଚତୁର । ବରବୃନ୍ଦାରକଙ୍କୁ ନିରନ୍ତର । ୮୪ । କାଲି ତୋର ସ୍ୱୟମ୍ବର ।—ହେବା ଶିରଛଣା ସୁଧାଧାର । ପରି ଏ ଅମରଗୃହ । ଶ୍ରବଣ-ବଦନରେ ପାନ କରି । ଉତ୍ତୁର । ଅସି-ଛନ୍ତି ସ୍ୱର୍ଗରୁ । ନ ଭାଙ୍ଗ ତୁ ତାଙ୍କ ଆଶା ବମ୍ଭୋରୁ । ୮୫ । ସପତ୍ନୀ-ଭବ-ସମ୍ଭୂତ । ପ୍ରତପତ ଦୀର୍ଘଶ୍ୱାସ-ବ୍ରାତ । ସ୍ୱପତ୍ନୀଙ୍କ ସମ୍ଭୂବାଇ । ଶମ୍ଭୁ-ପରଶରେ ଜର୍ଜର ହୋଇ । ଓଡ଼ାଇ ।—ଛନ୍ତି ଏ କ୍ଷିତ-ବକ୍ଷେ । ଚତୁର ହରିତ-ପତି ପ୍ରତ୍ୟକ୍ଷେ । ୮୬ । ତୋତେ

ଚୁମ୍ବିବାରୁ ଚନ୍ଦ୍ର । ହେଲା ତାଙ୍କ ଅତି ରସବନ୍ତ । ନ ବାଧିଲା କ୍ଷୁଧା ତୃଷା । ପାଥେୟ
ଅମୃତେ ନ ରହି ଆଶା । ଉଦ୍‌ବେଗେ । ବେଗେ ଅଇଲେ ଚଳି । ଅକେଳେ ଏତେ
ପଥ ନବବାଳୀ । ୮୭ । ତୋପାଇଁ ରେ ସ୍ମାବର । ହର-ପରଶର-ବୈଶ୍ୱାନର ।—
ଜଠରେ ସ୍ୱଦାସବ୍ରାତେ । ଦେଇ ଏ ସୁପର୍ବବରେ ତୁରତେ । ପଯୃର ।— ସ୍ୱର୍ଣ୍ଣ ଖିଳଙ୍କ
ଅତି । ଅନୁଗ୍ରହ ଏବେ ଦେଖାଇଛନ୍ତି । ୮୮ । ଧବଳିବ ରମ୍ଭାଂସ ।— ପରାୟେ ସେ
ଦଶୁଥାନ୍ତି ତୋର । ଭେଟିଲେ ମୋତେ ପଥରେ । ବୋଇଲେ ଜେମାପାଶେ ଦୂତ
ଥରେ । ହୋଇବ । ଦେଖ ଅମ୍ଭ ଉଦନ୍ତ । ହେଲ ତାଙ୍କ ଜଙ୍ଗମ-ପର୍ବତ । ୮୯ ।
ଦେଇ ନବଢ଼ ଅଶ୍ଳେଷ । ଏ ଦ୍ୱି-ଦ୍ୱିଗୁଣ-ଦଶ-ଅଧୀଶ । ଜଣାଇଛନ୍ତି ଏତେକ ।
ଦାରୁଣ-ମାର-ଶବର-ଶାୟକ ।— ନିର୍ଘାତ ।— ବଧାତେ ସେ ଅଥୟ । ତୁ
ତାଙ୍କ ବିଶଲ୍ୟକରଣୀ ହୁଅ । ୯୦ । ତୋର ଅପରୂପ-କାନ୍ତି ।— ଦରଶନ ପାଇ
ଲେଖି ଅତି । ହୋଇଛି ତାଙ୍କ ନୟନ । କହ କିଶୋରି ଆଜ କେତେଦିନ ।
ସେମାନେ । ନିଜ ନିଜ ନେତ୍ରକୁ । ଭଣ୍ଡୁଥିବେ ଦେଇ ଆଶା-ପଥକୁ ।୯୧। ଦେବେ
ଆଦିତ୍ୟ ସ୍ୱଭାବେ । ତୋର ଭୁଜ-ପରିବେଶ ଏବେ । ହେଉ ତାହାଙ୍କ ଭୂଷଣ । ନ
ଭଷ 'ନାହିଁ' ତୁ ହୁଅ ପ୍ରସନ୍ନ । ଅନଙ୍ଗ ।— ଜ୍ୱାଳାଲହରୀ-ଶୀତ ।— ଅଙ୍ଗେ ତାଙ୍କ
ତାପ ହର ତୁରତ । ୯୨ । କର କୃପା କୃଶୋଦରୀ । ଅନଙ୍ଗ ଅଦୃଶ୍ୟଶରେ ଘାରି ।
ନ ପକାଅ ତାଙ୍କୁ ଅରୁ । ଜୀବ ଯିବାରୁ ଲଭ କାମଦାଉ । ତୋ ପ୍ରେମ ।— ରସସିକ୍ତ
କଟାକ୍ଷ ।— ବିଶିଖ-ଘାତ ସେ ମଣନ୍ତି ସୁଖ । ୯୩ । ତୋତେ ଲଭିବାକୁ ଘୋର ।
ଶତ ଶତ ମରୁଛନ୍ତି ଝୁରି । ହେଲେ ସେ ଦେବଙ୍କ ପ୍ରାଣ । ଅଟଇ ସଦା ତୋ ଚରଣା-
ଧୀନ । ଏ ମିଥ୍ୟା । ଯେବେ ଭାବୁ ମୃଗାକ୍ଷି । ମନୋଭୂମନ୍ମଥ ତହିଁକି ସାକ୍ଷୀ । ୯୪ ।
ତାଙ୍କ ହୃଦୟ-ଅନ୍ତର ।— ଗତେ ଅଛୁ ତୁ ନିରନ୍ତର । କର ଅନୁଗ୍ରହ ଲବ । କମଳା
ଯେମନ୍ତ କମଳନାଭ ।— କୋଳରେ । କେଳି କରେ ନିରତ । ତୁ ତାଙ୍କର ଅଙ୍କେ ହୁଅ
ତେମନ୍ତ । ୯୫। ଦୟା ଥିଲେ ରେ ବାଳୀଶ । ଲେଶେ ଆସ ସୁରପୁର ଭୂଷ । ଯେବେ
ବା ସ୍ୱଜନ୍ମଭୂମି । ବୋଲି ମର୍ତ୍ତ୍ୟେ ଅଛି ମମତା ଚିନ୍ତି । ତେବେ ତୁ । କର ସ୍ୱୀକାର
ଏତେ । ଅସି କରନ୍ତୁ ସେ ସ୍ୱର୍ଗ ଏମର୍ତ୍ତ୍ୟେ । ୯୬ । ନିତ ପୂଜୁ ଯାହା ପଦ୍ମେ ।
ତହିଁ ତାଙ୍କ ତୋଷ ନୁହେ ଛନ୍ଦେ । ତୋ ପ୍ରସାଦ ଲଭିପାଇଁ । ଥିବା କାଳରେ
ଖେ ଶିର ନୁଆଇଁ । ତା'ପରେ । ତୋ ପୟର-ସାରସ । ଶୋଭିଲେ ଲଭିବେ
ସେ ମହାତୋଷ । ୯୭। ପୂଜାରେ ତୁ ଯେଉଁ ଭର୍ମ । ଦେଉ ତହିଁ ତାଙ୍କ
କାସ ଶର୍ମ । ତପତ-କନକ-କାନ୍ତି ।-ଜୟୀ ଏ ତୋ ଅଙ୍ଗ-ପ୍ରତ୍ୟଙ୍ଗତତି ।
ଲଭିବା ।-ପାଇଁ କର ତାଙ୍କର । କୋରକ କରୁଅଛି ନିରନ୍ତର । ୯୮ । କାମଶରସନ
ବଶେ । ଜାତ ଭାବୁ ତୋର ମଣନ୍ତି ସେ । ପଠାଇ ଅଛନ୍ତି କହ । ରେ ସୁଭ୍ରୁ ବଣିକ

ପରସ୍ପୃ ହୋଇ । କନକ । ନିତ ଦାହୁଅଛନ୍ତି । ଯେଣୁ ସେ ବିବାସୀ ତୋ କାନ୍ତି
ପ୍ରତି । ୯୯ । ତୋର ବିରହ ବିଜନ୍ୟ । ତାଙ୍କ ତାପ ସୁଧାରସେ ସ୍ନାନ । କଲେହେଁ ନ
ଯାଏ କିଛି । ଅପସରାଙ୍କୁ କେବା ପଚ୍ଚରୁଛି । କୁସୁମ ।-ଶର ସମ୍ଭବମଧୁ । ତୋ ମୃଦୁ-
ଭାଷା ତା ବିନାଶେ ସାଧୁ । ୧୦୦ । ଯାହା କହୁ ପଦେ ପଦେ । ଖଣ୍ଡି ମଣନ୍ତି ସେ
ତାକୁ ହୃଦେ । କହୁ କହୁ ରହିବାର । ସିତକ ଭାବନ୍ତି ସେ ତୋ ଶର୍କର । ରସର ।-
ଭିଁତି-ଉକ୍ତି-ସିତକ । ଇକ୍ଷୁବୋଲି ଅଣୁଛନ୍ତି ମତକ । ୧୦୧ । କି ଅବା ତୋଷିବେ
ଦେଇ । ଓଷ୍ଠ ସୁଧାତ ତୋ ମୁଖେ ଥାଇ । ସେ ମୁଖେତ ଏବେ ବଳେ । ସୁଧାକରଙ୍କୁ
ଜିତିଲେଣି ହେଲେ । ଯାଗର ।-ଭାଗ ମୃଗଧରର । ଅଙ୍ଗହୋଇ ସେ କରିବ ନିଜର ।୧୦୨
ଦେବାକୁ ଅମର ବର । ଲୋକେ ଜିହ୍ୱା କରିଲେ ତାଙ୍କର । ଯେ ତୋର ପଦ୍ମଚରଣେ ।
ଶରଣ ଇଚ୍ଛୁଛନ୍ତି ପ୍ରତିକ୍ଷଣେ । କାମଙ୍କ ।-ଦର୍ପଁ ପ୍ରାଣରକ୍ଷଣେ । ସେ କି ଶକ୍ୟ ତୋତେ
ବର-ପ୍ରଦାନେ । ୧୦୩ । ଚଣ୍ଡାଳ ମଦନ କାଣ୍ଡ । ବିନ୍ଧି ତନୁ କଲା ଖଣ୍ଡ ଖଣ୍ଡ ।
ପ୍ରାଣ-ରକ୍ଷଣେ ତାଙ୍କର । ସୁଧା ସୁଧା ହୋଇଲାଣି ବଧୂର । ସୁଧାଧି ।-କ୍ଷୀର ଅଧର-ମୃତ ।
ଦେଇ ବାରେ ରଖ ତାଙ୍କ ଜୀବିତ । ୧୦୪ । ସ୍ମୃପରୋପ-କେତୁ ଭୁଲେ । ହେଲା
ରତୀଶ ଧ୍ୱଂସି ଶଙ୍କରେ । ତୋ କୃପାରୁ ସ୍ମରମନ ।-ନନ୍ଦନ ହୋଇ ମନୋଜ ନୟନ ।-
ମୀନେ ତୋ । କେତୁବନ୍ତି ଭ୍ରୂରେ । ଧନ୍ୱୀ ଶଲ୍ୟଶାଳୀ ହେଉ ହାସରେ । ୧୦୫ ।
ସ୍ୱପ୍ନେ ଦେଖି ତୋତେ ନେଇ । ଶ୍ରୁତି ଦୃକ ନାଶା ହ୍ରିଜା ଚକ୍ଷୁ । ତାଙ୍କ ତୋ ସୁଷମା-
ଗାନ । ମୃଦୁତା ଶ୍ୱାସ ଓଷ୍ଠାଧର ପାନ ।-ଚରନେ । ମଙ୍କିଅଛି ବିଶେଷ । ଦେବେନ୍ଦ୍ରସ୍ୱ-
ସ୍ୱର୍ଗେ ହେଲୁ ତୁ ପାଶ । ୧୦୬ । ଚତୁର ସୁର-ଉଦନ୍ତି । କରି ଯତନେ ରସନାଗତ ।
ଚିତବନ୍ତି ପକ୍ଷପର । ତୋ ପାଶେ ଅସିଛି ଦୌତ୍ୟରେ ମୋର । ନ କର । ନାହିଁ ଏ
ଗୃହ ସ୍ମରୁ । ଯାହାକୁ ଇଚ୍ଛା ତୋ ବର ବମ୍ଭୋରୁ ।୧୦୭। ସୁରେଶ୍ୱରେ ବର ବାଳ ।
ଅବା ଶମନେ ରତ ତୁ ହେଲ । କିବା ବହ୍ନି କାମ-ଦାଉ । ତୋ ଅନୁଗ୍ରହରୁ
ଏତେକେ ଯାଉ । ଅଥବା । ତରଙ୍ଗିଣୀ-ଦୟିତ ।—ପତି-ଗଳେ ମାଳ ହେଉ
ଲମ୍ବିତ ।୧୦୮। ହର୍ଷ କବିକୁଳଚନ୍ଦ୍ର । ହୀରମଲ୍ଲଦେବୀ ନୈହାନନ୍ଦ । କବିଙ୍କ ଅଦୃଷ୍ଟ
ସିତ । ସରଳ ଏ ରସ ଭିଅଇଛନ୍ତି । ଅଧମ । ଗୋପୀନାଥ ଗରଜ । ମରେ ନ ପାର
ସେ ରସ ଅରଜ । ୧୦୯ ।

ନବମ ଛାନ୍ଦ ।

ରାଗ—ପଞ୍ଚମବରାଡ଼ି ।

ଏଥୁ ଅନ୍ତେ ଦିବ୍ୟରସ ଶୁଣ ସୁଧୀରେ ବହୁଷ ଅମର୍ତ୍ତ୍ୟ-ଉଦନ୍ତ ଶ୍ରବଣରେ ।
ନଥିଲେ ହେଲେହେଁ ଭଙ୍ଗି ଇଙ୍ଗିତ ଠାବେ କୃଶାଙ୍ଗୀ ଅଙ୍ଗୀକାର କର ବରତରେ ।
ଭୂପ ସୁତା ।
ଏକା ଦୂତ-ବର-ଗିରେ ରସି ।-
ଥିବାରୁ ସିନା କେବଳ ସୁର-ଉଦନ୍ତ ସକଳ ଶୁଣୁଥିଲା ଅନାଦରେ ବସି ।
ସାଧୁ ଜନେ । ୧ ।

ସ୍ୱରୁଷ-ରଚିତ ସ୍ୱର-ଅସୁରର-ଗିର ଗୋଷ୍ଠି ବସ୍ତୁଦଷ୍ଟ-ଧବମୁଖୁଁ ଶୁଣି । ଆଦର ନ ହେଉ ତହିଁ ଆଦରଲା ସ୍ୱନମୁହଁ ଶୁଣି ପୁଣି ନ ଶୁଣିବା ଠାଣି । ସାଧୁଜନେ । ଭୀମ-ନରପାଳ-କୋଳକଳା ।-ନଥି ସେ ମନୁଷ୍ୟାଧିପ ଇଳା-ତଳ କଳାଧିପ ଦୂତ ନଳେ ଏମନ୍ତ ଭାଷିଲା । ସାଧୁଜନେ । ୨ । " ଭୋ ଦୂତ ଏତ ବଚନ କୁଳ ନାମ ତୁମ୍ଭ ମୁଁ ତ ପଚାରିଲି ନ କହିଲ ତାହା । କହିଲ ଏମନ୍ତ କଥା ଯା ଶୁଣି ବଥାଏ ମଥା ଯହିଁ ମୋ ନ ଥାଇ ଲେଶେ ସ୍ପୃହା । ଦୂତବର । ମୋ ଉତ୍ତର ଜନ୍ମିଲେ ନ ଦେଇ । ଅନ ପ୍ରସଙ୍ଗ ପ୍ରକାଶ ନୁହଇ କି ଲାଜ ଲେଶ ରହି ଯା ମୋ ଅଧମର୍ଣ୍ଣ ହୋଇ । ଦୂତ-ବର । ୩ । ମୋ ପଚାରିବା କଥାର ଉତ୍ତର ଦାନେ ତୁମ୍ଭର ଏକ ଅଦଭୁତ ସାଚ ଦଶେ । ସ୍ଥଳେ ସ୍ଥଳେ ଯଥାଯଥ ଉତ୍ତର ମିଳଇ ଅର୍ଥ ସ୍ଥଳେ ସ୍ଥଳେ ଲେଶେ ନ ଅଭ୍ରସେ । ଦୂତବର । ଏ ତୁମ୍ଭ ଉତ୍ତର-ଦାନ-ଭଙ୍ଗୀ । ଦଏ କାହିଁ ବା ପ୍ରକଟ କାହିଁ ବା ନ ପ୍ରକଟ କୂଟ ସରସ୍ୱତୀ ନଦୀ ଆଙ୍ଗ ଭଙ୍ଗୀ । ଦୂତବର ।। ଶ୍ରବଣ-ପୁଟ-ପୀୟୂଷ ଏ ତବ ମଧୁର-ଭାଷ କଲେହେଁ ଶ୍ରବଣ ଯେତେଯେତେ । ତୁମ୍ଭ ନାମାକ୍ଷରପନ୍ତ ମୋହତ ଶ୍ରୁତି-ସମ୍ପତ୍ତି-କରଣେ ବଳଇ ବାଞ୍ଛା ଚିତ୍ତେ । ଦୂତବର । ସଧୀରେ ବିଗ୍ରହ କର ହୃଦେ । ଜଳଭବ-ଶୋଷ ନାଶେ ତହିଁ ସରସ ବଚେଷେ ଦୂତ୍ୟନ୍ଧୁ ସମର୍ଥ କି ହାଦେ । ଦୂତବର । ୪ । ତମନାଶୀ ଭବାଦୃଶ ନାସ୍ତିକରହୁ ଉଦ୍ଧୃଶ ଭାଷ କେଉଁ କୁଳ-କୋଳ ଭୂଷ । ବନ୍ଧୁ ତୁମ୍ଭଙ୍କୁ କେ ବଂଶ ଅଧିକୁଁ ଅଧିକ ଯଶ ପରକାଶ କରଛି ଏ ବଶ୍ଚ । ଦୂତବର । ସେ ବଂଶକୁ ବଂଶ-ସାଧାରଣ- । ଭୂଲେ ଗଣିବାରୁ ଅର୍ଜି ହେବାର ପାତକ ବର୍ଜି ଦେବ କର ତାକୁ ସନମାନ । ଦୂତବର "। ୫ । ଏମନ୍ତ ମତ୍ତକାଶିନୀ-ଶ୍ରେଣୀ-ଶିରଭୂଷାମଣି ଭାଷି ହେଉ ତୁନ ହେମାମଣି । ନୈଷଧପ୍ରଧାନ ନରବର-କୁଳ-କଳାକର ନଳ ମଧୁରେ ଭାଷନ୍ତ ବାଣୀ । ସାଧୁଜନେ । ଶିଷ୍ଟତମ ଶେଷେ ତୃଷାତୁର- । ସ୍ୱତକତନ ଚଳ୍କାର କର ମୂକ

ହେଉ ଗର ବରଷିଲ୍ କ ଯଲଳଧର । ସାଧୁଜନେ । ୭ । "ଅଗୋ ବାଳେ ! ଏ ମୋ ନାମ ବଂଶ ଅତ ପ୍ରୟୋଜନ ନୁହେ ବୋଲି ବଗୁର ରଚନା । ରସଜ୍ଞା ତୋର ଛପୁରେ ଏ କେନ ନବେଦବାରେ ଅଦରଛ ନବେଦ ନସାନା । ରାଜକେମା । ବନ୍ଧୁ ଅର୍ଥବନ୍ତ ଅଲଙ୍ଗିବ । ସିନା ପ୍ରଶଂସିତ ଅତ ନରର୍ଥକ ସ୍ତବସ୍ତୁତ ଦୋଷ ଦୁଇ ତ ଗିରର ଗର । ରାଜକେମା ।୮। ପୂରୁବେ ମୋ ଗୁରୁଜନେ କେ ଜାଟଣ କ ଚନ୍ଦ୍ର ମନେ କ କ ବର୍ଣ୍ଣେ କରଛନ୍ତ ନାମ । ପ୍ରୟୋଜନ ଥିବାର ତ ତହିଁ ନ ବାରଇ ଚଉ ଏଥିରେ ଅଗ୍ରହ ବୃଥା ଶ୍ରମ । ରାଜକେମା । ତୁମ୍ଭ ଅମ୍ଭ ବେନଙ୍କ ସମକ୍ଷ- । ବ୍ୟବହାର ପାଇ ଚଉ ବଗୁର କର ସୁତରେ "ତୁମ୍ଭ ଅମ୍ଭ" ପଦ ଅତ ଦକ୍ଷ । ରାଜକେମା । ୯ । ଯେବେ ସ୍ୱଭାବେ ମୋ କୁଳ ନୋହଥିବ ସୁନର୍ମଳ ତେବେ ତା ବା କହବ କାହିଁକ ? । ହୋଇଥିଲେ ଉଚ ତାହା ଦୂତ ମୁଁ ହୋଇଛ ଯାହା ମୋ ମୁଖେ ଶୋଭେ ତା ପ୍ରକାଶ କ ? । ଏତେ ଭଲ । ନ କହେ ମୁଁ , ତୋ ଅଗ୍ରହ ଏଥି । ନ ଶୋଭଇ,ବଣପତ — ପ୍ରତ-ଉତ୍ତରକୁ ମତ ବଳାଇବ ଯୁକତ ସୁଦତ । ରାଜକେମା । ୧୦ । ତଥାପି ଯଦ ତୋ ମତ ନୋହୁଛ ଏଥି ଭୂପତ ଫଟକ୍ଷେପେ ଦେଉଛ ତେବେ କହ । ହମାଂଶୁ-ବଂଶ-କଶର ବୋଲି ମୁଁ ବଗୁର କର ନାମ କହବା ତ ନ ଯୋଗାଇ । ସାଧୁଜନେ । ଯେଣୁ ନଜନାମ ନ ଧରନ୍ତ । ଏ ବୁଧଜନ-ସ୍ୱଭାବୁ ଯେ ଯେବେ ଟେକେ ରମ୍ଭୋରୁ ତାକୁ ଅନ୍ୟାଗ୍ରସ୍ତ ବୋଲଥାନ୍ତ । ସର୍ବଜନେ" । ୧୧ । ମିତଭାଷୀ ଅହ୍ନତାପକାରକ ନର ଅଧିପ ବରଣା ପରସ୍ପେ ଏତେ ଭାଷ । ନାରବନ୍ତେ ପଦେ ପଦେ ବଦନେ ରାଗସମ୍ପଦେ ପ୍ରକାଶି ନୃପଜା ଗରୁହଂସୀ । ଭାଷେ; "ଶଶ ।—ବଂଶ ବୋଲୁଁ ଗଲ୍ କ ସନ୍ଦେହ । ପଦେ ଅଧେ କହ ଉହ ନର୍ମଳେ କଛ ନ କହ ଏ ବଞ୍ଚନା ସାତ କପାଁ ବହ । ଦୂତବର । ୧୨ । ଜାଣିଛ ତ କୁଳବାଳୀ-ଅଚରଣ କେଉଁ ଭଳ ମୁହିଁତ ଗୋଟିଏ ସେ ମଧ୍ୟରୁ । ତୁମ୍ଭେ ତ ପରପୁରୁଷ ତୁମ୍ଭ ସହତ ସମ୍ଭାଷ ମୋର ଚନ୍ତ ହୋଇବକ ଗୁରୁ । ଦୂତବର । ମୁଁ ବା କପାଁ କହବ ଉତ୍ତର । ତୃଷିତ ମୋର ଶ୍ରବଣ-ମୁଖେ ଯେବେ ତୁମ୍ଭ ନାମ-ପୀୟୁଷ-ନଷେକ ଅବେଭ୍ରର । ଦୂତବର । ୧୩ । ବାଳର ଏ ଭଳ ଶ୍ରୁତ-ସୁଧା-ଅଲଙ୍ଘ୍ୟ-ଭାରଣା-ଉତ୍ତରେ ଅଣକ୍ଷ ନୃପବର । ହୋଇ ଇଷତ ସ୍ମିତକୁ ପରକାଶି ବଚନକୁ ଭାଷନ୍ତ; "ବାମାକ୍ଷି ଅବେଭ୍ରର । ନ କର ଭୁ । ନ ବଗୁର ଚଉ ମୋତେ ପର । ପରେ କ ଏ ମକ୍ଷିମୁଖ-ମ୍ଭୃବରସୁଁ ଅଧିକ ଗରଧାର-ପ୍ରଦାନ ଯୁଜ୍ୟର । ଶୁଚସ୍ମିତା । ୧୪ । ଏତେ ପରଶ୍ରମେ ଯାହା କଲଛି ମୁଁ ହେମଦେହା ଏହା କ ମୋ ନୋହବ ସଫଳ ? । ହରଚପଳ-ମଧ୍ୟରୁ ଏକଗଳେ କ ରମ୍ଭୋରୁ ନ ଲମ୍ଭିବ ତୋ ବରଣମାଳ ? । କୃଶୋଦର । ଏ ଭଳ ରସପୀୟୁଷ-ସ୍ନାତ । ଗିରଧାର-ବରଷାରେ ସେ ଚକୁର ହଗୀଶରେ ସେବବା ତୋ ଚକୁର ଉଚତ । ତନୂମଧ୍ୟା । ୧୫ । ମୋ

କରେ କ'ରେ କଶୋର ବହଟଭିଁତ ଗୃଗୁଷ୍ଟ-ରଚିତ ଏମନ୍ତ ବାଣୀତତେ । ଅମରପୁର-
ନାଗର-ବରଙ୍କ ମୁକୁଟମଣିର ପାଶେ ପେଷଣେ ନ ଦେବୁ ମତ । ରାଜଜେମା । ମଦନ-
ଦହନେ ସେ ତାପିତ । ଏ ତୋ ସରସଭାରତୀ ତାଙ୍କ ତାପ-ନାଶ-ପ୍ରଦ ଦାବ-ଦାହେ
ହେବ ବୃଷ୍ଟିପାତ । ରାଜଜେମା । ୧୬ । ଉତ୍ତରପାଇଁକି ଏ ତୋ ପାଶେ ରେ ବର-
ଯୋଷିତ କଳମ୍ବ ଯା ହୁଏ ଦଣ୍ଡେ ଦଣ୍ଡେ । ଏ ମୋ କଳମ୍ବକୁ ଗ୍ରହି ରତିପତି ତରଜଇ
ତାଙ୍କୁ ଶର ପୂରଇ କୋଦଣ୍ଡେ । ନତଦେହା । ସ୍ୱଭାବେତ ମଦନ ମନ୍ମଥ । ହେଲେହେଁ
ଦେବେ ଅମର ତାଙ୍କ ଛଦ୍ର କି ଗୋଚର ନୁହଇ ତାକୁ ତୁ ଘେନ ଚିତ୍ତ ।
ନତଦେହା । ୧୭ । ମୋହର ପ୍ରତ୍ୟାବର୍ତ୍ତନ-ସରଣିରେ ସଙ୍କ୍ରନ୍ଦନ ସହସ୍ରନୟନ
ସ୍ୱନଷ୍ଟଳେ । ଥିବେ ଥୋଇ ସେ ଧୀରଜ୍ଞ ଚିନ୍ତ ବଗୃହଇ ଚିତ୍ତ ନିର୍ମିତ ସେ ନିଷ୍ଟମ୍ବ
ଭଦୁରେ । ଚଳାପାଙ୍ଗେ । ସନ୍ଧବ-କାର୍ଯ୍ୟରେ ମନ୍ଥରତା ।—ହେତୁ ମୋତେ ଧିକ ଧିକ
ପ୍ରଣିଧିଗୁଣରୁ ଏକ ନାହିଁଟି ମୋହରେ ଯାହା ଲତା । ଚଳାପାଙ୍ଗି" । ୧୮ । ଏମନ୍ତ
ଭାଷି ନିଷଧ-ଈଶ ହୁଅନ୍ତେ ସ୍ତବଧ ଶୁଣି ସର୍ବ ଗୁଣବତୀ-ମଣି । ବିଦର୍ଭଦୁଲଣୀ
ସୁର ଶ୍ରେଣୀ-ମଣିମାନଙ୍କର ନିତନପୁଣତା ଚିତ୍ତେ ଗୁଣି । ସ୍ୱଗତରେ । ଭାଷେ "ସୁରେ
କେନ୍ଦ୍ର ନାସପ୍ରତ । ମଣ୍ଡଳଦନ ମାନବେ ପେଷନ୍ତିଛନ୍ତି ଦୂତଭାବେ ସୁରଶାସ୍ତ୍ର ପଢ଼ିକି
ନାହାନ୍ତି ? । ସ୍ୱଗତରେ । ୧୯ । 'ତ' 'ର' 'ନ' ପ୍ରଭେଦାଭାବେ ଜଳପତି ସ୍ୱଭାବେ
ସେ କପାଁ ଏହାକୁ ନ ପେଷିବେ । ଯମ ତ ପରେତପତି ତାଙ୍କୁ ଗ୍ରହି ତାଙ୍କ ମତ ଏଥି
ତାଙ୍କ ହୃଦେ ନାହିଁ ଲଭେ । ମରୁନ୍ମାନ । ନାମ ଇନ୍ଦ୍ର-ବିବେକ ଜଣାଏଁ । ବୋଲନ୍ତି
ଯା'କୁ ଅନଳ ଉଦ୍ଧ୍ୱର୍ଗ ତେଜ କେବଳ ପଶାରିଁ ସେ ଭଲ ନିକି ହୁଏ ।
ସର୍ବଭକ୍ଷ" । ୨୦ । ତହିଁ ଏମନ୍ତ ଚିତ୍ତରେ ବଗୃହକର ସ୍ନିତରେ ନରେଶ୍ୱ ପ୍ରଣିଧି-
ମୁଖଗ୍ରହି । ସତୀଯୁବତୀକୁଳର ଅଳଙ୍କରଣୀୟ-ଅଳଙ୍କାର ରାଜଜେମା ହେମଦେହା ।
ମାଧୁଜନେ । ପୁଣକଳ୍ପ ବଦନେ ତେମନ୍ତ । ଯେ ବୃତ୍ତୁସିକ ମୁଖର ଦେଖିଲେ
ଚିତ୍ତେ ଲୋକର ତର୍କ ଜନ୍ମେ ଦେବାର ଉଦନ୍ତ । ସାଧୁଜନେ । ୨୧ । ଭାଷେ
ଜେମା, "ଅହେ ଦୂତ ଯା କହିଲ ତାହା ମୁଁ ତ ପରିହାସ ଭାବିଲେ ପ୍ରଗଲ୍ଭ- ।
ପଣ ପ୍ରକାଶ ହୋଇବ ନା' ନା' କହୁଥିଲେ ତୁମ୍ଭଭଳି ଲୋକେ ଗର୍ହା କି ନୋହିବ ।
ଅନୁଭବେ । ରହିଲେତ ଅବଜ୍ଞା ନିଶ୍ଚୟ । ଏଣୁ ତୁମ୍ଭର ଉତ୍ତର ପ୍ରଦାନକୁ ଚିତ୍ତ
ମୋର ଅନାସ୍ଥାରେ କରୁଅଛି ଥୟ । ଦୂତବର । ୨୨ । ମୁଁ ତ ନରକୁଳେ ଜାତ ଏହା
କା ନୁହେ ବିଦିତ ସ୍ୱଭାବେତ ସେ ଅମରବର । କୃପାରେ ହେଲେ କ ପର ଏପର
ଗିର ଉଚ୍ଚାର ଦେଲେ ହେଲା ଏହା କି ସୁନ୍ଦର । ଦୂତବର । ଅଥବା ସ୍ୱଭାବେ ଭକ୍ତି-
ନତ ।-ଜନେ ପ୍ରଭୁଲୋକମାନେ ଅନାଦର କି କି ବଚନେ ନିଜର ନ କରିଆନ୍ତି
ବ୍ୟକ୍ତ । ଦୂତବର । ୨୩ । ଅମରାଙ୍ଗନା-ସଙ୍ଗମ-ବଶେ ଯା' ଅଙ୍ଗ ଅସମ ପୁଷମା

ନିବିଡ ପ୍ରକାଶଇ । ସେ ଶଚୀପତି-କରରେ ଜାତ ଯାହାର ଝିଟିରେ ସେ ନବଜାତ
କି ଶୋଭା ପାଇ । ଦୂତବର । ମରାଳ-ମାଳିକା-ବଳୟିତ । ସରୋବରର କି ଲଭେ
ବଳାକା-ବଳିବେ କେତେବେ ସୁଷମା ବଢ଼ଇ ଯେନ ଚନ୍ଦ୍ର । ଦୂତବର ।୨୪। କହତ ତୁମ୍ଭେ
ବିଗୃହ ଅମର-ପୁରନାଗରୀ-ପାଶେ ନିକ ନାଶ୍ଚ ଗଣା ହୁଏ । ଯହିଁ ନ ଥାନ୍ତି ଅମରୀ
ତହିଁ ସିନା ଧରାବୃନ୍ଦ-ନାରୀ-ଶୋଭା ଜନମନ ମୋହେ । ଦୂତବର । ଦରିଦ୍ର ରମଣୀ
ଥିବା ଦେଶେ । ନଥିବା ଯୋଗରୁ ସୁନା ଚନାଏ ମାତ୍ରକ ସିନା ପିତ୍ତଳ ଭୂଷଣ ଶୋଭା
ଧରେ । ଦୂତବର । ୨୫ । ଯା ଇଚ୍ଛା କହନ୍ତୁ ଦେବେ ତହିଁକି ମୋ ଶ୍ରୁତି ଲଭେ
ନାହିଁ କାହିଁ କୁରଙ୍ଗ-ଯୁବତୀ । ପ୍ରମତ୍ତ ଯୂଥ-ନାଥରେ ଅଙ୍ଗ-ସଙ୍ଗ ଇଚ୍ଛା କରେ
ବରବାକୁ ବଗୃହ ତ ମତି" । ଏତେ ଭଣି । ପୋତି ମୁଖ ଦେଇଁ ସଖୀ କଣ୍ଠେ । ସେ
ଭଣେ "ଏ ଲାଜେ ମୋର ହୃଦୟେ ପଶି ଯେ ଗିର କୁହାଏ ତା ଶୁଣ ସାବଧାନେ ।
ଦୂତବର । ୨୬ । ଚିରକାଳୁଁ ନୈଷଧ-ଅଧିପ-ପଦେ ଏ ହୃଦ ବିକି ଦେଇଥିବାରୁ
ଏଣିକି । ଏମନ୍ତ ସୁରବରଣ-କଥାକୁ ଚିତ୍ତରେ ସ୍ଥାନ ଦେଇ ମନ ପଡ଼ଇ ଚମକି ।
ଦୂତବର । ମୃଣାଳ-ତନ୍ତୁରୁ ସୁକୋମଳ । ଅଟଇ ସତୀବୃତ୍ତି ତ ହୋଇଲେ ଛୁଟି କଥିତ
ଛୁଟିବାକୁ ନ ସହଇ କାଳ । ଦୂତବର । ୨୭ । ସର୍ବ ଜୀବଙ୍କ ଅନ୍ତର କଥା ହେବାରୁ
ଗୋଚର ଦେବେ ପର ବୋଲାନ୍ତି ବିବୁଧ । ସ୍ୱପନେ ହେଲେ ନିମେଷ-ମାତ୍ରକ-ପାଇଁ
ମାନସ କରେ କି ମୋ ଅନଙ୍ଗନେ ସଧ । ଦୂତବର । ଦୂତ ପେଷି କିସ ପ୍ରୟୋଜନ ।
ମୋ ଅନ୍ତରଗତ-ଭାବ-ଜ୍ଞାନେ ଯେବେ ଚିତ୍ତଥିବ ପୁଚ୍ଛନ୍ତୁ ସେ ନିଜ ନିଜମନ ।
ଦୂତବର । ୨୮ । ମୁଁ ତ ପରର ଯୋଷିତ ମୋ ସଙ୍ଗତି-ଲୋଭେ ଚିତ୍ତ କେମନ୍ତ ତାଙ୍କର
ଅଛି ବଳ । ଅସ୍ୱପ୍ନ ନାମ ବହନ୍ତି ଏବେ କି ସେ ଶୋଇଛନ୍ତି ମୋ ବୃତ୍ତାନ୍ତ ନ ଜାଣିବା
ଛଳ । ଦୂତବର । ଦୁର୍ମାର୍ଗ-ସାଗର-କର୍ଣ୍ଣଧାର । ହୋଇ ନିଜେ ମୋତେ କେହ୍ନ
ପରର ରମଣୀ ଏହି ବୋଲି ଜାଣି ଛୁଇବେ ଶଙ୍କର । ଦୂତବର । ୨୯ । ମନୁଷ୍ୟ-
ଯୋନିରେ ଜାତ ହୋଇଛି ମୁଁ ସ୍ୱଭାବେତ ମୋରେ ଯା ଅମରବରଙ୍କର । ଚିତ୍ତ
ପ୍ରଦାନ ଭଣିଲ ତା ଏକା ସେମାନଙ୍କର ଅନୁଗ୍ରହ ଅନୁରେ କେବଳ । ଦୂତବର ।
ଏତେ ଯେବେ ଦୟା ତାଙ୍କ ଚିତ୍ତେ । ମାଗୁଛି ଧରି ପଦ୍ମର-ଶତପତ୍ର ତାଙ୍କର ନଳେ
ଭିକ୍ଷା ଦିଅନ୍ତୁ ସେ ମୋତେ । ଦୂତବର । ୩୦ । ଶୁଣ କହୁଅଛି ପୁଣି ସତ୍ୟ ସତ୍ୟ ଏ
ମୋ ବାଣୀ ଯେବେ ବା ମୋ ପାଣି-ପ୍ରତିଗ୍ରହ । ନ କରିବେ ନରପତି-ମଣ୍ଡଳ-ମଣ୍ଡନ-
ମୋତି ନୈଷଧପତି ନଳ ଅନୁଗ୍ରହ । ଦୂତବର । ନିଶ୍ଚୟ ହୁତାଶେ ଝାସ ଦେବି । ଅବା
ଉଦ୍‌ବନ୍ଧନେ କିବା ବାରିମଜ୍ଜନେ ଅଥବା ଅନପଥେ ଅଯୂଷ ସାରିବି । ଦୂତବର ।୩୧।
ଆପଦ କାଳରେ ଯେବେ ସତମାର୍ଗ ଧରି ଲଭେ ନ ଥାଇଟି ବଞ୍ଚିବା-ଉପାୟ । ସେ-
ସମୟରେ ସଜ୍ଜନ-ନିନ୍ଦିତ ପଥେ ଗମନ କରିବା ନୁହଇ ନିନ୍ଦନୀୟ । ଦୂତବର ।

ବରଷାକାଳରେ ରାଜପଥ । ହେଲେ ପଙ୍କିଳ ବିଶ୍ୱର ନିରତ ପର୍ଯ୍ୟଟନର ନ ଗମଇଁ ଅଶ୍ରିକ ଅପଥ । ଦୂତବର । ୩୨ । ସେ ଚତୁର ସୁରବର ଗୀର୍ବ-ଗୁରୁଙ୍କ-ବିସ୍ତାର-କରଣେ ତ ବିଶ୍ୱରେ ଅସମ । ମୁଁ ନାରୀମାତର ଛାର ତାଙ୍କୁ ବିହିତ-ଉତ୍ତର-ପ୍ରଦାନେ ହୋଇବି କେହ୍ନେ କ୍ଷମ । ଦୂତବର । ଧର ଏଣୁ ମୋ ଭାଷାର ଭାବ । କହିବ ତାଙ୍କୁ ବୁଝାଇ କଥା ପ୍ରସଙ୍ଗ ଦେଖାଇ ପକ୍ଷେ ଥିବ ବିପକ୍ଷ ନୋହିବ । ଦୂତବର । ୩୩ । ବାଳକ କୌତୁକ-ଛଳେ କୁହୁକୁହୁ କରିବାରେ ମଧୁଭାଷୀ କୋକିଳ ଯେମନ୍ତ । କୋପେ କରିକଣେ ଜଗେଛ ଭାବେ ପ୍ରତ୍ୟାଖ୍ୟାତ ସ୍ୱଚ୍ଛେ ହୋଇ ବାଳାବରେ ସେ ଭୁକ୍ତ । ସାଧୁଜନେ । ହେଲେ ସେ ସ୍ୱଭାବେ ସୁଧା-ଭାଷୀ । ପରୁଷାକ୍ଷରେ ବୁଟିସ ଚିତ୍ତ-ସନ୍ତାପେ ଚତୁର ଭାରତୀ-ତତ୍ତ୍ୱଜ୍ଞ ପରିକାଶି । ୩୪ । ଭାଷନ୍ତି ମନୁଜନାଥ ଏତେ ଅତି ଅଦ୍ଭୁତ ଅମର ହୋଇ ସେ ନାରୀପାଶେ । ଅଛନ୍ତି ପେଷି ମାନସ ଭୃ ତାହାଙ୍କୁ ରେ ବାଳୀଶ ନିବାଶ କରୁଛୁ କି ସାହସେ । ରାମାବର । ନିଧି ଅସୁ ନିଦ୍ଧଂନ ପଣ୍ଟକୁ । ସେ ତାଜ୍ କପାଟ କଳ ଯା ଯା ବୋଲି ଦେବା ପାଳଠାରୁ ଏତ ବଳେ ମୋ ମତକୁ । ରାମାବର । ୩୫ । ଅଖିଳ-ଅମର-ପତି ତୋଠାରେ ବଳାନ୍ତେ ମତି ସକଳ-ବାଳୀଙ୍କି ଅବହେଳି । ତୋରେ ମହତ ଆଦର ଉପୁଜିଥିଲା ମୋହର ଭୁ ତା ଏବେ ନିଜେ ଦେଉ ହାଳି । ଚନ୍ଦ୍ରମୁଖି । ଏ ତୋ ମହାଭାଗ୍ୟ ପରିକାଶି । ଅସିବା-ବେଳେ କିଶୋରୀ କିସ ମାନସେ ବିଗୃର ଦେଉଛନ୍ତି ସୁରେଶ-ଅଶା ନାଶି । ଚନ୍ଦ୍ର-ମୁଖି । ୩୬ । ହୋଇ ଧରାଗୃହୀ ନାରୀ ଅମରବରଙ୍କୁ ବରିବାର ନ କରିବାର ବାସନା । ଏ ନବୀନ କଥା ଏତେ କାଳକେ ମୋ ଶ୍ରୁତିପଥେ ପଡିଲା ତୋ ବଦନୁଁ ନବୀନା । ନତଦେହା । ହିତକାମୀ ଗୁରୁ ତୋ ଛନ୍ତି ତ । ଏ ଦୁର୍ଗ୍ରହ-ଦୋଷ ତୋର ଦେଖି କେହ୍ନେ ପ୍ରତିକାର ନ ଲୋଡ଼ନ୍ତି ହୁଏ ମୁଁ ସ୍ତମ୍ଭିତ । ନତଦେହା । ୩୭ । ଅମରଙ୍କ ପରସାଦେ ଲୋକ ନରଜନ୍ମ ହାଦେ ବରଜି ଅରକେ ଦେବପଦ । ତଦନ୍ତେ ତାହାଙ୍କୁ କେହ୍ନେ ନର ବୋଲନ୍ତି କି ମହାମନ୍ଦ୍ରନା ଭୁ ବାରେ ବାର ହୃଦ । ବରବାଳା । ପାରଦ-ପରଶେ ଯେବେ ଲୋହ । ଲଭଇ କନକ-କାନ୍ତି ଲୋହ ବୋଲି ତହିଁ ଭ୍ରାନ୍ତ କର-ନ୍ତିକି କେହ୍ନ କାହିଁ କହ । ବରବାଳା । ୩୮ । ସୁରେଶ୍ୱର ଅଖଣ୍ଡଳେ ତୋ ମନ ନ ବଳେ ଜଳେ ବୃଥା ଧୀର ବୋଲି ଗର୍ବ ବହୁ । କ୍ଷେତ୍ରମଣ୍ଡଳେ କେ କାହିଁ ନଳ ଲକ୍ଷ୍ମୀ ଅଛି ରହି ତାଙ୍କୁ ବାଞ୍ଛୁ ଲକ୍ଷ୍ମୀକି ନ ପାଉ । ଶୁଚିସ୍ମିତେ । ଏ ତୋ ରୀତି ଦେଖି ମୁଁ ଭାବଇ । ଇକ୍ଷୁକୁ ଉପେକ୍ଷି ପିଚୁମର୍ଦ୍ଦାସ୍ୱଦ ଭକ୍ଷଣେଛୁ କଲବୁଁ ମୂର୍ଖକି ହେଲୁ ତୁହି । ଶୁଚିସ୍ମିତେ । ୩୯ । ସର୍ବ-ସୁପର୍ବ ବର୍ଗର ନିର୍ବିବାଦୀ ଅଧୀଶ୍ୱର ସୁନାସୀରେ ବରଜି ବାଳୀଶ । କି ବିବେକ-ଯତଣେ ନର-ମାତରେ ପ୍ରଧାନତର ବୋଲି ବିଗ୍ରହୁଛୁ ହୃଦ-ଦେଶ । ବରବରେହା । ଅଥବା କହିବା ବୃଥା ମୋର । ପ୍ରଶସ୍ତ ବଦନ-ପଥ

ବିରହ ନିଶ୍ୱାସ ବାତ ଅଣ୍ଟେ କ୍ଷୁଦ୍ର ରନ୍ଧ୍ରକୁ ନାଶାର । ରସସେବା । ୪୦ । ଅନ-ଜନ୍ମେ ଯେଉଁ ସୁର-ପୁର-ଲାଭଆଶା ଧୀର-ପ୍ରଧାନେ ପୋଷି ଅନ୍ତରଗତେ । ଘୋର ତପ-ହୁତବାହେ ସମିଧ କରନ୍ତି ଦେହେ ସେ ଅମରପୁର ଏବେ ତୋତେ । ଗୁରୁଶୀଳେ । ବିଜ୍ଞେ ବଳାଇ ଅସ ଅସ । ବୋଲୁଅଛ କେଉଁବଳେ ବାଳୀଶ ତୁ ଅବହେଳେ ଦେଉଅଛୁ ମୋହ ତା'କୁ ଅର୍ଘ୍ୟ । ଗୁରୁଶୀଳେ । ୪୧ । ଅକାଶସ୍ଥ ଦ୍ରବ୍ୟଙ୍କର ଅପ୍ରତିଦ୍ୱନ୍ଦୀ ଈଶ୍ୱର ଇନ୍ଦ୍ର ଏହା ନୁହେ କା' ଗୋଚର । ଉଦ୍ଧନେ ଯେବେ ଜୀବନ ବିରହରୁ ବେ ନବୀନ-ବିଦ୍ୟୁତି ତୁ ହେବୁ ତାହାଙ୍କର । ନିରୁପମା । ନ୍ୟାୟରେ ଯେ ଯହିଁ ଅଧିକାରୀ । ସେ ତାହା ଯେବେ ଘେନଇଁ କେବା ପାରନ୍ତି ତହିଁ ପାରେ ହୋଇ ଘେନ ତୁ ଚତୁରି । ନିରୁପମା । ୪୨ । ବହ୍ନିକାନ୍ତ ପୋଷି ଅଣ ଅନଳ ଏବେ ତୋ ପାଶ ଦୂତକର ପେଷୁଛନ୍ତି ମୋତେ । ଗଲେ ତାଙ୍କର ବରଣ ମାଳା ଦେବାରୁ ମରଣ ମଣୁଛୁ ମଙ୍ଗଳ ଗୁଣଶତେ । ବିମ୍ବୋଷ୍ଠି । ଏବେ ନାହିଁ-କର ଯଦି ଯେବେ । ଜୀବ ବିରହିବା ପାଇଁ ହେବୁ ତାଙ୍କ ଅଙ୍କଶାୟୀ ସେ କି ତୋତେ ତେବେ ନ ଲଭିବେ । ବିମ୍ବୋଷ୍ଠି । ୪୩ । କନ୍ଦୁକତ ମାଣବକ-ମୃଗାକ୍ଷି ଅବା ଉଦକ ନିମଜ୍ଜନେ ହାରିବୁ ଜୀବନ । ତେବେ ତୁ ବରୁଣ ଚଉ ଦୋହଳା କି କରଗତ ତାହାଙ୍କର ଜନ୍ମ ତୋ ସହିତ । ଅନୁପମା । ହୃଦରେ ସେ ଥିଲେ ତୋତେ ବହି । ଏବେ ଜଳେ ହୋଇ ଝାସ ମନ୍ତ୍ରିରୁ ନାଗପାଶ ସେ ଜଳେଶ ଉରପରେ ଶୋହି । ଅନୁପମା । ୪୪ । ଉଦ୍‌ବନ୍ଧନ ହୁତାଶନ-ଘନରସ ନିମଜ୍ଜନ ଦୂଷଣ ବିଗ୍ରହ ଅନପଥେ । ଯେବେ ତେଜିବୁ ଜୀବନ ଯେନ ବାଳାବର ମନ ପଡିବୁ ତୁ ପ୍ରେତ-ପତି ହାତେ । ସୁଲକ୍ଷଣା । ଏବେ ନାହିଁକରୁ ତେତେବେଳେ । ଅନ୍ତିମ-ଭାବେ ଅପଣେ ଗମିବୁ ତାଙ୍କ ସଦନେ ସେ ଯେଣବେ ତୋତେ ସୁଖେ ଭେଟିଲେ । ସୁଲକ୍ଷଣା । ୪୫ । ଅବା ଏମନ୍ତ ଭାବଇ ଚତୁର ତୁ ଗୃହମୁହିଁ ମନକଥା ନ କହ ନିର୍ମଳ । ପ୍ରକାରାନ୍ତରେ ସେ ସୁର-ପ୍ରବର-ମାନଙ୍କୁ ବର ବରିବାର କରୁଛୁ ବିଚାର । ସୁପ-ଣ୍ଡିତେ । ଚତୁରମାନଙ୍କ ରୀତି ଏହା । ସାଧାରଣ ଅର୍ଥ ତେଜି ବିପରୀତ ଭାବ ଭଜି ଥାଏ ପ୍ରସବେ ସେ ମୁର୍ଖୁ ଯାହା । ସୁପଣ୍ଡିତେ । ୪୬ । ଅଗୋ ବସୁମତୀ-ପତି-ସୁତା ଏ ତୋ ରସବତୀ-ଭାରତୀ-ସ୍ରୋତ-ଭ୍ରମିରେ କେତେ । ଅଜ ଭ୍ରମୁଥିବ ମୁହିଁ ବିଳମ୍ବିତ ନ ସହଇ ପରକାଶ କରୁଣା କହୁତେ । ବନଜାକ୍ଷି । ହେଉ ଲଜ୍ଜା ବର୍ଜିତା ଈଷତ । ଅମରବରୁଁ କେ ତୋର ବରଣମାଳାକୁ ବର ବୋଲାଇ ବହିବ କହ ସତ । ବନଜାକ୍ଷି । ୪୭ । ଅଭ୍ରମୁ-ବିଳାସ-କୁମ୍ଭ-ଛଳେ ପୀନସ୍ତନ-କୁମ୍ଭ ବହଇ ଯେ ପ୍ରାଚୀ ଦିଗଙ୍ଗନା । ତା'ର ଅଧୀଶ୍ୱର ତୋର ବରଣହାରକୁ ଉର-ଦେଶରେ ବହିବେ କି ନବୀନା । ମତେ ମୋର । ଶଚି-ସହସ୍ରନେତ୍ର-ସହସ୍ର—। ପରେ ହୋଇ

ବିଭୂଷିତ ତୋ ତନୁ-ଲକ୍ଷ୍ମୀ ଯୋଷିତ-ବର ବିଶ୍ୱକୁଆର୍ଢି ଅଜସ୍ର । ମତେମୋର । ୪୮ ।
ଅନୁଗ୍ରହ ପରକାଶ ସେ ପୁରନ୍ଧ୍ରୀ ଅଧୀଶ-ନନ୍ଦନ-ଅଙ୍କଶାୟୀ ହୁଅ । ତୋ ଅପଘନ-
ସଙ୍ଗମ-ସଞ୍ଜାତ ବିପୁଳ ପ୍ରେମ ପୁଲକାଭି ଦେଉ ତାଙ୍କ ଦେହ । ବିଚକ୍ଷଣା । ହେଉ
କଣ୍ଟକିତ ରୋମାବଳି । ପୁଲୋମ-ସନ୍ତତି-ନେତ୍ର-ଚିତ୍ରପଥ ପ୍ରତିହତ ହେଉ ସେ
କଣ୍ଟକଅଗ୍ର ଗଳି । ବିଚକ୍ଷଣା । ୪୯ । ଜାଣିଲି ନିଶ୍ଚୟ ସୀତ-ହୋଏ ଦେଉଅଛୁ ମତି
ଯେଣୁ ତୋ କ୍ଷତ୍ରିୟ-କୁଳେ ଜାତ । ସେତ ଅତି ତେଜୋବନ୍ତ ତାଙ୍କବିନା କି ତୋ
ଚିତ୍ତ ଅପରେ ହୁଅନ୍ତା ଆଶକ୍ତ । ମହାସତୀ । ତନୁତାପଟଙ୍କା ତୁ ନକର । ଦେଖିଛି
ବହ୍ନିତ ସତୀ ଗାତ୍ରକୁ ତାଙ୍କ ତପତ ହୁଏ ଅତି ଶଶିରୁଁ ଶୀତଳ । ମହାସତୀ । ୫୦ ।
ତୁ ତ ଧର୍ମ-ପରାୟଣା ତେଣୁ ଯାଉଅଛି ଜଣା ଧର୍ମ ରାଜେ ଥିଲପ୍ରାୟ ମତି ।
ମୋ ମତରେ ମଧ ଏହା ପାଉଅଛି ରେ ସୁଦେହା ଲଭୁ ମଣି କାଞ୍ଚନ-ସଙ୍ଗତି । ନର-
ବଧୂ । ମୃତ୍ୟୁ-ଭୀତି ତେଜ ଅବିଚ୍ଛେଦେ । ଅଗସ୍ତ୍ୟ-ସ୍ଥାପିତ ବିଟପେ ତାଙ୍କ ତୁଲେ
କାମବେଗେ ଲତାବତ କାଟ କାଳ ମୁଦେ । ନରବଧୂ । ୫୧ । ଶିରୀଷ-କୋମଳଅଙ୍ଗୀ
ବରୁଣେ ଅଛୁ କି ମଙ୍ଗି କୋମଳତମ ସ୍ୱଭାବେ ସେତ । ଯୋଗ୍ୟେ ଯୋଗ୍ୟ ଲାଭ
ହେବ ଭାବ ସିନା ନିଶା ସର୍ବ ବିରଜ ବିରଳ କଳାନାଥ । କୃଶୋଦରୀ । ଶିରୀପତି
ଯା ଶୋକରେ ଦବ । ତେଜ ତହିଁ ବିହରନ୍ତ ସେ କ୍ଷୀରସାଗରେ ପଦ୍ମ ତୁଲେ
ମାତି ସୁଖେ ରତି ଭାବ । କୃଶୋଦରୀ" । ୫୨ । ଏମନ୍ତ ସ୍ଫୁଟବଚନ ଦୂତ-
ବଦନୁ ଶ୍ରବଣ କରି ନୃପସୁତା ସୁକୁମାରୀ । ସେ ଗିରେ ଶରଧାବଣେ ଶୁଣୁଥିଲା ମନ-
ତୋଷେ କରିଙ୍କେ କର୍ଣ୍ଣିକପୋଳ ଭରି । ସାଧୁଜନେ । ସୁଖେ ତା'ର ଅଭି-
ଳାଷ-କଥା । ପଢ଼ନ୍ତେ ପ୍ରସଙ୍ଗ-ବଶେ ତହିଁ ନୋହୁ ଶ୍ରଦ୍ଧାଲେଶେ ଶୁଣି ନ
ଶୁଣିଲା ଲଭି ବ୍ୟଥା । ସାଧୁଜନେ । ୫୩ । ଦୂତର ଏମନ୍ତ ବାଣୀ ଶୁଣିବାରେ ବଣା-
ଏଣୀ-କ୍ଷଣୀ ବିଚକ୍ଷଣା ନୃପବାଳା । କିଛି ନକହି ମଉନ ହୋଇ ରହି ବହୁକ୍ଷଣ
ସୁଦୀର୍ଘ ନିଶ୍ୱାସ ପକାଇଲା । ସାଧୁଜନେ । ତହୁଁ ଦୂତବଦନେ ଅନାଇଁ । କ୍ଷଣକପରେ
ବଦନ-ସଦନୁ ମମତା-ଶୂନ୍ୟ ବଚନ-ବୃନ୍ଦକୁ ବିରଜଇ । ସାଧୁଜନେ । ୫୪ ।
ଭାଷେ ଭେଜମା "ଦୂତବର ବିଗୀତ-ଦୁର୍ବଚ-ଘୋର-ସୂଚୀଚୟେ ଏ ମୋ କଳଙ୍କିତ ।
ଶ୍ରୁତିପୁଟେ ଯା ଭେଦିଲ ପଳାଇବାକୁ ଚଞ୍ଚଳ ଜୀବଜ୍ଜ ମୋ ସାହା ହେଲ ସତ ।
ଅନାଥିନୀ । ଅବଳା ମୁଁ ଉପାୟ-ରହିତ । ମୋ ଜୀବଅନ୍ତ ନିମିତ୍ତ ଅନ୍ତକ-ଦେବ
ପ୍ରେରିତ-ଦୂତହୁ ହୋଇବ ତୁମ୍ଭ ସାର୍ଥ । ଦୂତବର । ୫୫ । ତୁମ୍ଭମୁଁ ମୋ ଅଳକ-
ଅପଘଣ-କାଳ ଠିକ ଝର ଲେଖି ହୋଇଲା ଅକ୍ଷର । ସେ ଅକ୍ଷର-ବିନିର୍ମିତ ନିର୍ମମ
ଭ୍ରମରୀବ୍ରାତ କୋଟି-କଟୁ-କୀଟ-ସମତୁଲ । ପରବେଶି । କର୍ଣ୍ଣକୋଟର-ପ୍ରଦେଶକୁ
ମୋର । ଅତି କଠୋର ଦଂଶନ କରୁଛନ୍ତି ଅବିଚ୍ଛିନ୍ନ ଜନନାହିଁ ଯାତନା ପ୍ରଖର ।

ଦୂତବର" । ୫୬ । ନୃପଜା-ଇଙ୍ଗିତ ଜ୍ଞାତ ହୋଇ କେ ଅଳି ଏମନ୍ତ ଦୂତ-ମୁଖ
ଅନାଇଁ ଭାଷଇ । "ଅନନ୍ୟଗା-ଆରାଧନ-ନିମିତ୍ତ ବ୍ରତ ମଣ୍ଡନ ଏବେ ଅଦରନ୍ତେ
ପ୍ରାଣସଙ୍ଗ । ଦୂତବର । ଅପର ରସନା ମୁଁ ତା' ଏବେ । ମୋ ମୁଖରୁ ତା
ବଚନ ଶ୍ରବଣ-କାରଣେ କର୍ଣ୍ଣ-ପଥ ଅବତରଣ କର ଲବେ । ଦୂତବର । ୫୭ ।
ହେବ କାଲି ସ୍ୱୟମ୍ବର ମୋ ବରଣଦ୍ୱାରେ ନରବର ନଳ ହେବେ
ପ୍ରପୂଜିତ । ହେବା ଅଗରୁ ସେ ସ୍ୱୟମ୍ବର ମୋ ଦଶଣରସ୍ତ ସଙ୍ଗେ ପଳାଇବା ପାଇଁ
ଛଳ । କରୁଥିବା । ଏ ବାହାର ଏକା ଅନ୍ତରାୟ । ନୋହିଲେ କପାଁ ଏମନ୍ତ ଦେବ-
ଦୂତାଙ୍କ ଆଗତ ହୋଇ ଉପ୍ରଜାନ୍ତେ ବିଘ୍ନ କହ । ଦୂତବର । ୫୮ । ଏଣୁ ମୋରେ
ଅନୁଗ୍ରହ ପ୍ରକାଶି ଅଳକ ରହ ଏ ମୋ ପୁରେ ଅହେ ଦୂତବର । ତୁମ୍ଭ ମୁଖକୁ
ଅନାଇଁ ଅନାଇଁ ଦେବ କଟାଇ ଯେତେକ କେତେ ଏ ପାର୍ଦ୍ଧବାସର । କହୁଅଛି ।
କାରଣ ଏମନ୍ତ କରିବାର । ହିଁସେକ ଚନ୍ଦ୍ର ନଖରେ ମୂର୍ତ୍ତିଏ ତୁମ୍ଭ ସମେ କହୁଛି ଏ
ଜୀବଧନ ତୋର । ଦୂତବର । ୫୯ । ଏ ତୁମ୍ଭ ନୟନ ଦୁଇ ବୃଥା ଜନ୍ମ ଛନ୍ତି
ପାଇ ପାଶେ ରହି ଯା ତୁମ୍ଭ ବଦନ-ା-ଶୋଭାରୁ ଲବେ ଦର୍ଶନ କରି ନ ପାରନ୍ତି
ପୁଣ କାଲି କଲେ ବିଜେ ନଳରାଣ । ଦୂତବର । ତାଙ୍କ ମୁଖେ ତୁମ୍ଭର ବଦନ-ା
ଶୋଭାକୁ ଦେଖି ଯେ ଦୁଇ ଜନମ ସାର୍ଥକ ହୋଇଗଲା ବୋଲି ପାଞ୍ଚୁଥିବେ ମନ ।
ଦୂତବର । ୬୦ । ଅଗ୍ନି ସାକ୍ଷୀକରି ମୋତେ ଗ୍ରହିଲା ବେଳେ ସେ ହସ୍ତେ ରହିତ
ଥିବ ତୁମ୍ଭେ ସେଠାରେ । ଏକେ ମୋର ପୂର୍ବ-ପରିଚୟ ଦ୍ୱୟେ ସମଶିଖ-ଧାରିତାରୁ
ତୁମ୍ଭେ ତାଙ୍କ ତୁଲେ । ଦୂତବର । ଅବିନାଶୀ ମୈତ୍ରୀ ଅରଜିବ । ଅଳକ ଏଥି ନ
ରହି ଏ ସଉଭାଗ୍ୟକୁ କେହି ଜାଣୁ ଜାଣୁ ଅପେ ବରଜିବ । ଦୂତବର । ୬୧ ।
ନର କର କୋରକତ ଜଣାଉଁ ଅଛ ହେ ଦୂତ ବାସବାଦ-ଦିଗପାଳଙ୍କର । ଭାରତୀ
ଆଉ ତୁମ୍ଭର ବଦନୁଁ ହୋଇ ବାହାର ନ ବଦାରୁ ମୋ କର୍ଣ୍ଣକୁ ହର । ଅନୁଗ୍ରହ । କର
ମାତ୍ର ଅଳକ ଏମନ୍ତ । ନ କହ କହିଲେ କୋହେ ନେବ ମୋ ପୂରବ ଲୋହେ
ଅବଳାର ବଳ ତେତକ ତ । ଦୂତବର । ୬୨ । ଧରିତ-ଅଧିପତିଙ୍କ ବରିବା କଥା
ତେଣିକି ଥାଉ ଏ ତୁମ୍ଭର ବଦନରେ । ଥିଲେହେଁ ନଳବଦନ-ପ୍ରତିବିମ୍ବ ତହିଁ ମନ
ନ ବଳାଏ ଦର୍ଶନ ମାତ୍ରରେ । ଦୂତବର । ସତୀବ୍ରତ-ବହ୍ନିରେ ଜୀବନ-ା-ହୁଣ କରିବ
ସମିଧ; ସ୍ମର ? ସେ ଶଙ୍କର-କୋପ-ପାବକ-ପାଂଶୁରୁ ନୁହେ ଭିନ୍ନ । ଦୂତବର । ୬୩ ।
ବୈଦିକ-ମତମର୍ଦ୍ଦକ ବୁଦ୍ଧ ମଧ୍ୟ ଯାହା ଶ୍ରେକ ମାନି ଧର୍ମ କହୁ ଦେଇଛନ୍ତି । ସ୍ୱେ
ପାତିବ୍ରତ୍ୟ କୁ ସମ ନୋହିବାରୁ କେହି ଧର୍ମ-ଚିନ୍ତାମଣି ବୋଲି ତା'ର ଖ୍ୟାତି ।
ଦୂତବର । ଇଶରୋଷାନଳଭସ୍ମ-ହୁଦ-ା ପାଇଁ ଯେ ମନ୍ମଥ ଏହି ଧର୍ମରତ୍ନେ ବରଜଇ
ଭସ୍ମ, ସ୍ଥାପେ ସେ ହୃଦଂଶ-ପଦ । ଦୂତବର" । ୬୪ । ପୀୟୂଷରସ-ଓରସ-ସନ୍ତତି-

ସଦ୍ଗୁଣ ଭୂଷ ଯୋଷାବରର ସେ କାଳେ ପୁଣ । ହୋଇଲା ଅଦ୍ଭୁତବତ ଭୁଭୃତଚଉଜ-
ହୂତ-ଅଶନ ଜଳଜ୍ଜା ଅତି ଘନ । ସାଧୁଜନେ । ଅତି ଦାରୁଣପଣୁଁ ନିଜର । ତାଂପର
ଶମନ-ଦୂତ ବୋଲି ନ ବିଗୃହି ଚିତ୍ତ ମଣିଲେ ନିଜକୁ ଦଣ୍ଡଧର । ସାଧୁଜନେ । ୬୫ ।
ମହୀପାଳଦୂଲାଳୀର ବକଳ-କବୃଣ ଗିର କାଷ୍ଟିଲା କରତ ପରି ଉର । ସେ ବ୍ୟଥାକୁ
ଯଥା-ତଥ ସମ୍ଭାଳ ଅବନୀନାଥ ଦୂତପଥୁଁ ନୋହିଲେ ଅନ୍ତର । ସାଧୁଜନେ । ଦୁଃଖେ
ସାର୍ଦ୍ଧେ ଶ୍ୱସି ଗୋପନରେ । ଗୁରୁଗଉରବ-ସାରଦେବା-ବଚନ ଗୃରୁସ-ପୁତ ଭାରତୀ
ଭାଷିଲେ ଧୀରେ । ସାଧୁଜନେ । ୬୭ । "ଜାଣୁ ତ ଅଳପଭାଷି କଳପନା କଲେ ବସି
କଳପପାଦପମୂଳେ କେହି । ତା ବାଞ୍ଛା ହୁଏ ପୂରଣ ସେ ପାଦପ ତ ପ୍ରାଙ୍ଗଣ-ମଧ୍ୟେ
ବାସବର ଅଛି ରହି । ରାଜସୁତା । ସେ ଯେତେ ମୂଳରେ ବସି ତାଂର । ମନାସିବେ
ତୋ ପ୍ରାପତି ତୁ ତାଙ୍କ କୋଳ-ସମ୍ପତ୍ତି ନୋହି ବା ରହିବୁ କି ପ୍ରକାର । ରାଜସୁତା ॥
ସକଳେ ଅନଳେ ହୋମ କରି ହୋନ୍ତି ପୂର୍ଣ୍ଣକାମ ସେ ହୋମାହୂତିରୁ ନିଜଭାଗ ।
ଆପଣା-ମୂର୍ତ୍ତିରେ ଯେବେ ଦେଇ ସେ ଯାଗକାରିବେ ନ ଲଭିବେ କି ସେ ତୋର ସଙ୍ଗ ।
ସ୍ନୁରୁଣୀଲେ । ବୃଥା ନୁହେତ ବେଦୋକ୍ତ ବିଧି । ଉବୁରିବାକୁ ଏଥିରୁ କହ ତ
ମୋତେ ରମ୍ଭୋରୁ ହୃଦେ ଧମାଇଛୁ କିସ ବୁଦ୍ଧି । ଗୃରୁଣୀଲେ । ୬୮ । ଅବାଚୀ-
ଦିଶ-ନିବାସବଶୁଁ ଅଗସ୍ତ୍ୟ ତାପସ ଶମନର ବଶ କି ନୁହନ୍ତି । ସେ ଯମ ଯେବେ
ରାଜସ୍ୱଚ୍ଛଲେ ବଳେ କରି ବଶ ତାପସଙ୍କୁ ତୋହର ପ୍ରାପତି । ବରିକରି । ମାଗବେ
ଦେଲେତ ସରଗଲା । ତପୋଧନଙ୍କ ବଚନ ମିଥ୍ୟା ନୁହେ କଦାଚନ କହ ଏଥି କି
ଉପାୟ ଭଲ । ଭ୍ରୁରୁଶୋଭି । ୬୯ । ଜଳାଧିପତି-ବରୁଣ-ପୁରେ ଯାଗ-ସମ୍ପାଦନ
ପାଇଁ କାମଧେନୁ କୋଟି କୋଟି । ଅଛନ୍ତି କୋଟିକେ କୋଟିକାମନା ଯେ ପୂରନ୍ତି
ଏ କଥାତ ଜାଣୁ ବିମ୍ବଓଷ୍ଠି । ନବବାଳି । ତହିଁରୁ ଗୋଟିକୁ ଯେବେ ତୋର । ପ୍ରାପତି
ପାଇଁ ବରୁଣ ପୂଜା କରିବେ ପ୍ରାର୍ଥନ ନୋହି ତାଙ୍କ ଧେନୁ ତୁ କାହାର । ନବବାଳି ।୭୦
ସ୍ୱୟମ୍ବରେ ପତି-ପ୍ରତିକୂଳ-ଭାବ ଧନ୍ତି ପତିବ୍ରତା ଶଚୀ ଯେବେ ନ ଆସିବେ । ଯେ
ନ ଆସୁଁ ଅମଙ୍ଗଳ ଯାକ ହୋଇବ ପ୍ରବଳ କେ ଅବା ବାରିବ ତାହା ତେବେ । ବିଧୁ-
ମୁଖି । ଆମନ୍ତ୍ରିତ-ଭୂପତି-ସମାଜ । ହଂସା ହୃଦୟରେ ପୋଷି ପରିସ୍ପରେ ରୋଷାରୋଷ
ହୋଇ ହେବେ କଳହକୁ ସଜ । ବିଧୁମୁଖି ।୭୧। ପ୍ରଖର ବୈରେ ପଦ୍ମ ଗର୍ବ କରିବେ
ପ୍ରକାଶ ହତାହତ ବାରି ନ ପାରିବେ । ମୁଖେ ଯାହା କହୁଥିବେ ତା ବାହେ ପାରୁ ନ
ଥିବେ ଛନ୍ଦୁ ଦଣ୍ଡ ଉପାଡ଼ି ଯୁଝିବେ । ହଂସନେଇ । ଅଛି କି ବଳ ତୋହର ମତି ।
ଦେଖିବାକୁ ନରପତିମାନଙ୍କ ମର୍ଯ୍ୟାଦା-ଧାଡ଼ି ଏ ନୃଶଂସ ଲଘୁଶିତ ଅତି । ହଂସନେଇ ॥
ପୁରବୋଧ-ମୁଖ-ପ୍ରବୃତ୍ତି-ଶ୍ରମକୁ ଇତର ଚନ୍ଦ୍ର ସାତହୋଇ ସେ ସମସ୍ତେ ଯେବେ ।
ନ ଭଳ ଜଳିବେ କୋପେ ବିବାହ ବିଧି କାରୁପେ ହେବ ଅନଳ-ସାକ୍ଷୀ ଅଭାବେ ।

ବନଜାକ୍ଷି । ବର ବା କନ୍ୟା କୁଟୁମ୍ବ କା'ରେ । ଯେବେ ହରିବେ କୃତାନ୍ତ ତେବେ ଏ ସମ୍ବନ୍ଧେ ମନ୍ତ୍ର ସ୍ୱୟମ୍ବର ହେବ ଶୂନ୍ୟ ଫଳେ । ବନଜାକ୍ଷି ।୭୩। ବରୁଣ ତ ଜଳେଶ୍ୱରୁ ନଳେ କୋପେ ଯେବେ ଜଳ ନବର୍ଷିବେ ତେବେ ତୋ ଜନକ । ତୋ ଲାଭ ପାଇଁ ପାତିତ ନଳର କରେ କେମନ୍ତ ତୋତେ ଦେବେ ବର୍ଷର ତୁଟିକି । ଠଣଶୋଭି । ହତ ଶୁଣ ମୋହ ତେଜ ତୁହି । ବିଘ୍ନକାରୀ ହେଲେ ସୁର କରସ୍ଥ ପଦାର୍ଥେ କା'ର ଥାଇ ନିଜ ଲାଭ ଆଶା ହେଜ । ଠଣଶୋଭି" ।୭୪। ଅମର-ବର-ଦୂତର ଶ୍ରବଣ କରି ଏ ଗିର ଯୁକ୍ତ୍ୟଯୁକ୍ତ ବିସ୍ତୃତ ଚତ୍ୱରେ । ବାଳାବରର ନିଗ୍ରହ-ଦରିଦ୍ର ନୀର-ପ୍ରବାହ ନୟନୁଁ ବହିଲା ଝରଝରେ । ସାଧୁଜନେ । ଅଦନରେ ଦୁର୍ଦ୍ଦିନ ହୋଇଲା । ସେ ଦୁର୍ଦ୍ଦିନର ଉନତା ପୂର୍ଣ୍ଣି କରଣେ ବନିତା-ନେତ୍ର ଭାଦ୍ର ଶ୍ରାବଣ ହୋଇଲା । ସାଧୁଜନେ ।୭୫। ବିକଶିତ-ନୀଳୋତ୍ପଳ-ଯୁଗଳ କୋଳୁଁ ଉସଲ-ଯୁଗଳ କୋମଳ-କଳିକାରେ । ଚଳିଲା ପ୍ରାୟେ ଚାଳର ନେତ୍ରୁଁ କାଳମିଶା ନୀର-ବିନ୍ଦୁ ବେନି ନୀରବେ ସଧୀରେ । ଝରପଡ଼ । ଉରେ ଲାଗି ଏମନ୍ତ ଦିଶଇ । ନୃପସୁତା-ଉରସ୍ଥଳ-ଶୋଭି ସୁନୀଳ ତରଳ ସେ କି ଇନ୍ଦ୍ର ନୀଳମଣି ଦୁଇ । ଝରପଡ଼ ।୭୬। ଅତିବେଗେ ନୀରଧାର ଯୁଗ ଝରୁ ନେତ୍ର ନୀଳ-ଉତ୍ପଳର ହୋଇଲା ସେ ନାଳ । ପୁଷ୍ପଶିଳୀମୁଖାଶୁଗପାତୁଁ ସେ ବାଳାର ବେଗ କାରୁଣ୍ୟ-ସରସୀ ସମତୁଲ । ଅନ୍ତେ ମସ୍ତି । ଭ୍ରମ ଶୋକ ବିରକ୍ତି ଉଦ୍‌ବେଗ । ମତି-ଧୃତି-ଭ୍ରଂଶ-ବଶେ ପତି-ପ୍ରାପ୍ତିରେ ମାନସେ ନିରାଶ ହୋଇ ବିଳପେ ବେଗ । ସାଧୁ-ଜନେ ।୭୭। ବୋଲେ ବାଳା, "ରେ ମଦନ ପ୍ରଧାନ ପଞ୍ଚସୁମନ-ଶରାନଳେ ଜାଳ ମୋର ଦେହ । ଯେ ଭସ୍ମ-ନିକର ତୋର ଯଶ ଯୋଷିତ-ହତ୍ୟାର ହୋଇ ବ୍ୟାପୁ ଦିଗଦିଗ-ନ୍ତର । ମନସିଜ । ରେ ବିଧି, ତୁ ପରେଚ୍ଛା ବିନାଶି । ଦେଇ ମୋ ନିଷ୍ଫଳ ଜୀବ; ପାପୁଁ ତୋ ପତନ ହେବ ତୋତେ କିସ ଲାଭ କହି ବେଗ । ହତବିଧି ।୭୮। ରେ ହୃଦ ଯେବେ ତୁ ଲୌହମୟ ତେବେ ଏ ବିରହ-ବହ୍ନି-ତାପେ ନ ତରଳୁ କେହି । କୁସୁମ-ଶର-ସାୟକ ଭେଦୁଛି ତୋତେ ପ୍ରତ୍ୟକ୍ଷ ଏଣୁତ କୁଳିଶ ନୋହୁ ତୁହି । ତେବେ କିପାଁ । ବିଦାରି ନ ହୋଇ ରହୁ କହ । ଏ ତୋ ବିପରୀତ ଚରିତ-ଧାରଣେ ମୋତେ ଅତି ନିରବଧି ଲାଗୁଛି ସନ୍ଦେହ । ଦଗ୍‌ଧ ହୃଦ ।୭୯। ବିଳମ୍ବ କିପାଁ କରୁଛୁ ରେ ଜୀବ କି ନ ଦେଖୁଛୁ ତୋ ସଦନ ହୃଦ ଯାଏ ଜଳି । ପଳାଅ ପଳାଅ ବେଗ ଏଥି ଥିଲେ ଶୁଭଯୋଗ ନାହିଁ ନିଶ୍ଚେ ଯିବୁ ହୋଇ ଧୂଳି । ମିଛେ କିପାଁ । ସୁଖ ଆଶା ପୋଷି ଅଛୁ ବସି । ଏ ତୋର ଅଳସଚରିତ ଦେଖି ମୁଁ ଆଶ୍ଚର୍ଯ୍ୟ ଅତି ଏ ଗୁଣ ତ ନ ଥିଲୁ ପ୍ରକାଶି । ହତଜୀବ ।୮୦। ପ୍ରତ୍ୟକ୍ଷ-ପ୍ରମାଣ ବ୍ୟତିରେକେ ତ ତୁମ୍ଭର ବୃତ୍ତି ନୁହେ ଏହି କାରଣୁ ହେ ନେତ୍ରେ । ବୋଲୁଅ ତୁମ୍ଭେ ପ୍ରଶସ୍ତ ଏ ପାପିଷ୍ଠ ମନୋରଥ ବଢାଇଲା ତୁମ୍ଭଙ୍କୁ କେମନ୍ତେ । ଅଜଠାରୁ ପ୍ରିୟ-ଶ୍ରୀ-ଦର୍ଶନ-ଘାତି ପାପେ । ହେଲ ତୁମ୍ଭେ କଳଙ୍କିତ ବର୍ତ୍ତିଶତ

ପରଯନ୍ତ ହେଉଥାଅ ଯୋଇ ନିଜ ଅପେ । ଅଜଠାରୁ । ୮୧ । ରେ ଚନ୍ଦ୍ର ଏକ ଅଦ୍ଭୁତ ବାଞ୍ଛୁଛୁ ମୃତ୍ୟୁ ନିଯୃତ ତଥାପି ସେ ତୋପାଶେ ନ ଅସେ । ଅଭିଳଷ ତୁ ଯାହାକୁ ସେ ଏମନ୍ତେ ମୋ ଭାଗ୍ୟକୁ ହୋଏ ନାଶ ନୋହେ ଲାଭ ଲେଶେ । ଏଣୁ କହେଁ । ଚିତ୍ତବିଚ୍ଛେଦ ତୁ ବାଞ୍ଛାକର । ତେମନ୍ତ ତୁ ଅବା କଲେ ତା ନୋହି ହୋଇବ ଭଲେ ପ୍ରିୟଗୁରୁଲେ ମିଳନ ମୋହର । ଏଣୁକହେ । ୮୨ । ମୋହର ଅସ୍ତତତ-ମଥା-ମୋଡ଼-ରଡ଼ପଡ଼-କଡ଼ରେ ମୁଁ ନ ମାଗେ କଞ୍ଜତ । ତଥାପି ମୃଦୁତା-ବଶେ ଦକ୍ଷିଣ-ମରୁତପାଶେ ଅଛି ମୋର ଈଷତ ପ୍ରାର୍ଥିତ । ଅହେ ବାତ । ମୋ ମରଣ ଅନ୍ତେ ଭସ୍ମମୋର । ପତି-ଶ୍ୱବା ଦିଗେ ନେବ ଏତେକ କୃପା କରିବ ଥାଏକ ଶଙ୍କୁତା ମୃତ୍ୟୁପର । ଅହେ ବାତ । ୮୩ । ଯୁବତି ଯାଉଛନ୍ତି ବହୁ ଲତାଏ ମାତ୍ର ମୋ ପାଇଁ ହେଉଅଛି ପରବତବତ । ଅଉ ବା ସହିବ କେତେ ମରଣତ ନାହିଁ ମୋତେ ସତେ କି ଅବା ତେଜବେ କାନ୍ତ । ସେ ତ ମୋର । ଅନ୍ତରେ ନିରତ ଅବସ୍ଥିତ । ମନ ପାଶୋର ତାଙ୍କୁତ ନ ପାରିବ ପ୍ରାଣବାତ ପାରବେ କି ମନେକର ତ୍ୟକ୍ତ । ୮୪ । ମୋ ଉଗ୍ରତାପ ଶୀତଳ-କରଣେ ଶିଶିର ତୁଲ ହେ ସୁରେ ତୁମ୍ଭ କରୁଣାର୍ଣ୍ଣବ । କେ କି ଦେଇଅଛି ପିଇ ବନ୍ଧୁଏ ମାତ୍ର ନଥୋଇ ତେଣୁ ତା ବା ମୋ ପକ୍ଷେ ଦୁର୍ଲ୍ଲଭ । ହୋଇଲକି । ଇଚ୍ଛାମୟ ବୋଲଅ ହେ ପର । କଲେ କି କଞ୍ଜତ ଚନ୍ଦ୍ର ମୋ ତନ୍ଦୁଁ ଶତ ଗୁଣିତ ସୁନ୍ଦର ନୁହନ୍ତା କରଧର । ଦେବେ ତୁମ୍ଭ । ୮୫ । ଏ ମୋ ନିରତ ନୟନ-ଧାରପତନ-ଦୁର୍ଦ୍ଦିନ ଅଦନେ ଭିଆଇବାରୁ ବଳେ । ଅସ୍ୱପ୍ନ ନାମକୁ ପୋଛି ଶୟନ ସୁଖ ମୂରୁଛି-ଦାଙ୍କୁ ମନ ନ ବଳଇ ତଳେ । ବୃନ୍ଦାରକେ । ହେଲ କି ଶୟନେ ଅଶକତ । ତେଣୁ ମୋ ଦୁଃଖ ନଶୁଣ ତୁମ୍ଭର ସ୍ତବନମାନ ମୋର ଯାଉଅଛି ହୋଇ ବ୍ୟର୍ଥ । ବୃନ୍ଦାରକେ । ୮୬ । ନିଶି ଦିବସ ନିମିଷେ ମାତ୍ର ନଥିର ମାନସେ ଧ୍ୟାଉଥାଏ ତୁମ୍ଭଙ୍କୁ ନିରତ । ଏମୋ ଯାତନା କି ତବ ନେତ୍ରପ୍ରାନ୍ତ-ପଥେ ଲବ ମାତ୍ର ପତନେ ନୁହେ ଶକତ । ପ୍ରାଣନାଥ । ହୃଦେ ହୃଦେ କେତେ ନ ଲୋଡ଼ଛି । ନ ଦେଖେ ସେ ହିଁସେ କାହିଁ ଯେ ତୁମ୍ଭ ଉଦନ୍ତ କହି-ଥାନ୍ତା ତାଙ୍କୁ ବହିକ ହରଛି । ପ୍ରାଣନାଥ । ୮୭ । ହେ ଦୟାଳୁବର ମୋର ଚନ୍ଦ୍ର ତ ତୁମ୍ଭ ପଦୁର-ତଳେ ଅସ୍ତ ହୋଇଅଛି ରହି । ତୁମ୍ଭେ କି ନ ଜାଣ ଏହା ତଥାପି ବନ୍ଧୁଏ ଦୟା କର୍ମେ କପାଁ ମୋର ନ ପଡ଼ଇ । ଜୀବେଶ୍ୱର । ଏଥି ବା ତୁମ୍ଭର କିସ ଦୋଷ । ଧିକ ଧିକ ସେ ବିଧିକି ଯେ ଅଚର ଅବଧିକ ମୋହେ ମଣ୍ଡାଏ ଜନମାନସ । ପ୍ରାଣେଶ୍ୱର । ୮୮ । ତୁମ୍ଭ ସେବା-ପ୍ରାପ୍ତି-ପାଇଁ ଦମୟନ୍ତୀ ଅଛି ରହି କଥାମାତ୍ରେ ବରଜ ଶଙ୍କର । ଏ କଥାତ କେବେହେଲେ ବାଜିବ ଶ୍ରୁତିରେ ଥରେ ତେତେବେଳେ ନ କରିବ ପର । ପ୍ରାଣନାଥ । ଏବେ ଦୟା ନୋହିଲତ ନାହିଁ । ମୋ ମରଣ ପରେ

ଅରେ ଅନ୍ଧା ମାନଙ୍କ ବୋଇଲେ ନୋହିବ କି କୃତକୃତ୍ୟ ମୁହିଁ । ପ୍ରାଣନାଥ । ୮୯ । ହେ ଯାଚକ-କଳ୍ପବୃକ୍ଷ ମାଗୁଛି ମାତ୍ର ଏତେକ ହୃଦ ମୋ ବିଦାର ହେବାପାଇଁ । ହେଲାଣି ସଜ ସେ ଯେବେ ବିଦୀର୍ଣ୍ଣ ହୋଇବ ତେବେ ଜୀବନ ମୋର ସେ ପଥ ପାଇ । ଜୀବେଶ୍ୱର । ଯିବ ଚଳି ନ ରହିବ କ୍ଷଣେ । ତା ଭୁଲେ ଏ ହୃଦ ମୋର ନ ତେଜିବ ଜୀବେଶ୍ୱର ଏତେମାତ୍ର ଭିକ୍ଷା ଶ୍ରୀଚରଣେ । ଏ ଦାସୀର" । ୯୦ । ଏମନ୍ତ କାକୁ-ବଚନ କରି ପ୍ରିୟାର ଶ୍ରବଣ ସେ ପ୍ରିୟା-ବିରହ-ସମୁଦ୍ଭୂତ । ଯେଉଁ ମଦନ-ବିକାରେ ବିଚାରି ନିଜ ଧୈର୍ଯ୍ୟରେ ବଳେ ରୋଧିଥିଲେ ନରନାଥ । ସାଧୁଜନେ । ଏବେ ସେ ପ୍ରିୟା-ପାରୁଣେ ଅସି । ପରବଶେଁ ନରବର ସେ ମାର-ବିକାର ଘୋର ତାଙ୍କର ବିବେକ ଦେଲା ଧ୍ୱଂସି । ସାଧୁଜନେ । ୯୧ । 'ଦିବ ଅଧିପତିଙ୍କର ଦୂତ ମୁଁ' ଏକଥା ତିଳ ମାତ୍ର ମନେ ସ୍ଥାନ ନ ପାଇଲା । କଳପନା-ବିଜୃମ୍ଭିତ ପ୍ରିୟତମାର ଲଳିତ-ଲୀଳାବଳି ଚିତ୍ତେ ଚମକିଲା । ନରେଶଙ୍କ । ଦେଖି ଶୁଣି ଦଶା ପ୍ରେୟସିର । ସେ ଭ୍ରାନ୍ତିରେ ସତ୍ୟଜ୍ଞାନ ହୋଇ ପ୍ରଳାପ-ବଚନ ବିରଚନ କଲେ ତତପର । ସାଧୁଜନେ ।୯୨। ବୋଲନ୍ତି ବିକଳେ ନଳ ଭୂପାଳ ହୋଇ ବିହ୍ୱଳ "ରେ ମୋହୃଦ-ସର୍ବସ୍ୱ ପ୍ରେୟସି । କିପାଁ କରୁଛୁ ରୋଦନ ନୟନ ବିରଜାବନ ଲାଗି ମ୍ଳାନ କିପାଁ ମୁଖ ଦିଶି । ଜୀବଧନ । କୁଟିଳ ଚଞ୍ଚଳ ନେତ୍ର ତୋର । ତୋ ପୁରତେ ଅବନତ ନଳ ନାମଧାରୀ ଭୃତ୍ୟ ଗାଢ଼େ ନପଡ଼େ ବା ମାତ୍ରତିଳ । ଜୀବଧନ । ୯୩ । ନେତ୍ର-ନୀରବିନ୍ଦୁ-ବ୍ରାତ ହାର ନିପଟେ ନିରତ ବିନ୍ଦୁଚ୍ୟୁତକ ନାମ ଭୂଷଣ- । ଗୁନ୍ଥୁଛି କରୁଛି ଗ୍ରୈଷ ତେଣୁଟିରେ ବିମ୍ବାଧର ମସାରିତା ରଖି ମନେ ଘେନ । ସ୍ମିତ-ଶୋଭି । ଏତ ସାର ଫସାର ସସାର । ହେଉଛି ତୋ ଯୋଗେ ବର-ବର୍ଣ୍ଣିନୀ ରମଣୀ-ବର-ପୁରନ୍ଦର କି କହିବ ଅର । ସ୍ମିତଶୋଭି । ୯୪ । ବିନା ଅପରାଧେ ହୃଦେ ରହିବା ଭୂଷଣ-ବୃନ୍ଦେ ଦେଲୁ ଦଣ୍ଡ କରି ନିର୍ବାସିତ । ନେତ୍ର-ନୀରବିନ୍ଦୁ-ବୃନ୍ଦ-ମାଳାକୁ କେତେ ରେ କନ୍ଦ-ପସନ୍ଦ-ବଚନା ଉରଗତ । କରୁଛୁ ତ । କମଳା-ନିଳୟ-ଦର୍ପଦଳା । କରପଲ୍ଲବ-କୋଳରେ ମୁଖ-ଲୀଳାକମଳରେ ମଳାଇବା ଭଲ କି ଶୋଭିଲା । ନିତମ୍ବିନି । ୯୫ । ଅରେ କରକ-ରଦନା ଏତେ ଦୟା ହେଉ କିନା ନୟନର ଅମଙ୍ଗଳକର । ଏ ତୋ ନେତ୍ର-ନୀରଧାର-ବିଦୂଷିତ ସ୍ତନକହାର ହରୁ ଗୈରବର କରମୋର । ଧୀରେ ଧୀରେ । ଅବା ତୋ ପୟୋଧର-ସରୋରୁହ-ରଜସଙ୍ଗେ ମୋର ଦୋଷ-ସମୂହରେ ନାରାୟଣ ଶିରେ ପୋଛି ନେବ ଅଙ୍ଗଦେଇ । ଧୀରେ ଧୀରେ । ୯୬ । ଏ ତୋ ବିଶଦ-ପୟୋଧର ନଖର-ଶିଶିର-କର-ସେବାକୁ ଯେବେ ବା କରୁ ମନ । ମୋ କଣ୍ଠ-ସ୍ଥିତ-ମଣି-ମୟୂଖ-କଳ ରୋହଣୀ ହୋଇ ତହିଁ ହେଉ ସାବଧାନ । ନିରୁପମା । କାରଣତ କେଶେ ନ ଦିଶଇ । ସେବକ ଜନ ଯେ ତା'ରେ ସ୍ନେହ ବିନା କାରଣରେ

ଶୋଭଇ କି ଚନ୍ଦ୍ରେ ଚନ୍ଦ୍ର ତୁହି । ନିରୁପମା । ୯୭ । ଯେବେ ତୁ ମୋରେ କି ହେତ ମାନକରୁ ପ୍ରାଣମିତ ତେବେ ମୁଁ ବିନତ ଅତି ହୋଇ । କରିବି ତୋର ସମ୍ମାନ ଯେବେ ଇଷତ ବଦନ ରନ୍ଧ୍ରରୁ ଫୋଡ଼ି ତୁ ପ୍ରାଣସହି । ଶିରୀଷାଙ୍ଗୀ । କ୍ଷଣକୋପୀ ତୋ କୋପ ହରଣ । କରିବା କାରଣି ଅଣୁମଧ୍ୟା ତୋ ଚରଣରେଣୁ ସ୍ପର୍ଶିବ ମୋ ଶିର ନମି ଯେନ । ଶିରୀଷାଙ୍ଗି । ୯୮ । ସ୍ୱପ୍ରଭୁ-ପଣ ସ୍ମରି କର ବା ନ କର ମୋର ଅନୁଗ୍ରହ ଏ ତୋ ଦାସଜନେ । ମୋର ପ୍ରଣାମ ସ୍ୱୀକାର-କରନ୍ତେ କି ଶ୍ରମ ତୋର ହେବ ବା ବିଚାର କର ମନେ । ଗୁରୁକେଶି । ପ୍ରାର୍ଥୀ-କଳ୍ପଲତା ତୁ ବା କାହିଁ । ମୋ ପ୍ରାୟ ଯାଚକ-ଜନେ ଦର୍ଶନ-ମାତ୍ର-ପ୍ରଦାନେ କୃପଣତା କାହିଁ ବା ତୋ ସହି । ଗୁରୁକେଶି ।୯୯ ଶିରୀଷ-କୋମଳ-ଅପଙ୍ଗେ ଏ ଦର୍ପକ-ଶରପାତ ତୁ ସହୁଛୁ କେମନ୍ତେ । ଏ କଥା ଚିନ୍ତେ ଚିନ୍ତୋଇ ଚକିତ ମୁଁ ହେଉ ଥାଇ ଏବେ ବୁଝି ଫୁଟଇ ଏମନ୍ତେ । ନତ-ଗାତ୍ରି । ଶୂନ୍ୟ-ତୁପଳ ପରିଏ ତ୍ରାଣ । ସ୍ତନ-ଯୁଗ ଅଗେ ଥାଉ ତହିଁ ବାଜି ଅଛି ଦାଉ ନ ସାଧି ଭାଜଇ ବାଣ-ମୁନ । ନତଗାତ୍ରି । ୧୦୦ । ଏତକ ମାଗୁଣି ଭୂ'ର-ଭୂଷାରେ ଛାମୁରେ ତୋର ସ୍ମିତ-ସଙ୍ଗୀ ହେଉ ଓଷ୍ଠପୁଟ । ଲୀଳାବିଳାସ-ରସିକ ଭ୍ରୂଯୁଗଳରୁ ଏକ ବିଭ୍ରରୁ ଭାବ-ବ୍ୟଞ୍ଜକ ନାଟ । ଜୀବଧନ । ହାବ-ଭାବାଦିକ ଯେନ୍ନ ସଙ୍ଗେ । ଅପାଙ୍ଗ-ପଥ-ପଥିକ ହୋଇ ତୋ ନୟନ ଏକ ଯାଉ ପଡ଼ି ମୋ ଉପରେ ରଙ୍ଗେ । ଜୀବଧନ ।୧୦୧ । ନୟନ-ନୀର-କଟାକ୍ଷପାତ ବରଷା ନିରସ ଯାଉ ହୋଇ ଏତେକେ କିଶୋରି । ସ୍ମିତ-ସୁଧାକର-କର ପରକାଶୁ ନିରନ୍ତର ହେଉ ସାର୍ଥକ ମୋ ନେତ୍ର ହେରି । କୃଶୋଦରି । ଖଞ୍ଜନ ନୟନ-ଯୁଗ ହେଉ । ତାଙ୍କର ନର୍ତ୍ତନ ପାଇଁ ଆନନ ତୋ ମଞ୍ଚଶୋଭ ବିକଚ-କମଳ ହୋଇ ଯାଉ । କୃଶୋଦରି । ୧୦୨ । ମଦକଳମନ୍ଦଗାମି ରେ ମୋର ପରାଣପକ୍ଷି ଅଶାନ୍ତି ମୋ ଏ ଶ୍ରବଣ ଯୁଗ ।-ଗହ୍ୱର ତୋର ଅମୃତ-ନିସ୍ୟନ୍ଦ-ବଚନବ୍ରାତ-ନିପାତେ ପବିତ୍ର ହେଉ ବେଗ । ଗଜଗତି । ପିପାସିତ ଏ ଦୃଗ ଦୁହିଙ୍କି । ତୋ ସ୍ମିତ-ଶୋଭା-ପାୟସ-ରସକୁ ରେ ରମଣୀଶ ଇଷିତେ ପରଷିବୁ ନାହିଁ କି । ଗଜଗତି । ୧୦୩ । ଅଙ୍ଗନ-ଅର୍ଦ୍ଧକୁ ମୋର ଭୂଷ ତୁ ରମଣୀବର; ନା, ନା, ହୁଅ ମୋ ଅଙ୍କ ମଣ୍ଡନ । ହରେ ସମ ବୃଷ୍ଟ ହବେ; ଯାଏ କି କହି ଭ୍ରାନ୍ତିରେ ଏ ମୋ ଦୋଷ ମାନସେ ନ ଘେନ । ଘନକେଶି । ବେହରଣ କରିବାକୁ ତୁହି । ମୋର ଉରସିହାସନ ବିନା ତ ଆନ ନୟନପଥେ ଯୋଗ୍ୟ କିଛି ନ ଦିଶଇ । ଘନକେଶି । ୧୦୪ । ରେ ପଞ୍ଚଶାୟକ-ଶର-ପ୍ରହାର-ଜାତ ବ୍ୟଥାର ପ୍ରାପହାରୀ ଦିବ୍ୟୌଷଧି ଲତା । ମୋର ଚିତ୍ତ ଅନ୍ତର୍ଗତେ ରହିତ ଅଛୁ ନିରତେ ହେବୁ ଯେବେ ଏବେ ଉପସ୍ଥିତା । ବରବେଦ୍ୟା । ହୋଇ ତୋରେ ସମ୍ମୁଖ ତ ମୁହିଁ । ଜଗତଜନ୍ତୁ-ବିଜୟଶୀଳ-ସ୍ମରଶରଜନ୍ତୁ-ପାତେ ଭିଡ଼ ବହିବ ମୋ କାହିଁ । ବରବ-

ସେହା । ୧୦୫ । ମେଣାଇ ଭବଲୁ ଭବ ଗାଢ଼େ ଆଲିଙ୍ଗନ କର ସୂକ୍ଷ୍ମ ପ୍ରବେଶେ
ନଥାଉ ପଥ । ପ୍ରପଞ୍ଚ-ପଞ୍ଚମାର୍ଗଣ ବାଣଗଣ ରଣଭଣ ନ-ଭେଦ୍ୟପାର ହୁଅନ୍ତୁ ବ୍ୟର୍ଥ ।
ଜୀବେଶ୍ୱର । ତୋ କଠିନ-କୁଚର ସେବକା ।-ପଣକୁ ଏ ମୋ କଠୋର ଉରତଟୀ
ସମାବର ବକ୍ଷର ଶତ୍ରୁରେ ଯୋଗ୍ୟ ଏକା । ଜୀବେଶ୍ୱର ॥ ଯେଉଁ ଅଧରପରଶବଶୁ-
ତୋ ବାଣୀ ପୀୟୂଷରସ-ସମ ମଧୁର ଲାଗଇ । ସେ ଅଧରପାନ ପାଇଁ ଆଶା ମୋ
ବର୍ଦ୍ଧିତ ହୋଇ ବହୁତ ଦିବସୁ ଅଛି ରହି । ଅନୁପମା । ତୋ ପୀନ-କଠିନ-କୁଚ-
ଗିରି ।-ଅଧିତ୍ୟକାରେ ମୋହର କରଜକ୍ଷତ-ନକର ଲଭୁ ନବନକ୍ଷତ୍ରଶ୍ରେଣୀ-ଶୀରି ।
ଅନୁପମା । ୧୦୭ । ପ୍ରେମାଙ୍କ-ସୂତ୍ରଧାରଣୀ ରେ ତରୁଣୀବରମଣି ଅଙ୍ଗହାରେ ତୋ
ନାୟକ ଶୋଭେ । ଶିଖାମଣି ଦ୍ୱିଜବର ବିଦୂଷକ ତ ନକର ଏଣୁ ସୂତ୍ରନାଟିକା ଭୁ
ଭାଟେବ । ଭାବବତି । ଗତି କେ ତୋ ବିନା ମୋ ଜଗତି । ଅତୀତ-କଥା ଜୀବିତ-ମିତ
ତୁ ନ ଦେଖ ଶତ୍ରୁ ଇତର ନ ଚିନ୍ତ ମୋତେ ମତି । ଭାବବତି । ୧୦୮ । ଗିରେ
ଅନୁକମ୍ପା କର ତୁମ୍ଭେ କୃପା ବିତର କୃତଶମ୍ଭୁ-ସେବାକୁ ନଦାନା । ଅତେ ନ
କର ଆଦେଶ ଏଦାସ-ମାନସ ତୋଷ ବହୁ ଯଶ ନୁହ ତୁ ବିମନା । ନାଗସ୍ୱାସ । ଏ
ନଳର ତୁ ଜୀବଜୀବନ । ରଜନୀ-କରକରର ରଜନୀ ବିନା ଅପର-ଅଶ୍ରୟ ଥାଇ କି
ଶତେ ଦେଖ । ନାଗସ୍ୱାସ” । ୧୦୯ । ଏତେ କହୁ ଅକସ୍ମାତେ ଚେତା ଉପୁଜନ୍ତେ
ଶତ୍ରୁ ଅସ୍ମାକୁ ମୁନିଏ ତତ୍ତ୍ୱଜ୍ଞାନ ।-ବଶେ ଭାରଲା ସେ ତର୍କିଲେ ସେ ନରସ୍ୱାଏ
ନିଜଗିରେ ଆତ୍ମପ୍ରକାଶନ । ସାଧୁଜନେ । ପରର ପୂର୍ବ ସ୍ୱପ୍ରକୃତ ବାର । ପ୍ରକୃତିସ୍ଥ
ହେବା କାଳୀ ବିଲୋକ ସେ ଦଣ୍ଡଧାରୀ ଭ୍ରଷ୍ଟନୃ ଏତେ ଖେଦୋକ୍ତି କହି । ସାଧୁ
ଜନେ । ୧୧୦ । “ଅହା କି କଲି କି କଲି ନିଜେତ ଚିନ୍ତା ପଢ଼ିଲି ଏ କଥା
ଜାଣିଲେ ପୁରୁହୂତ । କି ବିଗୁରିବେ ସେ ମୋତେ ମୁଁ ଯେବେ ତାଙ୍କ ପୁରତେ
ପ୍ରବେଶି କରିବି ପ୍ରଣିପାତ । ଭକ୍ତିବଶେ । ପ୍ରଥମେ ନଇଁବ ମୋର ଶିର । ପରେ
ଲଜ୍ଜାରେ ତା ତୋଳି ନୋହିବ ଇଙ୍ଗିତାବଳି ବାରିବ ବା କାହୁଁ ତାହାଙ୍କର ।
ଅଧୋମୁଖେ । ୧୧୧ । ବୃଥାରେ ଯା ନାମ ମୋର କଲି ମୁଁ ନିଜେ ପ୍ରଗ୍ରହ
ଯୋଟିଲା କି ପରମାଦ ମୋତେ । ସୁରରାଜର ବିଶ୍ୱାସ ସଙ୍ଗେ କଲି କାର୍ଯ୍ୟ ନାଶ
ଏଥି ତ୍ରାଣ ନାହିଁ ମୋ କଷ୍ଟତେ । ବାତସୁତ ।-ଅତ ଯଶେ ଯେଉଁ ଦୂତପଥ । ଥିଲେ
ସିତୀକୃତ କରି ସେ ପଥ ଏବେ ମୋହର ରିପୁହାସେ ହେଲା ଧବଳିତ । ବାତ-
ସୁତ । ୧୧୨ । ଥିବାରେ ଦୌତ୍ୟ ନିଯୁକ୍ତ ଶତ୍ରୁରେ ହେଲେ ଅହିତ ଚିନ୍ତିତ ମୁଁ
ନାହିଁ ଦେବଙ୍କର । ଲୋକେ କି ବୁଝିବେ ଏହା କହିବେ ଶତ୍ରୁକୁ ଯାହା ଯେମନ୍ତେ
ଆସିବ ତାହାଙ୍କର । ଏ ସଂସାରେ । ଲୋକେ କାକୁ କସ ନ କହନ୍ତି । ଲୋକପାଳକ
ହରଙ୍କି ଜନାର୍ଦ୍ଦନ ବୋଲି ତାକ ଶିବ ଧ୍ୱଂସକାରଙ୍କି ବୋଲନ୍ତି । ଏ ସଂସାରେ ।୧୧୩।

ଲଜ୍ଜାଭୟେ କମ୍ପା ହୃଦ ଯାଉଛି ଫାଟି ? ଏ ଗୁଡ଼ ବୋଲକ ଅମରେ ନ ବାରିବେ ।
ତାହୁତ ଏ ତ୍ରିଭୁବନ-ମଧ୍ୟରେ କଛି ଗୋପନ ହୋଇ ରହି ନ ପାରଇ ଲବେ ।
ତେବେ ହେଲେ । ଏ କଥାତ ବିଷମ ଅଟଇ । ଅପବାଦ ହେଲେ ତା'ର ପ୍ରତିକାର
ନାହିଁ; କା'ର ମୁଖେ କେ ପାରଇ କର ଦେଇ । ତେବେ ହେଲେ । ୧୧୪ । ଜ୍ଞାନ
ଯୋଗେ ସିନା ପରଶ୍ରମ ମୋହର ଅଦର ଥାନ୍ତା ସଫଳତା ଏ କଥାରେ । ସାଧିଲି
ବିଧାତା ବାଦ ନାଶିମୋ ଜ୍ଞାନ ସମ୍ପଦ ହୃଦ ମନ୍ଦି ହେଉଛି ବ୍ୟଥାରେ । ଯେଉଁ ଦ୍ରବ୍ୟ ।-
ବିନାଶେ ବୁଦ୍ଧି ବିଧି ପାଞ୍ଚଇ । ତା ପ୍ରତିକାର-ନିମିତ୍ତ ପଞ୍ଚମୁଖ ସ୍ୱୟଂନେକ ମହେଶ
ହେଲେହେଁ ହାରି ଯାଇ । ଅଳପକେ" ।୧୧୫। ନିଜ-ଉଚିତ-ମହତ-ମୋହଉର୍ମିରେ
ଭୁଲୁତଉପୁଚ ଏମନ୍ତ ପଡ଼୍ଉଣା । ଦେବଦୌତ୍ୟର ବିନାଶ ବିଗ୍ରହ ଶତ୍ରେ ନିବାଣ
ହେଉ ବୁଦ୍ଧି ଗଲ୍ପ ହୋଇ ବଣା । ସାଧୁଜନେ । ଦୁଃଖ ମାରେ ମଣ୍ଡିତ ଭୂପାଳେ ।
ତୋଳିବାପାଇଁ ଚଞ୍ଚଳ ଦୟାଳୁ ହେମ ମରାଳ ଅସିଗଲା ମିଳି ତତକାଳେ ।
ସାଧୁଜନେ ।୧୧୬। ପକ୍ଷପୁଟେ ବାନ୍ଧି ବାତ ଶବଦ ଶୁଣି ଭୂଭୃତ ଉର୍ଦ୍ଧ୍ୱ ଦେଶେ
ଲବେଣୁ ନୟନ । ଶୂନ୍ୟେ ପକ୍ଷୀ ହେଉ ଦୃଶ୍ୟ ଏତ ସେ କନକହଂସ-ବର ବୋଲି
ବୋଇଲେ ବଚନ । ଅଶ୍ଚର୍ଯ୍ୟରେ । ଏକାଳେ ମରାଳ ଅସି ତଳେ । ବୋଲେ "ହେ
ନରେନ୍ଦ୍ର ବାଳାମଣିଙ୍କ ନଜର ହେଲା କଲେ ଜୀବ ବଞ୍ଚିବ ଢ଼ାଳେ । ମହୀପାଳ ।୧୧୭
ଅମରଙ୍କର ଉଦ୍ଦେଶ୍ୟ-ସିଦ୍ଧି ପାଇଁକି ନରେଶ ଶ୍ରମ ବା ନ କରଅଛ କସ । କାର୍ଯ୍ୟନାଶ
ବଶୁଁ ପୁରସ୍କାରେ ଦୋଷୀରେ ଗାର ହେବ ବୋଲି ନ ଭାଳ ମାନସ । ନରବର ।
ସାଧୁଙ୍କ ଚରିତ୍ର ଶୁଦ୍ଧି କି ତାହା । ଅମ୍ଭା ପରି ସାକ୍ଷୀ; ଛଳସାକ୍ଷୀ ପ୍ରାୟ ବ୍ୟବହାର ଏଥି
ଭୂମିର ଅଟେ କ ଠିକ । ନରବର" ।୧୧୮। ଏମନ୍ତ ଶାନ୍ତ-ବଚନ କରି ମରାଳ ରଚନ
ନୈଷଧପତି-ଭୀମ-ସନ୍ତତି ।-ସ୍ପୃରେ ମେଲାଣି ହୋଇ ଗଲା ଗଗନେ ଉଭାଇ ନାଶି ତା'ର
ଅନ୍ତରୀକ୍ଷ ଖ୍ୟାତି । ସାଧୁଜନେ । ଏଥୁ-ଅନନ୍ତରେ ନରପତି । ମନେ ମନେ ଭଗ-
ପତିମାନଙ୍କ ପଦ୍ମରେ ନତି କରି ଯେମାକୁ ଏତେ ଭାଷନ୍ତି । ସାଧୁଜନେ । ୧୧୯ ।
"ଶୁଣ ଗୋ ନୃପତି-ସୁତା ଅମରେ ତ ସିଦ୍ଧ ଲତା-ମାନ ତୋର ସଞ୍ଚରିବ ନାହିଁ ।
ଅଭ୍ ଏ କଠୋର ସ୍ୱତ ଅଦର ଦୌତ୍ୟ-ପଦ୍ଧତି ତୋତେ କେତେ ଦୁଃଖ ଦେବ
ମୁହିଁ । ସ୍ମିତ ଶୋଭ । ଦୌତ୍ୟେ ନାହିଁତ ମୋ ଛଳ ଲେଶ । ଏହା ବିଗ୍ରହି
ଅମରେ କରନ୍ତୁ ବା କୃପା ମୋରେ ଅଥବା ଦ୍ୱେଷନ୍ତୁ ଯେଣି ଦୋଷ । ସ୍ମିତ-
ଶୋଭ । ୧୨୦ । ଉନ୍ମାଦ ଅବସ୍ଥା ଘୋର ହୋଇଛି ମଙ୍ଗଳକର ଏ ଯେବେ ନ
ଥାନ୍ତା ମୋର ହୋଇ । ଏ ଦୁର୍ବିସହ ବିରହ-ବେଦନା ନିଶ୍ଚୟ ଦେହ ଧ୍ୱଂସିଥାନ୍ତା
ଚିତ୍ତକୁ ମୋ ଦହି । ପ୍ରାଣସହି । ଏକ ଦୋଷ ଆନ ଦୋଷେ ନାଶେ । ଯଥା ଅଜ୍ଞା-
ନରେ କୃତ ମହତ-ପାପ ଇଷତ ବୋଲି ବିବେଚିତ ହୁଏ ଦଣେ । ପ୍ରାଣସହି ।୧୨୧।

ତୋ ବିରହ-ସ୍ମରାନଳ କରି କଦର୍ଥନା ଘୋର ଶେଷେ ମୋ କଲା ଏମନ୍ତ ହତ । ଯାହା ସେ ଉନ୍ମତ୍ତ ମୋତେ କରାଇ ମୋ ମୁଖ-ପଥେ ମୋର ପରିଚୟ କଲା ଦତ୍ତ । ତୋ ଛାମୁରେ । ଏଣୁ ଏ ତୋ ସାଧିଲା ମଙ୍ଗଳ । ତା ଦୁଃଖ-ଦାରିଦ୍ର୍ୟ-ପଣେ ନିନ୍ଦା ନ ଯୋଗାଏ କ୍ଷଣେ ଧନ୍ୟଧନ୍ୟ ସେ ବିରହାନଳ । ଏ କାଳକୁ । ୧୬୨ । ଏ ଚତୁର-ହରିତର ଈଶ୍ୱରେ ତୋର କିଙ୍କର ହେବାକୁ ଅଛନ୍ତି ଆଶା କରି । ତୁ ପୁଣି ତାଙ୍କୁ ବରିଜ ବଳାଇ ଅଛୁ ମରିଜ ମୋ ସେବା-ଗ୍ରହଣେ ସୁକୁମାରି । କଷ୍ଟଗତ । କରି କାର୍ଯ୍ୟ ବୁଝି ସୁଝି ଶତ୍ରେ । ଏମନ୍ତ କପାଇଁ କଲି ବୋଲି ହୋଇବାର ଯାଲି ନଥାନ୍ତି ତୋ ପଛକୁ କଷ୍ଟତେ । କଷ୍ଟଗତ । ୧୬୩ । ନାହିଁ ମୋ ଦେବଙ୍କ ଭୟ ନୁହେ ମୁଁ କାମେ ଅଥୟ ଏଣୁ ଏ ବେଳରୁ କାହା ଯୋଗେ । ନୁହେ ତୋ ଛାମୁରେ ଯାହା କହିଲି ରେ କୃଶଦେହା କହିଲି ଏକା ଉଦାସଭାଗେ । ରାଜସୁତା । ଝୁଞ୍ଜିବାପାଇଁ ତୋ ସ୍ନେହରୁଣ । ଲୋଡ଼ା-ତୋ ହିତକୁ ଯେବେ ହେବ ଦେଇପାରେ ତେବେ ହସି ହସି ବରିଜ ପରାଣ । ରାଜସୁତା" । ୧୬୪ । ପିକର ପଞ୍ଚମସ୍ୱର ଶେଷେ ଶିଶିରକାଳର ଧରାଧାମେ ପ୍ରବେଶ ଯେମନ୍ତ । ବସନ୍ତଋତୁର ଶିରୀ— ମାଧୁରିକ ଥାଏ କରି ଉଲ୍ଲାସ ଶେଷରେ ଉପଗତ । ସାଧୁଜନେ । ସେହିମତ ନଇଷଧ-ପତି । ପ୍ରିୟ ସତ୍ୟ ଗିର ଶୁଣି ବିଦର୍ଭରାଜଦୁଲଣୀ-ଚିତ୍ତ ହେଲା ଉଲ୍ଲସିତ ଅତି । ସାଧୁଜନେ । ୧୬୫ । ପୂର୍ବେ ନଳେ ଦେବଦୂତ ଜାଣିଲେ ତହିଁ କି ଚିତ୍ତ ଯାଉଥିବା ସକାଶରୁ କରି । ସତୀତ୍ୱ-ପଣେ ତା ବୋଧି ନିନ୍ଦା ଘୃଣାକୁ ସମ୍ଭାଳି ଥିଲା ତହିଁ ପ୍ରତି କୃଶୋଦରୀ । ସାଧୁଜନେ । ଏବେ ସେ ଦୂତକୁ ନଳ ବୋଲି । ବାରିପାରନ୍ତେ ହରିଣୀ-ନେତ୍ରାର ଚିତ୍ତୁଁ ସେ ବେନି ଗଲେ ତତକାଳେ ଅପସରି । ସାଧୁଜନେ । ୧୬୬ । ତହୁଁ ପତିବ୍ରତା ସତୀ ବଇଦର୍ଭୀ ଦମୟନ୍ତୀ ରତୀଶକୁ ଉଦ୍ଦେଶି ଚିତ୍ତର । ବୋଇଲେ "ରେ ମନୋଭବ ପ୍ରାଣିଙ୍କ ମନ ଉଦ୍ଭବ-ସ୍ଥଳ ତୋ ଏଣୁ ସେ ପିତା ତୋର । ଫୁଲଶର । ମନମଥ ନାମ ସାର୍ଥକର । ମନକୁ ପାପେ ପକାଇ ନାନା ଅପଥ ଦେଖାଇ ସପ୍ତୁ କ୍ଲେଶବଦ ଦେଉ ଦୂର । ଫୁଲଶର" । ୧୬୭ । ସେ ନବ-ବାଳର ଅବୟବ ସୁମନସନିଭ ବୋଲି ବୋଲାହୋଇଥିଲା ପୂର୍ବେ । ଏ ମୋଦ-ଅଶ୍ରୁ ବରଷା-ରସ ପ୍ରସରନ୍ତେ ଯୋଷାବରତନୁ ରୋମାଞ୍ଚନ୍ତେ ଏବେ । ସାଧୁଜନେ । ଦେଖି ମନେ ଏମନ୍ତ ଆସଇ । କେଉଁ କୁସୁମ ବୋଲିତ ବିଶେଷଭାବେ ବର୍ଣ୍ଣିତ ନୋହିଥିଲା ନିଷ୍ଠେ ଜାପ ଏହି । ସାଧୁଜନେ । ୧୬୮ । ସମ୍ବୋଧି ନଳେ ବିଳାପ କଲି ମୁଁ ଯା ଅନଳପ ତାହା ଶୁଣି "ପଡ଼ିଲଣି ଚିଣ୍ଟା । ଲୁଗ୍ରଇବାରେ କି ପ୍ରୟୋଜନ ବୋଲି କରି ଅସୁ ଶେଷେ ପରିଚୟ ଦେଲେ ହିନା" । ବାଳୀଶର । ଏ ଭ୍ରାନ୍ତି ଲବକେ ହେଲା ଦୂର । କରନ୍ତେ ଶ୍ରବଣ କ୍ଷିତିପତିଙ୍କ ଆତ୍ମବିସ୍ମୃତ ଉନ୍ମାଦସ୍ୱୀତ ମୁଖୁଁ ତାଙ୍କର । ସେହି-

କାଳେ । ୧୨୯ । ପୂର୍ବେ ପ୍ରଗଲ୍‌ଭପଣେ ନରପତି-ସନ୍ନିଧାନେ ଲଜ୍ଜାକୁ ବର୍ଜି
କହିଥିବା ।—କଥାକୁ ହେଜ ମଧ୍ୟରେ ଏବେ ଅଳଙ୍ଘି ଲଜ୍ଜାରେ ନିବହିଲା ଗିର
ଠାର୍ କିବା । ସାଧୁଜନେ । ଉଦ୍‌ବେଳିତ-ଲଜ୍ଜା ଜଳଧିରେ । ଅଶା ବିଶ୍ରାମ ନ ପାଇ
ନରେଶ-ଭୁଜକୁ ଧାଇଁ ଗଲା ନିମଜ୍ଜିତ ହୋଇ ଧୀରେ । ସାଧୁଜନେ । ୧୩୦ । ସଖିର
ଶ୍ରୁତିରେ ଭୂନିକର କହିବାକୁ ଗୁଣି ତହିଁ ମୁଖ ଯୋଖିଲେହେଁ ଯେମା । ବର୍ଣ୍ଣେ ନ
ଅସି ରସନା ହୃଦକୁ ହେଲା ଉନ୍ମନା ଯେଣୁ ହୋଇଥିଲା ଲାଜ ଜମା । ସେ ମଧ୍ୟରେ ।
ବାଳିର ଏ ଭଳି ଦେଖି ଅଳୀ । ନଳଙ୍କୁ ଗୁହିଁ ଭାଷଇ ଲାଜେ ଅମ୍ଭ ଜେମାଦେଇ
ମୂକତାକୁ କଳାଣି ସଙ୍ଖାଳି । ମହାରାଜ । ୧୩୧ । ଅପଣେ ଲେଖି ତୁମ୍ଭର-ମୂରତି
ପଟ୍ଟରେ ତା'ର ଅର୍ଦ୍ଧରୂପେ ନେତ୍ରମାର ଢାଳି । ଯାହା ଯାହା ଅଛି କହି ଅମ୍ଭ ଏ
ପରାଣ ସହି କହୁଛି ମୁଁ ସେ ବଚନାବଳି । ମହାରାଜ । ଏଥି ଯଣେ ଦଉକର ଚିତ୍ତ ।
ନୁହଇ ଏ ଅନକଥା ଉପନିଷଦ ସର୍ବଥା ଅଗୃଧ୍ୟ-ମଦନ-ବିରଚିତ । ନରନାଥ ।୧୩୨
ବୋଲଇ ନିଶ୍ଚୟ ହଂସ କରି ନାହିଁଛି ପ୍ରକାଶ ତୁମ୍ଭର-ବିରହେ ମୋ ଜୀବିତ ।
ଯିବାକୁ ସଜ ହେବାର ବୃତ୍ତାନ୍ତ ଅବିଶ୍ଵାସର ପୁରତେ ତୁମ୍ଭର କଦାଚିତ । ନରବର ।
ଶଶିବଂଶ-ଭୂଷଣ ତୁମ୍ଭେ ତ । ମୋ ସ୍ଥିର-ନାରୀ-ଜୀବନ-ବିନାଶ ବିଷୁଁ ବିଜନ୍ୟ-ବ୍ରଜନେ
ବଳିଲା କେହି ଚିତ୍ତ । ନରବର । ୧୩୩ । ମୁଖଶୋଭାକୁ ହରଣ-ଧର ରହିଛି
ହାରିଣୀ ଅଙ୍ଗକାନ୍ତିରେ ତ ଜିତ ସୂର । ସେ ବେଳିଏ ଏବେ କିସ ପାଇଁକି ମୋର
ବିନାଶ ସାଧିବାକୁ ଏତେ ଆଗଭର । ମହାରାଜ । ମୁଁ ତୁମ୍ଭ ବୋଲିକ ତାଙ୍କ ସ୍ନେହ ।
ତା ଯେବେ ଅଛି ମୋ ଜନ୍ମ, ହେବଙ୍କ ବାଞ୍ଛା ନିଷ୍ଠୟ ନୁହଇତ ବିଫଳ ପ୍ରୟାସ । •
ମହାରାଜ । ୧୩୪ । ତୁମ୍ଭ ବଦନ ସମାନ ହେବାକୁ ବିଗୁର ମନ ଭଲା ବୁଦ୍ଧି କରୁଛି
ଶଶାଙ୍କ । ନିଜତେଜେ ମୋତେ ଦହି ମୋ ଭସ୍ମ କୁଢ଼କୁ ନେଇ ବୋଳି ଦିଗ
ଲୁଗ୍ନଇବ ଅଙ୍କ । ମହାରାଜ । ତେବେ କି ସେ ତା ସମାନ ହେବ । ବଧୂବଧ-ବିଜନିତ
ପାତକ ଯୋଗୁଁ ଜଗତ ଅଧିକେ ତା କଳଙ୍କ ଘୋଷିବ । ମହାରାଜ । ୧୩୫ । କରି
ଏତେ ଅନୁଗ୍ରହ ଲୋହମୟ ଶରଚୟ କୁସୁମଶରକୁ ଦିଅ ବାରେ । ସେ ଶର ଲଭି ସେ
ଶୀରପଣ କରି ପରଶୁର ଧାଡ଼କାରେ ହରୁ ମୋ ଜୀବନେ । ମହାରାଜ । ତିବରୂପ
ଧାଳି ଅବିରତ । ମୃତ୍ୟୁପରେ ନଳ ହୋଇ ଲୁଣମତେ ମର୍ଦ୍ଦିଦେଇ କାମେ ଜୟୀ
ହୋଇବ ନିଶ୍ଚିତ । ମହାରାଜ । ୧୩୬ । 'ଶ୍ରୁତି ଅମର-ନିକର-ଗୁଣଗାୟନେ ମୁଖର,
ଏହା କେବା ନ ଜାଣଇଁ ବିଶ୍ଵେ । ତୁମ୍ଭ ଚରଣେ ଅର୍ପଣ କରିଛି ଯେ ମନପ୍ରାଣ ତା'ର
ତହିଁ କିସ ଯାଏ ଅସେ । ନରବର । ସ୍ନାତକମଣ୍ଡଳ ସ୍ନାନକର । ନ ସୁବନ୍ତୁ କି
ତପନେ ତହିଁ ବା କୁମୁଦ-ମନେ ଯାଏ କେତେ ପ୍ରମୋଦ ସଞ୍ଚର । ନରବର ।୧୩୭।
ନିଶ୍ଚୟ ଅଜ ମରିବ ପିଣ୍ଡେ ପ୍ରାଣ ନ ରକ୍ଷିବ ଏହା ନ କଲେହେଁ ଜୀବଧବ । ତୁମ୍ଭ

ଚରଣେ ମୋ ମନ-ଅନୁରାଗ ପରମାଣ କଦାଚନ ଗୋଚର ନୋହିବ । ପ୍ରାଣାଧିକ ।
ଚରଣେ ତୁମ୍ଭ ନ ପାଇ ସ୍ଥାନ । ଶୀଘ୍ର ତେଜୁଛି ଜୀବନ ଏହା ଶୁଣି 'ନାହିଁ ଆନ
ତୁମ୍ଭ ବିନା ମୋ' ଭାବିବ ମନ । ପ୍ରାଣାଧିକ । ୧୩୮ । ଯେ କ୍ଷତ୍ରିବୃତ୍ତ ଆଚରେ
ନୀଚେଚ୍ଛ-ନିର୍ବିଶେଷରେ ପ୍ରପୀଡ଼ିତ ଜୀବେ ସେ ତାରଇ । ତା ଜଙ୍ଘାସୁ ପୁରନ୍ଦର-
କର-ନିକ୍ଷିପ୍ତ ଭଦୁର ହେଲେହେଁ ସେ ତାକୁ ନ ଡରଇ । ମହାରାଜ । କ୍ଷତ୍ରିୟ-
ମଣ୍ଡଳ-ମଥାମଣି । ନ ରକ୍ଷି ପାରିବ ଯେବେ ପୁଷ୍ପଶରୁଁ ମୋତେ ତେବେ ବ୍ରତେ
କି ନୋହିବ ତବ ହାନି । ମହାରାଜ । ୧୩୯ । ମୁଁ ତ ତୁମ୍ଭ ସେବକିନୀ ମୋତେ
ମାର ମାରେ ପୁଣି ଏହା ତୁମ୍ଭେ ସହୁଛ କେମନ୍ତ । ଦେବଗଉରବେ ଅବା ଦର୍ପକେ
ଦଣ୍ଡ-ବହିବା-କଥା ଚତ୍ତେ ନୋହୁଛି ସଙ୍ଗତ । ପ୍ରାଣକାନ୍ତ । ଏତ ଦେବ ନୁହେ,
ଏ ଚଣ୍ଡାଳ । ତା ନୋହିଲେ ଏ କେମନ୍ତ ସ୍ୱ-କାନ୍ତ,କାର-ବସନ୍ତ-ତୁଲେ ନିରନ୍ତର
କାଟେ କାଳ । ମହାରାଜ । ୧୪୦ । କହନ୍ତି ଜ୍ଞାନୀ ପଣ୍ଡିତେ କ୍ଷୁଦ୍ର କ୍ଷୁଦ୍ର ଉପୁଦ୍ରାତେ
ପ୍ରଥମେ ବକ୍ଷମ ବିନାଶିବ । ଅନଳ ସର୍ବସ୍ୱେ ତୃଣ-ନିବହ କରି ଦହନ ଶେଷେ ମହା-
ପାଦପ ଧ୍ୱଂସିବ । ପ୍ରାଣନାଥ । ଏ ନୀତିକି ନ ଚିନ୍ତ ଚିତ୍ତରେ । ଯାର ଶର ଫୁଲ ହର-
ନୟନେ ଯେ ଭସ୍ମସାର ସେ କି ଗଣା ନୁହଇ ନୀଚରେ । ପ୍ରାଣନାଥ । ୧୪୧ ।
ସ୍ୱୟମ୍ବରେ ନିଜେ ମୁଁ ତ ବରବରଣକୁ ଚିତ୍ତ ବଳାଇଛି ଏ କଥା ନିଶ୍ଚୟ । ଏଥି ମୋ-
ପାଇଁକି ଯେବେ ମମତା ପ୍ରକାଶ ଲଭେ ଦ୍ୱେଷିବେ କିପାଇଁ ଦେବଚୟ । ମହାରାଜ ।
ରୋଷିଲେ ହେଲେହେଁ କିଛି ଶର । କହ ନ ପାରିବ ତବ ଯାଗଭାଗରେ ତ ଠାବ ନ
ଥିବ ଜଦରେ ତାଙ୍କ ତଳ । ମହାରାଜ । ୧୪୨ । ଅଥବା ଯେବେ ତାଙ୍କର ଚିତ୍ତ
ଅଛି ସ୍ୱୟମ୍ବର-ସଭାକୁ ଆସନ୍ତୁ ସେ ସକଳେ । କରାଇ ତାଙ୍କୁ ପ୍ରସନ୍ନ ନ ଦେଖାଇବ
ବରଣମାଳ ତୁମ୍ଭ ବିନା ଆନଗଳେ । ମହାରାଜ । ନୁହନ୍ତି ତ ସେ ନଳ ମଦନ । ତେଣୁ
ବିଚାରୁଛି ଚିତ୍ତ ହୃଦୟେ ତାଙ୍କ କିଞ୍ଚିତ ନ ଥିବକି ଦୟା ପାଇଁ ସ୍ଥାନ । ମହାରାଜ । ୧୪୩
ଅହେ ମହାରାଜ ! ଏହିମନ୍ତ ଅମ୍ଭ ପ୍ରାଣ ସହ ଚଞ୍ଚଳକେ ତୁମ୍ଭଙ୍କୁ ଗୃହିଁ । ବେଳେ
ବେଳେ କାମବଶେ କି କି ବଚନ ପ୍ରକାଶେ ବେଳେ ବେଳେ ଯାଏ ତୁନି ହୋଇ ।
ଲାଜଭରେ । ତା ସେ ସବସଙ୍କେରସରତେ । ସ୍ଥଳେ ସ୍ଥଳେ ନଉନଦା-ଦ୍ୱୀପଖଣ୍ଡର
ଗୃରୁତା ଗୈରିକଲ୍ଲବତ ହୁଏ ପ୍ରତେ । ମହାରାଜ । ୧୪୪ । ତୁମ୍ଭରେ ବଦ୍ଧତ ହୋଇ
ବୃଦ୍ଧାଙ୍ଗୁଷ୍ଠକୁ କଟାଇ ଦୃଶ୍ୟ ସ୍ପୃଶ୍ୟ ନୋହି କିଛି ସ୍ନର । ଚଣ୍ଡାଳଦ୍ୱ ଲଭିଛି କି
ନୋହିଲେ ଅବା କାହିଁକି ବନବାସୀ-ମଧୁ-ସହିତର । ନିକହୋଇ । ଉତରେ ପଶି
ତୁମ୍ଭ ଦାସିର । ବଦାରେ ମରମଦେଶ ଏ ତବ ବିପୁଳ-ଯଶ-ସମୂହେ ଶୋଭନ୍ତୁ ଦିଗ-
ନ୍ତର । ମହାରାଜ" । ୧୪୫ । ଏମନ୍ତେ ଅବନୀପତି-ସନ୍ତତି-ଭାରତୀ-ପ୍ରତିଉତ୍ତର
ପ୍ରଦାନେ ହୋଇ ବଣା । ଏପାରେ ଚଳକୁ ଶିର କଲେ ନଳ ନରବର; ଇନ୍ଦ୍ରାଦିଙ୍କ

ଭୁଲେ ନୋହି ଜଣା । ସ୍ୱୟମ୍ବରେ । ଆସିବାକୁ ବଳେ ସନମତ । ତଦନ୍ତେ ହରିତ-ପତି-ମାନଙ୍କ କଟକ ଗତ ଅନ୍ତକପୂରୁ ଉଚଲେ ଝଟତ । ସାଧୁଜନେ । ୧୪୬ । କାଲି ଲଭିବ ବଲ୍ଲଭ ଭୂପୁଞ୍ଜୁଁ ଚଉଦେ ଏ ଭାବ ମହୀଧର-ସୁତାର ଏ କାଳେ । ହୋଇଲା ମନ ଉଚ୍ଛଳ ପ୍ରେମାଶ୍ରୁଧାର ବଦନ ବହି ଶୋହିଲା ଚନ୍ଦ୍ରମଣ୍ଡଳେ । ବାଳୀଶର । ସ୍ୱେମା-ଛିତ ଉଛାବର ମୁଖେ । ପ୍ରେମାଶ୍ରୁ-ଧାର ବେତସଫଣୀ-ସରତ-ସଦୃଶ ପ୍ରକାଶିଲା ଶୋଭି ଅତରେକେ । ବାଳୀଶର । ୧୪୭ । ପୂର୍ବେ ଫୁଲଶର-ହାସ ନିରତ ଲଭି ବାଳୀଶ ଚତୁର-ପ୍ରହର-ବଟୀ ନିଶା । ମଧ୍ୟେ ନିମିଷକେ ପାଇଁ ସ୍ୱପ୍ନସୁଖ ନ ଲଭଇ ପ୍ରାତେ ନେହ ନୋହିଥାଏ କଷା । ସାଧୁଜନେ । ଜେମା ଦୁଃଖେ ବହି କ କୃପାରେ । ସେ ଦିନୁ ରଜନୀଚମୂ-ଅସୁ କରଦେଇ ଷୟୁ ଦେଲେ ରଣ ଯାମହିତସୂରେ । ସାଧୁଜନେ ।୧୪୮। ଏଣେ ନଳ ମହୀପତି ଆଦର ତୁରିତ ଗତି ଦିଗପତିଙ୍କ ସ୍ଥମୁରେ ମିଳି । ଯେତେଯେତେ ପରକାରେ ଦୌତ୍ୟ-ସ୍ୱତ କରିଥିଲେ ଯଥାଯଥ କହିଲେ ତା ଭଲି । ସାଧୁଜନେ । ଶୁଣି ଦେବେ ନୋହିଲେ ହରଷ । ତାଙ୍କୁ ତ ପ୍ରତ୍ୟକ୍ଷ ସର୍ବ ନୃପ-କୃତ-ତ୍ରୁଟି ଲବ ନାହିଁ କ ଷମିବେ ତାଙ୍କ ଦୋଷ । ସାଧୁଜନେ । ୧୪୯ । ହୀରମଣ୍ଡଦେବୀ ସୁତ ଶ୍ରୀହର୍ଷ ନାମେ ବିଖ୍ୟାତ ଅର୍ଣ୍ଣିବବର୍ଣ୍ଣିନ ଯା' ରଚିତ । ତା ପଦକୁ ହୃଦେ ଧ୍ୟାୟି ପଦ ଯାଉଅଛି କହି ତା ଭୁଲକୁ ଏ ବାଳ-ଭଣିତି । ସାଧୁଜନେ । ତୁମ୍ଭ ଦୟା ଭରସା ଥିବାରୁ । ଭଷା ବନ୍ଧେ ଗୋପୀନାଥ ବିରଚି ଯାଉଛି ଗୀତ ହୋଇଲେ ହେଉ ବା ନୋହୁ ଗୁରୁ । ସାଧୁଜନେ । ୧୫୦ ।

ଦଶମ ଛାନ୍ଦ ।

ରାଗ ରେଖି ।

ଏଥୁଅନ୍ତେ ଶୁଣ ଧୀରେ, ବଇଦର୍ଭେଶ-ସ୍ୱୟମ୍ବରେ,
ହରିତ-ପତିରୁ ନରବରକୁମାରେ ।
ଅଇଲେ ଅସୋହ ରଥ, ଶାସ୍ତ୍ରଶସ୍ତ୍ରେ ସୁପଣ୍ଡିତ,
ଅଭିଜାତ୍ୟପଟଣ କେବା ତାଙ୍କ ସଙ୍ଗରେ ।
ଧନେ ଧନଦଙ୍କୁ ସମାନ,
ଅପଘନ ଶୋଭିରେ ହାରଇ ମଦନ । ୧ ।

ସେକାଳେ ଦମୟନ୍ତୀର ବିଷୟ ଶୁଣି ରତିର ପତି-ଶରେ କେହୁ ନୋହିଥିଲା ବିଦାର । ଅଗଣିତ-ମହୀପାଳ-ମଣ୍ଡଳ ଚଳୁଁ ସଙ୍କୁଳ ଅତହିଁ ହୋଇଲା, ଗଲା ଅବନୀ ପୂର । ଧରିରଜ କଣିକାମାତ୍ର । ନ ବହି କା' ପାଦ ନୋହିଥିଲା ଅପଥ । ୨ । ଯୋଗ୍ୟେ କନ୍ୟା-ଲଭ

ପାଇଁ ; ଅଯୋଗ୍ୟ ସାରେ ବଳାଇ ଗ୍ରହିବାକୁ ଅଇଲେ ଅଗ୍ରହେ ସେଥିରେ । ହରି-ଦର୍ଶନ-ଲାଳସେ ଅନ୍ୟେ ଅଇଲେ ରଭସେ ସେବକ ତ ଥିଲେ ସମସ୍ତଙ୍କ ସାଥିରେ । ଏମନ୍ତେ ଅସନ୍ତେ ସକଳେ । ବାଳ ଏକାକୀ ରହିଲେ କକୁଭକୁଳେ । ୩ । ସେ ଅବନ-ବନିତାର ଲଲାଟପଟ୍ଟସିନ୍ଦୂର-ଶିରୀ ନୃପତି-କୁମାରୀ ଦମୟନ୍ତୀଙ୍କ । ଦେଖିବାକୁ ସର୍ବଦେଶ-ବାସୀ ମନୁଷ୍ୟେ ମାନସ ବଳାଇ ଅବଲମ୍ବନ୍ତେ ଭ୍ରୁବ-ଗଣ୍ଡକ । ଗଲା ହୋଇ ଧଣଙ୍କ ଶ୍ରେଣୀ । ଜନସଂଘର୍ଷଣବିଶେଷ-ଜାତ ଯନ୍ତ୍ରଣା । ୪ । ସେନାସ୍ତୂପେ ରାଜପଥ ହେଲା ସଙ୍କୁଳ ଏମନ୍ତ ପକାଇଦେଲେ ନ ପଡ଼େ ଭୂତଳେ ତିଳ । ସେ ଗହଳ ଠେଲି ପେଲି ଯିବା-ଥାଉ ତହିଁ ଗଳି ପଳାଇ ପାରିବାକୁ କା ନ ଅଣ୍ଟେ ବଳ । ଯେବେ କେ ଭୂପତି ପୂରତ । ପାରେ ଯାଇ ମଣେ କନ୍ୟା ପ୍ରାପ୍ତିବତ । ୫ । ପୂରତେ କେ ଭୂଭୃତର ଅଛନ୍ତି ନିଯନ୍ତେ ନର ପଛୁଁ ଅଗ୍ରଗାମୀ ନରେ ପକାନ୍ତେ ପେଲି । ଯନ୍ତ୍ରସ୍ଥ-ସିଦ୍ଧାର୍ଥପଦ ଲଭି ସେ ନୃପତି ହୃଦ-ପ୍ରଦେଶେ ପକାଏ ତକା ସରିଲି ବୋଲି । ଲଭିଲେହେଁ ପଦ ତାଦୃଶ । ସିଦ୍ଧାର୍ଥ ହେଲି ବୋଲି ସେ ନ ଭାବେ ଲେଶ । ୬ । ନଟାନ୍ତି ନିଃଶ୍ୱାସବଶେ ଈମପଙ୍କ୍ତିକ ଲେଶେ ବଳ ଚଳିବାକୁ ବଳ ନୋହୁ ନୃପଙ୍କ । ବଳମୂଳକୁ ବିଲୋକନ କରି କୁଣ୍ଡିନପତ୍ତନ-ପ୍ରାସାଦ-ଚୂଳ-ବିଳାସୀ କେତନ-ଯାକ । ପ୍ରାନ୍ତକୁ କମ୍ପାଇ ସାହସ । ଦେଇ କି ତାଙ୍କୁ ଠାରନ୍ତି 'ଆସ ହେ ଆସ' । ୭ । ଧରଣୀ-ଧରଣୀତଳ-ଅଧିପତିଙ୍କ କମ୍ବଳବନ୍ତ ନାଗବଳ ମହୋଲ୍ଲାସେ ଆସନ୍ତି । ଅଗ୍ରେ ତାଙ୍କ ମହାଗର୍ବେ *କର୍କଅଟକ ସମୂହେ ଅଗ୍ରଗାମୀ ବୋଲି ଅପେ ଚଲ୍ଲାଉଛନ୍ତି । ଚରମପ୍ରଦେଶ ତାଙ୍କର । ଅଷ୍ଟତଳ-କରମ୍ଭିତ ଧଣେ ବୁଚିର । ୮ । ଆଗତ ବସୁଧାଧୀଶ-ସେନାସମୂହ-ପରଶବର୍ଣ୍ଣ ସମୁ-ତ୍ଥିତ ଘନଧୂଳିପଟଳ । ବୋଳ ହୋଇ ଧଣ ବାଳୀ ଫୁଲ ବଦନକୁ ମଳମନ୍ତ କରି-ପକାଇ ସେ ହେଲେ ବିକଳ । ସେ ତ ଏବେ ପତି ଦ୍ୟକତ । ତେଣୁ ତାଙ୍କ ଏ ଦଶାତ ନୁହେ ଅଯୁକ୍ତ । ୯ । ଗୃହ-ହରିତର ଗୃହ-ଅଧୀଶ କୁଳଶଧାରୀ ସିଦ୍ଧପତି ସାତହୋଇ ସଲିଳପତି । ଭୂପତିସୁତା-ସୁଗୁଣ-ନିବହେ ଲଭି ବନ୍ଧନ ତା ପାଣି-ଗ୍ରହଣ-ଲୋଭେ ବଳାଇ ମତି । ନ ପାରିଲେ ରହି ନ ଯାଇ । ନ ଗଲେ ମାନକ ବାକ-ହରତପାଇଁ । ୧୦ । ସ୍ୱୟମ୍ବର-ଅନୁଷ୍ଠାନ-ଆରମ୍ଭେ ଶ୍ରୀମରାଜନ-ପୁରୋହିତ ଅନଷ୍ଟ-ବିନାଶ ବସ୍ତୁର । ବିଘ୍ନ ଉଦ୍ଧାରଣ କରିଥିଲେ ତ ତହିଁ କପରି ପାରନ୍ତେ ରାକ୍ଷସେ ଅବା ପ୍ରବେଶ କରି । ନୈରୁତ ରାକ୍ଷସ ସହିତେ । କେମନ୍ତେ ବା ସଭାକୁ ସେ ଜବନ୍ତେ ବତେ ॥ ନୃପଜା-କଟାକ୍ଷଛଟା-ଚପଳ-ଗୃଭ୍ରୁକ-ପେଟ୍ଟା ହରଣଟା ଗଲା ପଡି ହଟହଟାରେ । ଅଭି ବିଦର୍ଭ-ମୁଖରେ ନ କଲା କେବେ ମୁଖରେ ଦୁଃଖେ ବାତ ବୋଲନ୍ତି ମୋ କର୍ମ

* କର୍କଅଟକ—କର୍କ—ଶୁକ୍ଳ ଅଶ୍ୱ, ଅଟକ—ଶୀଘ୍ରଗତିଶୀଳ ।
କର୍କଅଟକ=କର୍କୋଟକ—ସର୍ପ ବିଶେଷ ।

ଫଣୀ ରେ । ଜଗତ୍ପ୍ରାଣ ଯେଉଁ ଯୁଗତେ । ବାହନ ବନା ସେ ତହିଁ କେହି ଅସନ୍ତେ ।୧୨।
ଜାତ-ବଉଗୁଣ ଯା'ର ଯେମନ୍ତ ହେଉ ବଶାଳ ତାକୁ ତଳ-ପ୍ରମାଣେ ନ ଗଣେ ମଦନ ।
ସୌନ୍ଦର୍ଯ୍ୟ ଏକା ସେ ବଣ୍ଠ ତା ଜାଣି ସ୍ୱଚ୍ଛ-କୈଳାସ-ଶୈଳ-ଦରପଣେ ଗୁହିଁ ସ୍ୱ-
ଅପଘନ । ନାମ-ଯୋଗ୍ୟ ଶସର ହେଜ । କୁବେର ସେ ସ୍ୱୟମ୍ବର ଥିଲେ ବରଜ ॥
ପାର୍ବତୀ ଲଭ ତ ମୋର ନାମ ଅଛି ନାଶିଣ୍ଟର ଏ ନାସ୍ୱ ଲଭିଲେ ନଜ ସର୍ବସ୍ୱ ଯିବ ।
ଏହା ଭାବିଲେ କ ଶୁଳୀ ଅବା ଶଇଳ-ଦୁଲାଳୀ ବଳୋକ ପତଙ୍କ ସଭାଗମନ-ଭାବ ।
ବୁଝି ନ ଅଇଲେ ରହିଲେ । ଅର୍ଦ୍ଧାଙ୍ଗେ ହର କେମନ୍ତେ ଆସନ୍ତେ ଭଲେ । ୧୪ ।
ଶେଷ ନ ଆସିଲେ ହେଲେ ଥିଲେ ପେଷି ନାଗକୁଳେ ସେ କଥା ଯଥାସ୍ଥାନେ କ
ନୋହିଛି କୁହା । ଆସିବାଥାନ୍ତେ ସେ କେହି କେ ବା ନ ଜାଣଇଁ ମସ୍ତି ହୋଇଛି
ବୋଲି ମସ୍ତକେ ତାଙ୍କର ବୁହା । ମସ୍ତି-ବହିପାରିବା-ଭଳ । କେ ଅଛି ଯେ ତାକୁ
ଦେଇ ଅସନ୍ତେ ଚଳ । ୧୫ । ଉର୍ଦ୍ଧ୍ୱ-ଦଶେଶ୍ୱର ବହି ରହିଲେ ତହିଁ ନ ଯାଇ
ତାଙ୍କୁ କେଉଁ ଧର୍ମଶାସ୍ତ୍ର ଅଛି ଅଜଣା । ସେ ତ ଲୋକ ପୈତାମହ କରନ୍ତେ କେହି
ବବାହ ତାହାକୁ ଯେ ତାଙ୍କ ନପ୍ତ୍ରୀସମାକେ ଗଣା । ନପ୍ତ୍ରୀପିତାମହ ବବାହ । ଅଛି କ
ଶ୍ରୁତରେ ? ଚଳେ ଲୋକେ କ କହି ? । ୧୬ । ଦୂତ ବଦନୁଁ ଭୂପତ-ତନୟାର ନାହିଁ
ମତ ଅମର-ତତରୁ କା'ରେ ବରକରଣେ । ବାରଲେହେଁ ଏ ବୃତ୍ତାନ୍ତ ପୁରନ୍ଦରାଦ
ନତାନ୍ତ ନରଣ ନୋହି ତହିଁକ ଗଲେ ସୁଜନେ । ନନମାନ୍ଧ୍ୟ ତାଙ୍କ ବଦନ ।-ଜ୍ୟୋତ
ଗତ-ପଦ୍ଧତରେ ଲଭିଲ ସ୍ଥାନ । ୧୭ । କଲେ ବଗୃର ସୁପର୍ବ ଙ୍କେମା ଜମା ନ ବରବ
ଦେବେ ବା ବରବ ଭ୍ରମେ ବଗୃର ନଳ । କରବା ତେବେ ଉପାସ୍ୱ ହେବା ସର୍ବେ
ନଳ ପ୍ରାପ୍ତ୍ୟ ଏମନ୍ତେ ବା ହେବ ଅମ୍ଭ ଅଶା ସଫଳ । ଏହମତ ଆଶା-ଶେଷକୁ । ପୋଷି
ଦେବେ ବହି ଛଳ-ନଳବେଶକୁ ।୧୮। ଛଦ୍ମବେଶ ହେବାକାଳେ ବୃନ୍ଦାରକେ ପରସ୍ପରେ
କୁହା-କୁହି ତୁହାଁରହିଁ ହେଉଥାନ୍ତି ସେ । ହେଲକ ନୋହିଲା ବୋଲି, ତଥାପି ସେ
ନଳଭଳ ହେଲ ରୂପ ବେ.ଲି କା'ମନକୁ ନ ଆସେ । ଏତ ସତ ଏ ଫସାରର ।
ନୁହଇ କୃତିମ ସମ ସ୍ୱାଭାବକର । ୧୯ । ବଗୃର ବଗୃର ପୂର୍ଣ୍ଣଚନ୍ଦ୍ରକୁ ବଦନ ଚୂର୍ଣ୍ଣ
କଲେ ପୁଣି କଚନ୍ତ୍ର ବକଚକେମଳେ । ମୁଖ କଲେ; ଦରପଣେ ଗୁହିଁ ସେ ଶୋଭାରୁ ପଣେ
ପୂରଣ ନୋହିଲ ଭଳ ହୃଦସ୍ଥଳେ । ବରକ୍ତିରେ ଅରକ୍ତ ହୋଇ । ଫିଙ୍ଗିଲେ
ସୃନ୍ୟେ ଶଶାଙ୍କେ ପଙ୍କଜେ ମସି । ୨୦ । ନଳବଦନ-ସୁଷମ-ଲାଭପାଇଁକ ବଷମ
ଯତ୍ନ କଲେହେଁ ନୁହନ୍ତେ ସେ ଠାଣି ଲେଶ । ବକଶାଇ, ବହିର୍ମୁଖେ ସୁଖ ନ ଲଭଲେ
ଚରଖେ ହେଲ ଅନଳାନନତ୍ୱ ଏକା ପ୍ରକାଶ । ପୁନରୁକ୍ତି ଦୋଷ ତାଙ୍କର । ନୋହିଲ
ତହିଁ ପାର୍ଥକ୍ୟ-ବର୍ଣ୍ଣ ଅର୍ଥର । ୨୧ । ଶ୍ରେଷ୍ଠେ କର ବହିଛମ ହେଲେ ଭୂପତପ୍ରତମ
ହରନେତ୍ର-ହୁତାଶରେ ଦଗ୍ଧ ମାରର । ଅବା ଫିହିକାସୁତାର କଠୋରଦଂଷ୍ଟ୍ରେ ଶଶିର

ଶଶୀରୁ ନିଷ୍ୟନ୍ଦ-ଶୁଭ୍ରପୀୟୂଷଧାର । କିବା ପ୍ରିୟମ୍ବଦରହକ୍ଲିଷ୍ଟ ।—ପୁରୁରବାସାରେ
କଲେ ଅଙ୍ଗ-ଶ୍ରୀ ସୃଷ୍ଟ । ୨୨ । ନୃପ-ସାଧାରଣଠାରୁ ନଳ-ପ୍ରଭେଦ ରମ୍ୟେରୁ ବାରୁଁ
ବୋଲି କି ବିଧାତା ପାଇଲା ମନେ । ଏଣୁ ଏଥି ଏତେ ମହୀପତି କଲା ଏକଠାଇଁ
ତହିଁରେ ଚିତ୍ରପତ ନୋହି ପୁଣି ସୁମନେ । ତାଙ୍କ ସୁଷମାକୁ ଇର୍ଷାଇ । ସୁରୁଁ ଶ୍ରେଷ୍ଠ ବୋଲି
ନୃପ ହେଲା ଦର୍ଶାଇ । ୨୩ । ବିବିଧରତ୍ନରାଜିତ ଭୂପତିବତ-ପ୍ରଣତ ଜମାଦିରୁର—
ହରିତ-ପତି ସେକାଳେ । ମିଳିଲେହେଁ ସଭ୍ରେ ନଳ-ବିନା ନ ଦିଶେ ମଞ୍ଜୁଳ ସତ୍ୟ-
ପ୍ରାଙ୍ଗଣକୁ ପାରିଜାତ ଯିବାରେ । ଅନଶ୍ବର ସୁରପାଦପେ । ସ୍ୱର୍ଗସମ ସଭା ଶୋଭା
ଦିଶେ ଅଳପେ । ୨୪ । ଅଶୀବିଷ-ଅଧୀଶ୍ୱର ବାସୁକି ସେ ସ୍ୱୟମ୍ବର-ସଭାସ୍ଥଳକୁ
ସତ୍ୱର ବିଜେ କରନ୍ତି । ଶଙ୍କର-ଶରୀର-ଖଗ ଭସ୍ମ ଲାଗି ଶୁଭ୍ରଅଙ୍ଗ ଅଧିକେ ପ୍ରକାଶେ
ଯାଙ୍କ ବିଶଦକାନ୍ତି । ଅନୁଜୀବି ଫଣୀନ୍ଦ୍ର-ବୃନ୍ଦ । ବେଢ଼ି ବୋଲୁଥାନ୍ତି 'ଦେବ' 'ଜୀବ'
'ପ୍ରସୀଦ' । ୨୫ । ନାନା ଦ୍ୱୀପାନ୍ତରୁ ନିଶିଥିନୀ-ଗୃହୀଶ୍ୱରଶିରୀ ନିମିଷକେ ତହିଁ ଆସି
ହେଲେ ପ୍ରବେଶ । ନ ଆସି ରହିବାପାଇଁ ଶକ୍ୟ ବା କା ଥିଲା ବୃଦ୍ଧ କେ ଯୁବା ବା
ଥିଲା ନୋହି ତୁଲା-ସଦୃଶ । ଉଡ଼ିଯିବା-ପାଇଁକି ତହିଁ । ସୁରଶର-ପକ୍ଷପାତ-ଘାତକୁ
ପାଇ । ୨୬ । ସେ କୁଣ୍ଡିନପୁରେଶ୍ୱର ଚମତ୍କାର ହର୍ମ୍ୟବାର ବସାକୁ ନରେଶଙ୍କର
ଯତ୍ନେ ସଜିଲେ । ପ୍ରିୟବଚନ-ରଚନ-ଦାନ ଆଦର-ସମ୍ମାନ-ନମ୍ରତା ପ୍ରକାଶି ସର୍ବଙ୍କୁ
ତୋଷିଲେ । ମହୀପାଳ-ମଣ୍ଡଳୁ ଜଣେ । ନ ଦେଖିଲି ନୃପ-ଝୁଟି ତିଳ-ପ୍ରମାଣେ ।୨୭।
ଭୀମ ହୋଇ ଚକ୍ରବର୍ତ୍ତୀ କେମନ୍ତେ ଲଘୁ-ନୃପତି ପୂଜିଲେ ଏଥିକି ଏବେ କହିବା
ଠିକେ । ଚତୁଃସାଗର-ପରୀଖା-ପୁରେ ତ ପ୍ରିୟନାୟିକା କୀର୍ତ୍ତି ନୃପତିଙ୍କ ଥାଏ ତା
ନ ଜାଣେ କେ । ତା' ରକ୍ଷଣେ ଦାକ୍ଷିଣ୍ୟ ଦମ । ଔଦାର୍ଯ୍ୟ ଦୟା ଏ ଗୃହ କଞ୍ଚୁକୀ
ସମ । ୨୮ । ଅଭ୍ୟାଗତ-ନରପତି-ବୃନ୍ଦେ ସେବକେ ନୃପତି ସମେ ଚର୍ଚ୍ଚିଲେ ପାର୍ଥକ୍ୟ
ନ ଥିଲା କାହିଁ । ଚର୍ଚ୍ଚା-ପାର୍ଥକ୍ୟରୁ ସିନା କନ୍ୟା-ପ୍ରାପତି କଳନା କରିଥାନ୍ତେ ମହୀ-
ପାଳେ କା ଭାଗ୍ୟେ ହୋଇ । ଚର୍ଚ୍ଚିଲେହେଁ ପରୋକ୍ଷ-ଭାବେ । କାହିଁ ଇତର-ବିଶେଷ
ନ ଥିଲା ଲବେ । ୨୯ । ବିଦର୍ଭେଶ-ରାଜଧାନୀ କୁଣ୍ଡିନେ ଏତେ ନୃମଣି ଚତୁରଙ୍ଗ
ସଙ୍ଗେ ସମ୍ଭାଇଲେ କେମନ୍ତେ । ଏ ଆଶଙ୍କା ଉପୁଜନ୍ତେ ପୁରାଣେତିହାସ ଶାସ୍ତ୍ରେ
ଶୁଣାଥିବା କଥା ଅପେ ଆଭାସେ ଚିତ୍ତେ । କୁକ୍ଷିପୋଷ ହରି-ଉଦର । ବହିଲା
କେମନ୍ତେ ସିନ୍ଧୁ ବିଶ୍ୱ-ସଂସାର । ୩୦ । ସ୍ୱୟମ୍ବରୋତ୍ସବପାଇଁ ବିବିଧ ବର୍ଣ୍ଣେ ରଞ୍ଜାଇ
ଯେ ନଗରୀ-ଦ୍ୱାର-ଘର-ସରଣୀ-ଶ୍ରେଣୀ । ନାନା-ବିଚିତ୍ର-ଚିତ୍ରରେ ଚିତ୍ରିଥିଲେ
ଶିଳ୍ପୀବାରେ ଏକା ଆକାଶେ ନ ଥିଲା ତାଙ୍କ କରଣି । ସମାଗତ ଭୂପତି-ବ୍ରାତ ।—
ଭୂଷାମଣି-କିରଣେ ସେ ହେଲା ଚିତ୍ରିତ । ୩୧ । ଅଗତ-ଭୂଭୃତଙ୍କର ସେବାଶୀଙ୍କ
ଆଡମ୍ବର ଦେଖି ସ୍ତକିତ ଲୋଚନ ନ ଚଳେ ତଳେ । ବିଳାସ-ବୈଦଗ୍ଧ୍ୟ ଅଳଙ୍କାର

ସୌନ୍ଦର୍ଯ୍ୟ ଏକର ଏକୁଁ ଅଧିକ ତା କବି-ବଚନ ବଳେ । ତାଙ୍କୁ ଶିଶୁ ବାଳୀଶ ବାଳୀ । ଦେଖି ଏ ନୃପ କେ ବୋଲି ହୁଅନ୍ତି ଭ୍ରାନ୍ତ । ୩୨ । ଚାମର-ଚାଳନୁଁ ସ୍ୱେଦ ନ କରେ ଗାତ୍ରେ ଆସ୍ପଦ ଚତ୍ରେ ଗୃହିଁ ନେତ୍ର ପକ୍ଷ୍ମପାତେ ତେଜଇ । ସୁବିସ୍ତୃତ ଆତପତ୍ର ରୋଧନ୍ତେ ସହସ୍ରପତ୍ର-ବନ୍ଧୁ-କର ଫୁଲ୍ଲମାଳ ମଉଳେ ନାହିଁ । ଏଣୁ ସ୍ୱୟମ୍ବର-ସଭାରେ । ନ ଥିଲା ପାର୍ଥକ୍ୟ ନର-ଅମରବରେ । ୩୩ । ନାନାବିଧ-ଭୂଷା-ଭୂଷୀ ବିବିଧସ୍ଥାନ-ନିବାସୀ ଜନେ ଆସି ବସିଛନ୍ତି ସେ ପୁରୀ ପୂରି । କାହାରେ କାହାରି ଗିରି ବୁଝିବା ସମ୍ଭବପର ନୋହିବ ବଗୃର ସର୍ବେ ସଂସ୍କୃତ କରି । ଚିତ୍ତଭାବ ପର-କାଶନ୍ତି । ତେଣୁ ନରମଧ୍ୟେ ସୁରେ ବାରି ନୁହନ୍ତି । ୩୪ । ଭିତ୍ତିଗାତ୍ରରେ ଚିତ୍ରିତ ଭୀମଜା-ଚରିତ୍ର-ଚିତ୍ରବ୍ରାତରେ ପକାଇ ନେତ୍ର ସ୍ତମ୍ଭିତ ହୋଇ । ଇତର ବୃତ୍ତାନ୍ତେ ଚିତ୍ତଯୋଗ ନ କରୁ କଳ୍ପିତ ଦିବା ଯିବାର ଭୁଞ୍ଜତେ ଗୋଚର ନୋହୁ । ଯାଏ ଯାହି ନିଶା ନିମିଷେ । ସ୍ୱପ୍ନେ ସେ ନବୀନାଙ୍ଗନା-ସଙ୍ଗମ-ବିଶେ । ୩୫ । ଶ୍ରୀଅଙ୍ଗ ଅର୍ପିବା ସମ ଚିତ୍ତେ ଜନ୍ମାଇଁ ବିଭ୍ରମ ନିଶାରେ ଭୂପତି-ସ୍ତ୍ରୀମାନେ ସେ ଜେମା । ନ ବିନାଶି ସତୀପଣ ଆପଣା ବଦାନ୍ୟଗୁଣ କରି ଭ୍ରାନ୍ତି ବିତରଣ କରଇ ଜମା । ସ୍ୱଭାବେତ ସେ କଳ୍ପଲତା । ଅଳ୍ପକ ଫଳନ୍ତି କି ନୃପଙ୍କ ନୁହନ୍ତି । ୩୬ । ପରଦିନ ବିଦର୍ଭେଶ-ଦୂତସମୂହ ନରେଶମାନଙ୍କ ପାଶରେ ଯାଇଁ ଦେଇ ଜଣାଇଁ । ଯା'ର ଚିତ୍ତକୁ ଯେପରି ଆସଇ ସେ ସେହିପରି ଅଙ୍ଗ ଶ୍ରୀ ଫିହାରକରି ମନ ମନାଇଁ । ବିଜେକରି ସେ ଯା ସମ୍ଭବେ । ସ୍ୱୟମ୍ବର-ମଣ୍ଡପକୁ ଭୂଷିଲେ ସର୍ବେ । ୩୭ । ଏ ସମୟେ ନୈଷଧ-ଅଧିପ ନଳନରେନ୍ଦ୍ର କଲେ ବିଜେ ସଭାମଧ୍ୟ-ମଣ୍ଡପେ ଯାଇଁ । ଯାହାର ଅନଳଙ୍କୃତ,-ଗାତ୍ରରେ ସହସ୍ରନେତ୍ର-ପାତ ମାତ୍ରକେ ବୃତ୍ରହା ନପାରି ନେଇ । ବିଭୂଷିତ ରୂପାସ୍ତ ରତି—। ପତିରେ ଇତର ବୁଦ୍ଧି ରଖନ୍ତି ନିତି । ୩୮ । ପ୍ରକାଶି ସ୍ୱଅଙ୍ଗ-ରଙ୍ଗ ନିଖିଳ-ନୃପତି-ବର୍ଗ-କଳାକର ନଳନରବର ବିଜୟୀ । କରି ସେହି ସ୍ୱୟମ୍ବର-ସଭାକୁ ନଭ-ଶୋଭାର ଅଧିକାରୀ ବୋଲି ଦେଲେ କରାଇ ଥୟୀ । ତହୁଁ ନେତ୍ରପଥରେ ଥରେ । ହେଲେ ନ ପଡିଲେ ଛତ୍ର-ନକ୍ଷତ୍ରକୁଳେ । ୩୯ । ବିଜୟୀ କଟାକ୍ଷେ ନଳ ଆନ-ଭୂପାଳ-ସକଳ ସେ ରୂପ ବିଲୋକି ହୋଇ ମହା ବିସ୍ମୟୀ । ଉତ୍କଣ୍ଠିତ ନେତ୍ର-ବ୍ରାତେ ପକାଇଲେ ତାଙ୍କ ଗାତ୍ରେ ପ୍ରଥମେ ପରେ ସଙ୍କୋଚ ଭ୍ରୂଲତା ଦ୍ୱୟୀ । ଈର୍ଷାକଳୁଷିତ ଦୃଷ୍ଟିକି । ନିକ୍ଷେପିଲେ ବିଗୃର ଏ ବଳ୍ରମୁଷ୍ଟି କି ? । ୪୦ । ହିଁସୁକ-ନରେଶ-ପନ୍ତି ନଳକୁ ଲକ୍ଷି ହୁଅନ୍ତି କୁହାକୁହି ନିନ୍ଦାଗର୍ଭ ସ୍ତୁତି-ସ୍ୱରରେ । କେ ବୋଲେ "ଏ ଦୋଷାକର କିପାଁ ତେଜି ନଭସ୍ଥଳ ପଡ଼ିଲା ଆସି ଏ ସ୍ଥଳେ ଖସି କ୍ଷିତିରେ" । 'ମାର ଭାଇ ଏ' କେ ବୋଲଇ । 'ଅଶ୍ୱିନୀସୁତ-ସୋଦର' ବୋଲି କେ କହୁ । ୪୧ । ପୂର୍ବର ମତ୍ସର ଉକ୍ତି ଶୁଣି ଭାବେ କେ ଭୂପତି ଅତିଯତ୍ନେ ସାଇତି

ଶଶୀରୁ ନିଷ୍ୟନ୍ଦ-ଶୁଦ୍ଧପୀୟୂଷଧାର । ଛବି ପ୍ରିୟାବିରହକ୍ଲିଷ୍ଟ ।—ପୁରୁରବାପାରେ କଲେ ଅଙ୍ଗ-ଶ୍ରୀ ସୃଷ୍ଟି । ୨୨ । ନୃପ-ସାଧାରଣଠାରୁ ନଳ-ପ୍ରଭେଦ ରମ୍ଭୋରୁ ବାରୁଁ ବୋଲି କି ବିଧାତା ପାଞ୍ଚିଲା ମନେ । ଏଣୁ ଏଥି ଏତେ ମହୀପତି କଲା ଏକଠାଇଁ ତହିଁରେ ନୃପତି ନୋହି ପୁଣି ସୁମନେ । ତାଙ୍କ ସୁଷମାକୁ ଉର୍ଦ୍ଧାଇ । ସୁରୁଁ ଶ୍ରେଷ୍ଠ ବୋଲି ନୃପ ହେଲା ଦର୍ଶାଇ । ୨୩ । ବିବିଧରତ୍ନରାଜିତ ଭୂପତିବିତ-ପ୍ରଣୀତ ଜମାଦିଗୃହ—ହରିତ-ପତି ସେବାବଳ । ମିଳିଲେହେଁ ସଭା ନଳ-ବିନା ନ ଦିଶେ ମଞ୍ଜୁଳ ସତ୍ୟ-ପ୍ରାଙ୍ଗଣକୁ ପାରିଜାତ ଯିବାରେ । ଅନଶ୍ୱର ସୁରପାଦପେ । ସ୍ୱର୍ଗସମ ସଭା ଶୋଭା ଦିଶେ ଅଳପେ । ୨୪ । ଅଶୀବିଷ-ଅଧୀଶ୍ୱର ବାସୁକି ସେ ସ୍ୱୟମ୍ବର-ସଭାସ୍ଥଳକୁ ସତ୍ୱର ବିଜେ କରନ୍ତି । ଶଙ୍କର-ଶରୀର-ରାଗ ଭସ୍ମ ଲାଗି ଶୁଭ୍ରଅଙ୍ଗ ଅଧିକ ପ୍ରକାଶେ ଯାଙ୍କ ବିଶଦକାନ୍ତି । ଅନୁଜୀବ ଫଣୀନ୍ଦ୍ର-ବୃନ୍ଦ । ବେଢ଼ି ବୋଲୁଥାନ୍ତି 'ଦେବ' 'ଜୀବ' 'ପ୍ରସୀଦ' । ୨୫ । ନାନା ଦ୍ୱୀପାନ୍ତରୁ ନଶିଥ୍ୱନୀ-ଗୃହସ୍ୱରଗଣି ନିମେଷକେ ତହିଁ ଅସି ହେଲେ ପ୍ରବେଶ । ନ ଅସି ରହିବାପାଇଁ ଶକ୍ୟ ବା କା ଥିଲା ରହି କେ ଯୁବା ବା ଥିଲା ନୋହି ତୁଲା-ସଦୃଶ । ଉଡ଼ିଯିବା-ପାଇଁକି ତହିଁ । ସୁରଶର-ପକ୍ଷପାତ-ଘାତକୁ ପାଇ । ୨୬ । ସେ କୁଣ୍ଡିନପୁରେଶ୍ୱର ଚମତ୍କାର ହର୍ମ୍ୟବାର ବସାକୁ ନରେଶଙ୍କର ଯତ୍ନେ ସଞ୍ଚିଲେ । ପ୍ରିୟବଚନ-ରଚନ-ଦାନ ଆଦର-ସମ୍ମାନ-ନମ୍ରତା ପ୍ରକାଶି ସର୍ବଙ୍କଚିତ୍ତ ତୋଷିଲେ । ମହୀପାଳ-ମଣ୍ଡଳ ଜଣେ । ନ ଦେଖିଲା ନୃପ-ତ୍ରୁଟି ତିଳ-ପ୍ରମାଣେ ।୨୭। ଭୀମ ହୋଇ ଚକ୍ରବର୍ତ୍ତୀ କେମନ୍ତେ ଲଘୁ-ନୃପତି ପୂଜିଲେ ଏଥିକି ଏବେ କହିବା ଠିକେ । ଚତୁଃସାଗର-ପରୀଖା-ପୁରେ ତ ପ୍ରିୟନାୟିକା କୀର୍ତ୍ତି ନୃପତିଙ୍କ ଥାଏ ତା ନ ଜାଣେ କେ । ତା' ରକ୍ଷଣ ଦାକ୍ଷିଣ୍ୟ ଦମ । ଔଦାର୍ଯ୍ୟ ଦୟା ଏ ଗୃହ କଞ୍ଚୁକୀ ସମ । ୨୮ । ଅଭ୍ୟାଗତ-ନରପତି-ବୃନ୍ଦେ ସେବକେ ନୃପତି ସମେ ଚର୍ଚ୍ଚିଲେ ପାର୍ଥକ୍ୟ ନ ଥିଲା କାହିଁ । ଚର୍ଚ୍ଚା-ପାର୍ଥକ୍ୟରୁ ସିନା କନ୍ୟା-ପ୍ରାପତି କଳନା କରୁଥାନ୍ତେ ମହୀ-ପାଳେ କା ଭବ୍ୟେ ହୋଇ । ଚର୍ଚ୍ଚିଲେହେଁ ପରେଷ-ଭାବେ । କାହିଁ ଇତର-ବିଶେଷ ନ ଥିଲା ଲବେ । ୨୯ । ବିଦର୍ଭେଶ-ରାଜଧାନୀ କୁଣ୍ଡିନେ ଏତେ ନୃମଣି ଚତୁରଙ୍ଗ ସଙ୍ଗେ ସମାଇଲେ କେମନ୍ତେ । ଏ ଆଶଙ୍କା ଉପୁଜନ୍ତେ ପୁରାଣେତିହାସ ଶାସ୍ତ୍ରେ ଶୁଣାଥିବା କଥା ଅଟେ ଅଭ୍ୟସେ ଚିତ୍ତେ । ଋଷିପୋଷ ହର-ଉଦର । ବହିଲା କେମନ୍ତେ ସିନ୍ଧୁ ବିଶ୍ୱ-ସଂସାର । ୩୦ । ସ୍ୱୟମ୍ବରୋଚ୍ଛବପାଇଁ ବିବିଧ ବର୍ଣ୍ଣେ ରଞ୍ଜାଇ ଯେ ନଗରୀ-ଦ୍ୱାର-ଘର-ସରଣୀ-ଶ୍ରେଣୀ । ନାନା-ବିଚିତ୍ର-ଚିତ୍ରରେ ଚିତ୍ରିଥିଲେ ଶିଳ୍ପୀବାରେ ଏକା ଆକାଶେ ନ ଥିଲା ତାଙ୍କ କରଣୀ । ସମାଗତ ଭୂପତି-ବ୍ରାତ ।—ଭୂଷାମଣି-କିରଣେ ସେ ହେଲା ଚିତ୍ରିତ । ୩୧ । ଆଗତ-ଭୂଭୃତଙ୍କର ସେବାଶ୍ରୀଙ୍କ ଆଡମ୍ବର ଦେଖି ସ୍ତମ୍ଭିତ ଲୋଚନ ନ ଚଳେ ଟଳେ । ବିଳାସ-ବୈଦଗ୍ଧ୍ୟ ଅଳଙ୍କାର

ସୌନ୍ଦର୍ଯ୍ୟ ଏକର ଏକୁଁ ଅଧିକ ତା କବି-ବଚନ ବଳେ । ତାଙ୍କୁ ଶିଶୁ ବାଳୀଶ ବାଳୀ । ଦେଖି ଏ ନୃପ କେ ବୋଲି ହୁଅନ୍ତି ଭ୍ରଳ । ୩୨ । ଚାମର-ଢାଳନ୍ତୁ ସ୍ୱେଦ ନ କରେ ଗାତ୍ରେ ଅମ୍ବର ଚକ୍ଷେ ଗୁହ୍ନି ନେତ୍ର ପକ୍ଷ୍ମପାତେ ତେଜଇ । ସୁବିସ୍ମୃତ ଅତଏବ ସେଥିନ୍ତେ ସହସ୍ରପତ୍ର-ବନ୍ଧୁ-କର ଫୁଲ୍ଲମାଳ ମଉଳେ ନାହିଁ । ଏଣୁ ସ୍ୱୟମ୍ବର-ସଭାରେ । ନ ଥିଲା ପାର୍ଥକ୍ୟ ନର-ଅମରବରେ । ୩୩ । ନାନାବିଧ-ଭାଷା-ଭାଷୀ ବିବିଧସ୍ଥାନ-ନିବାସୀ ଜନେ ଆସି ରହିଛନ୍ତି ସେ ପୁରୀ ପୂରି । କାହାରେ କାହାରି ଗିର ବୁଝିବା ସମ୍ଭବପର ନୋହିବ ବିଚାରି ସର୍ବେ ସଂସ୍କୃତ କହି । ତଦ୍ଭାବ ପରି-କାଶନ୍ତି । ତେଣୁ ନରମଧ୍ୟେ ଦୂତର ବାର ନୁହନ୍ତି । ୩୪ । ଉତ୍ତିଗାତ୍ରରେ ଚକିତ ଭୀମଜା-ଚରିତ୍ର-ଚିତ୍ରବ୍ରାତରେ ପକାଇ ନେତ୍ର ସ୍ତିମିତ ହୋଇ । ଇତର ବୃତ୍ତାନ୍ତେ ଚିତ୍ତଯୋଗ ନ କରୁ କିଞ୍ଚିତ ଦେବା ଯିବାରି ଭୁକ୍ତିତେ ଗୋଚର ନୋହି । ଯାଏ ଯାହି ନିଶା ନିମିଷେ । ସ୍ୱପ୍ନେ ସେ ନୃପାଙ୍ଗନା-ସଙ୍ଗମ-ବଶେ । ୩୫ । ଶ୍ରୀଅଙ୍ଗ ଅର୍ପିବା ସମ ଚିତ୍ତେ ଜନ୍ମାଇଁ ବିଭ୍ରମ ନିଶାରେ ଭୂପତି-ସ୍ତ୍ରୀମମନେ ସେ ଜେମା । ନ ବିନାଶି ସତୀପଣ ଆପଣା ବଦାନ୍ୟଗୁଣ କରି ଭ୍ରାନ୍ତି ବିତରଣ କରଇ ଜମା । ସ୍ୱଭାବେତ ସେ କଳ୍ପଲତା । ଅଳ୍ପକ ସଂକଳ୍ପ କି ନୃପଙ୍କ ନୁହନ୍ତା । ୩୬ । ପରିଦ୍ଧନ ବିଦର୍ଭେଶ-ଦୂତସମୂହ ନରେଶମାନଙ୍କ ପାଶରେ ଯାଇଁ ଦେଇ ଜଣାଇଁ । ଯା'ର ଚିତ୍ତକୁ ଯେପରି ଆସଇ ସେ ସେହିପରି ଅଙ୍ଗ ଶ୍ରୀ ସିହାରକର ମନ ମନାଇଁ । ବିଜେକର ଯେ ଯା ସମ୍ଭବେ । ସ୍ୱୟମ୍ବର-ମଣ୍ଡପକୁ ଭୁଷିଲେ ସର୍ବେ । ୩୭ । ଏ ସମୟେ ନୈଷଧ-ଅଧିପ ନଳନରେନ୍ଦ୍ର କଲେ ବିଜେ ସଭାମଧ୍ୟ-ମଣ୍ଡପେ ଯାଇଁ । ଯାହାର ଅନଳଙ୍କୃତ,-ଗାତ୍ରରେ ସହସ୍ରନେତ୍ର-ଦାତ ମାତ୍ରକେ ବୃତ୍ରହା ନପାରି ନେଇ । ବିଭୂଷିତ ରୂପାସ୍ତ୍ର ବିତ—। ପତରେ ଇତର ବୁଦ୍ଧି ରଖନ୍ତି ନିତି । ୩୮ । ପ୍ରକାଶି ସ୍ୱଅଙ୍ଗ-ରାଗ ନିଖିଳ-ନୃପତି-ବର୍ଗ-କଳାକର ନଳନରବର ବିଜୟୀ । କରି ସେହି ସ୍ୱୟମ୍ବର-ସଭାକୁ ନଭ-ଶୋଭାର ଅଧିକାରୀ ବୋଲି ଦେଲେ କରାଇ ଅଧି । ତହିଁ ନେତ୍ରପଥରେ ଥିବେ । ହେଲେ ନ ପଡିଲେ ଷଣ୍ଢ-ନକ୍ଷତ୍ରକୁଳେ । ୩୯ । ବିଜୟୀ କରନ୍ତେ ନଳ ଆନ-ଭୂପାଳ-ସକଳ ସେ ରୂପ ବିଲୋକି ହୋଇ ମହା ବିସ୍ମୟୀ । ଅକ୍ଷଣ୍ଟିତ ନେତ୍ର-ବ୍ରାତେ ପକାଇଲେ ତାଙ୍କ ଗାତ୍ରେ ପ୍ରଥମେ ପରେ ସଙ୍କୋଚ ଭ୍ରୂଲତା ଦ୍ୱୟୀ । ଈର୍ଷାକଳୁଷିତ ଦୃଷ୍ଟିକି । ନିକ୍ଷେପିଲେ ବିଚାରି ଏ ବଜ୍ରମୁଷ୍ଟି କି ? । ୪୦ । ହିଁସୁକ-ନରେଶ-ପନ୍ତି ନଳକୁ ଲକ୍ଷି ହୁଅନ୍ତି କୁହାକୁହି ନିନ୍ଦାଗର୍ଭ ସ୍ତୁତି-ସତରେ । କେ ବୋଲେ "ଏ ଦୋଷାକର କିପାଁ ତେଜି ନଭସ୍ଥଳ ପଡିଲା ଆସି ଏ ସ୍ଥଳେ ଖସି ଖିତିରେ" । 'ମାର ଭାଇ ଏ' କେ ବୋଲଇ । 'ଅଶ୍ୱିନୀସୁତ-ସୋଦର' ବୋଲି କେ କହି । ୪୧ । ପୂର୍ବର ମସ୍ତର ଉକ୍ତି ଶୁଣି ଭାଷେ କେ ଭୂପତି ଅତିଯତ୍ନେ ସାଇତି

ମତରେ ହଁସାକୁ । କ୍ଷିତି-ଶଶି ଏ ନିଶ୍ଚୟ ଅନଙ୍ଗ ମୂର୍ତ୍ତି ଦ୍ୱିତୀୟ ଏକା ଏ ଅଶ୍ୱିନୀକୁମାରଙ୍କ ପରକ୍ଷ । ନିନ୍ଦି ନିନ୍ଦି ନୃପେ ଏମନ୍ତ । ନୃପେନ୍ଦ୍ର-ନଳଙ୍କ ହେଲେ ସେ ସ୍ତୁତିବନ୍ତ ।୪୨। ପୁଣି ତହିଁ କେହି କେହି ଛଳେ ନଳରୂପ-ବହି ଥିବା ଦେବଙ୍କୁ ଚାହାଁଇ ନଳଙ୍କୁ ଲକ୍ଷି । ଭାଷନ୍ତି "ଏମନ୍ତ ଲୋକ ଏ ସଂସାରେ ଲକ୍ଷ ଲକ୍ଷ ଛନ୍ତି କେ ବା ନେନେ ତାଙ୍କୁ ନଥାଏ ଦେଖି ?"। ନଜେ ହାରିଲେହେଁ ନିନ୍ଦୁକ । ଆନ ଜନ ଶଙ୍କ ବୋଲି ବଖାଣେ ଟେକ ।୪୩ କାହିଁ ଯା ନଥିଲେ କିଛି ଦୁର୍ଗୁଣ ଦେବାକୁ ବାଞ୍ଛା ତା'ରେ ବୃଥାଦୋଷ ଆରୋପଇ ସେ ଜନ । ସେ ଲଭଇ ଖଳପଦ, ଭୂଷିଲେହେଁ ସେ ସଂସଦ ଶ୍ରୀଅଙ୍ଗ-ଶୋଭାରେ ନଳ; ନ ଘେନି ମନ । ସେ କଥାକୁ ଅମରବରେ । ନରତା ଥିବାରୁ ନଳ-ନୃପେ ଦୂଷିଲେ । ୪୪ । ପାଶେ-ବସିଥିବା ଛଳ-ନଳସ୍ୱରୂପୀ ଚତୁର-ଅମରବରେ ନେତ୍ର-ନିପାତ-ମାତ୍ରରେ । ସେରୂପେ ବିସ୍ମିତ ହୋଇ ପୁଚ୍ଛନ୍ତି ନିଷଧସାଇଁ ବଦନେ ତାଙ୍କୁ ଅନାଇଁ ମଧୁରଗିରେ । 'ଆପଣ କି ଏ ଗୁରୁଜଣ । ନାସତ୍ୟଯୁଗଳ ପୁରୁରବା ମଦନ' । ୪୫ । ଶୁଣି ନରପତି-ଗିର ଭାଷନ୍ତି ସେ ସୁରବାର "ଆମ୍ଭର କା'ର ଇଳାରୁ ନୁହେ ଉତ୍ପତ୍ତି । ରହନ୍ତୁଁ ତୁମ୍ଭ ଅନ୍ତିକ ଆମ୍ଭେ ସର୍ବେ ଅଦର୍ପକ ନାସତ୍ୟତା ନାହିଁ କା'ର ବଶ୍ରୁର ମତି । ତୁମ୍ଭର ଏମନ୍ତ ପୁଚ୍ଛାକୁ । କି ଗୁଣେ ହେଲୁ ଭାଜନ ଆମ୍ଭେ ତୁଚ୍ଛାକୁ । ୪୬ । ସେ ସୁର-ଚତୁରୁଁ ପର ଶିଷ୍ଟ-ବହୁବ୍ରତ-ସ୍ମର ଦେବ ଆମ୍ଭଙ୍କୁ ଶତ୍ରୁରେ କର ବଶ୍ରୁର । ଏ ସ୍ୱୟମ୍ବର-ସଭାରେ ପ୍ରତି-ନୃପତି-ପାଶରେ କ୍ଷମା ତ ମଣ୍ଡିବ ଯେମା ଶ୍ରୀମ-ଭୂପର । ତେତେବେଳେ କପାଳ-ଗୁଣେ । ତାକୁ ବା ଲଭିବ ଆମ୍ଭ ମଧ୍ୟଁ କେ ଜଣେ । ୪୭ । ଅହେ ନରବର ତବ ଏରୂପେ ଆମ୍ଭେ ସରବ ମୁଗ୍ଧଭାବ ଅଶ୍ରି ଯା ରହନ୍ତୁଁ ଏ ସ୍ଥଳେ । ଅଶା ପଡ଼ନ୍ତେ ଆମ୍ଭର ହେଉଥିକ ଶତବାର ଧିକ ଧିକ ଏ ଆମ୍ଭ ବିବୁଧ-ପଣ୍ଡର । ଫଳିବ କି ଆମ୍ଭର ଅଶା ? । ହେବ କି ଘୋଷାରତନ ହୃଦୟଭୂଷା" । ୪୮ । ପୂର୍ବରୁଁ ଅଶଙ୍କା କିଛି ଭୂପତି-ମତରେ ସଞ୍ଚନୋହିଥିବାରୁ ଦେବଙ୍କ ଏମନ୍ତ ଅର୍ଥ—। ଦ୍ୱିତୀୟାଶ୍ରିତ ଭାରତୀ ପଶି ଶ୍ରୁତିରେ ଜପୃଥି ନ ପାରିଲା କରି ତାଙ୍କ ତର୍କ କଳ୍ପିତ । ସମା-ବହୁ-ଲାଭ ନିମିତ୍ତ- । ଯତ୍ନେ ଯେଣୁ ସେ କାଳରେ ଥିଲେ ସେ ବ୍ୟସ୍ତ । ୪୯ । ଯେ ନିଜ ପ୍ରାଧାନ୍ୟ ପାଇଁ ପରେ ସ୍ପର୍ଦ୍ଧା କରୁଥାଇ ଉଣା ସେ ସ୍ପର୍ଦ୍ଧିଷ୍ଟୁ ନିଶ୍ଚେ ସେ ପରଠାରୁ । ଯେ ବା ନିଜ-ନୀଚତାରେ ଏରୂପେ ପ୍ରକାଶ କରେ ତାରେ ସାଧୁ ଅବହେଳା ଭିନ୍ନ କି କରୁ ? ଏଣୁ ସୁରବରଙ୍କ ଗିରେ । ଅବହେଳନ ନଳଙ୍କ ଶୋଭେ ବିଧିରେ । ୫୦ । ସେ ସ୍ୱୟମ୍ବର-ସଭାର କି ବର୍ଣ୍ଣିବ ଆଡ଼ମ୍ବର ଯା ଦର୍ଶନପାଇଁ ପୀତାମ୍ବର ଅମ୍ବରେ । ବିଜେକରି ଥିଲେ ବଙ୍ଗେ ଶିଷ୍ଟ ସରସ୍ୱତୀ ସଙ୍ଗେ ଏକେ ନିନ୍ଦୁଥିଲେ ବିଦ୍ୟୁତ୍ବନ୍ତ ମୁଦ୍ଦରେ । ବନ୍ଦୁଥିଲେ ଅପର ଦେବୀ । ତାନମାନେ ବୋଲି ତାଙ୍କ କୀର୍ତ୍ତିପଦବୀ । ୫୧ । ନ ଦେଖିଲେହେଁ

ଶଙ୍କର ଶିରପର ପରସ୍ପର କରଥିଲେ ଯେ କେତକୀ-ଥିବାର ତହିଁ । ସେହି ଦେବ ବେଦବର ସମ୍ବନ୍ଧ ଏହି ସଭାର ନ ଦେଖି ସ୍ୱପୁରେ ରହି ପାରିଲେ ନାହିଁ । ଆସି ବେଗେ ମିଳି ଗଗନେ । ନିବେଶିଲେ ଅଷ୍ଟବେଗେ ଅଷ୍ଟ ନୟନେ । ୫୨ । କଲେ ବହୁ ବୁଦ୍ଧି ଧନ-ଈଶ୍ୱର ନିଚତୁର୍ଗୁଣ-ଅମ୍ବରୁ ମେରୁ-ଭ୍ରମଣେ ଏକ ରଖିଲେ । ଅପରେ ସରିତେଶ୍ୱର-ସୁତା-ପତି-ବୃନ୍ଦାରକ-ନେତ୍ର ହୋଇ ସ୍ୱୟମ୍ବର-ସଭା ଦେଖିଲେ । ଆନ ଦଶ ଆସ୍ୟରେ ଦଶ । ଦଶ ଦେଖିଲେ ପୂରିଛି ଲୋକେ ବିଶେଷ । ୫୩ । ଅବିରତ ତ ନିଦଶ-ନିବାସ-ହର୍ମ୍ୟ-ସଦୃଶ ସୁମେରୁ ଗିରିର ଗୃହ ପାରୁଶେ ଶଶୀ । ଭ୍ରମୁଥାନ୍ତି; ସ୍ୱୟମ୍ବର ଦେଖିବାକୁ କାହିଁ ତରେ ତାଙ୍କୁ, ସେ କଲେ ବିଗ୍ଭର ଏମନ୍ତ ବସି । ଗଲେ ହୋଇ ହରିନେତ୍ର ସେ । ସଭା ନ ଦେଖିବା କ୍ଷୋଭ ନୋହିଲା ଲେଶେ । ୫୪ । ସେ ସମୟେ ସ୍ୱୟମ୍ବର-ସଭାରେ ବରନକର-ଶୋଭା ବିଲୋକନେ ଲୋଳ ଅପ୍ସରାକୁଳ । ନଭୁଁ ଭୂରେ ପରବେଶି ମନୁଷ୍ୟ-ସାଗରେ ମିଶି ଗଲେ ରସ ନ ପ୍ରକାଶି ବିଳମ୍ବତଳ । ତହିଁ ତାଙ୍କ ବଦନମାନ । ନ ଲୁଚି ଦିଶିଲେ ପଦ୍ମବନ ସମାନ । ୫୫ । କେବା ସେ ସଭା-ଦର୍ଶନ-ଆଶାରେ ନୋହି ଉନ୍ମନ ସେ ସ୍ଥଳେ ସେକାଳେ ପଦ ଦେଇ ନ ଥିଲା । ଲକ୍ଷ୨ ଯକ୍ଷସିଦ୍ଧ ଶତ୨ ବୃନ୍ଦବୃନ୍ଦ କିନ୍ନର ନିବହ ତହିଁ ରଚିଲେ ଲୀଳା । ସହସ୍ର୨ ମହର୍ଷି । ହର୍ଷଭରେ ଥିଲେ ସ୍ୱୟମ୍ବରକୁ ଆସି ।୫୬। ବହୁଶାଖା-ସମନ୍ୱିତ-ବେଦକଳ୍ପ-ତରୁ-ବୃତ କଣ୍ଠ-ପଥରେ ଯାହାର ଅମରପୁରୁଁ । ଅମର-ଭାରତୀ ଲେଶେ କ୍ଲେଶ ନ ଲଭି ଭୂଦେଶେ ଅବତରି ଭୂଷି ଥିଲେ, ସେ କବି ଗୁରୁ । ବାଲ୍ମୀକି ଋଷି-ପ୍ରଧାନ । ସଭା-ପ୍ରଶଂସାରେ ହେଲେ ଶତବଦନ । ୫୭ । ଗ୍ରନ୍ଥକଳ୍ପେ ଛିତିକ ଉତ୍ତର ବେଦାତତିକ ପୂର୍ବପତିଙ୍କ ଯତିକ ଯେ ଚନ୍ଦ୍ର ଚନ୍ଦ୍ରେ । ଅପାର୍ଥ ପ୍ରକାଶି ଦୁଷିଥିଲେ ଯା ଜିହ୍ୱାରେ ଭସି ବାକ୍ୟଦେବୀ ଥାଏ ବସି ଅନୁବରତେ । ସ୍ୱରପୁରୁ ସେ ବୃହସ୍ପତି । ପରବେଶି ସ୍ୱୟମ୍ବରେ ପରଶଂସନ୍ତି । ୫୮ । ସଂସ୍କୃତ ଭାରତୀ ଯହିଁ ନିରତିଶୟେ ଶୋଭଇ ସେ ନିବିଡେ ବିତନ-ବଚନ-ରଚନେ । କବି ବୋଲି ଯା'ର ଖ୍ୟାତି ଯେ ସୁରଚରଙ୍କୁ ନୀତି-ପ୍ରଦାନେ ନିପୁଣ ଅତି ସକଳ ଦିନେ । ମିଳି ସେ ଅଗ୍ରସ୍ଥ୍ୟ ଭାର୍ଗବ । ବର୍ଣ୍ଣିଲେ ସଭା-ଶୋଭାକୁ କାବ୍ୟରେ ଯେବ । ୫୯ । ବୋଲନ୍ତି "ସତେକି ଗ୍ରାମ ମସ୍ତାପତି ପରିଶ୍ରମ କରି ଏତେ ନୃପତିଙ୍କି ଛନ୍ତି ଚୂଳାଇ । କି ଅବା ଦମୟନ୍ତୀର ଗୁଣାବଳୀ ଦିଗନ୍ତର-ବାସୀ ସେମାନଙ୍କୁ ଆଣିଅଛି ମେଳାଇ । ତା ନୁହେ ଏ ବିଗ୍ଭର ବହି । ସ୍ୱଶିଳ୍ପ-କୌଶଳ ସବ ଦେଲା ଦେଖାଇ । ୬୦ । ପଞ୍ଚଶରଙ୍କୁ ପଞ୍ଚତ୍ୱ ଦେଇଥିଲେ ପଞ୍ଚବକ୍ତ୍ର ଯେଣୁ ଟେକ ନ ଥିଲେ ଭୁଲେ ଥିଲା ସେ ଏକା । ଏବେ ସେ ଛତିପୂରଣ କରି କଳ୍ପିତ ଅପଣରୂପେ ନିର୍ମାଣି ପ୍ରବୀଣ ଗ୍ଭରଙ୍କ ରେଖା । ସ୍ୱୟମ୍ବରେ ଦେଇଛି ଦେଖା । ଚନ୍ଦ୍ର ଏଯାନ୍ତ କେକଟେ ଯାଉଛି ଦେଖା । ୬୧ । ଏମନ୍ତ ମନକୁ ଆସେ ପୂର୍ଣ୍ଣଶଶୀ ପ୍ରତିମାସେ ଉଡଥିଲ

ସୃଷ୍ଟି ଠାରୁ ଯେତେକ ବସ୍ତୁ । ସେ ସକଳକୁ ତୁଳାଇ କାହିଁ ଥୋଇଥିଲା ନେଇ କାର୍ଯ୍ୟ ପଡ଼ିଲେ ଏବକୁ ତାଙ୍କୁ ଅଣାଇଁ । ବରଚିଲା ଏ ମୁଖମାନ । ନୋହିଲେ କିଅନ୍ତା କାହିଁ ଏଡ଼େ ଲାବଣ୍ୟ । ୬୨ । ଏ ନରପତି ପ୍ରତ୍ୟେକ ରତନ ତ ଏକ୍‌୨ ଏ ଭର୍ପ । ମଣି-ମାଣିକ୍ୟ ଏତେ ବହନ୍ତି । ସ୍ୱ-ପ୍ରକାଶ ବ୍ରହ୍ମଜ୍ଞାନ ଜନ୍ମିଲେ ତା ପ୍ରକାଶନ-ପାଇଁ କି ଅନ୍ୟଜ୍ଞାନ ଲୋଡ଼ା ହୁଅନ୍ତି ? । ନିଜମୁଖ ନିଜେ ନ ଦିଶେ ! ନ ଚକ୍ଷୁନ୍ତ ତେଣୁ ଆପଣାକୁ ଅପେ ସେ ।୬୩। ଏ ସୁନ୍ଦର ବୃନ୍ଦ-ଦରଶନେ ଅଶ୍ୱିନୀକୁମାର ଅସି ପଶିବେ ଏ ନୃପ-ସାଗରେ ଯେବେ । ତାଙ୍କ ଏହାଙ୍କ ଶରୀର-ଶୋଭା ତାରତମ୍ୟ ଭଳ ନଥିବାରୁ ସେ ଯୁଗଳ-ଅମରେ କେବେ । ବରିବାକୁ ନୋହି ପାରିବେ । ବର୍ଷଶତ-ପରିଯନ୍ତେ ଯେବେ ଲୋଡିବେ । ୬୪ । ଏତେ ବିଦଗ୍ଧ ଯୁବା ଆଉ୨ ପୁଷ୍ପଧନ୍ୱା ଯେବେ ଦଗ୍ଧ ଗଲା ହୋଇ ହରରୋଷରେ । ତହିଁବା ଏମନ୍ତ କିସ ସଂସାରର ହେଲା ନାଶ ? ଅପାର-ପରିପୂରିତ ଘନ-ରସରେ । ସାଗରର ବିନ୍ଦୁଏ ନୀର । ଶୁଖିଲେ କେ ଶୁଷ୍କଦୋଷ ବାଛଇ ତା'ର ? " ।୬୫। ଏମନ୍ତେ ଅପୂର୍ବ-ଗୁରୁ-ମୁଖରୁ ସମ୍ଭାର ଗୁରୁବର୍ଣ୍ଣନ ସରୁ ନ ସରୁ ଗନ୍ଧର୍ବନାର । ହୁଁକାର ଆରମ୍ଭୁ ଗାନ କାବ୍ୟ-ବଚନକୁ ଶେଷ ହୋଇଲେ ସେ 'ହିଁ ହିଁ ହିଁ' ଭୂଷଣ ପ୍ରକାର । ବେଦପଢ଼ିଁ ଓଁକାର ରୂଷି । ତାକୁ ସେ ତଥାସ୍ତୁ-ବଚ ଗଲା ଅଭିଷି । ୬୬ । ତହୁଁ ବିଦର୍ଭ-ନାୟକ ସିଂହାସନରେ ପ୍ରତ୍ୟେକ ରାଜସିଂହଙ୍କୁ ସାଦରେ ବଡେ କରାଇ । ସୁମେରୁକନକ-ଶୃଙ୍ଗେ ବଜେ କଳ୍ପତରୁ ରଙ୍ଗେ ବୃନ୍ଦାରକ-ବୃନ୍ଦ ସଭା ଶୋଭା ଦିଶଇ । ମର୍ତ୍ତ୍ୟାମର୍ତ୍ତ୍ୟ ପ୍ରଭେଦ ସିନା । ଦେବ ପଦେ ତ କେ କାହେ ନ୍ୟୂନ ହଇ ଗୁଣା । ୬୭ । ବନ୍ଦେକ ମଙ୍ଗଳ-ବୃନ୍ଦେ ବିଷାଦ ଅଦାର ହୃଦେ ଭାବନ୍ତି ବିଦର୍ଭେଶ୍ୱର ଏବେ କି ହେବ । ନାନା-ଦେଶାଧୀଶ ଏତ ଏହାଙ୍କ ଗୋଷ୍ଠ-ଚରିତ ଦେବ ବ୍ୟତୀତ ମାନବ କାହୁଁ ଜାଣିବ । ଭେମା-ପାଶେ ମୋର କେ ରହି । ପ୍ରତି ନୃପତି ବୃତ୍ତାନ୍ତ ଦେବ ବୁଝାଇ ।୬୮। ହୋଇ ବ୍ୟାକୁଳ ଏମନ୍ତ ଏକତାନ କରି ଚିତ୍ତ କୁଳ-ଦେବତା-ଶ୍ରୀକାନ୍ତ-ପଦ-କମଳେ । ଦେଲେ ଥୋଇ ଭକ୍ତଜନ-ଚିନ୍ତା-ଚନାକୁ ଯା ଦାନ ଚିନ୍ତାମଣି-କଳ୍ପଦ୍ରୁମ-ମାନଙ୍କୁ ବଳେ । ଅଇଦରଙ୍କର ସେ ହରି । କେ ଭକ୍ତ-ଚିନ୍ତା-ପର୍ବତ ନ ଆନ୍ତି ଚୂରି ।୬୯। ଚନ୍ଦ୍ରିକା-ମାନଙ୍କେ ନଦବର ତା କମଳାବର ବାର ଠାରୁ ଭାରତୀଙ୍କ ବୋଲନ୍ତି ହସି । 'ଏ ସ୍ୱୟମ୍ବରେ ଭୂପତି ଅସଂଖ୍ୟ ତ ପୂରିଛନ୍ତି ଏହାଙ୍କ କୂଳ-ଶୀଳ-ଗୁଣ ପ୍ରକାଶି । ପାରେ ତୋ ବାହାର ଆନ କେ । ପୂଜିତା ତୁ ତ ବାଗ୍ମୀପ୍ରବରମାନଙ୍କେ ।୭୦। ନାନାଦି ଦେଶ-ବିଦେଶ-ବଂଶୁ ଆଗତ ନରେଶ-ସମୂହର କୁଳ ଶୀଳ-ବଳ-ବୃତ୍ତାନ୍ତ । ନାହିଁ ତ ଲତାଏ ତୋତେ ଅଜଣା କାହିଁ କହିତେ ଏଣୁ କହୁଛ ରେ ଏଥି ପ୍ରାଣ ସଙ୍ଗାତ । ବନ୍ଦୀପଦ ଗ୍ରହଣ କର । ନୀରବେ ରହିବାବେଳ ଏ ନୁହେ ତୋର । ୭୧ । ଜଗତଜମ୍ବୁ-ପଣ୍ଡିତ ମଣ୍ଡଳରେ ଏ ମଣ୍ଡିତ ନ ଥିଲା ନାହିଁ

ନୋହିବ ଏ ସଭା କାହିଁ । ଅବନୀ-ବନିତା-ବରମାନଙ୍କର କୁଳଶୀଳ-ବଳ-ବଖାଣନ-ଛଳ ଅଧର ସହି । ବଧୂଙ୍କୁ ଢିଅ ବତାଇ । ଚନ୍ଦ୍ର-ଭାରତୀ-ଗୁରୁସି-ଚତକ୍ତ କହି ॥” ଭ୍ରୂଧନ୍ୱେ ଏମନ୍ତ କାନ୍ତ ସନ୍ଧ-ସୁପର୍ବାଣ-ନତ-ମସ୍ତକ-ବାଞ୍ଛ ଫେଡ଼ିବା ଦେବୀଙ୍କୁ ଶେଷ । ଉହିଥିଲା ଯା ତାଙ୍କର ପଦ୍ମର-ଶତପତ୍ର-ଅଙ୍କରେ ଶବେ ତା ବାହି ପ୍ରସାଦ-ଦୃଶ । ଅଙ୍ଗୀ ଭୁଲେ ଅତି ଆଦରେ । ଗମିଲେ ଭାରତୀ ସ୍ୱୟମ୍ବରେ ମୋଦରେ । ୭୩ । ସଭା ମଧ୍ୟେ ସରସ୍ୱତୀ କଲେ ବିଜୟ ଫେଟିତ ଗନ୍ଧର୍ବ-ବିଦ୍ୟା ଯାହାର କଣ୍ଠପ୍ରଦେଶ । ଉଦର-ଦେଶେ ବୁଚର-ବଳବିତସ୍ତି-ବ୍ୟାକର କରଛନ୍ତି ବେଦବସ୍ତ୍ର ଅର୍ଥ-ପ୍ରକାଶ । ଅପାଙ୍ଗ-ବିଷେଦ-ନିକର । ପରସ୍ପଷ୍ଟ ହୋଇଛନ୍ତି ସାହିତ୍ୟ ଯା’ର ।୭୪। ବଳିବସ୍ତ୍ର-ବେଦ-ବେଦୀ ଉର୍ଦ୍ଧ୍ୱକୁ ଅଥର୍ବ ଭେଦ ମେଚକକାନ୍ତି ପ୍ରକାଶି ଦିଶେ ଶୋଭିତ । ନାନା-ବିଧ-ବାଦିଗୁର-ବିଧିରେତ ନିରନ୍ତର ପୂରିତ ସେ ତେଣୁ ତା’ର ଜ୍ୟୋତି ଅସିତ । ଉଦରର ରୋମ-ଅବଳି- । ଛଳେ ଅଣ୍ଡ ପରକାଶି ଅଛି ସେ ଝଳ । ୭୫ । ଚରିତ ଶିକ୍ଷା ସାକ୍ଷାତ ଅକଳ୍ପ ଯା କଳ୍ପବ୍ରାତ ନିରୁକ୍ତ-ରୂପ ଯାହାର ଅଟେ ନିରୁକ୍ତ । ସର୍ବଗୁଣ-ଭାବାଶ୍ରୟୀ ବିବିଧ-ଶବ୍ଦ-ବିଧାୟୀ ବ୍ୟାକରଣ ହୋଇଛି ଯା କାଷ୍ଠ-ପ୍ରତୀତ । ଅଙ୍କେ ଭୁତ ଉଦିତ ତାର-ା ବୃନ୍ଦ ଜ୍ୟୋତିର୍ମୟ-ବିଦ୍ୟା କଣ୍ଠ ଯାହାର । ୭୬ । ବାଦୀ ପ୍ରତିବାଦୀଙ୍କର ସ୍ୱପକ୍ଷପରେ ଭାସୁର ପୂର୍ବୋତ୍ତର-ପକ୍ଷଟାଙ୍କେ ଓଷ୍ଠଅଧର । ଦୁଇ, ଧର୍ମକର୍ମାତ୍ମକ ମୀମାଂସା ପରିଚ୍ଛାଦକ ମାଂସଳ-ଭ୍ରୂଯୁଗଳ-ବତ ଯାହାର । ଷୋଳ ଦ୍ରବ୍ୟ ଲକ୍ଷଣୋଦ୍ଦେଶ୍ୟ । ଦ୍ୱିଧା ଅନ୍ୱିକ୍ଷୀ ଉଦର୍ଦ୍ଧ୍ୱିପାଳ-ଦୃଶେ । ୭୭ । ବିଦନତର୍କେ ନିଷ୍ଟିତ ନୋହିଲେ ବାଦେ କେମନ୍ତ ବିକଶୁଥାନ୍ତା ସାମର୍ଥ୍ୟ ତାଙ୍କର ଏତେ । ପଦାଦାନେ ଗୁଣଶାଳୀ ପୂଗ କରିବାର ଧୂଳ ଶକତ କାହିଁ ହୁଅନ୍ତା ଅଉ ଏମନ୍ତେ । ବ୍ୟାସ ପରିଶରେ ଉଦ୍ଭୂତ । ମନ୍ୱାଦିରେ ଯା ପାଣି-ପଲ୍ଲବ ଶୋଭିତ । ୭୮ । ଯା ଅକଳ୍ପ ଛେଦବିରହିତ ଧର୍ମ ଶାସ୍ତ୍ରରେ ସ୍ମୃତି-ମୂଳଗାଳୀ ହୋଇ କଣ୍ଠରେ ବହି । କା ମୋଦ ବୃଦ୍ଧି ନ କରେ ପ୍ରଣବ-ଦୁଇ ଦଳରେ ଭୁରୁ ଯା ତା ବିନ୍ଦୁଭାଲେ ତିଳକ ଶୋହି । ବାଙ୍କ ଅର୍ଦ୍ଧଚନ୍ଦ୍ରେ ବିଶ୍ୱଜୀ ।-ବଜାଇବା ଧନୁକୁ ବରିଷ୍ଠ କଳ୍ପକ ? ।୭୯। ଲେଖା ଶେଷରେ ଠକାର ଦେଖାଯାଏ ଯା ତା ସାର ନେଇ ଯା କୁଣ୍ଡଳଯୁଗ ରଚୁ ହୋଇଛି । ସାଥି ହେମ-ଲେଖନିର କର-ଅଙ୍ଗୁଳି-ନିକର ମସି-ନିର୍ଯ୍ୟାସେ ଶକ୍ତୁର-ବାର ଶୋହିଛି । ଯେଉଁନ କାମିନୀର ସାରାଂଶ । ନିର୍ମିତ ହୋଇଛି ଯା’ର ମଧୁରହାସ । ୮୦ । ମୁଖ ଯା ସୋମ-ସିଦ୍ଧାନ୍ତମୟ ଉଦର ସାକ୍ଷାତ ଶୂନ୍ୟାତ୍ମତା-ବାଦମୟ ଅଟଇ ଯେଉଁନ । ବିଜ୍ଞାନ-ସାମସ୍ତ୍ୟମୟ ହୃଦୟ ଯାର ନିଶ୍ଚୟ ସାକାର-ତା ସିଦ୍ଧିମୟ ଯା ଅପଘନ । ସେ ଶ୍ରୀହରି-ଚରିତ୍ରଧାରଣୀ । ବାଣୀ ବିଜେ କଲେ ସଭାମଧ୍ୟେ ତତକ୍ଷଣି । ୮୧ । ଭୀମ ଭୂପତି ବଦନ ଗୃହି ବଚନ-ରଚନ କରନ୍ତି ଦେବୀ “ସ୍ୱଜନ ନୁହେ ଏକାଳେ । ଯାହାଁ ବିରସ ହୁଅ ଏତ ଅନନ୍ଦ ସମୟ ଯେତେ ନୃପ ଛନ୍ତି ଏଥି

ସଭାମଣ୍ଡଳେ । ସମସ୍ତଙ୍କ ଚରିତ୍ର ଗୋତ୍ର । ଯଥା-ଯଥ-ଭାବେ ମୁଁ କରିବି ବ୍ୟକତ ।୮୨
ମନ୍ଦାକିନୀ ଯାର ପଦ-ଅରବିନ୍ଦେ ମକରନ୍ଦ ପରିଏ ବିରାଜେ ସେ ମୁକୁନ୍ଦ-ଆଦେଶ । ଶିରେ
ବହି ଅଙ୍ଗୀକାରି ଅଛେ ମୁଁ ଅବତରି ଏ ସ୍ୱୟମ୍ବରେ ଭୂମିର ହେ ଧରାଧୀଶ । ଅଛି
ମୋତେ ଅନୁଜ୍ଞା ହୋଇ । ନୃପତି-ଗୋତ୍ର-ଚରିତ୍ର-ବର୍ଣ୍ଣନପାଇଁ" ।୮୩। ଏମନ୍ତ ଭାରତୀ
ଭାରତୀ ସେକାଳେ ପକ୍ଷୀ-ପ୍ରଭୃତି-ସ୍ୱନରୁ ଶୁଣିଲେ ବାରି ବିଦର୍ଭ-ପତି । ଏ ଯୁବତୀ ମୋର
ହିତ ବିନା ଅହିତକୁ ଚିତ୍ତ-ମଧ୍ୟେ ନ କରିବ ଦାଣ୍ଡ ସ୍ଥାନକୁ ଚାହିଁ । ସପର୍ଯ୍ୟା ପାଇଁକି
ତାଙ୍କର । ଯଥା ଯୋଗ୍ୟ ଆଦେଶ ଦିହିଲେ ସତ୍ୱର । ୮୪ । ଏଥୁ ଅନ୍ତରେ ବିଦର୍ଭ-
ଈଶ୍ୱର ମହା-ସମ୍ପଦ-ପୂରିତ ସେ ସ୍ୱୟମ୍ବର-ସଭା ମଧ୍ୟକୁ । ଦିହିଲେ ଆଦେଶ ପରି-
ଚର ବାରେ ସୁକୁମାରୀ ନିଜ କୁମାରୀକି ବିଜେ କରାଇବାକୁ । ଶୁଣିବାରେ ନୃପେ
ଶ୍ୱର । ଗୁଣ ଯାର କଉତୁକ-ବିଦ୍ୟାର ସର । ୮୫ । ଲଭି ନୃପତି-ଆଦେଶ କବେ
ବିଜୟି ବାଳୀଗ ପୁରତେ ପରିଚାରିକା ପଣ୍ଡାତେ ଆଳୀ । ପୁରସ୍ତ୍ରୀଙ୍କ ଦାସୀ-ଛବି ଚାହିଁ
ଲୋକ ହୃଦ ଦ୍ରବ ହୋଇଲା ସେକାଳେ ଅଶ୍ରୁସିନ୍ଧୁ-ସିନ୍ଧୁ ଭଳି । ଆଳି ରୂପେ ହେଲା
ସେ ସ୍ଥିତ । ବାଳୀ-ରୂପେ ଗଲା ଲଙ୍ଘି କୂଳ ଭୁରିତ । ୮୬ । ବାସଖଚିତ ରତନସ୍ନିଗ୍ଧ-
ତେଜେ ଅପଘନ ବିରାଜୁଥିଲା ସମ୍ମାନ ନ ରଖି ସ୍ନେହେ । ଅଳଙ୍କାର-ଅଙ୍କଗତ ହୀରକ-
ବ୍ରାତ-ଛୁରିତ-ଜ୍ୟୋତିସ୍ରୋତ ବହୁଥିଲା ଜଳ-ପ୍ରବାହେ । ତହିଁ ଜେମା-ଛାଇ-ପରାଗ ।
ଶୋଭୁଥିଲେ ଗହଣର ଆଳି-ନିଚୟ । ୮୭ । ନାନାବିଧ ସୁବାସିତ-ରସେ ତ ତନୁ-
ଚର୍ଚ୍ଚିତ କରିଣ ପୁଣି ବାଳୀ ବହିଅଛି ଉପୂଲେ । ଗନ୍ଧାମୋଦେ ହୋଇ ଅନ୍ଧ କନ୍ଦର୍ପହୁତ
ମିଳନ୍ତି କଣ୍ଠୀନ୍ଦ୍ରକେ ମିଳି କସ ଭାବେ ନରେନ୍ଦ୍ରେ । ସଂସାରର ସର୍ବ ସୁଷମା । ଜଣାଯାଏ
ହେଲାପରି ଏକତ୍ର ଜମା । ୮୮ । ଭୂଷାଖଚିତ-ବିବିଧ-ରତନର ଜ୍ୟୋତିବୃନ୍ଦ ପେଲା-
ପେଲି ହେଉଥାନ୍ତି ମଣ୍ଡପତଳେ । ସେ କୁଟ୍ଟିମ-ରଣଠାଣି-ଦର୍ଶନେ ରମଣୀମଣି କଣ୍ଠି-
ଆଇଁ ଚାହିଁ ଥାଇ ଚଉକତରେ । ନଗ୍ନ ଏ ଯା ଭୂରୁ ଲଳନା । ଗୃହଭ୍ରମେ କାମ କ
ତା କରେ ଗୃଳନା ।୮୯। ବସନ୍ତ-ଲକ୍ଷ୍ମୀ-ସମାନ ଶୋଭେ ସେ ନାରୀ-ରତନ ସାମୋ-
ଦକୁସୁମାଶୁଗ ଅଙ୍ଗ ବାସିତ । କଣୋରଶାଖା-ଉଣ୍ଣ୍ଣାଳ ବାଳକା ରମଣୀୟ ରମଣୀ-
ମଣି ସଂସଦେ ହେଉ ଆଗତ । କଳ୍ପଦ୍ରୁମ-ସମ ନରେଶେ । ତା ପ୍ରାପତପାଇଁ ପୂର୍ଣ୍ଣ
ହେଲା ମାନସେ ।୯୦। ଭୂଷାଖଚିତ-ବିବିଧ-ବିଶୁଦ୍ଧ-ରତନ-ବ୍ରାତଛୁରିତ-ଅସିତପୀତ-
ଶ୍ୱେତ-ଲୋହିତ । ତେଜେ ଚାରୁଅପଘନ ଦିଶେ ତହିଁ ଗୋରୋଚନ-ଚନ୍ଦନ-
କୁଙ୍କୁମ-କସ୍ତୁରୀ-ବିଲେପିତ । ଏକବର୍ଣ୍ଣ ବେନି ପଦାର୍ଥ । ଯେଣୁବାଳୀ ପୁନରୁକ୍ତ କରନ୍ତି
ଖ୍ୟାତ । ୯୧ । ବିଭୂଷଣର ଭୂଷଣ ନାନାବିଧ ରତନଗଣ-ବିଜନ୍ୟ କିରଣମାନ ହୋଇ
ଗୁମ୍ଫିତ । ପୁରନ୍ଦର-ଶରାସନ ପରି ଦିଶଇ ଶୋଭନ ସେ ତେଜୋବନ୍ତ କାର୍ମୁକ ବିର-
ଯୋଷିତ । ସମର୍ପି ଅଛି କି ମାରକୁ ? । ପୁଷ୍ପଚାପେ ନ ପାରିବ ବୋଲି ଜଗକୁ ।୯୨।

ସ୍ୱୟମ୍ବରକୁ ସୁଦୂର ଦେଶୁଁ ବହୁ ନରବର ଆସିଛନ୍ତି ଶ୍ରମକରି ଏମନ୍ତ ଚିନ୍ତି । ଦାସୀ ପ୍ରକାଶିଲ ଛନ୍ଦ ବାଳାକୁ ଦେଲା ଦେଖାଇ ପୁଣି ତାକୁ ଅଯୋଗ୍ୟ ଏ ବିଗ୍ରହ ମତି । ଅଦୈନ୍ୟ ବାସେ ପଛେ ରତନ-। ତେଜରେ ରଖାଇ ଦେଲେ ତାଙ୍କ ନୟନ । ୯୩ । ବଳେ କରୁ ଶୋଭା-ସୃଷ୍ଟି-ପ୍ରବନ୍ଧରେ ସେ ବିମ୍ବୋଷ୍ଠୀ ଆକାଶୁଁ କୁସୁମ ବୃଷ୍ଟି ଛଳରେ ହୋଇ । କ୍ଷଣକପାଇଁ ତା ରୂପେ ଦେଖାଇ ନ ଦେଲା ଭୂପେ ପୁଷ୍ପ ସଙ୍ଗେ ଆସି ଅଳି-କୁଳ ଘୋଡ଼ାଇ । ସେ ମଧ୍ୟ ଲୁବ୍ଧଲେ ନିମିଷେ । ତାଙ୍କ ଭୟେ ମୋଡ଼ା ମୁଖ କା'ରେ ନ ଦିଶେ । ୯୪ । ନନ୍ଦନେ ଚଳିବା ଅଳି-ବଦନେ ସେ ବରବାଳୀ ବେଳେ ବେଳେ ଚାହେଁ ତ୍ରାଳ ଅପାଙ୍ଗ ରଙ୍ଗେ । ନେତ୍ର-ପିଚକାରୁ ତା'ର କର୍ପୂର-କସ୍ତୁରୀ-ନୀର ପିଚକି-ଯିବାର ଭ୍ରାନ୍ତି ଜନ୍ମାଇଁ ବେଗେ । ଭୂପାଳେ ଭ୍ରଳନ୍ତି ତା ଚାହିଁ । ଅଳି-ପାଳି-ମୁଖ ଅସ୍ତ୍ରେ ଯାନ୍ତି କି ହୋଇ । ୯୫ । ବିକାଶୁଁ ଈଷତହାସ ଅପସରେ ରଦବାସ ଦଶନଅଂଶୁ ପ୍ରସରି-ଯାଏ ଚହଟି । ତା ଚାହିଁ ଅବନୀପତି-ମୁଖ-ତାମରସପତ୍ର ତାମସ-ନାଶ-ବଶରେ ଆସଇ ଫୁଟି । ଏଣୁ ବାଳୀଶର ସେ ସ୍ମିତ । କରେ କଉମୁଦର ମୁଦକୁ ପରାସ୍ତ । ୯୬ । ରତନବସା ଭୂଷଣ ଅଙ୍ଗେ ଦିଶଇ ଶୋଭନ ବାଳର ତା ଚାହିଁ ଚିତ୍ତେ ଜାତ ଏ ତର୍କ । ଦର୍ଶକନେତ୍ର ସେ ଅଙ୍ଗେ ଯେ ଯହିଁ ପଡ଼ିଲେ ବେଗେ ଲାଖି ଜଡ଼ିଯାଇ ରହିଗଲେ କି ଠିକ । ହାର-ପଦକର ମର୍କତ ।—କରେ ଅନ୍ଧକାର ନାଭି ଦିଶେ ଅତ୍ୟନ୍ତ । ୯୭ । ମନ୍ଦହାସ-ଶୋଭା ଚାହିଁ ବିସ୍ମୟେ ରଜନୀସାଇଁ-କଉମୁଦର ମସ୍ତକ କମ୍ପଇ ଘନେ । ସେ ଚାତୁରୀ ଅନୁକରିବାକୁ କି ମରାଳମାନେ ଛଳରେ ଗମନ ଭଳି ହୋଇ ଗହଣେ । ଯାଉଥିଲେ ଯୋଷାଭୂଷାର । ନାଚ ନାଚ ଆହ୍ଲ ଲୋକ-ଲୋଚନ-ବାଜ । ୯୮ । ଉର୍ବଶୀ ଆଦି ଅପ୍ସରାଗଣେ ଚଉପାଶେ ମିଳି ନ ପାଇ ଶ୍ରୀଅଙ୍ଗବର୍ଣ୍ଣ ବର୍ଣ୍ଣି ଚହିଁଲେ । ବୋଲା ହୋଇଥିବା ଅଙ୍ଗରାଗର ସୁରଭି ବେଗ ବସାଇ ଦିଅନ୍ତେ ନିଜ-ଜଙ୍ଘା-ମଧ୍ୟରେ । ହୃଦମଣ୍ଡା ଲଜ୍ଜା-ଧଣ୍ଡାକୁ । ପୁରସ୍କାର କରି ଦେଲୁ ବାଳୀଶ ତାଙ୍କୁ । ୯୯ । ଦଶନ ଜ୍ୟୋତିରେ ଯା'ର ନିସ୍ତେଜ ନକ୍ଷତ୍ରବାର ବଦନେ ଚାହିଁ କଦନ ଲଭେ ଯା ଶଶୀ । ଥାଉ ଆଉ କଥା ତେଣେ ଯା ବାଳେ ବାଳ-ପ୍ରମାଣେ ଭୁଲି ନୋହି-ବାରୁ ଶୂନ୍ୟ ଆକାଶ ଦିଶି । ତାକୁ ଚାହିଁ କେଉଁ ନୃପତି । ନେତ୍ରେ ଅକଣ୍ଠ ପୀୟୁଷ ପିଇ ନାହାନ୍ତି ।୧୦୦। ଅଳଙ୍କୃତାଙ୍ଗୁ ଯାହାର ଅନଳଙ୍କୃତ ଶରୀର ଅନର୍ଘରମ୍ୟ ଶୋଭା ବହେ ବହୁତ । ଅତେଣୁ ବିମାନ ସ୍ୱୟମ୍ବରେ ସେ ନାଗରୀରେ·ଶିରସ୍ଥସାର-କଳି ହେଉ ଅଗତ । ନରସିଂହବ୍ରଜ ଅପାଙ୍ଗେ । ପିଇଲେ ସେହି ସୁଷମା-ପୀୟୁଷ ରଙ୍ଗେ ।୧୦୧। ଅପରୂପ ଚାତୁରୀଙ୍କ ବାଳୀବରର ବିଲୋକି ମଜ୍ଜିଯାଇ ନ ଥିଲା କେ ଅଦ୍ଭୁତ ରସେ । ନ ଥିଲେ ସେ ସ୍ୱୟମ୍ବର-ସଭାରେ ଜଣେ ମାତର ଯେ ସେ ଅଙ୍ଗନା ଶ୍ରୀଅଙ୍ଗେ ନିବେଶ ଦୃଶେ । ପୁଲକିତ-ରୋମ ଅଙ୍କୁର ।—ଜାଣୁଁ ନ ବହନ୍ତି ଦନ୍ତୁରିତ ଶରୀର । ୧୦୨ ।

ସ୍ୱଜନ୍ମଦାତା ରୂପ ଗୁହିଁ ବସ୍ତୁମ୍ଭେ ବଦ୍ଭୂତ ନୋହୁ ନ ଥିଲା କେ ଜଣେ ଦହିଁ ଯାହାର
କର । ଦକ୍ଷେତର-କନିଷ୍ଠରେ ବୃଦ୍ଧ-ମଧ୍ୟମାଙ୍ଗୁଳିରେ ଜନ୍ମାଇଁ ଶବ୍ଦ ନ କରଥିଲା
ପ୍ରସ୍ଥର । ଅଙ୍ଗନାକ୍ଷି ହେବାକୁ ଥକା । ସ୍ୱାଙ୍ଗେ ମାରୁଥିଲେ କ ସେ ଫୁଟୁକ-ଟେକା ॥
ଖଞ୍ଜନ-ଗଞ୍ଜନ-ନୟନାକୁ ଗୁହିଁ ନରସମ୍ଭ କା ଭ୍ରୂରୁ ନୋହୁଛି ଟେଙ୍କ ନ କମ୍ପେ ଶିର ।
ଅର୍ଥ ସେ ସଭା-ମଣ୍ଡଳେ ଅତି ଅନନ୍ଦ ବନ୍ଧୁରେ ନଂଜଚରଲା କାହାର ସମ୍ପୂର୍ଣ୍ଣ ଶିର ।
ବସିବାରୁ ଜଡ଼ତା ମାଡ଼ । ଜିହ୍ୱା ନ ପାରଲା କହି ହୋଇଲା ଜଡ଼ । ୧୦୪ । କେ
ବୋଲେ "ବିମ୍ବାଦ-ଅପଯଶ-ଲେଭେ ଅନଳପ ସୁକୃତ ସମ୍ବାଦ ନରେ ଅମର ପୁରେ ।
ଯିବାରେ ଶୂନ୍ୟ ଧରଣୀ ନୋହୁ ଏମନ୍ତ କ ଚନ୍ତ୍ର ଏ ଅପ୍ସରା-ଶିରଙ୍କ ଜାତ ମହୀରେ ।
ହୋଇ ମହୀଠାରୁ ଅଧିକ ।—ବୁଦ୍ଧି କ ସ୍ୱର୍ଗରେ ଦେଲା ସେଥି ଲୋକଙ୍କ" । ୧୦୫ ।
କେ ବୋଲେ "ଅନେକ-ଜନ-ବଦନୁଁ ରୂପ-ବର୍ଣ୍ଣନ ଶୁଣି ଏହାର ତାହାକୁ ଭାବ
ଅତ୍ୟୁକ୍ତି । ସତ୍ୟ-ମିଥ୍ୟା-ବଗୃବଣା-ପାଇଁକ ଏଥକୁ ସିନା ଅସିଥିଲୁଁ ଏବେ ଯାଇଁ
ତୁଟିଲା ଭ୍ରାନ୍ତି । ସେ ବର୍ଣ୍ଣନକୁ ତ ଏ ଛବ । ଅତ୍ୟନ୍ତ ଅତ୍ୟୁକ୍ତି ହୋଇଁ ଦେଉଛି ଦାବ ।
୧୦୬। ସାଗର-ସାମାନ୍ୟେ ଶିଶ ଜନମ ଲଭି ସୁନ୍ଦରୀ ଶୋଭା ଗୃତୁସ୍ପ ଦୁଇର ଏ ମହାନଦୀ ।
ଏହାର ସମ୍ଭବ ପାଇଁ କାହିଁ ନଷ୍ଟେ ଥିବ ବହୁ ଦେଖା ନ ଯାଇ ଶୃଙ୍ଗାର-ମହାରସଥି ।
ଯା ଥାଏ ତା ଦିଶେ କ ସର୍ବେ ? । କହ ପଡ଼ୁଛି ପବନ କା ନେଜେ କେବେ ? ॥
ବଦନ ବାଳିବରର ନିଷ୍ଟସ୍ତ ପୀୟୂଷକର ଅକାଶ ଦେଶେ ଯେ ଦିଶେ ଶଶାଙ୍କ ସେହି ।
ଏକା ଏ ଭ୍ରୂରୁ ଯୁଗଳ କାର୍ମୁକ ମନମଥର ଏ ତ ଏଥି ତେଣୁ ପୁଷ୍ପଗୃପ ସେ କହି ।
ଲକ୍ଷଣିକ ସେ ତ ନଭରେ । ହେବ ପୁଷ୍ପ ଅବା ଗୃପ ଗୌଣ ଭାବରେ" । ୧୦୮ ।
କେ ବୋଲେ "ଶ୍ରୁତି ଯୁଗଳ ତଳେ ବଲୋଳ-କୁଣ୍ଡଳ-ଛଳେ କ ଅବଳାବର ଥୋଇଛି
ଲକ୍ଷ । ଧାନୁକ କୁସୁମ-ଶର ସବ୍ୟେତରେ ନିରନ୍ତର ଅମଙ୍ଗ ବନ୍ଧୁଥିବାରୁ ପକ୍ଷବଶେଖ ।
ବାଜି ବାଜି ଯିବାରୁ ଗଳ । ମଝିରେ ଯାଇଛି ହୋଇ ଛିଦ୍ର ଏ ଭଳ" ।୧୦୯। କେ
ବୋଲଇ "କର୍ଣ୍ଣପୁର କରଛିତ ଇନ୍ଦୀବର ଏ ଗୁନ୍ଦ-ସୁନ୍ଦରମୁଖି ଭାଳ କ ମନେ ।
ଚନ୍ଦ୍ରୀପ୍ରଧାନ କେଳତ-ପତିଙ୍କ ଅପକୀରତ ଶୁଣାଇବାକୁ ଅସାଧୁଜନ-ବଦନେ । ତା ଏ
ଶିର ତେଜ କୁଣ୍ଡଳ । କର୍ଣ୍ଣେ ରହିବା ଦେଖି କି ବନ୍ଦିବେ ଖଳ ?" । ୧୧୦। କେ
ବୋଲେ, "କାମର ଶରାସନ ପୁଷ୍ପମୟ ପଦ୍ମ ରଜ ଷଟ୍ପଦ କାଟେ ଥିବ ତ ପୃର ।
ନୁହଇତ ସେ ନବୀନ ଅତଅନ୍ତ ପୁରାତନ, ସେ ଶର ଥାଏ କିପାଇଁ ଏ ଧନୁ ଧର ।
ମୁଠାବନ୍ଧା ଭ୍ରୂରୁ ଗୃପେ କି ? । କେମାର ଜମା ନ ପଡ଼େ ତାହାର ଅକ୍ଷି" । ୧୧୧ ।
କେ କାହାକୁ କହେ ତହିଁ "ଭଲା ଭଥଇଛି ବିଧି ଏ ନେତ୍ର ଯୁଗଳ କର ନିତ୍ୟ
ନୂତନ । ସାର ସଂଗ୍ରହି ଖଞ୍ଜନ ବର୍ଗରେ ଶୀତେ ନଳନେ କାହିଁ ଫିଙ୍ଗଦେଇ କର
ଅତି ଯତନ । ତହିଁ ପ୍ରତିବର୍ଷ ଏ ନେତ୍ର । ପୁଷ୍ଟ କରୁଅଛି ପଦ୍ମ ବର୍ଗରେ ଚିତ୍ର" ॥

ପୁଣ କେ କହେ ଏମନ୍ତ, "ଶତପତ୍ର ଏ ଯୋଷିତବର-ନେତ୍ରେ କେ ଅଧିକ ଗୁଣା କେ ହୋଇ । ଅଳିଯୁଗୁ ଏ ବୃତ୍ତାନ୍ତ ବୁଝି ଜନେ ହୋନ୍ତୁ ଜ୍ଞାତ ଏତେ ଭ୍ରାନ୍ତ ବିଧାତା କି ଦେଇଛି ଥୋଇ । ସେ ନୟନ-ଯୁଗଳ-କୋଳେ । କନୀନିକା-ଛଳକରି ବେନି ଭ୍ରମରେ" । ୧୧୩ । କେ ଭଣେ "ଏମନ୍ତ ନୋହି ରତିମଦନମଥିତୁଇ କରିଛନ୍ତି ଏ ପ୍ରମଦା-ହୃଦେ ସଦନ । ସେ ନିକେତନ-ଯୁଗର ଅଗ୍ରସ୍ଥାୟୀ କାର୍ତ୍ତସ୍ୱର-କଳଶ ବେନି ଏ ଗୃହାଁ କେଡ଼େ ଶୋଭନ । ପୟୋଧର ଭ୍ରମେ ବୋଲନ୍ତି । ପଯୁ ଧରିବାରୁ ପରି ଶ୍ୟାମ ତା କାନ୍ତି । ୧୧୪। ଭୁଜଯୁଗେ ବନିତାର ହାର ତ ଅଛି ମୃଣାଳ ତେଣୁ କର-ଭାବେ ଶୋଭିଛି ତ ସୁମନ । ଶିଖିପରି ସେ ସୁମନେ ବିହରଇ ଅନୁକ୍ଷଣେ ଏ ଭୁଜେ କି ନ କରିଛି ସେ ନିକେତନ । ଲୁଗୃକଥା ଏତ ନୁହଇ । କର ବୋଲି ତାକୁ କେ ବା ନ ଥାଏ କହି ? ।୧୧୫। ମୃଣାଳେ କଣ୍ଟକମାଳ ଥାଏ ତ ନିରନ୍ତରିଲ ତା ଫୁଲେ ତହିଁ ଗୋଟିଏ ନ ଥାଏ କେହି । ବିଗୃରେ ସେ ପଦ୍ମ ଛଦ୍ମ ଏ ବାଳା·ଭୁଜାଗ୍ରପଦ୍ମ ପଦ୍ମ ଏକା ଅପଛଦ୍ମ, ଯେଣୁ ଏ ବହି ।—ଥାଏ ନଖ-ଖଗ୍ର କଣ୍ଟକେ । କଣ୍ଟକତ ଭୁଜ୍ଁ ଜନ୍ମି-ଥିବାର ଠିକେ" । ୧୧୬ । କେ ବୋଲେ "ଏ ମରପୁରେ ଏ ବରବାଳୀ ତୁଳରେ ଅବଳା ଥିବା ତ ଜଣା ଆମୃଙ୍କୁ ନାହିଁ । ଥିଲେ ବା ଥିବ ଅମରଭୁବନେ ଅବା ପାତାଳ ଦେଶେ କୋଟିକେ ଗୋଟିଏ ସମାନ ହୋଇ" । କେ ବୋଲଇ "ମିଳଲେ ତହିଁ । ସେଠାରୁ ଏଠାକୁ କପାଁ ଅସନ୍ତେ ଧାଇଁ ?" । ୧୧୭ । କେ ବୋଲେ "ବିହି ଚତୁର କର-ଚତୁରେ ଯୁହାର; ହୋଇ ନ ଥିବ ପରି ଏ ନିର୍ମିତ ତହିଁ । ଏ ଶିଳ୍ପେ କାହ୍ନୁଁ ତାହାର ଗଳିବ କା ବୁଦ୍ଧି ? କବ ବାଜ ବହିଆଥନ୍ତା କ ଭାଜ ନ ଯାଇ । ଅନଙ୍ଗ— ମଦନ-ବ୍ୟଗାତ । ହୋଇଥିବ କି ଏ ମୂର୍ତ୍ତି ଅନେ ନିର୍ମିତ ? । ୧୧୮ । ଭଜାଥିବାରୁ ତ ଶାନ୍ତ ଅବିରତ ଧାତାମତ ମରୁମସ୍ଥାରୁହବତ ନିରସ ଅଟ । କୁନ୍ତଧର କର-କରକଶ ତ ମାନସ କର ଏମନ୍ତ ଯା'ର ସେ କାହ୍ନୁଁ କରୁ ଏ ମୂର୍ତ୍ତି । ବିହି କି ଏଥିକି ବିନ୍ଧାଣି ? । ଶୃଙ୍ଗାରଧାରି ପର ତ ରାଜଦୁଲର୍ଣା" । ୧୧୯ । କେ ବୋଲେ "ରତି ବରଷ ଭାର କଷିବାକୁ ଅଷ୍ଟ ଧରିଥିଲା ତନୁଲତା ମଧ୍ୟକୁ କରେ । ଏଣେ କୁଚକୁମ୍ଭଯୁଗ ତେଣେ ତ ନିତମ୍ବଭାଗ ଲଘୁ ଗୁରୁ କେ ନୋହନ୍ତୁ ବହିଲା ସମରେ । ବିବଳି ଯା ମଧ୍ୟେ ଦିଶଇ । କସିଙ୍କୁଳ-ଲାଗିଥିବା ଚିହ୍ନଟି ସେହି । ୧୨୦ । 'ନିଜଅଙ୍ଗୁ ସର୍ବସାର ଅଙ୍କରଷି ସୁଧାକର କଲା ଏ ଶିଖିଷାଙ୍ଗିକି' ବୋଲି କେ ଭ୍ରଷେ । ପୁଣ ବୋଲଇ 'ଏ ଦେହେ କମଳ ବଦନ ନୁହେ ଏତ ଲୁଳଯାଏ ତା'ର କର-ପରଶେ । ସାର ଯାହୁଁ ଦିଶି ପୀଡନ । ହୋଇଛି ମୁଖ ଏହାର ନିଷ୍ଟଯୁ ସୋମ' ।୧୨୧। କହେ କେ ତହିଁ "ନିଯୁତ ନିରମାଣିଛି ବସନ୍ତ ଏ ନବ ଲାବଣ୍ୟ-ପ୍ରତିମାକୁ ଯତନେ । ସଜସୁମନ ସେ ବାଛି ବାଛି ତନୁ ବିରଚିଛି ଖଞ୍ଜିଛି ବଚନ ପିକ-ପଞ୍ଚମ-ସ୍ୱନେ । ମଳୟମରୁତେତ ନିଶ୍ୱାସ ।—ବାତକୁ

ଭଥାଇଅଛି ହୋଇ ହରଷ” ।୧୨୨। କେ ଭାଷଇ “ଏ ବାଳୀକି ରଚିଛି ଯେ ତା ଭଳକ ଶିଳ୍ପୀପଣେ ଅଭଜଣେ ବିଶ୍ୱେ କି ଥିବ ? । ଏଣୁ ବିଗୃରୁଛି ମନ ଏହାର ଶିଳ୍ପୀ ମଦନ, ବିହ୍ଵଙ୍କର କଦାଚନ ବାଞ୍ଛା ନ ଥିବ । କାମଦାସ-ଯୌବନ ତୁଲେ । ଶୋଭନିର୍ମାଣେ ସମାନ ବିହ୍ଵ କି ଭଲେ” ? ।୧୨୩। “ଗୀଷ୍ପତି-ଓଷ୍ଠ-କଣ୍ଠରେ ଆତ୍ମବର୍ଣ୍ଣନ-ବିଧିରେ ଅମାପ ଏ ପ୍ରତିମାକୁ ରଚି କି ସ୍ମର । ତାଙ୍କୁ ରଚନା-ଶୁଶ୍ରୁଷା ଶିଖାଇବାକୁ ବିତ୍ତର ଅଛି ଅବା ନାରଦାଦି ଯେ ବା ସଂସାର ।—ତ୍ୟାଗୀ ତାଙ୍କର ଅନୁତାପ-। ପାଇଁ ଏହା ବିରଚିଛି” ଭଣେ କେ ଭୂପ ।୧୨୪। ପ୍ରତି ନରପତିଙ୍କର ନେତ୍ର ତ ବେନି ମାତର ପଡି ଜଡିଲା ଭୈମୀର ଅଙ୍ଗ ବିଶେଷେ । ସର୍ବାଙ୍ଗ ବୃତ କେବଳ ଶଲ୍ୟ ହୋଇ ମରପର-ପୁରଅଧୀଶ୍ୱରଙ୍କର ନେତ୍ର-ସହସ୍ରେ । ସେ ଶୋଭା-ବର୍ଣ୍ଣନ କଳାରେ । ମଣ୍ଡିଲେ ସେ ତହିଁ ସ୍ୱମୁଖ-କଳା କରେ ।୧୨୫। ଭାଷନ୍ତେ କୁଳଶଧାଗ୍ନି “ସ୍ମିତେ ଏ ଗୋରୀ ଚଉରୀ; ନେତ୍ରେ ହରିଣୀ, ସ୍ତନରେ ବଲ୍ଲୀକାବତି । ଅଙ୍ଗଶ୍ରୀରେ ହେମା, ତୁଲ ହେବ କେ ରମ୍ଭା ଏହାର;” ଶୁଣି ଏହା ଶଙ୍କାକରୁ ନଳ ନୃପତି । ତା ବାର ଇନ୍ଦ୍ର ସ୍ୱଗିରର । ନରେଶତ-ଅର୍ଥେ କଲେ ସନ୍ଦେହ ଦୂର ।୧୨୬। ନିଜକାର୍ଯ୍ୟ ସିଦ୍ଧି ପାଇଁ ବହୁ ପୁଲୋମଜାସାଇଁ ନଳ-ମଣ୍ଡପତିରୂପ ହୋଇଲେ ନଳ । ତଥାପି ନଳସ୍ୱଭାବ-ଭଳି ନିଜ ଶତ୍ରୁଭାବ ନ ପାଳନ୍ତିଲା ବହଳ ନୋହି ସରଳ । ନୋହିଲେ କି ନିଜ ବଚନେ । ଦୂଷନ୍ତେ ଏମନ୍ତ ମିଥ୍ୟା-ଅର୍ଥ ରଚନେ ।୧୨୭। କେ ଭାଷଇ “ବିଭୂଷିତା ଗମଇଁ ଏ ରାଜସୁତା” କେ ବୋଲେ, “ଗଳା ବେଢ଼ଙ୍କୁ ଉର୍ବୀ-ଉର୍ବଶୀ” । ଏହିମତ ଅଗଣିତ ଲୋକଙ୍କ ଆନନ୍ଦ-ଜାତ କୋଳାହଳ ଯାଇଁ ଶ୍ରୁତିପୁଟରେ ପଶି । ନଳଙ୍କୁ ଖେଦାଲେ ଆନର । ଭୈମୀରୂପ-ବର୍ଣ୍ଣନ ନୋହିଲା ଗୋଚର ।୧୨୮। ସ୍ୱାରମଣ୍ଡ ଦେବୀସୁତ ଶ୍ରୀହର୍ଷ ନାମେ ବିଖ୍ୟାତ ତର୍କେ ଅତର୍କିତ ବିଦ୍ୟାବିଭବ ଯା’ର । ତା’ର ଅନଳ୍ପ-କଳ୍ପନା-କଳା-ବିଳାସ ଏ ସିନା ଯାଉଅଛି ହୋଇ ତ୍ରିନା ଲେଖନ-ଗାର । ପଢ଼ ମୂର୍ଖ ଗୋପୀନାଥର । ଏଥକୁ ବୁଧେ ଯା ଇଚ୍ଛା ଦଣ୍ଡ ବିତର ।୧୨୯।

ଏକାଦଶ ଛାନ୍ଦ ।

ରାଗ—ଲଳିତକାମୋଦୀ ।

ଏଥୁଅନ୍ତେ ମନଦେଇ ଧୀରେ ଶୁଣ ପ୍ରସନ୍ନ-ବଦନ ନୃପତିଗ ।
ଯୋଷାଭୂଷା-ଶୋଭା-ଦରଶନେ ଲୋଭ ନିଷ୍ଫଳକନେତ୍ରେ ବସିଛନ୍ତି ।

ତହିଁ ଦେବଭଳ, । ଏକାଳେ ବର-ପ୍ରାପତ ଭ୍ରଳ ।
ବିଜେକଲ ମନ୍ତ୍ରୀମଣ୍ଡନା ସୁମୁଖୀ ସଭାକୁ ବିଦର୍ଭେଶଦୁହିତାଳୀ । ୧ ।

ସେ ନବଯୋଷିତ ମଳ-ନିବନ୍ଧନ-ଝଳଗାଦେ ଅବା ତହିଁଥିବା । ଅଳଙ୍କାର-ଅଙ୍କ-ସ୍ଥାୟୀ ରତନଙ୍କ ତନୁରେ ନୃପଙ୍କ ତନୁ-ଅଗ୍ର । ପ୍ରତିବିମ୍ବ ଯାଚନ୍ତି । ପ୍ରଶ୍ରିତ ହୁଅନ୍ତି ଚିତ୍ତେ ଏତେ । ନମନ୍ତି ନୟନ-ମନେ ଏକା ସ୍ୱାଙ୍ଗେ ମଧ୍ୟଗଲେ ମନ୍ତ୍ରି କି ତା ଗାଦେ । ୨ । ମଣିମନ୍ଦିର-ମଧ୍ୟରେ ନଗର ରଚିଥାନ୍ତି ଯେବେ ଗାଧିସୁତ । ତେବେ ଶୋଭା ତା'ର ହେମ-ସ୍ୱୟମ୍ବର-ଦରଶନାଶାରେ ସମାଗତ । ଅନ୍ତରୀକ୍ଷେ ସ୍ଥିତ । ଅମର-ନିକର-ଯାନବ୍ରାତ । ଆନ୍ତ୍ୟା ଅନୁକର ପାର ଅପସର ନ ରହି ପଛକୁ କଦାଚିତ । ୩ । ଆମୋଦ ପ୍ରଦାନ ପାଇଁକି ରାଜନ୍ୟ-ମାନଙ୍କ ଧୂପ ସେ ସ୍ୱୟମ୍ବରେ । ହେଉ ବିଧୂପିତ ନୃପଙ୍କ ପୁରତ ଗୁଞ୍ଜିତ-ଭ୍ରମର-ବାତଭରେ । ସଞ୍ଚରି ଅକାଶେ । ତହିଁ ସ୍ୱୟମ୍ବର-ଦର୍ଶନାଶେ । ଏକତ୍ର ସୁମନମାନଙ୍କ ଅର୍ଚ୍ଚନ-ବିଧାନ-ସିଦ୍ଧିକି ପରକାଶେ । ୪ । ନରବରଙ୍କର ଶରୀରୁଁ କର୍ପୂର-ଚନ୍ଦନ-ସୁଗନ୍ଧ ଅଙ୍ଗେ ବହି । ବନ୍ଧୁ ଗନ୍ଧବାହ ମିଳନନିବନ୍ଧ ମିଳିଲେ ତହିଁ ସେ ବାସପାଇଁ । ରେଖାବାନ୍ଧି ଉଡ଼ି । କାମ-ଶର ପ୍ରାୟେ ଧାଡ଼ି ଧାଡ଼ି । ପକ୍ଷେ ରୁନ୍ଧି ଗନ୍ଧବହକୁ ଅନନ୍ଦ ହୋଇ ଚଉପାଶୁଁ ଗଲେ ବେଢ଼ି । ୫ । ସଉଧନିକର ମୃଦଙ୍ଗ-ମଙ୍ଗଳ-ଧ୍ୱନି-ପ୍ରତିଧ୍ୱନି ରେଖେ ରେଖେ । ଉଚ୍ଚାର କି ଚିତ୍ରେ-ରଖିବା-ସାମର୍ଥ୍ୟ ପ୍ରକାଶେ ଦେଖାଇ ତହିଁ ଲୋକେ । ଚୂଳବନ୍ଧା ଚେଳ । କରପଲ୍ଲବେ ଶୁଳ ଚଞ୍ଚଳ । ଲମ୍ବି ଦରଶାଇ କହୁଥିଲେ 'କେହି ତାଣ୍ଡବେ ହେବକି ଅମ୍ଭ ତୁଲ' ? । ୬ । ଯା ପଦ୍ମରେ ଶିବ ନଥୋଇ ଚତୁର ଦଶପୁରେ ଜଣେ ନାହିଁ କେହି । ସେ ଗିରିନନ୍ଦିନୀ ହର-ମନୋହାରୀ ଭାରତୀ ବିନୟେ ନତଦେହୀ । ମନ୍ତ୍ରୀମଣ୍ଡନାର । ରହି ଦକ୍ଷିଣରେ ଧୀରଗିର । କର ପରକାଶ ବୋଲନ୍ତି "ନରେଶ-ସୁତା ତୁ ଶୁଣ ଗୋ ବାଣୀ ମୋର । ୭ । ଦେଖ ଗୋ ଗଣନା-ଗଣ କରି ବଣା ଏ ଅମୃତାନ୍ଧସେ ବସିଅଛନ୍ତି । କହିଲେତ ଗୋଟି ଗୋଟିକର କୋଟି-ବରଷ ହରିବ ସ୍ତୁତିଙ୍କ ଖ୍ୟାତି । ଏଣୁ ଅଗୋ ବାଳ । ବିଗୁରି ଏଥୁଁ କେ ତୋର ଭଳ । ତା ଗଳେ ପୁଷ୍ପିତା ତୋର ବାହୁଲତା ପକାଉ ବରଣ ପୁଷ୍ପମାଳ । ୮ । ସ୍ୱଭାବେତ ପକ୍ଷପାତର ବିପକ୍ଷ ହୋଇଛି ଚକ୍ଷୁ ଅମରଙ୍କର । ଏବେ ତୋ ଶୋଭାଦର୍ଶନେ ହୋଇ ଲୋଭ ସେ ଭାବେ କରେ ଅତି ଆଦର । ସେହିମତ ଏବେ । ପୀୟୂଷପିଇ ବଦନେ ଦେବେ । ତୋ ଅଧର-ବାସ ନିବାସି ପୀୟୂଷ ପଇଯାନ୍ତୁ ଭୋଳହୋଇ ଭାବେ । ୯ । ଧେନୁରୂପୀ ମହୀଙ୍କ ଯେ ଥିଲା ଦୁହିଁ ସେ ମେରୁ ଏହାଙ୍କ ଗ୍ରାମଗିରି । ସଙ୍ଗରହି ଯହିଁ ଫଳଇ ସେ ମହୀରୁହହି ଏହାର କରପରି । ମୁକୁତା ଫଳାଇ । ଫଳନାମ ତା ସାର୍ଥ କରଇ । ଭୁକ୍ତଧିବନ୍ଦୁ-ବୃନ୍ଦ-ମଣ୍ଡନ-ପସନ୍ଦ ଏ ଫଳଯାଳେ ସେ ଆଏ ବହି" । ୧୦ । ଅବ-

ହେଳନା-ଜନିତ ଦୋଷ ଜାତ ଭୟରେ ଯୋଷିତ-ବର ତହିଁ । ଶିରେ କରୁ କଣ୍ଠ-ସରୋଜ ଯେ କୋରକତ ମୁଖଶଶି ପାଖେ ହୋଇ । ରାଜସୁତା ମତ । ବାରପାର ବୃନ୍ଦା-ରକ-ତତି । ବହି ଦୟୂତାଚୟେ ଭୂଷିଲେ ଇଙ୍ଗିତେ କରବୋଲି ଅନସ୍ଥାନେ ଗତ ।୧୧। ଅର୍ଯ୍ୟମାଙ୍କ ପ୍ରଭ ଜମା ଜେମାନତ ନଥିବା ବୃତ୍ତାନ୍ତ ପ୍ରତ୍ୟକ୍ଷରେ । ନବଲୋ-କିଲେହେଁ ବାଦକ-ନବଦ୍ଧେ ନଥିଲା ଛପା ତାଙ୍କୁ ଅକ୍ଷରେ । ଯେଣୁ ପାଶେ ବସି—। ଥିବା ବୃନ୍ଦାରକ-ମୁଖ-ଶଶୀ-। ଅଙ୍କେଥିବା ଶଶ-ସମାନ ବିଶେଷ ବହିଲା ସେକାଳେ ମସିବିନ୍ଦି । ୧୨ । ରକ୍ଷପାଶେ ଗଲେ ରକ୍ଷାନାହିଁ ଭଲେ ତନୁକାନ୍ତିରେ ତ ବିଦ୍ୟା-ଧରେ । ହେବାରୁ ଅଧର ଜେମାକୁ 'ଅଧର' ପଦ ଖଣ୍ଡି ଛନ୍ତି ସ୍ୱନାମରେ । ବାଳୀଶର ସ୍ୱର-। ଲେଶତ ନାହିଁ ଗନ୍ଧର୍ବଙ୍କର । ଏ ଜନ୍ମମଣ୍ଡଳ-ପାଶେ ବାଞ୍ଛାକୁଳ ନଗଲେ ବିସ୍ମୟ ଏପ୍ରକାର । ୧୩ । ଦୁଃଖୀ-ଦରିଦ୍ର-ନିକର ଏ ସଂସାର ପୂରିଥାନ୍ତି ଥାଉ ଯକ୍ଷମାନେ । ରେଖେ ବରୁ କା'ରେ ଦେଖାଇ ନଥାନ୍ତି ଅପଣାଗୁଣ ବିସ୍ମୟ ମନେ । ଲାଜେ ମୁଖ ହେଁକ । ନ ପାରନ୍ତି ନ ଜାଣନ୍ତି ସେ କି । ଏ କଳ୍ପଲତା ନୃପସୁତା ବହିଛି ବୋଲି ଅମରତରୁ-ବୃନ୍ଦିକ । ୧୪ । ମାଞ୍ଜିଷ୍ଠବାସେ ଉପହାସ ବିଶେଷେ କରଇ ପଦ୍ମବିଧର ଯା'ର । ସେ ବାଳୀବରକୁ ବାହକେ ସ୍ୱରଙ୍କୁ ବରଜ ଉରଗ-ପତିଠାର । ଯେନଯାଉ ଚଢେ । ଉପୁଜେ ବିତର୍କ ଏହିମତେ । ତେଜ ଅନ ସବୁ ମାନସେ ନରାଳ-ମାଳେ ନେଲେ କିବା ଘନବ୍ରାତେ ।୧୫। ଅଖିଳ-ବାଙ୍ମୟ-ବିସ୍ତାର ଯାହାର ରୂପା-ନ୍ତର ବୋଲି ଋଷି କହି । ମୁଖର-ମୁଖରେ ଯାହାର ସଭାରେ ମୂକତା ପିତାରୁ ବହୁଥାଇ । ସେହି ବାକଦେବୀ । ଉଦିତାର୍ଦ୍ଧ-ଶଶଧର-ଛବି-। ବହିବା ଲଲାଟ- ଶାଳଙ୍କୀ ବାଳୀକ ବୋଲନ୍ତି ଏମନ୍ତ ଚଢେ ଭାବ । ୧୬ । "ଦେଖ ମସ୍ତପତ ସୁତା ଉରଗତ-ପତ ଏ ବିଶୁଦ୍ଧ ଶୁଭ୍ରଦେହ । ଯଜ୍ଞୋପବୀତ-ବତ ହୋଇ ଜିନେନ୍ଦ୍ର-ସେବାରେ ବଳାଇ ଆନ୍ତି ସ୍ନେହ । ଏହୁ ଅନୁଦ୍ଧନ । ଲଭୁଁ ଶିବ ଶିବା-ଆଲିଙ୍ଗନ । ସେ କୁଚ କୁଙ୍କୁମ ଲାଗୁଁ ରକ୍ତାକ୍ଷୋମ-ବୃତବତ ଦିଶି ଏ ଶୋଭନ । ୧୭ । ରେ ରମଣିମଣି ମନୋହର ମଣି ମସ୍ତକେ ବହି ଏ ରମଣୀୟ । ହର-କରେ ବଳୟିତ, ହୋଇ ବଳୟବତ ଶୋଭନ୍ତି ଅହିବୀୟ । ତାଙ୍କ ଜଟାଭାର-। ବନ୍ଧନ ସିଞ୍ଜିନି କାର୍ମୁକର । ଅବା ଉର୍ଦ୍ଧଶାୟୀ ପର୍ଯ୍ୟଙ୍କ ନିବତ ସେବୁଥାନ୍ତି ଏ ଜିପୁରପର ।୧୮। ଦ୍ୱିଜିହ୍ୱ ଏତ ଏକରେ ଶୂଳଭୃତ-ମସ୍ତକ-ସୁଧାଂଶୁ-ରସଭୋଗୀ । ଏବେ ତୁ ତାଙ୍କର ହେଲେ ତୋ ଅଧରଅମୃତେ ହୋଇବେ ସେ ସବ୍ରାଗୀ । ଅନ ରନୋରେ । ପରଖି ଉଭୟ ସୁଧାଧରେ । ଇତରବିଶେଷ କର ବା ପ୍ରକାଶ ପାରିବେ ବାର ସେ ଏ ସଂସାରେ । ୧୯ । 'ସେ ତ ଆଶୀବିଷ ତାଙ୍କ ଦନ୍ତଦଂଶ ବାଜ ବା ରହିବ କେହି ମୁହିଁ' । ଏମନ୍ତ ବିସ୍ମୟ ଚଢେ ତୁ ନ କର ଭାଷିତ ମାତର ଗୁନ୍ଦମୁହିଁ । ଅଧରେ ତ ତୋର । ସୁଧା ଅଛି ପୂରି ନିରନ୍ତର । ଏଥି ତାଙ୍କ

ଦନ୍ତି ବାଳକୁଁ ସେ ଅମୃତ ନୋହି ଏ କେହି ହୋଇବ ଗରଳ" । ୧୦ । ଫଣୀ-
ଶଫଣ-ଚଳନ ଗୃହେଁ ରହି ଯୁବତୀବର-ମଣ୍ଡରେ ସ୍ଥିତ । ସେମାଷ୍ଠ ଶ୍ରୀଅଙ୍ଗ ଗନ୍ଧ ଜନ୍ମ
ବେଗ ତା ଦେଖି ନାଗେନ୍ଦ୍ର-ଭୃତ୍ୟପନ୍ତି । ସ୍ନେହ-ଚିହ୍ନ ଏତ । ବୋଲି ଆନନ୍ଦରେ
କଲେ ନୃତ୍ୟ । ନାଗଙ୍କ ଏ ଖେତ ଗୃହେଁ ନାଗପତି ନିଷେଧନ୍ତି ଲାଜ ବହି ଚିତ୍ତ । ୧୧ ।
ପତି-ଦଶା ଦେଖି ହୋଇ ମହାଦୁଃଖୀ ନାଗେ ବରଜିଲେ ସାର୍ଦ୍ଧଶ୍ୱାସ । ତାଙ୍କ ସେ
ଶ୍ୱାସ ବରଣମାଳ ଗଲେ ବହିବା ଅଶାଙ୍କୁ କଲା ନାଶ । ଯେଣୁ ସେ ଶ୍ୱାସନେ । ପ୍ରତି-
କୂଳ ବାତ ବୋଲି ମନେ । ଭଳି ବାହକ-ପାଳ ଅଉ ନ ବଳି ପଦେ ଗଲେ ତାଙ୍କ
ସନ୍ନିଧାନେ । ୧୨ । ଫଣୀପତି-ଫଣବ୍ରାତ ସଙ୍କୁଚିତ ଗଲା ହୋଇ ଲାଜେ ଅତି ଅନ୍ତ ।
ତହୁଁ ଶିବିକା-ବାହକେ ବହି ନେଲେ ଯହୁଁ ଛନ୍ତି ମହୀପତି-ଗୋଷ୍ଠ । ସେ ଶୋଭା
ଏମନ୍ତ । ଦିଶଇ ଜାଣିକ ସୂର୍ଯ୍ୟ ଅସ୍ତ । କୌମୁଦୀ-ପ୍ରସନ୍ନତାକୁ ଧରି ନେଇ କନ୍ଦାର-
କୋଳରେ କଲା ଦଣ୍ଡ । ୧୩ । ଭାଷନ୍ତି ଭାରତୀ "ଅଗୋ ମହୀପତି-ପୁତ୍ରି ତୁ ମତିକ
ଅଙ୍ଗୀକର" । ପୁଣି ଭୂପତିକ ଗୃହେଁ ଭାରତୀକ ବଚନ୍ତି "ହେ ଧର-ପୁରନ୍ଦର । ନୃପ-
ଦୁଲାଲୀକ । ଅଛତ ପୂରୁବୁଁ ସର୍ବେ ଦେଖି । ନେଇ ଏମନ୍ତ ପାନକଲେ କଣ୍ଠିତ-ଅଶା
ଶତବର୍ଷେ ମେଣ୍ଟିବକ ? । ୧୪ । ଲୋକେଶ-କେଶବ-ଶିବାଦି ପ୍ରଭାବ ଯା'ର ଶରବ
ନପାର ସହି । ଶାନ୍ତ-ବିଷଙ୍କୁ ମାନସୁଁ ନିର୍ବାସିତ ଥାନ୍ତିକର ଯା'ର ତାପ ପାଇ । ତ୍ରୈ-
ଲୋକ୍ୟ ଲୋକେ । ସମ୍ଭାଳ ପାରନ୍ତି ନାହିଁ ବେଖେ । ସେ ଅସମଶର ହେ ନୃପେ
ତୁମ୍ଭର ହେଉ ଶୁଭଙ୍କର ଅତିବେକେ" । ୧୫ । ପୁଣି ମହୀପତି-ସୁତାକୁ ବୋଲନ୍ତି
'ଶୃଙ୍ଗାର-ସର୍ବ୍ବ-ଅଣୁଯୁଗ୍ମ-। ଉଦର ଗୋ ନେଇ ତୋର ବାରେ ମାଣ ଦେଖାଅ ।
ଏ ନୃପତିଙ୍କ ଅଙ୍ଗ । ଅରେ କୁନ୍ଦଦନ୍ତି । ଶର-ବୃଷ୍ଟି କଲାବେଳେ ରତି-। ପତିର
ହୁଙ୍କାର ମନ୍ତ୍ରେ ଏହାଙ୍କର ସହାର ହୋଇଛି ଶାନ୍ତ ଶକ୍ତି । ୧୬ । ଅରେ ଅନଳସ-
କମଳ-ବିଳାସ-ବିଜୟୀ-ନୟନା ଘେନ ଗିର । ପୁଷ୍କରନାମ ଦ୍ୱୀପର ଅଧୀଶ୍ୱର ଗଳାରେ
ଦୋଳା ବରଣହାର । ତାଙ୍କତୁଲେ ତୁହି । ସ୍ୱାଦୂଦକ ପୂର୍ଣ୍ଣ ନଦୀପାଇଁ— ।
ବକ୍ଷରେ ବାର-ବିହାରଲୀଳା କର ରେ ଅକଳଙ୍କ-ଶଶାଙ୍କମୁହିଁ । ୧୭ । ସବନ
ସଜାର ଏ ଦ୍ୱୀପ ପୃଷ୍ଠର ରାଜ୍ୟ ଅଟଇ ରେ ନାଭିଶୋଭି । ଭୁବରେ ସୁମନ-ପ୍ରବଳୁ
ସମାନ ଯୋଗେ ବହେ ଭୂସ୍ୱର୍ଗ ପଦବୀ । ଏହି ସ୍ୱର୍ଗବତ-। ସମ୍ପଦେ ବଳାଅ ବାଳ ।
ଛିଡ଼ି । ଏ ନରେନ୍ଦ୍ରସ୍ଥରେ ଶଚୀ-ପରକାରେ କର ବିହାର ତୁ ଅବିରତ । ୧୮ ।
ଏ ଦେଶେ ନ୍ୟଗ୍ରୋଧ-ପାଦପର ଅଧ-ଦେଶରେ ହିମ-ଶୀତଳ ଶିଳେ । ବିଜୟୀ ସାଦିହିଁ ।
ପତି ରେ ସୁଦକ୍ଷ-ବର କରଛନ୍ତି ସଦାକାଳେ । ଦେଖି ତୋର ଛବି । ତୋ ସଂମନାହିଁ
କେ ଅନୁଭବ । ପ୍ରଶଂସି ଶିଳ୍ପନିପୁଣ ସ୍ୱକରେ ସେ ହିଅନ୍ତୁ ଶିଳ୍ପୀସମାଜେ ଗର୍ବୀ । ୧୯ ।
ନହୁଁ ନିପତିତ ବୃଷ୍ଟି ଅତପକୁ ଅଧ-ନିପତନେଁ ସେଧିବାକୁ । ବହିଛି ନ୍ୟଗ୍ରୋଧ

ନାମକୁ ରେ ବୁଧ-ଜନକ-ବଦନା ଏହି ତରୁ । ପକ୍ୱଫଳ ପନେ । ବର୍ଦ୍ଧୀ-ବର୍ଦ୍ଧିରସୁ ଅତପନେ । ଧିକ୍କାରେ, ସେ ତୋତ୍ ଅତଥି ଦୃଷ୍ଟିର ହେଲେ ନ ପାରବୁ ଗୃହ ନେନେ । ୩୦ । ଏ ରାଜହଂସର ଜୋହ୍ନବ ଧବଳ କପାଁ ଅତ ପ୍ରିୟବନ୍ତ କୀର୍ତ୍ତି । ସକଳ ଭୁବନେ ପଦ ପ୍ରକ୍ଷେପଣେ ନ ତୋଷି ରହିବ କପାଁ ମତ । ଅରେ ଗୃନ୍ଦମୁହିଁ । ଏକଥା ଏକା ଅଶ୍ଚର୍ଯ୍ୟ ହୋଇ । ଶୁଳ୍କ ଏ ସକଳେ କର ନରେଷୀରେ ଅନବତ ଭଳ ନ କରଇ । ୩୧ । ହୋଇଲେହେଁ ଶୂର ସୁର-ମଣ୍ଡଳର ଅଗ୍ରବରଣ ଯେ କ୍ଷିତପତ । ନାନାବ-କଳା-ବଦ୍ୟାରେ ବଶାରଦ ଶୃଙ୍ଗାର-ଭଙ୍ଗିରେ ପଟୁଅର୍ଥ । ତାଙ୍କୁ ଦମୟନ୍ତୀ । ଚତ୍ତକୁ ନନେଲା ମାନ୍ତ ରତ । 'ନଳଭଳ ସୁମଞ୍ଜୁଳ-ନାମ-ଶୀଳ ନୁହନ୍ତି ଏତ' କ ଚରେ ଚନ୍ତ ? । ୩୨ । ଭ୍ରୂଲତା ନଗ୍ଭଇ ଅଙ୍ଗ ଅଳସାଇ ଅନାଦର କରୁ ସେ ଭୁଭୃତେ । ଏ ଲକ୍ଷଣରୁ ଲାଭ ଅଣ୍ଡା ନାଶକ ତରକ ସେ ନରପତ ଚତ୍ତେ । ହେଲେ ସନ୍ତପତ । ବାଳା-ବପ୍ରଲବ୍ଧ ତାପ ଜାତ-। ଜାତ-ବେଦଧୂମ-ବଜା-ବତ ଶ୍ୟାମ ଗଳ ଦଶି ତାଙ୍କ ତନୁ ଦ୍ରୁତ । ୩୩ । ବାରପାର ନଜ ହୁହୁଁ ମହାରାଜ-ସୁତା-ମତଙ୍କ ବାହକମାନେ । ତହୁଁ ଯେନଗଲେ ହାନ୍ଦୋଳା ଚଞ୍ଚଳେ ଅନ ନୃପପତ ସନ୍ନିଧାନେ । ପ୍ରଭୁ ଅଦେଶରେ । ଅପେକ୍ଷା ନରଖି ଇଙ୍ଗିତରେ । ବୁଝି ତା ଚତ୍ତ ଯେ କାର୍ଯ୍ୟକାରେ ଆଜ୍ ସେ, ପ୍ରଭୁ ଲୋଡବ କପାଁ ଗିରେ ।୩୪। ଶରୀର-ଶୋଭାରେ ଅଶ୍ୱିନୀ-କୁମାରେ ହସଇବା-ନରପତ-ପାଶେ । ନିଜ ସରସ୍ୱତୀ ବୋଲନ୍ତି 'ଗୋ କ୍ଷିତ-ପତ-ପୁଞ୍ଜି ଲାଜ-ନତ ଅଟଯ୍ୟ । ଟେକ ମାନ ବାରେ । ଗୃହିଁ ଭୂରୁଶୋଭ ଏ ଭୁପାଳେ । କୁଳଶୀଳ-ବଳାଦରେ ମାନ ତ ବାଛବାକୁ ନାହିଁ ଯାଙ୍କଠାରେ । ୩୫ । ନ ବତର ଅବସର ମାନ ଲବ ଅଳସକୁ ବନ୍ଧ ବୃନ୍ଦେ ଦେଖ । ନୃପତ ସ୍ତୁତଗୀତରେ ଅନ୍ତସରେ ନାହାନ୍ତି ରଖି କଷ୍ଟତପାଙ୍କ । ତେଣୁ ଗିର ମୋର । ଅକାଶେ ରହିବ କେଉଁଠାର । ଯା ବର୍ଣ୍ଣିବ କୀର୍ତ୍ତି ହେବ ପୁନରୁକ୍ତ ତା'ତ ଏ ଭଟଙ୍କ ଭାରତର୍ । ୩୬ । ଏ ହବ୍ୟ ନୃପତ ଶାକ-ଦ୍ୱୀପପତ ଯାଙ୍କୁ କ ନବଳେ ତୋର ଚତ୍ତ । ପ୍ରଚଣ୍ଡ-ଦୋର୍ଦ୍ଦଣ୍ଡ-ପ୍ରତାପ-ଗୀତକ ମାଗଧଙ୍କ ମୁଖୁଁ ଶୁଣିଲୁତ । ବୁଧ-ସମାଜରେ । ଏ ସ୍ତୁତତ ପୂଜା ଅବ୍ୟାଜରେ । ଅବଳେ ଶୁଣି ଏହାଙ୍କୁ କ ସୁଶ୍ରୋଣୀ ନ ମନ୍ତ୍ରେ ମନ୍ତ୍ରୀ ତୋ ଏ ନୃବରେ । ୩୭ । ଶୁକଛଦ-ସମ-ଛବ ପନସ୍ତୋମ-ଶୋଭୀ ଶାକତରୁ ଏ ନୃପତ-। ପୁରେ ଅଛ ରହି ତା ଦର୍ଶନପାଇ ନେନ ତୋ ଲଭବ ଅତନ୍ତୃପ୍ତି । ଅଟେ ବରରେହା । ଦଶକୁ ହରତ ବୋଲି ଯାହା । ତା' ପନବ୍ରାତ-ବୃତ ହୋଇ ହରତ ବତି ସେ ଅରଜଛନ୍ତି ତାହା । ୩୮ । ତା'ର ପନ-ବ୍ରାତ-ପବନେ ଗ ତୋ ଚତ୍ତ ଆନନ୍ଦେ କ ନ ଯିବହୋଇ । ସେଥ ନନ୍ଦ ଉପବେନ କର ନୃପନନ୍ଦନ ! ବର୍ ୯ ନରହାଇଁ । ଅଟେ ନାବକର । ଦେଖି ତହିଁ ଶାକ ତରୁ-ବର । ପବନର-କୃତ-ନାନାବ-ଭରତ-ବ୍ରାତେ ମିଥ୍ୟାବୁଦ୍ଧି ପରହର । ୩୯ । ସେ

ରାଜ୍ୟଧାରେ ଶୋଭେ କ୍ଷୀରସାଗର, ଶାରଦଘନ-ପ୍ରତିବିମ୍ବ ବହି । ତରଙ୍ଗ-ନଟରୂପେ ନୃତ୍ୟ ଅଭିନୟ କରୁଥାନ୍ତି ତହିଁ ଚଞ୍ଚଳ ହୋଇ । ଅରେ ଚଳାପାଙ୍ଗ । ଯାଅ ଏ ଭୂପତି-ବରେ ମଜ୍ଜି । ଯେ କ୍ଷୀର-ସାଗର-ତରଙ୍ଗ-ନିକର ହେଉ ତୋ ଅପାଙ୍ଗ-ଭଙ୍ଗି-ସଙ୍ଗୀ । ୪୦ । ବରିଜନ୍ତି ତହିଁ ତତ୍କାଳ ଅହି-ଅଧୀଶ୍ୱର ଶିରୋପତିଙ୍କର । ଅଖଣ୍ଡ-ପ୍ରକାଣ୍ଡ-କୁଣ୍ଡଳ-କଳାପ ଧରଇ ତାଙ୍କର କଳେବର । ଅରେ ବରବାଳ । କ୍ଷୀର-ସାଗରର ଊର୍ମି ଗଳ । ଅଧି ମୁଖେ ପରିବେଶୁଁ ପିଇ କ୍ଷୀର କେବଳ ଜୀବ ସେ ଥାନ୍ତି ଧରି । ୪୧ । ଏ ଦ୍ୱୀପେ ତୋ ଛବି ପ୍ରକଟିଲେ ଦେଖି କମଳା ବିସ୍ମିତା ରୂପେ ତୋର । ହୋଇ କରିଙ୍କୁଳି ପଦ୍ମପଦେ ସ୍ଥଳ ବନାଶିବେ ନିଦ୍ରା ଶ୍ରୀହରିର । ଦରଶାଇବାକୁ । ଏ ତୋ ଅପରୂପ ଲାବଣ୍ୟକୁ । ଅଦ୍ଭୁତ ସୁଧୀ କେମନ୍ତେ ଚକ୍ଷୁ ବୋଧି ଅଛୁ ଏ ସମ୍ପଦେ ତେଜିବାକୁ । ୪୨ । ଏଥି ଉଦୟ-ପର୍ବତ-ଶିଳାବ୍ରାତ ଉଦ୍ଦୀପ୍ତାରୁଣ-କିରଣ ପାଇ । ଅପ୍ରାକୃତ-ଗଇରିକରଙ୍ଗ ବହି ହୋଇଥାନ୍ତି ଅତି ମନମୋହି । ଅରେ ଗଜଗତି । ଏଶିଳାମାନେ ତୁ କଲେ ଗତି । ଶ୍ରମ-ଜାତ-ସ୍ୱେଦମିଶ୍ରିତ ତୋ ପଦ-ଲାକ୍ଷାରେ ହେବ ସେ ସେହିମତି । ୪୩ । ରେ ରମ୍ଭୋରୁବର ଉଦୟାଦ୍ରିଶିର-ପ୍ରଦେଶେ ବିରାଜୁଥିବୁ ଯେବେ । କୁଙ୍କୁମରାଗ ରଞ୍ଜିତ ମୁଖେ ତୋର ଅବଲୋକି ଲୋକେ ଭ୍ରମ ହେବେ । ଅରେ ଶଶିମୁଖି । ବୋଲିବେ କେ ନ ଥିଲୁଁ ଏହା ଦେଖି । କାହିଁ ଏ ଶଶୀ ଅସିଲା ପରକାଶି ଅକଳଙ୍କକୁ କାହିଁ ରଖି" । ୪୪ । ଏ ଦିବ୍ୟ ଭୂପାଳ ପୂର୍ବେ ତୋହର ବରଦାନକେ ତନୁକୁ ଦାହି । ଅଛନ୍ତି କରି ସାନୁସ୍ଥ ନିଜନାମେ ଏହାଙ୍କୁ ଯେବେ ତୁ ଗୃହମୁହିଁ । ଅରପିବୁ କରି । କୁମାରି କୁମାରୀଙ୍କରେ ତୋର । ହୋଇ ସେ ଅନ୍ୟସ୍ତବନ୍ତ ନୋହି ଧନ୍ୟ ରହିବେ କି ସଂସାର ମଧ୍ୟର" । ୪୫ । ସେ ଭୂପତିକର-ତରୁକୁ ସାଗରସୁତା ଆଶ୍ରିଲେହେଁ ନିରନ୍ତର । ବଦନ କମଳେ ଭାରତୀ ନିଷ୍ଠକେ ବରତଥିଲେହେଁ ସଦା ପୁର । ତଥାପି ସୁଦତୀ । ନ ବଳାଇଲା ସେ ନୃପେ ମତି । ବିଗୃହ 'ମଘବା ପ୍ରାର୍ଥୀପଣେ ଅବା ଏହାଙ୍କୁ ନତି ନ କରନ୍ତି' । ୪୬ । ସୁଗୁଣଗଣେ ଭୁବନେ ଲବ୍ଧସିଦ୍ଧି ସୁମନ-ସମୂହେ ପରଧାନ ।— କମଳାଳୟା-ନିକେତନ-ନନ୍ଦନଁ ସୁରଭିକ ଯଥା ପବମାନ । ନିଏ ଆନ ସ୍ଥାନେ । ତେମନ୍ତ ଶିବିକାବାହୀମାନେ । ସେ ନୃପତି ପାଶୁଁ ବିଦର୍ଭସୁତାକୁ ନେଲେ ଅନନୃପ ସନ୍ନିଧାନେ ॥ ସେ ମହୀପତିର କଥାରେ ଭାରତୀ ଯୁବତୀବରେ ଏମନ୍ତ ଭଣି । "ଅରେ କର୍ଣ୍ଣକୁମ୍ଭସ୍ତନ ସାତକୁମ୍ଭବରନା କୁରୁବିନ୍ଦୁଦନ୍ତ । ଦେଖ ଏ ନୃପାଳ । ବାହୁବଳେ ଏହି ବନ୍ଦିବାର । ଅଛନ୍ତି ଯୂର ଅରାତିତତି-ଶିର-ଭୂଲେ ଭାଗ୍ୟ ତାଙ୍କ ନାରୀଙ୍କର । ୪୮ । ଯେ କ୍ରୌଞ୍ଚ-ନାମରେ ବିଦିତ ସଂସାରେ ସେହି ଦ୍ୱୀପର ଏ ଅଧିପତି । ଚଞ୍ଚଳ ଦୃଗଞ୍ଚଳ ସ୍ଥଳ ବାଳ ତୁ କରି ବିଲୋକନ ଏ ମୂରତି । ରାଜ୍ୟେ ଏହାଙ୍କର । ଦଧି-ସାଗରର ମାର-ପୂର । ସରସି ପରସ୍ପେ ଶୋଭି ପରକାଶି ଅକରସେ ଚକ୍ଷୁ ଦର୍ଶକର । ୪୯ । ତୋ ପାଦ-

ପାତବଦନାଶାଳ୍ମୀ ଶୈଳ କ୍ରୌଞ୍ଚ ନାମେ ଅଛି ଏହି ଦ୍ୱୀପେ । ଶରଜନ୍ମା-ଶରବଧାତ-ନିର୍ମିତ-ରନ୍ଧ୍ର-ବଦନେ ସେ ଅନଳପେ । ମରାଳଅବଳି- । କଳସ୍ୱନ-ଛଳେ ସ୍ତୁଣାବଳି । ଗାଉଥିବେ ବସି ଶୁଣୁଥିବୁ ରସି ଅଟେ ଶୁଭ୍ରକେଶୀ ବରବାଳୀ । ୫୦ । ଏ ଦ୍ୱୀପେ ଶଙ୍କର ବିନା ଅନସ୍ମର-ସେବାରେ ନ ରସେ ନରବର । ଦର୍ଭମାନଙ୍କେ ସେବ ଅଟେ ବୈଦର୍ଭି ଯାଙ୍କୁ ଲୋକ ଅଜ ନୁହେ ଜାତ । ଏହି ଭୂମଣ୍ଡଳେ । ତାଙ୍କୁ ତୁ ସେବରୁ ଅବହେଳେ । ଯେବେ ଅନେ ତେଜ କରିବୁ ମରଜ ମାଳେ ଦେବାଙ୍ଗ ଏହାଙ୍କ ଘଟେ । ୫୧ । ଚୂଳେ ଚୁମ୍ବାଇ ମାର୍ତ୍ତଣ୍ଡ ମଣ୍ଡଳକୁ କରିବୁ ନିର୍ମାଣ ହର୍ମ୍ୟରାଜି । ନବୋଦିତ-ରବି-କରେ ଉଦୟାଦ୍ରିବତ ସେ ସ୍ୱର୍ଣ୍ଣେ ଦିଅନ୍ତି ତେଜ । ଶିର ପ୍ରଦେଶରେ । ରାଜନ୍ତି କନକକୁମ୍ଭବାରେ । ତହିଁ ବାଳକ-କଳାକରମଣ୍ଡଳ ବଜେ କରାଇବୁ କୁତୂହଳେ । ୫୨ । ପତିତୁଲେ ସ୍ମର ସଙ୍ଗେ ନୃତ୍ୟିବାରେ ଶ୍ରମ-ବାରି-ବିନ୍ଦୁମୁକ୍ତା-ପାଳି । ତୋ ଅଙ୍ଗୁ ଦଧି-ମହୋଦଧି-ତରଙ୍ଗ-ଭଙ୍ଗ-ଗୃମର-ଗୃଳନ-ଭଳି । ହୋଇ ସ୍ୱେର-ପର । ଜଳାକବାଞ୍ଛୀ-ବାଟରେ ଗଳି । ଅତି ଅତରକତରେ ନେବ ହରି ନ ପାରିବୁ ବାରି ସୁକୁମାର । ୫୩ । ଏ ଅବନୀପତି-ସୁଯଶ-ଯନ୍ତ୍ରିତ ବେଳଅର୍ଥେ ହଂସସମ ହୋଇ । ଲଙ୍ଘି ସାଗରେ ହରିତାନ୍ତରେ ଖରେ ସଞ୍ଚରିବାର ବିଗ୍ରହ ବହି । କ୍ଷୁଦ୍ର ସରୋବରେ । ପକ୍ଷୀ-ରୂପରେ ଅଭ୍ୟାସ କରେ । ସନ୍ତରଣେ ପୁଣ ପଶୁରୂପେ ଯେନ ସାର୍ଘପଥ ଅତି ଭ୍ରମଣରେ” ।୫୪। ଗଣନା-ବଣା-କରିବା-ଗୁଣଗଣେ ନିପୁଣ ହେଲେହେଁ ସେ ନୃପତି । ସେ ବିଦର୍ଭମହୀପତି-ସୁତା ତହିଁ ନ ବହିଲା ରତିମାନ ରତି । ଦୈବ ପ୍ରତିକୂଳ । ହେଲେ ତ ନ ଥାଏ କା’ର ବଳ । ପ୍ରସ୍ଥାଣ-ପରୁଷ ପୌରୁଷ ବିନାଶ ଲଭୁଥାଇ ତହିଁ ବେଳୁଁ ବେଳ । ୫୫ । ଅଂସ ବିଭୂଷଣେ ଶିବିକାକୁ ପୁଣ ବାହକେ ବହିଜ ସେ ଭୂପତି । ଯେନ୍ନଗଲେ ଆନ ଅବନୀଜୀବନ-ଧନ ନରପତି-ବର କତି । ଶୋଭା ସେ-କାଳର । ଦେଖି ଏ ତର୍କ ଜାତ ଚିତ୍ତର । ରତ୍ନାକରୁଁ ଅନୁଜ୍ଞାବା ଦେବେ ବଧୂ ନେଇ ହେଲେ କି ଶଙ୍କର-ଶିବ । ୫୬ । ବିଷ୍ଣୁ ବିନା ଅନେ ଅଥିତ୍ୱ କମଳାଭିଳ ସେ ବିଦ-ର୍ଭେଶ-ସନ୍ତତି । ଦୂଷଣ-ରହିତ ସୁଗୁଣ-ଶୋଭିତ ତେଜ ଏକ ଏକ କ୍ଷିତିପତି । ଯାଇ ଅନ ଅନ । ପାଶରେ ତାହାଙ୍କୁ ତେଜେ ପୁଣ । ବିଶ୍ୱବନ୍ଦିତ-ଚରଣା ବାଣୀ ପାଶେ ବାଣୀ କରୁଥାନ୍ତି ବିବରନ ॥ ଆନ-ନରପତି-କତିରେ ଭାରତୀ ମିଳ ବୋଲନ୍ତି “ରେ ପଦ୍ମପାଣି । କୁଶନାମ-ବହିଥିବା-ଦ୍ୱୀପ-ମହୀପତି ଏ ଅଟନ୍ତି ବାଳାମଣି । ନାମ ଜ୍ୟୋତିଷ୍ମାନ । ଯଦି ମାଳ ଯେବେ ବଳେ ମନ । କ୍ଷୁଦ୍ରବନ-ପୂର୍ଣ୍ଣ ଦୃତଶବସ୍ଥାନ-ଗାରେ ବିହରିବୁ ନେଇ ଧନ । ୫୭ । ମରୁତ-ତରଙ୍ଗ-ଚପଳ-ଉତ୍ତୁଙ୍ଗ-କୁଶସ୍ତମ୍ଭ-ଧଜ-ଶସ୍ତ୍ରଘାତେ । ବାରିଦ-ବୃନ୍ଦ ହୃଦୟୁ ବିଦାରିତ ହେଉ ସେ ଝତଜ-ଧାରାପାତେ । ଅଭିଷିକ୍ତ ହୋଇ । ଅଛନ୍ତି କୃଶ ସୁଷମା ବହି । ତହିଁ ତୋ ନେତ୍ର ପଡିଲେ ଅରେ ମାନ ନ ପାରିବୁ ତାଙ୍କୁ ତହୁଁ

ନେଇ । ୫୯ । ସେ ଦ୍ୱୀପ ମନ୍ଦର ପର୍ବତେ ସୁନ୍ଦର, ସାଗର-ମନ୍ଥନ-ସମ୍ପୃକରେ । ସମୂତ-ଇନ୍ଦିରା-ପଦ-ଚିହ୍ନେ ପୁଣି ସୌନ୍ଦର୍ଯ୍ୟଶାଳୀ ତା ଶିଳାମାନେ । ସେ ପର୍ବତବର- । କନ୍ଦରେ ତୁ ପତି ସଙ୍ଗତର । ଆନନ୍ଦେ ନାନାବିଧ କେଳି ବରଷ ନିମିଷ ସମ ବାସର ହବ । ୬୦ । ସେ ସାଗରମନ୍ଥା-ମନ୍ଦର-ପର୍ବତ-ପାଷାଣେ ଅଶ୍ୱାନ୍ତ ଦେହ ଉଢ଼ି ।—ହୋଇ ସୋପାନ-ଶ୍ରେଣୀ-ସମ ବିଷମ ସୁଷମ ଚିହ୍ନ ଯାଇଛି ଜଡ଼ି । ଅରେ କାର୍ତ୍ତସ୍ୱର- । କେତକଗାତ୍ରୀ ତୁ ତହିଁପର । ଅନ୍ୱେଷଣ କର ସେ ସରଣୀ ତୋର ଗୃହିଁ ରହିଅଛି ନିରନ୍ତର । ୬୧ । ସରସ୍ୱାନ-ମନ୍ଥ-ଦଣ୍ଡ ସେ ପର୍ବତ ଅଙ୍ଗେ ଶେଷ ରଜ୍ଜୁ-ଘଷାଗାରେ । ନିର୍ମଳ ନିର୍ଝର-ନିରଧାର ଝର ଅସେ ବହି ତା ଗୃହିଁ ଚିହ୍ନରେ । ଭ୍ରମୁଥିବୁ ତୁହି । ଏ ଯାଏ ନାଗ କି ଅଛି ରହି । ଯଗିଧରବର-ଆସନ ତଳର ଶିବକୁ ନିଜର ଗୋପ୍ୟେ ଥୋଇ । ୬୨ । ଅବଲୋକି ତୋତେ ପୂରୁବ-ବୃତ୍ତାନ୍ତେ ସୁମରୁଥାଉ ସେହି ଗିରିବର । କଳ୍ପଦ୍ରୁମ-ପର୍ଣ୍ଣ-କଥା ତା'ର ଚିତ୍ତ ପଡ଼ୁ ଗୃହିଁ କରପର୍ଣ୍ଣ ତୋର । ଅବଲୋକି ମୁଖେ । ଶଶାଙ୍କେ ସୁମରୁଥାଉ ସୁଖେ । କୁଚକୁମ୍ଭଯୁଗ ଗୃହିଁ ସୁରନାଗ-କୁମ୍ଭକଥା ଯେ ରୁ ଅତିଟରକେ" । ୬୩ । ବେଦେ ଯାର କୀର୍ତ୍ତି ନିରତ ବହନ୍ତି ଯେ ଦିନା କାରଣେ ପରପାଇଁ । କରନ୍ତି ସତତ ଯତ୍ନ ସେ ପର୍ବତ-ନିବାସୀ ପର୍ବତସୁତାପାଇଁ । ରୂପ-ବିଷୟରେ । ମୀମାଂସା-ପ୍ରାପ୍ତି ସେ ନରବରେ । ନ କଲା ଯୁବତି-ରତ୍ନ ଅନୁମତି ମତିରେ ଚିନ୍ତି କି କି ବିଗୁରେ ।୬୪। ତହୁଁ ଯାନବାସୀ-ଜନେ ଗଲେ ନେଇ ଶିବିକା ଅନ-ନୃପତି-ପାଶେ । ଯଥା ପ୍ରାର୍ଥିଜନ ବିଭବ-ବିଧାନଜନ-ପାଶୁଁ ଲେଉଛି ନିମିଷେ । ବିଭବଦିନ୍ତ- । ଲୋକପାଶେ ହୋଇ ଉପଗତ । କରେ ପରକାଶ ପ୍ରାର୍ଥନା ମାନସଦେଶରେ ସଞ୍ଚିତ ଅତି ଆଶା । ୬୫ । ଉପବେଶନେ ଯାହାର ବିଶ୍ୱମ୍ଭରଆସନ ହୁଏ ପବିତ୍ର ଅତି । ସେ ଭାରତୀ ଅନ-ନୃପ-ସନ୍ନିଧାନ ଲଭି ନାଭିଶୋଭି କି-କହନ୍ତି । "ଅରେ ସୁକୁମାରି । ଅସିତ-ନିର୍ଦ୍ଦଶ୍ୟ-ଶସ୍ତ୍ରଧାରି । ଏ ନୃପେ ନିବେର ଗୁଣଗ୍ରାହୀ ପଣ ଭ୍ରଣା ତୁ ନକର କୃଶୋଦରି । ୬୬ । ସୁଧାସାଗର-ବଳୟିତ ଶାଳ୍ମଳି-ଦ୍ୱୀପ ଏ ଜଗତେ ଖ୍ୟାତ ଅଛି । ଗୁଣସାଗର ଏ ନୃପମହାବଳ ଅଟନ୍ତି ତହିଁର ଅଧିପତି । ଅରେ ହେମଗାତ୍ରି । ଚନ୍ଦ୍ରବାକୁ ନିକ ଅଛି ଏଥି । ହେ ତିଳପୁଷ୍ପନ-ନାସିକେ ତୋ ମନ ନବଳେ କି ଏ ନୃପତି-ପ୍ରତି । ୬୭ । ଏକସାଗର ଶୋଷଣେ ଋଷିଙ୍କର ଅପର ପଣ ଲଭିଲେ ଖ୍ୟାତି । ଏକା ଏ ସୁରାସାଗର ଅକାତର ହୋଇ ଦେଖୁଥିଲା ସେହି ସ୍ଥିତି । ଅରେ ବରବାଳା । ସଙ୍ଗତରେ ଘେନି ନିଜ ଆଳୀ । ଏ ନୃପତି କୋଟିଳ ଲୋଳା ସେ ସାଳରେ ସୁଖେ ରଚ ମଧୁପାନ-କେଳି । ୬୮ । ବିବିଧ-ଔଷଧ-ଲତା-ବ୍ରାତେ ସାନ୍ଦ୍ର ଦ୍ରୋଣ-ଗିରିବର ସେ ଦ୍ୱୀପରେ । ନିଯାମାଯାକ ଯାମେ ଜମା ନ ତେଜି ଅଲୋକଇ ପାପ-ପରକାରେ । ଶିରଦେଶ

ତା'ର । ନୀରଦେ ଦିଶଇ କି ସୁନ୍ଦର । ସୌଭାଗ୍ୟଭାଗ ତୋ ବଢ଼ାଇବା ପାଇଁ ଦେବ ସେ ଔଷଧ-ଉପହାର । ୬୯ । ଅଟେ ଶତଦଳ-କୋଷ-କୋମଳାଙ୍ଗି ବିଶାଳ-ଶାଳ୍ମଳି-ତରୁ ତହିଁ । ବିସ୍ତେ ତା ତୁଳାବଳି ମନ୍ଦବାତେ ଉଡ଼ ମହୀପରେ ପଡ଼ଥାଇ । ତେଣୁ ସେ ଦେଶର । ମୃତ୍ତିକା ଅଟଇ ସୁକୋମଳ । ଯୋଗ୍ୟ ସେ ଲୀଳାବିହାରବେଳେ ତୋର କୋମଳ-ପଦୁର-ପରଶର" । ୭୦ । ଏ ଗୁଣବାର ବର୍ଣ୍ଣିବାବେଳେ ସରସ୍ୱତୀ ସେ ସାରକ-ବରଦାତ୍ରୀ । ଜୃମ୍ଭା ବିକଶାଇ ବଦନେ ବଚନ କଲା ସଙ୍କୋଚନ ନେହି ଅତ । ଚିତ୍ତଭାବ ତା'ର । ବାରଲାପ୍ରାପ୍ତ ବାହକବାର । ସେ ମହୀପତି-ପାରୁଶରୁ ଝଟତ ନେଲେ ବହି ଶିବିକାକୁ ଧୀର । ୭୧ । ଆନ ନୃପପାଶେ ପ୍ରବେଶି ବାଳୀଶେ ଭାଷନ୍ତି ଭାରତୀ ଏ ବଚନ । "ନୀହାନା ଅନା ରେ ଏ ନୃପ ଭୁଜବେ ଦଶଦିଗ-ଜୟଯଶ-ମାନ । ଚନ୍ଦ୍ର-ବିଲୋଚନ ।—ଛଳେ ହୋଇଛି ଉଦ୍ଧୀସ୍ତମାନ । କାଶ୍ମିର ଲେପବ୍ୟାଜେ ଜଳାନୁସ୍ୱର ଉର-ପ୍ରଦେଶରେ କି ଶୋଭନ ।୭୨। ନାମ ମେଧାତିଥି ପ୍ଲକ୍ଷଦ୍ୱୀପପତି ଅଟନ୍ତି ଏ ଅଟେ କହିଗତ । ଯାମଳାର୍ଜୁନାର-ହୃଦୟକମଳେ କମଳାଳୟା-ପଦ୍ମେ ଜାତ । ଏ ନୃପତି ଉର ।—ପ୍ରଦେଶରେ ତୁ ବିହାର କର । ବିବିଧ କେଳିବିଳାସେ ନବବାଳ ଭୂପ-ମତ ତୋଷ ନିରନ୍ତର । ୭୩ । ଧରଣୀ-ଆତପତ୍ରବତ ବିସ୍ତୃତ ପ୍ଲକ୍ଷବୃକ୍ଷ ଅଛି ସେ ଦ୍ୱୀପରେ । ତା ଶାଖାଲମ୍ବିତ-ଦୋଳିମାନେ ଅଙ୍ଗ ଦୋହଲଇ ଖେଳୁଥାନ୍ତି ଗେଲେ । ସେ ପୁରର ଜନେ । ସେ ଶୋଭା ଦେଖିଲେ ତୁ ନୟନେ । ଖେଳିବାକୁ ବାଳମୃଗାକ୍ଷି କେବଳ ହୋଇବ ତୋ ମନ ଅବଚ୍ଛନ୍ନେ ।୭୪। ଚକିତ-ଚକୋର-ନେତ୍ରା ରେ ତୋହର ଅଧର-ସୁଧାକୁ କର ପାନ । ସ୍ୱରାଜ୍ୟ-ପରୀକ୍ଷା ପର ଗୃହପାଶେ ଘେରିଥିବା ଇକ୍ଷୁସର-ସ୍ଥାନ- । ନୀରସ୍ୱାଦକୁ ଯେ । ମହୀହମକର ଅହର୍ନିଶେ । ମଣନ୍ତି କଷା ରସନା ନୋହି ରସା ଅତ୍ତ ତାଙ୍କର ସେ ଇକ୍ଷୁରସେ । ୭୫ । ପୂରେ ନ ବିଲୋକ ସୌରଙ୍କ ପରସ୍ପେ ନିଶାଇଶ-ଦରଶନ ବିନା । ଅନ୍ଧ କେ ପଗୃରେ ନ ସରଇ ନୀରେ ଏ ଦେଶ-ନିବାସିଙ୍କ ରସନା । ଅଟଇ ଶଶିମୁଖି । ତୋ ମୁଖ-ଶଶାଙ୍କ ସଦା ଦେଖି । ଅମାରେ ଅନ୍ଧଭୋଜନେ ବ୍ରତନାଶ ନୁହନ୍ତି ସେ ଜନେ ଅତ୍ତ ଦୁଃଖୀ । ୭୬ । ସେ ଦେଶେ ବିପାଶା ସରିତ ନିରତ ବହୁଅଛି ଧୀରେ ଧୀରବର । ତା ଅଙ୍କ-ମଣ୍ଡନ ନବୀନପଙ୍କଜରାଜି ନିରଜନ-ପରକାର । ହେଉ ତୋ ନେତ୍ରର । ଇତର-ଚିନ୍ତାକୁ ଦୂରକର । ଏ ନରବରଉରେ ହାର ଅରପି ବର ନରବରେ ବର କର । ୭୭ । ଏ ନହୀପତି-କୀରତିରମ୍ଭେ ଅତି ସିତୀକୃତ ହେଉ ସବନୀର । କ୍ଷୀର-ନୀର-ଭେଦ-ବିଗୃହ-କୋବିଦପଣ ଊଣା ହେଉ ହଂସଙ୍କର । ଅଟେ ବରବାଳ । କ୍ଷୀର ନୀରକୁ ତ ପୟ ବୋଲି । ସେ ଦୁହେଁ ଖାଲି ପୟ ହୋଇଅଛନ୍ତି ପ୍ରଭେଦ ପରସ୍ପର ଭୁଲି । ୭୮ । ଏହାଙ୍କ କୀର୍ତ୍ତି କେ ବର୍ଣ୍ଣି କରୁ ଇତ ତହିଁ ଏ ସ୍ୱର୍ଗୀ ନଳଙ୍କ ତୁଲେ । ଏ ବେନି ଭୂପତି ଅଦେଖି ଅଛନ୍ତି

ଅପଣା ଅପଣା କାନ୍ତିକୁଳେ । କର ବଳାତ୍କାର । ପାସୋରାଉ ଅପରକୂଳ । ଅନନ୍ତମି
ଅନ ପ୍ରଦେଶସମ୍ଭେଦ ଦର୍ଶାଇବାକୁ ସ୍ୱଭୁଜବଳ” । ୬୯ । ଶତଦଳକୋଷ-କୋମଳ-
ଶୁଭାଙ୍ଗୀ ସେ ବିଦର୍ଭ-ମହୀପତି-ପୁତ୍ରୀ । ପୁରନ୍ଦପୁର ସୁନ୍ଦର ଯୁବାବୃନ୍ଦ ସେ ଅପ୍ରତି-
ଦ୍ୱନ୍ଦୀ-ଚକ୍ରବର୍ତ୍ତୀ । ପ୍ଲକ୍ଷଦ୍ୱୀପନାଥେ । ବୈରାଗ୍ୟ-କର୍କଶ-ଦୃଷ୍ଟିପାତେ । ବିତରିଲା ଯଥା
ବିପୁରବଇରି-ନେତ୍ର-ନିପତନ ରତିକାନ୍ତେ । ୮୦ । ସୋତ୍କଣ୍ଠ କୈରବବନର ସୁକୃତ-
ପ୍ରବେଶ ଯେମନ୍ତେ ଚନ୍ଦ୍ରଦ୍ୟୁତି ।—ଠାରୁ ନବୋଢ଼ା ଶଶିକଳା ଦ୍ରୁତ ପ୍ରତିପଦାଦରେ
ଯେନିଥାନ୍ତି । ସେହି ପରକାରେ । ବିମାନ-ବହନ-କାରୀ ନରେ । ବିବେଶ୍ଚ ଏକେଶ୍ୱର
ସେ ନୃପଙ୍କୁ ଚଞ୍ଚଳ ନୃପଦୁହିତାଙ୍କ ଯେନିଗଲେ । ୮୧ । ଏ ନୃପନିକଟେ ଉତ୍ତର
ପ୍ରଦାନରେ ଅନାଦର ମୃଗାକ୍ଷିର ଦେଖି । କରକଳିତ-ବୀଣା-ଗୁଣଟଙ୍କାର-ସ୍ୱରପରେ
ସ୍ୱସ୍ୱରକୁ ରଖି । ସେ ବଚନେଶ୍ୱରୀ । ମାନସେ ବିସ୍ମୟଭାବ ଧରି । ଦର୍ଭହାସୀ ସେ
ବିଦର୍ଭେଶସୁତାକୁ ଭାଷନ୍ତି ପୁଣିହିଁ ଧୀରକରି । ୮୨ । ବୋଲନ୍ତି ବାଣୀ “ହେ ଦ୍ୱୀପ-
ଶିରୋମଣି ହୋଇଛୁ ରେ ବଣା-ଏଣୀଦୃଶି । ସେ ଜମ୍ବୁର ଯୁବା-ନୃପ-ନିକୁରମ୍ବ ତୋ
ଲଭ ଆଶାରେ ଛନ୍ତି ଆସି । ଦେଖ ବସିଛନ୍ତି । ହର କୋପେ କମ୍ପି କମ୍ପି ରତି- ।
ପତି-ନେବ ଅନ୍ତ୍ୟରେ ନିପତିତ ହୋଇଲା ପରାୟେ ଏହି କ୍ଷିତି । ୮୩ । ସେ ଜମ୍ବୁଦ୍ୱୀପ-
ଶୋଭା ବା କି ବର୍ଣ୍ଣିବ ଅନ୍ତ୍ୟରେ ପରଜନ ପରି । ତାକୁ ଅଧୀଶ୍ୱର ବଗ୍ରୁର ତାହାର
ରହିଛନ୍ତି ଚଉପାଶେ ଘେରି । ହେମ-ମହୀଧର । ହେମଦଣ୍ଡ-ଛତ୍ରବତ ଯା’ର ।
କଇଳାଶ-ବର୍ଣ୍ଣି-ଗୁରୁ-ଗୁମର ଯା ପାଶରୁ ନୁହଇ କେବେ ଦୂର । ୮୪ । ଏ ଦ୍ୱୀପେ
ରାଜେ ଜମ୍ବୁନାମେ ପାଦପ ସ୍ଥୂଳଫଳେ ସଦା ବିରାଜଇ । ବିଶାଳଶୈଳ-ଉପମାନ ସେ
ଫଳମାଳକୁ ତଳେ ଅଶୋଭା ନୋହି । ସେ ଫଳକୁ ଗୁହିଁ । ସିଦ୍ଧ-ଯୋଷିତେ ବିସ୍ମିତ
ହୋଇ । ପୁଚ୍ଛୁଥାନ୍ତି କାନ୍ତେ “କେମନ୍ତେ କେ ପଥେ ଦନ୍ତୀ ଏ ଦ୍ରୁମେ ଛନ୍ତି
ଅରୋହି ?” । ୮୫ । ରେ କମ୍ବୁକଣ୍ଠି ସେ ଜମ୍ବୁ-ମହାରୁହ-ଫଳ-ରସରୁ ଜାତ ସରିତ ।
ବହି ଜମ୍ବୁନାମ ଅମୃତ-ଉପମଜଳେ ବହଇ ଯେ ଯାଏନ୍ତି । ମୃତ୍ତିକାଟି ଯା’ର ।
ଜଗତେ ବୋଲାଇ କାର୍ତ୍ତସ୍ୱର । ତୋ ତନୁତେଜେ ଗଞ୍ଜିହୋଇ ଅବ୍ୟାଜେ ରହିଛି
ସରିତ-ଗରଭର । ୮୬ । ଅରି-ଅରନାରୀ-ରକ୍ତ-ନେତ୍ର ବାରି-ପ୍ରବାହେ ଯେ ମହୀପତି-
ଙ୍କର । ହେଉଥାନ୍ତି ପ୍ରକ୍ଷାଳିତ ଅବିରତ ଏ ସେ ଜମ୍ବୁଦ୍ୱୀପ ନୃପବାର । ମଧ୍ୟୁଁ ସେମାନଙ୍କ ।
ଦେବି ବାଛିଣ କେତେକ ଠିକ । କର ନିରୂପଣ ସୁମନେ ନବୀନବାଳି ରେ ଯେ ହେବ
ତୋ ନାୟକ । ୮୭ । ଯା ଶୌର୍ଯ୍ୟ-ସୂର୍ଯ୍ୟପ୍ରତାପେ ମହାବାର୍ଯ୍ୟ-ଅରାତି-ବନିତା
କର୍ଣ୍ଣପୂର ।—ତମାଳଦଳ-କଳପ ଅନ୍ଧକାର ପଳାଉ ଥାଏ ନ ସହି ତେର । ଏ ସେ
ଅବନ୍ତୀଶ । ଅଖିଳ-ସୁଗୁଣଙ୍କ ନିବାସ । ଏ ମହୀପତି ପ୍ରତି କି କ୍ଷିତିପତି-ପୁତ୍ରି ରେ ବଳଇ
ତୋ ମାନସ ? ୮୮ । ସିପ୍ରାନାମ କୂଳେ ତପୀ ବିସ୍ତାରେ ତୀରବନେ ବହି ଏକ

ନନ୍ଦ । ଯାଉଅଛୁ ବହୁ ଥରେ ଗୃହମୁହିଁ ସେ ଅବନ୍ତୀ-ଦେଶ-ମଧ ଭେଦ ।
ଉର୍ମିକର ଗୃହ । ଅଲଙ୍ଘେ ସେ ତୋତେ ଜଳକେଳି- । କାଳେ ବିକାଶ-ହାସରେ
ମନୋହର-ପଦ୍ମମୁଖେ ଗୃହୁଁ ଥିବ ବାଳ । ୮୯ । ସୌଭାଗ୍ୟବତୀ-ଯୁବତୀ-
ମୌଳିମାଳା ଶଇଳଦୁଲାଳୀ ଭଗବତୀ । ଅବନ୍ତିଦେଶରେ ଉଜ୍ଜୟିନୀପୁରେ ନିୟତ
ବିଜୟ କରନ୍ତି । ପତି-ଚନ୍ଦ୍ର-ଚୂଳେ । ଶଶିଖଣ୍ଡ ଯୋଗ କରିବାରେ । ହେତୁ
ତାଙ୍କ ଶିଷ୍ୟା ତୁ କୁରଙ୍ଗନୟନା ମନାଇଁ ତାହାଙ୍କୁ ଅର୍ଚ୍ଚିବାରେ ।୯୦। ଛନ୍ତି ତହିଁ ହର
ଯା'ର ଶରପର-ସୁଧାକର-କରସୁଧା ପାଇ । କାମ ସାପତ ହୋଇ ସେପୁରସ୍ଥାୟୀ-
ବାଳା-କଳେବରେ ଖେଳୁଥାଇ । ଅବଲୋକ ତା'ରେ । କି ଲାଭ ମଦନ-
ଦହନରେ । ହେଲା ବୋଲି ମହାକାଳ-ରୁଦ୍ର ଯାହା କହନ୍ତି ତା ଜଣା ନୁହେ
ମୋତେ । ୯୧ । ସେ ପୁରବାସୀ-ଗିରିଶ-ଶିରମଣି ଶିଶୁଭାବ ତ ନବର-ଜଇ ।
ତେଣୁ ପ୍ରତିପଦ-ଭିନ୍ନ-ଅନର୍ଥ-ସ୍ଥାନ ସେ ପତ୍ତନେ ନ ହୁଅଇ । ତେଣୁ ଶତ
ଦୋଷେ । ଦୋଷୀ ହୋଇଲେହେଁ ସେ ନରଶେ । କାମୁକୀ-ଯୋଷିତେ ନିଷ୍ଠୁର-
ଭାଷିତେ ନିବର୍ତ୍ତନ୍ତି ଅନଧ୍ୟାୟବଶେ" । ୯୨ । ନିଜପ୍ରତି ଅତି-ଅନୁରକ୍ତ-ମତି
ହେଲେହେଁ ସେ କ୍ଷିତିପତି-ପରେ । ସେ ବିଦର୍ଭ-ମହୀମହେନ୍ଦ୍ର-ନନ୍ଦନୀ ନ ପକାଇଲା
ନୟନ ବାରେ । ଏଣୁ ବିଗ୍ରହଇ । ଅନୁରାଗ ଲବେ ଯହିଁ ନାହିଁ । ତେମନ୍ତ ନେତ୍ର-
ପତନ୍ତି ବିଲୋକନ ନ କରିବା ଶତଗୁଣେ ଶୋହ । ୯୩ । ନୃପତି-ପୁତ୍ରୀ-
ଆକାରେଙ୍ଗିତଜ୍ଞ ନ ଦେଖିଲେହେଁ ପ୍ରତ୍ୟକ୍ଷ ନେତ୍ରେ । ତଥାପି ତା ଚିତ୍ତ ବିଗ୍ରହ
କମ୍ପିତ ଛପା ନ ଥିଲା ବାହକଗୋତ୍ରେ । ଯେଣୁ ପାଶସ୍ଥିତ- । ଭୂଭୃତ-ଭୂଷଣେ-
ରହଭ୍ରାନ୍ତ । ଭୂପତିପୁତ୍ରୀର ପ୍ରତିବିମ୍ବ ବହୁ ଦେଉଥିଲେ କହୁ ତାଙ୍କୁ ସତ । ୯୪ ।
ହାରଚୂଡ଼ା-ସମାଗମବଶେ ଅତି ଶୋଭିତା ଗାଙ୍ଗେୟ-ପୀତସ୍ତନା । ଅମର-ତରଙ୍ଗିଣୀକି
ଭଗୀରଥ-ପରିଏ ଗାଙ୍ଗେୟ-ପୀତସ୍ତନା । ହାରଚୂଡ଼ା-ସମା- । ଗମ ବଶେ ଅତି
ମନୋରମା । ଜେମାକୁ ଅନ-ନୃପତି-ସନ୍ନିଧାନେ ନେଲେ ନକରି ବିଳମ୍ବ ଜମା ।୯୫।
ଇଷତଉଚ୍ଚସ୍ୱର-ହଂସକେତୁଗୃପ-ଦର୍ପଦଳା-ଭୃଙ୍ଗଶୋଭି-ବାଳ- । ମୁଖେ ଗୃହିଁ ଅନ
ନୃପପାଶେ ଯାଇ ବାଣୀ ବାକ୍ୟବିନ୍ୟାସ-ଗୁରୁତ୍ୱ । କର ପରକାଶ । ବୋଲନ୍ତି "ଏଥି
ନଜେ ନ ରସ । କର ଇଙ୍ଗିତ ଲୋଡୁଛ ଯେବେ ଚିତ୍ତ ଏ ଗୌଡ଼ବିଡ଼ୋଜା-
ସହବାସ । ୯୬ । ଏ ନୃପକୀର୍ତ୍ତିରେ ଭୁଣପରକାରେ ହେଲେଣି ପୀୟୂଷ କର-କର ।
ସେ ଭୁଣ ଚନ୍ଦଣ-ଅଣାରେ ହରିଣ ବସିଛି ଯାଇ ସେ ଇନ୍ଦୁକୋଳ । ଅରେ
ନାସିବର । ଶଶି ତ ପୀୟୂଷ-ମହାସର । ତୃଣୀଭୂତେ ତା କିରଣକୁ ଚନ୍ଦଣ ହରିଣେ ତ
ନୁହେ ଅବେଶ୍ୱର । ୯୭ । ବର୍ଣ୍ଣେ ଶ୍ୟାମ କରେ କମଳ-କୁସୁମ-ସୁଷମା ଏ ନୃପ ଛନ୍ତି
ବନ୍ଧ । ସୁମେରୁ-ଶିଖାରେ ସାରଦ ପରସ୍ପେ ବିରାଜୁଥାନ୍ତି ଏ ତୋତେ ପାଇ । ଅରେ

ସୁକୁମାର । ଚମ୍ପକ-ଚହିଁସ ଶିରେ ଧର-। ଥିବା ମାରର ପୁଷ୍ପମାସାର ଯୂର କରନ୍ତୁ
ଏ ତୋତେ ଲଭ ଗୋର ।୯୮। ସମରେ ଅଇରକର ପ୍ଷ୍ଟରତରେ ପ୍ରବେଶିଲେ ଯା'ର
ଚନ୍ଦ୍ରହାସ । ହସି ପଶି କୁମ୍ଭଭଣ୍ତାରେ ତାହାର ବମୁକ୍ତ କରଇ ମୁକ୍ତାବଂଶ । ସେହ
ବହଥାନ୍ତି । ଏ ନୃପ-ପ୍ରଚଣ୍ଡ ତେଜ ଅଛ-। ତାପେ ଅରସ୍ଜ-ଶୀରଅଙ୍ଗୁ ଝରଥିବା
ସ୍ୱେଦବାର-ବନ୍ଦୁ-ଦ୍ୟୁତ ।୯୯। ନାହିଁ ନ ଥିବା କୀର୍ତ୍ତିକ ଏ ମଘବା ମହରେ
ଅର୍ଜିଅଛନ୍ତି ଗୋର । ଜାନୁରମ୍ଭୀକର-ମାନେ ହରତର ପ୍ରାନ୍ତ ପର୍ଯ୍ୟନ୍ତ ଛନ୍ତି
ଅବର । ସପ୍ତତନ୍ତୁ ଜାତ-। ଯଶବସନେ ଏ ନରନାଥ । ସପତ-ଦ୍ୱିଗୁଣ-ଭୁବନକୁ
ରୁନ୍ଧ ବାନ୍ଧଛନ୍ତି କର କରଗତ" ।୧୦୦। ସେ ନୃପତି-ପ୍ରତ ମସ୍ଥାପତି-ପୁତ୍ରୀ-ମତରେ
ରତଏ ହେଲେ ପ୍ରୀତ । ନ ଥିବାର ଚତ୍ତେ ବାରବାନ୍ଧବ୍ରାତେ ନେଲେ
ହାନ୍ଦୋଳାକୁ ଅନ-କତ । ଯେଣୁ ବଜ୍ଞବ୍ୟକ୍ତ । ଇଙ୍ଗିତୁଁ ବାରଇ ଚତ୍ତଗତ ।
ବାଣୀ-ଶ୍ରବଣକରଣ-ଅପେକ୍ଷାକୁ ମଣୁଥାଏ ସେ ସମସ୍ତୃଷତି ।୧୦୧। ଅନପାଶେ ବାଣୀ
ପୁଣି ବାଣୀ ଭଣି । "ରେ ସଜସରୋଜ-ସୁବଦନା । ଗୁଣାଗୁଣ-ବଗ୍ରହଣାରେ ନପୁଣ-
ପଣେ ବା ତୋ ସଙ୍ଗେ କେ ସୁମନା ? । ଏହ ନରବରେ । ବକଚ-ନଳନ-ନୟନରେ ।
ଅଲଙ୍ଗନ-ଭଙ୍ଗି କରରେ କୃଶାଙ୍ଗୀବର ଅଙ୍ଗୀକାର ପୁମନରେ । ୧୦୨ । ପ୍ରତ୍ୟର୍ଥୀ-
ପାର୍ଥିବ-ପୟୋଧି-ମନ୍ଥନ-ମନ୍ଦର ଏ ପୃଥୁ ନରନାଥ । ଶ୍ମଶ୍ରୁ-ବ୍ୟାଜ ଏ ଯୁବକବଦନ-
ପାଶରେ ମୃଗାଙ୍କ ତାରକାନ୍ତ । ନ ପାରଇ ରହ । ଭୁଞ୍ଜୁଛନ୍ତି ଏ ମଥୁରା ମସ୍ଥା । ତୋ
ବରଣମାଳ ଗଳାରେ ଦୋଳାଇବାକୁ ଭଲ ଏ କ ଯୋଗ୍ୟ ନୋହ ? ।୧୦୩। ପ୍ରବାଳ-
ଯୁଟଜତାଧର ଦେଖ ଗୋ ମଣିବନ୍ଧରେ ଏ ନରମଣି । ପୁରନ୍ଧ୍ରୀ-ଜୈଜମଣି ଦେଖଛନ୍ତି
ତେଜେ ଯେ ଜତଇ ତାରାମଣି । ସେହ ମଣିପ୍ରାନ୍ତେ । ଦଶେ ଜ୍ୟାଘାତ-ଚହ୍ନ କେମନ୍ତେ ।
ସେ ମଣିମସ୍ତକ-ଚହ୍ନ ଧୂମକେତୁ-ବତ ତାଙ୍କ ରପୁ-ନୃପ-ଗୋଷ୍ଠେ । ୧୦୪ । ଏ ଯେ
ପଞ୍ଚାନନା ଚହ୍ନ ଦଶୁଛ ଭୁଜରେ ସେ ଭୁଜ-ଅରଣୀର ।—ସମୁଦ୍ଭୂତ ସୌର୍ଯ୍ୟ-ଧୂମ-
କେତନର ଧୂମଧାର ତୁ ବଗ୍ଭର କର । ଅରେ ନାସବର । ଗର ସେ ତ ରପୁଗଣ-
ଙ୍କର । ତା ଯୋଗେ ଅସତ-ଯୁବତୀ-ନେଜରୁ ନତ ବହୁଥାଇ ନୀରଧାର ।୧୦୫।
ମଥୁରା-ନାଗରୀ-ଶରୀର-କସ୍ତୁରୀ-ଚନ୍ଦ୍ର ସ୍ନାନକାଳେ ଧୋଇ ନେଇ । ଦଶି କଳା ଅଛ
କାଳସ୍ତ୍ରବସନ୍ତ-ହ୍ରଦକୁ ମଧ୍ୟଭାଗରେ ବହ । କାଳିନ୍ଦ ସରତ । ନାଭ ଶୋଭ ରୋମଲତା
ବତ । ଖିତର ଶୋଭଇ ନୟନ ତୋ ତହିଁ ପଡ଼ିଲେ ହୋଇବ ସ୍ତମ୍ଭୀଭୂତ । ୧୦୬ ।
ସେ ମଥୁରାରେ ଗୋବର୍ଦ୍ଧନ ନଗରେ ଅସଂଖ୍ୟ ମୟୂର ନବସନ୍ତି । ପ୍ରତାପେ ତାଙ୍କ ସେ
ବନେ ଚଞ୍ଚୁଶ୍ରବା-ଖାତର ଯାଇଛ ହୋଇ ଇତ । ଅରେ ନବବାଳି । ବାସପୁଷ୍ପେ ଘନ
ବନ ଝଳ । ତୁ ତହିଁ ଏ ମସ୍ଥାପତ-ସହତରେ ନଃଶଙ୍କେ କର ବହାର କେଳ ।୧୦୭।
ଯାଁ ସାରେ ଏ ତୋର ବଦନ ନର୍ମିତ ସେ ଶଶି-ବର୍ତ୍ତି ଏ କାସଦନ୍ତ-। କଙ୍କଣତ ତୋ

ଶାଁକରେ ନରନ୍ତ୍ରର ଅଛୁ ଏଣୁ ନଖ-କଳବ୍ରାତ ।—ଯୁତ ହେଲେହେଁ ସେ । ସେ ବନ ନବ-ପଲ୍ଲବବଂଶେ । ନୋହବ ମିଶ୍ରିତ କହୁଛୁ ମୁଁ ଧତ ହୋଇବ ବାର ଅପେ ନିମିଷେ ।୧୦୮। ସେ ନବଟ୍ଟବନେ ପଥିକ ପବନ ଖଞ୍ଜନଜନବତ ଭ୍ରମି ଧୀରେ । ଉତାନ୍ତେ ତୋ କଣ୍ଠକତ-ପୀନସ୍ତନ-ଶିଖରେ ଅସ୍ୱେହ ଶ୍ରମଭରେ । ହୋଇ ତୃଷାତୁର । କସ୍ତୁରୀ-ମିଶା ତୋ ଶ୍ରମଜ୍ୱାଳ । ଦେବ ପିଇ ଶୁଷ୍କାଶୁଷ୍କ ବଗୃରକୁ ଅଷ୍ଟିବ ସହଇ କାହିଁ ବେଳ ? ।୧୦୯। ଧୀରଙ୍କ କର ଉପଯୋଗୀ ପୂଜାର କମଳେ କମଳ-ଭଳ ଦଶେ । ବସପ୍ରସୂନ-ଗର୍ଭର ପୀତବର୍ଣ୍ଣ ଅଭ୍ରାତ ନ ଥାଇ ତହିଁ ଲେଶେ । ଅବେ ଶୃଦ-ମୁର୍ଖ । ସେ ବର୍ଣ୍ଣିକୁ ଯୋଜବାରେ ତହିଁ । ଏ ନୃପତି-କରଦଣ୍ଡ କାଞ୍ଚିସ୍ୱର-ନକର ନିଯୁକ୍ତ ଥାଏ ହୋଇ ।୧୧୦। ଫସାରୈକ-ସାର ଏ ମଥୁରେଶ୍ୱର ଅବ୍ରତସମ୍ପତ୍ତି ଅକର୍ଷଣେ । ସମର ଫଘର୍ଷ ନ ଲଭିଣ ଲେଶ ସନ୍ତୋଷ ନୁହନ୍ତ ପଷମନେ । ଅରେ ବରବାଳ । ତୋ ସହିତ ଏ ଭୂପତି ମିଳ । ପତିତ-କାମ-ସୁମଶର-ସୁମନ-ମଧୁରେ ରଚନ୍ତୁ ପାନକେଳ” ।୧୧୧। ଭ୍ରଷ୍ଟୁ ଭରତୀ ଏମନ୍ତ ସେ ଯୋଷିତବର ମଥୁରାଭୁଭୃତୁଁ ନେତ୍ର । ନେଇ ପଶ୍ଚାତେ ଫମିକ-ଉପବିଷ୍ଟ-ଭୂପତି-ତତିରେ କଲୀ ପାତ । ତହୁଁ ବାଣୀରସ୍ତୁ । ନିଜ କାର୍ଯ୍ୟେ ଜେମା ଅଭିପ୍ରାସ୍ତୁ ।—ବାରପାରବାର ସାମର୍ଥ୍ୟ ପ୍ରଗୃର କଲେ ଅପଣାର ଅତିଶସ୍ତୁ ।୧୧୨। ତଦନ୍ତେ ଅନ ମହୀପତି କତିରେ ପ୍ରବେଶି ଭାରତୀ ଏତେ ଭାଷି । “ରେ ଜ୍ଞିତ-ହସ୍ତକୁରଙ୍ଗ-ପୋତନେବା ରେ ଖଞ୍ଜନ ଗର୍ବଚଞ୍ଚା-ଦୃଶି । ଏ ସେ କାଶୀପତି । ପୁରତେ ତୋ ବଜେ କରଛନ୍ତ । ଅମାପ-ରୂପ-ସମ୍ପଦେ ଏହାଙ୍କର ହେଉ ତୋ ନେତ୍ର କୃତାର୍ଥ ଅତି ।୧୧୩। ଭବାର୍ଣ୍ଣବ ପାର ହେବାକୁ ଯେ ପୁରୀ ତରୀ-ରୂପେ ହବେ ବନର୍ମିତ । ଦୁରତ-ପୂରତ-ଚୟ ଜନବ୍ରାତ ଯହିଁ ଅସି ହୋଇ ଯାନ୍ତ ମୁକ୍ତ । ସେହି କାଶୀପୁରୀ।— ଅଧୀଶ୍ୱର ଏ ରେ ହେମଗୋରୀ । ଚନ୍ଦ୍ରେ କହିତ ସ୍ଥାନ ପ୍ରଦାନକୁ ତୋ ନୁହନ୍ତ ନକ ଏ ଅଧିକାରୀ ? ।୧୧୪। ‘ସଧି ବରଚତ ଫସାରେ କହିତ ଦୁଃଖିତ ହୋଇବ ଭବଷ୍ୟତେ’ । ଏତେ ଭାଳ ଚନ୍ଦ୍ରେ ଶଙ୍କର ସେଦନ୍ତେ ରୁଦ୍ର ନାମ ତାଙ୍କ ଏ ଜଗତେ । ନାମ ପାଇଁ ଶୋକ । କରବା ତାଙ୍କର ନୁହେ ଠିକ । ଦସ୍ଥି ନ ଥିଲେ କ ରଚନ୍ତେ ଫସାର ସିନ୍ଧୁତରୀତରୀ ପୁରୀ ଏକ ।୧୧୫। ମହୀପରେ ଥାଇ ମହୀର ନୁହଇ ସେ ଶଙ୍କରପୁରୀ ବାରଣସୀ । ତହିଁ ଥିବା ନର ନୁହନ୍ତ ତ ମର ନିଶ୍ଚୟ ସେ ସୁରପୁରବାସୀ । ମୃତ୍ୟୁ ପରେ ତହିଁ । ପ୍ରାଣିଏ ମୁକତି ଯାନ୍ତ ପାଇ । ଅମରପୁରୁ ଅଧିକ ସୁଖକର ଲୋକ ଯେଣୁ ଅଜ୍ଞ କାହିଁ ନାହିଁ ।୧୧୬। ସେ ପାର୍ବତୀପତି-ପୁରେ ଏ ଫସାର-ସିନ୍ଧୁର ଯେ ପ୍ରାଣୀ ହୁଏ ମୃତ । ହରଂଶରୀରେ ସାଜୁଜ୍ୟ ମୁକ୍ତି ତା’ର ହୁଅଇ କସ୍ମଳକ-ବତ । ହେମଗୋର ଅରେ । ‘ଅସ’ ଧାତୁ ଯଥା ଅଜ୍ଞାତରେ । ‘ଭୂ’ ଧାତୁ ବତ ହୁଏ ତଥା ସେ ମୃତଜୀବ ବହ୍ନଇ ହର ଶରୀରେ ।୧୧୭। ସୁରତ-ପ୍ରସଙ୍ଗେ ରସି

ନାନାରଙ୍ଗେ ସେ ପୁରର ନରନାରୀବାର । ମୃତ୍ୟୁପରେ ହର-ଗଉରୀ-ମେଳନ୍ତି ବଳ
ଶତଗୁଣେ ସୁଖକର । ଦୃଷ୍ଟେ ହରଗୌରୀ ।—ସାଯୁଜ୍ୟକୁ ଥାନ୍ତି ଲାଭ କରି । ଏଣୁ
ଆନ ଭୁବନରେ ନାହିଁ ସ୍ଥାନ ଅଛି ସେ ପୁରୀକ ସମସରି । ୧୧୮ । ସୁରବର-ଅଧିଷ୍ଠିତ
ସୁରପୁର ନୁହଇ ସମାନ ସେ ପୁରୀକ । ଏ ମୋ ବାକ୍ୟ ଯେବେ ସତ ନ ବିଶ୍ୱସୁ ପୁଚ୍ଛ
ତେବେ ତୋ ଅନୁଭୂତିଙ୍କ । ଅରେ ନାରୀବର । ସେ ତ ଅଟି ତୋର ପୁରତର । କରି
ପାରିବ ନାହିଁ ସତ୍ୟ-ଇତର ବୃତ୍ତାନ୍ତ କେବେହେଁ ପରଗୃହ । ୧୧୯ । ବହୁତ ବଚନେ
ପ୍ରୟୋଜନ କିସ ତୁ ତ ଜ୍ଞାନବତୀ-ଚୂଡ଼ାମଣି । ବାରାଣସୀରେ ନିବାସ କରି ସୁଖେ କର
ବିସ୍ତାର ସୁକୃତ-ଶ୍ରେଣୀ । ଅରେ ପୃଥୁଶ୍ରୋଣି । ଏଥି ପରାଣିଙ୍କ ଶୂଳପାଣି । ମୃତ୍ୟୁଭୀତ
ହରି ଅଗତେ ନିବାରି ନିର୍ବାଣକୁ ଥାନ୍ତି ପରି ଦାନ ।୧୨୦। ମୂର୍ତ୍ତିମତୀ-ରତି-ବତ ରେ
ସୁଦତି ହୋଇ ତୁ ବର ଏ ନରପତି । ମୂର୍ତ୍ତିମନ୍ତ-ମାରପରି ନରବର ହୁଅନ୍ତୁ ଲଭି
ତୋର ପ୍ରାପତି । ମାର-ରତିବତ । ତୁମ୍ଭେ ଦୁହେଁ ହୋଇ ଏକହିତ । କ୍ରୋଧ ଘୁଞ୍ଚାଇ
ପ୍ରସାଦ ଲଭିପାଇଁ ହରପଦେ କରେ ପ୍ରଣିପାତ । ୧୨୧ । ଏ କାନ୍ତେ ଏ କାମପଣ୍ଡିତ
ନୃପର ନଖଚନ୍ଦ୍ର ବହି କୁଚପରେ । ପ୍ରଣୟକୁପିତା-ପାର୍ବତୀ-ପଦ୍ମରେ ହର ପ୍ରଣିପାତ
କରିବାବେ । ପଦ୍ମର-ଅଳକ୍ତ । ଲାଗି ଶିବ-ଶିର ତାରାକାନ୍ତ । ରଞ୍ଜିତ ହେଲା ବତ
ତୋ କୁଚରାଗେ ହେଉ ତାଙ୍କର କରଜ ରକ୍ତ । ୧୨୨ । ଏ ନରବର-କୀରତିବାର
ସ୍ୱରୁଗ୍ନମର-ଗ୍ରୁରୁଷ କରି ଗୈରି । ସମରେ ତାଙ୍କ ପ୍ରଚଣ୍ଡକୋଦଣ୍ଡର ଉଭୟ ପ୍ରାନ୍ତରେ
ଥାନ୍ତି ଝୁଲି । ଯୁଦ୍ଧେ ଶତ୍ରୁଗଳ ।-ଛେଦ-ଚତୁର କ୍ଷୁରପ୍ରଶର ।-ପ୍ରତାପ ତାଙ୍କ ବଢ଼ାଏ;
କାମ-ତାପ ହରନ୍ତୁ ଏ ମସ୍ତାପତ ତୋର । ୧୨୩ । ତୋର ଦାରୁଣ-ବିରହେ ଏ
ନୃପତ ହୃଦୟ ବିଦୀର୍ଣ୍ଣ ହୋଇ ନାହିଁ । ସମରେ-ଅରିର ଶରବାର ବାଜ ତହିଁ ଯାଏ
ମୁନ ମୋଡ଼ ହୋଇ । ଏଣୁ ସେ ହୃଦୟ । କୁଳଶୁଁ କଠୋର ଅତଶୟ । ତହିଁ ଜାତ
ଏ ଭୁଜବୀର୍ଯ୍ୟ-ବହ୍ନିକ ଶତ୍ରୁ-ସ୍ତ୍ରେତକ ନ କରେ କ୍ଷୟ । ୧୨୪ । କାକ କୋକିଳ
ବେନିଙ୍କି ସମତୁଲ ଭାବେ ଫଳ ପରଦାନ କରି । ଲକ୍ଷ ଲକ୍ଷ ବୃକ୍ଷ ନାହାନ୍ତି କି ? ତାଙ୍କ
ଗୁଣ କେବେ ଥାଏ କେ ସୁମରି ? । ଏକା କଳ୍ପତରୁ । ଫଳେ ସୁଧାଭକ୍ଷେ ତୋଷି-
ବାରୁ । ମେରୁ-ପର୍ବତ୍ତେ ପରଶଂସା କଲେହେଁ ନୁହଇ ତା ପକ୍ଷେ ଲେଶେ ଗରୁ ।୧୨୫।
ବିପକ୍ଷଭୂପତି-ବ୍ରାତେ ଏ ଭୂଭୁତେ କର ବା ନ ଦେବେ କେଉଁପରି । ଯେଣୁ ସେ
ବିଷୟେ ପ୍ରତିଭୂ-ପର୍ବତ୍ତେ ରହିଥାଏ ଯାଙ୍କ ତରବାରି । ଦୋଷ ବଶେ ଯେବେ । କେ
ନୃପ କର ନ ଦିଏ ତେବେ । ପ୍ରତିଭୂ-ସ୍ୱ-ତରବାରିକି ଏ ଭୂପ ଧରନ୍ତି ନ ବନ୍ଧି ଦାୟୀ
ଲବେ । ୧୨୬ । ଏ ନୃପ-ସମରଅଶ୍ୱେ ଜବନ୍ତର ନଭପ୍ରଦେଶେ କରନ୍ତି ଗତି ।
ଅତରକତେ କ୍ଷୁରାଗ୍ରମାନେ ତାଙ୍କ ବାଜ ଯାଉଥାଏ କେବେ କ୍ଷିତି । ଅରେ ବିମ୍ବାଧରି ।
ଦର୍ଶନୀୟ ଏକା ସେ ଗ୍ରୁରୁଷ । ପୁରନ୍ଦରର ଉଚ୍ଚୈଃଶ୍ରବା-ପ୍ରଖର-ଗତି ଥାଏ ତାଙ୍କ କତି

ହାର" । ୧୨୭ । ଏମନ୍ତ କୀର୍ତ୍ତି-ବର୍ଣ୍ଣନାକାଳେ ଅନ ମସ୍ତପଛତଚ ପ୍ରବେଶନ୍ତେ । ତାଙ୍କ ସୌନ୍ଦର୍ଯ୍ୟ-ଦର୍ଶନଛଳେ ବାଳୀ ନବେଶିଲ ତହିଁ ବେଇନେନେହେ । ବସଙ୍ଗିର ମତ । ବାର ଅଭିମାନୀ କାଶୀପତି । ଗୁଣଙ୍କାରେ ଅନାଦୃତ ହୋଇ ମଉଳଲେ ଲଭି ଏକା ଅପକୀର୍ତ୍ତି । ୧୨୮ । ଅନବରତୀସୁ-ରୂପଶାଳୀ ଜ୍ଞାନାନନ୍ଦ-ସରସ୍ୱାନ କେଉଁ ଛନେ । ସେ ସୁପ୍ରାଣସ୍ଥ ଅନନ୍ୟାଙ୍ଗୀ ଅବନୀଶ-ଦୁହିତା ବର ମନେ ମନେ । ତହିଁ ରଖି ଚଉ । ତା ପ୍ରତ ଅଛନ୍ତି ଅଶକତ । ଭାଗ୍ୟଗୁଣ-ତେଜୋବନ୍ତ ନସ୍ୱମରେ ତେଜ ଶୋଭେ ଉପନଷତ୍ରବତ । ୧୨୯ । ଶୃଙ୍ଗାରସିନ୍ଧୁ-ସଞ୍ଜାତ-ସୁଧାକର ପର ଏ ଶ୍ରୀହର୍ଷଙ୍କ ରଚନ । ତହିଁକି ସ୍ଥାନ-ଗୋପୀନାଥ-ବଚନ ସିଂହକାନନ୍ଦନ-ସମ ସେନ । ଅହେ ସୁଧୀବୃନ୍ଦ । ଏ ଉଭୟ-ସମାଗମୁଁ ଜାତ । ଉଚ୍ଛିଷ୍ଟ-ଦୋଷ ତ ପୀୟୂଷେ ନ ଥାଏ; ଏଣିକ ଯେ ଅସେ ଭୁମ୍ଭ ଚଉ । ୧୩୦ ।

ଦ୍ୱାଦଶ ଛାନ୍ଦ ।

ରାଗ—ଖଣ୍ଡ କାମୋଦୀ ।

ଶୁଣ ଶ୍ରୁତ ନବେଶି ସାଗରପାରବାସୀ ଉଭଟ ନୃପଗଣ ଯେ ।
ଚକ୍ଷୁଲକ୍ଷାବଶରେ ପ୍ରିୟାପାଶରୁ ଧୀରେ ମେଲଣି ହେନୁ ପୁଣ ଯେ ।
ଅଗମନେ । ବିଳମ୍ବ ହେଉ, ଷ୍ଟୁଣ୍ଣ ଯେ ।
ହୋଇ ପ୍ରବେଶ କବା କୁଣ୍ଡିନମଣ୍ଡାସଭା-ଗର୍ଭ-ଭୂଷଣ ସମ ହେ । ସାଧୁଜନେ । ୧ ।

ଅରମ୍ଭ ସ୍ୱୟଂବର ହେଲା ନୃପ ନକର ମଣ୍ଡପେ ବସିଛନ୍ତି ଯେ । ଅରୁଁ-ଅଗତ-କ୍ଷିତିପତି ଯୁବତୀ-ମତି ତର୍କି ଶ୍ୱାସ ପକାନ୍ତି ଯେ । ନବାଗତେ । ନାହାନ୍ତି ଯେଣୁ ବାର ଯେ । ତେଣୁ ଚଉ ତାଙ୍କର ହେଉ ଅଶା ପ୍ରବଳ ସୁଖସିନ୍ଧୁ ଉଚ୍ଛୁଳ ହେ । ଧୀରେ ବାର । ୨ । ଚିପ-ଚିପା-ସଙ୍କେତ ବଗୃବେ ବିପଣ୍ଡିତ ଯାନବାହକମାନେ । ରଖି ମର୍ଯ୍ୟାଦା ପରଖାଗିଲେ ନୃପଜାର ବ୍ୟଥା ଭ୍ରମଣ-ଶ୍ରମେ । ଶିବିକାକୁ । ରଖିଲେ ଧୀର କର । ସୁରପାଳୁଣେ ପୂର ରହିଅଛନ୍ତି ସେହି ଅସଂଖ୍ୟ ଦଣ୍ଡଧାରୀ । ବିଜ୍ଞଜନେ । ୩ । ଯାନସଙ୍ଗବରଣୀ କପଟନାରୀ ବାଣୀ-ଈଶ୍ୱରୀ ନରମଣି ।—ଶ୍ରେଣିକ ଗୃହିଁ ଏଣୀକ୍ଷଣୀ ନୃପକୁଳଶିରୋମଣିଙ୍କ ଧୀରେ ଭଣି । କେବା ବର୍ଣ୍ଣି । ପାରିବ ସେ ବାଣୀକି । ସୁଧାସିନ୍ଧୁ ସାଧୁଅର୍ଣ୍ଣଦା ଅଙ୍ଗରେ-ଠିଅ-ପରସ୍ପୃ ତାର ଠାଣି । ସୁପଣ୍ଡିତେ । ୪ । ସ୍ପଷ୍ଟନ୍ତି ବାଗୀଶ୍ୱରୀ "ହେ ଜନ୍ମ-ସୁକୁମାର ଗୃହିଁ ଏ ତୋ ପୁରତେ । କାର୍ତ୍ତିସ୍ୱର-କେତକ-ପର୍ଣ୍ଣବର୍ଣ୍ଣିକୁ

ଧ୍ୱଜ-କାରଙ୍କ-କାନ୍ତିମନ୍ତ । ଏ ନୃପତି । ନାମରେ ଋତୁପର୍ଣ୍ଣ । ହୃଦ୍‌ଗତ ହୋଇ ଜେମା
ପଦାନ୍ତ ନାହିଁ ଜମା ମନେ ଅଯୋଧ୍ୟାଧାମ । ମଧ୍ୟ-ଶୋଭ । ୫ । ଏ ବଦନ ଚନ୍ଦ୍ରର
କର ପାନ ଚକୋର ନ କରିଲେ ନ କରୁ । ଏ ନୟନ-ଚକୋର ଏ ତ ତୋର
ନଜର ଏହାଙ୍କ କ ଦୋଷରୁ । ଗୂଢ଼ହାସି । ଦେଉଛୁ ଭଙ୍ଗି ଅଣା ସେ ବେଣ ଏ ସୁଷମା-
ସିନ୍ଧୁଜାତ-ଚନ୍ଦ୍ରମାମୁଖୁଁ ଶୁଖନ୍ତୁ ରସ । ରସବତି । ୬ । ସରଯୂଜଳେ ଜଳକେଳି-ଲାଳସୀ
ବାଳମୃଗାକ୍ଷି ହେବୁ ଯେବେ । ତା'ର ତରଙ୍ଗ ତୋର କଠିନ କୁଚପର ବାଜି ଭାଜିବ
ଜବେ । ସଖିବଦେ । ସେ ନୀରବିନ୍ଦୁ-ବୃନ୍ଦ । ତୋ ପୟୋଧର-ପର ପଡ଼ି ହାର-ପ୍ରକାର
ପ୍ରକାଶିବ ପସନ୍ନ । କୁନ୍ଦଦନ୍ତି । ୭ । ପୂର୍ବେ ଏ ମହୀପତି ବଂଶେ ନୃପସନ୍ତତି ସାଗର
ଖୋଳିଲେ ଖୋଳ । ଭଗୀରଥ ଏ କୂଳେ ସେ ସିନ୍ଧୁ ପୂରାଇଲେ ଗଙ୍ଗାସଲିଳ ଢାଳି ।
ଭବିଷ୍ୟତେ । ଏ ବଂଶେ ପୁଣ ଏହା । ହେବ ବନ୍ଧା । ଏ ଏବେ ଏ ନୃପଯଶେ ଜବେ
ହେଲାଣି ଲଙ୍ଘା ଗୃହିଁ । ଗୂଢ଼ହାସେ । ୮ । ଏ ମହୀପତିଯଶ କ୍ଷୀରସିନ୍ଧୁ-ସଦୃଶ ବର୍ଣ୍ଣି
ବସିଲେ କବି । ନ ପାଇ କୂଳ ତାଙ୍କ ବଚନ-ଯାନ ଯାଏ ଅତଳେ ବୁଡ଼ି ।
ଗୁଣମଣି । ବସିଲେ ଗାରସ୍ଥାଣି । ନ ରହି ଯିବ ସଞ୍ଚ ଏ ମହୀପତିପଦପଙ୍କ୍ତି-
କୀର୍ତ୍ତି-କଠିନୀ, । ଠିକମଧ୍ୟା । ୯ । ଭାସ୍କର-ବଂଶାଙ୍କୁର ଏ ମହୀପତିଙ୍କର କେ
ପାରେ ବର୍ଣ୍ଣି କୀର୍ତ୍ତି । କ୍ରୂର-କର୍କଶରଣରସେ ଯା ଅପଘନ-ରୋମାଳ ପୁଲକନ୍ତି ।
ଯା'ର ନାମ । ବନ୍ଧଏ ଗାଡ଼ିଁ ଶୁଣି । ରଣେ ଅରାତି-ଭୁଜ-ଭୁଜଙ୍ଗ ହତବୀର୍ଯ୍ୟ
ଯାଏ ହୋଇ ଦେଖଣି । ଏଣୀକ୍ଷଣି । ୧୦ । ଏ ଧରାଧୀଶ-ଚରିତାଚ ସୂର୍ଯ୍ୟ
ଧାତାର ଜନକ ଧାର୍ଦ୍ଧ ଏତେ । ସେ ସୂର୍ଯ୍ୟ-ପ୍ରତିବିମ୍ବ ସରସ୍ୱାନେ ବାହ୍ୟବ ନାମ
ବହେ କ ପତେ । ରିପୁରାଜ- । କୀର୍ତ୍ତି-ତାରକା-ବ୍ରାତ । ବିନାଶି ଏ ଭାସ୍କର-
ଅବିଚ୍ଛନ୍ନତା କା'ର ଗିରର ନୂହେ ପ୍ରାପ୍ତ । ପ୍ରିୟଭାଷି । ୧୧ । ଏ ଭୂପ-ଭୁଜଯୁଗ-
ଗଙ୍ଗା ଅରାତିବର୍ଗ-ଅକୀର୍ତ୍ତି-ଯମୁନାରେ । ଯାଜ ମିଶି ସମରେ ତହିଁ ପଶିବା ଶୂରେ
ମିଶନ୍ତି ସୁମନାରେ । ସ୍ୱର୍ଗପୁରେ । ନନ୍ଦନ ଉପବନେ । ଅନନ୍ତେ ରମ୍ଭାସଙ୍ଗେ
ଆରମ୍ଭି ରତି ରଙ୍ଗେ ବଞ୍ଚନ୍ତି ଅନୁଦିନେ । ପାର୍ଦ୍ଧାପାଙ୍ଗି । ୧୨ । ଅଯୋଧ୍ୟା-ଅଧିପତି-
ଋତୁପର୍ଣ୍ଣ-କୀରତି-ତତି ଭାରତୀ-ମୁଖେ । ଅସ୍ୱାଦ ଶ୍ରୁତିଯୁଗେ ଅତିବସ୍ନସ୍ନେ ବେଗେ
ବାଳୀବର ଶିରକୁ । କମ୍ପକରୁ । ଇଧତରେ ତେରଛେ । ବସୁ ବଂଶମଣ୍ଡନ ସେ ନୃପେ
ଜେମାମନ ନଥିବା ଜାଣେ ସ୍ୱଚ୍ଛେ । ଧୀରେ ଯେନ । ୧୩। ଇଙ୍ଗିରୁ ଚତୁରାର ତନ୍ୱିଁ
ସେ ବାଗୀଶ୍ୱରୀ ଅନନ୍ତରେ ଦେଖାଇ । ପିକେ ନୃକ-ବିଭୂତି ବିତରିବାରେ ଅତି-
ନିପୁଣ ସ୍ୱରେ ତହିଁ । ସୁଧାସିନ୍ଧୁ— । ସମ୍ଭବ ଇନ୍ଦୁମୁଖୀ । କ୍ଷିତୀଶ-ସୁତାପାଶେ ସେ ନୃପ-
କୀର୍ତ୍ତିବଂଶେ ବର୍ଣ୍ଣିନ୍ତି ହୋଇ ସୁଖୀ । ବିଶାରଦେ । ୧୪ । ଧୀରେ ଭଷନ୍ତି ବାଣୀ
"ବେ ଗଣବଶଂଏଶୀ-ଇକ୍ଷଣି ଗୃହିଁ ଏଣେ । ଏହି ପାଣ୍ଡ୍ୟ ନରେନ୍ଦ୍ର ଯା ମୁଖପାଖେ

ଚନ୍ଦ୍ର ବହଇଛ ଦାସପଣେ । ସାଣାଭଷେ । ନେହସମ୍ପ୍ରିକ ତୋର । ଏକ ଅପାଙ୍ଗେ ସ୍ଥିତ କର ତୁ ବାରେମାହ ପଡ୍ଡୁ ସେ ନୃପବର । ନିରୁପମା । ୧୫ । କହଇ ବେଣି ଶ୍ୱାସ ଅଣି ଏ ମହାବଂଶ କୀର୍ତ୍ତିନର୍ତ୍ତକୀ ଶୁଣ । କ୍ଷିତିତଳେ ନର୍ତ୍ତନ-ବରଚନରୁ ମନ କରଲାଣି କର୍ତ୍ତନ । କରୁଅଛ । ଏବେ ଅମ୍ବରକୋଳେ । ହୋଇ ନିରବ-ଲମ୍ବ ନୃତ୍ୟ-କଳା ଫରଭ ଅଭ୍ୟାସ କୁତୂହଳେ । ଗୁରୁଶୀଳା । ୧୬ । ଏ ମହାରାଜ୍ୟ-ଭସ୍ମେ ଅରତି-ନୃପଚସ୍ୱେ ପଳାନ୍ତି ବନୁଁ ବନେ । ତାଙ୍କ ଭୁବନମାନ କମେ ବଧିନ-ପୂର୍ଣ୍ଣ ହୁଅଇ ଅତଘଟନେ । ବହୁକାଳ- । ପରେ ପୁଣି ସେମାନେ । ଲେଉଟି ନିଜ-ଦେଶେ ଚଛି ସ୍ୱସ୍ୱ ଆବାସେ ବସନ୍ତି ଯେନ ମନ । ନତଗାତ୍ରି । ୧୭ । ଏହାଙ୍କୁ ବଳ ଖାବ ନାହିଁ, କୀର୍ତ୍ତି ଯାଙ୍କର ଧବ-ରଞ୍ଜନ ଲେଯ । ଅସପ୍ତ-ସିନ୍ଧୁକ୍ଷିତି-ବାସୀ ଜନେ ଗାବନ୍ତି ଯାଙ୍କ ଗୁପ-ପ୍ରତାପ । ଏକାବେଳେ । ପ୍ରଣତ-ରାଜ-ତତି- । ଶିରମୁକୁଟ-ମଣି-ତାର ଏ ଖାରମଣି-ନଖଚନ୍ଦ୍ରେ ସେବନ୍ତି । ଦନ୍ତୀଗତି । ୧୮ । ହର-ଅକୀର୍ତ୍ତି-କାଳ-ମଳନ-ଶଙ୍କୁପାଳ ଡିଣ୍ଡିକ-ବନବତ । ତହିଁ ପ୍ରତାପାନଳ ଏହାଙ୍କ ଅବରଳ ଜଳଇ, ତହୁଁ ଜାତ । ବହୁ ଲିଙ୍ଗ । ବୋଲାନ୍ତି ଏ ଫସାରେ । ହର-ଭୃତ୍ୟମ୍ଭ ନେହ କୃପୀଠ-ଯୋଜ ବୃତ୍ତ-ବୈର-ବଜ୍ର ବେଖରେ । ଭୁରୁଶୋଭ ।୧୯। ଏ ନୃପତି-ସମର-ଦର୍ଶ-ନାଶେ ଅମର ତୁଲରେ ପୃଥ୍ୱୀଗଣ । ଅସଥାନ୍ତି; ରଣରେ ଅଗ୍ରଗାମୀ ଯେଣରେ ଉଗ୍ର-ବାରଣ ଟଣ । ଏହାଙ୍କର । ବିଲୋକ ଆଉବାରେ । ପର୍ବତପାରୁଁ ଧବ ଉଦ୍ଧରବାକୁ ଦ୍ରୁତ ହେଉଥାନ୍ତି ଚଉରେ । ଚଉହାର୍ଦ୍ଦ । ୨୦ । ଏକାଳେ କ୍ଷିତିପତି-ସୁତା-ଇଙ୍ଗିତ ତତି-ବଗ୍ରହ-ବଚକ୍ଷଣା । ଦାସୀଏ ଭଷେ ଚଉ ବାର "ରେ ତତ୍ପ୍ରକାର୍ଣ୍ଣ ସ୍ୱର-ବରନା ଅନା । ସୌଧଚୂଳେ-। ଚଞ୍ଚଳ ଚେଳାଞ୍ଚଳେ । ଏକା ଏ କାକ ପଦ ଦେବା କରଇ ସଧ ବବଧ କଉଣଚଳ । ସ୍ମିତଶୋଭ" । ୨୧ । ଏମନ୍ତେ ଅସଙ୍ଗତ ଦାସୀ-ଭାଷଣେ ସ୍ଥିତ ସଭରେ ସର୍ବେ ହସି । ହାସ-ଶୁକ୍ଳିମାବଶେ ଧବଳତ ବିଶେଷେ ଫସଦ ଗଲା ଦିଶି । ଜେମାଲେଉଭେ । ନିଗଣ ପାଣ୍ଡ୍ୟ-ପତି—। ମୁଖ ବଶେ ମଳନ ସେ ଶୁଭ୍ରରେ ଏ କୃଷ୍ଣ-ବର୍ଣ୍ଣ ବିକଟେ ଅତି । ଯେନ ମତି । ୨୨ । ଜଗତ-ବନ୍ଦନୀୟା ସେ ଅନବଚନୀୟା ଭାରତୀ ତଦନ୍ତରେ । ନୃପଜା-ସରଳତା-ଗୁଣରେ ବଶୀଭୂତା ହୋଇ ଅଙ୍ଗୁଳ ଧୀରେ । ଦେଖାଇଣ ମହେନ୍ଦ୍ର-ମହୀଧର-। ପାଶଦେଶ-ରାଜନେ ଗୁହିଁ ବାଳା-ବଦନେ ଭାଷନ୍ତି ସୁମଧୁର । ସାଧ୍ବଜନେ । ୨୩ । "ଏ ସ୍ୱୟଂ ବରେଶ୍ୱବେ ତୋତେ ଲଭିବା ଲୋଭେ ବଳେ ମହେନ୍ଦ୍ର-ପତି । ଏହାଙ୍କ ଗଳେ ବନମାଳ ଦିଅ ତୁ ବାଳ-ମୃଗାକ୍ଷି ହୋଇ ସୁଖୀ । କଳଙ୍ଗବେ । ତୋ କୁଚକୁମ୍ଭ ତୁଲେ । ସେ ଦେଶ କୁମ୍ଭୀ-କୁମ୍ଭ- କଳହକୁ ଅବମ୍ଭ କଲେ ହସିବୁ ଗେଲେ । ଲୀଳାବତି । ୨୪ । 'ବଜେ ମହେନ୍ଦ୍ରସ୍ୱ' ନାଗରକ ସମ୍ଭ୍ରୂ ଏମନ୍ତ କହିଁ ତର । ବୃଥା ଅରଏ ବନେ

ପଳାନ୍ତି, ନକେ ସ୍ୱପ୍ନେ ତାହା ଥାନ୍ତି ଉଚାରି । ସେ ସମୟେ । ଶାଖୀରେ ଥିବା କୀରେ ।
ଶୁଣି ସେ କଥା ପ୍ରୀତେ ଉଚାରନ୍ତେ ତୁରିତେ ପଳାନ୍ତି ତହୁଁ ଦୂର । ଅସ୍ୱତିଏ । ୨୫ ।
ଏ ନୃପଭୟେ ଭୀତ ବନସ୍ତ ଶବୁ ଗୋନ୍ଦ ବପିନେ ସ୍ୱଯୁବତୀ । ଛାଡ଼ି ପଳାନ୍ତି
ଧାତି ବନଚର ଯୁବତୀ ଭେଟି ତାଙ୍କୁ ପୁଚ୍ଛନ୍ତି । 'ଅଗୋ ଶୁଣ । ଆଶ୍ଚର୍ଯ୍ୟ ତୁମ୍ଭଦେଶେ ।
କିସ ଅଛି' ଉତ୍ତରେ ଏ ଭାଷନ୍ତି "ସ୍ୱକରେ ଶଶିକର ବଶେଷେ । ପୃଥୀତଳ" । ୨୬ ।
ଉର୍ବୀ-ଉର୍ବଶୀ ! ଅରେ ଏ ନୃପୁଁ ବଳ କା'ରେ ସାର ନଦେନ ଛୁଦ । ଗୁଣଟଙ୍କାର
ନାଦେ ଏହାଙ୍କ ଅରିବୃନ୍ଦେ ନିରତ ବଶମ୍ବଦ । ଶୁଦ୍ଧଗୁଣ । ବନ୍ଦିତ ଅଛି ତୋର । ସେ
ଗୁଣଗଣେ ଗଣବଣା-ମାଣବ-ଏଣ-ଈକ୍ଷଣା ବନ୍ଧକର । ଏ ଭୂଭୃତେ । ୨୭ । ଏ ନୃପତି-
ଅରାତି ଯେଉଁ ନାରୀ ସନ୍ତତି ଗିରିଗହ୍ୱରେ ଥାନ୍ତି । ଯୋଷା ନିଶାରେ ସୁତେ ଯେଜଣ
ବାହାରନ୍ତେ ବିଲୋକି ନିଶାପତି । ସନ୍ତତିଏ । ସ୍ୱକ୍ରୀଡ଼ା-ହଂସ ଭ୍ରମ । ଖେଦନ୍ତି କର
ଅଳି ମାତା-ଲୋତକେ ହର-ବିମ୍ବରେ ଯାନ୍ତିଭୁଲି । ଅନୁପମା । ୨୮ । ଦିଗ୍‌ବିଜୟେ ଏ
ନୃପ କଲେ ଅବନ୍ତ-ଭୂପ-ସମ୍ଭୋଗ୍ୟା ବସୁମତି । ସାନ୍ଧ୍ୱିକ କମ୍ପ ବହି ଏକା ପ୍ରକାଶୁଥାଇ
ଏ ହେଉ ବୋଲିପତି । ଅଭିମୁଖ ।-ସମରେ ରିପୁଭୂପେ । ପଡ଼ି ସୂର୍ଯ୍ୟମଣ୍ଡଳ ମଧ୍ୟଦେଇ
ନିଜର ପଥ ଦେଖନ୍ତି ଅପେ । ଚଳାପାଙ୍ଗି । ୨୯ । ବଣେତ କେହି କେଣେ
ନଥାଏ ରିପୁ ଜଣେ ପଳାନ୍ତି ସର୍ବେ ଡରେ । ଯେବେ କେ ଅତି-ଯୋଧୀ
ଲେଉଟି ହୋଇ ଯୋଧୀ ଭୂପତି-ସମ୍ମୁଖରେ । ବିମୁଖତା । ତା'ର ହୁଏ ତତ୍‌କ୍ଷଣେ ।
ଯେଣୁ ଭୂପତି-କାତି ତା ଶିରକାଣ୍ଡ ଧାତି ଲୋଟାଏ ରଣାଙ୍ଗନେ । ରଙ୍ଗାଧର" । ୩୦ ।
ମହେନ୍ଦ୍ର-ଦେଶ--ସ୍ୱଣ--ଅଗଣ୍ୟ--ଗୁଣ--ଗଣ ଶୁଣି ପୃଥୁଶ୍ରୋଣୀ-ବର । ହୋଇ
ଆଶ୍ଚର୍ଯ୍ୟ ଅତି ମୁଖପଦ୍ମେ ଟେକି ଖଞ୍ଜେ ଅଙ୍ଗୁଳି ନାଳ । ସେ ଚତୁରା । ଅଶେଷେ ଭାଷେ
ଏତେ । 'ନ କହ ହିଅ ତୁମ୍ଭ ପରି ମୁଁ ବୁଝିଲଣି ଶୁଣିବ ଆଉ କେତେ ।
ପ୍ରିୟସଖି' । ୩୧ । ନୃପକୁମାରୀ-ଠାରୁ ବାରି ବାଣୀ ଅନ୍ତରେ ନୃପେ ଅପାଙ୍ଗ ଦେଲେ ।
ସେ ମହୀପତି-ଦେହ-ସୁଷମାରେ ଅଦେହ ଅଦେହ କି ହୋଇଲେ । ବିଶାରଦେ ।
ମହୀମଣ୍ଡଳେ କେହି । ତେଜୋବନ୍ତ-ପଣକୁ ତାଙ୍କ ତୁଲେ ପଣକୁ ଗଣା ହୋଇବେ
ନାହିଁ । ବିଶାରଦେ । ୩୨ । ଭାଷନ୍ତି ବାଣୀ, "ଦୂତମୁଖେ ଏ ନରନାଥ ଯା ତୋତେ
ଛନ୍ତି ମାଗି । ତା ତୁ କଲେ ତୋ ତହିଁ କ୍ଷତି କିସ ବା ହୋଇ ? ଏଥି ତୁ ଯାଅ ମଙ୍ଗି ।
ଚଳାପାଙ୍ଗି । ପ୍ରସନ୍ନଭାବ ବହି । ସୁରତେ ମାତି କାନ୍ତ-ନରେନ୍ଦ୍ର ତୋର କାନ୍ତ କର୍ଷିନ୍ତୁ
ବହି ସ୍ନେହ । ସୁହାସିନି । ୩୩ । ଏ ନୃପ ଧରି ଗୃପ ବନ୍ଧିବା ବ୍ୟାଜେ ସ୍ୱେପ ଅରିଙ୍କି
କହୁଥାନ୍ତି । 'ନମ୍ର ହୋଇବ ଯେବେ ପାଶେ ରଖିବ ତେବେ ଏ ଗୃପପରି ନିତି ।
ରହିତ୍ରାଣ । ନ ଲଭିଁ ଶରବତ । ବହିଲେ ତା ପସ୍ୱୟେ ନୋହିବ କାହିଁ ଅନ୍ୟେ ପଳାଇବ
ଦିଗନ୍ତ । ସତ୍ୟସତ୍ୟ' । ୩୪ । ସମରସମାଗତ-ବଇରିନାରୀବ୍ରାତ—କିସଙ୍ଖ୍ୟାମ୍ବୁଜାକ୍ଷି-

ମାନ ଏ ଇଳାଧବ- । ଯଶମଣ୍ଡଳ ଜବ ବହନ୍ତ ହୋଇ ଲୋକ । ଲୀଳାବତି । ନୋହୁ ତେତେବେଳେ ତୃପ୍ତ । ସେ ଅଗତ-ଯୋଷିତ ନୟନ-ଖଞ୍ଜନଃସ୍ଥିତ ଗାଢର ଘୁଅନ୍ତି ମଣ୍ଡ । ତନୁଦ୍ୟୋତ । ୩୫ । ସିନ୍ଦୁରସ୍ରଗାରୁଣ-କପୋଳ ଶ୍ୟାମଘନ-ସନ୍ନିଭ ଦନ୍ତାବଳ । ଅତକାସ୍ତୁ-ବଶରେ ବ୍ୟାପି ନଭଦେଶରେ ରଣେ କରନ୍ତେ ଗୋଳ । ଏ ନୃପର । ଦେଖିକର ସେ ଛବ ; ସନ୍ଧ୍ୟାହେଲା ବଗୃର ବୁଢନ୍ତ ସର୍ବବୈରି-ଭୁଜ-ପ୍ରତାପରବ । ବିମ୍ବାଧର । ୩୬ । ଅଶ୍ରି ଏ ନୃପକର ଶୀର କଲ୍ପ ଯେ ଦୂର ନଜର ବେଶବାସ । ଏକ କେଶବସ୍ଥିତ ସେତ ନର୍ଜନ ଅତ ତହିଁ ଲୂତା ନିବାସ । ତାକୁ ଦେଖି । ବୋଲୁଥାନ୍ତି କୌସ୍ତୁଭ । ଅରକ ପଦ୍ମକୋଳ ତହିଁତ ଲୂତାଜାଲସୂତା କେ ତହିଁ ଥିବ ? । ବସ-ସେହା । ୩୭ । ଏ ନୃପ କୀର୍ତ୍ତିସର ପବନ-ବୃହଦ୍ଭର-ଗୁଣେ ସାଗରେ ଜଣେ । ନ ଅବଗାହ ତହିଁ ନିଲୋକେ କେହ ନାହିଁ କବ ମୂକ ବର୍ଣ୍ଣିନେ । ତା'ର କୀର୍ତ୍ତି । ତା ନୀରବନ୍ଦୁ ଇନ୍ଦୁ । ଜଳଦେବତାବତ କୈଳାସଗର୍ଭେ ଗୁପ୍ତ ଯା ତା କୀର୍ତ୍ତି କେ ବନ୍ଦୁ । ବଧୂମୁଖି । ୩୮ । ଏ ନୃପକୀର୍ତ୍ତି-ତୃପ୍ତ ଅତ୍ୟନ୍ତ କେହ ବ୍ୟକ୍ତ କରବ ନିଜଭାବ । ଶୁଣି ନୋହିବ ବୋଲି ନେତ୍ରେ ଅନନ୍ଦବାର ନ ବହେ ; ଲୋମାଭାବ । ଯୋଗୁଁ ଅଙ୍ଗେ ପୁଲକ ଅସମ୍ଭବ । ଧସ ପଡ଼ ଭାଙ୍ଗିବାଭୟେ ମସ୍ତକ ଅବା କାହୁଁ ସେ କମ୍ପାଇବ । ବଧୂମୁଖି । ୩୯ । ତୋ କୁଚକୁମ୍ଭଦ୍ୱୟୀ ରଣେ ବଜ୍ର-ଯୋଧୀ ଅଇର-କର-ତତ ।-ମୁଣ୍ଡେ ଏ ନୃପ କାଣ୍ଡ ଅମୂଳ ପୋତ ଦଣ୍ଡ ପ୍ରଚଣ୍ଡେ ଦେଉଥାନ୍ତି । ଏଣୁ ଯେନ । ତେମନ୍ତ କରବାରେ । ତୋତେ ଅଛନ୍ତି ସେବ ଭୁ ତାଙ୍କ ତହିଁ ଦ୍ରବ ନ ଯାଉ କ ବଗୃରେ । ଗୃରୁଶୀଳା" । ୪୦ । କାଶୀଶ-ଗୁଣ-ଗଣ କର ଶ୍ରବଣ ଏଣନୟନା ଅଲ୍ପହସେ । ଓଷ୍ଠେ ତା ଗଲ୍ପ ଛପି କଷ୍ଟେ ନୋହେ ନିକ୍ଷେପେ ନୃପହତାଂଶ ଶେଷେ । ବଗୃରକ । ଜେମା ହସିଲ୍ପ ଏତେ । କହ ହୁଏ ଏହାଙ୍କ କୀରତ ତ ତାହାଙ୍କ ଅବର୍ଣ୍ଣ୍ୟ ନିଜଗତେ । ନିରନ୍ତର । ୪୧ । ତଦନ୍ତେ ସ୍ୱୟମ୍ବର-ସଭାର ଅଳଙ୍କାର କେ ବୀରଚୂଡ଼ାମଣି । ନରବର ଉପରେ ନେତ୍ରଗତ ଭଙ୍ଗରେ ଅଣନ୍ତୁ ପରମାଣି । ବାଗୀଶ୍ୱରୀ । ଗଣବଣା-ହରଣ- । ମାଣବକେ-ଯଣୀକ ବୋଲନ୍ତି "ଗୋ ଏଣିକ୍ଷି ଈକ୍ଷଣ ବିକ୍ଷେପଣ ।" କର ବାରେ ।୪୨। ରେ ବଚକ୍ଷଣା ଦୁଃଖେ ଭୂପାଳେ ପୋତ ମୁଖେ ମସୀ ଅଛନ୍ତି ଗୃହିଁ । ଏଥି କା ପରେ ହେଲେ କରୁଣା ତୋର ତଳେ ନୋହୁଛ କାହିଁପାଇଁ । ଗୃହିଁ ଏ ଯେ । ନେପାଳର ନୃପାଳ । ସଉନ୍ଦର୍ଯ୍ୟେ କନ୍ଦର୍ପ ଯା ପାଶେ ତେଜେ ଦର୍ପ ତାଙ୍କୁ ତୋ ନେତ୍ର କୋଳ । କରୁ ବାରେ । ୪୩ । ରୁଚୁ ଜୀବବ ଶ୍ରୁତପାର-ଗାମିତା-ଅତବସ୍ଥାସକାର ଗୁଣେ । ସୁପ୍ରସିଦ୍ଧ ଶାସ୍ତ୍ରକ ଏହାଙ୍କ ଲକ୍ଷ ଲକ୍ଷ ଛନ୍ଦ ତା ରମ୍ଭ ଜାଣେ । ଏଣୀକ୍ଷଣି । ଶର କେତେ କପଟୀ । ଦେଖାଇ ଭବ୍ୟସ୍ଥିତ ଅବସ୍ଥେଷେ ଅପ୍ରତିଷ୍ଠାଣ କରଇ ଲୁଣ୍ଠି । ଠଣଶୋଭେ । ୪୪ । ସର୍ବଲୋକ-

ରଞ୍ଜକ-ବ୍ରତ ଏ ନରେଶଙ୍କ ନଷ୍ଟ ନୁହଇ କେବେ । ଅତେହିଁ ଅପରକ୍ତ ଶତ୍ରୁ ମଧ୍ୟ ରଞ୍ଜିତ ନୋହି ନ ରହେ ଲବେ । ଯୁଦ୍ଧ ପାଶେ । ଯେଣୁ ଏ ଶରଧାରେ । ରଣିଦେହେଁ ସମରେ ଅନୁରକ୍ତ ବେଗରେ ଯାନ୍ତି ହୋଇ ସେ ଖରେ । କ୍ଷୀଣୋଦର । ୪୫ । ଏ ମହୀପତି-ତେଜ-ଅନଳେ ଯେବେ ସୂର୍ଯ୍ୟ ପତଙ୍ଗ ପୋଡଯିବ । ହବ୍ୟବାହେ ପତଙ୍ଗ-ଦଶା ତା ହେବ ବେଗ ଚନ୍ଦ୍ରବର୍ତ୍ତି ନ ଥିବ । ବାଳାବର । ଏ ନୃପ-ଯଶରୁଳେ । ସମ ଦ୍ରବ୍ୟବଳନେ ବରଣ୍ଟ ପାଣ୍ଡୁ ମନେ ରହେ କ୍ଷୀର ସାଗରେ । କଷ୍ଟେ ସୃଷ୍ଟେ । ୪୬ । ପୌଲସ୍ତ୍ୟବାସୁଦେଶ-ହେମରେଖା-ସଦୃଶ ଦକ୍ଷିଣୋତ୍ତର ଗିର । ପ୍ରାଚୀ-ପ୍ରତୀଚୀ-ଦେଶଶୁଭ-ସ୍ତମ୍ଭସଦୃଶ ସନ୍ଧ୍ୟାପତକାଧାର । ସ୍ୱକୁମାର । ପୂର୍ବ-ପଶ୍ଚିମଗିର । ଏ ଗୃହ ମହୀଧର-ମଧ୍ୟେ ଏ ମହୀଶର ମହିମା ଭ୍ରମେ ପୂର । ନିରନ୍ତରେ । ୪୭ । ଯୁଦ୍ଧେ ବାଣ ବରଜ ଅଛନ୍ତିଥିବା ଭରଜ ବଇରରାଜ ବ୍ରାତ । ଯୁଦ୍ଧେ ବାଣ ବରଜ ପରଣେ ଭସ୍ମ ଭଜ ଅଇରରାଜ ବ୍ରାତ । ବେନିପାନ୍ତି । ଏ ନୃପୁ ଏକ-ଦଶା । ଶରେ ପ୍ରଥମ ଶିର ସ୍ୱଭାବେ ଦ୍ୱିତୀୟର ଲଜରେ ଚୁମ୍ବେରସା । ସାରସାକ୍ଷି ।୪୮ ଦର୍ଶକେ ଏ ନୃପର ତୂଣୁ ଗ୍ରହଣ ଶର ଗୁଣରେ ଅରୋପଣ । ଶ୍ରୁତିସର କର୍ଷଣ ଗତି ଲକ୍ଷଭେଦନ ଅବନ-ପ୍ରବେଶନ । ମାର୍ଗଣର । ପାରନ୍ତି ନାହିଁ ବାର । ଏକା ପତିତା-ସତି-ହୃଦୟ-ଛିଦ୍ର-ତତି ତା ସତ ଦଏଠାର । ସୁକୁମାର" । ୪୯ । ଭୂପତି-ସୁତା-ମତି ବାର କେ ରସବନ୍ତ ଦାସୀ କହଇ ହସ । "କେତେ ମା ଏ ଭୂଧବ-ବିଭବ ଗାଉଥିବ ଅରକେ ଦଅ ଭାଷ । ଗୁଣଯାକ । ଏତେ ବଡ଼ ଫସାରେ । ନ ପାଇ ଟିକେ ସ୍ଥାନ ଗୁଞ୍ଜାଗୁଞ୍ଜି ହୋଇଣ ସଢ଼ୁଛନ୍ତି ଦୁଃଖରେ । ଦିବାନିଶି" । ୫୦ । ନେପାଳ ନୃପାନୁରେ ଦାସୀ-ଭାଷଣେ ରଗେ ବେଗେ-କହନ୍ତି ଜଳ । "ଅଙ୍ଗ-ରୋକ୍ଟାଏ ଦାସୀ କଳସ ଗଲ୍ପ କରି ଏ ପୁଣି ତନ୍ଥିଁ ବଳ । କ କ କହେ । ଏ ସଙ୍ଗ ଧନ୍ୟ ଧନ୍ୟ' । ଏହା ଶୁଣି ଅଧରେ ଅସଣ ତତପରେ କରନ୍ତି ସମାଧାନ । ନଜପରେ । ୫୧ । ତନ୍ଥିଁ ଅପର-ଯରଭୂତ-ପ୍ରତି ଶ୍ରୀକରାଙ୍ଗୁଳି-ସଙ୍କେତ କରି । ବଲୋକ ଦମୟନ୍ତୀ-ବଦନକୁ ଭଷନ୍ତି ଭାରତୀ ଧୀରକରା ସେ ନୃପତି ।-ଶ୍ରୀଅଙ୍ଗ-ଶୋଭିଠାଣି । ସୁରୂପସୀମା ପୁରୁ-ରବା ମଦନଠାରୁ ଯାଇଛି ଟିକେ ଜଣି । କୋଟିଗୁଣେ । ୫୨ । ଭଷନ୍ତି ବାଗୀଶ୍ୱରୀ 'ରେ ସୁକୁମାର ବାର ବ୍ରୀଡ଼ାକୁ ବ୍ୟାଜେ ହେଲେ । ତୋ ନେତ୍ର-କାନ୍ତୋତ୍ପଳ-ସଙ୍ଗ ସୁଗନ୍ଧଶୀଳ-ଅପାଙ୍ଗ-ନଭକୋଳେ । ଖେଳୁଥିବା । ସ୍ମିତ-କୌମୁଦୀ ତଳେ । ମାନଙ୍କ ପଦ୍ମ ବୃନ୍ଦ ତୋ ପ୍ରତ୍ୟାଶାଯୁକ୍ତୀ ବୋଲି ମାଳନ୍ତି ମହୀପାଳେ । ବଳଶୋଭ । ୫୩ । ବୃଥା ଏ ନୃପୁ ଉର ରଣୁ ପଳାଇ ଅରି ସ୍ୱପୁରେ ପ୍ରବେଶନ୍ତି । ଯେଣୁ ଜାଣନ୍ତି ନାହିଁ କୃପିଲେ ନରସାଇଁ ନାହିଁ ତାହାଙ୍କ ଗତି । ବିଜୟତେ । ଶୈଳଭୂ ଦୁର୍ଗା ହେଲେ । ଏ ମହୀଶ ସେଥିଁ ସେ ତାଙ୍କ ଜୀବ କ୍ଷମିବେ ରକ୍ଷି ନ ପାରେ ଭଲେ । ଲୀଳାବତି । ୫୪ । ନବ-

ମାଲବଦେଶରେ ଭଲ୍ଲ ବୈଦୁର୍ଯ୍ୟବାରେ ଯା ଶୋଭା ପରକାଶ । ସେ ଦାମଗିରି-ଗଙ୍କ ଯାଚକ-ଚକ୍ଷୁଁ ସଙ୍ଗ ଯା ଦାନେ ହେଲା ନାଶ । ଏ ସେ ନୃପ । ଧର ଏହାଙ୍କ କର । ହୃଦୁର ନାମ ତା'ର ହର ଅଦୁରେ କର ତୋ କ୍ରୀଡ଼ା-ଧର୍ମ-ଧର । ଧୀସ୍ୱବର ।୫୫। ବନତ-ନରବର-ମୁଖ-ସାରସ-ପର-ସମ୍ପାସ୍ୱ-ମଳନ୍‌ମା ।—ଅଳପାଳ । ବର୍ମରେ ଯା ପଦ୍ମର-ନଖରେ ଜାତ ଚନ୍ଦ୍ରଉପମା । ଯା'ର ଭୁଜ-। ଯୁଗ ଉରଗବତ । ଅରି-ନୃପ ଜୀବନ-ପବନା-ମୃତପାନସ୍ଥୀତ ଏ ସେ ଭୂଭୃତ । ଭୁବୁଶୋଭି । ୫୬ । ଏ ନୃପକୀର୍ତ୍ତିପୂର କେଉଁଲୋକେ ବିସ୍ତାର ନ ଭଜେ କୃଶୋଦରି ? । ସ୍ୱର୍ଗେ ଶିବଶିରର ଶଶିର ଅଧାହାର ପର ବହଇ ଶୀର । ପାତାଳରେ । ଶେଷାଶେଷଫଣାର । ଦେହ-ଲବହବତ ମର୍ତ୍ତ୍ୟେ ତାପସଖ୍ୟାତ-କ୍ଷୀରଧି-ଦେହାନ୍ତର । ସମସର । ୫୭ । ଶତଘ୍ନେ ଥିଲେ ଧର ଶତସଙ୍ଖ୍ୟା କ କର ପାରିବେ ଏହାଙ୍କର । ପର୍ବକ୍ଷ 'ପଦ୍ମଲକ୍ଷ ପରଭେଦନ ଦକ୍ଷ ସହଜେ ପଦ୍ମକର । ଲକ୍ଷଭେଦେ । ନିପୁଣ ଏହ୍ନ ଯେଣୁ । ଯୁଦ୍ଧେ ନ ହେଉ ବଳେ ଖଳନ୍ତ ରିପୁଗଣେ ପ୍ରମାଦଗଣି ତେଣୁ । ଅଣୁମଧ୍ୟା" । ୫୮ । କେମା-ଠାରି-ଦଶ୍ନର-ବଚକ୍ଷଣା ଦାସିର ଗିର ଏତେ ପ୍ରସରେ । "ଅଗୋ ମାତ ମୋ ଗିରେ ଅବଧାନଜ୍ଞା ବାରେ ବତର ସ୍ଥଚରରେ । ଥାଉ ଏବେ । ଏ ନୃପକୀର୍ତ୍ତି ବ୍ୟାଖ୍ୟା । ଅନ ନୃପତିମାନେ ସ୍ୱ ସ୍ୱ ଗୁଣ-କୀର୍ତ୍ତିନେ କରନ୍ତୁ ତୋ ପ୍ରତୀକ୍ଷା । ଉଦ୍‌ବେଗରେ" । ୫୯ । ସେ ନୃପ-ପାରିଷଦେ କହନ୍ତି ମହାକ୍ରୋଧେ । "କେ ତୁ ଗୋ ଖଣ୍ଡାଗିଳ । ଗୁଣ ବର୍ଣ୍ଣିନେ ତ ସେ ନିଯୁକ୍ତା ଧରଣୀଶେ ତୁ କିପାଁ କହୁ ବଳ । କ ସାହସେ" । ଏତେ କହି ସ୍ମିତ-। ବଦନେ ଗୃହୁଁ ବେଷ-କଷାୟ-କଣ୍ଠୁତ୍ତଶ ଦେଖି ଲଭନ୍ତି କ୍ଷାନ୍ତି । ସଭାସ୍ଥଳେ । ୬୦ । କୁଳଶୀଳେ ବାହ୍ନଜ-ବର୍ଯ୍ୟନବହେ ଓଜବନ୍ତ କେ ମସ୍ତପତ ।—ପ୍ରତ ଅଙ୍ଗ ଜଡ଼ିତ ଗୂଳ ଲୁଣ୍ଠନ-ନାଥ-ସ୍ୱତାରେ ନେଇ ଡ଼ାଳ । ବାଗୀଶ୍ୱରୀ । ଅର୍ଥ-ଗୌରବେ ଗୁରୁ । ବଚନ ବିରଚନ କରନ୍ତି ବିସର୍ଜନ ହେଲେହେଁ ରସେ ଗୁରୁ । ସାଧୁଜନେ । ୬୧ । "ରେ ଗଣବଶା-ମାଣବକ-ମୃଗାଧି ପଣ କରନ୍ତୁ ଯେବେ ତୁହି । ସନ୍ତମିତ ଧର୍ମ-ମର୍ମମର୍ଯ୍ୟାଦ-ପର ନୃପେ ସ୍ମୃହିରୁ ନାହିଁ । ତେବେ ବାରେ । ଶେନାକର ମୋ ଗିର । ଏ ମିଥିଳା-ମଘବା ଅବେ ତୋ ନେବେ ଅବା ପଢ଼ୁଁ ତୁ ଗୁହେ ଚଳ । ରସଲତା । ୬୨ । 'ରେ ଓଷ୍ଠ କାହି କାହି ନ ବୋଲବାରୁ ତୁହି ଏ ଦଶା ସିନା ମୋର' । ଏତେ ଭଳି ଏ ଧର୍ମ-ମର୍ମ ବଶାନ୍ତ୍ର-ପର୍ବ-ସତଙ୍କ ଛିନ୍ନ-ଶିର ।-ନିକୁରମ୍ବ । ସମରଭୂମେ ପଡ଼ି । ରୋଷେ ଓଷ୍ଠକୁ ଦଣ୍ଡ ଦେବାରେ ପରଚଣ୍ଡ ଦଶନେ ଥାନ୍ତି ଭିଡ଼ । ଭୁବୁଶୋଭି । ୬୩ । ହୃଅନ୍ତ୍ୟେ ମହାରଣ ଗୁଣସହ ମାର୍ଗଣ ଯେନ ଦକ୍ଷିଣଭୁଜ । ଦୁହିଇ ଏକ ବାମ ହୋଇ ସମର-କ୍ଷମ ଅପେ ବିସ୍ତାରେ ଓଜ । ତାହା ଗୃହିଁ । କାର୍ମୁକ-କର୍ମଶ୍ଳାଘୀ । ବାମକୁ ଛାଡ଼ି ଗୁଣ ଅଲଙ୍ଘିଲ ପ୍ରାୟେଣ ନୃପର ଦିଶୁଥାଇ । ଲଭଗତ । ୬୪ । ଏ ନରପତି-ଯଶ ପାବଣ

ଶର୍ବରୀଶ-ପ୍ରଭଭୂପର ଦଶେ । ସର୍ବାଙ୍ଗ-ଧବଳିତ-କଇଳାସ-ପର୍ବତ-ଶୁଭ୍ରତା-ଗର୍ବ କଷେ । ଶଙ୍ଖପାଳ । ଯା ଟେକେ ଶୁଭ୍ରସତ । ଶରଦ-ନୀରଦର କ୍ଷୀରୋଦ ଉଦଧିଙ୍କର ଏ ଅନୁବାଦ ବତ । ତନୁମଧ୍ୟା । ୬୫ । ଏ ମିଥିଳାଭୂପତି-ଅସିକ୍ଷତ-ଅରାତି-ଗଜ-ମସ୍ତକୁଁ ପାତ ।—ମୁକ୍ତାତତି ତୁରଗ-ଖୁରକ୍ଷୁଣ୍ଣ-ଭୂଭାଗ-ଗର୍ଭେ ହୋଇ ନିଖାତ । ଦରଶକେ । ମତିରେ ଚିନ୍ତୁଥାନ୍ତି । ସତେ କି ଏ ନୃପତି ନିଜଭୂଜେ ସ୍ୱକୀର୍ତ୍ତି-ବୀଜକୁ ବୁଣୁଛନ୍ତି । କୁନ୍ଦଦନ୍ତି । ୬୬ । ଏ ନୃପ-ଦାନୀପଣେ ନାହିଁ ଯାଚକ ଜଣେ ତେଣୁଟି ଫଳଭାରରେ । ଖନ୍ତି କଳ୍ପ-ତରୁ ରହିଇ କେହ୍ନ ଗୁରୁଭାରର ନୁଆଇଁ ଶିରେ । ପ୍ରାର୍ଥୀବର୍ଗେ ।-ତ୍ୟକତ ବହୁଟିରେ । ବହୁବୃଦ୍ଧିରେ ନିତ ହୀନନ୍ତ ହୋଇ ଅତି ଲାଜେ ନ ପାରେ ଚଳି । ଚଳାପାଇଁ" । ୬୭ । ଏ ନୃପତି ସ୍ତୁତିରେ ବାଧା କେଉଁ ପ୍ରକାରେ ବହୁବୁଁ ବୋଲି ସଖି । ଠାବନ୍ତେ ସେ ଭୂଭୃତ-ସୁତା ଇଙ୍ଗିତ ଜ୍ଞାତ ହୋଇଣ ସ୍ମିତ-ମୁଖୀ । ଔର୍ଯ୍ୟକରେ । କରୁ ବଦନଶଶି । ଦରଶକେ ସେ ନୃପେ କେମାନ୍ତର ଅଳପେ ନାହିଁ ବୋଲି ପ୍ରକାଶି । ସାଧୁଜନେ । ୬୮ । ତଦନ୍ତରେ ଭାରତୀ ନେଲେ ଅନ ନୃପତି-ବରେ ଠାବ ମଧୁରେ । ଭାଷନ୍ତି ସେ ବଚନ-ରଚନ ସନ୍ଧାନ-ସମ୍ଭବାମୃତଝରେ । ହସାଇଣ । ଭାରତୀମୁଖୁଁ ବନ୍ଧୁ । ବସୁନ୍ଧରା-ଈଶ୍ୱର-ସୁତା-ଶ୍ରୁତିକାସାର ଯୁଗ ଦେଲା ପୂରାଇ । ସାଧୁଜନେ । ୬୯ । "ଏଣ୍ଟି ସେ-କାମରୂପ ଅଧୀଶ୍ୱ ଅଟେ ଅପଶଶ-ଶଶୀ-ବଦନା । କାମୁଁ ଏରୂପେ ବେଶି । ଏହାଙ୍କୁ ଯା ନ ହସି ଅନାଉଛୁ ନବୀନା । ଚୋ ସମାନ । ରୂପେ ଗୁଣେ କେ ଅଛୁ । ବଗ୍ଧରୁଛୁ ମୁଁ ତେଣୁ ଚନ୍ଦ୍ରେ ରେ ପରମାଣୁହର ଭୁ ତାଙ୍କୁ ଗଛି । ସର୍ବଭାବେ । ୭୦ । ସମରେ ଏ ନୃପର ଅକର୍ଣ୍ଣଧାର-ଶର-ସମ୍ବୃତ-କଳେବର । ଅରିବନିତା ପରି-ପନ୍ତିଏ ଭବବାରି ହୁଅନ୍ତି ଅବପାର । ରୁରୁନେତ୍ରା । ନ ବସି ତରଣୀରେ । ତରଣି ଫୋଡି ମଣ୍ଡଳକୁ ନିରନ୍ତର ଯାନ୍ତି ଚଳି ସନ୍ତରେ । ତାର ହାସି । ୭୧ । ଏ ମହୀପତି-ଭୁଜ-ବୀର୍ଯ୍ୟ-ବିଭବ-ତେଜ-ପ୍ରଚଣ୍ଡ-ମାର୍ତ୍ତଣ୍ଡେ । ଅରାତି-ନରପତି-ପୁରେ ପ୍ରକାଶେ ନିତି ଗ୍ରୀଷ୍ମଋତୁ ପ୍ରଚଣ୍ଡେ । ରିପୁନାରୀ-ତାପସୀ-ନେତ୍ର-ନୀଳ-ଉତ୍ପଳ ନୀରଧାରେ ଜଳଛନ୍ଦ ବେଭାରେ ହୁଅନ୍ତି ସଦାକାଳ । ବାଳାବର ॥ ହଟଚ୍ଛଲେ ଏ ନୃପ ଯାଇ ଯୁଝେ, ଅମାପ ସମ୍ମୁଖ-ବାହିନୀ-ଜ- । ଖୁର-ନିପାତ-ଜନ୍ୟ ରଜ-ରାଜି ଗଗନ ବ୍ୟାପେ ଛତ୍ରଜାଲପ୍ତ । ରିପୁ-ନାରୀ-ବଂଶେ ଏ ନୃପଙ୍କର । ଭୁଜ-ପ୍ରତାପାନଳ-ଧୂମଶଙ୍କା କେବଳ ସେ ରଜ-ବ୍ରଜେ ଭ୍ରମ । ସମ୍ଭବଇ । ୭୩ । ଦେବେ କ୍ଷୀରବାର୍ଦ୍ଧି ମନ୍ଥି ଦଧି କରନ୍ତେ ତଥି ଏ ନୃପ ଯଶକ୍ଷୀର । ପୂର୍ବେ ଲଭି ତହିଁ ତାଙ୍କର କୀର୍ତ୍ତି-କାବ୍ୟ ରୁଚିର-ସୁଧାସ୍ରୋତ ପ୍ରକାର । ଲୋକକଣ୍ଠୀ- । କୂପକୁ ପୂରାଇଲା । ଯେଣୁ ସେ ଘଟଯୁଗ କେ ବା ଏ ଯଶେ ଅଗ ଅଭ୍ୟନ୍ତରେ ନଥିଲା । ନୀଳାବତି । ୭୪ । ରଣେ ପବଣମଣି-ନିଧନ-ବାର୍ତ୍ତାଶୁଣି ଯେ ରିପୁରମଣୀର । ନ ଫାଟି ଅଛି ହୃଦ ନିଷ୍ଟୁ

ସେହି ଶିଳ ତହିଁ କର-ପ୍ରହାର । କଲାକାଳେ । ସେ ନାଗଙ୍କ ନଗର- । ଝଙ୍କ-
ବଘାତେ ଏହି ମଗ୍ନାଣ-କାନ୍ତି ଲବ୍ଧ ହୋଇ ସଜେ ରୁଚର । ରୁରୁନେହାଂ । ୭୫ ।
ଏ ସମୟେ ନୃପତି-ସୁତାର ବାରମତ ବଡଯ୍ନ-ଲାଗି ଦାସୀ । ଭାରତୀ ମୁଖ ଚ୍ଛହିଁ
ସବନୟେ ଭାଷଇ ଭାବ ପ୍ରକାଶି ହସି । "ଅଗୋ ମାୟେ । ହୁଅ ବଢ଼ିସ୍ଥାଲାଗି ।
ବହ୍ନିଜ୍ୱଷଣ-ଜାତ-ମୁଖଛମ-ସମ୍ଭୂତ ଯାତନା ଯାଉ ଭାଙ୍ଗି । ଅବହେଳେ" । ୭୬ ।
ତହୁଁ ପ୍ରଥମେ କାମ-ଦେବର ଅନୁପମ ରୂପେ ଅପର-ନୃପେ । କହେ ଠାବ ଭାରତୀ
ସୁମଧୁରେ ଭାଷନ୍ତି ଦମୟନ୍ତୀ-ସମୀପେ । ଯା'ର ଛବ । କବବରନ ଜଣେ ।
ହେନେ ଶିବହରଣ; ଅଶ୍ଚର୍ଯ୍ୟ ସଭାଜନ ଅତୃପ୍ତ ବଲୋକନେ । ସାଧୁଜନେ । ୭୭ ।
"ରେ ସୌନ୍ଦର୍ଯ୍ୟ-ପୀୟୂଷ-ସରସୀ ନାଙ୍ଗଇଣ ଉତ୍କଳାଧୀଶ ଏହି । ତୋ ବଦନଦର୍ଶନ-
କୌତୁକେ ଏ ରାଜନ ଦୃଷ୍ଟି ଉତ୍କଣ୍ଠ ହୋଇ । ଗୁଣଗଣେ । ସର୍ବ ଉତ୍କଳବାସୀ ।
ଏହାଙ୍କ ବଶୀଭୂତ; ତରଙ୍ଗାନ୍ୱିତ ନେହ ଯାଉ ତୋ ତାଙ୍କୁ ସ୍ପର୍ଶି । ଶୁଭ୍ରକେଶି ।୭୮।
ଅର୍ଥୀ-ପ୍ରାର୍ଥିତ ଦାନେ ଏ ନୃପ ଅନୁକ୍ଷଣେ ଜାଗରୁକ ଥିବାରୁ । ତେଣୁ ଯାଚକ-ଚିତ
ମାନସେ ନ ପକାନ୍ତି ସୁରଭି କଳ୍ପତରୁ । ଅଳ୍ପହାସ । ଏଣୁ କଳ୍ପଦ୍ରୁମୂଳେ । ସୁରଭି
ଢଏ କ୍ଷୀର ସେ ଏହା ବଦନର ପଲ୍ଲବ ଦେଇ ଥାରେ । ଦାନାପଣ । ୭୯ । ପଯୂର-
ନିପତିତ ଭୂପାଳେ ଏ ଭୂଭୃତ କରେ ତୋଳିବା କାଳେ । ତାଙ୍କ ଶିରମୁକୁଟ-
ପଦ୍ମରାଗ-ପ୍ରକଟ-ଲୋହିତ-ଜ୍ୟୋତିଜାଳେ । ବାଳାବର । କର-ପଯୂର ଗୁରୁ । ଏ
ନୃପଙ୍କର କାନ୍ତି ଦେଖ କେମନ୍ତେ ଅତି ଲୌହିତ୍ୟ ଅଛି ଧର । ଧୀରବର । ୮୦ ।
ନିବଡ଼ ବନେ ଦାବ ଦହନ କଲାଠାବ ସବତା କେଉଁ ଢଣେ । ନୁହେ ସ୍ଥିର ଏ
ନୃପଙ୍କର ଚଣ୍ଡପ୍ରତାପ ଯେଣୁ ତାହାଙ୍କୁ ବାସେ । ସୁନଧ୍ୟମା । ଏକା ବଡ଼ବାନଳେ ।
ଧିକ୍କାର ମୁଁ ଦେଉଛି ଯେଣୁ ସେ ଅଛି ଲୁଚି ସ୍ୱଚ୍ଛ-ଜଳଓଳେ । ଲୋପାଙ୍ଗି । ୮୧ ।
ଏ ନୃପ-ଜଗନ୍ନ ଯେବେ ହୋଇ ପ୍ରବଳ ଧାମନ୍ତି ରଣସ୍ଥଳେ । ତାଙ୍କ
ଶୁଣ୍ଡ-ଶିକର ହୁଏ ଜାଳ ଶିବିର ଅରାତି ସେନାକୁଳେ । ଏ ଜଗ୍ରୁ । ନ
କମ୍ପିବେ ସେ କେହି । ତାଙ୍କ ବଧୂବଦନ-କମଳ ହୁଏ ମ୍ଳାନ ଦୁର୍ଦ୍ଦିନ ଯାଏ
ହୋଇ । ସେମାନଙ୍କ । ୮୨ । ସର୍ବ-ସୁଗୁଣାଧାର ଅଟନ୍ତି ଏ ଭୂପାଳ ସମରେ ଯାଙ୍କ
ଛବ । ଅତି ସୁପଟୁ ଅଟେ ଯେଉଁ ଅରାତି ଅଶେଷ କରାଇ ଅହଙ୍କାର । ନ ଲୁଅଇଁ ।
ସ୍କନ୍ଧ ନ ପ୍ରଣମଇଁ । ତା'ର ଏକା ସେ ସ୍କନ୍ଧ-ହୃଦୟ-ଦେଶ ଭେଦ କରନ୍ତି ନର-
ସାଇଁ । ସାରସାକ୍ଷି । ୮୩ । କୁମୁଦାଦି ଶୁକ୍ଳିମା-ଗୁଣେ ବଢ଼ି ଗାରମା ପ୍ରକାଶୁଥାନ୍ତି
ଲୋକେ । ଏ ନୃପ-ଭୁଜବୀର୍ଯ୍ୟ-ଜନିତ-ଐଶ୍ୱର୍ଯ୍ୟ-ଶୁଭ୍ରତା ତାଙ୍କ ଟେକେ । ବଧ୍ୱଂ-
ସିଲ । ଭୟେ କୁମୁଦ ଗହେ । ଉନିନ୍ଦ୍ର, ନକ୍ଷି ହାର ଲୁଚେ ଖୋଷାରେ ଚୋର ଶଶି
ପୀୟୂଷବର୍ଷେ । ଢନଛଳେ ।୮୪। ଏହାଙ୍କ ଯେକସ ନିନକ୍ଷମାନ କର ଦେହକୁ ସ୍ନାନ-

କାଳେ । ଜଳେ ଥାଏ; ଦିଗ୍ଗଜ-ଜନ୍ମଜାତ ଐଶ୍ୱର୍ଯ୍ୟ-ଯଶଛଳେ ଊର୍ମିରେ । ଖାଳହୁଏ ।
ଜଳପ୍ରତିବିମ୍ବନେ । ଦ୍ୱିଦନ୍ତ ଚତୁର୍ଦ୍ଦନ୍ତ ଯାଏ ହୋଇ ସାକ୍ଷାତ ଐରାବତ-
ସମାନେ । ଦିଶୁଥାଇ" । ୮୫ । ଧର ମଧୁକମାଳା ସେ ପୀୟୂଷ-ପିତୁଳା ଜପୁତଥିଲା
ନଳେ । ଏକାଗ୍ରଧ୍ୟାନବଶେ ନଳରୂପ ବିଶେଷ ଦିଶିଲା ତା'ର ତୋଳେ ।
ସାଧୁଜନେ । ଏଣେ ଉତ୍କଳନାଥ-। କୀର୍ତ୍ତିସ୍ତୁତି-ଶ୍ରବଣ-ଅନ୍ତେ ତା ବିଭ୍ରବନ ପାଇ
ମୁଦିଲା ନେତ୍ର- । ବତ ପ୍ରତେ । ୮୬ । ସନ୍ଧ୍ୟାଇଶ୍ୱରୀ ସରସ୍ୱତୀ ତହୁଁ ସମ୍ଭ୍ରବ
ଗର୍ଭମଣ୍ଡନକାରୀ । ସୌନ୍ଦର୍ଯ୍ୟ ବୁଦ୍ଧିଜାତ୍ରୀ ନୃପ ନବସାଇ—କୀର୍ତ୍ତିତ—ଗୃତୁରୀ ।
ବର୍ତ୍ତିବାକୁ । ବଳାଇଣ ମାନସ । ପୂର୍ବାପର ଅପୂର୍ବ-ଭାରତୀ-ଗୀତ ସର୍ବ ପ୍ରକାଶନ୍ତୁ
ରଭସ । ସାଧୁଜନେ । ୮୭ । "ତୋ ଅପାଙ୍ଗ-ଅଙ୍ଗନେ ପଟୁ ରଙ୍ଗ-ନର୍ତ୍ତନେ ଯେଉଁ
କଟାକ୍ଷ-ତତି । ତାକୁ ଚନ୍ଦ୍ର ମଗଧ-ଅଧିପତି ଇନ୍ଦ୍ରିୟ କାଟନ୍ତି ଦିବାଗତି । ସରୁମଧ୍ୟା ।
ରହୁ ତୋ ଦାତାପଣ । ସେ କଟାକ୍ଷରୁ କିଛି କର ବାରେ କହୁଛି ଏ ନୃପେ
ବିତରଣ । ଅକାତରେ । ୮୮ । ଏ ନରହରି-ଯଶେ ନିରତ ଶଶିହଂସେ ହଂସନ୍ତୁ
ଶତ୍ରୁମାନେ । ଦିଶ-ବିଦିଶ-ବ୍ୟାପି ଯଶ-ତେଜେ ଅଦ୍ୟାପି ତାମସ ଭସ୍ମମନେ ।
ନବବାଳ । କିଛି ଶଶାଙ୍କ-କୋଳେ । ରହିଛି ବାକିଯାକ ଏ ଭୂପତି-ଶତ୍ରୁଙ୍କ ଅଛି
ମୁଖମଣ୍ଡଳେ । ଗୁରୁଶୀଳା । ୮୯ । ଯାଚକଙ୍କ ଯାଚନ ଏ ନୃପ-ସନ୍ନିଧାନ ନୁହେ
ନିଷ୍ଫଳ କେବେ । ତେଣୁ ଅଭ ଯାଚକେ କର୍ପା ସ୍ୱମେରୁ ପାଖେ ପଥଶ୍ରମରେ ଯିବେ ।
ଏଣୁ କର । ସେ ଗିରିବର-ଶିଖ । ବଢ଼ଇ ବେଢ଼ୁ ବେଳ ବିନ୍ଧ୍ୟବୃଦ୍ଧି ମୁନିବ ସେଧିବା
ବୃଥା ଦେଖ । ଖୀଣକଣ୍ଠ । ୯୦ । ଏ ନୃପ ଭୁଜବୀର୍ଯ୍ୟ ଅର୍ଜିତ ଯଶପୁଞ୍ଜେ ମନ୍ଦାଦ୍ରିର
ଦନ୍ତ । ନଗଶ୍ରେଷ୍ଠ, ତା ବର୍ଣ୍ଣନେ ଅକ୍ଷର ମୋର ମନେ ନ ପ୍ରକଟେ ନିତାନ୍ତ । ଏବେ ଏତେ ।
କହୁଛି ରୂପୁଯଶେ । ଯେ ମେରୁ ରୌପ୍ୟଭୂତ ଏହାଙ୍କ ଭୁଜଜାତ-ବୀର୍ଯ୍ୟ-ବହ୍ନିତାପେ ସେ ।
ସ୍ୱର୍ଣ୍ଣୀଭୂତ । ୯୧ । ଯେଉଁ ଦେଶକୁ ଏହି ନୃପତି ସୈନ୍ୟ ବାହି-ଯାନ୍ତି ସେ ରିପୁଷିତ ।
ଶିବିର ଅଂଶବଶେ ରକ୍ତ-ବର୍ଷଣ-ଦୃଶ୍ୟେ ବହିଣ ସନ୍ଧ୍ୟାଭ୍ରାନ୍ତ । ସାନ୍ଧ୍ୟନୃତ୍ୟ । ଶିବର
ନୋହିବାର । ଭୂବ ଦଗଦହନ-ଭସ୍ମେ ଅଙ୍ଗଲେପନ କରି ନାଚଇ ଖର । କର୍ମିକର୍ମ ।୯୨
ଚରଣୁ ମୁଖଚନ୍ଦ୍ର-ଯାଏ ଏ ମଗଧେନ୍ଦ୍ର-ନିର୍ମାଣେ ବିଧାତାର । ସକଳ ତେଜପାଞ୍ଜ ସର୍ବ-
ପୃଥ୍ୱୀ-ଭାଗ ନିର୍ମାଣେ ଯା ଅପର । ପାରସାଧି । ଶେଷ କେଶ-ନିର୍ମାଣେ ଅନ୍ୟ ନ ମିଳ-
ବାରୁ ପଦାର୍ଥରେ ରମ୍ୟୋରୁ ରତେ କି ତମୋଗଣେ । କେଶପଣେ ॥ ଏ ରାଜା ଦିଗଜୟ
ଆରମ୍ଭ ବାଜିଚମୂ-ଚରଣୋତ୍ଥିତ ଧୂଳି ।—ପଟଳେ ଶତ୍ରୁକୁଳ-ନିର୍ଧୂମ-ବୀର୍ଯ୍ୟାନଳ
ଲଭି ହୁଅଇ କାଳ । ସେ କାଳରେ । ଏ ନୃପ କୀର୍ତ୍ତି-ଶଶି । ରାହୁରେ ବାଦ ଉଇଁ
କରୁ ସେ ଧରସ୍ଥଇ ହୁଏ; ତାହା ଜ୍ୟୋତିଷୀ । ଜାଣେ ଏକା । ୯୪ । ଭୁବନହସ୍ତ
ନାରାୟଣ ଉଦରେ ଧରି, ଏହା କେ ନ ଜାଣଇଁ । ଏ ନୃପ-କୀର୍ତ୍ତି ଅତି ବିଶାଳ-ଭୁଜ-

କଦଳୀ-ଦଳ୍ର ଉପମା ବହି । ସେ ଉଦରେ । ରହି ନ ପାରିବାରୁ । ନାଭି ଭେଦ ଶୂକଳ-
ସରସିଜ-ମୃଣାଳ-ବ୍ୟାଜେ ବାହାରେ ଯାଇ । ଚହେଁ ଯେନ । ୯୫ । ଅଙ୍ଗୁଳ-ଅଭ-
ଷଧ-ଲତାକୁ ବୈଦ୍ୟ-ବଡ ଯେଉଁ ବଇଷ୍ଟ । ଶିବେ ନ କରେ ତା’ର ଭସ୍ମ-କରଣେ
ଘୋର କୋଷ-ବନ୍ଧୁଁ ବାହାର । ଏ ନୃପର । ଶାଣିତ କୃଷ୍ଣ ଅସି । ସିତେତର କୁଣ୍ଡଳୀ
ଭଳ କର ମଣ୍ଡଳ ଖେଳେ ସମରେ ପଶି । ପୀନସ୍ତନା ।୯୬। ଯୁଦ୍ଧେ ଯେ ଅସ୍ତରେ
ପୃଷ୍ଠ ଦେଇ ସ୍ଥାନିରେ ବନ୍ଧଇ କୁଟିଳତା । ପୁଣି ନିଜ ସ୍ୱାମିରେ ଗର୍ଜେ କରକଣରେ
ଏମନ୍ତ ଧନୁଲତା । ଗୁଣଗ୍ରାସୀ ।—ପଣେ ଏ ନରମଣି । ତା’ର ଗୁଣ ଗ୍ରହଣ କରୁଁ
ଗୁଣିକଗଣ-ଶିର-ମୁକୁଟମଣି । ରମାମଣି । ୯୭ । ଏ ନୃପ ଶତ୍ରୁ ଶର ବେଦନ୍ତଏ ପୁର-
ତର ଯାନ୍ତ୍ର ପଛେ ନ ଗୃହ୍ନି । କର୍ମ କରା ସନ୍ଧାନ ନ ଥାଏ ଲବେ କା’ର ବେଦନ୍ତଏ
ମୁକ୍ତ ହୋଇ । ବେଦନଭବେ । ଅଶ୍ଚର୍ଯ୍ୟ ଏକା ଏତେ । ଶତ୍ରୁ ମିତ୍ରକୁ ଭେଦ ଶର
ଶତ୍ରୁଙ୍କୁ ଛେଦ ଯାଏ ନ ଦ୍ୱରେ କେବେ । ମୀନନେତ୍ରି । ୯୮ । ସୁଧାର୍ମିକ ନୃପତି ଧର୍ମେ
ଲୋକଙ୍କ ମତ ରଖିଛନ୍ତି ନିଷ୍ଠଳେ । ତାଙ୍କ ତୁରଗ ରଜ ରୁନ୍ଧ ଖେଚରବ୍ରଜେ ଯବେ
ଜତ ଅନ୍ତଳେ । ଷୁର ଶବେ । ଦ୍ୱର୍ବାସିଙ୍କି ବଧିର । ସ୍ତବେ ମୂକ ଦୋବବେ କର ନ
ଛୁଇଁ ପଦ ଧର୍ମ-ଧେନୁକୁ ଖର । ଶୂନ୍ୟେ ଗମେ ।୯୯। ଯୁଦ୍ଧ ଦରଶୀ ନରେ ଥିଲେହେଁ
ବସୁଧାରେ ନ ଦେଖନ୍ତି ଯେ କନ୍ତୁ । ସମର-ମଦମତ୍ତ-ତୁରଗ-ପଦୋତ୍ଥିତ ଧୂଳିରେ
ସର୍ବ ଲୁଚ । ଥାଏ ଯେଣୁ । ଏ ନୃପ ଶବଛନ୍ଦ ।—ଅରିକବନ୍ଧ ବୃନ୍ଦ-ନାଚବାର ପସନ୍ଦ
ଅନ୍ଧାରେ ହୁଏ ଲୀନ । ଲୀଳାବତୀ । ୧୦୦ । ବିକଶି-ନୀଳୋତ୍ପଳ-ଦଳ ସୌରଭ ମେଳ
ଜଳ ମସ୍ତଳମାନେ । ସୁଶୋଭିତ କାସାର-ତୀରସ୍ଥ ଏ ନୃପର ପକ୍ଷୀ-ପକ୍ଷ-ଅନିଳେ ।
ତରଙ୍ଗିତ । ଅସଂଖ୍ୟ ଶାଖା ନବ ।—ପଲ୍ଲବଭୂଷା ବୃକ୍ଷେ ଶାଖଶୋଭେ ପ୍ରତ୍ୟକ୍ଷେ ପଥିକ
ଚିତ୍ତ ଯବ । ହରନ୍ତଏ ॥ ସିନ୍ଧୁ ପ୍ରାୟ ଏ ସର ବିସ୍ତାର; ବୃକ୍ଷ-ନିରବତ ସୁନ୍ଦର ଘନେ ।
ବଦ୍ୟୋ-ବାହୁଲ୍ୟବଶେ ତରଙ୍ଗବଳ-ଙ୍କଶେ ବାଙ୍କ୍ୟ-ଶୁଭ୍ରହଂସେ । ସୁରୁଚିର । ଜ୍ୟୋତ୍ସ୍ନା
ସମାନ ଜଳ । ସ୍ନାନକାଳେ ଧାର୍ମିକ ଲୋକ ନତମସ୍ତକ ହେବା କି ଚନ୍ଦ୍ର ଭଳି ।
ବାଳାବର ।୧୦୨। ଏ ଯୁବା ନୃପ ସଙ୍ଗେ ସେ ସରୋବରରେ ରଙ୍ଗେ ବିହର ଚଳାପାଙ୍ଗି ।
ତୋ ନେତ୍ର ଦମ୍ଭ ନୀଳୋତ୍ପଳ-ସାମ୍ୟ କେବଳ ଦେଉ ମୃଣାଳ ଭଙ୍ଗି । ତୋ ଶ୍ରୀଅଙ୍ଗ ।-
ଶୋଭି ଜଳଦେବୀଙ୍କ । ମଧ୍ୟରେ ଆଧିପତ୍ୟ କରୁ ତୋ ମୁଖ ଶତପତ୍ରଙ୍କ ନାଶୁ ଟେକ ।
ନିରୁପମା । ୧୦୩ । ଏ ନୃପକୀର୍ତ୍ତି-ବ୍ରାତ ତ୍ରିଲୋକ ବିପ୍ଳାବିତ କରି କୃଷ୍ଣ-ପଦାର୍ଥ- ।
ଚୟ ଅଛି ଭସାଇ କାହିଁ ଠାବ ନ ପାଇ ସେ ସର୍ବ ଅନ୍ତ ଭୀତ । ହୋଇକରି । ପ୍ରାଚୀନ-
ଜନ କିବେ । ଅଛିଛନ୍ତି; ଏ ନୃପ-ବାକ୍ୟେ ହେଲେ ଅଳପ ତାଙ୍କର ନାହିଁ ସ୍ଥିତି ।
ସ୍ଥାଣୁମୋହ” । ୧୦୪ । କେ ଇଙ୍ଗିତଜ୍ଞା ଦାସୀ ତହିଁ ଏମନ୍ତ ଭଣେ “ଯଦ୍ୟପି ଜନ-
ଗଣ । ଏ ନରବରଙ୍କର ଅକୀର୍ତ୍ତି ବର୍ଣ୍ଣିବାର ବିଷୟେ ନାହିଁ ମନ । ତଥାପି ମୁଁ । ବର୍ଣ୍ଣିବି-

କଣ୍ଠତରେ । ଏ ସଭାଲୋଭାନରବରଙ୍କ କର୍ଣ୍ଣପୁର-ତମାଳଦଳା-କାରେ । ଏ ସଂସଦେ ।୧୦୫। ବନ୍ଧ୍ୟା-ମୂକ-କ୍ରମରେ ଅଶ୍ରି ଅଷ୍ଟମସ୍ୱରେ କୂର୍ମ୍ମୀ ଷୀରାବ୍ଧି ଗାରେ । ପର୍ବତାଧିକାଳନ୍ଧଅନ୍ଧରେ ଦୃଶ୍ୟମାନ ଅନ୍ଧାର ପରକାରେ । ଅପକାନ୍ତି । ଏ ନକ୍ଷତ୍ର-ଙ୍କର । ନବତେ ଶୋଭୁଛନ୍ତି ଅଙ୍ଗୁଳ ଦେଇ ଶ୍ରୁତି ଶୁଣନ୍ତୁ ସଜ୍ଜନେ । ଏ ସଭାରେ ॥” ଏମନ୍ତେ ଦାସୀବାକ୍ୟେ ସଭାରେ ସର୍ବଙ୍କେ ହସ୍ତ୍ୟେ ମଧ୍ୟେ ହସ । ଭଙ୍ଗ-ବଙ୍ଗେଶ ନରେଶ-ନନ୍ଦନୀ ଏ ସୁରସ-ସମ୍ଭୋଗେ ଅଳ୍ପ ରସ । ଏ ସୁଯୋଗେ । ମଗଧଭୂଶେ ଅପେୟ । ହାସ ଅଛ କି ନାହିଁ ବୋଲି ଚନ୍ଦ୍ରମାମୁହାଁ ମାନ ଗୃହି ଲ୍ଲ ଲେଶେ । ସାଧୁ-ଜନେ । ୧୦୬ । ବାଳାବର-ନୟନ-କମଳକାଏ ଅନନ୍ତର-ଦର୍ଶନ-ପାପେ । ପଙ୍କିଳ ହୋଇ ଦଳ କକ୍ଷ୍ମଳ ଭଳି କଳାବର୍ଣ୍ଣ ବହନ୍ତ୍ୟ ଅପେ । ସାଧୁଜନେ । ଏକା ଅପାଙ୍ଗ-ଦୃଷ୍ଟି । ନଳେ ହୋଇ ମିଳିତା ଅପଣାର ସୁଚତା ରକ୍ତତା ପ୍ରକାଶଇ । ସାଧୁଜନେ ॥ ତହୁଁ ଅନଙ୍ଗ ନଳ-ଅଙ୍ଗ କାର ସମ୍ଭଳ ସେ-କାବଚଣ୍ଡ-ତେଜ ।-ଅକୁଞ୍ଚ-ଧନୁ ଧର ଶ୍ରୁତି-ପ୍ରାନ୍ତ-ସଞ୍ଚାର ତାଙ୍କ ନୟନ-ବାଣ । ଯହିଁ ସନ୍ଧ । ହୋଇଲ୍ଲ ଧନୁର୍ଦ୍ଧର । ଲୋକ-ଲକ୍ଷା ବାଳାକୁ ଲକ୍ଷ ରଖି ବକ୍ଷକୁ ଠୁକିଲ୍ଲ ବାରମ୍ବାର । ଗର୍ବଭରେ । ୧୦୯ । ଓଜ୍ଜାଳେ ବାଳୀ ଗାନ୍ଧ ରୋମାଞ୍ଚେ ପଦ୍ମ-ଚନ୍ଦ୍ର ଶୋଭେ ସେ ମୁଗ୍ଧା ହୋଇ । ସୁନ୍ଦରପଣେ ସର୍ବ-ମୋହନୀ-ଗର୍ବ ଖର୍ବ କଲା ଚନ୍ଦ୍ରମାମୁହାଁ । କାନ୍ତିସ୍ୱର ।— କେତକୀବତ ଦଳେଶ । ତା-ପର ହର-ବୈର ଭାବ ନଳେ ଅଦର୍ଶବାର ଭାବ ପ୍ରକାଶେ । ୧୧୦ । ସେ ଜେମା ସତ୍ୟ-ନଳଠାରେ ମତ ନିଶ୍ଚଳ ହେଉ ସୁଖ ସାଗର ।—ତଳେ ନମଣ୍ଟି ଯାଇ ସେ ବେଶ-ଭୂଷା ହୋଇ ରସାତଳ କନ୍ୟାର ।—ଭ୍ରାନ୍ତ ନିଜ ।—ଠାରେ ସେ ଲୋକ-କର । କରାଇ; ପୁରତେ ବସିଥିବା ଚତୁର ନଳେ ଦୃଷ୍ଟି ସଞ୍ଚାର । ନ କରଇ ।୧୧୧। ନେତ୍ର-ସମ୍ପତ୍ତି ନୂତନାକୁ ନଳ ନେତ୍ରକୁ ନଳ ବଧାଇ ଦେଇ । ଦେବଦୁର୍ଲ୍ଲଭ ତା’ର ପ୍ରାନ୍ତ-ଦୃଷ୍ଟି ନିଜର ବଶବର୍ତ୍ତି କରାଇ । ତଦନ୍ତରେ । ପୀୟୁଷଧାରା-ସର ।—ବାଳ-କଟାକ୍ଷ-କାମଶାସ୍ତ୍ରକେ ଲଭି ଧାମ ଆଉ ନ ପାରି ବାର । ଅନଦୃଷ୍ଟେ । ୧୧୨ । ସାର-ମାମକ୍ଷିଦେବୀ କ୍ରମରେ କାର ଲଭି ଯା’ଙ୍କୁ ଜଗତେ ଧନ୍ୟ । କବିରାଜ-ରଜରେ ସୁକୁଣ୍ଠ-ଅଳଙ୍କାର-ସ୍ଥାନେ ଯେ ଅଗ୍ରଗଣ୍ୟ । ସାଧୁଜନେ । ସେ ମାତୃଭକ୍ତ ହର୍ଷ ।—ପଦ ଧୂର ଚରଣେ ଗୋପୀନାଥ ଗୀତରେ ଭଣଇ ହୋଇ ହର୍ଷ । ସାଧୁଜନେ । ୧୧୩ ।

ତ୍ରୟୋଦଶ ଛାନ୍ଦ ।

ରାଗ—ମାଳଶ୍ରୀ ।

ଶୁଣ ରସ ଏଥୁଅନ୍ତେ ସୁଜନ, ଭୃଙ୍ଗାଳକ ପରିମଳ ପବନ,
ଯଥା ନନ୍ଦନେ ତେଜ ବୃଷାନ୍ତରେ କଲ୍ପଦ୍ରୁ-ପାଶେ ପ୍ରବେଶାଏ ଖରେ
ତେମନ୍ତେ ବାହକେ ସେ ମହାସଭାରେ ବରଜ ଅନ-ସ୍ୱଜନେ ।
ନେଲେ ଶିବିକା ପଞ୍ଚନଳ-ସନ୍ନିଧାନେ । ୧ ।

ନଖ-ଦର୍ପଣେ ତ୍ରିଭୁବନ ବାର୍ତ୍ତା । ଯା'ର ସେ ସରସ୍ୱତୀ ବର୍ଣ୍ଣମାତା । ନଳଚତୁଷ୍ଟୟ-ଅର୍ପଣ ଲକ୍ଷ୍ମ୍ୟାପ୍ରତ ଇନ୍ଦ୍ରେ ପୁରତେ । ଦେଖି ବଖାଣନ୍ତି ବଚନ-ମତେ । ଯେ ଭଷାରେ ଶଚୀପତି ଏହ ବୋଲି ପ୍ରକାଶ ନୋହ ନ ଉଚ୍ଚେ । ପୁଣି ବାସବ-କପଟ ଶଙ୍କା ନ ଯାଏ ।୨। ଭ୍ରଷନ୍ତି ବାଣୀ, "ଗୋ ଚରବର୍ତ୍ତିନ । ଏହାଙ୍କ ଯଶ କେ ପାରେ ବଖାଣି । ଦ୍ୱିଷଦ୍ବଳ-ବିଜୟର-ପୌରୁଷ ।-ସମ୍ଭୃତଶ୍ୱାଡ ଏହାଙ୍କ ବିଶେଷ । ପୃତନା ଏହାଙ୍କ ନାଗାନନଦାନବାର-ବାସରେ ପୂଜିତ । ଭଣେ ଅସ୍ତ୍ରତ ଅସୁ(ଶ୍ରୂ) ବେ ହୋଇନ୍ତି ନିପାତ ।୩। ଶୁଭ୍ରାଂଶୁହାର-ଗଣେ ଇନ୍ଦ୍ରଗୃପେ ।-ମଣ୍ଡିତ ପୟୋଧରେ ଅନଳପେ । ସବିତାଙ୍କୁ ବିତାନିତ କରଇ । ଭ୍ରମର-ବାହନୀ ସଙ୍ଗେ ଚଳଇ । ସର୍ବ୍ବ ବା ସମରେ ଏହାଙ୍କ ବିଗ୍ରହ ବସ୍ତ୍ରଭୂଷା-ବିଭୂଷିତା । ସତେ ଅମରବାହିନୀ ଏ ସାଚକଥା । ୪ । ଅରେ ସ୍ୱଚ୍ଛପ୍ରତିଭଚ୍ଛନ୍ଦ । ଭଣେ ଏ ଭୂଭୃତେ ଅଛନ୍ତି ଜଣି । ନାହି ଅପାୟୁ କାହିଁ ଏହାଙ୍କର । ଅଘବନ୍ତି ଏ ଏମନ୍ତ ନ

୩ୟପଦ :—ଇନ୍ଦ୍ରପକ୍ଷ=ଦ୍ୱିଷଦ୍ ଶତ୍ରୁ ; ବଳ=ଅସୁରବିଶେଷ; ବିଜୟର=ଜୟଶୀଳ; ପୃତନା=ସେନା; ନାଗାନନ=ଗଣେଶ; ଦାନବାର=ବିଷ୍ଣୁ ; ଅସୁର=ରାକ୍ଷସ; ବାସେ=ଅବସ୍ଥାନ ।

ନଳପକ୍ଷେ :—ଦ୍ୱିଷଦ୍-ଶତ୍ରୁ; ବଳ-ସାମର୍ଥ୍ୟ; ବିଜୟର-ଜୟୀ; ପୃତନା-ସେନା, ନାଗାନନ ଦାନବାରବାସେ-ହସ୍ତୀମୁଖର ମଦଜଳସୁବାସରେ ।

୪ର୍ଥ ପଦ :—ଇନ୍ଦ୍ରପକ୍ଷେ :-ଶୁଭ୍ରାଂଶୁ-ଚନ୍ଦ୍ର, ହାରଗଣ-ହର (ଶିବ) ସମ୍ବନ୍ଧୀୟଗଣ, ପୟୋଧର-ମେଘ, ଅମରବାହିନୀ-ସୁରସେନା ।

ନଳପକ୍ଷେ :—ଶୁଭ୍ରବର୍ଣ୍ଣହାର ସମୂହରେ ମଣ୍ଡିତ ପୟୋଧର (ସ୍ତନ) ଇନ୍ଦ୍ରଧନୁ-ଦ୍ୱାରା ଶୋଭିତ ହେଉଅଛି ଭଣେ । ସ୍ତନର ଉନ୍ନତତା ଯୋଗେ ସୂର୍ଯ୍ୟ ଅଚ୍ଛାଦିତ ହୁଅନ୍ତି । ଏ ସତେ ଅମରବାହିନୀ-ଏ ସତେ ସୁରସେନା କି ? ।

୫ମ ପଦ :—ଇନ୍ଦ୍ରପକ୍ଷେ :-ଭୂଭୃତେ-ପର୍ବତେ, ଅପାୟୁ-କ୍ଷୟ, ଅଘବନ୍ତି-ପାପୀ, ବାସ୍ତନେହକ୍ଷି-ବସ୍ତୁନେହଶାଳିତା, ମଘାରେ ଏ ମଘବା (ଇନ୍ଦ୍ର) ବସିଛନ୍ତି ।

ନଳପକ୍ଷେ :—ଭୂଭୃତେ--ରାଜାମାନଙ୍କୁ, ଅପାୟୁ-ପରାଜୟ, ଅଘବନ୍ତି-

ଶୀଳ । ବାସ୍ତୁ-ନୈଷଧ୍ବ ଏହାଙ୍କ ଅବଦାତ ତା ପାଇରୁ ଜାଣି ତୁହି । ଯେଣ ମାନସେ ମଣ୍ଡଳେ ମଘବା ଏହି । ୫ । ବଳାରି ସମୃଦ୍ଧ ରାଜ୍ୟ ସମ୍ଭୋଗେ । ପିଶୁନ ଲେଖା ନିବହ ସବେଗେ । ଅଶ୍ରାନ୍ତ ଏହାଙ୍କ କର ପଦ୍ମରେ । ରେ ନତମ୍ରି ଯେଣ ଭିଇ ବାରେ । କର ବରଣ, ଏ ବରେ ହରି ତୁଲେ ଶଚୀ ପରାୟେ ବିହାର । କର ବରନ୍ଧ ବ୍ୟଥାକୁ ପଦପ୍ରହାର' । ୬ । ଭାରତର ଏ ବଚନ ବଚନ । ନଳ ଅଖଣ୍ଡଳ ଦ୍ୱୟେ ସମାନ । ଲାଗୁଛି ଭୁବନ ବର୍ଣ୍ଣବ୍ୟ-କାନ୍ତ । ଦମୟନ୍ତୀ କରେ ମାନସେ ଭ୍ରାନ୍ତ । ବେନିଏ ସମାନ ଅଟନ୍ତି ପ୍ରଭେଦ ନାହିଁ କାହାରେ କିଞ୍ଚିତ । ତେଣୁ ଭ୍ରାନ୍ତ ନ ନାଶେ ତା ଶ୍ରୁତ ବା ନୈଷ । ୭ । ନଳ ଏ ଅବା ଅବା ଅଖଣ୍ଡଳ । ଏମନ୍ତ ସନ୍ଦେହ ଜାତ ହେଉର । ଦେବାର ମଣ୍ଡପତି-ସନ୍ତତର । ବିଲୋକ ଭାରତୀ ସଦାଗତର । -ସଖୀକୁ ଦେଖାଇ ଅଖଣ୍ଡିତସ୍ୱଧାମସୁଖ-ମୁଖୀଙ୍କ ଗୃହିଁ । ପୁଣି ପୂର୍ବପରି ଗିର-ହାର ଭଣଇ । ୮ । "ଦେଖ ଗୋ ଏ ସଦା ପ୍ରତାପାଶ୍ରୟ । କି ନ ଅର୍ଜିଛନ୍ତି ଏ ଧନଞ୍ଜୟ । ଉଦ୍ଧତମନ୍ତ-ପଣରେ ସମାନ । ନାହିଁ ଏହାଙ୍କୁ କେ ତ୍ରିଭୁବନ । ଅତି ଶୁଚମନ୍ତ ଏହାଙ୍କୁ ବଳ କା ନାହିଁଟି ସ୍ୱୟମ୍ବରରୂପ । ବର ଏହାଙ୍କୁ, ଲଭ ଗୋ ହେମ ଅମାପ । ୯ । ଏ ମହାଶୀରଙ୍କ ହେତି ପ୍ରଭବ ।-ପ୍ରଭାବେ କବଳୀକୃତ ପାର୍ଥିବ ।-ନିବହଙ୍କର ବିଭୂତି-ସନ୍ତତି । ତା

ପାପୀ, ବନ୍ଧୁନୈଷଧ୍ବ-ବନ୍ଧୁଲୋକର ନେତା (ନାୟକ) ପଣ କରିବାରୁ, ମହୀରେ ଏ ମଘବା (ଇନ୍ଦ୍ର) ପରି ।

୬ଷ୍ଠ ପଦ :—ଇନ୍ଦ୍ରପକ୍ଷେ :-ବଳାରିଦୈତ୍ୟଙ୍କର ସମୃଦ୍ଧରାଜ୍ୟ ସମ୍ଭୋଗଦ୍ୱାରା ପିଶୁନ (ଇର୍ଷାନ୍ୱିତ) ଲେଖା (ଦେବତା) ଏହାଙ୍କ କର ପଦ୍ମର ଧରି ଶରଣ ପଶନ୍ତି, ହରି (ଇନ୍ଦ୍ର) ସହିତ ଶଚୀ ପରି ବିହାର କର ।

ନଳପକ୍ଷ :—ବଳାରିପକ୍ଷୀଙ୍କ ଯୁକ୍ତ ସମୃଦ୍ଧ ରାଜ୍ୟ ସମ୍ଭୋଗପାଇଁ ପିଶୁନ (ଚିହ୍ନ) ଯେ ଲେଖା (ରେଖା) ତଦ୍ୱାରା ଏହାଙ୍କ ସବେଗେ କରପଦ୍ମରେ (ସବକ୍ରିମ କରଚରଣରେ ଅଶ୍ରୟ ନେଇଛନ୍ତି, ହରି (ଇନ୍ଦ୍ର) ସହିତ ଶଚୀପରି ତୁ ବର ସହିତ ବିହାର କର ।

୯ମ ପଦ :—ଅଗ୍ନି ପକ୍ଷେ—ପ୍ରତାପାଶ୍ରୟ=ତେଜର ଅଧାର । ଧନଞ୍ଜୟ=ଅଗ୍ନି । ଉଦ୍ଧତମନ୍ତ=ଊର୍ଦ୍ଧ୍ୱଗତଶୀଳ । ଶୁଚମନ୍ତ=ଶିଖାଶାଳୀ । ଅଗ୍ନି—ସ୍ୱର୍ଣ୍ଣାଧିସ୍ୱାମୀ ଦେବତା ।

ନଳପକ୍ଷ :—ପ୍ରତାପାଶ୍ରୟ=ପ୍ରତାପଶାଳୀ । ଧନଞ୍ଜୟ=ଯେ ବହୁଧନ ଜୟ କରିଅଛି । ଉଦ୍ଧତମନ୍ତ=ଉଦ୍ୟୋଗୀ । ଶୁଚମନ୍ତ=ଶୁଦ୍ଧାଚାରୀ ।

୧୦ମ ପଦ—ଅଗ୍ନି ପକ୍ଷ :—ହେତିପ୍ରଭବ-ପ୍ରଭାବେ କବଳୀକୃତ ପାର୍ଥିବ ନିବହଙ୍କର ବିଭୂତିସନ୍ତତି=ତେଜସମ୍ଭୂତ ପ୍ରଭାବରେ ଦଗ୍ଧୀଭୂତ ପୃଥିବୀ-ସମ୍ବନ୍ଧୀୟ ଦ୍ରବ୍ୟ ମାନଙ୍କର ପାଂଶୁସମୂହ ।

ଭାଗ୍ୟ କେ ବର୍ଣ୍ଣିପାରେ ସୁନ୍ଦରି । ବୃଷଏ ହରଷେ ଶସ୍ୟରେ ସନ୍ତତେ ତାହା ହୋଇ-ଥାନ୍ତି ବୋଲି । ପୁଣି ଅଙ୍ଗରାଗ ତାକୁ କରନ୍ତି ଶୂଳୀ ।୧୦। ଅଗୋ ସୁଲକ୍ଷଣି ବାରେ ଭୁ ଦେଖ । ଏହନ୍ତି ବିବୁଧ-ମଣ୍ଡଳମୁଖ । ଯମୁଁ ମହେନ୍ଦ୍ରରୁ ମଧ୍ୟସ୍ଥ ଏହ । ସମଦର୍ଶୀପଣେ ସମ କେ ନାହିଁ । ବହନ୍ତି ଏ ଅବିରତରେ ନିଶ୍ଚୟ ସଦାରୁଣକର ଶିଖା । ହୁଅ ସୁଖୀ ସୁକୁମାରି ଏହାଙ୍କୁ ବରି । ୧୧ । ସମିତ୍ ମଧ୍ୟରେ ଏ ବିଜୟ ଯେବେ । ଋପୁ ହୋଇ-ଥାନ୍ତି ତୃଣ ସ୍ୱଭାବେ । ଅଳ୍ପମେଧାରେ ଏ ନୁହନ୍ତି ବଶ । କାଷ୍ଠାବଳି ବଳେ କରନ୍ତି ବଶ । ଉଠିବେ ଯେବେ ଏ ପ୍ରଜ୍ୱଳି ନିଜର ତରସ୍ୱୀପଣ ପ୍ରକାଶି । ତେବେ ଏହାଙ୍କ କେ କି ହୁଅଇ ବିନାଶି” । ୧୨ । ଭାରତୀଦେବୀଙ୍କ ଉକ୍ତି ଶ୍ଳେଷ । ନଳ ଅନଳେ ହେଲେ ଏକାପରି । ଏମନ୍ତ ଶୁଣି ସେ ବରବର୍ଣ୍ଣିନୀ । କେ ନର ସୁର କେ ନ ପାରେ ଜାଣି । ଥରେ ବିସ୍ମରଇ ହୃଦୟେ ସୁଦତୀ ହୋଇବେ ଏ ପରା ନଳ । ପୁଣି ତର୍କଇ ‘ନୁହନ୍ତି ଏତ ଅନଳ ?’ ।୧୩। ଭୟ-ଆଶ୍ଚର୍ଯ୍ୟ-ସନ୍ଦେହ-ସନ୍ଦୋହ । କରେ ନୃପ-ସୁତା- ଚିତ୍ତ ଅଥୟ । ଜଗତଜନନୀ ଦେଖି ଏ ରୀତି । ରକ୍ଷୀ-ଭକ୍ଷକେ ବହିଜ ହିତ । ଯା’ର କରେ ସବେ ସାରସ ବିକଶେ ତା’ର କ୍ରମରେ ଦେଖାଇ । ମୃଦୁ ମଧୁରେ ଭାଷନ୍ତି, “ଶୁଣ ସୁମୁହିଁ” । ୧୪ । “ଦେଖ ଗୋ ନିରୁପମା ତୋ

ନଳପକ୍ଷ:—ହେତି-ପ୍ରଭବ-ପ୍ରଭାବେ କବଳୀକୃତ ପାର୍ଥିବ ନିବହଙ୍କର ବିଭୂତି ସନ୍ତତି=ଶସ୍ତ୍ର ସମ୍ଭୂତ ପ୍ରଭାବରେ ଆୟତ୍ତୀକୃତ ନୃପମାନଙ୍କର ସମ୍ପତ୍ତିସମୂହ । ଶିବ ସେବା ଓ ଋଷିଙ୍କୁ ଦାନରେ ବ୍ୟୟ ହୁଏ ।

୧୧ଶ ପଦ:—ଅଗ୍ନି ପକ୍ଷ—ବିବୁଧମଣ୍ଡଳ ମୁଖ=ଅଗ୍ନି ଦେବତାମାନଙ୍କ ମୁଖ । ଯମ ଓ ଇନ୍ଦ୍ରଙ୍କ ଦିଗଦ୍ୱୟର ମଧ୍ୟ ଦିଗସ୍ଥାୟୀ । ସଦାରୁଣ-କର-ଶୀର=ଅତି କଠୋର ତେଜର ଶୋଭା ।

ନଳପକ୍ଷ:—ବିବୁଧମୁଖମଣ୍ଡଳ=ପଣ୍ଡିତମଣ୍ଡଳ ଶ୍ରେଷ୍ଠ । ମଧ୍ୟସ୍ଥପଣେ ଯମ ଓ ଇନ୍ଦ୍ରଙ୍କ ଠାରୁ ନିରପେକ୍ଷ । ସଦାରୁଣକରଶୀର=ସଦା ରକ୍ତବର୍ଣ୍ଣ କରତଳ ଶୋଭା ।

୧୨ଶ ପଦ:—ଅଗ୍ନି ପକ୍ଷ:—ସମିତ୍ ମଧ୍ୟରେ=କାଷ୍ଠ ମଧ୍ୟରେ । ତୃଣ ଶୁଷ୍କ-ସ୍ୱଭାବରେ ଶତ୍ରୁ ହୋଇଥାନ୍ତି । ଅଳ୍ପମେଧାରେ=ଅଜ୍ଞାନୀଜନରେ । କାଷ୍ଠା-ବଳି=କାଷ୍ଠସମୂହ । କେ=ଜଳରେ ।

ନଳପକ୍ଷ:—ସମିତ୍ ମଧ୍ୟରେ=ଯୁଦ୍ଧରେ । ଶତ୍ରୁମାନେ ସ୍ୱଭାବରେ ତୃଣପରି ହୋଇ ଥାନ୍ତି । ଅଳ୍ପମେଧାରେ=ନିର୍ବୋଧରେ । କାଷ୍ଠାବଳି=ଦିଗ ସମୂହ । କେ=କେଉଁଲୋକେ ।

ପୁରତେ । ଏ ଦଣ୍ଡଧର ବିଖ୍ୟାତ ଜଗତେ । ରହିବାରୁ ଦଣ୍ଡ ଏହାଙ୍କ କରେ । ଜଗତ ନ ଯାଏ ମଜ୍ଜି ପାପରେ । ସୁରବୈଦ୍ୟ ମଦଗର୍ବ-ବିନାଶକ ଏହାଙ୍କର ରୂପ ପାଶେ । କେ ଅମର ରହଇ କି ବାରି ମାନସେ । ୧୬ । ମିତ୍ର-ପ୍ରିୟୋପଜନନ ନିମିତ୍ତ । ସଞ୍ଜ୍ଞା; ଏହାଙ୍କ ଛାୟା ନୁହେ ସତ । କେଉଁଠାରେ ଦେଖା; ବିଶ୍ୱ ସଂସାରେ । ଏ କାହା ସୁହୃଦ ନୁହନ୍ତି କେଉଁରେ । ଏ ଯମ-ନିୟମେ ନିଶ୍ଚଳ ହୋଇଣ ନିର୍ଣ୍ଣେ ଥିବେ ତପ ସାଧି । କାହୁଁ ନୋହିଲେ ଲଭନ୍ତେ ଏତେ ପ୍ରସିଦ୍ଧି । ୧୭ । ଅମ୍ବରମଣି ରମଣୀୟ-ମୂର୍ତ୍ତି । ଯା'ର ପ୍ରଭାବେ ସର୍ବରାଜ-ଦ୍ୟୁତି । ଲଭଇ ସ୍ତିମିତ ଦଶାକୁ ଯେବ । ସେ ଦେବ ଏହାଙ୍କ ପିତା ରୂ ଭାବ । କାହା ପ୍ରତ ଶକ୍ତି ଏହାଙ୍କ ନୁହଇ ସର୍ବଦା ଉଦ୍ଧତାନ୍ତିଦାୟୀ ।

୧୬ଶ ପଦ:—ଦଣ୍ଡଧର-ରାଜା ଓ ଯମ । ସୁରବୈଦ୍ୟ ମଦଗର୍ବ ବିନାଶକ ଏହାଙ୍କର ରୂପପାଶେ=ଅଶ୍ୱିନୀକୁମାରଙ୍କର ସୌନ୍ଦର୍ଯ୍ୟ ଗର୍ବବିନାଶକ ଏହାଙ୍କ କାନ୍ତି ପାଶରେ; ଅଶ୍ୱିନୀକୁମାରଙ୍କର ବୈଦ୍ୟକ ବିଦ୍ୟା ଜନିତ-ଗର୍ବ ବିନାଶକ ଏହାଙ୍କ ପ୍ରେରିତ ରୋଗ ପାଶରେ । ଅମର-ଦେବତା, ନ ମରି ରହିବା ॥

୧୭ଶ ପଦ:—ଯମ-ମିତ୍ର (ସୂର୍ଯ୍ୟ) ପ୍ରିୟା ସଂଜ୍ଞା ଏହାଙ୍କ ଉପଜନନର (ଜନ୍ମର) ନିମିତ୍ତ (କାରଣ), ଛାୟା ଏହାଙ୍କ ଜନନର କାରଣ ବୋଲି କୌଣସି ଶାସ୍ତ୍ରରେ ଦେଖାଯାଏ ନାହିଁ । ବିଶ୍ୱ ସଂସାରେ ଏ କାହା ଅସୁହୃତ (ପ୍ରାଣ-ହାରକ) ନୁହନ୍ତି ? ଏ ଯମ ନିୟମରେ ନିଶ୍ଚଳ ହୋଇ ତପ କରିବାରୁ ଏତେବଡ଼ ପଦ ପାଇଥିବେ ।

ନଳ:—ଏହାଙ୍କ ସଞ୍ଜ୍ଞା (ନାମ ଧରିଲେ) ମିତ୍ର ଓ ପ୍ରିୟଲାଭ ନିମିତ୍ତ (ହେତୁ) ଏହାଙ୍କ ଛାୟା ଶୋଭାର ଅଂଶ କେଉଁଠାରେ ଦେଖାଯାଏ ନାହିଁ, ଏ ଅତି ସୁନ୍ଦର, ଏ କାହା ସୁହୃଦ (ମିତ୍ର) ନୁହନ୍ତି; ସାଧୁତାରେ ସମସ୍ତଙ୍କ ମିତ୍ର । ଯମ ନିୟମ (ଇନ୍ଦ୍ରିୟ ନିଗ୍ରହ ଓ ନିୟମ ଧରି) ତପ କରି ଥିବାରୁ ଏପରି ପଦ ପାଇଛନ୍ତି ।

୧୭ଶ ପଦ:—ରମଣୀୟ ମୂର୍ତ୍ତି (ସୁନ୍ଦର) ଅମ୍ବରମଣି (ସୂର୍ଯ୍ୟ) ଯା ପ୍ରଭାବରେ ସର୍ବ-ଯମ-ରାଜଦ୍ୟୁତି (ସମସ୍ତ ଚନ୍ଦ୍ର କିରଣ) ସ୍ତିମିତ ହୁଏ । ସେ ସୂର୍ଯ୍ୟ ଏହାଙ୍କ ପିତା । ଉଦ୍ଧତାନ୍ତିଦାୟୀ-ପ୍ରାଣ ସଂହାରୀ । ଗଦା କ୍ଷେପଣ-ରୋଗ ପ୍ରେରଣରୁ । ପାପବଶରୁ କୃଷ୍ଣଙ୍କ—କଳାବର୍ଣ୍ଣ ବହିଛନ୍ତି ।

ନଳ:—ରେ ଅମ୍ବ (ମାତ) ରମଣୀ ରମଣୀୟ ମୂର୍ତ୍ତି (କାମିନୀ ମୋହନ ରୂପ) ଯା ପ୍ରଭାବରେ ସର୍ବରାଜ ଶକ୍ତି ସ୍ତିମିତ । ସେ ଦେବ (ରାଜା ବୀରସେନ) ଏହାଙ୍କ ପିତା, ଉଦ୍ଧତାନ୍ତିଦାୟୀ-ମୂଳୋଚ୍ଛେଦକା, ଗଦା ନିକ୍ଷେପ ପଟୁତାରୁ କୃଷ୍ଣଙ୍କ ପରି ପ୍ରସିଦ୍ଧ ।

ପରେ ଗଦା ଷେପୁଁ ଛନ୍ତି କୃଷ୍ଣଙ୍କୁ ବହି । ୧୬ । ପରେତସଙ୍ଗରେ ଏହାଙ୍କ ଏକା । ପ୍ରବଳ ପ୍ରତାପ ଦିଅଇ ଦେଖା । ଜୀବାଦେଶ ବୁଦ୍ଧି ଏ ମହାତ୍ମାରେ । କର କବଳେଭୀରୁ ଅଟେ ସବୁରେ । ଅଧିକାଂଶ ଭୂତ ବଶ୍ୟ ଏହାଙ୍କର ଏହା ବା କେ ନ ଜାଣଇଁ । ଦେଖ ଦସ୍ର-ସହୋଦର ସାକ୍ଷାତ ଏହି ।୧୮। ବହୁତ-ନଳ-ଦରଶନ-ଯୋଗେ । ସନ୍ଦେହ ନୃପଜା ହୃଦୟେ ଅଟେ । ଜନ୍ମିଥିଲା ତ ଏବେ ଏ ଭାରତୀ । ଶମନ-ନୈଷଧେ ସମାନ ରୀତ । ବହୁବାର ଦେଖି ସେ ସନ୍ଦେହ ଏବେ ଦେଲା ମଞ୍ଜି ତାର ମନ । କଲା କେବଳ ମାତ୍ର ସେ ପିଷ୍ଟ ପେଷଣ ।୧୯। ଏତେ କହିଲେହେଁ ସେ ଛଦ୍ମନଳେ । ନୃପଜା ସଂଶୟ ନ ଛୁଟିଲା ତଳେ । ସର୍ଗ ଅବା ଚର୍ଗତାହାର । ଥିବା ନ ଥିବାର ନୁହେ ଗୋଚର । ଦେଖି ଏ ସ୍ୱଚ୍ଛ ସରତପତଯତ ପ୍ରତି ଭାରତୀ ଶ୍ରୀକର । ତାର ଜେମାଙ୍କୁ ଭାଷନ୍ତି ମଧୁର ଗିର ।୨୦। ଛନ୍ତି ପୁରତେ ଯେ ବରବର୍ଣ୍ଣିନୀ । ଏହାଙ୍କ ସେନା କେ ପାରିବ ବର୍ଣ୍ଣି । ଯାଦୋରଣ ଅତଃ ଭୟଙ୍କର । ବହୁବଦାରକ ଯା'ର ଶରୀର । ଭୂରିତରବାରିନିଧିପୂତନାର ପରବୋଧ ନ ଦିଶଇ । ବାର କେ ତାର କରିବ ପାରିବ କହି । ୨୧ । ଉଦ୍ଗତପଦ୍ମ-କାନନେ ସୁଷମ । ବିବିଧରତ୍ନଯାତେ ମନୋରମ । ଦାନବାରି ଶୋଭିତ ସମକର ।

୧୮ଶ ପଦ :—ଯମ, ପରେତସଙ୍ଗରେ-ପ୍ରେତ ସମୂହରେ । ଜୀବଦେଶ-ଯମ । ମୁକ୍ତ-ଛଡ଼ା ବାକି ଜୀବ ଏହାଙ୍କ ବଶ । ଏ ଦସ୍ରସହୋଦର (ଅଶ୍ୱିନୀକୁମାରଙ୍କ ଭାଇ) ।

ନଳ :—ପରେତସଙ୍ଗରେ-ଆପଣାପକ୍ଷ ଲୋକଙ୍କ ପାଇଁ ଯୁଦ୍ଧରେ । ଜୀବଦେଶ-ପତି । ସାର୍ବଭୌମତ୍ୱ ଯୋଗୁଁ ଅଧିକାଂଶ ଲୋକ ଏହାଙ୍କ ଅଧୀନ । ସୌନ୍ଦର୍ଯ୍ୟରେ ଏ ଅଶ୍ୱିନୀକୁମାରଙ୍କ ସହୋଦର ପରି ।

୨୧ଶ ପଦ :—ବରୁଣପକ୍ଷ — ଯାଦୋରଣ — ଜଳ ଜନ୍ତୁମାନଙ୍କ ଯୁଦ୍ଧ, ବହୁ ବଦାରକ ଯାର ଶରୀର-ଯା ଦେହରେ ବହୁତ କୂପ ଅଛି । ଭୂରିତର ବାରିନିଧି-ଅତି ବିଶାଳ ସମୁଦ୍ର । ପୃତନା-ସେନା । ପରବୋଧ-ପରପାର ।

ନଳପକ୍ଷ :—ଯାଦୋରଣ-ଯା'ର ବାହୁଯୁଦ୍ଧ । ବହୁ ବଦାରକ ଯାର ଶରୀର— ଯାର ଶରୀର ବହୁଲୋକଙ୍କୁ ବିଦାରଣ କରେ । ଭୂରିତରବାରିନିଧି — ବହୁତ ଖଡ୍ଗର ଆଧାରସ୍ଥଳ । ପରବୋଧ-ଶତ୍ରୁଦ୍ୱାରା ଅବରୋଧ ।

୨୨ଶ ପଦ :—ବରୁଣପକ୍ଷ—ଦାନବାରିଶୋଭିତ-ଅନନ୍ତଶାୟୀ ଶ୍ରୀହରିଙ୍କ ଦ୍ୱାରା ଶୋଭିତ । ସମକର-ମକର ସହିତ । ନାସୀରଦେଶ-ଶିରଭାଗ ।

ନଳପକ୍ଷ :—ଉଦ୍ଗତପଦ୍ମକାନନେ—ଫୁଟିଥିବା ଶୁକ୍ଳ ଚକ୍ଷୁଦ୍ୱାରା ସୁନ୍ଦର ମୁଖରେ । ବିବିଧରତ୍ନଯାତେ ମନୋରମ-ଆଭରଣରେ ବହୁରତ୍ନ ଥିବାରୁ

କୁମ୍ଭୀରବରେ ଅତି ଭୟଙ୍କର । ଘନଧ୍ୱନିରେ ନାସୀରଦେଶ ଯା'ର ନିରତ ମୁଖର
ଅତି । କେବା କହିବ ବିସ୍ତାରି ତା'ର ବିଭୂତି ।୧୨। ଶତ ଶତ ଲକ୍ଷ ଲକ୍ଷ ସ୍ୟନ୍ଦନେ ।
ଅସଂଖ୍ୟ ଅଗଣିତ ପ୍ରବହଣେ । ଏ ବାହିନୀକି ପ୍ରତିକୂଳ-ପାତ ।—ବିଧାନ ବିଷୟ
ଅତି କଷ୍ଟତ । ଅତିକରକଶା ଅସୀମାସିକତା ଏହା ତହିଁ ଅଛି ପୂରି । କାହିଁ
କହିପାରିବି ମୁଁ ପ୍ରାଞ୍ଜଳ କରି ।୧୩। ଏ ମହାଭୂପଙ୍କ ପଦପ୍ରଣୟୀ । ଶୋଣ ତ
ନିରନ୍ତର ଅଛି ହୋଇ । ସରସ୍ୱତୀ ବୋଲି ଯା ନାମ ଖ୍ୟାତ । ଏହାଙ୍କ ସେବାରେ ସେ
ସଦା ରତ । କମଳାଶୟ-ମାନେ ଯାଙ୍କ-ସେବା-ବିଧାନେ ନାହାନ୍ତି ଗତ । ବରଂ ଏ
ଭୁବନାଧିନାଥଙ୍କୁ ସୁଦତ୍ତ" ।୧୪। ଏକାଧିକ ନଳଙ୍କୁ ଅବଲମ୍ବି । ବାଳା-ଶଙ୍କାଲତା
ଥିଲା ପଲ୍ଲବ । ନଳସନ୍ନିବେଶରେ ଅଭେଦକା । ବାଣୀଙ୍କ ଏପରି ଚତୁରସ୍ୱ ଏକା । ସେ
ଶଙ୍କାଲତାକୁ ନ ଛିଣ୍ଡାଇ ପଛେ ଦେଲା ତାହାକୁ ବଢ଼ାଇ । ଏ କି ଅଳପ ବିଚିତ୍ର
ହୋଇଲା ତହିଁ ।୧୫। ବହିଥିଲେହେଁ ଛଦ୍ମନଳ ବେଶ । ଅତି ଚତୁର ଚତୁର ନିଦେଶ ।
ବାଣୀଙ୍କ ଛଳ ନ ପାରିବା ଦେଖି । ହୋଇଣ ବାଗୀଶ୍ୱରୀ ଚିତ୍ତେ ସୁଖୀ । ଭୂପାଳକୁଳ-
କଳାକର ନଳଙ୍କୁ ଭଙ୍ଗୀନ୍ତ ଅଙ୍ଗୁଳିଠାରି । ଭୂପେ ଶୋହୁଥିଲେ ଯା ଦରବେଶପର ।୧୬।
"ଅତ୍ୟାଜି ଲବ୍ଧ-ବିଜୟ-ପ୍ରସବ । ମସ୍ତ-ମହେନ୍ଦ୍ର ଯା ରୁଚି-ବିଭବ । ଅନଳପ, ତା'ର
ତହିଁ ତୋହର । ଅଜଣା ଭାବତ ନୋହେ ଗୋଚର । ପ୍ରତ୍ୟର୍ଥୀ-ଦାନବ-ଶତାହତ

ସୁଧିର । ଦାନବାରି ଶୋଭିତ-ମଦଜଳ ଶୋଭିତ । ସମକର-ଦେହ ଅନୁପାତରେ ସମଦୀର୍ଘଶୁଣ୍ଡଶାଳୀ । କୁମ୍ଭୀ-ରବରେ—ହସ୍ତୀ ଗର୍ଜ୍ଜନରେ । ନାସୀର ଦେଶ—ସେନା ପ୍ରାନ୍ତଭାଗ ।

୧୩ଶ ପଦ :—ବରୁଣପକ୍ଷ :—ସ୍ୟନ୍ଦନ-ପ୍ରସ୍ରବଣ । ପ୍ରବହଣ-ନଦୀ । ପ୍ରତି କୂଳ-ପାତ-ପ୍ରତି ତୀରପାତ । ଅତିକରକଶା-ଅତିକଠିନା । ଅସୀମାସିକତା—ଅସୀମ ବାଲୁକା ।

ନଳପକ୍ଷ :—ସ୍ୟନ୍ଦନ-ରଥ । ପ୍ରବହଣ-କ୍ଷୁଦ୍ରରଥ । ପ୍ରତିକୂଳପାତ-ଶତ୍ରୁ ନିପାତ । ଅତିକରକଶ-ଅତି ନିଷ୍ଠୁର । ଅସୀମାସିକତା-ଅକଳିତ ଅସିଯୁଦ୍ଧ ପଟୁତା ।

୧୪ଶ ପଦ :—ବରୁଣପକ୍ଷ :—ଶୋଣ-ନଦ ବିଶେଷ । ସରସ୍ୱତୀ-ନଦୀ ବିଶେଷ । କମଳାଶୟ-ଜଳାଶୟ । ଭୁବନାଧିନାଥ-ଜଳାଧି ନାଥ ।

ନଳପକ୍ଷ :—ଶୋଣ-ରକ୍ତବର୍ଣ୍ଣ । ସରସ୍ୱତୀ-ବିଦ୍ୟାଦେବୀ । କମଳାଶୟ-ସମ୍ପତ୍ତି (ଲକ୍ଷ୍ମୀ) ଲାଭକାମୀ, ଭୁବନାଧିନାଥ-ଭୁବନଅଧିପତି ରାଜା ନଳ ।

୧୫ଶ ପଦ :—ଇନ୍ଦ୍ରପକ୍ଷ :—ଅତ୍ୟାଜି-ଅତିଶୟ ଯୁଦ୍ଧ ଯାହାର, ଇନ୍ଦ୍ର । ଲବ୍ଧ-ବିଜୟ ପ୍ରସବ-ସେ ଅର୍ଜ୍ଜୁନଙ୍କୁ ପୁତ୍ରକରି ପାଇଛନ୍ତି ଇନ୍ଦ୍ର । ମସ୍ତ-ମହୋତ୍ସବଯୁକ୍ତ । ମହେନ୍ଦ୍ର-ଇନ୍ଦ୍ର । ରୁଚି-ଶୋଭା । ତାର ତହିଁ ତୋର

ଚେଷ୍ଟାଯୋଗେ ଜୀମୂତବାହନ ।—ଭ୍ରମ ଏହାଙ୍କଠାରେ କା ନୁହଇ ଘେନ । ୨୭ । ପ୍ରାପ୍ତସୁରେଶାଧ୍ୱ-ରାଜ୍ୟାଭିଷେକ ।—ଯୋଗେ ଯା ବଳଣେ ନୈକ ଅଧିକ । ନାମଧର ସ୍ପଷ୍ଟ କହେ ବଚନ । ଏ ମହାତେଜାନଳ, ଅନମନ । ହେବାର ଏଥି ତୋ ଉଚିତ ହୋଇଲା ସୁଚିତ୍ତେ କର ବରଣ । ବାଳା ହେଳାକରୁ କେତେ ଗିରେ ମୋହର ।୨୮। ଚଣ୍ଡିମାରଣ-ବଧ୍ୱ-ବ୍ୟସନୀ ଏ । ଜଗତେ ଧର୍ମରାଜଖ୍ୟାତ ଶୋହେ । ସୁଭାବେ ଦାକ୍ଷିଣ୍ୟ ସ୍ଥିତ ଯାଙ୍କର । ଏହୁ ମହାତେଜା ନଳ ବରଣ । ହେ ଗଜଗମନା ସହଜ ସ୍ନେହରେ

ଅଜଣାଭିବତ ନୁହେ ଗୋଚର-ସେ ଇନ୍ଦ୍ରଠାରେ ତୁ ନ ଜାଣିଲୁ ସବୁ ଯାତ କାହିଁକି କରୁଛୁ ମୁଁ ଜାଣି ପାରୁନାହିଁ । ପ୍ରତ୍ୟର୍ଥୀ (ଶତ୍ରୁ) ଦାନବଶତର (ଅସଂଖ୍ୟ ଅସୁରଙ୍କର) ଅହତ ଚେଷ୍ଟାଯୋଗେ (ଅହତ କାର୍ଯ୍ୟ କରିବା ଯୋଗେ) ଜୀମୂତବାହନ-ଇନ୍ଦ୍ର ।

ନଳପକ୍ଷ :—ଅତ୍ୟାଜଲବ୍ଧ-ବିଜୟ-ପ୍ରଥବ-ଅତି ଯୁଦ୍ଧରେ ଯେ ବିଜୟପ୍ରସବ (କୀର୍ତ୍ତି) ଲଭିଅଛି, ନଳ । ନସାମହେନ୍ଦ୍ର-ପୃଥିବୀରେ ଇନ୍ଦ୍ରପରି । ରୁଚି—ଶୋଭା । ତାର ତହିଁ ତୋର ଅଜଣା ଭିବ ନୋହେ ଗୋଚର—ହେ ନଳ-ଠାରେ ପୁଣି ତୋହର ଅଚାହା ଯାତ ? ତୁ କଣ ଚିହ୍ନି ପାରୁନାହୁଁ ? । ପ୍ରତ୍ୟର୍ଥୀ (ଯାଚକ) ମାନଙ୍କଠାରେ, ଦାନବଶତା (ଦାନକାରିତା) ବିଷୟରେ ଅହତ ଚେଷ୍ଟା (କୃତଯତ୍ନ) ଯୋଗେ । ଜୀମୂତବାହନ—ଅତି ଦାତା ଗନ୍ଧର୍ବରାଜ ।

୨୮ ଶ ପଦ :—ଅଗ୍ନି ପକ୍ଷ-ପ୍ରାପ୍ତସୁରେଶାଧ୍ୱ-ରାଜ୍ୟାଭିଷେକ ଯୋଗେ-ଯେଉଁ ଅଧ୍ୱରକୁ (ଯାଗକୁ) ସୁରେଶ (ଇନ୍ଦ୍ରାଦି) ପ୍ରାପ୍ତ (ଅଗତ) ସେହି ଜାଗରେ ଆଜ୍ୟାଭିଷେକ ଯୋଗେ (ଘୃତ ନିଷେକ ଯୋଗେ) । ମହାତେଜାନଳ-ମହାତେଜା ଅନଳ (ସନ୍ଧି) । ଅନ ମନ (ଅନ୍ୟମନସ୍କ) ।

ନଳପକ୍ଷ :—ପ୍ରାପ୍ତସୁରେଶାଧ୍ୱ-ରାଜ୍ୟାଭିଷେକ ଯୋଗେ-ପ୍ରାପ୍ତ ହୋଇଅଛି ଇନ୍ଦ୍ରର ଶାସନ ପନ୍ଥାକୁ ଯେ ରାଜ୍ୟ ତହିଁରେ ଅଭିଷେକ ଯୋଗେ । ମହା ତେଜା-ନଳ-ମହାବଳ ନଳରାଜା । ଅନମନ-ଅବନତ ।

୨୯ ଶ ପଦ :—ଯମପକ୍ଷ—ଚଣ୍ଡି-ହେ କୋପନେ ! ମାରଣବଧ୍ୱ-ବ୍ୟସନୀ-ଜୀବନାଶ ବିଳାସୀ । ଧର୍ମରାଜ-ଯମ । ଦାକ୍ଷିଣ୍ୟସ୍ଥିତ-ଦକ୍ଷିଣଦିଗେ ସ୍ଥାନ । ମହାତେଜା ନଳ-ମହାତେଜା ଅନଳ (ନଳାତିରିକ୍ତ ଅନ୍ୟପୁରୁଷ) । ସହଜ ସ୍ନେହରେ ବରିବୁ କି ତୁ ଏହାକୁ ? ବାଧହୋଇ ସ୍ନେହରେ ବରିବୁ କି ? ନା, ବରଣ ନକର ।

ବରିବୁ ତୁ କି ଏହାଙ୍କୁ ? । ଗୁଚ ଜାଣୁମଣି ଯା ତୋ ଅଟେ ମନକୁ । ୬୯ । ତୋ ପାଣି ପୀଡ଼ନ ବିଧି ବିଷୟେ । ଅନପାଶ ଏତ ଜଣା ଅଶୟେ । ତାଙ୍କ ଚନ୍ଦ୍ରାନ୍ତ ରୁ କଳପ-ଲତା । ହେବୁକରେ ନବବର-ବନିତା । ଭୁବନ ସକଳ ସ୍ଥାନେ ବରର ଏ କେଉଁ-ଲୋକେ ନ ରଖନ୍ତି । ଯାଙ୍କଠାରେ ତୋ ବିରାଗ ହେଲା ଯୁକତ" ? ।୭୦। ଗୃରପଦାରୁ ଅଦେୟ ଅଖଣ୍ଡଳ । ଦ୍ୱିତୀୟେ ଅନଳ ତୃତୀୟେ କାଳ । ଚତୁର୍ଥେ ଜଳାଧୀଶ ସହିତରେ । ନଳ ସମାନଭାବେ ଅଭାବିଲେ । ଏ ଭାବ ବିଗୃର ଭାବନାନିବତା ଭାମିନୀ ହେବାର ଦେଖି । ପୁଣ ଭାରତୀ ଭାଷନ୍ତି,"ଶୁଣ ସୁମୁଖି" ।୭୧। ଇନ୍ଦ୍ରାଗ୍ନି-ଯମପାଶୀ-ଅଂଶଶାଳୀ । ନଳେ ମନ ବଳାଉଛୁ ତୁ ବାଳି । ଏ ଫସଦେ ତାଙ୍କୁ ବରିଲେ ତୁହି । ଶୁଭ ସନ୍ତୋଷ ବେନି ଯିବ ହୋଇ । ସମ୍ପୂର୍ଣ୍ଣ ବରଜି ଇଚ୍ଛୁ ଅଂଶେ ଭଜିବାକୁ ଏ ଯେବେ ଉଚିତ । କି କହିବ ଅଜ ବେଣି ? ଜାଣୁ ସବୁତ । ୭୨ । ଧନି ଏ ଦେବ ନଇଷଧପତି । ନୁହଇ ଜଣା ଏ ତୋତେ ସୁଦତି । ନୁହେ ନଳ ଅଟି ମହା-

---

ନଳପକ୍ଷ.—ଚଣ୍ଡିମାରଣ-ବିଧିବ୍ୟସନୀ-ଭୀଷଣ ଯୁଦ୍ଧକାର୍ଯ୍ୟ କୌତୁକୀ । ଧର୍ମବିଜ-ଧର୍ମରେ ଏକନିଷ୍ଠ । ଏହାଙ୍କ ସ୍ୱଭାବରେ ବ୍ୟବହାର ପ୍ରଣାଳୀରେ) ଦାକ୍ଷିଣ୍ୟ (ଉଦାରତା) ସ୍ଥିତ (ଅଛି) । ସହଜ ସ୍ନେହରେ-ସ୍ୱଭାବ ସିଦ୍ଧ-ଅକପଟ ସ୍ନେହରେ । ଜାଣୁମଣି-ଜାଣିବା ଲୋକମାନଙ୍କରେ ଶ୍ରେଷ୍ଠ । ବିରାଗ-ବିରକ୍ତି ।

୭୦ଶ ପଦ.—ବରୁଣପକ୍ଷ-ତୋ ପାଣିଗ୍ରହଣ କରିବାକୁ ଏ ବରୁଣ ନିଜ ଶସ୍ତ୍ରପାଶ ପରିତ୍ୟାଗ କରିଅଛନ୍ତି । ଏହା ଅଶୟରେ (ଅନ୍ଦାଜରେ) ଜଣାଯାଏ । ଏ ଭୁବନ (ଜଳ) ସକଳ ସ୍ଥାନରେ ବରର ଜଳମଗ୍ନ ବ୍ୟକ୍ତିଙ୍କ ରଖନ୍ତି ।

ନଳପକ୍ଷ.—ଅନପାଶ-ନ-ଅପାଶ (ନିର୍ବାଣ)-ଅଶାନ୍ତ୍ୱିତ । ଭୁବନ-ପୃଥିବୀ । ବିରାଗ—ବିଶେଷ ରାଗ-ବିଶେଷ ସ୍ନେହ ।

୭୨ଶ ପଦ.—ଏ ନଳ ରାଜାହେବାରୁ ଇନ୍ଦ୍ରାଗ୍ନି-ଯମ ବରୁଣାଦି ଦିକ୍‌ପାଳଙ୍କର ଅଂଶ ଏହାଙ୍କଠାରେ ଅଛି । ଏ ସମ୍ଭାରେ ନଳଙ୍କଠାରେ ଦିକ୍‌ପାଳଙ୍କ ଅଂଶ ଅଛି ସତ୍ୟମାତ୍ର ଦିକ୍‌ପାଳମାନେ ସ୍ୱଶରୀରରେ ବର୍ତ୍ତମାନ । ସମ୍ପୂର୍ଣ୍ଣ ଦେବ-ତାଙ୍କୁ ବରଜି ତାଙ୍କ ଅଂଶ ନଳଙ୍କୁ ବରିବା ଉଚିତ କି ? ଦେବତାମାନେ ତୋ ଅଶାସ୍ଥୀ । ତାଙ୍କ ଅଂଶ ନଳଠାରେ ଥିବାରୁ ନଳ ବରଣରେ ସେମାନେ ସନ୍ତୋଷ ହେବେ । କିନ୍ତୁ ସମ୍ପୂର୍ଣ୍ଣ ଦେବତାଙ୍କୁ ତେଜି ତାଙ୍କ ଅଂଶମାନ ନଳଙ୍କୁ ବରିଲେ ସେ କ'ଣ ଭାବିବେ ? ।

୭୩ଶ ପଦ.—ଧନି । ଏ ଦେବ । ନଇଷଧ-ପତି ନୁହଇ । ହେ ସୁଦତି । ତୋତେ ଏକଥା ଜଣା (ବୁଝା) ।

ନଳାଭ । ଚନ୍ଦ୍ର ସ୍ଫୁରିବକର ଛିଣ୍ଡିଲେ ଭାବ । ବରଜନରୁ ଯେବେ କବଜନଟଶାଭଗୀ
ଏ ବରନ୍ତୁ ଅନାଦରେ । ଆଉ କେ ହେବ ତୋ ବର ଏ ଜଗତରେ । ୩୩ ।
ଇନ୍ଦ୍ରାଗ୍ନି ବରୁଣ ଯମ ସହିତ । ଏ ବଚନେ ନଳ ସମେ ବ୍ୟକତ । ଏମନ୍ତେ ଭାରତୀ-
ଉକତ ଶୁଣି । ସେ ବର-ବରନା ତରୁଣୀ-ମଣି । ବାଡ଼ବ-ବୀତହୋଭତାପେ-ତାପିତ
ମକରାଳୟ-ବାଚର । ଶୋଭା ସମ୍ଭାରକୁ ଅଟଙ୍ଗ ବହିଲା ଖର । ୩୪ । ସାଂଖ୍ୟ ନୈୟା-
ୟିକ-ବୌଦ୍ଧ-ଅର୍ହତ- । ମତ ଶୁଣି ଯଥା ବ୍ରହ୍ମେସ୍ୱ ସ୍ତବ୍ଧ । ବ୍ରହ୍ମ-ନିର୍ଣ୍ଣାୟକ ପଞ୍ଚ-
ମତରେ । ସନ୍ଦେହ ବଶେ ଭ୍ରମେ ନିରନ୍ତରେ । ତେମନ୍ତ ସେ ବାଳୀ ଦେବ
ଚତୁଷ୍ଟୟେ ଭ୍ରାନ୍ତହୋଇ ପଞ୍ଚନଳ । ଦେଖି କେ ସତ୍ୟଭଳ ହୁଅଇ ବିକଳ । ୩୫ ।
କଳି ସନା କେତେକାଳ-ଅନ୍ତରେ । ଭବିଷ୍ୟତେ ସନ୍ତାପିବ ନଳରେ । ଦ୍ୱାପର
(ସନ୍ଦେହ) ତର ସହି ନ ପାରିଲା । ଆଗହୁଁ ଦମୟନ୍ତୀକି ଦହିଲା । ନଳ-ଦମୟନ୍ତୀ
ବିବାହ କାହୁଁ ବା ପାରବେ ସେମାନେ ସହି । ତାଙ୍କ ପ୍ରକୃତିତ ସଦା କୁଟିଳ
ହୋଇ । ୩୬ । ଦମୟନ୍ତୀକି ପଞ୍ଚନଳ ଯୋଗେ । ଉତ୍କଣ୍ଠିତା କର ବିଭିନ୍ନବାଗେ ।
ପଞ୍ଚନଳରୁ ଦମୟନ୍ତୀ-ପାଇଁ । ପ୍ରତ୍ୟେକଙ୍କୁ ସମ୍ମୋହିତ କରାଇ । କଲା ଆରମ୍ଭ ଦର୍ପକ
ଦର୍ପତହିଁ ସଫଳ ପଞ୍ଚଶାୟକ- । ନାମ ନିଜର ଏମନ୍ତ ଜାତ ବିତର୍କ । ୩୭ । ନଳରୂପ-
ଧାରୀ ପଞ୍ଚଅମର- । ବରଙ୍କୁ ବରଜ ବଧୂଧେଶ୍ୱର- । ସୁତା ସୁନ୍ଦରପଣେ ବଶହୋଇ ।
ନଳଙ୍କୁ ନଥିଲା ହୃଦୟ ଦେଇ । କାଠାରେ କାହାର ସ୍ନେହ ସମ୍ଭବଇ ତା'ର କାରଣ
ବୁଝିଲେ । ପୂର୍ବଜନ୍ମ-କର୍ମ ଏକା ପ୍ରମାଣ ଭଲେ । ୩୮ । ବିଷ୍ଟୁରେ ନୃପଜା କାହିଁ-
ମରାଳ । ତାକୁ ପୁଚ୍ଛିଲେ ହୁଅନ୍ତା ମଙ୍ଗଳ । ପୂର୍ବପର ତାର ବଚନ ସ୍ମରି । ପାରନ୍ତ
ନାଥକୁ ନିଶ୍ଚୟ କରି । ଏମନ୍ତେ ସୁରମରାଳ-କଥା ଚିନ୍ତାକରେ କୁଟିଳ-କୁନ୍ତଳା ।
ସେହିକଥା ତା ମାନସେ କରଇ ଖେଳା । ୩୯ । ପ୍ରତ୍ୟେକ ନଳକୁ ଅତି ଆଗ୍ରହେ ।
ବାର ବାର କରି ଅବଳା ଗୃହେ । ତଥାପି ଇତର-ବିଶେଷ କାହିଁ । କିଛି ତା
ନୟନେ ପଡ଼ଇ ନାହିଁ । ନାନା ସଂଶୟ କ୍ଷଣକେ ଜନ୍ମେ ଚିତ୍ତେ କ୍ଷଣକେ ହୁଅଇ
ହତ । ଭଳି ଭଳି ଚିତ୍ତ ହୋଇଗଲା ଉନ୍ମତ୍ତ । ୪୦ । ଭାବଇ 'ବେଦନଶଣି
ହୁଏ ଦେଖି । ଦିଶେ ତେମନ୍ତ ସଙ୍କୋଚଲେ ଆଖି । ମିଥ୍ୟାପ୍ରତି-ବିମ୍ବଭ୍ରମ-

ଦେବପକ୍ଷ:—ଏ ନଳନୁହେ । ଅତି ମହା (ଅତି ତେଜୀୟାନ୍) ନଳାଭ
(ନଳପର ଆକାର ବିଶିଷ୍ଟ)

ନଳପକ୍ଷ-ଯଥା-ଏ ଦେବ (ରାଜା) ନଇଷଧ-ପତି ଅଟନ୍ତି । ହେ ସୁଦତି ! ଏ
ତୋତେ ଜଣା ନୁହଇ ? ତୁ କି ଏହା ଜାଣିପାରୁ ନାହୁଁ ? । ନୁହେ ନଳ
ଅତି ମହାନଳାଭ-ଏ ନଳେ ଯେବେ ତୁ ପ୍ରକୃତ ନଳବୋଲି ନ ବରୁ
ତେବେ ଅତି ମହାନ୍ ଅଲାଭ (କ୍ଷତି) ହେବ ।

ନିମିତ୍ତ । ହେତୁ ପୁରୋବର୍ତ୍ତୀ ସ୍ୱଚ୍ଛ ପଦାର୍ଥ । ଅତଏବ ଏ ଏକାଦଳେ ହୋଇଲା
ପଞ୍ଚନଳ-ଭ୍ରାନ୍ତ ମୋର । ନ ମିଳଇ ତ କାରଣ କିଛି ଏହାର ।୪୧। ସେ ତ ବିଳାସୀ
ପରିହାସ-ପ୍ରିୟ । ପରକାଶେ ଅବା ଅନେକ-କାୟ । ପରିହାସ କରି ଛନ୍ତି ମୋରେ ।
ବିଜ୍ଞାନ ଯତନେ ଯଣ୍ଡା ସେ ବେଷ୍ଟିରେ । ଭୁବଗ-ହୃଦୟ ବାରବାର ବିଦ୍ୟା ପରି ବା ଏ
ଇନ୍ଦ୍ରଜାଲ ।-ବିଦ୍ୟା ହୋଇଥିବ ତାଙ୍କ ଅଧିତ୍ତ ଭଲ ।୪୨। ଏ ଏକା ନଳ ହୋଇଥିବେ
ଅବା । ନିଶ୍ଚୟ ଆନଜନ ପୁରୁରବା । ଫୁଲଶର ହୋଇବ ବା ଅପର । ଅନ ବେନିଙ୍କ
ଅଶ୍ୱିନୀକୁମାର । ଅସମ-ସୁଷମା-ଶେଷ-ସୀମା-ଯୋଗେ ସର୍ବେ ସମାନ ଦିଶନ୍ତି । ତେଣୁ
ପ୍ରତ୍ୟେକେ ଜାତ କି ମୋ ନଳଭ୍ରାନ୍ତି । ୪୩ । ପୂର୍ବେ ଯେବେ ବିରହ-ବେଦନା ।
ନୋହୁଥିଲା ସହ ସେ କାଳେ ସିନା । ଯେଣିକି ଚାହିଁଲେ ତେଣେ ଜୀବନ-ଧନ ନଳ
ଦେଉଥିଲେ ଦର୍ଶନ । ପୁଣି କି ସେ ଦଶା ଆସି ମୋ ହୋଇଲା ଏ ମହାସଭାମଧ୍ୟରେ ।
ଦିଶେ ପଞ୍ଚନଳ ଏବେ କାହିଁ ନୋହିଲେ ।୪୪। ଅତ ଭ୍ରାନ୍ତ ଏଥି ଗଲି ମୁଁ ହୋଇ ।
ଅଳୀକ ଆଶଙ୍କା କରେ କିପାଇଁ । ସୁନାସୀର ବୈଶ୍ୱାନର ଭାସ୍କର ।-କୁମର ବରୁଣ
ସୁର ଚତୁର । କପଟେ ହୋଇଛନ୍ତି ନଳ ସେ କଥା ସଖି ବଚନେ ପ୍ରକାଶ । ତା'ର
ଗିର ସେ ପ୍ରତ୍ୟେକେ କରନ୍ତି ସ୍ପର୍ଶ । ୪୫ । ଏ ମୋ ମୋହକାସ୍ତ ସୁର ଚତୁରେ ।
କଳିବ ନଳଙ୍କୁ କେଉଁ ପ୍ରକାରେ । ସୁରନରଙ୍କର ପାର୍ଥକ୍ୟ କିଛି । ମାଳ ତ ମୋ
ନୟନେ ନ ପଡ଼ୁଛି । ଭୂଇଁ ନ ଛୁଇଁବା ଆଦି ଚିହ୍ନମାନ ବୃନ୍ଦାରକମାନଙ୍କର ।
ହେଲାଣିକି ଲୋପ ପାପକର୍ମକୁ ମୋର । ୪୬ । ଦିଗପାଳଙ୍କୁ ବା ନଳ ମାଗିବି । ତାଙ୍କ
ପାଇଁ ତ ଥାଏ ତାଙ୍କୁ ସେବି । ସେ ସେବା ମୋର ହେଉଛି ବିଫଳ । ଅବା ହରପର-
ଶୋଷଣ-ଶର ।-ଘାତେ ସୁରହୃଦ-କରୁଣାନଦୀ-ରସ ସର୍ବ ଅଛି ଶୁଖି । ଖାଲି ଖାଲ-
ଅଛି, ମାଗିବି ବା କାହିଁକି ? । ୪୭ । ନଳ ଛଡ଼ିବ ଅଦେ ଦିଗପାଳେ । ଅଛବନ୍ଧୁ,
ଗୁଣବନ୍ତ ସକଳେ । ଅନ୍ଧକୂପରୂପ ମୂର୍ଖ-କର ।-ଗତ ହେବା ସାର ପୋଥି ପ୍ରକାର ।
ତୁମ୍ଭର ସେ ପର-ଉପକାରବ୍ରତ କିପାଇଁ ବା ହେଲା ଲୋପ । ଏଥି ଫଳିଲା କି ମୋର
କରମ ପାପ । ୪୮ । ବିଧାତା ଯା ଭାଲପଟେ ଯେପରି । ଥାଏ ଲହି ତାହା ଫଳେ
ସେପରି । ତାକୁ ତା ଅଯୋଗ୍ୟ ହୋଇଲେ ତହିଁ । ବହଇ, ଯୋଗ୍ୟକୁ ବରଜି ଦେଇ ।
କି ଉପାୟ ଅବା ଏବେ କରିବି ମୁଁ ବୁଦ୍ଧି ତ ଦିଶଇ ନାହିଁ । ହିମେ କମଳ ମରେ
ଅତପେ ଫୁଟଇ । ୪୯ । ଏ ସତ ଦେଖି ଭାବୁଛି କେବଳ । ଫଳୁଅଛି ମୋର
ଅଭାଗ୍ୟ ଫଳ । କଳ୍ପଦ୍ରୁମକୁ ମାଗିଲେ ଏକାଳେ । କରି ସଙ୍କୋଚ ଦଳାଙ୍ଗୁଳିଯାଳେ ।
ଦେବ ନିଶ୍ଚେ ମୁଷ୍ଟିବଦ୍ଧ କରି ଶାଖାକରକୁ ସେ ଅବଲମ୍ବେ । ଏହା ଥିଲା ଭୋଗିବାକୁ
ଭାଗ୍ୟେ ମୋ ଏବେ । ୫୦ । ସଖୀ କରେ ଅବା ବରଣମାଳ । ବୀରସେନ-ସୁତ ନଳ
ଗଳାର । କେବଳ ଦେବୁଛି ବୋଲନ୍ତି ମୁହିଁ । ତେଣେ କି ରହିବ ଦୋଷ ନ ହୋଇ ।

ତୃଣ-ତୁଚ୍ଛ ସ୍ୱାର୍ଥ ପାଇଁକ ଅମର-ବରଙ୍କ ଶ୍ରେଷ୍ଠ-ବନ୍ଧିରେ । ଦେବ ସଖୀକ ପକାଇ କେଉଁ ବିଗ୍ରହରେ ।୫୧। ଏ ପଞ୍ଚ ମଧ୍ୟେ ଯେ ପ୍ରକୃତ ନଳ । ହୋଇଥିବ ସେ ଏ ବରଣ ମାଳ । କରୁ ଗ୍ରହଣ ମୋ ବରଣ ପାଇଁ । ଏମନ୍ତ ବୋଲି ବା ଦଅନ୍ତ କହ । ଅନାଇ ଥିବେ ଜଗତଜନ ତହିଁ ଲାଜ ବରଜ କେମନ୍ତେ । କହ ପାରିବ କି ଏତେ କଥା ଏମନ୍ତେ । ୫୨ । ଅନ ନଳରୂପେ ଭୂଲ ଦେଖିଲେ । ଶେଷ ନଳେ କମ୍ପେ ମୋ ମନ ବଳେ । ଅନୁପ୍ରାସରେ ପ୍ରଥମ-ଚରମ-ଅକ୍ଷରେ ଯଥା ଶେଷ ମନୋରମ । ତେମନ୍ତ ଏ ପଞ୍ଚ ନଳ ମଧ୍ୟେ ଶେଷ ମନୁଷ୍ୟେ ରସେ ମୋ ମନ । ହୋଇବେ କି ଏ ନୈଷଧ ଦେଶ ରାଜନ । ୫୩ । ଏମନ୍ତେ ଚିତ୍ତେ ଯେତେ ଶଙ୍କା ଜାତ । ବିସ୍ତର ବିସ୍ତର ତାହା ଭୂତ !-ସ୍ମୃତା ବରଜଇ, କଞ୍ଚ ନିଷ୍ଠୁର । କରି ନ ପାରଇ ସ୍ଥିଏ ଅଥିର । ଧରିତାପେ ମୂର୍ଚ୍ଛୁ ଅନଙ୍ଗ ଶୁଖିଲା ଢଳିଗଲା ସେ ଏମନ୍ତ । କିଏ ଶଶାଙ୍କ ସବିତା-ଯନ୍ତ୍ରାପେ ବ୍ୟସ୍ତ । ୫୪ । ଶ୍ରୀ ଯାର ମାମଣ୍ଡ ଦେବୀ ନନ୍ଦନ । କବିରାଜ-ରାଜ-ଶିରରତନ । ଶ୍ରୀ ହର୍ଷଙ୍କର ସାଧୁ ସନ୍ତନକ । ପଦ ସନ୍ଦୋହକୁ ବିସ୍ତର ଠିକ । ଅଧମ ଗୋପୀନାଥ କବେ ରଚନ ନ ଧର କୋବିଦେ ଦୋଷ । ଛନ୍ଦ ତ୍ରୟୋଦଶ ଅପି ହୋଇଲା ଶେଷ । ୫୫ ।

ଚତୁର୍ଦ୍ଦଶ ଛାନ୍ଦ ।

ରାଗ ଶଙ୍କରାଭରଣ ।

ଏଥୁଅନ୍ତେ ନଳପ୍ରାପ୍ତି ପାଇଁ ଦମୟନ୍ତୀ କଲା ଅମର ଚତୁରେ ଆରାଧନା ସ୍ତୁତ ।
କାମଧେନୁ ଯଥା ସୁରେ ।
ତଥା ଦେବପୂଜା ବାଞ୍ଛା ପୂରାଏ ମର୍ତ୍ତ୍ୟରେ । ୧ ।

ପ୍ରଦକ୍ଷିଣ-ଥଳବାଳ ବିଲେପନ-ଧୂପ । ଅବରଣ-ଅମୃତେକେ କଳପପାଦପ- । ପରି ଅମରେ ମୋଦରେ । ଇଷ୍ଟ ମିଷ୍ଟ ଫଳ ଦେଇଥାନ୍ତି ଭକତରେ । ୨ । ନମୋ ନମ କହ ନାମ ଉଚ୍ଚାରି ଅମରର । ପ୍ରତ୍ୟେକେ ବନ୍ଦିଲା ବାଳା ଅତି ଭକତରେ । ଦେବେ ବିଶ୍ୱାସୀ ଲୋକର । ହୁଏ ଦେବ-ନମସ୍କାର ସର୍ବସିଦ୍ଧି-ମୂଳ । ୩ । ସର୍ବ-ବ୍ୟାପୀ ଦେବଗଣେ ଧ୍ୟାନବଳେ ଚିତ୍ତେ । ଦେଖିଲା ଯା ବାଳା ସେ ଦର୍ଶନ ବାଞ୍ଛା-ପ୍ରାପ୍ତେ । ହେଲା ପ୍ରତିଭୂ ପରାପ୍ତେ । ପ୍ରତ୍ୟକ୍ଷୀଭୂତ ଦେବତା ବର କି ନ ଦିଏ ? ।୪। ବିପୁଳରେ ସଜ୍ଜନେ ଦେଖୁଛନ୍ତି ବସି । ବୃନ୍ଦାରକେ ଅଭ୍ୟର୍ଚ୍ଚନା କଲା ଶୁଭ୍ରକେଶୀ । ହେଲେ ଏମନ୍ତେ ପୂଜିତ । ସୁମନାଏ ସୁମନେ କରନ୍ତି ବାଞ୍ଛା ସାର୍ଥ । ୫ । ବିଶଦ ସୁଖଦ

ମୃଦୁ ସୁଘଟ ସୁନ୍ଦର । ଷଟ୍‌ପଦ-ସମନ୍ୱିତ ନବରସଭର । ଗୀତ-ସୁମନ-ସ୍ତବକେ । ଭକ୍ତିଭରେ ଅର୍ପିଥିଲା ବାଳା ବୃନ୍ଦାରକେ । ୬ । ସ୍ୱୟଂତୁଷ୍ଟ ଦେବଗଣ ଏ ଅଭ୍ୟର୍ଚ୍ଚନାରେ । ଦେଖି ଅବଳା ଭକତ ହରଷ ହୋଇଲେ । ଜଳ ଅର୍ପିବା ପାବକ । ରଖେ ବା ଅପେକ୍ଷା ମୁକ୍ତ-ମରୁତେ କେତେକ । ୭ । ଲଭି ରମା ଏମନ୍ତେ ଅମର-ପ୍ରସାଦନ । କଲା ସରସ୍ୱତୀ ଉକ୍ତି-ଚତୁକ ସ୍ମରଣ । ହସ୍ତେ ନ ଦିଅନ୍ତି ଦେବେ । ତାଙ୍କ ପ୍ରସାଦେ ସୁବୁଦ୍ଧି ପ୍ରସରଇ ସବେ । ୮ । ନଳେ ଲକ୍ଷ ପ୍ରତିରୂପେ ଦେଖି ଯେଉଁମାନ । ଭାଷିଲେ ତା ପ୍ରତିରୂପେ ନୁହଇ ସମାନ । ବାଳା ଏ ତର୍କ ସେ କାଳେ । ନ ପାରିଥିଲା ବିଚାରି ବାଉଳା ଏକାଳେ । ୯ । ଚତୁର-କଳୁଷ ପରି ପଞ୍ଚ ପଞ୍ଚ ପଦ । ଅଣ୍ଡୁଛନ୍ତି ଇନ୍ଦ୍ରାଦି ଚତୁର ବିବୁଧ । ନଳେ ଯଥା ସ୍ୱରଦଶ । ବର୍ଣ୍ଣ ତଥା ସନ୍ଦର୍ଭ ବୁଝିଲା ବାଳୀଶ । ୧୦ । ଚାହିଁ ନଳଙ୍କୁ ପ୍ରମଦା ପ୍ରମୁଦିତ ଅତି । ହେଜିଲା ଭାରତୀ ଭାଷିବାର ଚନ୍ଦ-ସ୍ତୁତି । ଚନ୍ଦ୍ରାସାଗର-ସଞ୍ଚାରୀ ।—ମାନସମୀନେ ଏମନ୍ତ ଭାଷିଲା କଣୋଧ୍ୱୀ । ୧୧ । ନିଶ୍ଚୟ ଏ ବାଗୀଶ୍ୱରୀ, ନୋହିଲେ କି କେହି । ପାରନ୍ତା ଗିରେ ଏ ଚନ୍ଦ-ସ୍ତବ ବିକଶାଇ । ଶ୍ଳେଷଗିରେ ଦଇବତେ । ତୋଷି ଦିଶେଣି କହିଲେ ନିଷଧେଶେ ମୋତେ । ୧୨ । ମୋରେ ଅନୁଗ୍ରହ ବିଶେଷିବା ପାଇଁ ନଳେ । ଗୃହ ଗୃହ ପଦେ ଦେଖି ଗିରହାର କଲେ । ଅଗ୍ରଯୁଗେ ସ୍ୱର୍ଷ୍ଟିନଳ । କି ମୋହେ ହୋଇଲି ମୋହ, ନୋହିଲା ଗୋଚର । ୧୩ । ଏ ଯେ ପଦେ କରୁଛନ୍ତି ଭିନ୍ନାର୍ଥ ପ୍ରକାଶ । ଏ ଏକା ଭାରତୀଦେବୀ-କବିତ୍ୱବିଳାସ । ହୋଇଲେହେଁ ଭିନ୍ନ ରୂପ । ନଳାକୃତି ବହୁଛନ୍ତି ଏ ଦେବକଳାପ । ୧୪ । ଜନ୍ମସୂଚିତ-ଇନ୍ଦ୍ରାଦି-ବର୍ଣ୍ଣନେ ଏ ମୋତେ । ଅନୁମୋଦିଲେ, ପେଷିଲେ ପ୍ରାଣେଶ-ପୁରତେ । କି ସୁନ୍ଦର ସୃଷ୍ଟିକ ଚିର । ହୋଇଲା କେଡ଼େ ପ୍ରମୋଦ ସେ ସମସ୍ତେ ମୋର । ୧୫ । ପରଦାର ବିଗ୍ରହ ଧରନ୍ତି ସୁରବରେ । ନ ଛୁଇଁବାର ଦେଖିଲା ବାଳା ସେ କାଳରେ । ଏକା ଏକାଳେ ଦେଖିଲା । ନିଜପତି-ନଳପଦ କ୍ଷିତି ଛୁଇଁଥିଲା । ୧୬ । ଅମରେ ନିମେଷପାତ ନ ଦେଖି ନୃନାଥ ।—ନୃନାଥେ ଦେଖିଲା ବାଳା ସତେ ସେ ଯେମନ୍ତ । ବାରମ୍ବାର ପଡ଼ ପଡ଼ । ଠାର ଡାକୁଥିଲା ଅପ ଯାଅ ଏଥି ଜଡ଼ । ୧୭ । ସୁର-ଶରୀରେ ବସୁଧା-ରଜ ସୁଧା ନାହିଁ । ନରେଶ-ଶରୀରେ ତାହା ବାଳୀଶ ଦେଖଇ । କ୍ଷିତିପତି-ଅପଘନେ । କ୍ଷିତିଅଙ୍ଗରାଗ ଲାଗିଛି କି ଆଲିଙ୍ଗନେ । ୧୮ । ସ୍ୱଦେହ-ବିରହତାପ-ବିକାଶକ ଘର୍ମ । ରାଜେ ନଳ-ହେମଗାତ୍ରେ ଶ୍ୱାସାଙ୍କୁର ସମ । ବୃନ୍ଦାରକଙ୍କ ଶରୀରେ । ନ ଦେଖିଲା ରମାବର ସେ ସ୍ୱେଦସଲିଳେ । ୧୯ । ସୁରଗଳେ ଅମ୍ଳାନମାଳିକା ଦେଖେ ବାଳୀ । ନଳଗଳେ ମ୍ଳାନ ତାହା, ସେ କି ଭାଳ ଭାଳି । ଯାଇ ଅଛଇ ମଉଳି । ଏ ମୃଦ୍ୱୀଲାଭେ ଏ ମୋତେ ଦେଜିବ କି ବୋଲି । ୨୦ । ନଳରୂପ ବହିଲେହେଁ ତାହାଙ୍କ ଶରୀର ।—ଛାୟା ଲଭିମାନ ନାହିଁ ଅମରଙ୍କଠାରେ । ଏତେ

ଦେଖାଇ କି ଥାଇ । ପଡଥିଲା ନଳଙ୍କର ଦେବେ ଯାହା ନାହିଁ । ୨୧ । ପୂର୍ବେଁ ଜାତ
ନଳଜ୍ଞାନ ଏ ଦେବସମୂହେ । ହୋଇଲା ବାଳାର ହୃଦ୍ଗତର ଅତିଶୟେ । ହେଉ ଏ
ଚିହ୍ନ ବ୍ୟକତ । ବୁଝିଲା ବାଳା ଏ ଦେବ ପ୍ରସାଦ ଜନିତ । ୨୨ । ନଳେ ମାଳା
ଦେବାକୁ ବାଳାକୁ ସମ୍ଭରର । କଲା ଦ୍ୱିଗୁ, ଲଜ୍ଜା ଏକା ଦେଲା ତାକୁ ବାର । ଏ
ଦେବଙ୍କ ଅନୁରୋଧ । ଏଡ ନ ପାରଣ ବାଳା ହୋଇଲା ସ୍ତବ୍ଧ । ୨୩ । ପ୍ରିୟତମ
ନଳ-ଗଳେ ଦେବାପାଇଁ ମାଳ । ଅତିସ୍ନେହେ ବନ୍ଧୁଯତ୍ନ କଲା ବରବାଳୀ । ସ୍ତମ୍ଭକମ୍ପା-
ବେଳ ବଶେ । ନ ଥିଲା କର୍ମ ତା କରେ ସେ ସମୟେ ଲେଶେ । ୨୪ । ଅବଲମ୍ବି
ଚନ୍ଦ୍ରବଂଶ-ଛନ୍ଦ ଭୂପନଳେ । ଥିଲା ଯେମା ମନ ତାକୁ କାମଲାଜ ଗେଲେ । ଖେଳାଉଣ
ଥିଲେ ଦୋଳ । ସେ ଚରିତ୍ରସ୍ଥିତ ଶୃଙ୍ଗାରେ ଗଲା ବୁଦ୍ଧିମିଳ । ୨୫ । ମାଳାଧାରୀ
ଜେମାକର ନଳପାଶେ ଯାଇ । ଅର୍ଦ୍ଧପଥୁଁ କି ବହୁର ପୁଣି ବାହୁଡ଼ଇ । ଅତି ଚଞ୍ଚଳ
କଟାକ୍ଷ । ପ୍ରିୟମୁଖେ ଅଧେ ଯାଇ ଫେରଇ ପ୍ରତ୍ୟକ୍ଷ । ୨୬ । ଅଗ୍ରେ ବାଳାଚିତ୍ତ
ଯାଇଥିଲା ନଳେ ମିଳ । ନ ପାରୁଥିଲା ନୟନ ଏକା ତହିଁ ତୁଳ । ନେତ୍ରେ ମନ୍ଦାକ୍ଷ
ଥିବାର । ପ୍ରବାଦକୁ କଲା ବାଳା ସେକାଳେ ସଫଳ । ୨୭ । କଷ୍ଟେ ସୃଷ୍ଟେ ପ୍ରିୟମୁଖେ
ଅନାଇଁ କୁଣ୍ଠିତ । ହେଲା ଲାଜେ ବ୍ୟସ୍ତବ୍ୟସ୍ତ ସେ ବର-ଯୋଷିତ । ବାଣୀବନ୍ଦନ-
ଶଶାଙ୍କେ । ଲାଜେ ଅଳପ କଣାଇ ଅନାଇଁଣ ଶଙ୍କେ । ୨୮ । ବାଳୀମନ କଳିଲେହେଁ
ନ ଜାଣି ପର । ଭାଷନ୍ତି ଭାରତୀ, "ଅଗୋ ଶୁଣ ସୁକୁମାର । ଏ ଯେ ଅତି ଲାଜ
ତୋର । ତୋ ହୃଦବାଞ୍ଛା-ବଞ୍ଚନେ ସାଧେ ବାଦ ମୋର" । ୨୯ । ଲାଜେ ବାଳା
'ନଳ' କହି 'ନ' ମାତ୍ର କେବଳ । ଶୁଭ ଦେବୀ ଶ୍ରବଣେ ନ ଶୁଭିଲା ଅପର ।
ଅଙ୍ଗୁଳିକ ଅଙ୍ଗୁଳିରେ । ଛନ୍ଦ ଶିର ଲୁଆଇଁଲା ବାଳା ଲାଜଭରେ । ୩୦ । ଏତେ ଶୁଣି
ହସି ବାଣୀ ଧରି ବାମାକର । ଇନ୍ଦ୍ରଥିବା ସ୍ଥାନେ କରୁଁ ପସ୍ତର-ହସ୍ତର । ତେତେ-
ବେଳେ 'ବାମା' ନାମେ । କଲା ସାର୍ଥ ଜେମା ପ୍ରତିକୂଳ-ଆଚରଣେ । ୩୧ । ସ୍ୱର୍ଗଲକ୍ଷ୍ମୀ
ଇନ୍ଦ୍ରପାଶେ ଚଳିବାର ବାଳୀ । ତ୍ରୈଲୋକ୍ୟ ଈର୍ଷାବଶେ ଯାଉଥିଲେ ଜଳି । ଇନ୍ଦ୍ରୁଁ
ଫେରନ୍ତେ ଅବଳା । ଲାଜେ ସୁରଲକ୍ଷ୍ମୀ ମୁଖ ଗଲା ପଡ଼ି କଳା । ୩୨ । ଭାଷନ୍ତି ଭାରତୀ
"ରେ ନବୀନା 'ନ' ମାତର । ଶୁଣିଛନ୍ତି ଆଉ କନ୍ଦନାହୁଁ କପା ଗିର" । କାମଲାଜେ
ହୋଇ ଦଳ । ନେତ୍ରେ ମାତ୍ର ଦେଲାଠାରୁ ନଳେ ନବବାଳୀ । ୩୩ । ଅପସରି
କରେ କର ମାରଣ ଅମରେ । ନୃପଜାକୁ ଉପହାସ କରିବା କାଳରେ । ନେଇ
ବାଳୀଙ୍କ ଭାରତୀ । ସୁର-ନର-ମଧ୍ୟେ ପଥେ କଲେ ଦୁର୍ଗାମୂର୍ତ୍ତି । ୩୪ । ବାରିଲେହେଁ
ବାଣୀ ବାଳା ନଳପାଶେ ଚଳେ । ଧୀରେ ଧୀରେ ତା ବିଲୋକ ଭାରତୀ
ସତ୍ୱରେ । ସୁରସମୀପେ ନେବାକୁ । ଅର୍ଦ୍ଧପଥରୁ ଆଗ୍ରହେ ବଳାତ୍ତ ବାଳାକୁ । ୩୫ ।
ବାରୁଥିଲେହେଁ ଅଳଏ ହୁଁ ହୁଁ ରବ କରି । ମୁଖ-କମଳକୁ ଅବଗୁଣ୍ଠିତ କରି ବାଳୀ ।

ଭୁଜବନ୍ଧ ସ୍ତବତର । ତେଜେ ବର-କରପାଶେ ନଟବାଞ୍ଛା ପ୍ରକାର । ୩୬ । ଦେବେ
ଅଭିମୁଖୀ ନ ହୋଇବାର କାଳର । ଦେଖି ଭାରତୀ ଭାଷନ୍ତି ସ୍ମିତ-ପୂର୍ବ ଗୀର ।
“ଅରେ ଶଶିଜିତ ମୁଖି । ମୋଠାରେ ମଧ୍ୟ କି ଶଙ୍କା ଲେଶ ଅଛି ରଖି ? ।୩୭। ଦେବେ
ନ ପ୍ରଣମି ତାଙ୍କ ନ ଘେନ ଆଦେଶ । ସ୍ୱରଚେଷ୍ଟେ ପଡ଼ ନଳେ ବରିବାକୁ ଅଶ ।
ବଳାଇଛୁ ତୁ ବାଳଣ । ଏହାକ ହେଲା ଉଚିତ ଚିତ୍ତେ ଚନ୍ତ ଚଳେଶ” ।୩୮। ଏତେ
ଶୁଣି ବାଳାମଣି ହୋଇଲା ହରଷ । ପାଣି ଧରି ବାଣୀ ତାକୁ ନେଲେ ଦେବପାଶ ।
ତହିଁ ପ୍ରଣମାଇଁ ଜବ । କ୍ଷାଷନ୍ତି “ଦେବେ ଏ ଭକ୍ତା ଦୟାପାତ୍ରୀ ତବ ॥ ହେ ଦେବେ
ତୁମ୍ଭେ ଅନେକ ଏତ ମହାସତ୍ତା । ଅନ-ଅପମାନ୍ ଏକେ ନବରେ ସ୍ପୃହତ୍ତା । ତୁମ୍ଭ ସର୍ବ
ଅଂଶଶାଳୀ ।—ନଳେ ବରଣେ ସସ୍ପୃଗ ବହିଅଛି ବାଳୀ । ୪୦ । ପୂର୍ବେ ପଥେ ନଳ-
ଗଳେ ଦେଇ ମାଳ ବାଳୀ । ଅଛି ବର ଅଲଙ୍ଗନେ ସମ୍ଭୋଗ ତ ସର । ଅଉ କେଉଁ
ଭିଷୟରେ । ବାଧା ଦେବାକୁ ଯତନ ଏତେ ହେ ଅମରେ ? ।୪୧। ବର୍ଣ୍ଣିଆଶ୍ରମ ଅଗ୍ରେ
ପଥୁଁ ପ୍ରଜା ଭୁଲେ । ଅସ୍ଖଳିତ ନଳେ ତୁଷ୍ଟ ହୋଇଛ ତ ସୁରେ । ତାଙ୍କୁ-ଅନୁଗ୍ରହିବାକୁ ।
ଏରୂପେ ହୋଇଅଛ ନା ଆଗମ ଏଥକୁ” । ୪୨ । ଦେବୀର ଏ ଗିର ଶୁଣି ହାସ୍ୟେ
ପ୍ରସ୍ଫୁଟିତ । ହେଲା ଅଧର ସୁରଙ୍କ; ନେତ୍ରାନ୍ତ୍ୟେ ଇଙ୍ଗିତ । କରି ଦେଲେ ଅନୁମତି ।
ତହୁଁ ନେଲେ ନଳପାଶେ ବାଳୀକ ଭାରତୀ ।୪୩। ଲଜ୍ଜା-ଜଡ଼ଗାତ୍ରୀ ନୃପପୁତ୍ରିର ସେ-
କାଳେ । ମଧୁକମାଳା-ଶୋଭିତ କରକୁ ସଳାଳେ । ବାଣୀ ନଳଗଳ-ପାଶ । ନେଲେ;
ଯା ଗୃହକେ ଶନ୍ୟ ନୋହିଲା ବଶ୍ୟାଶ । ୪୪ । ନିଜ-ଲକ୍ଷିତ ସ୍ୱୀକାର-ପକ୍ଷ-ସମସର ।
ଦୁର୍ବାଙ୍କୁର-ମିଶ୍ରିତ ମଧୁକ-ପୁଷ୍ପମାଳ । ବାଳା ନଳ-ଗଳେ ନେଇ । ଦେଲା ଲମ୍ବାଇଣ
ଲାଜେ ନମିଳତା ହୋଇ ।୪୫। ଶୃଙ୍ଗାର-ଶ୍ୟାମ ଶ୍ୟାମଳ-ଦୁର୍ବାରେ ମଞ୍ଜୁଳ । କୁସୁମ-
ଶର କାମର ପାଶ-ସମତୁଳ । ସେ ମାଳକୁ ମସ୍ତୀପତି । ଲମ୍ବାଇଲେ ଗଳେ ଅତି ହର-
ଷିତ ମତି ।୪୬। ଦୁର୍ବାର ପରଶେ ନୃପ ଗାତ୍ର ପୁଲକିଲା । ସେ ପୁଲକେ ସୁମନସ ମାଳା
ଉଲ୍ଲସିଲା । ଦେଖି ଏହା ନବବାଳୀ ।—ମାନେ ମୁଖ ପୋତି ମାନେ ଗୃହେଁ ନେତ୍ର
ଢ଼ାଳି ।୪୭। ନଳ-ନିର୍ମଳ-ହୃଦୟେ ଦୁର୍ବାମିଶ୍ରମାଳା । ଲମ୍ବି ନିଜ ପ୍ରତିବମ୍ବ ତହିଁ ଖେଳା-
ଇଲା । ଦେଖି ଆଯଇ ମତିକି । କାମଶର ଅଧେ ଗଳ ଅଧେ ବଳଛି କି ।୪୮। ପୁର-
ନାରୀଏ ‘ମଙ୍ଗଳ’ ଗାଉଥିଲେ ତହିଁ । ଅନନ୍ଦ ଗଦ୍ଗଦେ ବର୍ଣ୍ଣ ଅଧେ ନୁହେ ଗାଇ ।
ଗୀତ ମଧ୍ୟେ ହୁଳହୁଳି । ଦେଉଥିଲେ ଜିହ୍ୱାଜାଡ୍ୟ ଛାଡ଼ିବ କି ବୋଲି ।୪୯। ବାଳ-
ଭାବବଶେ ସର୍ବଗ୍ରେମ ଅବଳୀର । ବର-ଶ୍ରୀ-ଲୋକନେ ହେଲେ ଉନ୍ମୁଖ ସତ୍ୱର । କଲେ
ଗ୍ରୀବା ଉତ୍ତୋଳନ । ଅଜଣା ଲୋକେ ବୋଲନ୍ତି ତାକୁ ରୋମାଞ୍ଚନ ।୫୦। ରୋମାଞ୍ଚିଲା
ରମ୍ୟାଧାର-ରମା-ସର୍ବ-ଅଙ୍ଗ । ହେଲା ଦନ୍ତୁରିତ ଗାତ୍ର ସତେ କି; ଅନଙ୍ଗ ।—ଶର-
ସାଧନ-ବେଦିକା । ଲକ୍ଷଦଣ୍ଡ-ଶୋଭା ବହୁଛତି ସେ ବାଳିକା ।୫୧। ପୂର୍ବଭାବ ସକଳ

ବାଳାର ହେଲା ଲୋପ । ହେଲା କି ଏମନ୍ତ ବାଞ୍ଛବାରୁ କାମଲୋପ । ଅବା କଳ ବାଣୀ-ଚନ୍ଦ୍ର ।—ଲାଭେ ତାଠାରୁ ତା ମାଗିଥିଲା କ୍ଷଣେ ମାତ୍ର ।୫୨। ମାଳାସ୍ପର୍ଶେ ନଳ କରେ ଯେଉଁ ଉସ୍ୱେଦୋଦକ । ଜାତ; ଭବିଷ୍ୟ ବିବାହୋତ୍ସବେ ହସ୍ତୋଦକ ।- ବତ ନୃପ-କରେ ତାହା । କରାଇଲା ଅଗ୍ରୁ ତା ଚତୁର ରତିନାହା ।୫୩। ତୁଳାପରି ତ କୋମଳା ସେ ନବବନିତା । ମଦନ-ଶର-ଘାତେ କି ନ କମ୍ପି ରହନ୍ତା । ହେଲା ଆଶ୍ଚର୍ଯ୍ୟ ଏ ମାତ୍ର । ଗଲେ କମ୍ପି ଯାହା ନଳ ହୋଇଣ ଭୁଭୃତ ।୫୪। ନଳେ ହଂସା-ବଶେ ପୂର୍ବେବର୍ତ୍ତୀ ରାଜଗଣ ।—ନୟନେ ସକଳ କରିଥିଲା ଅଧିଷ୍ଠାନ । ତହିଁ ମାଳା-ଛୁସ୍ୱାପାତ ।-ଯୋଗେ ଦିଶୁଥିଲେ ସେ ବିରତ ହେଲା ବତ ।୫୫। ଅତିଶୟ ପ୍ରେମବଶେ ନଳ-ନୟନରେ । ସଖୀଲେ ସକଳ ଲୀଳା କରୁଥିଲା ଗେଲେ । ତହିଁ ପ୍ରତିବିମ୍ବ ମାତ୍ର । ଦିଶିଲା ନୟନ ତାହା ପାନକଲା ଭଳି ।୫୬। କେମା-କରସ୍ପର୍ଶ-ଜାତ-ପ୍ରମୋଦ-ପ୍ରଭାବ । ବଳେ ନଳେ ବିତରଣ କଲା ସ୍ତମ୍ଭ-ଭାବ । ଶମ୍ବରାରି ଶରବ୍ୟ ।-ସ୍ତମ୍ଭ ଦଶାକୁ ଅଣିଲେ ତେଣୁ ଧରାଧବ ।୫୭। ତାରୁଣ୍ୟ ତେଜ ଜଗତକୁ ଗ୍ରହିଲା ସଦୃଶ । ରାଜ୍ୟ ତେଜ ଭୂଷା-ପାତେ କଲାପରି ଅଶ । ଦେବେ ତଥା ନଳଙ୍କର । ଦିବ୍ୟରୂପ ତେଜ ମୂର୍ତ୍ତି ଗ୍ରାହିଲେ ନଗର ।୫୮। ମାୟା ନଳରୂପ ଇନ୍ଦ୍ର ବରଜବାକାଳେ । ମୁଁ ଅଗ ମୁଁ ଅଗ ବୋଲି ନେତ୍ରେ କି ଦିଶିଲେ । ବାମା-ସାତ୍ତ୍ୱିକ-ସୌନ୍ଦର୍ଯ୍ୟ ।-ଲୋକନେ କି ହୋଇଥିଲେ ସେ ନେତ୍ରେ ଅଟୈର୍ଯ୍ୟ ।୫୯। ଅନୁକୂଳ-ଗୋତ୍ର ବିବାହେତ ନାହିଁ ଦୋଷ । ତାହା ବାର ପ୍ରବରକୁ ବିବାହ-ବିନାଶ ।-ପାଇଁ ଗୋତ୍ର ଶତ୍ରୁ ଅଣି ।-ଥିଲେ ସେ ସ୍ୱମୂର୍ତ୍ତି ଗ୍ରହି ଦିଶିଲା ସେକ୍ଷଣି ।୬୦। ସ୍ୱକାମ-ସମ୍ଭବ ତମ ବିନାଶିବା ପାଇଁ । ଜ୍ୱଳନ ଉଦ୍ଧତ-ଶିଖାବଳି ବିକ-ଶାଇ । ମୂର୍ତ୍ତିକ ଅପଣାର । ଜଳେ ପରିଗ୍ରହ ଦେଖୁଥିଲେ ସର୍ବନର ॥ ନଳେ ବର ବରିଜଲା ଅନଳେ ଯା ବାଣୀ । ପତି-ଅଙ୍ଗୀ-ପ୍ରାପ୍ତି ଗଲା ତା ଦେଖି ମଉଳି । ପୂର୍ବେ ଥିଲା ସିନା ଲୁଚି । ବିକଶି ଏବେ ସେ ଲାଜେ ରହିଲା ସଙ୍କୋଚି ।୬୧। ସେକାଳେ ନୃପଙ୍କ ଚିତ୍ତେ ସମ୍ଭବିବା କୋପ ।-ବତ ମୂର୍ତ୍ତି ପ୍ରକାଶିଲେ ସଞ୍ଜୀବନୀ-ଭୂପ । ବର୍ଣ୍ଣ ଦିଶେ ଅତି ଶ୍ୟାମ । କରେ ଦଣ୍ଡ ନେଇ ଅତିଶୟ ଅରକ୍ରମ ।୬୨। ସେକାଳେ କାୟସ୍ଥ ମହାଗୁଣ ଚିତ୍ରଗୁପ୍ତ । ଯମ ତୁଲେ ହେଲେ ଲୋକ-ନେତ୍ର-ପାତ୍ରୀଭୂତ । ଏ ଦିଅନ୍ତି ପତ୍ରେ କାଳୀ । ସେ ଦିଶନ୍ତି କାଳୀପରେ ପତ୍ର ଦେଲାଭଳି ॥ ଯୋଷିତୁଁ ଚନ୍ଦ୍ର-ପାଶକୁ ଫେଇଲା ପରାସ୍ତେ । ପାଶଧର ସକଳେଶ ସେ ସ୍ତୁତେ ବିଜୟେ । ତାଙ୍କ ତନୁ ଜଳମୟ । ନୋହେ ବର୍ଣ୍ଣି, କଳଦିବ କଲେ ଅବା ଲୟ ।୬୪। ଯିବ ଅଣିବାକୁ କନ୍ୟା ସନ୍ଦିହାନ ହୋଇ । ଏ ଜୀବଙ୍କ ଭ୍ରାନ୍ତ ଚିତ୍ତେ ଚନ୍ଦ୍ର ଜଳସାଇଁ । ଏକା ଅସିଥିଲେ ତଳ । ଭର୍ଯ୍ୟା-ଦେନ କନ୍ୟା ନେବା ଅନୁଚିତ ଭଳି ।୬୫। ମଧୁହନ୍ତା-ମୋଦଦାତ୍ରୀ-ମୂରତି ଭାରତୀ । ପ୍ରକାଶୁଁ ଚିତ୍ତେ ଚହିଲା ତାହାଙ୍କୁ ସୁଦତୀ । ତେଣୁ ତାହାଙ୍କ ବଚନ- । ଗୁରୁତ୍ୱେ ବହିଲା

ବାଳା ବିସ୍ମୟ-ବର୍ଜ୍ଜିତ । ୬୭ । ଦେଖୁଥିଲେ ସର୍ବ୍ବନୃପେ ବିଧି ସେ ସଭ୍ରେ । ପ୍ରକା-
ଶିଲେ ରୂପାନ୍ତର ସକଳ ଅମରେ । ଇନ୍ଦ୍ରଜାଲିକାଦିଙ୍କର । ବୃତ୍ତି ବିନାଶନରୁ ବଳିର
ହେଲେ ସ୍ଥିର । ୬୮ । ଦରଶିର ପ୍ରେମେ ନିମଜ୍ଜିତ ଅତିଶୟ । ଜଳନୃପ-ଭୀମ-ଭୂପ-
ସୁତା-ପରିଣୟ । ଦେଖି ହୋଇ ଅତିତୋଷ । ହେମ-ଉର୍ବ୍ବୀଧର-ସାର୍ବ୍ବ-ଭୌମ
ଭାଷି ଭାଷ ।୬୯। "ବୈଦର୍ଭି ! ଦୁର୍ଲ୍ଲଭ ବରବର ତୋତେ ଦେଲି । ଅକପଟେ ଦୌତ୍ୟ
ମୋର ସମ୍ପାଦିଛ ବୋଲି । ନଳ ! ତୁମ୍ଭଙ୍କୁ ଏ ବର । ଦେଉଛୁ ସନ୍ତୋଷେ ତୋଷେ
ପରିଗ୍ରହ କର । ୭୦ । ତୁମ୍ଭ-ଯାଗେ ସ୍ୱ-ରୂପରେ ଭକ୍ଷିବି ମୁଁ ହବି । ଆମ୍ଭ ସ୍ୱରୂପ
ନ ଦେଖି ମୀମାଂସକେ ଭାବି । ଥାଉ ମନ୍ତ୍ର ଅତିରିକ୍ତା ଦେବତା ଥିବାର କଥା
ନୁହେ ଯୁକ୍ତି-ଯୁକ୍ତ । ୭୧ । ଅନ୍ତିମ-ସମୟେ ତୁମ୍ଭେ ଛୁଇଁ ଶିବା-ଶିବ । ସହିତରେ
ଏକାକାର-କାସିତ ହୋଇବ । ଯେଣୁ ମୃତ୍ୟୁପରେ ଜୀବ । ହେବ ଭବ ପ୍ରାଣୀ ଚିନ୍ତା
କରଇ ବିଶେଷ । ୭୨ । ବାଳୀ ତୁଲେ ନଳ କେଳି ଅବଶ୍ୟ କରିବ । ତେଣେ
ବାରାଣସୀର ସ୍ଥାନତା ସମ୍ଭବିବ । ତେଣୁ ସେପୁର ଅନ୍ତ୍ୟକେ । ତୁମ୍ଭନାମେ ଚିହ୍ନିତ ନଗର
ହେବ-ଠିକେ" । ୭୩ । ସୁର-ମୁଖ ଧୂମ-ଶ୍ମଶ୍ରୁ ଅନଳ ଭାଷନ୍ତି । 'ମୋ ଶୁଭଦୃଷ୍ଟି-
ସୁରଭି-କ୍ଷୀରଧାରା-ତତି- । ବତ ସମ୍ପତ୍ତି ତୁମ୍ଭର । ଧନୁଁ ଧନ ଲଭ ବୃଦ୍ଧି ଅହେ
ନରେଶ୍ୱର । ୭୪ । ଦାହପାକ ବିଧାୟିକା ଯେ ତନୁ ମୋହର । ମୋ ବରେ ସେ
ଇଚ୍ଛାଧୀନ ହେଉ ତବ ନଳ । ଦହିଛି ସେ ମନୋଭବେ । ତା ପ୍ରଭୁ ହୋଇ ତାହାକୁ
ଯାଅ ବଳ ତୁମ୍ଭେ । ୭୫ । ତୁମ୍ଭ ରନ୍ଧା ଅନ୍ନମୀନ-ଆଦି ସବୁଦ୍ରବ୍ୟ । ଅମୃତୁଁ ବଳି
ଅଧିକ ସୁସ୍ୱାଦୁ ହୋଇବ । ସୂପକରଣ-ବିଷୟେ । ଶ୍ରଦ୍ଧା ତୁମ୍ଭ ଥିବାରୁ ଏ ବରଦେଲି
ସ୍ୱୟେ । ୭୬ । ତୋଷହୋଇ ଜୀବେଶ ଭାଷନ୍ତି ନରଇଶେ । 'ତୁମ୍ଭ ଅବଦାନେ ପ୍ରୀତ
ପୂର୍ବ୍ବୁ ମୁଁ ବିଶେଷେ । ବରଦେବାକୁ ରସନା । ମୋର ତୁମ୍ଭଙ୍କୁ ସତତ ହୋଇଛି
ଉନ୍ମନା । ୭୭ । ଅହେ ଦରନ୍ତପ ନୃପ ସର୍ବ୍ବଅସ୍ତ୍ର-ଯାଗ । ଅର୍ଥ ସହିତ ତୁମ୍ଭଙ୍କୁ ହେଉ
ଉପଗତ । ବୀର-ବ୍ରତେ ବାଞ୍ଛିତର । ଏଥୁଁ ବଳି ଅନ୍ୟ ଲଭ୍ୟ ନାହିଁଟି ବିଶ୍ୱର । ୭୮ ।
ମହାକଷ୍ଟେ ପଡିଲେହେଁ ନୁହ ଧର୍ମ୍ମ ଚ୍ୟୁତ । ଏ ବର ମୋର ତୁମ୍ଭଙ୍କୁ ହେଉ ପରି-
ପତ । ଧର୍ମେ ଯା-ମତି ନିଶ୍ଚଳ । କର ବିଶ୍ୱର ତ୍ରିବର୍ଗ ହସ୍ତରେ ତାହାର" । ୭୯ ।
ଈଷତ ସ୍ମିତ ପ୍ରକାଶି ଭାଷନ୍ତି ବରୁଣ । "ଭୈମୀକି ଦେଲି ଦେଉଛି ବରଦ୍ୱୟ ପୁଣ ।
ଯଉତୁକ ପରିକାରେ । କର ପରିଗ୍ରହ ନଳ ସନ୍ତୋଷ ଚିତ୍ତରେ । ୮୦ । ହେଉ
ମରୁପନ୍ଥେ ତୁମ୍ଭ ଇଚ୍ଛାମାତ୍ରେ ହେଲେ । କ୍ଷଣକ ମାତ୍ରକେ ଯିବ କଲ୍ଲୋଳ ସଲିଳେ ।
ଯେଣୁ ଲୋକ ଯାହାପାଇଁ । ଜଳତୁଲେ ଆନ ଭୂତେ ସମାନ ନ ହୋଇ । ୮୧ ।
ହୋଇଥାଉ ପଛେ ମରୁ ଶୁଚଭାନୁ ବଶେ । ହୋଇବ ପ୍ରସାର-ତାପ ସମୁଦ୍ର ବିଶେଷେ ।
ଇଚ୍ଛାମାତ୍ରେଣ ଏତେମଳ । ହେବ ହେଜ ପୂର୍ବ୍ବବତ ଇଚ୍ଛାରେ ତୁମ୍ଭର । ୮୨ । କର-

ସ୍ୱର୍ଣ୍ଣମାନେ ତବ କୁସୁମ ପ୍ରଫୁଲ୍ଲ । ସୌରଭ-ଭର ହୋଇବ ଯେଣୁ ତାହାତୁଲ । ଧର୍ମ
ଶର୍ମ ସାଧିବାରେ । ନ ଦେଖେ ଅପର ଦ୍ରବ୍ୟ ଭୁବନ ସମ୍ପୂର୍ଣ୍ଣେ । ୮୩ । କଣ୍ଠତ ସ୍ମିତ
ପ୍ରକାଶି ଭାରତୀ ଭାଷନ୍ତି । 'ହେ ଭୂପତି ? ତୁମ୍ଭ ବସବର୍ତ୍ତୀ-ପ୍ରସୂବର୍ତ୍ତୀ । ହୋଇଛନ୍ତି ମୁଁ
ମୋ ପାଶୁଁ । ଗ୍ରହଣୀୟ ନାହିଁ କିଛି କି ନୃପସୁଧାଂଶୁ ? ୮୪ । ବିନା ପ୍ରାର୍ଥନେ ଯେ
ଅର୍ଥ ଅପଣେ ମିଳଇ । ଅବଧୀରଣା ତହିଁରେ ଧୀର ନ କରଇ । ତାକୁ ଯାତାଦାନ
ଚଳେ । ଭଜ ଶିବେ ଦେନବା ଉଚିତ ମୋର ମତେ । ୮୫ । ଅର୍ଦ୍ଧାର୍ଦ୍ଧେ ବାମା
ଅବାମା ହୋଇ ଏକରୂପ । ବୋଲନ୍ତି ଯେ ଭଗବାନ ତ୍ରିଲୋକ-ଅଧିପ । ହରମନ୍ତ୍ର
ଇନ୍ଦୁଧର । ନବାକାର ସେ ମୋ ମନ୍ତ୍ର ଜପ ସିଦ୍ଧକର । ୮୬ । ଯେ ସୁକୃତବନ୍ତ ଏ
ମୋ ମନ୍ତ୍ର-ଚିନ୍ତାମଣି । ବହିବ ସଯତନେ ହୃଦୟେ ତା'ର ବାଣୀ । ସୁଧାରସରେ
ପୂରିବ । ବାକ୍ୟେ ବାଚସ୍ପତି-ବତ ପୂଜ୍ୟ ସେ ହୋଇବ । ୮୭ । ସ୍ୱର୍ଗର ମୃଗୀଦୃଶାଙ୍କ
ସମ୍ମୋହନ ପାଇଁ । ହୋଇବ ନିଷ୍ଣୁ ସେ ଅପର-ବନ୍ତସାଇଁ । ବେଶି ଭାଷି ବା କି
ହେବ । ଯାହା ଭାବିବ ସେ ତାହା ତତ୍‌କ୍ଷଣେ ଲଭିବ । ୮୮ । ଗୁରୁ-ମଣ୍ଡଳେ ଅସ୍ନେହ
ଜମୁ ଥିବା ମୋର । ମନ୍ତ୍ରମୂର୍ତ୍ତିକି ଯେ ପୂଜେ ଦେଇ ଗନ୍ଧମାଲ୍ୟ । ତା'ର ମହିମା
ଅପାର । କହିଲେ ଅସର ହେବ ରଜନୀ ବାସର । ୮୯ । ଥାଉ ତା ନିଜ ପ୍ରଭାବ
ପୂଜ ବର୍ତ୍ତମାନ । ସେ ଯେବେ ଅପର-ଶିରେ ଥରେ ଦେବ ହସ୍ତ । ହେଉ ମୂର୍ଖ ପଣ୍ଡେ
ସେହି । ଅକସ୍ମାତେ ଦିବ୍ୟପଦ-ବୃନ୍ଦ ଯିବ କହି । ୯୦ । ଗୁଣନିଧି ଅନ୍ତ୍ର ବସନ୍ତୀତା
ବଇଦର୍ଭୀ । ବେଦନଏ ଛନ୍ତ୍ର [illegible] ନାଗ-ସିଦ୍ଧି-ଲବ୍ଧ । ଏବେ ଦେଲି ତୁମ୍ଭ କୋଳେ ।
ଅନେ ରଖାଇବ ତୁମ୍ଭ କୀର୍ତ୍ତି କବିଗଳେ । ୯୧ । ଯେ ତବ-ଯଶ ଘୋଷିବ ମୁଁ ଥିବ
ତା ଗଳେ । ତା ମୁଖୁଁ ସ୍ଫୁରିବ ପୁଣ୍ୟ ଶ୍ଳୋକ ଅନର୍ଗଳେ । ହେବ ତୁମ୍ଭେ ପୁଣ୍ୟଶ୍ଳୋକ ।
ହରପର କଳିରେ କଲୁଷ ବିନାଶକ" । ୯ । ଦେବୀ-ଦେବ ଭାଷନ୍ତି ଉଭୟେ, "ରେ
ସୁଦନ୍ତି । ତୁ ପତି-ବନିତା-ଜଗତର ମଥାମୋତି । ତୋତେ କି ଅବା ଦୁର୍ଲଭ ।
ଭାଙ୍ଗିବ ଯେ ବ୍ରତ ତୋ ସେ ଭସ୍ମହୋଇ ଯିବ । ୯୩ । ଦେଖିଲୁ ତୁ ଅଶ୍ଚର୍ଯ୍ୟ ଦେଖି
ଅମ୍ଭ ଛଦ୍ମବେଶ । ଦେଉଅଛୁ ବର ହେଉ ସେ ବିଦ୍ୟା ତୋ ବଶ । ଯା'ର ବଳେ
ଇଚ୍ଛାମତ । ଅକାର ପାରିବୁ ଗ୍ରହି ତୁ ବର-ଯୋଷିତ' । ୯୪ । ବର ବିତରି
ଅମରେ ଚଳନ୍ତେ ଆକାଶେ । ପୁରଜନ ତୁଲେ ମହୀପତିଙ୍କ ସମ୍ମୁଖେ । ଜାତ ମହା-
କୋଳାହଳ । ସ୍ୱର୍ଗ-ଦୁନ୍ଦୁଭି-ବାଦ୍ୟେ ତା ହୋଇଲା ତୁମୂଳ । ୯୫ । ପୁଣ୍ୟଶ୍ଳୋକ
ନଳଙ୍କ ତ ନାହିଁ କିଛି ଦୋଷ । ବିଦ୍ୱେଷୀ ଭୂପାଳେ ତାଙ୍କ ବାଞ୍ଛିବେ ବା କିସ । ଶୁଣି-
ବାରୁ ଯମବର । ନ କଲେ ତହିଁ କେ ଅଭ ସମର ବଗୁର । ୯୬ । କଲେ
କେବଳମାନଙ୍କ ବୈଦର୍ଭୀ-ଅଲାଭ- । ବିଜନିତ-ଦୁଃଖଜାତ ଘର୍ଦ୍ଦଶ୍ୱାସ ଜବ । ସ୍ୱଜସୁତା-
ହୃଦୟରେ । ଉଦୟ ଦୟାସହିତ ଭୂପାଳେ ସଦ୍ଧରେ । ୯୭ । କାରୁଣ୍ୟ ନୟାଦେବୀଙ୍କ

ଲଭି ନୃପେ ବାଳା । ପିତା ଭୀମମହୀପତି ପାଶେ ଜଣାଇଲା । ତହୁଁ ତା ସଖୀ-ସମୂହେ । ଭୂପେ ବିତରିଲେ ଭୀମ ଭୂପତି ବିବାହେ । ୯୮ । ଲଭି ମନ୍ତ୍ର ଦମୟନ୍ତୀ-ଠାରୁ ସଖୀମାନେ । ବରିଲେ ସକଳେ ଦମୟନ୍ତୀର ସମାନେ । ତାଙ୍କୁ ଲଭି ମହୀପାଳେ । ବାଳା ଅଲଭୁଁ ଜୀବନତ୍ୟାଗ ଉପେକ୍ଷିଲେ । ୯୯ । ମହେନ୍ଦ୍ର ସଙ୍ଗେ ନରେନ୍ଦ୍ର ନଳ ଶ୍ରୀରେ ତୁଳ । ହୋଇ ନିଜ-ନିଳୟକୁ ଗଲାବେଳେ ଚଳ । ଶଙ୍ଖ-କାହାଳିବିତ ଅଳି-ମିଶ୍ର ମଧୁବାଦ୍ୟ ପୁଷ୍ପବୃଷ୍ଟି ସ୍ୱର୍ଗୁ ଝରି ।୧୦୦। ନିଜ-ନିଜ-ଅଂଶଜାତ ନଳେ ତେଜି ସୁରେ । ସ୍ୱର୍ଗେ ଚଳି ଅଂଶଧ୍ୱଂସ-ଯନ୍ତ୍ରଣା ଲଭିଲେ । ଯାହିଁ ସ୍ୱପୁରେ ଭାରତୀ । ଲେଉଟି ଲେଉଟି ନୃପଜାକୁ ଗୃହୁଁ ଥାନ୍ତି ।୧୦୧। ସୁତାବିବାହ ସମୟେ ଭୀମ ମହୀପତି । ନିଷଧ ନଗରେଶ୍ୱର-ସତୀ ଦମୟନ୍ତୀ । କଲେ ମଙ୍ଗଳ ବିଧାନ । ନୃପଜନାନିଷ୍ଟଉକ୍ତି-ବାରଣ କାରଣ ।୧୦୨। ନିଜ ନିଜ ଶିବିରକୁ ନରେଶ-ନିଚୟ । ଯାହିଁ ବିପକ୍ଷପକ୍ଷର କଟୂକ୍ତି-ନିବହ । ନ ଶୁଣିବାପାଇଁ ହେଜ । ଥିଲେ ବିବିଧ ମଙ୍ଗଳ-ବିଧାନ ସଜ । ୧୦୩ । କବିରାଜ ରାଜ-ଶିର-ହୀରକ ଶ୍ରୀହୀର-। ମାମଲ୍ଲଦେବୀ ବେନିଙ୍କ ସୁଖ-ସୁଧାକର । ହର୍ଷ ଶରଦ ଚନ୍ଦ୍ରିକା- । ବିତ ରଚିଛନ୍ତି ଏହା ପୌରବେ ଅଧିକା । ୧୦୪ । ସେ ପଦ୍ୟାଙ୍କ ଅନୁ-ସରି ଭକ୍ତ ଗୋପୀନାଥ । ଧୂଳି କରନ୍ତି ସଜ୍ଜନ ଯେନ ବୁଧ ଚିତ୍ତ । ବାଳକର ଧୂଳି ଖେଳେ । ଯେନ ଧୀରେ ସୁଧୀଚିତ୍ତ ଚଳେ କି ନ ଚଳେ । ୧୦୫ ।

ପଞ୍ଚଦଶ ଛାନ୍ଦ ।

ରାଗ—ରାଜବିଜେ ।

ତଦନନ୍ତେ ବରଣମାଳକୁ ଭରଣ ଗଲେ ନିଷଧ-ନୃପତି ।
ଶିବିର-ଗମନ-କାଳେ ବନ୍ଦିକୁଳେ ବସ୍ତ୍ରବିତ୍ତ ବିତରନ୍ତି ।
ହେ ଧୀର ।
ବନ୍ଦିକୁଳେ ଯେ ଦମୟନ୍ତୀର ।
କୀର୍ତ୍ତି-କୀର୍ତ୍ତନେ ମୁଖର-ତର ।
ନୃପ-ପ୍ରଦାନ ତାଙ୍କରେ ଅପାର । ୧ ।

ଅତି-ଧନଦାନ-ବଶେ ବନ୍ଦିଜନ ଧନେ ଅନାଦର କଲେ । ଅଣିକଟି କର ନିଅଣ ହୋଇଲା ସେ ଧନ ସମ୍ଭାଳିବାରେ । ହେ ଯେନ । ପଥେ ପଡ଼ିଥିବାର ଏମାନ । ବସ୍ତୁଧନ ଯାଏ ପୁରଜନ । କରୁଥିଲେ ଗୋଟାଇ ଯତନ । ୨ । ଅପର ନୃପଙ୍କ

ସେବକେ ସ୍ୱାମୀଙ୍କ ଚରିତ୍ର ଜଗି କହୁଥିଲେ । "ତାଙ୍କୁ ବନ କେବା ଅଲାଜୁକ ଅଛି ସଙ୍ଗରେ ଯୋଷା ଯା ଭୁଲେ" । କେ କହେ । "ଅତି ସୌନ୍ଦର୍ଯ୍ୟ ଶୁଭ ନୁହଇ" । ଏ ସମୟେ ନଳ-କୀର୍ତ୍ତି ଗାଇ । ଭାଟେ ଦେଲେ ସେ ସର୍ବ ଛପାଇ । ୩ । ଅଗ୍ରତଏ ବୃଥା ଦୂଷୁଥିଲେ ବଢ଼ୁ ଆଏ ସାଧୁତା ସାଧୁର । ଆଅନ୍ତା ଯେବେ ପ୍ରକୃତରେ ଦୂଷଣ କହନ୍ତ ସାଧୁଲୋକର । ହେ ଧୀରେ । ତା'ର ପ୍ରକୃତ ଦୋଷ ଗାନରେ । କଦାପି ନ ବସି ତା ବପୁବାରେ । ମାତନ୍ତେ ମିଥ୍ୟା ଦୋଷାରୋପରେ । ୪ । ତେଣେ ଅନ୍ତଃପୁରେ ମହାରାଣୀ ହୋଇଥିଲେ ଅତ୍ୟନ୍ତ ଅତୁର । ଏକାଳେ ଭୀମ ନୃପ ତହିଁ ବାଜନ୍ତ ଧର ଜେମାମଣି-କର । ହେ ଧୀରେ । ତୋଷେ ରାଣୀଙ୍କି ଭାଷନ୍ତ ଧୀରେ । "ଯେନ ଯାମାତା ବୋଲି ନଳରେ । ଉତକଣ୍ଠା ନ ଆଉ ଚିତ୍ତରେ । ୫ । ଯା ତନୁ-କାନ୍ତିରେ ଅତନୁ ଅତନୁ ସେ ତାରବ ଅନୁକୂଳ । ସେ ନଳ ଯେବେ ଯାମାତା ଅମ୍ଭ ହେବେ ଏଥୁଁ ବଳ କି ସୁଫଳ । ଗୋ ଦେବ ! । ତ୍ରିଭୁବନ ନୃପମଧ୍ୟୁଁ ଭାବ । ଏହ ବର-ବରଣ-ପଦବୀ । ଏକା ଅମ୍ଭ ସୁତାରେ ସମ୍ଭବ । ୬ । ସ୍ତ୍ରୀଜନ-ଉଚିତ ଅଗ୍ରର ଯାବତ ପାଣି-ଗ୍ରହଣ-ବିଷୟେ । କରନ୍ତୁ ସମ୍ବନ୍ଧ ଯେ ବିଧି ବିଧାନ ଅମ୍ଭର ପୁର-ଯୋଷାଏ । ଗୋ ପୁଣ । ଶ୍ରୁତି-ସ୍ମୃତି-ସ୍ୱକୃତ-ବିଧାନ- । ମାନ କରିବୁଁ ଅମ୍ଭେ ନିଷ୍ପନ୍ନ" । ଭାଷି ଏମନ୍ତ କଲେ ପ୍ରସ୍ଥାଣ । ୭ । ପୁରୁଁ ବାହାର ସଙ୍ଗରେ ବଳେ ନୃପ ଜଣାନ୍ତ ଲଗ୍ନ ଜ୍ୟୋତିଷେ । ଶୁଭଗ୍ରହୋଦୟେ ଦୃଷ୍ଟି-ଗ୍ରହକ୍ଷୟେ ନାହିଁ ତହିଁ ଦୋଷ ଲେଶେ । ହେ ଜନେ । ସେହି ଲଗ୍ନେ ସୁତା ସମ୍ପ୍ରଦାନେ । ନର-ମଘବା ନଳ-ରାଜନେ । କଲେ ସ୍ଥିର ଭୀମ ଭୂପ ମନେ । ୮ । ଏଥୁଅନ୍ତେ ଦୂତମୁଖେ ଭୀମଭୂପ ଜଣାଇ ପଠାନ୍ତି ନଳେ । 'ନକର କରୁଣା-କଣା-ଦାନେ ଋଣୀ ଏ ମୋର ତନୟା-କୁଳେ । ହେ ସାର । ଚୀର-ଜାତ ମୋ ବାଞ୍ଛା-ଅଙ୍କୁର । ଲଭ ତୁମ୍ଭ ପଦଧୌତ ଜଳ । ହେଉ ନବପଲ୍ଲବେ ରୁଚିର' । ୯ । ଦୂତ-ବଦନ-ଗହ୍ୱରୁ ଭୀମଭୂପବାଣୀ-ପ୍ରତିଧ୍ୱନି ଏତେ । କରି ଶ୍ରବଣ ନିଷଧ-ଦେଶାଧୀଶ ଭାଷନ୍ତ ସନ୍ତୋଷ ଚିତ୍ତେ । "ମୁଁ ଯିବ । ଗୁରୁ ଚରଣଯୁଗ ବନ୍ଦିବ' । କହି ଦୂତେ ଧନଦାନେ ଦେଲେ- । ଲକ୍ଷ୍ମୀ-ଭଣ୍ଡାରିକି ଦେଲେ ଦାବ । ୧୦ । ଦୂତ ମୁଖୁଁ ସର୍ବ ସନ୍ଦେଶ ଶ୍ରବଣକରି ବିଦର୍ଭ-ସ୍ୱଜନ । ନିଷଧ-ନୃପତି-ଆଗମନ ପ୍ରତି ରହିଲେ ପଥ ଗ୍ରହିଁଣ । ହେ ଧୀରେ । ଯଥା ନିଶା-ଶେଷ ସମୟରେ । ଶୁଣି ଚରଣାୟୁଧ-ରାବରେ । କୋକ କରଇ ପ୍ରତୀକ୍ଷା ସୂରେ । ୧୧ । ଅଲେପନ-ଦାନେ ଚତୁରସ କେ ନାଗ ବିଦର୍ଭେଶ-ଅନ୍ତଃପୁରେ । ହୋଇ ପୁରସ୍କୃତ ଅହଂକାରେ ଚିତ୍ର ପୁଲକି ହଟଇ ଘରେ । ହେ କେବା । ପୁପ-ନିର୍ମାଣେ ଦକ୍ଷତା ଥିବା- । ଯୋଗୁଁ ଭଜ ଅସନେ ବସିବା ।- ହେତୁ ଭାବେ ମୋ ସମାନ କେବା । ୧୨ । ସେ କୁଣ୍ଡିନ-ପୁର ପ୍ରତ୍ୟେକ ଅଗାର-ପୁରତ-ତୋରଣ-ତଳ । ବିବିଧ-ମଣିରତ୍ନ-ମୁକ୍ତା-ନିଚୟେ ବିକାଶନ୍ତ ଦିବ୍ୟ

କ୍ଷୋଭ । ହେ ଧୀରେ । ସାନ୍ଦ୍ରପତ୍ର ଦୂରଗାମି ତାରେ । ସକେ ସେ କ୍ଷୋଭ ଚତୁ-ର୍ଦ୍ଦିଗରେ । ପୁର ହସଇ କି କ୍ଷୋଭ-ଛଳେ । ୧୩ । ବନ୍ଧାଣି ଏ ବାସ-ପୁଷ୍ପହାରେ ପ୍ରତିପଥେ ଚନ୍ଦ୍ରାତପ କଲେ । ସେ ପୁଷ୍ପ ପୁଣି ଅକାଳକ କୁସୁମ,-ତହିଁ ଭାସ ଦେଉ-ଥିଲେ । ହେ ଧୀରେ । ପଞ୍ଚ କୁସୁମ-ବିଶେଷତ୍ୱରେ । ମଧୁକର-ନିକର ଭ୍ରମରେ । ହେଲେ ପତିତ ସେ ବିତାନରେ । ୧୪ । ସେ ପୁରେ ନାନା-ରତନେ କଞ୍ଚୁକିତ ପ୍ରାସାଦ ବିରାଜୁଛନ୍ତି । ବିବିଧ-ବିଚିତ୍ର ଚନ୍ଦ୍ରେ-ଶୁଭ୍ରାବଳି ବଳି ଝଳି ବିକାଶନ୍ତି । ହେ ଧୀର । ମଣିକୁଟ୍ଟିମ ନଗରର ପୁର । ଦିଶେ ଅତିଶୟ ମନୋହର । ସେ କି ସ୍ୱରଗ ମର୍ତ୍ତ୍ୟଲୋକର । ୧୫ । ଘନ ଘନ ଘନବାଦ୍ୟ ବାଜୁଅଛି ତତ ବାଜେ ସତତରେ । ଶୁଷିରସ୍ୱର-ଶିଖ କେ ବର୍ଣ୍ଣିପାରେ ଅନଦ୍ଧ-ଧ୍ୱନି ଗମ୍ଭୀରେ । ହେ ଧୀରେ । ଶୁଭେ ସେ ପୁରେ ଅନାରତରେ । ତର ସହିବାକୁ ନାହିଁ ଛଳେ । ଝରେ ଅମୃତ ଶ୍ରୁତିପୁଟରେ ।୧୬ ବାଜଇ ମୁରଳୀ ବଂଶିକରେ ମିଳି ସେ ମିଳେ ସଙ୍ଗୀତ ସଙ୍ଗେ । ଝର୍ଝର ତା ତୁଲେ ମିଳି ବାଜୁଅଛି କୁତୂହଳକୁ ଘେନି ସଙ୍ଗେ । ହେ ଧୀରେ । ଢକ୍କା ମିଳି ମର୍ଦ୍ଦଳ ସଙ୍ଗରେ । ଅନୁଗମଇ ସେ ବାଦ୍ୟସ୍ୱରେ । କେହି ନ ବଳନ୍ତି କା'ରେ ଛଳେ । ୧୭ । ଏକେ ଜନରବ ନିମିଷ-ମାତ୍ରକେ ବ୍ୟାପଇ ସହସ୍ରକୋଶ । ସେ ପୁଣି ହୋଇଛି ବିବିଧ-ବାଦ୍ୟ-ନାଦେ ତୁମୁଳ ବିଶେଷ । ହେ ଜନେ । ସିନ୍ଧୁ-ଧୀର-ଗମ୍ଭୀର-ଗର୍ଜ୍ଜନେ । ମିଶିଯାଇ ସେ ନିନାଦ କ୍ଷଣେ । ନ ସମ୍ଭାଇଲା ଦିଗ୍‌ଦନ୍ତୀ-କର୍ଣ୍ଣେ । ୧୮ । ବେଦିରେ କୁଟିଳ ଚତୁଷ୍କଉପର ରତନ ପୀଢ଼ା ପକାଇ । ଭୀମମହୀପତି-ସୁତାକୁ ବିଜସ୍ନ କରା-ଇଲେ ତହିଁ ନେଇ । ସେ ବାଳା । ତୋଳି ହେମ-ପୂର୍ଣ୍ଣ-କୁମ୍ଭାବଳି । କୁଳବିହିତ ଅଗୁରୁ ପାଳି । ସ୍ନାନ କରାଇଲେ ଜଳ ଢ଼ାଳି ।୧୯। ଭୂପତିସୁତା-ସୁବର୍ଣ୍ଣ-ପୟୋଧର-ଯୁଗଳେ ବିବାଦ କରି । ହାରିଥିବାରୁ ବାରି ବୋହୁଛନ୍ତିକି ସାତକୁମ୍ଭ-କୁମ୍ଭାବଳି । ହେ ଧୀରେ । ତାଙ୍କ ମୁଖେ ତ ରୁଦ୍ଧ-ମୁକୁଳେ । ବହିଅଛନ୍ତି ବାଳା-ବର୍ଣ୍ଣରେ । ତେଣୁ ଏ ଶଙ୍କା ଜାତ ଚିତ୍ତରେ । ୨୦ । ସେ ନୃପକୁମାରୀ ସ୍ନାନବିଧି ସାରି ପିନ୍ଧି ଶୀତାଂଶୁ ଦୁକୂଳ । ଦିଶଇ କୁଚର ବର୍ଷା-ଶରତର ସନ୍ଧି-ସମୟ ପ୍ରକା'ର । ହେ ଧୀରେ । ରୂପ କେ ବା ତା'ର ବର୍ଣ୍ଣିପାରେ । ନବୁଁ ନବାନତର ବିଧିରେ । ପ୍ରଫୁଲ୍ଲିତା ତ ବାଞ୍ଛା-ସିଦ୍ଧିରେ ।୨୧। ସଲିଳ-ବରଷି-ଦଳିତ-କଜ୍ଜ୍ୱଳ-କୁନ୍ତଳ-ଜାଳେ ମଞ୍ଜୁଳା । ଶୀତାଂଶୁ ବସନ ଲଗିହୋଇ ତଥାବିଧ ଶୋଭିଲା ସେ ବାଳା । ହେ ଧୀରେ । ଯଥା ନିବିଡ଼-ନୀରଦଜାଳେ । ବଳସ୍ଥିତ ଶଶୀ-ଶୋଭି ଭଲେ । ଦିଶେ ଦିବ ସୁନ୍ଦର ବିଧିରେ । ୨୨ । ସେ କରମ୍ଭେରୁର ଚକୁର-ନିକର-ପ୍ରାନ୍ତରୁ ନିର୍ମ୍ମଳ-ଜଳ ।—ବିନ୍ଦୁ-ବୃନ୍ଦ ଝର ସୁନ୍ଦର ଦିଶଇ ଚନ୍ଦ୍ରେ ଜାତ ଏ ବିଗ୍ରହ । ହେ ଧୀରେ । ସେ ତ ଜଣିଛି କୃଷ୍ଣଗ୍ରହରେ । ତେଣୁ ସିତକାନ୍ତି-ମୁକ୍ତାବାରେ । ରତ ନିରନ୍ତର ବର୍ଷିବାରେ । ୨୩ । ସ୍ନାନସଲିଳ

ଅଳି-ପାଳି କୋମଳ-ତୂଳିକେ ଅଙ୍ଗୁ ବାଳର । ବଅନ୍ତି ପୋଛି ତା କଳେବର ରୁଚି ବଢିଲା ରୁଚିରତର । ହେ ଧୀରେ । ଦେଖିଛ ଯେ ସେ କାଳେ ବାଳରେ । ଚନ୍ଦ୍ରଛି ସେ ତପ୍ତକାର୍ତ୍ତସ୍ୱରେ । ନିର୍ମିତ ଏ ରସାଣିତ ପରେ । ୧୪ । ସୁଗନ୍ଧ ବିଲେପନ୍ତୁ ବାସେ ଶ୍ରୀଅଙ୍ଗ ମାର୍ଜ୍ଜନ୍ତୁ ବିଶେ ଉଜ୍ଜ୍ୱଳ । ତା ଗୁହିଁ ଏମନ୍ତ ବଶୁର ପ୍ରସରେ ଦର୍ଶକ-ଚକ୍ଷେ ତଜ୍ଜାଳ । ହେ ଧୀର । ଯେବେ ଦରସ୍ପୃଷ୍ଟ କେତକର । ସଉରଭ ନେବ କାର୍ତ୍ତସ୍ୱର । ତେବେ ହେବ ବା ତୁଳ ଏହାର । ୧୫ । ସକଳ-କଳାରେ କୁଶଳା ଅଳଏ ନିର୍ମ୍ମଳ ବେଦିକାପରେ । ବାଳାମଣିଙ୍କ ବିଜୟ କରାଇଲେ ସଖିଲେ ହରଷଭରେ । ହେ ଧୀରେ । ଚିରଶିକ୍ଷିତ କଳା-କୌଶଳେ । ପ୍ରତିଅଙ୍ଗେ ପ୍ରତିକର୍ମ୍ମ କଲେ । ହସ୍ତଲାଘବୁଁ ଅତି ରଞ୍ଚିଲେ । ୧୬ । ସ୍ୱଭାବେ ସୁଷମା-ସୀମା ସେ ନବୀନା ଅଳଙ୍କାରେ କସ ତା'ର । ତଥାପି ଅଳଏ ବିଭୂଷି ବାଳୀଙ୍କ ଦେଖନ୍ତି ରୁଚିରତର । ହେ ଧୀରେ । ବାଳୀଶୋଭି ନ ବଢ଼େ ଭୂଷାରେ । ଭୂଷେ ଅଙ୍ଗନା-ଅଙ୍ଗ ଭୂଷାରେ । କେବା ଏ କଥା ବୁଝେ ସେକାଳେ । ୧୭ । ବିଧୁମଣ୍ଡଳେ ବନ୍ଧୂକ ସରସିଜ ଯୁଗଳ କ୍ରମରେ ଦେଇ । ତା'ପରେ ରମ୍ଭକକଳିକା ସମର୍ପି ଯେବେ ବା ପୂଜନ ହୋଇ । ହେ ତେବେ । ବାଳୀ ମୁଖତୁଲ ହେବ ଲବେ । ସେ ତ ଅଧର ନେତ୍ରେ ସ୍ୱଭାବେ । ମନଃଶିଳ-ତିଳକରେ ଶୋଭେ ।୧୮। ମଣି-ମହେନ୍ଦ୍ରଙ୍କର କାମସମ୍ଭବ ନବଡ଼-ତାମସୀ ପାଇଁ । ତାମସ-ବସନ-ନିର୍ମ୍ମାଣକାରଣ ଅସିତ-ସୂତାର ଗ୍ରୁଇ । ସେ କେଶ । ବାଳୀଶର କୋମଳ ବିଶେଷ । ଲଭି ସୁବାସଧୂପ-ପରଶ । ତାକୁ ବାନ୍ଧିଲେ ଅଳି ରଭସ । ୧୯ । କେ ଅଳି ବାଳୀକେଶ ଭଳି ଧୂପଜ ଧୂମାବଳି ବାନ୍ଧି ଇଚ୍ଛେ । ତା ଭ୍ରାନ୍ତି ଦେଖି ପାଶର ସଖି ଅକ୍ଷିଠାର ହସୁଁ ; ଭ୍ରମେ ସ୍ୱଚ୍ଛେ । ସେ ବାର । ଭ୍ରମ ନିଜର ଲଜରେ ଲୁଳି । ଦନ୍ତୀଦନ୍ତ-କଙ୍କତିକା ଗୃନ୍ଧି । ବାନ୍ଧେ ବାଳୀ-କେଶକୁ ଧାମଲ । ୩୦ । କରୁଣାକୂନ୍ଦୁଳ ଖଞ୍ଜିଲେ ମଞ୍ଜୁଳ ବାଳୀ-କୁଟିଳ-କୁନ୍ତଳ । କଳ-କର୍ଷିତ-କଳନ୍ଦତନୟାର ତରଙ୍ଗ-ଭଙ୍ଗ-ଭଙ୍ଗୁର । ହେ ଧୀର । ଶରୀରକୁ ଶତ ଶତ ବାର । ହସ୍ତଥାଏ ଲଗି-କୁସୁମର ।—ଛଳେ ଅବହେଳେ ନିରନ୍ତର ।୩୧। ଏଥୁଅନ୍ତେ ଅଳି ବାଳୀ-ଭାଲପଟ୍ଟେ ଭଳି ସୁନା ଚିତା ଦେଲେ । ଅଚିରପ୍ରଭା କି ପୁଚୀର ବସିଛେ କୁନ୍ତଳ-ଜଳଦକୋଳେ । ହେ ଧୀରେ । ମୁଖଶଶୀ-ସୁଧା ଶୃଙ୍ଖିବାରେ । ନାଶ ନ ଭଜ କ୍ଷଣମାତରେ । ଚିରପ୍ରଭା ବିକାଶୁଛି ଭଲେ ।୩୨। ମନଃଶୀଳ ତିଳକ-ଦୀପାବଳୀର ସଞ୍ଜାତ ଧୂମଃନ୍ତିତ । ଦଳିତକଜ୍ଜ୍ୱଳ-କାଳିମା ଗିଳିବାଭଳି ଝଳ ଦିଶୁଛନ୍ତି । ହେ ଧୀରେ । ସେ ତ ଊର୍ଦ୍ଧ୍ୱେ ବିସର୍ପି ସଧୀରେ । ଭାଲପଟ୍ଟ-ସୀମା-ସମୀପରେ । କ୍ଷେଳି ଚୂର୍ଣ୍ଣିକୁନ୍ତଳ ହୋଇଲେ । ୩୩ । ସୁଗାଙ୍ଗୀ-ନେତ୍ରପ୍ରାନ୍ତକୁ ସ୍ପର୍ଶି ସଜେ ଅଞ୍ଜନ-ଜନିତ ଗାର । ସେ ଶୀର-ଶେଷଯାଏ ନେତ୍ରଯୁଗଳ ପ୍ରସରିବାର ମୂଳ । କି କର । ସ୍ମୃତା ମାରଙ୍କ ବୟସ-ଶିଶ । ଭ୍ରାନ୍ତ ଜାତ ତାହା ଦେଖିକର । କଲା ଶିଖ ସେ କେତେ

ସ୍ତବୁଝି ।୩୪। ବରବେଶୀବାର ନୟନ-ତାରଯୁଗ ନୀଳମଣି ଦୁଇଗୋଟି । ଥାଏ ଅନଙ୍ଗ-ଲୀଳାଭ୍ରମ ଅପାଙ୍ଗେ ଥରକୁଥର ଚହଟି । ହେ ଧୀରେ । ତା'ର ନବତ ଗତ ବଶରେ । କଳାଗାର ପଡ଼ନ୍ତି ପଥରେ । ତାକୁ ଅଞ୍ଜନ ବୋଲନ୍ତି ନରେ ।୩୫। ବାଳାନୟନ-କଳାଗାର ଯୁଗଳ ଦଶେ ଏମନ୍ତ ମଞ୍ଜୁଳ । ଗୁଣ-ଘର୍ଷଣ-ଜାତ କଣେ ଶ୍ୟାମିତ କି ମାର-କରଯୁଗଳ । ହେ ଧୀର । ପରଶରେ ନୀଳୋତ୍ପଳ-ଶର ।—ଦଣ୍ଡ ବରଜ ବର୍ଣ୍ଣି ନଜର । କାଳକ୍ରମେ ପଡ଼ିଗଲା କାଳ ।୩୬। ସେ ନେତ୍ରକୁଳେ ତୁଳ ହୋଇ ପାରିଲେ ଯେଣୁ କୃଷ୍ଣସାର-ନେତ୍ର । ସେ ଦୋଷୁଁ ତାଙ୍କୁ ଉପାଡ଼ ଦେବାପାଇଁ କର ବଗୁର ବଧାତ । ହେ ଧୀର । ତା'ର ନେତ୍ରପ୍ରାନ୍ତରେ ନଖର । ସେବେଷେ ଦେଇଁ ବସାଇ ସହର । ଏବେ ସେ କ୍ଷତ ଦଶେ ତହିଁର ।୩୭। ସୁଷମା-ସୀମା ରମାର ଅରକ୍ତିମା ନୟନଯୁଗେ ନିତାନ୍ତ । ନିପୀଡ଼ିତ ହୋଇ ଉପାୟ ନ ପାଇ ଶେଷେ ଶ୍ରୁତିଯୁଗ ସତ । ହେ ଧୀରେ । ତାଙ୍କ ପ୍ରତିନିଧି-ବଗୁରରେ । ନୀଳୋତ୍ପଳ-କୁମୁଦଯୁଗଳେ । ବହିଛନ୍ତି ନିଜ ନିଜ ଶିରେ ।୩୮। ସୁଦତୀ-ଶ୍ରୁତି-ଉପରେ ନୀଳୋତ୍ପଳମାଳା ଦେଖି ଏ ବଗୁର । ତହିଁ ପଡ଼ ଅବା ଗଲା ଜଡ଼ କେଉଁ କାମିର ନେତ୍ର ଯୁଗଳ । ହେ ଧୀରେ । ରତିପତିର ହେତି-ତାପରେ । ନେତ୍ର-କ୍ଷତ ତ ତା'ର ଦିଧିରେ । କ୍ଷତପୂର୍ଣ୍ଣି ତା' ସେହୁ ଶ୍ରୁତିରେ ।୩୯। କେଉଁ ଆଳୀ ବାଳା-ଶ୍ରୁତିରେ ସେକାଳେ ଖଞ୍ଜିଲା ଯୁଗଳ ମଣି । ତା'ର କିରଣ ପଲ୍ଲବ-ସୁମ-ନସ-ଗୃପ ହେଲା ସେହିକ୍ଷଣି । ହେ ଧୀରେ । ତହିଁ ନୟନ-ନୀଳୋତ୍ପଳେ । ଶର-ଯୁଗଳ ପାଲଟି ଗଲେ । ଲଭି ତା କାମ ଛକିଲା ନଳେ ।୪୦। ଏ ଶଶାଙ୍କ ଦ୍ୱୟ ତୋ ମୁଖ-ଅମିୟ-କରେ ହେଲାଣି ବବାଦୀ । ଭ୍ରମଜ୍ଞାନ ଏତେ ବତାଉଁ ସେ କଥା ତଥ୍ୟାତଥ୍ୟ ନ ସମ୍ବାଦ । ହେ ଧୀରେ । ବାଳୀଶ ତ ସେ ସଦା ବଧିରେ । ଶଶିଯୁଗଳ କୁଣ୍ଡଳ-ଛଳେ । ବାନ୍ଧି ରଖିଲା ଶ୍ରୁତି-ପାଶରେ ।୪୧। କୁଣ୍ଡଳ ବେନି କର୍ଣ୍ଣରେ ଖଞ୍ଜି ପୁଣି କେ ବାଳୀ ଭାଷଇ ହସି । “ତୋ ମୁଖ-ସୁଧାକର ପାଶେ ଏ ବେନି ଗୁରୁ ଶୁକ୍ରବତ ଦଶି । ଗୋ ସହ୍ୟ । ଗଲା ଦୁରୁଧୁର ଯୋଗ ହୋଇ । ହେବୁ ପତି-ସୁହାଗିଣୀ ତୁହ । ଏଥୁଁ ବଳି କି ଶୁଭ ଅଛଇ” ।୪୨। ଅଳତା-ବୋଳ ଦଶିବାପାଇଁ ଝଳବାଳୀ ଅଧରେ କେ ଅଳୀ । ଛଣା-ଚକ୍କଣ ମୃଦୁଳ ମହଣକୁ ଅଳ୍ପେ ଦେଇ-ଥିଲେ ବୋଳ । ହେ ଧୀରେ । ମଧୁ ପୀୟୂଷ-ସମ ଦିଧିରେ । ସେ ମଧୁରୁ ଅଧିକ ଅଧରେ । ଅଣ୍ଡିଲା କି ମହଣ ସୁ-ଧୀରେ ।୪୩। ଶୈଶବ-ସମୟେ ସରସ-ହୃଦୟା ସେ ଦୟାବତୀର ଗଳା । ସୁସ୍ୱର-ସମ୍ପଦ-ବଶେ ବଲ୍ଲକୀର ଖ୍ୟାତି ଲୋକେ ଲଭିଥିଲା । ହେ ଧୀରେ । ଏବେ ସପତ-ସର ହାରରେ । ରଜବାକୁ ସେ ଗଳା ବେଢ଼ିଲେ । ଲଭେ 'ପରିବାଦିନୀ' ନାମରେ ।୪୪। ଶୁଭଦିଧି ଯୋଗେ ବରଭୁଜ-ଯୁଗେ ସେ ଶଙ୍ଖାଳିଗି

ନୃଅନ୍ତେ । ତା ଦେଖି ଦରଶକଲୋକ-ଚିତ୍ତରେ ଜାତ ବିତର୍କ ଏମନ୍ତେ । ହେ ଧୀରେ । ଏ କି ମୃଣାଳ-ବଳୟମାନେ । ମୃଦୁଳତା ଶିକ୍ଷା ବିଷୟରେ । ଅଛି ଅଛନ୍ତି ବାଳା-ଶୀଳରେ ।୪୫। ଅଳିଏ ବାଳାର ପଦେ ଲକ୍ଷା-ରେଖା ଲେଖି ରେଖି ଦେଇ-ଥିଲେ । ଯା ଅକ୍ଷ ଥିବ ସେ ବିବ୍ୟକ୍ତିବ ବୃକ୍ଷି ବିସ୍ତୃତ ଥିବ ଚିତ୍ତରେ । ହେ ଧୀରେ । ଲଭି ବିଚ୍ଛେଦ ଲକ୍ଷା-ଯୋଗରେ । ପ୍ରୀତେ ଲଭି ଦିବାକର-କରେ । ସରେ ଜ ସରୋଜ କି ସଙ୍ଗରେ । ୪୬ । ଏଣିକି ଭୂଷିତ-ସଙ୍ଗତ ନିଯୁତ ଲଭିବ ନାଗଖଣ୍ଡଣ । ଟେକିତ ମୋ ନିଷ୍ଟେ ନାଶ ହେବ ଭାବି ଏତେ ପୂର୍ବକୃତ ଦୋଷ । ହେ ଧୀରେ । କାମାନଳ ବାଳୀଣ-ପଦ୍ମରେ । ପଶେ ଶରଣ ତା ଦେଖି ନରେ । ବୋଲନ୍ତି ଏ ରଞ୍ଜିତ ଲକ୍ଷାରେ । ୪୭ । ଏକେତ ବାଳାର ଶ୍ରୀଅଙ୍ଗ ଅତୁଳ-ଶୋଭାର ଆଧାର-ସ୍ଥଳ । ପୁଣି ଯଥା-ବିକଶିତ ଅବୟବେ ଦିଶଇ ରୁଚିରତର । ହେ ଧୀରେ । ତହିଁ ଖଞ୍ଜା ହୋଇ ଅଳଙ୍କାରେ । ଅଳପନ୍ତିକ ପରସ୍ପରରେ । ଏଥି ଅମୂଲ୍ୟିତ ନିଷ୍ଫଳ ରେ । ୪୮ । ଅଳ-ଙ୍କାର ଲାଗି ହେଉ ସେ ବରାଙ୍ଗୀ କ୍ରମେ ଅଧିକୁଁ ଅଧିକ । ବିଶିଷ୍ଟ ଶୋଭିତା ଶୋଭା-ସମ୍ଭାରକୁ କରି ଶତ ଶତ ଧିକ । ହେ ଜନେ । ସଉନ୍ଦର୍ଯ୍ୟ-ସୋପାନ-ବିଧାନେ । ଯାଇ ଅତିକ୍ରମି ଅତି ଘନେ । ରୁହାଇଲା ଶୋଭାସୀମା-ସ୍ଥାନେ । ୪୯ । ମଣି-ସମାନ ନିର୍ମଳ ଦରପଣ-ମଣ୍ଡଳେ ସେ ଶଶୀମୁଖୀ । ମୁଖ ଦେଖିଲା କି 'ବୋଲନ୍ତି କାହିଁକି ଲୋକେ ମୋତେ ଚନ୍ଦ୍ରମୁଖୀ' । ହେ ଧୀରେ । ନିଜ ଅସ୍ୟ-ବିମ୍ବ-ସୁଧାକରେ । କଷ୍ଟ ଥିଲା ନିଜ ବଦନରେ । ତାରତମ୍ୟ ବାରିବା ଆଶାରେ । ୫୦ । ବାଳୀମୁଖେ ହାର ଶଶାଙ୍କ ବିଗ୍ରହ ପ୍ରକାଶେ ଯୁଗଳକାୟ । ତା ସାକ୍ଷୀ ନୟନ-ସଙ୍କୋଚିବା-ଛଳ ଏ ସମୟେ ସନ୍ଦିଗ୍ଧୟ । ହେ ଧୀରେ । ଦୁଇ ଦର୍ପଣ ଦୁଇ ପାଶରେ । ଦେଖାଇଲେ ବାଳୀଣ-ଚିବୁକରେ । ମୁଖଦ୍ୱୟେ ପୁଣି ଶଶି ହାରେ । ୫୧ । ଅଳ-ଯୁଗକର-ମୁକୁରେ ବାଳୀର ମୁଖ-ପ୍ରତିବିମ୍ବଚୟ । ତା ଦେଖି ମନକୁ ଆସଇ ସଂଶୟ ସତେକି ପଦ୍ମ-ନିଚୟ । ହେ ଧୀରେ । କରି ସମାଧି ନଶୀଥିନରେ । ଲଭି ନିର୍ବାଣ-ପଦ ଶଶିରେ । ତା'ର ଅସ୍ୟସାଲୋକ୍ୟ ଲଭିଲେ ।୫୨। ବିଭୂଷା-ବସା ଅସଂଖ୍ୟ-ମାଣିକ୍ୟର ମଣ୍ଡଳେ ପଳାଶ-ମାଳ । ବିଗ୍ରହ ତହିଁ ମିଳିତ ହେଲେ ଅନଳପ-ଚିତ୍ରାମୁଖ-ଜାଳ । ହେ ଧୀର । ସେ ବାଳା ତ ସର୍ବସ୍ୱ କାମର । ତା ରକ୍ଷଣ କି ବିଗ୍ରହ ସ୍ମର । ରଖାଇଛି ଶରାସନ ଶର । ୫୩ । ଯମୁନାଦି-ନଦୀ-ମିଳନେ ପ୍ରସିଦ୍ଧି ଲଭେ ଯଥା ମନ୍ଦାକିନୀ । ସ୍ୱଭାବ-ସିଦ୍ଧ ସ୍ନେହ ଯଥା ବିକଶେ ସୁଗୁଣ-ସଂଯୋଗ ଯେନି । ହେ ଧୀରେ । ଜିତ ଯଥା ସୌଭାଗ୍ୟ-ବଶରେ । ଶୋଭେ ତଥା ବିଭୂଷଣ-ବାରେ । ବାଳୀ ବଳସେ ଅତି ଶୋଭାରେ । ୫୪ । ବିବାହ-ମହୋତ୍ସବପାଇଁ ବିଦର୍ଭପତି-ପୁରେ ସମାଗତ । ସାମନ୍ତ-ନୃପତି-ଯୋଷିତେ ସ୍ୱପତି-ପାର୍ଶ୍ୱାସୁ ବାଛି ହୁରତ । ସେ ଚତ୍ତେ । ନଳଠାରୁ ତରିବା

ଇନ୍ଦୁତେ । ଶିବ-ସିନ୍ଧୁର-ସୁବନ୍ଧୁବ୍ରାତେ । ଜେମା-ପଦେ ଲକ୍ଷ୍ମୀ ଦେଲେ ସତେ ।୫୫। ତହୁଁ ଦମୟନ୍ତୀ ଦେବ-ଗୁରୁ- ପତିବ୍ରତାଙ୍କ ବନ୍ଦିଲେ ପଦ । ତାଙ୍କର ପ୍ରଦତ୍ତ ଅବ୍ୟର୍ଥ ଅଶୀଷ ଲଭି ବଢ଼ିଲା ପ୍ରମୋଦ । ହେ ଧୀରେ । ସୁର-ପ୍ରଦତ୍ତ ଅବ୍ୟର୍ଥ ବରେ । ଏହି କଲ୍ୟାଣ ଅବ୍ୟର୍ଥତାରେ । ସମ, ଊଣା ନୋହିଣ ଗୁଣରେ ।୫୬। ଏକାଳେ ପ୍ରସାଧନ-କର୍ମ-ନିପୁଣ ଅନୁଚର ଜନମାନେ । ବିବାହ-ମଙ୍ଗଳ-ବିଧି-ଅନୁକୂଳ ବେଶକୁ ବିଚାରି ମନେ । ହେ ଜନେ । ନିଜ-ପ୍ରଭୁ ନିଷଧ-ରାଜନେ । କଲେ ସୁବେଶ ଅତି ଯତନେ । ଯହିଁ ଲାଗିବ ନେତ୍ର ପତନେ ।୫୭। ବେଶ-ବିନ୍ୟାସ-କାରକେ ଗ୍ରଥିତନ୍ତ ବାନ୍ଧିଲେ ନୃପତି କେଶ । ତହିଁ ତ ପୂର୍ବେ ପୁଚ୍ଛ-ଶୋଭା ସମ୍ବାଦ ଥୋଇଥିଲେ ବର୍ହିବଂଶ । ହେ ଧୀରେ । ଏବେ ସେ କେଶ ବର୍ହି-ବର୍ହରେ । ଉପହସନ୍ତେ ବନ୍ଧା ଲଭିଲେ । ନ ଲଭେ କି କୃତଘ୍ନ ସ୍ୱଫଳେ ।୫୮। ମାର୍ଜିତ ପ୍ରଲମ୍ବକେଶ ନୃପାଳର ନିପୁର-ପରିଚର । କେଳିତପଣର ମାର୍ଜିତ ପ୍ରଲମ୍ବ ଶସ୍ପନ-ଗୁଣ ଭଳି । ହେ ଧନେ । ପୁଷ୍ପକଳ ତା'ପରେ ବିକଶେ । ଦେଖି ମନକୁ ଏମନ୍ତ ଆସେ । ଶମ୍ବରାରିଶର ଫଳ କି ସେ ।୫୯। ଯାଚକରାଜ୍ୟ-କଳ୍ପବୃକ୍ଷ ପ୍ରତ୍ୟକ୍ଷ ଅଟନ୍ତି ନିଷଧପତି । ତାଙ୍କ ମସ୍ତକେ ମଣିମୟ-ମୁକୁଟ ବିକାଶେ ବିକଚ ଦ୍ୟୁତି । ହେ ଧୀରେ । ଦେଖି ଏମନ୍ତ ଆସେ ମନରେ । ସେ ତ କଳ୍ପପାଦପ ବିଧିରେ । ମଞ୍ଜୁରିତ ମଣିମଞ୍ଜରୀରେ ।୬୦। ଭୂପାଳ-ଲଲାଟେ ମଣି-ହାରପଙ୍କ୍ତି କଳାନିଧିର ପରିଧି-। ପରି ଦିଶେ ଶୋଭା ସେ ମୁଖର ବିଭବଶ୍ରୀ-ନାଥୁ ବଳ ସନ୍ଧି । ହେ ଧୀରେ । ତାକୁ ଏ କାହୁଁ ଆବରି ପାରେ । ତେଣୁ ତା'ର ଅର୍ଦ୍ଧାଂଶ ଆବରେ । ବୃତ୍ତ ନିବର୍ତ୍ତିଲା ବୃତ୍ତାର୍ଦ୍ଧରେ ।୬୧। ମସ୍ତପ- କୁମାରୀ-ମାନସ-ସଂଗ୍ରହ ଧୈର୍ଯ୍ୟ-ମଦଳେ ଦର୍ପକ । ମାରିବା ବିଚାରି ଅଛି ଯହିଁକରି ରଖି ବାଟୁଳ କାର୍ମୁକ । ହେ ଧୀରେ । ଦେଖି ତା ଲୋକ ଭ୍ରାନ୍ତ-ବୁଦ୍ଧିରେ । ବୋଲନ୍ତି ଏ ଟୋପି ଭ୍ରୂମଧ୍ୟରେ । ଲେଖା ହୋଇଛି ନୃପ-ମୁଖରେ ।୬୨। ନିନ୍ଦିତ-ନଳିନ-ମୁଖେ କେ ଚନ୍ଦନବିନ୍ଦୁ ଯତନେ ଲିହିଲା । ତା ଦେଖି ଦର୍ଶକ-ମାନସେ ଏତେକ ବିବେକ ପ୍ରସରି ଗଲା । ହେ ସାଧୁ । କାମୀ ସମ୍ପୂର୍ଣ୍ଣ-ଶଶାଙ୍କ-ବନ୍ଧୁ । ଭବେ ଫୁଲଶର-ଶର ହେତୁ । କୋଳେ କଲା କି ତାରକାବିନ୍ଦୁ ।୬୩। ହେବ ବା ଏମନ୍ତ ହୁତାଶନକୁ ତ ନ କରିଲେ ପ୍ରଦକ୍ଷିଣ । ନଳ ଭୀମପୁତ୍ରୀ ନ ପାଇ ପାରନ୍ତି' ତା ପୂର୍ବରୁ ସୁରଗଣ । ସେ ଚିନ୍ତି । ବିନ୍ଦୁ-ଇନ୍ଦୁକୁ ପଠାଇଛନ୍ତି । ଭୂପଭାଲେ ବହ୍ନି-ଲିପି ପନ୍ତି । ପଠନେ 'ସେ ହେବେ କି ତା ପତି' ।୬୪। ନୃପ-କପୋଳ-ପାଳିରେ କର୍ଣ୍ଣଲୋଳ କୁଣ୍ଡଳେ ପ୍ରତିଫଳନ୍ତି । ସେ ଯୁଗଳେ ବିମ୍ବଯୁଗ ଯୋଗ ଲଭି ଚତୁର୍ସଂଖ୍ୟା ବହନ୍ତି । ହେ ଜନ । ସେ ବଦନ-ମଦନ-ସ୍ୟନ୍ଦନ । ଚଳିବାକୁ କି ଚକ୍ରସଜନ । ଚଣ୍ଡ ଚକ୍ରର କଲା ଯୋଜନ ।୬୫। ଗୁଚ୍ଛୁବିଶେଷ ବନ୍ଦିବାକୁ ମଣ୍ଡପତି ମସ୍ତକ ନୁଅନ୍ତେ ନତ ।

ଗଳବଟଳୋଳ ମୁକୁତାବଳି-ମାଳ ଚୁମ୍ବୁଥାଇ ମୁଖପ୍ରାନ୍ତ । ହେ ଚନ୍ଦ୍ର । ସେ ବଦନ
ପୂର୍ଣ୍ଣି-ତାରକାନ୍ତ । ତହିଁ ସ୍ରୁତ ସୁଧାବିନ୍ଦୁ ବ୍ରାତ-। ବତ ମୁକ୍ତାମାଳ ପ୍ରଗୀତ । ୭୬ ।
ଶିଶି ଯହିଁ ଜାତ ଯା ବାରଣେ ରଣେ ଅସ୍ତିବଳ ନିପାତ । ଯା-ଠାରୁ ସତତ
କମଳାର୍ଥୀ ବ୍ରାତ ଯାଆନ୍ତି ହୋଇ କୃତାର୍ଥ । ହେ ଧୀରେ । ସେହି ସମୁଦ୍ର-ଭବ
ବିଧିରେ । ନଳ-ଚନ୍ଦ୍ର ନୃପ-ପରିଧିରେ । ସମାଦରେ ଗ୍ରହିଲେ ସ୍ୱକରେ । ୭୭ ।
ଅନବରତ ଅର୍ଥୀ ସାର୍ଥ-ପ୍ରାର୍ଥନ-ପୂରଣେ ଯେ କଳ୍ପବୃକ୍ଷ । ବସୁନ୍ଧରା-ବରବର ସେ
ଭୂପାଳ ଭୁଜ-ମୂଳରେ ପ୍ରତ୍ୟକ୍ଷ । ହେ ଧୀର । ବିରାଜଇ କଙ୍କଣ ଯୁଗଳ । ଅପେ
ଛଟେ ଏମନ୍ତ ବିଗ୍ଭର । ସେ କି ସେ ବୃକ୍ଷର ଆଳବାଳ । ୭୮ । ସେ ଭୁଜମଣ୍ଡକ
ଭୁଷଣେ ଅନେକ ହୀରକ ମାଣିକ୍ୟ ଛନ୍ତି । ତାଙ୍କର ଅରୁଣ ଉଜ୍ଜଳ କିରଣ ଦଶ-
ଦିଗେ ବ୍ୟାପନ୍ତି । ହେ ସେନ । ଦଶ-ଦିଗ-ଜୟ-ବିଜନ୍ୟ । ପରତାପ-ଜ୍ୱାଳିଜ
ରାଜନ । କରେ କରୁଛନ୍ତି ବରଷଣ । ୭୯ । ସମସ୍ତ-ଶାସରେ ରତନ-ନିକରେ
ନିଘଟେ ତ କଣ୍ଟୁକିତ । ସେ ମଣିମଣ୍ଡଳେ ସ୍ୱବିମ୍ବ ଯୁଡ଼ିଲେ ହୁଅଇ ପ୍ରତିବିମ୍ବିତ ।
ହେ ଧୀରେ । ଏଣୁ ସେବକ-ଧରା ମୁକୁରେ । ନାହିଁ ଆଦର ନୃପ-ପାଶରେ ।
କେଉଁ ପ୍ରୟୋଜନ ଭ୍ରସ ତାରେ । ୮୦ । ନାନାବିଧ-ବିଭୂଷଣେ ବିଭୂଷିତ
ନୈଷଧପତି-କାନ୍ତି । ଦେଖୁ ନ ଥିଲେ କେବଳ ଦରଶକେ ହୋଇ ଅତି ତୋଷ
ମତି । ହେ ଜନେ । ଅଙ୍ଗ-ଲାଗି ଅଳଙ୍କାରମାନେ । ଦେଖାଦେଖି ଆପଣା ଆପଣେ ।
ହେଉଥିଲେ ରତନନୟନେ । ୮୧ । ଦେଶସାର ରଣ-ସ୍ଥତାର ଶିକ୍ଷିତ ଜୟଦ୍ରଥ
ରଥେ ବିଜେ । ଚଳାଇବାକୁ ସେ ସ୍ୟନ୍ଦନ ସାରଥି-ବର ବାର୍ଷ୍ଣେୟ ବିରାଜେ ।
ହେ ଧୀରେ । ରାଜେ ଉଷ୍ଣ ସମ୍ରାଟ ଶିରେ । ସେ କି ପୃଥାତନୟ ସେ କାଳେ ।
ଜନ୍ୟ (ବିଧୂତଯୁଦ୍ଧ) ପାଇଁ ଯାହା ଅରମ୍ଭିଲେ । ୮୨ । ସେ ଉଜ୍ଜ୍ୱଳରୂପ ନୃପର
ନୀରାଜନ ବିଦର୍ଭ-ନାମ ଅମର- । ପୁରର ବରନାରୀଏ ଅପସର ବାମ୍ଭୁ ଅପସରା-
କୁଳ । ହେ ଧୀରେ । ବେଶ ସମ୍ପାଦି ବନ୍ଧୁ ବିଧିରେ । ଥିଲେ ବିଭୁତି ସର୍ବବିଧିରେ ।
ଅପେକ୍ଷାରେ ରହିଥିଲେ ଦ୍ୱାରେ । ୮୩ । ନୃପ-ଦରଶନେ ଉତ୍ସୁକା କେ ବାଳୀ
ହସ୍ତେ ଲୋ ଅନାଇଥିଲା । ଏକାଳେ ଅଳକ ଅନୁକୂଳେ ବନ୍ଧି ତା ସ୍ତନାଂଶୁକ ହରିଲା ।
ହେ ଧୀରେ । ନୃପ-ବିଜୟ-ହେବା-ବିଧିରେ । ବାଳା ମଙ୍ଗଳାରେପ କି କରେ ।
ବାଢ଼ି ମଙ୍ଗଳକୁମ୍ଭ-ସମ୍ମୁଖରେ । ୮୪ । ତହିଁ କେ କାହାକୁ ସଖି ଦେଖ ବୋଲି ଭ୍ରୂଭଙ୍ଗେ
ଦେଇ ଦେଖାଇ । ଖରେ କର ଟେକୁଁ ରତନଦନ୍ତୁର କଙ୍କଣେ ଲାଗି ଛିଡ଼ଇ । ସେ
ହାର । ତହୁଁ ପଡ଼େ ମୁକୁତା-ପ୍ରକର । ସେ ତ ଲାଜାବର୍ଷଣ ପ୍ରକାର । ନରପତି
ବିଜୟ ବେଳର । ୮୫ । ନଖ-ଅଦରଶ ମୁଖ-ତାମରସ ହୁତ ବିକଚ-ପ୍ରସୂନ । ବାଣୀ
ମଧୁ ପାଣି ପଲ୍ଲବ ଏ ଅଦ ଭାଳି ଅନୁକୂଳମାନ । ହେ ଧୀର । ତନ୍ତ୍ର ନୃପତି-ବିଜୟ

ବେଳ । ଥିଲେ ବାଡ଼ ପଥ ପାରୁଶର । ସୁରଭୁଷା ନାଷା ସେପୁରର । ୭୮ । କେ ନାୟିକା ଏକା ହୋଇ ଉଭା ଦେଖାପାଇବାକୁ ନୃପଙ୍କର । ଏକାଗ୍ରେ ଅନାଇଁଥିଲା ଗୃହମୁଖଁ ଏକାଳେ କର ତାମ୍ବୁଳ ହେ । ଧୀର । ମୁଖେ ଦେଇଁ ଭ୍ରମ ବଶେ କର- । ଲୀଳାପଦ୍ମ ପଶେ ମୁଖେ ତା'ର । ସେ ଫଳ ତା ମୁଖେ ଶବ୍ଦ ତା-ର ॥ ଗହଳେ ପଶି କେ ବାଳୀ ଏକମନେ ନୃପବରେ ଦେଖୁଥିଲା । ଏକାଳେ ବଦନ ତା'ର ବଳେ ଅସି ଯାରପୁରୁଷ ଚୁମ୍ବିଲା । ହେ ଯେନ । କେହି ନକଲେ ତାହା ଲୋକନ । ଯେଣୁଥିଲେ ସର୍ବେ ଅନମନ । ହେଲା ସେ ବାଳା-ଦୃଷ୍ଟିବାରଣ ॥ ଅଲୋକସାମାନ୍ୟା ରୂପସୀ କେ ଧନ୍ୟା ପଲକପତନ-ହୀନ ।-ନୟନେ ନରପତିବର- ବିଜୟ କରୁଥିଲା ବିଲୋକନ । ହେ ଯେନ । ପଦାଙ୍ଗୁଷ୍ଠେ ମଣି-ଘର୍ଷଣ- । ମାତେ ବହିଥିଲା ନାଗନାମ । ନୋହିଲେ ସେ ଅପ୍‌ସରା ନଦାନ । ୭୯ । ଭୁଷା ଖସିବାର ଜଣାଇବା ପାଇଁ କେ କା'ର ଗାଢ଼ ଟିପଇ । ତହିଁରୁ ତା ସେ ନ ପାରିବାରୁ ବାର କଟିର ଧ୍ୱଏ ଦୋହଲାଇ । ହେ ଧୀର । ନୃପ-ଦର୍ଶନ-ପ୍ରମୋଦପୂର । ଅଙ୍ଗେ ନ ସମ୍ଭାଇବାରୁ ତା'ର । ସହି ହଲାଏ କି ତା ଶରୀର । ୮୦ । ଅନନ୍ୟମନେ ତ ବନିତାଏ ନୃପବିଜୟ ବିଲୋକୁ ଥିଲେ । ଅବତଂସୀ-କୃତ ନୀଲୋତ୍ପଳ-ନେତ୍ର-ଜାଲେ ତାଙ୍କ ଶ୍ରୁତିମାନେ । ହେ ଯେନ । କରୁଥିଲେ କି ଏକାଗ୍ରମନ । ହୋଇ ସେକାଳ ଶୋଭା ଦର୍ଶନ । ଯେନା ନ କରି ଅନ ବରନ । ୮୧ । ବିବିଧ ମଣିରତନେ ପହୁଁ ଶିର ପରସନ୍ତେ କଣ୍ଠକତ । ଭୂଭୃତେ ଅନାଇଁ କେ ଯୋଷିତ-ବର ଭାଳଇ ଏମନ୍ତ ଚିତ୍ତ । ହେ ଧୀରେ । ଏ ତ ବହୁପୁଣ୍ୟେ ଜଗତରେ । ସାର୍ବଭୌମ, ତେଣୁ ରହିଛନ୍ତେ । ସଜନ୍ତ ଅପଷ୍ଟ-ନେତ୍ରବାରେ । ୮୨ । 'ନାଶତାପ୍ରାପ୍ତ ପ୍ରଦ୍ୟୁମ୍ନସୁତ ପୁରୁରବା ଯେ ଉର୍ବଶୀପତି । ଏ ବର-ଶୋଭାର ଅଂଶ ତ ତାଙ୍କର ତନୁରେ ନ ଥିବ ରତି' । କେ କହି । ହରକୋପେ ମାର ଭସ୍ମ ହୋଇ । ତାର ଶୂନ୍ୟ ସିଂହାସନ ପାଇଁ । ନିର୍ମାଣିଲା କେ ଏହାଙ୍କୁ କହି । ୮୩ । କେ କହେ "ଏହାଙ୍କ ପାଇଁ ସୁରନାଥେ କେମା ତେଜିବା ଉଚିତ । ଏ ବରେ ବରୁଁ ସୁମନା ହୋଇ କେବେ ଦୁର୍ମନା ହେବା କି ମତ । ଗୋ ହେଲା । ଅମ୍ଭେ ସହିବା ଏହାଙ୍କ ଭଲ । କେମା ଅମୃତ ଗୁଣୀଚନ୍ଦ୍ରସ୍ । ଠିକ ତା ନେବେ ପଡ଼ିଛି ଧରା । ୮୪ । ଏ ବର-ଗଳେ ବରମାଳା ଦେଖି କି ଦେବଙ୍କ ସ୍ଥିତ ସହିଲା ? । ବଦାରଦେବାକୁ ଛୁରିକା କି ତାଙ୍କ କଟିତଟରେ ନ ଥିଲା । ଗୋ ସହି ଏଣୁଁ ବ୍ୟର୍ଥେ ଫେର ସୁରସାଇଁ । ଶଚୀ-ବଦନେ ଗୃହିଁବେ କେହି । ସେ ତ କ୍ଷୋଭେ ଥିବ ବନ୍ଦ ହୋଇ । ୮୫ । ପ୍ରମୋଦୁଁ କାନ୍ଦି ବଡ଼ ବୋଲି ଶବର ଧପହି ନୋହିଲା କେମା । ଉଚିତ ସେ କଲା ବରକ୍ଷଣା-ପଣେ ପରିଶେ କେ ତା'ର ସୀମା । ଗୋ ସଖି । ଶଚୀଚରିତେ କେ କାବ୍ୟ ଲେଖି । ଏହା ଚରିତ ଶ୍ରୁତିରେ ରଖି । ଏଥି କାବ୍ୟ କେ

ନ କରବେ କ ? । ୮୬ । ପୂର୍ବଜନ୍ମ-ଜମା ଜେମାର ସୁକୃତେ ଏ ମଦନ ମର୍ତ୍ତ୍ୟେ ଜାତ । ଧଣେ କ ସୁନ୍ଦର ଯାʼଙ୍କୁ ପୁରନ୍ଦର ନ ପାଇ ସନ୍ତପ୍ତ ଚିତ୍ତ । ଗୋ ସହି । ସେହି ଭୀମରାଜା-ଜେମାଦେଇ । ଏକା ଏହା ସଙ୍ଗକୁ ଶୋଭଇ । ମିଶି ଦୁହେଁ ଯିବେ ଏକ ହୋଇ । ୮୭ । ଏ ବେନଙ୍କ ଯୋଗେ ସ୍ତ୍ରୀ-ପୁଂସ-ସଂଯୋଗ-ଅଭ୍ୟାସ ଧାତାର ସିଦ୍ଧ । ଦମ୍ପତି-ପ୍ରେମବିଧାନେ ରତିପତି ଯାହା କରୁଥାଇ ସଧ । ଗୋ ସହି । ତାʼର ସେ ଶ୍ରମ ସାର୍ଥକ ହୋଇ । ଏ ଦୁହିଙ୍କି ଦେବାକୁ ମିଳାଇ । କେହି ଅଯୋଗ୍ୟ କାହାର ନୋହି । ୮୮ । ଜ୍ୟେଷ୍ଠ-ପୂର୍ଣ୍ଣିମାରେ ସ୍ନାନ-ବେଦିକାରେ ଯେ ଦେଖିଥିବ କେଶବେ । ଅବଦାତ ମାଘେ ତ୍ରିବେଣୀ-ସଙ୍ଗମେ ଯେବା ସ୍ନାନ କରିଥିବେ । ଗୋ ସଖି । ପୂର୍ବେ ପାରିବେ ଏ ବରେ ଦେଖି । ଅନ ନାଶିଏ ଏ ବର-ଅକ୍ଷି- । ପକ୍ଷ୍ମ-ଭ୍ରମରେ ହୋଇବେ ସୁଖୀ । ୮୯ । ଭୂପତିସୁତାର ଅଘାତ ଚରିବ ତା ସତ୍‌ଭାଗ୍ୟକୁ ସାକ୍ଷୀ । ଇନ୍ଦ୍ରତ୍ୟାଗୁଁ ସୁଖୀ-ଶଚୀ-ବରଦାନ ଯାଇଛି ମିଶି ତହିଁ କି । ଗୋ ସହି । ଏତ ମହାମହେନ୍ଦ୍ର ବୋଲାଇ । ଯାଙ୍କ ତୁଲକୁ ସେ ଭଲ ଶୋହି । କେ ଅଧିକ ଗୁଣୀ ନୁହେ କେହି । ୯୦ । ବାରଣଗମନା ବରଣପାଇଁକି ସଭାରେ ଦେବଙ୍କୁ ତୋଷି । ବରିଲା ଏ ବର ଦେଲା ନୃପଙ୍କର ଅପତ୍ରପା-ଭସ୍ମ ନାଶି । ଗୋ ସହି । ଦେବେ ଥିଲେ ତ ପ୍ରସନ୍ନ ହୋଇ । ତେଣୁ ତାଙ୍କୁ ଲାଜ ଶେଷ ଦୁଇ । କେଉଁ ବାଟେ ନ ପାରିଲେ ଛୁଇଁ” । ୯୧ । ଉଦୟ ପର୍ବତ ଅଣି ତାରକାନ୍ତ-ବତ ରକ୍ତ ହସ୍ତ ନଳ । ସୁଖଦାୟୀ ରଥେ ଅବେହ ଚଳନ୍ତେ ତାଙ୍କ ଅଙ୍ଗ-ଅଳଙ୍କାର । ହେ ଧୀରେ । ଦେଖି ପୁରନାରୀ ଏ ପ୍ରକାରେ । ହେଉଥିଲେ କଥା ପରସ୍ପରେ । ଅସୁଥିଲା ଯାହା ଯା ମନରେ ।୯୨। ଶ୍ରୀହୀର-ମଲ୍ଲଦେବୀ-ସନ୍ତାନ ଶ୍ରୀହର୍ଷ ସରସ-ସାଗର-ସାର ।-ସୁଧାକୁ ସମ୍ପାଦ ରଖିଛନ୍ତି ତାଙ୍କ ନାମ ନୈଷଧ ଯାʼର । ହେ ଧୀରେ । ଗୋପୀନାଥ ତାହା ଗୀତ କରେ । ଚନ୍ଦ୍ର ହରଷେ ହର୍ପଦରେ । ଧର୍ମେ କାଳ ଯେ ପ୍ରଣମି ତାରେ । ୯୩ ।

ଷୋଡ଼ଶ ଛାନ୍ଦ ।

ରାଗ—ବଙ୍ଗଳାଶ୍ରୀ ।

ଶୁଣ ଜନେ ପୁରେ— ହତେ ପୁରସ୍କାର
ଉଭୟ ମତରେ କର ।
ସଖା ସଙ୍ଗେ ରଥ ଶ୍ରେହି ଚଳାଲେ
ନଳ ବଦର୍ଣ୍ଣେଶ ପୁରୀ । ୧

ସୁନ୍ଦରୀଏ ଇନ୍ଦୁପ୍ରଭ ସୁନିର୍ମଳ ଚାମର ଚାଳନ୍ତି ଧୀରେ । ସେ ଚାମର-ଗୁଣ ଅଙ୍ଗ-ଆଭରଣ-ରତ୍ନେ ପ୍ରତିଫଳୁ ଥିଲେ । ୨ । ତା ଦେଖି ଏମନ୍ତ ବିଚାରିଲୁ ଚିତ୍ତ ଆଦରେ ଦର୍ଶକର । ସେ ନୃପେ କି ନିଜ-ସୁଗୁଣ-ସମାଜ ସେବୁଥିଲେ ନିରନ୍ତର ।୩। ଉତ୍କୃଷ୍ଟ-ବେଶ-ଭୂଷିତ ବରବାଜି ଯାଉଥିଲେ ନୃପ-ଅଗେ । ତେଣୁ ସେ ସୁନାସୀର ସୁନାଶିରତା ଗୁଚ୍ଛି ଏକା ଇନ୍ଦ୍ରଭାଗେ । ୪ । ଏକେ ତମୀ ବିଭାବରୀ ତା ଶ୍ୟାମାଙ୍ଗୀ ସୈନ୍ୟପଦରଜେ ବଢ଼େ । ସାମନ୍ତନୃପତି-ଶିର ରତ୍ନଜ୍ୟୋତି ତହିଁ ବିରାଜନ୍ତି ଗାଢ଼େ ।୫ ଦୀପ ଦନ୍ଦୁଡ଼ି ହୁଳା ଆଦି ଯେତେକ ସେ ବରଯାତ୍ରାରେ ଥିଲା । ଏ ରତନ-ଅଭି ଲଭି ତାଙ୍କ ପ୍ରଭା ଶତଗୁଣେ ବିକଶିଲା । ୬ । ଶୁଭବେଳ ବଳିଯିବା ଭୟେ ଭୀମନୃପ ଯେ ଭୂପତି-ବାରେ । ଏକାପରେ ଆନ ପେଷୁଥିଲେ ମିଶୁଥିଲେ ସେ ନଳସେନାରେ । ୭ । ଏହିମତି ବର-କନ୍ୟା-ସପକ୍ଷର ଉଭୟ ଜନତା ମିଳି । ହୋଇଗଲା ଦେଖି ନିଧଣ ବିଶେଷ ଧୂଳି ନ ଗଲବା ଭଳି । ୮ । ସେ ବରଯାତ୍ରାର ଉପର ଅମ୍ବର ଦିଶଇ ବିନସ୍ତ୍ରୀବତ । ବହୁବିଧ-ବର୍ଣ୍ଣ-ରଞ୍ଜିତ-ପତାକା-ବ୍ରତତି-ବ୍ରାତେ ପୂରିତ । ୯ । ସେ କେତେ ବନ୍ୟ ବାରଣ-ବ୍ୟାଘ୍ର-ସିଂହ ମୂର୍ତ୍ତିମନ୍ତ ହୋଇଛନ୍ତି । ଚଳନ୍ତି ବାତ-କମ୍ପନେ ସ୍ଫୀତ ହୋଇ ସାଧ-ଧ୍ୱଜ--ବୃକ୍ଷପନ୍ତି । ୧୦ । ଏକାଳେ ବାରଣ-ଶ୍ରବଣ-ବ୍ୟଜନ-ଜନିତ-ବାତ-ଚାଳିତ ।-ତୋରଣମାଳ-ଭ୍ରୂଲତା ନଚାଇ ବିଦର୍ଭ-ଅବନୀଭୂତ ।।-ପୁର ପ୍ରତି-ହାର-ଭୂମି ନୃପଜାର ହୋଇ ଦୃଷ୍ଟି ପରକାର । ଠାରୁ ଡାକିବାର ଚାତୁରୀ ନୃଦର ହେଲା ନୟନ ଗୋଚର । ୧୧ । ଲୁଳିତ ପଲ୍ଲବେ ଚାରୁ ରମ୍ଭାତରୁ-ଯୁଗ ପ୍ରତିହାର-ମଣ୍ଡ । ନୀଳ ବସନା ସଜ୍ଜିତ କୋମାର ଅତି ରୁଚିର ଦିଶଇ । ୧୩ । ନଳ-ଆଗମବାର ତୁରୀ ବାଜିଲା ତା ଶୁଣି ବିଗୁର ହେଲା । ପ୍ରତିହାର-ମଣ୍ଡ-ସଙ୍ଗ କି ନୃପଙ୍କୁ ସ୍ୱାଗତ ସମ୍ଭାଷୁ ଥିଲା । ୧୪ । ବେନି ପକ୍ଷୁଁ ବେନି ମହାରାଜ ଯେଣୁ ଅଗେ ଥିଲେ ଉପସ୍ଥିତ । ତେଣୁ ବେନି ସୈନ୍ୟ ହଂସା ଦ୍ୱେଷମାନ ମନୁ କରୁଥିଲେ ତ୍ୟକ୍ତ । ୧୫ । କେବଳ ବେନିଙ୍କ ସୁଖ-ସମ୍ଭାଷଣେ ହେଲା ମହା କୋଳାହଳ । ତା ତୁଲକୁ ସିନ୍ଧୁ-ଗର୍ବର ଗର୍ଜନ ଶାଇଲ ଭୁଲେ ଉପଳ । ୧୬ । ବନ୍ଧୁଙ୍କୁ ବସାଇ ଅର୍ଦ୍ଧପଥ ଯାଇ ଦମ ଦମ-ଯନ୍ତ୍ରୀ ଭ୍ରାତ । ପହଞ୍ଚି ମଣାନ୍ତି ନଳଙ୍କୁ ନୃପତି ଭୀମ ଦେଖି ତୋଷ ଚିତ୍ତ ।୧୭। ତହୁଁ ନଳେ ଦେଖି ହୋଇ ମହାସୁଖୀ ଉଠି ଭୀମ ମହୀପତି । କର ପ୍ରସାରି ପାଶ୍ଳେଷ-ବାର-ପାଇଁ ଅତି ଆଦରେ ଗମନ୍ତି । ୧୮ । ସେକାଳେ-ଶୋଭା ଏମନ୍ତ ଦିଶେ ଅବା ସୁରନଦୀ-ନୀରପୂର । ଗ୍ରହିବାକୁ କି ସାଦରେ ସରସ୍ୱାନ ପ୍ରହାରେ ତରଙ୍ଗ କର । ୧୯ । ବହୁ-ବାହିନୀ-ଈଶ୍ୱର ସେ ଭୂଭୃତପତି ଅତି ମୋଦମନେ । ଲକ୍ଷ୍ମୀ କନ୍ୟାକୁ ଶିବ ପୁରୁଷୋତ୍ତମ ନଳେ ଦେଲେ ସୁବିଧାନେ । ୨୦ । ବିଦର୍ଭେଶ୍ୱର ପ୍ରଦତ୍ତ ମଧୁପର୍କ ନଳ ଯା କରନ୍ତି ପାନ । ତା ଦେଖି ଭବିଷ୍ୟଦର୍ଶୀ ଦରଶକମାନେ ବିଚାରନ୍ତି ମନ ।୨୧। ପରେ ନରପତି-

କୁମାରୀ-ଅଧର-ମଧୁ ପାନ କରିବାର ।-ପୁଣ୍ୟାହ ବାଚନ ପୂର୍ବରୁ କଲେକ ନଳ ମହୀପାଳ-ବର । ୨୨ । ପର-ବିଘାତ-ବିଧାନ-କଉତୁକୀ ସର୍ବଦା ତ ବରକର । ବଧୂ-ପାଣି ପଙ୍କଜର ଗ୍ରହଣକାନ୍ତ-ସମ୍ପତ୍ତିର ତ ତସ୍କର ।୨୩। ସେ ବିଦର୍ଭପତି ନ୍ୟାୟ୍ୟ ପରାକ୍ରମେ ତାଙ୍କ ସ୍ୱୈର୍ଯ୍ୟ ଖଣ୍ଡିଗଲେ । ରହନ୍ତେ କେହି କର୍କଶ କ୍ଷଣେ ତେଣୁ ଏକଠି ବନ୍ଧା ହୋଇଲେ । ୨୪ । ନଳକର-ପରେ ନୃପକୁମାରୀକର ରହିବାର ଦେଖି ଆଳୀ । ହସିଲେ ଜାମାପତିର ଭବିଷ୍ୟତ-ପୁଂସାମୃତ-ଭାବ ଭାଳି ।୨୫। ଯକ୍ଷସଖ୍ୟ ବଶୁ ଲବ୍‌ଧ ସର୍ବପ୍ରଦ ଚନ୍ଦ୍ରମଣି ହାର ହର । 'ଭୀମ' ନାମ ସାମ୍ୟ ସଖାଭାବ ଭୀମେ ଦେଇଥିଲେ ପୁରସ୍କାର ॥ ସେ ହାର ତ ନରେ ଦୁର୍ଲ୍ଲଭ ସର୍ବଦା ବହନ୍ତି ତାଙ୍କୁ ଅମରେ । ତାହାକୁ ବିଦର୍ଭପତି ଜାମାତାର ଦେଲେ ଲମ୍ବାଇ ଗଳାରେ । ୨୬ । ବରେ ବିତରିବାପାଇଁ ସଂଗୃହୀତ ବସ୍ତୁତ ମହାର୍ଘଦ୍ରବ୍ୟ ।-ପ୍ରତିବିମ୍ବ ସେ ମାଳାରେ ପଡ଼ି ବହିଥିଲା ଏମନ୍ତ ସମ୍ଭବ । ୨୮ । ଯାଚକଯାଳେ ବିତରିବାରପାଇଁ କି ଅବା ସେ ହାରବର । ସଂସାର ଲୋଡ଼ ପାରିଯାକ ସଂଗ୍ରହ ରଖିଛି ନିଜ ଗର୍ଭର । ୨୯ । ଶମ୍ଭୁ-ସମ୍ଭେଦରେ ତର ନୋହୁଁ ସ୍ୱାମିର ନାମ ସାମ୍ୟ ବିଦର୍ଭେଶେ । ମହୀଶବେନାଣୀ ଭାସ୍ୱର ଅସି କି ଟିକା ଦେଇଥିଲେ ତୋଷେ ।୩୦। ଇଷତ ସ୍ମିତ ସହିତରେ ସେ କୁଣ୍ଡିନ-ବାସକୁ ଭୀମ ଭୂପତି । ଜାମାତା ନିଷଧ-ଈଶ୍ୱର ନଳର କରେ ଅର୍ପିଲେ ହୃଷ୍ଟ ।୩୧। ମହିଷେ ନାଶିବା ପାଇଁ କି ପର୍ଣ୍ଣବଦାରୀ ଯେଉଁ କୃପାଣ । ବାମେତର-କଣ୍ଠ-ଦେଶେ ଭବାନୀର ହୋଇଥିଲା ଲମ୍ବମାନ ।୩୨। ହରବାମଅଙ୍ଗେ ଯେ ଦକ୍ଷିଣ ଭାଗେ ମିଶନ୍ତେ ସେ ମହାଦେବୀ । ଦକ୍ଷକଣ୍ଠ-ତଟ-ବିଳମ୍ବି କୃପାଣ ଅସଜ ହୋଇବା ଭାବି ।୩୩। ତାକୁ ବିଦର୍ଭ ଭୂପଙ୍କୁ ଦେଇଥିଲେ ସେ ଏବେ ତା କନ୍ୟାତୁଲେ । ନିଷଧ-ଅଧୀଶ-କରେ ସମର୍ପିଲେ ଅତି ଉଲ୍ଲାସେ ସତ୍ତ୍ୱରେ । ୩୪ । ଉଦୟ-ପର୍ବତ-ଶୋଭା ସେ ବହଇ ଶୋଭି ଲତା-ପତ୍ର-ଛନ୍ଦେ । ଶାଣିତ ତୀକ୍ଷ୍ଣ ଉଜ୍ଜ୍ୱଳ ଧାରେ ଦଣ୍ଡେ ମଣ୍ଡିତବତ ପ୍ରପାତେ ।୩୫। ହତ-ଶତ୍ରୁ ରକ୍ତେ ରଞ୍ଜିତ ହୋଇଣ ବହଥାଏ ସନ୍ଧ୍ୟାରାଗ । ସ୍ୱଶୌର୍ଯ୍ୟ-ସୂର୍ଯ୍ୟ-ଉଦୟପାଇଁକି ସେ ଯଥାର୍ଥ ଉଦୟ-ନଗ । ୩୬ । କନ୍ୟା-ପ୍ରାର୍ଥନାପାଇଁକି ନିଜ ଜିହ୍ୱା ଯମ ପଠା-ଇଲା ପରେ । ଯା'ର ଅନନ୍ୟ-ସାଧାରଣ ଅକୃତି କରେ ପ୍ରକାଶ ଗୁରୁତା ।୩୭। କର ଗ୍ରହ-ଯୋଗ୍ୟା ଚରବାରବତୀ ସେ ଅସିପୁତ୍ରୀକି ନୃପ । ଜାମାତା-ନଳ-ଭୂପାଳ-କରେ ଦେଇ ଲଭିଲେ ତୋଷ ଅମାପ । ୩୮ । ସମର-ସ୍ଥଳ-ସ୍ଥଣ୍ଡିଳ-ଶାୟୀବ୍ରତେ ଅବ୍ରତବ୍ରାତେ ସେ ଛୁରୀ । କରଇ ଯାଚିତ ଦକ୍ଷିଣା-ହୃତ୍ସ୍ପୃପ ତାଙ୍କ ନାରୀ-କୁଚପାଳି- ।୩୯। ପଦ୍ମାବଳୀ ପୁଣି ନୟନ-କଜ୍ଜ୍ୱଳ ଲଭି ନିଜ ବେଣିପାଶେ । ବନ୍ଦୀଲୋ-ପର ତା ଧାରର ମନ୍ଦତ୍ୱବୋଲ ଶୋଭି ପରକାଶେ ।୪୦। କନ୍ୟା-କାମୁକ ପାବକ ସ୍ୱହୃଦତା ଦେଖାଇବାର ପାଇଁକି । ଦେଇଥିଲେ ଯେଉଁ ରଥ ଉପହାର ବିଦର୍ଭ-ନରପାଇଁକି ।୪୧। ଅଦ୍ରି-ସମୁଦ୍ରାଦ୍ଧ ଦୁର୍ଗମ

ପଥରେ ନୁହଇ ରୁଦ୍ଧ ଯା ଗତି । ସେ ରଥ ଜାମାତା କରେ ସମର୍ପିଲେ ଭୀମ-ନୃପ ମହାମତି । ୪୨ । ପୁଷ୍ପକବତ ସେ ମହାରଥ ଶୋଭେ ନଳକୁବର-ସଂଯୋଗେ । ବର ସାରଥିର ଅଧିଷ୍ଠାନେ ଗରୁଡ଼ର ଦିଶେ ପୁରୋଭାଗେ । ୪୩ । ମନ୍ଥନକାଳେ ସାଗର ଉଦରରେ ଉଚ୍ଚୈଃଶ୍ରବାରେ ପ୍ରକାର । ବର-ତୁରଙ୍ଗକୁ ସ୍ୱପ୍ରଭୁ ବରୁଣେ ଥିଲେ ଉପହାର କରି ॥ ବନ୍ଧୁତାପାଇଁ ବରୁଣ ତାକୁ ଭେଟିଥିଲେ ଭୀମ ନୃପଯାଣେ । ସେ ଏବେ ତାକୁ ନଳ କରେ ଯୌତୁକରୂପେ ସମର୍ପିଲେ ତୋଷେ । ୪୫ । ଦ୍ରୁତଗତିରେ ସେ ଦୂରେ ଦୂରକର ନ ପଡ଼େ କା ନୟନରେ । ଫେରନ୍ତେ ପୂର୍ବପଶ୍ଚ-ଧୂଳିଜାଳେ କେ ତାକୁ ଦେଖି ନ ପାରେ ।୪୬। ଭୀମେ ଇନ୍ଦ୍ରର ଆଦର ଦେଖି ବିଶ୍ୱକର୍ମା ଏକ-ମରକତ- । ବିନିର୍ମିତ ପିକଦାନୀଏ ସେ ନୃପେ କରିଥିଲେ ଉପକୃତ । ୪୭ । ତାକୁ ବିଦର୍ଭ-ନର-ଈଶ ଜାମାତା-କରେ କଲେ ସମର୍ପଣ । ଦରଶକ-ଲୋକ-ଲୋଚନ-ତର୍ପକ ଯା'ର ଅରୁଣ କିରଣ ॥ ତାମ୍ବୂଳବିଳାସୀ-ନଳ-ମୁଖୋଦ୍ଗୀର୍ଣ୍ଣ ଲୋହିତ-ପୂଗ-ଶକଳେ । ପୂର୍ଣ୍ଣପର ଦିଶୁଥିଲା, ଶୂନ୍ୟଗର୍ଭ ବୋଲି ସେ ପରେ ବାରିଲେ । ୪୯ । ଶିବ-ଭକତ ମୟଦୈତ୍ୟ ସ୍ୱପ୍ରଭୁ-ନାମ-ସମତା-ବଶରେ । ଭୀମେ ଯେ ବାସବ-ନୀଳମଣି ଥାଳୀ ଉପହାର ଦେଇ-ଥିଲେ । ୫୦ । ସେ ଥାଳକୁ ଏବେ ଯଉତୁକ-ରୂପେ ବିଦର୍ଭ-ଅବନୀପତି । ସ୍ୱସୁତା-ଦୟିତ-କରେ ସମର୍ପିଲେ ଅତି ହରଷିତ ମତି । ୫୧ । ବହନ୍ତେ ମୟୂର ପୁଚ୍ଛେ ଏ ଥାଳର ବର୍ଣ୍ଣ ସେ ବିଷେ ନମରେ । ହୋଇଥାନ୍ତେ କି ଶଙ୍କର ନୀଳକଣ୍ଠ ଏ ଥାଳରେ ଭୁଞ୍ଜିଥିଲେ । ୫୨ । ଦେଲେ ଗଜବର ମଦବାରି ତା'ର ନିରତ ବରଷୁଥାଏ । ମେଘ-ସମାନ-ବର୍ଣ୍ଣରୁ ଦିଶୁଥାଏ ଅଭ୍ରମାତଙ୍ଗ ପରାୟେ । ୫୩ । ଦୁର୍ବାସ-ଦତ୍ତମାଳକୁ ଅନା-ଦରେ ଫିଙ୍ଗିବାରୁ ଇନ୍ଦ୍ରକରୀ । ସେ ଅପରାଧେ କି ଏ ମର୍ତ୍ତ୍ୟମଣ୍ଡଳେ ଜନ୍ମିଛି ସେ ଦେହ ଧରି ।୫୪। ଅଗପଛ-କଣ୍ଠାଞ୍ଚଳ-ଗୃଳନେ କି ଠାରୁଥାଏ ଚଳବଳ । ବଳ ଥିଲେ ଯୁଝ ନ ଥିଲେ ପଳାଅ ଦିଗନ୍ତର ଅରପାର ।୫୫। କୁମ୍ଭ-କୁଚବତୀ ଶିରଶୀର ସ୍ୱେଦ-ତତି ବିନାଶିବାପାଇଁ । ଶ୍ରବଣ-ବ୍ୟଜନ ଗୁଳ କି ସେ ସ୍ୱୟମ୍ଭେ ରମ ତାକୁ ସେବୁଥାଇ ।୫୬ ନିଜ-କ୍ଷୀରଜ-ବ୍ରତତି-ସାଜାଙ୍କୁର-ବତ ତା ଦନ୍ତଯୁଗଳ । ଅସିତ-ଅକୀର୍ତ୍ତି-ଭଳ ଝଳ ଦିଶେ ତାର ନୀଳ-ମଦଜଳ । ୫୭ । ଯଉତୁକେ ଦତ୍ତ ଗଜ-ବାଜି-ସାତକୁମ୍ଭ-ଆଦି ଦ୍ରବ୍ୟମାନ । ସଂଖ୍ୟା କରିବାକୁ ନୋହିଲେ କ୍ଷମ କେ ତହିଁ ଦରଶକଜନ ।୫୮। ସେ ବିବାହେ ବାମ ହୋଇଥିଲେ ଯେଉଁ ହବ୍ୟବାହ ଜେମାଗୁଣେ । ଦକ୍ଷିଣ ସେ ହେଉଁ ତାଙ୍କୁ ଅଗ୍ରେ ରଖି କଲେ ନଳ ପ୍ରଦକ୍ଷିଣେ ।୫୯। "ଶିଳାପରେ ସ୍ଥିରହୁଅ" ମନ୍ତ୍ରଗିର କରି ଏତେକ ଆଶୀଷ । ନିଜ-କଲ୍ୟାଣର ଲଘୁତା ଚନ୍ଦ୍ର କି ନିଜେ ହୋଇ-ଗଲା ଶେଷ ।୬୦। ନରେ କରେ ଦେଲେ ଦିଅନ୍ତେ ପଥରେ ପଥି ସେ ଅପସରଇ । ମର୍ଯ୍ୟା-ଦାରୁ ଛକେ ବାଳାଙ୍କ ତ ଛାଳ ନ ପାରିଲେ ସୁରସାଇଁ । ୬୧ । ଏକାଳେ ପୁରୋଧା

ଭୀମ-ମହୀପତି-ଦୁଲାଳୀ-ଦୁକୂଳେ ନଳ ।-ବାସ ଗଣ୍ଠି ପକାଇଲେ ସେ ଜାଣନ୍ତି ଯେଣୁ ସର୍ବ ସମାଗ୍ରର । ୬୨ । ସର୍ବଜ୍ଞତା-ପଣେ ଜାଣି ତ ଥିଲେ ସେ ନଳନୃପ-ଭବିଷ୍ୟତ । ବସନ କାନ୍ତି ପ୍ରିୟାଙ୍କୁ ଏକା କରି ପଳାଇଯିବେ ବନସ୍ତ ।୬୩। ଧ୍ରୁବ-ଦରଶନ ପାଇଁକ ନୟନ ଉର୍ଦ୍ଧ୍ୱେ କରି ନୈଷଧେଶ । ଭଣନ୍ତି "ସୁମୁଖି ଦେଖ ଗୋ ଏ ଧ୍ରୁବ ବିରାଜେ ଆକାଶ-ଦେଶ ॥ ଅତି ଉର୍ଦ୍ଧ୍ୱେ ବାସ ବଶେ ହୁଏ ଦୃଶ୍ୟ ପରମାଣୁ ପରି ଏହି । ତଥାପି ଶାସ୍ତ୍ରରେ ମହିମା ଏହାର କହୁଥିଲେ ନ ସରଇ । ୬୪ । ଏ ସତୀ ଅରୁନ୍ଧତୀ ଅଟେ ଗୋ ସୁଦତି ଦେଖ ଯତ୍ନେ କେତେ କ୍ଷୀଣ । ସତୀପଣେ ଏ ତୋ ତୁଳ ନୋହିବାରୁ ହେଲା କି ଏତେ ହୀନ । ୬୫ । ଚନ୍ଦ୍ରେ ମୋତେ ବରି ମୋପାଇଁ ବଳାରି-ଆଶା ଯା ଦେଲୁ ବିନାଶି । ସେ ତୋ ମହତ୍ତ୍ୱ ଦେଖି ଲାଜେ ଏ ଏବେ ଶୂନ୍ୟେଶୂନ୍ୟେ ଯାଏ ମିଶି" ।୬୬। ଲାଜା-ବନ୍ଧାପନା-ବେଳେ ବାଳୀକର-ପଲ୍ଲବେ ସେ ସ୍ତମ୍ଭମଣି । ଶୂନ୍ୟେ ଉଡ଼ୁ ତାର; ଅଗ୍ନିରେ ପଡ଼ନ୍ତେ ଯଶେ ଦେବଦନ୍ତ ଭଳି । ୬୮ । ହୋମ-ଧୂମାବଳି ବାଳୀଶିର ଝଲ-କପୋଳେ କସ୍ତୁରୀ-ଲେପ । ନେତ୍ରେ କଳା, କଣ୍ଠେ ତମାଳ-କଳିକା ଭାଲେ ଅଳକ-କଳାପ । ୬୯ । ବର କନ୍ୟାଙ୍କର ସାତ୍ତ୍ୱିକ-ବିକାର-ଜାତ-କର ଘର୍ମଜଳ । ଉତ୍ସର୍ଗ-ଜଳ ସହିତ ମିଶିଯାଇ ହେଲା ସୁପତି ତଲ୍ଲାଳ ।୭୦। ସେ ସତ୍ତ୍ୱ-ସମ୍ଭବ ନୟନା-ଶ୍ରୂଳର ଭଲା ଉପାୟ ପାଇଲା ।- ହୋମଧୂମ-ବ୍ୟସ୍ତ-ନେତ୍ର-ବାରି ମୁଁ ତ' ବୋଲି ପରି-ଚୟ ଦେଲା ।୭୧। ଅପରିମିତ ଦାତାପଣ ଭୁଭୃତ-ଭୀମଙ୍କ ଦେଖି ଦର୍ଶକ- । ଲୋକଙ୍କ କଳେବରକୁ ଆଶ୍ରାକଲା ନିବିଡ଼ ଲୋମପୁଲକ ।୭୨। ସେ ଦମ୍ପତିଙ୍କର ସାତ୍ତ୍ୱିକ-ବିକାର-ଜନିତ-ପୁଲକ-ଯାଳ । ଲୋକ ଲୋଚନରୁ ଲୁଚି କି ଦର୍ଶକ-ପୁଲକରେ ଗଲା ମିଳି ।୭୩। ବେଦବିହିତ ବିଧାନମାନ ଅନୁଷ୍ଠିତ ହେଲେହେଁ ସେକାଳେ । ସାତ୍ତ୍ୱିକ-ସମ୍ଭବ ଦମ୍ପ-ତିଙ୍କ ସ୍ତମ୍ଭଭାବ ନ ଟଳଇ ଟଳେ । ୭୪ । ସମିଧ-ସ୍ଥାପିତ ଜ୍ୱଳେ ଶାନ୍ତିହୋତ୍ର ଜାୟା-ପତିଙ୍କ ପୁରତେ । ତଥାପି ତାଙ୍କ ଜଡ଼ତା ଅନ୍ତ କରି ନ ପାରେ ତାପ କିଞ୍ଚିତେ ।୭୫। ଶଚୀ-ସୁରପତି-ବିବାହ ସମୟେ ଗୁରୁ ପରି ପୁରୋହିତ । ନବଦମ୍ପତି-ବିବାହ-ବିଧି କଲେ ନ ରଖି ତ୍ରୁଟି କିଞ୍ଚିତ । ୭୬ । ସରଳା ବିବାହ ପୂରନାରୀଚୟ ନଳେ କଉତୁକ ବାସେ । ବିଜେ କରାଇଲେ କୌତୁକ-ରଚନ-ପାଇଁକ ମହାହରଷେ ।୭୭। ସେ ଯୁବା ଦମ୍ପତି-ନବ-ପ୍ରେମରୀତି ବିଲୋକିବାପାଇଁ ଆଳୀ । ପୂରୁରୁଁ ସେ ପୁରେ ସହସ୍ର ଗବାକ୍ଷରେ ରଚିଥିଲେ ଛିଦ୍ରାବଳୀ ।୭୮। ସ୍ୱଭାବେତ ଜିଷ୍ଣୁ ନଳ ସେ ନଳଯ୍ୟେ କରନ୍ତେ ଯାଇଁ ବିଜୟ । ହସିଲା ସେ ପୁର ସହସ୍ର-ନେତ୍ରର ସଚ୍ଛିଦ୍ର ତନୁକି ପ୍ରାୟ ।୭୯। ଲଜ୍ଜା ପ୍ରବଳତାବଶେ ସେ ବନିତା ବର ବେଣି ପୂର୍ବପରି । ଜଠରାନଳେ ନ ପାରୁଥିଲେ ତୋଷି ସନ୍ତୋଷ ଭୋଜନ କରି ।୮୦। କେ କା'ର କାର୍ଯ୍ୟକୁ ନିରେଖିଲେ ନିରୂପି ନ ପାରୁଥିଲେ ଅନାଇଁ । ନିରବ ଯାପିଲେ ସଙ୍ଗତ ନ ହୋଇ ସଙ୍ଗମ ସୁଖକୁ ଧ୍ୟାୟି ।୮୧।

ଏଣେ ସ୍ତ୍ରୀମସ୍ତୁତ କାହ୍ନୁଁବା ନେହାନ୍ତି-ଇଙ୍ଗିତେ ଠାରି ସ୍ୱଜନେ । ବରପକ୍ଷଙ୍କୁ ପରିହାସ କରିଇ ଲଭନ୍ତି ହରଷ ମନେ ।୮୨। ସୁରି-ପୁରିଗୃହ-ନାରୀ ପରି ଗୋଟି ବାଳକୁଳେ ପରସାଇ । ଭୋଜନ ନିରତ ବରଯାତ୍ରୀ ଚତୁ ଦେଲେ ଉଲ୍ଲାସ କରିଇ ।୮୩। କାହାକୁ କହନ୍ତି, "ଅହେ ବରଯାତ୍ରୀ ତୁମ୍ଭ ମନ ଅନୁସରି । ପରସନ୍ତୁ ଦ୍ରବ୍ୟ ବ୍ୟଞ୍ଜନ ଅଞ୍ଜନ-ବ୍ୟଞ୍ଜିତନେତ୍ରା ସୁନାରୀ" ।୮୪। କହନ୍ତି କାହାରେ, "ଯତ୍ନେ ଆସ ଏରେ ଏ ଅତି ତୃଷା ଅତୁର । କାମ ପୂର୍ଣ୍ଣ କରି ସର୍ବତୋ-ମୁଖରେ ରତି ତୋଷ ଏହାଙ୍କର" ।୮୫। କେ ପ୍ରଗଲ୍ଭା ତହିଁ 'ବୋଲେ ବନ୍ଧୁ ଏହି ହେ ଯାକି ତୁମ୍ଭ ସମ୍ମୁଖେ' । କରୁ ସେ ସମ୍ମତ, ବୋଲେ ହସି ଅତି 'ତା ଗୁହ୍ୟ କି ତୁମ୍ଭ ମୁଖେ' ।୮୬। କେ ପୁଂସ ବାଳୀ-ଯୁଗଳେ ଗୃହିଁ କହେ, "ତୁମ୍ଭେ ଏଣୀକ୍ଷଣୀ ବେନି । ଏ ମହା-ବିବାହ-ଉତ୍ସବେ ହେଲଣି ଅସି ମୋହର ଭଗିନୀ" ।୮୭। 'ନେଁ' ଏ ଶବ୍ଦ ଶୁଣି ଏକ ବିଳାସିନୀ ଭାଷେ, 'ଅଜ ତୁ ଛାଗଳ' । ଏତେ ବୋଲି ପୁଂସ ଗଳାରେ ପକାଇ ଦେଲା କାଢ଼ି ନିଜ ମାଳ ।୮୮। ଅପର ଚତୁର ଗୃତୁର ବସ୍ତ୍ରାରି ଧରି ସେ ମାଳକୁ କରେ । କରେ ଆକର୍ଷଣ ବୋଲେ, "କି କାରଣ ନ ଅଛୁ ମୋର ପଛରେ" ।୮୯। ଭ୍ରମର ଗୁଳ୍ମ କେ ନବବାଳୀ ତହିଁ ସେବୁଥିଲା ନୃପନଳେ । ଏକାଳେ କନ୍ୟା-ପକ୍ଷର କେ ରସିକା ମିଳି ତହିଁ କୁତୂହଳେ ।୯୦। ଦେଲା ଛାଡ଼ି ଏକ ସରଟ ଗୁପତେ ଗୃମରଧାରଣୀ-ପାଦେ । ପଡେ ଅବେହ ସେ ଜଙ୍ଘାଯାଏ ତା'ର ଗଲା ଚଢ଼ି ନିର୍ବିବାଦେ ।୯୧। ଭୟେ ସେ ସ୍ତ୍ରୀରୁ ବମ୍ଭୋରୁ ବେଶ ବାସ ଫିଙ୍ଗିଦେଲା ଅସମ୍ଭାଳେ । ହୋଇଲା ଦିଗବାସିନୀ ସର୍ବ ଲୋକ ଦେଖିଲେ ହସି ସଭାସ୍ଥଳେ ।୯୨। ଏକ ସରଳ ବରଯାତ୍ରୀ ବ୍ରାହ୍ମଣେ କେ ପ୍ରଗଲ୍ଭା ପୁଣି ତହିଁ । ପୁଚ୍ଛକୁ ପୁରତେ ରଖି ମୃଗଚର୍ମ-ଆସନ ଦେଲା ପକାଇ ।୯୩। ବୋଲେ 'ବସ' ବସୁଁ ହସି ସେ ବୋଲଇ 'ହୋଇଛି ଭୁଲ ମୋହର' । ଉଠୁ ସେ ପୁଚ୍ଛକୁ ପଛପଟେ ରଖି ଦେଲା ଆସନ ସତ୍ୱର ।୯୪। ତହିଁ ପୁଣି ବସୁଁ ହସି ବାଳା ଭାଷେ "ଧନ୍ୟ ହେ ବିପ୍ର-ପୁଙ୍ଗବ । ଏମନ୍ତ ନୋହିଲେ ପଛେ ପୁଚ୍ଛ ଥିବା କାହୁଁ ବା ସମ୍ଭବ ହେବ" ।୯୫। କନ୍ୟା ପକ୍ଷର କେ ଚତୁର ପୁରୁଷ କେ ବରଯାତ୍ରୀ ନାରୀଙ୍କୁ । ନାନା-ବିଧ କଥା-ପ୍ରସଙ୍ଗ ପକାଇ ହରିନେଇ ତା ମତିକି ।୯୬। ଉଞ୍ଚ କରିକି ସଙ୍ଗୀ-କରେ ଅଣାଇଁ ଦର୍ପଣ ଏକ ଗୁପତେ । ଥୁଆଇ ତା ପଦଯୁଗ-ତଳେ ଖଳ ହସଇ ଗୃହିଁ ଭୁଇଁତେ ।୯୭। ବିଦର୍ଭବିଜ-ନିଯୋଜିତ ଚିତ୍ତହାରିଣୀ ବୁଲୁଲୋଚନା- । ନାରୀଙ୍କ ବିଳାସ ବରପକ୍ଷ-ପୁଂସ-ଧୈର୍ଯ୍ୟ କରିଦେଲା ଚୂନା ।୯୮। ମଦନମଦେ ଅନ୍ଧ ହୋଇ ସେମାନେ କରନ୍ତି କି କି ବେଭାର । ତା ଦେଖି ହାସ କରଇ ବେଗେ ବାସ ଅସେ୍ୟ ହରଣକଙ୍କର ।୯୯। କେ ଯୁବା ଇଙ୍ଗିତେ ସ୍ମିତ ପରକାଶୁଁ ମୋଡି ବଦନ-କମଳେ । କରଇ କେ ବାଳୀ ବ୍ୟକତ ଇଷତସ୍ମିତକୁ ସମ୍ମତ ଛଳେ ।୧୦୦। ସେ ଠାଣି ତାର

ଭେଦଇ ଯୁବକର ମରମକୁ ଅବହେଳେ । ନ ଦେଖି ଲକ୍ଷ-ବନ୍ଧବା-ବିଦ୍ୟା କାମୁଁ ଶିଖିଛି ତ ବାଳୀ ଟହଳେ ।୧୦୧। କେ ବାଳୀ ବଦ୍ଧାଙ୍ଗୁ ତାକୁ ଜବାର ଏକ କର୍ମେ ଦେଉଁ କର । ଛନ୍ଦ ମନ ଯୋଗେ ସେ କାର୍ଯ୍ୟ ଘାଟେଣ ର କରଇ କର୍ମ ଅପର ।୧୦୨। ଏ ସାତ ତା'ର ଫିଟାଇ ଦିଏ ଦ୍ୱାର ହୃଦର କାମୁକ-ପାଶେ । ରସିକା-ଅଶସ୍ତ୍ର ବାର ଅତଶସ୍ତ୍ର ସୁଖୀ ହୁଏ ସେ ମାନସେ ।୧୦୩। କେ କାମୁକ ବସି ପଦ ଧୋଉଅଛି ଧଉତ ପାଇଁକ ଜଳ । ଦେଉଅଛି ଢାଳି ଏକ ବରବାଳୀ ନୁଆଇଁ ମୁଖ-କମଳ ।୧୦୪। ଚୁମ୍ବିବାପାଇଁ ତା ମୁଖକୁ ସେ ଅତି-ସାହସୀ କାମୁକ-ଜନ । ଧୋଉଥାଏ ଧୀରେ ଅନ-ଜନ-ଦୃଷ୍ଟି-ବଞ୍ଚନେ ନବେଶି ମନ ।୧୦୫। କେ ଯୁବାକୁ ଦେଖି ତହିଁ କେ ମୃଗାକ୍ଷୀ ରସିକା-ପଣ ଦେଖାଇ । କର-ମୃଣାଳ-ପାଶରେ ସ୍ୱ ସଖି-କଳାକରକୁ ବାନ୍ଧଇ ।୧୦୬। ସାତ୍ତ୍ୱିକବଶେ ଶିଥିଳ ହୋଇଲେହେଁ ବାହୁ ବନ୍ଧନ ବାଳାର । ସେ ଯୁବାପକ୍ଷେ ତା ହେଉଥାଏ ଗରୁଁ ଶତଗୁଣେ ଦୃଢ଼ତର ।୧୦୭। କାମଶରେ ଜର୍ଜ୍ଜରିତ କେ କାମିର ହେଉଛି କମ୍ପି ପୁଲକ । ଜଳ ଢାଳଦେବା-ବାଳୀ-ସ୍ୱଚ୍ଛନଖେ ପଡ଼ନ୍ତି ତା ବିମ୍ବ ଟିକେ ॥ ମାରଶରେ ମରଯିବା ଭୟେ ଭୀତ ହୋଇ କି ସେ କାମୀଜନ । ସମା-ରମଣୀୟ-ପଦ୍ମରେ ପଶିଲା-ପରି ପଶୁଛି ଶରଣ ।୧୦୯। କେ ସୁନ୍ଦରୀ ମୁଖ ବଙ୍କ କରି ମନ୍ଦେ ହସି ଲଜ୍ଜେ ପୋତି ମଥା । ଗଦ ଗଦ ହୋଇ ଧୀରେ ଧୀରେ ପଦେ ପଦେ କହୁଥାଇ କଥା ।୧୧୦। ତାର ଏ ସାତକ ବଚନେ ମତକ ଅଣଇଁ ରସିକ ଲୋକ । ନୋହୁ ଏ ମୋ ହୋଇବାକୁ ବଳିଲାଣି ଅଉ ଏଥି କପ ଦକ ।୧୧୧। ପଖା-ପକାଉଥିବା କେଉଁ ବାଳାର ମାଧୁରୀ ଦର୍ଶନ ପାଇ । କେ ପୁଂସ ନିଥ୍ୟାରେ ଗ୍ରୀଷ୍ମ ଛଳ କରି ମୁଖ ଟେକି ଥାଏ ଗୃହିଁ ।୧୧୨। ପଖା-ପକାବେଳେ କୁଚ ବାହୁମୂଳେ ଯାଉଥାଏ ହୋଇ ଦିଶି । ସେ ବାହୁଲତାର ପଲ୍ଲବ ପରାୟେ ପଖା ଯାଉଥାଏ ଦିଶି ।୧୧୩। ତା ଚାଳନ ଜାତ-ବାତେ ବ୍ୟତିବ୍ୟସ୍ତ ହୋଇ ଯେ ରସିକବର । ଦିଶଇ ପଞ୍ଜର-ନିବଦ୍ଧ ତରସ୍ତ ବିହଙ୍ଗମ ପରକାର ।୧୧୪। ସେ କାଳର ଅବର୍ଣ୍ଣନୀୟ କଟାକ୍ଷ-ଛଟା କାମୀ କାମିନୀର । ଅତି ଚମ-କ୍ରାର ଗୂଢ଼ରସ ଇଙ୍ଗିତ-ଭାରତୀ-ସମ୍ଭାଷିବାର ।୧୧୫। ବେଳନ୍ଙ୍କ ମନୋରଥକୁ ସାର୍ଥ କରି ଦେଇଥିଲା ଅତରେକେ । ଦୂତର ଆଦର ଦୂର ହୋଇଥିଲା ଲୋଡ଼େ ବା ତାକୁ ତହିଁ କେ ।୧୧୬। ପୁରତରେ ଉଭା କେଉଁ କାମକଳାନିଧି-ମୁଖ-ପୂର୍ଣ୍ଣଶଶୀ । କରସ୍ଥ ନୀର-ଗଣ୍ଡୂଷେ କାମୁକର ଯାଅନ୍ତେ ଦିଶି ସେ ହସି ।୧୧୭। ପିଇବା ଅବା ଆଚମନ କରିବା ଉଭୟ ଭୁଲି ସେ ଜନ । ନୀରଗଣ୍ଡୂଷେ ବିମ୍ବିତ ସେ ଛବିକୁ ଚୁମ୍ବୁଥାଏ ଘନ-ଘନ ।୧୧୮। ହରତମଣି-ଭାଜନରେ ଭୋଜନ ପାଇଁ ରହିଥିବା ଅନ୍ନ । ହରିତ ତେଜେ ଆଚ୍ଛନ୍ନ ହୋଇ ଦିଶୁଥାଇ ସେ ଶାକ ସମାନ ।୧୧୯। ତା ଗୃହିଁ ବରଯାତ୍ରି କେ କୋପେ କହୁ 'ନୋହୁଁ ପଶୁ ଅମ୍ଭେମାନେ' । ପ୍ରବୋଧନ୍ତି କନ୍ୟାପକ୍ଷୀୟେ "ଅନ୍ନ ସେ ହରିତ

ମଣି-କରଣେ” ।୧୨୦। ସ୍ଫଟିକ-କୁଟ୍ଟିମେ ଭଞ୍ଜି କେ ଯୁବତୀ ତା ପଦ-ମଧର ମସୀ । ଅନାଇଁ ଅଳ୍ପ ହସି କେ ଯୁବା ଅତି ବିନମ୍ରେ କଥା କହଇ ।୧୨୧। ଦ୍ରବ୍ୟ ଉଷ୍ଣ ସବୁ ଅଭଗ୍ନ ସ୍ୱଗ୍ରରୁ ଅଫଲଗ୍ନ ପରଷ୍ଟରେ । ସୁଗନ୍ଧ ସୁସ୍ୱାଦୁ ସୁଶୁଭ୍ର ଅନ୍ନକୁ ଲୋକେ ଭୁଞ୍ଜନ୍ତି ସାଦରେ ।୧୨୨। ବସ୍ତ୍ରସ-ବର୍ଗେ ଏଷତ ମୁକୁଳିତ କୁଚକଳିକା ଯାହାର । ସେ ବାଳିକାକୁ କେ ଯୁବା ବକ୍ର ନେତ୍ରେ ଚାହୁଁଥାଏ ବାରବାର ।୧୨୩। ତା ଚାହିଁ କେଉଁ ସୁବୁଦ୍ଧିମୀ ଯୁବତୀ ନ ଜାଣିଲାପରି ହୋଇ । ଖସାଇ ଅପେ ସ୍ତନରୁ ବସନକୁ ଲାଜେ ପୁଣି ଚାହୁଁଥାଇ । ୧୨୪ । ସୁବାସ-ଗୋରସୁଁ ସମୁତ ଦଧି କି ସୁଗନ୍ଧେ ଝୁଅନ୍ତି ଘନ । ସେ ଘୃତେ ପରସା-ପାୟସସରେ ଦ୍ୱୀପ କଲେ ନାରୀଜନ । ୧୨୫ । ନ ପିଇଲେହେଁ ଅମୃତ ମର୍ତ୍ତ୍ୟବାସୀ ତା ତହୁଁ ଘୃତ ଅଧିକ । ସୁସ୍ୱାଦୁ ବୋଲି ବାହବାର ବଢ଼ିର ନୁହେ ତାଙ୍କର ଅଠିକ । ୧୨୬ । ତାହାର ପ୍ରମାଣ ଯାଗାଦିରେ ଦଶେ ସେ ଅଗ୍ନି-ଦଗଧ ଘୃତେ । ଅଶନ-ଅଶାକୁ ପୋଷି ଅଛିଥାନ୍ତି ସ୍ୱରେ ବରଜ ଅମୃତେ । ୧୨୭ । କେ ଯୁବକ ଭଣେ “ଲାଜେ ଯା ସୁପରେ ସଙ୍କେତ କଲି ବାଳୀକି । ସେ ତା ନ ବାଢ଼ିଲା; ବାଢ଼ ଅବା ହେଲା କରଣ ଗଲା ଗୃଲି କି” ? । ୧୨୮ । ତା’ର ଏ ଭାବନା ସେ ଗଜଗମନା ଯାଇ କାଣ୍ଡିତ ଦୂରକୁ । ପୁଣିହଁ ଲେଇଟି ପକାଇଲା କାଟି ପେଷି କଟାକ୍ଷ-ଶରକୁ । ୧୨୯ । ସରସ ଘୋରଷେ ମରଚେ ବିଶେଷେ କଟୁ ‘ଦହିକଡ଼’ ତହିଁ । ଖାଇ...ବେଳକୁ ଶୁ’କାର ଶବ୍ଦ ବା କା’ମୁଖୁଁ ବାହାର ନାହିଁ । ୧୩୦ । ଅକାଣ୍ଡେ କୁଣ୍ଡାଇ ନ ଦେଖାଇଛି କେ ମୁଣ୍ଡତାଳୁକୁ ବିକଳେ । ମସ୍ତକ କା’ର ବା ନ କମ୍ପିଛି ନେତ୍ର ନାଶା ନ ଝରିଛି ଜଳେ ? । ୧୩୧ । ବିରସା-ଦାହିକା କଉମୁଦୀ ଯଥା ଅଦେ୍ୟ ମୃଦୁଳ ଶୀତଳ । ଅଦେ୍ୟ ଗୃହ୍ଣ କର ପ୍ରାନ୍ତେ କାଟୁଥାଇ ଯେମନ୍ତ ଗଳାକୁ ଖଳ । ୧୩୨ । ହୋଇ ଅଟଳହେଁ ମୃଦୁ ଶୁଭ୍ର ଶୀତଳ ସେ ଦହିକଡ଼ ତେମନ୍ତ । ଭୋଜନବେଳେ ଭୋକ୍ତାରେ କରେ କଟୁତାରେ ଅଥୟ ନିତାନ୍ତ । ୧୩୩ । ନବ-ମିଳିତ କେ ଯୁବକ-ଯୁବତୀ ନିଜ-ଅଶୟ-ଗୋପନ ।—ପାଇଁ ଯତ୍ନକରି ଅକାଣ୍ଡେ ପ୍ରାନ୍ତକୁ ଚଳାଇଦେଇ ନୟନ । ୧୩୪ । ଅଜଣାରେ ଦେଖିବାର ଛଳକରି ପରସ୍ପର-ବଦନରେ । ପକାଉଥାନ୍ତି ଦୃଷ୍ଟି କେ ବାରମ୍ବାର ଅତି ସତର୍କଭାବରେ ।୧୩୫। କୋମଳ-କୁରଙ୍ଗ-ମାଂସ-ବ୍ୟଞ୍ଜନକୁ ଭବେ କେ ଭୁଞ୍ଜି ସନ୍ତୋଷେ । ଶଟିକୋଳ-ମୃଗ-ପଳ କିବା ସିଦ୍ଧ ହୋଇଛି-ପୀୟୂଷରସେ । ୧୩୬ । ନୟନ-ସଙ୍କେତେ ଦୂତକାର୍ଯ୍ୟ ସାଧି କେଉଁ ଯୁବକ ଯୁବତୀ । ରମଣସମ୍ବନ୍ଧ-ସଙ୍କେତ ପାଇଁକି ନେତ୍ରମୁଦ କରୁଥାନ୍ତି । ୧୩୭ । ଭାବ ତା ଏମନ୍ତ ନୟନ ମୁଦିଲେ ସକଳ ଜନ ନିଶାରେ । ପୂଜିବେ ଅନଙ୍ଗଦେବଙ୍କୁ ସେ ଦୁହେଁ ନିଜଅଙ୍ଗ ଉପହାରେ । ୧୩୮ । ଦିବା କି ନିଶାରେ ସଙ୍ଗମ ହୋଇବ ବୋଲି ଶୀତ ଉଷ୍ଣ ଅନ୍ନ । ଛୁଇଁ କେ କାମୀ କାମିନୀକି ସଙ୍କେତେ ପୁଚ୍ଛୁଥାଏ ସଘନ

ଘନ ।୧୩୯। ତା ଦେଖି ଲଜ୍ଜାରେ ପାଟଳ-ଅଧରେ ଛୁଇଁ ଠାଉଇ ସେ ବାଳୀ । ତେଜ ଦବା ଦଣ୍ଡା ସନ୍ଧ୍ୟାକାଳେ ଆଶା ଅମ୍ଭେ ପୂରାଇବା ବୋଲି ।୧୪୦। ଅନ୍ୟେ ଅଙ୍ଗ ପଛ କରି କେ କାମୁକ 'ଭୁ ଅଯିଚୁ କ ମୁଁ ଯିବି' । ବୋଲି ଇଙ୍ଗିତେ ପୁଛି, ତା ବାରି କେଉଁ ନାରୀ ଯାଏ ଘରେ ଦବ ।୧୦୧। ପଟୁ ସୂପକାରେ ପାକ ସବୁଥିରେ ବ୍ୟଞ୍ଜନ ବଢ଼ା ହୋଇଛ । ଅମିଷେ ନିରମିଷ ନିରାମିଷରେ ଅମିଷ-ଭ୍ରାନ୍ତ ହୋଉଛ ।୧୪୨। ବର-ଯାତ୍ରିକେ କଏ କସ ପରୁର ପରୁର ଭୁଞ୍ଜନ୍ତେ ବସି । କନ୍ୟାପକ୍ଷଲୋକେ ବଳାଇ ଭୁଞ୍ଜାନ୍ତ ତାଙ୍କ ଭ୍ରମ ଦେଖି ହସି ।୧୪୩। କେ ଯୁବା ନଖେ କାଟି କାଟି ମାଂସକୁ ଅଧର ପରାୟେ କରି । ଦଂଶି ତା ରସ ଶୋଷି ପରଶଂସଇ ପରଶୁଣୀ-ଓଷ୍ଠେ ହେରି ।୧୪୪। କାଟି କାଟି ବାଛି ବନାଇଁ ବହୁତ-ପଦାର୍ଥ କରି ମିଶ୍ରିତ । ନାନା ଖାଦ୍ୟଦ୍ରବ୍ୟ ଥିଲେ କରି ବଇଦର୍ଭ-ସୂପକାର-ବ୍ରାତ ।୧୦୫। ଅକାରେ ସେ ଖାଦ୍ୟ-ଦ୍ରବ୍ୟେ ଅକାଳକ-ପଦାର୍ଥ ପରି ଦଶନ୍ତ । ତହିଁ ସନ୍ତୋଷେ ବସି ବରଯାତ୍ରିକେ କଣ୍ଠପରି ଭୁଞ୍ଜୁଥାନ୍ତି ।୧୪୬। ବାଳପାଳେ ଦୃପ୍ତ କେ ତହିଁ ଲମ୍ଫି ଜଳ ଢ଼ାଳିବା ବାଳର । ବଦନକୁ ଗୁହିଁ ଅରଦେ ବୋଲଇ 'ନ ଯାଏ ତୃଷା ମୋହର' ।୧୪୭। ତା ଶୁଣି ସେ ନାରୀ କରେ ଗଡୁ ଧରିବାକୁ ବଳାନ୍ତେ ମାନସ । ବାଳର ଅଜ୍ଞତା ବଲୋକ ଅଳଏ ହୋଉଥାନ୍ତି ହସ ହସ ।୧୪୮। ପାତ୍ରସ୍ଥିତ-ଘୃତେ ପ୍ରତିଫଳଯାନ୍ତେ ମୂର୍ତ୍ତି ପୁରତ—ଯୋଷାର । ସେ ପ୍ରତିବିମ୍ବ-ନିବରେ କେଉଁ ବଟ ଦାଏ ପ୍ରବେଶାଇ କର ।୧୪୯। ତା ଗୁହିଁ ବାଳର ପୁଲକେ ଶରୀର, ପ୍ରତିବିମ୍ବ ତା ପରାୟେ । ପୁଲକ ଯାଉ ସେ ରସିକହୃଦୟ ଆନନ୍ଦେ ଉତ୍ଫୁଲ୍ଲ ହୁଏ ।୧୫୦। ପାତ୍ରସ୍ଥ ଲେହ୍ୟ-ପଦାର୍ଥପରେ ଘୃତ ତହିଁ ପୁରତ-ବାଳର । ପ୍ରତିବିମ୍ବ ପଡ଼ୁ କେ ବରରସିକ ଅଧର-ଭୋଜନ-ଛଳ ।୧୫୧ କରି ପରଶ ସେ ବିମ୍ବେ ବାରମ୍ବାର କର ଅଙ୍ଗୁଳ-ଅଗ୍ରରେ । ଚୁମ୍ବୁଥାଇ ଘନ ଘନ ବଦେ ଗୁହିଁ ସେ ବାମାକୁ ସରାଗରେ ।୧୫୨। ମୀନ-ମୃଗ-ଛାଗ-ବିହଙ୍ଗ-ମାଂସରେ ପକ୍ୱ ରୋଚକ ବ୍ୟଞ୍ଜନ । ଭୁଞ୍ଜିବେ କେ କେତେ ତା ସଂଖ୍ୟାକରୁଣେ ନୋହିଲେ କେହିତ କ୍ଷମ ।୧୫୩। ପୂରୁବେ ଇଙ୍ଗିତ-ବିନୟ-ନୟନ-ସଙ୍କେତେ ଯେ ବରବାଳୀ । ଭୁରୁ ନଗୁଇ ତରଜ ଯୁବକକୁ ରୋଷେ ଯାଇଥିଲା ଚଳି ।୧୫୪। ଭୋଜନ-ଛଳେ ସେ ଯୁବକ ବଦନେ ଉଚାନ୍ତେ ନେଇ ଅଙ୍ଗୁଳ । ତା ବାରି ରୋଷ ତେଜି ସେ କରେ ହସି ସ୍ୱୀକାର-ଇଙ୍ଗିତାବଳ ।୧୫୫। ବ୍ୟଞ୍ଜନେ ଶିଶିର-ସମାନ ଶୀତଳ ଚନ୍ଦନରେ ସୁବାସିତ । ବାରି ଭୃଙ୍ଗାରୁ ଦଅନ୍ତି ବଇଦର୍ଭେ ବରଯାତ୍ରୀ-ପାନପାତ୍ର ।୧୫୬। ପାନକରି ସେ ନୀରକୁ ବରଯାତ୍ରେ ପ୍ରଶଂସନ୍ତି ବାରମ୍ବାର । କେ ବୋଲେ, 'ଅମୃତ' 'ଜୀବନ' ଜଳକୁ କହି ଯା ବହି ତା ସାର" ।୧୫୭। କେ ବୋଲଇ ତହିଁ "ଜଳକୁ ଯା ବହି କରଛ ସବତୋମୁଖ । ପାନକାରିଙ୍କ ଏକମୁଖ କହୁରୁ ଭାବେଁ ତାକୁ

ଅବିବେକ” । ୧୫୮ । ଥିଲେହେଁ ଆଳୀରେ ଅନ୍ଧ କେ ରସିକଜନ ପଦ୍ମକଳିଭଳି । କରି କରକୁ କୋରକ ବୋଲୁଥାଏ “ଧରଅ ଅଭ କଛ” ବୋଲି । ୧୫୯ । ଦେଖି ତା ଗୃହଚୁଲ୍ଲୀ 'ତୁ ଦେଁ' 'ତୁ ଦେଁ' ବୋଲି ବେନି ସଖୀ କରି କଳି । ପଳାଇଯାନ୍ତି ପାଶରୁ ତା'ର ଅଭ ଥାଳରେ ନ ପଡ଼େ ଧୂଳି । ୧୬୦ । କେ ରସିକ କଳାଚାଳବା-ବାଳାର କୁଚେ ଗ୍ରହିଁ ବଢ଼େ ହସି । ପଚାରଇ, “ଏହା କେତେବଢ଼ ହୋଇଲାଣି କହ ଶୁଭ୍ରକେଶି” । ୧୬୧ । ନଉଗ୍ରହ ଶିର ଭୃଙ୍ଗାରରେ କର ଯୁଗ ନିବେଶିବା—ଛଳେ । ଉତ୍ତର ତାହାକୁ ସେ ନବରସିକା ବିତରୁଥାଇ କି ଗଲେ ।୧୬୨। ତୁଷାର-ଧାର ସମ ସ୍ନିଗ୍ଧ ଶୀତଳ ପିଏ କେ ଶାକର-ପଣା । ସୁଧା-ସର-ପଙ୍କ-ସମାନ ମାହିଷ-ଦଧି-ପାନେ କେ ପୂରୁଣା । ୧୬୩ । ସେ ଦଧିରେ କ୍ଷୁଦ୍ର କ୍ଷୁଦ୍ରଛିଦ୍ର ଥାଏ ତା ଦେଖି ହୁଏ ବିସ୍ମିତ । ଜିହ୍ୱା-ଲୌଲ୍ୟବଶେ ଧାତା କି ତହିଁରୁ ନେଇଛି ପ୍ରେୟସୀ ଅଧର ।୧୬୪। କେ ବୋଲେ, 'ଯା ମୋତେ ନ ରୁଚେ ତୁ ତାକୁ ଏତେ ଦେଉଛୁ କାହିଁକି । ଅରୁଚି ଯା ଯା'ର ହେଲେ ସେ ଶାକର ତା ମନ ରସେ ତହିଁକି' ? । ୧୬୫ । ଏତେ ଶୁଣି ବାଳୀ ବିମ୍ବ ପ୍ରାନ୍ତେ କରି ଅଣି ପରସିଲା ମାଂସ । ତାକୁ ଭୋଜନ କରି ସେ ବରଯାତ୍ରି ଲଭିଲା ବହୁତ ତୋଷ । ୧୬୬ । କେ ରସିକ ଏକାବେଳରେ ରସିକା-ଯୁଗଳେ ସଙ୍କେତ କରେ । ଉତ୍ତରଦାନକୁ ଉନ ଚନ୍ଦ୍ର ବରଜଇ ବିଦଗ୍ଧପଣରେ ।୧୬୭ ନିଜେ ନ କହି ଉତ୍ତର-ଦେବା-ସଖୀ କଥାରେ ଥିଲି ଯେ ଚଳି । ସେ ବରରସିକା-ପଦ୍ମରେ ନିଜର ଛନ୍ଦ-ବନ୍ଧ ଦେଲା ଢାଳି । ୧୬୮ । ବୋଲଇ କେ ବାଳୀ, 'ଲୋ ନବଛଇଳ ଗୋଟିଏ ଗୋଟିକ ପରେ । ପରସଯାଉଛୁ ଯାହା ତୁ ତାହା ତ ନ ରୁଚେ ଏ ବର ନରେ । ୧୬୯ । ବିଲୋମେ ବରବ୍ୟଞ୍ଜନେ* କି ପରସିନାହୁଁ ଏହାଙ୍କ ପାଶରେ । ତେଣୁ ବା ତୋ ଅଙ୍ଗପରସାରେ ରସୁନାହାନ୍ତି ଏ ସନ୍ତୋଷରେ” ।୧୭୦। ଘୋରସ-ପକ୍ୱ-ବଟକବୃନ୍ଦେ ଗ୍ରହୁ ବ୍ୟଞ୍ଜନ ସେକାଳେ ତହିଁ । ଭୋକ୍ତାଙ୍କ ଭୋଜନ-କ୍ରିୟାଶେଷ-ଗୋଲାକୃତ-ଚିହ୍ନ ଗଲା ହୋଇ । ୧୭୧ । ଲେଖାଶେଷେ ଶୂନ୍ୟ ଦେଖା ଦେଇ ପରା ଜଣାଏଁ ଲେଖାର ଶେଷ । ଭୋଜନ ଶେଷକୁ ଏ ଗୋଲବଟକେ ସୂଚୁଇବା କି ବିଶେଷ । ୧୭୨ । ପୁରତୋ ଉଭା କେ ଉର୍ବୀ-ଉର୍ବଶୀର ପ୍ରତିବିମ୍ବ ପାନପାତ୍ର- । ଜଳେ ଯାକେ ପଡ଼ ତହିଁ ଯାଏ ଜଡ଼ କେଉଁ କାମୁକର ନେତ୍ର ।୧୭୩। ନ ଚୁମ୍ବି ବାଳାକୁ ତା ପ୍ରତିବିମ୍ବକୁ ସଲିଳପାନର ଛଳେ । ଚୁଁଚୁଁକାର କରି ବାରମ୍ବାର ଚୁମ୍ବୁଥାଇ ସେ କାମୁକ ଗଲେ । ୧୭୪ । ହୋଇଥିଲେ ଘନ ପରିପୁଣୀଜନ ତାଙ୍କ କର—ଅଭରଣ ।—ରତନ-କିରଣଗଣ ବିଶୁଥିଲେ ଇନ୍ଦ୍ରଶରାସନସମ । ୧୭୫ । କରକା ପରିପ୍ରେ କରୁ ତାଙ୍କ ରସଗୋଲା ପଡ଼ୁଥିଲା ଗଳି । କର୍ପୂରେ ବାସିତ ବିଶୁଥିଲା ସେ ତ ଚନ୍ଦ୍ର ସୂର୍ଯ୍ୟ ଭଳି ଝଳି । ୧୭୬ । 'ହେଲାଣି ଯଥେଷ୍ଟ କ୍ଷମା

* ବିଲୋମେ ବରବ୍ୟଞ୍ଜନେ—ଲୋମଶୂନ୍ୟ ଶ୍ରେଷ୍ଠଅଙ୍ଗେ ।

ଝର ନଷ୍ଟ, ଅନ୍ନ ନ ଦିଅ ମୋଠାରେଁ । ଏତେ କହି କେଉଁ ବରଯାତ୍ରୀ,
ତା'ର ପକ୍ଷେ କନ୍ୟାପକ୍ଷ ନବେ । ୧୭୭ । ଦିଅନ୍ତି ଗଢ଼ାଇ ଖଣ୍ଡା ଖଣ୍ଡା କରି
ଲଡ଼ୁ ମଣ୍ଡା ଖଜାମାନ । ପୂର୍ବ-ପରସା-ଦ୍ରବ୍ୟ-ସଂଖ୍ୟା-ପାଇଁକି ଦିଶଇ ସେ ଖଣ୍ଡ
ସମ । ୧୭୮ । କେଉଁ ରସିକାର ସଙ୍କେତ-ଗୋପନ-କୌଶଳ-ପ୍ରହେଳିକାର ।
ଅର୍ଥବୋଧେ କରେ କେ କାମୀ ଆପଣା-ଇଙ୍ଗିତେ ଟିକା କୁନ୍ଦର । ୧୭୯ ।
ପୂରନ-ଘୃତଲିପ୍ତ-ପାକେ ପଡ଼ନ୍ତେ ପ୍ରତିବିମ୍ବ କେ ବାଳର । କାମୁକ ସେ ପ୍ରତିବିମ୍ବ-
ବକ୍ଷେ ବକ୍ଷେ ନେଇଣ ଲଡ଼ୁ-ଯୁଗଳ ।୧୮୦। ନଖର ପ୍ରହାର ତାକୁ କ୍ଷତକରି ଅବଶେଷେ
କରତଳ ।—କୋଳରେ ପୂରାଇ ନିର୍ଦ୍ଦୟେ ମର୍ଦ୍ଦନ କରୁଥାଇ ବାରବାର । ୧୮୧ ।
କେ ଅନୁରାଗୀ କେଉଁ ସଉଭାଗୀର ମୁଖେ ବଳୋଇ କଟାକ୍ଷ । ହାସ ମିଶାଇ ନିକ୍ଷେପୁଁ
ସେ ହୁଅଇ ଲାଜବଶେ ପରାଙ୍ମୁଖ ॥ ତା ଦେଖି ତା ଆଳ ବେଗେ ଯାଇ ଚଳ ଅଣି
ଖଣ୍ଡ-ପୁତ୍ତଳିକା । କାମୁକ-କରେ ତା ଅରପି ଆଦରେ ହସଇ ନକର ଦିକା ।୧୮୩।
ଗୁରୁ-ଭୋଜନ-ବଶେ ବରଯାତ୍ରୀଏ ଅନ୍ନ ନ ପାରନ୍ତି ଖାଇ । ବିବିଧ ଉପକରଣ ରାଶି-
ଭୂତ ହୋଇ ପକ୍ଷେ ପଡ଼ିଥାଇ । ୧୮୪ । ଦେଖି ମାନସକୁ ଆସଇ ଏମନ୍ତ ପରିବେଶନ-
କାରଣୀ ।-ରୂପରସେ ତ ସେ ପୂରୁରୁଁ ସନ୍ତୁଷ୍ଟ ଅନ୍ନ କ ଭୁଞ୍ଜିବେ ପୁଣି । ୧୮୫ ।
ବିବିଧ ଇଙ୍ଗିତ କରି ଚିତ୍ତ ବ୍ୟକ୍ତ କଲେହେଁ କେଉଁ କାମୁକ । ଉଦାସୀନ ତହିଁ ରହି
କେ ସୁନ୍ଦରୀ ତାପଇ ତାକୁ ଅଧିକ ॥ କରୁଣ ହୋଇ ସେ ଯୁବକ ଅପରନାରୀଙ୍କ କରୁ
ସଙ୍କେତ । ତା ଦେଖି ରୁଷ୍ଟ ହେଲେହେଁ ସେ ନାଗରୀ ତୋଷେ ସେ ରସିକ-ଚିତ୍ତ ॥
ଭୋକ୍ତାମାନଙ୍କର ପ୍ରବୃତ୍ତି ଅତି ହୋଇଥିଲା ସେହି ଭୋଜ । ରୁଚେ ତାକୁ ବଳିବା
ପାଇଁ ଆନେ ନ ଥିଲେ ନେହି ହରିଜ ।୧୮୮। ହାସ-ଟୋରସ ମଣ୍ଡପବାସ ଆସ୍ୟ-
ପୀୟୁଷକେର ପିଷ୍ଟକ । ଲଡ଼ୁ-ପୟୋଧର ଅଳ-ବରଦ୍ଧାରେ ତା'ର ପ୍ରକାଶନ୍ତି ଟେକ ॥
ଯେତେ କଲେହେଁ ବନସ୍ତରେ ସଙ୍କେତ ଦରକାଶି କୋପ ତେତେ । କେଉଁ ନବୀନା
କେ କାମୁକକୁ ବାରୁଥାଇ ନିଷେଧ-ଇଙ୍ଗିତେ ॥ ହସ୍ତ-ପ୍ରକ୍ଷାଳନ-ଛଳରେ ବନ୍ଦିନ କରୁ
ଅଞ୍ଜଳି ସେ ନର । ଚଳି ବାଳୀ ଜଳଧାରକୁ କମ୍ପାଇ ଡିନ୍ଥାରିଲା ତା ଶରୀର ।୧୯୧
ଭୋଜ୍ୟ-ଦ୍ରବ୍ୟାଶ୍ରିତ ଷଡ଼ରସେ ତୃପ୍ତ ନୋହିଥିଲେ ଜନେ ତଥା । ବାଳୀ-ହାବଭାବ-
ଶୃଙ୍ଗାର-ରସରେ ହୋଇଥିଲେ ତୋଷ ଯଥା । ୧୯୨ । ଭୋଜନ ଶେଷରେ ବର-
ଯାତ୍ରୀ ନରେ ଦେଇ ପୂଗ ବଦନରେ । ଦମ-ଦତ୍ତ ନାଗବଲ୍ଲୀ ଖିଲଖୋଲି ବସ୍ତୁ
ବଳେକ ଢ଼ାଇଲେ ।୧୯୩। ମଣିଲବୃନ୍ଦେ ସେ ବୃନ୍ତିକ ନିର୍ମିତ ତାକୁ ତେଜୁ ସତ୍ୟଭ୍ରମେ
ସମ୍ଭାଳ ନୋହି ହସିଲେ କନ୍ୟାପକ୍ଷ-ସକଳଲୋକେ ଉଦ୍ଧାମେ । ୧୯୪ । ସୁନ୍ଦର
ସତ୍ୟ, କୃତ୍ରିମ ଅତିଅନ୍ତ ସୁନ୍ଦର ରତନରାଶି । ବେଳାଭୂଗ ରଖି ବରଯାତ୍ରେ ଜାମ
ନବେଶ ବୋଲନ୍ତି ହସି ।୧୯୫। "ଇଚ୍ଛା ଅନୁସାରେ ଏଥୁଁ ଏକ ନିଅ" ବରଯାତ୍ରୀ କେ

ତା ଶୁଣି । ଅତି-ସୁନ୍ଦର କୃତ୍ରିମ ରତ୍ନକୁଣ୍ଡେ ଆବରିଲେ ସେହିକ୍ଷଣି ।୧୯୬। ତା ଦେଖି
'ହୋଇଲା ହୋଇଲା' ବୋଲିଣ ହସି ବିଦର୍ଭ-ସ୍ୱଜନ । ସତ୍ୟ କୃତ୍ରିମ ବେନି ରତ୍ନ-
ରାଶିକୁ କଲେ ତାହାଙ୍କୁ ପ୍ରଦାନ । ୧୯୭ । ନିଶା ଦିବସ ଇଷ୍ଟମିଷ୍ଟ ଭୋଜନେ
ବରଯାତ୍ରୀ ଲଭି ତୋଷ । ନିଶାରେ ଷୋଳ-ବୟସୀ-ବେଶ୍ୟା-ସେବା ଉପଭୁଞ୍ଜନ୍ତି
ବିଶେଷ । ୧୯୮ । ଏମନ୍ତେ କେତେକ ଦିନ ବିଦର୍ଭେଶ-ପୁରେ ସୁଖେ କଟାଇଲେ ।
ଚନ୍ଦ୍ରାଙ୍କ ତାଙ୍କ ସେ ପୁର-ପରଚର୍ଯ୍ୟା ଚିନ୍ତାମଣି ହେଲେ ଭଲେ । ୧୯୯ । ବିବାହ-
ପରେ ପାଞ୍ଚ ସାତ ଦିବସ ଶ୍ୱଶୁରପୁରେ ଦମ୍ପତି । ଯାପିଣ ସ୍ୱଦେଶ ନିଷଧକୁ ଯିବାପାଇଁ
ବଳାଇଲେ ମତି । ୨୦୦ । ହେଲା ଯାନ ସଜ ତହିଁ ନଳରାଜ ମହିଷୀ ତୁଲେ ବିଜୟ ।
ଯାନ-ଗୃହଳନେ ତୁରଗବଳ୍ଗାଗ୍ରହେ ବର ସାରଥି ବାର୍ଷ୍ଣେୟ । ୨୦୧। ଅରୋହିବା କାଳେ
ମହିଷୀ ଅଙ୍ଗରେ ନ ଲାଗିବ କା'ର କର । ଏତ ସ୍ୱଭାବେ ବାଳିକା ସ୍ୟନ୍ଦନ ତ ଉଚ୍ଚ
ଅତି ଉଚ୍ଚତର । ୨୦୨ । ଏତେ କହି କହି ମହିଷିଙ୍କି ଗ୍ରହି କରେ ଧୀରେ ନୃପନଳ ।
ଆରୋହାଇବା କାଳେ ଲୋକ-ଲଜ୍ଜାରେ ନ ଅନିଙ୍ଗିଲେ କେବଳ ।୨୦୩। ସୁଗନ୍ଧ-
ତଇଳ-ବୋଳେ ତ କାଞ୍ଚନ କଳେବର ସୁପିଚ୍ଛିଳ । ବଧୂବ ବୋଲି ନ ପୀଡ଼େ ଦୃଢ଼େ
ତାକୁ ନୃପତି-ଭୁଜ-ଯୁଗଳ ।୨୦୪। ରଥେ ବାଜି ବାଳୀ ନୃପଙ୍କରୁ ଗଳି ପଡ଼ିବ ଭାଳିକି
ସୁର । ପୁଲକେ ବେନିଙ୍କ ଗାତ୍ରକୁ ସେକାଳେ କଲା କଣ୍ଟୁର କଠୋର । ୨୦୫ ।
ବିନୟ-ବ୍ୟବହାରେ ଯାର ଗୁଣକ ଲକ୍ଷଗୁଣ ପର ଦିଶେ । ସେ ଜାମାତାକୁ ବିଦାୟ
ଦେଇ ବିଦର୍ଭେଶ ଦୁଃଖିତ ମାନସେ । ୨୦୬ । ଅଜନ୍ମ କୋଳପାଳିତ କୁମାରୀଙ୍କ
ବିରହିବାର ସନ୍ତାପ । ଭୁଲିଲା ଜାମାତା-ବିଦାୟ ସେ ନୃପେ ନୋହିଥିଲା ଅନଳପ ॥
ସରୋବରର ତରଙ୍ଗ ମରୁତକୁ ଅନୁଗମି ତୀର ଯାଏ । ଶେଷକୁ ଯଥା ଚଞ୍ଚଳ-ଜଳଯୁକ୍ତ
ନତ ହୋଇ ଫେରିଥାଏ । ୨୦୮ । ତଥା ଭୀମ-ନୃପ ସ୍ୱସୀମା-ସମୀପ ଯାଏ ଅନୁଗମି
ନଳେ । ଗ୍ରହି ନମସ୍କାରେ ତୋଷି ପ୍ରିୟୁଟିରେ ବାହୁଡ଼ିଲେ ନିଜପୁରେ । ୨୦୯ ।
ବାହୁଡ଼ିବାର ସମୟେ ବିଦର୍ଭେଶ ବୋଲନ୍ତି "ଅଗୋ ଦୁହିଲେ । ନଳ ଅର୍ଜୁ ତୋ
ପିତା ଧର୍ମ୍ମ ସମ୍ବନ୍ଧ କ୍ଷମା ମନସୁଖ ଭଳି । ୨୧୦ । ମୁଁ ଆଉ ଏଣିକି ତୋ କେହି
ନୁହେ ମାଁ କହୁଁ ନେହ ବହେ ପଦ୍ମ । ଅମରେ ସମ୍ଭରି ତାହାକୁ ଚଳାଳେ ସୁତାକୁ
କଲେ ବିଦାୟ । ୨୧୧ । ଜନକ-ବୃତ୍ତାନ୍ତ ପକାଇଣ ଚିତ୍ତ ମହିଷୀ ଦୁଃଖିତ ଅତି ।
ପ୍ରିୟ-ଉପଗୂଢ଼ରେ ବହୁକାଳ ପରେ ସେ ଦୁଃଖ ବାରିଲା ଯତି ।୨୧୨। ମାତା-ବିଚ୍ଛେଦ-
ଜନିତ ଯା ବଡ଼ବାନଳ ଉଠିଲା ପ୍ରଜ୍ୱଳି । ପ୍ରିୟତମ-ପ୍ରେମ-ମହାସାଗରେ ତା ଅଂଶେ
ନ ଗଲା ମଉଳି । ୨୧୩ । ବିବିଧ-ରତ୍ନ-ବିଭୂଷିତ ଭୂଭୃତ ମୃଗନେତ୍ର କଷାଗତ ।
ପାଦ-ଦେଶାଶ୍ରିତ-ଉପତ୍ୟକା-ପୋତେ ଯେମନ୍ତ ଶୋଭଇ ଅତି । ୨୧୪ । ତଥା ସେ
ଭୂଭୃତ ରତନ-ଭୂଷିତ ହୋଇ ଗଜବର-ଗତି । ହରିଣନୟନା ପଦାଶ୍ରିତ ଦମୟନ୍ତୀ

ଯୋଗେ ବସ୍‌ଜନ୍ତୁ । ୬୧୫ । ଭୀମଜାରେ ଏକା କେବଳ ଅଶକ୍ତ ସଜଲକ୍ଷ୍ମୀ ଦେଖି ନଳେ । ତାଙ୍କ ହୃଦେ ନିଜ ଅସନକ୍ତ ଶରକ୍ଷିବ କରିବା ବର୍ଗେ । ୬୧୬। ସପତ୍ନୀ-ହିଂସା ବରଜ ଅବିରତେ ଦମୟନ୍ତୀ-ଚକ୍ଷୁ-ବାଉ । ନ କରୁଁ ଅଗନ୍ତୁ ପଦେ ଅର୍ପୁଁଥାଇ ପୀରତ-ଉପଦାବଳ । ୬୧୭ । ତଦନ୍ତେ ନୃମଣି ନିଜ ସଜଧାନୀ ପାଶେ ଅସି ପର-ବେଶ । ଇନ୍ଦ୍ର-ନୀଳମଣି-ମାଳେ ଯା ତୋରଣ-ଦେଶ ରୁଚିର ବିଚକ୍ଷଣ । ୬୧୮। ପତି-ବରହେ ସେ ସତୀ-ନଗସ୍ୱର ଲୁଳିତ ଚୂର୍ଣ୍ଣକୁନ୍ତଳ ।- ପସମ୍ପୃ ଶେ ଇନ୍ଦ୍ର-ନୀଳମଣିମାଳ-ଜାଳ ଧରେ ସୁମଞ୍ଜୁଳ ।୬୧୯। ଉନ୍ନତ-ସଦଟନ ଉଦ୍‌ଗ୍ରୀବ-ବଦନେ ସେ ପୁରନାୟିକା ଲବା । ପତି-ଆଗମ-ପଥକୁ ନିରେଖିଲା ପ୍ରାୟ ଧଣ୍ଡଥିଲା ଶୋଭା । ୬୨୦ । ଦେଖି ଲକ୍ଷିତ ପୁରଜନ ନରନାଥ ଅନ୍ୟ-ମନସ୍କ ହୁଅନ୍ତେ । ପତି-ମନ-ବଶ୍ୟରଣେ ଦମୟନ୍ତୀ ଅନାନ୍ତେ ଅପାଙ୍ଗ ପ୍ରାନ୍ତେ । ୬୨୧ । ନଳ-ନୟନରେ ଏ ଦୃଷ୍ଟି ତତ୍କାଳେ ଅର୍ଦ୍ଧପଥେ ହେଉ ମେଳ । ଚବିନିଏ ବେଳଙ୍କ ସୃଷ୍ଟି ବାର ନିଜସ୍ଥାନେ ପଳାନ୍ତି ଗଞ୍ଜଲ । ୬୨୨। ପୁଷ୍ପ-ଶୋଭାନ୍ୱିତ ବସନ୍ତେ ଯେମନ୍ତ କୁତୂହଳେ ଉତ୍କଣ୍ଠିତ । କ୍ରମେ୨ ମଧୁକର ନିକୁରମ୍ବ ଅସି ହୁଅନ୍ତି ମିଳିତ ।୬୨୩। ତେମନ୍ତ ସଭାର୍ଯ୍ୟ-ନୃପ ବିଲୋକନେ କୁତୂହଳେ ଉତ୍କଣ୍ଠିତ । ଅମାତ୍ୟ-ଅଦ ପ୍ରଧାନ-ନାଗରକେ ପଥେ ଭେଟନ୍ତି ଭୂରତ । ୬୨୪ । ଶ୍ରବଣ-କୌତୁକେ ଅକୁଳ ଅମାତ୍ୟବର୍ଗେ ସେ ନିଷଧନାଥ । କଲେ ସଂକ୍ଷେପରେ ବ୍ୟକ୍ତ ପଥରେ ନିଜ-ବିବାହ-ବୃତ୍ତାନ୍ତ । ୬୨୫ । ତାଙ୍କଠାରୁ ଶୁଣି ନିଜ-ସଜଧାନୀ-କଛି-କଛି ସମାଗ୍ଭର । ଅନନ୍ଦେ ସ୍ୱପୁରେ ସମ୍ପୂର୍ଣ୍ଣେ ବିଜୟ କଲେ ନଳ ନରପାଳ । ୬୨୬ । ଅମୃତ ବତ ଜଳଜାତ-ମୃଣାଳ ଭଳି ଅତ୍ୟନ୍ତ କୋମଳ- । ଗାନ୍ଧୀ ପୁରକନ୍ୟା ନଗର-ପ୍ରତ୍ୟେକ-ପଥରେ ହୋଇଣ ମେଳ ।୬୨୭। ସ୍ୱ-ପାଣିଲତା-କଳକା-ବଳି-ପ୍ରାୟ ଲାଜା ନିକ୍ଷେପଣ କରି । ଅଭିନନ୍ଦନ କଲେ ନଳ ନୃପାଳେ ଜୟ ଜୟ ଜୟ ବୋଲି ॥ ସଜାଢ଼ ପାଡ଼ ମନ୍ଦିଙ୍କ ପ୍ରଚସ୍ପ ଶିଖର-ଗୃହ-ଅବଳୀ ।-କୋଲେ ବାଲୀଏ ଭୀମଜା ସଜାଦର୍ଯ୍ୟ ଦର୍ଶନ-ଅଶାରେ ମିଳ । ୬୨୯ । ଜଳାକବାକ୍ଷ ଯାଳରେ ରକ୍ଷି କଳାନିଧି-କଳପ ବଦନ । ଦେଲେ ସାର୍ଥ କରି ସେକାଳେ ସେ ଗୃହଙ୍କର 'ଚନ୍ଦ୍ରଶାଳା' ନାମ ।୬୩୦। ସୁଷମା-ପିପାସା-ବଶରେ ବିଶୁଷ୍କ-ଦୋଷରେ ଦୂଷିତ ଅତି । ହେ ନଗର ନିବାସିନୀ ପ୍ରମଦାଙ୍କ ନେତ୍ର-ନୀଳୋତ୍ପଳ-ତତି । ୬୩୧। ନିଜ-ତେଜରୂପ-ମୃଣାଳମାଳାକୁ ଯାଳ-ମାର୍ଗେ ଗ୍ଭଳ ଦେଇ । ନଳ-ପୀୟୂଷକର-ମୁଖ ସୁଧାକୁ ଶୋଷିଲେ କ ତୋଷ ହୋଇ ॥ ପ୍ରାସାଦ-ଉପରିଗୃହ ନାରୀଙ୍କର କର-ପଲ୍ଲବ-ବର୍ଷିତ- । ସୁଗନ୍ଧ-ଲାଜା-ପତନ-ଛଳେ ଦେବ-ପୁଷ୍ପ-ବୃଷ୍ଟିରେ ବର୍ଦ୍ଧିତ । ୬୩୩ । ହୋଇ ନିଷଧେଶ ବିଜୟ ହରଷେ ନବ-ନିର୍ମିତ ସଜଧେ । ନବ-ମହିଷୀପାଇଁକ ଯା ବିରଚ ଥିଲେ ଶ୍ରେଷ୍ଠ ଶିଳ୍ପୀକଣେ ।୬୩୪ ନଳ-ଦମୟନ୍ତୀ-ଉପଯମ, ଏକରଥେ ଦମ୍ପତି ପ୍ରୟାଣ, । ନୟନ-ଲକ୍ଷାରେ ସଭକ୍ତେ

ଅନ୍ୟୋନ୍ୟ କଟାକ୍ଷପାତେ ଦର୍ଶନ । ୨୩୬ । ଏ ଆଦି ସକଳ କଉତୁକେ ଇନ୍ଦ୍ରାଦି ଚତୁର-ଅମରେ । ଶୂନ୍ୟରେ ରହି ବିଲୋକି ସନ୍ତୋଷରେ ଚଳିଲେ ଅପଣା ପୁରେ ॥ ସ୍ୱୀରମଣିଦେବୀ-ହୃଦୟ-ଚନ୍ଦନ ହର୍ଷି କବିରାଜ-ବର । ବିଦ୍ୟା-ବିନୋଦରେ ବିଦିତ ଯା କୀର୍ତ୍ତି କାଶ୍ମିର-ସୁଧୀ-ବୃନ୍ଦର । ୨୩୭ । ତା'ର ପଦକୁ ପଦକପ୍ରାପ୍ତ ବହି ହୃଦେ ଗୋପୀନାଥ ସିଂହ । ପ୍ରାକୃତ ଭାବେ ଏ ଗୀତ ବିରଚୁଛି ସୁଧୀରେ ବିଧିବ ନୁହ । ୨୩୮

ସପ୍ତଦଶ ଛାନ୍ଦ ।

ରାଗ—ପାହାଡ଼ିଆ କେଦାର ।

ଏ ଅନ୍ତେ ରସ ଶୁଣ ସୁଧୀରେ   ବାସବଆଦି ସୁର-ଚତୁରେ
ବିଲୋକି ଧରାଗମ-ଶ୍ରମରେ
ଫଳ-ବିହୀନ ଯେ ।
ମହା-ଉଦଧି-କୂଳ-ଆଗତ—   ବିଶାଳ-ବୀଚି ଘୂର୍ଣ୍ଣିବା ବତ
ହେଲେ ସ୍ୱପୁରେ ପ୍ରତ୍ୟାବର୍ତ୍ତିତ
ହୃଦୟ ଶୂନ୍ୟ ଯେ ।
ଦମୟନ୍ତୀର ଭାବ ହୃଦୟେ ବହି ଯେ ।
ଥିଲେହେଁ ବହୁବନ୍ଧୁ; ବିମନା କେହି ।
ନୋହି ମଣ୍ଡପେ ସେ ନାରୀବର   ଦେଖିଲେ ଯଥାଇ ଚତୁର ସୁର
ବିଜିତ-ଛନ୍ଦେ ବିଦ୍ୟା ପ୍ରକାର
ଗୁରୁ ସୁସ୍ନେହୀ ଯେ । ୧ । (୧-୨)

ଝିଙ୍କିକିନ୍ତ ବିମାନ-ବାରେ କଲେ ବିଜୟ ଭାସୁର ସୁରେ ସ୍ଫଟିକାଦ୍ରିରେ ସବିତା-ବିମ୍ବ ବତ ଦିଶନ୍ତି ଯେ । ଦ୍ରୁତଗମନ-ଜନିତବାତ-ବେଗେ ଆକୃଷ୍ଟ ନୀରଦବ୍ରାତ ବିମାନ ପଛେ ପଛେ ସଞ୍ଚର ଅତି ଶୋଭନ୍ତି ଯେ । ରଥ ପଛକୁ ବାତ ରହିବା ଭାବେ । ତା ତହୁଁ ଦ୍ରୁତତର ଦିଶନ୍ତି ଦେବେ । ଯାହିଁ ଦୂରକୁ ଦିଶନ୍ତି ଛୋଟ ଅଣିମା ତାଙ୍କ ହୁଏ ପ୍ରକଟ ଅଷ୍ଟଐଶ୍ୱର୍ଯ୍ୟ ମଧ୍ୟରୁ ସ୍ପଷ୍ଟ-ଭାବରେ ଯେବେ ଯେ । ୨ । (୩-୫) ଗମନ୍ତି ଶୂନ୍ୟେ ଦେବଙ୍କ ଯାନ କେତୁ-ଶିଖରେ କାହିଁ ବିଘାର୍ଣ୍ଣ-ଘନ-ସଞ୍ଜାତ ବିଦ୍ୟୁତ ତହିଁ ପତାକା ହୋଇ ଯେ । କାହିଁ ବା ଯାଉ ଥିବକୁ ଥିବ ନୀରଦେ ପଡ଼ୁଥାନ୍ତି ପଥର ତାଙ୍କ ବକ୍ଷରେ ବାସବ-ଧନୁ ଦିବ୍ୟ ଶୋଭଇ ଯେ । ଜଳଧରେ ବା ଜଳ ନ ଥିବ କାହିଁ ।

ବାସବ-କର-ବଜ୍ର ବମ୍ପିତ ତହିଁ । ହୁଅନ୍ତେ ନାରଦଙ୍କ ଅଶନ-ଗର୍ଦ୍ଧିତା ସାର୍ଥ ହେଲା ସେକ୍ଷଣି ସ୍ୱନଙ୍କୁ ରଣ-ସମ୍ଭର-ଧ୍ୱନି ଅଛତ ରହି ଯେ । ୩ । (୬-୮) ଦଣ୍ଡଧରଙ୍କ ଦଣ୍ଡ ଚଣ୍ଡାଂଶୁ- ମଣ୍ଡଳେ କେବେ ପରଶବସ୍ତୁ ମାବର୍ତ୍ତିବଂଶ-ନୃପଙ୍କ କୁଳଛତ୍ର ସଂକାଶ । ନଳଶ୍ରୀମଜା-ପ୍ରେମେ ବସ୍ପିତ ଧବ ମସ୍ତକ କରୁ କମ୍ପିତ ତହୁଁ ପତିତ କର୍ଣ୍ଣ-ଭୂଷିତ କ ପାଣୀ-ପାଶ ଯେ । ବାତସ୍କନ୍ଧେ ଅବେହ କର କମ୍ପାଇ । 'ଦମୟନ୍ତୀ ଲଭିଲା ନୈଷଧ-ସାଇଁ । ବୋଲି କ ବଛି କରେ ପ୍ରଗ୍ଭର ଦେଖଣାହାସ ଖଗନଚର-ନିକର ବଗୁବନ୍ତ ଶତ୍ରୁର ବପୁସ୍ଥ ବହି ଯେ । ୪ । (୯-୧୧) ନଭପଥରେ ଦମୟନ୍ତୀର ସ୍ୱର-ଶ୍ରବଣ-ବରହାତୁର ଦେବ ଚତୁର ଶ୍ରୁତି-ଅଷ୍ଟର କଷ୍ଟନାଶନେ ଯେ । ବୈଦର୍ଭୀ-ସ୍ୱର-ଅନୁକରଣ-ନିପୁଣ-ସାଣାଯନ୍ତ୍ରର ଗୁଣ କୋର ବାଣୀ ଅନୁରଣନ ଅରମ୍ଭି ଘନେ ଯେ । ଏମନ୍ତେ ଯାଉ ଯାଉ ରଥେ ଅମରେ । ଅସି-ଲତା ଶୂନ୍ୟକୁ ବଳ ଶ୍ୟାମରେ । ଜନ-ନିବହ କଲେ ଲୋକନ ସେମାନେ ତାଙ୍କ ଅଭିନନ୍ଦନ ପାଇଁକି ଅସ୍ତୁଥିଲେ ବନ୍ଦନ ଅଭିରାମରେ ଯେ । ୫ (୧୨-୧୩) । ଜନତା-ଅଗ୍ରେ ଅସେ ରଙ୍ଗଣ ଅକ୍ଷା-ବନସ୍ଥ-ଶିକ୍ଷା-ସକାଶ ଶିକ୍ଷକ-ପଣେ କଳ ଯା ଶିରେ ବାନ୍ଧିଛ ତାଜ ଯେ । ଗହଣ-ଲୋକ ଛନ୍ତି ତାହାଙ୍କ ଅଗମ୍ୟାସଙ୍ଗ ପାଇଁ ଯାହାଙ୍କ ପ୍ରାଣ ତୃଣରୁ ସାନ ନ ଥାଇ ଭସ୍ମ ବା ଲାଜ ଯେ । ଅନ୍ତେ ସେ ସକଳେ ବେଶ୍ୟା-ସର୍ବସ୍ୱ । ବେଶ୍ୟା-ବିନା ନ ଥାଇ ତାଙ୍କ ନିଜସ୍ୱ । ବୁଦ୍ଧେ ଈଶ୍ୱରେ ବାଦ ଭିଆଇ ଯେ କାମ ଲୋକଜିତ ବୋଲାଇ ଅଙ୍ଗ ନ ବହି ବଞ୍ଚି ଶାସଇ କେ ତାକୁ କସ ? ଯେ । ୬ (୧୪-୧୫) । ହର-ବୈରତା ସୂର ଯେ ସୁର ଈଶ୍ୱର-ସୃଷ୍ଟିନାଶେ ତତ୍ପର ହୋଇ ନାସିକା କରଣ ଶର ଅଗ ବାହାର ଯେ, । ନାହିଁ ସୌନ୍ଦର୍ଯ୍ୟ ସମାନ ଯା'ର ସେ ମାର ପୁଣି ସୁର-ଚତୁର ସେବକ ନ ହୋଇଲା ନୈଷଧର ସେକାଳେ ବାର ଯେ । ନଳ ଭୂପଙ୍କୁ ତୁଳ ନୁହେତ ସୁର । ସେ ଭୂପ ଦେଖିଥିଲେ ଯେଉଁ ଅମର । ତାଙ୍କ ନୈଷଧ ରୂପ ପାଇଁକି ଗଣନ୍ତେ ସେ କି ରତିସାଇଁକି ଯେ ଅବେରକ ତାଙ୍କ ସ୍ୱବୈଦ୍ୟ ନୋହିଲା ଦୂର ଯେ । ୭ । (୧୬-୧୮) । ପଛରେ କ୍ରୋଧ ଗର୍ଜି ଅସଇ କୋଶ ପର୍ଯ୍ୟନ୍ତ ଘୋଷ ଶୁଭଇ ଯେଣିକି ଇଚ୍ଛା ତେଣେ ଫଙ୍ଗଇ ଯା କଛି ପାଇ ଯେ । କମ୍ପେ ନିରତ ଅଙ୍ଗ ତାହାର ଉଠି ଧଡ଼ଇ ଥରକୁ ଥର ଶରୀର ଅତି ଲୋହିତ ତା'ର ଉଗ୍ର ଦଶଇ ଯେ । ଅଛନ୍ତି ତା'ର ଅନୁଜ୍ଞାସା-ନିକର । ଦନ୍ତ-ଦଂଶେ କା ଓଷ୍ଠ ରକ୍ତ-ଜର୍ଜ୍ଜର । ରକ୍ତ-ନେତ୍ର କେ ପୁଣି ତହିଁ ସାଦକୁଟିଳ ଭ୍ରୂକୁଟି ଅଟ୍ଟହାସ ପସାଏ କା'ର ବହଇ ନିଶ୍ୱାସ ଖର ଯେ । ୮ । (୧୯-୨୦) । ନୁହେ ସେ କ୍ରୋଧ ଇତର ପର ପଞ୍ଚଶାତ୍ମକ ଯାହାକୁ ହାର ଦେହ ଦୁର୍ବାସା-ଋଷି-ହୃଦୟ ଦୁର୍ଗ ଯାହାର ଯେ । ତେମନ୍ତ ଦୁର୍ଗେ ବାସ ବରତ ଇନ୍ଦ୍ରାଦ୍ଦ ସୁରେ କରଇ ଛି ଛି କ୍ଷଣକେ ବିଶ୍ୱଦହନ ଯାହା କରେ ପୂଜାର ଯେ । ରଞ୍ଜାଇଲେହେଁ

ନସ୍ତୁନାହିଁକି ଅଛି । ବଇସ୍ୱର ଜନ୍ମାଏ ଯେହ୍ନୁ ହିଂସା । ଜଡ଼ୁଥିଲେହେଁ ପ୍ରଖର ହୋଇ ଅଲୋକ ଲେଶେ ନ ପାରେ ଦେଇ କେବଳ ମାତ୍ର ପ୍ରସବୁଥାଇ ତମସନ୍ତତି ଯେ ।୯। (୨୧-୨୨) । କ୍ରୋଧ ନ ଥିଲେ କୁସୁମ-ଶର-ବିଜୟ ଅସମ୍ଭବ ବ୍ୟାପାର ଏଣୁ ଯେ ହୃଦେ କ୍ରୋଧ ସଞ୍ଚାର କଲେ ଶଙ୍କର ଯେ । ଶୁଣ ଏ ସାତ ବିଶ୍ୱରେ ଚିତ୍ତ ଦେଖି ଅରିକ ପରପୀଡ଼ିତ ସାଧିବ ତାକୁ ଯହିଁ ଭୁରିତ ଏ ନୀତି ଧାର ଯେ । ଏ ନୀତି ଅବଲମ୍ବି କ୍ରୋଧ କି ସତେ । ଜାଣେ ଏବେ ଶୈଳ-ସନ୍ତତି-ନାଥେ । ଯେ ମହେଶ୍ୱର ପଶୁଙ୍କ ପତି ସେ ଯା କବଳୁ ନ ପାରେ ବର୍ତ୍ତି ଆନ ବା କାର ଅଛି ଶକତି କ୍ରୋଧ-ପ୍ରବର୍ତ୍ତେ ଯେ ।୧୦। (୨୩) । ତା ପଛେ ଲୋଭ ଆସଇ ଗ୍ଳାନି ଧନୀ ପାଶେ ସେ କର ପ୍ରସାରି-ଥାଏ ନିରତ ନିତି ଭିକାରି ଭଯ୍ୟାଚୁ ଅଛି ଯେ । ନର୍ମଲେ କଥା ନ ପାରେ କହି ଠାରି ମାଗଇ ବିକଳ ହୋଇ ତା ପରେ ତାଙ୍କର ଛିନ୍ନ ଗୋଡ଼ାଇ ସେବକତତି ଯେ । ସର୍ବେ ରେଖିବ କୃପଣ ପନ୍ତୁ ଭୋଜନେ । ଭୁଞ୍ଜି ଦେକ ଗ୍ରହ୍ଣ ଥାନ୍ତି ଲୁବ୍ଧ ନସ୍ତୁନେ । ଦୁଃଖୀ କୁଟୁମ୍ବେ ଧନ ପାଇଁକି ପରପାଶେ ସେ ଥାଆନ୍ତି ବିଭି ଅବଗ୍ରହ ସେ ଗ୍ରହୀତା-କରେ ଦାତାର ଦାନେ ଯେ ।୧୧। (୨୪-୨୬) । ଏକ ପାତକ କରାଏ କୋପ କାମେ ଜନ୍ମଇ ଯୁଗଳ ପାପ ଲୋଭ-ହେତୁ ପଞ୍ଚମହାପାପ ଯେଣୁ ସମ୍ଭବେ ଯେ । କାମ କୋପକୁ ଯେ ଲୋଭ ତେଣୁ ବିସ୍ମରୁଥାଏ "ଏମାନେ ଅଣୁ ଏ ଅବା କସ କରିବେ" ତେଣୁ ନ ଗଣେ ଲବେ ଯେ । ଥିଲେହେଁ ରହ ପୂରି ଜୀବ-ସର୍ବାଙ୍ଗେ । ରସନାରେ ତାହାର ବିହାର ରଙ୍ଗେ । ଇତର କଥା ଥାଉ ତେଣିକି ଶିଖାଉଥାଏ ବ୍ରହ୍ମଗୃହୀକ ଭିକ୍ଷାରେ ଶିଷ୍ୟ-ଗୁରୁ-ଗିରିକ ବିବଧବାରେ ଯେ ।୧୨। (୨୭-୨୮) ଆସଇ ମୋହ ଲୋଭ ପଛକୁ ଅନ୍ଧ ସେ ହିତ ସତ୍ୟ ଗିରିକୁ ବନ୍ଧୁଙ୍କ ନ ଘେନଇ; ଚୁଲ୍ଲିକୁ ନିର୍ବନ୍ଧେ ଧରେ ଯେ । ତାଙ୍କର ସେବକେ କାଲି ମରଣ ନିଶ୍ଚେ ଜାଣିଚଲି ଈଶେ ଶରଣ ନ ଯାଇ ଜ୍ଞାତି-ଜଞ୍ଜାଳେ ମାତି ଥାନ୍ତି ନିର୍ଭରେ ଯେ । ବାଙ୍କ କେବଳ ଯାର ଅସ୍ତ୍ର-ଦର୍ଶନ । ସେଭଳି ମନୁଷ୍ୟର ନିର୍ମଳ-ମନ । ଅନାୟାସରେ କଳ୍ପ୍ୟଳ-କାଳ କରି ପାରଇ; ସେ ମୋହଁ ବଳି ଆଉ କେ ଶତ୍ରୁ ଅଛଇ ବଳି ବିଶ୍ୱର ମନ ଯେ ।୧୩। (୨୯- ୧) । ସନ୍ନ୍ୟାସୀ ବ୍ରହ୍ମଗୃହୀ ବିପିନବାସୀଏ ଯଥା ଗୃହସ୍ଥ-ଜନ-ଆଶ୍ରୟେ ଥାନ୍ତି ତଥା ମଦନ ଲୋଭ-ବେଷ୍ଟଣ ଯେ । ସେ ମୋହ-ଆଜ୍ଞା ପାଇ ଫସାରେ ପ୍ରବର୍ତ୍ତି ଥାନ୍ତି ଅତି ନିର୍ଭରେ କରନ୍ତି ବଶ ବିନା ବିଶ୍ୱର ସକଳ ଜନ ଯେ । ଅତଅନ୍ତ ଶତ୍ରୁ ସେ ମୋହ ଲୋକର । ଜାଗ୍ରତ-ଜନକୁ ସେ ନିଦ୍ରା ପ୍ରକାର । ଦରଶକର ସେହ ଅନ୍ଧତା ଜ୍ଞାନୀ ପଣ୍ଡିତଙ୍କର ଜଡ଼ତା ଘୋର ତିମିର ପରସ୍ପୃ ଅଟେ ସେ ଅଲୋକର ଯେ ।୧୪। (୩୨-୩୩) । ତହୁଁ କେତେକ ଚଳିଲେ ଦେବେ ଯାହାଙ୍କୁ ଦେଖିଥିଲେ ସେ ପୂର୍ବେ ଅନଙ୍ଗ ଚଳି କୋହଳ ଲବେ ଯେଣୁ ସେମାନେ ଯେ । କଳ୍ପଳକଳା ପାପ-କଞ୍ଚୁକ ଥିଲେ ଅବର

ସର୍ବାଙ୍ଗଯାକ ଶିରୁଁ ପଦ୍ମୁରଯାଏ ଲୋମେକ ନ ଥିଲା ଶୂନ୍ୟ ଯେ । ଉଦ୍ବେଳ-ଜଳନିଧି ପ୍ରାୟ ପ୍ରବଳ । ସେ ସୈନ୍ୟ-ସିନ୍ଧୁ ମାତ୍ରଅଧୁଁ ଚଞ୍ଚଳ । ଶ୍ରୁତକର୍କଶ ପରୁଷ ଗିର ତହୁଁ ପ୍ରସରି ଅନିବାର୍ଯ୍ୟର ଶ୍ରୁତିପୁଟକୁ କଲା ଜର୍ଜ୍ଜରି ଅତିତର ଯେ ।୧୫। (୩୪-୩୫) । ସେ ସୈନ୍ୟ ବାଣୀ ଶୁଭେ ଏମନ୍ତ "ସଲିଲେ ଶିଳ ଭାସିଲା-ବତ ଯାଗଫଳତ ଏଥିରୁ ସତ୍ୟ ବେଦେ କେ କହୁ ଯେ । ଅହେ ପଣ୍ଡିତେ କି ଶ୍ରଦ୍ଧା ତହିଁ ଯେ କାମାତୁର-ପଥ ରୁନ୍ଧଇ ସେ ଶ୍ରୁତି ଏକା ସେ ସେବୁଥାଇ ଅଧମ ଯେତୁ ଯେ । କ୍ଷଣସ୍ଥାୟୀ ପଦାର୍ଥ ସବୁ ଅସ୍ଥିର । ଏ ନ୍ୟାୟେ ସ୍ଥିର ନୁହେ ବୋଲି ଫସାର । କରି ପ୍ରଗୁର ବୁଦ୍ଧ ଗୌତମ କଲେ ଭଗନ ବେଦର ମର୍ମ ଭେଦେ କି ଜୀବ ବିନାଶ ପରେ ସ୍ୱକର୍ମଫଳ ଯେ ।୧୬। (୩୬-୩୭) । ଭସ୍ମ ପୁଣ୍ଡ୍ରକ ଜଟୀ ଚିଦଣ୍ଡ ଅଗ୍ନିହୋତ୍ରାଦି ଯେ ତନ୍ତ୍ରକାଣ୍ଡ ପ୍ରଜ୍ଞା-ପୌରୁଷ-ବିହୀନ ଭଣ୍ଡଙ୍କ ସେ ଜୀବିକା ଯେ । ବୋଲିବ ଅବା 'ମୁଁ ଶୁଦ୍ଧଜାତି' କେ ଜାଣେ ମାତା ପିତାଙ୍କ ଗତି ? ତାଙ୍କ ଜନକ-ଜନନୀ-ସ୍ୱତ ଅଛି କି ଲେଖା ଯେ ? ଏମନ୍ତେ ଅଗ-ଣିତ କୁଳ ନିର୍ଦ୍ଦୋଷ । ହେଲେ ଏକ ଜାତିରେ ନ ଥିବ ଦୋଷ । ଏହା କି କେବେ ହେବ ସମ୍ଭବ ଜାତିକି ଯେ ବା ଶୁଦ୍ଧ ବୋଲିବ ତାହାରି କଦାଚିତ ନ ଥିବ ପ୍ରତିଷ୍ଠ-ଲେଶ ଯେ ।୧୭। (୩୮-୩୯) । 'କାମିନୀ' ନାମ ପ୍ରସିଦ୍ଧ ଯା'ର ତା ଭୁଲେ ରସି ପାତକ କା'ର ନୁହେ ଅର୍ଜ୍ଜିତ ସଂସାରେ ବାର ଅହେ ସୁଧୀର ଯେ । କାମ-ସେବନେ ବ୍ରତ ବିନାଶ ଜାଣୁଥିଲେହେଁ ବ୍ରତୋପବାସ-ତୀର୍ଥ-ସ୍ନାନାଦି ପୁଣ୍ୟ ବିଶେଷ ନାରନ୍ତି ନରି ଯେ । ସମେ ବାଧଇ ସ୍ମର ନାରୀ ପୁରୁଷେ । ଜାଣୁଥିଲେହେଁ ତାହା ଇଚ୍ଛାବଶେ । ନାରୀଙ୍କି ସଦା ଆକଟି ରଖି ନରଙ୍କ ଦୋଷେ ମୁଦନ୍ତି ଅକ୍ଷି ଏମନ୍ତ ଲୋକେ କି ବୋଲିବା କି ? ରୁଝ ମାନସ ଯେ । ୧୮ । (୪୦-୪୧) । 'ନ ହରପର-ଯୋଷିତ' ବୋଲି ଯେ ଶାସ୍ତ୍ରମାର୍ଗେ ଅଛଇ ବୋଲି ଦେଲେ ତା ଚିର ଅହଲ୍ୟା ହରି କୁଳଶ-ଧାରୀ ଯେ । ହେ ଦ୍ୱିଜେ-ସ୍ୱରୁତଳ୍ପ ! ଗମନେ ପାପ-କଳ୍ପନା ନ ରଖ ମନେ ହରିଲେ ଦ୍ୱିଜ-ସ୍ୱଜନ କେତେ ଗୁରୁଙ୍କ ନାରୀ ଯେ । ପାପ ତାପ ସୁକୃତୁଁ ସମ୍ପଦ ପାଇ । ମରଣ-ପରେ ବୋଲି ବେଦ ବୋଲଇ । ଦେଖୁ ତ ଆଗେ ପାପୀର ସୁଖ ଧାର୍ମିକ ଦୁଃଖୀ ବିଶେଷେ, ପ୍ରତ୍ୟକ୍ଷ ଆଗମ ବେନି ପ୍ରମାଣେ ଦେଖ କେ ସିଦ୍ଧ ହୋଇ ଯେ ।୧୯। (୪୨-୪୪) । ପୂର୍ବ ଜନ୍ମକୁ ମାନେ ବା କେହି କା'ର ବା ତହିଁ ଆସ୍ଥା ନଥାଇ ଏଣୁ ପାତକ ନ କଲେ ନାହିଁ କେ ବା ଲୋଡ଼ଇ ଯେ । ଏ ଯେତେ ଛନ୍ଦ୍ୟ ଯାଗ ଯଜନ ଅଛି ତହିଁତ ଜୀବହିଂସନ ଏଣୁ ଏ ସର୍ବ ତେଜ, ବ୍ରାହ୍ମଣ ବାଳଣ ନୋହି ଯେ । କାମାର୍ତ୍ତି-ନାଶକର ଗ୍ରହଣ କର । ବୋଲି ବେଦଜ୍ଞବନ୍ଦ୍ୟ ବ୍ୟାସଙ୍କ ଗିର । ସୁକୃତେ ରତି ସୁରତେ ଶାନ୍ତି କିପାଁ ଭୁମ୍ଭର ? ଯା ସମାପତି ବେଳକୁ ସୁଖ ସେ କର୍ମ କର୍ତ୍ତବ୍ୟ ତ ନହିବ ଯେ । ୨୦ । (୪୫-୪୬) । କହି ଅଛନ୍ତି ମନୁ ମହର୍ଷି "ବଳକୃତ ଯେ

ପାତକବଶି ନୁହେ ସେ ପାପ" କର ହେ ଏଣୁ ବନେ ପାନକ ଯେ । ନ ହୁଅ ଭାଗୀ ତୁମ୍ଭେ ସେ ପାପେ ଦେଖ ଅପଣା ଶାସ୍ତ୍ରକୁ ଅଧେ ଯା'ର ଯା' ଇଚ୍ଛା ଭୁଞ୍ଜି ସ୍ୱଚ୍ଛନ୍ଦେ ନ ରଖ ଦାନ ଯେ । ଶ୍ରୁତି ସ୍ମୃତିର ଅର୍ଥ ସବ' ପଣ୍ଡିତ । ଏକ କରଛନ୍ତି କି ? ବିସ୍ତର ତର୍କ । ବୁଦ୍ଧିକି ବ୍ୟାଖ୍ୟା ରଖେ ଅପେକ୍ଷା ଦେଖାଏ ସୁଖପଥ ଯେ ବ୍ୟାଖ୍ୟା ତାକୁ ଉପେକ୍ଷା କଲେହିଁ ଭିକ୍ଷା ନୋହିବ ପ୍ରାପ୍ତ ଯେ । ୨୧ । (୪୮-୫୦) । ଯେଉଁ ·ଦେହକୁ 'ମୁଁ' ବୋଲି ଭାବ ଯେ ଦେହ ଯେବେ ଦହନ ହେବ ତଦନ୍ତେ ଅଛି ଚନ୍ଦ୍ରା କି ଥିବ ପାପ-ଭୋଗକୁ ଯେ । ବୋଲିବ ଯେବେ 'ଅମୃତେ ତାହା ବର୍ତ୍ତିବ' ସତ କେ କରୁ ଏହା ଏକ ଦୋଷରେ ଅପର ଆହା ଲଭୁ ଦଣ୍ଡକୁ ଯେ । 'ସୁରେ ଜୀବ ସ୍ୱକୃତ ପାପ ମୃତାନ୍ତେ । ସେକାଳେ କର୍ମଫଳ ତା'ର ପ୍ରବର୍ତ୍ତେ । ଅନ ଭୋଜନେ ମୃତର ତୃପ୍ତି' ଏ ସବ' ପର ଭାଷଇ ଶ୍ରୁତି ଏଥୁଁ ବଳକ ବଞ୍ଚକ-ଉକ୍ତି ଅଛି ଜଗତେ ଯେ ? । ୨୨ । (୫୧-୫୨) । ପ୍ରାଣୀ ଯେ ଦେହେ ବୋଲାବ ମୁହିଁ ବେଦ ତାହାକୁ ମାନଇଁ ନାହିଁ ବୁଝାଏ ତା'କୁ 'ଏ ନୋହୁ ତୁହି ତୁ ଆତ୍ମାସ୍ୱମ ଯେ' । ଜଣା କଥାକୁ କର ଅଜଣା କରେ ଅଜଣା ବୁଝାଇ ବଣା ଏମନ୍ତ-ବେଦ-ବଚନ ଗଣାକରେ ଅଧମ ଯେ । ସ୍ୱସ୍ତ୍ୟୟନେ ସିଦ୍ଧି-ସମ୍ବନ୍ଧେ ସଂଶୟ ।- ହୋଇବା-ନୋହିବାରେ ନାହିଁଟି ଥୟ । ସଫଳେ ବରଣୀୟଁ। ବୋଲଇ 'ମୋ ମନ୍ତ୍ରଶକ୍ତି ନଫଳ ନୋହି' ବିଫଳେ ବୋଲେ 'କାର୍ଯ୍ୟେ·ଅଛଇ ତ୍ରୁଟି ନିଶ୍ଚୟ' ଯେ । ୨୩ । (୫୩-୫୫) । ଯେବେହି ଅଗ୍ନି ଏକ ଏମନ୍ତ ବେଦବିତନ୍ତ୍ରେ ଅଛି ଉକତ ତେବେ ପ୍ରତ୍ୟେକ ମନୁଷ୍ୟର ତ ସକଳ ପାପ ଯେ । ଏତେ ପାତକ ଲଦା ଯା ଶିରେ ଏକ ପାପେ ତା କି ହୋଇ ପା'ରେ ? ନ ଜାଣି ନରେ ପାପ-ମାତ୍ରାର ଲଭନ୍ତି ତାପ ଯେ । ଅହେ ପୂଜକେ ପୁଲୁଁ ଫଳଇ ଫଳ । ପିତୁଳାପାଇଁ କପା ସେ ଫୁଲ ତୋଳ । ଦେବାଠାରୁ ତା ଉପକପଟର ବ୍ରହ୍ମୁଁ-ଅଭିନ୍ନ- ଅପଣା-ଶିରେ ଦେଲେ ତ ପୁଣ୍ୟ ବଢ଼ିବ ଖରେ କପା ନ ଭାଳ ଯେ । ୨୪ । (୫୬-୫୬) ବୈରାଗ୍ୟ-ଉପଦେଶକେ । ଶୁଣ, ନାସ୍ତିକ ନିନ୍ଦା କପଁ। ବଖାଣ ତୁମ୍ଭେ ତ ତାଙ୍କ ପର ପ୍ରମାଣ ଏଣୁ ନ ନିନ୍ଦ ଯେ । ଯେ କାମଆଜ୍ଞା ବ୍ରହ୍ମାଦି-ସ୍ତରେ ଅଲଙ୍ଘ୍ୟ ତାହା ବହ ହେ ଶିରେ ବେଦ ତ ଦେବାଦେଶ ତହିଁରେ କିସ ପସନ୍ଦ ଯେ ? । ବୋଲ ତ ମହାପ୍ରାଜ୍ଞେ ? ସ୍ଥଳ ସ୍ଥଳରେ । ବେଦକୁ ନିରର୍ଥକ ପ୍ରଜ୍ଞା ବଳରେ । ଦୁଃଖଦାୟକ ଯେ ବେଦବିଧି ତାକୁ ଯତନେ ଥାଅ ଅବାଧି ସେ ସ୍ଥଳ-ଅର୍ଥ ତୁମ୍ଭର ବୁଦ୍ଧି ଘେନେ କୁଶଳେ ଯେ । ୨୫ । (୫୭।୫୯) ସମ୍ପନବନ୍ଧ-ମାତଙ୍ଗଦାନ-ବିଧି ବେଦରେ ଅଛି ଲିଖନ ତାହା ପ୍ରକ୍ଷିପ୍ତ ବୋଲି ବଖାଣ ନିଜ-ମୁଖରେ ଯେ । ପ୍ରକ୍ଷିପ୍ତ-ଦୋଷେ ଯେ ଶାସ୍ତ୍ର ଦୁଷ୍ଟ ତା' ସ୍ତବପାଠେ ତୁଷ୍ଟ ଅ ଓସ୍ତୁ କେହି ମୀମାଂସା-ଶାସ୍ତ୍ର-ବରିଷ୍ଠ ପଣ୍ଡିତବରେ ଯେ ? । ପରଲୋକେ ସୁଖଦୁଃଖର ବୃତ୍ତାନ୍ତ । କେ ଜାଣେ' ବୋଲି ପର ବେଦରେ ଉକ୍ତ । ତେବେ କେମନ୍ତେ

ସେହି ବେଦର ପ୍ରମାଣବଳେ ଲୋକଙ୍କର ଯେ ପରଲୋକ ଥିବାରେ କର ନିଶ୍ଚୟ ମତ ଯେ । ୨୬ । (୬୦-୬୧) ଧର୍ମ ଅଧର୍ମ ଅର୍ଜ୍ଜି କ ବର୍ଜ୍ଜି ନୁହେ ନିଶ୍ଚୟ ଭୁଞ୍ଜାକୁ ଗର୍ଜ୍ଜି-ହୋଇଛ ମନୁ ସମ୍ପତ୍ତି ଅର୍ଜ୍ଜିବାକୁ ସଂହିତା ଯେ । କହିବ ଅବା ବ୍ୟାସଙ୍କ କଥା-ସାରସଂଗ୍ରହ 'ମନୁସଂହିତା' କୈବର୍ତ୍ତୀସୁତ ବ୍ୟାସେ ଭୁକତା ଭ୍ରାତୃ-ବନିତା ଯେ । ମନୁ ତ ମତ୍ସ୍ୟଠାରୁ ଧରମ ଶୁଣି । ନାନା-ସଂହିତାଶାସ୍ତ୍ର ଅଛ ବଖାଣି । ମତ୍ସ୍ୟମୁଖରୁ ଧରମକଥା-ଶୁଣିବା ଶୁଣି ବଥାଏ ମଥା ଯଥା ଶ୍ରୀଗୁରୁ ଶିଷ୍ୟତ ତଥା ସୁବୁଦ୍ଧିମଣି ଯେ ।୨୭। (୬୨-୬୩) ପାଣ୍ଡବଙ୍କର ସଭାପଣ୍ଡିତ ଗୃହରେ ପଞ୍ଚ ବ୍ୟାସରଷି ତ; ତାଙ୍କ ସଙ୍ଗତେ ନନ୍ଦା ବା ସୁତ ସମେ ଗାଅନ୍ତି ଯେ । ଶୁଣ କହିବା କଥା ବ୍ୟାସର ଭ୍ରାତୃ-ଯାୟାରେ କଲ ଶୃଙ୍ଗାର ଦାସୀ-ସୁରତେ କସ ମାତାର ଥିଲ ସମ୍ମତ ଯେ ? ଗୁରୁ-ତ ରଚିଛନ୍ତି ଦେବ ବ୍ରାହ୍ମଣେ । ସେ ଗ୍ରନ୍ଥ ପୁଣି ତାଙ୍କ ପୂଜା ବଖାଣେ । ସେ ଶାସ୍ତ୍ରମତେ ଗୋରୁଙ୍କୁ ପୂଜ ତାଠାରୁ ଥାଏ ଉନ୍ନତା ଭଜ ପୂଜକ ନିଜେ, ଏକଥା ହେଜ ଯେନ ସୁଜନେ ଯେ ।୨୮। (୬୪-୬୫) ସୁନାସି-ସ୍ନାନ-ସ୍ୱରଗ-ପ୍ରାପ୍ତି ପାଇଁ ଯତଏ ନିରୋଧି ମତ ଯାଗରେ ମାତ ଭଲ ତେଜନ୍ତି କାମବାସନା ଯେ । 'ତ୍ବୃଚାସ୍ତ୍ୟା ଅପବର୍ଗେ' ଏଣିନି ବୋଲନ୍ତେ ନାରୀପୁରୁଷ ବେନି ରସିବେ ତାଙ୍କ ମତ ଏ ପୁଣି ପଢ଼ଇ ଜଣା ଯେ । ଊର୍ଦ୍ଧ୍ବଗତ ପାଇଁକି ନର ସକଳ । ଅନନ୍ଦେ ନିମଜ୍ଜନ୍ତି ସଲିଳତଳ । ସମ୍ମୁଖ-ଯୁଦ୍ଧ ରଚିବା ପାଶ୍ୱ ମେଷ ଯେମନ୍ତି ପଛକୁ ଘୁଞ୍ଚି ମହା'ଅଟୋପେ ହୁଅଇ ଅଗ୍ର ତଥା ବେଭାର ଯେ ।୨୯। (୬୬-୬୯) ଅସେ କ ଦେହ ଅଭ ଯୋଡ଼ିଲେ କର ହେ ଶ୍ରମ ପ୍ରିୟାପ୍ରାପ୍ତିରେ ବୈରାଗ୍ୟେ ଶାନ୍ତି ନାହିଁଟି ଭଲେ ବୁଝ ସୁଧୀରେ ଯେ । 'କଲେ ପାତକ ତର୍ଯ୍ୟକଗତ ପ୍ରାପତ' ଏହା ଶୁଣି-ଶ୍ଚ-ଭୀତ ସର୍ପ କ ସୁଖୀ ନୁହେ ସ୍ୱ-ମତ-ମତ ଦ୍ରବ୍ୟରେ ଯେ । 'ମଲେ ସମରେ ଯିବ ଅମରପୁରେ' । ଏକଥା ଯେବେ ସତ୍ୟ ବେଦଶାସ୍ତ୍ରରେ । ତେବେ ଦୈତାରି-ସଙ୍ଗେ ସମରେ ମରି ଅସୁରେ ଅମରପୁରେ ପୁଣି ରହନ୍ତୁ ଦୈତ୍ୟାରି-ଭୁଲେ ରଣ ନିଭିରେ ଯେ । ୩୦ (୭୦-୭୨) ସଂସାରେ ଜୀବ ବ୍ରହ୍ମ ଏ ଦୁଇ ଅମରପୁରେ ବ୍ରହ୍ମା ଏକଇ ଜୀବଉଚ୍ଛେଦେ ବ୍ରହ୍ମ ରହଇ ମୁକତ ସେହି ଯେ । ଏମନ୍ତ କହିବାରେ ବୈଦିକେ ପ୍ରକାରନ୍ତରେ ଆତ୍ମଘାତକେ ଥାନ୍ତି ପ୍ରଶ୍ରୟ ଦେଇ ଏ ଲୋକେ ପୂଜିତ ହୋଇ ଯେ । ଶୀଳହି ବିନା ମୁକ୍ତି ଜୀବର ନାହିଁ । ଏ ଶୁଦ୍ଧ ଉପଦେଶ ନ୍ୟାୟ୍ୟ କହଇ । ଗୌତମ ରଚିଛନ୍ତି ଶାସ୍ତ୍ରକୁ ସେହି ଗୌତମ ଅମୃ ମତକୁ ଅବା ସେ ତଥା ଯଥା ଚିତ୍ତକୁ ତୁମ୍ଭ ଅସଇ ଯେ ।୩୧। (୭୩-୭୪) କାମିର ମୁକ୍ତି ନାହିଁ ବୋଇଲେ ରମା ଉମା କ ଅମୁକ୍ତା ହେଲେ ? ହେଲେହେଁ ମୁକ୍ତା ସେ ହର ହରେ ନ ରହନ୍ତି କ ଯେ । ଯେବେ ସର୍ବଜ୍ଞ କରୁଣାମୟ ଚିହ୍ନିବାକୁ ଦେବ ଛନ୍ତି ନିଶ୍ଚୟ ତେବେ

ଲୋକଙ୍କ ଯାଉଜ୍ଞା-ନିଚୟ ନ ଫଳନ୍ତା କ ଯେ ? । ଅପଣା କର୍ମେ ଜୀବ ଭୁଞ୍ଜଇ ଦୁଃଖ । ନିମିତ୍ତରୂପେ ଈଶ ତା ସମ୍ପାଦକ । ଏଣୁ ଲୋକର ଅକାରଣରେ ଈଶ୍ୱର ଶତ୍ରୁ ହେଲେ; ଅପରେ କାରଣ ପାଇଁ ସିନା ଶତ୍ରୁରେ ଗଣିତ ଠିକ ଯେ ।୩୨। ୭୫-୭୭ ତର୍କ-ବିଦ୍ୟାର ନାହିଁତ ଅନ୍ତ ଏଣୁ ସକଳ-ଦର୍ଶନ-ମତ ଅଟେ ସମାନ ଏକ ଅପରେ ସଦା ଖଣ୍ଡିତ ଯେ । ଦରଶନର ମୂଳ ସେ ନ୍ୟାୟ ଏଣୁ ଦର୍ଶନ ତ-ନିଚୟ ଅସ୍ଥ ବୋଲି ବା କେମନ୍ତେ କହ କ କ ପଣ୍ଡିତ ଯେ । ଧାତୁସୃଜନ-ବିଦ୍ୟା ନିର୍ଦ୍ଧନଜନ । ଯଥା ଶିଖାଏ ଅରଜିବାକୁ ଧନ । ତଥା ପ୍ରଚଣ୍ଡ-କ୍ରୋଧୀ ତାପସେ ଟିଖାନ୍ତି ଶାନ୍ତି ଲୋକେ ବିଶେଷେ ତାଙ୍କୁ ବଳ କେ ଧୂର୍ତ୍ତ ମାନସେ କର ଭ୍ରମନ ଯେ ।୩୩। (୭୮ ୭୯) ହେ ଦାତା କର୍ଣ୍ଣା କରୁଛ ଦାନ ଦାନରେ ଲକ୍ଷ୍ମୀ ନୁହେ ପ୍ରସନ୍ନ ଦେଖ ସର୍ବସ୍ୱ କର ପ୍ରଦାନ ବଳୀ ନିବନ୍ଧ ଯେ । ସର୍ବ ଯାଚକେ ଧନୀର ଧନଗ୍ରହଣେ ତା'ର ଦ୍ରୋହାଚରଣ-କାର୍ଯ୍ୟେ କୁଶଳ; ଅଛି କେ ଜନ ନ ହୋଇ ଲୁବ୍ଧ ଯେ ? ଚୌର୍ଯ୍ୟ ବିନା ଦାରିଦ୍ର୍ୟ ବଢେ ବିଶେଷ । ଉଦର-ପ୍ରବଞ୍ଚନ ଏ ଉପବାସ । ଏଣୁ ହେ ଜନେ ଶାସ୍ତ୍ର ନ ଭ୍ରମ ସକଳ ସୁଖ ଯହିଁ ଜନମ ସେ ସ୍ୱେଚ୍ଛାଗୃହେ ତେଜ ଅଧର୍ମ-ଅଶଙ୍କା-ଲେଶ ଯେ । ୩୪ । (୮୦-୮୨) ଏମନ୍ତ ଶୁତକଙ୍କୁ ଭାରତୀ ଶୁଣି ସଙ୍କୋଚେ ଅମରପତି ବୋଲନ୍ତି "କେ ରେ ଧର୍ମେ କରତ ଏମନ୍ତ ଭ୍ରଷେ ଯେ । ବେଦନିମ୍ନନ ତ୍ରିଭୁବନର ଆଜି ଶାସକ ମୁଁ ବଜ୍ରଧର କେଉଁ ସାହସେ ଏମନ୍ତ ଗିର କେ ପରକାଶେ ଯେ । ବର୍ଣ୍ଣବିଶୁଦ୍ଧି ଜାତି-ଶୁଦ୍ଧି ଅଧିରେ । କରୁଛୁ ସନ୍ଦେହ ତୁ ନାସ୍ତିକ କେ ରେ । ଏ ସମ୍ବନ୍ଧରେ ତୋର ସଂଶୟ ପାପୀଙ୍କ ପରୀକ୍ଷାରେ ଅଜସ୍ର ବିଲୋକ କପାଁ ନ ପାଏ କ୍ଷୟ ? ନୀଚ ଇତର ରେ । ୩୫ । (୮୩-୮୫) ବ୍ରାହ୍ମଣ ଆଦି ଉଚ୍ଚବର୍ଣ୍ଣର ଯୋଷିତେ ଯେବେ କବେ ବିହାର ନ କୁଏ କେବେ ବିଜୟ ତା'ର ଏ ତଥ୍ୟ ଗିର ଯେ । ଏଣୁ ସକଳବର୍ଣ୍ଣ-ବଂଶର ନାହିଁ କଳଙ୍କ ଭଲେ ମାତର ଏ କଥା ନ କରଛୁ ବିଗ୍ରହ ଚିତ୍ତରେ ତୋର ଯେ । ବେଦୋକ୍ତ-ଜଳାନଳ-ପରୀକ୍ଷା-ବିରେ । ନାସ୍ତିକ୍ୟ-ବୁଦ୍ଧି ତୋର ନ ଯାଏ କବେ ? । ପତି-ସଙ୍ଗତ ଥିଲେହେଁ ନାରୀ ନୁହେ ଗର୍ଭିଣୀ ଏଥୁଁ କି ବାର ନ ପାରୁ ପୂର୍ବାଦୃଷ୍ଟକୁ ? ଧାର ହେଉ ମିଥ୍ୟାରେ ଯେ ।। (୮୬-୮୮) । କା' କା'ଉଠାରେ ଅବେଣି ଭୂତ ସ୍ୱଗଯ୍ୟାଣ୍ଣାଙ୍କ ମାଗେ ନିଯୁତ ଏକଥା ସର୍ବ-ଦେଶବାସି ତ ଆଅନ୍ତି କହ ଯେ । ନାମ-ସାମ୍ୟରୁ ତେଜ ଏକରେ ଆଅନ୍ତି ଯମ-ଦୂତେ ଅପରେ ବାର ସ୍ୱଭ୍ରମ ତା'କୁ ମର୍ତ୍ତ୍ୟରେ ଆଣ୍ଡି ପଠାଇ ଯେ । ସେ ପୁଣି ନର-ଲୋକେ ଯମ ଭୁବନ- । କଥା ଯା କହେ ତାହା ବେଦେ ଲିଖନ । ଏଣୁ ବେଦର ସତ୍ୟତା ପରଲୋକ-ଅସ୍ତିତ୍ୱେ ସନ୍ଦେହ ତୋ'ର ନୁହେ ବିନାଶ କପାଇଁ ବୋଲ ରେ ଦୁରାଗ୍ରହ" ରେ ।୩୬। (୮୯-୯୦) । ଶୁଣି ବଳି ସେ କହୁ ଭାରତୀ କୋପେ ପ୍ରଜ୍ୱଳ

ଉଠିଣ ଅତ ବୋଲନ୍ତ, "କି କଷ୍ଟ ରେ ଦୁର୍ମ୍ମତି ନରଗଳରେ ଯେ । ନ ଖାଇ ଦଣ୍ଡେ ହେଉ ମୂର୍ଚ୍ଛିତ ମହାପସଙ୍କାବ୍ରତୀ-ଚରିତ ଶୁଣି କି ତୋର ନ ହୁଏ ଚିତ୍ତ ବେଦପଥରେ ରେ । ଶ୍ୟେନ-କାରିସ-ପୁତ୍ରେଷ୍ଟ୍ୟାଦି ଅଧ୍ୱର । ଫଳ ତାଙ୍କ ପ୍ରତ୍ୟହ ନେତ୍ର-ଗୋଚର । ଦେଖୁଣିଥିଲେ ଏତେହେଁ ଧର୍ମ୍ମ ସନ୍ଦେହ ତୋ'ର ନ ତେଜେ ମର୍ମ୍ମ ନାହିଁ ତୋ-ଭଳି-ଭୁବନେ ଶର୍ମ୍ମ ଏ ତଥ୍ୟ ଗିର ଯେ" ।୩୮। (୯୧-୯୩) । ସେ କଣ୍ଟୁଗରେ ମର୍ମ୍ମ କରତ ହେଲା ପସନ୍ନ ପରେତ-ପତି ଦଣ୍ଡ ଧର୍ମ୍ମିନେ ସ୍ଥୂଳଙ୍ଗତତ ନଭେ ସରଜ ଯେ । କହନ୍ତ ଗର୍ଜ୍ଜି, "ରହ ରେ ଦୁଷ୍ଟ ! ଦେଉଛୁ ରୁନ୍ଧ ତୋ କଣ୍ଠ ଓଷ୍ଠ ଦେବଙ୍କ ଅଗ୍ରେ ନିନ୍ଦୁ ପାପିଷ୍ଠ ଧର୍ମ୍ମେ କି ହେଳ ଯେ । ଅରେ ନାସ୍ତିକ ! ବେଦ-ଦେବ-ଦୂଷକ । ଉଭୟମତେ ଠିକ ଯେ ପରଲୋକ । ସେ ପରଲୋକ-ବିଶ୍ୱାସ ତୋର ଅପାର ଯୁକ୍ତ ଶୁଣି କେ ଧୀର ଦେବ ବରଜ କର ବିଗ୍ରହ ରେ ଅବିବେକ ଯେ ।୩୯। (୯୪-୯୬) । ରେ ମୂଢ଼ ଦୁଷ୍ଟ-ବୁଦ୍ଧି ନାସ୍ତିକ ! ଯହିଁ ଚଳନ୍ତ ବହୁତ ଲୋକ ତା ପରିହରି ଚତୁ ଯେମନ୍ତ ଇହ-ସଂସାର ଯେ । ତେମନ୍ତ ଗତ ତୋ ପରଲୋକେ ନୋହି ନ ଯିବ ଜାଣ ତୁ ଠିକେ ନ ଭୁଞ୍ଜିଲ ବା କଲ୍ୟକର୍ମ୍ମ କେ ମନେ ବିଗ୍ରହ ଯେ । ସକଳେ ପର-କରେ ନିଜ କନ୍ୟାରେ । ଦିଅନ୍ତ ପରଲୋକେ ସ୍ୱର୍ଗ-ଆଶାରେ । ଏଥି ସଂଶୟ ଥିଲେ କି କେହି ସ୍ୱକନ୍ୟା ପରେ ପାରନ୍ତେ ଦେଇ ଏଥୁଁ ସଂଶୟ ତୋର ନ ଯାଇ ଥିବ ତୋହରେ ଯେ ॥ (୯୭-୯୮) । ଏକ ବୈଦିକ-ମତ ବିଗ୍ରହ-ସିଦ୍ଧ ନୋହିଲେ, ଅରେ ବର୍ବର ! ନିନ୍ଦୁ ତୁ ଆନ ମତ ସକଳ ସେ ନିଦର୍ଶନେ ଯେ । ଯେବେ ବା କେଉଁ ବୈଦିକ-ମତ ଯୁକ୍ତି-ବାଦରେ ନୁହେ ପ୍ରକୃତ ତଥାପି ପାପ ହୁଏ କି ଜାତ ତା'ର ସେବନେ ? ରେ । ବେଦେ ଯାହା ବା ତ୍ୟକ୍ତ ଯାହା ବିହିତ । ତା ବହୁସ୍ଥଳେ ସର୍ବବାଦୀ-ସମ୍ମତ । ଏଣୁ ବେଦୋକ୍ତ-ଧର୍ମ୍ମ-ବର୍ଜ୍ଜନ ସେ ସର୍ବ ସ୍ଥଳେ ନୁହେ ଶୋଭନ ବିଗ୍ରହ ମନ ତା'ର ସେବନ ସର୍ବଥା ହିତ ଯେ" ।୪୧। (୯୯-୧୦୦) । କ୍ରୋଧେ ଅରୁଣବର୍ଣ୍ଣ ବରୁଣ ହୋଇ କହନ୍ତ ବାଣୀ ଦାରୁଣ "ଏ ମୋ ପ୍ରଚଣ୍ଡ ପାଶେ କି ସ୍ଥାନ ! ତୋ ଭୟ ନାହିଁ ଯେ ? । ଯେ ଶାଳଗ୍ରାମ-ଉପଳ-ବଳେ କୂର୍ମ୍ମାଦି-ଚିହ୍ନ ଥାଏ ଯୂତଳେ ତା କି କେ ଲୋକ ନିର୍ମାଣି ପାରେ ? ବିଗ୍ରହ ବୁଝି ଯେ । ଶାସ୍ତ୍ର-ପୁରାଣ-ଉକ୍ତ-ଲକ୍ଷଣ-ମତେ । ଶାଳଗ୍ରାମେ ସେ ଚିହ୍ନ ଥାଏ ଯୁକତେ । ଦେଖି ଏମନ୍ତ ନିଜ ନୟନେ ପରତେ କେହି ନୁହେ ତୋ ମନେ ନ ଥିବେ ନଷ୍ଟ ତିନି-ଭୁବନେ କେହି ତୋ ମତେ ଯେ ।୪୨। (୧୦୧-୧୦୨) । ସ୍ୱର୍ଗେ ଉର୍ବଶୀ ଇନ୍ଦ୍ର ପ୍ରଭୃତି ଯେ ସର୍ବେ ଛନ୍ତି ସେ ନାମ ଶ୍ରୁତି-ନିଚୟେ ଅଛି ତେଣୁଟି ଭୂତ ପ୍ରଳାପ ନୋହି ଯେ । ନାମଭ୍ରମରୁ ଯମକିଙ୍କରେ ଘେନି ଯାଇଣ ଅପର ନରେ ପ୍ରଭୁ-ଆଦେଶେ ପୁଣି ମର୍ତ୍ତ୍ୟରେ ତାଙ୍କୁ ପଠାଇ ଯେ । ଯାହା ଯାହା ସେମାନେ ଶମନ-ପୁରେ । କହନ୍ତ ଦେଖି ଅପିଥାନ୍ତ ସ୍ୱପୁରେ । ବେଦବର୍ଣ୍ଣିତ ଯମ-

ଭୁବନ-ସଙ୍ଗେ ତ ସେମାନଙ୍କ ବର୍ଣ୍ଣନ ଘଟେ ସମାନ ଏଣୁଟି ମାନ ବେଦତଥ୍ୟରେ" ଯେ ।୪୩। (୧୦୩-୧୦୫) । ଦେବଙ୍କ ଏତେ କୋପବଚନ ଶୁଣି ନୀରବ ହୋଇ ସେ ସୈନ୍ୟ ସେ ମର୍ତ୍ତ୍ୟ ବାହାର ଏକ ଜନ ମସ୍ତକେ କର ଯେ । ଯୋଡ଼ି ଜଣାଏଁ "ହେ ଦେବେ ମୁହିଁ କଳିଯୁଗଙ୍କ ବନ୍ଧ ଅଟଇ ତେଣୁ ତାଙ୍କର ସ୍ତୁତି ରଟଇ ଦୋଷ ନ ଧର ଯେ । ମୁଁ ପରାଧୀନ ଜନ ନାହିଁ ମୋ ଦୋଷ" । କହୁ କହୁ ଏତେ ସେ ସୁର-ଦଳୀଶ । ଦେଖିଲେ ଆଗେ ଆସଇ ଚଳି ସଙ୍ଗତେ ଅଛି ଦ୍ୱାପର ମିଳି ଅବେହ ରହିବବରେ କଳି ମହାହରଷ ଯେ ।୪୪। ୧୦୬-୧୦୮) । ମହାପାତକ-ଜାଳେ ମଣ୍ଡିତ ସେ କଳିଯୁଗ ନାରକୀବତ ଊର୍ଦ୍ଧ୍ୱ-ନୟନେ ମହା-ଶ୍ରୀମନ୍ତ ଦେବଙ୍କୁ ଗୃହିଁ ଯେ । ମଘବା-ତେଜେ ହୋଇ ଅଶାନ୍ତ ନିଶଙ୍କୁବତ ଲଜ୍ଜାବନତ-ମସ୍ତକେ ରହି କଳି କଷ୍ଟତ ପରେ ଭାଷଇ ଯେ । ତାହାକୁ ଗୃହିଁ ଦେବେ ମୋଡ଼ି ବଦନ । ହେଳି ସେ ଉପେକ୍ଷାକୁ ମହା-ପିଶୁନ- । ପଣରେ କଳି ଦ୍ୱିଜେ ସ୍ୱପଚ-ସମ୍ଭାଷବତ ଅବନେ ବାଚ; ନିଜକୁ ଯେଣୁ ଭାବଇ ଉଚ୍ଚ ସୁ-ନୀଚ ଜନ ଯେ ।୪୫। (୧୦୯-୧୧୧) । "ହେ ସୁରପତି ! ସବ ତ ଶୁଭ ? କେ ବନ୍ଧି ନାହିଁଟିକି ଅଶିବ ? ଯମ ହେ, ସମ ସବୁ କି ? ଶୁଭେ ଅଛ ? ବରୁଣ ଯେ ! । ଭୈମୀର ସ୍ୱୟମ୍ବର-ଉତ୍ସବେ ତା'ର ବରଣେ ଯାଉଛୁଁ ସବେ ସତ୍ୱରେ ଏ 'ସରଣୀରେ ଦେବେ ମନ ଉଚ୍ଛନ୍ନ" ଯେ । କଳିର ବୃଥା ଅହଙ୍କାର ଏମନ୍ତ । ଦେଖି ଦେବେ ପ୍ରକାଶି କଷ୍ଟତ ସ୍ମିତ । ପରସ୍ପରକୁ ଗୃହିଁଣ ଅତି ବଳମେ ବହୁ ଅବଜ୍ଞା ମତି କଲେ ବଚନ ବଚନତତି ଯଥା-ଉଚିତ ଯେ ।୪୬। (୧୧୨-୧୧୩) । "ହେ କଳି ! ଅଉ ଏହା ନ କହ, କରିବ ତୁମ୍ଭେ କାହିଁ ବିବାହ ? ଜନ୍ମ ତୁମ୍ଭଙ୍କୁ କରିଛି ବ୍ରହ୍ମଗୃହ ବିଧାତା ଯେ । ଯେ ବଧୂ-ଅଗ୍ନି ତୁମ୍ଭ ଦାସରେ ନ ହୁଇ ଲଗ୍ନ ତାହା ତୁମ୍ଭରେ ହୋଇବ କେହି ମେଣ୍ଟ ମନରେ କର ତ ଚିନ୍ତା ସେ । ଧାତାର ଦ୍ରୋହୀ ହେଲେ କି ଭଲ ଅବା ? । ତ୍ରୈଲୋକ୍ୟ-ଯୁବଗର୍ବ-ଧ୍ୱଂସୀ ସେ ସଭ୍ର । ଗନ୍ଧର୍ବ ସର ଅସ୍ତ୍ରୁଁ ଫେରି ଅମରେଶ୍ୱରେ ଥିଲେହେଁ ମିଳି ନଳଭୂପାଳବରଣେ ବାଳୀ ହୋଇଲା ଲୋଭୀ ଯେ । ୪୭ । (୧୧୫-୧୧୮) । ସ୍ୱରେ ପାମର ନରେ ବାନର ଊରବେ ସ୍ଥାନ ସେ ନାସ୍ତି-ବର କର ବଗୁର ଗୁଣ-ଉଜ୍ଜ୍ୱଳ ନଳେ ବରିଲା ଯେ" । ଏତେ କହନ୍ତେ ଦେବେ ସେ କଳି ପ୍ରଚଣ୍ଡ କୋପେ ଉଠିଲା ଜ୍ୱଳି ଯୁଗାନ୍ତସର୍ବ-ରୁଦ୍ରଙ୍କ ଭଳି ତେଜ ବହିଲା ଯେ । ବୋଇଲା ଦେବେ ଗୃହିଁ "ତୁମ୍ଭେ ସମସ୍ତେ । ବ୍ରହ୍ମା ଅଦ୍ଧ ବିହାର କର ଯୋଷିତେ । ତୁମ୍ଭର ମହା-ତୋଷ-ସାଧନ-ପାଇଁକି ଏକା କଳି-ଜୀବନ ଯାଉ ଅଦ୍ଧର ବ୍ରହ୍ମଚର୍ଯ୍ୟନ ଅନୁବରତେ ଯେ । ୪୮ (୧୧୯-୧୨୧) । ଶୁଣିବାକୁ ଯା ଲାଗଇ ଡର ସେ ସବ ତୁମ୍ଭେ ସକଳେ କର ବଖାଣ ଧର୍ମ ପର-ଅଗର ଏକ ବେଭାର ? ଯେ । ମର୍ତ୍ତ୍ୟ-ସ୍ତ୍ରୀ ସ୍ୱୟମ୍ବରେ ସେ ନଳ ଲଭିଲା ତୁମ୍ଭପାଇଁ କେବଳ ରହିଲା ଲଜ୍ଜା; ଲଭିବେ ଭୁଲ

ନବ ଅମର ଯେ । ଦୂରୁ ଅମ୍ଭଙ୍କୁ ଦେଖି ମୋଡ଼ ବଦନ । ତେମନ୍ତ-କରବା ତୁମ୍ଭଙ୍କୁ ଶୋଭନ । ସ୍ୱର୍ଗ ମର୍ତ୍ତ୍ୟକୁ ନାଗଲୋକରେ ଯାଇତଥିଲ ଫେର ବୃଥାରେ ତେଣୁ ଗ୍ରହିବ କାହିଁ ଲଜ୍ଜାରେ ଅମ୍ଭ ଅନନ ଯେ । ୪୯ (୧୨୨ ୧୨୪) । ଥିଲ ପରହେ ଅମରେ ଦୂର କେମନ୍ତେ ସେହି ପାମରୀ ନାରୀ ନରେ ବରିଲ ନ ଦେଲ ଛାଳ ନୟନାନଳେ ଯେ ? । କ ଗୁଣେ ବଂଶେ ସମ ଯା ନାହିଁ ତାକୁ ବରିଜ କେମନ୍ତେ ଯାଇ ବରିଲ ମରନଲେ ସେ ବାଇ ଏହା ମୁଁ ଭଣିଲେ ଯେ । ଜଗପତି-ପ୍ରାର୍ଥିତ-ବାଳୀକ ନଳ । ନେଲ ବୋଲ ବଦନେ କାଳି ତୁମ୍ଭର । ଅନଳ ପରା ଥିଲ ହେ ରହି କୃଷ୍ଣ ଆଦରନାହିଁ କ ହୋଇ ମିଥ୍ୟାରେ ସାକ୍ଷ ? ସହିଲ କେହି ଏ ଅତ୍ୟାଗ୍ଭର ? ଯେ । ୫୦(୧୨୫-୧୨୮) ମହାତେଜସ୍ୱୀ ଅମରଙ୍କର କ୍ଷମା କେବଳ କଳଙ୍କ ଘୋର ପାଇଁକି ହେଲା ଯଥା ଶକ୍ତିର କ୍ଷମାର ଗ୍ଭଇ ଯେ । ବରିଲ ବାଳୀ ଯାକୁ ସେ ନଳେ ବରିଜ କମ୍ପା ଗଲ ମୋପରେ ସେ ଦୋଷୀଠାରୁ ଘେନବ ଛଳେ ବାଳୀକ ମୁହିଁ ଯେ । ଅସ ମୋ ଏଙ୍ଗେ ସମେ ଗ୍ରହିବା ବାଳୀ । ଗ୍ରହିଥିଲେ ପାଣ୍ଡବେ ଯଥା ପାଞ୍ଚାଳୀ" । ଏମନ୍ତେ କଳ-ଖଳ-ଭାରତୀ ସହି ନ ପାରି ଚସେ ସରସ୍ୱତୀ କଲେ ପ୍ରଗ୍ଭର କଟୁଭାରତୀ-ମାର୍ଗଣାବଳ ଯେ । ୫୧ (୧୨୯-୧୩୨) । ଭଷନ୍ତି ବାଣୀ, "ବର-ଭାରତ ତୁଲେ ବଦର୍ପିତ-ସନ୍ନତ ନଳେ ପ୍ରଦାନବାକୁ ଷିତକ ଦେବଙ୍କ ଗତ ଯେ । ପଣ୍ଡିତ-ଜନଙ୍କର ପାଣ୍ଡିତ୍ୟ ବଗ୍ଭର କରବାକୁ-ସାମର୍ଥ୍ୟ ହେବ କ ସ୍ଥୂଳ-ବୁଦ୍ଧିର ? ତଥ୍ୟ ଘେନ ତୁ ମତ ଯେ" । ବାଗୀଶ୍ୱରୀ ଭାରତୀ-ସରଭଭର- ପ୍ରଦାନେ ବକ୍ରିମୂକ କଳକାଳର । ନୋହିଲ ଯହିଁ ଲୀଳାରେ ଅବ-ହେଳ ବାଣୀକି ଅନାଇଁ ଦେବବର ଚତୁରେ ବହି ହରମ୍ଭ ଭାଷଇ ଗିର ଯେ । ୫୨ (୧୩୩-୧୩୪) । ବୋଲେ, "ଭେ ଦେବେ ଦମୟନ୍ତୀରେ ନାହିଁ ମୋ ଅଭ କୋପ ମତରେ ଏକା ସେ ଦୋଷୀ ନଳେ କରୁଣା ମୋ ଲେଶେ ନାହିଁ ଯେ । ହେଲତ କର୍ମ; ଯେଠାରେ କେହି ନ ଥିଲୁଁ ଅମ୍ଭେ, ଗଲା ଯା ହୋଇ, କରବ ଏବେ ଯା ଶୁଣ ମୁହିଁ ହରତସାଇଁ ଯେ । ଏ ମୋ ପ୍ରତଜ୍ଞା ଛଳେ ଭୂମି ଭୈମୀକ । ହର କରବ ଜସ୍ୟ ସେ ନୃପତିକ । ପ୍ରଚଣ୍ଡ-ତେଜା କଳମାର୍ତ୍ତଣ୍ଡ-ତୁଲେ କୈରବ-ନୈଷଧ-ଦଣ୍ଡଧର-ବବାଦ ଜନଙ୍କ ତୁଣ୍ଡ ମଣ୍ଡୁ ଏଣିକି" ଯେ । ୫୩ (୧୩୫-୧୩୮) । କଳି-କ୍ରୋଧକୁ ଜାଳବା ପାଇଁ ଦ୍ୱାପର 'ସାଧୁ ସାଧୁ' ଭାଷଇ ତା ଶୁଣି କର କର୍ଣ୍ଣରେ ଦେଇ ଇନ୍ଦ୍ର ଭାଷନ୍ତି ଯେ । 'ଧନ୍ୟ ବୁଦ୍ଧି ହେ କଳ ! ତୁମ୍ଭର ବାରଲ ଯାହା ଲଜ୍ଜା ଅମ୍ଭର, ଲଜ୍ଜିତ ଅମ୍ଭେ ମହତ ଜନେ ଅଳପ ଦେଇ ଯେ । ଯେଉଁ ଭକ୍ତିର ଶତଅଂଶରୁ ଅଂଶ । ପାରଇ ଚତୁର୍ବର୍ଗ ଦେଇ ବଶେଷେ । ତେମନ୍ତ ଭକ୍ତି ନଳ-ଜଗତପତିର ଅମ୍ଭଠାରେ ପ୍ରସୂତ ହେଲା ଅଳପଫଳର; ମତ ଏଣୁ ବରସ ଯେ । ୫୪ (୧୩୯-୧୪୧) । ନୈଷଧ-ସୁଧାକର ସେ ନଳ ଦକ୍ଷତତୁଲେ ଯାହାର ତୁଳ ତା ସଙ୍ଗେ ତୁମ୍ଭ ବବାଦ ଭଲ

ନୁହଇ ଯେନ ଯେ । ସକଳ-ଧର୍ମ-ମର୍ମ-ପଣ୍ଡିତ ଷମାଅଧିପ ନଳେ କଳ୍ପିତ କଳି ଦ୍ୱାପର ପାଇଁ ରହୁ ତ ନାହିଁ ହେ ସ୍ଥାନ ଯେ । ମହା-ବିଦୁଷୀ ବିଦର୍ଭେଶ-କନ୍ୟାଶ୍ରୀ । ତା ଭୁଲି ବୃଥା କଳି ନ କର କଳି । ବିଭ୍ରମଜ୍ଞାନେ ପ୍ରମାଣଜ୍ଞାନ ଛିନ୍ନ ନୋହିଲ ପରନ୍ତୁ ଯେନ ତୁମ୍ଭ କୁହଟେ ବୈଦର୍ଭୀ-ମନ ନ ଯିବ ଟଳି ଯେ । ୫୫ (୧୪୨-୧୪୪) । ଗ୍ରାମ-ସଙ୍ଗତି-ନିଷଧେଶର ଯେ ଯେବେ ମତି ଧର୍ମେ ନିଶ୍ଚଳ ସତ୍ୟ ବିଷୟେ ନୁହଇ ଭୁଲ ତାହାଙ୍କୁ କେତା ଯେ । ହେ କଳି ଅହେ ଦ୍ୱାପର ଶୁଣ ତୁମ୍ଭେ ତାହାଙ୍କୁ ନୁହ ଗଞ୍ଜନ ବୃଥାରେ ହିଂସା ନବହ ମନ ଏ ତଥ୍ୟ କଥା ଯେ । ନ କରୁଁ 'ଏହା ମୁହିଁ କରିବି' ବୋଲି । ବୋଲୁଁ ନିଜକୁ ନିଜେ ଦୂଷୁଛ ଖାଲି । କାର୍ଯ୍ୟର ଦୃଷ୍ଟାଦୃଷ୍ଟ-କାରଣ ନୁହେତ କିଛି ତୁମ୍ଭ ଅଧୀନ ଏ କଥା କିପାଁ ନ ଯେନ ମନ କହୁଛ ଯେଲି ଯେ । ୫୬ (୧୪୫-୧୪୬) । ମୋହେ ଅଟଇ ଦ୍ରୋହ ଯେ ନୃପେ ନିଷ୍ଠତା-ଦୋଷୁଁ ସବୁ ତ ପାପେ ଜଳଇ ଅନବରତ ଅପେ ଲୋକ ଅଚିରେ ଯେ । ହେ କଳି ! ନଳେ ତୁମ୍ଭର ଦ୍ୱେଷ ନୁହେ ଉଚିତ ଏଥିରୁ ଲେଶ ନୋହିବ ଶୁଭ ହେବ ବିଶେଷ ଅଶୁଭ ଖଟେ ଯେ । ସ୍ୱୟମ୍ବରେ ଯିବାର ଦୁର୍ବୁଦ୍ଧି ତେଜ । ତହିଁ ଯାଇ ସ୍ୱଜନେ ନ ପାଅ ଲଜ୍ଜା" । ଏମନ୍ତେ ଇନ୍ଦ୍ର-ବଚନେ ଅଜ-ଦିଗଈଶ୍ୱରେ ଅନୁମୋଦନ କଲେହେଁ ଯୁଗ-ଯୁଗ-କଣ୍ଠେ ତା ନୋହିଲା ସଙ୍ଗ ଯେ । ୫୭ (୧୪୭-୧୫୦) । ତହୁଁ ସେ ଗୁରୁ ଅମରବରେ କଳିଙ୍କ ଗୃହିଁ ଉପହାସରେ ଯାହା ଭାଷିଲେ ତହୁଁ ସେ ତାଙ୍କୁ ଦେଲା ଉତ୍ତର ଯେ । ଭାଷନ୍ତି ଇନ୍ଦ୍ର, "ହେ କଳି ! ଶୁଣ ସତ୍ତ୍ୱାପରେ ନଳବରଣ ଉଦ୍‌ବେଗେ କିପାଁ କର ଧାବନ ବିମାନେ ଖର ଯେ" । ଭାଷଇ ଇନ୍ଦ୍ରମୁଖ ଅନାଇଁ କଳି । "ନଳନୃପେ ବରନ୍ତେ ସେ ବରବାଳୀ । ଉଦ୍‌ବେଗେ କିପା କର ଧାବନ ବିମାନେ ଅହେ ସୁରରାଜନ ହେବ କି ଅଭ କଥା ଗୋପନ ? ଗଲିଣି ବଳି ଯେ" । ୫୮ (୧୫୧-୧୫୨) ଭାଷନ୍ତି ବଜ୍ରି, "ଯା'ର ବରଣେ ଯାଉଛ ସେ ତ ବରିଲା ଅନେ ତା ପରେ ତହିଁ ହେବେ ଜନେ ତୁମ୍ଭ ପ୍ରବେଶେ' ଯେ । ବୋଲଇ କଳି, 'ହେ ବୈଶ୍ୱାନର ! ଯା ପାଇଁ ଗଲ ସେ ପକ୍ଷ ବର ବରିଲା ଅନେ ତୁମ୍ଭେ ଫେରିଲ ଅଗଜ ଯଶେ' ଯେ । ଯମ ବୋଲନ୍ତି 'ନଳେ ବରିଲା ବାଳୀ । କି ଲାଭ ବୃଥା କୋପେ ? ଅକ୍ଷମ କଳି' । କଳି ବୋଲଇ "ଶୁଣ ଶମନ ନୋହିଲ-ପ୍ରାପ୍ତ ଯେଣୁ ଅକ୍ଷମ ବୃଥାକୁ କିପାଁ କହୁଛ ତମ ମୋ ପରେ ଚଳି" ? ଯେ । ୫୯ (୧୫୩-୧୫୪) । ଭାଷି ବରୁଣ, 'ସବୁ ବରଣ କୁହଟ ଶୋଭରେ ଜିଣି ମଦନ ମହାଯାନେ ଯା କର ଗମନ ନିର୍ଲଜ୍ଜ କଳି' ଯେ । କହଇ କଳି, 'ଅହେ ନିର୍ଲଜ୍ଜ ! କାନ୍ତିରେ ରଞ୍ଜି ଲୋକସମାଜ ଅରେହ ମହାଯାନ ଯା ତେଜ ପ୍ରକାଶେ ଚଳି ଯେ । ଗଲ ସେ ସ୍ୱୟମ୍ବରେ ବନିତା ପାଇଁ । ତୁମ୍ଭେ ଦେଖନ୍ତେ ଅନ ଗଲା ତା ନେଇ । ଏଣୁ ତୁମ୍ଭର ସଜ୍ଜନପଣ ଗରୁଁ ବିକାଶେ ସହସ୍ରଗୁଣ ନାହିଁ ଯା ଲଜ୍ଜା ଏମନ୍ତ

ଭଣ ଅମ୍ଭଙ୍କୁ ଗୃହେଁ ଯେ" । ୭୦ (୧୫୫) । କଳି-ଦ୍ୱାପର-ଶ୍ଲେଷ ଭୁପାଳେ ନ ଝଟ୍ଟିଁ ଦେବେ ସ୍ୱର୍ଗକୁ ଗଲେ ଦ୍ୱାପରେ ଯେଣି ହୋଇ ମସ୍ତରେ ମୂର୍ଚ୍ଛିତ କଳି ଯେ । ମହା-ନିଗ୍ରହେ ନଳପୀଡ଼ନ-ଉପାୟ ପାଞ୍ଚି କଲା ଗମନ ନଳକୀର୍ତ୍ତି-ପୂରିତ ସ୍ଥାନମାନଙ୍କେ ଗଳି ଯେ- । ନପାରଇ, ତା ଦେଖି ଅଟେ ଏମନ୍ତ । ମନକୁ ନୃପ-ଶୁଭ୍ରକୀର୍ତ୍ତି-ପୂରିତ । ନିଷଧଦେଶ କଳଙ୍କ ଗୃହେଁ କରେ ନିଷେଧ ପ୍ରବେଶ ପାଇଁ ତେଣୁ କ ଚଳି ସେ ନ ପାରଇ ବଳି ତୁରତେ ଯେ । ୭୧ (୧୫୭-୧୫୮) । ଚନ୍ଦ୍ରମଣ୍ଡଳ-ବତ ବିମଳ ନଳ-ଶାସିତ ମଣ୍ଡମଣ୍ଡଳ-ଗ୍ରାସକୁ କଳି ସିଂହିକା-ବାଳବତ ପ୍ରବେଶ ଯେ । ସେ 'ଅହଂକାରୀ କଳି କେତେକକାଳଶ୍ରମରେ ମସ୍ତାନାମ୍ବୁକ-ନଳ-ମଣ୍ଡଳେ ଦେଲା ପଦେକ କରି ସାହସ ଯେ । ଏକାଳରେ ଛନଙ୍କ ବେଦାଧ୍ୟୟନ । ଶ୍ରବଣେ ବାଜିଯାନ୍ତେ ହୋଇ ଉଚ୍ଛନ୍ନ । ମହା-ପାତକ-ନିବହେ କଳା ସେ କଳି ଶକ୍ତି ନୋହିଲା ଚଳାଇବାକୁ ପାଦ କେଣିକି ଗଲା ତା ପୂର୍ବସ୍ଥାଣ ଯେ । ୭୨ (୧୫୯-୧୬୧) । ଶ୍ରୁତି-ପାଠକ-ବଦନୁଁ କ୍ରମ-ଶ୍ରବଣେ ହେଲା ଗତିବିଭ୍ରମ ଗଲା ସଙ୍କୋଚ ଚରଣ କ୍ରମଣରେ ତାହାର ଯେ । ବୈଦିକ ମୁଖୁଁ ସଂହିତା-ପାଠ ଶୁଣା ନୋହିବା ଯାଏଁ କର୍ମଠ ଥିଲା ତା ପଦ ପ୍ରକାଶି ଅଧ୍ୟ ଯେଣ ସୁଧୀର ଯେ । ହୋମ-ଧୂମ-ଘୃତର ଗନ୍ଧେ ନୟନ । ନାଶା ଲସିଲା କି ? ସେ ଭାବେ ପିଶୁନ । ଅତିଥି-ପଦଜଳେ ପିଚ୍ଛିଳ ଗୃହୀ-ପ୍ରାଙ୍ଗଣେ ପଶୁର ତା'ର ହେଲା ସ୍ଖଳିତ ପ୍ରତି-ପଦର ମହାକଷଣ ଯେ ।୭୩ (୧୬୨-୧୬୫)। ଯାଗ-ଅନଳ-ତେଜରେ ପୁଷ୍ଟ-ଯାଜ-ଯାତନା ଲଭିଲା ନଷ୍ଟ ଜଳାଶୟୋର୍ମିବ୍ୟଜନ-ବାତ କରେ ତା ଶାନ୍ତ ଯେ । ପିତୃ-ତର୍ପଣ ପାଇଁକି ସଦ୍ୟ-ବର୍ଣ୍ଣିର କୁଶତଳ-ନିବନ୍ଧ ଯମ ପରାମ୍ଭ ତା ପକ୍ଷେ ଭୟଙ୍କର ସବଂଶ ଯେ । ସ୍ନାତକଙ୍କ ତିଳକ କୃପାଣ ପରି । ତା'ର ମରମେ ପଶି ବିଅଇ ଘାରି । କେ ମିଥ୍ୟାବାଦୀ ଦେଖି ହରଷ ହୋଇ ପଛକୁ ହେଲା ବିରସ ନିଜସ୍ତ୍ରୀକି ସେ ମିଥ୍ୟା ସମ୍ଭାଷ କରଇ ବାରି ଯେ । ୭୪ (୧୬୬-୧୬୯) । ଯାଗ-ଯୂପରେ ଧୂରତ ପୁଷ୍ପ ମଣେ ସେ ଶଙ୍କୁ-ସଙ୍କୁଳ ସରି ଧାର୍ମିକ-ପୃଷ୍ଠି ପୁରେ ବିଗ୍ଭରେ ହିଂସ୍ର-ସଙ୍କୁଳ ଯେ । ମାସୋପବାସୀ ପରିକଙ୍କର ଛାୟାଲଂଘନେ ନ ଚଳେ ତାର ଚରଣ କେବା ପୁଚ୍ଛେ ତାଙ୍କର ପାଶେ ଯିବାର ଯେ । ଅବାହିତା ସାଦ୍ୱୀ ଦ୍ୱିଜ ସମୀପେ । ବିଲୋକି କଳି ଭୟେ ପଳାଏ ଅପେ । ଗୃହରେ ଗୃହୀ, ତପୀ ବନରେ ଜଟିଳେ ଯତି ଦେବ ଦେଉଳେ କାହିଁ ସେ ଖଳେ ସ୍ଥାନ ନ ମିଳେ ଭ୍ରମେ ସନ୍ତାପେ ଯେ ।୭୫(୧୭୦-୧୭୩) ମଝିରେ ବଳି-ଗାଭୀକି ଦେଖି ମାନସେ ଭଲ ହୋଇଣ ସୁଖୀ ବିରଚେ ଦ୍ରୁତଗତି ତହିଁକି ନିବାସ ପାଇଁ ଯେ । ସୌମ୍ୟ ବୃଷରେ ରତା ସେ ଧେନୁ କଳିକି ଦେଖି ବହିଲା ମନ୍ୟୁ ଖର ବିଗ୍ଭରେ ତାକୁ ସେ ସ୍ଥାନୁଁ ଶୀଘ୍ର ତଡ଼ଇ ଯେ । ନିଜ ପ୍ରେୟସୀ 'ହିଂସା'କୁ ନ ଦେଖେ କାହିଁ । ସ୍ୱମିତ୍ର 'କଳି' ମଧ୍ୟ ମୁଖେ ନ ଥାଇ । ବ୍ରତକି

ମୌନେ ଶାପ-ଅଶଙ୍କା ପୂଜ୍ୟଙ୍କ ପୂଜା-ବାଉର ଦେଖା ହୋଇଲେ ଭାବେ 'କେ ମୋ ମସ୍ତକେ ପାଦ ମାରଇ' ଯେ । ୭୬ (୧୭୫-୧୭୬)। ବୃଷଳ ଧର ବୃଷେ ଜଳେ କୁଳ କରବା କଳ ଦେଖିଲେ ଭାବେ 'ମୁଦ୍ଗରେ ମାର ଏ ନାରେ ଶପିବ ମୋତେ' ଯେ । ମେଖଳା-ଯଷ୍ଟିଧର ସନ୍ୟାସୀ ଦେଖି ସେ ଚିନ୍ତେ 'ଏ ରଜ୍ଜୁ ପାଶୀ ଦେଇ ମୋ ଗଳେ ବଳେ ଅକର୍ଷି ପିଟିବ ସତେ' ଯେ । ପୁରୋହିତାଶ ଦେଖିଲେ ଭୟେ କମ୍ପଇ । କ୍ଷୁରକୁ ସର୍ପ ଭଳି ଅଶ୍ରୁ ମୁଞ୍ଚଇ । ସୁରାମ-ଯାଜୀ ବିପ୍ରଙ୍କ ମଦ୍ୟ-ପାନ-ଲୋକନେ ହୋଇ ଅନନ୍ଦ ପଛକୁ ହେତୁ ବାର ସେ ମନ୍ଦ ତାହ ଲଭଇ ଯେ । ୭୭ (୧୭୭-୧୮୦) । ବେଦାଧ୍ୟାୟୀଙ୍କ ବ୍ରହ୍ମ-ଅଞ୍ଜଳ ଦରଶନରେ ତା ହୃଦୁଁ ଚଳି-ଗଲା ଡରିଯେ ରକ୍ତ-ଅଞ୍ଜଳ ବିଗ୍ରହେ ଚିତ୍ତେ ଯେ । ସ୍ନାତକ ଦେଖି ଘାତକ ଚିନ୍ତେ କୃତାନ୍ତ-ବତ ଡ଼ରଇ ଦାନ୍ତେ ବାଚଂଯମୀଙ୍କୁ ଭାଳଇ 'ଯମ ଅସେ କି ସତେ' ଯେ । ପାଷଣ୍ଡ ଖୋଜୁଁ ଖୋଜୁଁ ପାଏ ପଣ୍ଡିତ । ଆଶା-ବିନାଶେ ଖଳ ହୁଅଇ ବ୍ୟସ୍ତ । ସଲ୍ଲଳାର୍ଥୀ ର ଅନଳଲାଭ ବଡ ଏକଥା କଳକି ଭାବ ନୋହିଲା ସେ ନଗରେ ସଦ୍ଭାବ ତା'ର କିଞ୍ଚିତ ଯେ । ୭୮(୧୮୧-୧୮୩) ତହିଁ କେ ବ୍ରହ୍ମଘାତକ ଦେଖି ଲଭନ୍ତେ ସୁଖ ପରେ ତରକି ଏ ସର୍ବମେଧ-ଯାଜୀ ବୋଲକି ? ଜଳଇ କଳ ଯେ । ଯତିଙ୍କ 'ଦଣ୍ଡ' ବ୍ରହ୍ମଚାରୀଙ୍କ 'ଯଷ୍ଟି' ଦେଖି ମନରେ ନଲଭେ ତୁଷ୍ଟି ଭାବଇ ନ ହିଅନ୍ତୁଟି ପିଟି ଏ ମୋତେ ଚଳି ଯେ । ସ୍ଥଣ୍ଡିଳଶାୟୀ ଦେଖି ଛାଡ ମଣ୍ଡଳ । ପଳାଇବାକୁ ପାଞ୍ଚୁଥାଇ ଚଣ୍ଡାଳ । ପବନ ଦେଖି ପଦ-ନାସକୁ ଚିନ୍ତାହାର ଚମକେ ବୁକ୍ୟ ନ ପଡେ଼ ତହିଁ ତା ନୟନକୁ ଲେଶ ସୁଖର ଯେ ।୭୯(୧୮୪-୧୮୬) କ୍ଷପଣେ ଖୋଜ ଘାସିତଙ୍କର ଅଦେଖେ ଛୀଡ଼ନ ଦେଖେ ପାମର ଜନକୁ ଖୋଜ ସନ୍ନ୍ୟାସୀଙ୍କର ଅଜନ ପାଏ । ମାଳ ଗଡ଼ାଇ ଜପିବା-ନର ଦେଖି ସ୍ୱଜୀବାକର୍ଷଣ ପରକାର ଲଭଇ ହିପଦଘୋର ସୁଖ ନ ଆଏ ଯେ । ସନ୍ଧ୍ୟାବନ୍ଦେ ବିପ୍ରଙ୍କ ଅଘମର୍ଷଣ । ଦେଖି ଭାବେ ସ୍ୱନେତ୍ର-ଅପକର୍ଷଣ । ଗଜଦମ୍ଭ-ଦୁଷ୍ଟ-ସନ୍ଧାନ-ପାଇଁ ସେ ଦେଶେ କରି ଭ୍ରମଣ ଦେଖିଲା ନାହିଁ ଚହ୍ନିତ ଜନ ତା'ର ନୟନ ଯେ । ୮୦ । (୧୮୭-୧୯୦) ସାଧୁ-ବିଦ୍ୱେଷୀ କଳ ସ୍ୱାଧ୍ୟାୟ-ତପ-ଯାଗାଦି ସ୍ୱଶରୀରସ୍ଥଙ୍କର ଯେ ପୁରେ ସମ୍ପଦୋଦୟ ଦେଖି କାତର ଯେ । ସକଳ-ନାରୀ-କାମୁକ କା'ରେ ଦେଖି ନୁଅନ୍ତେ ତୋଷ ମନରେ ପଛକୁ ତାକୁ ଶୈବ ବିଗ୍ରହେ ହେଲା ଜର୍ଜ୍ଜର ଯେ । ସୁଚରିତା-ତେଜେ ତଳେ ନ ପାରେ ବହି । ନ ଦେଲା ବେଦଶବ୍ଦ ଶୂନ୍ୟେ ରଖାଇ । ଅମା-ପୂର୍ଣ୍ଣିମାସୋମାଗ୍ନି ଷ୍ଟୋମଯାଗ-ଦର୍ଶନେ ଜ୍ୱଳେ ତା ମନ୍ନ 'ନ ପାରି ଲଭି କାହିଁରେ ଶର୍ମ୍ମ ଘାର ହୁଅଇ ଯେ । ୮୧ (୧୯୧-୧୯୪) ଦେଖଇ ବନ୍ଧୁ ବାରଦ୍ମ ଲୋକ ନ ପଡ଼େ ନେତେ ବାରହଣେଙ୍କ ନ ଢଣେ ଅଭିନିର୍ମୁକ୍ତ ଏକ ମୁକ୍ତ ବହୁତ ଯେ । ପରସ୍ପରକୁ କରି ପରଶ ଦ୍ୱିଜ-ଭୋଜନ ଦେଖି ହରଷ ହେଉ ତା ତୋଷ କାଳ ବିଶେଷ ନୋହିଲା ସ୍ଥିତ ଯେ । ଜାଣନ୍ତେ

ହୋମ-ଶେଷ ସୋମ ବ୍ରାହ୍ମଣେ । ଭୁଞ୍ଜୁ ଅଛନ୍ତି ବସି ସନ୍ତୋଷ ମନେ । ହୃଦସ୍ଥ ତାର ହୋଇଲା ଘାର ତହିଁ ବସତ ପାଇ ନ ପାର ଅପର ସ୍ଥଳେ ଗଲା ସେ ଚଳ ମହା ବମନେ ଯେ ।୭୨। (୯୪-୯୭) । ଧୂଳି ଧୂସର ଦେଖି କାହାକୁ ହେଉ ସନ୍ତୋଷ ଅନ୍ତେ ତାହାକୁ ପାବନସ୍ନାତା ବାଛି ଦେହକୁ ବଳାର ହୁଏ ଯେ । ଗୋବଧ ଦେଖି କାହିଁ ଧାମଇଁ ତାହା ହେଉଛି ଅତିଥି ପାଇଁ ଜାଣି ନିବଣେ ଫେର ଆସଇ ନ ରହେ ଥସ୍ଥେ ଯେ । ନିତ୍ୟ ନୈମିତ୍ୟ-ତ୍ୟାଗୀ-ବିପ୍ର-ଦର୍ଶନେ । ଜାତ ତୋଷ ତା ଚିତ୍ତେ ନ ରହେ କ୍ଷଣେ । ସେ ତ୍ୟାଗ ତା'ର ଯାଗେ ସଞ୍ଚିତ ହେବାରୁ ଜାତ ହେଉ ବହୁତ ଶୁଖଇ ମୁଖ ପଳାଏ ବ୍ୟସ୍ତ ହୋଇ ତତ୍‌କ୍ଷଣେ ଯେ ।୭୩। (୯୬-୯୯) । ଅସ୍ତ୍ରଦାଗ୍ନିକ ଦେଖି ସନ୍ତୁଷ୍ଟ ହେଉ ସଂସ୍କାର-ଯାଗନିଷ୍ଠ ବାର ତାହାକୁ ଲଭଇ କଷ୍ଟ ଅତ୍ୟନ୍ତ କଳି ଯେ । ମହାଯାଗରେ ବ୍ରହ୍ମଗୃହର ବେଶ୍ୟା-ସଙ୍ଗମ ଦେଖି ପ୍ରଫୁଲ୍ଲ ହୁଅଇ ଭାବେ ଏ ଯାଗ-ଜାଳ ଅସଭ୍ୟ ଖାଲି ଯେ । କାହିଁ ବା ଅଶ୍ୱମେଧେ ଅଶ୍ୱ-ମୋହନ । ଯଜ୍ଞ-ଭାର୍ଯ୍ୟା ଯୋଜିବେ କରେ ଯୋଜନ । ତା ଦେଖି ଲଭି ସନ୍ତୋଷ ମନେ ଭାଳଇ ଶ୍ରୁତି ରଚକ-ମାନେ ନାହାନ୍ତି ରଖି ନିର୍ଲଜ୍ଜ-ପଣେ ଜଣେ ସମାନ ଯେ । ୭୪ । (୧୦୦-୧୦୨) । ଏମନ୍ତେ ଭ୍ରମି ଭ୍ରମି ବହୁତ ଦେଖିଲା କଳି ଭୀମଜା-ଯୁତ ଦୁଷ୍ଟ-ନୟନେ ଅବଲୋକିତ ପ୍ରଭୁ-ମଣ୍ଡିତ ଯେ । ନଳ-ନୃପାଳେ ସବତା-ସର ପ୍ରଭା ଯା ସେବାକାରଣୀ ନାସା ଦୁଷ୍ଟ-ନୟନ ଯା ରୂପ ବହିବାକୁ ଅଶକ୍ତ ଯେ । ସେ ରାଜଦମ୍ପତିର ସାନ୍ଦ୍ର ସୌହାର୍ଦ୍ଦ୍ୟ । ଶଲ୍ୟ ସମ ଭେଦିଲା କଳିର ହୃଦ । ତାଙ୍କର ହାସ୍ୟ ନର୍ମ୍ମଜନିତ କରତବତ ହେଲା କରତ ଛିଡିକ ଶେଷ ଯୁଗର ଅତ ଭାବ କୋବଦ ଯେ । ୭୫ । (୧୦୩-୧୦୪) । ନିଜର ଦୋଷ-ଅମର୍ଷବଶେ ତାଙ୍କ ତେଜସ୍ୱୀପଣେଁ ବଶେଷେ ଦର୍ଶନେ ହେଲେ ତାଙ୍କ ପରଶେ ନୋହି ଶକ୍ତ ଯେ । ତହିଁ ପକାଇ ଦୀର୍ଘ ନିଶ୍ୱାସ ପଳାଇ ଅସି ହୋଇ ନିବିଶି ନୃପ-ଆରାମୋଦ୍ୟାନେ ପ୍ରବେଶ କଲା ତ୍ୱରିତ ଯେ । ଲକ୍ଷ-ରକ୍ଷକ ଜଗିଛନ୍ତି ସେ ବନେ । ତହିଁ ଯିବେ କାହିଁ ବା ତପୀଜନେ । ନୋହିବ ସେ ତ ଦେଖା ରକ୍ଷକେ ତପୀ ତ ନାହିଁ ବୋଧିବ ବା କେ ? ରହିଲା ମାମା କଳି ନିଃଶଙ୍କେ ତହିଁ ସେ ସ୍ଥାନେ ଯେ ।୭୬। (୧୦୫-୧୦୭) । ଦଳ-କୁସୁମ-ଫଳେ ଦୈବତ-ପୂଜାପାଇଁ ଯେ ଦ୍ରୁମେ ଲୁଣ୍ଠିତ ଥିଲେ ଲଗାଇ ତହିଁ ମୂର୍ତ୍ତି-ମାନ ନ ରହି ଯେ । ସକଳବିଧ ବୃକ୍ଷ ବନରେ ରଖିବାପାଇଁ ଭାବ ମନରେ ନୃପ ବଞ୍ଚିତପାଦପେ ଥିଲେ ରଖାଇ ତହିଁ ଯେ । ସେ ବଞ୍ଚିତକ ଧର୍ମ୍ମ-କାର୍ଯ୍ୟେ ଅଯୁକ୍ତ । ତା'ର ଦର୍ଶନେ କଳି ସନ୍ତୁଷ୍ଟ ଚିତ୍ତ । ନୃପ-ସଉଧ ନିକଟେ ସେହି ବୃକ୍ଷ-ଶିଖରୁ ଅଶ୍ରୟ ପାଇ ନୃପଦୁଷ୍ଟ କି ରହିଲା ତହିଁ ନିବେଶି ଚିତ୍ତ ଯେ ।୭୮। (୧୦୮-୧୧୦) । ଅଶ୍ରୟ-ଶୂନ୍ୟ କଳିକି ସ୍ଥାନ ଦେବାରୁ ତାର 'କଳିଦ୍ରୁ' ନାମ ହେଲା ସାର୍ଥକ ସେ କଳିଦ୍ରୁମ ହେଲା କଳିକ ଯେ । ନିଜ-ଯୁଗରେ ଧର୍ମ୍ମକୁ ପଦେ

ରଶ୍ମି ଥିବାରୁ କଳଙ୍କ ପଦେ ମାତ୍ର ପାଇଲା ଅସ୍ପଦ ହୃଦେ ଭାବ ବିବେକୀ ଯେ । ବୃଷ-ବାସୀ ସେ ନାମ-ସାମ୍ୟରୁ ଭାଳ । ସାର୍ଥକ ନଳ-ନରଚନ୍ଦ୍ର କୌଶିକ । ସ୍ୱଚ୍ଛବ-ଶନ୍ଦୂ-ନୃପତି-ନଳ-ଦର୍ଶନେ ତେଣୁ କଳି ଚଞ୍ଚଳ ହୁଅଇ କାହିଁ ନ ପାଏ ସ୍ଥଳ ନ ତେଜେ ଦିକ ଯେ ।୭୯। (୨୧୧-୨୧୩) । ଏମନ୍ତେ ବହୁ ବିଶ୍ରୀତଭାବରେ କଳି ନଳଙ୍କ ସାଧ୍ୱ ନ ପାରିବ ନୃପତି-ଛିଦ୍ର ପାଶ ଚିନ୍ତରେ କାଳ କାଟଇ ଯେ । ବିନିଦ୍ର-କଳିକା-ଲତା କୁଳ ଯଥା ସେ ବନେ ମହା-ମଞ୍ଜୁଳ ବିନିଦ୍ରକଳିକା'ଳ ତା ଭ୍ରମିଳ ତେମନ୍ତ ତହିଁ ଯେ । ଲୋକମୁଖେ ଫଣାରେ ନିର୍ଦୋଷ ହୋଇ । ନାହାନ୍ତି କେହି ଏହା ମାନସେ ଧାରି । ଦ୍ୱାପର ନଳ ଛିଦ୍ରାନ୍ୱେଷଣେ ଭ୍ରମିଲା ଧରି ନ ରହି ଯଣେ ତା ମନୋବାଞ୍ଛା ନୋହିଲା କେଉଣେ ପୂରଣ କାହିଁ ଯେ ।୮୦। (୨୧୪-୨୧୭) । ଦୋହଦପାଇଁ ସେ ବନେ ସାର ନିତ ପଡ଼ଇ ତହିଁ ପ୍ରଫୁଲ୍ଲ-ପାଦପେ ବହୁ ପୁଷ୍ପ-ପ୍ରକର ଥାନ୍ତି ନିରତ ଯେ । ଯେ ଶୁଭ୍ର-ସୁମନସ-ନିକର-ପୂରିତା-ଶ୍ରମ ସୁଧା-ଆକର-ଶଶଧରର ଶୋଭା-ସମ୍ଭାର-ହର ନିଯୁତ ଯେ । ଅଛି ଶଶାଙ୍କେ ଅଙ୍କ ଏଥି ତା ନାହିଁ । ଏ ଭିନତା କଥା କି ମାନସେ ଧାରି । ସ୍ଥାନ-ପୂରଣ ପାଇଁକି କାଳ-ନିସ୍ୱଳକାନ୍ତି ସେ କଳିକାଳ କଲା ବିପତ୍ତି ଲୋଡ଼ ସେ ସ୍ଥଳ ଏତେ ଭାବଇ ଯେ ।୮୧। (୨୧୮) । ଏମନ୍ତେ ମହାବିସ୍ତୃତ-ନଳ-ନଗରେ ପ୍ରଜା-ସୁକୃତ-ଜାଳ-ଯୋଗରେ ବହୁବିଘ୍ନେ ଅକୁଳ ହୋଇ ସତତ ଯେ । ନୃପତି-ତ୍ରୁଟି ଅନୁସନ୍ଧାନ-କରଣେ ସଦା ନିବେଶି ମନ କାଟିଲା କଳି ବହୁ ହାୟନ ଯେନ ପଣ୍ଡିତ ଯେ । ସେ ନୃପତି-ଦମ୍ପତି ସେବା ନିମିତ୍ତ । ପୁଷ୍ପଗୃହ-ସିଞ୍ଚିକା ଶ୍ରୁତି ପର୍ଯ୍ୟନ୍ତ । ଆକର୍ଷି ଦେବ କେଳିତପାଇଁ କଲେ ବିଜୟ ସେକାଳେ ତହିଁ ମହା-ମହିତ ହୋଇଲା ମଣି ବିଗ୍ରହ ଚିତ୍ତ ଯେ ।୮୨। (୨୧୯) । ମାମଲ୍ଲଦେବୀ-ହୀର-କୁମର ଶ୍ରୀହର୍ଷ କବିପଣ ଯାହାର 'ଛନ୍ଦପ୍ରଶସ୍ତି' କାବ୍ୟେ ଭାସ୍ୱର-ଭାବେ ବିକଶି ଯେ । ସେ ମହାକବି-ରଚିତ ନଳ-ଚରିତ ଜନେ ମହାମଞ୍ଜୁଳ ଯେନ ମାନସୁଁ ବିରଜ ମଳ-କଳୁଷ-ରାଶି ଯେ । ସେ କବିରାଜ-ପଦ-ଅଶ୍ରୟ ପାଇ । ଭାଷାରେ ଗୋପୀନାଥ ଯାଉଛି କହି । ଗୁଣ ଥିଲେଟି ହର୍ଷଙ୍କ ତାହା ତା ମୋର ତ୍ରୁଟି ଦୂଷଣ ଯାହା ସାହା ମୋ ଏକମାତ୍ର ଗୌରୀହା କମଳାଶାର୍ଣ୍ଣ ଯେ । ୮୩ । (୨୨୦) ।

ଅଷ୍ଟାଦଶ ଛାନ୍ଦ ।

ରାଗ—କାମୋଦୀ । ଝୁମ୍ପତାଳ ।

ଭୀମ ଭୂପ-ନନ୍ଦନୀ— ଦମୟନ୍ତୀର ପାଣି
ଗ୍ରହଣ ନଳ ମହୀପାଳ ।
କାମ ସାଗର ତର— ବାର ପାଇଁକ ତହିଁ
ବଶୀର ତାରେ ହେଲେ ଭେଳ ।
ହେ ସାଧୁଜନେ ।
ରମିଲେ ହେଲେ ଅହର୍ନିଶ ।
ନୋହିଲା ତାଙ୍କ ପାପ-ଲେଶ ।
କର୍ତ୍ତବ୍ୟ ବୋଧେ ବୁଧ ଯେବେ ବିଷୟ-ବନ୍ଧ
ଗ୍ରହେ ହୁଏ କି ତା କଳୁଷ ? ।
ସାଧୁଜନେ । ୧ । (୧-୨) ।

ସତବେ କାର୍ଯ୍ୟଭାର ଦେଇ ପ୍ରିୟାସଙ୍ଗର ଅନଙ୍ଗେ କଲେ ଆରାଧନ । ନାନାରତ୍ନ-ରାଜିତ ହେମଭୂମିଶୋଭିତ ସୌଧଭୂଧରେ ବିହରଣ । କଲେ ରଙ୍ଗେ । କାମଦ ଦେବଦତ୍ତ ମାଳ । ଅକ୍ଷୟ ଯା'ର ନଳ-ଗଳ । ସେ ହାର-ପରସାଦେ ସୁରଗିରିକି ବାଦେ ମଣେ ଏ ସୌଧଶୈଳ ତଳ । ସାଧୁଜନେ । ୨ (୩-୪) । କାଳାଗୁରୁ-ଧୂପିତ ସେ ପୁର ପୁରଭିତ୍ତ ପତ୍ୟେକ-ଜାଳମାର୍ଗେ ତହିଁ । ଚନ୍ଦ୍ର-ଚନ୍ଦନ-ଲିପ୍ତ ତେଣୁ ଅସେ ମରୁତ ସେ ପଥେ ସୁଗନ୍ଧକୁ ବହି । ସୁବେଦରେ । କାହିଁ ସୁବାସ-ଦୀପ ଜଳେ । ଯାଶିଖା ତୁଳ କାମଶରେ । ଧୂର-ନୃପତି-କର-ପ୍ରତାପାଙ୍କୁର-ପରକାର ସେ ତହିଁଇ ଢମିରେ । ସୁବେଦରେ । ୩ (୫-୬) । ତହିଁ ମଣିକୁଟ୍ଟିମ ମୃଗମଦ-କୁଙ୍କୁମ-ଲେପିତ କର୍ପୂର—ବାସିତ । ଜାରେ ଧଭଳ ଶୈଳ-ସମ୍ଭବ-ପୁଷ୍ପମାଳ-ମଣ୍ଡିତ ହରେ ନେଶ ଚିତ୍ତ । ତହିଁ କାହିଁ । ନୃପତି-ଅଙ୍ଗ-ସଙ୍ଗ ଲଭି । ପୁଷ୍ପତଳପ ଅଛି ଶୋଭି । ଆମୋଦେ ମୃଦୁବର୍ଣ୍ଣେ ଗତୁଁ ରଜେ ଦ୍ୱିଗୁଣେ ବହି ସେସ୍ଥଳ-ଶୀର-ଛବି । ତହିଁ କାହିଁ । ୪ (୭-୮) । କାହିଁ ପୁରନିକଟ ଉଦ୍ୟାନରେ ପ୍ରସ୍ଫୁଟ-କଳିକା-କୋଟି-ଗନ୍ଧ ବହି । କରି ସାର୍ଥକ ଗନ୍ଧବହ ନାମକୁ ମନ୍ଦସମୀର ରଙ୍ଗୀକି ସେବଇ । ସାଧୁଜନେ । ସର୍ବର୍ତ୍ତୁ-ବନସ୍ଥିତ—ବ୍ରାତ ।—ପୂରିତ ସେ ଉଦ୍ୟାନେ ବାତ । ଶୁକକଣ୍ଠିତ-ଚୂତ-ମଧୁଗନ୍ଧେ ତୃପତ କରେ ସେ ପୁରବାସୀବ୍ରାତ । ସାଧୁଜନେ । ୫ (୯-୧୦) । କେଉଁ ଅଂଶ ସେ ପୁରେ ବିନିର୍ମିତ ସ୍ୱର୍ଣ୍ଣରେ କେ ଭିଗ ରତନେ ମଞ୍ଜୁଳ । ଚନ୍ଦ୍ରଶାଳିକା କାହିଁ, ତମସାଲୋକ ହୁଇ କାହିଁ ରଚନ୍ତି ଇନ୍ଦ୍ରଜାଲ । ପ୍ରତିମୂର୍ତ୍ତି । ଉର୍ବଶୀ ନାରଦାଦିଙ୍କର । ଦେଖି ଦର୍ଶକ ସେ ପୁରର । ବରଶିଳ୍ପିକ ବାତରସ୍ତ ଅନବରତ-କମ୍ପିତ-ଶିର ବେଦବର । ବୋଲୁଥାନ୍ତି । ୬ (୧୧-୧୨) । ଭିତ୍ତି-ମଧ-ନିକେତ-ଗୁରଙ୍କ ନୃତ୍ୟଗୀତ ଅତି ଆଶ୍ଚର୍ଯ୍ୟ ଲାଗୁଥାଏ ।

କଳଚାଳିତ-ପୁତ୍ତଳିକାଙ୍କ ହସ୍ତ-ପଦ-ଚାଳନ ବିସ୍ମୟ ଜନ୍ମାଏ । ତାମସୀରେ । ଭିତ୍ତି—ନିଚିତ-ରତ୍ନ କରେ । କରନ୍ତି ଦୂର ଅନ୍ଧକାରେ । ନୀର-ଯନ୍ତ୍ର-ଛୁରିତ ନୀରଧାର ନିପାତ କରେ ହରିତପ ଆତପରେ । ନିରନ୍ତର । ୭ (୧୩-୧୪) । ପୁର-ନାଗଦନ୍ତିକା ପରେ ବସି ଶାରିକା କାମ-କାରିକା ପଢ଼ୁଥାନ୍ତି । ରାଜାରାଣୀ-ସୁରତ-ବ୍ୟାପାରେ କୃତାକୃତ-ବିଷୟମାନ ଆଲୋଚନ୍ତି । ସାଧୁଜନେ । ମତ୍ତ-କଳବିଙ୍କ-ସୁରତ ।—ବିତ ବହୁତବାର ରତ । ବାପୀଭୂଷଣୀଭୂତ ମରାଳଙ୍କ ଭୁଞ୍ଜିତ ଦେଖୁଥାନ୍ତି ପ୍ରିୟଙ୍କୁ ସହିତ । କାହିଁ ଅବା । ୮ (୧୫-୧୬) । ବୀଣା-ବେଣୁ-କୋକିଳ-ଅଳି ନର୍ତ୍ତକଙ୍କର କେୟୂର-ନୂପୁର-ନିଃସ୍ୱନ । ନୃପଦମ୍ପତି-ରତିକାଳୀନ-ରବ-ବ୍ରାତ ଯତନେ କରନ୍ତି ଗୋପନ । ସେ ପୁରର । ଦ୍ୱାର ଉପରେ କୃଷ୍ଣସାର- । ବିଷାଣବତ ବିଭଙ୍ଗୁର । ଶୃଙ୍ଗାର-ନଦୀସମ ମଧୁର ମନୋରମ ସଦା ଶୁଭେ କଳହଂସ-ସ୍ୱର । ୯ (୧୭-୧୮) । ଧାତାଙ୍କୁ ସ୍ୱସ୍ତିତାରେ ମତାଇବା-କଥାରେ କାମ ସାହସ ଥିଲା ବଢ଼ି । ସେ କଥା ପୂର୍ବାପରକ୍ରମରେ ସେ ଭିତ୍ତିର ଗାତ୍ରେ ଲିଖିତ ଧାଡ଼ି ଧାଡ଼ି । କାହିଁ ଅବା । ପରଯୋଷିତେ ପୁରନ୍ଦରେ । ରସାଇ କାମ ସଂସାରରେ । ବିଶ୍ୱଜୟୀ ହେବାର ସକଳ ସମାଚାର ଚିହ୍ନିତ ଭାସ୍ୱର ଭିତ୍ତିରେ । କାହିଁ ଅବା । ୧୦ (୧୯-୨୦) । କାର୍ତ୍ତିକ-ପୌର୍ଣ୍ଣମାସୀ-ସମ ସେ ସୌଧ ଧରି ଧରେଶ-ପୁରର ସୁଷମା- । ଜଣା ଯଶକୁ ତା'ର ଶୁଭ୍ରକପୋତବାର-ଛଳେ ଉଡ଼ାଏ ବ୍ୟୋମସୀମା । ଶଶାଙ୍କର । ଗୁରୁ-ପ୍ରମଦାଭିଗମନ । କଥା ଯା ଭରତରଚନ । ସେ ନାଟକ ସେ ପୁରେ ଅଭିନୟ-ଯୋଗରେ ପୂର୍ଣ୍ଣାଙ୍ଗେ ହୁଏ ପ୍ରଦର୍ଶନ । ସାଧୁଜନେ । ୧୧ (୨୧-୨୨) । ବୃନ୍ଦାବିପିନ-ଦାରୁବନେ ଯେଉଣ ଶ୍ରୀରୁ ହରି ହର ଯା ରସିଥିଲେ । ଯହିଁ ସେ ଶୁକ କବି ସେ ଘଟଣାର ଛବି ଅଙ୍କିତ ବିଟଙ୍କ ଭଲେ । ସେ ପୁରରେ । ବଟର ବୋଲେ ଏକକାର । "ଜ୍ଞାନ ନାଶ ବଳିଲେ ସ୍ମର" । ପରାଶର ଧବଳେ ଯମୁନା-ତୀରଦେଶେ କୈବର୍ତ୍ତିସୁତା ହର-ବାର । କଥା ଲେଖେ । ୧୨ (୨୩-୨୪) । ତପସାଗର-ତୀର-ପରପାରୁ ସେ ବରଭୂଷଏ ଅପସରସ୍ତନ ।—ଘଟ ଅଶ୍ରୁ କର ଅଛନ୍ତି ନୋହି ପାର ଏ ଚନ୍ଦ କାହିଁ ବା ଚହଣ । ସେ ପୁରରେ । ରାଜା ରାଣୀଙ୍କି ସ୍ମରୁ ନିତ । ବିଲୋକ ହୋଇ ମୁଗ୍ଧ ଅତି । ରୂପେ ଜତୁଁ ତାହାଙ୍କୁ ସେ ଜାଣିବାକୁ ସ୍ୱାଙ୍ଗ ବଢ଼ାଇଲେ କି ଶୋଭା ଅତି ? । ସ୍ୱଦେହରେ । ୧୩ (୨୫-୨୬) । ମହାକବି-କଳ୍ପନା ହୁଏ ଯହିଁରେ ବଣା ଯେ ସ୍ୱତ ବେଶ୍ୟାଙ୍କୁ ଅଜଣା । ସେ କାମକଳାମାନ ପ୍ରିୟଙ୍କୁଲେ ସ୍ୱଜନ ରଚନ୍ତି ହୋଇ ହୃଷ୍ଟମନା । ସେ ପୁରରେ । ସହଜେ ନଳ ଯୁବା-ପତି । ସତୀ କଶୋଭା ଦମୟନ୍ତୀ । ଏଣୁ ପତିସଙ୍ଗତିକାଳେ କାଶ୍ମୀତ ଭୀତ ଲଜ୍ଜା ନ ଥିବାକ ସ୍ୱଦଣ୍ଡ । ଭେଳ ଧୀରେ । ୧୪ (୨୭-୨୮) । ପୂର୍ବେ ବାସବ-ଦୂତଭାବେ ପୁରେ ଆଗତ ନଳେ

ଯା ଭୂଷିଥିଲ ବାଳା । ସୁନ୍ଦର ସେ କଥା ପତି-ପାଶେ ମସ୍ତକ ପୋତି ଲାଜେ କଣ୍ଠ କହି ନୋହିଲା । ସ୍ୱପ୍ନମ୍ଭରେ । ଲଜ୍ଜା ବରଜ ନଜେ ନଳେ । ବରବା ସୁନ୍ଦର ଲଜ୍ଜା-ଲୁଳେ । ପତି ଥାନ୍ତି; ସେ ଥିବା ଦଗେ ନେଇ ପଡବା ତାହାର ନ ହୋଇଲା ତଳେ । ସାଧୁଜନେ । ୧୫ (୨୯-୩୦) । ଯେଉଁ ଦଣେ ରତନେ ବସ୍ତ୍ରଜତ ଅସନେ ନୃପତି ଥାନ୍ତି ବଟେଜକର । ସେହି ଦଣେ ଇରଷା ବହିଲା ବତ ଯୋଷାଭୂଷା ନ ଗୃହେଁ ନେଇ ହାଳ । ସାଧୁଜନେ । ଲଜ୍ଜାନଦେ ମଜ୍ଜିବାଭଳ । ମସ୍ତକ ନତକର ବାଳୀ । ସ୍ୱାମୀ—ଅଦର ତାଙ୍କେ ପ୍ରଭୁଳଭଳ ଠିକେ ବହିର ଦେହିଳ ନ ବଳି । ସାଧୁଜନେ । ୧୬ (୩୧-୩୨) । ଭ୍ରମେ ସ୍ୱାମୀ ଅଗାରେ ନ ଯାଏ ନେଲେ ବଳେ ତଳପ ନ ଭଜଇ ବାଳୀ । ପଣ୍ଡୁହାଇଲେ ପାଶେ ନ ପଣ୍ଡୁହଇ, ପାଶେ ଅଣିଲେ ରହେ ପୃଷ୍ଠକର । ସାଧୁଜନେ । ଗୌଷ୍ଠ-ଗୋଷ୍ଠ ସେ ଯେବେ ଯାହା । କର ଇଚ୍ଛଇ ନରନାହା । ତା ଜାଣି ତାହା କରବାକୁ କହନ୍ତେ ବାଳୀ ତହିଁ ତେଜଇ ଶୀଘ୍ର ଇହା । ସାଧୁଜନେ ।୧୭ (୩୩-୩୪) । ଲଜ୍ଜାବମୁଖୀ ବଧୂମୁଖୀ ପ୍ରିୟାକୁ ଦେଖି "ତମାରେ କ ଅନୁରାଗ ନାହିଁ" । ଏ ଭୟକୁ ଭୂପତି ତେଜନ୍ତି ଦୂତଗତି-ବେଳେ ତା ବଚନ ଚତୋଇ । ଅଗେ ଅଗେ । ସଖୀଙ୍କ ସଙ୍ଗେ ପ୍ରେୟସୀକି । ଅଣାନ୍ତି ନୃପତି କତଙ୍କ । ପରେ ସଖୀଏ ସଙ୍ଗେ ଅଣାଇଁ ନାନାବାଟେ ତାକୁ ପେଷିଥାନ୍ତି ଏକାକୀ । ସୁଚତୁର । ୧୮ (୩୫-୩୬) । ଅଳ ବାଳୀକ ଅଣି ଭୂପାଳ ପାଶେ ପୁଣି ବଳେ କସନ୍ତି ଯେତେବେଳେ । କାମ-ଶାସ୍ତ୍ର-ଚତୁର ନଳ ତାହାକୁ କୋଳ-ଦେଶେ ଅଣନ୍ତି କଉଶଳେ । ଅଟଗ ଚୁମ୍ବି । ନତ-ମୁଖୀ ପ୍ରିୟାକୁ ଭଲେ । ମୁଖ ଟେକୁଁ ଗଣ୍ଡ ଯୁଗଳେ । ତହିଁ ହେଲେ ବିସ୍ମୟ ମୁଖେ ଚୁମ୍ବ ମୁଦ୍ରିତ କର ହସନ୍ତି ମନେ ଗେଲେ । ସାଧୁଜନେ । ୧୯ । (୩୭-୩୮) । ବାଳୀ-ହୃଦୟେ ସ୍ମର-କ୍ଷୁଦ୍ରାଙ୍କୁର ଲଜ୍ଜାର ହୁଙ୍କାରେ ନବଢ଼ିଁ ରହିଲା । ତହିଁ ପ୍ରବଳ ଭୟ ଭର୍ତ୍ସନା ଅତିଶୟ କର ତାହାକୁ ଲୋପ କଲା । ସୁବେଶସବେ । ନଳ-ବାହୁ-ଯୁଗଳ ବଳେ । ଅଲିଙ୍ଗୁ ପୃଷ୍ଠ ତଳପରେ । ଦୃଢ଼େ ରଖି ବାଳିକା ସ୍ୱଭୁଜ-ଯୁଗେ ଏକା ବାରଲା ଦାମ୍ପତ-ଭୁଜଟରେ । ବନ୍ଧବେଳ । ୨୦ । (୩୯-୪୦) । ହାର-ସୌନ୍ଦର୍ଯ୍ୟ-ଅବଲୋକନ-ଛଳେ ଧବ ପାଣିକ ବାଳୀ-କୁଚମୂଳେ । ନେଇଣ କଉଶଳେ ପରଶି କଣ୍ଠମୂଳେ ଭାଷନ୍ତି "ପ୍ରିୟେ ! ବର-ମାଳେ । ସ୍ୱପ୍ନମ୍ଭରେ । ମୋତେ ତ ଥିଲୁ ପୂଜା-କର । ଏବେ ପଡ଼ିଛ ମୋର ପାଳି" । ଏତେ ବୋଲି ସ୍ୱହାର ଦେଇ ବାଳୀ ଗଳାର ରଙ୍ଗେ ସ୍ପର୍ଶନ୍ତି କୁଚଚୂଳୀ । ବାଳକାର । ୨୧ । (୪୧-୪୨) । ସଙ୍କେ ନୀବ୍ରା-ଅଚେତ-ବାଳୀ-ନୀବରେ ହସ୍ତ ଦେଉଁ ନୃପତି ଫେଇବାକୁ । ବାର ପରଶ ନାଶ ହେଉ ନୀବ୍ରା ବାଳୀଶ ଦଏ ପେଲ ପତି-କରକୁ । କେବେ ଅବା । ପ୍ରେୟସୀ-କୁଚ-କ୍ଷୀଣବାସ । ଲକ୍ଷି ନୃପତି କରୁ ହାସ । ବିବସ୍ତ୍ରାବତ ଅତି ଲାଜେ ବର-ଯୁବତୀ ଅବରୁଥାଇ ଭରେ

ବାସ । ପୁନଃପୁନ ।୨୨। (୪୩-୪୪) ଏମନ୍ତେ ସୁରତରୁ ପତି କ୍ରମେ ପ୍ରିୟାର ଭୟକୁ
ଦେଇ କରି ଦୂର । ତା ଜାଣି ମନସିଜ ସେ ଲଜ୍ଜାରୁଲେ ନଳ-ନୃପ-ଗୁଣ ଝାଣିଲା
ଧୀର । ପରିହାସେ ।'ପତିର ରୁଷ୍ଟ ହୋଇ ବାଳୀ । ନ ହସେ ବେଶି ଅଳ୍ପ ବିନା ।
ପରେ ବିଷ-ପ୍ରସୂନ-ସ୍ରଗ-ସଙ୍ଗୀ ଦଶନ ଦେଖାଇ ଇଛଇ କେ ନାରୀ । ରୁଧେ ବାରି ।୨୩
(୪୫-୪୬) । ହାର-ମଣିର ଚକ୍ଷୁ କୁଚେ ଥିବା ଗୁହିଁଣ ଅଳ ଜ୍ୱଳନ୍ତ ମାନସରେ ।
ନବୋଢ଼ ଅଲିଙ୍ଗନ ପ୍ରିୟର କାଲ ମାନବଶ ସହିଛ ନଶୀଥରେ । ପିଛାଲାଗି ।-ବେଳେ
ସଖୀଙ୍କି ଦୁଢ଼େ ମାବ । ଭିଡିବାକୁ କଣ୍ଠ ବାନ୍ଧବା । ତହୁଁ ସେ ତହି ପତି-କରଗୃହୀତା
ଅତି ହେବାର ଆଲ୍ଲ ଚଢ଼େ ଭବ । ସାଧୁଜନେ । ୨୪ । (୪୭-୪୮) । ଲାଜେ
କେଉଁ ବିଷସ୍ତ ଲଗୁଇ କେ ବିଷସ୍ତ ପ୍ରସଂଶା କରି ବରବାଳୀ । କଳି-କୁସୁମ-ମେଳ
ପଦ୍ମିନୀଙ୍କ ଚଞ୍ଚଳ ଶୋଭାରେ ଯାଉଥାଇ ବଳ । ଏଣେ କାମ । ନ ହଏ ରଖାଇ
ପତିଙ୍କି । ନ ଦେଖାଇ ଟସ ସୁଦନ୍ତକ । ତେଣୁ ପତି-ହାଗରେ ଯାନ୍ତେ ଲୋଚନ ଖରେ
ଲାଜ ବାରଇ ତା' ଗତିକ । ଅର୍ଦ୍ଧପଥେ । ୨୫ । (୪୯-୫୦) ପତିକ ନେତ୍ରଯୁଗ-ଲକ୍ଷ
ନ କରେ ମୃଗ-ଲୋଚନ-ଅଲକ୍ଷ ନ କରେ । ଦର୍ପଣାଦ୍ୱରେ ପତି-ମୂର୍ତ୍ତିକୁ ନେଇ ଧାଡି-
କାରେ ସଂଯୋଗୁଥାଇ ଧୀରେ । ଅବସରେ । ବିରହ-ତାପେ ବିଭ୍ରବଶ । ବାଞ୍ଛଇ ପତି-
ସଙ୍ଗଟ୍ଟୁରି । ନିଶାରେ ସ୍ୱାମୀ-ସଙ୍ଗ ଲଭି ଲାଜେ ବିଭଙ୍ଗ ହୋଇ ସ୍ମରଇ ବରବାଳୀ ।
ଅବସକୁ । ୨୬ । (୫୧-୫୨) । 'ଯା ରୁ ସ୍ୱୀକାର କରୁ ତା ବିନା କରିଲେରୁ ଅନ
ମୁଁ ନ କରିବ କେବେ । ଲାଜ ଭୟ ବରିଜ ମୋତେ ତୋ ସଖୀ ହେଉଁ ବୋଲି
ବୋଧନ୍ତ ପ୍ରିୟମୁଖରେ । ମହାପତି । ଲଜ୍ଜା-ଔଷଧେ ରୁଦ୍ଧ-ତେଜ । ବାଳର କାମାଗ୍ନି
ସହଜ । ମତାଇବାରେ ପଞ୍ଚମନ୍ତ୍ର ପରାଏ ଗୁହ୍ମ-ଗିର ନୃତର ଧୀରେ ହେଜ । ହେଉ-
ଥାଏ । ୨୭ । (୫୩-୫୪) ଧୁଖାଇ ପ୍ରିୟକର ସ୍ତନରେ ପୟୋଧର ଅବରୁଁ ସମା
ଯାଏ ଜଣା । ଲାଜେ ପତିଙ୍କି ତେଜ ତାଙ୍କୁ ହୃଦରେ ଭଜ ଅଲିଙ୍ଗଇ କି ସୁଲୋଚନା ।
କେବେ ଅବା । 'ହେ ପ୍ରିୟେ ! ନ ମାଗଇ ଅନ । ଅବେ ତୋ ଓଷ୍ଠମଧୁ-ପାନ' ।
ଏହା ଭଣି ରଜନ ନିର୍ଦ୍ଧନେ ମର୍ଦ୍ଦି ସ୍ତନ ବଳେ କରନ୍ତ ଓଷ୍ଠପାନ । ସାଧୁଜନେ ।୨୮।
(୫୫-୫୬) । 'ଚୁମ୍ବିତ ଅଛି ଧନ ! ତହିଁ ତୋ କସ ହାନି ଏଣୁ ଏଥିରେ ବୃଥା-
ଭୀତ । ନକର' କହୁ କହୁ ପ୍ରିୟା-ମିବକ ଗୃହୁଁ ଗୃହୁଁ ଫେଇଲେ ପତି ଧାତ ।
ପ୍ରଥମରେ । ଲଭିଲ ଯେ ରମଣ ବାଳୀ । ତହିଁ ବାମତା ଥିଲା ମିଳି । କର୍ମ ଧର୍ମ
କୌତୁକ ଭୟ ଅଭୀଷ୍ଟ ସୁଖ ପୀଡ଼ାଦ ଯାଇଥିଲା ଝୁଳି । ସେ ସଙ୍ଗରେ ।୨୯। (୫୭।
୫୮) । ଭଣନ୍ତ ପତି 'ଯେଣୁ ଏ ସଙ୍ଗମ ତୋ ଅଣୁଦର ପ୍ରଥମ ତେଣୁ ଲାଜ ।
ତୋତେ ସାଜେ, ତୋ ଚନ୍ଦ୍ରା ବର୍ଣ୍ଣି ତୋ'ର ଏକତା ଲଭିଛ ଅବିରତ ହେଜ ।
ମନେ ମନେ । ଏଣୁ ଏ ବାହ୍ୟ-ଅଲିଙ୍ଗନ । ଜନ୍ମାଏଁ ଲାଜ ମନେ ଯେନ । ହୃଦେ

କୁନ୍ଦଦନ୍ତ-ମେଳ-ଠାରୁ ବାର ଶଶୀର ଶଶୀରେ ମେଲ କି ପ୍ରଧାନ । ପ୍ରାଣପ୍ରୀତ । ୩୦ । (୫୯) । ରତାରମ୍ଭେ ପ୍ରଧାନବାଧା-ଲଜ୍ଜା-ନାଶନ ପାଇଁ କି ସେ ନିରୁପମାର । ବର-ରସକ-ସାର ଅବନି-ପୁରନ୍ଦର ଭୂଷନ୍ତି ସେପ୍ରକାରେ ଗିର । ସାଧୁଜନେ । ଯେମନ୍ତେ ବାଳା ଲାଜ ତେଜ । ହୋଇବ ବପଶରେ ରାଜ । ପାଇବାପାଇଁ ଲାଜ ଲଙ୍ଘିତ ହେବ ରାଜହଂସ-ଗାମିନୀ ଯାହା ହେଜ । ସାଧୁଜନେ । ୩୧ । (୬୦) । ସେ ଧନ୍ୟ-ସୁରରାଜ ପ୍ରୀତେ ବରଜ ଶେଯ ଯିବାବେଳେ ରମା-ଶଚୀକୁ । ବଳେ ଚୁମ୍ବୀନ୍ତି ମୁଖ ଅନବେଳେ ଯେ ସୁଖ ଅସାଧ୍ୟ ଲାଭ କରିବାକୁ । ରାଜଶେଯୁଁ । ପ୍ରଭାତେ ଚଳ ବାଳୀ ଅଳ-। ପାଳଙ୍କ ହାସ ମନେ କଳ । ମଉଳକଇପାରେ ପୋତ ଚଳ ନ ପାରେ ଗତ-ସୁରତ-କଥା ଭଳ । ସାଧୁଜନେ ।୩୨ (୬୧-୬୨) । କେ ସଖିପାଶେ ଗତରଜନି-ରତି-ବୃତ୍ତାନ୍ତ ଏକାନ୍ତେ କାନ୍ତା ଜଳପନ୍ତେ । ବରେ ଅଦୃଶ୍ୟ ବର ହୋଇ ଶୁଣି ସକଳ ହସି ଦଶନ୍ତି ପୁଣ ନେଳେ । କେବେ ଅବା । ବରଖ-କେଳିରେ ବ୍ୟାକୁଳ । ବାଳୀକ ହସନ୍ତି ଭୂପାଳ । ହେତୁ-ସ୍ଥାନ ମନର ବକାର ଯେଣୁ ନିରନ୍ତର ପ୍ରକାଶେ ଭାବ-ଫଳ । ସାଧୁଜନେ । ୩୩ । (୬୩-୬୪) । କମେ ପତି-ଚୁମ୍ବନକାଳେ ବାଳା ଆନନ ନ ପୋତ କ ସୁଖ ନ କରେ । କୁଚେ ପତର କର ନରୋଧି ରମାବର ନ ଜନମାଏ କ ସୁଖରେ । ସାଧୁଜନେ । ପୂର୍ବେ ସ୍ତନ-ରୋଧକ କରେ । ସରାଇ କୁନ୍ଦଦନ୍ତ ଅମ୍ବରେ । ଅକର୍ଷି ପୟୋଧରେ, ବରକର ସଙ୍ଗରେ ଏବେ ସେ ବାଧାକମେ ସରେ । ସାଧୁଜନେ । ୩୪ (୬୫-୬୬) । ମାଗିଲେ ନଖଘାତ ନ ଦେଉ କାନ୍ତା, କାନ୍ତ କଥା-ପ୍ରସଙ୍ଗେ ବାଳାକର । କୁନ୍ଦଦନ୍ତେ ରଖି ଅତର୍କିତରେ ନଖକ୍ଷତ କରନ୍ତି ନିଜ-ଉରସ୍ଥଳ । ସୁଖପାଇଁ । ବଳେ ବାଳାର ଉରବାସ । ହରଲେ ହେଲେ ପ୍ରାଣଈଶ । ଅନ୍ତର-ଲଜ୍ଜାମ୍ବର-ହରଣ-ବେଳେ ପରକାଶ ନୁହେ ସାମର୍ଥ୍ୟ ଲେଶ । ଧୀରେ ଘେନ । ୩୫ (୬୭-୬୮) । ଲଜ୍ଜା ଧୈର୍ଯ୍ୟ ନଷ୍ଟାନା ହେଣେ ଅତ ଶୋଭନା କାମେ ତା ନୋହୁଥିଲା ହର । ଏ ବେନି ବନା ଜନ ଧରାଇ ଯେଡ଼େ ସ୍ଥାନ ବାସେ ନୁହଇ ସେପର । ସାଧୁଜନେ । ରତି ମାଗିଲେ 'ନା' ନ କର । ସମ୍ମତି ପ୍ରକଶାଇ ଗୋପ୍ୟ । ଏତେ ପତି-ଗୃହସ୍ଥ ବାର କନକ-ଗୋପ୍ୟ ଶିରକମ୍ପନେ ମନାକର । ସାଧୁଜନେ । ୩୬ (୬୯-୭୦ । କେବେ ଭାଷନ୍ତି ନଳ "ସଖି ! କମ୍ପାଇ ଶିର 'ନା' 'ନା' ବୋଲୁ ତୁ ଭାଷୁ ଯାହା । ବେନି 'ନା'ରୁ ସମ୍ମତ ଲକ୍ଷଣ କୁନ୍ଦଦନ୍ତି ବୋଲୁ ମୁଁ ବାରୁଥାଇ ତାହା । ଅଳାପନ । ନ କରୁ ନ କଲେ ନ କର । ନ ଶୁଣିବ କ ମୁଁ ତୋ ଗିର" । ଏତେ କହଣ ଦୌତ୍ୟେଶ୍ଚୁତ ପ୍ରିୟାଙ୍ଗୁକତେ ଉଚାରୁଥାନ୍ତି ଧୀର ଧୀର । ଗେଲେ ଗେଲେ । ୩୭ (୭-୭୨) । ନୀବ-ମୋଚକ ପତି-କରେ ପୂର୍ବେ ସୁଦତୀ ସ୍ୱଭୂଜେ ଦୃଢ଼େ ରୋଧୁଥିଲା । କମେ ଛିଥିଲେ ରୋଧି ଶେଷେ ଭ୍ରଷେ* ନଷେଧେ 'ନା ନା ନା' ଭାଷ ପ୍ରକାଶିଲା । ବେଣ-ଭୂଷା-।

* ଭ୍ରଷେ—ବାକ୍ୟରେ ।

ବାସାଙ୍ଗସଙ୍ଗ-ସୁଷମାରେ । ନିତ୍ୟ ନୂତନ-ଭାବ ଧରେ । ନାକ-ନାସିରଭ୍ରମ ଜନ୍ମାଇ
ସ୍ୱାମୀକାମ ପୂରାଇ ବାଞ୍ଛା ସିଦ୍ଧକରେ । ବରକ୍ଷଣା । ୩୮ (୭୩-୭୪) । ଗୁଣଜ୍ଞତା
ସୁଗିରେ ରାଗସାଗର ଠାରେ ପ୍ରକାଶି ନାଜର କଣୋଖି । ପରିଚର୍ଯ୍ୟାରେ ଭକ୍ତି
ଜନ୍ମାଇଁ ପତିମତି ନେଲା ଅଧିକ ବଶକରି । ଅଙ୍ଗାର୍ପଣେ । ସମ୍ମତ ନୋହୁଁ କୋପୁଁ
ପତି । ସାଧଇ ତାହାଙ୍କ ପ୍ରୂଦଖି । ପୁଣି ମାଗୁଁ ରମଣ ବଳାତ୍କାରାଲିଙ୍ଗନ-ବିନା ନ
କରଇ ସମ୍ମତି । ବରସେହା । ୩୯ (୭୫-୭୬) । ମାନ-ପ୍ରତିକୂଳତା ଲଜ୍ଜାଯୋଗେ
ବନିତା-ଅଙ୍ଗଲାଭ ଦୁର୍ଲଭ ନଲେ । ତଥାପି କେହି ବାଳୀ ବର-ଶ୍ରୀଅଙ୍ଗେ ଢ଼ାଳ ଲଭି
ଅଦ୍ୟସଙ୍ଗମାଦରେ । ତପବଳେ । ସ୍ୱାମୀଙ୍କି ହରୁଁ ତରୁସରି । ବିବିଧ ରୂପାନ୍ତର କରି ।
ପାଙ୍କଣୀରୁ ବ୍ରତଣ୍ଡ ଯାଏ ଧରି ମୂରତି ନାନାଭେଦେ ରସଇ ବାଳୀ । ମନସୁଖେ । ୪୦ (୭୭-
୭୮) । ନାହିଁ ଏମନ୍ତ ଜଳ ସ୍ଥଳ ବିପିନ ଶୈଳ ଦେଶ ଭୁବନ ବନ୍ଧ-ଲୀଳା । ଯହିଁରେ ଯେ
ଲୀଳାରେ ପ୍ରାଣପତି-ମେଳାରେ ରସି ନ ଥିଲା ବରବାଳା । ବଳେ ବାସ । ଥକଷ୍ଟୁଁ
ପତି, ବାଳୀ ଲଇଁ । ଫୁତ୍କାରେ ପ୍ରଦୀପ ଲିଭାଇ । ସ୍ୱାମୀ-ମୁକୁଟ-ମଣିକରେ ଲୋକିତ
ପୁଣି ରହେ ବସ୍ତ୍ରେ ବିବଶ ଯହିଁ । ସାଧୁଜନେ । ୪୧ (୭୯-୮୦) । ମୁକୁଟ-ମଣି-
କର-ପିଧାନେ କଣ୍ଠପୂର-ଉତ୍ପଳ ଯୋଜି ବାଳା ହଣେ । କାମ-କାନ୍ତ-ପୂଜନ ପାଇଁ
ଷର-ସୁମନ ସେବକା ଦେଲା କ ହରଷେ । ହେନ୍ଦ୍ ସୁଖୀ । ରନ୍-ପିଧାନେ ପୁଣି
ବାଳୀ । ଦେଖେ ବେନି ପ୍ରଦୀପ ଜଳ । କୌତୁକାଶ୍ଚର୍ଯ୍ୟ-ଲାଜ-ମଧ୍ୟେ ତା ମନସିଜ
ତେଣୁଟି ହେଉଥାଇ ଦଳ । ସାଧୁଜନେ । ୪୨ (୮୧-୮୨) । ଲଭାଉଁ ଏକ ଦୀପେ
ଅପର ଜନ୍ତୁଁ ଅପେ ଅନଳବର 'ବରେ' ବାର । ସ୍ମର ଶିରକମ୍ପାଇ ଲାଜେ ଚନ୍ଦ୍ରମା-
ମୁଖୀ ରହଇ ନେକ ମୁଦ୍ରକରି । ତାହା ଦେଖି । ପତି ଭାଷନ୍ତି, 'ମୁଦୁ ନେନ୍ । ମୁଁ ନ
ଦେଖିବ ତୋର ଗାତ୍ର' । କୌତୁକେ କହି ଏତେ ଲଜ୍ଜାନତା ଯୋଷିତେ ରମନ୍ତି
ଚମକରି ଜାତ । ମନସୁଖେ । ୪୩ (୮୩-୮୪) । "ଛାଡ଼ ହେ ପ୍ରାଣନାଥ, ଚୁମ୍ବନ
ନଖକ୍ଷତ ଦେଉଛ ଆଲିଙ୍ଗନ ଅଧ । କରୁଛ ଉପରେ ନ ରଖିବ ତୁମ୍ଭର ଗିର ଏହା
ନ କର ବୁଦ୍ଧି । ଛାଡ଼ ଛାଡ଼ । ମୁଁ ପରି ତବ ପଦଦାସୀ । ଜାଣି ଦାସୀ କି ହୁଏ
ଦୋଷୀ" ? କେବେ ଏମନ୍ତ ଭାଷି କଞ୍ଜଖଞ୍ଜନନୟନୀ ପତିମତି ନିଏ କରଷି ।
ସାଧୁଜନେ । ୪୪ (୮୫) । ରତେ ମିଥ୍ୟା କାତର ପ୍ରକାଶିବାରେ ଛଳ-ନିପୁଣା ବଣା-
ଏଣୀକ୍ଷଣୀ । ପ୍ରକୃତ ସୁରତରେ ନଳ-ଲଜ୍ଜା ଯୁଗଳେ ପ୍ରତାରଇ ସେ ପୁଣ ପୁଣି । ଏକା
ଚୂମ୍ବ । ଦିଅଇ ନ ଦିଅଇ ଆନ । ଯେଣୁ ଧବ-ଅଧୀନ ଅନ୍ୟ ।-ସମୟୋଚିତ ବ୍ୟବହାରେ
ଯେ ବଞ୍ଚଭାବ ତାକୁ କି ଅଗୋଚର ପୁଣ । ସାଧୁଜନେ । ୪୫ (୮୬) । ଅନ୍ଧକାର—
ମୁଦ୍ରରେ ଦୀପ-ବିଦ୍ୟୁ ଇଚ୍ଛାରେ ଜାଳି ଲିଭାଇ ପ୍ରାଣପତି । ନିଃଶଙ୍କ-ରତି-ଜନ୍ୟ
ପ୍ରିୟତମା-ଅନନଭଙ୍ଗି ଦେଖି ତୋଷ ହୁଅନ୍ତି । ରତିକାଳେ । ବାଳୀ-ବନ୍ଧୁ କାମ—

ଟଣା ।-କମାଣ ପର ପଡ଼େ ଜଣା । ସେ-କାଳର ହୁଁକୃତ ଶୃଙ୍ଖ ସେପ-ନିର୍ଗତ-
ବେଳ-ହୁଁକୃତକ ଚିକଣା । ବୁଧେ ଘେନ । ୪୭ (୮୭-୮୮) । ପତି-ଦନ୍ତ-ଦଂଶିତ
ଗାଢ଼େ ହୁଅନ୍ତେ ଓଷ୍ଠ କରପଲ୍ଲବ ଗୃହ୍ଣି ବାଳୀ । ଦିଶେ ନନ୍ଧତ ସ୍ବରେ ନର୍ତ୍ତିନ
ବର୍ଷସ୍ବରେ ଉପଦେଶ ଦେବାର ଭଳ । ଅଲିଙ୍ଗନେ । ପତି-ବିଶାଳବକ୍ଷସ୍ଥଳ ।
ଅଲିଙ୍ଗି ନ ପାରଇ ବାଳ ।—ମୃଗାକ୍ଷୀ, ଉଚ୍ଚକୁଚ ବଣ୍ଟି ଉରେ ସୁସଞ୍ଚ ନୁହେ ପତିର
ଉର ମେଳ । ସାଧୁଜନେ । ୪୭ (୮୯-୯୦) । ପତି-ପତ୍ନୀ-ଚଲୁଚ କର ଅଲିଙ୍ଗନର
କାଳେ ଯା ପରସ୍ପରେ ଘେରେ । ହେମ-ପଦ୍ମିନୀ-ଜାତ-ମୃଣାଳ-ବିନିର୍ମିତ ପାଶ ସେ
କାମର ବଶ୍ବରେ । ଅଲିଙ୍ଗନେ । ପତିଉରେ ପୀଡ଼ିତ ସ୍ତନ । ହେଉ ଗୋଲକ ଉଚ-
ସ୍ଥାନ । ଦିଶେ ରତିସ୍ମରର ପାଇଁକି ପରସ୍ପର-ଲଗା ଯୁଗଳ-ଉପାଧାନ । ସମତୁଲ ।
୪୮ (୯୧-୯୨) । ପତିମ୍ପୃଦୁନଖର-ଚନ୍ଦ୍ର ବନ୍ଧ ପତ୍ନୀର ଉରୁ ତେମନ୍ତ ଶୋଭା ଦିଶେ ।
ସ୍ବର୍ଣ୍ଣସ୍ତମ୍ଭ-ଯୁଗଳ ରତିକାମ-ଦେବର ପ୍ରଶସ୍ତି ବହିଅଛି କି ସେ । କେବେ ପତି ।
ଭାଷନ୍ତି 'ରେ ସହ, ସେ ବହ । ଅଧିକ ବର୍ଣ୍ଣି ସ୍ବର୍ଣ୍ଣ ନେଇ । ଉରୁନାଭି ମଧ୍ୟରେ
ଦେଶ ବଡ଼ିଛି ତୋର ଯେଣୁ ତା ମହାବୃଦ୍ଧି ତହିଁ" । ଗୁରୁକେଶୀ । ୪୯
(୯୩-୯୪) । ପଦ୍ମକୋଷ-କୋମଳ ନରେଶ-କରତଳ ସେ କୁମ୍ଭ-ସୁକଠିନ ସ୍ଥୂଳ ।
ପ୍ରମଦା-ସ୍ତନ ପୀଡ଼ିବାକୁ ଇଚ୍ଛୁ ଅଲୋଡ଼ ହାବେ ହସି ସେ ତରସ୍କାର । କରେ କରେ ।
କୁଙ୍କୁମ-କସ୍ତୁରୀ-ଚନ୍ଦନେ । ଖ୍ୟାତ ନୀଳ-ଲୋହିତବର୍ଣ୍ଣେ । ବକ୍ଷୋଜ-ସ୍ବୟଂଭୂବ-
ଶିରେ ପଳାଶ-ନଭ-ନଖ-କ୍ଷତରେ ପୂଜାକରେ । ପତିତୋଷେ । ୫୦ (୯୫-୯୬)
ପଦ୍ମମୁଖୀ-ସଖିର ମୁଖଚୁମ୍ବନେ ନଳ-ମୁଖଚନ୍ଦ୍ର ଦିଶେ ଏମନ୍ତ । ସିନ୍ଧୁଁ ଅଲ୍ପାନୁଦ୍ଭିତ
କବା ତାରକାକାନ୍ତ ସ୍ୱ-ପ୍ରତିବିମ୍ବରେ ମିଳତ । ରତିକାଳେ । ପୂଗାଧିକ-ବଟିକା-
ରସ । କର୍ପୂର-ବାସରେ ସୁବାସ । ଏମନ୍ତ ମୁଖମଧୁ-ପାନରେ ବଧୂ ବନ୍ଧୁ ବେନିଙ୍କ
ହୁଅଇ ଉଲ୍ଲାସ । ଧୀରେ ଘେନ । ୫୧ (୯୭-୯୮) ରତିକାଳେ ସୁଦତୀ ଦମ-
ୟନ୍ତୀ ସିତ୍କୃତ ପ୍ରକାଶି ସନ୍ଧ-ଗୁଣବଶେ । କମ୍ପି ଚୁମ୍ବକ-କାନ୍ତମୁଖ-ଶଶିର ଶୀତ-
କରତା ପ୍ରମାଣେ ବିଶେଷେ । ବନାବାକ୍ୟେ । ଚୁମ୍ବିବାପାଇଁ ସମାସ୍ତନ । ଛୁଁ ଦିଶଇ
ସେ ଅନନ । ଭରିବାକୁ ପୀୟୂଷ ସାତକୁମ୍ଭ-କଲଶ ଶଶି ବହିଲା ପ୍ରାୟେ ଘେନ ।
ସାଧୁଜନେ । ୫୨ (୯୯-୧୦୧) ଆଦରେ ଦେଖି ଦେଖି ସଖୀମୁଖକୁ ଦେଖି-
ବାକୁ ଇଚ୍ଛନ୍ତି ପୁଣି ପତି । ଅଲିଙ୍ଗନ ଚୁମ୍ବନ ଯେତେ କଲେହେଁ ମନ ନ ଲଭଇ
ଲେଶେ ତୃପତି । ରତିକାଳେ । ସେ ମୁଗ୍‌ଧାର ହୃଦୟ-ସ୍ଥଳ । ଲୁଲଇ ସ୍ବେଦବିନ୍ଦୁ-
ଯାଳ । ତେଣୁ ସୁରତ-ନୃତ୍ୟେ ଛିନ୍ନହାର-ବୃତ୍ତାନ୍ତେ ନ ପାରେ ବାର ବହୁବେଳ ।
ରତିଶ୍ରାନ୍ତ । ୫୩ (୧୦୧-୧୦୨) । ଛିନ୍ନହାରର ମୁକ୍ତି-ସୁଜାତଜ ଯୁବତୀ-ଗାତ୍ରରେ
ଯା ଲଗି ରହିଲା । ଗୁଣବନ୍ତୁରୁ ତାହା ହେଲା ନିର୍ଗୁଣ ଯାହା ତା ତହିଁ ରହି ନ

ପାଇଲା । ବାଳୀହାର । ଛନ୍ଦନ୍ଥ ଘର୍ମେ ସିକ୍ତ ହୋଇ । ତହିଁ ନୃପତି-ଗଳାହାର । ଥାଇ
ନୃପତି-ଗଳେ ସ୍ୱପ୍ରତିବିମ୍ବ-ଛଳେ ବାଳୀର ହେଲା ଗଳାମାଳ । ସାଧୁଜନେ । ୬୪ ।
(୧୦୩-୧୦୪) । ବାମଚରଣ-ତଳେ ଯେ କାମଦମ୍ଭ ଦଳେ ସେ ନଳ ବାଳୀମୁଖେ
ବଣ । ହୋଇ ଭେଗୁଁ ଯୌବନ ପ୍ରମୋଦ-ସରସ୍ଥାନ-ପାରେ ବହରେ ନାସିଇଣ ।
ବାଳୀସ୍ପର୍ଶେ । ଅନ୍ତର-ଅବସ୍ଥିର ପୂତ- । ବତ ବିସ୍ମରନ୍ତ ଭୁଲୁତ । ଦର୍ଶନକୁ ଅମୃତ-
ସାର୍ବାଂଶ ବତ ନେତ୍ର-ଧାରଣାକୁ ଦ୍ୟନ୍ତ ନିଯୁତ । ସାଧୁଜନେ । ୬୫ (୧୦୫-୧୦୬) ।
ନେହେ ଏକା ବାଳୀର ଭୂଷା ଆଦର ନର-ବର ନ କରନ୍ତ ମାନସେ । ଯେଣୁ
କେତେ ଅଙ୍ଗର ଦର୍ଶନେ ଭୂଷାବାର ସାଧନ୍ତ ଶତ୍ରୁତା ବିଶେଷେ । ଅଲିଙ୍ଗନେ ।
ରୋମାଞ୍ଚ-ବ୍ୟବଧାନ ଛନ୍ଦେ । ଚିନ୍ତ ଯୋଜନାନ୍ତର-ମତେ । ନିମିଷ-ଅଦର୍ଶନ
ବର୍ଷକ ବ୍ୟବଧାନ ପର ଅଶ୍ରୁଷେ ହୃଦଗତେ । ବେଳଙ୍କର । ୬୬ (୧୦୭-୧୦୮) ।
ରତେ ଅଗରୁ ଭାବ-ଭଜବା ଜାଣି ଧବ ବାମାକୁ ଅନମନା କର । ସ୍ୱଚ୍ଛମଣି-ଭିତ୍ତିରେ
ନିଜପ୍ରତି-ମୂର୍ତ୍ତିରେ ଦେଖାଇ କହ 'ଏକେ' ବୋଲ । କେବେ ଅବା । ଶଶିସୂର୍ଯ୍ୟେ
ନିବେଶି ଚକ୍ଷୁ । ଅନଭିମତେ ରେତପାତ । ନିବାର ବରନାସା-ରୁଲେ ବିହାର
କର ସାର୍ଥ କରନ୍ତ ମନୋରଥ । ସାଧୁଜନେ । ୬୭ (୧୦୯-୧୧୦) । ବାହୁର
ମୂଳ ନାଭ କୁଚ-ଆଦିକ ଚୁମ୍ବି ଭାବ-ଭଜନ ବିଷୟରେ । ସମସ୍ତେ ନୃପତି ପ୍ରିୟାଙ୍କୁ
ସୁଖପ୍ରାପ୍ତି କରାନ୍ତ ସୁରତ-ସମରେ । ବିଶ୍ଳଥାଙ୍ଗ । ନେତ୍ର-ମୁଦ୍ରଣ ଦ୍ରୁତଶ୍ୱାସ ।
ରୋମାଞ୍ଚେ ଉଭୟ ମାନସ । ବେଳ ପାରନ୍ତ ଜାଣି ସେନନ୍ତ ପରମାଣି ଉଭୟ ରତି-
ଭାବରସ । ସେ କାଳରେ । ୬୮ (୧୧୧-୧୧୨) । ସେ ମହା-ଭାବକାଳେ କରଜ-
କ୍ଷତ-ଜାଳେ ମହା-ପ୍ରମୋଦ ଜନମାନ୍ତ । କସ୍ତୁ-ମରଚ-ଚୂର୍ଣ୍ଣ-ଯୁତ ଫେଣୀରେ ଜନ-
ମାନେ କି ବଦନ ମୋଡ଼ନ୍ତ ? । ସୁରତାନ୍ତେ । ଶ୍ରାନ୍ତ-ବନିତା-ବେଳନେତ୍ର । ହୁଅଇ
ଅର୍ଦ୍ଧ-ନିମୀଳିତ । ତହିଁ ଘୂରଇ ତାର ତା ଦେଖି ମନରୋଗ ମଣିପଡ଼କ ଅତିଅନ୍ତ ।
ବିଜ୍ଞନରେ । ୬୯ (୧୧୩-୧୧୪) । ସେ ଶ୍ରମ ବିନ୍ଦୁତାର ପଡ଼କରେ ଚଞ୍ଚଳ ଖଞ୍ଜାଏ
ବରତାଳ-ବୃନ୍ତ । ଯେଣୁ ସେକାଳେ ପଖା-କରବା ହେଲେ ଦେଖା ହୁଏ ତରଳ
ଧାତାଚକ୍ର । ନାସିକାଗ୍ରେ । ଘର୍ମ, ଓଷ୍ଠୁଁ ଅଳତାବୋଳ । ଲୁପ୍ତ ଗଣ୍ଡ ଚନ୍ଦ-
ଯୁଗଳ । ଏମନ୍ତେ ଦମୟନ୍ତୀ-ମୁଖ ଦେଖି ନୃପତି ହୁଅନ୍ତ ମହାସୁଖେ ଭୋଳ ।
ସାଧୁଜନେ । ୭୦ (୧୧୫-୧୧୬) । ଅତି-ଲଜ୍ଜିତ କ୍ଳାନ୍ତ ଅଳ୍ପ-ଚକିତ ସୁସ୍ଥ
ବଦନ କାନ୍ତାର ଦୟିତ । ଦେଖୁ ଦେଖୁ ସାଦରେ ପୁଣିହିଁ ଅନବାରେ ସୁରତ ଇଚ୍ଛା
ହେଲା ଜାତ । କାନ୍ତଦୃଷ୍ଟି । ବନିତା-ଲୋମକୂପୁଁ ସ୍ୱେଦ- । ଜଳପାନେ ହେଲେହେଁ
ମୋଦ । ପିପାସା ନ ତୁଟିଲା ଅତି ଆଶ୍ଚର୍ଯ୍ୟ ହେଲା ଏକଥା ବିସ୍ମର କୋବିଦ ।
ଧୀରଚନ୍ଦ୍ରେ । ୭୧ (୧୧୭-୧୧୮) । ମାଳ-ବିସ୍ତାନ ବାଳ-ପାଳ ବନ୍ଧନେ ଖେଳ-

ଖଞ୍ଜନ-ହୃଣା ଟେକ୍ତୁ କର । ତା'ର ଉଜ୍ଜ୍ୱଳ ମୂଳ ଗୃହିଁ ସୁଖସାଗର-ତଳ ମଜ୍ଜିଲେ ନୃପନଳ । ନେଷ-କଳା- । ରଞ୍ଜନେ ଗୁରୁ କାନ୍ତାଧର- । ବନ୍ଧୁଲରେ କି ଅଳ-ମେଳ । ତା ଗୃହିଁ କୁଶୋଦରୀ ହାସ ବାର ନପାର ବାସରେ ଆବରେ ଅଧର । ସାଧୁଜନେ । ୬୨ (୧୧୯-୧୨୦) । ମନ୍ଦେ ହସ୍ତି ଅନନ ଫେରାଇ ଜୀବଧନ ହାସର କାରଣ ପୁଚ୍ଛନ୍ତି । କାନ୍ତକରେ ମୁକୁର ନହବାରେ ଉତ୍ତର ଦେଲା ସୁଦତୀ ଲଜ୍ଜାବତୀ । ପଦେ ଶିର । ଦେଇ ରତି ମାଗିବାବେଳେ । ପଦଅଳତା ଲାଗୁଁ ଥିଲେ । କାନ୍ତର ଅଲୋହିତ ମୁଖ ଦେଖି ଉଦିତ-ଆରକ୍ତ ଚନ୍ଦ୍ର ବାଳା ଭାବିଲେ । ନତ-ମୁଖେ । ୬୩ (୧୨୧-୧୨୨) । ଘର୍ମପ୍ଲୁତ ଯୁବତୀ-ଉରେ କାନ୍ତମୂରତି ବିମ୍ବିତ ହୋଇ ହୃଏ ପ୍ରତେ । କିବା ହୃଦସ୍ଥ-ପତି ପରଗ୍ରହ ମୂରତି ବାଜନ୍ତେ କାନ୍ତାଉର-ଗତେ । ତା ବିଲୋକି । ଲଜ୍ଜିତା ନତମୁଖୀ ବାଳୀ । ମୃଦୁ ନାଶା-ସମୀର ଗୁଳ- । ବାର ନୁହଇ ଛଳ ତହିଁ ଏକା କେବଳ ବାଚଇ ପତି-ଶ୍ରମବାର । ସାଧୁଜନେ । ୬୪ (୧୨୩) । ଯା ପୀଡ଼ା ଜଣାଆଗେ ନଥିଲା କାମବେଗେ ସେ ଦନ୍ତକ୍ଷତ ଏବେ ଜଣା- । ପଟୁ ହୋଇ ଚକିତ ଧୀରେ କରେ ଯୋଷିତ-ରାଜ କରଇ ସମ୍ମାର୍ଜନା । ଗୃହିଁକୁଠେ । କାନ୍ତ-ଦନ୍ତ ନଖରକ୍ଷତ । କୋପେ କୁଞ୍ଚି ନୟନ-ପ୍ରାନ୍ତ । ହାସ-ନିରତ-ଜୀବଧବ-ବଦନ-ଅମ୍ବୁଜମ୍ବେ କରେ ଦୃଷ୍ଟିପାତ । ବାର ବାର । ୬୫ (୧୨୪-୧୨୫) । ଦେଖି ମୁଖ ରକ୍ତିମା ବାର ବାମତା ବାମା-ମଣିର ସ୍ଫୁରିତ-ବଚନେ । ଭଙ୍ଗେ ଭାଷନ୍ତି ଭୂପ, 'ରେ ସଖି ! କା'ବେ କୋପ କର, ମୁଁ ଦଣ୍ଡଇ ସେ ଜନେ । କୁଶୋଦରୀ । ନୁହେ ଏ ରୋଷକାଳ ଦେଖ । ଇନ୍ଦୁ-ନିନ୍ଦ ନିଖୁଣମୁଖ । ରୋଷ-କୁଙ୍କୁମାରକ୍ତ ବଚନ-ସ୍ଥାନ ନତ ହୋଇ ବଢ଼ାଏ ମୋର ଦୁଃଖ । ନିରୁପମା ।୬୬। (୧୨୬-୧୨୭) । ଏ ମୋ କଣ୍ଠ-ଲମ୍ବିତ ମଣିମାଳ ବାଞ୍ଛିତ ପୂରଏ, ବର୍ଷି ଏ ଅମୃତ । ନଖ-ଦଶନକ୍ଷତ-ପୀଡ଼ା ତୋ ହରୁ ମିତ ଏଣୁ ଏ ମୋରେ ଫଣିସ୍ୱାତ । କୁଚେ ତୋର । ଶଙ୍କରୂପ ଯମ ନଖର । କ୍ଷତ କର ଦୋଷୀ ଏ କର । ବିମ୍ବ ଦୋଷାର୍ଦ୍ଧ ନାଶ କଲ୍ପଣି ଅନ-ଅଂଶ-ପାଇଁକି ମଧ୍ୟାନ୍ତ୍ର ପଦ୍ମର । ବରବରଜ୍ୟା ।୬୭। (୧୨୮-୧୨୯ । ନିର୍ଦ୍ଦୟ-ଦନ୍ତଦଂଶ ଦେଇ ମୋ ମୁଖ ଦୋଷ କଳ୍ପଣି ଯେବେ ରେ ସୁଦତୀ । ତା ପ୍ରତିଶୋଧ-ପାଇଁ ଏ ମୁଖେ ନିଶାସାଇଁ-ମୁଖି ତୁ ଦନ୍ତେ କର କ୍ଷତ । ବିବସନେ । ନିଷ୍ଫଳ ତୋ ସାପ-ନିର୍ବାଣ । କର ମୋ ଶିଖାମଣି ଯେନ । ଦୋଷ କଲା ଯା ତା'ର ନାହିଁ କ୍ଷମା ପଦ୍ମର-ତଳେ ତୋ ପଡ଼ୁ ତାହା ପୁଣ । ଗୁଣନିଧି' ।୬୮। (୧୩୦-୧୩୧) । ଏମନ୍ତେ ସୁମଧୁର ଗିର ଭଣି ଠକୁର-ନିକର ତଳପେ ଲୋଟାଇ । ସ୍ୱଶିଖାମଣି-କରବାର-ସହିତ ବରବରନା-ପାଦପଦ୍ମେ ନେଇ । ଲଗାଇଲେ । ପଟେ ପ୍ରଣତ ହୋଇ କାନ୍ତ । ଦଶନଖେ ମୂର୍ତ୍ତି ବିମ୍ବିତ । ହୋଇ ହେଲା ଏଗାର ସେ ସଖ୍ୟହରେ ସୁର ବାଦେ କି କଳା ଟେତେ

ଗାନ । ତଥା ହସେ ।୬୯। (୧୩୨-୧୩୩) । ଭାଷନ୍ତ କାନ୍ତ, 'କାନ୍ତେ ଦୋଷ ନ
ଧର ଚନ୍ଦ୍ରେ ଏ ମଧୁ-କ୍ଷୁଦ୍ର-ଜଣୀ ଅପି । ଦେଖ ହୋଇବ ଶେଷ ଅନଗ୍ରହେ ଏ ଶ୍ଲେଷ
କର ପ୍ରକାଶ ଶୁଭ୍ରକେଶ' । ଏତେ ଭଣି । ନତ ହୁଅନ୍ତେ କାନ୍ତ, ବାଳା । ଧ୍ବଜେ ପଦ୍ମର
ଅଗ୍ରଳଲ । ତହୁଁ ଧୁଞ୍ଚିଲ୍ଲା ଶ୍ଲେଷ ମୁଖେ ବିକଶି ହାସ ପଟ୍ଟ-ମତ ଛୁପତ କଲା ।
ସାଧୁଜନେ । ୭୦ । (୧୩୪-୧୩୫) । ପରସ୍ପରାନୁରାଗ-ସମ୍ଭୋଗରୁ ସମ୍ଭୋଗ -ବାଞ୍ଛା
ଜନ୍ମିଲା ପୁନର୍ବାର । ଅଲ୍ପାବଶିଷ୍ଟ ଖଳ-ପ୍ରକୃତ ରଜନୀର ସହ୍ୟ ନୋହିଲା ତା, ବିଗ୍ରହ ।
ସୁଧୀ ବାର । ତହୁଁ ଭଜଲେ ତଳ୍ପ ବେନ । ହୋଇଣ ନାନା କଥା ପୁଣି । ଓଷ୍ଠାର୍ପଣେ
ଚୁମ୍ବନ-ଯୋଗେ ସେ କଥାମାନ ନିର୍ମଳେ ନୋହୁଥିଲା ଶୁଣି । ବୁଧେ ଘେନ । ୭୧ ।
(୧୩୬-୧୩୭) । ଭାଷନ୍ତ ପ୍ରିୟ "ପ୍ରିୟେ ଦେବଦୌତ୍ୟ-ସମୟେ ସ୍ୱଧର୍ମ-ଲୋପ ଭୟ-
ବଶେ । ନିର୍ଦ୍ଦୟ ଭଣି ଦୋଷ କଲୁ ଯା ନାଗସାଣ ଅଜୀବ ଥିବ ତୋର ବଶେ । ତୋ
ଦର୍ଶନ । ହେଉ ମହୋତ୍ସବ ନଳର । ତୁ ଯହିଁ ତୁଷ୍ଟ ସେ ତାହାର । ସାମ୍ରାଜ୍ୟ ତୋ
ଶ୍ରୀଅଙ୍ଗ-ଆଲିଙ୍ଗନ-ସୌଭାଗ୍ୟ ପୀୟୂଷା-ଭିଷେକ-ନିକର । ଏ ମୋ ପକ୍ଷେ । ୭୨ ।
(୧୩୮-୧୩୯) । ହର ଶଙ୍କିକ ଉବେ ଧରନ୍ତ କ ବିଗ୍ରହରେ ଅର୍ଦ୍ଧାଙ୍ଗ ହର ଗିରିସୁତା ।
ବିଗ୍ରହକୁ ଏ ମୋର ନ ଅସେ ନାଗବର ଦେଖଇଁ ଏଥି ମୁଁ ଊନତା । ନତଗାଣି । ଏ
ସଂସାରରେ ତୋର ମୋର । ସିନ୍ଧୁ-ସରିତ ପରକାର । ଏକଅଙ୍ଗ-ମିଳନ ପାଞ୍ଚୁଥାଇ ମୁଁ
ମନ ଓର ଧନ ରଜନୀ-ବାସର । ସାରସାକ୍ଷି ।୭୩। (୧୪୦) । ଦୃଢ଼ ମମତା ମୋରେ ରଖ ତୁ
ବୋଲିବାରେ ଲେଶେତ ନାହିଁ ଅବକାଶ । ସ୍ୱୟମ୍ବରେ ଦାସ୍ୟରେ କଣିଛୁ ଯେଣୁ ମୋରେ
ତୃଣେ ନ ଗଣି ନିଦେଶ । ହାସ-ଶୋଭି । ସଖିଙ୍କ ସଙ୍ଗେ କଥା ତୋର । ଲୁଚ ଶୁଣିଛି
ବହୁବାର । ରାମ କାରଣ ବନା ସୀତା ତେଜବେ ଶୁଣା ହେଲେ ତୁ ଭୟେ ଥରହର ।
କମ୍ପୁଥାଉ ।୭୪। (୧୪୧-୧୪୨) । ବସି ସଖିଙ୍କ ମେଳେ କେ କା'ରେ ଭୟ କରେ
ବୋଲି ତୁ କଥା ହେବାକାଳେ । ଦ୍ରୁତଗଳ କମଠେ କମ୍ପ -ଶର ଶରଟେ ସ୍ପର୍ଶ-ସଙ୍କୁ-
ଚତା ଲତାରେ । କା କା ଭୟ । ବୋଲି କେ କେ ବା ଭଣୁଥିଲେ । ତୁ ଭଣିଥିଲୁ
ମୋର ତୁଳେ । ବିରହୁଁ ଭୟ ତୋର ତେଣୁ ତୋତେ ମୁଁ ଦୂର ନ କରି ରଖିଥିବି
ଉରେ । "ଉରୁଶୋଭି" ।୭୫। (୧୪୩-୧୪୪) । କଥା-ଛଳେ ଏମନ୍ତ ବର ବିତର
ସତ୍ୟବନ୍ତ କାନ୍ତ ଭାଷନ୍ତ, 'ସଖି । ବିରହ ଅବସ୍ଥାରେ ସ୍ୱପ୍ନେ ତୁମ୍ଭ ଯୁଗଳେ ଭେଟଇ
ଥିଲି ଜୀବ ରଖି । ଏବେ ମୋର । ଭାଗ ନିଶାକୁ ଦଅ ବଟେ । ଏତେ ଭଣି କ
କୋପଚନ୍ଦ୍ରେ । ହେଲେହେଁ ନିଶା-ଶେଷ ନ ଅଛୁଅଛି ଲେଶ-ମାତର ନିଦ୍ରା ଅମ୍ଭ
ନେତ୍ରେ । ନତଗାଣି' । ୭୬ । (୧୪୫) । ଅତ ଆନନ୍ଦେ କାନ୍ତ କହୁ କହୁ ଏମନ୍ତ
କୁଅନ୍ତେ ଅସି ନିଶ ଶେଷ । ପ୍ରାତଃସଂଶୀ ମଧୁର ଅସ୍ପଷ୍ଟ ପିକ-ଗିର ଶ୍ରବଣେ ଢାଳିଲା
ପୀୟୂଷ । ସଂସାରର । ରଜନୀ ଉଜାଗର ବଶେ । କୁମୁଦବତ ନିଦ୍ରାଳସେ । ବିଦର୍ଭ-

ମସ୍ଫୁଟ-ସୁତା-ନେତ୍ର କଣ୍ଟିତ ହେଲା ମୁଦ୍ରିତ ଅବଶେଷେ । ସୁଧୀବାର ।୨୭। (୧୪୬) । ଆଲିଙ୍ଗନ-ପୁଟରେ ପୀଡ଼ଣ ପରସ୍ପରେ ସେ ଦୁଇ ହେଲେହେଁ ନିଦ୍ରିତ । ସ୍ୱପ୍ନେ ଏକ ଅପର ଦେଖୁଥିଲେ ସକଳ କାର୍ଯ୍ୟ ନ ତେଜ ଲେଶମାତ୍ର । ସାଧୁଜନେ । ଉରୁ ଉରୁର ଓଷ୍ଠ ଗୃହ- । ମଧ୍ୟେ ସୂକ୍ଷ୍ମ ଗନ୍ଧବାହଲ । ଅବକାଶ ନ ଥିଲା ଏକାନ୍ତ କାନ୍ତା କାନ୍ତ ବିଗ୍ରହ ତତ୍ତ୍ୱେ ହେତୁ କର । ସାଧୁଜନେ ।୨୮। (୧୪୭) । ଶୟନେ ବେନି ଜନ-ଙ୍କର ଶ୍ୱାସ-ପବନ ଗତାଗତ-ଛଳରେ ଯେନ । ଜଣାଇଁ ରତଶ୍ରମ ଏ ଦୁହେଁ ଏକପ୍ରାଣ ବୋଲି କ ସ୍ପଷ୍ଟେ ପ୍ରକାଶନ । କରୁଥାଇ । ବାର୍ତ୍ତା-କ୍ଷରର ତନ୍ଦ୍ରପନ୍ତ । ବର ହୃଦସ୍ଥେ ହୋଇ ତହିଁ । ବେନି ହୃଦୟ ଏକ ବୋଲି କ ତହିଁ ଠିକ ପ୍ରକଟାଏ ଦମ୍ପତି-ଖ୍ୟାତ । ସାଧୁଜନେ ।୨୯। (୧୪୮)। "ଶଙ୍କର ଶକ୍ତି ସିଦ୍ଧି" ଗ୍ରନ୍ଥ ରଚନେ ବୁଦ୍ଧି କୁଣ୍ଠିତ କଣ୍ଟିତ ଯା ନୋହୁ । ମାମଲ୍ଲଦେବୀ-ଶ୍ରୀର-ସୁତ ସେ ଶ୍ରୀହର୍ଷର ପଦପଙ୍କଜ ହୃଦେ ଧ୍ୟାୟି । ଧୀରବର୍ଗେ । ବିରଚେ ଗୋପୀନାଥ ଗୀତ । ଯେ ମା'ର ପଡ଼ ବାସ ପୀଡ଼େ । ଯା'ର, ଯାହାକୁ ସୁର କର ଟେକି କଣ୍ଠ ଅବଧାର ତା ସାହା ମାତ୍ର । ଧୀରବାର ।୩୦। (୧୪୯) ।

ଊନବିଂଶ ଛାନ୍ଦ ।

ରାଗ—କଲ୍ୟାଣ ।

ନିଶା ଶେଷ ଦଶା ଲବ୍ଧ ରସାଳସା- କୋଳ-ବିଳାସୀ ନଇଷଧ- ।
ଦେଶର କୁସୁମା- ଯୁଧ-ବତ ନଳ- ନୃପେ କରିବାକୁ ପ୍ରବୋଧ ।
ମାଗଧେ । ଶ୍ରୁତ-ମଧୁ-ପଦ-ରଚନ ।
ଗୃହିଣୀ-ରଚିତ-ସୁରସ-ଗର୍ଭିତ-ସଙ୍ଗୀତ-ଗାନେ ଦେଲେ ମନ । ୧ ।

"ଜୟ ହେ ନରେଶ ଈଷତଆଳସପକ୍ଷ୍ମ-ଚକ୍ଷୁଦାନେ ବନ୍ଧୁର । କର ସାର୍ଥ ପ୍ରାତ-ସୁଷମା-ସମାଜେ ମୁଖ ପ୍ରେୟସୀ-ବାଳୀଶର । ହେଉ ହେ । ତୁମ୍ଭର ପ୍ରାତଅନୁକୂଳ । ପ୍ରିୟ-ବଦନ-କମଳୁଁ ବଳ ମାଙ୍ଗଳିକ ନାହିଁ ଯେଣୁ ଭୂତଳ । ୨ । ଅଂଶୁ-ଅଂଶୁକ କ୍ଷମଣେ ପରିହର ରଜନୀକାନ୍ତ ଏକାନ୍ତରେ । ବରୁଣ-ପ୍ରେୟସୀ ଅବାଟରେ ବଶୀ-ଭୂତ ହେବା ଗୃହିଁ ଅନ୍ତରେ । ମନାକ୍ଷ । ବନ୍ଦ କରୁଁ ସ୍ମିତ ଈଷତ । ପ୍ରାଚୀ-ବଦନ ଦିଶେ ଏବେ ସେ ହାସେ ବିଶଦ ଲାଜେ ଅବଲୋହିତ । ୩ । ନ ଦିଶନ୍ତ ଅଉ ପୂର୍ବ-ଦୃଷ୍ଟ ତାରବାର, ସୁରକର ପ୍ରସର । କ୍ରମେ ଅମ୍ବରକୁ ଅବର ଅସ୍ପଷ୍ଟ ଯୁଝି ଯୁଝି ନିଶା-ତିମିର । ସହିତ । ହତତେଜା ଏ ଦ୍ୱିଜରାଜ । କରଣ ଭଣାରୁ ଜଣାଉଛି ତ'ମୁଁ

ହେଲଣି ବୋଲି ସ୍ୱାନତେଜ' । ୪ । ଅଳତାବୋଳ୍କୁଁ ବଳଣ ରମଣୀୟ ନବସବତା-କରବାର ।-ସନ୍ଧାରେ ଅନ୍ଧାର ଢଣଇ ମସୃଳ-ଚଞ୍ଚୁ-ବସର୍ପିତ-ଜନ୍ମାଳ ।-ସଦୃଶ । ନବ-ଉଦ୍‌ଗତ-ଦ୍ୱବାପତ୍ର ।-ରକତ-କର-ପରଶୁଁ ଝଳ ମାଳ ଅଳଏ ଧୂମଳ ଦଶନ୍ତ୍ର ।୫। ତମିର-କରଣୀ-ଫୁତ୍କାର-ତୁଷାର-ଶିକର କୁଶାଙ୍କୁର-ଶିରେ । ଲାଗି ପ୍ରଫୁଲ୍ଲ ହେଉ ତା ଦରଶକ-ମାନସେ ଭାବ ଜାତ କରେ । କବା ଏ । କୁଶଳ-ଶିଳ୍ପୀ-ସୂଚମୁନେ । ଅର୍ଦ୍ଧବିଦ୍ଧା ମୁକ୍ତା ରହ ବସଜୁଛି ନବରବି-କର-ପତନେ । ୬ । ରବିକର-ରୂପ ମନ୍ତ୍ରଙ୍କ ପ୍ରଣବେ ବନ୍ଦୁ ସଂଯୋଜିବା-ପାଇଁକ । ଗୋଟି ଗୋଟି କରି ଅକାଶୁଁ ନକ୍ଷତ୍ର କେ ନେଉଅଛି ଗୋଟାଇ କ । ସେ ମନ୍ତ୍ରେ । ଉଦାତ୍ତ ସ୍ୱର ଦେବାପାଇଁ । ଅଂଶୁକୁ ସମ୍ପୂର୍ଣ୍ଣେ ହରିଲାଣି ଶଶି-ମଣ୍ଡଳୁ ଅଂଶେକ ନ ଥୋଇ । ୭ । ନିଶାନାଶ ଦେଖି କୁମୁଦ ସଙ୍କୋଚୁଁ ଅଚ୍ଛାଦନ୍ତେ ନଳିନୟୁନେ । ତାସ୍ୱପତିଦ୍ୱିତ ବିନାଶ ଲଭନ୍ତେ ଯଥା ଦଶାନନ-ନନ୍ଦନେ । ସମରେ । କେଶଧୃତା ମାୟା ଜାନକୀ । ହତା ତଥା ତମକେଶେ ଧରି ସୂର ନେଲେ ରଜନୀ-ଜୀବନ କି ? । ୮ । ଦେବ-ଦମ୍ପତି-କେଳିତଳ୍ପ ଅମ୍ବରେ ରମଣ-ସଂଘର୍ଷ-ବିଚ୍ଛିନ୍ନ ।-ହାର-ଗଳିତ-କୁସୁମବତ ଦିଶୁ ଅଛନ୍ତି ନକ୍ଷତ୍ରେ ଶୋଭନ । କୋମଳ ।-କର-ନିକର-ତୂଳାପୂର୍ଣ୍ଣ । ବର୍ତ୍ତୁଳ କପୋଳ-ଉପାଧାନବତ ଦିଶେ ପୂର୍ଣ୍ଣ-ଚନ୍ଦ୍ର ଯତନ । ୯ । ବେଦ ଚତୁରର ଶାଖା ପରକାର ସୂରର ଅସଂଖ୍ୟ କିରଣ । ନବତ୍ରୟଙ୍କେ ଅର୍ପିଣ ହୋଇଲାଣି ଏ ସକଳ ସ୍ଥଳ ଭୂଷଣ । ଯେଣୁଟି । ବେଦ ସ୍ୱର ଚରଣାତ୍ମକ । ତେଣୁ ତା ପ୍ରକାଶେ ବେଦପାଠୀ-ଅଧ୍ୟେ ହେଲା ବେଦଧ୍ୱନି ପ୍ରକାଶ । ୧୦ । ଅକାରଣ-ବନ୍ଧୁ ପଙ୍କଜର ସୂର କି କାରଣେ ସୁରପତିର । ବଡ଼ଭ-ଜଗତ ପରେ କରି ସ୍ଥିତ ପ୍ରସାର କରକୁ ତମିର ।-ଅସ୍ତ ।-ତାଡ଼ନେ ଅବାରୀ ଦିଶରେ । କଲେଣି ପାର୍ଥ ନିଜର କାର୍ତ୍ତିସ୍ୱର-ପର୍ବତ-ଭ୍ରମଣ ଚପଳେ ।୧୧। ଅନ୍ଧକାର-କାକ-ବିନାଶନେ ଅକପଟ-କର-ଶର ବରଷି । ଗଗନ-ବପନ-ପ୍ରାନ୍ତରୁ ଅନ୍ତକ-ଜନକ ଅସନ୍ତେ ପ୍ରକାଶି । ଅଖେଟ । ଜାଣି ଅଙ୍କ-ମୃଗ-ଶଙ୍କାରେ । ଶଶି ପଶ୍ଚିମ ଅଶ୍ରିଲାଣି ଗଲେଣି ଉଡ଼ି କପୋତ-ତାସ୍ୱବାରେ । ୧୨ । ଦେବ-ଦମ୍ପତି-ରତିମର୍ଦ୍ଦ-ବିଚ୍ୟୁତ-ହାରସ୍ରୁତ-ମୁକ୍ତାପଙ୍କତି- । ବତ ନନ୍ଦନତଳେର ବ୍ୟୋମାଙ୍ଗଣ ବିକାଶୁଥିଲା ନକ୍ଷତ୍ର ଜ୍ୟୋତି । ଏବାରେ । ଦେଉଁ ଉଳାଇ ହବ କବେ । ସ୍ୱଭାବ ସିଦ୍ଧ-ନୀଳିମା-ବଶେ ନଭ ବହିଲା ଅପର ଶୋଭାରେ । ୧୩ । ତାରକା-ଅକ୍ଷତ-ତଣ୍ଡୁଳ ତାମସ-ଦୁର୍ବାରେ ଅର୍ଘ ନିର୍ଭା କରି । ଅଭିନନ୍ଦ ନବରବିକରେ ନଭ ତାର ପ୍ରାତସ୍ୱଶ ବିଗୁର । ବାଢ଼ିଛି । କିବା ଅପଣାର ସମ୍ପତ । ନିଶିଥସଂଜାତ-ହିମ-କଣା-ବ୍ରାତ-ବ୍ୟାଜେ ଖକ୍ତୁ ନୀର ସିଞ୍ଚିତ । ୧୪ । ନିର୍ଜୀବ ହେଲେହେଁ ଅନ୍ଧାର କି ହେଲା ତାକୁ ତ ନାଶିଛି ଭାସ୍କର । କଣ୍ଠେଲେଳ ମୃତ-ସଞ୍ଜୀବନୀ-ମନ୍ତ୍ର ଉଚ୍ଚାରି ଜୀବଦାନେ ତା'ର । ଅସ୍ତର । ଶୁଣୁ କି ମତ

ନ କରନ୍ତେ । ପ୍ରାତଃ-ସନ୍ଧ୍ୟା-ମୌନଭଙ୍ଗଭୟ ସେବେ ନ ଛୁଇଁଥାନ୍ତା ତାଙ୍କ ଚରଣେ ; ୧୫ । ନିଶା-ଦିବସ-ସମର-ଦରଶନେ ପୂର୍ବାଦ୍ରିସାନୁରେ ସବିତା । କର-ପରଶ-ଗଳିତ-ଶିଳାଜତୁ-ସ୍ରୋତେ ସାନୁ ଦିଶେ ଚର୍ଚ୍ଚିତା । ତା ଦେଖି । ଚକ୍ଷୁକୁ ଆସଇ ଏମନ୍ତ । ଅଗ୍ରଜ-ବନ୍ଧନେ ଆଗତ-ସୁପର୍ଣ୍ଣ-ବର୍ଣ୍ଣେ ଦିଶେ କି ସେ ତେମନ୍ତ ।୧୬। ପଶ୍ଚିମ-ଗୃହ ନମୃତ-ବଇରବ ଚମୂ-ବିହାରଣୀ ତୁରଙ୍ଗୀ । ଚନ୍ଦ୍ର ଚତୁର-ବଦନ-ଜନଙ୍କର ଜୀବନଧବ-ଯାନେ ସଙ୍ଗୀ । ତୁରଗେ । ଗୃହେ ବଳାଉଛନ୍ତି ମତି । ସଙ୍ଗ ଇଛି ଅନଙ୍ଗାହୃତ-ହୃଦୟା ରଥାଙ୍ଗୀ ବାଞ୍ଛୁଛି ପତିକି । ୧୭ । ନିଶା-ଅନଶନ-କ୍ଷୁଧା-ବାଧା-ନାଶେ ଦୁଗ୍ଧପାନ ବାଞ୍ଛି କିଶୋରେ । ପୁଚ୍ଛ ଟୁଳ ହ୍ରେଷୁଛନ୍ତି-ଖ୍ୟାତମନ୍ତ ତୁରଙ୍ଗ; ନିକର ଏକାଳେ । କଙ୍କିଣି । ବଜାଇ ଶଯ୍ଯନୁ ଉଠଣ । ମନୁଜ-ପାଷାଣ-ଲେହନ-ଆଶାରେ ଜିହ୍ୱା ଟ୍ଳଳନ୍ତି ପୁଣ ପୁଣ । ୧୮ । ପତି-ଅଧୋଗତି ଦେଖିବା ଆଗରୁ ନିଶା ନକ୍ଷତ୍ର ବେନି ଗଲେ । ସେ ତ ତାଙ୍କର ଜଃଟତ କିନ୍ତୁ ଚନ୍ଦ୍ର ସେ ବିଚ୍ଛେଦ କେହି ସହିଲେ । ଯାହାନ୍ତି । ଛୁତ ତାଙ୍କ ଫାଟି ନ ଗଲା । ଶିଳା ପରି ତ ସେ ମଳିନ ଦିଶଇ ହୋଇବା ଥିବ ସେହି ଶଳା ! ୧୯ । ପୂଷାନଳେ ତାର-ଲଜା ଦେଇ ପ୍ରାତଃ-ସନ୍ଧ୍ୟା-କ୍ଷଣରେ ପରିଣୀତା । ଆଚରିବେ ଏବେ କନ୍ୟାପରି ଆପେ ଅଗ୍ନି ଭ୍ରାନ୍ତ ବର ସବିତା । କେ ଅବା । କଉତୁକରେ ତାଙ୍କ କର-। ଶୋଭା-ଦରଶନେ ଲୋଭି ନୋହି ରହିଅଛି ଏ ସଂସାର ଭିତର । ୨୦ । ବନ୍ଦି-ପ୍ରଧାନଯଣୁଁ ପ୍ରିୟବାଦିତା-ଭାର ବହିଛୁଁ ଅମ୍ଭେ ଯେଣୁ । ତୁମ୍ଭ ବୈଜମର୍ଥ୍ୟ କା'ର କୋପପାତ୍ର ହେଲେ ହୋଇବୁଁ ପଛେ ତେଣୁ । ଧରମ ।—ଧ୍ୱଂସୀ-କେଳିଲୀଳା-ବିରୋଧି । ବିଧି କହିବୁଁ ଯା ପଛେ ସ୍ୱଚ୍ଛତରେ ଭାଳିବ ବୋଲି ମହାସିଦ୍ଧି । ୨୧ । ହେ ଧାର୍ମିକବର ରାଜରାଜେଶ୍ବର ପରିହର ପ୍ରିୟାସଙ୍ଗତ । ପ୍ରାତବନ୍ଦନେ କି ସନ୍ଧ୍ୟାଉପାସନେ ଶ୍ରଦ୍ଧା ଜନମୁଁ ନାହିଁ ମତ । ଜନମି । ପ୍ରାଚୀଗର୍ଭରୁ ରବି ଦିନ । କରିବେ ଏକ୍ଷଣି ପରି ବିଜ୍ଞାଗଣି ଥିବେ ଅଭ ସେ କେତେକ୍ଷଣ ? ।୨୨। ହେ ବୈଦର୍ଭୀ ! କାମକଳାର ବସତି ! ହରଲ ପତିମତି ତଥା । ବୈଧକାର୍ଯ୍ୟରେ ନିତାନ୍ତ ଶିଥିଳତା ଜଣା ନୋହୁଛି ତାଙ୍କୁ ଯଥା । ପ୍ରଭାତ ।—ସନ୍ଧ୍ୟା-ନଷ୍ଟଲତା ମାନସେ । ନ ଘେନନ୍ତି, ଯସ୍ତ୍ରପତିଙ୍କ ବନ୍ଦନା ପାଇଁ ଅଗ୍ରହ ନାହିଁ ଲେଶେ । ୨୩ । ଗୁଣେ ବଳ ଭୂମଣ୍ଡଳରେ ତ ବାଳୀ ନାହାନ୍ତି ତୁମ୍ଭଙ୍କୁ ହେ ସତି । ପତି-ନିତ୍ୟକ୍ରିୟା-ନିପାତ-ପାତକେ ହେତୁ ନୋହିଲେ ହେ ଜଗତି ।—ବାସିଏ । ସେ ତ ପରନିନ୍ଦା-ନିପୁଣ । ଅତିବଶତାରୁ ବାଛିବେ ନରେଶେ କାମୁକୀ-ପ୍ରିୟ ବୋଲି ଖୁଣ । ୨୪ । ଅଳ୍ପପ୍ରକଟ-ରଶ୍ମିରେ ନଭପଟ ବିରାଜଲାଣି ଶୋଭାଦେବୀ । ସରସ୍ୱାନୁଁ ଭାନୁ—ପୂର୍ଣ୍ଣ-ସ୍ୱର୍ଣ୍ଣକୁମ୍ଭ ବଳେଜ ଯିବା ଛନ୍ତି ଭାବ । କୈରବୁଁ । କମଳେ ଏକାଳେ ହେ ବୀର । ବରବରନା-ବନିତାର ଦୁର୍ଲ୍ଲଭ-ସଙ୍ଗ ନିମିଷେ ପରିହର । ୨୫ । ପୂର୍ବାଗତ ରବି-

କରକ୍ରାନ୍ତ ବିପଥରେ ପୂର୍ବଂ ତୁମ୍ଭଙ୍କୁ ପରେ । ଦେଖ ଉଭୟର ସମୃଦ୍ଧି-ସୌନ୍ଦର୍ଯ୍ୟ
ବାରବେ ଉଚ୍ଛଳିତତାରେ । ଯେଣୁ ସେ । ସେ ବିଷୟେ ଅତି କୁଶଳ । ଏଣୁ
ମହାରାଜ ! ତଳପ ବରଜ ବିଳମ୍ବ ନ କରନ୍ତୁ ଭଲ । ୨୬ । ବଳବନ୍ତପର୍ଣ୍ଣ ଭ୍ରମରେ
ଈଷତ-ବିକଶିତ ତାମରସରେ । ବଳେ ଠେଲି ପେଲି ପଶିଣ ସୁସ୍ୱାଦୁ ମଧୁକୁ ଅଣି
ଚଞ୍ଚୁରେ । ନିକର । ପ୍ରେୟସୀମାନଙ୍କୁ ସାଦରେ । ସ୍ନେହରେ ନବାନ୍ନ-ଭୋଜନ
କରାଇ ଭୁଞ୍ଜନ୍ତି ଅପରେ ମୋଦରେ । ୨୭ । ପ୍ରାତେ ଏକଦଳେ ବିକଶୁଁ କମଳ
ଦେଖି ଚକ୍ଷୁ ଏତେ ଅପଇ । ନବରବିକର ଭୁଞ୍ଜିବା ପାଇଁକି କମଳିନୀ ହୋଇ
ଅଶାୟୀ । ତଳକୁ । କର କନିଷ୍ଠ ଅଙ୍ଗୁଳିକି । କର କୋରକିତ କରନ୍ତି ସଲିଳେ
ବିରଚନାପାଇଁ କୁଜଳ । ୨୮ । ଶର-ତରୁବାସୀ-ବିହଙ୍ଗ-ବିରୁତେ ତେଜନ୍ତି
ନିଦ୍ରା ସବେଜନୀ । ମଧୁକର-ନିକୁରମ୍ବ ଅବଲମ୍ବେ ମିଳି ସେ ସମୟକୁ ଜାଣି ।
ପ୍ରେୟସୀ ।—ଅଧରୁ ଲବ୍ଧ ମଧୁରସେ । ରସାଇ ଅରବିନ୍ଦର ମକରନ୍ଦ ଆନନ୍ଦେ
ପିବନ୍ତି ସନ୍ତୋଷେ । ୨୯ । ଗତଦିବସ ହୁଅନ୍ତେ ଗତାୟୁଷ ତା ବିଲୋକି ଦସ୍ୟୁ-
ଉଦୟ ।—ବିଶୁଁ ତାମରସ ମୁଦ୍ରିତ ହେବାରୁ ତା ଅନ୍ତରେ ଅଳି-ନିଚୟ । ଅବଦ୍ଧ ।
ହୋଇ ଯାଇଥିଲେ ରଜନୀ । ପ୍ରାତେ ବିକଶୁଁ ପଦ୍ମ ସେ ତନ୍ତୁ ଅପି ସଦଳେ ମଧୁ
ଭକ୍ଷିଲେଣି । ୩୦ । ତାମସନାଶେ ତେଜସ୍ୱୀନ ବାସରେ ସବିତାର ଝୀଣ ଦିଶିଲେ ।
ଦିଶେ ପାଣ୍ଡୁର କେ ସରସୀ ବା ଶ୍ୱେତ ନ ଦିଶେ ଶୁଭ୍ର-ପଦ୍ମଜାଲେ । ଆକାଶ ।
ସ୍ୱଶରଣ୍ୟ-ତମ-ବିନାଶି । ରଶ୍ମିକ ଆଦରେ ହୃଦେ ଧରି ନିଜ ନିନ୍ଦାରେ ଗଳି
ଗାଲ ଦିଶି । ୩୧ । ନିଜବନ୍ଧୁର ଅଭ୍ୟୁଦୟ ଦର୍ଶନେ ନ ହସିବ କାହିଁ କମଳ ।
କୁମୁଦିନୀର ତ ଲୁଚିବା ସୁନ୍ଦର ଦେଖି ସ୍ୱପତି-କ୍ଷୟକାଳ । କମଳ । ନିଜ ନିଦ୍ରା
କବା ପ୍ରଦାନି । ହିମାଳୟତୁଲ କୁମୁଦବନର ବିଶଦହାସ ଅଛି ସେନି । ୩୨ ।
କୁମୁଦ-ମଧୁରେ ଉଦର ପୂରାଇ ଛନ୍ତି ତ ରାତ୍ରେ ଭ୍ରମରେ । ପିଇଲେ ପିଅନ୍ତୁ
ଅବା ନ ପିଅନ୍ତୁ ଏବେ ସେ ମଧୁ କମଳରେ । କେବଳ । ଯାପିଛି ନିଶା କୋକ
ଶୋକେ । ସେ ଏବେ ପ୍ରେୟସୀ-ମୁଖ-ତାମରସ-ମଧୁ ପିଉଛି ମନତୋଷେ । ୩୩ ।
ବିଶ୍ୱରେ କୋକଦମ୍ପତି ବିଷ୍ଣୁ-ନାଗ-ପୁଂସେ କାମଶାସ୍ତ୍ରେ ପଣ୍ଡିତ । ରାତ୍ରେ ବିରହ
ଲଭି ପ୍ରାତେ ନୂତନବତ ସେ ଭୋଗୁଥାନ୍ତି ରତ । ବିଶ୍ୱର । ସୁଧାପାୟୀ-ଶ୍ରେଷ୍ଠ
ଈଶ୍ୱର । ସଦା ସୁଧାପାନେ ଅରୁଚି ହୁଅନ୍ତେ ବିଷ କରନ୍ତି ଆହାର । ୩୪ ।
ପ୍ରାତେ ବିଯୋଗଦଗ୍ଧା ନିଶା-ବିଗାନ ଶଶିକି ଅଶସ୍ୟ କଲାଣି । ଚକୋରଚଞ୍ଚୁ-ସନ୍ତାପ
ସୂର୍ଯ୍ୟକାନ୍ତ-ଶିଳେ ଶରଣ ପଶିଲାଣି । ରଥାଙ୍ଗ । ବିରହେ ନିତାନ୍ତ କାତର ।
ପ୍ରେୟସୀଙ୍କ ନାମଧରି ବାରମ୍ବାର ଆଗ୍ରହେ ଡାକିଲାଣି ପର । ୩୫ । ନିମୀଳିତ ହେଉ
କଳିକାନିଚୟ ସୂର୍ଯ୍ୟେ କୁମୁଦିନୀ ନ ଦେଖେ । ଏଣୁ ଲୋକେ ତାକୁ ଦୁଷ୍ଟା ଯା

ବୋଲନ୍ତି ତା ଚନ୍ଦ୍ରେ ନ ଅସଇ ରେଖେ । କବିଏ । ଯାଂକୁ ରାଜପତ୍ନୀ ବୋଲନ୍ତି । ସେ ଅସୂର୍ଯ୍ୟମ୍ପଶ୍ୟା ହେବାର ଉଚିତ କଥାତ ବିଶ୍ୱରଇ ମତ । ୩୬ । ପାନ ପାଇଁ କରାଞ୍ଜଳରେ କରନ୍ତେ ତାମସ-ସାଗରେ ଭାସ୍କର । ଅଙ୍ଗୁଳ-ଜଳାଗଳତ-ଜଳବିନ୍ଦୁ ଭଳ ଅଳପାଳ ସୁନ୍ଦର । କମଳ ।—ମଧୁଲୋଭନ୍ତେ ବେଢ଼ିପାଶେ । ସେ ଜଳଧିର ଫେଣ୍ଟଭଳ ଏ ଅଳ ବୋଲ ଭାଳେ ପୁଣି ମାନସେ । ୩୭ । କୁଙ୍କୁମ-ସୁମ-ମାଳବତ ରକ୍ତିମ ସୁଷମ ରବକର ସର ।—ଗୋରେ ପଡ଼ିଛି ତାଂ ପରେ ମକରନ୍ଦ-ଗନ୍ଧାନନ୍ଦୀ ମିଳନ୍ଦ ମେଳ । ସବିତା ।—କରେ ମିଳନ୍ଦ-ମାଳ ମେଳ । ଯାଉଛି-ଅସିତ-ମସ୍ତକ ଲୋହିତ-ଗାତ୍ର ଗୁଞ୍ଜମାଳକ ବଳ । ୩୮ । ନବରବକର-ସମ୍ପାତେ ସରସୀ ରକତବର୍ଣ୍ଣ ଦିଶୁଅଛି । ଉପରପତିତ-ମଧୁକରବ୍ରାତ-ସଂଯୋଗେ ନୀଳିମା ବହୁଛି । ବିକାଶ ।—ଉତ୍ତୁଙ୍ଗ ପଦ୍ମେ ମଧ୍ୟଦେଶ । ଶୁଭ୍ର ଦିଶିବାରୁ ତ୍ରିବର୍ଣ୍ଣ-ରଞ୍ଜିତ ସରସୀ ଶୋଭିତ ବିଶେଷ । ୩୯ । ପଦ୍ମ ମାନଙ୍କର ଶୁଭ-ସମ୍ପାଦନେ ସୂର୍ଯ୍ୟର ଅଶ୍ଚର୍ଯ୍ୟ ଅଗ୍ରହ । ଯେ ନେତ୍ର-ଶୋଭା-ପ୍ରକାଶ-ପାଇଁ ପଦ୍ମେ ଫୁଟୁଥାନ୍ତି କବି-କରମ୍ବ । ଜନ୍ମାଏ । ସେ ନେତ୍ରମାନଙ୍କ ସେ ମୋଦ । ପଦ୍ମେ ଅଗୁଳତ ପେଚକାଦି ନେତ୍ରମାନଙ୍କୁ ହୁଏ ସେ ପ୍ରମାଦ ।୪୦। ଅତଏ ସଦା-ଯାଜ୍ଞ ଯେଣୁ ଅଛି ଅର୍କି ଅର୍ଯ୍ୟମାରେ ଅତି ଭକତି । ତେଣୁ ତାଙ୍କର ଉଦୟ ସମସ୍ତଙ୍କ ଉପାସନାରେ ଦିଅ ମତ । ପ୍ରଭାତେ । ସୂର୍ଯ୍ୟେ ଦିଅନ୍ତି ଜଳ ଅଞ୍ଜଳ । ମନ୍ଦେହଦୈତ୍ୟମାନଙ୍କ ପାଇଁ ହୁଏ ସଲିଳମନ୍ତ୍ର-ବଜ୍ରଭଳ । ୪୧ । ଉଦୟଗିର-ସମଭୂତମ ଅଦିତ୍ୟମଣ୍ଡଳ ଅପୂର୍ବନ୍ତି ଖଣି । ନୂତନ ଲୋହିତ କିରଣ-ଛଳର ତହିଁ ମାଣିକ୍ୟ ମଣି ପୁଣି । ସେ ଖଣି ।—ମୁଖରୁ ତାମସ-ପାଷାଣ । କେ ଅସି ଅତରକ୍ତେ ଖସାଇଲା କଣା ନ ପଡ଼ଇ ପ୍ରମାଣ । ୪୨ । କର୍ଣ୍ଣ-କର୍ଣ୍ଣ ନେଇ ବାସବ କୁଣ୍ଡଳ ପ୍ରିୟା ପ୍ରାଚୀକି ଦେଇଥିଲେ । ସନ୍ଧ୍ୟାରେ ଉଦିତ ପୂର୍ବ ପୂର୍ଣ୍ଣଚନ୍ଦ୍ରେ ତହିଁରୁ ଏକ ବୋଲି ଭାଳେ । ନୂତନ ।-କିରଣ-କନକବଳ ହି । ଉଦିତ-ସବିତା-ମଣ୍ଡଳ କି ଅନ ବୋଲି ମନେ ଯାଏ ଅଭାଷି । ୪୩ । ଗତଦିବସ-ଅବସାନ ସମୟେ ପତି ସୂର୍ଯ୍ୟର ବିଲୁପ୍ତି । ଅନଳେ ଝାସି ଅଧୋପୁରୁ ପଣକ ଉଦ୍ଧାର ଲଭ ମହାତୃପ୍ତି । ଅଜକୁ । ପୂର୍ବଦିଗେ ଇନ୍ଦ୍ରଭୁବନ । ଲଭି ପଡିବୁଲେ ଗତୁଁ ଅଧିକରେ କାନ୍ତି ବହି ବିଶେ ଶୋଭନ । ୪୪ । ହରିତକୁଷ୍ଣାଦି-ବର୍ଣ୍ଣ ଅହାରରୁ ସନ୍ତାନେ ହୁଅନ୍ତି ଅସିତ । ସତ ଏ କଥା ଯେଣୁ ଶୁଭ୍ର ସବିତା ଗ୍ରାସି ତମର-ନମବ୍ରାତ । ଲଭିଛି । ଯେଉଁ ସୁତା-ସୁତ ଯୁଗଳ । ସେ ଯମ ଯମୁନା ଶନିକ ସନ୍ତତ ହାରେ ପଶ ଦଳା-କଜ୍ଜଳ । ୪୫ । ପ୍ରତି କ୍ଷଣଶେଷେ ଦିବାରୂପକାଳ ଭାସ୍କର କ୍ଷତ କ୍ଷତ କର । ଚରଦିନ୍ ରହି ରହି ସେ ଅଭ୍ୟାସ ସ୍ୱଭାବେ ଗଲାଣି ବଦଳ । ତେଣୁଟି । ଯମୁନାଦିଙ୍କ ଜନ୍ମବେଳେ । କାଳ କରିବାର ଅଭ୍ୟାସ ଥିବାରୁ ସେମାନେ କାଳ ହୋଇଗଲେ । ୪୬ । ସ୍ୱଭାବସ୍ଥ ଲଭ-

ସୌନ୍ଦର୍ଯ୍ୟ ଯା’ ଯାନ ଶୋଭିତ ଯା ଚରିତ ସାଧୁ । କୋକପାଇଁକି ଯେ ଦୟାର-
ସାଗର ଯେ ଲୋକ-ଲୋଚନର ବନ୍ଧୁ । ସେ ସୂର୍ଯ୍ୟ । ଲୋକରକ୍ଷା ପାଇଁ ଅନ୍ତକ ।
ଶନି ଜାତକଲେ ବୋଲି ତାଙ୍କୁ ହୁଅଥିବା ଦୁର୍ନ୍ନାମ ଅମୂଳକ ।୪୭। ଶୀତାର୍ତ୍ତେ ତାପ
ସନ୍ତାପେ ତପ୍ତ ପାଇଁ ଅପ ଆପଣା କରେ ସର୍ଜି । ଜଳେ ବିକଳ ପ୍ରାଣୀଙ୍କ ପାଇଁ
ପୁଣି ତାପ ହରଇ ଦୁଃଖ ମାର୍ଜି । ନାବିକ ପାଇଁ ଯେ ଶିଶିର ଦିଅନ୍ତି । ଲୋକ-
ହିତକର କର୍ତ୍ତବ୍ୟ ଯାହାଙ୍କ ଉଦ୍ଧଲେଖୀ ସେ ବିନୟନ୍ତ ।୪୮। ଗ୍ରହହରିତର ଅଙ୍କରେ
କଳ୍ପିତ ହେଲେହେଁ ନ ରଖି ତାମସ । ଯେ ଶନ୍ତ୍ରଲେ ନାଶ କରନ୍ତି ସେ ରହିକର
ହୋଇଲେହେଁ ପ୍ରକାଶ । ପାଦପ ।—ଅଶ୍ଚର୍ଯ୍ୟ ଥିବା ଛାୟାତଳେ । ତମେ ସେ ନାଶି
ନ ପାରିବାରୁ ଦେଖି ବିସ୍ମୟ ନୁହେ କେ ମନରେ ।୪୯। ଜଗତର ତମ ତାମରସ-
ମୂର୍ଚ୍ଛା-ନିକଷ୍ଟାକାଶ ପିତା ସୂର ।—ଠାରୁ ଅଶ୍ୱିନୀକୁମାରେ ଶିଖି ବୈଦ୍ୟବିଦ୍ୟା
ବୋଲାନ୍ତି ବୈଦ୍ୟବର । ସ୍ୱର୍ଗରେ । ଅନ୍ତକ ତ ପ୍ରାଣୀଅନ୍ତକ । ତା ପିତା କଇରବର
ଅପମୃତ୍ୟୁ-କାରଣ ହେବା କି ଅଠିକ ।୫୦। ପଉବରନ୍ଦଣୀ ପଦ୍ମିନୀଙ୍କ ପୀଡ଼ା
ଦେଇଥିଲେ କୁଷ୍ମାନ-କର । ସେକାଳେ ସ୍ୱାମୀ-ସୁହାଗୀ କମୁଦିନୀ ହସିଥିଲା ତାଙ୍କୁ
ଅପାର । ତେଣୁଟି । ପକ୍ୱ ବଦର ପତ୍ରକାର । ସୂର୍ଯ୍ୟ ଗୃହିଁ କି ସେ ସଙ୍କୋଚଲେ ଦୁହେଁ
ହୋଇ ମହାଭୟେ କାତର ।୫୧। ବେଦାସ୍ତ ସହସ୍ରାଂଶୁ ସୂର ନକ୍ତରେ ଭୂଲୋକ-
ତଳେ ଖେଞ୍ଚରନ୍ତି । ଉଦାସ୍ତ୍ରହସ୍ୱର-ପ୍ରାପ୍ତି ଯୁକ୍ତ ତା’ର କରନ୍ତି ଦ୍ୱିସହସ୍ର ନେହେ ।
ବିଭଙ୍ଗ ।—ଭ୍ରମରର ପ୍ରଭ ରଜନୀରେ । ଦେଖୁଥାନ୍ତି ଶୁଣୁଥାନ୍ତି ନାଗପତି ଜଣ—
ଚକ୍ଷୁଶ୍ରବା-ବିଧିରେ ।୫୨। ପଙ୍କଜବନ୍ଧୁ ପକ୍ଷବିକାନ୍ତ ବନ୍ଧୁ କରି ପରସାର ଦେଲାଣି ।
ପ୍ରାତଯୋଗେ କୋମଳତା ଗୁଣେ କରି ନବନୀତକୁ ହସିଲାଣି । କବରି । ପାର୍ଦ୍ଧାଂଶ—
ସମୂହ ଗବାକ୍ଷ ।—ରନ୍ଧ୍ରରେ ପଶି କରଜାଙ୍ଗୁଳର ଶୋଭା ବହିଲାଣି ପ୍ରତ୍ୟକ୍ଷ ।୫୩।
ହେ ଭୂପ ! ସୂର୍ଯ୍ୟର କରାଙ୍ଗୁଳି ଭଳି କିରଣ ବଡ଼ଭୀ-ଗବାକ୍ଷେ । ପଶି ପଦ୍ମନାଳ—
କଳାପ ଦିଶୁଛି ସାଦରେ ଅବଲୋକ ଅକ୍ଷେ । ତାକୁ କି । ବିଶ୍ୱକର୍ମା କୁନ୍ଦେ
ବସାଇ । କୁନ୍ଦ କୁନ୍ଦକୁଣ୍ଡ-ତେଜ-ବନ୍ଧୁବୃତ୍ତ ହୋଇ କସେ ମନ୍ଦେ ଘୁରଇ ।୫୪।
ହିବସନାପିତ ସୂର୍ଯ୍ୟକର-କ୍ଷୁରେ ବ୍ୟଭିଗ୍ରୃଷ୍ଟ ବିଭାବରୀର । କବରଭାର କାଟି ଦୂର
କରନ୍ତେ କର୍ତ୍ତିତ-ଚିକୁର-ନିକର । ଭୂତଳେ । ପଡ଼ି କଳାକଳା ଦିଶଇ ।
ବୃକ୍ଷଲତାଛାଇ ବୋଲି ତାକୁ କହୁଥାଏ ସେ ଯେ ତା ନ ଜାଣଇଁ ।୫୫। ମଙ୍ଗଳ-
ସୂଚକ-ଶବ୍ଦକାରୀ ଶଙ୍ଖେ ହେ ନୃପ ! ଭାବେ ତୁମ୍ଭଯଶ । ଯେ ଦର-ସହୋଦର
ଚନ୍ଦ୍ର ବିଚିତ୍ରବତ ବିଗତେ ନଭଦେଶ । କରଣ ।—ହୀନ ତା ହୋଇଲାଣି ଏବେ ।
କୋଳର ହରିଣଅଙ୍କ ତା କେମନ୍ତ ଦିଶଇ ଦେଖ ମ୍ଳାନଭାବେ ।୫୬। ତାରା-ଶଙ୍କ-
ଛେଦୀ ପଦ୍ମଶଙ୍ଖ ଭେଦୀ-ସୂର-ଶଙ୍କାର ଦୃଢ଼େ କରେ । ଅର୍ଦ୍ଧାସ୍ତମିତ-ତାରକାନ୍ତକରତ

ଧରି କଣ୍ଠ ରଜ-ନିକରେ । କଣ୍ଠିକା । ପାଇଁ ଅଣା ଜଳେ ପତ୍ତଣ । ହୋଇ ପଙ୍କ
ଲାଗିଯାଇ କି କଟଲଣି ଯେ କରନ୍ତକୁ ଶୁଭ୍ରବର୍ଣ୍ଣ । ୫୭ । ପଦ୍ମେ ବିକଶାଇବାର-
ବେଳେ ପୂର୍ବ ବିକଶାଏ ଲୋକଲୋଚନେ । ବିଶ୍ଚ ହିଁ ପୂରାଇଥିଲେ ସାରସର ସହସ୍ର-
ପତ୍ରୀ ସ୍ୱନୟନେ । ଏଣୁଟି । ପଦ୍ମ ନେତ୍ର ଏକଜାତୀୟ । ତେଣୁ ନୟନ ଉପମାକୁ
ନଳିନ ଲୋଡ଼ୁଥାନ୍ତି କବି ନିଚୟ ।୫୮। ନିମିଷେ ନମୁଦ୍ର ଦଳ-ନୟନକୁ ସଙ୍ଗେ ଯାମିକ-
କଇରବ । ସର-ସମ୍ପତ୍ତିକି ଜଗି ରଖିଥିଲା ଅଯତ୍ନେ ସରୋଜବାନ୍ଧବ । ନିଶ୍ଚିନ୍ତ । ହୋଇ
ନିଦ୍ରା ଯାଅ ହେଉଛି । ଉଦ୍ଧୃତ-ଉଦରୁ ପଥ ତା ଗର୍ଭର ଭ୍ରମର-ଝଙ୍କାର ଶୁଭୁଛି ।୫୯।
'କୈ' ବୋଲି ପଗୃହଲା ଭଳି ଯା ବାଣୀ ସେ କାକ କୋକିଳେ ପୁଛଇ । କହ ତ
ଦେଖି ପାଣିନି ଶବ୍ଦଶାସ୍ତ୍ରେ 'ତାତଙ୍' କାର ସ୍ଥାନେ ରହ । ତା ଶୁଣି । 'ତୁହ ତୁହ' କହ
କୋକିଳ । ଚନ୍ଦ୍ରାର୍ଦ୍ଧ କି 'ତାତଙ୍' । ବସିବାର ଏ 'ତୁହ' 'ତୁହ' ଏକା ସ୍ଥଳ ।୬୦।
ପାଣିନି ପଢ଼ିବାବେଳେ ଏ କପୋତ ଶବ୍ଦ ସାଧି ଲେଖା ଲଭଇ । କଣ୍ଠେ ବୋଳନ୍ତେ
ଖଡ଼-ଧୂଳି ଲାଗି କି ତା ଏବେ ଶୁକଳ ଦିଶଇ । ଭୁଲିତ । ଗଲା ସବୁ; ଏକା ଅଭ୍ୟାସ-।
ବଟଣ ଏବେ 'ଘୁ' ଫଙ୍କାଟା · ଘୋଷି ଘୁରୁଅଛି କମ୍ପାଇ ଶିରଦେଶ । ୬୧ । ବାସବ-
ବଢ଼ଭ-ହେମକୁମ୍ଭଭଳି ସ୍ୱର୍ଣ୍ଣବର୍ଣ୍ଣ ଏ ଦିବାକର । କୁଙ୍କୁମାରୁଣ-ମୃଦୁକର-କେତନବ୍ରାତେ
ଦିଶେ କେଡ଼େ ସୁନ୍ଦର । ଏହାର । ପ୍ରଭାତ ନିରସାଗରର । ଅନ୍ଧକାର-ନୀର ପାନ-କର-
ତାର କଥାତ ସ୍ୱଭାବେ ସୁନ୍ଦର ।୬୨। ତମ-ତମାଳବନା-ନଳ କରର ଦ୍ୱିବିଧାର ମାତ୍ର
କେବଳ । ସହସ୍ରପତ୍ରେ ବିକଶାଇ ନଭ-ଭୂ-ଦିଗ ତମ-ପାପ ନିର୍ମୂଳ । କରଇ ।
ସବିତା କପାଁ ସେ କରଣ- । ନିକରକୁ ପିଷ୍ଟ-ପେଷଣ-ନ୍ୟାୟରେ ବିସ୍ତାରୁଛନ୍ତି ପୁଣ
ପୁଣ ।୬୩। ତମ-ସମୁଦ୍ରର ବାଡ଼ବ-ଅନଳ ତରଣି-ପଦ୍ମିନୀ-ବଦନଁ । ତରସ ଅପସରି-
ଇବାରେ ଦକ୍ଷ ଆକାଶେ ଉଠିଲେଣି ଭାନୁ । ତଥାପି । ଲୋହିତ ଦିଶୁଛି କାରଣ ।
ଦିଶୁଥିବ କି ଏ ସର୍ବଦା ଏମନ୍ତ ? ନ ବହ ଶୁଭ୍ର ବରନ" ।୬୪। ଏକାଳେ ଶୁଦ୍ଧାନ୍ତଃ-
ପୁରସ୍ତ୍ରୀଏ ଆସି କେତେକ ଆଭରଣ । ବଇତାଳିକଙ୍କ ପୁରତରେ ଥୋଇ ଭାଷଇଁ
ଏମନ୍ତ ବଚନ । "ଶୁଣ ହେ । ଶୁଣି ତୁମ୍ଭ ପ୍ରାତଃ ବର୍ଣ୍ଣନ । ମହିଷୀ ତୋଷେ ତୁମ୍ଭଙ୍କୁ
ପୁରସ୍କାର ଦେଲେ ସ୍ୱ-ଶ୍ରୀଅଙ୍ଗ ଭୂଷଣ" । ୬୫ । ଅଗଣିତ-ପଦ୍ମରାଗ-ମଣିଗଣେ ଗୁମ୍ଫିତ
ସେ ଭୂଷା-ନିବହ । ଦିଶେ ଦାରିଦ୍ର୍ୟ ବହ୍ନିନେତେ ଗୃହଁଲାପ୍ରାପ୍ତ ବହ ରୋଷ ଦୁର୍ବହ ।
ସେ ସବୁ । ଯଥାଯୋଗ୍ୟସ୍ଥାନେ ଶରୀରେ । ବହିଲେ ସେ ବଇତାଳିକ-ନିବହ ମାନସେ
ମହାମୋଦ ତୁଲେ ।୬୬। ଏକାଳେ ମନ୍ଦାକିନୀରେ ସ୍ନାନ ସାରି ସୁମନସ-ଯାନ-ସମାନ ।
ଦିବାହଲବ୍ଧ ଯାନ-ବର ଆରୋହି କଲେ ନରେଶ ଆଗମନ । ବନ୍ଦିଙ୍କ । ଈଷଦେଣେ
କ୍ଷଣମାତ୍ର ଦିଶି । ଗଲେ, ସେ ପୁରୁ ଯିବା ଦେଖି ନ ଥିଲେ ବନ୍ଦିଏ ଥିଲେ ଦେଖି ଆସି ।
୬୭ । ଶ୍ରୀ ସ୍ୱରମାନନ୍ଦଦେବୀର କୁମାର ହର୍ଷ ଯେ କବି-ଭୂଷଣ । ନିତ୍ୟ ନୂତନ

ଅପୂର୍ବ ପଦ ସୃଷ୍ଟି-କରଣେ ଯା ବୁଦ୍ଧି ନିପୁଣ । ତା ପଦେ । ମନ ରଖି ଧ୍ୟାନ-ଧନକୁ । ଦେଇ ଭଣଇ ଅଧମ ଗୋପୀନାଥ ଗୋବିନ୍ଦ-ପଦାରବିନ୍ଦକୁ । ୬୮ ।

ବଂଶ ଛାୟା ।

ରାଗ—ଷଡ଼ଜ ମଲ୍ଲାର ।

ମରୁତ-ଗୃଳିତ ଜୀମୂତ ଯେମନ୍ତ ପର୍ବତେ ଅବତରଇ ।
ଗମନ-ବେଗେ ପବନ-ଜମ୍ବୁକାଶ୍ୱ ଗଗନୁଁ ବେଗେ ଓହ୍ଲାଇ ।
ନୃପ-ବିମାନ ଯେ ।
ସେ ସୌଧ-ଶିର-ଶିଖର- ।
ବିବିଧମଣି-ରତନ-ବିନିର୍ମିତ କୁଟ୍ଟିମେ ମନ୍ଦିରେ ଖର । ୧ ।

ଆଗତ-କାନ୍ତେ ପାଶ୍ଚୋଟିବା ପାଇଁକ ବିଜେ ରାଣୀ ଦମୟନ୍ତୀ । ଯେକାଳ-ଶୋଭା ତେସନ ମନଲୋଭା ଯେସନ ଦିନ-ଆଗତି- । ବେଳେ ବିଲୋକ ଯେ । ଶଶିଙ୍କି ପାଶେ ଆଗତ । ସିନ୍ଦୂ-ଚ୍ଛିନ୍ନ ମପଟ୍ଟ-ବାଟ ନିରସ୍ତ ଯାନ୍ତ୍ର ହୋଇ ଉଲ୍ଲସିତ । ୨ । ପ୍ରିୟା-ବଦନେ ମଦନେ ଅନାଯ୍ୟୁବ୍ଧ ହୋଇ ଗୃହିଁ ଏକଲଯ୍ୟେ । ସୁରସନ୍ଧରେ ପ୍ରାତଃସ୍ନାନ-ସମୟେ ଲୋକଙ୍କ କମଳଚୟେ । ତେବେ ନୃପତି ଯେ । କରୁଥିଲେ ହେମୁଜ୍ଜାନ । ଜଣାଇ ଥିଲ ବିଜେତା ଭୂଲେ ଜେମ୍ବ ନିଜନହେବା ବିଜ୍ଞାନ । ୩ । ନିଜ-ପ୍ରାର୍ଥିତ ସୁପର୍ବପର୍ବେରୁହ ପତ୍ର ପ୍ରଦାନିବା ବେଳେ । ମୋଦେ ଅଧରେ ପ୍ରମଦା-ପଦ୍ମନେତ୍ର ବିକଶିଲ କୁତୂହଳେ । କରେ କମଳ ଯେ । ବହି ଢଣେ ତଥା ବାଳୀ । ବନମାଳୀ-କୋଳ ତେଜ କ କମଳା ଏ ପୁରେ ଅଇଲ ଚଳ । ୪ । ପତିପ୍ରଦତ୍ତ ଅଳପକୁ ବହୁତ କଳପୁଥାଇ ସେ ବାଳୀ । ସେ ଭୂଜେ ଦତ୍ତ କଉତୁକଦ୍ଧା ତା'ର ଅପୁତ ବିତ୍ତରୁ ବଳ । ପ୍ରିୟ ଭଣନ୍ତ ଯେ । "ଅଳି-ଗଞ୍ଜନ-ବିଭ୍ରମକାରୀ । ଦିନ-କୃତ୍ୟତତି ସାରନ୍ତ ମୁଁ ଅନୁମତି ତୋର ହେଲେ ଭୋର" । ୫ । (୫-୬) । ଲୀଳା-ବିଳାସ-ବିଶେଷ କୃତ୍ୟବିଧି ଅଦ୍ୟାପି ନୋହିଛି ଶେଷ । ଏତେ ଭଣି ବାଳୀ ଚତ୍ତେ ଚଳଲେହେଁ ଶିରେ ନ କରେ ପ୍ରକାଶ । ବାର ଏମାନ ଯେ । ଏଣେ କଳ ଭାବୁଥାଇ । ଯା'କ୍ଷଣ ବିରହେ ଡରୁ ଭୀରୁ ତାକୁ ତୋ ପାର୍ଶ୍ୱେ ଦେବ ତଡ଼ାଇ । ୭ । (୭-୮) ବର-ଶିରେ ଭୂଷିଲାର ପର ରାମା ସଖୀପାଶେ ଯିବାବେଳେ । କୁମୁଦୁଁ କମଳେ ଯିବାର କମଳା-ଶୋଭାରୁ ତା ଶୋଭା ବଳେ । ଏଣେ ନୃପତି ଯେ, । କଳି ଦ୍ୱାପରେ ସଦୃଶ । ହେତା ରୂପ ମୋ ନୋହିବ ଭଳ କଲେଭ ତାକୁ ନୀତ୍ୟସହେ ତୋଷ । ୮ (୯-୧୦) ।

ପ୍ରାତଃ କୃତ୍ୟ ସାରି ହସ୍ତଠାରି ବାରି ସଖୀଙ୍କ ପ୍ରକାଶ-ପାଇଁ । ଧୀରଗତିରେ ନୃପତି
ପଛୀପଛୁଁ ମୁଦିଲେ ତା ନେତ୍ର ଦୁଇ । ତାହା ବିଲୋକି ଯେ । ହସୁଛନ୍ତି ସଖିଚୟ ।
ଚୋରକୃତ କର ନୃପର ଦଶଇ ନୈଷଧୈର୍ଦ୍ଧ୍ୟ-ମପାପ୍ରାପ୍ତୁ । ୮ (୧୧-୧୨ । କର
ଫେଇଁ 'ଜାଣିଲଣି' ଏତେମାତ୍ର କହି ସ୍ପର୍ଶାନ୍ତ୍ରବ ବାରି । ଦଂଶି ରସନା ମଉନେ ମାନ
ବହି ରହିଲା ବରଗଉରି । ବାରି ସେ କଥା ଯେ । ଭାଷନ୍ତି କାନ୍ତ, "ନ ରୁଷ । ଯା
ପ୍ରସାଦେ ତୋତେ ପାଇଛି ସେ ତପେ ନ ସେବନ୍ତି କି ବାଗୀଶ" । ୯ (୧୩-୧୪) ।
'ଜିଶିରେ ଦାସ୍ୟ ଗ୍ରହସାରି ସ୍ନାହାନ ପ୍ରଭାତେ ଯା ନବଦ୍ଧଲି । ତେଣୁ କି ରୁଷିଲୁ
ରୁଷିମୋହ ? କହ, ପଦେ ତୋ ଦେବି ମଉଳି' । ଭାଷି ଏମନ୍ତ ଯେ । କର
ଦେବାକୁ ପଯ୍ୟରେ । ଇଚ୍ଛିଁ କାନ୍ତ, କାନ୍ତା କୋପଭୟେ ଧୃଷ୍ଟ କଣ୍ଠାଗ୍ରେ କଣିଲା
ବଚରେ । ୧୦ (୧୫-୧୬) । ଅପାଙ୍ଗେ ରଜତ-ତାରକା-ଛୁରିତ-ତେଜେ ହୋଇ
ବଶୀଭୂତ । ଭାଷନ୍ତି କାନ୍ତ, 'ଶ୍ରବଣ-କୂପପାତ-ଭୀତ ନ ଥିଲେ ତୋ ନେତ୍ର । ରହି
ନ ଥାନ୍ତା ଯେ । ଦୂରେ ନ ଯାଇ ନାସିକା । ତୋ ସ୍ୱେଷେ ମୋ ତୋଷ ଯଥା ରବି-
ତେଜେ ବିକଶେ ପଦ୍ମ-ସୁବାସ । ୧୧ ୧୭-୧୯) । ଭିନ୍ନ ଭିନ୍ନ ନିର୍ମ୍ମିଶିବା ବିଧି-
ସିଦ୍ଧି, ତେଣୁ ସେ ତୋ ମୁଖ ଶଶୀ । ଏକପରି ଦେଖି ଶେଷରେ ଅଙ୍କରେ ଶଶକ ଅଛି
ନିବେଶି । ତୋର ବଦନ ଯେ । ସଦା ନିର୍ମ୍ମଳ ପ୍ରସନ୍ନ । ତାମ୍ରପର୍ଣ୍ଣୀ-ତୀର-ଶଶାଙ୍କ-
ଶୁକ୍ତିର ସମ୍ଭବ ମୁକ୍ତା ସମାନ । ୧୨ (୨୦-୨୧) । କ୍ଷୀର-ସାଗରୁ ତୋ ଗିର ସୁଧା-
ସଙ୍ଗେ ଅବତରିଛି କଣୋର । ତେଣୁ ସେ ଗିରେ ମଧୁର-ହାସ ଦିଶେ ତୋର କ୍ଷୀର-
ସରଭଳି" । ଭଣି ଏମନ୍ତ ଯେ । ନୃପ କୋଳେ ଘେନି ବାଳୀ । ପଲଙ୍କେ ବିଜେ
ଜ୍ୟୋତ୍ସ୍ନାତୁଲେ ଶଶିକ ଉଦୟ-ଶୈଳେ ବିହରି । ୧୩ (୨୨-୨୩) । ବର୍ଷାରମ୍ଭେ
ମେଘ ନଭେ ଅଲିଙ୍ଗିଲା ଭଳି ସ୍ନେହଶାଳୀ ପତି । ଗାଢେ ଅଲିଙ୍ଗି ବକ୍ଷବେଳ ମୁଞ୍ଚିଲେ
ବିରହ-ବାଧା ଝଟିତି । ପଦ୍ମ-ମଧୁରେ ଯେ । ବିମୋହିତ ହୋଇ ଭ୍ରମର । ତାକୁ ଚୁମ୍ବିଲା
ପରି ସ୍ମିତ ପ୍ରକାଶ ପ୍ରିୟାକୁ ଚୁମ୍ବିଲେ ନଳ । ୧୪ (୨୪-୨୫ । ତଦନ୍ତରେ ହାସ-
ପରିହାସେ ସାକ୍ଷୀ ରଖିବାକୁ କରି ଠାରି । କଳା ନାମ ମହୀଷୀର ବୟସ୍ୟାକୁ ବସାଇ
ଅଗ୍ରେ ହକାରି । ଭୂପ ଭାଷନ୍ତି ଯେ । "ଦେଖ, ଏ ତୁମ୍ଭର ସଖୀ । ତୁମ୍ଭମାନଙ୍କେ
ହୋଇ ଅତି ଅଶକ୍ତ ଅନେ ନ ପାରନ୍ତି ଦେଖି । ୧୫ (୨୬-୨୭ । ଲଜ୍ଜାରେ
ସ୍ୱଅଙ୍ଗ ସମର୍ପି ସ୍ୱାମୀଙ୍କ ଅନୁଗ୍ରହ କଲି ବୋଲି । ଏମନ୍ତ ବୋଲି କି ବଖାଣ ନଥାଏ
ତୁମ୍ଭଙ୍କୁ ଏ ତୁମ୍ଭ ଅଳ । ପରି କହଇ ଯେ । ନଳ-ବନା ମନେ ହେଲେ । ନ ସେବେ
ଅନ ଯା ଯୌବନ ଉତ୍ସାଏ ମନେ ସେବେ ବୋଲି ସ୍ମରେ । ୧୬ (୨୮-୨୯) ।
ଲାଜେ ନତମୁଖ-ଶୋଭା ଅଛଯାଏ ଏହାର ମୁଁ ଦେଖି ନାହିଁ । ବକ୍ତ୍ରରୁ ଯେବେ ତୁ
ସେ ଶୋଭା-ବିଭବ ଶୁଣିବ ମୁଁ ମନ ଦେଇ । ବେଢ଼ ନୟନେ ଯେ । ଦ୍ୱିହି ଏ ସଖୀଙ୍କି

ତୋଷେ । ଦୋଷୀ କି ମୁଁ ? ଏକଦେଶ-ପ୍ରାନ୍ତ-ଅଂଶ ପଢ଼େ ଯା ମୋତେ ନମିଷେ ।
୧୭ (୩୦-୩୧) । ପୂର୍ବେ ମୋତେ ଦୌତ୍ୟେ ବେନି ନୟନରେ ଦେଖି ପାରୁଥିଲ
ବାଳୀ । ଏବେ ଏ ନଗ୍ନହୁଁ ମୋତେ ମୁଁ ଲାଜଇ ଗଲାକି ସେ କଥା ଭୁଲି । ସତ୍ୟ
ମଧୁର ଯେ । ଗିରେ ତୁମ୍ଭଙ୍କୁ ତୋଷଇ । 'ତୁମ୍ଭେ ମୋ' ଏତକି ମୋତେ କହିବାକୁ
ମଉନେ ମାନେ ବସଇ । ୧୮ (୩୨-୩୩) । ନାମ ଧର ଅବା କେଉଁ ବୟସୀଙ୍କ ନ
ଡାକଇ ତୁମ୍ଭ ଅଳୀ । ମୋ ବେଳକୁ 'ନଳ' ନାମେ ତା ରସନା ନ ରସି
ରହଇ ସର । ସ୍ତନ-ଯୁଗଳେ ଯେ । ନର୍ଦ୍ଦୟ-ହୃଦୟ ପୂର୍ଣ୍ଣି । ଅବକାଶ ନାହିଁ ତହିଁ
ମୋତେ କାହିଁ ବହିବ ବାଳୀ-ରତନ । ୧୯ (୩୪-୩୫) । ଭାବ ଉରକଥା ଉରଜ
ମୂଢ଼ତା ତେଜଇ ଯା ତାହା ଯୁକ୍ତ । ମୋତେ ବିମୁଖ ହେବାର ତା'ର କେହି
ହୋଇବ ଅବା ଅଯୁକ୍ତ" । କାନ୍ତ ଏମନ୍ତ ଯେ । ପରିହାସେ ପ୍ରେୟସୀକି । ଭାଷି
ନରବରେ ସଖୀସ୍ମିତ ଦେଖି କଲା ଭାଷେ ଭୂପତିଙ୍କି । ୨୦ (୩୬-୩୭) । "ନବାନୁ-
ରାଗାନୁରୂପ ବ୍ୟବହାର ଅଚରେ ତୁମ୍ଭେ ଯେଣୁ । ତବ ଏ ଅନୁମାନ ଅମ୍ଭ ସଖିରେ
ଅଯୁକ୍ତ ନୁହଇ ତେଣୁ । ଅମ୍ଭମାନଙ୍କୁ ଯେ । ଚିରାନୁରାଗ-ବେଭାରେ । ବ୍ୟବହାର କରୁ
ଅନ୍ତର ହରଇ ତା ଚିତ୍ତ ତୁମ୍ଭ ଅମ୍ଭରେ । ୨୧ (୩୮) । ପୁଷ୍ପାସ୍ତ୍ରଶାସ୍ତ୍ରେ ଅପ୍ରତି-ଦ୍ୱନ୍ଦୀ
ମହାମହୋପାଧ୍ୟାୟ ଅପଣ । ଏ ଅମ୍ଭ ନବ-ମୃଗାକ୍ଷୀ ସଖି ପରି ନବପରିଣୀତା ଯେନ ।
ତେଣୁ ସମ୍ପୂର୍ଣ୍ଣି ଯେ । ଭୋଗିବ ଏହାକୁ କେହି । ସମ୍ଭୋଗ-ରହସ୍ୟ-କଥା ବା
ଏ ବାଳୀ କହିବ ଅମ୍ଭଙ୍କୁ କାହିଁ ? । ୨୨ (୩୯) । ହେ ଦେବ ! ଭୁବନତ୍ରୟେ ତବ
ସତ୍ୟବାଦିତା ଲୋକେ ଘୋଷନ୍ତି । ଏ ତବ ପ୍ରିୟା ତୁମ୍ଭ ସମ୍, କେହି ବା କହିବ
ମିଥ୍ୟା-ଭାରତୀ । ମନେ ମନୋଭୂ ଯେ । ରହିଛି ସତ ଏହାର । ସେ କାମ ଏକା
ଆପଣ ଛନ୍ତି ସଦା ତା ହୃଦେ ବିରଚି ଘର । ୨୩ (୪୦-୪୧) । ଅଥବା ସଖିର
ଚିତ୍ତେ ସଦାସ୍ଥାୟୀ ତୁମ୍ଭର ବିମ୍ବ ମଦନ । ବିମ୍ବ ନୋହିଲେ ଅନଙ୍ଗ ସେତ କେହି
ହୃଅନ୍ତା ତୁମ୍ଭସମାନ । ଅବା ବେନି ଏ ଯେ । ଏକାପର ଦିଶିବାରୁ । କେ ପତି ବିଗ୍ରହ
ନ ପାରି ବେନିଙ୍କି ବହିଛି ସଦା ଉରେମ୍ଭାରୁ । ୨୪ (୪୨-୪୩) । ତୁମ୍ଭରେ ଦତ୍ତ
ମନକୁ କଷ୍ଟେ ହେଲେ ଫେରାଇ ନୁହଇ ବୋଲି । ଶଙ୍କି ସଖୀ ଚିତ୍ତେ ଏକନୟନାଂଶେ
ପରଶେ ତୁମ୍ଭଙ୍କୁ ଖାଲି । ଅଦ୍ୟ-ଦର୍ଶନେ ଯେ । ଲାଗିଛି ତୁମ୍ଭେ ତା ନେତ୍ରେ । ଅନ
କଥାରେ କି ଅଛି ଆପେ ଦେଖ ପ୍ରତେ ନୋହେ ଯେବେ ଚିତ୍ତେ ।୨୫(୪୪-୪୫)
ଗାଢ଼-ଆଲିଙ୍ଗନେ ତବ ଉରେ କୁଚ-କୁଙ୍କୁମ ଲଗାଇ ବାଳୀ । ନ କହେ କି ଅଛି
ତୁମ୍ଭରେ ମୋ ଅନୁରାଗ ଏହିଭଳି ବୋଲି ? କଣ୍ଠ ଅଳର ଯେ । ତୁମ୍ଭ ନାମ
ନାମସୂକ୍ତ । ମନେ ମନେ ମୁକ୍ତା-ମାଳାରେ ଜପଇ ବ୍ରତୀ ହୋଇ ଅବିରତ । ୨୬ ।
(୪୬-୪୭) । ତୁମ୍ଭେ ତ ମହତ ସଖୀଉରେ ଅମ୍ଭ ରହିବାରୁ ସଦା ପୂର । ଲାଗୁଁ

ଅମ୍ଭେ ତହିଁ ନ ସମ୍ଭାଇ କୁଚ ତେଣୁ ବାହାରିଛି ଫେଲ । ଶୁଦ୍ଧ-ବିଶାଳ ଯେ । କୁଚେ
ପୀଡ଼ି କଲ କ୍ଷତ । ତେଣୁ ସେ କୁଚ ଲୁଚିଲେ ଲାଜେ ସଦା ବସନେ ହୋଇ ଅବୃତ" ।୨୭
(୪୮-୪୯) । ବାଳାର ଏପରି ସୁଧାସ୍ରାବ ଭାଷେ ତୋଷ ହୋଇ ମହୀ-ପତି । ଭୁଜେ
ଟେକି ପ୍ରିୟାମୁଖ 'କି ଏକଥା ସତ' ବୋଲି ପଚାରନ୍ତି । କରି ଭୂପରି ଯେ । ବାଳୀମୁଖ
ଧରୁ ଟେକି । ଅଳି ଭାଳଇ 'ଏତେକାଳେ କମଳ କଳାକରେ ମିଳିଲା କି ? । ୨୮
(୫୦-୫୧) । କରି ଦରହାସ ପୁଣି ବାଳୀଈଶ ଲାଜେ ଲୁଆଇଁଣ ମୁଖ । ବଳାଇ
ଭୂପାଳେ ଯାଚି ଦେଉଥିଲା ବଳାତ୍କାର-ପଦ-ସୁଖ । ପୁଣି ପ୍ରିୟାର ଯେ । ଭୁଲେ
ଇଚ୍ଛି ପରିହାସ । ଅଳପ ହସି ସଖି-ମୁଖେ ନିବେଶି ହୃଶ ଭାଷନ୍ତି ନରେଶ ।
୨୯ । (୫୨-୫୩) । "କହ ଗୋ ସଖି ତୋ ବୟସିକି କ୍ଷମା କରୁ ହବସର
ଦୋଷ । ଏଥିତ ସେ ନିଶାପର ନିଶ-ଧାତୁ-ଅର୍ଥ-ପ୍ରଦାନେ ସନ୍ତୋଷ । ମୋରେ
ନ କରେ ଯେ । ମୁଖ-ସଖା ପଦ୍ମ-ଶଶୀ । ପରକୁ ହବସ ବିନାଶୁ ଥିଲେହେଁ
ପୂର୍ବକୁ ଥାଏ ପ୍ରକାଶି । ୩୦ (୫୪-୫୫) । ନିଶାରେ ମୋରେ ପୁରୁଷାୟିତେ
ରସି ତୋ ସଖି ଲାଜେ ଜିଣିଛି । ଏବେ ଯେ ଲାଜ କାହାକୁ ଜିଣିବାର ପାଇଁକି ପୁଣି
ଅଧିଛି । ସଖି ପଚାର ଗୋ । ବୟସୀକି ତୋର ବାରେ । ଓଷ୍ଠଦଂଶ-ଦୋଷେ ମୋରେ
ରୁଷିଛି କି ? ବମ୍ବ କି ରୁଷଇ କାରେ । ୩୧ (୫୬-୫୭) । ଶ୍ରୋଣୀ-କ୍ଷତକୁମ୍ଭୀ-କୁମ୍ଭ-
ଶୋଭାବିମ୍ବ-ତସ୍କର ପୟୋଧରରେ । ଦଣ୍ଡଧର ହୋଇ କରେ ତାକୁ ପାଇ ନ ପୀଡ଼ନ୍ତି
କି ବିଚାରେ । ମଧୁ ଅଧରୁ ଯେ । ପିଇ ପିନା ମୁଖ ଦୋଷୀ । ଶିରର ମୋ କିସ
ଦୋଷ ନ ପାରୁଛି ସେ ତା' ପଦ୍ମର ପରଶି । ୩୨ (୫୮-୫୯) । ବାଣୀ ବୁଝିଭାଷୀ
କୋକିଳ ନିଷ୍ଠୁର ବୋଲି କହିବାରୁ ମୋତେ । ଏହାଗିର କଣ୍ଠିଢ଼େର ଶୁଣେ ଏଥି
ଅଛି କି ମୋ ଦୋଷ ସତେ ? । ପୁଛି ସଖି କି ଗୋ । ତୁ ପରି ତା ପ୍ରିୟସହ ।
ତୋତେ ଦେଖି ସତ କହୁ କୃପା ମୋରେ ପୂର୍ବ-ସ୍ନେହ ପାଶୋରଇ" । ୩୩
(୬୦-୬୧) । ତହୁଁ କଳା ସଖୀ-ମୁଖ-ପାଖେ କଲା ଛଳେ ନିଜ-ଶ୍ରୁତି ପୁଣି । ନିଜ-
ମୁଖ ସଖୀ-ଶ୍ରୁତିପାଶେ କରି ଶୁଣାଇଁ ଭାଷଇ ବାଣୀ । 'ରହ ଚତୁର ଗୋ । ନ କହୁ
କିଛିତ ଲବେ । ତୋ ଗୁପ୍ତ-ବୃତ୍ତାନ୍ତ ସମସ୍ତ ଭୂଭୂତ-ମୁଖେ କୁହାଉଛି ଏବେ । ୩୪
(୬୨-୬୩) । ଥିଲୁ ପରି ଶିଖି ମୋଠାରୁ ସକଳ କାମ-ଶାସ୍ତ୍ର-ପଢ଼ା ବେଳେ । ମାତ୍ର
ବିପରୀତେ କାନ୍ତତୁଲେ ମୋତେ କହିଲୁ ନାହିଁ ତ ଛଳେ" । ଏତେ କହନ୍ତେ ଯେ ।
ହେଲେହେଁ ବାଣୀ ମଉନ । ମଧେ ହୁଁ ହୁଁ କରୁଥାଇ କଳା ତାଙ୍କ ଶୁଣିଲା ପ୍ରାୟ ବଚନ ।
୩୫ (୬୪-୬୫) । ରମଣେ ବାଳାର ପ୍ରଗଲ୍‌ଭତା ସତ କଲାବତ ତା'ର ପାଶେ ।
ଯାଇ ଲୀଳାପଦ୍ମେ ତାଡ଼ିତା ହୋଇଣ କଳା ନୃପେ ଗୃହିଁ ଭାଷେ । "ଦେଖ ଭୂପତି ହେ ।
ସ୍ୱାର୍ଥୀ ହେଉ ତୁମ୍ଭପାଇଁ । କୋପେ ସଖୀ ମୋତେ ପଙ୍କଜେ ପ୍ରହାରି ଏବେ ଭୁଭଙ୍ଗେ

ତର୍କିଲ । ୩୬ (୬୬-୬୭) । ବୋଲୁଛି ସଖୀ ‘ଗୋ କଳା ! ତୁ କି ଚନ୍ଦ୍ରେ ଚିହ୍ନିଲୁ ଏ ନଳବୋଲି । ମୁଁ ତ ବିଗୃହୁଛି ଏ ନିଷ୍ଟୟ ଇନ୍ଦ୍ର ମାୟାରୂପ-ଧାରି ବୋଲି । ଇନ୍ଦ୍ରଶଙ୍କାରେ ଗୋ । ଅଛି ଯୁକ୍ତଳ-କାରଣ । ସୁର-ସହତୁଁ ସଦୈନ୍ଦ୍ର-ଯେଣ ସୁର-ନଗରରୁ ଆଗମନ’ । ୩୭ (୬୮-୬୯) । କହୁଛି ସଖୀ ପୁଣି ‘ସେ ସୁରମଣି ମାୟାଜାଳ ହୋଇଥିଲେ । ଗଉତମ-ନାରୀ ଅହଲ୍ୟା ହରବା ଶୁଣିନ୍ତି ମୁଁ ତାଙ୍କ ଭଲେ’ । ଅତି ଚତୁରା ସେ । ବଜ୍ର ଦେଖି ତୁମ୍ଭକରେ । ବଜ୍ରଧାରୀ ବୋଲି ଭାବୁଛି ତୁମ୍ଭଙ୍କ କିସ ଆଶ୍ଚର୍ଯ୍ୟ ଏଥିରେ ? । ୩୮ (୭୦-୭୧) । ଯଦି ପ୍ରକୃତ ନଳ ତୁମ୍ଭେ ଭୂପାଳ ତେବେ ତୁମ୍ଭ ବେନାଙ୍କର । ଅନ୍ୟ-ଅଜ୍ଞାତ ଗୁପ୍ତ-ବୃତ୍ତାନ୍ତ-ବ୍ରାତ କହି ଶଙ୍କା ଦୂରକର” । ଯୁକ୍ତି-ଯୁକତ ଯେ । ସଖୀବାଣୀ ନୃପ ଶୁଣି । ଛଳ ନବାରୁ ପ୍ରେୟସୀ-ଅଭିପ୍ରାୟେ ଶଙ୍କି କହୁଛନ୍ତି ପୁଣି । ୩୯ (୭୨-୭୩) । ‘ହେ ପ୍ରିୟେ ! କପଟେ ନିଦ୍ରା ଯାଇଥିଲୁ ନାଭିରେ ମୁଁ ଦେଉଁକର । ସ୍ପର୍ଶୁଁ ‘ହେମାଙ୍ଗ-ବରଣ ତୁ ପଦ୍ମନାଭି ହେବାର ବିଗୃହ କର । ଅଦ୍ୟ-ସମ୍ଭୋଗେ ଯେ । ଲଜଭୟେ ଗଲୁ ଲୁଚି । ପୀଡ଼ା-ଭୟେ ଅର୍ଦ୍ଧ ଭୋଗଥିଲି ଛାଡ଼ି ତା ଏବେ ଗଲୁ କି ଭୁଲି ? । ୪୦ (୭୪-୭୫) । ଯୁଦ୍ଧେ ଜିଣି ଆସୁଁ ପଯ୍ୟଙ୍କରେ ମୋ କଣ୍ଠେ ଯୋଇଲୁ ବେଳେ କଣ୍ଠଶୋଷ । ଥିବାରୁ ବହୁତ ଲୋକ ପଦାଙ୍ଗୁଳେ ତୋତେ ମୁଁ ଅଲିଙ୍ଗି-ଥିଲି । ପ୍ରୀତି-କୋପରେ ଯେ । ମୋତେ ତେଜି ଦୁଃଖୀହୋଇ । ଗାର ଦେଲୁ ଅମ୍ଭ ଯୁଗ-ଚରଣ-ମଧ୍ୟେ ଏକାନ୍ତେ ଅଦେଖା ପାଇଁ । ୪୧ (୭୬-୭୭) । ସୁରତେ ମୋହିତ ହୋଇ ନୋହି ତୃପ୍ତ ଓଷ୍ଠ-ଚୁମ୍ବନରେ ଧନ । ଜିହ୍ୱା ଚମ୍ଭୁ ଥାଇ ମୁଁ ତୋର ସେ କଥା-ମାନ ଅଛି ହିତ ମନ । କୁଚୁଁନଖର ଯେ । କ୍ଷତ ଘାତ ଅଲିଙ୍ଗନେ । ମୋ ଉରେ ଅଙ୍କିହେଉ ତୋ କୁତବୋଲି ହସି ତେ ସଖୀଙ୍କି ଭଣେ । ୪୨ (୭୮-୭୯) । ପାନଗୋଷ୍ଠୀ ଅନନାରୀଙ୍କ ରସାଉଁ ତୋ ସେଷବାର ତତ୍କ୍ଷଣେ । ଈଷଣୁଁ ମୃଗାକ୍ଷୀମାନେ ଆଉ ଆଉ ପଡ଼ିଥିଲି ତୋ ଚରଣେ । ଅପି ବିଦେଶୁଁ ଯେ । ଦେଖିଲିବେଳେ ମୁଁ ତୋତେ । ପରିହାସ-ସୁଖେ ସଖୀ-ମୁଖେ ଚମ୍ବିବାର ତୋ ଅଛି କି ଚିତ୍ତେ ? । ୪୩ (୮୦-୮୧) । ଥରେ ତୋ ବଦନେ ଅନ୍ନକୁଁ ମୁଁ ପାନ ଥୋଇଥିଲି ତାହା ମାଗି । ମନେ ପଡ଼େ କି ତା ? ଅଗ୍ରସର-ଲାଭ ଜାଣି ମୋର ଶିରସାଙ୍ଗୀ । କରୁ ନଖରେ ଯେ । କ୍ଷତ ଉରେ ବାର ବାର । ବିଲମ୍ବାଇ-ଦେବାପାଇଁ ଭବଲାଭ-ସୁଖେ ମୋ ପୂର୍ବରୁ ତୋର । ୪୪ । (୮୨-୮୩) । ଢଗପଟେ କର-ଲେଉଟାଇ ସଦେ ମୋ ତୁଟିଲେ ପହୁଡ଼ିଥାଉ । ନଥାଏ ତହିଁରେ କେ କା’ର ବଦନ ନ ଶୁହିଁବା ଦୁଃଖ-ଦାଉ । ସଭାମଧ୍ୟରେ ଯେ । ଅନ-ମନା ବେଳେ ଲୋକେ । ନିଜ-ଓଷ୍ଠ-କ୍ଷତ ଦେଖାଇ ତର୍ଜୁ ତୁ ଦୋଷି ବିଗୃହ ମୁଁ ଶଙ୍କେ । ୪୫ (୮୪-୮୫) । ତା ଦେଖି ଲୀଳାକମଳ-ଦୂରଇବା-ଛଳେ

ମୁଁ ଯୋଡ଼ଣ କର । ତୋତେ ଦୋଷମାଗି ନାହିଁକ ଚନ୍ଦ୍ରରେ ? ପ୍ରସନ୍ନ କରାଇବାର । କରେ ନଷରେ ଯେ । ଶର ଦେଇଛ ମୁଁ ପାନ । ତୁ ମଧ୍ୟ ତେମନ୍ତେ ମୋତେ ଦେବାକଥା ନ ବିଗ୍ଭରୁଛୁ କ ମନ ? ୪୬ (୮୬-୮୭) । ମିଥ୍ୟାବାଦୀ ବୋଲି ମୋତେ ତେଜି ଚଳିଗଲୁ ଧନେ ସଖୀପାଶେ । ଯାଇଁ ମୁଁ ତହିଁକି ମୋ ସମ୍ମୁଖେ ଭୂଣ-ଛଣ୍ଡା କ ନାହିଁ ମାନସେ ? । ରତିଦ୍ୱିଗୀଷେ ଯେ । ନପାରୁ ତୁ ପିକଭାଷି । ତେଣୁ ତୋତେ ମୁଁ ଜଦାଘ-ଜଣାଭୁଲେ ଭୁଜ ଦେଇଥାଏ ହସି ।୪୭ (୮୮-୮୯)। ଭ୍ରଷ୍ଟିଲି-ବେଳେ ନବ-ଜନ୍ମ ବସନ୍ତେ ମୁଁ ତୁ ପରିବେଶୁଥାଉ । କାଳେ ସପତ୍ନୀ-ସୁହାଗି ହୋଇଥିବ ବୋଲି ମୋରେ ଦ୍ୱେଷ ବହୁ । ଗୁଡ଼-ଅମ୍ଳ ଯେ । ଭୁଞ୍ଜି ପ୍ରଶଂସିଲେ ତୋତେ । ତହିଁ ସ୍ୱନନ୍ଦା ବାର ଓଷ୍ଠ ଦ୍ୱେଷେ କ ପାରେ ଭାଳ ହୃଦେ ଶବ୍ଦେ ।୪୮। (୯୦-୯୧) । କାମଶ୍ରମେ ମୃଗ-ମଦ-ମିଶ୍ର ଘର୍ମେ ତୋ ମୁଖ ଦଶିଲା ଜାଳ । ତା ବିମ୍ବ ମୋ ଉର-ହାର-ନାୟକରେ ଦଶିବା ସ୍ମରଣ କର । ବନ-ବିହାରେ ଯେ । ତଳେ ପଡ଼ଥିବା ଚଳ- । ଦଳ-ଦଳ ତୋଳି ଭୁଜେ ଧଅ ବୋଲୁଁ ଲାଜେ ଲସ୍ତ ସ୍ୱମା-ବର । ୪୯ (୯୨-୯୩) । ମୁଖୁଁ ଜାଇପାଏ ଚୁମ୍ବି ତୃପ୍ତ ନୋହି ନପାରେ ଚୁମ୍ବି ଯେ ସ୍ଥାନ । ସେ ସ୍ଥାନକୁ ଚୁମ୍ବି 'ରେ ଜୀବଧନ ! ତୋ ସ୍ମୃତି ନୋହୁଛି କ ଧନ୍ୟ । ହେଜ ଚନ୍ଦ୍ରରେ ଗୋ । ସେ ମହାମୋଦ ବିହାର । ଯହିଁ ତୋତେ ପୁଂସଭାବେ ମୁଁ ଭୂଷନ୍ତେ ଲାଜେ ମୁଖ କଲୁ ତଳେ' । ୫୦ (୯୪-୯୫) । ଏମନ୍ତେ ଗୁପ୍ତ-ବୃତ୍ତାନ୍ତ ବୋଲୁଁ କାନ୍ତ କାନ୍ତା ଯାଇ ଲାଜେ ଲୁଚି । ଅପଣା-ପାଣି-ଯୁଗଳରେ ଅଳର-ଶୁତିକ ଦେଲା ଅବର । ନେହ-ଉତ୍ପଳ ଯେ । କର୍ଣ୍ଣେ ପୀଡ଼ୁଛି ଅଳର । ତା ଗୃହିଁ କ ବାଳୀ-କର-କୋକନଦ ସେ କର୍ଣ୍ଣେ କଲା ପ୍ରହାର । ୫୧ (୯୬-୯୭) । 'ଏତକଥା ସଖୀ-କର୍ଣ୍ଣେ ପଶିଛତ ପୁଣି କ ସିବ ବାହାର' । ବିଗ୍ଭର ପତ୍ନୀ ବା କରଯୁଗେ ସଖୀ-କର୍ଣ୍ଣେ ପକାଏ ଅବର । ଦେଖି ପ୍ରିୟାର ଯେ । ଏ ଲୀଳା ହସନ୍ତି ପ୍ରିୟ । ନବୁଝି ତତ୍ତ୍ୱ ହସ ଦେଖି ହସିଲେ ଦୂରୁ ଅନ-ସଖୀଚୟ । ୫୨ (୯୮-୯୯) । ଧଗ୍-ଅପସର ସେ ଅଳ-ଜକର ନୃପତ-ଦମ୍ପତି-ଶିରେ । ସୁରଭି-ମୁଖ-ମାରୁତେ ମୃଦୁହାସ-ସୁମନ କ ବରଷିଲେ । ଚନ୍ଦ୍ର-ଆଲୋକୁଁ ଯେ । ଜାତ କୁମୁଦ-ବିକାଶ- । ବତ ନୃପମୁଖ-ଜାତ-ହାସ୍ୟେ ସଖୀ-ହାସ୍ୟ ଶୋଭିଲା ବିଶେଷ । ୫୩ (୧୦୦-୧୦୧) । ନୃପଷ-ସଖୀ-ସ୍ୱରକୁ ହାସ୍ୟେ ପାଶେ ବାର ସୁଚତୁରୀ କଲା । ମନେ ମନେ ଦମ୍ଭହୋଇ ଉଚେ ତାକ ପକ୍ଷ-ସଖୀଙ୍କି ଭାଷିଲା । "ହେଲୁ ବଞ୍ଚିତା ଲୋ । ସଙ୍ଗୀତ ସ୍ୱରଗ-ସୁଖେ । ନୃପଚନ୍ଦ୍ର-ଗିର-ପୀୟୂଷ-ପ୍ରବାହ ନ ଗୃଷିଲୁ ଯାହା ରେଖେ' । ୫୪ (୧୦୨-୧୦୩) । ଏକ-ଗ୍ରାମ-ଜନ ଅନ-ଗ୍ରାମସ୍ୱନ କଷ୍ଟତ ଶୁଣିଲାପର । ଭୂପାଳ-ବାଣୀ ଅଳପ ଥିଲା ଶୁଣି କଳାର ସେ ସଙ୍ଗୀଅଳ । କଳା ପଶ୍ଚାତେ ଯେ । ରହ ପତ୍ନୀ-ପତିବାଣୀ । ଶୁଣି ମୁଖଭଙ୍ଗି କରୁ ପତିଶିର-ବଢ଼େ ତା

ହୋଇଲା ଜାଣି । ୫୫ (୧୦୪-୧୦୫) । ସେ ଭଙ୍ଗିରୁ ନୃପବଚନ-ଭାବାର୍ଥ ବାର କଳା ମନ୍ଦୁଷୀର । ଲଜ୍ଜାଦି ଅନୁକରୁଁ ପଢ଼ ଯୁବତୀ ହେଲେ ଆଶ୍ଚର୍ଯ୍ୟ ଅପାର । ଚଟଭ ଭାଳନ୍ତି ସେ । 'ହେଲେହେଁ ଶ୍ରୁତି-ପଦ୍ଧତି । ଆମ୍ଭ ଉକ୍ତି-ଜତର ଅର୍ଥ କଳା ବାର-ପାରିଲା କେମନ୍ତ ? ୫୬ (୧୦୬) । ଅନୁକର କରୁ କହେ କଳା ପୁଣି 'ଶୁଣିଲଇ ମୁଁ ସମସ୍ତ । ମୋ ଶୁଣିବା କଥା ଯେବେ ମିଥ୍ୟାହେବ ତେବେ ମୋ ଦେବତା ବ୍ୟର୍ଥ । ଦେବ ! ନବାର ହେ । ମୋ କର୍ଣ୍ଣଭୂଷା ପୀଡ଼ନେ । ତର୍ଜପ୍ର ଯୁକର-ବେଦନା-ସଞ୍ଜାତ ଉଚିତ କି ଘେନ ମନେ' । ୫୭ (୧୦୭-୧୦୮) । 'ବୃଥା ଶ୍ରମ ପ୍ରତ୍ୟେ ନକର' ଦସ୍ଥିତ ବୋଲୁଁ ଯୋଷିତ ତା ପାଳ । ବାଳୀକର-ପୀଡ଼ା-ପେଡ଼ାରୁ ଅଳର ଶ୍ରବଣ ଗଲା ମୁକୁଳ । ଦ୍ରୁତ ମୁକତ ସେ- । ବଣେ କର୍ଣ୍ଣମଧ୍ୟେ ତା'ର । ଜାତ ଗୁମୁ-ଗୁମୁ-ଧ୍ୱନି ମଧ୍ୟେ ବାଦ୍ୟ-ଶବ୍ଦ ହେଲା ତାଳ ତୁଲ୍ୟ । ୫୮ (୧୦୯-୧୧୦) । କଛ ଦୂରଯାଇ ଆନନ୍ଦିତ ହୋଇ ଅଳପ ହସି ସେ କଳା । ସ୍ୱପକ୍ଷ-ସଖୀ-ପାଖେ ଯାଇ ବିନୟେ ତାକୁ ଏମନ୍ତ କହିଲା । 'ଆଜ ସଙ୍ଗାତ ଟୋ । ଏ ମାନଙ୍କ କଥାଯେତେ । ଶୁଣିଛ ମୁଁ ତୋତେ କହିବି କହିବୁ ଯାହା ଶୁଣିଛୁ ତୁ ମୋତେ' । ୫୯ (୧୧୧-୧୧୨) । ଶୁଣି ଏକଥା କଳାର, ତା'ର ପୂର୍ବ-ମିଥ୍ୟା-ଶ୍ରବଣାଭିନୟ- । ବିଷୟ ବିସ୍ତର ମସାଣ-ମହିଷୀ ହୋଇଲେ ଅତି ବିସ୍ମୟ । ନୃପ କହନ୍ତି ସେ । ତହୁଁ କଳାକୁ ଅନାଇଁ । 'ଯେବେ ଆମ୍ଭଙ୍କୁ ବଞ୍ଚାଇଲୁ ମିଥ୍ୟାରେ ରହ ତେବେ ଯିବୁ କାହିଁ' । ୬୦ (୧୧୩-୧୧୪) । କଳା ବୋଲେ "ଦେବ ! ପ୍ରେୟସୀର ପ୍ରିୟ-ପରଶରେ ଅନୃତ- । ଭାଷଣ ଅଳକ କେତେକାଳ ହେଲା କଲେଣି ଅଶଙ୍କା ଚିତ୍ତ । ଦେବ ! ସେକାଳେ ଯେ । ଥିଲି 'ଗୁମୁ ଗୁମୁ' ଶୁଣି । କହିଲି ସିନା ତା'; ତୁମ୍ଭକଥା ଶୁଣି-ଥିବାର ଅଛି କି ଭଣି ? ୬୧ (୧୧୫-୧୧୬) । ବିନୟେ ଜଣାଉଛି ହେ ଭୂପ ! ପୂର୍ବ ଶପଥ ନୁହେ ମୋ ସତ । ସତ୍ୟ ଶପଥ ହେଲେହେଁ ଦେବ-ସମ୍ବନ୍ଧରେ ଜନ୍ମଇ ଅନର୍ଥ । 'ନାହିଁ ସତ୍ୟମାଗି' ସେ । ବୋଲି ପ୍ରତାରିଲ ମୋତେ । ଅଯୋଗ୍ୟ ସେବକା ପ୍ରଭୁଙ୍କୁ ତାହାର ପ୍ରତାରିବ ବା କେମନ୍ତେ" । ୬୨ । ତଦନ୍ତେ ସେ ସଖୀ ବେନି ହସି ହସି ଅଳ୍ପ ଅଳ୍ପ ବିସ୍ମୟରେ । ରୁନ୍ଧି ରୁନ୍ଧି କଣ୍ଠେ କୁହା-କୁହି ହେଉଥାନ୍ତି ଶ୍ରୁତ ବିଷୟରେ । ସଖୀ କଳାର ସେ । ଭାଟେ ମହିଷୀଙ୍କି ଚାହିଁ । 'ନରୁଷ ରହସ୍ୟ ତୋ ଏ ସଖୀ ଏକ କଣ୍ଠେ ମାତ୍ର ଅଛି କହି' । ୬୩ (୧୧୯-୧୨୦) । ଶୁଣି ସଖୀ-ଉକ୍ତି ଭାଷନ୍ତି ଭୂପତି ପ୍ରିୟବତୀ-ମୁଖ ଚାହିଁ । "ଦେଖିଲୁ କି କୃଷ୍ଟ-ପଟୁତା ସଖୀଙ୍କ ? ତାଙ୍କୁ କି ବିଶ୍ୱାସଯାଇ" । କଳା ବୋଲଇ ସେ । 'ପତି ଗୁପ୍ତକଥା ତୋର । କା'ରେ ନ କହନ୍ତି; ଏଣୁ ତାଙ୍କୁ ଏଥି ବିଷୟେ ବିଶ୍ୱାସ-କର' । ୬୪ (୧୨୧-୧୨୨) । କଳା ଏମନ୍ତେ ସମାନ ବିପକ୍ଷତା କରୁ ନୃପତି କହନ୍ତି । 'ଏ ବେନିଙ୍କୁ ବାପୁଁ ବାହାର କରନ୍ତି ଦେବୁ ଯେବେ

ଅନୁମର୍ତ୍ତ । ଶିର କମ୍ପାଇ ସେ । ଠାରୁଁ ବାଳୀ ନୃପ କର । କୋରକିତ କର ସେଙ୍କ ସଖୀଯୁଗ ଉପରେ ସିଞ୍ଚିଲେ ନୀର । ୬୫ (୧୬୩-୧୬୪) । ଇଚ୍ଛାମାତ୍ରେ ନୃପ-କରୁ ସଡ଼ ଅପ ଉନ୍ମାଇଲା ସଖୀବାସ । ଶୂନ୍ୟ ନୀରଜାତ ବଳେ କି ବସ୍ତ୍ର ହେଲେ ସେ ସଖୀ ବିଶେଷ । ବର-ପ୍ରଭାବେ ଯେ । ନଳକୁ ମିଳିଥି ଜଳ । ତେଣୁ ବିସ୍ମୟେ ନୀରେ ନୃପ ସଖିଙ୍କ ଅର୍ଦ୍ର କଲେ ହୃଦସ୍ଥଳ । ୬୬ (୧୬୫-୧୬୬) । "ପ୍ରିୟେ ! ସୟେ ସଖୀ-ଦ୍ୱୟ-ବାସ ଅର୍ଦ୍ର ହେଉ ସ୍ଫୁଟି ଦିଶେ ସ୍ତନ । ବିଶ୍ୱ ଅଛନ୍ତି ସେ ଦୁହେଁ ଦେଖ ଏବେ ବୌଦ୍ଧ ସନ୍ନ୍ୟାସୀ ସମାନ । ଯାଉନାହାନ୍ତି ସେ । ତଥାପି ତେଜ ଏ ପୁର । ଦେଖ ମୋ ଆଗେ" ବୋଲି ନୃପ ସତ୍ୱରେ ପ୍ରିୟାକୁ ଭାଷନ୍ତି ଗିର । ୬୭ (୧୬୭-୧୬୮) । ଶମ୍ବର ନାମତ ଜଳର ତା ମାୟା-ପଟୁତା କି ପ୍ରକାଶିଲା । ନୋହିଲେ ସେ ଲାଗୁଁ ବାସଥାଇ ସଖୀଅଙ୍ଗ କେମନ୍ତ ଦିଶିଲା । ଅବା ଅମ୍ବର ଯେ । ବାସକୁ ଲୋକେ ବୋଲନ୍ତି । ତେଣୁ ଅବୃତ ପଦାର୍ଥ ସ୍ଫୁଟି ଦିଶେ ହାରତାର ସଙ୍କେତନ୍ତି । ୬୮ (୧୬୯-୧୭୦) । ନିଜ-ଅବସ୍ଥା ବିଲୋକି ଲାଜେ ସଖୀ ସଦନୁଁ ଗଲେ ବାହାର । ତହୁଁ ଅନ୍ୟସଖୀମାନେ ତାଙ୍କୁ ଦେଖିବାକୁ ଆସିଗଲେ ନିଜ । ଗୃହେଁ ସ୍ୱଣୀଙ୍କି ଯେ । ଭାଷନ୍ତି ସଖୀ ନିକର । 'ରେ ଧୀର ! ରହସ୍ୟ ତୋ ଯାଙ୍କୁ ବିଦିତ ତାଙ୍କୁ ଉପେକ୍ଷା ନକର' । ୬୯ (୧୭୧-୧୭୨) । ସଖୀବାଣୀ ଶୁଣି ନୃପ ଉଚ୍ଚେ ଭଣି 'ହେ ସଖି ! ସଖୀ ତୁମ୍ଭର । କହେ ତା ଗୁପ୍ତ ବୃତ୍ତାନ୍ତ ସେ, ଜାଣନ୍ତି ଗୁପତ ଅଙ୍ଗ ତାଙ୍କର । ମୁହିଁ ଦେଖିଛି ଯେ । ସେ ଅମ୍ବ ବିରୋଧ ତେଣୁ । ସତ ନକର ତାଙ୍କ କଥା ମିଥ୍ୟାରେ ସ୍ୱଣୀ ସେ ବିଧିରେ ଯେଣୁ । ୭୦ (୧୭୩-୧୭୪) । କୀର୍ତ୍ତି-ଧାରେ ପୂତ ମନୋଜ୍ଞ ଚରିତ ହୋଇଥିଲେହେଁ ଅଛର । ମିଥ୍ୟାଦୋଷ-କାଳ ବୋଲିବାରେ ତହିଁ ଶିଳ୍ପୀ ନୁହଇ କେ ନର' । ଏହା ଶୁଣିଣ ଯେ । ସଖିସଙ୍ଗେ କଲା କହେ । 'କହିବୁଁ ତାହା ଯାହାପାଇଁ ହୋଇଛୁଁ ତଡ଼ା ବାନ୍ଧି ଅମ୍ଭେ ଦୁହେଁ । ୭୧ (୧୭୫-୧୭୬) । ଏପରି ଅଶ୍ଳୀଳ-ଗିରେ କରଠାର ବୃଦ୍ଧ କଞ୍ଚୁକୀ ବାରନ୍ତେ । ବାର୍ଦ୍ଧକ୍ୟ ତା'କର ସଦା-ଥରିବାରୁ ତର୍କି ନ ପାରିଲେ ଠନ୍ତେ । ସଖିଯୁଗଳ ଯେ । ତହୁଁ କଞ୍ଚୁକୀ ତର୍କିଲା । 'ଲାଜ ନାହିଁକି ? ଅଶ୍ଳୀଳ କଥା କହ ବେଗେ ଏଥୁଁ ପଳା ପଳା । ୭୨ (୧୭୭-୧୭୮) । କଞ୍ଚୁକୀ-ଭୟରେ ସେ ସଖୀଯୁଗଳ କଞ୍ଚୁକୀ ନୃପ-ଭୟରେ । ପଳାଇଲେ ସଖୀ-ଭାଷଜାତ ଲଜ୍ଜା ଥିବି ଦମୟନ୍ତୀରେ । ଦେଲା ଲୁଆଇଁ ଯେ । ତା ମୁଖ-ସରସୀ-ରୁହ । ଭାଷନ୍ତି ନୃପ 'ସଖୀ ଯା'ର ନିଷ୍ଠ୍କା ସେ ଏମନ୍ତ କପଁ କହ ? । ୭୩ (୧୭୯) । ମୁଖ ତୋର ସଉନ୍ଦର୍ଯ୍ୟର ଆକର ନାହିଁ ନିଷ୍କ୍ରତା ଲେଶ । ଅତିକୋପ-ତାପେ କଟୁକ୍ତି ରଡଏ ତହୁଁ ନୋହେ ଯା ପ୍ରକାଶ । ଏତ ଆଶ୍ଚର୍ଯ୍ୟ ଯେ । ଏତେ କହି ଉଚ୍ଚେ ଧରି । ପ୍ରିୟାକୁ ସ୍ପର୍ଶ ସୁଖେ ମୁଦ୍ଧ ନୟନ

ପକ୍ଷ୍ମଢ଼ଲେ ଦଣ୍ଡଧାର୍ଯ୍ୟ ।୭୪। (୧୪୦-୧୪୧) । ସ୍ତନେ କର ଦେଇ ନିତମ୍ବ-ବସନ
ମଧ୍ୟେ ପ୍ରସାରଇ କର । କଲେ ସାର୍ଥକ ପାଣିଗ୍ରହେ ଗ୍ରହଣ-କରଣ ଶ୍ରମ କରର । ନର-
ବାସବ ଯେ । ବହୁ ଭରେ ପ୍ରୟସୀଙ୍କ । ପ୍ରକାଶିଲେ କି ସେ ବିବାହେ ନିଜର ଉଦ୍ବାହ-
କର୍ତ୍ତା-ଖ୍ୟାତିକି ? ।୭୫। (୧୪୨-୧୪୩) । ନର୍ତ୍ତିବ-ପରରମ୍ଭ ଗାଢ଼-ମର୍ଦ୍ଦନେ ଅଙ୍ଗୁଳି-
ସ୍ୱେଦ-ପରଶେ । କୁଚ-ଯୁଗଚୂଚ୍ଚ ଚମରମଦ-ଚୟ ଲଭିଣ ଗଲା ନିମିଷେ । ତହିଁ ପାଇଲା
ଯେ । ପୟୋଧର ମହାପୀଡ଼ା । ତା ପରିହବସ ବୟସୀର ଆସ୍ୟ ସମୀର ସେ କଲା
କ୍ରୀଡ଼ା ।୭୬। (୧୪୪) ସ୍ତନେ ନଖ-କ୍ଷତ କରି ଚମକ୍ରୃତ ହେଉ କାନ୍ତ କାନ୍ତା ହସି ।
ବକ୍ଷେ ଗୃହିଁ।କ୍ଷେ ଭଣନ୍ତି କାନ୍ତ, 'ଅରେ ଗଣବଣା-ଏଣୀଦୃଗି । ଉବେ କରଜରେ ।
କ୍ଷତ କରି କି କିଶୋର । ନୋହିଲି ଚିର ବୋଲୁଥାଇ ପଥ୍ୟ ମୁଁ ଥାଏ ତହିଁ ସଦା
ପୂର ।୭୭। (୧୪୫) । ଖଳ ଦୁର୍ମୁଖେ ଦୋଷୀବତ ନିର୍ଦ୍ଦୋଷ ଲୋକକୁ ଅପବଦନ୍ତି ।
ଅଣୁଛିବତ ତୋ ବିଶୁଦ୍ଧ-ଉରେ-ଯା କରଜ କଲା ମୋ କ୍ଷତ । ଏ ତ ଅଯୁକ୍ତ ଯେ ।
ଦୋଷୀକୁ ଦଣ୍ଡ ଉଚିତ । ତେଣୁ ମୋତେ ଯାହା ଉଚିତ ତୋ ଚିତ୍ତେ ଦିଅ ଦଣ୍ଡ
ପ୍ରାଣମିତ ।୭୮। (୧୪୬) । ସୂକ୍ଷ୍ମ-ସୂତ୍ର-ବିନିର୍ମିତ ବସ୍ତ୍ର ତୋର ସୁଦଶା ତାହାର ସତ ।
ତୋ ଊରୁ-ନିତମ୍ବ-ସ୍ତନଯୁଗ-ଯାକ ନୋହିଲେ କି ତହିଁ ବୃତ ? । ଦିଶୁଁ ନିତମ୍ବ
ଯେ । ଫିଟି ସମ୍ପର୍କ ସିକ୍ତ ବାସେ । ଦୀର୍ଘ ଶ୍ୱାସ ମାରି ନିନ୍ଦୁଥାନ୍ତି ନୃପ ସେ ଦିବା-ସ୍ପର୍ଶ-
ଅପୁଷେ ।୭୯। (୧୪୭-୧୪୮) । ଓଷ୍ଠ ନିକଟେ ଦଂଶି ନୃପ ଅନୃତଚୁମ୍ବନାଭିନୟ
କରି । ଭଣନ୍ତି, 'ପ୍ରସନ୍ନ ହୁଅ କାମଦାଉ ନୁହଇ ସହି କିଶୋରି' । ଶୁଣି ଏମନ୍ତ ଯେ ।
କାନ୍ତ-କଉତୁକ-ବାଣୀ । ପୂର୍ବ-ଲବ୍ଧ-ତୋଷ-ସ୍ଥଳେ ବଳେ ରୋଷ ବଢ଼ାଇଲା ବାଳା-
ମଣି ।୮୦। (୧୪୯-୧୫୦) । ମୁଖୁଁ ସ୍ତନେ ସ୍ତନୁଁ ସ୍ଥୂଳବକ୍ଷ-ଜାନୁଯୁଗେ ପଡ଼-ନେତ୍ର
ପାତ । ଦେଖି ଅଧୀରତା କାନ୍ତର ବିଗ୍ରହ ବଳାତ୍କାର ଭଳି ଚିତ୍ତ । ରୁରୁନୟନା ଯେ ।
ହୋଇ ଉତ୍କଣ୍ଠିତା ଅତି । କଲା ବିଜେ କଷ୍ଟ ଗତ ରହିଛନ୍ତି ଯହିଁ ସଙ୍ଗ-ସଖୀତତି ।୮୧।
(୧୫୧-୧୫୨) । ଜଳ-ସମ୍ଭୋଗ-ଲୋଭୀ ସ୍ତନ-ନିତମ୍ବଯୁଗ ବାଳା-ଗତିକାଳେ ।
ପାରିବା ପର୍ଯ୍ୟନ୍ତ ନିଜର ଗମନେ ବାଧା ଜନମାଉଁ ଥିଲେ । ବାହୁ ବିଶାଳ ଯେ ।
ଗଜବନ୍ଧା-ସ୍ତମ୍ଭ-ପରି । ହେଲେହେଁ ସ୍ପର୍ଶସୁଖୁଁ ଜଡ଼ କରିବେ କାନ୍ତ ନ ପାରିଲେ ବାରି ।
୮୨। (୧୫୩-୧୫୪) । "ଥିଲିଙ୍ଗ ଅଲିଙ୍ଗ ମୋତେ ଆସ ଆସ" ଭୁଜ ଭୁଜେ କହୁ
ଯତ । ହସି ଅଳପ ଦେଇଲ ବକ୍ର ବାଳୀ ଅଳି-ପାଶେ କଲା ଗତ । କରି ଏପରି ଯେ ।
ଅପ୍ରିୟ-କଥା ପ୍ରିୟର । ହେଲା ସନ୍ତାପି ନ ଫେରିଲା ନ ଗଲା ଲଜ୍ଜେ ଅଳିଙ୍କ ପାଶର ।
୮୩। (୧୫୫-୧୫୬) । ଏକାଳେ ଆସି ବୈତାଳିକ-ରମଣୀ ଜଣାଏଁ ନୃପ-ଶ୍ରମୁରେ ।
'ଜୟ ଜୟ ଦେବ ! ମଧ୍ୟାହ୍ନ ହୋଇଲା; ମଣି ତପତି ତାପରେ, ହୋଇ ଅଶାନ୍ତି ଯେ ।
ଏବେ ଅଛି ଖାଳ ରହି । ତବ ଅଭିଷେକ-ସୁବାସ-ସଲିଳ-ପୋଷେ ଶୋଷିବାର ପାଇଁ ।

୮୪। (୧୫୭)। ଗଙ୍ଗାରୁ ଅଗାଧ ଶଙ୍ଖ-ଶ୍ୱେତ ଜଳ ତବ କୁଣ୍ଡଳ-କାନ୍ତରେ । ଲଭି ସମ୍ମିଳନ ଉଚ୍ଚାବଚ-ବୀଚି-ଗୁରୁତ୍ୱ-ରଚନେ ହେଲେ । ମନ କଳାଣି ଯେ । ଯମୁନା ସଙ୍ଗେ ତା ମେଳ । ହେଲାପରି ତୁମ୍ଭ କୁଣ୍ଡଳ-କାନ୍ତରେ ଦର୍ଶିବ ମଧ୍ୟାମଞ୍ଜୁଳ ।୮୫। (୧୫୮) । ଏବେ ତବ-ବଡ ଅଖଣ୍ଡିତ-ପ୍ରତାପବହ୍ନି ଅମ୍ବୁକ-ଜନକ । ସଂସାର-ପରେ ବହୁବୃଦ୍ଧନ୍ତୁ ଦେଖି ନାଶି ନିଶାତମ-ପଙ୍କ । ମ୍ଲାନ ବଢାଇ ଯେ । ଶଙ୍କର-ପୂଜନ-ପୁଣ୍ୟେ । ଅଧିକୁଁ ଅଧିକ ହୁଅ ଅଧିକୃତ ହେଉ ସବିତା ଅପଣେ ।୮୬। (୧୫୯) । ଶିବ-ପୂଜାବେଳ ହେଲେହେଁ ନିକଟ ପ୍ରିୟା-ବିଚ୍ଛେଦ-ଦୁଃଖରେ । ଗତ ପ୍ରେୟସୀ ଅଗତ ହେବ ଅବା ବହୁର ଦ୍ୱାର ପାଶରେ । ଦେଇ ଦୃଷ୍ଟିକି ଯେ । ବାର ବାର ନରପତି । ବଳେ ସେ ସୁଖ ଲଭିଲ-ବତ ଅଳସରେ ତଳପ ତେଜନ୍ତୁ ।୮୭। (୧୬୦) । ଅନେ ଅନବରତ ରସ-ପ୍ରବାହ ପ୍ରସବିବାରେ ସାଧୁ । ଶ୍ରୀ ହୀର-ମାମଲ୍ଲଦେବୀ-ସୁଖଜଳ-ନିଧିର କୁମୁଦବନ୍ଧୁ । ହର୍ଷ-ଭାବକୁ ଯେ । ହର୍ଷେ ହୃଦୟରେ ସ୍ଥାପି । ଭଣେ ଗୋପୀନାଥ ହରି-ସତି-ତାତ-ସୁର-ପରପଦ ଜପି ।୮୮।

ଏକବିଂଶ ଛାନ୍ଦ ।

ରାଗ ବସନ୍ତ—ଗୁଣ୍ଡିରବସନ୍ତ ବାଣୀ ।

ଦମୟନ୍ତୀ ପୁରୁଁ ନିଷଧ-ଈଶ ବିଜେ ହେବାବେଳେ ନୃପତିବଂଶ
ରହି ତ ଥିଲେ ଯାକ ସେବାପାଇଁ କର-ପଲ୍ଲବକୁ କର ବଢାଇ
ପ୍ରକାଶ କି କଲେ ?
ନିଜ-କରଦ-ପଣକୁ ଦେଖାଲେ ।୧।

ସୁବର୍ଣ୍ଣ-ବସନାବୃତ ସରଣୀ । ନଳ-ପାଦତଳେ କଠିନ ଜାଣି । ନିଜ-ଶିରର ସୁମନସ-ହାର । ପ୍ରଣାମ-ସମୟେ ନୃପ-ନିକର । ହୃଦୟ-ପାଶରୁ । କଲେ ପଥକୁ ମୃଦୁତର ଗୁରୁ ।୨। ହେବାକୁ ଦୃଷ୍ଟିଲାଭେ କୃତ-କୃତ୍ୟ । ଭୂପାଳେ ଦେଶ ବିଦେଶୁଁ ଅଗତ । ରସାଣି ଉଜ୍ଜ୍ୱଳ କରି ଯତନେ । ନିଜ-ଦେଶ-ଜାତ ନାନାରତନେ । ଦେଲେ ଉପହାର । ରାଜାଧିରାଜ-ସରେନ୍ଦ୍ର-ପଥର ।୩। ଭ୍ରୂଭଙ୍ଗୀ ନେହ ଇଙ୍ଗିତା-ଙ୍କଳ- । ସଙ୍କେତେ ଉପନ୍ୟୂତ-ବହୁପାଳ । ଏକ ନୃପତିର ଆନ ଭୂପାଳେ । ନିଷଧ-ଈଶ୍ୱର ବିତରି ଦେଲେ । ନୃପେ ନୃପେଶ୍ୱର- । ପ୍ରସାଦ ଲଭି ସନ୍ତୋଷ ଅପାର ।୪। ମଙ୍ଗଳ ପୃଚ୍ଛି ଲୁଣ୍ଠିଲ ବଚନେ । ତୋଷି ବିଦାଦେଇ କେତେ ସ୍ୱଜନେ । ଶିଷ୍ୟଭାବେ

ଶିକ୍ଷା ଲଭିବାପାଇଁ । ଥିଲେ ଯେତେକ ବାଜି ନରପାଇଁ । ଅସ୍ତ୍ରାସ୍ତ୍ର ପ୍ରୟୋଗେ । ଶିଖାଇଲେ ତାଙ୍କୁ ନଳ ସମ୍ବେଗେ । ୫ । ମର୍ତ୍ତ୍ୟେ ଯେ ଶସ୍ତ୍ରର ଅଳ୍ପ ପ୍ରବୃତ୍ତି । ଶିଖାଇ ତା'ର ପ୍ରୟୋଗ ସଂହାର । ଶିଷ୍ୟ-ସମୂହେ ପରିଶ୍ରମ-ବଶେ । ମଣ୍ଡୁ କପୋଳ ସ୍ୱେଦ-ବିନ୍ଦୁ-ବଂଶେ । ବହେ ଶ୍ୱାସ ଖର । ଅବଗାହେ ନୃପତି-ମନ ଲୋଳ । ୬ । ଉଚ୍ଛଳୁଥୁ ସ୍ମୃତ-ଲୋଚନା-ଚୟ । ସୁଗନ୍ଧଦ୍ରବ୍ୟେ ମର୍ଦ୍ଦି ନୃପକାୟ । ପରେ ମୃଗମଦ ଲେପନ କରି । ଢାଳିଲେ ସୁବାସେ ବାସିତ ବାରି । ସେ ବାରିର ଅଳ- । ପାଳିଥିଲେ ଅନୁ-ସରଣେ ମିଳି । ୭ । ଅପ୍ସ ଶୁଚି ପୁରୋହିତ ସେ କାଳେ । ଜଳଧିରୁ ଢାଳି ତୀର୍ଥ-ସଲିଳେ । ପୃଥୁ-ତପଫଳେ ଦୃଢ଼ ଭୂଭୁଜେ । କଲେ ଅଭିଷେକ ବିଧାନ ମତେ । ନୃପ ସ୍ନାନ-ଶେଷେ । ବହିଲେ ବେଦି-କବେଦରେ କୁଶେ । ୮ । ଅବଳାକୁଚ-ଯୁଗ ସଙ୍ଗୁ ଦୂର । ହେଉ ଜନ୍ମିଲା ବିରହ ଅନଳ । ନାମ ତା'ର ଧୂମକେତନ ସତ । ଏଣୁ କି ତା'ର ଧୂମ-ଶିଖା-ବତ । ଦିଶିଲା ସୁନ୍ଦର । ହେଲା କି ଦଶା ବିଚ୍ଛେଦୀ କରର । ୯ । ଆଚମନ କରିବାକୁ ଭୂପାଳ । କର-ବୃନ୍ତୁକେ କରୁ ଗଙ୍ଗାଜଳ । ଭୂତଳେ ସେ ତ ନର୍ମଳେ ଅତୁଳ । ପଡ଼ିଲା ତହିଁ ବିମ୍ବ ବିଧୁବର । ଦାନ ପାଇଁ ମାର । ଦେଲା କି କରେ ତାଙ୍କ ସ୍ମର-ପୁର । ୧୦ । ଦମୟନ୍ତୀ ପାଶୁଁ ଅବକାଶ । ହୋଇଥିଲେ ସ୍ନାନ-ସମୟେ ଦୂର । ସେ ସୁଯୋଗ ଜଗିଥିଲା ଛିଡ଼ି କି ? । ଚଞ୍ଚଳା ହୋଇ ଅଲିଙ୍ଗିଲା ପଡିକି । ପ୍ରତି ଅବୟବେ । ସଲିଳେ ସେତ କୋମଳ ସ୍ୱଭାବେ । ୧୧ । ଯା ଅଗ୍ରମଧ୍ୟ ମୂଳେ ହରି ହର । ବିରଞ୍ଚି କ୍ରମରେ ନିବାସ କରି । ତାଙ୍କ କମଣ୍ଡଳୁ ପଯୃର ଶରେ । ଗଙ୍ଗାତ ଯଥାକ୍ରମରେ ବହିବେ । ସେ କୁଶ-ଶିଖରେ । ସ୍ରବ ଗଙ୍ଗୋଦ ପଡ଼େ ନୃପ-ଶିରେ । ୧୨ । ଜଳେ ଅବତରି ନୃପଶେଖର । ପ୍ରାଣାୟାମେ ମତି କରନ୍ତେ ସ୍ଥିର । ଅପୂର୍ବ ସୁଷମା ଦିଶଇ ତହିଁ । ମନ୍ଥନ ପୂର୍ବରୁ ସାଗରପାଇଁ ।—ଗଭୀର-ସଲିଳେ । ପୂର୍ଣ୍ଣ-ସୁଧାଂଶୁ ଅଙ୍କିତ ସଲୀଳେ । ୧୩ । ଭୁବି-ମନୋଦ୍ଭବ ସେ ଦଣ୍ଡଧାରୀ । ଦିଗମ୍ବର ହରେ ବାଦ କି କରି । ପିନ୍ଧିଲେ ଦଶାନ୍ତ ଅମ୍ବର । ମହାବିସ୍ମିତ ସେ ଅତି ରୁଚିର । ଶୁଭ୍ରଅଭ୍ରବତ । ନୁହେ ବିବିଧଚନ୍ଦ୍ରେ ତାରକିତ । ୧୪ । ସନ୍ତତ ବିଦର୍ଭ-ପତି-ସନ୍ତତି ।—କଟିକି ଗତି କରୁଥିବା ମତି । ରୋଧିବାପାଇଁକି କରି ବିଗ୍ରହ । ସେ ରାଜର୍ଷି-ଶ୍ରେଷ୍ଠ ନରବର । ଉତ୍ତରୀୟ ବାସ ।—ବେଢ଼ାଇଲେ ବାନ୍ଧିଲେ ହୃଦ-ଦେଶ । ୧୫ । କେଶ-ଶେଷ-ଜଳବିନ୍ଦୁ-ଦଶନା । ସ୍ନାନବାରି-ଘଟ-ପୀବର-ସ୍ତନା । ଗଉରମୃତ୍ତିକା-ଛଟା-ବଦନା । ସ୍ନାନଦା ସୁଭଗା ଶିଖି ନବୀନା । ନବପତିବରେ । କଲା ଅଲିଙ୍ଗନ ସେ ସମୟରେ । ୧୬ । ବର୍ତ୍ତି-ଶୁଭ୍ରତାରେ ନେତ୍ର ଅକୃଷ୍ଟ । ଶୀତଳ-ତାରେ ଚର୍ମ ପରିତୁଷ୍ଟ । ଜଳମନ୍ଦ-ଶବଣରେ ଶ୍ରବଣ । ରସନା ରସଆସ୍ୱାଦରେ ପୁଣ । ହେଉ ନୃପତିର । ନାସା ସୁବାସେ ରସିଲା ନିକର । ୧୭ । କର୍ମ୍ମଳବର୍ତ୍ତି ସୁବିଶୁଦ୍ଧ

ରାଜ । ବେଦମନ୍ତ୍ର ଜପୁଁ ନିଷଧରାଜ । ସ୍ଫଟିକ-ଅକ୍ଷମାଳା-ଛଳେ କି ସେ । ଆସି ଅଶ୍ରିଲେ ନୃପକରଦେଶେ । ଅଶଙ୍କା ଏମନ୍ତେ । ଦରଶକ ଚିତ୍ତେ ଜାତ ଭୁଷ୍ଟତେ ।୧୮। ଅଙ୍ଗୁଳିପର୍ବେ ଥିବା ଯବ ଚିହ୍ନ । ଦେବତର୍ପଣ-ସମୟେ ପ୍ରଦାନ । ଯବକୁ କଲା କି ସେ ବେଦଗୁଣ । ତା ଦେଖି କର-କୃଷ୍ଣତିଳ ସେହି । ପିତୃ-ତର୍ପଣରେ । ଜଳମିଶ୍ରି ତିଳ ଦ୍ୱିଗୁଣ କରେ । ୧୯ । ପ୍ରକ୍ଷାଳି କର ପଦ୍ମର ପଦ୍ମରେ । ହୋଇ ପୂତ ନୃପ ଅନ୍ୟପଦ୍ମରେ ।-ଅପରଦଳିତ ପଥରେ ଦେବ ।—ପୂଜା ମନ୍ଦିରେ ପ୍ରବେଶିଲେ ଜବ । ନ ଥିଲେ ସେବକ । ବ୍ରହ୍ମସ୍ପୃଷ୍ଟ ବିନା ଇତରଲୋକ । ୨୦ । ଦେବ ଶିରପରେ ଅନ୍ତରସ୍ଥଳ । ବିକଶିତ-ମାଳତୀମାଳା-ଜାଳ- । ବେଷ୍ଟିତ ହୋଇଥିଲା ଚନ୍ଦ୍ରାତପ ।-ଭଳି ତା'ର ପ୍ରାନ୍ତେ ଅଳି-କଳାପ ।—ପର ଅଗୁରୁର । ଧୂମନିବନ୍ଧ ଦିଶଇ ସୁନ୍ଦର ।୨୧। ତାମସବିନାଶୀ ଯେ ଦୀପଶିଖା ।—ଯୋଗେ ରଜନୀ ଯାଉଥାଇ ଦେଖା । ତେଜେ ଅଙ୍କୁରିଲା ପ୍ରାୟ ଅଥବା । ରଜନୀକନ୍ଦ ଅଙ୍କୁରିଲା ଅବା । ହେମଲତା-ହୃଦେ । ଥିଲେ ଦୀପେ ତହିଁ ଦେବଉଦ୍ଦେଶେ । ୨୨ । ଚନ୍ଦନଗର୍ଭିତ ମର୍କତ ପାତ୍ର । ଶଶାଙ୍କଗ୍ରାସୀ-ରାହୁମୁଖବତ । ମୃଗମଦପୂର୍ଣ୍ଣ ରଜତପାତ୍ର । କୋଳେ ଶଶଧାରୀ ରଜନୀକାନ୍ତ ।—ବତ ଦିଶୁଥାନ୍ତି । ନୁହେ ତା'ର ଏତେ ବୋଲି ଗଣନ୍ତି । ୨୩ । ଦଧି-ଶର୍କର-ମିଶ୍ରିତ ନୈବେଦ୍ୟ । ବଦ୍ଧଧମଠ-ବତ ଅନବଦ୍ୟ । ପୂର ରହିବାରୁ ଧୂମପୂରିତ । ସେ ଦେବଗୃହ ଦିଶଇ ଏମନ୍ତ । ସତେ କି ଧର୍ମର । ଅଙ୍କୁର ଅଇଲା ଅନ୍ୟ ଅଙ୍କୁର ।୨୪। କାହିଁବା ସୁବର୍ଣ୍ଣ-ଚମ୍ପକ-ରାଶି । ତୁଙ୍ଗେ ସୁମେରୁକୁ ପକାଇହସି । କାହିଁ ବା ମଲ୍ଲିକା-ପୁଷ୍ପ-ପ୍ରକର । ସ୍ଫଟିକସାନୁକୁ ହସେ ନିକର । ଏଣୁ ସେ ସଦନ । ନୋହିବ କିପାଁ ସର୍ବ-ଦେବସ୍ଥାନ । ୨୫ । ଅନବଦ୍ୟ ଦ୍ରବ୍ୟ ନୈବେଦ୍ୟବାରେ । ଥିଲା ପୂରି ସେ ପୁର ନିଘଞ୍ଚରେ । ନ ଥିଲା ତହିଁ ତିଳେମାତ୍ର ସ୍ଥାନ ! ତା ଦେଖି ଆସଇ ମନେ ଏସନ । ଭୂମି ଭୂପତିଙ୍କ । କୁଳବଧୂ ଭଳି ଅଛି ଲୁଚି କି । ୨୬ । ଚନ୍ଦ୍ରକାନ୍ତ-ମଣି ନୀଳରତନ ।—ଗଣେ ସେ ପୁରର ଭୂମି ନିର୍ମାଣ । ଶଶାଙ୍କକାନ୍ତ-ବହ୍ନି-କରେ ନୀଳ- । ମଣି-କର-ଜାଳ ପଡ଼ୁ ବିକଳ । ହୁଏ କି ସେ ମସୀ । ବହ୍ନି ରାହୁକ-ଶିର କମ୍ପଇ ।୨୭। ବିବିଧବର୍ଣ୍ଣ-ରତନେ ନିର୍ମିତ । ବିଭୂଷଣେ ସେ ସଦନ ଭୂଷିତ । ନାନାବର୍ଣ୍ଣର ଚୀନ ଝୀନାମ୍ବର । ଦ୍ରବ୍ୟ ନୈବେଦ୍ୟବୃନ୍ଦେ ମନୋହର । ତହିଁ ରତ୍ନାସନ । ମଣ୍ଡିଲେ ରସା-ଶଶାଙ୍କ ରାଜନ । ୨୮ । ଧୀରବର ଧୀରେ ସମ୍ପୂର୍ଣ୍ଣାଙ୍ଗରେ । ପୂଜିଲେ ଭାସ୍କରେ ଭକତିଭରେ । ଦେଖି ସବିତା ସେ ଭକ୍ତ ନୃପର । ଭାବିଲେ ଅଳ୍ପ ଭକ୍ତିଙ୍କ କର୍ଣ୍ଣର । ସେବାକୁ ଶାମ୍ବର । ନାମମାତ୍ର ବୋଲି କଲେ ବିଚାର । ୨୯ । ସରସୀ-ରୁହ-ଜୀବନ-ବାନ୍ଧବ ।—ମନ୍ତ୍ର ଜପିଲାବେଳେ ନରଧବ । କରେଥିବା ରକ୍ତଚନ୍ଦନ କଣ୍ଠି । ମସୃଣ ସ୍ପନ୍ଦର ମାଳିକା ଗୋଟି । ବଢ଼ାଇବା ପାଇଁ । ସୁବର୍ଣ୍ଣ ଥିଲା କି ସେ କରେ ରହି ।୩୦।

ଶଶାଙ୍କଶେଖର-ପୂଜାକାଳରେ । ପ୍ରସ୍ଫୁଟ-ନାଗକେଶର-ସୁମରେ । କରେ ତାଙ୍କରୁ ଦେଉଁ ଥୋଇ ନୃପ । ବ୍ରହ୍ମା-ପାଣ୍ଡୁର ମସ୍ତକ-କଳପ । ଦଶିଲା ସେ ତହିଁ । ଯା ତହିଁ ପୂର୍ବୁ ଥିଲା ଲାଗିଯାଇ । ୩୧ । ସ୍ଫଟିକବର୍ଣ୍ଣ ଶଙ୍କରଶରୀର । ଗଳେ ଲମ୍ବାଇ ନୀଳପଦ୍ମମାଳ । ନୀଳକଣ୍ଠ ନାମ କଣ୍ଠମାତରେ । ନୀଳ ହେବା ପ୍ରକଟିଲା ଏଥିରେ । ଗଉରୀପତିର । ତେଣୁ ଭାବା ସେ ପତି ଗଉରୀର । ୩୨ । ପୁରଅରି ମାରବଇରି ହର । ହେବେ ଏମନ୍ତ କାର୍ଯ୍ୟେ ତୁଷ୍ଟ ମୋର । ଏତେ ଭାଳିକି ସେ ନୃପ ଶଙ୍କର ।- ପୁରତେ ଦେଲେ ଜାଳି ଧୂପପୂର । କନ୍ଦର୍ପର ଶର । କର୍ପୂରି ତହୁଁ ନୋହିଥିଲା ଦୂର । ୩୩ । ସେ ସମୟରେ ହରଶିରସ୍ଥାୟୀ ।—ରଜନୀପତି-କରୁ ଭୟପାଇ । ବାଳା-ବିରହ ନୋହିବାରୁ ସହି । ଥିଲେ କି ମୂର୍ଚ୍ଛା ନରସାଇଁ ଯାଇ । ମୁଦ୍ରି ନେଇ ଦୁଇ । ଧ୍ୟାନଛଳେ ଏତେ ଚନ୍ଦ୍ରେ ଅସଇ । ୩୪ । ତଦନ୍ତେ ହର-ପଦ୍ମରତଳରେ । ଲୁଟିଲେ ନୃପତି ଭକ୍ତ୍ୟୁଦ୍ରେକରେ । ଏତେ ବିତର୍କ ଜାତ ସେ କାଳରେ । ସ୍ମର କି ସ୍ମର ସ୍ୱଅପରାଧରେ । ନିର୍ମ୍ମିତ ସୁମରେ । ଶର ଗୃପ ରଖି ବନ୍ଦେ ଶଙ୍କରେ । ୩୫ । କୁସୁମାସ୍ତ୍ର କାମ କୁସୁମଶର । ସମର୍ପି ଦେଇ କି ହରପଦ୍ମର । ତାହାଙ୍କୁ ରକ୍ଷକଶ୍ରେଷ୍ଠ ବିଗ୍ଧର । ନିଜର ଅପରାଧ ପରିହର ।—ବାରି ଦେଉରେ କି । ତାଙ୍କ ପଦେ ଅଳିଙ୍ଗିଛି ମସ୍ତକ । ୩୬ । ହରପରିର ସମାନ ସୁନ୍ଦର । ହର-ପରଶେ ନଳ ନରବର । ଶତରୁଦ୍ରଜପ ପାଇଁକି କରେ । ରୁଦ୍ରାକ୍ଷମାଳିକା ବହନ୍ତେ କରେ । ପକ୍ଷବ ପାଶରେ । ବଶେ ଉଡବା ଭଳି ଅଳିବାରେ । ୩୭ । ହରେ ପୂଜିସାରି ହରିପୂଜନ । ପାଇଁ ଚିତ୍ତ ବଳାଇଲେ ରାଜନ । ପୁରୁଷସୂକ୍ତେ ପୁରୁଷୋତ୍ତମଙ୍କୁ । ପୂଜି ତାଙ୍କର ଦ୍ୱାଦଶ ମୂର୍ତ୍ତିଙ୍କୁ । ଦ୍ୱାଦଶ-ଅକ୍ଷର । ମନ୍ତ୍ରେ ଯଥାବିଧି ପୂଜିଲେ ନଳ । ୩୮ । ବନାବିଚକ୍ଷଳ ମାଳିକା ସ୍ଥୂଳ । କି ସେ ତୁଣ୍ଡୁ ଉରଗ ବିଶାଳ । ତା'ପରେ ଧ୍ୟାନେ କେଶୀନିସୂଦନେ । ସ୍ଥାପି ରାଜନ ଅନନ୍ତ-ଶୟନେ । ଶାୟିତ ମୁକୁନ୍ଦେ । ଅବଲୋକି-ତୁଳିକ ମହାଆନନ୍ଦେ । ୩୯ । କଉସ୍ତୁଭ-ରୂପ-ମଣିକୁଟ୍ଟିମ- । ବାସିନୀ-କମଳା କୁଟୁମ-ସମ । ସୁବିଶାଳ-ନୀଳ-କମଳ-ମାଳ । ମସ୍ତାପାଳକରୁ ଚଳି ଚଞ୍ଚଳ । ବନଦଳା-ଗଳା । ଅଣ୍ଡି ଉରସ୍ଥଳେ ରଚିଲା ଖେଳା । ୪୦ । ହେମ-କେତକୀ ଗୃରୁ ହର-ଶିରେ । ସମର୍ପୁ ସ୍ୱର୍ଣ୍ଣ-ସୁମନସ ହାରେ । ରୌପ୍ୟ-ପୁଷ୍ପହାରେ ଶ୍ୱେତକମଳ- । ମାଳା କମଳସ୍ରକ-ରହିହାର- । ଯୋଗେ କରବୀର- । ମାଳା ଦ୍ୱିଗୁଣିତ ହେଲେ ସକଳ । ୪୧ । ଶଙ୍ଖ-ଚକ୍ର-ଜଳଜାତ-ପୂଜାରେ । ଶଙ୍ଖ-ଚକ୍ର-ଜଳଜଧର ହେଲେ । ପ୍ରଦତ୍ତ-ହରଣମଦ-ବରନ- । ଯୋଗୁଁ କୃଷ୍ଣହେଲେ ମଧୁସୂଦନ । ଅନ୍ନ ଉପହାରେ । ଅଧିକ-ଭକ୍ତ-ବଳି ବୋଲାଇଲେ । ୪୨ । ଗରୁଡ଼-ଧ୍ୱଜ-ପୂଜନ-ସମୟେ । ତାର୍କ୍ଷ୍ୟ-ଭୟୁ ନିନ୍ଦାରେ ସର୍ପରହେ । ମଳିନ ହୋଇ କି କାଳ-ଅଗୁରୁ- । ଧୂପଛଳେ ଯାଉ-

ଥିଲେ ସେ ପୁରୁ । ଜାଳପଥେ ହରି । ଅଙ୍ଗ , ଙ୍ଗତସ୍ଥାନେ ରହେ କେ ଧୀର । ୪୩ ।
ଯୁକ୍ତ ଅମୂଲ୍ୟ-ରତନ-ମାଳାରେ । ରଜତ-ଜାତ-ସମ-ହାରବାରେ । ନାରାୟଣଙ୍କ
ନଳ-ନରବର । ବିଭୂଷିଁ ନାନା ରତନେ ଭାସ୍ୱର । କ୍ଷୀର-ସାଗରର । ଦିଶନ୍ତି ସେ
ମଧ୍ୟେ ଥିଲା ପ୍ରକାର । ୪୪ । ପୁରୁଷ-ସୂକ୍ତ ଜପିବା କାଳରେ । ମାଳକାସ୍ଥିତ ପୁଷ୍ପର
ନିକରେ । ନରବର-କର-କମଳ-କୋଳ । ଲଭି ବିଗୁରିଲେ ଥିବାର ଚିର- । କାଳ
ପଦ୍ମକୋଷେ । ନିଜର ଯେଣୁ ସେ ତେମନ୍ତ ଦିଶେ । ୪୫ । ପୃଷ୍ଠ ମଣ୍ଡପତ ରଚିତ
ସୂତ । କରି ଶିରୀପତ-ପଦ୍ମରେ ନତ । ତହିଁ ସୁଗନ୍ଧ ରୁଚିର ଶୁକଳ । ବିତ-କଳମାଳ
ଅର୍ପି ସେ ହାର । ସୁରଧୁନୀ-ସମ । ଦିଶିଲା ଅତିଶୟ ମନୋରମ । ୪୬ । ଅପାର ହାର
ଶିରୀଷ ଉରରେ । ରଞ୍ଜି ଦେଖାଇଲେହେଁ ସ୍ନେହ ତା'ରେ । ତାର ଉପରିସ୍ଥଳ କଣ୍ଠ-
ଦେଶେ । ବାଣୀଙ୍କ ସ୍ଥାନ ହିତରବାରୁ ସେ । ନୋହି ରତ ବିନ୍ଦେ । ଗୁଣବଶ ବୋଲି
ଜଣା ଜଗତେ । ୪୭ । ହରି-ଅଭିପ୍ରାୟ ବାର ଏଥିରୁ । ପ୍ରଚୁର ସମ୍ପଦେ ପୂଜନ
ସ୍ଥିରୁ । ହୋଇଲେହେଁ ତହିଁ ନୋହି ଭୂପତି । ସୂକ୍ତି-ମୁକ୍ତା-ହାର ଉପହୃତ । କରି
ଦେବ-ପଦେ । ଭକ୍ତି ଲଭିବାକୁ ଭାବିଲେ ହୃଦେ । ୪୮ । ଆହେ ଦେବ-ଦେବ
ରୂପ ତୁମ୍ଭର । ଅଟଇ ଅବାଙ୍-ମନସ ଗୋଚର । ସ୍ତୁତିରେ ହେବ ତା କାହିଁ କଳନା ।
ତାହାର ନିନ୍ଦା ଅମ୍ଭ ସ୍ତୁତି ସିନା । ତେଣୁ ମୋ ପ୍ରଳାପ । କର କ୍ଷମା ଦେବ ବିଶ୍ୱ-
ଅଧିପ । ୪୯ । ହେ ଦେବ ଅଟ ତୁମ୍ଭେ ସ୍ୱପ୍ରକାଶ । ତୁମ୍ଭ ରୂପ ବର୍ଣ୍ଣିନାରେ ମାନସ ।
ଦର୍ଭ ମନୁଷ୍ୟ କର ଯା ଇଚ୍ଛଇ । ଅସମ୍ଭବ ତା ସର୍ବଥା ହୁଅଇ । ଅନ୍ଧକାର କାହିଁ ।
ଭାସ୍ୱର-କରେ ପାରେ ବିକଶାଇ । ୫୦ । ନୋହିଲେ ନୁହ ମନ-ବଚନର । ଗୋଚର
ପଟେ ହେ ପରମେଶ୍ୱର । ତୁମ୍ଭ ପ୍ରତି ସେ ବେନିର ପ୍ରବୃତ୍ତି । ନୋହିବ କପାଁ ?
ଗୃତକ ଦମ୍ପତି । ନପାନ୍ତି ମୀରବେ । ବୋଲିକ ସେ ତାଙ୍କ ନୁହଇ ମୋଦେ । ୫୧ ।
ହେଲ ମତ୍ସ୍ୟ ବେଦ ଉଦ୍ଧାର ବେଳେ । ପୁଚ୍ଛଘାତେ ସିନ୍ଧୁଜଳ ଉଚ୍ଛୁଳେ । ଅକାଶ-
ସ୍ପର୍ଶ ଲଭି ସେ ଅଣ୍ଡି । ଦିଶିଲା ଅତିଅନ୍ତ ଶୁଭ୍ରବର୍ଣ୍ଣି । ବହିବାରୁ ସେହି । ତାକୁ
ସ୍ୱର୍ଗଙ୍ଗା ବୋଲିଥାନ୍ତି କହି । ୫୨ । ଧରା-ରକ୍ଷଣେ ଥିବାରୁ ନିପୁଣ । ପ୍ରତି-ମନ୍ୱନ୍ତରେ
କୂର୍ମ-ହୋଇଣ । ଧରା-ଧାରଣ କରୁଁ ପୃଷ୍ଠଦେଶେ । ଚକ୍ର-ଚକ୍ର ଚକ୍ରଚିହ୍ନ ବଳସେ ।
ସେ କୂର୍ମମୂରତି । ଜଗତ-ଜନଙ୍କୁ ଦେଉ ସୁଗତି । ୫୩ । ବରାହ-ମୂରତି ଧରିବା-
ବେଳେ । ଚତୁର-ପଦନ୍ୟାସ-ଜାତ ବିଳେ । ଗୃହ ସାଗର ବୋଲାଉ-ଅଛନ୍ତି ।
ବୋଲି ବିଗୃରୁଥାଇ ମୁହିଁ ମତି । ଧରାଧାରୀ ରଦ । ବଢ଼ାଉ ମୋର ଆନନ୍ଦ-ସମ୍ପଦ ।୫୪
ବ୍ରହ୍ମାଣ୍ଡେ ଅଙ୍ଗ ସମ୍ଭାଉ ନଥିଲା । ସେ ମୂରତି ଧରି ପାତାଳୁଁ ଧରା- । ତୋଳା-
ବେଳେ ସେ ଖସିଅଛୁଁ କରେ । ଧରିବାରୁ ଫୁଲ ସ୍ୱେଦ-ନିକରେ । ବ୍ରହ୍ମାଣ୍ଡେ
ଭେଦିଲେ । ଦିଶେ ସେ ପୂଜା-କଦମ୍ବ-ପ୍ରକାରେ । ୫୫ । ହିରଣ୍ୟ କଶିପୁ-ସଭି-

ବଳରେ । ହେଲ ଅବଧୂତ ସିଦ୍ଧ-ଅଂଶରେ । ଅରଦାସ୍ତ ସ୍ମର-ସୁକୃତ-ଅସ୍ତ- ।
ଗ୍ରାମେ ଅନ୍ୟାଂଶ ନରରୂପେ ଜାତ । ଅହେ ନରସିଂହ । ଘନଗର୍ଜନେ ମୋ ଦୁରିତ
ଦହ । ୫୬ । ହିରଣ୍ୟକଶିପୁ-ଉଦର-କୂପେ । ଥିଲା ପଡ଼-ଇନ୍ଦ୍ର-ସମ୍ପତ୍ତି ଅପେ ।
ଉଦ୍ଧାରିଲ ଯେବେ ଅଙ୍ଗୁଳାଙ୍କୁଶେ । ପଙ୍କେ ଅନ୍ଧ ଛନ୍ଦରନ୍ଧ୍ରୁ ଦୃଶ । ଲାଗିଥିଲା ତବ ।
ମୋତେ ରଖୁ ସେହି ଅଙ୍ଗୁଳ ଦେବ । ୫୭ । 'ହେ ବଳି ! ସକଳ ଅଶା ତୁମ୍ଭର ।
ଧନେ ଯାଉଛି ପୂରି ନିରନ୍ତର । ନ ପୂରିବ କି ମୋର ଅଗ୍ରାଏକ- । ଏମନ୍ତ ନିଘଟ'
କପଟ-ବାକ ।—ଭାଷଣେ ଚତୁର । ବାମନ ହେ ମୋତେ ଉଦ୍ଧାର କର । ୫୮ ।
'ହେ ବଟୁ ! ପ୍ରାର୍ଥୁଛ ଦାନ ସଳଳ । ତେଣୁ ତୁମ୍ଭଙ୍କୁ ପୃଥ୍ୱି-ଧନ ମୋର । ଦେବାକୁ
ଇଚ୍ଛା କରୁଛି' ବଳୀର । ଏ ପ୍ରକାର ଗିର ଶୁଣି ଯାହାର । ପୁଲକେ ରୋମାଳ ।
ସେ ଦେବ-ପଦେ ମୋର ନିଉଛାଳ ।୫୯। 'ଭୁଞ୍ଜ ଅମର-ଶ୍ରୀ ରହି ଭୂତଳେ । ହିଅନ୍ତୁ
ସଦା ସଖା-ଭୋଗିକୁଳେ । ଏହିକରେ ମୋ ତତର ଭୁବର୍ନ' । ଭାସି ଏମନ୍ତ କପଟ-
ବଚନ । ଛଳିଲ ବଳିକି । ଛଳିବ ମୋତେ ହେ ବନମାଳୀ କି' ? । ୬୦ । 'କରୁଛ
କପିଁ କର-ପ୍ରସାରଣ । ଅଶସ୍ୟ-ପ୍ରକାଶ କି ଲଭ ପୁଣ । ତବ ଶ୍ରୀଚରଣେ ବିଶ୍ୱ-
ସମ୍ପଦ । ଦେବାକୁ ପାଣ୍ଟି ସାରିଛି ମୁଁ ହୃଦ' । ବଳି ଯା'ରେ ଏହା । ଭାଷି, ସେ ତାରୁ
ମୋରେ ତଉବାହା । ୬୧ । ହେ ଅବ-ପୁରୁଷ ! ବିଶ୍ୱସର୍ଜନ- । ବେଳେ ବାହୁରୁ
ହେଲେ ତବ ଜନ୍ମ । ଯେଉଁ କ୍ଷତ୍ରିୟ ଜାତି ତାଙ୍କ ମୁଖ୍ୟ ।—ପାଇଁ ଏକା ତବ ସେ
କର ହେତୁ । ଏଣୁ ପର୍ଶୁଧର ।—ରୂପୀ ତୁମ୍ଭ ସେ ବାହୁକୁ ଯୁହାର । ୬୨ । ପାଁଶୁଳା
ବହିତପଣ୍ଡକା ଧରା । ବିଧାତା କୋପେ ନବଖଣ୍ଡ କଲା । ପର୍ଶୁଧର-ମୂର୍ତ୍ତି ଅହେ
ଶ୍ରୀଧର । ତାକୁ ପୁଣି ଯା ଦ୍ୱିଜଭୋଗ୍ୟା କଲ । ତବ ଅନନ୍ୟାସ୍ତ୍ର ।—କାଶ୍ୟପେ ହରୁ
ଦୁରିତଚୟ । ୬୩ । କାର୍ତ୍ତବୀର୍ଯ୍ୟାର୍ଜୁନ ଯା କରେ ମୃତ । ଦଶାସ୍ୟନାଶ ତାକୁ କେତେ
ମାତ୍ର । ତଥାପି ଏକ ତ୍ରେତାୟା ଯୁଗରେ । ପର୍ଶୁରାମ ରାମ ଦେହ ରୂପରେ । ହେଲ
ନମସ୍କାରଣେ । ବନ୍ଦୁଛି ସଦା ମୁଁ ତୁମ୍ଭ ଚରଣେ । ୬୪ । ସକଳ ଲେଖକେ ସାର
ବିଧାତା । ହେ ରାମ ! ତୁମ୍ଭ ନିର୍ମାଣେ ଚନ୍ତା । କର ପ୍ରଥମେ ରେଣୁକା-କୁମର ।
ରାମ ନିର୍ମାଣେ ବଳାଇଲା କର । ତା' ପରେ ତୁମ୍ଭର । ମୂରତି ରଚିଲା ରୁଚିର-
ତର । ୬୫ । ଅଜ ହୋଇଲେହେଁ ଅଜକୁମର ।-କୋଳେ ସ୍ୱେଚ୍ଛାରେ ହେଲ
ଅବତାର । ହେ ବିଶ୍ୱଭୂଷଣ ଅନାଦି ଦେବ । ନାହିଁ ତହିଁରେ ଦୋଷମାତ୍ର ଲବ ।
ସର୍ବ ଦୋଷାଦୋଷ । ପ୍ରଭାବେ ତବ ଯେଣୁ ହୁଏ ନାଶ । ୬୬ । ଏ ସ୍ୱାନଜନେ
ବ୍ରହ୍ମଜ୍ଞାନ ଦାନ ।—ପାଇଁ ନୋହିଲ ନୋହିଁ ଅବଧାନ । ହେଉ ପଛେ ସେ ବ୍ରହ୍ମ-
ଜ୍ଞାନ ଦାନ । ଯେ ଭ୍ରମେ ସଙ୍ଗ ଦଶାନନ-ସୈନ୍ୟ । ସମସ୍ତ ଜଗତେ । ରାମମୟ
ଦେଖିଥିଲେ ପୁରତେ । ୬୭ । ପିତା ଆଦେଶେ ମୂର୍ଖ-ନିନାଦରେ । ଭୂସମ୍ଭୁତା

ସ୍ୱଜଲକ୍ଷ୍ମୀ ସୀତାରେ । ଥିଲ ବରଜ; ଜଳମଧ୍ୟେ ଯା'ର । ଥିଲା ଲଙ୍କା ସେ ରାବଣ
ସାଗର । ବେଢ଼ନ୍ତି ହେ ଶୀର । ତଳମାତରେ କି ଲଙ୍ଘି ନ ଥିଲ । ୬୮ । 'ବ୍ରହ୍ମାବରେ
ତ ମୁଁ ଅମର ସୁରେ । ସୀତା ଅର୍ପିଲେ କାମଦେବ-ଶରେ । ମଣ୍ଡ ପାଇବ ନାହିଁ ତ
ବଶ୍ଯୁର । ଲଭିବ ମୋକ୍ଷ ତବ କରେ ମର' । ଭାଳ କି ଏମନ୍ତ । ନ ସମର୍ପିଲା ସୀତା
ଲଙ୍କାନାଥ । ୬୯ । ଭୁବନଜୟୀ ସମର-କର୍କଶ । ସସୈନ୍ୟ ଦଶାସ୍ୟ ଯହିଁ ବିନାଶ ।
ତୁମ୍ଭର ସେ କରେ ଶୂଦ୍ର ଶମ୍ବୁକ । ତେଜି ଜୀବନ ସ୍ୱଦୋଷେ ଉଦକ ।—ପନ୍ତ-ଦେଶେ
ଥିବା । ଶଙ୍କେ ଉପହସାଉନାହିଁ କିବା । ୭୦ । ହେ ଦେବ ତବ ହୃଦୟ-ସାଗର ।
ପ୍ରିୟା-ବିରହ-ବାଡ଼ବର ଘର । ଭ୍ରାତାଲକ୍ଷ୍ମଣର କ୍ଷଣ-ବିରହ ।—ବହ୍ନିରେ ନିଜ ଜୀବ
କଲ ଦାହ । ଦହ ମୋ ପାତକ । ହେ ଦେବ-ଦେବ ଶରଣପାଳକ । ୭୧ । ଏକ-
ବକ-ଦୁଃଖ-ଦରଶନରେ । ଶ୍ଳୋକେକ ଯେ ଅନ୍ଧ କବି ରଚିଲେ । ତବ ଶୋକ ଦେଖି
ସେ ଋଷିବର । କଲେ ସମାପୂର୍ଣ ଶ୍ଳୋକସାଗର । କଲେ ସେ ଉଚିତ । ତୁମ୍ଭ ଦୁଃଖେ
କା'ର ଦୁଃଖ ତୁଳିତ । ୭୨ । ବିଶ୍ୱବାପିତାର ସମ୍ଭବା ସୁତା । ହେବାର ଅତି
ଅନୁଚିତ କଥା । ଏ ଯୋଗେ ଔଚିତ୍ୟାଭିଜ୍ଞ ଆପଣ । କାଟିଲ ସୂର୍ପଣଖାର ଶ୍ରବଣ ।
ଲକ୍ଷ୍ମଣରୂପରେ । ନମୋନମ ଦେବ ତୁମ୍ଭ ପଦ୍ମରେ । ୭୩ । ଦାନମଦେ କଳ୍ପ-ବୃକ୍ଷ
ସ୍ୱର୍ଗରେ । କରନ୍ତେ ସ୍ପର୍ଦ୍ଧା ତବ କରତୁଲେ । ଛଳେ ଜନମେ ତେଣୁ ଯଦୁକୁଳେ ।
ଉପାଡ଼ିଲ ସେ କଳ୍ପବୃକ୍ଷେ କରେ । ସେ କର-ଚତୁର । ଉପାଡ଼ୁ ପାତକଲତାକୁ
ମୋର । ୭୪ । ବାଳକକାଳେ କ୍ରୀଡ଼ାରଙ୍ଗେ ମାତି । ଫିଙ୍ଗି କ୍ଷୁଦ୍ର କ୍ଷୁଦ୍ର ଖର୍ପର ତତି ।
ଛେଦ ସବିତାସୁତା-ସାତତ୍ରାତ । ବାଣ-ମସୀପତି-କର ସଙ୍ଘାତ ।—ଶାତନେ ଯେ
କର । ସୂକ୍ଷ୍ମ ପାତିଛି ତାକୁ ନମସ୍କାର । ୭୫ । ଦଶାସ୍ୟ-ଶକତି ପଡ଼ୁଁ ଲକ୍ଷ୍ମଣ ।
କଲା ବିଶଲ୍ୟ ଯେହ୍ନେ ହନୂମାନ । ସ୍ୱଟପସୁ-ଶକ୍ତି-ନିଷ୍ଫଳ ପାଇକ । ପାର୍ଥରଥଧ୍ୱଜେ
ସେ ମାରୁତିକ । ଯେ ରଖାଇଥିଲା । ତା ପଦେ ଏ ମୋର ପ୍ରଣତିମାଳା । ୭୬ ।
ପରମ ଭକତ ଭୀଷ୍ମ ତୁମ୍ଭର । ତାଙ୍କୁ ସ୍ୱଦେହ ନେବା ସୁରପୁର । ନୁହେ ବିଚିତ୍ର
ତୁମ୍ଭଙ୍କୁ, କେବଳ । ତହିଁ ଅବସର ତୁଲେ ହେଲେ ମେଳ । ଭବ ବ୍ରତ-ନାଶ । କଲ କି
ରଣେ ତାଙ୍କୁ ଗତାସୁଷ । ୭୭ । ନେତ୍ର ବେନି ତବ ଶଶାଙ୍କ ସୂର । ରଣେ ସଂହାରୁ
କର୍ଣ୍ଣେ ପାର୍ଥବୀର । ଏକ ସୁତ-ନାଶେ ହୁଅଇ ଦୁଃଖୀ । ଅନ୍ୟ ବଂଶଜ-ସୁଖେ ହୁଏ
ସୁଖୀ । ଏଣୁ ନେତ୍ର ଯୁଗେ । ଭୋଗିଲେ ସୁଖ ଦୁଃଖ ଏକସଙ୍ଗେ । ୭୮ । ରାଧା ତୁମ୍ଭ
ପ୍ରାଣ-ପ୍ରତିମା ପର । ରାଧେୟର ପୁରେ କଲ ଯା ମେଳା । ସୁନ୍ଦର ହେଲା କି ଦେବ
ତୁମ୍ଭଙ୍କୁ । ଶ୍ରୀପତି-ପଣେ ଶ୍ରୀବତ୍ସ-ଚିହ୍ନକୁ । ଉରେ ଯା ବହିଲ । ସନ୍ତାନ-ବାତ୍ସଲ୍ୟ
ପ୍ରକାଶ କଲ । ୭୯ । ନାନାଙ୍ଗ-ସଙ୍ଗ ବିବିଧ-ଭୂଷଣେ । ଦିବ୍ୟ ସୁନ୍ଦର ଯେ ମନ୍ଦର-
ପାନେ । ଶଶି-ସମ ଯା ଧବଳ ଶରୀର । ଶେଷ ହୋଇ ଶେଷ ନ ମିଳେ ଯାର । ସେ

ରେବତୀ-ପତି । ସମ ତୁମ୍ଭବିନା ଅନ ନୁହନ୍ତି । ୮୦ । ହେ କାମପାଳ ହେ ରେବତୀ-
ପତି । ଅନନ୍ତ-ନାଗ ତୁମ୍ଭ ଅନମୂର୍ତ୍ତି । ଏଣୁ କୁମୁଦଉରଗ-ସଙ୍ଗରେ । ସଙ୍ଗତ ତୁମ୍ଭ
ଉଚିତ ବେଭରେ । ତବାଙ୍ଗ ଶୁକ୍ଳିମା । ବଢ଼ାଏ ନୀଳାମ୍ବରର ସୁଷମା । ୮୧ । ଧର
ପରଶୁ ଅର୍ଦ୍ଧଚନ୍ଦ୍ରାକାର । ଛେଦଉଛ କାର୍ତ୍ତବୀର୍ଯ୍ୟ-ସହସ୍ରକର । ପୁଣି କୃଷ୍ଣରୂପେ ସୁଦର-
ଶନ । ଚକ୍ର ଯେଝି ବୀର ବାଣରାଜନ । କରଦଣ୍ଡ-ଶତ । ଛେଦିଲ ଯା ତହୁଁ କି
ଅଦଭୁତ । ୮୨ । କମ୍ବୁ ଅମ୍ବୁଜ ଧର ବେନିକରେ । ତ୍ୱାକ କହୁଛ କି ହର ଅପୁରେ ।
ଚେତନ ତୁମ୍ଭେ ତ ଏ ଅଚେତନ । ସ୍ୱଭାବ-ବିରୁଦ୍ଧ ମୃଦୁ କଠିନ । ଏ ବେନି ମୋହର ।
ବିଷୟେ ଭେଦ କରଛନ୍ତି ଦୂର । ୮୩ । ତବ ଅଙ୍ଗସ୍ପର୍ଶ-ସୁଖ-ବଶରେ । କଣ୍ଟକ ଥାଏ
ଯେ ସର୍ବ ଶରୀରେ । ସେ ଘନକୁଚ ରମା ବନମାଳ- । ମଣ୍ଡିତ ଉରେ ବିରାଜ ତୁମ୍ଭର ।
ବେନି-ଫଳ-ଳୋଳ । ଶ୍ରୀଫଳ-ତାଳଶ୍ରୀ କରନ୍ତି ଦୂର । ୮୪ । ଭରୁଛ ଶଣି ସରସିଜ
ବେନି । ନୀରଜ ଯୋଗେ ସମବୃଦ୍ଧି ଘେନି । ନିଜ ସୁଷମା ବଢ଼ାଇବା ଅଶେ । ଅଛନ୍ତି
ଏକ ତବ କରଦେଶେ । ଅପର ନୟନ- । ଭାବେ ସଦା ସେବେ ତବ ବଦନ । ୮୫ ।
ହିରଣ୍ୟ ରାବଣ କୌରବଇଶ । ପାଇଁ ନରହରିର ସମାବେଶ । ଥିଲା ହୋଇ ସତ୍ୟ
ତ୍ରେତା ଦ୍ୱାପରେ । ଲୋକ-ଉପକାର-ଅର୍ଥେ ସଂସାରେ । ସେ ସମାବେଶର । ପଦ୍ମରେ
ମୋର କୋଟି ନମସ୍କାର । ୮୬ । ନାମେ ଶେଷ ହୋଇଲେହେଁ ଅଶେଷ । ବୋଲି
ତିଲୋକେ ଜ୍ଞାତ ତବ ଯଶ । ହୋଇ ପୃଥ୍ୱୀଭର ଅର୍ଦ୍ଧଭରତା । କର ଧାରଣ ଯା ବିଶ୍ୱ-
ବିଧାତା । ଏଣୁ ମାୟାଧର-। ପଣେ ତୁମ୍ଭଙ୍କୁ ନାହି ପଟାନ୍ତର । ୮୭ । ପୂର୍ବ-ପୂର୍ବ-
ଜନ୍ମର କର୍ମଫଳ । ହୁଅଇ ପର ପରଜନ୍ମ ମୂଳ । ଏଣୁ ସହଜ-ସାଧ ନୁହେ ମୁକ୍ତି ।
ତା ଲାଭ ପାଇଁ ତବ ପଦେ ଭକ୍ତି । ବ୍ୟତୀତ ଅପର । ଉପାୟ ନାହିଁରେ ବୁଦ୍ଧିରେ
କାର । ୮୮ । ସବ୍ୟାପସବ୍ୟ ହରିହର ମୂର୍ତ୍ତି । କିପାଇଁ ହୋଇଲ ଜଗତପତି ।
କାହିଁକି ଅଧଉର୍ଦ୍ଧ୍ୱେ ନରହରି । ହେଲ ବୋଲିବା ବାତୁଳତା ସିନା । ଇଚ୍ଛାମୟ
ହେବେ । ଏମନ୍ତ ପ୍ରଶ୍ନ କି ସମ୍ଭବେ କେବେ । ୮୯ । ହେ ଇଚ୍ଛାମୟ ! ତ୍ରିଭୁବନ ସୃଷ୍ଟି ।
କରି ତାକୁ ନାଶି ଲଭ କି ତୁଷ୍ଟି । କାହିଁକି ନାନାରୂପେ ଅବତରି । ପାଳୁଥାଅ ସେ
ସୃଷ୍ଟିକି ଶ୍ରୀହରି । ତାକୁ ତ ଶେଷରେ । ନାଶିବ, ନାହିଁ ସଂଶୟ ଏଥିରେ । ୯୦ ।
ବାମନେତ୍ରେ ଶଶି କୌସ୍ତୁଭ ଉରେ । କରେ ପାଞ୍ଚଜନ୍ୟ ଗଙ୍ଗା ପଦ୍ମରେ । ଏ ସର୍ବେ
ସହୋଦର ପରିଚିତ । ଏହାଙ୍କୁ ଦେଖି କି ଲକ୍ଷ୍ମୀ ନିଭୃତ । ହେଲେହେଁ ଚଞ୍ଚଳା ।
ନଚଳ ତୁମ୍ଭପାଶେ ସ୍ଥିର ହେଲା । ୯୧ । ଯୁକ୍ତିସିଦ୍ଧ-ନାନାବାଧା-ବିରୋଧ- ।
ଯୋଗୁଁ ବିଶ୍ୱେ ସର୍ବଦ୍ରବ୍ୟେ ପ୍ରଭେଦ । ନୋହିପାରନ୍ତି ପରସ୍ପରୁଁ କେବେ । ତବ-
ଇଚ୍ଛା ବଶେ ଅବିଦ୍ୟା ସର୍ବେ । ବ୍ୟାପିଅଛି ଯେଣୁ । ଏ ପରମତତ୍ତ୍ୱ ନିଗୂଢ଼ ଏଣୁ । ୯୨ ।
ତବ ଉଦରେ ମାର୍କଣ୍ଡେୟ ଯତି । ଦେଖିଲେ ଜଗତ ପଦାର୍ଥ ତତି । ବାହ୍ୟେ ଅନ୍ତରେ

ତବ ଭେଦ ବାର । ନପାର ଅଇଲେ ଉଦରୁ ଚଳ । ତୁମ୍ଭେ ଏକା ବାବ । କେ ଅନ୍ତରର
ରୁଷି କେ ବାହ୍ୟର । ୯୩ । ବ୍ରହ୍ମାଣ୍ଡେ ଅନନ୍ତରୂପେ ବା ଶିରେ । ବହ ବା ରଖ
ଉଦର-ମଧରେ । ବାଳକରୂପେ ବା ତବ ଶକଟ- । ଲତା-ଅଶ୍ୱତ୍ଥେ ହେଉ ତା’ର
ସ୍ତୁତ । ସକଳ ପ୍ରକାରେ । ଅଛ ବ୍ରହ୍ମାଣ୍ଡ ତବ ଅଶ୍ରୟରେ । ୯୪ । ଯାହାର ଜଳ
ଧର୍ମର କାରଣ । ସେ ଗଙ୍ଗା ଲୋଟଇ ତବ ଚରଣ । ଧନଦାତ୍ରୀ ଦେବୀ କମଳା
ଉରେ । କାମ ତ କୁମର ତବ ବେଭରେ । ମୁକ୍ତିଦାତା ନିଜେ । ଏଣୁ ଚତୁର୍ବର୍ଗ
ତୁମ୍ଭରେ ସାଜେ । ୯୫ । ନରକନାଶନ ହେ ଦେବ ତୁମ୍ଭେ । ଏଣୁ ହେଳାରେ ତୁମ୍ଭ
ନାମ ଲବେ । ଧରେ ଯେ ତା’ର ନରକେ କି ଡ଼ର । ନରକ ତା’ର ଭୟରେ
କାତର । ହେବାର ଉଚିତ । ନରକରୁ ସେ କପାଁ ହେବ ଭୀତ । ୯୬ । ଭକ୍ତି ଅଛି
ଯା’ର ତୁମ୍ଭରେ ହର । ମୃତ୍ୟୁକାରଣ ବଜ୍ରପାତେ ତର- । ବାର ହେତୁ ତା’ର
କଣ୍ଠ ନାହିଁତ । ବିନା-ଚେଷ୍ଟାରେ ଅଭ୍ୟାସବଶେ ତ । କଣ୍ଠରୁ ତାହାର । ହେବ
ଉଚ୍ଚାରିତ ନାମ ତୁମ୍ଭର । ୯୭ । ଓଳାଇଥିଲେ ଯେତେ ବାର ବାର । ବାସୁକି ଧୂଳି
ହୁଏ କେବେ ଦୂର । କାମାନ୍ଧ ତେଜ ନର ହେଲେ ଶୁଚି । ନ ପାରେ ବଳେ ଜାତ
ପାପ ମୁଞ୍ଚି । ସେ ପାପଶୋଧନ । ପାଇଁକି ତୁମ୍ଭନାମ ସମ୍ମାର୍ଜନ । ୯୮ । ତବ ଅସଂଖ୍ୟ-
ନାମ-ତାରତମ୍ୟ । ନ ହୋଇଲେହେଁ ନର-ଜ୍ଞାନଗମ୍ୟ । ସ୍ୱମ ନାମ ଶ୍ରେଷ୍ଠ ବୋଲି
ବିଶ୍ୱରେଁ । ନୋହିଲେ କି ହେ ତିନି ଅବତାରେ । ସେହି ସ୍ୱମ ନାମ । ବହିଥାନ୍ତି କ
ପୁରୁଷ ଉତ୍ତମ । ୯୯ । ହେ ନାଥ ମୋହର ତୁମ୍ଭ ବାହାରେ । ନାହିଁଟି ଭରସା ତିନି-
ଲୋକରେ । କୃପାକର ସୁରନେତେ ମୋ ତମ । ନ ନାଶ କିମ୍ବା ପୁରୁଷ-ଉତ୍ତମ ।
ଶଚି-ନନ୍ଦନରେ । ନ ହର କିପାଁ ମୋ ତାପ-ଚନ୍ଦ୍ରରେ । ୧୦୦ । ତବ ଆଦେଶ
ଶାସ୍ତ୍ରୀୟ-ବିଧାନ-। କରୁଛି ଅଜ୍ଞାନେ ସଦା ଲଙ୍ଘନ । କଠୋର ତପେ ତ ଦେଖା ନ
ଦିଅ । ତୁମ୍ଭ କୃପାପାଇ ସ୍ତବ-ନିଚୟ । ଯାହା ମୁଁ କରୁଛି । ମୋଠାରୁ ବଳ କେ
ନିର୍ଲଜ୍ଜ ଅଛି । ୧୦୧ । ଅହେ ଜଗତକର୍ତ୍ତା ହେ ବିଶ୍ୱାତ୍ମ । ମୋ କ୍ଷୁଦ୍ର-ହୃଦୟେ
ତୁମ୍ଭ ମାହାତ୍ମ୍ୟ । ସମ୍ଭାଇବ ଅବା କେତେ, ଗରବ । ଯେବେ-ସୁମେରୁ-ଗିରିପାଶେ
ଯିବ । ତେବେ କଉପିନେ । ଅର୍ଣବ ବାନ୍ଧ ବା କେତେ ରତନେ । ୧୦୨ ।
ଏତେ କହି ସମ୍ପ୍ରଜ୍ଞାତ-ସମାଧି ।-ଯୋଗେ ଧ୍ୟାନେ ଲଭି ବିଷ୍ଣୁ-ସନ୍ନିଧି । ଅରପି
ପ୍ରେମ ଭକତି, ତାହାର । ଉଚିତ ନୃତ୍ୟଗୀତେ ନରବର । ପରିତୋଷ କଲେ ।
ଇନ୍ଦ୍ରବନ୍ଦିତ ବିଷ୍ଣୁଙ୍କୁ ବରେ । ୧୦୩ । ପାଦପ୍ରକ୍ଷାଳନ କରି ଶ୍ରାଦ୍ଧଦ୍ରବ୍ୟଯାତ । ଦେଇ
ଦାନ ଦ୍ୱିଜଙ୍କରେ ବହୁତ । ଉତ୍ତମୋତ୍ତମ ଦ୍ରବ୍ୟରେ ଶଙ୍କର । ହରିଙ୍କି ପୂଜା
ନମ ନରବର ; ଅଗ୍ନିକୁଁ ଦେବର । କଲେ ବିଜୟୀ ନୃପ ନିଜପୁର । ୧୦୪ ।
ଭୁକ୍ତବସବତା ସେ ମଧ୍ୟାହ୍ନକୃତ୍ୟେ । ସାରି ପୃଥ୍ୱୀମନ୍ଦୁ ଭୋଜନେ ତୃପ୍ତ । ହୋଇ

ସାନନ୍ଦେ ଅଶ୍ଚର୍ଯ୍ୟ ପ୍ରାଚୀନ । ସୌନ୍ଦର୍ଯ୍ୟେ ଇନ୍ଦ୍ରଭୁବନ-ସମାନ । ସ୍ୱସୌଧ-ଶରଳେ । ନିଜ ସୌନ୍ଦର୍ଯ୍ୟ-ସମ୍ଭାରେ ମଣ୍ଡିଲେ ।୧୦୫। ପୂଜି ଭକ୍ତିଭରେ ଦେବ-ନିକରେ । କଳ୍ପିତ ନିତ ବିଭୂଷଣ-ଭରରେ । ପତି-ଭୋଜନ-ଅନ୍ତେ ଭୁଞ୍ଜିସାର । ବିଦର୍ଭନାର-ବାସବ-କୁମାରୀ । ବିଜେ ସ୍ୱାମୀ କୋଳେ । ଯେ ଯୋଗ ଯେ ବାଞ୍ଛୁଥିଲା ସେ କାଳେ ।୧୦୬। ପକ୍ୱ-ପକ୍ୱବିମ୍ବିତ ବଦନ ।—ଚମ୍ପୁ ପକ୍ଷତି ଯାର ସୁଶୋଭନ । ଯେ ଖୀରେ ଶୋଭିସଦନ ପଞ୍ଜରେ । ଧରି କେ ସଖୀ ମହର୍ଷୀ-ପଛରେ । ଗୃହେ ଧୀର ଧୀର । ବିଭୂଷା କି ସେ ମଙ୍ଗଳପୁରର ।୧୦୭। ପ୍ରସବୁ ଥାଇ ମୁଖଁ ଯାର କୁଷ୍ଟ । ଶରୀର-ଶୋଭାରେ ଜଣେ ଯେ କୃଷ୍ଣ । ମଦମତ୍ତ ଯେ ପିକବରେ କେହି । ସଖୀ ସ୍ଫଟିକ-ଦଣ୍ଡରେ ବସାଇ । ବଙ୍କକରି ଧରି । ଥିଲା ମହର୍ଷୀପଦ ଅନୁସରି ।୧୦୮। ମୃଦୁ ଉପଦେଶେ ବୀଣାବାଦନ ।--ବିଦ୍ୟାରେ ନିପୁଣା ନୃତ୍ୟଗାୟନ- । ବିଷୟେ ପୂର୍ବେ ଶିଷ୍ୟା ପରେ ସହି । ହୋଇଥିଲେ ସେ ମହର୍ଷୀଙ୍କ ସେହି । ଗନ୍ଧର୍ବ-ଅବଳା । କଲେ ନୃପ-ପାଶେ ବିପଞ୍ଚିମାଳା ।୧୦୯। ହରିଣନୟନା ଗନ୍ଧର୍ବବାଳା ।—ମାନଙ୍କ କରଧୃତ ବୀଣାମାଳା । ସାଧାରଣଭାବେ ଅଳ୍ପେ ମଧୁରେ । ଝଙ୍କାରିଲେ କି ସେ ମହର୍ଷୀସ୍ୱରେ । ହାରି ତା ପାଶରେ । ଗାଇବାପାଇଁକି ସଙ୍କୋଚ ଥିଲେ ।୧୧୦। ସକଳ କଳା ସ୍ୱଗୁଣର ନିଧି । ଦମୟନ୍ତୀ ଭୁଲେ କିବାଦ-ବୁଦ୍ଧି । ଧରି ବିପଞ୍ଚି ହେଲା ଗୁଣଯୁତ । ତେଣୁ ପରିବାଦ ହେଲେ ବିଦିତ । ଲୋକେ ଜଗତର । ଏଣୁ ପରିବାଦିନୀ ନାମ ତା'ର ।୧୧୧। ଗନ୍ଧର୍ବବାଳାଙ୍କ ବିଚହାଙ୍ଗୁଳି- । ତାଡ଼ନେ ବଲ୍ଲକୀ କରଣୀଭଳି । ଶ୍ରୋତା-ମସ୍ତକ କମ୍ପାଇ ନିଷାଦ ।—ସ୍ୱରେ ମଧ୍ୟରେ କଲା ଉଚ୍ଚନାଦ । ନୃପ-ଯୁଥପତି- । ସାନ୍ନିଧ୍ୟ ଲଭି ହୋଇ କୃଷ୍ଣମତି ।୧୧୨। ବୀଣାସ୍ୱରସାରେ ମହର୍ଷୀସ୍ୱର । ଥିବାରୁ ନିରମାଣି ବେଦବର । ତେଣୁ ସେ ରାଜଦମ୍ପତି-ପାଶରେ । ବହିରେ ଗୃହଲ୍ୟ-ଭାବ ଅନ୍ତରେ । ଲଭି ଲଜ୍ଜା ଭୟେ । କୋଣକୁ ନ ବରଜଇ କେବେହେଁ ।୧୧୩। ଗନ୍ଧର୍ବ-କନ୍ୟା-ବୀଣାରେ ସଙ୍ଗୀତ । ହୋଇଲା ଅତି ସ୍ପଷ୍ଟେ ଉଚ୍ଚାରିତ । ଧରିକୀରିତ ମହର୍ଷୀର କୀର । ଶୁଣି ଅନୁକରି ସେ ଗୀତିବାର । ନିର୍ମଳେ ଗାଇଣ । ନେଲା ହରି ଶ୍ରୋତା-ଜନଙ୍କ ମନ ।୧୧୪। ଭାଷଇ ଶୁକ 'ହେ ରାଜଦମ୍ପତି । ଲୁଣ୍ଠିତ କଣ୍ଠୁଥିବ ଅମୃତ ମତି । ତବ ସ୍ତୁତିବେଳେ ମଉନ ହୋଇ । ରହିବା କେବେ ଉଚିତ ନୁହଇ । ଏ କାରଣୁ କହେ । ଜ୍ଞାନ ବା ଥାଏ କେଉଁ ପକ୍ଷୀ-ଦେହେ ।୧୧୫। ଗୌରୀ ଦେବୀ ତୁହେଁ ଭୂଭୃତସୁତା । ମହା ଭୋଗବନ୍ତ ବେନଙ୍କ ଭର୍ତ୍ତା । ରାଜ-ଚୂଡ଼ାମଣି ସେ ତୁହେଁ ସତି । ତୁହେଁ ତୁମ୍ଭେ ତ ପତି-କୋଳଗତ । ପାର୍ଥକ୍ୟ କଥାଏ । ଏ କାରଣେ ଗୌରୀ ସତୀ ନ ବୋଲାଏ ।୧୧୬। ଏ ଯେ ଦେବୀ ଯା'ର କାନ୍ତିରେ ରତି । ଜଗନ୍ନି ସେ କା'ର ଚନ୍ଦ୍ରେ ରତିଭ୍ରାନ୍ତି । ଯେଉଁ କାମଦେବର ଅମରତା । ହର-ନୟନବହ୍ନିରେ ଦୂରତା । ଲଭିଛି ସେ ମାର- ।

ଭ୍ରମ ହେବ କା'ର ନୃପତିଠାର । ୧୧୭ । ମୁକ୍ତାହାର-ସରିତେ ଯେ ସୁନ୍ଦର । ଦେବପର୍ବତ-କୂଟେ ମନୋହର । ଯା'ର ମଧ୍ୟଦେଶ ହରଇ ମନ । ସେ ଦମୟନ୍ତୀଙ୍କ ଧସ୍ୱ ସମାନ । ଧର ସିନ୍ଧୁବତ । ହେଉଛୁ ମୁଖେ-ଚନ୍ଦ୍ରେ ଉଲ୍ଲସିତ । ୧୧୮ । ଯେ ଦେବୀ ଦେଇଛନ୍ତି କାମେ ଜୟ । ଅଛି ତାଙ୍କର ପଦ୍ମ-ଲେଖାଚୟ । ସନେହ ମୁଖେନ୍ଦୁ ସାକ୍ଷୀ ତହିଁକି । ଦେବ ହେ ଜଣି ଯା ରତିମାନଙ୍କ । ଦେବୀଙ୍କି ଭୋଗୁଛ । ମଧ୍ୟସ୍ଥ-ଦୁର୍ବଳତା ଏଣୁ ସ୍ୱଚ୍ଛ । ୧୧୯ । ଏ ଦେବୀ ରାଜଧାନୀ ମନୋଜର । ମକରଧ୍ୱଜ କୁଚଚନ୍ଦବାର । ଅଭିଷେକ-ମହୋତ୍ସବେ ସୁନ୍ଦର । ଟଣା ହୋଇଥିବା ତୋରଣମାଳ । ଭ୍ରୁଯୁଗ ସତ । ନ ହରଇ ଦୂରୁ କାହାର ଚିତ୍ତ । ୧୨୦ । ଦେବୀରୁ ଦେବେ ଦେଖୁଁ ଦେବୀ ପାଶେ । ସଦା ଗତିକର କାମ ବିଶେଷେ । ପାଉତ ନ ଥାଏ ବିଶ୍ରାମ ଲେଶ । ତୁମ୍ଭ ଯୁଗଳ-ଯୁଗ୍ମ ତା'ର କ୍ଳେଶ । ଗମନ-ସମ୍ଭୂତ । ହର ନେଉଥାଏ ଅନୁବରତ । ୧୨୧ । ସ୍ୱେଦେ ସ୍ନାନ ସାରି ଉନ୍ନିଦ୍ର ହୋଇ । ତବ ସେତେମ ଯା ଛନ୍ତି ରତିପାଇଁ । ଅମୂଳବିଛ କୁସୁମ-ଶରର । ପୁଙ୍ଖତଟି ସେ ମରନ୍ଦ ସୁନ୍ଦର । ସିକ୍ତ ହୋଇଛନ୍ତି । ବିଗ୍ରହରେ ଦେଖି ଏ ତବ ମୂରତି । ୧୨୨ । ଏ ତବ ପ୍ରାଣପ୍ରିୟା ପଦ୍ମନେତ୍ରୀ । ହେଲେଣି ସ୍ୱେଦ-ଜଳେ ପ୍ଲୁତଗାତ୍ରୀ । ରତିପତିର ତ କୁସୁମ ଶର । ତା ପ୍ରହାରରୁ ଝରିବା ରୁଧିର । ଏ ସ୍ୱେଦ ନିଶ୍ଚିତ । ଏମନ୍ତ ବୋଲି ବିଗ୍ରହୁଛି ଚିତ୍ତ । ୧୨୩ । ତୁମ୍ଭ ବେନି ଅନୁରାଗ ବିଲୋକ । ଅବାରୀ ଉତ୍ସବ ରତ ହେଲେକ । ଏ ତବ ଚକ୍ଷୁରେ ଦେଖି କମଳ । ପାଣ୍ଡୁ ହେବାକୁ କାମଶର ଫଳ । ମୁନାଏଁ କି ମୁଖ । ସତ କି ମିଛ କେଳିସରେ ଦେଖ । ୧୨୪ । ହେ ରାଜଦମ୍ପତି ସୁରତି ପାଇଁ । ଅଧୀର ହୋଇଲଣି ତୁମ୍ଭେ ଦୁଇ । ଯାଉଛି ଜଣା ଇଙ୍ଗିତ ଆକାରେ । ଏ ସଖୀ-ନିକର ସ୍ୱେଚ୍ଛାବିହାରେ । ନ ବାଧନ୍ତୁ ଆଉ । ଯାନ୍ତୁ ସେମାନେ ଏବେ ଅଜ୍ଞା ହେଉ । ୧୨୫ । ଯୁବା ଯୁବତିର ବାସ ନ ଫେଇ । ରଦ ନଖରେ ରଣେ ନ ବୁଝାଇ । ମତ୍ତତା ନ ଜନମାଇଁ କି କାମ । ବୃଥାରେ ବହଇ ମଦନ ନାମ । ସାର୍ଥ କରୁ ନାମ । ପୂରୁ ତୁମ୍ଭଯୁଗର ମନସ୍କାମ' । ୧୨୬ । ଶୁକ ଏତେ କହୁ ଗନ୍ଧର୍ବବାଳା । ସଖି-ଅନ୍ଦଏ ଲଜ୍ଜେ ହୋଇ ଭୋଳା । ପଦ୍ମନୀପଣୁ ସଙ୍କୋଚ ଲଭିଲେ । ଦେବୀ-ବ୍ୟାଜ-କୋପଦୃଷ୍ଟିପାତରେ । 'ସାନ୍ଧ୍ୟରାଜକାର୍ଯ୍ୟ । ବନ୍ଧୁର୍ତ୍ତ ବୋଲି ଗଲେ ସଖି-ବ୍ରଜ । ୧୨୭ । ଶ୍ରୁତଗିରାନୁବାଦନେ କୁଶଳ । ରାଜସୁତ ଅନ୍ତେ ନୀରବୁଁ କୀର । ନୃପ-ସୁତମାରେ ମୁଗ୍ଧ କୋକିଳ । ଭାଷି କି ମୁହୁ ମୁହୁ ବାରମ୍ବାର । କହୁଥିଲି କୀରେ । 'ଗଲୁ ନୀରବ ହୋଇ କାହିଁକି ରେ' । ୧୨୮ । ସେ ଅତି ତ୍ରିଛ ସହୁଁ ଏ ଅନ୍ତେ । ପଡ଼େ ଦେବୀଦୃଷ୍ଟି କେଳି-ସରିତେ । ଦୂରତାବଶୁଁ ସେ ବିଶଇ ସରୁ । ତା ମଧ୍ୟେ ସୂର୍ଯ୍ୟବିମ୍ବ ପଡ଼ିବାରୁ । ଦିଶେ ସ୍ୱଚ୍ଛ ଅତି । ହରଇ ଦୂରରୁ ଦର୍ଶକ-ମତି । ୧୨୯ । ଯାଉଥିବାରୁ ନଦୀ ବନ୍ଧେ ବହି । କୋକଯୁଗ ତାକୁ ଭାବି କି ଅହି । ଭୟ ପାଇ ପରସ୍ପରକୁ ଛାଡ଼ି । ପଳାଇଣ ଉଡ଼ି ଭୟରେ ବଡ଼ି । ସେ ସ୍ଥଳେ

ସରତ । ଥିବାର କରୁଥିଲେ ସେ ସୂଚିତ । ୧୩୦ । ଦୀର୍ଘ ବିରହ ହେବାରୁ ଅସହ୍ୟ । କାମ ଶର ମାରି କାଟେ କି କାୟ । କ୍ଷତଜ ରକ୍ତେ ହୋଇ ଜର୍ଜ୍ଜରିତ । କୋକଦମ୍ପତି ଦିଶି କି ଲୋହିତ । ପଦ୍ମମୁଦ୍ରା କାଳ । ହେଲା ମହିଷୀ ଶ୍ୱାସେ ପରିମଳ । ୧୩୧ । ନୃପେ ବିଲୋକି ଭାଷନ୍ତି ମହିଷୀ । "ଦେଖ କୋକ-ଦଶା ପଡ଼ିଲା ଆସି । ଦୁର୍ଦ୍ଦଶା ଦେଖି ଚକ୍ରବାକଙ୍କର । ଦୁଃଖେ ବିଦାରି ହେଉଛି ମୋ ଉର । ଦେଖି ଏହା କା'ର । ନୟନରୁ ବା ନ ବହିବ ନୀର । ୧୩୨ । କୁମୁଦ ହସିବ ଏବେ ତା ଗୃହେଁ । ସହି ନୋହିବ ବୋଲି ବନସାଇଁ । ପଳାନ୍ତି ଚକ୍ଷେ କୋକଙ୍କ ଶୋକ ।-କୁନ୍ତେ ବିଧାତା ଫୋଡ଼ଇ ପକ୍ଷିଙ୍କ । ହୃଦୟ-ଦେଶରେ । ତେଣୁ ରବନ୍ତି କି ସେ ବୃକ୍ଷଡାଳେ । ୧୩୩ । ଜାଣନ୍ତି ଦୁଃଖ ପୂର୍ବୁ କୋକଯୁଗ । ତଥାପି ବିରହ ଭଞ୍ଜନ୍ତି ଅଗ । ଏକଥା ଦେଖିଲେ ଆସଇ ମନେ । ପ୍ରାଣୀ ଚଳଇ ଦଇବ-ଅଧୀନେ । ଯେଣିକି ସେ ନିଏ । ତାହା ବିନା ଆନ ପଥ ନ ପାଏ । ୧୩୪ । ହେ ପ୍ରିୟ ! କୋକଯୁଗ ଚୀରିବାକୁ । ସୂରଶାଣେ ଶାଣି ସନ୍ଧ୍ୟା-ଅସିକୁ । ବସିଛି ବିହି ଗରୁଡ଼-ସୋଦର । ରଶ୍ମି ଧାର୍ଯ୍ୟ ହୋଇଛି ଧୂରବାର । ଦଣ୍ଡ ଦଣ୍ଡ ସତ । ଇଷ୍ଟକରଜେ ଦିଶେ ଶାଣ ରକ୍ତ" । ୧୩୫ । ପ୍ରେୟସୀ ମୁଖୁଁ ଏ ଗିର ମଧୁର-। ମଦିରା ପାନକର ନରବର । ବିଲୋଳ କଟାକ୍ଷରେ ମନେ ହସି । ଅନାଇ ଭାଷନ୍ତି 'ରେ ଶଶିହାସି । ଭାଷିଲୁ ତୁ ଯାହା । ସତ ସତ ସଖି ତେମନ୍ତ ତାହା । ୧୩୬ । ଯୁବାଯୁବତୀ-ଜୟେ ରତିମାର । ବହିଛନ୍ତି ତୋ ଭ୍ରୂରୂପ-ବର । ଲୀଳିବାକୁ ନଳୀ ତୋ ନାଶା ତହିଁ । ନିଶ୍ୱାସ ତୋର ବାୟୁବ୍ୟାସ୍ତ ସହି । ଏତେ ସଜେ ଯେବେ । ନ ଜିଣିବେ ତାଙ୍କୁ ଲୋକେ ହସିବେ । ୧୩୭ । ବର୍ଣ୍ଣେ ରଜା ଶୁଭ୍ର, ସେ ବର୍ଣ୍ଣି ବିହି । ରଜତ ଦୁର୍ବର୍ଣ୍ଣ ଲୋକେ ବୋଲାଇ । ସୁବର୍ଣ୍ଣୁ ସୁବର୍ଣ୍ଣ ଲଭେ ଆଦର । ସେ ବର୍ଣ୍ଣେ ବିସ୍ତରେ ଶରୀର ତୋର । ଏଣୁ ହେମ ତୁଲେ । ଆନମାନଙ୍କୁ ମୁଁ ଗଣା ନ କରେ । ୧୩୮ । ସିଞ୍ଚି ମଧୁ ଗୁଡ଼ ଭୂମି ଚଷିଣ । କ୍ଷୀର ସାର ଦେଇ ଇକ୍ଷୁ ରୋପିଣ । ଦ୍ରାକ୍ଷା-ରସ ଦେଇ ଦୋହଦ ପାଇଁ । ଯେବେ ସେ ଇକ୍ଷୁରେ ଫଳ ଧରଇ । ତେବେ ସେ ଫଳର । ରସରୁ ତୋ ଗିର ମଧୁର-ତର । ୧୩୯ । ସୁଧାପାତ୍ରୀ କାମ ଗୁଡ଼-ତନୁରେ । ଶର୍କରାଚଳରେ ଇକ୍ଷୁ-ସିନ୍ଧୁରେ । ମନ୍ଥି ଯେବେ ନବାମୃତ କାଢ଼ିବ । ତେବେ ଅବା ତା ସମାନ ହୋଇବ । ତୋ ଭାଷା ସହିତ । ଯହିଁ ମୋ ଶ୍ରୁତିଯୁଗ ଅତୃପ୍ତ । ୧୪୦ । କୋକ-ବିରହ-ଦୁଃଖ ଦେଖି ଶୋକ । ଯେବେ ହେଲା ତୋର ଏତେ ସେବକ । ଯାଇ କେଳି-ସରିତରେ ବିମ୍ବିତ । ସୂରକୁ ଜଳଅଞ୍ଜଳିର ତୃପ୍ତ । କର ମାଗୁ ବର । ନ ଯାନ୍ତୁ ସେ ଶୀଘ୍ର ଅସ୍ତ-ଅଚଳ । ୧୪୧ । ନୋହିବେ ଯେବେ ସେ ଏଥି ତୃପତ । ବଳା-ଇବେ ମତି ହେବାକୁ ଅସ୍ତ । ତେବେ ଚକ୍ରବାକେ ସେ ଜଳାଞ୍ଜଳି । ଦେଇ ଏ

ସେବକ ଅଯିବ ଗଲ । ଏତେ ଅଜ୍ଞାଦେଉ । ବଳମ୍ଭ କଲେ ଦାସ ଦଣ୍ଡପାଳ । ୧୪୨ । ପରହାସ-ସୁଖ-ଲଭିବା-ପାଇଁ । ଅନ୍ତଃପୁରାରେ ଲୁଚିଥିବା ସଖି- । ମାନଙ୍କୁ ଗୃହଲଯିବା ଖୋଜ ଏବେ' । ଏତେ ଭାଷି ଭୂପ ଆଳକ୍ଷ ଭାବେ । ରସାଇ ପ୍ରିୟାକୁ । ବଜେ ସାୟଂ ସନ୍ଧ୍ୟା ଅଠରିବାକୁ । ୧୪୩ । ଶ୍ରୀର-ମାମଣ୍ଡ ଦେବୀ-ସୁତ ହର୍ଷ । ଯା-ପଦ ସ୍ମରଣେ ସମ୍ଭବେ ହର୍ଷ । ତାଙ୍କ ପଦକୁ ମୋଦେ ହୃଦେ ବନ୍ଦି । ସାଦରେ ଦାମୋଦର-ପଦ ଧ୍ୟାୟି । ଶ୍ରୀନ ଗୋପୀନାଥ । ବିରଚୁଛି ନଳ-ଚରିତ ଗୀତ । ୧୪୪ ।

ଦ୍ୱାବିଂଶ ଛାନ୍ଦ ।

ରାଗ—କନଡ଼ା । ତାଳ ତ୍ରିପୁଟ ।

ଏଥୁଅନ୍ତେ ରସ ଶୁଣ ସୁବଦନ୍ତ ସାନ୍ଧ୍ୟ-ବିଧି ସାରି ନରେଶ ।
ରାଗେ ରଞ୍ଜିତ ପଶ୍ଚିମାଶା-ଆସ୍ୟ ।
ବିଲୋକି ବାଳାଧର-ରସାସ୍ୱାଦନ-ସୁଖେ ରଖାଇ ମାନସ ହେ ।
ସାୟଂରେ ।
କଲେ ବର୍ଣ୍ଣନ ବିଦର୍ଭସୁତାର ।
କେଳି-ପର୍ବତ-ବିତ ନିକେତର ।
ସପତମ ତଳେ ଯାତନ୍ତୁ ଭୂତଳେ ଜାତଶଙ୍କା ବିଚାରି ହେ ।
ସୁଧୀରେ । ୧ ।

ପର୍ଯ୍ୟଙ୍କ-ଅଙ୍କ-ତଳପ୍ପୁଁ ଉଠିଆସ ନେଇଁ ପାଣ୍ଟେ ଚିହ୍ନ ବିମ୍ବୋଷ୍ଠୀ । ନୃପ ଲଭ ପରମ ମନତୁଷ୍ଟି । ବସି ତଳପେ କରଧରି ବାଳାକୁ କୋଳେ-କରି କରି ସୃଷ୍ଟି । ହାସକୁ । ଭାଷନ୍ତି 'ରେ ସଖି ! ଦେଇ ଦୃଷ୍ଟିକ । କରି ଅବାରୀ-ବନିତା-ତୁଷ୍ଟିକ । ଅଳକ୍ତ-ଜଳେ ଅବଗାହି ବହୁଛି କୁଙ୍କୁମ ରସେ ପୁଷ୍ଟିକ । ଏ ଅବାରୀ । ୨ (୨-୩) । ଅକାଶ-ଶୈଳ-ଶିଖରୁ ସୂର-ଗେରୁ ନପାତେ ଚୂର୍ଣ୍ଣିତ ହୋଇଛି । ଚୂର୍ଣ୍ଣ ନିଦ୍ୟ ଚମକ ଯାଉଛି । ଶୂନ୍ୟକୁ, ତାକୁ ସନ୍ଧ୍ୟାରାଗ କହନ୍ତି ସେ ଯେ ନ ଜାଣନ୍ତି କିଛି । ରେ ମୃଗାକ୍ଷି । ଅବା ଅସ୍ତଗିରି-ଶିର-ଶବର- । ଘର-ପୋଷା ଯାମ-ଘୋଷ ନକର । ସୂତ ପ୍ରହର ଖ୍ୟବିବାପାଇଁ ଶିର ଛେଳୁଁ ତହିଁବଣେ ଲାଲ । ଏ ଅବାରୀ । ୩ (୪-୫) । ସନ୍ଧ୍ୟା-ଶିରେ ବହି ବାନ୍ଧିଛି କି ସଖି ନିଶାର ଦ୍ୱାଶପଟଣ ଶାଢ଼ୀ । ତେଣୁ ସେ ଦିନେ ଦେଉଛି ଘୋଉଡ । ନ ଅ' ଏଣେ ବୋଲି ଧରି ସୁରଞ୍ଜିତ ସୂର-କର-ବେତବାଡ । ରେ କିଶୋରି । ରକ୍ତା ସନ୍ଧ୍ୟା ରଞ୍ଜାଇବାକୁ ସୂର୍ଯ୍ୟେ । ଦେଖି ନଶ୍ବର ହର ତୋଷରେ ।

ତାର-ହାରଧାରୀ-ନଭ-ଶରୀରେ କି ନୃତ୍ୟ ଆରମ୍ଭ କରିଲେ । ରେ କିଶୋର । ୪ ।
(୬-୭) । ସନ୍ଧ୍ୟାରେ ଉନ୍ମତ୍ତେ ତାଣ୍ଡବ ଆରମ୍ଭି ହର ଉରହାର ଛିଡ଼ିଲା । ଅସ୍ତି-
ନକର ତହିଁରୁ ପଡ଼ିଲା । ନିପାତ-ଚୂର୍ଣ୍ଣିତ-ଅଂଶେ ତାରକତ ହେବାର ନଭ
ଦିଶିଲା । ରେ କିଶୋର । ପଦ୍ମେ ସୁନ୍ଦର ବଦନ-ଦନ୍ତାବଳେ । ନିଶା-ଶବର ନାଶି-
ବାରୁ ହେଲେ । ଏ ରଙ୍ଗ-ମୁଦ୍ଗର ଗୁମ୍ଫର ତାହାର ତାରା କୁମ୍ଭମୁକ୍ତା-ଛଳେ ।
ରେ ପଡ଼ିଛି । ୫ (୮-୯) । ପୂର୍ବେ ପାର୍ବତୀ-ବିବାହରେ ପର୍ବତ-ବିହାରୀ ସର୍ବ
ସର୍ବେଶ୍ୱର । ପୁଷ୍ପ ସିନ୍ଦୂରଶୋଭିତ-ବଦନର । ପରିଧାନ ଥିଲେ ଏ ପ୍ରଦୋଷ-ରାଗ-
ରଞ୍ଜିତ ପଶ୍ଚିମାମ୍ବର । କି ? ବିଚାରେଁ । ସ୍ୱତାହ୍ୱସ୍ତି ଦକ୍ଷ ହିମବନ୍ତର । କାଲିବେଳେ
ବିବାହ ମହେଶ୍ୱର । ଥିଲେ କି କରି ସନ୍ଧ୍ୟା-ରାଗ-ରଞ୍ଜିତ ପୂର୍ବ-ପଶ୍ଚିମ-ଅମ୍ବର ।
ମୁଁ ବିଚାରେଁ । ୬ (୧୦-୧୧) । ଏ ପରିବ୍ରାଜକ ଅର୍ଯ୍ୟମା ସର୍ବଦା ବିଚରୁଥାଇ
ଦଣ୍ଡଧେନ । ସନ୍ଧ୍ୟା ହୋଇବା ସମୟକୁ ଜାଣି । ସ୍ନାନ ସାଗରେ କି ସାନ୍ଧ୍ୟ-
ମେଘ-ରଙ୍ଗ-ବାସ ଅଛି ପରିଧାନ । ରେ ନବୀନା । କିବା ନିକଷ-ଅସ୍ତଶୈଳେ ସୂର-
ସ୍ୱର୍ଣ୍ଣପିଣ୍ଡ କିଣିଛି କି ଅମ୍ବର । ତାର-କପର୍ଦ୍ଦେ ଏ ସନ୍ଧ୍ୟାରାଗ ଅବା କଷ-ରେଖା-
ହେମଗାର । ଗୋ, ହୋଇବ । ୭ (୧୨-୧୩) । ଆକାଶ-ବୃକ୍ଷରୁ ମାର୍ତ୍ତଣ୍ଡ-ମଣ୍ଡଳ-
ପକ୍ୱଦାଡ଼ିମ ତୋଳି କାଳ । ପକାଇଛି ସନ୍ଧ୍ୟାରାଗ-ବକଳ । ଭୁଞ୍ଜି ମଞ୍ଜି ଥୁଥୁ କରି
ଯା ଫିଙ୍ଗିଛି ଏ ସେହି ନକ୍ଷତ୍ରମାଳ । ମୁଁ ବିଚାରେଁ । ଭୁଞ୍ଜି ତାରା-ମଞ୍ଜି ପୁଞ୍ଜି
ଥୁମ୍ପିଛି । ସୂର୍ଯ୍ୟମଣ୍ଡଳ-ଦାଡ଼ିମୁଁ ଫେଇଛି । ଯେଉଁ ଲୋହିତ-ବକଳ ତାହା ଏବେ
ସନ୍ଧ୍ୟାରାଗ ବୋଲାଇଛି । ରେ ନବୀନା । ୮ (୧୪-୧୫) । ବନ୍ଦୀ ସନ୍ଧ୍ୟା ମଞ୍ଜୁ
ତାଣ୍ଡବେ ମହେଶ ପଦ୍ମର-ପ୍ରହାର ଅରଜ । ଚିବିଚିରି-ପାଷାଣ ଗଲେ ଭଜି । ସେ
ସ୍ଫଟିକ ଖଣ୍ଡ ଚହ୍ଲଡ଼ ପଡ଼ କି ହୋଇଛନ୍ତି ତାରାରାଜି । ରେ କିଶୋର’ । ଶୁଣି ବର୍ଣ୍ଣିନା
ଲାଜେ ସନ୍ଧ୍ୟାବାଳୀ । ପଳାଇଲା କି ? ତମ ତାରାବଳି । ମିଶି ଆକାଶେ ବନ୍ଧୁର କରୁଁ
ଗୃହିଁ ପୁଣି ଭାଷି ଦଣ୍ଡଧାରି । ‘ରେ କିଶୋର । ୯ (୧୬-୧୭) । ରେ କାମକାର୍ମ୍ମୁକ-
ଭ୍ରୁରୁ ! ରମଣର ମର୍ମ୍ମଭେଦୁଁ କଷ୍ଟେ କାତର । ଶୂନ୍ୟେ ଯାଇଛି ଚମକି ସାଗର । ଗ୍ରହ-
ଗ୍ରାହ ମୀନ-ମୀନ ଏ ବିଶାଖା-ତାରା-ପୁଞ୍ଜ ଏଥି ଦର । ରେ କିଶୋର । ଦେବାସୁର
ସମ୍ମୋହନେ ମଦନ । ବାନ୍ଧିଛି କି ପୁଷ୍ପମାର୍ଗଣ-ଗଣ । ସେ ତାରା, କାମର ପଞ୍ଚଶର ନାମେ,
ପଞ୍ଚ ପ୍ରପଞ୍ଚରେ ଯେନ । ରେ କିଶୋର । ୧୦ (୧୮-୧୯) । ସ୍ୱର୍ଦ୍ଧୁନୀତୀରେ ତରୁଣୀଡ଼-
କ୍ରୋଡ଼ରେ ନିଶାରେ ବିରହବଧୂରା । କୋକବଧୂଙ୍କ ନେତ୍ରୁ ନୀରଧାରା । ପଡ଼ି ବର୍ଷାଧାରା
ବୋଲାଏ ନଭୂନସ୍ଥାଣ୍ଟୀ ବିନ୍ଦୁବୃନ୍ଦ ତାରା । ମୁଁ ବିଚାରେଁ । ସୁରସରିତେ ବିହରୁ ଅମ୍ବରେ ।
ଦୁଷ୍ଟ ପଳାଉ ଦୂରକୁ ଭୟରେ । ଗୋଧା କର୍କଟ ମକରେ ତେଣୁ ନିମ୍ନୁଁ ଦିଶନ୍ତି ସ୍ପଷ୍ଟ
ଚିଲ୍ଲିକରେ । ରେ ସୁନ୍ଦର । ୧୧ (୨୦-୨୧) । କରି ଭୁବନବିଜୟ ବଜାଇବା-

ପାଇଁକି ଏ ବିଶାଖା-ଶଙ୍ଖ । କାମ ବହିଅଛି କି ? କରେ ଦେଖ । ତା ବିନା ଅନ କେ ତାରା-ପୁଷ୍ପ-ଶଙ୍ଖେ ନିର୍ମାଣିବାରେ ସୁଦକ୍ଷ । ରେ ସୁନ୍ଦର । ହେବ ରଜନୀ ବା ମହା-ଯୋଗିନୀ । କାମେ ଚେତାଇଛି ମୋହି ପଦ୍ମିନୀ । ଶୂନ୍ୟେ ଏ ବିଶାଖାଶଙ୍ଖ କି ତା ଯୋଗ-ବିଭୂତି ଥାଏ ବଖାଣି । ରେ ସୁନ୍ଦର । ୧୨ (୨୨-୨୩) । ଦିବସେ ପ୍ରବୋଧ-ସମସ୍ତେ ଅଦୃଶ୍ୟ ତାରକା-ଖପୁଷ୍ପ-ମାନଙ୍କୁ । ଦେଇ ଦେଖାଇ ଶୂନ୍ୟାସ୍ତିବାଦକୁ । ପ୍ରଗୃହ ନିଶାଭିକ୍ଷୁଙ୍କୀ କି ବିନାଶେ ତମେ ସୃଷ୍ଟି-ଅସ୍ତିତ୍ୱକୁ । ରେ ସୁନ୍ଦର । ଭୁରୁଗୃପ ଧରି ତୋ ପଞ୍ଚଶର । ମୁଖ-ଶଶି-ମୂର୍ଚ୍ଛେ କରୁ ପ୍ରହାର । ଘାତବ୍ୟସ୍ତ ସେ ଶୂନ୍ୟକୁ ଚମକଛି ଅର୍ଦ୍ଧାଶୁଗବଦ୍ଧଶିର । ଏ ଦିଶୁଛି । ୧୩ (୨୪-୨୫) । ବିଧାତାନିର୍ମିତ ଲୋକାଶ୍ରୟୀଭୂତ ବ୍ରହ୍ମାଣ୍ଡମଣ୍ଡପ ନିଯୁତ । କାଷ୍ଠାବଳରେ ଯାହା କୀଟକୁଳ ।—ଗର୍ତ୍ତି-ନାରବୁ ସୃତ କର-ଛିକର ରଜ-ନିକର-ସଞ୍ଜାତ । ରେ ଦିଶଇ । ଯାଉଁ ବାସରବନ୍ଧ ଅପସର । ଐରାବତ-ଗଣ୍ଡମଣ୍ଡଳ ଝର । ନିରର୍ଗଳେ ମଦତାମସ-ପ୍ରବାହ ଅସେ ପ୍ରବିହିଗ ପୂର । କି ? କିଶୋର । ୧୪ (୨୬-୨୭) । ସେତୁବନ୍ଧ ଯା ସୀମପର ହିଶଇ ସେ ଦକ୍ଷିଣଦିଗ-ବିହାଗ । କାଳଦେବର ବାହନ ବାହାର । ବିଶ୍ୱର ଯମୁଁ ଭୀତ ବାହ-ବାହନେ ଧରି ପଳାନ୍ତି କି ହର । ଗୋ ପ୍ରତ୍ୟହ । ସୂର୍ଯ୍ୟମଣ୍ଡଳ-ପକ୍ୱ-ମହାକାଳ । ପଡ଼ ଅସ୍ତଶଇଳ-ଚୂଳ-ଶିଳ ।—ପରେ ଫାଟି ମଞ୍ଜି ବ୍ୟାଜେ ବିରଚଛି ଏ ନିବିଡ଼ ତମଜାଳ । ରେ ସୁନ୍ଦର । ୧୫ (୨୮-୨୯) । ପର୍ବତରାଜ ହିମବନ୍ତେ ବିରଜ ଏକା ସୁମେରୁ ପ୍ରଦକ୍ଷିଣ । କରୁ ସୂର ସେ ହିମାଦ୍ରିର ହେନ । ସୂର-ଅନାଦର-ସମ୍ଭୂତ ଦୁର୍ଯଶ ଯମା ହୋଇଛି କି ପୁଣ । ଗୋ ସୁନ୍ଦର । ଚୈତ୍ରରଥ-କାନନ କୁବେରର । ଦିଶେ ପଦ୍ମାବଳୀବତ ଯାହାର । ସେ ଉଦୀଚୀର ତାମସ ଦିଶେ ଗିରିଶିର-ଦୁର୍ଯଶ-ପ୍ରକାର । ରେ ସୁନ୍ଦର । ୧୬ (୩୦-୩୧) । ଦିବସରେ କରସହସ୍ରେ ଭାସ୍କର ଆକାଶେ ଧରିଥିଲା ଟେକି । ଏବେ ସେ ଅସ୍ତ ହୋଇଯିବାରୁ କି । ନଭ ପଡ଼ଅସେ ପାଖକୁ ତାହାକୁ ତାମସ ବୋଲୁଛନ୍ତି କି । ଗୋ ସକଳେ । ମୁଖମାତ୍ର ଅନ୍ତରୀକ୍ଷ-କରାଇ* । ରଖି ତପନ-ପ୍ରଦୀପ ଜଳାଇ । ବହି ପାରିଥିବା କଳାଭିର ହୋଇ ଏବେ ତଳକୁ ଛାଡ଼ଇ । କି ବିଶ୍ୱରେଁ । ୧୭ (୩୧-୩୨) । ଚର୍ଚ୍ଚି ତାମସ-ମୃଗମଦେ ଶରୀର ହୋଇ ନୀଳାମ୍ବରେ ଶୋଭିତା । ମାର-ପୁଷ୍ପଶର-ତାରା-ମଣ୍ଡିତା । ନିଶଙ୍କି ନ ଦେଖିଲେ ଦେଖି ନୋହିବାବେଶେ ଏ ଦିଶବନିତା । ରେ ବରାଙ୍ଗି । କୃଷ୍ଣାଭିସାର କରନ୍ତି ମୋ ପାଶେ । ନିଶାନାଥ ନ ଥିବାରୁ ଆକାଶେ । ଦେଖି ଏହା ଦୁଃଖ ନ ବହି ସୁମୁଖି ! ନ ରୁଷ୍ଟରୁ ଯାହା ଦାସେ । ରେ ସୁଧୀରା । ୧୮ (୩୩) । ଦିନଶେଷପାଇଁ ଦିନେଶ-ଦକ୍ଷିଣ-ନେତ୍ର ଘାନବନ୍ଧୁ ମୁଦନ୍ତେ । ପୁଷ୍ପଯୁଗଳ ମିଳନ ଲଭନ୍ତେ । ପକ୍ଷ୍ମ-ଘନଲୋମତତି ଇନ୍ଦ୍ରନୀଳ-ସାରେ ଶ୍ୟାମଳ ଦିଶନ୍ତେ । ରେ କିଶୋର । ତାକୁ ବୋଲନ୍ତି ଯିନା ଅନ୍ଧକାର ।

* କରାଇ—ଭର୍ଜନପାତ୍ର ବିଶେଷ ।

ଅବା ନିଜ-ଗୋ-ସନ୍ଦେହେ ଭାସ୍କର । ଜୀବଙ୍କ ଗୋ ମାନଙ୍କୁ ନେଇ ଜନ୍ମିଛି ଅନ୍ଧତା ନୁହେ ଅନ୍ଧାର । ଏ ନିଶାର । ୯ (୩୪-୩୫) । ରେ ମୁଗ୍ଧେ ! ତାମସ ତତ୍ତ୍ୱ— ନିରୂପଣେ ଦର୍ଶନ ବୈଶେଷିକମତ । ଶ୍ରେଷ୍ଠ କଣାଦ-ଉଲୂକର ସେ ତ । ତେଣୁ ତମତତ୍ତ୍ୱ-ନିର୍ଣ୍ଣୟେ ତା ତୁଲେ ନୁହନ୍ତି କେହି ତୁଳିତ । ସୁତନୁ । କୌଶିକଙ୍କୁ ବିଡ ମଳିନ ଅସ୍ପର୍ଶ । ଏ ଅନ୍ଧାରର ସମୃଦ୍ଧି ବିଶେଷ । ଏକ କୌଶିକନନ୍ଦନ ବିନା ଅନ-ନେତ୍ରେ ହୁଏ ବିଷଦୃଶ । ରେ କିଶୋରି । ୧୦ (୩୬-୩୭) । ଗ୍ରହରାଜ-ତେଜେ ତାରା ମ୍ଳାନିଭଜେ ଯେ କାଳେ ତହିଁ ଅନ ଜୀବେ । ଦ୍ରବ୍ୟ-ନିବହେ ଦେଖନ୍ତି ସ୍ୱଭାବେ । ସେ ଦିବସରେ ଏ ପେଚକ ନ ପାରେ କାହିଁ କିଛି ନିରେଖି ଲଭେ । ରେ କିଶୋରି। ଦିବାଶେଷେ ନିଶା ହେଉ ପ୍ରବେଶ । ତା'ର ସଙ୍ଗରେ ସବଂଦିଶେ ଦୃଶ । ଏମନ୍ତେ ଏକା ଏ ଉଲୂକ-ବିଗ୍ରହେ ରଜନୀ ହୁଏ ଦିବସ ! ରେ କିଶୋରି । ୧୧ (୩୮) । ଦିବସ ମୋର ଅସିତ ତା'ର ସନ୍ଦେହର ଅଲୋକର ପ୍ରଗ୍ରହ । ବାରିବାପାଇଁକି ଭଳ ଅନ୍ଧାର । ପେଷିଥିଲା କି ଛାୟା ସୁପ୍ତଚରିତ୍ର ପ୍ରତିପଦାର୍ଥ-ପଞ୍ଚର । ଗୋ ଦିବସେ" । ଚନ୍ଦ୍ର-ଶବ୍ଦ ତାମସେ ବର୍ଣ୍ଣି ଭୂପ । ଶତ୍ରୁ ସ୍ତବେ କି ଶତ୍ରୀ ବହି କୋପ । ଜବା-ରକ୍ତ ଦିଶି ଅଷ୍ଟ ତାଙ୍କ ତୋଷ ପାଇଁକି ସ୍ତବନ୍ତି ଭୂପ । ସେ କାଳରେ ।୧୨ (୩୯-୪୦) ।

ଉଦୟାଦ୍ରି-ଊର୍ଦ୍ଧ୍ୱଭୂମି-ଯବନିକାବୃତ ହୋଇ ରହି କିଞ୍ଚିତ । ପରେ ବାହାର କିରଣେ ଅମୃତ । ବର୍ଷି ତୃଷିତ-ଚକୋର-ଚଞ୍ଚୁ-ପୁଟାଞ୍ଜଳି କଲେଣି ପୂରିତ । ରେ ସୁତନୁ । ତମ ଥାଉଁ ଭୁକୁ ତରୁ-ତଳର । ଅଭିସାରଣୀ ବୋଲିଣ ବିଗ୍ରହର । ଚନ୍ଦ୍ର ଉଦୁଁ ଜ୍ୟୋତ୍ସ୍ନା-ବାସ ପିନ୍ଧିଗଲା ଫିଙ୍ଗି ଛାୟା-ନୀଳାମ୍ବର । ରେ ରୁଚିରା । ୧୩ (୦୧-୪୨) । ଅରେ ବିମ୍ବୋଷ୍ଠି ! ତୋ ବଦନ କାନ୍ତିର ଅଦର୍ଶ ପରିନ୍ତି ଏ ଶଶୀ । ଥାଏ ଚକୋରେ ସ୍ୱକରେ ସନ୍ତୋଷି । ନିଶାନୀଳୋ-ତ୍ପଳବତ ତୋ ଯୁଗଳ-ନେତ୍ରେ ଯାନ୍ତି ଏଥି ରସି । ରେ ପ୍ରେୟସି ! ପୂର୍ବେ ମନ୍ଦର-ମନ୍ଥଦଣ୍ଡ-ଯୋଗେ । ଜନ୍ମ ଲଭିଛି ଏ ସାଗର-ଭୂଗେ । ଏବେ ଏ ସଦାସିନ୍ଧୁବାସୀ ଉଦୟ ଲଭଇ ପର୍ବତଅଗେ । ରେ ଗଉରି ।୧୪ (୪୩-୪୪) । ସାଗର-ସମ୍ଭବବଶୁଁ ଇନ୍ଦୁ ଐରାବତ ଏ ବେନି ସହୋଦର । ଇନ୍ଦୁ ଜ୍ୟେଷ୍ଠ, କନିଷ୍ଠ ଗଜବର । ଅତଏ ପର ପୂର୍ବେ ହେଉ ପ୍ରବେଶ ଅଗ୍ରଜ ଦିବା-ଶେଷର । ରେ ସୁକେଶି । ଚମାଦେ ସାଦରେ ଅନୁଜ ଶିରରେ । ବନ୍ଧି ତାହାକୁ କି ଶିର-ସିନ୍ଦୁରେ । ସିନ୍ଦୂରିତ ହୋଇ ଯାଇଛି ଏ ଇନ୍ଦୁ ବିଗ୍ରହେ ପ୍ରାଣବନ୍ଧୁରେ । ମୁଁ ଚିତ୍ତରେ । ୧୫ (୪୫) । ସାଦୃଶ୍ୟବଶରୁ ରସି ଅପସର ମୁଖେ ଚୁମ୍ବନ୍ତେ ଏ ଶଶୀକି । ଓଷ୍ଠ-ଅଳକ୍ତକ-ରାଗ ଘଷିକି । ହୋଇଥିବାରୁ ପକ୍ୱବିମ୍ବ ପରିନ୍ତି ଲୋହିତବର୍ଣ୍ଣ ଦିଶିକି । ଏ ଚନ୍ଦ୍ରମା । ଅବା ସୁରତସିନ୍ଧୁ-ବଣିଜାରେ । କାମ ସରଣୀ ଦେଖାଇ ଦେବାରେ । ଶ୍ୱେତରକ୍ତ-କାଚ-ବିନିର୍ମିତ ସ୍ୱଚ୍ଛ ପ୍ରଦୀପପାତ୍ର ଉଚ୍ଚରେ । ଗୋ ଜାଳିଛି । ୧୬ (୪୬)

ନାସାମୁଖ ନିର୍ମାଣିବା ପାଇଁ ଶଶି-ସ୍ୱର୍ଣ୍ଣଖଣ୍ଡ ରଚଛି ବିଧି । କର-ତେଜେ କଳଙ୍କ-ନାସିକାଦି । ନ ଦିଶଇ ତହିଁ ତହିଁରେ ନିର୍ମିତ ମୁଖେ ନାଶାନସୃନାଦି । ଗୋ ଦିଶଇ । ସହ, ତହୁ ତୋ ମୁଖ କର ବହୁ । ତାକୁ ଦେଇଛି ଥୋଇ ନେଳ୍ପଖାଇ । ତେଜେ ନେତ୍ରାଦିସତ ତହିଁ ନ ଦିଶେ ଯେ ସବ ଏଥି ଦିଶଇ ଗୋ । ତୋ ମୁଖେ ।୨୭(୪୮) । ପ୍ରାଚୀ-ଅମ୍ବର ରଜନୀ-ଯୋଗେ ବହୁଥିଲା ପୀତରାଗ ନବୀନ । ତହିଁ ଲଗନ୍ତେ ଚନ୍ଦ୍ରକର-ଚୂର୍ଣ୍ଣ । ବର୍ଣ୍ଣ ବଦଳ କ୍ଷଣକେ ଲାଲ ହୋଇ ଗଲାକି ବଗୁରେଁ ମନ । ମୁଁ ନବାନା । ସମ ଛେଦ କାର୍ତ୍ତବୀର୍ଯ୍ୟ ମସ୍ତକେ । କଲେ ତର୍ପଣ ଯାହା ପିତୃଲୋକେ । ପିତୃଲୋକ ତ ଶଶି ସେ ରକ୍ତ ତହିଁ ଯାଇ ରଞ୍ଜିଲା ଶଶାଙ୍କେ । କ ବଗୁରେ । ୨୮ (୫୦) । ଲାଞ୍ଛିତ ଲକ୍ଷ୍ମଣେ ହୀନ ନାଶାକର୍ଣ୍ଣେ ରକ୍ତାସ୍ତ୍ର-ବରଷୀ ଏ ଶଶୀ । ସୂର୍ପଣଖା-ବଦନବତ ଦିଶି । ସୀତା ସମ କମନୀୟ ତୋ ବଦନେ ଗୃହି ଯା ନ ଯାଏ ଲସି । ସେ ଲାଜରେ । ଧୂର୍ତ୍ତା ସନ୍ଧ୍ୟା ରକ୍ତଶଣ-କପଟ- । ହେମପିଣ୍ଡ ନବେ ବକ ତା କଣ୍ଠ- । ମଣି ତର-ଣୀକି ନେଲାଣି ସେ କୂଟ-ହେମ ରଜତେ ପ୍ରକଟ । ଗୋ ହେଲାଣି । ୨୯(୫୧-୫୨) ସୁରକୁମର କେ ରକ୍ତପଟଡ଼ୋରେ ରଜତଲାଟ ବୁଲାଇଲା । ବୁଲି ବୁଲି ଦୁରକୁ ଲାଟ ଗଲା । ଫାଟନ୍ତେ ଫାଟମ ଫମେ ସେ ରଙ୍ଗଡ଼ୋର ଏବେ ଧବଳ ଦିଶିଲା । ଏ ଶଶାଙ୍କ । ନିଶା ତମ-ପ୍ରଶସ୍ତ କୃଷ୍ଣାମ୍ବରେ । ତାରାକ୍ଷରେ ଲେଖିଥିଲା ଖଡ଼ରେ । ଲିଭାଇବା ଶଶି ତା ରକ୍ତକର ତେଣୁ କ ଶୁଭ୍ର ବଗୁରେଁ । ମୁଁ ହୋଇଲା । ୩୦ (୫୩-୫୪) । ଏଥି ଏ କଳାନିଧି ଦିଶି ଶୁକଳ ଅନଦେଶେ ହୋଇ ଉଦିତ । ପର-କାଶଇ କରଣ ଲୋହିତ । ବିରାଗ ରାଗକୁ ଏହାର ଏଣୁବା ବାରବ କେଉଁ ପଣ୍ଡିତ । ରେ ସୁନ୍ଦର । ସନ୍ଧ୍ୟା-କୁଙ୍କୁମରାଗ ଯେନ ଅଗେ । ପରେ ତାମସ-କସ୍ତୁରୀ ସରାଗେ । ବୋଲ ଏବେ ଧଗବାଳୀ ଶଶିକର-ଚନ୍ଦନ ଲେପିଲେ ଅଙ୍ଗେ । କ ସୁନ୍ଦର । ୩୧ (୫୫-୫୭, । ଯିଶିର-ବାସର-ମଧ୍ୟ ଯାର ହର ବିଧି ଜ୍ୟୋତ୍ସ୍ନା-ନିଶା କରଛି । ତେଣୁ ଏ ଦିବସ ସମ ଦିଶୁଛି । କଣ୍ଠା ହୋଇ ଘୋଟ ନୋହି କ ଯେ ଦିନ ଅନ ଦିନ ପର ଅଛି । ରେ ସୁଦତି" । ହୋଇ ମୁଗ୍ଧା ଦମ୍ପତି ଗୃହୁ ଗିରେ । ଶୁଣୁ ଥିବାରୁ ବାଳୀ ଏ ପ୍ରକାରେ । ମଉନ ହେବାର ଗୃହି ନରବର ଶ୍ରେଷ୍ଠ ପୁଣ ସଧୀରେ । ହେ ସୁଜନେ । ୩୨ (୫୭-୫୮) । "ଅରେ କୃଶୋଦରୀ ! ଏ ଶଶାଙ୍କଯାସା ସ୍ପର୍ଦ୍ଧା କରେ ତୋ ମୁଖ ଭୁଲେ । ତା'ର ପ୍ରଶସ୍ତି ଶୁଣି ମୋ ମୁଖରେ । ବୁଝିଲୁ କି ରୁଷ-ମୋହନ ? ରସିଲୁ ବୁଝି-ଭୂଷା ମୁକ୍ତାରେ । ରେ ସୁଶୀଳା । ଶୃଙ୍ଗାର-ଭୃଙ୍ଗାର ଶଶି ସୁଧାର । ମୁଖୁଁ ଝର ତୋ ବର୍ଣ୍ଣାମୃତ-ଧାର । ତୋଠୁ ମୋ ଶ୍ରୁତ ମଧୁରେ ଶିକ୍ଷାରୁ ବେଭାରେ ତ ସେ ଇକ୍ଷୁର । ରେ ବରାଙ୍ଗ । ୩୩ (୫୮-୫୯) । ଏବେ ଏ ଅର୍ଣ୍ଣବ-ନନ୍ଦନବର୍ଣ୍ଣନ ପୀୟୁଷଭଲ ବର୍ଣ୍ଣା-ବଳ । ତୋର ବଦନ-ସୁଧାକରୁ ଗଳ । ତୋଷୁ ;"ଏତେ ବୋଲୁ ଭୂପାଳ କୋମଳେ

ତାଙ୍କୁ ଚାହିଁ ଭଣେ ବାଳୀ । ହେ ସୁଧୀରେ । 'ଦେଖି ଶଶାଙ୍କେ ଏତେ ବିଗ୍ରହଭ । ଇନ୍ଦୁ ସିନ୍ଧୁ-ପ୍ରବାହ ବୃଦ୍ଧି ପାଇଁ । ଚନ୍ଦ୍ରକାନ୍ତ ପତ୍ତ-ବିରହ-ଶୋକାଶ୍ରୁ-କୋକିନେହ୍ୟ ଅଛି ନେଇ । କି ସଲିଳ । ୩୪ (୬୦-୬୧) । ରଜନୀ-ଯମୁନା-ତାମସ-ପ୍ରବାହ ଅପସରୁଁ ସୁଧା-ମୟୂଖ । ଦିଶେ ପ୍ରୀପ-ସମତୁଲ ଦେଖ । ସଇକତମୟ-ଦ୍ୱୀପର ଶୁଭ୍ରତା ରହିଛି କୌମୁଦୀ ପାଖ । ହେ ଜୀବେଶ । କୁମୁଦର ଶୁଭ୍ରହାସ୍ୟ ଫସାର । ଦିଶେ କ୍ଷୀରେ କ୍ଷାଳିତ ପରକାର । ଯେ ମୁଖ ମୁହୁଁ ନଭେ ଇନ୍ଦୁ ଥିଲେହେଁ ଦିନେ ନ ଶୋଭେ ଫଷାର । ହେ ଜୀବେଶ । ୩୫ (୬୨-୬୩) । ମୃତ୍ୟୁଞ୍ଜୟ-ଜଟେ ରହିଁ ଶଶି ଭୟ ତାଠାରୁ ପଳାଇ ମରଣ । ଏଣୁ ତହିଁ ନୁହଇ ସେହି କ୍ଷୀଣ । ଏକା ସ୍ୱକରେ ଜୀବିତ ହରହାର-ମୁଣ୍ଡେ ସ୍ୱର୍ଭାନୁ ଭିବଣ । ଏ ଶଙ୍କଇ । କଉମୁଦୀ ଚକୋରେ ସୁଧା ଦେବେ । କଳା ଏକ ବିତରଅଛି ଶିବେ । ତଥାପି କଳ୍ପତରୁ-ଭ୍ରାତା ଶଶୀଙ୍କ ଏ ଦାନ ଅଳ୍ପ ମୁଁ ଭାବେ । ହେ ଜୀବେଶ । ୩୬ (୬୪-୬୫) । ଏକର କୋଳେ କସ୍ତୁରୀ ଅନଗଳେ ଗରଳ ରହିଅଛି ପୂର୍ବ । ଏକ ସୁଧା ଅପର ଭସୁଧାଙ୍କ । ଶିରେ କଲେହେଁ ନୁହେ ପର ପୂର୍ବର ଷୋଡ଼ଶଅଂଶକୁ ସର । ହେ ଜୀବେଶ । କଲ୍ପ ଅର୍ଦ୍ଧ-ଦଗ୍ଧାସ୍ଥିରେ କାମର । ସିତାସିତ ଚନ୍ଦ୍ରେ କ ବେଦବର । ବହିଲେହେଁ ଶିରେ ଈଶ୍ୱର ତାଙ୍କୁ ସେ ପାଞ୍ଚଇ ଶୁଭ୍ର କାମର । ସେ ବଢ଼ିଣ । ୩୭ । (୬୬-୬୭) ଶଶ-ଲୋଭେ ସିଂହକେଶ୍ୱ ଗ୍ରାସିବାକୁ ଯାଉ ନ ତେଜ କୋଳଶଶ । ଶଶି ନିଜେ ତା ମୁଖେ ଦେଖି ତ୍ରାସ । ଶରଣବତ୍ସଳ ପଣେ ତା ତୋଷେ କ ବରଜେ ନ କର ଗ୍ରାସ । ସେ ଶଶାଙ୍କେ । ଏହି ସୁଧାନିଧିର ଜନକରେ । ଥିଲେ ଅଗସ୍ତ୍ୟ ଶୋଷି ଜଣକରେ । ସୁଧାଶୀ ଦେବେ ଯା ଶୋଷନ୍ତି ଶଶୀଙ୍କ ଅଶ୍ଚର୍ଯ୍ୟ କିସ ଏଥିରେ । ହେ ଜୀବେଶ । ୩୮ । (୬୮-୬୯) । ସ୍ୱର୍ଗଙ୍ଗାବିଶଦ-ଶୁଭ୍ରଜ୍ୟୋତ୍ସ୍ନା-ଜଳ ଚତୁର୍ଦ୍ଦିଗ କର ପ୍ଳାବିତ । ପିତା କ୍ଷୀରସିନ୍ଧୁ କୋଳୁଁ ରହିତ । ହେବାରୁ ଜାତ ତାପପଟତାପକୁ ନିବାରୁ ନାହିଁ କ ସତ । ହେ ଜୀବେଶ । ଚନ୍ଦ୍ରସନ୍ତ୍ରପ୍ତ ଚକୋର ଅହାର । ନେତ୍ର-ସଖୀ ନୃତ୍ୟ ଗୁରୁ ସିନ୍ଧୁର । ହେଉ ବା ଚନ୍ଦ୍ରକା କୁମୁଦେ ହସାଇ କୌମୁଦୀ ନାମ ତାହାର । ହେ ବିଖ୍ୟାତ । ୩୯ । (୭୦-୭୧) । କଳଙ୍କି ଶଶୀର ସତାସିତ କର ଧବରେ ପଡ ଶୋଭା ଦିଶେ । ଜ୍ୟୋତ୍ସ୍ନାକ୍ଷୀର-କ୍ଷାଳିତ ଧବ କ ସେ । ସ୍ୱଦେହୁଁ ଜାତ ନଳାଦ-ତୃଣ-ବ୍ରାତ-ଛାୟାରେ ଚନ୍ଦା ବିଶେଷେ । ସଦ୍ଗୁଣ । ଏଣେ ତମେ ଠେଲି ଶଶି ନ ଭିର । କେତେ ଅଂଶ କଲ୍ମଶ ସମୁଜ୍ଜ୍ୱଳ । ପୁଣି ଉଦ୍‌ବେଳ-ଲବଣ-ସିନ୍ଧୁଜଳେ ଅପର-ବିଭାଗ କାଳ । କି ଦିଶୁଛି ।୪୦। (୭୨-୭୩) ନିଜପିତା ସମୁଦ୍ରର ହ୍ରାସବୃଦ୍ଧି ଶଶାଙ୍କ ନ ଲଭନ୍ତା କେହି । ସେତ ପ୍ରତ୍ୟହ ଛାଡ଼ଇ ବଢ଼ଇ । ଏଥିକି ଅଶ୍ଚର୍ଯ୍ୟ ସୁତ ଯା ବହୁତ ଦିନେ ସେ ଦଶା ଲଭଇ । ହେ ଜୀବେଶ । ଶଶି ସଦା ଅଦର୍ଶ-ଦୃଶ୍ୟ ସତ । ପୁଣି ଅ-ଦର୍ଶ ଦୃଶ୍ୟ ନୁହଇ ତ । ଜିନେହିଛି ଯାଂର ଅଜିନେହ୍ୟ ତାଂର ଜନିବା କଥା କେମନ୍ତ । ହେ ଜୀବେଶ । ୪୧ । (୭୪-୭୫)

ଯାଗ ମୃଗାଙ୍କ ଏ ସମ ବେନି ଶୁଦ୍ଧ କୃଅନ୍ତି ଭୋଗ୍ୟ ବୃନ୍ଦାରକେ । ପୂର୍ବ ପୁଷ୍ପ-କ୍ଷୀର-ହଂସା ପାତକେ । ଅପର ଶଶାଙ୍କ କଃଶଙ୍କେ ଅଙ୍କରେ ବହିଛି ମଳ କଳଙ୍କେ । ହେ ଜାତବେଶ । ବାୟୁବାହନ ହରଣ ଶୋଷରେ । ରଥୁଁ ଖସି ସଞ୍ଚର ଆକାଶରେ । ଚନ୍ଦ୍ର ସୁଧାପିଇ ତହିଁ ରହିଛି କ କଳଙ୍କ ବୋଲନ୍ତି ତା'ରେ । ହେ ସଜ୍ଜଳେ । ୪୨ । (୭୬-୭୭) ଶିଶୁଶଶାଙ୍କେ ତ ହରଣ ନ ଥାଏ ତେଣୁ ଆସଇ ଏହି ବୁଦ୍ଧି । ଯୁବା ଚନ୍ଦ୍ରମାର ପ୍ରିୟୌଷଧି-। ମାନେ ବନବାର୍ତ୍ତା ହରଣେ ପେଷନ୍ତେ ସେ ତାଙ୍କୁ ଅଛି ସମ୍ବାଦ । ହେ ସାଦରେ । ଅବା ଅନ୍ତଃସ୍ଥ ସ୍ୱାମୀ-ସେବନେ । ଆସୁଁ କୋଳକୁରଙ୍ଗ ମୋଦ-ମନେ । ପଲ୍ଲବତାଙ୍କ ଖାଇ ପିଇ ପୀୟୂଷ ରହିଛି ସୁଖେ ସେ ସ୍ଥାନେ । ମୁଁ ବଗ୍ରରେ । ୪୩ । (୭୮-୭୯) । ଏକ ମୃଗଶିର ଶିବଶରେ ପରି ତାଡିତ ବଲୋକ ଅପର । ଚନ୍ଦ୍ରେ ଚୂଡ଼ାମଣି ଜାଣି ଶିବର । ତା ପାଶେ ଯାଇ ଶରଣ ପଶିବାରୁ ସେ ତାଙ୍କୁ ଧରିଛି କୋଳ । ହେ ଅଶ୍ୱାସି । କୋଳ ପର ପୃଷ୍ଠେ ତା'ର ହରଣ । ରହିବାରେ ସନ୍ଦେହ ନେବେ ମନ । ସ୍ୱମୁଖେ ପଶ୍ଚିବ ସେ ରଣେ ଶରେ କରିଛି ପୃଷ୍ଠ ଚଳକନ । ହେ ଜାତବେଶ । ୪୪ । (୮୦-୮୧) । ଉଦରେ ଶୁଭ୍ର ଶଶ ଶଶି-କୋଳରେ ଉତ୍ତାନେ ରହିବା ଯୁକତ । ବୃନ୍ଦାରକଙ୍କ ସୁରଭିମାନେ ତ । ଉତ୍ତାନେ ଗଗନେ ଭ୍ରମିବା ବୃତ୍ତାନ୍ତ ବେଦେ ହୋଇଛି ଉକତ । ହେ ଜାତବେଶ । ହୁରୁ କାଳ ଚୋହିତ ଦ୍ରବ୍ୟ ନୀଳ । ଦିଶିଥାଏ, କୃଷ୍ଣସେତମ ପୃଷ୍ଠର, ଥିଲେହେଁ ରକ୍ତସତ୍ତ୍ୱ ଦୂରୁଁ ଅମ୍ଭଙ୍କୁ ଦିଶଇ ନୀଳ କେବଳ । ହେ ଜାତବେଶ । ୪୫ । (୮୨-୮୩) । ଶଶ-ଥିବାରୁ ଶଶି ଚନ୍ଦ୍ରେ କବିଏ ବୋଲିଆନ୍ତି ମୃଗ ଥିବାରେ । ମୃଗୀ ନ ବୋଲନ୍ତି କେଉଁ ବେଦ୍ତରେ-ବ୍ୟାକରଣ-ଗର୍ବ ଏକା ସେ ଚୂରନ୍ତି ତାଙ୍କୁ କେ ନିଷେଧି ପାରେ । ହେ ଜାତବେଶ । ଥିଲା ପ୍ରସବ ଯେତେମାସ ସନ୍ଧ୍ୟ । ଶୁକ୍ଳ-ପ୍ରତିପେ ତେତେ ଦିଶେ ଇନ୍ଦୁ । ପ୍ରମାଣ ତା'ର ରହିଛି ହରଶିରବନ୍ଦୀଶ କୁନ୍ଦବନ୍ଧୁ । ହେ ଜାତବେଶ । ୪୬ । (୮୪-୮୫) । କୌମୁଦି ଭଳ କେତକୀପୃଷ୍ଠ ବୋଲି ଶଶାଙ୍କେ କେତକୀସୁମଦ୍ଧ । ଅବେଧବା ଯେବେ କେହି ପଣ୍ଡିତ । କୋଳକୁରଙ୍ଗ-ନାଭିଗନ୍ଧେ ସେ ସୁମସୁଗନ୍ଧ ସାମ୍ୟ ଉଚିତ । ହେ ହୋଇବ । ଜ୍ୟୋତିଷମତେ ଶଶି ପୂର୍ବିଁ ଗୋଲ । ଦଂଶି ଦଶନେ ରାହୁ ଶୋଷେ ତା'ର । ସାର ସୁଧା ନେଇଁ ଖାଲି ଖୋଳ ଲସି ଦିଶୁଛି ଚେପା ଆକାର । ହେ ଜାତବେଶ । ୪୭ । (୮୬-୮୭) ସାମ୍ୟ ନ ଥିବାରୁ ଶଶ ସ୍ମରସଖା ନୁହେ ଚନ୍ଦ୍ର-ନାମା କର୍ପୂର । ହେବ ନିଯୁତ ମିତ କନ୍ଦର୍ପର । ଯେଣୁ ଦହନାନ୍ତେ ବେନି ଗତୁଁ ଶତେ ଗୁଣେ କରନ୍ତି ବିସ୍ତାର । ହେ ସ୍ୱର୍ଗାର୍ଯ୍ୟ । ଅବା ସ୍ମର ଶଶୀ ବେନି ମଇଁ । ଏକେ ଜାଳିଛି ହର ବହ୍ନି-ନେତ୍ର । ଦର୍ଶଯୁତ ହର-ସୂରନେତ୍ର ସାରିଥାଏ ଅନର ଜାବତ ହେ । ଯେ ହେତୁ ।୪୮। (୮୮-୮୯) । ପୂର୍ବେ ହର-ନେତ୍ର-ପଦ୍ମ ହେବାବେଳେ ଏ ଶଶୀ ଏହା କୋଳଶଶ । ଥିଲା ହୋଇ ନେତ୍ରତାର ସଦୃଶ । ପଦ୍ମକୋଳକୁ ଅଳି

ଭଳି ବରଜଙ୍କୁ ଥିଲା ତା ଲୀଳାବିଳାସ । ହେ ଜୀବେଶ । ଦ୍ୱିଜରାଜ ଶଶୀ ତାର୍କ୍ଷ୍ୟ ଏ
ବେନି । ପକ୍ଷ-ଦ୍ୱୟ ବେନିଙ୍କ ଅଛି ପୁଣି । ଉଭୟେ ହରିଶ୍ରିତ ତେଣୁ ହରି କି
ନୟନେ ଯୋଜିଲେ ଜାଣି । ହେ ଜୀବେଶ । ୪୯ । (୯୦-୯୧) । ପଦ୍ମାନନ୍ଦଦକ୍ଷ
ଶିଶିରେ ଯେ ଲକ୍ଷ ଅଛନ୍ତି କରି ବହ୍ନିତେଜ । ଶଶିଶିଶିରକର ତ ସହଜ । ଏହା
ଅଙ୍କକଳଙ୍କକୁ ଧୂମଧାର ଭଳି ଅଛନ୍ତି ଅବ୍ୟାଜ । ଏ କବିଏ । ନଥି ପୀଡିତା ସଂସାରର
ଭରେ । ହୋଇ ପ୍ରୀତା ସରତ-ସ୍ୱେଦଧାରେ । ଶଶାଙ୍କକର-ସାଗରେ ଅବଗାହ
ହୁରକରେ କି ଶ୍ରମବେ । ମୁଁ ବଗୃରେଁ । ୫୦ ୯୨-୯୩) । ବଗୃରେଁ ବହୁକାଳରୁ
ମଳି ବସି ସୁମେରୁ ସୁନୀଳ ହୋଇଛି । ଷିତଛାୟା ତ ଗ୍ରହୀବେଶ ପଡଛି । ତହିଁ ସୁମେରୁ
ପୀତବସ୍ତ୍ର ନ ପଡ଼ିବାରେ କି କାରଣ ଅଛି । ହେ ଜୀବେଶ । କରେ ମୃଦହୋଇଯାଉ
ସରୋଜ । ନୋହୁ ଷ୍ଟୁଟ ସରୋଜେ ପଙ୍କେ ପୂଜ୍ୟ । ସେଷତ ତା'ର କି ନବାରେ ସ୍ୱକୋଳ-
କୁରଙ୍ଗ-ନେତ୍ର-ସରୋଜ । ହେ ଜୀବେଶ । ୫୧ (୯୪-୯୫) । ଏ ଯେ ଶବିରେ
ଶଶକେ ଦଶୁଅଛି କି ଆଶ୍ଚର୍ଯ୍ୟ ଅଛି ଏଥିରେ । ଏହା ଜନକ ସାଗର ଉଦରେ ।
ଅସଂଖ୍ୟ ଅଙ୍କ ପର୍ବତ-ଗର୍ବ-ଖର୍ବକାରୀ କରୀ ପରି ଥିଲେ । ହେ ଜୀବେଶ । ଗଉରାଙ୍ଗୀ
ସଙ୍ଗେ ଶ୍ୟାମସୁନ୍ଦର । ଶ୍ୟାମା ସଙ୍ଗେ ଶୁଭ୍ର ହର ରୁଚିର । ତାମସୀ-ଜ୍ୟୋତ୍ସ୍ନିକା—
ସଙ୍ଗରେ କି ଶଶିର ଧଳା-କଳା କଳେବର । ହେ ଜୀବେଶ । ୫୨ (୯୬-୯୭) ।
ଚରକାଙ୍କୁ ରୌଦ୍ରବୃଷ୍ଟି କାଷ୍ଠାବଳି ଭୋଗୁଛନ୍ତି ଅନୁବରତ । ତହିଁ କ୍ଷୁଦ୍ରଛଟାକ
ତାରବ୍ରାତ । ସେ ମଧ୍ୟେ ଏ ସୁଧାକର ବିରାଜଇ ବିକଚ-ଶିଳୀନ୍ଧ୍ରବତ । ହେ ଜୀବେଶ ।
ପ୍ରଦୋଷରେ ଅତର୍କିତେ ତରଣୀ । ରୁନ୍ଧି ଜଗତଜୀବ ନେତ୍ର-ଶ୍ରେଣୀ । ତମ-ସରତ
ତରିବାକୁ ଶଶାଙ୍କେ ଭେଳା କି ଛନ୍ତି ନିର୍ମାଣି । ହେ ଜୀବେଶ । ୫୩ (୯୮-୯୯) ।
ଅମ୍ଭ ନେହେ କ୍ଷଣସ୍ଥାୟୀ କ୍ଷୁଦ୍ରୋଜ୍ଜ୍ୱଳ ତେଜବିନ୍ଦୁ ଇନ୍ଦୁ ନାହିଁକି ? । ଅଜି ମୁନି ବଡ଼
ଅମ୍ଭ ତହିଁକି । ମାସବିନାଶୀ ବୃହତ ତେଜବିନ୍ଦୁ ଇନ୍ଦୁ ତାଙ୍କ ନୁହନ୍ତି କି । ହେ ନୟନ ।
ସୁଧା ଔଷଧି ନିଜ-ଶକଟରେ । ସିନ୍ଧୁ ମଣିରେ ଦ୍ୱିଜେ ମନ୍ତ୍ରବଳେ । କ୍ଷୟୀ ପାଣ୍ଡୁପତି
ସନ୍ତାନ ନୃପତି-ରକ୍ଷଣେ ଶକ୍ୟ ନୋହିଲେ । ହେ ଜୀବେଶ । ୫୪ (୧୦୦-୧୦୧) ।
ସୁଧାକରର କିରଣ ଏକା ସୁଧା ଏ ପ୍ରବାଦ ସତ୍ୟ ନୁହଇ । ଅବା ସେ ଜରାମୃତ୍ୟୁ ନ
ନାଶଇ । ଚନ୍ଦ୍ରକରପାୟୀ ଚକୋର କିପାଇଁ ଅଜରାମର ନୁହଇ । ହେ ଜୀବେଶ ।"
ପ୍ରେୟସୀର ଏ କଥିତା ଶୁଶ୍ରୁଷି । ବନ୍ଧୁ ଶିଶିରବିବରଣର ଶେଷ । ଭବେ ବିସ୍ମୟେ
କିଛିକାଳ ନଳଙ୍କୁ ହେଲା ଜଡ଼ ସ୍ତବ୍ଧ କରି । ହେ ସୁଧୀରେ । ୫୫ (୧୦୨-୧୦୩) ।
'ସୁଧାଧାରପର ମଧୁର ଗିର ଯା ଏ ମୁଖୁଁ ହୋଇଲା ବାହାର' । ବୋଲି ବୋଲି ଏମନ୍ତ
ମହୀପାଳ । ଚୁମ୍ବିଲେ କମଳତୁଲ ପ୍ରେୟସୀର ମୁଖଚନ୍ଦ୍ର ହୋଇ ଭୋଳ । ହେ ସୁଜନେ ।
ବିଦର୍ଭରାଜବଂଶମୁକ୍ତା ସତୀ । ଶୁଣି ପ୍ରିୟତମ-ପ୍ରିୟଭାରତୀ । କମ୍ପାଇ ଅଙ୍ଗ ହାସ—
ଛଟେ ଦାବିଲା ପାତଶାସ୍ତ୍ର-ତାରଦ୍ୟୁତି । ସେ ପ୍ରମୋଦେ । ୫୬ (୧୦୪-୧୦୫) ।

ଭାଷେ, "ହେ ଜୀବେଶ ! ନିଜର ପ୍ରଶଂସା ନିଜମୁଖରେ ନ ଶୋଭଇ । ତେଣୁ ଶଶୀ-ବର୍ଣ୍ଣିନେ ମୋତେ କହ । ସ୍ୱମୁଖ-ପ୍ରଶସ୍ତି ଶୁଣୁଛ ମୋ ମୁଖେ ଏ ତ ସଙ୍ଗତ ଅଟଇ । ହେ ଭୀମଜେ" । ପ୍ରିୟବାଣୀ ଶୁଣିଣ ହାସଭାଷୀ । ନରପ୍ରବର ନଳ ସ୍ୱଜଶଶୀ । ଶଶାଙ୍କ-ବର୍ଣ୍ଣିନ ଛଳେ ପ୍ରେୟସୀର ପରିହାସ-ରସେ ରସି । ସେ ଭାଷନ୍ତି ।୫୭। (୧୦୬-୧୦୭) । "ପ୍ରିୟେ ! ଏ ହରିଣ ତୋ ମୁଖେ ଶ୍ରବଣ କରି ସଙ୍ଗୀତ ପୁନର୍ବାର । ହୋଇ ଶ୍ରବଣାଭିଳାଷୀ ମୁଖର । ଭ୍ରମରେ କୁମୁଦବନ୍ଧୁଙ୍କୁ ଅଦର ଅଛି ନୋହି ତହୁଁ ଦୂର । ମୁଁ ବିଗୃହେଁ । ଗାନେ ରସନା ଅକର୍ଷି ହରିଣେ । ଚନ୍ଦ୍ରେ ତେଜି ସେ ଅଛଁ ତୋ ଆନନେ । ଶ୍ରୁତିତ ତୋ ପାଶ ସଦୃଶ ସେ ତାକୁ ବାନ୍ଧି ପାଶେ ରଖୁ ଏଣେ । ଗୋ ନଗ୍ନିକା । ୫୮ (୧୦୮-୧୦୯) । ଜ୍ୟୋତ୍ସ୍ନାପତି ଶକ୍ତି ବଢ଼ାଉ ବା ତମବନ-ଶୀତଳତା-ଗୁଣରେ । ଶଦ୍ଧ-ପାନ୍ଥ ନିଶାରେ ଯେତେଦୂରେ । ପାରେ ଯାଇ ତେତେ ନ ପାରେ ଦିବସେ ଦିନେ ଦିନେଶ-ତାପରେ । ହେ ବାମୋରୁ ! ତେଣୁ ଥିଲେହେଁ ଦୂରେ ଶଶଧର । ଶୁଣି ସଙ୍ଗୀତ-ମାଧୁର୍ଯ୍ୟ ତୋହର । ସ୍ୱାଦ-ଶେଷସୀମା ବାର ଅବଜ୍ଞାରେ ବର୍ଜେ ପୀୟୂଷକର । କି କିଶୋରି ।୫୯। (୧୧୦-୧୧୧) । ଚନ୍ଦ୍ର ହରିଣେନ୍ଦ୍ର ହେବାରେ ବିଚିତ୍ର ନାହି କିଛି ହେ ପ୍ରାଣପ୍ରୀତି । ଅବି ନେଞ୍ଚୁଁ ତ ଏହାର ଉତ୍ପତ୍ତି । ନେତ୍ରସୁତ ନେତ୍ର ହେବାର ଉଚିତ ତେଜନ୍ତି କି ବଂଶସ୍ଥିତି । ଏ ଶଶାଙ୍କ । କୃଶକଟି ହେ ! ନିଶାରଞ୍ଜକମୀ । କ୍ଷୀରଧର-ବିଶଦ ଜ୍ୟୋତ୍ସ୍ନାଅଣି । ଅସିତ-ଅନ୍ଧାର ଛଡ଼ାଇ ଅମ୍ବର, କାତି ନିର୍ମଳ କଲଣି । ହେ ସଙ୍ଗିନ । ୬୦ (୧୧୨-୧୧୩) । ହେ କରଭୋରୁ ! ବରଷାର ମୁଦ୍ଦରେ ଥାଏ ଦୂରିକରି ଶରତ । ଶଶିକଳଙ୍କନାଶେ ସେ ହାରେ ତ । ଶଶିଷୋଡ଼ଶ-କଳାରୁ ଏକାଦଶ ଏକାଦଶ ରୁଦ୍ରେ ଧୃତ । ହେ କିଶୋରି । ଥିଉ ପାଞ୍ଚକଳା ରହିପତିର । ଶର ହୋଇ ସମ୍ଭାଏ ତା ତୂଣୀର । ସେ ପଞ୍ଚକଳାରେ ପଞ୍ଚ ଅର୍ଦ୍ଧଚନ୍ଦ୍ର ଶର ବହେ ହରପର । ହେ କିଶୋରି । ୬୧ (୧୧୪-୧୧୫) । ବହୁତ ତାରା ଏକକରି ବିଧାତା ଯେବେ କରନ୍ତି ଅନଶଣୀ । ତେବେ ସେ ଅବା ଯାନ୍ତି ସମଦର୍ଶି । ତୋ ମୁଖ ସଙ୍ଗରେ ଯା'ର ତହୁଁ ସ୍ଥୂରେ ନିରତ ସୁଷମାରାଶି । ହେ ରମ୍ଭୋରୁ । ତୋର ମୁଖ ସୁଷମା ଲଭି ପାଇଁ । ଶଶୀ ସର୍ବେଜ ବିବାଦୀ ଏ ହୁଇ । ସମସ୍ତ ଗ୍ରହିବାକୁ ଇଚ୍ଛା କରନ୍ତି ଅଳପେ ସନ୍ତୁଷ୍ଟ ନୋହି । ହେ କିଶୋରି । ୬୨ । (୧୧୬-୧୧୭) । ଥାଉ ଅନକଥା ନିଜେ ଦେବରାଜ ଯା ପାନ ନ ପାରିଲେ କରି । ସେ ତୋ ଓଷ୍ଠସୁଧା ଯା ମୁଁ ଗୃହିଲି । ଏଣୁ ସୁଧାଂଶୁ-ସୁଧାରେ ହେଲି ଘୃଣା ସେ ଦେବ-ଉଚ୍ଛିଷ୍ଟ ବୋଲି । ହେ କିଶୋରି । ଔଷଧୀଶେ ମୁଣ୍ଡାଇ କି ଈଶ୍ୱର । କଲେ ସିନ୍ଧୁଜାତ ଗର ଅହାର । ସର୍ବାଙ୍ଗେ ପନ୍ନଗେ ଭୂଷିତ ହୋଇଲେ ଗଳୀ ତାଙ୍କ ମୃତ୍ୟୁ ଡରି । ହେ କିଶୋରି । ୬୩ (୧୧୮-୧୧୯) । ଗୁରୁଦାରେ ଗମି ଶଶୀ ଦ୍ୱିଜରାଜ ବୋଲାଏ ନ ହୋଇ ପତିତ । ତେଜୋବନ୍ତି ଚରମ-ଦେହପ୍ରାପ୍ତ । ଜନଙ୍କୁ ପ୍ରକୃତି

ଅବଶ୍ୟ ନ କରେ ଏ କଥା ଯେମନ ତୁ ତତ୍ତ୍ୱ । ରେ କିଶୋର । ପିତୃଲୋକ-ଉଦ୍ଦେଶେ ପୁଷ୍କରତତ୍ତ୍ୱ । ଶୁଦ୍ଧପୂତ କୃଷ୍ଣତିଳ-ମିଶ୍ରିତ । ଜଳ ପିତୃଲୋକ ଅଗ୍ନି ଚନ୍ଦ୍ରେ ମିଶି ଅମୃତ ନାମେ କି ଖ୍ୟାତ । ରେ ସୁକେଶି । ୨୪ । (୧୨୦-୧୨୧) । ଭୃଙ୍ଗତମ ଏ ଅଷ୍ଟାଳ-ପରୁଁ ସହ୍ୟ କେଳିସରତ ତୋ ଦଶନ । ମାର ମୁକୁରକୁ ଯା'ର ହସଇ । ତହିଁ ବିମ୍ବିତ ଚନ୍ଦ୍ରେ ପତିଭ୍ରମରେ ରାଜମରାଳୀ ଚୁମ୍ବଇ । ଗୋ ଅନାଅଁ । ଉତ୍ସବରେ ଅମରେ ସୁଧାଶୋଷି । ନେଇଥିବାରୁ ଖାଲି ଥାଏ ଶଶୀ । ନିଶିରେ ଏ କି ପୀୟୂଷପୂର୍ଣ୍ଣ ହୁଏ ତୋ କେଳିସରତେ ପଶି । ଗୋ ବିମ୍ବରେ । ୨୫ (୧୨୨-୧୨୩) । ଏ କେଳି-ସରତେ ଇନ୍ଦୁ-କୁମୁଦିନୀ-ବିବାହ କେଡ଼େ ମନୋହର । ପୁଷ୍କରେ ଧରଛି କାନ୍ତକର । ମକରନ୍ଦ ଦାନ-ସଲିଳ ହୋଇଛି ଏଥି ଅବଧାନ କର । ଗୋ ସୁନ୍ଦରି । ସୃଷ୍ଟି ନୀଳ ସ୍ୱାର୍ଘ ପୁଷ୍ପନେଇ । କୁମୁଦିନୀ-କୁରଙ୍ଗୀ ଏ ସରତେ । ଊର୍ଦ୍ଧ୍ୱେ ଗୃହିଁଛି ତା କାନ୍ତ ଥିବବୋଲି ତୋ ମୁଖ-ତାରକା-କାନ୍ତେ । ଗୋ ସୁନ୍ଦରି । ୨୬ (୧୨୪-୧୨୫) । ଜଳ-ତାପସ କୁମୁଦର ସଙ୍କୋଚ-ଧ୍ୟାନ ଭଙ୍ଗାଇବା ମାନସେ । ଶଶିମୁଖୀ ଅପ୍‌ସରା ନିଶା ଆସେ । ଅଧର ଓଷ୍ଠେ ତା ବିଳସେ ପୀୟୂଷ କରେ ମନୋହର ହସେ । କି ଭାବୁଛି । ଚନ୍ଦ୍ରମଣ୍ଡଳ କାମ-ସରୋବର । ଜଳ ପୀୟୂଷ କଳଙ୍କ-ଜମ୍ବାଳ । ଏ ଜଳପାୟୀ ଅମର-ମତ୍ସ୍ୟକଳ୍ପ କେତନ ନିଜଧ୍ୱଜର । କି କନ୍ଦର୍ପ ।୨୭ (୧୨୬-୧୨୭) । ତାରସ୍ଥି-ଭୁଷାରେ ଶଶି-ସ୍ୱର୍ଦ୍ଧ୍ୱନିରେ ଜ୍ୟୋତ୍ସ୍ନାଭସ୍ମରେ ବିଭୂଷିତ । ତାର-ପଯୋଧରଗ-ହାରେ ସଜ୍ଜିତ । ଉତମ୍ବରର ଅଷ୍ଟମୂର୍ତ୍ତି ମୁଁ ବୋଲି ଅମ୍ବର କରେ କି ଖ୍ୟାତ । ଗୋ ସୁନ୍ଦରି । ପିତା ଅତ୍ରି ନେତ୍ରର ଏକତାର । ତହୁଁ ସୁତ ଶଶି ବଡ଼ୁ ବଢ଼ିଲା । ନବନିଗୁଣ ତାରକା ବରେ ରଖି ତାରପତି ବୋଲାଇଲା । ଏ ଶଶାଙ୍କ । ୨୮ (୧୨୮- ୨୯) । ଏ ଚନ୍ଦ୍ରମଣ୍ଡଳ ମାରଶ୍ୱେତ-ଛତ୍ର ରାକାପରେ ଯା ଏହା ଭଙ୍ଗ । ତାହା କାମରାଜର ଛତ୍ରଭଙ୍ଗ । ତେଣୁ ସନ୍ତାପେ କୃଷ୍ଣପକ୍ଷେ ତାହାର ଶୁଖି ଯାଉଥାଇ ଅଙ୍ଗ । ଗୋ ବରାଙ୍ଗି । ପୂର୍ବେ ଦଶାସ୍ୟ ନିପୁର-ଜୟରେ । ଯାହା ନଥିଲା ଜାଣି ଶଶଧରେ । ଏବେ ସେ ଶଶୀ ତୋ ଏକା ଅସେୟ ଜିତ ହୋଇ କି ମ୍ଳାନ ଅଦରେ । ଗୋ ହୃଦସ୍ୱେ । ୨୯ (୧୩୦-୧୩୧) । କେତେ ଉନ ହେଲା ଦେଖୁଛୁ ସୁନ୍ଦରି । କ୍ଷମ-ବିକାଶ ଶଶାଙ୍କର । ପୂର ତୁଳହେଉ ତୋ ମୁଖ ତୁଲ । ତେଣିକି ତା କ୍ଷମ-ବିନାଶ ଦେଖିବୁ ଏଥି ସଂଶୟ ନକର । ଗୋ ବରାଙ୍ଗି । ଦ୍ୱିଜବର ରାମ ଛିଦ୍ରସକଳେ । ମାର ହାରଥିଲେ ଏକ ଷରରେ । ତଥା ଏ ପଦ୍ମ-ବିଜୟୀ ଦ୍ୱିଜରାଜ ହାରେ ତୋ ମୁଖ-ପଦ୍ମରେ । ଗୋ ବରାଙ୍ଗି । ୨୦ (୧୩୨-୧୩୩) ଦେଖରେ ସଖି ! ଏ ଅନ୍ତରେ ଅର୍ପିତ ଶଶକରେ ପ୍ରାନ୍ତରେ ସିତ" । କେବେ ଅନ୍ତର କେବେ ଅବା ପ୍ରାନ୍ତ- । ଦେଖକୁ ଶଶିର ଦେଖାଇ ପ୍ରିୟାକୁ ମୋଦେ ଭାଷନ୍ତି ଭୁଭୃତ । ସେ ଏମନ୍ତେ । "କ୍ଷୀରସାଗରୁ ନୟନୁ ଅତ୍ରିର । ଜନ୍ମି ଦ୍ୱିଜ ବୋଲାଏ ଶଶଧର । ଏଣୁ

ଅବିଜ୍ଞ ନାମ ତାର ଖ୍ୟାତ କ ହେଲା ସଂସାର ମଧ୍ୟର । ଗୋ ବସଙ୍ଗି । ୭୧ । (୧୩୪-୧୩୫) । ସିନ୍ଧୁ-ଅଦେଶରେ ବେଦବର ତାରା-ବିହାରଭୂରେ ହିମକର । ମୃଗନାଭି କଳାକର-ମଣ୍ଡଳ । ଯା ବିରଚିଲା ସେ ପୁଣ୍ୟେ ହେଲା କି ସେ ସୁରକୁଳେ ଶ୍ରେଷ୍ଠତର । ଭୋ କିଶୋର । ଚନ୍ଦ୍ରେ ହସେ ନିଶ୍ଚିତ ତୋ ବଦନ । ମୁଖରୁ ଲେ ତୋ ସେତ ବନ୍ଧୁତ୍ୱଣ । ସେ ଲୋଭେ ତାକୁ ନ ତେଜଇ ନ ଭଜଇ ତୋ ମୁଖେ କୁରଙ୍ଗ ଯେନ । ସେ ପଶୁ । ୭୨ (୧୩୬-୧୩୭) । ବଳ ପ୍ରକାଶି ସିଂହିକା-ସୁତ ଶଶିମଣ୍ଡଳଙ୍କୁ ଗ୍ରାସିବା ଭୟରେ । ରହି ନପାରି ପୀୟୂଷ ଅମ୍ବୁରେ । ଚନ୍ଦ୍ର ପଳାଇ ଆସି ସେ ସୁଧାକର କଳାକର ବୋଲାଇଲେ । ରେ କିଶୋର ! । ତହୁଁ ଅସି ତୋର ଅଧ-ଅଧରେ । ତା'ର ଅଳକ-ଲୋହିତ ବୋଲରେ । ନିଜ ଶୁଭ୍ରତା ନ ପାଇ ଛପିଛନ୍ତି କରେ ବିଗ୍ରହ ମନରେ । ମୁଁ ଏମନ୍ତ । ୭୩ (୧୩୮) । ବାସବ-ଦ୍ୱେଷ୍ୟା ପ୍ରାଚୀରୁ ଜନ୍ମ ଯା'ର ସେ ଶଙ୍କର-ବାମନୟନ । ପୂର୍ଣ୍ଣିମାରେ ପୁଷ୍ଟ ଯା ଅପଘନ । ଯା'ର ଅଙ୍କରେ ରଙ୍କୁ ଅବା ଶଶକ ଅଛି କର ନିକେତନ । ରେ କିଶୋର । ମୁଖପଦ୍ମ ତୃତା ପଦ୍ମ ସଙ୍ଖ୍ୟେ ବଢ଼େ । ଏକା ଶଶୀ ତହିଁରୁ ହାରିଥାଏ । ଏକା ସିଂହିକା-ସୁତକୁ ଯେ ନିଅଣ୍ଟ ପଦ୍ମେ ଲଭିନ୍ତା କ ଜନ୍ମେ । ସେ ଶଶାଙ୍କ । ୭୪ (୧୩୯) । ପଦ୍ମଜ ବ୍ରହ୍ମା ଯେ ମୁଖପଦ୍ମେ ନେତ୍ର-ନୀଳୋତ୍ପଳ-ଯୁଗେ ପୂଜିଛି । ଯା'ର ଅସମ-ସୁଷମା ରହିଛି । ସେ ବିଧି-ପ୍ରସୂନ ଏକା ତୋ ବଦନ ହୋଇଛି ବୋଲି ଭାବୁଛି । ରେ କିଶୋର । ତେବେ ଏ ଶଶି କେ ? ସେ ଦକ୍ଷାଧ୍ୱର- । ମୃଗଘାତୀ ଶବର-ବୈଶୀନ୍ଦ୍ର- । ଶିର-ସ୍ୱର୍ଗଙ୍ଗାର ଘୋରସ୍ଥ-ବାଳୀର-କୁଞ୍ଜସ୍ଥାୟୀ ବକବର । ରେ କିଶୋର । ୭୫ (୧୪୦) । କଳା ଶଶାଙ୍କର ସର୍ବଦା ଧବଳ ଏହା ସର୍ବବାଦୀ-ସମ୍ମତ । ସେହି କଳାରେ ଧଳା ତାରାକାନ୍ତ । ଏକା ସେ ଉଦୟ କାଳରେ ଆରକ୍ତ ଥିବାରୁ ପୂର୍ବ-ପର୍ବତ । ରେ କିଶୋର । ସେତ ହର-ହରିତ ହର-କଣ୍ଠ । ଥାଏ ସର୍ବଦା ତହିଁରେ ବିହରି । କାକତାଳୀୟ ନ୍ୟାୟେ ତା ମଦ ଏହା ଅଙ୍ଗେ ଲାଗି ଦିଶେ କାଳ । ରେ କିଶୋର । ୭୬ (୧୪୧) । ଋଷି ଏ ଷୋଡ଼ଶ ଅଂଶୁଁ ସୁଧାଂଶୁର ଅଂଶକୁ କଳା ବୋଲିଥାନ୍ତି । ପ୍ରତିପଦୁଁ ରାକା-ପର୍ଯ୍ୟନ୍ତ ତିଥି- । ପଞ୍ଚଦଶେ ପଞ୍ଚଦଶ କଳା ଯେବେ ପୂରେ ଶଶାଙ୍କମୂରତି । ରେ କିଶୋର । ତିଥି ନିଅଣ୍ଟ ନ ମିଶି ଶଶିରେ । ବାକି କଳାକ ରହେ ହରିଣରେ । କଳାକେ ହୀନ ହେବାରୁ ବଳ ଦିଶେ ଅଙ୍କନାମେ ତା ମୂର୍ତ୍ତିରେ । କିଶୋର ।୭୭ (୧୪୨) । ତୋ ମୁଖ ସମ ହେବାକୁ ଇଚ୍ଛି ହାର୍ଦ୍ଦ-ନୟନ-ଯୁଗେ ଲୋଡ଼ ଶଶୀ । କଉମୁଦୀ-ପ୍ରଦାନରେ ଅଭ୍ୟାସି । ନେତ୍ର ନେବାପାଇଁ ଚକୋର-ଶିଶୁକୁ ସାଦରେ ଅଛି କି ପୋଷି । ମୁଁ ବିଚାରେଁ । ହରିଣତ ନେତ୍ରେ ଦିଶେ ସୁନ୍ଦର । ତେଣୁ ତାକୁ ଅଙ୍କେ କରି ଆଦର । ରଖିଛି ନୟନ ତା'ର ବସାଇବା ପାଇଁ ମଣ୍ଡଳ-ମଧ୍ୟର । କି ଭାବୁଛି । ୭୮ (୧୪୩) । ପ୍ରଚୁରତର ଲାବଣ୍ୟରେ ନିର୍ମାଣି ପ୍ରଥମେ ବିହି ମୁଖ ତୋର । ତହିଁପରେ ପୋଛି

ପାଛ ପାଟର । ଧାର-ଲଗ୍ନ-ବିମଳନ ଲାବଣ୍ୟରେ ରଚିଲ୍ଲକି କଳାକର । ମୁଁ ମଣଇଁ । ରଚିସାର ପ୍ରକ୍ଷାଳନ ପାଇଁକି । କର ସଲିଳେ ବୁଡ଼ାଉ ବହି କି । କର-ଲାବଣ୍ୟବିନ୍ଦୁ ମାତ୍ର ସଞ୍ଚରି ସରୋଜ ହୋଇଲା କି । ମୁଁ ବିଚ୍ଛୁରେ । ୭୯ (୧୪୪) । ସମଗ୍ର ଲାବଣ୍ୟେ ନିର୍ମାଣି ତୋ ମୁଖ ପାଣି-ଗାନ୍ଧ-ଲଗ୍ନ ଲାବଣ୍ୟ । ପୋଛିପୋଛିରେ ହୋଇଲା ମଳନ । ତା ଅବଶେଷେ ଶଶୀକି କଲା ବହି ସେ ପୁଣି ଶୋଭା-ସଦନ । ରେ ସୁଦତି ! ଶୋଭା ଗର୍ବେ ସେ ଶଶୀ କଳାକରେ । ଥାଏ ଛୁଇଁ ଦର୍ପକ-ଦଳା-ଶିରେ । ସେ ହରପଦ୍ମର-ସ୍ପର୍ଶ ଲଭି ପଦ୍ମ ଶୋଭାସଦ୍ମ ଜଗତରେ । ଗୋ ସୁଦତି । ୮୦(୧୪୫) ପ୍ରଶସ୍ତ ଜନ୍ମିଲେ ସିନା ବହୁଜନ ଏକକ ଭ୍ରଜନ କରନ୍ତି । ପରସ୍ପରେ ସଖୀ ତ ତାରା-ପନ୍ତି । ତେଣୁ ସେ ବେଢ଼ି ମଧ୍ୟରେ ଶଶି-ସୂର୍ଯ୍ୟକାନ୍ତ କ୍ଷ୍ମ ଥୋଇଛନ୍ତି । ଗୋ ସୁଦତି । କୁଣ୍ଡେ ପୀୟୂଷ ଅଛନ୍ତି ପୂରାଇ । ପାନପାଇଁ ତଳି ଛନ୍ଦି ପକାଇ । ଉତ୍ପ୍ରେକ୍ଷକ ଭାବ ଏକଥା ନ ଭାବ ଅନେ ବୃଥା ହେଲେ ବାଇ । ଗୋ ସୁଦତି । ୮୧ (୧୪୬) । ସର୍ବଗୁଣ ହର ଶଶିରୁ ବିରଞ୍ଚି ତୋର ବଦନ ବିରଚିଲା । ତେଣୁ ସେ ଦୋଷାକର ବୋଲାଇଲା । ତା କୋଳ-ହରଣ-ଲକ୍ଷଣେ ନ ତେଜି ତୋ ବଦନେ ବସାଇଲା । ମୁଁ ଭାବୁଛି । ଥିଲେ ନୟନ କି ସେହି କୁରଙ୍ଗ । ଦେଖୁ ଦେଖୁ ତୋ ବଦନ ସଙ୍ଗ । ଏଥି ନ ଅପି ସେ ଦୋଷାକର କୋଳେ କେହି ବହିଥାନ୍ତା ରାଗ । ଗୋ ସୁନ୍ଦର । ୮୨ (୧୪୭) । ସୂର୍ଯ୍ୟାଶ୍ଚକୁରବିକ୍ଷତ ଗର୍ତ୍ତିତ ସୁଧାଂଶୁସ୍ରୁତ ସୁଧାଧାରେ । ପୂର ପ୍ରକାଶନ୍ତି ସାଧ୍ୱି ନଶାରେ । ତାଙ୍କୁ ତାରା ବୋଲି କହୁଥାନ୍ତି ଏହା କର ବିଚ୍ଛୁର ମନରେ । ଗୋ କିଶୋର । ମୁଁ ତ ସେବକ ରହିଛି ଗହଣେ । ତାରାରାଜି-ସୁମନସେ ସୁମନେ । ଶଶାଙ୍କ-ତଳପର୍ଯ୍ୟନ୍ତ-ନୈବେଦ୍ୟରେ ପୂଜ ମଦନେ ସୁମନେ । ରେ କିଶୋର । ୮୩ (୧୪୮-୧୪୯) । ପ୍ରତିଗ୍ରହଣେ ସ୍ୱର୍ଭାନୁରଦ-ବୃନ୍ଦ-ବିଘାତଜାତ-କ୍ଷତ-ଦ୍ୱାରେ । କର-ଅମୃତଧାର ଝରିବାରେ । ସହସ୍ରଧାରକୁମ୍ଭ-ଶୋଭା-ସମ୍ଭାର ବହଇ ଇନ୍ଦୁ ଶରୀରେ । ଗୋ କିଶୋର । ଅଜ ରାତରେ ରତି-ସ୍ୱବରତି- । ଚରଣସ୍ୱାଭିଷେକରେ ସୁଦତି । ସେ ମହାମଂହାସ୍ୱବେ ମତ୍ତ ଅମ୍ବର ଚତ୍ତ୍ୱକୁ କରୁ ଦ୍ରୁପତି । ଏ ଶଶାଙ୍କ" । ୮୪(୧୫୦) 'ଗୌଡ଼ରାଜ ସାହସଙ୍କ-ଚରିତରେ ଯେ ଚର୍ମୁବାକ୍ୟ ବିରଚିଛି । ସ୍ୱରମାମଣ୍ଡଦେବୀ ମୁଖ-ଗୀତ । ନଗ୍ନଇବାକୁ ଯା ମୂର୍ତ୍ତି ତାରାପତିପଦ ସ୍ୱୀକାର କରିଛି । ହେ ସୁଧୀରେ । ସେହି ଶ୍ରୀହର୍ଷପଦ ଅଶ୍ରାକର । ଯେବା ଶ୍ରୀ-ହର୍ଷ-ବର୍ଦ୍ଧନକାରୀ । ତାଂ ପଦପ୍ରଭବେ ନୈଷଧ-ସାଗର ଗଲା ଗୋପୀନାଥ ତରି । ହେ ସୁଧୀରେ । ୮୫ (୧୫୧) । ଯୋଗୀ-ଯୋଗ-ଭଙ୍ଗକାରୀ ବାଳମୃଗନୟନା ବିନା ଯୁବାମନ-। କରଷଣ କରିବାରେ ନିପୁଣ । ବାଳକ-କୋମଳ-ଶରେ ତା'ର ଶକ୍ତି କି କରିପାରିବ ଯେଣ । ହେ ସୁଧୀରେ । ହର୍ଷ-ଉକ୍ତି ସୁଧାସାଥି ନିସୃତ । ଏଥି ରସେ ଯେବେ ରସିକ-ରତ୍ତି । ଶତ ଶତ ଅରସିକ-ଅନାଦରେ ହେବ କି ଏ ଅନାଦୃତ । ହେ ସୁଧୀରେ । ୮୬(୧୫୨) ।

ଶୈଳଶିଖୁଁ ସ୍ରୁତ ସଂଖ୍ୟାତୀତ ସ୍ରୋତ ହରିଦ୍-ସଲିଳ ପ୍ରପାତେ । ତୁଳ ହେଉଥାନ୍ତୁ
ଅନୁବରତେ । ତାଙ୍କଠାରୁ ଭିନ୍ନ ଗୋରସାର୍ଣ୍ଣିପୂର୍ଣ୍ଣି ସାଗର ନୁହେ କି ଚରେ । ହେ
ବିଗ୍ରହ । ତର୍ହୁଁ ପର ଜନ୍ମ ଲଭି ଅମୃତ । କରେ ମନ୍ଥକାରୀ ଶ୍ରମ ନିପାତ । ପୁଣି
ଅନ୍ନବତ ହୁଏ ବଂବନ୍ଧୁତ ଅମରଙ୍କର ନିଯୁତ । ହେ ସୁଧୀରେ । ୮୭ (୧୫୩) ।
ପଣ୍ଡିତଂମନ୍ୟ-ଖଳ-ଖେଳା-ବାରଣେ ଏ ମହାକାବ୍ୟେ ଇଚ୍ଛାକୃତ । ଗ୍ରନ୍ଥି ହୋଇଛି
ଶ୍ରୀହର୍ଷେ ରଚିତ । ଏକା ଗୁରୁପଦ-ସେବୀ ସୁଧୀପାଇଁ ଏ ରସାମୃତେ ପୂରିତ । ହେ
ସୁଧୀରେ । ରସ ପୂରିଛି ଏଥି ପ୍ରତିପଦେ । ସ୍ୱାଦବାର ହେ କୋବିଦେ ନୈଷଧେ ।
ରସ, 'ସର୍ବସାରସଗ୍ରହ' ନ କହି ନୋହିବ ରହି ଭୂମଧେ । ହେ କେବେହେଁ ।୮୮
(୧୫୪) । କାନ୍ୟକୁବ୍ଜ-ରାଜସଭାରେ ତାମ୍ବୂଳଯୁଗଳ ଉଚ୍ଛାସନ ଯା'ର । ଧ୍ୟାନବଳେ
ଯେ ଆନନ୍ଦ-ସାଗର । ପରଂବ୍ରହ୍ମର ସାକ୍ଷାତ ଲଭିଥାଏ ପୀୟୁଷ ବର୍ଷେ ଯା' ଗିର ।
ହେ ନରତ । ତର୍କେ ଯା ଉକ୍ତି ପ୍ରତିପକ୍ଷ ନାଶେ । ସେହି ଶ୍ରୀହର୍ଷ-ରଚିତ ସୁରସେ ।
ପୂରିତ ଏହି ନୈଷଧ ବୁଧ-ବୃନ୍ଦେ ଆନନ୍ଦ ଦେଉ ବିଶେଷେ । ହେ ସୁଧୀରେ । ୮୯
(୧୫୫) । ରଘୁବଂଶ ଭଟ୍ଟିଭାରବୀ କୁମାରସମ୍ଭବ ମାଘ ନଇଷଧ । ଛନ୍ଦ-ପ୍ରବନ୍ଧେ
କରିଛି ନିବନ୍ଧ । ଶୁଦ୍ଧାଶୁଦ୍ଧ ବାର ଦୋଷ କ୍ଷମାକର ଉଦାରଚରିତ ବୁଧ । ହେ
ମୋହର । ନାହିଁ କିଛି ମୋ କବିତ୍ୱବିଭବ । କାହିଁ ସୁମତି-ମତି ଏ ବାନ୍ଧବ । ନ'
ପାରିଲେ ବାନ୍ଧି ଛନ୍ଦ ହୋଇ ପଦେ ତାଙ୍କ କି ପତି ନ ଥିବ । ଏ କବିତା । ୯୦ ।
ମୁଖ ନୟନ ନାଭି କର ଚରଣେ ପଦ୍ମ ହୋଇଛନ୍ତି ଯେ ଦେବ । ପଦ୍ମ-ଅଳସ୍ଥି
ପଦ୍ମାର ଯେ ଧବ । ପଦ୍ମୋଦ୍ଭବ ପଦ ପଦ କରି ଯା'ର ବିରଚଇ ନିତ ସ୍ତବ । ହେ
ସୁଧୀରେ ! ପଦ୍ମ ପଦ୍ମ ପଦ୍ମର ଯେ ନିବାସ । ଛଦ୍ମସଦ୍ମ ଯାହାର ମାୟାପାଶ । ସେ ହରିଙ୍କି
ଦାସ ଗୋପୀନାଥ କରିଅଛି ଭବବାର ପାଶ । ହେ ସୁଧୀରେ । ୯୧ । କଳା ନିଳୟ-
ଉତ୍କଳ-ଗଳାମାଳ ରଣପୁର ନାମ ନଗରୀ । ତା ନାୟକ ନରେନ୍ଦ୍ର ପଦଧାରୀ । ସେ
ବଂଶ ସୁଧୀ-ସେବକ ଗୋପୀନାଥ ଅଛି ଜନ୍ମଲଭି କବି । ହେ କୋବିଦେ । ଏଂଶା-
ଧିକୋନବିଂଶଶତ ଖ୍ରୀଷ୍ଟ । ଅବ୍ଦ ଶେଷ-ଦିବସେ ହୋଇ ହୃଷ୍ଟ । ଇଷ୍ଟଦେବ ସ୍ମରି
ଷାର ବିରଚନ ହୋଇଲା ରଚକ ତୁଷ୍ଟ । ହେ ସୁଧୀରେ । ୯୨ ।

ସମାପ୍ତ ମିଦଂ ଗ୍ରନ୍ଥଂ ।

ଶ୍ରୀ ରାଧା-ମୋହନାର୍ପଣମସ୍ତୁ ।

ଓଁ ତତ୍ ସତ୍ ।

କଟକ ଅରୁଣୋଦୟ ପ୍ରେସରେ ଶ୍ରୀ ନିତ୍ୟାନନ୍ଦ ସାହୁଙ୍କ ଦ୍ୱାରା ମୁଦ୍ରିତ

ପ୍ରାପ୍ତିସ୍ଥାନ

ଅରୁଣୋଦୟ ପୁସ୍ତକାଳୟ

[illegible]

ପୋଃ [illegible] ।

[illegible]